LIFE & WORKS OF

# Kabisurya Baladeva Rath

Compiled and annotated

BY

KULAMANI DAS KAVYATIRTHA

# କବିସୂର୍ଯ୍ୟ-ଗ୍ରନ୍ଥାବଳୀ

ଓ

# ଜୀବନଚରିତ

ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥଙ୍କ ଦ୍ୱାରା

ସଂକଳିତ ଓ ବିଶୁଦ୍ଧପାଠ, ବିଶଦବ୍ୟାଖ୍ୟା ସମ୍ବଳିତ

ଅଷ୍ଟମ ମୁଦ୍ରଣ

୧୯୭୨

ମୂଲ୍ୟ ଟ ୭୮ ଙ୍କା ମାତ୍ର

*Published by*
**CUTTACK PUBLISIHNG HOUSE**
**Balubazar, Cuttack,**

*"ALL RIGHTS RESERVED"*

*Printed by*
**Rabindra Nath Mohanty**
**CUTTACK PUBLISHING PRESS**
Cuttack
1962

# Dedicated

TO

## HIS HIGHNESS

## SRI SRI RAMCHANDRA MARDARAJ DEV

Raja Saheb of Khalikot and Athagarh, noble successor of the illustrious royal family under whose fostering care Kavisurya Baladeva Rath, the great poet, wrote his immortal works that adorn some of the following pages as a token of heartfelt gratitude for his kind encouragement by the humble and grateful.

*Author*

# ମୁଖବନ୍ଧ

କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ବା ଚଳିତ କଥାରେ 'କିଶୋରି ଚମ୍ପୂ' ଉତ୍କଳରେ ସର୍ବତ୍ର ସୁପରିଚିତ ଓ ଆଦୃତ । ଯେଉଁ ଗୋଟିଏ ଅଧେଲି କିଶୋରି ଚମ୍ପୂର ଗୋଟିକେତେ ସଙ୍ଗୀତକୁ ପାରିଜ ଓ ରାଗ ରାଗିଣୀ ସହିତ ଗାଇ ନ ପାରନ୍ତି, ତାଙ୍କ ପ୍ରତି ଲୋକଙ୍କର ଆସ୍ଥା କମିଯାଏ । ହେଲେହେଁ ଉକ୍ତ ଗ୍ରନ୍ଥଟି ଚମ୍ପୂକାବ୍ୟ ଥିବାରୁ ଏବଂ ସେଥିରେ ସଂସ୍କୃତ ଗଦ୍ୟ, ପଦ୍ୟ ଓ ଚଉତିଶା ଧରଣରେ ଓଡ଼ିଶୀ ସଙ୍ଗୀତ ଥିବାରୁ ଓ ତାହାର କେତେଗୁଡ଼ିଏ ସ୍ଥଳ ସହଜ ବୋଧଗମ୍ୟ ନ ଥିବାରୁ ( ଯଥା—ଧ ଗୀତ, ନ ଗୀତ, ଭ ଗୀତ, ମ ଗୀତ, ଝ ଗୀତ ଏବଂ କ ଗୀତ, ବ ଗୀତ, ତ ଗୀତ, ଫ ଗୀତ ଓ ଯ ଗୀତର କେତେକ ପଦ ) ବହୁ କାଳରୁ ଉକ୍ତ ଗ୍ରନ୍ଥଟି ମୂଳରୁ ଶେଷ ପର୍ଯ୍ୟନ୍ତ ଥରେ କୌଣସି ସଙ୍ଗୀତଜ୍ଞ ପଣ୍ଡିତଙ୍କ ସାହାଯ୍ୟରେ ପଢ଼ି ବୁଝିବି ବୋଲି ମନାସିଥିଲି; କିନ୍ତୁ ସେଥିରେ ଥିବା ସଂସ୍କୃତ ଗଦ୍ୟ ଓ ପଦ୍ୟରେ ମୋର ଦନ୍ତସ୍ଫୁଟ ହେବା ତେଣିକି ଥାଉ, ଓଡ଼ିଆ ସଙ୍ଗୀତର ଯେଉଁ ଅଂଶମାନଙ୍କର ଅର୍ଥରେ ମୋର ସନ୍ଦେହ ଥିଲା, ସେଗୁଡ଼ିକର ମଧ୍ୟ ସମାଧାନ ହୋଇ ପାରିଲା ନାହିଁ । ଏହି ଚମ୍ପୂର ଖଣ୍ଡିଏ ହେଲେ ନିର୍ଦ୍ଦୋଷ ଓ ବିଶୁଦ୍ଧ ସଂସ୍କରଣ କୌଣସିଠାରେ ଖୋଜି ପାଇଲି ନାହିଁ । ଅନେକ ସ୍ଥଳରେ କବିସୂର୍ଯ୍ୟଙ୍କର ସଂସ୍କୃତ, ଅପଭ୍ରଷ୍ଟ, ଦେଶଜ ଏବଂ ଯାବନିକ ଶବ୍ଦମାନଙ୍କର ଏକତ୍ର ବିନ୍ୟାସ ( ଉଦାହରଣସ୍ୱରୂପ ଫ ଗୀତ ) ଦେଖି ମୁଁ ମୁଗ୍ଧ ହୋଇଥିଲେହେଁ ସମଗ୍ର ଗ୍ରନ୍ଥଟି ଆୟତ୍ତ କରିବାର ସୁବିଧା ପାଇ ନ ଥିଲି । ଦିନେ ଶ୍ରଦ୍ଧେୟ ପଣ୍ଡିତ କୁଳମଣି ଦାଶଙ୍କ ସଙ୍ଗେ ଭେଟ ହେବାରୁ ଏହି ଚମ୍ପୂର କେତେକ ସ୍ଥାନରେ ମୋର ଜନ୍ମିଥିବା ସନ୍ଦେହ ସେ ଅକ୍ଳେଶରେ ମୋଚନ କରି ଦେଲେ ଏବଂ ସମସ୍ତ ଗ୍ରନ୍ଥଟି ଟୀକା ସହିତ ପ୍ରକାଶ କରିବାର ବାସନା କରିଅଛନ୍ତି ବୋଲି ପଣ୍ଡିତ ମହାଶୟ ଚମ୍ପୂର ଯେଉଁ ଟୀକା ଲେଖିଅଛନ୍ତି, ତାହା ମୋତେ ଦେଖିବାକୁ ଦେଲେ । ମୁଁ ଉକ୍ତ ଟୀକା ଓ ବ୍ୟାଖ୍ୟା ସାହାଯ୍ୟରେ ପୂର୍ବରୁ ବୁଝି ପାରି ନ ଥିବା ସଂସ୍କୃତ ଗଦ୍ୟ ଓ ପଦ୍ୟ ଓ ସଙ୍ଗୀତର ଭାବାର୍ଥ ହୃଦୟଙ୍ଗମ କରି କୃତାର୍ଥ ହୋଇଗଲି । 'ଚମ୍ପୂ' ଖଣ୍ଡି ଆମ ଓଡ଼ିଆ ଭାଷାର ଗୋଟିଏ ବିଶିଷ୍ଟ ସମ୍ପଦ (Classics) ବୋଲି ମୋର ଦୃଢ଼ ଧାରଣା ହେଲା । ପଣ୍ଡିତ ମହାଶୟ କବିଙ୍କର ଜନ୍ମଭୂମି ଗଞ୍ଜାମ ଅଞ୍ଚଳକୁ ଯାଇ ତାଙ୍କର ଓ ତାଙ୍କ ପ୍ରତିବେଶୀମାନଙ୍କ ବଂଶଧରମାନଙ୍କଠାରୁ ଓ ଉତ୍କଳର ବିଭିନ୍ନ ଅଞ୍ଚଳର ଗୀତାର୍ଥୀ ଓ ସଙ୍ଗୀତରସିକମାନଙ୍କଠାରୁ ଅନେକଗୁଡ଼ିଏ ତାଳପତ୍ର ପୋଥି, କବିଙ୍କର ଅନ୍ୟାନ୍ୟ ରଚନା, ଜୀବନବୃତ୍ତାନ୍ତ ଓ କିମ୍ବଦନ୍ତୀଗୁଡ଼ିଏ ବହୁ ସାଧନା ଓ

ପରିଶ୍ରମ ସହକାରେ ସଂଗ୍ରହ କରୁଥିବାର ଶୁଣି ମୋ ମନ ଆନନ୍ଦରେ ନାଚି ଉଠିଲା ଏବଂ ପଣ୍ଡିତ ମହାଶୟ କବିସୂର୍ଯ୍ୟ ଗ୍ରନ୍ଥାବଳୀ ପୁସ୍ତକାକାରରେ ପ୍ରକାଶ କଲେ ମତେ ତାହାଁର ମୁଖବନ୍ଧ ଲେଖିବାର ସମ୍ମାନ ଅର୍ପଣ କରିବାକୁ ପ୍ରତିଶ୍ରୁତ ହେଲେ । ଏହି ମୁଖବନ୍ଧ ଉକ୍ତ ପ୍ରତିଶ୍ରୁତିଗର୍ଭକ ଆଦେଶପାଳନ ମାତ୍ର ।

କଥାରେ ଅଛି—'କବିତାରସମାଧୁର୍ଯ୍ୟଂ କବିର୍ବେତ୍ତି ନ ତତ୍ କବିଃ ।' କବିତାର ରସମାଧୁର୍ଯ୍ୟକୁ ସେହି କବିତାର କବି ଯେତେଦୂର ଉପଲବ୍ଧି କରି ନ ଥାନ୍ତି, କବିତ୍ୱଶକ୍ତିଧାରୀ ସୁସମାଲୋଚକ ତାହା କରନ୍ତି । କବିଙ୍କର ଜୀବନୀ ଓ କବିତା ରଚନାର ଆନୁପୂର୍ବିକ ଓ ଆନୁଷଙ୍ଗିକ ଘଟନା ସମ୍ୟକ୍ ନ ଜାଣିଲେ ତାଙ୍କ ଜୀବନର ଘଟଣାବଳୀଜନିତ ତାଙ୍କ ମନର ଭାବ ଓ ତଜ୍ଜନିତ ଉଚ୍ଛ୍ୱାସ ଏବଂ ତାହାଁର ଅଭିବ୍ୟକ୍ତି ହୃଦୟଙ୍ଗମ କରିବା ପାଠକ ଓ ଶ୍ରୋତାଙ୍କ ପକ୍ଷରେ ସହଜ ହୁଏ ନାହିଁ । ପଣ୍ଡିତ ମହାଶୟ କବିଙ୍କର ପ୍ରତିଭା ପ୍ରଦର୍ଶନର ଲୀଳାକ୍ଷେତ୍ର ଗଞ୍ଜାମରୁ କବିଙ୍କର ଜୀବନୀ ଓ ଜୀବନର ଘଟଣାବଳୀ ସଂଗ୍ରହ କରି କବିଙ୍କୁ ତଥା ତାଙ୍କ କବିତାକୁ ଉତ୍କଳବାସୀଙ୍କର ସାଧାରଣ ସମ୍ପଦ କରି ଦେଇଗଲେ ।

ପଣ୍ଡିତ ମହାଶୟ ତାଙ୍କ ଗ୍ରନ୍ଥକୁ ଚାରିଭାଗରେ ବିଭକ୍ତ କରିଅଛନ୍ତି । ଯଥା:—

୧ମ—କବିଙ୍କର ଜୀବନବୃତ୍ତାନ୍ତ ।

୨ୟ—ସଟୀକ ଓ ସାନ୍ୱୟ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଓ ସଟୀକ 'ଚଉପଦୀ-ରତ୍ନାକର ।'

୩ୟ—କବିଙ୍କର ଶତ ସଙ୍ଗୀତପରିଶୋଭିତ ସଟୀକ 'ସଙ୍ଗୀତ-କଳ୍ପଲତା ।'

୪ର୍ଥ—ଟୀକା ସହିତ କବିଙ୍କର ଅନ୍ୟାନ୍ୟ କବିତା, ଚଉତିଶା, ଚୁମ୍ପାଗୀତ, କାମଦୁହା ଚଉତିଶା ଆଦି ସମ୍ବଳିତ 'କବିତାକଲ୍ଲୋଳିନୀ' ।

ଏ ସମଗ୍ର ଚାରି ଭାଗର କଥା ତେଣିକି ଥାଉ, ଏଥିର ଗୋଟିଏ ଗୋଟିଏ ଭାଗ ମଧ୍ୟ ଉତ୍କଳ ସାହିତ୍ୟରେ ଗୋଟିଏ ଲେଖାଏଁ ଭୂୟସୀ କୀର୍ତ୍ତି ବୋଲିବାକୁ ହେବ ।

ବହୁବର୍ଷବ୍ୟାପୀ ଅକ୍ଲାନ୍ତ ପରିଶ୍ରମ, ଅଧ୍ୟବସାୟ ଓ ଅନୁସନ୍ଧାନ ଫଳରେ ପଣ୍ଡିତ ମହାଶୟ ଉତ୍କଳର ନାନା ଅଞ୍ଚଳ—ବିଶେଷତଃ ଗଞ୍ଜାମ, ଜଳନ୍ତର, ଆଠଗଡ଼ ଆଦି ବୁଲି କବିଙ୍କ ଭକ୍ତ ଓ ବଂଶଧରମାନଙ୍କଠାରେ ଅନୁସରଣ କରି କବିଙ୍କ ଜୀବନର ଯେଉଁ ତଥ୍ୟଗୁଡ଼ିକ ସଂଗ୍ରହ କରିଅଛନ୍ତି; ସେମାନ ସଂଗୃହୀତ ନ ହୋଇଥିଲେ ଅଳ୍ପଦିନେ ଲୋପ ପାଇ ଯାଇଥାନ୍ତା । ବହୁ ଆୟାସରେ ହସ୍ତଗତ ହୋଇଥିବା ନାନା ପୋଥିରୁ ଭିନ୍ନ ଭିନ୍ନ ପାଠମାନ ( reading ) ସଂଗ୍ରହ କରି ଓ ବହୁ ଗୀତାର୍ଥୀମାନଙ୍କଠାରୁ ଭିନ୍ନ ଭିନ୍ନ ଅର୍ଥମାନ ସଂଗ୍ରହ କରି ସେଗୁଡ଼ିକ ପରସ୍ପର ସହିତ ତୁଳନା କରି କେଉଁ ଅର୍ଥ ଓ ପାଠଦ୍ୱାରା କବିଙ୍କ ମନୋଭାବର ଅଭିବ୍ୟକ୍ତି ସ୍ଫୁଟତମ ହୋଇଅଛି, ତାହା ବାଛିବାଦ୍ୱାରା ପଣ୍ଡିତେ ଯେଉଁ କୃତିତ୍ୱ ଓ

ଅସାଧାରଣ ମନୀଷା ଦେଖାଇଅଛନ୍ତି, ତାହା ଭାବିଲେ ସ୍ତବ୍ଧ ହେବାକୁ ହୁଏ । କବିଙ୍କ ରଚିତ ଅନ୍ୟାନ୍ୟ ରଚନା ଓ 'ଢୁମ୍ପା' ବାଦ୍ୟଯନ୍ତ୍ର ସାହାଯ୍ୟରେ ଗେୟ ଗୀତଗୁଡ଼ିକ ମଧ୍ୟ ସଂଗ୍ରହ କରିବାକୁ ପଣ୍ଡିତଙ୍କୁ ବହୁ କଷ୍ଟ ପାଇବାକୁ ହୋଇଅଛି ।

ପାଠକମାନେ ଏ ଗ୍ରନ୍ଥକୁ ଆମୂଳ ପାଠ କଲେ ଏ ପ୍ରସଙ୍ଗର ପ୍ରାରମ୍ଭରେ ମୁଁ ଯେଉଁ ସଂସ୍କୃତ ବଚନ ଉଦ୍ଧାର କରିଅଛି, ତାହାର ସାରବତ୍ତା ବୁଝିବାକୁ ସମର୍ଥ ହେବେ ।

ଇଂରାଜୀରେ ପ୍ରବଚନ ଅଛି ଯେ, **a prophet is not honoured in his own country** । ଏହାର ଓଡ଼ିଆ ଅନୁବାଦ "ଗାଆଁ କନିଆଁ ସିଙ୍ଘାଣିନାକୀ" । କବିସୂର୍ଯ୍ୟଙ୍କ ଜୀବନରେ ଏ ଉକ୍ତିଟି ସଫଳ ହୋଇନାହିଁ । କବି ଜୀବିତକାଳରେ ଜଳନ୍ତର, ଆଠଗଡ଼ ଏବଂ ପୁରୀର ରାଜଦରବାରରେ ସମ୍ମାନିତ ଓ ପୁରସ୍କୃତ ହୋଇଥିଲେ । ଉତ୍କଳ ଯେ ପ୍ରତିଭାପୂଜା କରି ଶିଖିଥିଲା, କବିଙ୍କ ଜୀବନୀ ଏଥିର ପ୍ରକୃଷ୍ଟତମ ଉଦାହରଣ । କବିଙ୍କର ଅସାଧାରଣ ଗୁଣ, ଆଶୁକବିତ୍ୱ ଓ ଗୁଣଗ୍ରାହକତ୍ୱ ଯୋଗୁ ସେ ସର୍ବତ୍ର ସମ୍ମାନିତ ଓ ଆଦୃତ ହୋଇଥିଲେ । କବି ସରସ୍ୱତୀଙ୍କ ସେବା ସଙ୍ଗେ ସଙ୍ଗେ ତତ୍‌କାଳୀନ ରାଜନୀତିରେ ନିପୁଣ ଥାଇ କେତେଗୁଡ଼ିଏ ରାଜ୍ୟର ମାନେଜର ମଧ୍ୟ କରି ଖ୍ୟାତିଲାଭ କରିଥିଲେ ।

ଦେଖାଯାଏ ଯେ, ଲକ୍ଷ୍ମୀ ସ୍ୱୟଂ ସରସ୍ୱତୀଙ୍କ ବରପୁତ୍ରମାନଙ୍କ ପ୍ରତି ଅନୁକୂଳା ନ ଥିଲେହେଁ ଲକ୍ଷ୍ମୀଙ୍କର ବରପୁତ୍ରମାନେ ସରସ୍ୱତୀଙ୍କ ବରପୁତ୍ରମାନଙ୍କଠାରେ ସାବତ ଭାଇ ଦୃଷ୍ଟି ନ ରଖି ସେମାନଙ୍କ ପୃଷ୍ଠପୋଷକ ହୋଇଥାନ୍ତି । ଉତ୍କଳରେ ମଧ୍ୟ ତାହା ଘଟିଥିଲା । ଉତ୍କଳରେ କବିଙ୍କ ସମସାମୟିକ ରାଜନ୍ୟସମାଜ ଶତ ଶତ କବି ଓ ପଣ୍ଡିତଙ୍କୁ ଆଶ୍ରୟ ଦେଇ ସେମାନଙ୍କୁ ସରସ୍ୱତୀଙ୍କ ସେବାରେ ଲାଗିବା ପାଇଁ ସୁବିଧା ଦେଇଥିଲେ । ଫଳତଃ ଉତ୍କଳର ରାଜସଭାମାନ 'ବୁଧହଂସକେଳିସର' ଥିଲା । ସେହି କ୍ଷିତିପତିମାନଙ୍କ ବଂଶଧରମାନେ ପୂର୍ବପୁରୁଷଙ୍କ ପନ୍ଥା ଆଜିକାଲି କେତେଦୂର ଅନୁଧାବନ କରୁଅଛନ୍ତି, ତାହା ସାଧାରଣଙ୍କ ଦୃଷ୍ଟିଗୋଚର ହେଉଅଛି । ଯେ ହେଉ, କବି ଯେଉଁ ରାଜାମାନଙ୍କ ବାହୁଚ୍ଛାୟାରେ ରହି ଉତ୍କଳର ସଙ୍ଗୀତକୁଞ୍ଜକୁ ମୁଖରିତ କରିଅଛନ୍ତି, ଆଜି ଏହି ସଙ୍ଗୀତମାନଙ୍କ ଯୋଗୁଁ ସେହି ସେହି ଆଶ୍ରୟଦାତାମାନଙ୍କ ନାମ ଅମରାକ୍ଷରରେ ବିରାଜୁଅଛି ।

ଭଞ୍ଜକବିଙ୍କର ଛାନ୍ଦଯୁଗ ପରେ ସଙ୍ଗୀତଯୁଗରେ ଗୋପାଳକୃଷ୍ଣ, ବନମାଳୀ ଆଦି ଆବିର୍ଭୂତ ହୋଇ ଓଡ଼ିଶୀ ସଙ୍ଗୀତମାନ ରଚନା କରିଥିଲେ । କବିସୂର୍ଯ୍ୟ ସେହି ନକ୍ଷତ୍ରମାଳା ମଧ୍ୟରେ ସୁଧାକର ବୋଲି ମୋର ଧାରଣା । ଗଞ୍ଜାମ ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶ ସୀମାଭୁକ୍ତ ହୋଇ ରାଜନୈତିକ କ୍ଷେତ୍ରରେ ଓଡ଼ିଆଙ୍କର ଲାଭ

କ ଷତ ହୋଇଅଛି, ତାହା ସ୍ଥିର କରିବା ସଙ୍ଗୀତକୁଶଳ ପଣ୍ଡିତମାନଙ୍କ ଇଚ୍ଛା, କିନ୍ତୁ ସ୍ୱରବିଜ୍ଞାନ ଓ ସଙ୍ଗୀତ ରାଗରାଗିଣୀ ଓ ଛନ୍ଦ ଅନୁଶୀଳନରେ ବିଶେଷଜ୍ଞ (expert) ଅନ୍ଧ୍ର ତେଲଙ୍ଗାମାନଙ୍କ ସଂସ୍ରବରେ ରହିବା ଯୋଗୁ ଉତ୍କଳ ଭଞ୍ଜୀୟ ଯୁଗରେ ଏବଂ କବିସୂର୍ଯ୍ୟ ଯୁଗରେ ଯେଉଁ କାବ୍ୟ ଓ ଓଡ଼ିଶୀ ସଙ୍ଗୀତରତ୍ନ ସମ୍ପଦ ଆହରଣ କରିବାକୁ ସମର୍ଥ ହୋଇଅଛି, ତାହା ଯୁଗେ ଯୁଗେ ଉତ୍କଳର ସରସ୍ୱତୀଙ୍କ କୋଠଭଣ୍ଡାରରେ ସାଇତା ହୋଇଥିବ । ତହିଁ ସଙ୍ଗେ ସଙ୍ଗେ ଅନ୍ଧ୍ରମାନଙ୍କ ମଧ୍ୟରେ ସଙ୍ଗୀତ ଗାନ ଓ ନୃତ୍ୟରେ ଯେଉଁ ବେଶ୍ୟାନୃତ୍ୟରୂପ ଲୀଳାକୁ ପ୍ରଶ୍ରୟ ଦିଆଯାଉଥିଲା, ଉତ୍କଳୀୟମାନେ 'ଗୋଟିପୁଅ' ଦଳର ସୃଷ୍ଟିଦ୍ୱାରା ଉତ୍କଳକୁ ସେହି ଲୀଳାର ଅଭିନୟରୁ ରକ୍ଷା କରି ପାରିଅଛନ୍ତି । ଏହା ଉତ୍କଳ ପକ୍ଷରେ ଗୌରବର ବିଷୟ । ଭଞ୍ଜୀୟ ଯୁଗର ଆପତ୍ତିଜନକ ରୁଚି କବିସୂର୍ଯ୍ୟ ଯୁଗରେ ମାର୍ଜିତ ଆକାର ଧାରଣ କରିଥିଲା ଏବଂ କବିସୂର୍ଯ୍ୟ ବ୍ୟାକରଣନିୟମ-ସଂଯତ ରଚନାଦ୍ୱାରା ଭାଷାର ଠେକ ବଢ଼ାଇଥିଲେ । ଏହାହିଁ କବିସୂର୍ଯ୍ୟଙ୍କର ବିଶିଷ୍ଟତା । ସେ ଶ୍ରୀକୃଷ୍ଣଙ୍କୁ ପୁରୁଷ ଓ ରାଧାଙ୍କୁ ପ୍ରକୃତିରୂପେ ଧ୍ୟାନ କରି 'ମ' ଗୀତରେ ଯେଉଁ ପ୍ରକୃତି ପୁରୁଷର ମିଳନ ରଚିଅଛନ୍ତି ତାହା ଭାଷାରେ ଅମୂଲ୍ୟ ନିଧି ଅଟେ । ସେ ଯେ ହେଉ ପଣ୍ଡିତ ଶ୍ରୀ କୁଳମଣି ଦାଶ ଅକ୍ଳାନ୍ତ ପରିଶ୍ରମ କରି କବିଙ୍କର ଯେଉଁ ଜୀବନୀ ଓ ସଙ୍ଗୀତାଦି ସଂଗ୍ରହ କରିଅଛନ୍ତି, ତଦ୍ଦ୍ୱାରା କବିଙ୍କର କବିତ୍ୱ ବୁଝିବା ଅପେକ୍ଷା କବିଙ୍କୁ ବୁଝି ପାରିବା ପାଇଁ ସାଧାରଣଙ୍କୁ ଗୋଟିଏ ମୁଦା ଦୁଆର ଫିଟାଇ ଦେଇଅଛନ୍ତି । ଏଥିପାଇଁ ତାଙ୍କର ଏ ପରିଶ୍ରମ ଉତ୍କଳରେ ତଥା ଉତ୍କଳସାହିତ୍ୟରେ ଚିରକାଳ ବିରାଜୁଥିବ । ପରିଶେଷରେ ବକ୍ତବ୍ୟ କି, ଯେଉଁ 'ଶରଣ-ଧରଣୀ' ଆଠଗଡ଼ ଦିନେ ଆପନ୍ନ ଓଡ଼ିଶା ରାଜାଙ୍କୁ ଓ ଜଗନ୍ନାଥ ମହାପ୍ରଭୁଙ୍କୁ ଆଶ୍ରୟ ଦେଇଥିଲା; ଯେଉଁ ଆଠଗଡ଼ ରାଜ୍ୟ କବିସୂର୍ଯ୍ୟଙ୍କର ସ୍ଫୁଟନୋନ୍ମୁଖ ପ୍ରତିଭାର ପୂଜାକରି ନିଜକୁ ଧନ୍ୟ କରିଥିଲା, କାଳକ୍ରମେ ସେହି ଆଠଗଡ଼ ରାଜ୍ୟ ତଦାନୀନ୍ତନ ରାଜାଙ୍କ ବଂଶଧରଙ୍କଠାରୁ ହସ୍ତାନ୍ତରିତ ହୋଇଅଛି, କିନ୍ତୁ ସେହି ଆଠଗଡ଼ ରାଜ୍ୟର ବର୍ତ୍ତମାନ ଅଧିକାରୀ ଖଲ୍ଲିକୋଟର ଉଦାରମନା ରାଜା ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ପଣ୍ଡିତଙ୍କର ଏହି ଗ୍ରନ୍ଥ ପ୍ରକାଶିତ ହେବା ବିଷୟରେ ପୃଷ୍ଠପୋଷକ ହୋଇ ଆଠଗଡ଼ର ଠେକକୁ ବଜାୟ ରଖିଅଛନ୍ତି ଓ ନିଜପାଇଁ ସାହିତ୍ୟର ଇତିହାସରେ ଗୋଟିଏ ଠଣା ରଖି ଯାଇଅଛନ୍ତି । ଏହା ଆନନ୍ଦର ବିଷୟ ।

କଟକ
୨୬।୫।୨୮ } ଗୋପାଳଚନ୍ଦ୍ର ପ୍ରହରାଜ

# ପ୍ରଥମ ସଂସ୍କରଣର ଭୂମିକା

କବିବର ରାଧାନାଥ ତତ୍ପ୍ରଣୀତ ଚିଲିକାରେ ମହାତ୍ମା କବିସୂର୍ଯ୍ୟ ବଳଦେବ ରଥଙ୍କ ସମ୍ବନ୍ଧରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି, କଟକ ଟ୍ରେନିଂ ସ୍କୁଲରେ ଶିକ୍ଷକତା କଲାବେଳେ ତାହାର ସମ୍ୟକ୍ ଆଲୋଚନା କରିବା ଆବଶ୍ୟକ ହୋଇଥିଲା । ଛାତ୍ରମାନଙ୍କ ଅନୁରୋଧରେ ମୁଁ କିଶୋରଚନ୍ଦ୍ରାନନ୍ଦ-ଚମ୍ପୂରୁ ଦୁଇ ଚାରିଗୋଟି କବିତା ସେମାନଙ୍କୁ ବୁଝାଇଲି, ମାତ୍ର ମୁଦ୍ରିତ ପୁସ୍ତକର ପାଠ ପ୍ରାୟଶଃ ଅଶୁଦ୍ଧ ଥିବାରୁ ବ୍ୟାଖ୍ୟା କାର୍ଯ୍ୟରେ ମୁଁ ତୃପ୍ତିଲାଭ କରି ପାରିଲି ନାହିଁ । ଏହି ସମୟରେ ମୋର ବନ୍ଧୁ କଟକ ଟ୍ରେନିଂ ସ୍କୁଲର ଅନ୍ୟତମ ଅଧ୍ୟାପକ ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ସେନଗୁପ୍ତ ମହାଶୟ ଓଡ଼ିଆରେ ଏମ୍. ଏ. ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଥିଲେ । କିଶୋରଚନ୍ଦ୍ରାନନ୍ଦଚମ୍ପୂ ଓଡ଼ିଆ ଏମ୍. ଏ. ପରୀକ୍ଷାର ଖଣ୍ଡିଏ ବିଶିଷ୍ଟ ପାଠ୍ୟଗ୍ରନ୍ଥ । କୃଷ୍ଣ ବାବୁ ଚମ୍ପୂରୁ କେତେ ଗୋଟି ସଙ୍ଗୀତ ବ୍ୟାଖ୍ୟା କରିବାକୁ ମୋତେ ଅନୁରୋଧ କଲେ, ମାତ୍ର ମୁଁ ସର୍ବତ୍ର ତାଙ୍କର ସନ୍ଦେହମୋଚନ କରି ନ ପାରି ଏକାନ୍ତ ଲଜ୍ଜିତ ହେଲି ଏବଂ ସେହି ଦିନଠାରୁ ଚମ୍ପୂକୁ ଉତ୍ତମ-ରୂପେ ବୁଝିବାପାଇଁ ସଂକଳ୍ପ କଲି । ଏହାର ଅଳ୍ପ ଦିନ ପରେ ସ୍କୁଲରୁ ଦୀର୍ଘ ଅବକାଶ ପାଇ ମୁଁ ସେହି ଉଦ୍ଦେଶ୍ୟରେ ପୁରୀ ଗଲି । ପୁରୀର ପ୍ରାଚୀନ ପଣ୍ଡିତ-ମଣ୍ଡଳୀରେ ଚମ୍ପୂର ଆଦର ଅତ୍ୟଧିକ। ଏପରି କି, ଚମ୍ପୂର ବ୍ୟାଖ୍ୟା କରିପାରିବା ପୁରୀରେ ଉତ୍କୃଷ୍ଟ ପାଣ୍ଡିତ୍ୟର ପରିଚାୟକ; ତେଣୁ ସେଠାରେ କେତେକ ଜଣ ପଣ୍ଡିତଙ୍କ ସଙ୍ଗେ ଚମ୍ପୂର ଆଲୋଚନା କଲି, ମାତ୍ର ମୋର ଆଶା ପୂର୍ଣ୍ଣ ହେଲା ନାହିଁ । ପୁରୀ ସଂସ୍କୃତ କଲେଜର ଅନ୍ୟତମ ଅଧ୍ୟାପକ ପଣ୍ଡିତ ଶ୍ରୀ ଆନନ୍ଦଚନ୍ଦ୍ର ମିଶ୍ର, କାବ୍ୟସ୍ମୃତିତୀର୍ଥ ମହାଶୟ ମୋର ଏ ବିଷୟରେ ଆଗ୍ରହାତିଶଯ୍ୟ ଦେଖି ଦୟା କରି ବିଶୁଦ୍ଧ ଭାବରେ ଲେଖା ହୋଇଥିବା ଖଣ୍ଡିଏ ତାଳପତ୍ର ପୋଥି ତାଙ୍କ ଘରୁ ମୋତେ ଦେଲେ । ଏହାହିଁ ମୋର ପ୍ରଥମ ସମ୍ବଳ; ତେଣୁ ମୁଁ ଆଜି ତାଙ୍କ ନିକଟରେ କୃତଜ୍ଞ ।

କଟକରୁ ବାହାରିବା ବେଳେ ମୋର ଗୁରୁକଳ୍ପ ମାନନୀୟ ବିଶ୍ୱନାଥ କର ମହୋଦୟ ମୋତେ ଏ ପ୍ରସଙ୍ଗରେ ପ୍ରଥମେ ଖଲ୍ଲିକୋଟ ଯିବା ଉପଦେଶ ଦେଇଥିଲେ, ସୁତରାଂ ସେହି ଯାତ୍ରାରେ ଖଲ୍ଲିକୋଟ ଯାଇ ବିଶ୍ୱନାଥ ବାବୁଙ୍କ ପରାମର୍ଶ ଅନୁସାରେ ପ୍ରଥମେ ଖଲ୍ଲିକୋଟ ଅଠଗଡ଼ ରାଜାଙ୍କ କାଲ୍ଲାଦାର ମାନନୀୟ ପଣ୍ଡିତ ଶ୍ରୀ ବିଶ୍ୱନାଥ ବ୍ରହ୍ମାଙ୍କ ସଙ୍ଗେ ଦେଖା କଲି । ମନୁଷ୍ୟ ସୂକ୍ଷ୍ମବୁଦ୍ଧିସମ୍ପନ୍ନ ହେଲେ ସବୁ କାର୍ଯ୍ୟରେ ମଙ୍ଗଳମୟ ବିଧାତାଙ୍କର ପ୍ରେରଣା ଦେଖି

ପାରେ । ଏହି ପ୍ରଶାନ୍ତାତ୍ମା ବର୍ଷିଷ୍ଠ ବ୍ରାହ୍ମଣଙ୍କ ସଙ୍ଗେ ମୋର ସଖ୍ୟ ସ୍ଥାପନ ତାହାର ଗୋଟିଏ ସୁନ୍ଦର ନିଦର୍ଶନ । ପ୍ରକୃତରେ ଏହାଙ୍କୁ ପାଇ ନ ଥିଲେ ମୁଁ କେବେହେଁ ଆଜି ଏହି ଦୁରୂହ କାର୍ଯ୍ୟ ସମାଧାନ କରି ପାରି ନ ଥାନ୍ତି । "ଯତ୍ରାକୃତିସ୍ତତ୍ର ଗୁଣା ବସନ୍ତି' ଏହି ଉକ୍ତି କୁଲ୍ଲାଦାର ମହାଶୟଙ୍କଠାରେ ଅକ୍ଷରେ ଅକ୍ଷରେ ପ୍ରମାଣିତ ହୋଇଅଛି । ଏହି ଉଦାରହୃଦୟ ସାଧୁ କବିସୂର୍ଯ୍ୟଙ୍କର ଜଣେ ପ୍ରଧାନ ଭକ୍ତ । ଏ ବୃଦ୍ଧ ବୟସରେ ସୁଦ୍ଧା କବିସୂର୍ଯ୍ୟଙ୍କ କବିତା ଆବୃତ୍ତି କରୁ କରୁ ରୋମାଞ୍ଚିତ ଓ ଗଳଦଶ୍ରୁ ହୋଇ ଉଠନ୍ତି । କିଶୋରଚନ୍ଦ୍ରାନନ୍ଦ ଚମ୍ପୂର କେତେଗୋଟି କଠିନ କବିତାର ବିଶୁଦ୍ଧ ପାଠ ଓ ଅର୍ଥ ପ୍ରଥମେ ଏହାଙ୍କଠାରୁ ଶୁଣି ମୋର ଚିରପୋଷିତ ବାଞ୍ଛା ପୂର୍ଣ୍ଣ ହେବ ବୋଲି ମୁଁ ଆଶାନ୍ୱିତ ହେଲି । ଏହାଙ୍କ ସାହାଯ୍ୟରେ ଖଲ୍ଲିକୋଟ କୁଣ୍ଡିପା ଶାସନନିବାସୀ ପଣ୍ଡିତ ଶ୍ରୀ ରାମଚନ୍ଦ୍ର ମହାପାତ୍ର କାବ୍ୟତୀର୍ଥଙ୍କ ସଙ୍ଗେ ମୋର ଆଳାପ ହେଲା ଏବଂ ତାଙ୍କଠାରୁ କବିସୂର୍ଯ୍ୟଙ୍କ ପୌତ୍ର ଲୋକନାଥ ରାୟ-ଗୁରୁଙ୍କ କର୍ତ୍ତୃକ ସଂଗୃହୀତ କବିଙ୍କ ଜୀବନସମ୍ପର୍କୀୟ କେତେକ ଘଟନା ଓ କେତେଗୁଡ଼ିଏ କବିତା ପାଇଲି ଏବଂ ସେଠାରୁ ଫେରି ଆସି ଉତ୍କଳସାହିତ୍ୟ ପତ୍ରିକାରେ 'କବିସୂର୍ଯ୍ୟ ବଳଦେବ ରଥ' ଶୀର୍ଷକ ପ୍ରବନ୍ଧ ଲେଖିବାକୁ ଆରମ୍ଭ କଲି । ଏହି ପ୍ରବନ୍ଧ ପାଠକରି ପ୍ରଥମେ ମାନନୀୟ ବିଶ୍ୱନାଥ ବାବୁ ମହାଶୟ ମୋତେ ଉତ୍ସାହିତ କଲେ ଏବଂ ମୋର କେତେକ ସାହିତ୍ୟସେବୀ ବନ୍ଧୁ କବିସୂର୍ଯ୍ୟଙ୍କର ଜୀବନବୃତ୍ତାନ୍ତ ସଙ୍ଗେ ତାଙ୍କର ଗ୍ରନ୍ଥମାଳା ବ୍ୟାଖ୍ୟା ସହିତ ପ୍ରକାଶ କରିବାକୁ ଅନୁରୋଧ କଲେ । ଏହି ଅବସରରେ ମୁଁ ଗଞ୍ଜାମ ଜିଲ୍ଲାର ଅନେକ ସ୍ଥାନରେ ବୁଲି କବିଙ୍କର ଜୀବନବୃତ୍ତାନ୍ତ ଓ କବିତା ସଂଗ୍ରହ କରୁଥାଏଁ । କବିଙ୍କ ପୌତ୍ର ପଣ୍ଡିତ ଲୋକନାଥ ରାୟଗୁରୁଙ୍କ ସଙ୍ଗେ ଏହି ଉଦ୍ଦେଶ୍ୟରେ ମୁଁ ଅସ୍କା ନିକଟବର୍ତ୍ତୀ ଲୁଲୁ ଶାସନରେ ଦେଖା କଲି । ସେତେବେଳକୁ କବିସୂର୍ଯ୍ୟଙ୍କ ସମ୍ବନ୍ଧରେ ଉତ୍କଳ ସାହିତ୍ୟରେ ମୋର ୨।୩ ଗୋଟି ମାତ୍ର ପ୍ରବନ୍ଧ ବାହାରିଥିଲା । ବୃଦ୍ଧ ସେଗୁଡ଼ିକ ମନୋଯୋଗ ସହକାରେ ପାଠ କରିଥିଲେ ଏବଂ ମୋତେ ଯେପରି ଦେଖିଲେ ଅତ୍ୟନ୍ତ ଆନନ୍ଦିତ ହୋଇ ଶୀଘ୍ର କବିଙ୍କର ଗ୍ରନ୍ଥାବଳୀ ପ୍ରକାଶ କରିବାପାଇଁ ଦୃଢ଼ରୂପେ ଅନୁରୋଧ କଲେ । ମୁଁ ତାଙ୍କର ଆଶୀର୍ବାଦ ଭିକ୍ଷା କରି ସେଠାରୁ ଫେରି ଆସିଲି; କିନ୍ତୁ ଦୁଃଖର କଥା, ଏ ପୁସ୍ତକ ପ୍ରକାଶ କରି ମୁଁ ତାଙ୍କ ହସ୍ତରେ ସମର୍ପଣ କରିବାକୁ ଅବସର ପାଇଲି ନାହିଁ; ବୃଦ୍ଧ ଏଥି ମଧ୍ୟରେ ସଂସାରତ୍ୟାଗ କରି ଚାଲିଗଲେ ।

ଚମ୍ପୂର ବିଶୁଦ୍ଧ ପାଠ ଓ ଟୀକା ଲେଖା ହେବା ପରେ ଉତ୍କଳର ବରିଷ୍ଠ ସାହିତ୍ୟିକ ମାନନୀୟ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ମହାଶୟ ପାଣ୍ଡୁଲିପି ପଢ଼ି

ମୋତେ ନାନା ଭାବରେ ଉତ୍ସାହିତ କଲେ ଏବଂ ଏହାର ମୁଖବନ୍ଧ ସ୍ୱତଃ ଲେଖିବାକୁ ଆଗ୍ରହ ପ୍ରକାଶ କଲେ । ତାଙ୍କର ଏହି ଅଯାଚିତ ଅନୁଗ୍ରହ ନିମନ୍ତେ ମୁଁ ତାଙ୍କଠାରେ ଋଣୀ ।

ଏହି ଗ୍ରନ୍ଥାବଳୀର ପ୍ରଥମ ଭାଗରେ କବିଙ୍କ ଜୀବନବୃତ୍ତାନ୍ତ ସମ୍ବନ୍ଧରେ ଯାହା ଲେଖା ହୋଇଅଛି, ତାହାର କେତେକ ଅଂଶ ତାଙ୍କ ନାତି ପଣ୍ଡିତ ଲୋକନାଥ ରାଜ୍ୟଗୁରୁଙ୍କଠାରୁ ସଂଗୃହୀତ । ଅବଶିଷ୍ଟ ଅଂଶ ମୁଁ ଗଞ୍ଜାମ ଜିଲ୍ଲାରେ ନାନା ସ୍ଥାନ ବୁଲି ଅନେକ ବୃଦ୍ଧଙ୍କଠାରୁ ସଂଗ୍ରହ କରିଅଛି । ଲୋକନାଥ ରାଜ୍ୟଗୁରୁ କବିଙ୍କ ଜୀବନସଂପୃକ୍ତ ଘଟନାବଳୀ ତାଙ୍କ ପିତା ( କବିସୂର୍ଯ୍ୟଙ୍କ ପୁତ୍ର ) ପଣ୍ଡିତ ବିଶ୍ୱନାଥ ରାଜ୍ୟଗୁରୁଙ୍କଠାରୁ ପାଇଥିଲେ । ଉତ୍କଳସାହିତ୍ୟରେ ସେଗୁଡ଼ିକ ଯେପରି ବାହାରିଥିଲା, ଏଥିରେ ସେହିପରି ସନ୍ନିବେଶିତ ହୋଇଅଛି, ତେବେ ପ୍ରୟୋଜନାନୁସାରେ ସ୍ଥାନେ ସ୍ଥାନେ ଟିକିଏ ଟିକିଏ ପରିବର୍ତ୍ତନ ମଧ୍ୟ କରାଯାଇଅଛି । ପ୍ରାସଙ୍ଗିକ କବିତାଗୁଡ଼ିକ ଜୀବନଚରିତମଧ୍ୟରୁ ଉଠାଇ ନେଇ ପାଠକମାନଙ୍କ ସୁବିଧା ପାଇଁ ଯଥାସ୍ଥାନରେ ସଂଯୋଜିତ କରି ଦେଇଅଛି । ଏହି ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ । ଏହା କବିସୂର୍ଯ୍ୟଙ୍କ ରଚନାର ଗୋଟିଏ ବିଶିଷ୍ଟ ଅଂଶ । ମୁଁ ପୁରୀ ଓ ଗଞ୍ଜାମ ଜିଲାରୁ ଯେଉଁ ପାଞ୍ଚଖଣ୍ଡ ତାଳପତ୍ର ପୋଥି ପାଇଥିଲି, ସେ ସମସ୍ତର ପାଠ ସଙ୍ଗେ ମିଳାଇ ଏଥିରେ ପାଠ ସନ୍ନିବେଶିତ କଲି । ଅଶୁଦ୍ଧ ପାଠକୁ ପାଠାନ୍ତର ଭାବରେ ସ୍ଥାନେ ସ୍ଥାନେ ଗ୍ରହଣ କରିଅଛି । ଏହାର ଅର୍ଥ ବୁଝିବାରେ ମୁଁ ଅନେକଙ୍କଠାରେ ଋଣୀ, ତନ୍ମଧ୍ୟରୁ ପୂର୍ବୋକ୍ତ କଲ୍ଲାଦାର ଶ୍ରୀଯୁକ୍ତ ବିଶ୍ୱନାଥ ବ୍ରହ୍ମା, ଅଠଗଡ଼ର ସୁପ୍ରସିଦ୍ଧ ସଙ୍ଗୀତଜ୍ଞ ପଣ୍ଡିତ ଗଙ୍ଗାଧର ପ୍ରହରାଜ ଓ ସମ୍ବଲପୁର ଜିଲ୍ଲାର ଭୂତପୂର୍ବ ସ୍କୁଲ ଇନସ୍‌ପେକ୍‌ଟର ମାନନୀୟ ରାଧାଚରଣ ଦାସ ବି. ଏ., ବି. ଟି. ଙ୍କ ନାମ ଉଲ୍ଲେଖଯୋଗ୍ୟ । ମୋର କୁଳଗୁରୁ ପୁରୀର ସ୍ୱନାମଧନ୍ୟ ପଣ୍ଡିତ ମଧୁସୂଦନ ତର୍କବାଚସ୍ପତି ମହୋଦୟ ମୋର ସଂସ୍କୃତ ଟୀକାଟିକୁ ଦୟାପୂର୍ବକ ସଂଶୋଧନ କରି ଦେଇଥିବାରୁ ମୁଁ ତାଙ୍କଠାରେ ଚିରକୃତଜ୍ଞତାପାଶରେ ଆବଦ୍ଧ ରହିଲି ।

କବିସୂର୍ଯ୍ୟଙ୍କ ପ୍ରଣୀତ ଅନେକ ସଙ୍ଗୀତ ମୁଁ ସଂଗ୍ରହ କରିଅଛି, ମାତ୍ର ସେଗୁଡ଼ିକ କାଳକ୍ରମେ ଅଜ୍ଞ ଲୋକଙ୍କ ହାତରେ ପଡ଼ି ଏପରି ବିକୃତ ହୋଇ ଲେଖା ହୋଇଅଛି ଯେ, ତହିଁରୁ ପ୍ରକୃତ ପାଠ ମିଳାଇବା ଅତ୍ୟନ୍ତ ଆୟାସସାଧ୍ୟ । ସେହି ସଙ୍ଗୀତମାନଙ୍କ ମଧ୍ୟରୁ ୨୫।୩୦ ଗୋଟି ସଙ୍ଗୀତ ଏଥିପୂର୍ବେ ମୁଦ୍ରିତ ହୋଇଥିଲା, ସେ ସବୁରେ ମଧ୍ୟ ଭ୍ରମପ୍ରମାଦ ପରିପୂର୍ଣ୍ଣ । ଯାହାହେଉ, ମୁଁ ଅନେକ ହାତଲେଖା ପୋଥି ସଙ୍ଗେ ମିଳାଇ ତନ୍ମଧ୍ୟରୁ ୧୦୧ ଗୋଟି ସଙ୍ଗୀତ ଏ

ପୁସ୍ତକରେ 'ସଙ୍ଗୀତ କଳ୍ପଲତା' ନାମରେ ପ୍ରକାଶ କଲି । ସମୟକ୍ରମେ ଅବଶିଷ୍ଟ ସଙ୍ଗୀତମାନ ଅନ୍ୟ ଭାଗରେ ପ୍ରକାଶ କରିବାକୁ ଇଚ୍ଛା ରହିଲା ।

ଏହାର ଚତୁର୍ଥ ଭାଗରେ କବିସୂର୍ଯ୍ୟଙ୍କ ପ୍ରଣୀତ କେତେଗୁଡ଼ିଏ ବିବିଧ କବିତା ଦେଲି । ଏପରି ଅନେକ କବିତା ମଧ୍ୟ ମୁଁ ପାଇଅଛି; ମାତ୍ର ପାଠର ଅଶୁଦ୍ଧି ଓ ଗ୍ରନ୍ଥର ବାହୁଲ୍ୟ ଭୟରୁ ସେ ସବୁ ବର୍ତ୍ତମାନ ତ୍ୟାଗ କଲି ।

ଏହାଛଡ଼ା କବିସୂର୍ଯ୍ୟଙ୍କର ଅସମ୍ପନ୍ନ କାବ୍ୟ 'ଚନ୍ଦ୍ରକଳା' ଓ 'ହାସ୍ୟ-କଲ୍ଲୋଳ' ପ୍ରଧାନ । ଓଡ଼ିଆ ସାହିତ୍ୟରେ ହାସ୍ୟକଲ୍ଲୋଳ ସ୍ଥାନ ଅଛି ବୋଲି ମୋର ବିଶ୍ୱାସ ନୁହେଁ । ଚନ୍ଦ୍ରକଳାର ଗୋଟିଏ ସଠିକ ବିଶୁଦ୍ଧ ସଂସ୍କରଣ ପ୍ରକାଶିତ ହେବା ଆବଶ୍ୟକ, ମାତ୍ର ବର୍ତ୍ତମାନ କ୍ଷେତ୍ରରେ ତାହାର ଆବଶ୍ୟକତା ମୁଁ ଅନୁଭବ କଲି ନାହିଁ ।

ମୁଁ ଯଥାଶକ୍ତି ଚେଷ୍ଟା କରି 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ବ୍ୟାଖ୍ୟା ବିସ୍ତାରିତ ଭାବରେ ଏଥିରେ ଦେଇଅଛି । କାରଣ ଓଡ଼ିଶାରେ ଚମ୍ପୂର ଆଦର ଅତ୍ୟଧିକ ଏବଂ ତାହା ଅପେକ୍ଷାକୃତ ଭାବଗର୍ଭିକ ଓ କଠିନ । ରତ୍ନାକର ଚମ୍ପୂ, ସଙ୍ଗୀତ ଓ ବିବିଧ କବିତାରୁ କେତେକର ବିଶଦ ବ୍ୟାଖ୍ୟା ଲେଖିଥିଲି, ମାତ୍ର ପୁସ୍ତକଟିର ଆକୃତି ଯଥେଷ୍ଟ ବଡ଼ ହୋଇ ପଡ଼ିବାରୁ ସେ ଗୁଡ଼ିକ ଉଠାଇ ଦେଇ ତାହା ସ୍ଥାନରେ କେବଳ ପଦବ୍ୟାଖ୍ୟା ( Foot note ) ମାତ୍ର ଦେଲି । ପାଠକମାନେ ଯେବେ କିଶୋରଚନ୍ଦ୍ରାନନ୍ଦ ଚମ୍ପୂକୁ ଉତ୍ତମରୂପେ ପଢ଼ିବେ, ତେବେ ତା ସାହାଯ୍ୟରେ ପଦବ୍ୟାଖ୍ୟା ଦେଖି ଅନ୍ୟାନ୍ୟ କବିତା ସୁନ୍ଦରରୂପେ ବୁଝି ପାରିବେ । ପାଠ ମିଳାଇବାରେ ଓ ବ୍ୟାଖ୍ୟା କାର୍ଯ୍ୟରେ ଭ୍ରମପ୍ରମାଦ ରହିବା ଅତ୍ୟନ୍ତ ସ୍ୱାଭାବିକ; ତେଣୁ ପଣ୍ଡିତମାନଙ୍କ ନିକଟରେ ପ୍ରାର୍ଥନା ଯେ, ସେମାନେ ଦୋଷ ଦେଖିଲେ ଦୟା କରି ମୋତେ ଜଣାଇବେ ଏବଂ ମୁଁ ପରବର୍ତ୍ତୀ ସଂସ୍କରଣରେ ସେଗୁଡ଼ିକ ସଂଶୋଧିତ କରିବାକୁ ଚେଷ୍ଟା କରିବି ।

ପରିଶେଷରେ ବକ୍ତବ୍ୟ ଏହି ଯେ, କବିସୂର୍ଯ୍ୟ ଆଠଗଡ଼ ରାଜାଙ୍କର ସଭାପଣ୍ଡିତ ଥିଲେ । ବର୍ତ୍ତମାନ ଖଲ୍ଲିକୋଟ ଆଠଗଡ଼ ସମ୍ମିଳିତ ରାଜ୍ୟର ସିଂହାସନକୁ ଖଲ୍ଲିକୋଟ ରାଜା ଅଳଙ୍କୃତ କରୁଅଛନ୍ତି, ତେଣୁ ମୁଁ ଏ ଗ୍ରନ୍ଥଖଣ୍ଡି ତାଙ୍କ ନାମରେ ଉତ୍ସର୍ଗ କରିଅଛି । ପ୍ରକୃତରେ ମୁଁ ତାଙ୍କଠାରୁ ଉତ୍ସାହ ପାଇ ନ ଥିଲେ ଏତେ ବଡ଼ ବ୍ୟୟସାଧ୍ୟ କାର୍ଯ୍ୟରେ ଅଗ୍ରସର ହୋଇ ନ ଥାନ୍ତି । ଏହି ହେତୁରୁ ମୁଁ ତାଙ୍କ ଠାରେ ଚିରକୃତଜ୍ଞ ।

କଟକ
୨୫।୫।୨୮ } ଶ୍ରୀ କୁଳମଣି ଦାଶ

# ଚତୁର୍ଥ ସଂସ୍କରଣର ଭୂମିକା

'କବିସୂର୍ଯ୍ୟ ଗ୍ରନ୍ଥାବଳୀ' ର ଚତୁର୍ଥ ସଂସ୍କରଣ ପ୍ରକାଶିତ ହେଉଛି; ୧୯୩୯ରେ ତୃତୀୟ ସଂସ୍କରଣ ପ୍ରକାଶରେ କବିଙ୍କର ଅସମ୍ପନ୍ନ କାବ୍ୟ 'ଚନ୍ଦ୍ରକଳା' ଅଙ୍ଗୀଭୂତ ହୋଇଥିଲା । ମାତ୍ର ବିଶୁଦ୍ଧ ପାଠର ଅଭାବରୁ ଅଗତ୍ୟା ୧୮୯୮ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗତ ପଣ୍ଡିତ ଗୋବିନ୍ଦ ରଥଙ୍କ ଦ୍ୱାରା ମୁଦ୍ରିତ 'ଚନ୍ଦ୍ରକଳା'ରୁ ପାଠ ଗ୍ରହଣ କରିଥିଲି । ମାତ୍ର ସେ ପାଠ ପ୍ରମାଦପୂର୍ଣ୍ଣ ଥିବାରୁ ମୁଁ ବ୍ୟାଖ୍ୟାରେ ସନ୍ତୋଷ ଲାଭ କରି ପାରି ନ ଥିଲି । ଏଥିମଧ୍ୟରେ ଗତ ୧୯୪୫ ମସିହା ଅକ୍ଷୟ ତୃତୀୟା ଦିନ କବିସୂର୍ଯ୍ୟଙ୍କ ମୃତ୍ୟୁର ଶତବାର୍ଷିକ ଶ୍ରାଦ୍ଧଉତ୍ସବ ଆଠଗଡ଼ର ଅନ୍ୟତମ ପ୍ରସିଦ୍ଧ ଗ୍ରାମ ବୋଇରାଣୀରେ ଅତି ଆଡ଼ମ୍ବର ସହକାରେ ପ୍ରତିପାଳିତ ହୋଇଯାଇଅଛି । ସେ ଶ୍ରାଦ୍ଧରେ ପୌରୋହିତ୍ୟ କରିବାପାଇଁ ମୁଁ ଆହୂତ ହୋଇଥିଲି ଏବଂ ଖଲ୍ଲିକୋଟ, ଆଠଗଡ଼ ଏବଂ ଗଞ୍ଜାମ ଜିଲ୍ଲାର ଅନେକ ଉତ୍ସାହୀ ଯୁବକ, ବିଶିଷ୍ଟ ପଣ୍ଡିତ ଓ ରାଜକର୍ମଚାରୀ ସେ ଉତ୍ସବରେ ଯୋଗ ଦେଇଥିଲେ । ଆଠଗଡ଼ର ଯେଉଁ ସ୍ଥାନରେ କବିସୂର୍ଯ୍ୟ ତାଙ୍କ ବିଶ୍ୱବିମୋହନ ବିପଞ୍ଚୀରେ ଗୁଣ ଝଙ୍କାର କରୁଥିଲେ, ସେ ଦିନ ସେଠାରେ ଗୋଟିଏ ସ୍ମୃତିସ୍ତମ୍ଭ ଉତ୍ତୋଳିତ ହେଲା । ଗଞ୍ଜାମବାସୀ ଜନସାଧାରଣଙ୍କ 'ପ୍ରତିଭା ପୂଜାର' ଏସବୁ ଆୟୋଜନ ଦେଖି ମୁଁ ପ୍ରକୃତରେ ହୃଦୟରେ ଗଭୀର ଆତ୍ମ-ପ୍ରସାଦ ଅନୁଭବ କରୁଅଛି ଏବଂ 'କବିସୂର୍ଯ୍ୟ କବିତା' ଆଲୋଚନା କରିବା ଦ୍ୱାରା ମୋ ସାହିତ୍ୟ ସାଧନା ସାର୍ଥକ ହୋଇଅଛି ବୋଲି ଭାବୁଅଛି । ଏଥିରେ କବିସୂର୍ଯ୍ୟ ଭକ୍ତ ଯୁବକବନ୍ଧୁ ଶ୍ରୀମାନ୍ ଶଶିଭୂଷଣ ପଟ୍ଟନାୟକ ଅଗ୍ରଣୀ ଥିଲେ ।

ଖଲ୍ଲିକୋଟ ଗଡ଼ନିବାସୀ ରାଜବୈଦ୍ୟ ଶ୍ରୀମାନ୍ ବିଶ୍ୱନାଥ ଆଚାର୍ଯ୍ୟଙ୍କଠାରୁ ସେହି ଅବସରରେ ଶୁଣିଲି 'ଚନ୍ଦ୍ରକଳା'ର ଗୋଟିଏ ଶୁଦ୍ଧଲେଖା ତାଳପତ୍ର ପୋଥି ତାଙ୍କ ପାଖରେ ଅଛି । ଭଞ୍ଜ ଏବଂ କବିସୂର୍ଯ୍ୟଙ୍କର କବିତାରେ ବିଶ୍ୱନାଥଙ୍କର ସୁନ୍ଦର ପ୍ରବେଶ ଅଛି; ଏ ସଂସ୍କରଣରେ ତାଙ୍କ ସାହାଯ୍ୟରେ ଚନ୍ଦ୍ରକଳାର ପାଠ ମାର୍ଜିତ କରିଅଛି ଏବଂ ବ୍ୟାଖ୍ୟାଦିରେ ଅନେକ ପରିବର୍ତ୍ତନ କରିଅଛି ଓ କବିସୂର୍ଯ୍ୟଙ୍କ ଅନ୍ୟ ଗୋଟିଏ ଚଉତିଶା 'ମହାବାହୁ ଜଣାଣ' ମଧ୍ୟ ଟୀକାସହ ଯୋଗ କରିଅଛି । ଖଲ୍ଲିକୋଟ ଆଠଗଡ଼ ଅଞ୍ଚଳରେ ବିଶ୍ୱନାଥ ବର୍ତ୍ତମାନ ଜଣେ ବିଶିଷ୍ଟ ଗୀତାର୍ଥୀ । ସଂସ୍କୃତ ସାହିତ୍ୟରେ ମଧ୍ୟ ତାଙ୍କର ପ୍ରବେଶ ଅଛି । ତାଙ୍କର ଏହି ସହାୟତା ପାଇ ନ ଥିଲେ ଚନ୍ଦ୍ରକଳାର ଶୁଦ୍ଧପାଠ ମୁଁ ପାଇପାରି ନ ଥାନ୍ତି । ଚମ୍ପୂର କେତେକ ଗୀତର ବ୍ୟାଖ୍ୟା ଓ ଶୁଦ୍ଧପାଠରେ ତାଙ୍କର ଧାରଣା ଭିନ୍ନରୂପ ଥିଲା । ମୋ ପାଖରେ ଏ ପର୍ଯ୍ୟନ୍ତ ରଖା ଯାଇଥିବା 'ଚମ୍ପୂ'ର ଦୁଇଖଣ୍ଡ ତାଳପତ୍ର ପୋଥି ଦେଖି ତାଙ୍କର ଭ୍ରାନ୍ତ ଧାରଣା ଦୂରୀଭୂତ ହୋଇଅଛି । ବିଶ୍ୱନାଥ ପ୍ରାଚୀନ କାବ୍ୟ କବିତାର ଜଣେ ପରମ ଭକ୍ତ; ମୋର ଆଶା ତାଙ୍କର ଏହି ପ୍ରବୃତ୍ତି ଅନେକେ ଅନୁକରଣ କରିବେ ।

ପୁରୀ
ଅକ୍ଷୟ ତୃତୀୟା
୧୯୪୭ ଖ୍ରୀଷ୍ଟାବ୍ଦ

ଶ୍ରୀ ନୀଳମଣି ଦାଶ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| **ପ୍ରଥମ ଭାଗ—ଜୀବନବୃତ୍ତାନ୍ତ** | |
| ୧ମ ପରିଚ୍ଛେଦ ଜନ୍ମ ଓ ବଂଶ ପରିଚୟ | ୧ |
| ୨ୟ " ବାଲ୍ୟଶିକ୍ଷା | ୮ |
| ୩ୟ " ଚନ୍ଦ୍ରକଳା ରଚନା | ୧୫ |
| ୪ର୍ଥ " ଜଳନ୍ତରରେ ମନ୍ତ୍ରିତ୍ୱ | ୨୪ |
| ୫ମ " ପୁରୀ ରାଜସଭାରେ ପ୍ରବେଶ ଚେଷ୍ଟା | ୨୯ |
| ୬ଷ୍ଠ " ପୁରୀ ରାଜସଭାରେ ପ୍ରତିଷ୍ଠାଲାଭ | ୩୩ |
| ୭ମ " ଆଠଗଡ଼ରେ ଅବସ୍ଥାନ | ୪୧ |
| ୮ମ " ଆଠଗଡ଼ ସଙ୍ଗୀତପରିଷଦ୍ | ୪୯ |
| ୯ମ " ଚମ୍ପୂସମାଲୋଚନା | ୫୫ |
| ୧୦ମ " ପାରଳାରେ ଶିକ୍ଷକତା | ୭୦ |
| ୧୧ଶ " ମହୁରୀ ରାଜ୍ୟରେ ମ୍ୟାନେଜର | ୭୫ |
| ୧୨ଶ " ଉପସଂହାର | ୮୩ |
| **ଦ୍ୱିତୀୟ ଭାଗ** | |
| କିଶୋରଚନ୍ଦ୍ରାନନ୍ଦ ଚମ୍ପୂ | ୯୧-୧୮୩ |
| ରତ୍ନାକର ଚମ୍ପୂ | ୧୮୫-୨୦୬ |
| **ତୃତୀୟ ଭାଗ—ସଙ୍ଗୀତକଳ୍ପଲତା** | |
| ଅନା ଅନାଥରେ ଥରେ | ୨୮୯ |
| ଅନା ଅନାରେ ମୋତେ | ୨୩୮ |
| ଅନା ଅନା ସୁନୟନା | ୨୬୭ |
| ଅନାରତ ସରସମନା | ୨୩୪ |
| ଅରଜ ଥିବାର ପ୍ରୀତି | ୨୪୨ |
| ଅରଜିବ ପଛେ ଜନ | ୨୮୧ |
| ଅଲଙ୍ଘ୍ୟ ହେବାରୁ | ୨୧୪ |
| ଆଉ କି ସହି ସହି | ୨୨୫ |
| ଆଜ ଏ କି ଗୁମାନରେ | ୨୨୬ |
| ଆଜ ଏ ରୁଷା ରେ | ୨୭୨ |
| ଆଜ କେ ଶିଖାଇଲା ରୁଷାକୁ ରେ | ୨୦୯ |
| ଆରେ କୁରଙ୍ଗୀଦୃଶା | ୨୪୫ |
| ଆରେ ପ୍ରାଣସଙ୍ଗୀ | ୨୩୨ |
| ଆହା ମୋ ଖଞ୍ଜନାକ୍ଷୀ | ୨୯୧ |
| ଏହି ସେହି କି ମୋ ସହି | ୨୨୯ |
| କର କ୍ଷମା ରେ | ୨୨୩ |
| କରିବ କି ରାଜି | ୨୫୪ |
| କଳାକୁଶଳା ରେ | ୨୭୫ |
| କଳା ବଳାହକ ଭୂଲା | ୨୫୬ |
| କହ କି ହେଲା ସହି | ୨୬୦ |
| କହ ରେ ଜୀବସଙ୍ଗିନି | ୨୮୨ |
| କହ ନାହିଁକି ରେ ପହିଲୁ | ୨୭୫ |
| କହିବାକୁ ଲାଜ | ୨୧୨ |
| କହିବାକୁ ସଙ୍ଗିନୀ ତୋ ଆଗେ | ୨୬୫ |
| କାଳନ୍ଦୀକୂଳକୁ | ୨୮୨ |
| କା ମନେ ଥିଲା ଏ କଥା ଗୋ | ୨୮୬ |
| କାହିଁରେ ମନ ସହି | ୨୨୧ |
| କି ନ କରେ ପ୍ରେମରୀତି | ୨୭୨ |
| କୁଞ୍ଜନିଳୟଭୂଷା | ୨୫୯ |
| କୁନ୍ଦରଦନା ରସବତୀ | ୨୭୮ |
| କେଉଁ କାରଣୁ ମୁଁ ତୋ | ୨୮୩ |
| କେଡ଼େ କଉତୁକୀ କଳାନିଧି | ୨୬୬ |
| କେଳିପ୍ରବୀଣୋ କେବଳ | ୨୪୦ |
| କେହି ସରିକି | ୨୮୧ |
| ଖରବଚନକୁ ସତ ମଣି | ୨୨୬ |
| ଖଞ୍ଜରୀଟନୟନା | ୨୩୨ |
| ଗଜଗତେ ଏ ଜଗତେ | ୨୪୪ |
| ଗଲା ତ ଅନୁରାଗ ଜଣା | ୨୮୪ |
| ଗଲା ସବୁ ସରି ରେ | ୨୬୩ |
| ଗୁଣନିଧି ଲାବଣ୍ୟଲହରୀରେ | ୨୪୪ |

| ବିଷୟ | ପୃଷ୍ଠା |
|---|---|
| ଗୋ ରସନାଟି | ୨୩୬ |
| ଘେନ ଘେନ ମନ | ୨୫୦ |
| ଚନ୍ଦନବାସି କୁନ୍ଦବରହାସି ରେ | ୨୭୪ |
| ଚନ୍ଦ୍ରନିଶାରେ | ୨୪୭ |
| ଚରଣାୟୁଧବୃନ୍ଦ ରଟିଲେ ରେ | ୨୧୯ |
| ଚାନ୍ଦ ସୁନ୍ଦରମୁଖି ରେ | ୨୫୮ |
| ଚାହାଁରେ ନିଧୁବନ କେଳି | ୨୬୦ |
| ଚାହିଁ କି ନାହିଁ କେହି | ୨୫୯ |
| ଚାହିଁଛି ମାନ ଶିଖଣ୍ଡି ଲୋ | ୨୮୩ |
| ଚାହିଁବୁ ଯେବେ ଶ୍ୟାମଦ୍ୟୁତିକି ରେ | ୨୬୯ |
| ଜଣା ତ ଅଛି ମାନ ଏତିକି ରେ | ୨୮୭ |
| ଜଣା ଥିଲା କି ମୋତେ | ୨୨୨ |
| ଜଣା ପଡ଼ିଲା ରେ | ୨୨୩ |
| ଜୀବବାନ୍ଧବୀ ରେ | ୨୬୮ |
| ଝମକ ବାଜଇ | ୨୫୭ |
| ତାର ଗିରେ କି ବିଶ୍ୱାସ | ୨୫୦ |
| ତୁହି ପରା ମୋ ହୃଦୟ | ୨୧୫ |
| ତେଣ୍ଟାରେ ଜାଣି ଜାଣି | ୨୪୧ |
| ଦେବି ମୁଁ ପରାଣକୁ | ୨୯୨ |
| ଦୋଷ ବିନା ମୋ ନବୀନା | ୨୪୪ |
| ଧନ ଘନରସ ବରଷିଲା | ୨୬୪ |
| ଧନ୍ୟ ହେ ନବକିଶୋର ସତୀଧୃତି ଧନଚୋର | ୨୧୬ |
| ନଚାଇଲା ଯାହା ସେ | ୨୬୮ |
| ନିନ୍ଦା ନ ଲଭ ସଖିରେ | ୨୫୫ |
| ନିରତେ ମୁଁ ଅଠକୁ | ୨୨୪ |
| ନୂଆ ରସିକା ରେ | ୨୬୪ |
| ପଚାର କେ ଆଣିଛି | ୨୪୯ |
| ପର ମଣି ତ ରମଣୀ | ୨୬୧ |
| ପରାଣ ଛର କି ଲୋଡ଼ା | ୨୨୫ |
| ପାହିପାହିଆ | ୨୭୮ |
| ପ୍ରାଣନାଥ ବିଜେ ବେଳ | ୨୬୯ |

| ବିଷୟ | ପୃଷ୍ଠା |
|---|---|
| ପ୍ରାଣବନ୍ଧୁଆ ଆଜ ତୋ | ୨୮୫ |
| ପ୍ରାଣବନ୍ଧୁ, ଗରବ କାହିଁକି | ୨୫୧ |
| ପ୍ରିୟସହି, ଏତେବେଳୁ ଥାଅ | ୨୧୩ |
| ପ୍ରିୟ ସହି କରିବ କି ବୁଦ୍ଧି | ୨୨୦ |
| ଫୁଲ୍ଲ ମଲ୍ଲୀହାସି ରେ | ୨୬୨ |
| ବନ୍ଧୁ ଅଛି କି ଲୋଡ଼ା | ୨୩୮ |
| ବନ୍ଧୁ ଅଦୋଷେ ରସନା ଦୋଷେ | ୨୪୬ |
| ବନ୍ଧୁଆ ତୁ ମୋ ସବୁ ଭରସା | ୨୫୮ |
| ବନ୍ଧୁଆ ରେ ବାରେ ଅନାରେ | ୨୮୮ |
| ବନ୍ଧୁ କଲ କି ଦୁର୍ବିଚାରକୁ | ୨୧୭ |
| ବନ୍ଧୁ ରୁଷିଲା ଅନ୍ଧୁଦର ପର | ୨୪୮ |
| ବଂଶୀଧାରୀ ସରଯିବନି | ୨୧୧ |
| ବରନାରି ! ଗୁମାନ ମନେ | ୨୮୧ |
| ବଳା ନା ସ୍ନେହ କଳାନାଗରେ | ୨୫୨ |
| ବାରିଜାକ୍ଷି ମନରୁ ମାନ | ୨୩୪ |
| ବାଳାବରରେ ଶଙ୍ଖକଣ୍ଠୀ | ୨୫୭ |
| ବିଧାତା କି ନ କରଇ ଗୋ | ୨୮୭ |
| ବିଧାତାରେ କି କାଳେ | ୨୬୬ |
| ବିପରୀତ ରତେ ଗୋ | ୨୭୪ |
| ବିମ୍ବାଧରୀରେ, ବିଶ୍ୱମ୍ଭରୀ ଦେବୀ | ୨୩୭ |
| ଦୃଢ଼ ପ୍ରୀତିରେ | ୨୯୧ |
| ଭାସିଲଟି ଆସି ଦରହାସୀ | ୨୪୬ |
| ମନ ଜମି ଯା ସିନ୍ଧୁଜେମା | ୨୫୨ |
| ମନ ବିନା ତ ନବୀନା | ୨୭୭ |
| ମନା ମୁଁ କରୁଥିଲି ଏହାକୁ | ୨୧୩ |
| ମନ୍ଦ ମଳୟାନିଳ ବହିଲା | ୨୮୪ |
| ମହୀଚମ୍ପା ଗଭା | ୨୮୬ |
| ମହୀମଣ୍ଡନା ତୁ ନ ମାର ମାରରେ | ୨୨୭ |
| ମାନ ଅବା ଲଜ୍ଜା | ୨୭୧ |
| ମାନସରୁ ମାନ ସରୁ | ୨୮୫ |
| ମାନ ସୁମନା, କରି ଦେ ମାନସୁଁ | ୨୧୧ |
| ମିତ ଆମ୍ଭ ଶ୍ୟାମବନ୍ଧୁ | ୨୭୦ |

| ବିଷୟ | ପୃଷ୍ଠା |
|---|---|
| ମିତ ହିତ ଯେତେ ତୁ କହିଲୁ | ୨୬୭ |
| ମୁଁ ହାରିଲି ହେଉ ଏତିକି ଗୋ | ୨୨୧ |
| ମୋ ବନ୍ଧୁଟି ବାଇ ହୋଇଯାଏ | ୨୩୧ |
| ମୋ ଭଲେ ଥିଲୁ କି ଲହି | ୨୯୩ |
| ମୋହିଲୁ ରେ ବର ମହିଳା ରେ | ୨୭୪ |
| ଯାଉଛି ମା ଆଉ ନ ପାରେ | ୨୫୩ |
| ଯା ନ ଦେଖିଲୁ ସେ | ୨୮୯ |
| ଯା ଯା ମୋ ପାଶରୁ | ୨୬୦ |
| ଯେବେ ନବଘନ ଶ୍ୟାମ | ୨୪୯ |
| ଯୋଷାକୁ ରୁଷା କେ ଶିଖାଇଲା | ୨୮୮ |
| ରସନିଧି ଭଲ ଆଚରିଲ | ୨୪୯ |
| ରସିକାମଣ୍ଡଳୀ ମଥା ଝିରା ରେ | ୨୭୬ |
| ରାତି ପାହିଗଲା ହେ ହାତୀ | ୨୮୯ |
| ରାଧେ ରସିକାରାଜ | ୨୫୧ |
| ରୁଷା ବରଜ ମୃଦୁ କୃଶାଙ୍ଗୀ | ୨୭୭ |
| ରେ କିଶୋର ତୁ ଲୋଡ଼ୁଅଛୁ | ୨୯୨ |
| ରେ କିଶୋର ପଛେ ଛୁଇଁବୁ | ୨୭୧ |
| ରେ କିଶୋର ରୁଷିବାର ସିନା | ୨୦୮ |
| ରେ ନୀରଦ ଗରଜିମରୁଛୁ କେତେ | ୨୩୩ |
| ରେ ମୋ ଜୀବନ ମୁଁ କି ମୀନ | ୨୫୩ |
| ରେ ମୋ ବନ୍ଧୁ ଶିଶୁବଣୀ ମୃଗଦୃଶା | ୨୨୮ |
| ରେ ରମଣି ଗୁରୁଜନେ | ୨୮୫ |
| ରେ ସଙ୍ଗାତ ଏତିକି ମୋ ସଙ୍କଳପ | ୨୮୦ |
| ରେ ସଙ୍ଗାତ ତୋ ବୋଲେ ବସନ୍ତ | ୨୩୦ |
| ରେ ସଙ୍ଗାତ ଦରିଦ୍ରନିଧିଙ୍କ | ୨୬୨ |
| ରେ ସଙ୍ଗାତ ରୁଷି ମୁଁ ବସିଲି | ୨୧୦ |
| ରେ ସଙ୍ଗାତ ସମ୍ଭାଳି ନ ପାରେ | ୨୪୩ |
| ରେ ସଙ୍ଗାତ ସରିଗଲି ଲାଜେ | ୨୧୯ |
| ରେ ସଙ୍ଗାତ ସେ ସିନା ବସିବ ରୁଷି | ୨୧୬ |
| ରେ ସଜନି ଆଜ ତୋର ଏକି ରୀତି | ୨୯୦ |
| ଶିଖଣ୍ଡମଣ୍ଡନ କି ବହିଲେ | ୨୩୬ |
| ଶୁଣ ଶୁଣ ରେ ଜୀବର ଧନ | ୨୭୯ |
| ଶ୍ୟାମ କେଡ଼େ ଅବୁଝାଣ | ୨୬୧ |
| ଶ୍ୟାମ ସମ କମନୀୟ | ୨୨୫ |
| ସଖି କେ ସେ ନୀପମୂଳେ ଗୋ | ୨୯୦ |
| ସଜନି ଆଜ ରଜନୀରେ | ୨୮୦ |
| ସଜ ହୋଇଥା ରେ | ୨୫୦ |
| ସଞ୍ଚାରିଣୀ ପାଞ୍ଚାଳିକା | ୨୨୯ |
| ସରିଗଲା ଯେ ଲାଜେ | ୨୨୮ |
| ସରି ଯାଉଛି ରେ ଏହିଠାରୁ | ୨୯୩ |
| ସୁନାଗୋଷ୍ଠି ତୁ ଏକା ସିନା | ୨୩୫ |
| ସୁନାଗୋଷ୍ଠିରେ ନାଗରୀ ଏକି ଆଜ | ୨୭୬ |
| ସେ କି ସାରାସାର ଜାଣେ | ୨୩୩ |
| ସେ ଗଜେନ୍ଦ୍ରଗତି ମୋତେ | ୨୯୧ |
| ସେ ମୋହନ ସ୍ନେହରେ | ୨୫୨ |
| ହଇରାଣ କାହିଁକି ଏତେ | ୨୧[illegible] |
| ହରିତୁଲେ କରିବୁ ଯେ ପ୍ରୀତି | ୨୭୩ |
| ହେ ସରସେ ମଉଳି ଗଲେ | ୨୪୩ |


**ଚତୁର୍ଥଭାଗ**— କବିତା କଲ୍ଲୋଳିନୀ


| | |
|---|---|
| ଜଗତେ କେବଳ | ୨୯୭ |
| କାହାକୁ କହିବା | ୨୯୯ |
| ଶିଖଣ୍ଡ ମୁକୁଟ | ୩୦୧ |
| ଗୃହିଁଲୁ ତ ନାହିଁ | ୩୦୩ |
| ସେ ପୀରତି ସତେ | ୩୦୫ |
| ଓଷ୍ଠ ଚୁମ୍ବା | ୩୦୬ |
| ଜାଈଫୁଲ ଚୁମ୍ବା | ୩୦୭ |
| କାମଦୁହା ଚଉତିଶା | ୩୦୯ |
| ସର୍ପ ଜଣାଣ | ୩୧୫ |
| ଜଗନ୍ନାଥ ଜଣାଣ | ୩୧୭ |
| ମହାବାହୁ ଜଣାଣ | ୩୧୮ |


**ପଞ୍ଚମ ଭାଗ**


| | |
|---|---|
| ଚନ୍ଦ୍ରକଳା | ୩୨୯ |

# କବିସୂର୍ଯ୍ୟ ଗ୍ରନ୍ଥାବଳୀ

## ପ୍ରଥମ ଭାଗ

## ଜୀବନ-ବୃତ୍ତାନ୍ତ

# କବିସୂର୍ଯ୍ୟ ବଳଦେବ ରଥ

## ଜୀବନ-ବୃତ୍ତାନ୍ତ

---

### ପ୍ରଥମ ପରିଚ୍ଛେଦ

### ଜନ୍ମ ଓ ବଂଶପରିଚୟ

ଭାରତରେ ଇଂରେଜ ରାଜତ୍ୱ ପ୍ରତିଷ୍ଠିତ ହେବା ପୂର୍ବେ ଏବଂ ପାଶ୍ଚାତ୍ୟ ସାହିତ୍ୟ ଭାରତୀୟ ସାହିତ୍ୟ ଉପରେ ସ୍ୱପ୍ରଭାବ ବିସ୍ତାର କରିବା ଆଗେ ଏ ଦେଶରେ ଯେଉଁ ଯେଉଁ ଜାତି ପ୍ରାଦେଶିକ ସାହିତ୍ୟର ଉନ୍ନତିବିଧାନ କରିଥିଲେ, ସେମାନଙ୍କ ମଧ୍ୟରେ ଓଡ଼ିଆ ଜାତି ଏକତମ । ଏ ପର୍ଯ୍ୟନ୍ତ ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କ ମଧ୍ୟରୁ ଯେତେ ପ୍ରକାଶିତ ହୋଇଅଛି, ତାହା ତୁଳନାରେ ଅପ୍ରକାଶିତ ଗ୍ରନ୍ଥମାନଙ୍କ ସଂଖ୍ୟା ବେଶି ହେବ ବୋଲି ଅନୁମାନ କରାଯାଏ । ଏ ଗୁଡ଼ିକ ମଧ୍ୟରୁ କେତେ ଗ୍ରନ୍ଥ ଲୋକମାନଙ୍କ ଅଜ୍ଞତା ଏବଂ କୁସଂସ୍କାର ଦୋଷରୁ ବର୍ତ୍ତମାନ ନଷ୍ଟ ହୋଇ ଗଲଣି; ଆଉ କେତେ ଅପ୍ରକାଶିତ ଅବସ୍ଥାରେ ଇତସ୍ତତଃ ପଡ଼ି ରହିଅଛି । ଧନ ଓ ମନର ଅଭାବରୁ ସେଗୁଡ଼ିକର ପ୍ରକାଶରେ ଆମ୍ଭମାନଙ୍କ ମଧ୍ୟରୁ କେହି ମଧ୍ୟ ପ୍ରବୃତ୍ତ ହେଉ ନାହାନ୍ତି । ଆନନ୍ଦର ବିଷୟ ଯେ, ତନ୍ମଧ୍ୟରୁ କୌଣସି କୌଣସି ଗ୍ରନ୍ଥର ପ୍ରକାଶରେ ବର୍ତ୍ତମାନ ଉଦ୍‌ଯୋଗ ହେଉଅଛି । ସମଗ୍ର ଭାରତରେ ପ୍ରାୟ ୮୦୦ ପ୍ରକାର ଭାଷା ପ୍ରଚଳିତ, ତନ୍ମଧ୍ୟରୁ ଅଧିକାଂଶ ସାହିତ୍ୟବିବର୍ଜିତ—କେବଳ କଥ୍ୟଭାଷା । ବଙ୍ଗଳା, ତେଲୁଗୁ, ତାମିଲ, କାନାରିଜ, ମାଲୟାଲମ୍, ମରହଟ୍ଟୀ, ଗୁଜୁରାଟୀ, ଗୁରୁମୁଖୀ, ଉର୍ଦ୍ଦୁ, ନେପାଳୀ ଓ ଆମ୍ଭମାନଙ୍କ ଓଡ଼ିଆ ପ୍ରଭୃତି ଅତ୍ୟଳ୍ପ ଭାଷା ପ୍ରାଚୀନ ଓ ଆଧୁନିକ ସାହିତ୍ୟବିଭବରେ ପ୍ରକୃତ ଭାଷା ନାମରେ ଅଭିହିତ ହୁଏ । ବର୍ତ୍ତମାନ ଯୁଗରେ ଓଡ଼ିଆ ଭାଷା ଏହିସବୁ ପରବର୍ତ୍ତୀ ଭାଷା ସମାଜରେ ସମାନ ଆସନର ଅଧିକାରୀ ନ ହେଲେହେଁ ପ୍ରାଚୀନ ବିଭବରେ ଏ ଯେ ଶୀର୍ଷସ୍ଥାନ ଅଧିକାର କରିବ, ଏହା ଅନେକ ଭାଷାବିଦ୍ ସ୍ପଷ୍ଟରୂପେ ସ୍ୱୀକାର କରିଅଛନ୍ତି । ପ୍ରାଚୀନ ସ୍ମୃତି ଅନେକ ସମୟରେ ଉନ୍ନତିବିଧାୟକ । ପ୍ରାଚୀନ କବିଙ୍କ ଜୀବନବୃତ୍ତାନ୍ତ ଓ ତଦୀୟ କାବ୍ୟମାନଙ୍କର ଆଲୋଚନା ଅନେକ ସମୟରେ ସାହିତ୍ୟସେବକ ପ୍ରାଣରେ

ନବ ଭାବରାଜ୍ୟର ଦ୍ୱାର ଉଦ୍‌ଘାଟନ କରିଦିଏ । ତେଣୁ ଆମ୍ଭେମାନେ ଅତ୍ର ଶୀର୍ଷାଙ୍କିତ ମହାପୁରୁଷଙ୍କ ଜୀବନଚରିତାଦିର ଆଲୋଚନାରେ ପ୍ରବୃତ୍ତ ହେଉଅଛୁଁ ।

ପ୍ରାଚୀନ ଉତ୍କଳର ସାହିତ୍ୟଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କମାନେ ଅବତୀର୍ଣ୍ଣ ହୋଇ ଗିରିବନସମାଚ୍ଛାଦିତ ଏହି ପ୍ରଦେଶକୁ ଜ୍ଞାନାଲୋକଦ୍ୱାରା ଉଦ୍ଭାସିତ କରିଥିଲେ, ସେମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ବଳଦେବରଥ କବିସୂର୍ଯ୍ୟ ପ୍ରଧାନ ।

ଉପେନ୍ଦ୍ର ୫୨ ଖଣ୍ଡ ଛନ୍ଦପୁସ୍ତକ, ଦୀନକୃଷ୍ଣ ରସକଲ୍ଲୋଳ ଓ ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ଲେଖି ଯେଉଁ ଖ୍ୟାତି ଓ ପ୍ରତିଷ୍ଠା ଲାଭ କରିଅଛନ୍ତି, କବିସୂର୍ଯ୍ୟ କିଶୋରଚନ୍ଦ୍ରାନନ୍ଦଚମ୍ପୂ, ଚନ୍ଦ୍ରକଳା ପ୍ରଭୃତି କେତେଗୁଡ଼ିଏ ଅପେକ୍ଷାକୃତ କ୍ଷୁଦ୍ର ଅବୟବବିଶିଷ୍ଟ ଗ୍ରନ୍ଥ ଲେଖି ପ୍ରାଚୀନ ସାହିତ୍ୟକ୍ଷେତ୍ରରେ ସେହିପରି କିମ୍ବା ସେମାନଙ୍କ ଅପେକ୍ଷା ଅଧିକତର ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ଆମ୍ଭେମାନେ ଏ ପ୍ରବନ୍ଧରେ କବିଙ୍କ ସଂକ୍ଷିପ୍ତ ଜୀବନବୃତ୍ତାନ୍ତ ସହ ତତ୍‌ପ୍ରଣୀତ ଗ୍ରନ୍ଥ ଓ କବିତାମାନଙ୍କର ସଂକ୍ଷିପ୍ତ ଆଲୋଚନା କରିବାକୁ ଚେଷ୍ଟା କରିବୁଁ ।

ରାଜନୀତିକ୍ଷେତ୍ରରେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ଓଡ଼ିଶାରୁ ପୃଥକ୍ ହେଲେହେଁ, ଦିନେ ଯେ ଏହା ଜାତିର ଗୌରବର ଲୀଳାକ୍ଷେତ୍ର ଥିଲା, ଏହା ସମସ୍ତେ ସ୍ୱୀକାର କରିବେ । କୃଷି, ବାଣିଜ୍ୟ, ସାହିତ୍ୟ ପ୍ରଭୃତି ପ୍ରତ୍ୟେକ ବିଷୟରେ ଗଞ୍ଜାମକୁ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାର ଆଦର୍ଶ କହିଲେ ଚଳେ । ଉପେନ୍ଦ୍ର, ବଳଦେବ, ବୈଷ୍ଣବ ଓ କୃଷ୍ଣସିଂହ ପ୍ରଭୃତି ସାହିତ୍ୟରଥୀମାନେ ଏହି ଜିଲ୍ଲାର ଲୋକ ।

ଏମାନଙ୍କ ଛଡ଼ା ଆଉ ଅନେକ କବି ଏହି ଜିଲ୍ଲାରେ ଜନ୍ମଗ୍ରହଣ କରି ଅନେକ ଗ୍ରନ୍ଥ ଲେଖିଯାଇଅଛନ୍ତି, ମାତ୍ର ସେମାନଙ୍କ ଗ୍ରନ୍ଥମାନ ଅପ୍ରକାଶିତ ଥିବାରୁ ସେମାନେ ଆଜଯାଏ ସାହିତ୍ୟକ୍ଷେତ୍ରରେ ପରିଚିତ ହୋଇପାରି ନାହାନ୍ତି । କବିତ୍ୱର ସ୍ଫୁରଣ ପାଇଁ ଯେଉଁ ଯେଉଁ ଅବସ୍ଥା ଅନୁକୂଳ, ଗଞ୍ଜାମରେ ସେ ସମସ୍ତ ପୂର୍ଣ୍ଣମାତ୍ରାରେ ବିଦ୍ୟମାନ ଥିଲା ପରି ଅନୁମିତ ହୁଏ । ପ୍ରଥମତଃ ଗଞ୍ଜାମ ଜିଲ୍ଲାର ପ୍ରାକୃତିକ ଅବସ୍ଥାନ ବଡ଼ ହୃଦୟସ୍ପର୍ଶୀ । ଏହାର ଏକ ଦିଗରେ "ପ୍ରକୃତିର ଚିତ୍ରଶାଳା ଶୋଭାଧାରର ଅପ୍‌ସରଭୁବନ" ଚିଲିକାହ୍ରଦ ଓ ବଙ୍ଗୋପସାଗରର ନୀଳଫେନାକୁଳଭୁଙ୍ଗତରଙ୍ଗଭଙ୍ଗୁର ସୁବିସ୍ତୃତ ବେଳାପ୍ରଦେଶର ତମାଳତାଳୀ-ବନରାଜିର ଶ୍ୟାମାୟମାନ ମାଧୁରୀ, ଅନ୍ୟ ଦିଗରେ ଅଭ୍ରଙ୍କଷ ମହେନ୍ଦ୍ରାଚଳର ନେତ୍ରବିନୋଦନ ସୁନୀଲ ପ୍ରଶାନ୍ତ ସ୍ୱର୍ଗୀୟ ଶୋଭା ନିତାନ୍ତ ନୀରସ ହୃଦୟକୁ ସୁଦ୍ଧା ନବୀନ ଭାବରାଜିରେ ପୂର୍ଣ୍ଣ କରିଦିଏ । ଦ୍ୱିତୀୟତଃ ମୃତ୍ତିକାର ଉର୍ବରତା ଓ ନୌବାଣିଜ୍ୟର ଅନୁକୂଳତା ଗଞ୍ଜାମର ଲୋକମାନଙ୍କୁ ଚିରକାଳ ପରମ ସୁଖରେ ରଖିଅଛି । ପ୍ରକୃତିର ବିଶାଳ ଲୀଳାକ୍ଷେତ୍ର ମଧ୍ୟରେ ଅବସ୍ଥାନ କଲେ ଓ

ଜୀବନଯାତ୍ରା ନିର୍ବାହରେ ଏକାନ୍ତ ଚିନ୍ତାଶୂନ୍ୟ ହେଲେ ସ୍ୱଭାବ ହୃଦୟରେ ଈଶ୍ୱରଦତ୍ତ କବିତ୍ୱଶକ୍ତି ଯେ ସ୍ୱତଃ ଉଦ୍‌ବୁଦ୍ଧ ହୋଇ ଉଠେ, ଏହା ସହଜରେ ଅନୁମିତ ହୁଏ ।

ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ଇଂରେଜ ରାଜତ୍ୱ ଏ ଦେଶରେ ପ୍ରତିଷ୍ଠିତ ହେବାରୁ ମୁସଲମାନ ଓ ମରହଟ୍ଟାମାନଙ୍କ ଯଥେଚ୍ଛାଚାର ଆଧିପତ୍ୟ ଏକ ପ୍ରକାର କମି ଯାଇଥିଲା । ତେଣୁ ଉତ୍କଳର କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ରାଜାମାନେ ପରମ ସୁଖରେ ରାଜ୍ୟ ପାଳନ କରୁଥିଲେ ଏବଂ ପ୍ରଜାମାନେ ଧନ ପ୍ରାଣକୁ ନିରାପଦ ମଣି ନିଶ୍ଚିନ୍ତମନରେ ଆତ୍ମୋନ୍ନତିବିଧାନରେ ତତ୍ପର ଥିଲେ ।

ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେହିଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନେକ କବି କାବ୍ୟକବିତାଦି ଲେଖିଯାଇଅଛନ୍ତି । ଆମ୍ଭମାନଙ୍କ କବି ବଳଦେବ ଏହି ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଜନ୍ମଗ୍ରହଣ କରିଥିଲେ । ବଳଦେବଙ୍କ ପୌତ୍ର ଲୋକନାଥ ରଥ ଏପର୍ଯ୍ୟନ୍ତ ଜୀବିତ ଥାଇ ଗତ ୧୯୨୮ ଖ୍ରୀଷ୍ଟାବ୍ଦରେ ପ୍ରାୟ ୭୨ ବର୍ଷ ବୟସରେ ପରଲୋକଗତ ହୋଇଅଛନ୍ତି । ସମ୍ପ୍ରତି ତାଙ୍କ ପୁତ୍ର ଅସ୍ତା ଜଙ୍କଃବର୍ତ୍ତୀ ଗଲ୍ଲ ଶାସନରେ ବାସ କରୁଅଛନ୍ତି । ଲୋକନାଥଙ୍କ ପ୍ରଦତ୍ତ ବିବରଣରୁ ଜଣାଯାଏ ଯେ, ତାଙ୍କ ପିତାମହ ବଳଦେବ ୧୭୨୧ ଶକାବ୍ଦ ମାଘମାସ ଶ୍ରୀପଞ୍ଚମୀ ଦିନ ଭୂମିଷ୍ଠ ହୋଇଥିଲେ । ବର୍ତ୍ତମାନ ଶକାବ୍ଦ ୧୮୫୦ । ଏ ବିବରଣ ଯେବେ ସତ୍ୟ ହୁଏ, ତେବେ ବଳଦେବ ୧୭୯୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ବୋଲି ସହଜରେ ଗଣନା କରାଯାଇପାରେ । ଅନ୍ୟ ହିସାବରେ ଦେଖିଲେ ଜଣାଯାଏ ଯେ, ବଳଦେବ ପୁରୀର ତତ୍‌କାଳୀନ ରାଜା ଶ୍ରୀ ମୁକୁନ୍ଦ ଦେବଙ୍କ ସମୟରେ ଜୀବିତ ଥିଲେ । ଉକ୍ତ ମୁକୁନ୍ଦଦେବ ବର୍ତ୍ତମାନ ପୁରୀ ରାଜା ଶ୍ରୀ ରାମଚନ୍ଦ୍ରଦେବଙ୍କ ପିତା ଶେଷ ମୁକୁନ୍ଦ ଦେବଙ୍କର ବୃଦ୍ଧ ପ୍ରପିତାମହ । ପୁରୀ ରାଜସିଂହାସନରେ ପ୍ରତିଷ୍ଠିତ ରାଜାମାନେ ପ୍ରତି ଚତୁର୍ଥ ପୁରୁଷରେ ପୂର୍ବ ଚତୁର୍ଥ ପୁରୁଷ ନାମ କ୍ରମାନୁସାରେ ଗ୍ରହଣ କରନ୍ତି । ଶେଷ ମୁକୁନ୍ଦ ଦେବ ପ୍ରାୟ ୩୮ ବର୍ଷ ସିଂହାସନରେ ପ୍ରତିଷ୍ଠିତ ଥିଲେ । ତାଙ୍କ ପିତା ଦିବ୍ୟସିଂହ ଦେବ ୨୪ ବର୍ଷ, ପିତାମହ ବୀରକିଶୋର ଦେବ ଓ ପ୍ରପିତାମହ ରାମଚନ୍ଦ୍ର ଦେବ ମିଶି ୪୭ ବର୍ଷ ରାଜତ୍ୱ କରିଥିଲେ । ଏଥିରୁ ଜଣା ଯାଉଅଛି ଯେ, ଶେଷ ମୁକୁନ୍ଦ ଦେବଙ୍କ ବୃଦ୍ଧ ପ୍ରପିତାମହ ପ୍ରାୟ ୧୧୧ ବର୍ଷ ପୂର୍ବେ ରାଜତ୍ୱ କରୁଥିଲେ, ଅର୍ଥାତ୍ ତାହାଙ୍କ ରାଜତ୍ୱ ୧୮୧୭ ମସିହାରେ ଶେଷ ହୋଇଥିଲା, ମାତ୍ର ମାଦଳାପାଞ୍ଜିରୁ ଜଣାଯାଏ ଯେ ମୁକୁନ୍ଦ ଦେବ ୧୭୯୧ରୁ ୧୮୧୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ପ୍ରସିଦ୍ଧ ଐତିହାସିକ ହଣ୍ଟର ମାଦଳାପାଞ୍ଜିର ଏହି ଗଣନାକୁ ଅଭ୍ରାନ୍ତ ବୋଲି ମନେ କରନ୍ତି ନାହିଁ । ଲୋକନାଥ ରଥଙ୍କ ବିବରଣ

ଅନୁସାରେ ଯେବେ କବି ୧୭୯୯ ରେ ଜନ୍ମଗ୍ରହଣ କରିଥାନ୍ତି, ତେବେ ମୁକୁନ୍ଦ ଦେବଙ୍କ ରାଜସଭାରେ କବି ଓ ପଣ୍ଡିତ ବୋଲି ଖ୍ୟାତି ଲାଭ କରି ପାରି ନ ଥିବେ ।

ଷ୍ଟାର୍ଲିଙ୍ଗ ସାହେବ ଏବଂ ଅନ୍ୟ କୌଣସି କୌଣସି ଐତିହାସିକ ସେହି ମୁକୁନ୍ଦ ଦେବଙ୍କ ରାଜତ୍ୱକୁ ୧୭୯୮ ରୁ ୧୮୧୭ ପର୍ଯ୍ୟନ୍ତ ନିର୍ଦ୍ଦେଶ କରିଅଛନ୍ତି । ଇଂରେଜମାନେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଦଖଲ କଲେ । ସେତେବେଳେ ଏହି ମୁକୁନ୍ଦ ଦେବହିଁ ରାଜତ୍ୱ କରୁଥିଲେ, ମାତ୍ର ଖୋର୍ଦ୍ଧା ଛଡ଼ା ଅନ୍ୟ ସ୍ଥାନରେ ତାଙ୍କର ପ୍ରଭୁତ୍ୱ ନ ଥିଲା । ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାରେ ବିଦ୍ରୋହ ଉପସ୍ଥିତ ହୋଇଥିଲା । ଇଂରେଜମାନେ ରାଜା ମୁକୁନ୍ଦ ଦେବଙ୍କୁ ଏହି ବିଦ୍ରୋହର ନେତା ବୋଲି ସନ୍ଦେହ କରି ବନ୍ଦୀ କଲେ । ସେ ପ୍ରଥମେ କେତେ ଦିନ କଟକରେ, ପରେ ମେଦିନୀପୁରରେ ବନ୍ଦୀଭାବରେ ଅବସ୍ଥାନ କଲେ । ପରେ ବିଚାରରେ ସେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେବାରୁ ମୁକ୍ତିଲାଭ କଲେ, ମାତ୍ର ତାଙ୍କୁ ଆଉ ଖୋର୍ଦ୍ଧାଗଡ଼କୁ ଆସିବାକୁ ଅନୁମତି ମିଳିଲା ନାହିଁ । ସେହିଦିନଠାରୁ ସେ ପୁରୀରେ ରହିଲେ । ଇଂରେଜ ରାଜତ୍ୱ ଆରମ୍ଭରେ ଘଟିଥିବା ଅଳ୍ପଦିନ ପୂର୍ବର ଏହି ବିବରଣ ସମ୍ପୂର୍ଣ୍ଣରୂପେ ବିଶ୍ୱାସଯୋଗ୍ୟ, ଏଥିରେ ସନ୍ଦେହ ନାହିଁ । କବିଙ୍କ ଜନ୍ମକାଳ ୧୭୨୧ ଶକାବ୍ଦ ବା ୧୭୯୯ ଖ୍ରୀଷ୍ଟାବ୍ଦ ବୋଲି ଧରିଗଲେ ମାଦଳାପାଞ୍ଜି ହିସାବରେ ମୁକୁନ୍ଦ ଦେବଙ୍କ ରାଜତ୍ୱ ଶେଷକୁ ତାଙ୍କୁ ୧୧ ବର୍ଷ, ଷ୍ଟାର୍ଲିଙ୍ଗଙ୍କ ବର୍ଣ୍ଣିତ ଖ୍ରୀଷ୍ଟାବ୍ଦ ଅନୁସାରେ ୧୮ ବର୍ଷ ମାତ୍ର ହେଉଅଛି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ତାଙ୍କ ପୌତ୍ରଙ୍କ ପ୍ରଦତ୍ତ ବିବରଣ ଉଭୟ ଭାବରେ ମଧ୍ୟ ଠିକ୍ ନୁହେ । ସମ୍ଭବତଃ ସେ ୧୭୧୧ ଶକାବ୍ଦ ସ୍ଥଳରେ ଦଶାବ୍ଦ ଭ୍ରମ କରି ୧୭୨୧ ବୋଲି କହିଅଛନ୍ତି । ତାହା ୧୭୧୧ ଶକାବ୍ଦ ବା ୧୭୮୯ ମସିହା ହେଲେ ମୁକୁନ୍ଦ ଦେବଙ୍କ ରାଜତ୍ୱ ଶେଷକୁ ତାଙ୍କୁ ୨୮ ବର୍ଷ ହୋଇଥିବ । ସେ ବୟସରେ କବିତାଦି ଲେଖି ପ୍ରତିଷ୍ଠା ଲାଭ କରିବା ସ୍ୱାଭାବିକ । କବି ମୁକୁନ୍ଦ ଦେବଙ୍କଠାରୁ ଯେଉଁ ସନନ୍ଦରେ 'ରାୟଗୁରୁ' ଉପାଧି ଓ କେତେକ ଅଧିକାର ପାଇଥିଲେ, ତାହା ତାଙ୍କ ରାଜତ୍ୱର ୨୩ ଅଙ୍କରେ ଲିଖିତ ହୋଇଥିବା କଥା ତହିଁରେ ସ୍ପଷ୍ଟଭାବରେ ଉଲ୍ଲେଖ କରାଯାଇଅଛି । ଆମ୍ଭେମାନେ ଯଥାସ୍ଥାନରେ ସେହି ସନନ୍ଦର ପ୍ରତିଲିପି ପ୍ରଦାନ କରିବୁଁ । ସେ ପ୍ରାୟ ୨୦ ବର୍ଷ ରାଜତ୍ୱ କରିଥିଲେ । ପୁରୀ ରାଜାଙ୍କ ଅଙ୍କରେ ଶୂନ୍ୟ ଓ ୬ ଅଙ୍କ ସାଧାରଣତଃ ଗଣାଯାଏ ନାହିଁ, ତେଣୁ ୨୩ ଅଙ୍କ କହିଲେ ତାଙ୍କ ରାଜତ୍ୱର ଅଷ୍ଟାଦଶ ବର୍ଷରେ ଅର୍ଥାତ୍ ଶେଷଆଡ଼କୁ ଯେତେବେଳେ ସେ ବନ୍ଦୀପାଶରୁ ମୁକ୍ତି ଲାଭ କରି ଅପେକ୍ଷାକୃତ ନିଶ୍ଚିନ୍ତ ହୋଇ କ୍ଷେତ୍ରବାସ କରୁଥିଲେ, ସେତେବେଳେ ବଳଦେବ ତାଙ୍କ ସଭାରେ ପ୍ରତିଷ୍ଠା ଲାଭ କରି ଉପାଧି ପ୍ରଭୃତି ପ୍ରାପ୍ତ ହୋଇଥିଲେ । ଅଦ୍ଭୁତ ମଧ୍ୟ ଲୋକନାଥ ରଥେ କହନ୍ତି, କବିସୂର୍ଯ୍ୟ ୧୭୬୩ ଶକାବ୍ଦ ଅର୍ଥାତ୍

୧୮୫୧ ଖ୍ରୀଷ୍ଟାବ୍ଦ ମାଘ ଶୁକ୍ଳ ସପ୍ତମୀ ତିଥିରେ ତାଙ୍କ ପୁତ୍ର ବିଶ୍ୱନାଥଙ୍କ ( ଲୋକନାଥ ପିତା ) ଉପନୟନ ପାଇଁ ଅଠଗଡ଼ର ତତ୍କାଳୀନ ରାଜାଙ୍କୁ ଗୋଟିଏ ପଦ୍ୟ ଦ୍ୱାରା ନିମନ୍ତ୍ରଣ କରିଥିଲେ ଏବଂ ଏହାର ଅଳ୍ପକାଳ ପରେ ପ୍ରାଣତ୍ୟାଗ କଲେ । ଏଥିରୁ ଜଣାଯାଉଅଛି, ସେତେବେଳେ ବିଶ୍ୱନାଥଙ୍କ ବୟସ ୯ ରୁ ୧୧ ମଧ୍ୟରେ ହୋଇଥିବ । ୧୯୨୫ ଖ୍ରୀଷ୍ଟାବ୍ଦରେ ଲୋକନାଥଙ୍କ ବୟସ ପ୍ରାୟ ୭୦ ବର୍ଷ ଥିଲା; ତେବେ ଲୋକନାଥ ୧୮୫୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ୧୮୫୧ରେ ଯାହାଙ୍କର ଉପନୟନ, ୧୯୫୫ ବେଳକୁ ତାଙ୍କୁ ପ୍ରାୟ ୧୪ ବା ୧୫ ବର୍ଷ ହୋଇଥିବ, ଏପରି ଅନୁମାନ ଅସଙ୍ଗତ ନୁହେ । ୧୪ ବା ୧୫ ବର୍ଷ ବୟସ୍କ କୌଣସି ବାଳକ ପୁତ୍ରୋତ୍ପାଦନରେ ଏକାନ୍ତ ଅକ୍ଷମ । ଏଥିରୁ ଜଣାଯାଏ, ଲୋକନାଥ ନିଜ ପିତାମହଙ୍କର ଅଧୁନିକତା ପ୍ରତିପାଦନ କରିବାକୁ ଯାଇ ତାଙ୍କ ମୃତ୍ୟୁକାଳକୁ ମଧ୍ୟ ୧୦ ବର୍ଷ ପଛକୁ ଘୁଞ୍ଚାଇ ଘେନି ଅସିଅଛନ୍ତି । କବିସୂର୍ଯ୍ୟ ପ୍ରାୟ ୫୫ ବର୍ଷ ଜୀବିତ ଥିଲେ ବୋଲି ଖଲ୍ଲିକୋଟ ଓ ଅଠଗଡ଼ର ଅନେକ ଲୋକଙ୍କଠାରୁ ଶୁଣାଯାଏ ।

ଅତଏବ କବିସୂର୍ଯ୍ୟ ୧୭୮୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ପ୍ରାୟ ୧୮୪୫ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କରିଥିଲେ ଏହା ସହଜରେ ଅନୁମେୟ । ସ୍ଥାନୀୟ କେତେକ ଅଶୀତିପର ବୃଦ୍ଧ କବିସୂର୍ଯ୍ୟଙ୍କୁ ଦେଖି ନ ଥିବା କଥା ପ୍ରକାଶ କରନ୍ତି । ଜଣେ ବର୍ଷୀୟସୀ ( ପ୍ରାୟ ୮୫ ବର୍ଷ ବୟସ୍କା ) କହନ୍ତି, ତାଙ୍କ ରତନ ନାନୀଙ୍କ ( କବିସୂର୍ଯ୍ୟଙ୍କ ସ୍ତ୍ରୀ ) କଥା ସେ ଭଲରୂପେ ମନେ ରଖିଛନ୍ତି, ମାତ୍ର ତାଙ୍କ ସ୍ୱାମୀଙ୍କ କଥା ତାଙ୍କର ମନେ ନାହିଁ । ଏହା ଅସ୍ମମାନଙ୍କ ଯୁକ୍ତିର ଅନ୍ୟତର ପ୍ରମାଣ ।

କବିସୂର୍ଯ୍ୟଙ୍କ ପୂର୍ବପୁରୁଷ ପୁରୀ ଜିଲ୍ଲାର ପ୍ରସିଦ୍ଧ 'ରଥ ସାମନ୍ତ' ବଂଶର ପ୍ରତିଷ୍ଠାତା ବଳଭଦ୍ର ରଥ ବାଜପେୟୀ । ଏ ମହାତ୍ମା ସ୍ୱକୀୟ ଅସାଧାରଣ ନିଷ୍ଠା, ବ୍ରହ୍ମତେଜ ଓ ଶାସ୍ତ୍ରଜ୍ଞାନଦ୍ୱାରା ସମସାମୟିକ ଉତ୍କଳର ଗଜପତି ରାଜାଙ୍କର ଗୁରୁ ପଦରେ ପ୍ରତିଷ୍ଠିତ ହୋଇ ରାଜପ୍ରସାଦରୁ ବ୍ରାହ୍ମଣସମାଜରେ କୌଳୀନ୍ୟପ୍ରଥା 'ସାମନ୍ତ' ପଦବୀର ପ୍ରବର୍ତ୍ତନ କରିଥିଲେ । ଏହାଙ୍କର ପ୍ରଥମ ସ୍ତ୍ରୀଙ୍କର ଦୁଇ ପୁତ୍ର ଯଥାକ୍ରମେ 'ପାର୍ବତୀପୁରିଆ ରଥ' ଓ 'ଦକ୍ଷିଣସାହିଆ ରଥ' ବଂଶର ଆଦିପୁରୁଷ । ଦ୍ୱିତୀୟ ସ୍ତ୍ରୀଙ୍କ ପୁତ୍ର କୁଳମଣି ରଥଙ୍କଠାରୁ 'ମଣିପୁରିଆ' ରଥବଂଶର ଉତ୍ପତ୍ତି । ବଳଭଦ୍ର ବାଜପେୟୀଙ୍କର ଦ୍ୱିତୀୟ ଦାରପରିଗ୍ରହ ସମ୍ବନ୍ଧରେ ଗୋଟିଏ ସୁନ୍ଦର ଗଳ୍ପ ପ୍ରଚଳିତ ଅଛି । ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ପୁତ୍ରଦ୍ୱୟଙ୍କୁ ରାଜସତ୍ତ୍ୱରେ ସୁପ୍ରତିଷ୍ଠିତ କରି ବାଜପେୟୀ ପ୍ରାୟ ସପ୍ତତିତମ ବର୍ଷ ବୟଃକ୍ରମ ବେଳେ ତୀର୍ଥାଟନ ଉଦ୍ଦେଶ୍ୟରେ ପୁରୀରୁ ବୈଷ୍ଣବତୀର୍ଥବହୁଳ ଦାକ୍ଷିଣାତ୍ୟ ଅଭିମୁଖରେ ବହିର୍ଗତ ହେଲେ ଏବଂ

କେତେକ ଦିନ ପରେ କାଶପୁର ନିକଟବର୍ତ୍ତୀ ଭୂଷଣ୍ଡପୁର ଗ୍ରାମରେ ଜଣେ ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଗୃହରେ ଆତିଥ୍ୟ ଗ୍ରହଣ କଲେ । ବ୍ରାହ୍ମଣ ପୂର୍ବରୁ ସାମନ୍ତଙ୍କ ବିଦ୍ୱତ୍ତା, ରାଜପ୍ରତିଷ୍ଠା ଓ ବ୍ରହ୍ମନିଷ୍ଠାର ପରିଚୟ ପାଇଥିଲେ, ବର୍ତ୍ତମାନ ତାଙ୍କୁ ଅତିଥିରୂପେ ଗୃହରେ ପାଇ ଆପଣାକୁ କୃତକୃତ୍ୟ ମନେ କଲେ । ସାମନ୍ତ ମଧ୍ୟ ତାଙ୍କ ଅତିଥେୟତା ଓ ଭକ୍ତିମତ୍ତାରେ ମୁଗ୍ଧ ହୋଇ ସେଠାରେ କେତେକଦିନ ରହିଗଲେ । ସେତେବେଳେ ସେ ସପ୍ତତିତମ ବର୍ଷ ବୟସରେ ପଦାର୍ପଣ କରିଥିଲେହେଁ ସ୍ୱୀୟ ବ୍ରାହ୍ମଣସୁଲଭ ସମୁଜ୍ଜ୍ୱଳ ତେଜଃପୁଞ୍ଜଦ୍ୱାରା ତରୁଣବୟସ୍କ ପରି ପ୍ରତୀତ ହେଉଥିଲେ । ବ୍ରାହ୍ମଣଙ୍କ ଆଦେଶରେ ତାଙ୍କର ଅସାମାନ୍ୟ ରୂପଲାବଣ୍ୟସମ୍ପନ୍ନା ଅବିବାହିତା, ଏକାଦଶବର୍ଷୀୟା କନ୍ୟାଟି ସାମନ୍ତଙ୍କ ପରିଚର୍ଯ୍ୟାରେ ନିଯୁକ୍ତ ହୋଇଥିଲା । କନ୍ୟାଟି ପ୍ରତ୍ୟହ ପ୍ରାତଃକାଳରେ ସ୍ନାନାଦି ସମାପନ ଶେଷରେ ଗୋଟିଏ ବଡ଼ ଗିନିରେ ଉଦ୍ୟାନରୁ ତୁଳସୀ, ବିଲ୍ୱଦଳ ଓ ବିବିଧ କୁସୁମ ଚୟନପୂର୍ବକ ପୂଜା ବେଳକୁ ସାମନ୍ତଙ୍କ ସମୀପରେ ସମର୍ପଣ କରି ଭକ୍ତି ନମ୍ରଭାବରେ ନମସ୍କାର କରୁଥିଲା । ବୃଦ୍ଧ ସାମନ୍ତ ବାଳିକାର ବିବାହଯୋଗ୍ୟ ବୟସ ଦେଖି ଦିନେ ଦିନେ ନାନା କଥା ପ୍ରସଙ୍ଗରେ ତାକୁ ପଚାରନ୍ତି, "ହଇ ଲୋ ମା, ତୁ ତ କାହିଁକି ଅଜି-ଯାଏ ବାହା ହେଉ ନାହୁଁ, କାହା ସଙ୍ଗରେ ବାହା ହେବାକୁ ତୋ ମନ ମୋତେ କହ, ମୁଁ ତୋ ବାପାଙ୍କୁ କହି ତା ସଙ୍ଗେ ତୋତେ ବାହା କରାଇ ଦେଇଯିବି ।" ଏହା ଶୁଣି ବାଳିକା ଲଜ୍ଜାବନତମୁଖରେ ଚାଲିଯାଏ । ଏହିପରି ସାମନ୍ତ ଥରକୁ ଥର ତାକୁ କୌତୁକରେ ପଚାରୁଥାନ୍ତି । ପ୍ରତିଦିନ କନ୍ୟା ସାମନ୍ତଙ୍କ ସଙ୍ଗେ ତାହାର କଥାବାର୍ତ୍ତା ପ୍ରସଙ୍ଗ ନିଜ ମାଙ୍କ ଆଗରେ କହୁଥାଏ । ଦିନେ ତାହାର ବୁଦ୍ଧିମତୀ ଜନନୀ ତାକୁ କହିଲେ, "ଯେବେ ସାମନ୍ତ ପୁଣି ତୋତେ ଏପରି ପ୍ରଶ୍ନ କରନ୍ତି, ତେବେ ତୁ କହିବୁ, 'ତୁମେ ମୋର ବର ହୁଅ' ।" ଦୈବଗତ୍ୟା ପରଦିନ ପୁଷ୍ପୋପହାର ଦେଇ ପ୍ରଣାମ କଲା ପରେ ସାମନ୍ତ ତାକୁ ପୁଣି ସେହିପରି ଭାବରେ ପ୍ରଶ୍ନକଲେ । "ହଇ ଲୋ ମା, କିଏ ତୋ ବର ହେବ କହିଲୁ ?" ଏହା ଶୁଣି କନ୍ୟା ଜନନୀଙ୍କ ଶିକ୍ଷା ଅନୁସାରେ ହଠାତ୍ କହିପକାଇଲା, 'ତୁମେ ମୋ ବର' ହୁଅ । ଏହା ଶୁଣି ସାମନ୍ତ ପୁଣି ପରିହାସରେ କହିଲେ, "ହଁ, ଅଚ୍ଛା ଯେବେ ଏହି ଗିନିରେ ଗିନିଏ ମୋହର ମୋତେ ଦେବୁ, ତେବେ ମୁଁ ତୋତେ ବାହା ହେବି ।" କନ୍ୟା ଏହି ପ୍ରସଙ୍ଗଟି ମାଆଙ୍କ ପାଖରେ ଅବିକଳ ବର୍ଣ୍ଣନ କରିବାରୁ ମା ଅତି ଆନନ୍ଦିତ ହୋଇ ପରଦିନ ସ୍ୱାମୀଙ୍କ ଅନୁମତିରେ ସେ ବଡ଼ ଗିନିଟି ମୋହରପୂର୍ଣ୍ଣ କରି ତାହା ଉପରେ ଫୁଲ ତୁଳସୀ ଦେଇ କନ୍ୟା ହସ୍ତରେ ସାମନ୍ତଙ୍କ ପାଖକୁ ପଠାଇ ଦେଲେ । କନ୍ୟା ବହୁକଷ୍ଟରେ ସେହି ଗିନିଟି ଟେକି ନେଇ ସାମନ୍ତଙ୍କ ଚରଣତଳେ ଯେତେବେଳେ ଥୋଇ ଦେଲା, ସେତେବେଳେ ସାମନ୍ତେ ଅବାକ୍ । ସେ କୌତୁକରେ ଏପରି କହିଥିଲେ । ବୃଦ୍ଧ ବୟସରେ ସଂସାର ତ୍ୟାଗ

କରି ସେ ତୀର୍ଥାଟନରେ ବାହାରିଅଛନ୍ତି, ବର୍ତ୍ତମାନ ଏ ଘଟନା ଦେଖି ହଠାତ୍ ବିସ୍ମିତ ହୋଇଗଲେ । କନ୍ୟାର ପିତା ଓ ଆତ୍ମୀୟମାନେ ପ୍ରତିଶ୍ରୁତି ରକ୍ଷାକରିବାକୁ ଦୃଢ଼ ଅନୁରୋଧ କରିବାରୁ ସେ ଅଗତ୍ୟା ସେହି ବୃଦ୍ଧ ବୟସରେ କନ୍ୟାର ପାଣି-ଗ୍ରହଣ କଲେ । ଏହି ସମ୍ବାଦ ଶୁଣି ରଥଙ୍କ ପ୍ରଥମ ସ୍ତ୍ରୀଙ୍କ ପୁତ୍ରଦ୍ୱୟ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ନୀଚ ଜାତୀୟ ବ୍ରାହ୍ମଣକନ୍ୟାର ପାଣିଗ୍ରହଣ କରିଥିବା ଯୋଗୁଁ ପିତାଙ୍କ ଶବଦଶାରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିବାକୁ କୁଣ୍ଠିତ ହୋଇ ନ ଥିଲେ । ତାଙ୍କ ସ୍ତ୍ରୀ ଯେତେବେଳେ ଛଅ ମାସ ଗର୍ଭବତୀ, ସେତେବେଳେ ବୃଦ୍ଧ କାଳକବଳରେ ପତିତ ହେଲେ । ଏହି ଗର୍ଭରୁ ଯେଉଁ ପୁତ୍ର ଜନ୍ମଗ୍ରହଣ କଲେ, ସେ 'ମଣିପୁର ରଥ' ବଂଶର ଆଦିପୁରୁଷ କୁଳମଣି ରଥ ନାମରେ ପରିଚିତ । କୁଳମଣି ରଥେ ଓ ତାଙ୍କ ପରବର୍ତ୍ତୀ ବଂଶଧରମାନେ ମଣିପୁର ଶାସନରେ ରାଜଦତ୍ତ ପ୍ରଚୁର ଦାନ ଭୋଗ କରି ପରମ ସୁଖରେ କାଳ ହରଣ କରୁଥିଲେ । ବହୁ ଦିନ ପରେ ଏହି ଦାନସମ୍ପତ୍ତି କ୍ରମେ କ୍ଷୟ ହୋଇଯିବାରୁ ସେହି ବଂଶୀୟମାନେ ମଣିପୁର ତ୍ୟାଗ କରି ଗଞ୍ଜାମ ଜିଲ୍ଲାର ଗଡ଼ଜାତମାନଙ୍କରେ ବ୍ରାହ୍ମଣକର୍ମାନୁଷ୍ଠାନ-ଦ୍ୱାରା ଜୀବିକା ନିର୍ବାହ କରିବାରେ ଲାଗିଲେ । କବିସୂର୍ଯ୍ୟଙ୍କ ପିତା ଜଗନ୍ନାଥରଥେ ଏହି ଭାବରେ ବଡ଼ଖେମଣ୍ଡି ଗଡ଼ରେ ଅବସ୍ଥାନ କରୁଥିଲେ । ସେ ନାନାଶାସ୍ତ୍ର ନିପୁଣ, ସଂସ୍କୃତବିଦ୍ୟାପାରଦର୍ଶୀ, ନିଷ୍ଠାପର ବ୍ରାହ୍ମଣପଣ୍ଡିତ ରୂପେ ବଡ଼ଖେମଣ୍ଡି ରାଜସଭାରେ ଅତ୍ୟନ୍ତ ଖ୍ୟାତି ଲାଭ କରିଥିଲେ । 'ସଚ୍ଚିଦାନନ୍ଦଚମ୍ପୂ' ଓ 'ରାମ-ଚମ୍ପୂ' ନାମକ ଦୁଇ ଖଣ୍ଡ ଗଦ୍ୟ ପଦ୍ୟାତ୍ମକ କାବ୍ୟ ରଚନା କରି ତତ୍କାଳୀନ ରାଜାଙ୍କୁ ଉତ୍ସର୍ଗ କରିବାରୁ ରାଜା ତାଙ୍କ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କୁ 'କବିରାଜ ବ୍ରହ୍ମା' ଉପାଧି ସହ ତଦୀୟ ସଭାପଣ୍ଡିତରୂପେ ସେ ସ୍ଥାନରେ ନିଯୁକ୍ତ କରି ଚଳନୋପଯୋଗୀ ବୃତ୍ତି ବିଧାନ କରିଦେଲେ ଏବଂ ଗଡ଼ରେ ପ୍ରାଚୀନ ପ୍ରଣାଳୀରେ ଗୋଟିଏ ଚତୁଷ୍ପାଠୀ ପ୍ରତିଷ୍ଠିତ କରି ପଣ୍ଡିତଙ୍କୁ ତାହାର ଅଧ୍ୟାପନାର ଭାର ଦେଲେ । ସେତେବେଳେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଅଠଗଡ଼ରେ 'ତ୍ରିପୁରାରି ଓଝା' ନାମରେ ଜଣେକ ବ୍ରାହ୍ମଣ ସ୍ୱୀୟ ଅସାଧାରଣ ଶାସ୍ତ୍ରଜ୍ଞାନ ଓ ପାଣ୍ଡିତ୍ୟ ପାଇଁ ପ୍ରତିଷ୍ଠା ଲାଭ କରିଥିଲେ । ଓଝାଏ ସ୍ୱଗୃହରେ ଗୋଟିଏ ଦୁର୍ଗାମୂର୍ତ୍ତି ପ୍ରତିଷ୍ଠିତ କରି ତନ୍ତ୍ରମତରେ ତାଙ୍କର ଉପାସନା କରିବାଦ୍ୱାରା 'ସିଦ୍ଧତାନ୍ତ୍ରିକ' ବୋଲି ତତ୍କାଳୀନ ସମାଜରେ ପରିଚିତ ହୋଇଥିଲେ । ତାଙ୍କର ତାନ୍ତ୍ରିକତା ତାଙ୍କ ପ୍ରତି ସମସାମୟିକ ସମାଜର ବିପୁଳ ଆକର୍ଷଣ କରିଥିଲା; ତେଣୁ ସେ କାହାକୁ କୌଣସି ପ୍ରକାର ଅନୁରୋଧ କଲେ, ସେ ତାହା ସହଜରେ ଉପେକ୍ଷା କରି ପାରୁ ନ ଥିଲେ । ତାଙ୍କର ଗୋଟିଏ ରୂପବତୀ କନ୍ୟା ଥିଲା, ମାତ୍ର ସେ ଜାତୀୟତାରେ କିଞ୍ଚିତ୍ ନୀଚ ଥିବାରୁ କୁଳୀନ ବଂଶରେ କନ୍ୟାଦାନ କରିବାର ବାସନାକୁ ଅନେକ ଦିନଯାଏ ଚରିତାର୍ଥ କରି ପାରି ନ ଥିଲେ । ଏକଦା ସେ ବଡ଼ଖେମଣ୍ଡିନିବାସୀ ଉତ୍କଳ

ରଥଙ୍କ ପିତା ଶ୍ରୀନିବାସ ରଥଙ୍କ ନିକଟରେ ତାଙ୍କ ପୁତ୍ରଙ୍କ ସଙ୍ଗେ ସ୍ୱୀୟ କନ୍ୟାର ବିବାହ ପ୍ରସଙ୍ଗ ଉତ୍ଥାପନ କରିବାରୁ ରଥେ ଅଗତ୍ୟା ତହିଁରେ ସମ୍ମତ ହେଲେ । ଏହିପରି ଉତ୍କଳ ରଥେ ଜିପୁରର ଓ ତାଙ୍କ କନ୍ୟାର ପାଣିଗ୍ରହଣ କରିଥିଲେ ବୋଲି ଅଠଗଡ଼ର କେତେକ ବୃଦ୍ଧଲୋକ ପ୍ରକାଶ କରନ୍ତି ।

ଏହି ନବଦମ୍ପତି ବଡ଼ଖେମଣ୍ଡି ରାଜାଙ୍କ ଅନୁଗ୍ରହ ଲଭିକରି ସେଠାରେ ପରମ ସୁଖରେ ବାସ କଲେ ଏବଂ ଅଳ୍ପକାଳ ମଧ୍ୟରେ 'ସୁଲକ୍ଷଣା' ନାମ୍ନୀ କନ୍ୟାର ଓ 'ହରିହର' ନାମକ ପୁତ୍ରର ପିତା ମାତା ହୋଇଥିଲେ । ସେମାନେ ଯଥାକାଳରେ କନ୍ୟା ଓ ପୁତ୍ରଙ୍କର ବିବାହୋତ୍ସବ ସମାପନ କରି ଭାବୀ ବଂଶଧର ଦର୍ଶନାକାଙ୍କ୍ଷୀ ହୋଇ ଅବସ୍ଥାନ କରୁଥାନ୍ତି, ମାତ୍ର ବିଧାତାର ଦାରୁଣ ବିଧାନରେ କନ୍ୟାଟି ଅଳ୍ପକାଳ ପରେ ବିଧବା ହେଲା ଓ ପୁତ୍ର ହରିହରଙ୍କ ସ୍ତ୍ରୀ ତାଙ୍କର ଅଷ୍ଟାଦଶ ବର୍ଷ ବୟଃକ୍ରମବେଳେ କାଳକବଳିତ ହେଲେ । ଏଥିରେ ଦମ୍ପତି ଘୋର ଦୁଃଖରେ ଅଭିଭୂତ ହୋଇପଡ଼ିଲେ ଏବଂ କିଛିଦିନ ପରେ ଶୋକାବେଗ କମିଯିବାରୁ ପୁତ୍ରଙ୍କୁ ପୁନର୍ବାର ବିବାହିତ କରିବାକୁ ଚେଷ୍ଟା କଲେ, ମାତ୍ର ପ୍ରଥମ ସ୍ତ୍ରୀର ବିୟୋଗ ପରେ ହରିହର ସଂସାର ପ୍ରତି ଏକାନ୍ତ ଉଦାସୀନ ହୋଇ ପଡ଼ିଥିଲେ, ତେଣୁ ସେ ପୁନର୍ବାର ବିବାହ କରିବାକୁ ସର୍ବଥା ଅନିଚ୍ଛୁକ ହେଲେ । କନ୍ୟା ବିଧବା ଓ ପୁତ୍ର ମୃତଦାର—ଏପରି ଅବସ୍ଥାରେ ରଥେ ଭାବୀ ବଂଶଧର-କାମନାରେ ଏକାନ୍ତ ଅଧୀର ହୋଇ ସ୍ୱୀୟ ଇଷ୍ଟଦେବତାଙ୍କୁ ବିକଳ କଣ୍ଠରେ ଡାକିଲେ । କିଛି ଦିନ ପରେ ତାଙ୍କର ଅଭିଳାଷ ପୂର୍ଣ୍ଣ ହେଲା । ୧୭୮୯ ଖ୍ରୀଷ୍ଟାବ୍ଦରେ ( ମାଘ ମାସ ଶ୍ରୀପଞ୍ଚମୀ ଦିନ ) ବୃଦ୍ଧ ବୟସରେ ତାଙ୍କର ଅଜି ଗୋଟିଏ ପୁତ୍ର ଜାତ ହେଲା । ପୁତ୍ରଟିର ମୁଖାବଲୋକନ କରି ପିତା ମାତା ଆନନ୍ଦିତ ହୋଇ ସ୍ୱୀୟ ଆରାଧ୍ୟ ଇଷ୍ଟଦେବତାଙ୍କ ନାମାନୁସାରେ ତାଙ୍କୁ 'ବଳଦେବ' ନାମରେ ଅଭିହିତ କଲେ ।

---

# ଦ୍ୱିତୀୟ ପରିଚ୍ଛେଦ

## ବାଲ୍ୟଶିକ୍ଷା

ବର୍ତ୍ତମାନ ସମୟରେ ଯେପରି ଅନ୍ଧ୍ରମାନେ ଗଞ୍ଜାମ ଜିଲ୍ଲାରେ ତୈଲଙ୍ଗୀୟ ଭାଷା ପ୍ରଚଳନର ଚେଷ୍ଟା କରୁଅଛନ୍ତି, ସେତେବେଳେ ବୋଧ ହୁଏ ସେପରି କରୁ ନ ଥିଲେ । ଚିକାକୋଲ ବିଭାଗ ଛଡ଼ା ସମଗ୍ର ଗଞ୍ଜାମ ଜିଲ୍ଲା ଓଡ଼ିଆ ରାଜାମାନଙ୍କ ରାଜ୍ୟରୂପେ ପରିଗଣିତ । ସପ୍ତଦଶ ଶତାବ୍ଦୀର ଶେଷ ପାଦରୁ ଊନବିଂଶ ଶତାବ୍ଦୀର

ଦ୍ୱିତୀୟ ପାଦ ମଧ୍ୟରେ ଏହି ଗଞ୍ଜାମ ଜିଲ୍ଲାର ରାଜାମାନେ ଓଡ଼ିଆ ଭାଷାର ପୁଷ୍ଟି ଓ ପ୍ରଚାର ସମ୍ବନ୍ଧରେ ଯେପରି ଚେଷ୍ଟା କରିଅଛନ୍ତି, ତାହା ଓଡ଼ିଆ ଭାଷାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ ହୋଇ ରହିବା ଉଚିତ । ପ୍ରସିଦ୍ଧ ଭଞ୍ଜକବି ୧୬୭୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରି ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ତାଙ୍କର ଗ୍ରନ୍ଥାବଳୀ ରଚନା କରିଥିଲେ । କଟକ, ପୁରୀ ପ୍ରଭୃତି ଅଞ୍ଚଳରେ ଭଞ୍ଜୀୟ କବିତାର ଯେପରି ପ୍ରଚାର ଓ ଆଦର ଗଞ୍ଜାମ ଜିଲ୍ଲାରେ ତଦପେକ୍ଷା ସେସବୁର ଆଦର ଖୁବ୍ ବେଶି । ସେ ଜିଲ୍ଲାରେ ଗ୍ରାମେ ଗ୍ରାମେ ଘରେ ଘରେ ଅଦ୍ୟାପି ଲୋକେ ଭଞ୍ଜୀୟ କବିତାରସ ଆସ୍ୱାଦନ କରି ମୁଗ୍ଧ ହେଉଅଛନ୍ତି । ବୈଦେହୀଶବିଳାସର ପ୍ରସିଦ୍ଧ ଟୀକାକାର ଲୋକନାଥ ଦାସ ଚିକିଟି ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ସେଦିନ ଖଲ୍ଲିକୋଟର ଗୋଟିଏ ପଲ୍ଲୀଗ୍ରାମରେ ଜଣେ ଲେଖକ ବ୍ରାହ୍ମଣ ଆମ୍ଭମାନଙ୍କୁ ବୈଦେହୀଶବିଳାସର ଖଣ୍ଡିଏ ତାଳପତ୍ର ପୋଥି ଦେଖାଇଲେ । ସେଥିରେ ସେ କେବଳ ଲେଖନସାହାଯ୍ୟରେ ସମଗ୍ର ବୈଦେହୀଶବିଳାସ ମଧ୍ୟରେ ବର୍ଣ୍ଣିତ ହୋଇ-ଥିବା ଶତ ଶତ ପ୍ରସିଦ୍ଧ ଘଟନାକୁ ବର୍ଣ୍ଣିତ କବିତା ସଙ୍ଗେ ସଙ୍ଗେ ମନୋହର-ଭାବରେ ଚିତ୍ରିତ କରିଅଛନ୍ତି । ସମୁଦ୍ରମନ୍ଥନ, ସୀତାଙ୍କ ଜନ୍ମ, ସୀତାଙ୍କ ବିବାହ, ରାମରାବଣଯୁଦ୍ଧ ପ୍ରଭୃତିର ବିଚିତ୍ର ଚିତ୍ରାବଳୀ ତାଙ୍କର ସ୍ୱତଃସମ୍ଭୂତ କଳାବିଦ୍ୟାର ତଥା ଭଞ୍ଜୀୟ କବିତା ପ୍ରତି ଅସାଧାରଣ ଅନୁରାଗର ଜ୍ୱଳନ୍ତ ନିଦର୍ଶନ । ଚିତ୍ର ପ୍ରଦର୍ଶନ ସଙ୍ଗେ ସଙ୍ଗେ ସେ ବର୍ଣ୍ଣିତ ବିଷୟକୁ ଯେଉଁ ସୁକଣ୍ଠରେ ଗାନ କଲେ; ତାହା ଆମ୍ଭମାନଙ୍କ ସ୍ମୃତିକୋଷର ଗୋଟିଏ ଅମୂଲ୍ୟ ସମ୍ପଦ । ବ୍ରାହ୍ମଣ ପ୍ରକାଶ କଲେ ଯେ, ତାଳପତ୍ର ପୋଥିରେ ଏହିପରି ସଚିତ୍ର ବୈଦେହୀଶବିଳାସ ଲେଖିବା ତାଙ୍କର ଅନ୍ୟତର ବ୍ୟବସାୟ । ଏହିପରି ଅନେକଗୁଡ଼ିଏ ପୋଥି ସେ ଲେଖି ଗଞ୍ଜାମର ରାଜା ଓ ବଡ଼ଲୋକମାନଙ୍କ ଦ୍ୱାରା ଉତ୍ସାହିତ ହେଉଅଛନ୍ତି । ଏଥିରୁ ଜଣା ଯାଉଅଛି ଯେ, ସେ ଅଞ୍ଚଳର ଲୋକମାନେ ଓଡ଼ିଆ ଭାଷାର ପୁଷ୍ଟି ଓ ପ୍ରଚାର ନିମନ୍ତେ ଚିରକାଳ ଯତ୍ନପର । ଯେତେବେଳେ ବଳଦେବ ଜନ୍ମଗ୍ରହଣ କରିଥିଲେ, ସେତେବେଳେ ଗଞ୍ଜାମରେ ଭଞ୍ଜୀୟ କବିତାର ସମାଦର ଅତ୍ୟଧିକ ଥିଲା । ବ୍ରାହ୍ମଣମାନେ ସଂସ୍କୃତରେ କାବ୍ୟକବିତାଦି ଲେଖୁଥିଲେହେଁ ଭଞ୍ଜୀୟ କବିତାରେ ଲୁବ୍ଧହୃଦୟ ହୋଇ ତାହା ମଧ୍ୟ ଯତ୍ନସହକାରେ ପାଠ କରୁଥିଲେ । ତେଣୁ ବୃଦ୍ଧ ଲ ରଥେ ବଳଦେବଙ୍କୁ ଯତ୍ନସହକାରେ ଓଡ଼ିଆ ଭାଷା ଶିକ୍ଷାଦେବାକୁ ଲାଗିଲେ ଏବଂ ଅବସର କ୍ରମେ କୌଳିକବିଦ୍ୟା ସଂସ୍କୃତ ବ୍ୟାକରଣ ଓ ଅମରକୋଷ ପଢ଼ାଉଥିଲେ । ବାଲ୍ୟଶିକ୍ଷାରେ ବଳଦେବ ଅସାଧାରଣତ୍ୱ ପ୍ରଦର୍ଶନ କରିଥିଲେ—ଏହାର କୌଣସି ପ୍ରମାଣ ନାହିଁ । ଦଶମ ବର୍ଷ ବୟସରେ ତାଙ୍କର ଉପନୟନ ହେଲା ଏବଂ ତାହାର ଚାରିମାସ ପରେ ତାଙ୍କ ଜନକ ଇହଧାମ ତ୍ୟାଗ କଲେ ।

ମାତୃବିୟୋଗ ପରେ ବାଳକ ବଳଦେବଙ୍କ ନିରାଶ୍ରୟ ଅବସ୍ଥା ଦେଖି ତାଙ୍କ ଅଜା ଅଠଗଡ଼ନିବାସୀ ବିପ୍ରବର ଓଝା ତାଙ୍କୁ ସ୍ୱଗୃହକୁ ନେଇଗଲେ ଏବଂ ସ୍ୱୟଂ ତାଙ୍କର ସଂସ୍କୃତଶିକ୍ଷାର ଭାର ଗ୍ରହଣ କଲେ । ତତ୍କାଳୀନ ସମାଜରେ ଓଝାଏ ଜଣେ ବରିଷ୍ଠ ପଣ୍ଡିତ ବୋଲି ପରିଚିତ ଥିଲେ; ତେଣୁ ନାତିଙ୍କୁ ଯଥାସମୟରେ ସଂସ୍କୃତ କାବ୍ୟ, ଅଳଙ୍କାର, ଦର୍ଶନ ଓ ସ୍ମୃତି ପ୍ରଭୃତି ପଢ଼ାଇବାକୁ ଆରମ୍ଭ କଲେ । ଏହିଠାରେ ତାଙ୍କର ପ୍ରତିଭା ବିକାଶୋନ୍ମୁଖ ହୋଇ ଉଠିଲା । ଏକେ ବଳଦେବ ତାଙ୍କ ପରଲୋକବାସିନୀ ପ୍ରାଣପ୍ରିୟା କନ୍ୟାର କନିଷ୍ଠ ସନ୍ତାନ, ଦ୍ୱିତୀୟରେ ସେ କୁଳୀନ ବ୍ରାହ୍ମଣବଂଶରେ ଜାତ; ଏପରି ଅବସ୍ଥାରେ ବୃଦ୍ଧ ଓଝାଏ ତାଙ୍କର ତୀକ୍ଷ୍ଣ ମେଧାର ପରିଚୟ ପାଇ ତାଙ୍କ ପ୍ରତି ଏକାନ୍ତ ଅନୁରକ୍ତ ହୋଇ ପଡ଼ିଲେ ଓ ଅସାଧାରଣ ଅଧ୍ୟବସାୟସହକାରେ ତାଙ୍କୁ ସଂସ୍କୃତ ବିଦ୍ୟା ଶିକ୍ଷା ଦେବାରେ ଲାଗିଲେ । ସେ ପରମ ତାନ୍ତ୍ରିକ ଥିଲେ । ତାଙ୍କ ମନରେ ବୋଧ ହୁଏ ଏହି ଧାରଣା ହୋଇଥିଲା ଯେ, ତାଙ୍କର ଜ୍ଞାନ ଓ ଶକ୍ତିକୁ ସେ ତାଙ୍କର ପ୍ରାଣପ୍ରିୟ ବଂଶଧର ଏହି ବଳଦେବଙ୍କ ସାହାଯ୍ୟରେ ଜଗତରେ ପ୍ରଚାର କରିଯିବେ ।

ବର୍ତ୍ତମାନ ସମୟରେ ଯେ କେବଳ ସାହିତ୍ୟିକମଣ୍ଡଳୀରେ ବଳଦେବ ଜଣେ ଅସାଧାରଣ ଶକ୍ତିସମ୍ପନ୍ନ କବି ବୋଲି ପରିଚିତ ତାହା ନୁହେ, ସାଧାରଣ ଲୋକ-ସମାଜ ତାଙ୍କୁ ଅଲୌକିକ ଶକ୍ତିସମନ୍ୱିତ ଜଣେ ପ୍ରତିଭାଶାଳୀ ମହାପୁରୁଷ ବୋଲି ମନେ କରନ୍ତି । ଅମ୍ଭମାନଙ୍କ ଅଞ୍ଚଳ ଅପେକ୍ଷା ଗଞ୍ଜାମ ଅଞ୍ଚଳରେ ତାଙ୍କର ଖ୍ୟାତି ଓ ପ୍ରତିପତ୍ତି ବେଶି, କାରଣ ସେ ଅଳ୍ପଦିନ ପୂର୍ବେ ଗଞ୍ଜାମକୁ ତାଙ୍କର ପ୍ରତିଭା-ପ୍ରଦର୍ଶନର ଲୀଳାକ୍ଷେତ୍ର କରିଯାଇଅଛନ୍ତି । ସାଧାରଣତଃ ମହାପୁରୁଷମାନଙ୍କ ପ୍ରତିଭା ବିକାଶ ବିଷୟରେ ଯେପରି ଦୈବୀ ଘଟଣାମାନ ଶୁଣାଯାଏ, ତାଙ୍କ ସମ୍ବନ୍ଧରେ ମଧ୍ୟ ପରମ୍ପରାକ୍ରମେ ନାନା ପ୍ରବାଦ ଓ ଜନଶ୍ରୁତି ଆବାଳବୃଦ୍ଧବନିତା ନାନା ଲୋକଙ୍କଠାରୁ ଶୁଣାଯାଏ । ନିମ୍ନରେ ଯେଉଁ ଘଟନାଟି ବିବୃତ କରାଯାଉଅଛି, ହିନ୍ଦୁଦୃଷ୍ଟିରେ ତାକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ଟଙ୍କିକୋଠ-ବାସୀ ଜଣେ ନିଷ୍ଠାପର ବର୍ଷୀୟାନ୍ ବ୍ରାହ୍ମଣ ପଣ୍ଡିତ ଘଟନାଟି ଯେପରି ଭାବରେ ବର୍ଣ୍ଣନା କଲେ, ଅମ୍ଭେମାନେ ତାହା ଏଠାରେ ଅବିକଳ ଲେଖୁଅଛୁଁ । ବଳଦେବ ଅଜାଙ୍କର ଅତ୍ୟନ୍ତ ପ୍ରୀତିପାତ୍ର ହୋଇ ଅଠଗଡ଼ରେ ଅଧ୍ୟୟନ କରୁଥାନ୍ତି । ସେତେବେଳେ ତାଙ୍କର ବୟସ ୧୧।୧୨ ହେବ । ଦିନେ ସେ ଓ ତାହାଙ୍କ ସମବୟସ୍କ କେତେକ ପିଲା ମଶା ଅଗ୍ନି କ୍ରୀଡ଼ା କରିବା ଉଦ୍ଦେଶ୍ୟରେ କେତେଗୁଡ଼ିଏ ବାଉଁଶ ଚେଙ୍ଗା ( ଏକ ପ୍ରକାର କ୍ଷୁଦ୍ରବାଣ ବା ଆତସବାଜି) ତିଆରି କରିଥିଲେ । ସନ୍ଧ୍ୟା ବେଳେ ଉତ୍ସବ କରିବା ପାଇଁ ପିଲାମାନେ ସମସ୍ତେ ଆନନ୍ଦିତ । ସେଥିପାଇଁ ଦିନସାରା ସେମାନଙ୍କୁ ଭୋକ ଶୋଷ ନାହିଁ । ଦୈବଗତ୍ୟା ସେଦିନ ଅପରାହ୍ଣ

ଉତ୍କଣ୍ଠା ତେଣୁ ଉଭୟଙ୍କର ବେଗରେ ପବନ ବହୁଥିଲା । ପବନ ହେଲେ ବିଶେଷତଃ ଗୁଳିଘର ନିକଟରେ ବାଣ ଲଗାଇବା ସର୍ବଦା ନିଷିଦ୍ଧ । କ୍ରମେ କ୍ରମେ ପବନର ବେଗ ବୃଦ୍ଧି ଦେଖି ସେଦିନ ଆଉ ବାଣ ଲଗି ପାରିବ ନାହିଁ ବୋଲି ପିଲାମାନେ ସମସ୍ତେ ଏକାନ୍ତ ଦୁଃଖରେ ନିରାଶ ହୋଇଗଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ସରଳପ୍ରାଣ କୋମଳହୃଦୟ ଶିଶୁ କାନ୍ଦିବାରେ ଲାଗିଲେ । ଆମ୍ଭମାନଙ୍କ ବଳଦେବ କାନ୍ଦି କାନ୍ଦି ମ୍ଳାନ ମୁଖରେ ଘରକୁ ଆସିଲେ । ପ୍ରାଣପ୍ରିୟ ସ୍ନେହର ପିତୁଳାକୁ ସାଶ୍ରୁମୁଖ ଦେଖି ଅଜାଙ୍କର ସ୍ନେହପ୍ରବଣ ପ୍ରାଣରେ ଆଘାତ ଲାଗିଲା । ସେ ନାତିକୁ କୋଳରେ ବସାଇ ରୋଦନର କାରଣ ପଚାରନ୍ତେ ବଳଦେବ ସମସ୍ତ କଥା ଅଜାଙ୍କୁ କହିଲେ । ଅବାଧ୍ୟ ବାୟୁ ଶିଶୁମାନଙ୍କ କ୍ରୀଡ଼ାରେ ଏପରି ପ୍ରତିକୂଳାଚରଣ କରୁଅଛି ଦେଖି ଋଷିପ୍ରକୃତିକ ସ୍ୱଧର୍ମନିଷ୍ଠ ଓଝାଙ୍କ ପ୍ରାଣ ମଧ୍ୟ ଚଞ୍ଚଳ ହୋଇ ଉଠିଲା । ସେ ପ୍ରତୀକାରର ଅନ୍ୟ ଉପାୟ ନ ଦେଖି ମନେ ମନେ କଅଣ ଚିନ୍ତା କଲେ । ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ, ନିପୁଣ ଓଝା ତତ୍କାଳୀନ ସମାଜରେ ଜଣେ ପ୍ରଧାନ ସିଦ୍ଧତାନ୍ତ୍ରିକ ଥିଲେ । ଘରେ ଦୁର୍ଗାମୂର୍ତ୍ତି ରଖି ତନ୍ତ୍ରଶାସ୍ତ୍ରୋକ୍ତ ବିଧାନରେ ପଞ୍ଚମକାରଦ୍ୱାରା ପୂଜା କରି ସେ ବହୁ ଅସାଧ୍ୟ ସାଧନ କରି ପାରୁଥିଲେ । କ୍ଷଣକାଳ ଚିନ୍ତା କରିବା ପରେ ମୃତ ମନୁଷ୍ୟର ଦନ୍ତରେ ପ୍ରସ୍ତୁତ ତାଙ୍କ ଜପମାଳାଟି ଆଣି ଦେବାପାଇଁ ସେ ବଳଦେବଙ୍କୁ ଆଦେଶ ଦେଲେ ଏବଂ ଇତ୍ୟବସରରେ ବୃଦ୍ଧ ଶୁଦ୍ଧପୂତ ହୋଇ ଜପମାଳାଟି ନେଇ ଦେବୀଙ୍କ ମନ୍ଦିର ମଧ୍ୟରେ ପ୍ରବେଶ କଲେ । ସେତେବେଳକୁ ସୂର୍ଯ୍ୟ ପ୍ରାୟ ଅସ୍ତୋନ୍ମୁଖ । ଅର୍ଦ୍ଧ ମୁହୂର୍ତ୍ତ ପରେ ବଳଦେବ ଦେଖିଲେ ଯେ, ପବନର ଗତି କ୍ରମେ ମନ୍ଦୀଭୂତ ହୋଇ ଆସିଲା ଓ କ୍ରମେ ଗ୍ରାମ ମଧ୍ୟରେ ପବନର ସଞ୍ଚାର ମୋଟେ ଅନୁଭୂତ ହେଲା ନାହିଁ । ଅଧିକ ବିସ୍ମୟର ବିଷୟ ଯେ, ଯେତେବେଳେ ଗ୍ରାମ ମଧ୍ୟରେ ବାୟୁ ଅଚଞ୍ଚଳ ଓ ସ୍ଥିର, ସେତେବେଳେ ଗ୍ରାମର ଚତୁର୍ଦ୍ଦିଗସ୍ଥ ବୃକ୍ଷାବଳୀ ପୂର୍ବବତ୍ ପ୍ରବଳ ବାୟୁବେଗରେ ପ୍ରକମ୍ପିତ ହେଉଥିଲା । ଓଝାଏ ଧ୍ୟାନଭଙ୍ଗ ପରେ ନାତିକୁ କ୍ରୀଡ଼ାରେ ଯୋଗଦେବାକୁ ଅନୁମତି ଦେଲେ । ବଳଦେବ ଆନନ୍ଦରେ ବୟସ୍ୟମାନଙ୍କ ସଙ୍ଗେ ମିଳିତ ହୋଇ ପ୍ରସ୍ତାବିତ ଆଗ୍ନେୟ କ୍ରୀଡ଼ା କରି ପରମ ତୃପ୍ତିଲାଭ କଲେ । ଏହି ଘଟନାଟି ଯେ କେବଳ ଗ୍ରାମବାସୀମାନଙ୍କୁ ବିସ୍ମିତ କରିଥିଲା ତାହା ନୁହେ, ବାଳକ ବଳଦେବଙ୍କ ମନ ମଧ୍ୟ ଏଥିରେ ଘୋର ବିସ୍ମୟାଭିଭୂତ ହୋଇଗଲା ଏବଂ ଅଜାଙ୍କର ଅସାଧାରଣ କ୍ଷମତାରେ ତାଙ୍କର ଚିତ୍ତ ଆନ୍ଦୋଳିତ ହେଲା । ସେ କ୍ରୀଡ଼ା ଶେଷରେ ଗୃହକୁ ଫେରି ଆସି ଅଜାଙ୍କୁ କହିଲେ, "ଅଜା, ତୁମେ ଯେଉଁ ମନ୍ତ୍ର ଜପି ଗ୍ରାମ ମଧ୍ୟରେ ପବନର ବେଗକୁ କମାଇ ଦେଲ, ମୋତେ ସେ ମନ୍ତ୍ରଟି କହିଦିଅ ।" ପ୍ରଥମେ ଓଝାଏ ବଳଦେବଙ୍କର ବାଳକତ୍ୱକୁ ଉପେକ୍ଷା କଲେ, ମାତ୍ର କ୍ରମେ ଯେତେବେଳେ ବଳଦେବ ଏକାନ୍ତ ନିର୍ବନ୍ଧ ସହକାରେ ନିଜର ଦୃଢ଼-

ଅଭିଳାଷ ପ୍ରକାଶକଲେ, ସେତେବେଳେ ସେ ଅନନ୍ୟୋପାୟ ହୋଇ ବଳଦେବଙ୍କୁ ଅନ୍ୟମନସ୍କ କରିବାପାଇଁ ନାନା ଉପାୟ ପ୍ରୟୋଗ କଲେ । ସେ ଇଚ୍ଛା କରିଥିଲେ, ଦେବୀଙ୍କ ମନ୍ତ୍ରଟି ବଳଦେବଙ୍କୁ କହିଦେଇ ପାରିଥାନ୍ତେ; ମାତ୍ର ତାଙ୍କର ଧାରଣା ଥିଲା, ଯେଉଁମାନେ ତନ୍ତ୍ର ଉପାସନା କରନ୍ତି, ସେମାନେ ପ୍ରାୟ ଅପୁତ୍ରକ ହୋଇ ନିର୍ବଂଶ ହୁଅନ୍ତି; ତେଣୁ ସେ ନିଜ ପ୍ରାଣପ୍ରିୟ ଦୌହିତ୍ରକୁ ସେ ମନ୍ତ୍ର କହିବାକୁ ଆଦୌ ଇଚ୍ଛା କଲେ ନାହିଁ । ଶରୀର ସୁସ୍ଥ ନ ଥିବାରୁ ସେଦିନ ରାତିରେ ଓଡାଏ କେବଳ ଦୁଗ୍ଧପାନଦ୍ୱାରା ରାତିଯାପନର ବ୍ୟବସ୍ଥା କରିଥିଲେ । ଏହି ସମୟରେ ଗୋଟିଏ ପାତ୍ରରେ ଦୁଗ୍ଧ ଆସି ଓଡାଙ୍କ ପାଖରେ ରଖାଗଲା । ବଳଦେବ ସେତେବେଳେ, "ଅଜା କହ, ଅଜା କହ, ନଇଲେ ମୁଁ ଅନ୍ନ ଖାଇବି ନାହିଁ" ଏହା କହି ଅଜାଙ୍କୁ ବଡ଼ ବ୍ୟସ୍ତ କରୁଥିଲେ । ଏକାନ୍ତ ଉତ୍ତ୍ୟକ୍ତ ହେବାରୁ ଓଡାଏ ତାଙ୍କୁ କହିଲେ, "ତୁ ଯା, ଠାକୁରାଣୀଙ୍କ ଘର କବାଟ ଖୋଲି ତାଙ୍କ ମୁହଁ ପାଖରେ ଏ ଦୁଧବେଲାକୁ ଧରି କହିବୁ, "ଅଜା କହିଲେ, ତୁ ଦୁଧ ପି ।" ବଳଦେବ ଶୁଦ୍ଧପୂତ ହୋଇ ସରଳବିଶ୍ୱାସରେ ସେହିପରି କଲେ । ବିସ୍ମୟର କଥା, ଚୁହୁଁ ଚୁହୁଁ ଦୁଗ୍ଧଯାକ ପାତ୍ରରୁ ଶେଷ ହୋଇଗଲା । ବଳଦେବ ଶୂନ୍ୟ ପାତ୍ର ଧରି ଅଜାଙ୍କ ନିକଟକୁ ଆସି କହିଲେ, "ଅଜା, ଠାକୁରାଣୀ ସବୁ ଦୁଧ ପିଇଦେଲେ ।" ଓଡାଏ ପୁନର୍ବାର ବଳଦେବଙ୍କୁ କହିଲେ, "ପୁଣି ତୁ ଯା; ଠାକୁରାଣୀଙ୍କୁ ପଚାରିବୁ, ତୁ ତ ସବୁଯାକ ଦୁଧ ପିଇଲୁ, ଅଜା ଆଜି ରାତିରେ କଅଣ ପିଇ ବଞ୍ଚିବ ? ଅଜାଙ୍କ ନିର୍ଦ୍ଦେଶରେ ବଳଦେବ ପାତ୍ରହସ୍ତରେ ପୁନର୍ବାର ଠାକୁରାଣୀଙ୍କ ଘରକୁ ଯାଇ ପଚାରିଲେ, "ତୁ ତ ସବୁ ଦୁଧ ପିଇଲୁ, ଅଜା ଆଜି ରାତିରେ କଅଣ ପିଇ ବଞ୍ଚିବ ?" ଦେବୀ ଭକ୍ତର ଅଧୀନ ହୋଇ ରହିଥିଲେ । ସେ ଭକ୍ତର ଅଭିଳାଷ ଅବଗତ ହୋଇ ହସ୍ତସଙ୍କେତଦ୍ୱାରା ବାଳକ ବଳଦେବଙ୍କୁ ନିଜର ସ୍ତନ ସମୀପରେ ପାତ୍ରଟି ଧରିବା ପାଇଁ ଇଙ୍ଗିତ କଲେ । ବଳଦେବ ତଦନୁରୂପ କରନ୍ତେ ତତ୍‌କ୍ଷଣାତ୍ ପାତ୍ରଟି ଦୁଗ୍ଧପୂର୍ଣ୍ଣ ହୋଇଗଲା । ସେ ଫେରି ଆସି ଅଜାଙ୍କୁ କହିଲେ, "ଅଜା, ଦେଖ ମାତ୍ର ଏ ଗାଈ ଦୁଧ ନୁହେଁ, ତା ନିଜ ଦୁଧ ।" ଓଡାଏ ଉଦ୍ଦେଶ୍ୟ ସିଦ୍ଧ ହେବାର ଦେଖି ଆନନ୍ଦିତ ହେଲେ ଓ ପ୍ରାଣପ୍ରିୟ ନାତିକୁ ସେହି ଅମୃତମୟ ଦୁଗ୍ଧତକ ପିଇଦେବାକୁ ଆଦେଶ କଲେ । କହିବା ବାହୁଲ୍ୟ ଯେ, ବଳଦେବ ସେହି ଦୁଗ୍ଧତକ ପାନ କରି ପରମ ତୃପ୍ତିଲାଭ କଲେ ଓ ଦେବୀଙ୍କୁ ଅଜାଙ୍କର ମାତୃସ୍ଥାନୀୟା ମନେକରି ତତ୍‌କୃତ ଅସାଧ ସାଧନର ହେତୁ ବୁଝି ପାରିଲେ ।

ଏହିପରି ଓଡାଙ୍କର ଅଦ୍ଭୁତ ତନ୍ତ୍ରସାଧନ ବିଷୟରେ ଅନେକ କିମ୍ବଦନ୍ତୀ ଅଦ୍ୟାବଧି ଖଲ୍ଲିକୋଟ ଅଠଗଡ଼ରେ ପ୍ରଚଳିତ ଅଛି । ତନ୍ତ୍ରସାଧନ ପ୍ରସଙ୍ଗରେ

ସିଦ୍ଧ ପୁରୁଷମାନେ ଯେ ଏହିପରି ଶତ ଶତ ଅସମ୍ଭବର ବ୍ୟାପାରମାନ ସମାଧାନ କରି ପାରୁଥିଲେ, ଏ ଦେଶରେ ଏହାର ଅଳ୍ପ ପ୍ରମାଣ ନାହିଁ । ବର୍ଣ୍ଣିତ ପ୍ରସଙ୍ଗର ଅଙ୍ଗୀଭୂତ ବୋଲି ଆମ୍ଭେମାନେ ଏହି ଗୋଟିକ ମାତ୍ର ଏଠାରେ ଉଲ୍ଲେଖ କଲୁ । ସେ ଯାହା ହେଉ, ସେହି ଦିନଠାରୁ ବଳଦେବଙ୍କର ମେଧାଶକ୍ତି କ୍ରମେ ପ୍ରଖର ହୋଇ ଉଠିଲା । ସେ ଥରେ ଯାହା ପଢୁଥିଲେ, ତାହା ତାଙ୍କ ସ୍ମୃତିପଟରେ ଲାଗି ରହୁଥିଲା । ଏହିପରି ନାନାଶାସ୍ତ୍ରରେ ସୁପଣ୍ଡିତ ହୋଇ ସେ କେତେକ ବର୍ଷ ପରେ ନିଜ ପିତ୍ରାଳୟ ବଡ଼ଖେମଣ୍ଡିକୁ ଫେରି ଗଲେ ଏବଂ ସେଠାରେ ରହି ଓଡ଼ିଆ ଭାଷାର ଛନ୍ଦ ପ୍ରଭୃତି ଆଲୋଚନା କରିବାରେ ଲାଗିଲେ ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ, ସେତେବେଳେ ଉତ୍କଳ ସାହିତ୍ୟ ରାଜ୍ୟରେ ଉପେନ୍ଦ୍ର ଭଞ୍ଜଙ୍କ ରାଜତ୍ୱ । ସେତେବେଳକୁ ଅବଶ୍ୟ ଭଞ୍ଜ ଜୀବିତ ନ ଥିଲେ, ମାତ୍ର ଯୁଗୋଚିତ ରୁଚିର ଅନୁବର୍ତ୍ତୀ ହୋଇ ସାହିତ୍ୟ ଭଣ୍ଡାରରେ ସେ ଯେଉଁ ଗ୍ରନ୍ଥନିଚୟ ରଖି ଯାଇଥିଲେ, ତା'ହା ପାଠ କରି ସମାଜ ତାଙ୍କୁ ସାହିତ୍ୟ-ସମ୍ରାଟ୍‌ରୂପେ ଦେଖୁଥିଲେ । ଆମ୍ଭେମାନେ ଏଠାରେ ସ୍ପଷ୍ଟ ଅନୁମାନ କରି ପାରୁଁ, ଏହି ଭଞ୍ଜୀୟ କବିତାବଳୀ ବଳଦେବଙ୍କ ହୃଦୟରେ ଭବିଷ୍ୟତ୍ କବିତ୍ୱର ବୀଜ ଆଣି ଦେଇଥିଲା । ସେପର୍ଯ୍ୟନ୍ତ ସଂସ୍କୃତଜ୍ଞ ପଣ୍ଡିତମାନଙ୍କର ଧାରଣା ଥିଲା ଯେ, କେବଳ ସଂସ୍କୃତ ଭାଷାହିଁ ଯମକ, ଅନୁପ୍ରାସ, ସାଙ୍ଗରୂପକ, ଶ୍ଳେଷ, ଧ୍ୱନି, ବ୍ୟଞ୍ଜନା, ପ୍ରଭୃତି ସାହିତ୍ୟିକ ଛଟା ଧାରଣ କରିବାରେ କ୍ଷମ । ଭାଷାରାଜ୍ୟରେ ଉପେନ୍ଦ୍ର ଭଞ୍ଜ ହିଁ ଏ ସମସ୍ତର ଆଦ୍ୟପ୍ରୟୋଗକର୍ତ୍ତା ବୋଲି ବୋଧହୁଏ । ଅବଶ୍ୟ ଅଭିମନ୍ୟୁ ଏହି ସବୁ ତତ୍ପ୍ରଣୀତ ବିଦଗ୍ଧଚିନ୍ତାମଣିରେ ପ୍ରୟୋଗ କରି ଯାଇଅଛନ୍ତି, ମାତ୍ର ସେ ୧୭୫୭ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ଭଞ୍ଜଙ୍କ ବହୁ ପରେ ଜନ୍ମଗ୍ରହଣ କରିଥିଲେ । ଅଭିମନ୍ୟୁ ୧୮୦୬ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ବଳଦେବଙ୍କ ଜନ୍ମର ୧୭ ବର୍ଷ ପରେ ପ୍ରାଣତ୍ୟାଗ କରିଅଛନ୍ତି । ତେଣୁ ତତ୍ପ୍ରଣୀତ ଗ୍ରନ୍ଥମାନ ସେତେବେଳକୁ ଗଞ୍ଜାମ ଅଞ୍ଚଳରେ ପ୍ରଚାରିତ ହୋଇଥିଲା କି ନା ସ୍ପଷ୍ଟରୂପେ ଜଣାଯାଏ ନାହିଁ । ସେ ଯାହା ହେଉ, ଭାଷାରାଜ୍ୟରେ କବିତା ଲେଖିବା ବିଷୟରେ ଉପେନ୍ଦ୍ର ଭଞ୍ଜ ବଳଦେବଙ୍କର ଗୁରୁସ୍ଥାନୀୟ, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ ।

ବଳଦେବଙ୍କ ବଡ଼ ଭାଇ ମୃତଦାର ହୋଇ ଗୃହରେ ଅବସ୍ଥାନ କରୁଥିଲେ । ତେଣୁ ଉଜ୍ଜ୍ୱଳ ରଥେ ଶୀଘ୍ର ଦ୍ୱିତୀୟ ପୁତ୍ର ବଳଦେବଙ୍କ ବିବାହରେ ମନୋଯୋଗୀ ହେଲେ । ସେ କୁଳୀନ ବ୍ରାହ୍ମଣ, ତେଣୁ ପୁତ୍ର ପାଇଁ କନ୍ୟା ଅନ୍ୱେଷଣ କରି କରି କୁଳୀନପ୍ରଧାନ ପୁରୀ ଅଭିମୁଖରେ ଯାତ୍ରା କଲେ । ସେଠାରେ ସେ ବାସେଳୀସାହି ନିବାସୀ "କଟାପରହାଟିଆ" ରାମକୃଷ୍ଣ ମିଶ୍ରଙ୍କ କନ୍ୟା ହରିମଣିଙ୍କୁ ନିଜର ଭାର୍ଯ୍ୟା

ସ୍ନୁଷା ମନୋନୀତ କରି ନିଜ ଗୃହ ବଡ଼ଖେମଣ୍ଡିକୁ ନେଇଗଲେ । ପ୍ରାୟ ୧୫ ବର୍ଷ ବୟସରେ ବଳଦେବ ଏହି କନ୍ୟାଙ୍କର ପାଣିଗ୍ରହଣ କଲେ । ବିବାହର ୫।୬ମାସ ପରେ ଉଜ୍ଜ୍ୱଳ ରଥେ ପରିବାରବର୍ଗଙ୍କୁ ଶୋକସାଗରରେ ଭସାଇଦେଇ ଇହଧାମ ତ୍ୟାଗ କଲେ । ସେତେବେଳେ ତାଙ୍କ ପରିବାରରେ ଦୁଇ ପୁଅ, ବିଧବା କନ୍ୟା ଓ ସେହି ବାଳିକା ପୁତ୍ରବଧୂ । ଜ୍ୟେଷ୍ଠ ହରିହର ଗୃହର ଚାଳକ, ମାତ୍ର ପିତାଙ୍କ ମୃତ୍ୟୁ-ପରେ ସେ ବଡ଼ଖେମଣ୍ଡିରେ ରାଜଦତ୍ତ ଅନୁଗ୍ରହରୁ ବଞ୍ଚିତ ହେବାରୁ ଅଗତ୍ୟା ଅନ୍ୟ ରାଜଧାନୀକୁ ଚାଲିଯିବାର କଳ୍ପନା କଲେ ଏବଂ ଯେ କୌଣସିରୂପେ ପିତାଙ୍କ ମୃତ୍ୟୁ ପରେ ଏକ ବର୍ଷ ସେମାନେ ବଡ଼ଖେମଣ୍ଡିରେ ଅତିବାହିତ କରି ଜଲନ୍ତର ଅଭିମୁଖରେ ଅଗ୍ରସର ହେଲେ । ଗଞ୍ଜାମର ଅନ୍ୟାନ୍ୟ ରାଜ୍ୟ ପରି ସେତେବେଳେ ଜଲନ୍ତର ଗୋଟିଏ ସମୃଦ୍ଧିଶାଳୀ ରାଜ୍ୟ ଥିଲା । ଏହାର ଏକଅଡ଼େ ଛବଟୀ, ଅନ୍ୟ ଅଡ଼େ ମଞ୍ଜୁଷା ଓ ପାରଳା । ପ୍ରାୟ ୬୦ ବର୍ଷ ତଳେ ଋଣଗ୍ରସ୍ତ ହୋଇ ଏହି ରାଜ୍ୟ ନିଲାମ ହୋଇଗଲା ଏବଂ ବର୍ତ୍ତମାନ ବିଜୟନଗରର ରାଜା ଏହି ରାଜ୍ୟର ସ୍ୱତ୍ୱାଧିକାରୀ । ଏହିସ୍ଥଳରେ ହରିହର ଅନୁଜ ଭ୍ରାତା, ବାଳିକା ଭ୍ରାତୃବଧୂ ଓ ବିଧବା ଭଗିନୀ ସହ ଜଲନ୍ତରରେ ବାସକରିବାରେ ଲାଗିଲେ । ସେତେବେଳେ ରାମଚନ୍ଦ୍ର ଛୋଟରାୟ ନାମକ ଜନୈକ ତରୁଣ ରାଜା ଜଲନ୍ତରର ସିଂହାସନରେ ଅଧିଷ୍ଠିତ ଥିଲେ । ହରିହର ପ୍ରଥମେ ତାଙ୍କ ସଙ୍ଗେ ପରିଚିତ ହେଲେ । ସେ ତରୁଣ ହେଲେହେଁ ପୂର୍ବପୁରୁଷପ୍ରଥା ଅନୁସରଣ କରି ରାଜତ୍ୱ ଆରମ୍ଭରେ କେତେକ ବ୍ରାହ୍ମଣଙ୍କୁ ଜୀବିକାନିର୍ବାହୋପଯୋଗୀ ଭୂବୃତ୍ତ୍ୟାଦି ଦାନ କରି ନିଜ ରାଜଧାନୀରେ ରଖାଉଥିଲେ । ପ୍ରଥମ ପରିଚୟରେ ସେ ଚିରକୁମାର ସ୍ୱଧର୍ମନିଷ୍ଠ ତେଜସ୍ୱୀ ହରିହରଙ୍କୁ ଭକ୍ତିଯୁକ୍ତ ଅନ୍ତଃକରଣରେ ସମ୍ମାନ କରିବାକୁ ଆରମ୍ଭ କଲେ; ତେଣୁ ତାଙ୍କ ପରିବାର ପରମଶାନ୍ତିରେ ରାଜାନୁଗ୍ରହ ଲାଭପୂର୍ବକ ସେଠାରେ ଅବସ୍ଥାନ କଲେ । ରାମଚନ୍ଦ୍ର ଛୋଟରାୟଙ୍କର କାବ୍ୟକବିତାଦିରେ ବେଶ୍ ପ୍ରବେଶ ଥିଲା । ବିଶେଷତଃ ପ୍ରଥିତନାମା ଭଞ୍ଜକବି ରାଜବଂଶରେ ଜନ୍ମଗ୍ରହଣ କରି ସାରସ୍ୱତଚର୍ଚ୍ଚାର ଯେଉଁ ଜ୍ୱଳନ୍ତ ଚିତ୍ର ଅନ୍ୟ ରାଜାମାନଙ୍କ ସମ୍ମୁଖରେ ରଖି ଯାଇଥିଲେ, ତାହାକୁ ଅନୁକରଣ କରିବାକୁ ସେ ସମୟର ରାଜାମାନେ ଯଥାଶକ୍ତି ଚେଷ୍ଟା କରୁଥିଲେ ଏବଂ ଭଞ୍ଜଙ୍କ ପରି କାବ୍ୟକବିତାଦି ନ ଲେଖିଲେ ପଛକେ, ଆପାତତଃ ତାଙ୍କ କବିତାରସପାନରେ ବିହ୍ୱଳ ରହିବାକୁ ଉଚ୍ଚଜୀବନର ଲକ୍ଷ୍ୟ ବୋଲି ମନେ କରୁଥିଲେ । ସେତେବେଳକୁ ବଳଦେବଙ୍କ ବୟସ ପ୍ରାୟ ୧୮ । ସେ ପ୍ରଥମେ କ୍ଷୁଦ୍ର କ୍ଷୁଦ୍ର କବିତା ଲେଖି ନିଜ ସମବୟସ୍କ ବନ୍ଧୁମାନଙ୍କୁ ଶୁଣାଉଥିଲେ । ତାଙ୍କ କବିତାର ଖ୍ୟାତି କ୍ରମେ ରାଜାଙ୍କ କର୍ଣ୍ଣଗୋଚର ହେଲା । ସେ ବଳଦେବଙ୍କ ସରଳ, ସୁମଧୁର ରଚନା ତଥା ହୃଦୟର ସରସତା ଦେଖି ଅତ୍ୟନ୍ତ ପ୍ରୀତି ପ୍ରକାଶପୂର୍ବକ ତାଙ୍କୁ ପ୍ରତ୍ୟହ ରାଜଦରବାରକୁ ଆସି କାବ୍ୟ-

କବିତାବଳୀର ଆଲୋଚନା କରିବାକୁ ଆଦେଶ ଦେଲେ । ଅବସରକ୍ରମେ ବଳଦେବ ରାଜାଙ୍କ ନାମରେ ଭଣିତ କେତେକ ଆଦିରସାତ୍ମକ କବିତା ରଚନା କରି ସାମୟିକ ରାଜାନୁଗ୍ରହଲାଭପୂର୍ବକ ପରମସୁଖରେ ଦିନ ଯାପନ କରିବାରେ ଲାଗିଲେ । ଜଳନ୍ତରର ରାଜାଙ୍କ ନାମରେ ଭଣିତ ତାଙ୍କର କେତେଗୁଡ଼ିଏ ପ୍ରାଥମିକ ରଚନା ଆମ୍ଭମାନଙ୍କ ହସ୍ତଗତ ହୋଇଅଛି । ଶବ୍ଦରଚନାର ଶୃଙ୍ଖଳା ଓ ଭାବର ସରସତା ନ ଥିଲେ ମଧ୍ୟ ସେ କବିତାଗୁଡ଼ିକ ସୁସ୍ପଷ୍ଟରୂପେ କବିଙ୍କର ସରସ ହୃଦୟବତ୍ତା ପ୍ରକାଶ କରେ ।

ଦେବୀ ବୀଣାପାଣିଙ୍କର ଯେଉଁ ବିଶ୍ୱମୋହନ ମଧୁମୟ ବିପଞ୍ଚୀବାଦନରେ ଦିନେ ସେ ଉତ୍କଳଗଗନକୁ ଅମୃତ ସଙ୍ଗୀତନିଃସ୍ୱନରେ ମୁଖରିତ କରିଥିଲେ, କିଏ ଜାଣିଥିଲା ଯେ, ଏହି ପ୍ରାଥମିକ ସଙ୍ଗୀତାବଳୀ ସେହି ବିରାଟ ବିପଞ୍ଚୀର ଆଦ୍ୟ ଗୁଣଟଙ୍କାର ? ରାଜା ରାମଚନ୍ଦ୍ର ଛୋଟରାୟ ହିଁ ବଳଦେବଙ୍କ ରଚନାବଳୀର ପ୍ରଥମ ଉତ୍ସାହଦାତା, ତେଣୁ ସେ ଆଜି ଉତ୍କଳୀୟ ସାହିତ୍ୟସେବୀଙ୍କର ଅଶେଷ ଧନ୍ୟବାଦର ପାତ୍ର । ବଳଦେବ କ୍ରମେ ନାନା କବିତା ଲେଖି ରାଜାଙ୍କର ପରମ ପ୍ରୀତିପାତ୍ର ହେଲେ । ଗୁଣଗ୍ରାହୀ ରାଜା ମଧ୍ୟ ସେହି ଅଭିନବ ସଙ୍ଗୀତର ମାଧୁର୍ଯ୍ୟରେ ମୁଗ୍ଧ ହୋଇ ବଳଦେବଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ଶକ୍ତିମତ୍ତାରେ ନିଃସନ୍ଦିଗ୍ଧ ହୋଇଗଲେ ଏବଂ ତାହାର ନିଦର୍ଶନସ୍ୱରୂପ ତାଙ୍କୁ "କବିସୂର୍ଯ୍ୟ" ଉପାଧି ପ୍ରଦାନ କରି କାଳୋଚିତ ପ୍ରଥାନୁସାରେ ସାଧାରଣ ଦରବାରରେ ତାଙ୍କ ମସ୍ତକରେ ପାଟଶାଢ଼ୀ ବାନ୍ଧିଦେଲେ । ଆଜି ବଳଦେବ ଜଳନ୍ତର ରାଜଦତ୍ତ 'କବିସୂର୍ଯ୍ୟ' ନାମରେ ଉତ୍କଳର ଗ୍ରାମେ ଗ୍ରାମେ ପରିଚିତ ।

---

## ତୃତୀୟ ପରିଚ୍ଛେଦ

ପଣ୍ଡିତମାନେ କହନ୍ତି, 'ଉପାଧି ବ୍ୟାଧିରେବଚ' । ପ୍ରକୃତରେ ସାଧୁଚରିତ୍ର ଲୋକେ କୌଣସି ଉପାଧିରେ ଭୂଷିତ ହେଲେ ଗୃହୀତ ଉପାଧିର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଚିନ୍ତାରେ ଉପାଧିକୁ ବ୍ୟାଧିବିଶେଷ ପରି ମନେ କରନ୍ତି । ଅତୀତ ଜୀବନର କାର୍ଯ୍ୟକଳାପ ସଙ୍ଗେ ଏହାର ସମ୍ବନ୍ଧ ଯେପରି ଘନିଷ୍ଠ; ଭବିଷ୍ୟତ୍ ଜୀବନର କାର୍ଯ୍ୟ ସଙ୍ଗେ ଏହାର ସମ୍ବନ୍ଧ ତଦପେକ୍ଷା ଅଧିକ ଘନିଷ୍ଠ । ଉପାଧି ପାଇଥିବା କୌଣସି ଲୋକ ପରବର୍ତ୍ତୀ ଜୀବନର କାର୍ଯ୍ୟ ଦ୍ୱାରା ସ୍ୱୀୟ ଅଯୋଗ୍ୟତା ପ୍ରଦର୍ଶନ କଲେ ସମାଜରେ ଯେପରି କଳଙ୍କିତ ହୁଅନ୍ତି, ନିରୁପାଧିକ ଲୋକ କେବେହେଁ ସେପରି କଷ୍ଟ ଅନୁଭବ କରନ୍ତି ନାହିଁ; ସୁତରାଂ ଉପାଧି ପ୍ରକୃତ ଯୋଗ୍ୟ ବ୍ୟକ୍ତି ପକ୍ଷରେ ଗର୍ବ ବା ଅଭିମାନର ବିଷୟ ନୁହେଁ; ସମସାମୟିକ ଲୋକସମାଜରେ ତାହାଙ୍କର ବିଶେଷତ୍ୱ ପ୍ରଦର୍ଶକ ମାତ୍ର । ବଳଦେବ ଜଳନ୍ତର

ରାଜାଙ୍କଠାରୁ 'କବିସୂର୍ଯ୍ୟ' ଉପାଧି ଗ୍ରହଣ କରି ସେହି ଉପାଧିର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ପାଇଁ ଏକାନ୍ତ ଉଦ୍‌ବିଗ୍ନ ହୋଇ ପଡ଼ିଲେ ଏବଂ ସେହି ଉପାଧିକୁ ସେ ନିଜ ଅତୀତ ଜୀବନର କାର୍ଯ୍ୟକଳାପର ସମ୍ମାନର ଫଳ ବୋଲି ବିଚାର ନ କରି ଭବିଷ୍ୟତ୍ କାର୍ଯ୍ୟକଳାପର ଉତ୍ସାହପ୍ରଦ ମନ୍ତ୍ର ବୋଲି ଭାବିଲେ । ଉପାଧି ପାଇବା ପୂର୍ବରୁ ବଳଦେବ ଯେଉଁ ସମସ୍ତ କବିତା ଲେଖିଥିଲେ, ସେଥିପାଇଁ ଯେବେ ସେ କବିସୂର୍ଯ୍ୟ ଉପାଧି ପାଇବାର ଉପଯୁକ୍ତ ବୋଲି ବିବେଚିତ ହୋଇଥାନ୍ତି, ତେବେ ତାଙ୍କର ପରବର୍ତ୍ତୀ କାର୍ଯ୍ୟକଳାପ ପାଇଁ ସେ ଅବଶ୍ୟ ତଦପେକ୍ଷା ଶତଗୁଣରେ ଅଧିକ ସମ୍ମାନସୂଚକ କୌଣସି ବିଶିଷ୍ଟ ଉପାଧି ପାଇବାର ଯୋଗ୍ୟ ବୋଲି ବର୍ତ୍ତମାନ ବିବେଚିତ ହେବେ । ଆମ୍ଭେମାନେ ଯେତେଦୂର ଆଲୋଚନା କରି ଦେଖିଅଛୁ, ଯେଉଁ ସବୁ ରଚନାବଳୀ ପାଇଁ ବଳଦେବ ପ୍ରାଚୀନ ଉତ୍କଳ ସାହିତ୍ୟ ରାଜ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଅମର କବି, ସେ ସବୁ ତାଙ୍କର କବିସୂର୍ଯ୍ୟ ଉପାଧି ପାଇବାର ପରବର୍ତ୍ତୀ ରଚନା ।

ବଳଦେବ ସଂସ୍କୃତ ଭାଷାରେ ଅସାଧାରଣ ପଣ୍ଡିତ ଥିଲେ । ନୀରସ ଶୁଷ୍କ ଦର୍ଶନଶାସ୍ତ୍ରର ଆଲୋଚନାଦ୍ୱାରା ତାଙ୍କର ଧୀଶକ୍ତି ପରିମାର୍ଜିତ ଓ ସୂକ୍ଷ୍ମ ବ୍ରହ୍ମତତ୍ତ୍ୱ ଅନୁସନ୍ଧାନକ୍ଷମ ହୋଇଥିଲେ ସୁଦ୍ଧା ସେ ନିତ୍ୟବସନ୍ତଲୀଳାମୟ କାବ୍ୟକାନନରେ ପଞ୍ଚମାଳାପନିପୁଣ ପିକରୂପେ ବିହାର କରିବାକୁ ଐହିକ ଜୀବନରେ ସ୍ୱର୍ଗୀୟ ସୁଖ ବୋଲି ମନେ କରୁଥିଲେ । ସେତେବେଳେ ଜଳନ୍ତ୍ରର ରାଜଦରବାର 'ବୁଧହଂସ କେଳିସରଃ' ଥିବାରୁ ଉତ୍କଳୀୟ ଓ ଅନ୍ଧ୍ର ପଣ୍ଡିତମଣ୍ଡଳୀର ଲୀଳାକ୍ଷେତ୍ର ହୋଇଥିଲା । ଉପାଧି ପାଇବା ପରେ ବଳଦେବ ବେଳେ ବେଳେ ଆଦିରସାତ୍ମକ ସଂସ୍କୃତ କବିତା ଲେଖି ରାଜସଭାରେ ପ୍ରତ୍ୟହ ଆବୃତ୍ତି କରି ପଣ୍ଡିତମଣ୍ଡଳୀରେ ସୁପ୍ରତିଷ୍ଠିତ ହେଉଥିଲେ । କେବେ କେବେ ବା ଗୋଟିଏ ସ୍ୱରଚିତ ଓଡ଼ିଆ ସଙ୍ଗୀତ ତାଙ୍କର ସ୍ୱଭାବ ସୁଲଭ ସୁକଣ୍ଠରେ ଆବୃତ୍ତି କରି ରାଜପାରିଷଦମାନଙ୍କର ସମ୍ମାନଭାଜନ ହେଉଥିଲେ । ତତ୍‌ପ୍ରଣୀତ ସଂସ୍କୃତ ରଚନାବଳୀ ଅଦ୍ୟାପି ଅପ୍ରକାଶିତ । ଏ ଯୁଗରେ ସଂସ୍କୃତଭାଷାର ସମ୍ୟକ୍ ଆଲୋଚନା ଅଭାବରୁ ସେଗୁଡ଼ିକ ପ୍ରତି ଲୋକଙ୍କର ଦୃଷ୍ଟି ପଡ଼ୁନାହିଁ, କିନ୍ତୁ ସଂସ୍କୃତ ସାହିତ୍ୟ ଭଣ୍ଡାରରେ ସେଗୁଡ଼ିକ ଯେ ପରମ ଆଦରଣୀୟ ରତ୍ନ, ଏହା ପଣ୍ଡିତ ମାତ୍ରକେ ଏକ ବାକ୍ୟରେ ସ୍ୱୀକାର କରନ୍ତି । ବଳଦେବଙ୍କ ସଂସ୍କୃତ ରଚନାବଳୀର ବୈଚିତ୍ର୍ୟ ଓ ସରସତା କେବଳ ପଣ୍ଡିତମାନେ ବୁଝି ପାରୁଥିଲେ, ରାଜସଭାର ସାଧାରଣ ଲୋକେ ସେ ରସ ଆସ୍ୱାଦନରୁ ବଞ୍ଚିତ ହୋଇ ତାଙ୍କୁ ଓଡ଼ିଆ କବିତା ଆବୃତ୍ତି କରିବାପାଇଁ ପୁନଃପୁନଃ ଅନୁରୋଧ କଲେ, ତେଣୁ ସେ କେତେବେଳେ ନିଜ ନାମରେ, କେତେବେଳେ ବା ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ କବିତା ଭଣିତି କରି ରାଜସଭାରେ ଆବୃତ୍ତି କରିବାଦ୍ୱାରା ସାଧାରଣ ଲୋକଙ୍କର ଚିତ୍ତରଞ୍ଜନ

କରୁଥିଲେ । ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ, ତାହା ଭଞ୍ଜୀୟ ଯୁଗ; ସେତେବେଳେ ମଧ୍ୟ ନାରିକେଳଫଳସଦୃଶ ଭଞ୍ଜୀୟ କାବ୍ୟରୁ ରସ ଆସ୍ୱାଦନ କରିବାରେ ସାଧାରଣ ଲୋକମାନେ ଅକ୍ଷମ ଥିଲେ, ତେଣୁ ବଳଦେବଙ୍କ ଉପରେ ସାଧାରଣ ରାଜସଭାରେ ସେଗୁଡ଼ିକର ବିଶଦ ବ୍ୟାଖ୍ୟା କରିବାର ଭାର ଅର୍ପିତ ହୋଇଥିଲା । ବଳଦେବଙ୍କ ବିଚିତ୍ର ସ୍ୱରଭଙ୍ଗୀ ଓ ବ୍ୟାଖ୍ୟାକୌଶଳ ଦେଖି ରାଜା ତଥା ସାଧାରଣ ଲୋକସମାଜ ଏପରି ମୁଗ୍ଧ ହୋଇଥିଲେ ଯେ, ସେମାନେ ଆହାର ନିଦ୍ରା ତ୍ୟାଗ କରି ଦିନେ ଦିନେ ସାରା ରାତି ଚନ୍ଦାପିଠି ପରି ତାହା ଶୁଣୁଥିଲେ । ଭଞ୍ଜ ଯୁଗୋଚିତ ରୁଚିର ଅନୁବର୍ତ୍ତୀ ହୋଇ ଯେଉଁ ସବୁ ଆଦିରସାତ୍ମକ କବିତା ଲେଖିଥିଲେ, ତାହା ଯେ ତତ୍‌କାଳୀନ ଜନସମାଜକୁ ମନ୍ତ୍ରମୁଗ୍ଧ କରିଥିବ, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ଏହି କବିତାମାନଙ୍କର ପୁନଃପୁନଃ ଅବୃତ୍ତି ଓ ବ୍ୟାଖ୍ୟାଦ୍ୱାରା କବିତା ରଚନାର କୌଶଳ ଓ ପାରିପାଟ୍ୟ ତାଙ୍କ ହୃଦୟରେ ଦୃଢ଼ମୂଳ ହୋଇଗଲା । ବାରମ୍ବାର ଆଲୋଚନା ଦ୍ୱାରା ସେ ଭଞ୍ଜୀୟ କବିତାର ଦୋଷ ଓ ଗୁଣ ସୁନ୍ଦରରୂପେ ହୃଦୟଙ୍ଗମ କରି ପାରିଥିଲେ, ତେଣୁ ନିଜ ରଚନାରେ ସେସବୁ ଦୋଷ ଯେପରି ପ୍ରବେଶ ନ କରେ, ସେ ବିଷୟରେ ସେ ସର୍ବଦା ସତର୍କ ଥିଲେ । କିନ୍ତୁ ସେ ଆଦିରସପ୍ରିୟ ସାଧାରଣ ଲୋକ ରୁଚିର ଅନୁବର୍ତ୍ତୀ ହୋଇ ପ୍ରଥମେ ପ୍ରଥମେ ଆଦିରସର ବର୍ଣ୍ଣନା ପ୍ରସଙ୍ଗରୁ ଏକାବେଳେ ମୁକ୍ତ ହୋଇ ପାରିଲେ ନାହିଁ, ତଥାପି ତାଙ୍କ କବିତାବଳୀ ମଧ୍ୟରେ କ୍ୱଚିତ୍ ଉତ୍କଟ ଆଦିରସର ବର୍ଣ୍ଣନା ଦେଖାଯାଏ ।

ଦିନେ କବିସୂର୍ଯ୍ୟଙ୍କ ସଙ୍ଗେ ରାଜା ରାମଚନ୍ଦ୍ର ଜ୍ୟେଷ୍ଠରାୟ ସ୍ୱୀୟ ପିତୃବ୍ୟଙ୍କ ଘରକୁ ବିଜେ କରିଥିଲେ । ସେଠାରେ ଗୋଟିଏ ଲାବଣ୍ୟମୟୀ ପଞ୍ଚମବର୍ଷୀୟା କନ୍ୟାର ଅସାଧାରଣ ଅଙ୍ଗସୌଷ୍ଠବରେ ମୁଗ୍ଧ ହୋଇ ରାଜା ପିତୃବ୍ୟଙ୍କୁ କନ୍ୟାର ପରିଚୟ ଜିଜ୍ଞାସା କଲେ । ଯେତେବେଳେ ସେ ଶୁଣିଲେ ଯେ, କନ୍ୟାଟି ମାତା-ପିତୃହୀନା ଓ ନିରାଶ୍ରୟା ହୋଇ ଅଶ୍ରୟଲାଭ କାମନାରେ ପ୍ରତ୍ୟହ ରାଜାନ୍ତଃପୁରକୁ ଆସୁଅଛି, ସେତେବେଳେ ସେ ଏକାନ୍ତ କରୁଣାପୀଡ଼ିତ ହୋଇ ତାକୁ ଅନ୍ତଃପୁର ମଧ୍ୟରେ ରାଜକନ୍ୟାରୂପେ ପ୍ରତିପାଳନ କରିବାର ଆଦେଶ ପ୍ରଦାନ କଲେ । କନ୍ୟାଟି କୁଳୀନ କରଣଗୃହରେ ଜନ୍ମିଥିଲା ଏବଂ ଜନକ ଜନନୀ ତାହାର ଅସାଧାରଣ ଅଙ୍ଗସୌଷ୍ଠବ ଦେଖି ତାକୁ 'ଚନ୍ଦ୍ରକଳା' ନାମରେ ଅଭିହିତ କରିଥିଲେ । ଚନ୍ଦ୍ରକଳା ରାଜାଦେଶରେ ରାଜକନ୍ୟାସ୍ଥାନୀୟ ହୋଇ ତତ୍‌କ୍ଷଣାତ୍ ଅନ୍ତଃପୁରକୁ ଆନୀତ ହେଲେ । ସ୍ନେହମୟୀ ରାଣୀ ମଧ୍ୟ କନ୍ୟାଟିର ରୂପ ଓ ଗୁଣରେ ଏକାନ୍ତ ଆକୃଷ୍ଟା ହୋଇ ତାକୁ ଆତ୍ମଜାସ୍ଥାନୀୟ ମନେ କରି ତାହାର ଲାଳନପାଳନ ଓ ଶିକ୍ଷାରେ ଯତ୍ନବତୀ ହେଲେ ।

ରାଜା ଦିନେ ପ୍ରସଙ୍ଗକ୍ରମେ କବିସୂର୍ଯ୍ୟଙ୍କୁ କହିଲେ, "ଭଞ୍ଜେ ଯେଉଁ ରୀତିରେ 'ଲାବଣ୍ୟବତୀ' ରଚନା କରିଅଛନ୍ତି, ଆପଣ ସେହି ରୀତି ଅବଲମ୍ବନ କରି ଏହି କନ୍ୟା ଚନ୍ଦ୍ରକଳାକୁ ଲକ୍ଷ୍ୟକରି 'ଚନ୍ଦ୍ରକଳା' ନାମରେ ଖଣ୍ଡିଏ କାବ୍ୟଗ୍ରନ୍ଥ ରଚନା କରନ୍ତୁ।" ରାଜାଙ୍କ ଆଦେଶରେ କବିସୂର୍ଯ୍ୟ 'ଚନ୍ଦ୍ରକଳା' ନାମକ ଖଣ୍ଡିଏ ଛାନ୍ଦ ଗ୍ରନ୍ଥ ଲେଖିବାକୁ ଆରମ୍ଭ କଲେ। ସ୍ୱର୍ଗୀୟ ପଣ୍ଡିତ ଗୋବିନ୍ଦ ରଥ ଏହି ଗ୍ରନ୍ଥ ଖଣ୍ଡି ବହୁ ଆୟାସରେ ସଂଗ୍ରହ କରି ପ୍ରକାଶ କରିଅଛନ୍ତି। କିନ୍ତୁ ଲିପିକର ପ୍ରମାଦର ଆତିଶଯ୍ୟବଶତଃ ତାହାର ଅଧିକାଂଶ ଅବୋଧ। 'ଚନ୍ଦ୍ରକଳା'ର ଶୁଦ୍ଧ ସଟୀକ ସଂସ୍କରଣଟିଏ ପ୍ରକାଶିତ ହେଲେ ଉତ୍କଳ ସାହିତ୍ୟକ୍ଷେତ୍ରରେ ଗ୍ରନ୍ଥଟି ଯେ ଅମୂଲ୍ୟ ରତ୍ନରୂପେ ଆଦୃତ ହୁଅନ୍ତା, ଏଥିରେ ସନ୍ଦେହ ନାହିଁ। ବଳଦେବ ଇଚ୍ଛା କରିଥିଲେ, ସେହି ଗ୍ରନ୍ଥ ଖଣ୍ଡିର ଚରିତ୍ରଚିତ୍ରଣ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ କରି ନୂତନ ଆକାରରେ ଲେଖି ପାରଥାନ୍ତେ; ମାତ୍ର ରାଜାଙ୍କ ଆଦେଶ ଓ ସମାଜର ରୁଚିର ଅନୁବର୍ତ୍ତୀ ହୋଇ ସେ ଭଞ୍ଜକବିଙ୍କ 'ଲାବଣ୍ୟବତୀ'ର ଚରିତ୍ର ଚିତ୍ରଣକୁ ସମ୍ପୂର୍ଣ୍ଣରୂପେ ତାଙ୍କ ଗ୍ରନ୍ଥରେ ଗ୍ରହଣ କରିଅଛନ୍ତି। ମାତ୍ର ବର୍ଣ୍ଣନାଚାତୁରୀ, ବିଶୁଦ୍ଧ ଭାଷାପ୍ରୟୋଗ ଓ ମୌଳିକ ରଚନାଭଙ୍ଗୀ ତାଙ୍କର ବିଶିଷ୍ଟତ୍ୱକୁ ତହିଁରେ ସର୍ବଥା ଅକ୍ଷୁଣ୍ଣ ରଖିଅଛି।

ରାମୋପାସକ କବି ଲାବଣ୍ୟବତୀର ପ୍ରଥମ ଛାନ୍ଦରେ ସଂସ୍କୃତ ଅଳଙ୍କାରଶାସ୍ତ୍ର ନିୟମରେ ଆଦୌ ସ୍ୱୀୟ ଇଷ୍ଟଦେବତାଙ୍କୁ ସ୍ତବ କରି ପରେ ଲାବଣ୍ୟବତୀର ପୂର୍ବଜନ୍ମ କଥା ଏହିପରି ବର୍ଣ୍ଣନ କରିଅଛନ୍ତି—ଦିନେ ପାର୍ବତୀ କୈଳାସପର୍ବତରେ ପାଶକ୍ରୀଡ଼ାର ଅନୁରୂପ ସଙ୍ଗିନୀ ନ ଦେଖି ସ୍ୱୀୟ ମନରୁ ଅସାଧାରଣ ସୁଷମାଧାରିଣୀ ବାଞ୍ଛାବତୀ ନାମ୍ନୀ ଗୋଟିଏ କନ୍ୟା ଜାତ କରାଇଲେ। ପାର୍ବତୀ ବାଞ୍ଛାବତୀଙ୍କ ସଙ୍ଗେ କେତେକ ସମୟ କ୍ରୀଡ଼ା କରିବା ପରେ ହଠାତ୍ ତପସ୍ୟାରୁ ପ୍ରତ୍ୟାଗତ ଶିବଙ୍କ ଡମ୍ବରୁନାଦ ଶୁଣି ପାରିଲେ। ସେତେବେଳେ ପାର୍ବତୀ ଭାବିଲେ, 'ହର ନେତ୍ରପାତ ହେବ ଯେବେ ଏ ଶୁଭାଙ୍ଗୀ, ଯିବ ସିନା ମୋହର ସୁଭାଗୀପଣ ଭାଙ୍ଗି।' ତେଣୁ ସେ କନ୍ୟାକୁ ନିର୍ଜନ ଅରଣ୍ୟରେ ଜୀବନ ଅତିବାହିତ କରିବାକୁ ଆଦେଶ ଦେଇ କହିଲେ ଯେ, "ଯେବେ ତୁ ଗୃହର ଦ୍ୱାର ଲଙ୍ଘନ କରି କୌଣସି ପୁରୁଷର କର ଗ୍ରହଣ କରିବୁ, ତେବେ ତୋର ପ୍ରାଣନାଶ ହେବ। କିନ୍ତୁ ପରଜନ୍ମରେ ସେହି ପୁରୁଷକୁ ତୁ ସ୍ୱାମୀରୂପରେ ପାଇବୁ।" ବାଞ୍ଛାବତୀ ଏହି ଭାବରେ କେତେ କାଳ ନିର୍ଜନ ଅରଣ୍ୟରେ ବାସ କଲା ପରେ ଦିନେ ପ୍ରଭାକର ନାମକ ଜଣେ ରାଜପୁତ୍ର ସଙ୍ଗେ ସେଠାରେ ତାର ସାକ୍ଷାତ୍କାର ହେଲା ଏବଂ ଉଭୟଙ୍କ ମିଳନାରମ୍ଭରେ ବାଞ୍ଛାବତୀ ପ୍ରାଣତ୍ୟାଗ କଲା। ପ୍ରଭାକର ମଧ୍ୟ ସେହି ରମଣୀରତ୍ନ ଲାଭରୁ ବଞ୍ଚିତ ହୋଇ ଗଙ୍ଗାସାଗରରେ ଆତ୍ମବିସର୍ଜନ କଲା। ପରଜନ୍ମରେ

ସେମାନେ ଲବଣ୍ୟବତୀ ଓ ଚନ୍ଦ୍ରଭାନୁରୂପେ ଜନ୍ମଗ୍ରହଣ କଲେ । ମାତ୍ର ଜନ୍ମଭୂମି-ବତ୍ସଳ ବଳଦେବ 'ଚନ୍ଦ୍ରକଳା'ର ପ୍ରଥମ ଛାନ୍ଦରେ ସ୍ୱୀୟ ମାତୃଭୂମି ଓଡ଼ିଶାର ଇଷ୍ଟଦେବତା ଜଗନ୍ନାଥ ଦେବଙ୍କ ସ୍ତବ କରିଅଛନ୍ତି । ଚନ୍ଦ୍ରକଳାର ସମଗ୍ର ପ୍ରଥମ ଛାନ୍ଦଟି ଜଗନ୍ନାଥମନ୍ଦିରର ବେଢ଼ା ମଧ୍ୟରେ ଥିବା ଭିନ୍ନ ଭିନ୍ନ ଦେବଦେବୀଙ୍କର ବିଚିତ୍ର ରୂପ ଗୁଣ ବର୍ଣ୍ଣନାରେ ପରିପୂର୍ଣ୍ଣ ।

କବି ପ୍ରଥମେ ସିଂହଦ୍ୱାରକୁ ନମସ୍କାର କରି ସିଂହଦ୍ୱାର ସମୀପବର୍ତ୍ତୀ ଚିତ୍ରରୂପୀ ପତିତପାବନଙ୍କୁ ଦର୍ଶନ କରି କହୁଅଛନ୍ତି—

"ପତିତଜନଙ୍କର ତ ଆମ୍ଭର ଅବଶ୍ୟକ,
ଅବଲମ୍ବ କରିଛନ୍ତି ମୁମୁକ୍ଷୁ ଅନେକ ।
ଆଗ ପଛ ହେଲେ ହେବ ପ୍ରଭୁପଣ କ୍ଷତି,
ଏହି ଚିନ୍ତାରେ ଯେ ଚିତ୍ରପରି ଅଭିସନ୍ତି ।"

କଳ୍ପନାର ବିଶେଷତ୍ୱ ଓ ଅଳ୍ପ ଶବ୍ଦ ମଧ୍ୟରେ ପ୍ରଶସ୍ତଭାବ ପ୍ରକାଶର କ୍ଷମତା ଦେଖି ହୃଦୟ ଅପୂର୍ବ ଆନନ୍ଦରେ ପୂର୍ଣ୍ଣ ହୋଇ ଉଠେ । ଏହି ଛାନ୍ଦରେ ଏପରି ଗୋଟିଏ ପଦ ମଧ୍ୟ ନାହିଁ, ଯହିଁରେ କବି ନିଜର ବିଶେଷତ୍ୱ ପ୍ରଦର୍ଶନ କରି ନାହାନ୍ତି । ପ୍ରତ୍ୟେକଟିକୁ ଉଦ୍ଧାର କରି ପାଠକସମାଜକୁ ଉପହାର ଦେବାକୁ ଇଚ୍ଛା ହୁଏ । ପୁରୀର ଜଗନ୍ନାଥମନ୍ଦିର ହିନ୍ଦୁଧର୍ମର ବିଭିନ୍ନ ସାମ୍ପ୍ରଦାୟିକତାର ସମନ୍ୱୟକ୍ଷେତ୍ର । ତନ୍ତ୍ରପ୍ରଧାନ ମତବାଦକୁ ମନ୍ଦିର ମଧ୍ୟରେ ଶକ୍ତିରୂପିଣୀ ବିମଳାଙ୍କ ଅଧିଷ୍ଠାନଦ୍ୱାରା କିପରି ଏକ ମହାଧର୍ମର ଅଙ୍ଗୀଭୂତ କରାଯାଇଅଛି, ତାହା ହିନ୍ଦୁ-ମତାବଲମ୍ବୀମାନେ ବେଶ୍ ବୁଝି ପାରନ୍ତି । ବିମଳାଙ୍କ ବର୍ଣ୍ଣନାପ୍ରସଙ୍ଗରେ କବି କହୁଅଛନ୍ତି—

"ଯାହା ପ୍ରସାଦକଣରୁ ମହାପ୍ରସାଦରେ,
ପରିଣତ ହୁଅଇ ଜଗତ୍ତ୍ରୟ ପ୍ରମୋଦରେ ।
ମୃଗେନ୍ଦ୍ରବାହିନୀ କ୍ଷେତ୍ରବର ଅଧୀଶ୍ୱରୀ,
ନାଗସୁତା ସୁଧାକୁମ୍ଭ-ଧାରିଣୀ ସୁନ୍ଦରୀ ।
ବିମଳା ବିମଳ ଅମ୍ଭୋରୁହ ବିଲୋଚନା,
ହୋଇବେ କି ମୋର ପାପକଳାପମୋଚନା ।"

ଜଗନ୍ନାଥଙ୍କ ନିକଟରେ ଯାହା ଭୋଗ କରାଯାଏ, ସେହି ପ୍ରସାଦ ବିମଳାଙ୍କୁ ସମର୍ପଣ କରାଯିବା ପରେ ମହାପ୍ରସାଦରେ ପରିଣତ ହୁଏ । ବିମଳାଦେବୀଙ୍କ ବର୍ଣ୍ଣନା ପ୍ରାରମ୍ଭରେ ଏହି ସତ୍ୟକୁ ପ୍ରଖ୍ୟାପନ କରିବାଦ୍ୱାରା କବି ଶାକ୍ତ ମତକୁ ପ୍ରଚଳିତ ହିନ୍ଦୁଧର୍ମର ମୂଳମନ୍ତ୍ରରୂପେ ଗ୍ରହଣ କରିଥିବାର ବୋଧ ହେଉ ନାହିଁ କି ?

ତତ୍ପରେ କବି ଦ୍ୱିତୀୟ ଛାନ୍ଦରେ ଚନ୍ଦ୍ରକଳାର ପୂର୍ବଜନ୍ମ ସମ୍ବନ୍ଧରେ ଏହିପରି ଉଲ୍ଲେଖ କରନ୍ତି—

ଏକଦା ଇନ୍ଦ୍ରପ୍ରମୁଖ ଦେବତାମାନେ ଗୋଟିଏ ସଭା କରିଥିଲେ । ସଭାର କାର୍ଯ୍ୟାରମ୍ଭ ହେବା ପରେ ଲବଣ୍ୟଧ୍ୱଜନାମା ଗନ୍ଧର୍ବ କେଳିମଞ୍ଜୁଳାନାମ୍ନୀ ସ୍ୱୀୟ ପ୍ରେୟସୀଙ୍କ ସଙ୍ଗରେ ମୋହନା ନାମକ ବିପଞ୍ଚୀ ହସ୍ତରେ ଧରି ସେଠାରେ ଉପସ୍ଥିତ ହେଲେ । ଦମ୍ପତି ଦେବସଭାକୁ ପ୍ରଣାମ କଲାବେଳେ ସେମାନଙ୍କ ଅଲୌକିକ ରୂପମାଧୁରୀ ଦେଖି ଦେବବୃନ୍ଦଙ୍କ ଦୃଷ୍ଟି ସେହି ଅପରୂପ ରୂପସାଗରରୁ ସୁଷମା-ସୁଧା ପାନ କରିବାରେ ଲାଗିଲା । ଏହି ସମୟରେ ଲବଣ୍ୟଧ୍ୱଜ ଭାବରେ ଅଙ୍ଗୁଳିସଂଯୋଗ କରି ବିପଞ୍ଚୀବାଦନ କରିବାକୁ ଆରମ୍ଭ କରନ୍ତେ କେଳିମଞ୍ଜୁଳା ବିଶ୍ୱବିମୋହନ ସୁକଣ୍ଠରେ ସଙ୍ଗୀତ ଗାନ କଲା । ତ୍ରିଦଶମଣ୍ଡଳୀ ସେମାନଙ୍କ ଅଲୌକସାମାନ୍ୟ ରୂପ, ତଥା ଗୀତବାଦ୍ୟରେ ଏକାବେଳକେ ହୃତହୃଦୟ ହୋଇ 'ଲେଖା' (ଚିତ୍ର) ପରି ଦିଶିଲେ । ସେହିଦିନୁ ସେମାନେ ଲେଖା ନାମରେ ଅଭିହିତ ହୋଇଅଛନ୍ତି । ସଭାରେ ଉପସ୍ଥିତ ଦେବୀମାନେ ମଧ୍ୟ କେଳିମଞ୍ଜୁଳାର ରୂପ ଦେଖି ମନେ କଲେ, ଆମ୍ଭମାନଙ୍କର ସୌନ୍ଦର୍ଯ୍ୟଗର୍ବ ତଥା ଜୀବନଧାରଣ ବୃଥା । ତତ୍ପରେ ଦେବବୃନ୍ଦ ପରସ୍ପର ବିଚାର କରି ସେହି ଗନ୍ଧର୍ବଦମ୍ପତିଙ୍କୁ ଦେବସଭା ମଧ୍ୟରେ ସେମାନଙ୍କ ସଙ୍ଗରେ ସମାନ ଆସନ ପ୍ରଦାନ କରି କହିଲେ, "ଦେଖ, ଆମ୍ଭେମାନେ ତୁମ୍ଭ ଦୁହିଙ୍କ ରୂପଗୁଣରେ ମୁଗ୍ଧ ହୋଇ ପ୍ରସନ୍ନ ହୋଇଅଛୁଁ । ତୁମ୍ଭେ ଦୁହେଁ ଦେବତାମାନଙ୍କ ଅନୁଗ୍ରହରୁ ଏ ଲୋକରେ ଦେବତାସ୍ଥାନୀୟ ହେବ । ଦେବତାମାନଙ୍କ ଅନୁରୋଧ ଏହି ଯେ, ତୁମ୍ଭେ ଦୁହେଁ ସ୍ୱ ସ୍ୱ ଲାବଣ୍ୟରୁ ଦେବ ଓ ଦେବୀମାନଙ୍କୁ କିଛି କିଛି ପ୍ରଦାନ କରିବ ।" ଏହା ଶୁଣି ଗନ୍ଧର୍ବଦମ୍ପତି ଏକାନ୍ତ ଦୁଃଖିତ ହେଲେ ଏବଂ ବିନୟସହକାରେ କହିଲେ, "ଆମ୍ଭେମାନେ ଦେବକାର୍ଯ୍ୟରେ ଜୀବନ ଦାନ କରିବାକୁ କୁଣ୍ଠିତ ନୋହୁଁ; ମାତ୍ର ଗନ୍ଧର୍ବ ଜାତିର ଏକମାତ୍ର ସମ୍ବଳ ସ୍ୱୀୟ ରୂପଲାବଣ୍ୟରୁ ଅଣୁମାତ୍ର ପ୍ରଦାନ କରି ପାରିବୁଁ ନାହିଁ ।" ଏହି ଉତ୍ତରରେ ଦେବତାମାନେ କ୍ରୁଦ୍ଧ ହୋଇ ସେମାନଙ୍କୁ ଚିରକାଳୀନ ରଥାଙ୍ଗ ମିଥୁନ ପରି ପରସ୍ପର ବିଚ୍ଛିନ୍ନ ରହିବାକୁ ଅଭିଶାପ ଦେଲେ—

ତହୁଁ ଉଦିତ ହେଲା ପ୍ରଳୟ ଭୟ ।
ଝାମ୍ପିଲା କମ୍ପ ଦମ୍ପତିର ହୃଦୟ ॥
ଶୋକବିବଶ ହୋଇ କଲେ ଏ ସ୍ତୁତି ।
ନମୋ ନମସ୍ତେ ସୁଧାଶନସନ୍ତତି ॥
ନମସ୍ତେ ନାକଲୋକନିବାସିବାର ।
ଜଗତେ ନୁହେ ଦୀନ ବିନାଶିବାର ॥
ପୀୟୂଷ ଅମ୍ଭୋଦରୁ ଦମ୍ଭୋଳି ବୃଷ୍ଟି ।
ସମ୍ଭବିଲେ କି ଅଭ ସ୍ତମ୍ଭିବ ସୃଷ୍ଟି ॥

ରକ୍ଷକଠାରେ ହେଲେ ଭକ୍ଷକ ରୀତି ।
ଶରଣଠାରୁ ହେଲେ ମରଣଭୀତି ॥
ଫନ୍ଦା ହୁଅଇ ନିନ୍ଦା ସର୍ବ ବଦନେ ।
ବନ୍ଦାରୁ-ବିନାଶନ ନାହିଁ ଭୁବନେ ॥
ହରିଙ୍କି ଭଜି ଯମୁଁ ଡରି କି ଲଭେ ।
ତରୀକି ପାଇ ବୁଡ଼ି ମରି କି କେବେ ॥

ଏହି ସ୍ତବ ଶୁଣି ଦେବବୃନ୍ଦ କୃପାର୍ଦ୍ର ହୋଇ ତପ୍ତାନ୍ତରରେ ସୁଧା ସେଚନ ପରି ଏହିପରି ମୃଦୁବଚନ ପ୍ରକାଶ କଲେ—"ତ୍ରିଦଶମାନଙ୍କର ଶାପ କଦାପି ଅନ୍ୟଥା ହୁଏ ନାହିଁ । ଏ ଦେହ ଶେଷରେ ତୁମ୍ଭେମାନେ ଏହି ରୂପ ଓ ଗୁଣ ପୁନଃ ପ୍ରାପ୍ତ ହେବ । ମାତ୍ର ବର୍ତ୍ତମାନ ଅବସ୍ଥାରେ ତୁମ୍ଭର ଅଙ୍ଗ ମିଳନ ସମ୍ଭବପର ନୁହେଁ ।" ଏହି ଶାପପ୍ରଭାବରେ ସେ ଦୁହେଁ ତତ୍କ୍ଷଣାତ୍ ବିଚ୍ଛିନ୍ନ ହୋଇ ଶିବ ଓ ଶିବାଙ୍କ ସେବାରେ ନିଯୁକ୍ତ ହେଲେ । ଦିନେ ନାରଦଙ୍କ ବୀଣାଦଣ୍ଡରୁ ସ୍ଖଳିତ ପୁଷ୍ପ ସେମାନଙ୍କ ଉପରେ ପତିତ ହେବାରୁ ପଞ୍ଚତ୍ୱପ୍ରାପ୍ତ ହୋଇ ପୁରୁଷ ଗୋମତୀତୀରରେ ଚୂତତରୁ ଓ ସ୍ତ୍ରୀ କୈଳାସରେ ଦ୍ରାକ୍ଷାଲତାରୂପେ ଜନ୍ମଗ୍ରହଣ କଲେ । ସେମାନେ ଫଳପ୍ରଦାନଦ୍ୱାରା ଶିବ-ଶିବାଙ୍କୁ ତୁଷ୍ଟ କରି ପରଜନ୍ମରେ ଅନଙ୍ଗସୁନ୍ଦର ନାମକ ରାଜପୁତ୍ର ଓ ଚନ୍ଦ୍ରକଳାନାମ୍ନୀ ରାଜକନ୍ୟାରୂପେ ଜାତ ହେଲେ । ରାଜପୁତ୍ର ଓ ରାଜକନ୍ୟାଙ୍କ ଜନ୍ମବର୍ଣ୍ଣନା ମଧ୍ୟ ଅତି ହୃଦୟସ୍ପର୍ଶୀ । ସେ ସମସ୍ତର ବିସ୍ତାରିତ ଆଲୋଚନା ଏଠାରେ ସମୀଚୀନ ବୋଧ ନ ହେବାରୁ ସଂକ୍ଷେପରେ କେବଳ ଏତିକି ମାତ୍ର ବ୍ୟକ୍ତ କଲୁଁ ।

ଲାବଣ୍ୟବତୀର ପୂର୍ବଜନ୍ମ ବୃତ୍ତାନ୍ତ ସଙ୍ଗେ ଚନ୍ଦ୍ରକଳାର ପୂର୍ବଜନ୍ମ ବୃତ୍ତାନ୍ତକୁ ତୁଳନା କଲେ ଜଣାଯାଏ ଯେ, ସ୍ୱଭାବସୁନ୍ଦର ଚରିତ୍ରଚିତ୍ରଣରେ ବଳଦେବଙ୍କର ସିଦ୍ଧହସ୍ତତା ସର୍ବଥା ପ୍ରଶଂସନୀୟ । ପାର୍ବତୀଙ୍କ ମନୋଜାତ କନ୍ୟାର ରୂପମାଧୁରୀ ଦେଖିଲେ ଶିବ ପାର୍ବତୀଙ୍କ ପ୍ରତି ବୀତଶ୍ରଦ୍ଧ ହୋଇଯିବେ, ଏ ଚିତ୍ର ହିନ୍ଦୁର ଆଦର୍ଶ-ଯୋଗୀ ଦେବଦେବ ଶିବଙ୍କ ସ୍ୱଭାବର ଅନୁରୂପ କି ? ସେ ଯାହାହେଉ, ବଳଦେବ ଅନଙ୍ଗସୁନ୍ଦର ଓ ଚନ୍ଦ୍ରକଳାର ପରବର୍ତ୍ତୀ ଜନ୍ମ ସମ୍ବନ୍ଧରେ ମଧ୍ୟ ଯେଉଁ ମାନବ-ଚରିତ୍ରର ସୁସଙ୍ଗତ ଚିତ୍ର ପ୍ରଦାନ କରିଅଛନ୍ତି, ତାହା ପାଠ କଲେ ଜଣାଯାଏ ଯେ, ତତ୍ପ୍ରଣୀତ ଗ୍ରନ୍ଥକୁ ଏହି ଭାବରେ ସ୍ୱଭାବାନୁଗତ କରାଇବା ତାଙ୍କ ଚିନ୍ତାର ବିଷୟ ଥିଲା । ମାତ୍ର ସମସାମୟିକ ଲୋକରୁଚିର ଅନୁବର୍ତ୍ତୀ ହୋଇ ପରବର୍ତ୍ତୀ ଗ୍ରନ୍ଥମାନଙ୍କରେ ସେ ଲାବଣ୍ୟବତୀର ବିଷୟଚିତ୍ର ( Plot ) ଗ୍ରହଣ କରିଅଛନ୍ତି । ବଳଦେବ ଭକ୍ତ କବିବର ରାଧାନାଥ ତାଙ୍କ 'ଉଷା' କାବ୍ୟରେ ଉଷା-ଜୟନ୍ତଙ୍କ ପୂର୍ବଜନ୍ମର ଅଭିଶାପ ବିଷୟରେ ଯେଉଁ ଚିତ୍ର ଦେଇଅଛନ୍ତି, ତାହା ପାଠ କଲେ

ଜଣାଯାଏ ଯେ, ସେ ବଳଦେବଙ୍କର 'ଚନ୍ଦ୍ରକଳା'ର ଉଦ୍‌ବିଷୟକ ଛନ୍ଦର ଛାୟା ତହିଁରେ ଗ୍ରହଣ କରିଅଛନ୍ତି । ଅବଶ୍ୟ ରାଧାନାଥଙ୍କ କଳ୍ପନା ତାହାକୁ ପରେ କିଞ୍ଚିତ୍ ଭିନ୍ନାକାର ପ୍ରଦାନ କରିଅଛି, ମାତ୍ର ଘଟଣାର ମୂଳ ଯେ ବଳଦେବଙ୍କ ଚନ୍ଦ୍ରକଳାରୁ ଗୃହୀତ, ତାହା ସହଜରେ ଅନୁମିତ ହୁଏ । ଚନ୍ଦ୍ରକଳାର ପରବର୍ତ୍ତୀ ଛନ୍ଦମାନଙ୍କରେ ଅନଙ୍ଗସୁନ୍ଦରଙ୍କ ଜନ୍ମଭୂମି ମହାଗଜଘୋଷର ବର୍ଣ୍ଣନା, ଚନ୍ଦ୍ରକଳାର ଜନ୍ମ, ବାଲ୍ୟଲୀଳା, କଳାବିଦ୍ୟାର ଅନୁଶୀଳନ, ଉଦ୍ୟାନବିହାର, ଜଳକେଳି, ବେଶବିନ୍ୟାସ, ଯୌବନାରମ୍ଭ, ପତ୍ର ପ୍ରତିପତ୍ରଲିଖନ, ସ୍ୱପ୍ନଦର୍ଶନ ପ୍ରଭୃତି ବର୍ଣ୍ଣିତ ହୋଇଅଛି । ବର୍ଣ୍ଣନାର କ୍ରମ ଲାବଣ୍ୟବତୀରୁ ଗୃହୀତ ହୋଇଥିଲେହେଁ ବଳଦେବ ସେ ଗ୍ରନ୍ଥରେ ସର୍ବତ୍ର ସ୍ୱୀୟ ଅସାଧାରଣ ପାଣ୍ଡିତ୍ୟ, ଅଲୌକିକ ରଚନାଚାତୁରୀ, ବିଚିତ୍ର ଅଳଙ୍କାରସୃଷ୍ଟି ଓ ଯଥାଯଥ ଶବ୍ଦପ୍ରୟୋଗର ବହୁଳ ନିଦର୍ଶନ ପ୍ରଦାନ କରିଅଛନ୍ତି । ଦୁରନ୍ୱୟ ଦୋଷ ବା ଅସାଧୁ ପ୍ରୟୋଗ ଚନ୍ଦ୍ରକଳାରେ ପ୍ରାୟଶଃ ଦୃଷ୍ଟ ହୁଏ ନାହିଁ, ତେବେ ସ୍ଥାନେ ସ୍ଥାନେ ଭାବର ଗମ୍ଭୀରତା ସାଧାରଣ ଲୋକଙ୍କ ପକ୍ଷରେ କବିତାକୁ ଦୁର୍ବୋଧ କରିଅଛି, ମାତ୍ର ଭଞ୍ଜୀୟ କବିତା ପରି ତାହା ତେତେ ଦୁର୍ବୋଧ ନୁହେ । ଆମ୍ଭେମାନେ ଉପରେ ଚନ୍ଦ୍ରକଳାର ଯେଉଁ କେତେକ ପଂକ୍ତି ଉଦ୍ଧାର କରିଅଛୁଁ ତାହା ଅଲୋଚନା କଲେ ଜଣାଯାଏ ଯେ କବି ସରଳ ସୁମଧୁର ରଚନାର ପକ୍ଷପାତୀ ଥିଲେ । ଭାଷାର କଠିନ ଆବରଣରେ ଭାବର ବିଚିତ୍ର ସୌନ୍ଦର୍ଯ୍ୟ ଆଚ୍ଛାଦନ କରିବାକୁ ତାଙ୍କର ଆଦୌ ପ୍ରବୃତ୍ତି ନ ଥିଲା । ଯେଉଁ ସ୍ଥାନରେ ସେ କେତେଗୋଟି ସଂସ୍କୃତ ଶବ୍ଦ ପ୍ରୟୋଗ କରିଅଛନ୍ତି, ସେ ସ୍ଥାନରେ ତାଙ୍କର ରଚନା ଅଧିକତର ଶ୍ରୁତିମଧୁର ବା ଭାବୋଦ୍ଦୀପକ ହୋଇଅଛି । ସଂସ୍କୃତ ସାହିତ୍ୟରସିକ କବିମାନଙ୍କ ପକ୍ଷରେ ଏହା ସ୍ୱାଭାବିକ । ସଂସ୍କୃତ ଭାଷାରେ କାଦମ୍ବରୀ ଗୋଟିଏ ଅମୂଲ୍ୟ ଗ୍ରନ୍ଥ । ରାଧାନାଥ ଚିଲିକାରେ "ଧାରାସ୍ରାବୀ ଶ୍ରମବାରି ତଡ଼ିଦ୍‌ବନ୍ତ × × × ଅଦ୍ୟାପି ସୂଚଇ ରାମାଶ୍ରମରେଖା" ପ୍ରଭୃତି ଅଂଶ ଯେପରି ଅବିକଳ କାଦମ୍ବରୀରୁ ଗ୍ରହଣ କରିଅଛନ୍ତି, ବଳଦେବ ମଧ୍ୟ ସେହିପରି ଚନ୍ଦ୍ରକଳାର ତୃତୀୟ ଛନ୍ଦରେ ମହାଗଜଘୋଷ ରାଜଧାନୀର ବର୍ଣ୍ଣନାପ୍ରସଙ୍ଗରେ କାଦମ୍ବରୀର ଗୋଟିଏ ମନୋହର ବର୍ଣ୍ଣନା ଗ୍ରହଣ କରିଅଛନ୍ତି ।

"ଅମିତ ହିରଣ୍ୟଗର୍ଭଗୃହ ସମ୍ପର୍କରୁ
ସେ ନଗରୀ ଗରୀୟସୀ ବିରଞ୍ଚିଲୋକରୁ
× × × ×
ସମସ୍ତ ପ୍ରାସାଦଶିଖରଶିଳାରୁ ଉଭରେ,
ନାହାନ୍ତି ବର୍ଣ୍ଣସଙ୍କର ସେ ପୁର ଭିତରେ ।

ରତି ବିନା ଆନେ ତହିଁ ନାହିଁ କେଶଗ୍ରହ,
ଅକ୍ଷକ୍ରୀଡ଼ା ବିନା ଦେଖା ନାହିଁ ଶୂନ୍ୟ ଗୃହ ।
ଦନ୍ତବାସ ଗୀତ ବିନା ରାଗ ନାହିଁ ଆନେ,
କୁଞ୍ଜରେ ମଦବିକାର ଅଛି, ନାହିଁ ଜନେ ।
ବିପକ୍ଷ ବୋଲାଏ ଏକା ବିହଙ୍ଗମ ପକ୍ଷ,
କୁଟିଳ କେବଳ କଳାବତୀଙ୍କ କଟାକ୍ଷ ।
କାବ୍ୟେ ଦୃଢ଼ବନ୍ଧ, ଶାସ୍ତ୍ରେ ଚିନ୍ତା, କର୍ମଧ୍ୱଜେ,
କଠିନତା ମଣି ମାତ୍ର ରମଣୀ ଉରଜେ ।
କନକକଳସ ଦଣ୍ଡ ସିତ ଆତପତ୍ରେ,
ଚଞ୍ଚଳତା କାରନିତମ୍ବିନୀ ଜନନେତ୍ରେ ।"

× × × ×

କାଦମ୍ବରୀର ଏହି ବିଚିତ୍ର ଅଳଙ୍କାରବିନ୍ୟାସକୁ ସମ୍ଭବତଃ ଏପର୍ଯ୍ୟନ୍ତ ଅନ୍ୟ କୌଣସି ଉତ୍କଳୀୟ କବି ସ୍ୱରଚିତ ପ୍ରବନ୍ଧରେ ସ୍ଥାନ ଦେଇ ପାରି ନାହାନ୍ତି । ଚନ୍ଦ୍ରକଳାର ବନବିହାର ଓ ବେଶବର୍ଣ୍ଣନା ସ୍ଥଳରେ କବି ଯେଉଁ ଅଦ୍ଭୁତ ରଚନାକୌଶଳ ଓ ମୌଳିକ କଳ୍ପନାସାମର୍ଥ୍ୟ ପ୍ରଦର୍ଶନ କରିଅଛନ୍ତି, ତାହା ଅନ୍ୟତ୍ର ଦୁର୍ଲ୍ଲଭ ପରି ବୋଧ ହୁଏ । ବଳଦେବ ଚନ୍ଦ୍ରକଳାର ଛାନ୍ଦମାନଙ୍କୁ ନିଜ ନାମରେ ଭଣିତ ନ କରି ସ୍ୱୀୟ ଉତ୍ସାହଦାତା ଜଳନ୍ତରର ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ ଭଣିତ କରିଅଛନ୍ତି । ପ୍ରତ୍ୟେକ ଛାନ୍ଦର ରଚନା ଶେଷରେ ସେ ତାହା ରାଜସଭାରେ ପାଠ କରି ସଭାସଦମାନଙ୍କର ପ୍ରୀତି ଆକର୍ଷଣ କରୁଥିଲେ । କ୍ରମେ ରାଜା ତାହାଙ୍କର ଅସାଧାରଣ ଶକ୍ତିମତ୍ତା ଓ ପାଣ୍ଡିତ୍ୟ ଦେଖି ତାଙ୍କୁ ନିଜ ରାଜ୍ୟର ଦେବାନ କାର୍ଯ୍ୟରେ ନିଯୁକ୍ତ କରି ସମସ୍ତ ରାଜ୍ୟପରିଚାଳନାର ଭାର ତାଙ୍କ ଉପରେ ନ୍ୟସ୍ତ କଲେ । ଚନ୍ଦ୍ରକଳା ଗ୍ରନ୍ଥର ୧୪ଟି ଛାନ୍ଦ ରଚିତ ହେବା ପରେ ରାଜାଙ୍କର ସେହି ପ୍ରାଣପ୍ରିୟା ପାଳିତା କନ୍ୟା "ଚନ୍ଦ୍ରକଳା" ସପ୍ତଦଶ ବର୍ଷ ବୟସରେ ହଠାତ୍ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଭୂଲୋକରୁ ଅସ୍ତମିତ ହୋଇଗଲେ । ଦୁର୍ଦ୍ଦୈବ ନିଜନନ୍ଦନ କନ୍ୟାର ବିବାହ ନିମିତ୍ତ ଆୟୋଜନ କରାଯାଇଥିବା ଦ୍ରବ୍ୟସମ୍ଭାର ତାହାର ଅନ୍ତ୍ୟେଷ୍ଟିକ୍ରିୟାରେ ବ୍ୟୟିତ ହେଲା । ରାଜା, ରାଜପରିବାର ଓ ଚନ୍ଦ୍ରକଳା ଛାନ୍ଦର ଶ୍ରୋତୃମଣ୍ଡଳୀ ରାଜପାରିଷଦ-ବର୍ଗ ଏହି ଘଟନାରେ ଏକାନ୍ତ ଶୋକାକୁଳ ଓ ମ୍ରିୟମାଣ ହୋଇ ପଡ଼ିଲେ । ଅମ୍ଭମାନଙ୍କର କବି ବଳଦେବ ମଧ୍ୟ ତାଙ୍କ କାବ୍ୟ ଉପଜୀବ୍ୟ ନାୟିକାର ବିୟୋଗରେ ଏକାନ୍ତ ଶୋକାକୁଳ ହୋଇ ଗ୍ରନ୍ଥର ପରିପୂର୍ଣ୍ଣତା ଆଡ଼କୁ ଆଉ ଦୃଷ୍ଟିଦେଲେ ନାହିଁ, ସୁତରାଂ ଚନ୍ଦ୍ରକଳା ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଲା । ଆମ୍ଭେମାନେ ଅନୁମାନ କରୁଁ, ଶୋକାବେଗ କମିଯିବା ପରେ କବି ଇଚ୍ଛା

କରିଥିଲେ ଚନ୍ଦ୍ରକଳାକୁ ସମ୍ପନ୍ନ କରି ପାରିଥାନ୍ତେ, ମାତ୍ର ସେ ନିଜ ରୁଚି-ବିରୋଧରେ କେବଳ ରାଜା ଏବଂ ଜନମଣ୍ଡଳୀର ଅନୁରୋଧକ୍ରମେ ଭଞ୍ଜଙ୍କ ଲାବଣ୍ୟବତୀକୁ ଅନୁସରଣ କରି ଚନ୍ଦ୍ରକଳା ଲେଖୁଥିଲେ; ତେଣୁ ଏପରି ଦୁର୍ଘଟନା ପରେ ସେ ଆଉ ତାହାର ପୂର୍ଣ୍ଣତା ପ୍ରତି ଦୃଷ୍ଟି ଦେଲେ ନାହିଁ। ଶେଷରେ ଆଉ ୭ ଗୋଟି ଛାନ୍ଦ ତହିଁରେ ଯୋଗ କରି ସୁଦ୍ଧା ସମ୍ପନ୍ନ କରିବାକୁ ଚେଷ୍ଟା କରିନାହାନ୍ତି।

---

## ଚତୁର୍ଥ ପରିଚ୍ଛେଦ

ଶାସନଦଣ୍ଡ ପ୍ରିୟ ଦେବାନ ବଳଦେବଙ୍କ ହସ୍ତରେ ନ୍ୟସ୍ତ କରି ଚନ୍ଦ୍ରକଳାର ବିୟୋଗ ପରେ ରାଜା ରାମଚନ୍ଦ୍ର ଛୋଟରାୟ ବହୁକାଳଯାଏ ଶୋକାକୁଳ ହୋଇ ରହିଥିଲେ। ପ୍ରତ୍ୟହ ପ୍ରାୟ ସନ୍ଧ୍ୟା ପରେ ରାଜା ପାରିଷଦ-ପରିବୃତ ହୋଇ ଚନ୍ଦ୍ରକଳାସଂପୃକ୍ତ କଥାରେ କାଳାତିପାତ କରୁଥାନ୍ତି। ବିବିଧ ସାନ୍ତ୍ୱନାସତ୍ତ୍ୱେ ଦ୍ୱିଧା ବିଚ୍ଛିନ୍ନ ସ୍ନେହଗ୍ରନ୍ଥିର ମର୍ମଚ୍ଛିଦ ପ୍ରତ୍ୟଗ୍ରଯାତନା ରାଜାଙ୍କର ଏକାନ୍ତ ଅସହ୍ୟ ହୋଇ ପଡ଼ୁଥିଲା। ବୁଦ୍ଧିମାନ ବଳଦେବ ଗୁରୁତ୍ତର ଶୋକର ଲଘୁକରଣ ଉଦ୍ଦେଶ୍ୟରେ କାବ୍ୟରସପାୟୀ ରାଜାଙ୍କୁ ଆନୁଷଙ୍ଗିକ ସଙ୍ଗୀତ ଓ କବିତାଦି ଶୁଣାଇବାର କଳ୍ପନା କଲେ। ରାମଚନ୍ଦ୍ର ଛୋଟରାୟ ପ୍ରକୃତରେ ଗୁଣଗ୍ରାହୀ ରସିକ ରାଜା। ବଳଦେବ ଯେତେବେଳେ ଦେଖିଲେ ଯେ, ରାଜାଙ୍କ ମନସ୍ତାପ ତାଙ୍କର କାବ୍ୟାଦି ଆଲୋଚନାର ପ୍ରଧାନ ଅନ୍ତରାୟ ହେଲା ସେତେବେଳେ ସେ ତାହାର ନିରାକରଣ ନିମିତ୍ତ ଯଥାଶକ୍ତି ଚେଷ୍ଟା କରିବାରେ ଲାଗିଲେ। ସୁଦୀର୍ଘ ପ୍ରବନ୍ଧାବଳୀର ଆଲୋଚନାରେ ସାଧାରଣତଃ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାର ଦେଖି ସେ ନବ ନବ ଭାବଯୁକ୍ତ କ୍ଷୁଦ୍ର କ୍ଷୁଦ୍ର ସରସ ଚଉପଦୀ ବା ସଙ୍ଗୀତ ଶୁଣାଇବାରେ କୃତସଂକଳ୍ପ ହୋଇ ତଦ୍‌ବିଷୟକ ରଚନାରେ ଅଭିନିବିଷ୍ଟ ହେଲେ। ରାଜକାର୍ଯ୍ୟ ପରିଚାଳନା ପରେ ଯେଉଁ ଅଳ୍ପ ସମୟ ବଳୁଥିଲା, ସେ ସମୟକୁ ସେ ସଙ୍ଗୀତ ରଚନାରେ ବ୍ୟୟିତ କରୁଥିଲେ। ଏହି ସଙ୍ଗୀତମାନଙ୍କ ମଧ୍ୟରୁ ଅଧିକାଂଶ ରାଜା ରାମଚନ୍ଦ୍ର ଛୋଟରାୟ ବା ଜଳନ୍ତ୍ରର ଅଧିପତିଙ୍କ ନାମରେ ଭଣିତ। ଏହି ସମୟରେ ରଚିତ ଅନେକଗୁଡ଼ିଏ କବିତା ଆମ୍ଭମାନଙ୍କ ହସ୍ତଗତ ହୋଇଅଛି। ଏହି ପୁସ୍ତକର ସଙ୍ଗୀତକଳ୍ପଲତା ପ୍ରକରଣରେ ଆମ୍ଭେମାନେ ପାଠକସମାଜକୁ ସେ ସବୁ ଉପହାର ପ୍ରଦାନ କରିଅଛୁଁ। ଯେଉଁ କବିତା ହୃଦୟର ଅନ୍ତରତମ ପ୍ରଦେଶର ଅନୁଭୂତି ପ୍ରକାଶ ନ କରେ ଏବଂ ସାଧାରଣ ପାଠକସମାଜକୁ କବିଙ୍କ ଭାବରେ ଅନୁପ୍ରାଣିତ ନ କରେ, ତାହା କବିତାପଦବାଚ୍ୟ ନୁହେ। କାରୁଣ୍ୟାଦି-

ବ୍ୟଞ୍ଜକରୂପେ କବି କପିଳ ସ୍ୱଭାବସଙ୍ଗତ ବୃତ୍ତି ନିର୍ବାଚନରେ ପଟୁ, ତାହା ମଧ୍ୟ ଆଲୋଚନାର ବିଷୟ । କବିତା ଭାବମୟୀ, ସ୍ୱଭାବସୁନ୍ଦର ଶବ୍ଦଯୋଜନା ସେ ଭାବର ପ୍ରକାଶକ । ପ୍ରାଚୀନ ତଥା ଆଧୁନିକ ଉତ୍କଳ ସାହିତ୍ୟରେ ସେଭଳି କବିତାର ସ୍ଥାନ ପାଠକମାନେହିଁ ସ୍ଥିର କରିବେ ।

ଏହି ଭାବରେ ପ୍ରତ୍ୟହ କାବ୍ୟକବିତାରସର ଆସ୍ୱାଦନରେ ବଳଦେବ ରାଜାଙ୍କୁ ପରିତୃପ୍ତ କରାଇବା ପରେ ରାଜା ବଳଦେବଙ୍କୁ ଏକାନ୍ତ ବିଶ୍ୱାସଯୋଗ୍ୟ ଚକ୍ଷୁରେ ଦେଖିଲେ । ବଳଦେବହିଁ ସମଗ୍ର ରାଜ୍ୟ ପରିଚାଳନା କଲେ । ବଳଦେବ କୁଳୀନ ବ୍ରାହ୍ମଣବଂଶରୁ ଉଦ୍ଭୂତ ହୋଇଥିଲେ । ସେ ସ୍ୱୀୟ ପୂର୍ବପୁରୁଷଙ୍କ ପଦାଙ୍କାନୁସରଣ କରି ପ୍ରକୃତ ମନ୍ତ୍ରୀର କାର୍ଯ୍ୟ କରିବାରେ ଲାଗିଲେ । ପ୍ରାଚୀନ ଭାରତରେ କ୍ଷତ୍ରିୟ ଜାତିଙ୍କୁ ରାଜତ୍ୱ ଦେଇ ବ୍ରାହ୍ମଣମାନେହିଁ ମନ୍ତ୍ରୀରୂପେ ରାଜ୍ୟଶାସନ କରୁଥିଲେ । ତେଣୁ ପ୍ରତ୍ୟେକ ଶୁଭାନୁଷ୍ଠାନରେ 'ଗୋବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ, ଲୋକାଃ ସମଗ୍ରାଃ ସୁଖିନୋ ଭବନ୍ତୁ' ବୋଲି ଈଶ୍ୱରଙ୍କଠାରେ ପ୍ରାର୍ଥନା କରାଯାଉଥିଲା । ବଳଦେବଙ୍କର ନିର୍ଲୋଭ ବ୍ୟବହାର, ସତ୍ୟନିଷ୍ଠା ଓ ଅପ୍ରତ୍ୟାଶିତ ଭାବରେ ଲୋକସମାଜର ମଙ୍ଗଳ କରିବାର ବାସନା ଅଳ୍ପଦିନ ମଧ୍ୟରେ ତାଙ୍କୁ ଜଳନ୍ତରର ପ୍ରକୃତିମଣ୍ଡଳୀରେ ପ୍ରତିଷ୍ଠିତ କଲା । ସମୁଚ୍ଚ ରାଜପଦରେ ଅଳଂକୃତ ହୋଇ ସୁଦ୍ଧା ସେ ଏକାନ୍ତ ନିରଭିମାନ ଓ ନିରାଡ଼ମ୍ବର ଥିଲେ । ସାଧାରଣ ଆମୋଦସ୍ପୃହା ତାଙ୍କ ହୃଦୟକୁ ସ୍ପର୍ଶ କରି ପାରି ନ ଥିଲା । ରାମଚନ୍ଦ୍ର ଛୋଟରାୟ ତାଙ୍କ ଉପରେ ରାଜ୍ୟର ଆୟବ୍ୟୟର ଯାବତୀୟ ଭାର ଅର୍ପଣ କରିଥିଲେ । ସେ ଇଚ୍ଛା କରିଥିଲେ ସ୍ୱୀୟ ପାରିଶ୍ରମିକରୂପେ ରାଜକୋଷରୁ ବହୁ ଅର୍ଥ ସଞ୍ଚୟ କରି ପାରିଥାନ୍ତେ, ମାତ୍ର ସେ ବ୍ରାହ୍ମଣୋଚିତ ଖାଦ୍ୟ ଓ ବ୍ରାହ୍ମଣୋଚିତ ବସ୍ତ୍ରଭୂଷାରେ ସନ୍ତୁଷ୍ଟ ରହୁଥିଲେ; ସୁତରାଂ ବିଳାସବାସନା ଚରିତାର୍ଥ କରିବାରେ ବା ଭବିଷ୍ୟତ ନିମିତ୍ତ ସଞ୍ଚୟ କରିବାରେ ତାଙ୍କର ଆଦୌ ଭ୍ରୂକ୍ଷେପ ନ ଥିଲା । ରାଜାଙ୍କ ଅନୁମତିକ୍ରମେ ସେ ପ୍ରଜାସାଧାରଣର ଉପକାର ଉଦ୍ଦେଶ୍ୟରେ ରାଜ୍ୟମଧ୍ୟରେ କୃଷିର ଉନ୍ନତି ପାଇଁ ଅନେକଗୁଡ଼ିଏ ବଡ଼ ବଡ଼ ପୋଖରୀ ଖୋଳାଇଲେ ଏବଂ ଦୁଃସ୍ଥ ପ୍ରଜାପୁଞ୍ଜକୁ ରାଜକୋଷରୁ ଅର୍ଥ ସାହାଯ୍ୟ ଦେଇ ବିବିଧ ଶସ୍ୟଉତ୍ପାଦନରେ ଉତ୍ସାହିତ କଲେ । ଅଳ୍ପକାଳ ମଧ୍ୟରେ ଜଳନ୍ତରର ପ୍ରକୃତିମଣ୍ଡଳୀ 'ରାମରାଜ୍ୟ'ର ସୁଖ ଉପଭୋଗ କରିବାରେ ଲାଗିଲେ । ପ୍ରଜାକୁଳର ସୁବିଧା ପାଇଁ ସେ ଜଳନ୍ତରର ପ୍ରାଚୀନ ଗଡ଼କୁ ସୋମପେଣ୍ଠ ନିକଟବର୍ତ୍ତୀ ଦୁର୍ଗାପ୍ରସାଦ ନାମକ ସ୍ଥାନକୁ ଉଠାଇ ଆଣିଥିଲେ । ଜଳନ୍ତରର ରାଜ୍ୟ ମଧ୍ୟରେ ଅନେକଗୁଡ଼ିଏ ଦେବମନ୍ଦିର ଥିଲା ଓ ପ୍ରତ୍ୟେକ ଦେବତାଙ୍କ ସେବାପୂଜା ନିମିତ୍ତ ପ୍ରଚୁର ଭୂସମ୍ପତ୍ତି ଖଞ୍ଜା ଯାଇଥିଲା, କିନ୍ତୁ ଉପଯୁକ୍ତ ପରିଚାଳନା ଅଭାବରୁ ସେ ଗୁଡ଼ିକ ବ୍ୟକ୍ତିବିଶେଷର ସମ୍ପତ୍ତିରେ ପରିଣତ ହୋଇଥିଲା । କ୍ରମେ ବଳଦେବଙ୍କ ଦୃଷ୍ଟି ତହିଁରେ ପଡ଼ିଲା । ସେ ଦେଖିଲେ ଯେ,

ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ପ୍ରଚୁର ଭୂସମ୍ପତ୍ତି ଦେବତାମାନଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଅଛି । ରାଜ୍ୟର ଗୃହଅତିଥି, ଅଗନ୍ତୁକ ଓ ଦରିଦ୍ର ଲୋକମାନଙ୍କୁ ପ୍ରତ୍ୟହ ସତ୍କାର କରିବା ଏହି ସବୁ ଦେବୋତ୍ତର ସମ୍ପତ୍ତିର ଲକ୍ଷ୍ୟ; ତେଣୁ ସେ ଦେବ ମନ୍ଦିର ପରିଚାଳକମାନଙ୍କୁ ରାଜଧାନୀକୁ ଆହ୍ୱାନ କରି ଆଣି ତାଙ୍କର ଉଦ୍ଦେଶ୍ୟ ଜ୍ଞାପନ କଲେ ଏବଂ ପ୍ରତ୍ୟେକ ମନ୍ଦିରର ପରିଚାଳନା କାର୍ଯ୍ୟପ୍ରଣାଳୀ ଉପରେ ନିଜେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଏହି ଭାବରେ କାର୍ଯ୍ୟ ହେବାରୁ ରାଜ୍ୟରେ କୌଣସି ଲୋକ କୌଣସି ଦିନ ଉପବାସରେ ରହୁ ନ ଥିଲେ ।

ଅନନ୍ତର ସେ ଦେଖିଲେ ଯେ, ଅନ୍ୟମାନଙ୍କ ସଙ୍ଗରେ ଆସି ଉତ୍କଳୀୟମାନେ କ୍ରମେ ଆଚାରଭ୍ରଷ୍ଟ ହେଉଅଛନ୍ତି ଏବଂ ଉତ୍କଳୀୟ ସ୍ମୃତି ଅନୁଯାୟୀ ହିନ୍ଦୁମାନଙ୍କର କ୍ରିୟାକଳାପ ସମାହିତ ହେଉ ନାହିଁ; ତେଣୁ ସେ ସ୍ଥାନୀୟ ପଣ୍ଡିତମଣ୍ଡଳୀଙ୍କ ସଙ୍ଗେ ପରାମର୍ଶ କରି ରାଜାଙ୍କ ସଭାପତିତ୍ୱରେ 'ଉତ୍କଳାଚାର' ନାମକ ଗୋଟିଏ ସଭା ପ୍ରତିଷ୍ଠା କଲେ । କ୍ରମେ ଗଡ଼ର ଶିକ୍ଷିତ ସମ୍ପ୍ରଦାୟ ଏଥିରେ ଯୋଗ ଦେଲେ ଏବଂ ସଭାର କାର୍ଯ୍ୟକଳାପ ଏବଂ ବିଚାର ନିଷ୍ପତ୍ତିରେ ଜନସମାଜ ପରମ ପରିତୋଷ ପ୍ରକାଶ କଲେ । ବୁଦ୍ଧିମାନ୍ ବଳଦେବ ରାଜାଙ୍କୁ ସଭାପତି ନିର୍ବାଚନ କରିବାଦ୍ୱାରା ଅନେକ ସମୟରେ ରାଜ୍ୟଶାସନସଂକ୍ରାନ୍ତ ନାନା ଜଟିଳ ସମସ୍ୟା ମୀମାଂସା କରିବା ନିମିତ୍ତ ସଭାରେ ଉପସ୍ଥାପିତ କରୁଥିଲେ । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ସଂସ୍ରବରେ ଆସି ନ ଥିବା ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ମସ୍ତିଷ୍କରେ ଶାସନଶୃଙ୍ଖଳା ନିମିତ୍ତ ଏଭଳି ସମଷ୍ଟିମତ ସଂଗ୍ରହ କରିବାର ଚିନ୍ତା ପ୍ରବେଶ କରିବା ଉତ୍କଳ ପ୍ରଦେଶରେ ଅଭିନବ ବୋଧହୁଏ ।

ଜଳନ୍ତର ନିକଟରେ ମଞ୍ଜୁଷା ରାଜ୍ୟ ବିଦ୍ୟମାନ । ବହୁକାଳରୁ ମଞ୍ଜୁଷା ରାଜାଙ୍କ ସଙ୍ଗେ ଜଳନ୍ତର ରାଜାଙ୍କର ବିବାଦ ଥିଲା ଏବଂ ସେହି ହେତୁରୁ ଉଭୟ ରାଜ୍ୟର ସମୃଦ୍ଧି କ୍ଷତି ମଧ୍ୟ ହେଉଥିଲା । ବଳଦେବ ଦେଖିଲେ ଯେ, ଏହି ବିବାଦ ବର୍ଦ୍ଧିତ ହେଲେ ନିରୀହ ପ୍ରଜାମାନେହିଁ ପରିଣାମରେ ଦୁଃଖୀ ହେବେ; ତେଣୁ ନିଜ ସୂକ୍ଷ୍ମ ବୁଦ୍ଧି ପ୍ରୟୋଗରେ ଉଭୟ ରାଜ୍ୟକୁ ମିତ୍ରତାସୂତ୍ରରେ ଆବଦ୍ଧ ରଖିବାକୁ ଯତ୍ନ କଲେ । ଏହି ଉଦ୍ଦେଶ୍ୟରେ ସେ ମଧ୍ୟସ୍ଥରୂପେ ମଞ୍ଜୁଷା ରାଜ୍ୟକୁ ଗମନ କଲେ ଏବଂ ତତ୍କାଳୀନ ମଞ୍ଜୁଷାର ରାଜା ତାଙ୍କର ଅସାଧାରଣ ବାକ୍‌ପଟୁତା, ପ୍ରତ୍ୟୁତ୍ପନ୍ନମତିତ୍ୱ ଓ ରାଜନୀତିକୁଶଳତା ଦେଖି ଏକାନ୍ତ ବିମୁଗ୍ଧ ହୋଇଗଲେ । ରାଜା ପୂର୍ବେ କବିସୂର୍ଯ୍ୟଙ୍କ ଖ୍ୟାତି ଶୁଣିଥିଲେ । ବର୍ତ୍ତମାନ ତାଙ୍କ ସଙ୍ଗେ ପରିଚୟ ହେବାରୁ ଏକାନ୍ତ ପ୍ରୀତ ହୋଇ ପରମସମାଦରରେ ପଣ୍ଡିତୋଚିତ ସମ୍ମାନ ପ୍ରଦର୍ଶନ କରିବାରେ ବିନ୍ଦୁମାତ୍ର କୁଣ୍ଠିତ ହେଲେ ନାହିଁ । ଏହି ସୁଯୋଗରେ ସେ ମଞ୍ଜୁଷାରାଜପରିବାରକୁ ଜଳନ୍ତର ରାଜପରିବାର ସଙ୍ଗେ ଚିରକାଳ ନିମିତ୍ତ ବନ୍ଧୁତ୍ୱ-

ସ୍କନ୍ଧରେ ଅବନ୍ଧ ରଖିଥିଲେ । ଚିକିଟି ପ୍ରଭୃତି ଜଳନ୍ତରର ପ୍ରତିବେଶୀ ରାଜନ୍ୟ-ବୃନ୍ଦ ମଧ୍ୟ ସେହି ଅସାଧାରଣ ଶକ୍ତିସମ୍ପନ୍ନ ମନୀଷୀଙ୍କର ସାହଚର୍ଯ୍ୟ ଲାଭ କରିବା ପାଇଁ ତାଙ୍କୁ ପୁନଃପୁନଃ ସ୍ୱ ସ୍ୱ ରାଜଧାନୀକୁ ନିମନ୍ତ୍ରଣ କରି ନେଇ ଯଥେଷ୍ଟ ସମାଦର କରୁଥିଲେ ।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ଓଡ଼ିଶା ଓ ଗଞ୍ଜାମର ରାଜାମାନଙ୍କ ଯତ୍ନରେ ଏ ଦେଶରେ ମାତୃଭାଷାର ତଥା ସଂସ୍କୃତଭାଷାର ଆଦର ଓ ଉନ୍ନତି ହୋଇଥିଲା । ବିଶେଷତଃ ପ୍ରାଚୀନ ଉତ୍କଳରେ ସଂସ୍କୃତଭାଷାର ଆଲୋଚନା ବିଷୟ ବିଚାର କଲେ ଦେଖାଯାଏ ଯେ, ଉତ୍କଳୀୟ ଭୂପତିବୃନ୍ଦହିଁ ଏହାର ପ୍ରଧାନ ପୃଷ୍ଠ-ପୋଷକ । ଅତି ପ୍ରାଚୀନକାଳରୁ ଆଜଯାଏ ପ୍ରାୟ ପ୍ରତ୍ୟେକ ରାଜଧାନୀରେ ସଂସ୍କୃତ ଆଲୋଚନା ନିମିତ୍ତ ଗୋଟିଏ ଗୋଟିଏ ପଣ୍ଡିତସଭା ଅଛି । ଅବଶ୍ୟ ବର୍ତ୍ତମାନ ସମୟରେ କେତେକ ରାଜା ପାଶ୍ଚାତ୍ୟଭାବପ୍ରଣୋଦିତ ହୋଇ ଆଉ ସେ ଆଡ଼କୁ ମତି ଦେଉ ନାହାନ୍ତି, କିନ୍ତୁ ପ୍ରତ୍ୟେକ ରାଜଧାନୀ ଯେ ପୂର୍ବେ ସଂସ୍କୃତ ଆଲୋଚନାର କେନ୍ଦ୍ରସ୍ଥଳ ଥିଲା, ଏଥିରେ ଆଉ ସନ୍ଦେହ ନାହିଁ । ଏହି ଆଲୋଚନା ପ୍ରଭାବରୁ ବହୁ ଲୋକ ଦେଶର, ତଥା ଜାତିର ମୁଖ ଉଜ୍ଜ୍ୱଳ କରି ଯାଇଅଛନ୍ତି । ରାଜାମାନଙ୍କ ସଭାରେ ସମ୍ମାନିତ ହେବା ଉଦ୍ଦେଶ୍ୟରେହିଁ ଗ୍ରାମେ ଗ୍ରାମେ ଶାସ୍ତ୍ରାଲୋଚନା ହେଉଥିଲା ଏବଂ ଶତ ଶତ ପଣ୍ଡିତ ଏହି ରାଜଧାନୀ-ମାନଙ୍କରେ ନିଜ ଶାସ୍ତ୍ର ଜ୍ଞାନ ଓ ପାଣ୍ଡିତ୍ୟର ପରିଚୟ ଦେଇ ଜୀବିକାନିର୍ବାହ କରୁଥିଲେ; କିନ୍ତୁ ଦୁଃଖର କଥା, ଆଧୁନିକ ଭୂପତିକୁଳର ଉଦାସୀନତା, ତଥା ଶାସ୍ତ୍ରାଲାପବିମୁଖତା ଆଜି ଏ ଦେଶକୁ ପଣ୍ଡିତଶୂନ୍ୟ କରିବାକୁ ବସିଲାଣି । ବଳଦେବ ଯେତେବେଳେ ଜଳନ୍ତର ରାଜଦରବାରରେ ପ୍ରତିଷ୍ଠା ଲାଭ କରି ରାଜକାର୍ଯ୍ୟ ପରିଚାଳନ କରୁଥିଲେ, ସେତେବେଳେ ଏ ଦେଶର ବହୁ ପଣ୍ଡିତ ସେ ସ୍ଥାନରେ ନିତ୍ୟ ସମବେତ ହେଉଥିଲେ । ଗୁଣଗ୍ରାହୀ ରାଜା ରାମଚନ୍ଦ୍ର ଛୋଟରାୟ ମଧ୍ୟ ସମାଗତ ପଣ୍ଡିତମାନଙ୍କୁ ଯଥୋପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବାରେ ତ୍ରୁଟି କରୁ ନ ଥିଲେ । ଅଠଗଡ଼ ଗଞ୍ଜାମ ଜିଲ୍ଲାର ଅନ୍ୟତମ ରାଜ୍ୟ । ଶ୍ରୀ ବାଲୁକେଶ୍ୱର ହରିଚନ୍ଦନ ନାମକ ଜଣେ ବିଦ୍ୟୋତ୍ସାହୀ ଯୁବକ ରାଜା ସେତେ-ବେଳେ ଅଠଗଡ଼ର ସିଂହାସନ ଅଳଙ୍କୃତ କରିଥିଲେ । ଆମ୍ଭେମାନେ ଯଥା କାଳରେ ଏହି ମହାନୁଭବ ନୃପତିଙ୍କ ବିଷୟ ଆଲୋଚନା କରିବୁଁ । ତାଙ୍କର ମଧ୍ୟ ଗୋଟିଏ ପଣ୍ଡିତସଭା ଥିଲା । ଥରେ ଅଠଗଡ଼ର ବିଧୁ ରଥ ନାମଧେୟ ଜନୈକ ପ୍ରସିଦ୍ଧ ପଣ୍ଡିତ ଜଳନ୍ତର ରାଜଦରବାରକୁ ଗମନ କରି ବଳଦେବଙ୍କ ସାହାଯ୍ୟରେ ରାଜାଙ୍କ ସହ ପରିଚିତ ହେଲେ ଏବଂ କେତେକ ଦିନ ସେ ସ୍ଥାନରେ ଅବସ୍ଥାନ କରି ବଳଦେବଙ୍କ ଅତିଥେୟତା, ପାଣ୍ଡିତ୍ୟ ତଥା ସୌଜନ୍ୟରେ ବିମୁଗ୍ଧ ହୋଇ ଅଠଗଡ଼କୁ ଫେରି ଆସିଲେ ଏବଂ ତତ୍ରତ୍ୟ

ପଣ୍ଡିତ ସଭାରେ ବଳଦେବଙ୍କର ବିଦ୍ୱତ୍ତା ଓ ମନୁଷ୍ୟତାର ଭୂୟସୀ ପ୍ରଶଂସା କଲେ । କ୍ରମେ ଏହା ରାଜାଙ୍କ କର୍ଣ୍ଣଗୋଚର ହେଲା । ଅବଶ୍ୟ ଏଥିପୂର୍ବେ ରାଜା କବିସୂର୍ଯ୍ୟଙ୍କ ଖ୍ୟାତି ଶୁଣିଥିଲେ । ବର୍ତ୍ତମାନ କବି ରଥଙ୍କଠାରୁ ତାହାର ପ୍ରତ୍ୟକ୍ଷ ପ୍ରମାଣ ପାଇ ତାଙ୍କ ସଙ୍ଗେ ଦେଖା କରିବା ନିମିତ୍ତ ପତ୍ରଦ୍ୱାରା ତାଙ୍କୁ ନିମନ୍ତ୍ରଣ କଲେ । ମାତ୍ର ବଳଦେବ ସେତେବେଳେ ରାଜକର୍ମରେ ଏକାନ୍ତ ବ୍ରତ ହୋଇ ରହିଥିବାରୁ ଅଠଗଡ଼ର ରାଜା ମହୋଦୟଙ୍କ ନିମନ୍ତ୍ରଣ ରକ୍ଷା କରି ପାରିଲେ ନାହିଁ ଏବଂ ପତ୍ରଦ୍ୱାରା ପରେ ଦେଖା କରିବା ବିଷୟ ଜଣାଇଲେ । ମାତ୍ର ରାଜାମହୋଦୟ ଏଥିରେ ସନ୍ତୁଷ୍ଟ ନ ହୋଇ ପୁନର୍ବାର ଜଳନ୍ତରକୁ ଲୋକ ପଠାଇଲେ ଏବଂ ପତ୍ରବାହକଙ୍କ ସଙ୍ଗେ ବଳଦେବଙ୍କ ଆସିବା ଉଦ୍ଦେଶ୍ୟରେ ଶିବିକା ଓ ବାହକ ପ୍ରେରଣ କଲେ । ବଳଦେବ ଅଠଗଡ଼ ରାଜାଙ୍କର ଦୃଢ଼ ନିର୍ବନ୍ଧ ବିଷୟ ଅଗତ୍ୟା ରାମଚନ୍ଦ୍ର ଛୋଟରାୟଙ୍କ ନିକଟରେ ପ୍ରକାଶ କଲେ ଏବଂ ତାଙ୍କଠାରୁ ୬ ମାସ ପାଇଁ ବିଦାୟ ଗ୍ରହଣ କରି ଦେବାନ କାର୍ଯ୍ୟର ଭାର ମିତ୍ର ମହାନ୍ତି ନାମକ ରାଜାଙ୍କର ଜନୈକ ବିଶ୍ୱସ୍ତ କର୍ମଚାରୀଙ୍କୁ ପ୍ରଦାନପୂର୍ବକ ଅଠଗଡ଼ ଅଭିମୁଖରେ ଯାତ୍ରା କଲେ ।

ବଳଦେବ ଜଳନ୍ତରରେ ପ୍ରାୟ ୧୨ ବର୍ଷ ରହିବା ପରେ ସେଠାରୁ ଏକ ପ୍ରକାର ବିଦାୟ ନେଇ ଅଠଗଡ଼ ଆସିଲେ । ଏହି ଅବସରରେ ତାଙ୍କର ପ୍ରଥମା କନ୍ୟା ବିବାହଯୋଗ୍ୟ ବୟସରେ ଉପନୀତ ହୋଇଥିବାରୁ ଉପଯୁକ୍ତ ପାତ୍ର ଅନ୍ୱେଷଣ ନିମିତ୍ତ କୁଳୀନପ୍ରଧାନ ପୁରୀଜିଲ୍ଲା ଅଭିମୁଖରେ ଯିବା ତାଙ୍କର ପ୍ରୟୋଜନ ହୋଇଥିଲା । ଅଠଗଡ଼ରେ ଉପସ୍ଥିତ ହୋଇ ବଳଦେବ ରାଜାଙ୍କ ସଙ୍ଗେ ଦେଖା କଲେ ଏବଂ ପରମ ସମାଦରରେ ସେଠାରେ ରାଜାଙ୍କଦ୍ୱାରା ଗୃହୀତ ହେଲେ । ବାଲୁକେଶ୍ୱର ହରିଚନ୍ଦନ ଜଣେ କୃଷ୍ଣଭକ୍ତ, ସଙ୍ଗୀତସାହିତ୍ୟରସିକ ରାଜା । ବଳଦେବଙ୍କ ସଙ୍ଗେ ତାଙ୍କର ମିଳନରେ ଉଭୟେ ପରମପ୍ରୀତି ଅନୁଭବ କଲେ । ବଳଦେବ ବାଲ୍ୟକାଳରେ ମଧ୍ୟ ଅଠଗଡ଼ରେ ସ୍ୱୀୟ ମାତାମହଙ୍କ ଗୃହରେ ରହି ବିଦ୍ୟାଧ୍ୟୟନାଦି କରିଥିଲେ; ତେଣୁ ଅଠଗଡ଼ ତାଙ୍କ ପକ୍ଷରେ ଅପରିଚିତ ସ୍ଥାନ ନ ଥିଲା । ସ୍ଥାନୀୟ ପଣ୍ଡିତମଣ୍ଡଳୀ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଓ ଶକ୍ତିମତ୍ତା ଦେଖି ତାଙ୍କୁ ପଣ୍ଡିତ ସମାଜରେ ଉଚ୍ଚତମ ଆସନ ପ୍ରଦାନ କଲେ । ସେ ମଧ୍ୟେ ମଧ୍ୟେ ନିଜ ନାମରେ ଓ ରାଜାଙ୍କ ନାମରେ ସଙ୍ଗୀତ ରଚନା କରି ରାଜସଭାରେ ସୁସ୍ୱରରେ ଆବୃତ୍ତି କରୁଥିଲେ । ହରିଚନ୍ଦନ କୃଷ୍ଣଭକ୍ତ ରାଜା, ସୁତରାଂ ରାଧାକୃଷ୍ଣଙ୍କ ପ୍ରଣୟାତ୍ମକ ଭକ୍ତିରସଗର୍ଭକ ସଙ୍ଗୀତ ରଚନା କରିବାରେ ଏହିଠାରୁ ତାଙ୍କର ପ୍ରବୃତ୍ତି ଜାତହେଲା । ତାଙ୍କର ଏହି ସମୟର କେତେଗୁଡ଼ିଏ ସଙ୍ଗୀତ ଆମ୍ଭେମାନେ ପାଇଅଛୁଁ, ପ୍ରତ୍ୟେକ କବିତାରେ କବି ନିଜତ୍ୱ ପ୍ରତିପାଦନ କରିଅଛନ୍ତି । ତନ୍ମଧ୍ୟରୁ "ମନା ମୁଁ କରୁଥିଲି ଏହାକୁ ଗୋ, ଅନା ନା ବୋଲି ବନ ରାହାକୁ ଗୋ" ଶୀର୍ଷକ ସଙ୍ଗୀତଟି ଆଲୋଚନା କରିବା ପାଇଁ ଆମ୍ଭେମାନେ ପାଠକସମାଜକୁ

ଅନୁରୋଧ କରୁଅଛୁଁ । ଭାଷା, ଭାବ ଓ ମୌଳିକତା କବିତାର ସ୍ଥାନ ନିରୂପଣ କରଏ । ପ୍ରାଚୀନ ତଥା ଆଧୁନିକ ଉତ୍କଳୀୟ କବିତାମାନଙ୍କ ମଧ୍ୟରେ ସେହିଭଳି କବିତାକୁ ଆଦର୍ଶ କବିତା କହିଲେ ଅତିରଞ୍ଜିତ ହେବ କି ?

ଏହିପରି ପ୍ରମୋଦରେ କେତେକାଳ ସେଠାରେ ଅତିବାହିତ କରିବା ପରେ ବଳଦେବ ରାଜାଙ୍କଠାରୁ ବିଦାୟ ନେଇ ବରପାତ୍ର ଅନ୍ୱେଷଣ ନିମିତ୍ତ ପୁରୀ ଅଭିମୁଖରେ ଯାତ୍ରା କଲେ । ମାତ୍ର ତଦୀୟ ଗୁଣମୁଗ୍‌ଧ ରାଜା ବାଲୁକେଶ୍ୱର ପୁରୀ ଯାତ୍ରା ପୂର୍ବେ ତାଙ୍କର ପରବର୍ତ୍ତୀ ଜୀବନକାଳ ଅଠଗଡ଼ରେ କଟାଇବା ପାଇଁ ତାଙ୍କୁ ଭୂରି ଅନୁରୋଧ କରନ୍ତେ ସେ ବିଷମସମସ୍ୟାରେ ପଡ଼ିଲେ । ସେଅଡ଼େ ଜଳନ୍ତରର ରାଜା ତାଙ୍କୁ ନିଜ ପ୍ରାଣ ପରି ସ୍ନେହ କରୁଥିଲେ ଏବଂ ତାଙ୍କ ପରିବାରବର୍ଗ ସେ ପର୍ଯ୍ୟନ୍ତ ଜଳନ୍ତରରେ ଅବସ୍ଥାନ କରୁଥିଲେ । ଏପରି ଅବସ୍ଥାରେ ହରିଚନ୍ଦନଙ୍କ ଅନୁରୋଧ ରକ୍ଷା କରିବାକୁ ଯଥାକଥଞ୍ଚିତ୍ ପ୍ରତିଶ୍ରୁତ ହୋଇ ରାଜାଙ୍କ ପ୍ରଦତ୍ତ ପାଥେୟ ଗ୍ରହଣପୂର୍ବକ ଶିବିକାରୋହଣ କରି ଅଠଗଡ଼ରୁ ବହିର୍ଗତ ହେଲେ ।

---

## ପଞ୍ଚମ ପରିଚ୍ଛେଦ

ଅଠଗଡ଼ର ରାଜା ଛଅ ଶତ ଟଙ୍କା ପାଥେୟ ସହ ପୁରୀ ପର୍ଯ୍ୟନ୍ତ ଶିବିକା ଓ ବାହକର ବନ୍ଦୋବସ୍ତ କରି ଦେଇଥିଲେ; ସୁତରାଂ ବଳଦେବ ନିର୍ବିଘ୍ନରେ ପୁରୀରେ ଉପସ୍ଥିତ ହୋଇ ତନ୍ନତ୍ୟ ଗୌଡ଼ବାଡ଼ସାହି ନିବାସୀ ତଦୀୟ ପୂର୍ବ ପରିଚିତ ବନ୍ଧୁ ଜଗନ୍ନାଥ ମହାସୁଆରଙ୍କ ଗୃହରେ ଉପସ୍ଥିତ ହେଲେ । ଜଗନ୍ନାଥଙ୍କ ପ୍ରସାଦରୁ ପୁରୀର ସେବକ ସମ୍ପ୍ରଦାୟ ଚିରକାଳ ଲକ୍ଷ୍ମୀଙ୍କର ବରପୁତ୍ର; ସୁତରାଂ ସରସ୍ୱତୀଙ୍କ ଅନୁକମ୍ପାଭାଜନ ହେବା ସେମାନଙ୍କ ପକ୍ଷରେ ଅତୀବ ଅସ୍ୱାଭାବିକ । ଏହି ନବଜାଗରଣ ଯୁଗରେ ଜଣେ ସୁଦ୍ଧା ସେବକ ଅଦ୍ୟାପି ଜାଗ୍ରତ ହୋଇ ନାହାନ୍ତି । ଅତଏବ ଶତାଧିକ ବର୍ଷ ପୂର୍ବେ ସେମାନଙ୍କ ଅବସ୍ଥା କିପରି ଥିଲା, ସହଜରେ ଅନୁମାନ କରାଯାଇ ପାରେ । ମାତ୍ର ଜଗନ୍ନାଥ ମହାସୁଆର ଅଳ୍ପକାଳ ସମୟର ପଣ୍ଡାମାନଙ୍କ ପରି ଭୋଗସର୍ବସ୍ୱ, ବ୍ୟସନାସକ୍ତ, ଶାସ୍ତ୍ରବିମୁଖ ଲୋକ ନ ଥିଲେ । ତାଙ୍କର ଧର୍ମ ପ୍ରାଣ ହୃଦୟ ଧର୍ମଶାସ୍ତ୍ରାଦିର ସମ୍ୟକ୍ ଅର୍ଥବୋଧ ନିମିତ୍ତ ତାଙ୍କୁ ସଂସ୍କୃତ ଭାଷାର ଅନୁଶୀଳନରେ ପ୍ରବର୍ତ୍ତିତ କରିଥିଲା; ତେଣୁ ସେ ବଳଦେବଙ୍କ ପ୍ରତି ଏକାନ୍ତ ଆକୃଷ୍ଟ ହୋଇଥିଲେ । ବଳଦେବଙ୍କ ଶ୍ୱଶୁର ବାସେଲୀସାହିନିବାସୀ ରାମକୃଷ୍ଣ ମିଶ୍ରଙ୍କ ସଙ୍ଗେ ଜଗନ୍ନାଥ ମହାସୁଆରଙ୍କର ସୌହୃଦ୍ୟ ଥିଲା । ଏହି ସମ୍ପର୍କରେ ଜଗନ୍ନାଥ ପୂର୍ବରୁ ବଳଦେବଙ୍କ ପାଣ୍ଡିତ୍ୟପ୍ରକର୍ଷ ବୁଝିବାକୁ ଅବସର ପାଇଥିଲେ । ବର୍ତ୍ତମାନ ସେ ବଳଦେବଙ୍କୁ ନିଜ ଅତିଥିରୂପେ ପାଇ ଅପଣାକୁ କୃତକୃତ୍ୟ ମନେ କଲେ ।

ସେତେବେଳେ ମୁକୁନ୍ଦଦେବ ପୁରୀର ରାଜସିଂହାସନ ଅଳଂକୃତ କରୁଥିଲେ । କେବଳ ଖୋର୍ଦ୍ଧା ଓ ଲେମ୍ବାଇ ଛଡ଼ା ଅନ୍ୟତ୍ର ତାଙ୍କର ପ୍ରଭୁତ୍ୱ ନ ଥିଲେହେଁ ଓଡ଼ିଶା ଓ ତନ୍ନିକଟବର୍ତ୍ତୀ ଉତ୍କଳଭାଷୀ ପ୍ରଦେଶର ରାଜାମାନେ ତାଙ୍କୁ ସମ୍ମାନ କରୁଥିଲେ । ଅଦ୍ୟାପି ଏହି ରାଜସମାଜରେ ପୁରୀ ରାଜାଙ୍କର ପ୍ରତିଷ୍ଠା ଅକ୍ଷୁଣ୍ଣ ରହିଅଛି ଏବଂ ହିନ୍ଦୁର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ସେବକ ବୋଲି ଉତ୍କଳୀୟ ରାଜା ପ୍ରଜା ସମସ୍ତଙ୍କ ଚକ୍ଷୁରେ ପୁରୀ ରାଜସିଂହାସନ ପରମ ପବିତ୍ର ଓ ଗୌରବଶ୍ରୀବିମଣ୍ଡିତ । ତାଙ୍କର ପୂର୍ବବର୍ତ୍ତୀ ରାଜାମାନଙ୍କ ଅପେକ୍ଷା ମୁକୁନ୍ଦଦେବଙ୍କର ଅନେକ ବିଷୟରେ ବିଶେଷତ୍ୱ ଥିଲା । ସେ ସ୍ୱୟଂ ଶାସ୍ତ୍ରଜ୍ଞାନସମ୍ପନ୍ନ ପଣ୍ଡିତ ଥିଲେ ଏବଂ ସ୍ୱୀୟ ଇଷ୍ଟଦେବ ଜଗନ୍ନାଥଙ୍କ ସେବାରେ କାଳାତିପାତ କରିବାକୁ ସୁଖକର ମନେ କରୁଥିଲେ । ବହୁକାଳରୁ ପୁରୀ ସଂସ୍କୃତଚର୍ଚ୍ଚା ନିମିତ୍ତ ଉତ୍କଳ ଦେଶର ବାରାଣସୀ । ପୁରୀର ପଣ୍ଡିତମଣ୍ଡଳୀ ଏହି ଗୁଣଗ୍ରାହୀ ବିଦ୍ୱାନ ନୃପତିଙ୍କ ରାଜତ୍ୱରେ ନାନା ଭାବରେ ଶାସ୍ତ୍ରାଲୋଚନାରେ ପ୍ରବୃତ୍ତ ହୋଇଥିଲେ । ରାଜା ମଧ୍ୟ ପଣ୍ଡିତମାନଙ୍କୁ ଯଥେଷ୍ଟ ସମାଦର କରୁଥିଲେ ଏବଂ ନିଜ ଆୟୁର ଅଧିକାଂଶ ଏହି ପଣ୍ଡିତମଣ୍ଡଳୀଙ୍କ ଚର୍ଚ୍ଚାରେ ବ୍ୟୟ କରୁଥିଲେ । ଏହି ସମୟରେ ମୁକୁନ୍ଦଦେବଙ୍କ ରାଜସଭାର ଖ୍ୟାତି ଓଡ଼ିଶା ଓ ତାହାର ନିକଟବର୍ତ୍ତୀ ଅଞ୍ଚଳରେ ବିଶେଷ ଭାବରେ ପ୍ରଚାରିତ ହୋଇଥିଲା । ରାଜା ତାଙ୍କର ଅଧିକାଂଶ କାଳ ପଣ୍ଡିତଗୋଷ୍ଠୀରେ ଅତିବାହିତ କରନ୍ତି ଏବଂ କେତେକ ପଣ୍ଡିତ ନିତ୍ୟ ରାଜାଙ୍କର ସହଚର ହୋଇ ଥାଆନ୍ତି । ସେତେବେଳେ ପ୍ରତ୍ୟେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ଏହିପରି ଗୋଟିଏ ଗୋଟିଏ ପଣ୍ଡିତସଭା ଥିଲା, ମାତ୍ର ପୁରୀ ପଣ୍ଡିତ ସଭାରେ ସମାଦୃତ ନ ହେବାଯାଏ କୌଣସି ପଣ୍ଡିତଙ୍କ ଜ୍ଞାନ, ଯୋଗ୍ୟତା ଓ ପାଣ୍ଡିତ୍ୟ ସମ୍ବନ୍ଧରେ ଆସ୍ଥାପ୍ରତ୍ୟୟ ଦୃଢ଼ ହେଉ ନ ଥିଲା, ତେଣୁ ବିଭିନ୍ନ ରାଜଧାନୀରୁ ଶାସ୍ତ୍ରଜ୍ଞାନସମ୍ପନ୍ନ ଦିଗ୍‌ବିଜୟୀ ପଣ୍ଡିତମାନେ ପୁରୀରେ ସମବେତ ହେଉଥିଲେ । ଗୁଣଗ୍ରାହୀ ରାଜା ମଧ୍ୟ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ । କବି ବଳଦେବ କଳନ୍ତର, ଅଠଗଡ଼ ପ୍ରଭୃତି ରାଜସଭାରେ ଯଥେଷ୍ଟ ସମ୍ମାନ ଲାଭ କରିଥିଲେହେଁ ପୁରୀ ରାଜସଭାରେ ସମ୍ମାନିତ ନ ହେବା ପର୍ଯ୍ୟନ୍ତ ପୂର୍ଣ୍ଣ ଆତ୍ମପ୍ରସାଦ ଲାଭ କରି ପାରୁ ନ ଥିଲେ । ଏହି ଉଦ୍ଦେଶ୍ୟର ବଶବର୍ତ୍ତୀ ହୋଇ ବରପାତ୍ର ଅନ୍ୱେଷଣ ବ୍ୟାଜରେ ସେ କଳନ୍ତର ଓ ଅଠଗଡ଼ରୁ ବିଦାୟ ନେଇ ପୁରୀରେ ଅବସ୍ଥାନ କଲେ ।

ତାଙ୍କ ବନ୍ଧୁ ଜଗନ୍ନାଥ ମହାସୁଆର ରାଜା ମୁକୁନ୍ଦଦେବଙ୍କର ବଡ଼ ପ୍ରୀତିପାତ୍ର ଥିଲେ । ପ୍ରତ୍ୟହ ରାଜା ସ୍ନାନାଦି ନିତ୍ୟକର୍ମ ସମାପନାନନ୍ତର ପ୍ରଭୁଙ୍କ ପ୍ରଭାତ-ଅବକାଶ ଦର୍ଶନ ପାଇଁ ମନ୍ଦିରକୁ ଯାଆନ୍ତି ଏବଂ ସନ୍ଧ୍ୟାବେଳେ ପ୍ରତ୍ୟହ ଆରତି ଦର୍ଶନ କରନ୍ତି । ରାଜାଦେଶରେ ମହାସୁଆର ମନ୍ଦିର ମଧ୍ୟରେ ରାଜାଙ୍କ ଆଗମନ

ପ୍ରତୀକ୍ଷା କରି ଦର୍ଶନର ସୁଯୋଗ କରି ଦଅନ୍ତି । ମହାସୁଆରଙ୍କ ସାହାଯ୍ୟରେ ବଳଦେବ ରାଜାଙ୍କ ସଭାରେ ପରିଚିତ ହେବାକୁ ଚେଷ୍ଟା କଲେ । ଏହି ଉଦ୍ଦେଶ୍ୟରେ ସେ ମଧ୍ୟେ ମଧ୍ୟେ ସଂସ୍କୃତ ଶ୍ଳୋକ ରଚନା କରି ମହାସୁଆରଙ୍କଦ୍ୱାରା ରାଜାଙ୍କ ନିକଟକୁ ପଠାଉଥିଲେ । ଅଳ୍ପପ୍ରତ୍ୟୟ ଅଭାବରୁ ସ୍ୱୟଂ ହଠାତ୍ ରାଜାଙ୍କ ନିକଟରେ ଉପସ୍ଥିତ ହୋଇ ଆତ୍ମପରିଚୟ ଦେବାରେ ସେ ସର୍ବଦା ସଙ୍କୋଚ ବୋଧ କରୁଥିଲେ । ଆଉ ମଧ୍ୟ ଅହମିକାଗ୍ରସ୍ତ ପଣ୍ଡିତକୁଳ ସେତେବେଳେ ରାଜପାରିଷଦକୁ ଗ୍ରାହଙ୍କୁଳ ରତ୍ନାକର ପରି ଦୁଷ୍ପ୍ରବେଶ୍ୟ କରିଥିଲେ । ଅସାଧାରଣ ସ୍ମୃତିସମ୍ପନ୍ନ ଦୁଇ ଜଣ ପଣ୍ଡିତଙ୍କର ପ୍ରତିଷ୍ଠା ତତ୍କାଳୀନ ରାଜସଭାରେ ଅପ୍ରତିହତ ଥିଲା । କୌଣସି ଲୋକ ଗୋଟିଏ ଶ୍ଳୋକ ପାଠ କଲା ମାତ୍ରକେ ସେମାନେ ସ୍ୱୀୟ ଧାରଣାଶକ୍ତିଦ୍ୱାରା ତାହାକୁ ପୁନର୍ବାର ଆବୃତ୍ତି କରି ରାଜାଙ୍କୁ, ତଥା ଅନ୍ୟ ପାରିଷଦବର୍ଗଙ୍କୁ ବିସ୍ମିତ କରି ଦେଉଥିଲେ । ବଳଦେବଙ୍କ ରଚିତ ଶ୍ଳୋକମାନ ଜଗନ୍ନାଥ ମହାସୁଆର ସଭାରେ ପାଠ କରିବା ପରେ ପୂର୍ବୋକ୍ତ ପଣ୍ଡିତଦ୍ୱୟ ସେଗୁଡ଼ିକ ଯଥାଯଥଭାବରେ ଆବୃତ୍ତି କରି ପ୍ରକାଶ କରନ୍ତି ଯେ, ଏ ସବୁ ପ୍ରାଚୀନ ରଚନା । ଏହିପରି ଈର୍ଷାପ୍ରଣୋଦିତ ହୋଇ ସେମାନେ ବଳଦେବଙ୍କ ପାଣ୍ଡିତ୍ୟକୁ ମୁକୁନ୍ଦଦେବଙ୍କ ସମୀପରେ ଅନେକ ଦିନ ପର୍ଯ୍ୟନ୍ତ ଲୁକ୍କାୟିତ ରଖିଲେ । ମାତ୍ର ଧୂମ କେତେକ୍ଷଣପାଏ ବହ୍ନିର ଜ୍ୟୋତିକୁ ଆଚ୍ଛାଦନ କରିପାରେ ? ଇତ୍ୟବସରରେ ବଳଦେବ ପ୍ରତ୍ୟହ ପ୍ରାତଃକାଳରେ ଜଗନ୍ନାଥ ଦର୍ଶନ କରି ସାରି ସିଂହଦ୍ୱାରରେ ରାଜଦର୍ଶନପୂର୍ବକ ବସାକୁ ଫେରି ଆସୁଥାଆନ୍ତି । ଦିନେ ତାଙ୍କ ବ୍ରାହ୍ମତେଜ ରାଜାଙ୍କ ଦୃଷ୍ଟିକୁ ସିଂହଦ୍ୱାର ସମୀପରେ ଆକର୍ଷଣ କରିଥିଲା । ମାତ୍ର ରାଜା ସ୍ୱଭାବସୁଲଭ ଗାମ୍ଭୀର୍ଯ୍ୟବଶତଃ ସେହି ଅପରିଚିତ ବ୍ରାହ୍ମଣଙ୍କ ସଙ୍ଗେ ସମ୍ଭାଷଣ ନ କରି ଚାଲିଗଲେ । ଏହି ଭାବରେ କେତେ ଦିନ ଅତିବାହିତ ହୋଇଗଲା । ବଳଦେବ ମଧ୍ୟେ ମଧ୍ୟେ ଓଡ଼ିଆ ଭାଷାରେ ଜଗନ୍ନାଥଙ୍କ ସ୍ତବ ରଚନା କରି ସ୍ୱୟଂ ସକାଳେ ଓ ସନ୍ଧ୍ୟାରେ ସୁସ୍ୱରରେ ମନ୍ଦିର ମଧ୍ୟରେ ଗାନ କରୁଥାନ୍ତି । ତାଙ୍କର ସରଳ ସୁମଧୁର ଭାଷା, ଅଭିନବ ସରସଭାବ ଓ ସ୍ୱଭାବସୁନ୍ଦର କଣ୍ଠସ୍ୱର ଉପସ୍ଥିତ ଦର୍ଶକମଣ୍ଡଳୀଙ୍କ ଚିତ୍ତ ମୁଗ୍ଧ କରୁଥିଲା । ପ୍ରଥମେ ଜଗନ୍ନାଥଦର୍ଶନ ବେଳେ ସେ

"ବାଧିଲା ଜାଣି କ୍ଷମା    କର ନୋହିଲେ ରମା—
ରମଣ ଦଣ୍ଡେ ଦିଅ ଠାଇ,
ତୁମ୍ଭଙ୍କୁ ଜଗନ୍ନାଥ    ଆଜ ମୋ ମନୋରଥ
ପୂର୍ଣ୍ଣ କରିବ ଦେଇ ଗାଇ ।"

ଏବଂ "କ୍ଷୀରମୟ ସିନ୍ଧୁ ଜେମା ପ୍ରାଣବନ୍ଧୁ" ଏହି ଯେଉଁ ଗୀତ ଦିଓଟି ପ୍ରତ୍ୟହ ଗାନ କରୁଥିଲେ, ତାହା ଏପର୍ଯ୍ୟନ୍ତ ସର୍ବତ୍ର ସମାଦୃତ ହେଉଅଛି । ଏ ପୁସ୍ତକର ଚତୁର୍ଥ ଭାଗରେ ଗୀତ ଦିଓଟି ସମ୍ପୂର୍ଣ୍ଣରୂପେ ଦିଆଗଲା । ଓଡ଼ିଆ ଭାଷାରେ ଜଣାଣ,

ଚତୁରତା ଅଳ୍ପ ନାହିଁ । ମାତ୍ର ଏଭଳି ପ୍ରାଣସ୍ପର୍ଶୀ ଭାଷାରେ କେତେ ଜଣ ଲୋକ କବିତା ରଚନା କରିଅଛନ୍ତି ? ପ୍ରଥମ କବିତାଟି ଭକ୍ତର ପ୍ରଭୁଙ୍କ ନିକଟରେ ଅଭିମାନାତ୍ମକ ସମ୍ଭାଷଣର ଜ୍ୱଳନ୍ତ ଉଦାହରଣ । ପ୍ରଭୁଙ୍କୁ କାଳସର୍ପ ବୋଲି କହି ଦେଇ କବି କପରି ଶ୍ଳେଷମୂଳକ ଭାଷାରେ ସ୍ୱମତ ସମର୍ଥନ କରିଅଛନ୍ତି, ତାହାହିଁ ଏ କବିତାରେ ପ୍ରଧାନ ଆଲୋଚନୀୟ । ଯେଉଁମାନେ ପ୍ରଭୁଙ୍କଠାରୁ ଆପଣାକୁ ଦୂରବର୍ତ୍ତୀ ମନେ କରନ୍ତି, ସେମାନେ ଅବଶ୍ୟ ଏଭଳି ଅଳି କରିବାକୁ ସାହସୀ ହେବେ ନାହିଁ । ମାତ୍ର ଯେଉଁ ଭକ୍ତ ସର୍ବଦା ପ୍ରଭୁଙ୍କ ମଙ୍ଗଳମୟ ହସ୍ତ ନିରୀକ୍ଷଣ କରନ୍ତି, ସେମାନେହିଁ ଏପରି ପ୍ରାଣସ୍ପର୍ଶୀ ଭାଷାରେ ଅଳି କରି ପାରନ୍ତି । ଦ୍ୱିତୀୟ କବିତାଟି ଅନ୍ୟପ୍ରକାର । ଏଥିରେ ଭକ୍ତ ପ୍ରଭୁଙ୍କ ଅନୁଗ୍ରହ ଲାଭ କରିବାପାଇଁ ସ୍ୱୀୟ ଅଧିକାରିତ୍ୱ ପ୍ରଦର୍ଶନ କରୁଅଛନ୍ତି । ପ୍ରକୃତ ଭକ୍ତଛଡ଼ା ଅନ୍ୟ କିଏ ଅନୁଗ୍ରହକୁ ଅଧିକାର ବୋଲି ଦାବୀ କରି ପାରେ ? ପ୍ରବନ୍ଧର କଳେବର ବୃଦ୍ଧି ଭୟରେ ଆମ୍ଭେମାନେ ଏଠାରେ ଏହି କବିତାଦ୍ୱୟ ସମ୍ବନ୍ଧରେ ଏତିକି ମାତ୍ର କହି କ୍ଷାନ୍ତ ହେଲୁଁ ।

ଏସବୁ କବିତା କ୍ରମେ ପୁରୀବାସୀ ଜନସମାଜରେ ପ୍ରଚାରିତ ହେବାରୁ ଲୋକେ ଦଳ ଦଳ ହୋଇ କବିଙ୍କ ଦର୍ଶନ ନିମିତ୍ତ ମହାସୁଆରଙ୍କ ଘରେ ଜମା ହେଲେ । ନଗରରେ ସର୍ବତ୍ର କବିଙ୍କ ସମ୍ବନ୍ଧରେ ନାନା ତର୍କ ବିତର୍କ, କଳ୍ପନା ଜଳ୍ପନା ଚାଲିଲା । କିଏ କହିଲା ଜଳନ୍ତରର ପଣ୍ଡିତ, କିଏ କହିଲା ଆଠଗଡ଼ର, କିଏ ବା କହିଲା ଦକ୍ଷିଣିଆ ପଣ୍ଡିତ । ଜନସମାଜରେ ତାଙ୍କର ଭାଷା ଓ କବିତାର ସମାଦରରେ ବଳଦେବଙ୍କର ଟିକିଏ ଆତ୍ମପ୍ରସାଦ ଜାତ ହେଲା, ତେଣୁ ସେ ଦିନେ "ଅଲଙ୍ଘ୍ୟ ହେବାରୁ ମୋ ରାଣ ପରାଣଧନ ଯାହା ଦିନେ ଦିନେ" ଏହି ସଙ୍ଗୀତଟିକୁ ମୁକୁନ୍ଦଦେବଙ୍କ ନାମରେ ଭଣିତ କରି ତାଙ୍କଠାକୁ ପଠାଇଲେ । ପଣ୍ଡିତମାନେ ସେ କବିତା ଶୁଣି ମତପ୍ରକାଶ କଲେ, "ମହାରାଜ, ପାଲବାଲାମାନେ ଏହା ଅପେକ୍ଷା ଭଲ ଭାଷାକବିତା ପ୍ରକାଶ କରି ପାରନ୍ତି । ଏଥିରେ କିଛି ମାତ୍ର ବିଶେଷତ୍ୱ ନାହିଁ ।" ରାଜା ଶୁଣି ଅବାକ୍ । ମାତ୍ର ରାଜା ସ୍ୱୟଂ ପଣ୍ଡିତ ଓ ଗୁଣଗ୍ରାହୀ ଥିଲେ । ସେ କବିତାଟିକୁ ପୁନର୍ବାର ପାଠକରିବା ପାଇଁ ଜଣେ ଗାୟକଙ୍କୁ ଆଦେଶ ଦେଲେ । ଗାୟକ ସ୍ୱଭାବଦତ୍ତ ସୁକଣ୍ଠରେ କବିତାଟି ପୁନର୍ବାର ଆବୃତ୍ତି କଲେ । ଭାବ ଓ ଭାଷାର ମାଧୁରୀରେ ପରିଷଦ୍ ଚିତ୍ରବତ୍ ତଟସ୍ଥ ହୋଇଗଲା । ରାଜା ପ୍ରଶଂସା ନ କରି ରହି ପାରିଲେ ନାହିଁ । ଅଗତ୍ୟା ପଣ୍ଡିତମାନେ ମଧ୍ୟ କବିତ୍ୱର ପ୍ରଶଂସା କଲେ । ପୂର୍ବରୁ ସେମାନଙ୍କର ଧାରଣା ଥିଲା ଯେ, ସମୁଚ୍ଚ ଭାବ, ଭାଷା ଓ ଅଲଙ୍କାରସମନ୍ୱିତ ଆଦିରସାତ୍ମକ କବିତା କେବଳ ସଂସ୍କୃତ ଭାଷାରେ ଅଛି; ଉତ୍କଳ ଭାଷାରେ କୌଣସିମତେ ହୋଇପାରେ ନାହିଁ । ମାତ୍ର ସେ କବିତାଟି ସେମାନଙ୍କର ସେହି ମଧୁର ଭ୍ରାନ୍ତିକୁ ଅପସାରିତ କରିଦେଲା । କବି ଲୋକରୁ ତାର

ଅନୁବର୍ତ୍ତୀ ହୋଇ ଏହି କବିତାଟି ଲେଖିଥିଲେ । ଭାଷା, ଭାବ ଓ ପାଣ୍ଡିତ୍ୟର ଏପରି ଏକତ୍ର ସମବାୟ ଅନ୍ୟତ୍ର କ୍ୱଚିତ୍ ଦୃଷ୍ଟି ହୁଏ । (ଏହି ପୁସ୍ତକର ସଙ୍ଗୀତ-ପ୍ରକରଣରେ ସଙ୍ଗୀତ ଦ୍ରଷ୍ଟବ୍ୟ)

ସଭାରେ କବିତାର ଆଲୋଚନା ପରେ ରାଜା ମହାସୁଆରଙ୍କୁ ଆଦେଶ ଦେଲେ, "କବିସୂର୍ଯ୍ୟଙ୍କୁ କହିବ, କାଲି ପ୍ରଭାତ ଅବକାଶବେଳେ ସେ ଲକ୍ଷ୍ମୀଙ୍କ ମୋହନରେ ମୋ ସଙ୍ଗେ ଦେଖା କରିବେ ।" ତଦନୁଯାୟୀ ମହାସୁଆର କବିସୂର୍ଯ୍ୟଙ୍କୁ ଜଣାଇଲେ । ସେ ପ୍ରଭାତର ବହୁକ୍ଷଣ ପୂର୍ବରୁ ଗାତ୍ରୋତ୍ଥାନ କରି ମାତାମହପ୍ରଦତ୍ତ ଦେବୀମନ୍ତ୍ର ସ୍ମରଣପୂର୍ବକ ମନ୍ଦିରକୁ ରାଜଦର୍ଶନକାମନାରେ ବହିର୍ଗତ ହେଲେ । ତାଙ୍କର ବହୁଦିନର କାମନା ପୂର୍ଣ୍ଣ ହେବାର ସୁଯୋଗ ଦେଖି ସେ ମନେ ମନେ ଆନନ୍ଦିତ ହେଲେ । ମାତ୍ର ଅସ୍ପୃଶ୍ୟତ୍ୟ ଅଭାବରୁ ତାଙ୍କର ଚଞ୍ଚଳଚିତ୍ତ ସ୍ଥିର ହୋଇ ପାରିଲା ନାହିଁ ।

---

## ଷଷ୍ଠ ପରିଚ୍ଛେଦ

ଆମ୍ଭେମାନେ ପୂର୍ବେ କହିଅଛୁଁ, ମହାରାଜ ମୁକୁନ୍ଦଦେବ ଯେପରି ବିଦ୍ୱାନ୍ ସେହିପରି ଈଶ୍ୱରପରାୟଣ ଥିଲେ । ଅତି ପ୍ରତ୍ୟୁଷରେ ଶଯ୍ୟା ତ୍ୟାଗ କରି ସ୍ନାନ-ଧ୍ୟାନାଦି ପ୍ରାତ୍ୟହିକ ଅନୁଷ୍ଠାନ ସମାପନାନନ୍ତର ଇଷ୍ଟଦେବ ଶ୍ରୀ ଜଗନ୍ନାଥଙ୍କ ପ୍ରଭାତ ଅବକାଶର ମଙ୍ଗଳ ଆଳତି ଦର୍ଶନ ନିମିତ୍ତ ସେ ପ୍ରତ୍ୟହ ପ୍ରାତଃକାଳରେ ପୂର୍ବୋକ୍ତ ପଣ୍ଡିତମାନଙ୍କ ସହ ମନ୍ଦିର ମଧ୍ୟକୁ ଗମନ କରୁଥିଲେ । ସେଦିନ ରାଜାଙ୍କ ଆଗମନର ବହୁକ୍ଷଣ ପୂର୍ବରୁ ବଳଦେବ ମହାସୁଆରଙ୍କ ସଙ୍ଗେ ଲକ୍ଷ୍ମୀଙ୍କ ମୋହନରେ ଅପେକ୍ଷା କରୁଥାନ୍ତି । ଇତ୍ୟବସରରେ ରାଜା ମନ୍ଦିରମଧ୍ୟକୁ ବିଜେ କଲେ । ବିଧାନ ଅନୁସାରେ ପ୍ରଥମେ ପାର୍ଶ୍ୱ ଦେବତାମାନଙ୍କ ଦର୍ଶନ ଶେଷରେ ରାଜା ଲକ୍ଷ୍ମୀଙ୍କ ମନ୍ଦିରର ସମୀପବର୍ତ୍ତୀ ହୁଅନ୍ତେ ବଳଦେବଙ୍କ ଉପରେ ତାଙ୍କ ଦୃଷ୍ଟି ପତିତ ହେଲା ।

ସିଂହଦ୍ୱାର ସମୀପରେ ଯେଉଁ ବ୍ରାହ୍ମଣଙ୍କର ତେଜଃପୁଞ୍ଜ ଦିନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ସେ ଦର୍ଶନମାତ୍ରକେ ତାଙ୍କୁ ସେହି ବ୍ରାହ୍ମଣ ବୋଲି ଚିହ୍ନିପାରି ଅତ୍ୟନ୍ତ ଆନନ୍ଦିତ ହେଲେ; ପରେ ମହାସୁଆରଙ୍କ ପରିଚୟ ପ୍ରଦାନ ତାଙ୍କ ଅନୁସନ୍ଧିତ୍ସାକୁ ଦୃଢ଼ଭିତ୍ତିଭୂମି ଉପରେ ପ୍ରତିଷ୍ଠାପିତ କରିଥିଲା ମାତ୍ର । ରାଜାନୁଚର ପଣ୍ଡିତମାନେ ମଧ୍ୟ ଏହିଠାରେ ପ୍ରଥମେ ବଳଦେବଙ୍କ ସାକ୍ଷାତ୍ ଦର୍ଶନ ଲାଭ କଲେ, ଲକ୍ଷ୍ମୀଙ୍କ ଦର୍ଶନ ଶେଷରେ ରାଜା ସେହି ମୋହନ ମଧ୍ୟରେ ବଳଦେବଙ୍କ ସଙ୍ଗେ ମୁହୂର୍ତ୍ତମାତ୍ର ଆଳାପ କରି ଜାଣି ପାରିଲେ ଯେ, ସଂସ୍କୃତ ତଥା ଓଡ଼ିଆ ଉଭୟ ଭାଷାରେ ସେ କବିତା ଲେଖି ପାରନ୍ତି; ତେଣୁ ସେ ତତ୍‌କାଳପ୍ରଚଳିତ

ସୀତର ଅନୁବର୍ତ୍ତୀ ହୋଇ ତାଙ୍କର ସଂସ୍କୃତ ଜ୍ଞାନପରୀକ୍ଷା ନିମିତ୍ତ "ବାଣୀଭୂତ-ବିହଙ୍ଗରାଜି ଭବ ରେ ରାଜୀବନେତ୍ରେ ମନଃ" ଏହି ସମସ୍ୟାଟି ସମାଧାନ ନିମିତ୍ତ ଆଦେଶ କଲେ ଏବଂ କହିଲେ ୮ ଦିନ ମଧ୍ୟରେ ଏହାର ପ୍ରଥମ ୩ ପଂକ୍ତି ପୂରଣ କରି ଆପଣ ମୋ ସଙ୍ଗେ ଦେଖା କରିବେ । ସମ୍ଭବତଃ ପୂର୍ବୋକ୍ତ ପଣ୍ଡିତମାନେ ଏହିପରି ଗୋଟିଏ କଠିନ ସମସ୍ୟା ପୂରଣ କରିବାକୁ ଦିଆଯିବ ବୋଲି ପୂର୍ବରୁ ରାଜାଙ୍କୁ ପରାମର୍ଶ ଦେଇଥିଲେ । ନଚେତ୍ ଏଭଳି କଠିନ ପ୍ରଶ୍ନଟିଏ ହଠାତ୍ ପ୍ରଭୁଙ୍କ ମୁଖପଥ ରୂଢ଼ ହେବା ସମ୍ଭବପର ନୁହେ । ଯାହାହେଉ ପ୍ରଶ୍ନ ଶେଷରେ ରାଜା ପାରିଷଦ ପରିବୃତ ହୋଇ 'ଜଗମୋହନ' ମଧ୍ୟକୁ ପ୍ରବେଶ କଲେ । ମହାସୁଆରଙ୍କ ସଙ୍ଗେ କବିସୂର୍ଯ୍ୟ ମଧ୍ୟ ସେହି ସୁଦୁର୍ଲଭ ପ୍ରାଭାତିକ ମଙ୍ଗଳ ଆଳତି ଦର୍ଶନାକାଂକ୍ଷାରେ ରାଜାଙ୍କ ଅନୁଚରରୂପେ ମନ୍ଦିରକୁ ଗଲେ । ରାଜା ପରମ ବିଷ୍ଣୁଭକ୍ତ, ସେ ଭକ୍ତିତଦ୍‌ଗତ ଚିତ୍ତରେ ଆଳତି ଦର୍ଶନ କରି ପ୍ରତ୍ୟାବର୍ତ୍ତନ କଲାବେଳେ ରତ୍ନସିଂହାସନର ଅନତି ଦୂରରେ ଅନୁଚରମାନଙ୍କ ମଧ୍ୟରେ ବଳଦେବଙ୍କୁ ଦେଖି କହିଲେ, "ଆପଣ କବିସୂର୍ଯ୍ୟ ଉପାଧି ପାଇଛନ୍ତି ପରା ? ଆଚ୍ଛା, ଲକ୍ଷ୍ମୀ ଓ ଭଗବାନଙ୍କର ଏହି ଅବସ୍ଥାକୁ ଲକ୍ଷ୍ୟ କରି ଗୋଟିଏ କବିତା ବୋଲିଲେ !" କବିସୂର୍ଯ୍ୟ କାଳବିଳମ୍ବ ନ କରି ତାଙ୍କ ସ୍ୱାଭାବିକ ସୁକଣ୍ଠରେ ରତ୍ନସିଂହାସନ ତଳେ ଦଣ୍ଡାୟମାନ ହୋଇ ଶ୍ରୀ ଜଗନ୍ନାଥଙ୍କ ଉପରେ ଦୃଷ୍ଟିରଖି ପଞ୍ଚମବରାଡ଼ି ରାଗରେ "ଧନ୍ୟ ହେ ନବକିଶୋର, ସତୀ-ଧୃତ ଧନଚୋର" ସଙ୍ଗୀତଟି ବୋଲିବାକୁ ଆରମ୍ଭ କଲେ । (ସଙ୍ଗୀତପ୍ରକରଣରେ ସଙ୍ଗୀତଟି ଦ୍ରଷ୍ଟବ୍ୟ) ।

ଏହି ଅଚିନ୍ତିତପୂର୍ବ (Extempore) କବିତାର ସ୍ୱରମାଧୁରୀ, ଅଳଙ୍କାର ଛଟା, ଶବ୍ଦବିନ୍ୟାସନୈପୁଣ୍ୟ ଓ ଭାବଗାମ୍ଭୀର୍ଯ୍ୟ ରାଜା ଏବଂ ତଦୀୟ ପରିଚାରକ-ବୃନ୍ଦଙ୍କୁ ଏକାବେଳକେ ବିସ୍ମୟସାଗରରେ ଅଭିଭୂତ କରିଦେଲା । ସ୍ୱକୀୟ ଅସାଧାରଣ ପ୍ରତ୍ୟୁତ୍ପନ୍ନମତି ବଳରେ କବି କବିତାଟିକୁ ମୁକୁନ୍ଦଦେବଙ୍କ ନାମରେ ଭଣିତ କରି ଯେଉଁ କୃତିତ୍ୱ ପ୍ରଦର୍ଶନ କଲେ, ତହିଁରେ ମଧ୍ୟ ରାଜା ଓ ଅନୁଚରବର୍ଗ ଅଧିକ ମୁଗ୍ଧ ହୋଇଗଲେ । ପବିତ୍ର ପ୍ରତ୍ୟୁଷ, ସଂସାରର ଜଟିଳ ଚିନ୍ତା ହୃଦୟକୁ ସ୍ପର୍ଶ କରି ନାହିଁ, ଏପରି ଅବସ୍ଥାରେ ପ୍ରକୃତ ରସିକ କବିଙ୍କର ହୃଦୟକନ୍ଦରରୁ ଏଭଳି କବିତାମନ୍ଦାକିନୀଧାରା ସ୍ୱତଃ ସମ୍ଭୂତ ହେବା ଅସମ୍ଭବ ହୋଇ ନ ପାରେ । ଯେଉଁମାନେ ପ୍ରକୃତ କବି, ସେମାନେ ଅକ୍ଷର ମିଳାଇ କବିତା ଲେଖନ୍ତି ନାହିଁ; ଭାବମୟୀ ଭାରତୀଙ୍କ ବିଶ୍ୱମୋହନ ବିପଞ୍ଚୀର ମଧୁମୟ ସ୍ୱରଲହରୀ କବିର ହୃଦୟରେ ସ୍ୱତଃ ଉଚ୍ଛ୍ୱସିତ ହୋଇ ଉଠେ, ତାହାହିଁ ରସମୟୀ କବିତା । ଯେଉଁମାନେ ଅକ୍ଷର ଯୋଡ଼ି ଅଭିଧାନ ଖୋଲି କବିତା ଲେଖନ୍ତି, ସେମାନେ ଶତବର୍ଷରେ 'ଧୀରେ ରାଧା କର ଧରି' ପରି ଛନ୍ଦ 'କାନନେ ଅସ୍ଫୁଟେ ଶୁଭେ

କେବେ କେବେ କଳଗୀତ କୋକିଳ'ର' ପରି ପ୍ରକୃତିବର୍ଣ୍ଣନା ଲେଖି ପାରିବେ କି ? ତେଣୁ ଆମ୍ଭେମାନେ କଥାଟିକୁ ଏକାନ୍ତ ଅସମ୍ଭବ ବୋଲି ଏକାବେଳକେ ଉଡ଼ାଇ ଦେଇପାରୁ ନାହୁଁ । ଏହି କବିତାର ଭାବ ସ୍ଥୂଳଦୃଷ୍ଟିରେ ଆଦିରସାତ୍ମକ ପରି ବୋଧହୁଏ; ପ୍ରକୃତରେ ଏହା ପ୍ରେମନାମରେ ଅଭିହିତ । ହିନ୍ଦୁ ସ୍ତ୍ରୀସ୍ତୁ ଦେବ-ଦେବୀଙ୍କର ଏହି ପ୍ରେମବର୍ଣ୍ଣନାକୁ ଭକ୍ତିପୂର୍ଣ୍ଣ ଶାନ୍ତରସ ଦୃଷ୍ଟିରେ . ଦେଖିବାରେ ଚିରଅଭ୍ୟସ୍ତ । ଶଙ୍କରଙ୍କ ଆନନ୍ଦଲହରୀ 'ଓ କାଳିଦାସଙ୍କ କୁମାରସମ୍ଭବରେ ପାର୍ବତୀଙ୍କ ରୂପବର୍ଣ୍ଣନା ଏହାର ପ୍ରକୃଷ୍ଟ ଉଦାହରଣ ।

ସଙ୍ଗୀତ ଶୁଣିବା ପରେ ଗୁଣଗ୍ରାହୀ ରାଜା ଦିବ୍ୟାନନ୍ଦରସରେ ଅଭିଷିକ୍ତ ହୋଇ ପଚାରିଲେ "ଆପଣ କବିସୂର୍ଯ୍ୟ ଉପାଧି ଜନୈକ ସାମନ୍ତ ରାଜାଙ୍କଠାରୁ ପାଇଅଛନ୍ତି । ( କହିବା ବାହୁଲ୍ୟ ଯେ, ଏତେବେଳେ ସୁଦ୍ଧା ଉତ୍କଳୀୟ ରାଜନ୍ୟ-ବୃନ୍ଦଙ୍କ ମଧ୍ୟରେ ପୁରୀ ରାଜବଂଶର ଅଧିରାଜତ୍ୱ ଅଭିମାନ ଯାଇ ନାହିଁ । ) ଆପଣ ଆମ୍ଭଠାରୁ ଗୋଟିଏ ନୂତନ ଉପାଧି ଗ୍ରହଣ କରନ୍ତୁ, ତଦ୍ଦ୍ୱାରା ସର୍ବତ୍ର ପରିଚିତ ହେବେ ।" ଏହା ଶୁଣି ବଳଦେବ ଉତ୍ତର କଲେ, "ଆଜ୍ଞା, ମୋର କବିସୂର୍ଯ୍ୟ ପଦ ଚିରଆତେ ପ୍ରଚଳିତ ହୋଇଗଲାଣି, ଯେବେ ଆମ୍ଭଙ୍କର ମୋ ପ୍ରତି ଅନୁଗ୍ରହ ହୁଏ, ତେବେ ମୋର ଏହି 'କବିସୂର୍ଯ୍ୟ' ଉପାଧିକୁ ତୁମ୍ଭେ ନିଜର ବୋଲି ସ୍ୱୀକାର କରନ୍ତୁ ।" ରାଜା ଏହା ଶୁଣି ପ୍ରୀତ ହେଲେ ଏବଂ ଉପସ୍ଥିତ ଭଦ୍ର-ମଣ୍ଡଳୀଙ୍କ ସମ୍ମୁଖରେ କୋଠଭଣ୍ଡାରରୁ ତତ୍‌କ୍ଷଣାତ୍ ପାଟ ଶାଢ଼ୀ ଅଣାଇ କବିଙ୍କ ଶିରରେ ସ୍ୱହସ୍ତରେ ବାନ୍ଧି ଦେଲେ । ଏହିପରି ପ୍ରଥମ ସାକ୍ଷାତ୍‌କାଳରେ ବଳଦେବଙ୍କ ପ୍ରିୟ ପଦବୀଟି ପୁରୀ ରାଜାଙ୍କ କର୍ତ୍ତୃକ ଦୃଢ଼ ହୋଇଗଲା । ଏହି ଘଟଣାଟି ଆଜିକାଲି ପୁରୀର ପ୍ରାଚୀନ ପଣ୍ଡିତମାନଙ୍କ ମଧ୍ୟରେ ପ୍ରବାଦରୂପେ ପ୍ରଚଳିତ ଅଛି ।

ଏଥିରେ ବଳଦେବଙ୍କ ମନରେ ଆନନ୍ଦର ଉଚ୍ଛ୍ୱାସ ଖେଳିଗଲା । ତଥାପି ଶଂସିତ ସଂସ୍କୃତ ସମସ୍ୟା ପୂରଣ ନ ହେବା ଯାଏ ତାଙ୍କର ମନଃପ୍ରସାଦ ଜାତ ହେଉ ନ ଥାଏ । ପ୍ରକୃତରେ ମହାକବି କାଳିଦାସଙ୍କ ଉକ୍ତି ଅକ୍ଷରେ ଅକ୍ଷରେ ଅନୁଭୂତ ସତ୍ୟ—

> ଆପରିତୋଷାଦ୍‌ବିଦୁଷାଂ ନ ସାଧୁମନ୍ୟେ ପ୍ରୟୋଗବିଜ୍ଞାନଂ ।
> ବଳବଦପି ଶିକ୍ଷିତାନାମାତ୍ମନ୍ୟପ୍ରତ୍ୟୟଂ ଚେତଃ ॥

ଶାଢ଼ୀ ବନ୍ଧା ପରେ ରାଜା ମନ୍ଦିରମଧ୍ୟବର୍ତ୍ତୀ ଅନ୍ୟାନ୍ୟ ଦେବଦେବୀଙ୍କ ଦର୍ଶନ ଶେଷରେ ଦକ୍ଷିଣଦ୍ୱାର ପଥରେ କ୍ରମେ ସିଂହଦ୍ୱାରକୁ ବିଜେ କଲେ । ଇତ୍ୟ-ବସରରେ ବଳଦେବ ସଂସ୍କୃତ ସମସ୍ୟାଟି ପୂରଣ କରି ତାଳପତ୍ରରେ ଲେଖି ଯଥାରୀତି ଅଭିବାଦପୂର୍ବକ ସିଂହଦ୍ୱାରରେ ରାଜାଙ୍କୁ ଉପହାର ଦେଲେ ।

"ମା ଜୀର୍ଣ୍ଣଭ୍ରୂମୁପାଗତା ହି ଗଣିକାରାଜୀମନଃପ୍ରୀଣନା —
ଦାରୀବାବଧି ଚିନ୍ତ୍ୟମ୍ପି ଚରିତଂ ନାରୀଜରରତ୍ ସାଧୁଭିଃ ।
ଆଜୀବଃ ପରପୀଡ଼ନଂ ମମ ହିଵର୍ଯାରୀ ନବା ବୈ ଯତୋ
ବାଜିଭୂତବିହଙ୍ଗରାଜ ଭବ ରେ ରାଜୀବନେତ୍ରେ ମନଃ ।"

ରାଜାଙ୍କ ସମସ୍ୟାଗତ ପ୍ରଶ୍ନପଂକ୍ତିର ଅର୍ଥ — 'ରେ ମନ, ପକ୍ଷିରାଜ ଗରୁଡ଼ ଯାହାଙ୍କର ବାହନ, ସେହି ରାଜୀବନେତ୍ର ଶ୍ରୀହରିଙ୍କଠାରେ ତୁ ନିତ୍ୟ ଅନୁରକ୍ତ ରହ ।' କବି ଅବଶିଷ୍ଟ ପଂକ୍ତିତ୍ରୟରେ ପୂରଣ କଲେ — 'ଇନ୍ଦ୍ରିୟପରାୟଣତାଦ୍ୱାରା ମୋର ଶବରକ୍ଷୟ ଘଟିଲାଣି, ସଜ୍ଜନସଂସର୍ଗରେ ରହି ଜୀବନକାଳରେ ଦିନେ ହେଲେ ଭଗବତ୍‌ଚରିତ ଚିନ୍ତା କରି ନାହିଁ, ପରନ୍ତୁ ଇତର ଚିନ୍ତାରେ ମୁଁ ନିତ୍ୟ ଅନୁରକ୍ତ, ପରପୀଡ଼ନ ମୋର ଜୀବିକା ପରି ହୋଇଅଛି, ବ୍ରାହ୍ମଣ ହୋଇ ମଧ୍ୟ କେବେ ବା ମୋର ମତି ଯଜ୍ଞକାର୍ଯ୍ୟରେ ଲିପ୍ତ ହୋଇନାହିଁ, ଅତଏବ ଏପରି ଅବସ୍ଥାରେ ରେ ମନ, ପକ୍ଷିରାଜ ଗରୁଡ଼ ଯାହାଙ୍କର ବାହନ, ସେହି ରାଜୀବନେତ୍ର ଶ୍ରୀହରିଙ୍କ ଠାରେ ତୁ ନିତ୍ୟ ଅନୁରକ୍ତ ରହ ।"

ପ୍ରଶ୍ନରେ 'ଜ' ଗତ ଅନୁପ୍ରାସ ତିନିଥର ଥିବାରୁ କବି ବ୍ୟାକରଣ, ଭାବ ଓ ଯତିପାତର କଠୋର ନିୟମରେ ଆବଦ୍ଧ ରହି ସୁଦ୍ଧା ତତ୍କ୍ଷଣାତ ଅଭିନବ ପଂକ୍ତିତ୍ରୟରେ ସେହି ଅନୁପ୍ରାସକୁ ଛଅ ଥର ରକ୍ଷା କରି ଅନତିବିଲମ୍ବରେ ସମସ୍ୟା ସମାଧାନ କରିଅଛନ୍ତି । ଆଜିକାଲି ଯୁଗରେ ଏଭଳି ସମସ୍ୟା ସମାଧାନ ଇନ୍ଦ୍ରଜାଲ ପରି ପ୍ରତୀତ ହେଲେହେଁ ଏହା କାହାରି କପୋଳକଳ୍ପିତ ନୁହେଁ । ପରବର୍ତ୍ତୀ ସମୟରେ ପୁରୀଜିଲ୍ଲା ହରେକୃଷ୍ଣପୁର ଗ୍ରାମନିବାସୀ ପ୍ରସିଦ୍ଧ ପଣ୍ଡିତ ଶ୍ରୀବିଷ୍ଣୁ ରଥେ ଏହି ସମସ୍ୟାଟିକୁ ଅନ୍ୟ ଭାବରେ ପୂରଣ କରିଥିଲେ । ମାତ୍ର ତାହା ଏଠାରେ ଆଲୋଚନୀୟ ନୁହେଁ ବୋଲି ଆମ୍ଭେମାନେ ତାହାର ଉଲ୍ଲେଖ କଲୁଁ ନାହିଁ । ଶ୍ଳୋକାବୃତ୍ତି ଶେଷରେ ରାଜା ପରମପରିତୋଷ ପ୍ରକାଶପୂର୍ବକ ପରଦିନ ତାହାଙ୍କୁ ରାଜସଭାକୁ ଡକାଇବେ ବୋଲି କହି ବିଦାୟ ଦେଲେ ଏବଂ ସ୍ୱୀୟ ନିବିରକୁ ବିଜେ କଲେ ।

ପରବର୍ତ୍ତୀ ଦିନ ରାଜା ସଭାସ୍ଥଳରେ ତଦୀୟ ସଭାସଦ୍ ପଣ୍ଡିତମାନଙ୍କ ସଙ୍ଗେ, କବିସୂର୍ଯ୍ୟଙ୍କ ବିଷୟ ଆଲୋଚନା କଲାବେଳେ ସେମାନଙ୍କ ମଧ୍ୟରୁ ଯେଉଁମାନେ ଗୁଣଗ୍ରାହୀ, ସେମାନେ ଏକବାକ୍ୟରେ ତାଙ୍କ ପାଣ୍ଡିତ୍ୟର ଭୂୟସୀ ପ୍ରଶଂସା କଲେ, ମାତ୍ର ମତ୍ସରୀମାନେ ଗୁଣ ଗ୍ରହଣ କଲେହେଁ ସ୍ୱଭାବଦୌର୍ଜନ୍ୟବଶରୁ କହିଲେ, "ହଁ, ଭାଷା-କବିତାରେ ତ ପାଣ୍ଡିତ୍ୟ କଲା ହୁଏ ନାହିଁ, ଯେ କୌଣସି ଲୋକ ସେଭଳି କବିତା ବୋଲିପାରେ, ସଂସ୍କୃତରେ ମଧ୍ୟ ତାଙ୍କର ବିଶେଷତ୍ୱ ଥିଲା ପରି ଜଣା ଯାଉନାହିଁ, କାରଣ ସେ ଯେଉଁ ସମସ୍ୟାଟି ପୂରଣ କଲେ, ତାହା ଗୋଟିଏ

ପ୍ରାଚୀନ କବିତା ।” ରାଜା କବିତାଟି ଆବୃତ୍ତି କରିବାକୁ ସେମାନଙ୍କୁ କହିବାରୁ ସେମାନଙ୍କ ମଧ୍ୟରୁ ଜଣେ ଅସାଧାରଣ ସ୍ମୃତି ଓ ଧାରଣାଶକ୍ତି ପ୍ରଭାବରୁ ପୂର୍ବବତ୍ ଶ୍ଳୋକଟିକୁ ଆବୃତ୍ତି କରିଦେଲେ । ସେମାନଙ୍କ ମତରେ ସାମାନ୍ୟ ଭାଷା-କବିତା ବୋଲିବା ଦକ୍ଷିଣିଆ ଲୋକଟାକୁ ରାଜସଭାରେ ପୁରାଇବା ଅନୁଚିତ । ଏଥିରେ ରାଜା ବିଷମ ସମସ୍ୟାରେ ପଡ଼ି କଣ କରିବେ, ସେଦିନ କର୍ତ୍ତବ୍ୟ ଅବଧାରଣ କରିପାରିଲେ ନାହିଁ । ତାଙ୍କର ରସଜ୍ଞ ହୃଦୟ ନାନା ଆନ୍ଦୋଳନ ପରେ କବିସୂର୍ଯ୍ୟଙ୍କ ପାଣ୍ଡିତ୍ୟରେ ଦୃଢ଼ନିଷ୍ଠ ହେଲା । ସେ ନିଜ ସଭାର ସେହି ମନସ୍ୱୀ ପଣ୍ଡିତମାନଙ୍କୁ ଉତ୍ତମରୂପେ ଚିହ୍ନି ପାରିଲେ ଏବଂ ପରଦିନ ସଭାରେ କହିଲେ, ‘ଅଚ୍ଛା, ସେ ଜଣେ ଦୂର ଦେଶାଗତ ଲୋକ, ଅନେକ ଦିନୁ ଆମ୍ଭ ସଭାକୁ ଆସିବାକୁ ଉନ୍ମୁଖ ହୋଇ ବସିଅଛନ୍ତି, ସେ ଏଠାକୁ ଆସନ୍ତୁ ଓ ଆପଣମାନଙ୍କ ସଙ୍ଗେ ତାଙ୍କର ଶାସ୍ତ୍ରାଲାପ ହେଉ । ପ୍ରଥମ ଦିନ ତାଙ୍କୁ ଆପଣମାନଙ୍କ ସଙ୍ଗେ ଏକାସନ ନ ଦେଇ ପୃଥକ୍ ଆସନ ଦେବ ଓ ନମସ୍କାର କରିବ ନାହିଁ । ଏପରି ଅବସ୍ଥାରେ ସେ ଶାସ୍ତ୍ରାଲାପରେ ପରାସ୍ତ ଓ ଅପମାନିତ ହୋଇ ନିଜେ ନିଜେ ପଳାଇଯିବେ । ଆସିବାକୁ ମନା କରିବା କାହିଁକି ?’ ଏହିପରି ଆଲୋଚନା କରି ତତ୍ପର ଦିନ ଅପରାହ୍ନରେ କବିସୂର୍ଯ୍ୟଙ୍କୁ ସଭାକୁ ଡକାଇଲେ ।

ସେଦିନ ରାଜସଭାରେ ପୁରବାସୀ ପଣ୍ଡିତମଣ୍ଡଳୀ ଓ ସ୍ଥାନୀୟ କେତେ ଶିକ୍ଷିତ ଲୋକ ସମବେତ ହୋଇଥିଲେ । ରାଜା ଯଥାବିଧି ସ୍ୱତନ୍ତ୍ର ଆସନରେ ଉପବିଷ୍ଟ । ରାଜଦର୍ଶନ କାଳରେ ଆବୃତ୍ତି କରିବେ ବୋଲି କବିସୂର୍ଯ୍ୟ ପୂର୍ବରୁ କେତେଗୁଡ଼ିଏ ସଂସ୍କୃତ ଶ୍ଳୋକ ସୁଲଳିତ ମଧୁର ଛନ୍ଦରେ ରଚନା କରି ମୁଖସ୍ଥ କରିଥାଆନ୍ତି । ମହାରାଜଙ୍କ ସଙ୍ଗେ ସଭାସ୍ଥଳରେ ଉପସ୍ଥିତ ହେବା ମାତ୍ରକେ, ରାଜା ତାଙ୍କୁ ଯଥୋଚିତ ଅଭିନନ୍ଦନ ଓ ପ୍ରଣାମ କରନ୍ତେ ସେ ହସ୍ତପ୍ରସାରଣପୂର୍ବକ ଆଶୀର୍ବାଦାତ୍ମକ ଶ୍ଳୋକାବଳୀ ଅନର୍ଗଳଭାବରେ ଆବୃତ୍ତି କରିବାରେ ଲାଗିଲେ । ସେହି ନିରବଚ୍ଛିନ୍ନ ବାକ୍ୟସ୍ରୋତ ଅର୍ଦ୍ଧ ଘଟିକାବ୍ୟାପୀ ଅବିରାମଗତିରେ ପ୍ରବାହିତ ହୋଇ ପରିଷଦ୍‌ବୃନ୍ଦଙ୍କୁ ଆନନ୍ଦ ଓ ବିସ୍ମୟରେ ଅଭିଭୂତ କରିଦେଲା । ଅନନ୍ତର ରାଜା ସସମ୍ମାନ ଆହ୍ୱାନସହକାରେ ତାଙ୍କୁ ସ୍ୱକୀୟ ଆସନ ସମୀପରେ ଗୋଟିଏ ବିଶିଷ୍ଟ ଆସନରେ ଆସୀନ ହେବାକୁ ଆଦେଶ ଦେଲେ । ଏଥିରେ ପୂର୍ବୋକ୍ତ ମନସ୍ୱୀମାନଙ୍କ ହୃଦୟ ଈର୍ଷାନଳରେ ଦହ୍ୟମାନ ହୋଇ ଉଠିଲା । ସେମାନେ ପ୍ରଚଳିତ ରୀତି ଅନୁସାରେ କଳ୍ପିତପୂର୍ବ ନାନା ଜଟିଳ ସମସ୍ୟାର ସମାଧାନ ନିମିତ୍ତ ସେହି ସଭାରେ କବିସୂର୍ଯ୍ୟଙ୍କୁ ବିବ୍ରତ କରି ପକାଇଲେ । ମାତ୍ର ସେ ସ୍ୱଭାବସୁଲଭ ଗାମ୍ଭୀର୍ଯ୍ୟ, ଧୀରତା ଓ ପାଣ୍ଡିତ୍ୟ ବଳରେ ସେମାନଙ୍କୁ ଏପରି କୌଶଳରେ ନିରୁତ୍ତର କଲେ ଯେ, ସେମାନେ ଆଉ ପରବର୍ତ୍ତୀ ପ୍ରଶ୍ନ ପଚାରିବାକୁ ସାହସୀ ହେଲେ ନାହିଁ ଏବଂ କବିସୂର୍ଯ୍ୟ ଉପାଧି ଯେ

ସତ୍ପାତ୍ରରେ ଅର୍ପିତ ହୋଇଅଛି, ଏହା ସର୍ବସମକ୍ଷରେ ସଭାସ୍ଥଳରେ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ରାଜା ପରମପ୍ରୀତି ପ୍ରକାଶପୂର୍ବକ ପ୍ରତ୍ୟହ ତାଙ୍କୁ ଅପରାହ୍ନରେ ସଭାକୁ ଆସିବାକୁ ଆଦେଶ କଲେ । କ୍ରମେ କବିସୂର୍ଯ୍ୟଙ୍କ ସଙ୍ଗେ ପୂର୍ବୋକ୍ତ ପଣ୍ଡିତମାନଙ୍କର ମିତ୍ରତା ଦୃଢ଼ୀଭୂତ ହେଲା । ଅମ୍ଭମାନଙ୍କ କବି ଉତ୍କଳର ବାରାଣସୀ ପୁରୀର ରାଜସଭାରେ ସମ୍ମାନିତ ହୋଇଥିବାରୁ ତେତେବେଳେ ଆପଣାକୁ ଗୌରବାନ୍ୱିତ ଓ ଭାଗ୍ୟବାନ୍ ମନେ କରି ଆଶ୍ୱସ୍ତ ହେଲେ ।

ଏହିପରି କେତେଦିନ ଅତିବାହିତ ହୋଇଗଲା । ନିତ୍ୟ ବଳଦେବଙ୍କ ଅଭିନବ ସଂସ୍କୃତ ଓ ଓଡ଼ିଆ ରଚନାରେ ରାଜା ଓ ପଣ୍ଡିତମାନେ ମୁଗ୍ଧ ହୋଇଗଲେ । ଏଥି ମଧ୍ୟରେ ବଳଦେବ କୌଶଳକ୍ରମେ ତଦୀୟ ପୂର୍ବପୁରୁଷ ମଣି ରଥ ରାଜଗୁରୁ ମହାପାତ୍ରଙ୍କଠାରୁ ସେପର୍ଯ୍ୟନ୍ତ ସମଗ୍ର ବଂଶାବଳୀ ରାଜାଙ୍କ କର୍ଣ୍ଣଗୋଚର କରି ପ୍ରକାଶ କରିଥିଲେ ଯେ, ତାଙ୍କର ପୂର୍ବପୁରୁଷମାନେ ପୁରୀଜିଲ୍ଲାବାସୀ ଓ ପୁରୀ ରାଜାଙ୍କ ଅନୁଗ୍ରହରେ ଚିରକାଳ ପ୍ରତିପାଳିତ । ଦୈବଦୁର୍ବିପାକରେ ସେ ସ୍ୱଦେଶ ତ୍ୟାଗ କରି ବିଦେଶରେ ରହିଅଛନ୍ତି, ସୁତରାଂ ସେ ଲୁପ୍ତପ୍ରାୟ ସେହି କୌଳୀନ୍ୟ ଅଧିକାର ପୁନର୍ବାର ପାଇବାକୁ ବର୍ତ୍ତମାନ ପ୍ରାର୍ଥୀ । ରାଜା ସମଗ୍ର ବିଷୟ ଆଦ୍ୟୋପାନ୍ତ ଶ୍ରବଣ କରି ଦିନେ ଗୋଟିଏ ସାଧାରଣ ପଣ୍ଡିତସଭା ଆହ୍ୱାନ କଲେ ଏବଂ ତହିଁରେ ତାଙ୍କୁ ଅଭିଳଷିତ ସନନ୍ଦ ପ୍ରଦାନ କଲେ । ଅମ୍ଭେମାନେ ସେହି ସନନ୍ଦକୁ ଏଠାରେ ଅବିକଳ ଉଦ୍ଧାର କରି ଦେଉଅଛୁଁ :—

"ଶ୍ରୀ ଶ୍ରୀ ଶ୍ରୀ ମୁକୁନ୍ଦଦେବଙ୍କ ୨୩ ଅଙ୍କ ବିଛା ମାସ ୧୫ ଦିନ ଶ୍ରୀପୁରୁଷୋତ୍ତମ ବଡ଼ଦେଉଳ ସମସ୍ତ ପରିଚ୍ଛାଙ୍କୁ, ସମସ୍ତ କାର୍ଯ୍ୟୀମାନଙ୍କୁ, ସମସ୍ତ ସେବକମାନଙ୍କୁ, ୧୮ ଗଡ଼ଜାତର ମହାନାୟକମାନଙ୍କୁ, ଷୋଳଶାସନ ମହାଜନମାନଙ୍କୁ, ସାତ ସାଇ ନାୟକମାନଙ୍କୁ ମଧ୍ୟ ଲିଖାଉ, ଆଠଗଡ଼ନିବାସୀ ବଳଦେବରଥଙ୍କୁ କବିସୂର୍ଯ୍ୟ ରାଜଗୁରୁ ମହାପାତ୍ର ପଦ, ସୁନାବେଣ୍ଟ ଚାମର ଜୋଡ଼ାମଶାଲ, ଢୋଷରା ପାବଛ, ଯାଉଁଳି କବାଟ, ମଗରମୁହାଁ ପାଲିଙ୍କି ଓ ଚାଦର, ଆଡ଼ଣୀ, ଦାସ, ପୃଥକ୍ ନମସ୍କାର, ଖିଜମତଘର ବୈଠକଘର ଛାଡ଼ । ଏପରି ସମସ୍ତ ପ୍ରତିଷ୍ଠା କାର୍ଯ୍ୟମାନଙ୍କୁ ଶ୍ରୀ ଶ୍ରୀ ଶ୍ରୀ ହୁଜୁରୁ ଆଜ୍ଞା ହୋଇଥିବାରୁ ଅଙ୍କ ତାରିଖ ଆଜ୍ଞାନୁସାରେ ଲେଖିବାକୁ ହୋଇଲା । ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାରରୁ ସୁନାବେଣ୍ଟ ଚାମର ଦେଇ ଚନ୍ଦନ ଅର୍ଗଳିଠାରେ, ରଥ ଉପରେ, ଚାପ ଉପରେ, ଯାନିଯାତ୍ରାମାନଙ୍କରେ ଚାମର ସେବା ଖଟାଇବ । ଚାଙ୍ଗଡ଼ାଘରୁ ଗୀତଗୋବିନ୍ଦ ଖଣ୍ଡୁଆ ମୋଡ଼ଏ ଲେଙ୍ଟାଏଁ ଦେଉଥିବ । ଏହାଙ୍କୁ ଉତ୍ତମରୂପେ ଦର୍ଶନ କରାଇ ଦେଉଥିବ । ବାକି ବିଷୟ ହୁଜୁରଙ୍କ ଲିଖାଉ ଲିଖିତମତେ ପୁରୁଷାନୁକ୍ରମେ କରୁଥିବ । ଅକଟ ନାଁ ଛଟିବ ।" ( ଏହି ସନନ୍ଦରେ ମହାରାଜାଙ୍କର ସନ୍ତକ ଓ ମୋହର ଅଛି ) ।

ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ୧୮୧୭ ଖ୍ରୀଷ୍ଟାବ୍ଦରେ ଉତ୍କଳୀୟ ଗଦ୍ୟ-ସାହିତ୍ୟର ଅବସ୍ଥା କିପରି ଥିଲା, ତାହା ଏହି ସନନ୍ଦରୁ କିୟତ୍‌ପରିମାଣରେ ଜଣାଯାଏ । ସେ ଯାହାହେଉ, ବଳଦେବ ତାଙ୍କର ଚିରଅଭିଳଷିତ ବସ୍ତୁ ପ୍ରାପ୍ତ ହୋଇ ନିଜ ଜୀବନକୁ ଧନ୍ୟ ମନେ କଲେ ଏବଂ ନବଲବ୍ଧ ସନନ୍ଦବଳରେ ମନ୍ଦିର ମଧ୍ୟରେ ଚାମରଚାଳନାଦି କରି କୃତକୃତ୍ୟ ହେଲେ । ଏହି ଭାବରେ ୫ ମାସ କାଳ ପୁରୀରେ ଅତିବାହିତ ହୋଇଥିଲା । ସଙ୍ଗୀତସାହିତ୍ୟପ୍ରିୟ ରାଜାଙ୍କର ରୁଚି ଓ ଅଭିଳାଷ ଅନୁସାରେ ସେ ଏହି ସମୟରେ ଅନେକଗୁଡ଼ିଏ କବିତା ରଚନା କରିଥିଲେ । କବିସୂର୍ଯ୍ୟଙ୍କ ପ୍ରଣୀତ ଯେତେଗୁଡ଼ିଏ ରଚନା ମୁକୁନ୍ଦଦେବଙ୍କ ନାମରେ ଭଣିତ, ତାହା ଏହି ସମୟରେ ରଚିତ । ରାଧାକୃଷ୍ଣ କେଳି ବର୍ଣ୍ଣନା କୌଶଳରେ କବି ପୂର୍ବୋକ୍ତ ମନ୍ତ୍ରୀ ପଣ୍ଡିତମାନଙ୍କୁ ଲକ୍ଷ୍ୟ କରି ଏଗୁଡ଼ିକର ଅଧିକାଂଶ ଯେ ରଚନା କରିଥିଲେ, ତାହା କବିତାମାନଙ୍କର ଆଲଙ୍କାରିକଛଟାରୁ ସ୍ପଷ୍ଟ ପ୍ରତୀତ ହୁଏ । ପାଠକସମାଜର କୌତୂହଳ ଚରିତାର୍ଥତା ପାଇଁ ତନ୍ମଧ୍ୟରୁ ଗୋଟିଏ କବିତାର ଦୁଇପଂକ୍ତି ମାତ୍ର ଏଠାରେ ଉଦ୍ଧାର କରିଦେଉଅଛୁଁ :—

ପ୍ରିୟ ସଖି ! କି ବୁଦ୍ଧି କରିବି ଗୋ, ଗଲିଣି ମୁଁ ଲାଜେ ସରି ।
କେଉଁ ଗୁଣେ ରସି    ନିକୁଞ୍ଜବିଳାସୀ
ଅଛନ୍ତି ମୋ ସ୍ନେହେ ବୁଡ଼ି । ଘୋଷା ।
ବ୍ରଜେ କେତେ ବାମା    ନାହାନ୍ତି ସୁଷମା—
ସମ୍ଭାରୁ ରମ୍ଭାରେ ବଳି,
ସେ ଶିଖଣ୍ଡଚୂଳି    ଲୋଚନ ଅଞ୍ଜଳି
ଆନେ ତ ନ କଲି କେଳି । ୧ ।
ମୁଁ ଚାହିଁ ନ ଜାଣେ    ଲବେ ନେତ୍ରକୋଣେ
ନଚାଇ ଭୁରୁକୁ ଗଲେ ।
ତେବେ ପୀତପଟ-    ନଟ-ଗଞ୍ଜିଘଟ-
ନନ୍ଦନା ମୋ ନାମ ଦେଲେ । ୨ ।

× × × ×

କବିଙ୍କର ପୁରୀ ଆଗମନର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହେଲା । ଏବେ ତାଙ୍କର ସ୍ୱୀୟ ଜ୍ୟେଷ୍ଠା କନ୍ୟା ପାଇଁ ବରପାତ୍ର ଅନ୍ୱେଷଣରୂପ ଗୌଣ ଉଦ୍ଦେଶ୍ୟ ସାଧନର ସମୟ ଉପସ୍ଥିତ ଦେଖି ସେ ଦିନେ ରାଜା ମୁକୁନ୍ଦଦେବଙ୍କଠାରୁ ବିଦାୟ ନେବା ଉଦ୍ଦେଶ୍ୟରେ ସେହି ରାଧାକୃଷ୍ଣକେଳିମୂଳକ ଗୋଟିଏ କବିତା ରଚନା କରି ସଙ୍ଗୀତ ବୈଠକବେଳେ ଗାୟକଙ୍କୁ ଗାନ କରିବାକୁ ସଙ୍କେତ କଲେ ।

ହେ ବଂଶୀପାଣି, ଏବେ ହେଉ ଶ୍ରୀଛାମୁରୁ ମେଲାଣି ହେ । ଘୋଷା ।
କୃପାସିନ୍ଧୁ କୃପାଶତ୍ୱ ମୋଠାରେ ଥାଉ ସତତ,
ଯାଉ ଜୀବନ ନିଯୁତ ତୁମ୍ଭ ଗୁଣ ଗୁଣି ହେ । ୧ ।
ଜଟିଳା କୁଟିଳା ରୀତି ଜାଣିଛ ତ ଶିରୀପତି,
ତୁମ୍ଭେ ଏକା ମୋର ଟେଣ୍ଠ ସୁପଥର ଶ୍ରେଣୀ ହେ । ୨ ।
ରାଧା ବାଧା ତ ତୁମ୍ଭର ଶ୍ରଦ୍ଧାରେ କର ଉଦ୍ଧାର,
କା ଧବ ନୁହ ଶ୍ରୀଧର ଚିତ୍ତେ ମୋ ମାଗୁଣି ହେ । ୩ ।
କବିରବି ଭଣେ ଗୀତେ ସଦ୍ୟ ଉତ୍ତରରୁ ଚିତ୍ତେ,
ଜାତ ହୁଏ ବାଧା ଯେତେ କି ବର୍ଣ୍ଣିବ ପୁଣି ହେ । ୪ ।

କବିତାଟି କ୍ଷୁଦ୍ର ହେଲେହେଁ କବି କରୁଣାଶ୍ରିତ ସ୍ୱରରେ ତାହାର ରଚନା କରି ବିଦାୟକାଳୀନ ମନୋଭାବ ତହିଁରେ ସୁସ୍ପଷ୍ଟରୂପେ ପ୍ରକାଶ କରିଅଛନ୍ତି । ମନ୍ତ୍ରୀ ପଣ୍ଡିତମାନଙ୍କୁହିଁ ଜଟିଳା କୁଟିଳା ଶବ୍ଦଦ୍ୱାରା ବ୍ୟଞ୍ଜିତ କରାଯାଇଅଛି । ଗୃହଚ୍ଛିଦ୍ରହିଁ ତାଙ୍କର ପୁରୀ ଛାଡ଼ିବାର ହେତୁ । ଭଣିତାରେ ଏହାହିଁ କବିଙ୍କର ବ୍ୟଙ୍ଗାର୍ଥ । ସେ ସଙ୍ଗୀତରେ ସମଗ୍ର କଥା ବ୍ୟକ୍ତ କରିଥିଲେ, ସୁତରାଂ ଭାବଗ୍ରାହୀ ରସିକ ରାଜାଙ୍କୁ ସେ କଥା ଆଉ ଥରେ କହିବାକୁ ହେଲା ନାହିଁ ସେଦିନ ସଙ୍ଗୀତ ଶେଷରେ ରାଜା ଅନ୍ୟାନ୍ୟ ଦିନ ପରି ଆନନ୍ଦ ପ୍ରକାଶ ନ କରି ଘୋର ଦୁଃଖରେ କବିସୂର୍ଯ୍ୟଙ୍କୁ କହିଲେ, "ଆଜି କିଛି ବିଷାଦପୂର୍ଣ୍ଣ ସମ୍ବାଦ ଶୁଣିବାକୁ ହେବ ବୋଲି ମୁଁ ପ୍ରଭାତରୁ ଆଶଙ୍କା କରୁଥିଲି । କିନ୍ତୁ ଶୀଘ୍ର ଯେପରି ଦିନେ ସୁଖମୟ ପ୍ରଭାତ ଆସିବ, ତାହାର ଚେଷ୍ଟା କରିବେ ।" ଅନନ୍ତର ରାଜା ସହସ୍ର ମୁଦ୍ରା ପାଥେୟ, ମୂଲ୍ୟବାନ୍ କୌଶେୟ ବସ୍ତ୍ର, ରତ୍ନଖଚିତ ସୁବର୍ଣ୍ଣ କୁଣ୍ଡଳ ସହ କବିଙ୍କୁ ଦୁଃଖିତାନ୍ତଃକରଣରେ ବିଦାୟ ଦେଲେ ଏବଂ ଆଠଗଡ଼ରେ ପହଞ୍ଚିବା ଯାଏ ଶିବିକାବାହକର ବନ୍ଦୋବସ୍ତ କରିବାକୁ କର୍ମଚାରୀମାନଙ୍କୁ ଆଦେଶ ଦେଲେ । କବି ଏହାପରେ ଜୟଶ୍ରୀବିମଣ୍ଡିତ ହୋଇ ଶିବିକାରୋହଣପୂର୍ବକ ପୁରୀ ଜିଲ୍ଲାର ଅନ୍ୟତମ ସାମନ୍ତସ୍ଥଳୀ ଉସୁମାବରପଦାକୁ ଗମନ କଲେ । ତତ୍ରତ୍ୟ ନନ୍ଦ ସାମନ୍ତ ରାମଚନ୍ଦ୍ର ବ୍ରହ୍ମାଙ୍କ ପୁତ୍ର ନୀଳକଣ୍ଠଙ୍କୁ ଜାମାତୃରୂପେ ମନୋନୀତ କରି ଆଠଗଡ଼ ବାଟେ ଜଳନ୍ତର ବାହାରିଗଲେ । କାରଣ, ସେତେବେଳେ ତାଙ୍କର ପରିବାର-ବର୍ଗ ଜଳନ୍ତର ଗଡ଼ରେ ଅବସ୍ଥାନ କରୁଥିଲେ ।

# ସପ୍ତମ ପରିଚ୍ଛେଦ

ଜଲନ୍ତରରେ ଉପସ୍ଥିତ ହୋଇ ବଳଦେବ ରାଜା ରାମଚନ୍ଦ୍ର ଶ୍ରେଷ୍ଠରାୟଙ୍କ ଦ୍ୱାରା ପରମସାଦରରେ ଗୃହୀତ ହେଲେ । ସେଠାରେ ଯଥାବିଧି କନ୍ୟାର ପରିଣୟ ସମ୍ପାଦନ କରି ନବୀନ ସମ୍ବନ୍ଧୀଙ୍କୁ ରାଜଦରବାରରେ ପରିଚିତ କରାଇଲେ । କବିଙ୍କ ଅନୁକୂଲରେ ରାଜା ତଦୀୟ ଜାମାତା ଏବଂ କନ୍ୟାର ମଙ୍ଗଳାକାଂକ୍ଷାରେ ବିସ୍ତର ଭୂବୃତ୍ତି ଦାନ କରି ଜଲନ୍ତରର ସୁପ୍ରସିଦ୍ଧ ଦୁର୍ଗୋତ୍ସବରେ ତାଙ୍କୁ ପ୍ରଧାନ ପୁରୋହିତରୂପେ ନିଯୁକ୍ତ କଲେ । ପୁରୀରୁ ପ୍ରତ୍ୟାବୃତ୍ତ ହୋଇ ଏହିପରି କେତେ କାଳ ପରମସୁଖରେ ସେ ଜଲନ୍ତରରେ ଅବସ୍ଥାନ କରିଥିଲେ । ଏଥିମଧ୍ୟରେ ଆଠଗଡ଼ର ରାଜା ତାଙ୍କୁ ସପରିବାରରେ ଆଠଗଡ଼ ଯିବାପାଇଁ ପୁନଃପୁନଃ ଅନୁରୋଧ କରୁଥାଆନ୍ତି । ମାତ୍ର ରାମଚନ୍ଦ୍ର ଶ୍ରେଷ୍ଠରାୟଙ୍କ ସ୍ନେହର ବଶବର୍ତ୍ତୀ ହୋଇ ସେ ଜଲନ୍ତର ତ୍ୟାଗ କରି ପାରୁ ନ ଥାନ୍ତି । ଇତ୍ୟବସରରେ ଜଲନ୍ତରର ରାଜା ରୋଗ ଓ ଶୋକରେ ଅଭିଭୂତ ହୋଇ ଇହଲୀଳା ସାଙ୍ଗ କଲେ । ଏହାର କେତେକ ମାସ ପରେ କବି ବଳଦେବ ଅଗତ୍ୟା ଆଠଗଡ଼ ରାଜାଙ୍କ ସନିର୍ବନ୍ଧ ଅନୁରୋଧ ରକ୍ଷା କରିବାକୁ ମନସ୍ଥ କରି ଜଲନ୍ତର ତ୍ୟାଗପୂର୍ବକ ସପରିବାରରେ ଆଠଗଡ଼ ବାହାରି ଆସିଲେ । ଜଲନ୍ତର ତ୍ୟାଗ କଲେହେଁ ସେ ଶେଷ ଜୀବନ ପର୍ଯ୍ୟନ୍ତ ଜଲନ୍ତର ସଙ୍ଗେ ସମ୍ବନ୍ଧ ରଖିଥିଲେ ଏବଂ ରାମଚନ୍ଦ୍ରଙ୍କ ଉତ୍ତରାଧିକାରୀମାନେ କବିଙ୍କୁ ତାଙ୍କ ପୂର୍ବ ସମ୍ମାନ ଓ ରାଜଦତ୍ତ ବୃତ୍ତିରୁ ଆଜୀବନ ବଞ୍ଚିତ କରି ନ ଥିଲେ ।

ତଦୀୟ ଗୁଣମୁଗ୍ଧ ତତ୍‌କାଳୀନ ଆଠଗଡ଼ର ଯୁବକ ରାଜା ବାଲୁକେଶ୍ୱର ଜଗଦେବ ହରିଚନ୍ଦନ ପୂର୍ବରୁ ତାଙ୍କ ବାସୋପଯୋଗୀ ଗୋଟିଏ ମନୋହର ଉଦ୍ୟାନ ଗୃହ ନିର୍ବାଚନ କରିଥିଲେ । ବଳଦେବ ସେହି ଗୃହରେ ବାସ କରି ପରମସୁଖରେ କାଳ ଅତିବାହିତ କରିବାରେ ଲାଗିଲେ । ସେତେବେଳକୁ ତାଙ୍କର ବୟସ ପ୍ରାୟ ୩୦ ବର୍ଷ ହୋଇଥିଲା; ସୁତରାଂ ଉପଯୁକ୍ତ ସମୟରେ ସେହି ପୁଣ୍ୟକୀର୍ତ୍ତି ମହୀପତି ବାଲୁକେଶ୍ୱରଙ୍କ ସାହଚର୍ଯ୍ୟ ଲାଭ କରି ସେ ବାଗ୍‌ଦେବୀଙ୍କ ଚରଣାର୍ଚ୍ଚନା କରିବାର ଯୋଗ୍ୟ ଅବସର ଲାଭ କଲେ ।

ଗଞ୍ଜାମ ଜିଲ୍ଲାର ଗଡ଼ଜାତମାନଙ୍କ ମଧ୍ୟରେ ଆଠଗଡ଼ର ପ୍ରାକୃତିକ ଅବସ୍ଥାନ ଅତି ରମଣୀୟ ଓ ଅତି କମନୀୟ । ପ୍ରାକୃତିକ ଓଡ଼ିଶାର ପଶ୍ଚିମରେ ଯେଉଁ ମହେନ୍ଦ୍ର ପର୍ବତମାଳା ପ୍ରାଚୀରାକାରରେ ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ବିସ୍ତାରିତ ରହିଅଛି, ତାହାର ଅନେକଗୁଡ଼ିଏ ଶାଖା ଆଠଗଡ଼ ରାଜ୍ୟ ମଧ୍ୟରେ ଇତସ୍ତତଃ ପ୍ରଧାବିତ । ସେହି ସବୁ ଘନବନାଚ୍ଛାଦିତ ପର୍ବତମାନଙ୍କ ମଧ୍ୟରୁ ପ୍ରବାହିତ ହୋଇ ଆସୁଥିବା ନଦୀମାନେ ରାଜ୍ୟର ଚାରିଆଡ଼େ ପ୍ରାକୃତିକ କେନାଲର କାର୍ଯ୍ୟ କରୁଅଛନ୍ତି ।

ସତେ ଯେପରି ରାଜ୍ୟର ସମଗ୍ର ଅଂଶକୁ ଜଳ ଦେବାପାଇଁ ବିଧାତାଙ୍କ କର୍ତ୍ତୃକ ଆଦିଷ୍ଟ ହୋଇ ଏମାନେ ଭୁଜଙ୍ଗକୁଟିଳଗତି ଧାରଣପୂର୍ବକ ଅଦୂରରେ ପ୍ରବାହିତା ପୁଣ୍ୟତୋୟା ଋଷିକୁଲ୍ୟା ସଙ୍ଗେ ମିଳିତ ହୋଇଅଛନ୍ତି । ଯେତେ କାଳ ପର୍ଯ୍ୟନ୍ତ ଏହି ନଦୀମାନେ ଆଠଗଡ଼ ରାଜ୍ୟରେ ପ୍ରବାହିତ ହେଉଥିବେ, ସେତେଦିନ ଯାଏ ଗଞ୍ଜାମ ଜିଲ୍ଲା ମଧ୍ୟରେ ଆଠଗଡ଼ ଉର୍ବରତମ ପ୍ରଦେଶ ବୋଲି ପରିଗଣିତ ହେଉଥିବ । ଅନ୍ୟାନ୍ୟ ରାଜଧାନୀ ତୁଳନାରେ ଆଠଗଡ଼ ରାଜଧାନୀର ଅବସ୍ଥାନରେ ମଧ୍ୟ ବିଶେଷତ୍ୱ ରହିଅଛି । ଅରଣ୍ୟସମାଚ୍ଛନ୍ନ ଅତ୍ୟୁଚ୍ଚ ପର୍ବତମାଳପରିବେଷ୍ଟିତ ୫।୬ ବର୍ଗମାଇଲ କ୍ଷେତ୍ରଫଳବିଶିଷ୍ଟ ଗୋଟିଏ ବୃତ୍ତାକାର ମନୋରମ ଉପତ୍ୟକା ମଧ୍ୟରେ ଗଡ଼ଟି ପ୍ରତିଷ୍ଠିତ । ଏକସ୍ଥାନରେ ପର୍ବତ କଟା ହୋଇ ଗଡ଼ ମଧ୍ୟକୁ ପ୍ରବେଶପଥ ନିର୍ମିତ ହୋଇଅଛି । ଆଗେ ଆଠଗଡ଼ ପ୍ରସିଦ୍ଧ ଘୁମୁସର ରାଜ୍ୟର ଏକାଂଶ ଥିଲା । ପ୍ରାଚୀନ କାଳରୁ ପୁରୀର ଗଜପତି ରାଜବଂଶର କରଦ ରାଜାରୂପେ ଏଠାରେ ଏକ ରାଜବଂଶ ପରମସୁଖରେ ରାଜତ୍ୱ କରୁଥିଲେ । ବୀରବତ୍ତା, ଶୌର୍ଯ୍ୟ, ପାଣ୍ଡିତ୍ୟ ଓ ପରୋପକାରିତା ହେତୁରୁ ଏହି ରାଜବଂଶ ଉତ୍କଳ ଇତିହାସରେ ସୁପ୍ରସିଦ୍ଧ । ୧୭୩୨ ଖ୍ରୀଷ୍ଟାବ୍ଦରେ ପୁରୀର ରାଜା ରାମଚନ୍ଦ୍ର ଦେବ ମହମ୍ମଦ ତକି ଖାଁଙ୍କ ଦ୍ୱାରା ନାନା ଭାବରେ ଉପଦ୍ରୁତ ହେବାରୁ ସ୍ୱୀୟ ପରିବାରବର୍ଗ ଓ ଇଷ୍ଟଦେବତା ଜଗନ୍ନାଥଙ୍କ ସଙ୍ଗେ ଏହି ଆଠଗଡ଼ ରାଜ୍ୟରେ ଶରଣ ନେଇଥିଲେ । ସେତେବେଳେ ପଣ୍ଡିତ ବାଲୁକେଶ୍ୱର ହରିଚନ୍ଦନଙ୍କ ପିତା ବୃନ୍ଦାବନ ହରିଚନ୍ଦନଙ୍କ ବଡ଼ଭାଇ ମଧୁସୂଦନ ହରିଚନ୍ଦନ ଜଗଦ୍ଦେବ ଆଠଗଡ଼ର ରାଜା ଥିଲେ । ସେ ପରମ ସମାଦରରେ ରାମଚନ୍ଦ୍ରଙ୍କୁ ଆଶ୍ରୟ ଦେଲେ ଏବଂ ଅନୁଧାବନକାରୀ ମୁସଲମାନ ଶତ୍ରୁମାନଙ୍କ ଆକ୍ରମଣରୁ ନିରାପଦରେ ରକ୍ଷା କରିବା ନିମିତ୍ତ ମଥୁରା ନାମକ ସ୍ଥାନର ନିକଟବର୍ତ୍ତୀ ପାଣ୍ଡିପଡ଼ା ମାଳରେ ଭୂଗର୍ଭରେ ଗୋଟିଏ ପ୍ରାସାଦ ନିର୍ମାଣ କରାଇ ସେଠାରେ ପରିବାର ସହ ତାଙ୍କୁ ରକ୍ଷା କଲେ ଏବଂ ଶତ୍ରୁମାନଙ୍କର ସନ୍ଦେହ ନିରାକରଣ ନିମିତ୍ତ ସେହି ପ୍ରାସାଦର ଉପରସ୍ଥ ଭୂଭାଗରେ ଗୋଟିଏ ମନୋହର ଉଦ୍ୟାନ ରଚନା କରିଥିଲେ । ପୁରୀର ରାଜା ଏହି ଭାବରେ ସେଠାରେ ପ୍ରାୟ ଦୁଇବର୍ଷ ଅବସ୍ଥାନ କରିଥିଲେ । ମଧୁସୂଦନ ଜଗଦ୍ଦେବ ରାଜାଙ୍କୁ ଶରଣ ଦେଇ ଜଗନ୍ନାଥଙ୍କ ସେବା ପୂଜା ନିମିତ୍ତ ୯୦୦ ଭରଣ ଧାନ ଉତ୍ପନ୍ନ ହେବା ଭଳି ଭୂବୃତ୍ତି ଖଞ୍ଜିଦେଲେ । ଅଦ୍ୟାବଧି ଆଠଗଡ଼ର ମାରଦା ନାମକ ସ୍ଥାନରେ ଜଗନ୍ନାଥଙ୍କ 'ଚକା' ଅର୍ଥାତ୍ ଅଧିଷ୍ଠିତ ବେଦୀର ପୂଜା ହେଉଅଛି । ଘୋର ବିପଦ ବେଳେ ପୁରୀ ରାଜାଙ୍କୁ ଆଠଗଡ଼ ରାଜା ରକ୍ଷା କରିଥିବାରୁ ପୁରୀ ରାଜା ତାହାଙ୍କୁ "ମାନୋଦ୍ଧାରଣ ଶରଣପଞ୍ଜର ବୀରାଧିବୀରବର ଭୁଜ ଶ୍ରୀହରିଚନ୍ଦନ ଜଗଦ୍ଦେବ ରାଜା ବାହାଦୁର" ଉପାଧି ପ୍ରଦାନ କରିଥିଲେ ଏବଂ ଆଠଗଡ଼ର ରାଜା ପୁରୀକୁ ବିଜେ କଲାବେଳେ ସ୍ୱୟଂ ତାଙ୍କୁ ଅଠରନଳା ଓ ଲୋକନାଥ ଘାଟଠାରୁ

ପାଞ୍ଚୋଟି ନେଇଥିଲେ । ଆଠଗଡ଼ର ରାଜାମାନେ ବଂଶାନୁକ୍ରମେ ଏହି ସମ୍ମାନର ଅଧିକାରୀ ଥିଲେ । ସେହି ଦିନଠାରୁ ଆଠଗଡ଼ ରାଜ୍ୟ 'ଶରଣ' ରାଜ୍ୟ ନାମରେ ପୁରୀ ରାଜାଙ୍କ ଦ୍ୱାରା ଅଭିହିତ ହେଲା । ଏହି ବାଲୁକେଶ୍ୱର ହରିଚନ୍ଦନ ଜଗଦ୍ଦେବ ମହାପାତ୍ର ସେହି ରାଜବଂଶର ଜଣେ ବିଶିଷ୍ଟ ରାଜା । ସେ ଯେପରି ରୂପବାନ୍, ସେହିପରି ନାନାଶାସ୍ତ୍ରଦର୍ଶୀ ସଂସ୍କୃତଜ୍ଞ ଓ ସଙ୍ଗୀତ ସାହିତ୍ୟରସିକ ଥିଲେ । ଯୌବନର ପ୍ରାରମ୍ଭରେ ସମୃଦ୍ଧିମନ୍ତ ସାମ୍ରାଜ୍ୟ ଲାଭ କରି ସେ ସଙ୍ଗୀତ ସାହିତ୍ୟ-ସେବାରେ ମନଃପ୍ରାଣ ଅର୍ପଣ କରିଦେଲେ । ତାଙ୍କ ରାଜତ୍ୱବେଳେ ଆଠଗଡ଼ ରାଜ୍ୟ 'ବୁଧହଂସକେଳିସର'ରେ ପରିଣତ ହେଲା । କବିସୂର୍ଯ୍ୟ ରାଜହଂସଙ୍କ ସଙ୍ଗେ ପରମ ଆନନ୍ଦରେ ସେହି ଶୋକପାସୋରା କେଳିସରରେ ସଞ୍ଚରଣ କରିବାରେ ଲାଗିଲେ ।

ଏହି ସମୟକୁ ଉତ୍କଳସଙ୍ଗୀତ ସାହିତ୍ୟର ଉନ୍ନତକାଳ ବୋଲି ଆମ୍ଭେମାନେ ମନେ କରୁଅଛୁଁ । ଛନ୍ଦ ଓ ଚୌତିଶା ଏହାର ବହୁପୂର୍ବରୁ ଓଡ଼ିଆ ସାହିତ୍ୟରେ ପ୍ରବର୍ତ୍ତିତ ହୋଇଥିଲା । କେଉଁ ସୂତ୍ରରେ ଓ କେଉଁ ଗତିରେ ଏଗୁଡ଼ିକ ଭାଷାରେ ପ୍ରବେଶ କଲା, ତାହା ଜାଣିବାର କୌଣସି ଉପାୟ ନାହିଁ । ପ୍ରତିବେଶୀ ସାହିତ୍ୟ ବଙ୍ଗଳା ଓ ହିନ୍ଦୀ ଅପେକ୍ଷା ଉତ୍କଳ-ସାହିତ୍ୟ ଯେ ପ୍ରାଚୀନତମ, ଏହା କେହି ଅସ୍ୱୀକାର କରିବେ ନାହିଁ । ପ୍ରାଚୀନ ଓ ଆଧୁନିକ ବଙ୍ଗଳା ଓ ହିନ୍ଦୀ ସାହିତ୍ୟରେ ଯେଉଁ ସବୁ ରାଗରାଗିଣୀ ପ୍ରଚଳିତ ଅଛି, ସେଗୁଡ଼ିକଠାରୁ ଓଡ଼ିଆ ରାଗରାଗିଣୀ ସ୍ୱତନ୍ତ୍ର, ଏଥିରେ ସନ୍ଦେହ ନାହିଁ । ଆଦିମ ଅବସ୍ଥାରେ ଓଡ଼ିଆ ସାହିତ୍ୟରେ ଯେଉଁ ସବୁ ବୃତ୍ତ ପ୍ରବେଶ କରିଥିଲା, ସେଗୁଡ଼ିକ ଅପେକ୍ଷାକୃତ ସରଳ । କେଶବ କୋଇଲି ଓ ସାରଳା ମହାଭାରତରେ ଅନୁସୃତ ବୃତ୍ତ ଏହାର ଉଦାହରଣ ସ୍ଥଳ । ସାରଳା ମହାଭାରତ ସାଧାରଣତଃ ଚତୁର୍ଦ୍ଦଶ ଅକ୍ଷରବିଶିଷ୍ଟ ମଙ୍ଗଳଗୁର୍ଜ୍ଜରୀ ବୃତ୍ତରେ ଲିଖିତ, ମାତ୍ର କବି କ୍ୱଚିତ୍ ଏହି ବୃତ୍ତର ଅକ୍ଷର ପରିମାଣ ଓ ଯତିର ନିୟମ ରକ୍ଷା କରି-ଅଛନ୍ତି । ତେଣୁ ସାରଳା ମହାଭାରତର ରଚନାବେଳେ ଯେ ଓଡ଼ିଆ ସାହିତ୍ୟରେ ବୃତ୍ତ ବା ଛନ୍ଦ ସମ୍ପୂର୍ଣ୍ଣରୂପେ ପ୍ରବର୍ତ୍ତିତ ହୋଇ ନ ଥିଲା, ଏହା ସହଜରେ ଅନୁମାନ କରାଯାଇ ପାରେ । ସାରଳା ମହାଭାରତର ପରବର୍ତ୍ତୀ କବିତାମାନଙ୍କ ମଧ୍ୟରେ କାମୋଦୀ ବୃତ୍ତରେ ଲିଖିତ ଚୌତିଶା ପ୍ରଧାନ । ଭକ୍ତକବି ଜଗନ୍ନାଥ ଦାସ ପଞ୍ଚଦଶ ଶତାବ୍ଦୀର ଶେଷପାଦର ଲୋକ । ଶ୍ରୀମଦ୍ଭାଗବତର ଅନୁବାଦରେ ସେ ସରଳ 'ଗୁର୍ଜ୍ଜରୀ' ରାଗ ଅବଲମ୍ବନ କରିଅଛନ୍ତି । ତତ୍ପ୍ରଣୀତ ଭାଗବତ ମଧ୍ୟରେ ମଙ୍ଗଳ-ଗୁର୍ଜ୍ଜରୀ ଓ ବଙ୍ଗଳାଶ୍ରୀ ରାଗର ଯେଉଁ କେତେକ ପଂକ୍ତି ଦେଖାଯାଏ, ସେଗୁଡ଼ିକ ପରବର୍ତ୍ତୀ ଯୁଗର ପ୍ରକ୍ଷିପ୍ତ ରଚନା, ତାହା ସହଜରେ ପ୍ରମାଣିତ ହୋଇଅଛି । ପ୍ରକୃତରେ ଦେଖିବାକୁ ଗଲେ ସପ୍ତଦଶ ଶତାବ୍ଦୀର ଶେଷରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଆ କାବ୍ୟଗ୍ରନ୍ଥ ବା ଛାନ୍ଦ ପୁସ୍ତକମାନ ରଚିତ ହୋଇଅଛି । ପ୍ରସିଦ୍ଧ-

ଛନ୍ଦଲେଖକ ଉପେନ୍ଦ୍ର, ଦୀନକୃଷ୍ଣ ଓ ଅଭିମନ୍ୟୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେହିଁ ସେମାନଙ୍କର ସମଗ୍ର ଛନ୍ଦଗ୍ରନ୍ଥ ଲେଖିଥିଲେ । ଏମାନଙ୍କ ମଧ୍ୟରେ ଉପେନ୍ଦ୍ରହିଁ ପ୍ରାଚୀନତମ କବି । ଉପେନ୍ଦ୍ରଙ୍କ କାବ୍ୟଗ୍ରନ୍ଥମାନଙ୍କ ମଧ୍ୟରେ ବୈଦେହୀଶ-ବିଳାସ ପ୍ରାଥମିକ, ତେଣୁ ଯେତେଦୂର ଅନୁମାନ କରିଯାଏ, ଭଞ୍ଜ ହିଁ ଏହି ସବୁ ଅଭିନବ ବୃତ୍ତ ବା ଛନ୍ଦ ପ୍ରଥମେ ଭାଷାରେ ପ୍ରବର୍ତ୍ତିତ କରିଅଛନ୍ତି । ଗଞ୍ଜାମ ଜିଲ୍ଲା ବହୁକାଳରୁ ତେଲଙ୍ଗୀୟମାନଙ୍କ ସଂସ୍ରବରେ ଅଛି । ସମ୍ଭବତଃ ଭାରତବର୍ଷରେ ତେଲଙ୍ଗୀୟମାନେ ସ୍ୱରବିଜ୍ଞାନ ଅନୁଶୀଳନରେ ଯେପରି ଉନ୍ନତ, ଅନ୍ୟ କୌଣସି ଜାତି ସେପରି ନୁହନ୍ତି । ତେଲଙ୍ଗୀବାଦ୍ୟର ବିଚିତ୍ରସ୍ୱରମାଧୁରୀ ସର୍ବତ୍ର ପରିଚିତ । ତେଣୁ ଅନୁମାନ କରିଯାଏ, ତେଲଙ୍ଗୀୟମାନଙ୍କ ସଂସ୍ରବରେ ଆସି ଭଞ୍ଜ ସେମାନଙ୍କ ଭାଷାର ଅଭିନବ ବୃତ୍ତମାନ ଓଡ଼ିଆଭାଷାରେ ପ୍ରଥମେ ପ୍ରବର୍ତ୍ତିତ କରିଥିଲେ । ଓଡ଼ିଆ ଛନ୍ଦ ବା ବୃତ୍ତମାନଙ୍କଠାରୁ ଓଡ଼ିଆ ସଙ୍ଗୀତମାନଙ୍କରେ ପ୍ରବର୍ତ୍ତିତ ରାଗ ସ୍ୱତନ୍ତ୍ର ଓ ସଂଖ୍ୟାରେ ଅଧିକ । କେବେ ବା କିପରି ସୂତ୍ରରେ ଏଗୁଡ଼ିକ ଭାଷାରେ ପ୍ରବର୍ତ୍ତିତ ହେଲା, ତାହା ଜାଣିବାର ମଧ୍ୟ ଉପାୟ ନାହିଁ । ସପ୍ତଦଶ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ସମ୍ଭବତଃ ସଙ୍ଗୀତର ପ୍ରଚଳନ ନ ଥିଲା । ଭଞ୍ଜକବିଙ୍କ ନାମରେ ଯେଉଁ ସବୁ ସଙ୍ଗୀତ ଭଣିତ ହୋଇଅଛି, ସେଗୁଡ଼ିକ ଯେ ଭଞ୍ଜଙ୍କ ରଚନା ନୁହେଁ ତାହା ସହଜରେ ସ୍ଥିର କରିଯାଇ ପାରେ । ଭଞ୍ଜଙ୍କ ଛନ୍ଦର ଭାଷା ସଙ୍ଗେ ସେ ସବୁ ସଙ୍ଗୀତର ଭାଷାର ଆଦୌ ସୌସାଦୃଶ୍ୟ ଥିଲା ପରି ବୋଧ ହୁଏ ନାହିଁ । ତେଣୁ ମନେ ହୁଏ, ଆଦିରସାଶ୍ରିତ ଭାବର ସାଦୃଶ୍ୟ ରଖି ରଚନାକୁ ସୁପ୍ରତିଷ୍ଠିତ କରାଇବା ଆକାଙ୍କ୍ଷାରେ କେତେକ ପରବର୍ତ୍ତୀ କବି ସେଗୁଡ଼ିକ ପ୍ରସିଦ୍ଧ କବି ଭଞ୍ଜଙ୍କ ନାମରେ ଭଣିତ କରିଅଛନ୍ତି । ସଂସ୍କୃତ ସାହିତ୍ୟରେ ମଧ୍ୟ ଏପରି ଧୂର୍ତ୍ତତାପୂର୍ଣ୍ଣ ଭ୍ରମକର ରଚନା ଅଳ୍ପ ଦେଖାଯାଏ ନାହିଁ । ରଚନାରେ ଗୁଣ ଥାଉ ବା ନ ଥାଉ ଜଣେ ବଡ଼ କବିଙ୍କ ନାମରେ ଭଣିତ ହୋଇଥିବା ଶୁଣିଲେ ଲୋକେ ଯେ ତାକୁ ପରମ ଆଦରରେ ଗ୍ରହଣ କରିବେ ଏ କଳ୍ପନା ବହୁକାଳରୁ ମାନବ ସମାଜରେ ପ୍ରଚଳିତ । ଜଣେ ସଂସ୍କୃତ କବି ଯଥାର୍ଥ କହିଅଛନ୍ତି—

> "ଅବିଦିତଗୁଣାପି ସତ୍କବିଭଣିତିଃ କର୍ଣ୍ଣେଷୁ ବମତି ମଧୁଧାରାଂ ।
> ଅନଧିଗତପରିମଳାପି ହି ହରତି ଦୃଶଂ ମାଲତୀମାଳା ।"

ଯାହାହେଉ, ଭଞ୍ଜୀୟ ଯୁଗ ପରେ ଯେ ଏ ଦେଶରେ ସଙ୍ଗୀତ ସାହିତ୍ୟର ପ୍ରଚାର ଓ ଉନ୍ନତି ହୋଇଥିଲା, ଏହା ଆମ୍ଭେମାନେ ସହଜରେ ଅନୁମାନ କରୁଁ । ସଙ୍ଗୀତମାନଙ୍କ ଭାଷାରୁ ଆହୁରି ମଧ୍ୟ ଅନୁମାନ କରିଯାଏ ଯେ, ଏଗୁଡ଼ିକ ଅତି ପ୍ରାଚୀନ ନୁହେଁ । ପ୍ରସିଦ୍ଧ ପ୍ରାଚୀନ ଓଡ଼ିଆ ସଙ୍ଗୀତଲେଖକମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ, ବନମାଳୀ, ହରିକୃଷ୍ଣ ଓ ଅମ୍ଭମାନଙ୍କର କବି ବଳଦେବ ପ୍ରଧାନ । ଏମାନଙ୍କ ସଙ୍ଗୀତାବଳୀ

ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୋଟିଏ ବିଶିଷ୍ଟ ଅଙ୍ଗ ଓ ଯଥାର୍ଥତଃ ଆମ୍ଭମାନଙ୍କ ଆଲୋଚନାର ବିଷୟ । ସ୍ୱର୍ଗୀୟ ଦାମୋଦର ପଟ୍ଟନାୟକ ପ୍ରଥମେ ଏହି ସବୁ ସଙ୍ଗୀତରୁ କେତେକ ପ୍ରକାଶ କରି ଓଡ଼ିଶାର ପ୍ରଭୂତ କଲ୍ୟାଣ ସାଧନ କରି ଯାଇଅଛନ୍ତି । ତାଙ୍କ ମତରେ କବିସୂର୍ଯ୍ୟ ବଳଦେବ ରଥ ହିଁ ଓଡ଼ିଶାର ସର୍ବୋତ୍କୃଷ୍ଟ ସଙ୍ଗୀତ ପ୍ରବର୍ତ୍ତକ । ତେଣୁ ସେ ତତ୍ପ୍ରକାଶିତ ସଙ୍ଗୀତସାଗରର ପ୍ରଥମରେ କବିସୂର୍ଯ୍ୟଙ୍କ ସଙ୍ଗୀତମାନ ପ୍ରଦାନ କରିଅଛନ୍ତି । ପ୍ରକୃତରେ କବିସୂର୍ଯ୍ୟଙ୍କ ସଙ୍ଗୀତାବଳୀର ବିଶିଷ୍ଟତା ପ୍ରତ୍ୟେକ ଶିକ୍ଷିତ ଲୋକଙ୍କୁ ଉତ୍ତମରୂପେ ଜଣା; ତେବେ ତାଙ୍କ ପୂର୍ବରୁ ଏ ଦେଶରେ ଏ ଶ୍ରେଣୀର ସଙ୍ଗୀତ ପ୍ରଚଳନ ଥିଲା କି ନାହିଁ, ସହଜରେ ଜଣାଯାଉ ନାହିଁ । ଆଧୁନିକ ଓଡ଼ିଆ ସାହିତ୍ୟରେ ଅନେକ ନୂତନ ରାଗ ରାଗିଣୀ ପ୍ରବେଶ କଲଣି, ମାତ୍ର 'ଓଡ଼ିଶୀ' ସଙ୍ଗୀତ ସ୍ୱକୀୟ ବିଶିଷ୍ଟତା ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରଖିଅଛି । ଆଜିକାଲି ଯେଉଁମାନେ ଏ ଦେଶରେ ସଙ୍ଗୀତଶାସ୍ତ୍ରର ଆଲୋଚନା କରନ୍ତି ଓ ସଙ୍ଗୀତଜ୍ଞ ବୋଲି ପ୍ରତିଷ୍ଠାଲାଭ କରିଅଛନ୍ତି, ସେମାନେ କବିସୂର୍ଯ୍ୟଙ୍କ ଓଡ଼ିଶୀ ସଙ୍ଗୀତ ଗାଇବାକୁ ପ୍ରାୟଶଃ ଭୀତ ଓ କୁଣ୍ଠିତ । ଏହାର ଏକମାତ୍ର କାରଣ, ସେ ସବୁ ସଙ୍ଗୀତର ରାଗ ରାଗିଣୀ ଓ ତାଳାଦିର ବିଶେଷତ୍ୱ ଅପେକ୍ଷାକୃତ ଜଟିଳ ।

ଆମ୍ଭେମାନେ ପୂର୍ବେ କହିଅଛୁଁ, ଜଳନ୍ତରର ରାଜା ରାମଚନ୍ଦ୍ର ଛୋଟରାୟଙ୍କ ସଭା ବହୁ ଆନ୍ଧ୍ର ଓ ଉତ୍କଳୀୟ ପଣ୍ଡିତଙ୍କର ଆଶ୍ରୟସ୍ଥଳ ଥିଲା । ଜଳନ୍ତର, ମଞ୍ଜୁଷା ପ୍ରଭୃତି ଗଞ୍ଜାମର ଦକ୍ଷିଣ ଅଞ୍ଚଳରେ ତେଲିଙ୍ଗୀୟମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅଧିକ; ତେଣୁ ଜଳନ୍ତରରେ ଅବସ୍ଥାନ କଲାବେଳେ ତେଲିଙ୍ଗୀୟମାନଙ୍କ ଅନୁକରଣରେ ବଳଦେବ ଓଡ଼ିଆରେ ବିଭିନ୍ନ ରାଗରାଗିଣୀରେ ସଙ୍ଗୀତ ଲେଖିବାକୁ ଆରମ୍ଭ କରିଥିଲେ ଏବଂ ବର୍ତ୍ତମାନ ଆଠଗଡ଼ରେ ତାଙ୍କର ସେହି ଅନୁକରଣବୃତ୍ତିକୁ ସେ ଯଥାଶକ୍ତି ଉନ୍ନତ କରିବାକୁ ଅବସର ପାଇଲେ । ରାଜା ବାଲୁକେଶ୍ୱର ଅତ୍ୟନ୍ତ ସଙ୍ଗୀତପ୍ରିୟ ଏବଂ ସଙ୍ଗୀତମାଧୁରୀ-ମଦିରାରେ ବିହ୍ୱଳ ରହିବାପାଇଁ ସେ ଆୟାସ-ସହକାରେ ତେଲିଙ୍ଗୀୟ ଭାଷା ଶିକ୍ଷା କରିଥିଲେ । ତେଲିଙ୍ଗୀୟ ସଙ୍ଗୀତଶାସ୍ତ୍ରଜ୍ଞ ବହୁ ଲୋକ ସେତେବେଳେ ତାଙ୍କ ରାଜଧାନୀକୁ ଅଳଂକୃତ କରୁଥିଲେ । ସଙ୍ଗୀତ ଆଲୋଚନା ପାଇଁ ସେ ଗଡ଼ ମଧ୍ୟରେ ପର୍ବତପାଦଦେଶରେ କେତକୀକୁଞ୍ଜ, ସୁପ୍ରଶସ୍ତ ନାଗେଶ୍ୱର ଉଦ୍ୟାନ, ବିଚିତ୍ର ଦୀର୍ଘିକାମାନ ରଚନା କରିଥିଲେ । ଅଦ୍ୟାପି ସେ ସବୁ ବାଲୁକେଶ୍ୱରଙ୍କ ସଙ୍ଗୀତାନୁରାଗର ମୂକସାକ୍ଷୀରୂପେ ବିଦ୍ୟମାନ । ବାଲୁକେଶ୍ୱରଙ୍କ ମୃତ୍ୟୁର ୧୨ ବର୍ଷ ପରେ ତତ୍ପୁତ୍ର ରାମଚନ୍ଦ୍ର ହରିଚନ୍ଦନଙ୍କ ରାଜତ୍ୱରେ ୧୮୫୪ ମସିହା ଜୁଲାଇ ୧୫ ତାରିଖରେ ସ୍ୱର୍ଣ୍ଣପ୍ରସୂ ଆଠଗଡ଼ ରାଜ୍ୟ ନିଲାମ ହୋଇ ଖଲ୍ଲିକୋଟ ରାଜ୍ୟର ଅଙ୍ଗୀଭୂତ ହେଲା । ତାହାର କେତେ ଦିନ ପରେ ପ୍ରଜାମାନେ ବିଦ୍ରୋହୀ ହୋଇ ପ୍ରଧାନ ପ୍ରଧାନ ରାଜକର୍ମଚାରୀଙ୍କୁ ହତ୍ୟା କରିବାରୁ ଗଭର୍ଣ୍ଣମେଣ୍ଟ-ଆଦେଶରେ ସେହି ଦୁର୍ଗମ ଦୁର୍ଗରୁ ସମଗ୍ର ରାଜ-

କାର୍ଯ୍ୟାଳୟମାନ ଉଠାଇ ନିଆଗଲା । ବର୍ତ୍ତମାନ ଆଠଗଡ଼ ରାଜଧାନୀର ଧ୍ୱଂସାବଶେଷ ମାତ୍ର ସେଠାରେ ରହିଅଛି । ଦର୍ଶକ ଯେତେବେଳେ ଧ୍ୱଂସ୍ତ ସ୍ତୂପଉପରେ ଦଣ୍ଡାୟମାନ ହୋଇ କାଳସ୍ରୋତର ପ୍ରତିକୂଳରେ ସନ୍ତରଣ କରି ଅଶୀ ବର୍ଷର ଅତୀତ କଥାକୁ ଅନୁସ୍ମରଣ କରେ, ସେହି ସମୟରେ ତାହାର ବକ୍ଷଦେଶ ଲୋତକ ଜଳରେ ଆପ୍ଳୁତ ହୋଇ ଉଠେ । ସେହି ନାଗେଶ୍ୱର ବନ, ସେହି କେତକୀକୁଞ୍ଜ, ସେହି ସୁବିସ୍ତୀର୍ଣ୍ଣ ଦୀର୍ଘିକା ସମଗ୍ର ବର୍ତ୍ତମାନ ଅଛି; ମାତ୍ର ସେ ରାଜା ବାଳୁକେଶ୍ୱର ନାହାନ୍ତି, କି ସେହି କବି ବଳଦେବ ନାହାନ୍ତି । ଏବେ ଆଉ ରଜନୀମୁଖରେ ସେଠାରେ ମନୋହର ତୈଲଙ୍ଗୀବାଦ୍ୟ ଯନ୍ତ୍ର ସାହାଯ୍ୟରେ ଓଡ଼ିଶୀ ସଙ୍ଗୀତ ଗୀତ ହେଉ ନାହିଁ । ତତ୍‌ପରିବର୍ତ୍ତିରେ ଶୃଗାଳକୁଳର ବିକଟ ନିନାଦ ସହ ଶ୍ୱାନମାନଙ୍କର ଭୟାବହ ଚିତ୍କାର ସେହି ସ୍ଥାନମାନଙ୍କୁ ମୁଖରିତ କରୁଅଛି । ସେହି କୋଳାହଳମୟ ନଗର ଏବେ କ୍ରମଶଃ ଜନଶୂନ୍ୟ ହେଉଅଛି । କେବଳ ବହୁକାଳରୁ ପ୍ରତିଷ୍ଠିତ ଜଗନ୍ନାଥ ଦେବଙ୍କ ସେବା ପୂଜାରେ ଖଣ୍ଡିକୋଠର ରାଜବଂଶ ଏ ପର୍ଯ୍ୟନ୍ତ କୌଣସି ବ୍ୟତିକ୍ରମ କରି ନ ଥିବାରୁ କେତେକ ଲୋକ ସେ ସ୍ଥାନ ଛାଡ଼ି ଆସି ପାରୁ ନାହାନ୍ତି ।

ପ୍ରବାଦ ଅଛି, ଆଠଗଡ଼ ରାଜ୍ୟ ଜଣେ ବୈଷ୍ଣବଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଚୈତନ୍ୟଦେବଙ୍କ ଓଡ଼ିଶା ଆଗମନର ବହୁ ପୂର୍ବରୁ ଏ ଦେଶରେ ବୈଷ୍ଣବ ଧର୍ମ ପ୍ରଚଳିତ ଥିଲା; ଏଥିରେ ସନ୍ଦେହ ନାହିଁ । ଚରିତାମୃତ ପାଠ କଲେ ଜଣାଯାଏ, ଉତ୍କଳୀୟ କରଣକୁଳତିଳକ ତତ୍‌କାଳୀନ ଓଡ଼ିଶା ରାଜାଙ୍କର ଗୋଦାବରୀ ଜିଲ୍ଲାର ଶାସନକର୍ତ୍ତା ରାୟ ରାମାନନ୍ଦଙ୍କ ସଙ୍ଗେ ଯେତେବେଳେ ଚୈତନ୍ୟଙ୍କର ପ୍ରଥମ ସାକ୍ଷାତ୍‌କାର ହୁଏ, ସେତେବେଳେ ତାଙ୍କଠାରୁ ବୈଷ୍ଣବ ଧର୍ମର ସାରତତ୍ତ୍ୱ ଶୁଣି ଚୈତନ୍ୟ ଏକାନ୍ତ ବିମୁଗ୍ଧ ହୋଇ ଯାଇଥିଲେ ।

ଆଠଗଡ଼ର ରାଜବଂଶ ଏହି ପ୍ରାଚୀନ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ । ବଳଦେବ ପରମ ବୈଷ୍ଣବ ବାଳୁକେଶ୍ୱରଙ୍କ ସଂସର୍ଗରେ ଆସି ରାଧାକୃଷ୍ଣଲୀଳାକୁ ତାଙ୍କ ସଙ୍ଗୀତାବଳୀର ପ୍ରଧାନ ଉଦ୍ଦେଶ୍ୟରୂପେ ନିର୍ବାଚିତ କରିନେଲେ । ଭକ୍ତପ୍ରାଣ ପ୍ରେମିକ ରାଜାଙ୍କର ସାହିତ୍ୟିକ ରସିକତା ପାଇଁ ଏହା ଅପେକ୍ଷା ପ୍ରିୟତର ବସ୍ତୁ ଆଉ କଣ ହୋଇପାରେ ? ପ୍ରତ୍ୟହ ନବଭାବୋଦ୍ଦୀପକ ମୌଳିକ କବିତାମାନ ରଚନା କରି ବଳଦେବ ସନ୍ଧ୍ୟା ସମୟରେ ରାଜାଙ୍କୁ ଉପହାର ଦେଉଥିଲେ ଏବଂ ରାଜା ପରମ ଆଦରରେ ସେଗୁଡ଼ିକ ଗ୍ରହଣ କରି କୃତକୃତ୍ୟ ହେଉଥିଲେ । କଥିତ ଅଛି, ବଳଦେବ ଲେଖନୀ ପତ୍ର ଧରି ସାଧାରଣ ଲେଖକଙ୍କ ପରି କବିତା ଲେଖୁ ନ ଥିଲେ । ତାଙ୍କ ପାଖରେ ଜଣେ ଲେଖକ ଥାଆନ୍ତି । କବି ମୁହେଁ ମୁହେଁ କବିତା ଡାକି ଦିଅନ୍ତି, ଲେଖକ ଅନେକ ସମୟରେ ଖଡ଼ିଦ୍ୱାରା ଭାଲୁରେ ବା ଲେଖନଦ୍ୱାରା ତାଳପତ୍ରରେ ସେଗୁଡ଼ିକ ଲେଖି ପକାନ୍ତି ।

ଆମ୍ଭେମାନେ ଆଲୋଚନା କରି ଦେଖୁଅଛୁଁ, କବିସୂର୍ଯ୍ୟପ୍ରଣୀତ କୌଣସି ଦୁଇଟି ସଙ୍ଗୀତରେ ଭାବ ମଧ୍ୟ ପରସ୍ପର ଅନୁରୂପ ନୁହେ । ପ୍ରତ୍ୟେକରେ ମୌଳିକ ଚିନ୍ତା ଓ ରଚନାସୌଷ୍ଠବ ବିଦ୍ୟମାନ । ଏହି ସଙ୍ଗୀତମାନଙ୍କ ମଧ୍ୟରୁ କେତେକ ପୁରୀରାଜା ମୁକୁନ୍ଦଦେବଙ୍କ ନାମରେ, କେତେକ କଲ୍ଲିକୋଟର ରାଜା ରାମଚନ୍ଦ୍ର ଛୋଟରାୟଙ୍କ ନାମରେ ଓ କେତେକ ପାରିକୁଦରାଜା ମାଲାଦ୍ରି ବିହାରୀ ହରିଚନ୍ଦନଙ୍କ ନାମରେ ଭଣିତ । ଅବଶିଷ୍ଟ ତାଙ୍କ ନିଜ ନାମରେ ଓ ଆଠଗଡ଼ର ଏହି ରାଜା ବାଲୁକେଶ୍ୱର ହରିଚନ୍ଦନ ଜଟଦେବଙ୍କ ନାମରେ ଭଣିତ ହୋଇଅଛି । ଭିନ୍ନ ଭିନ୍ନ ଲୋକଙ୍କ ନାମରେ ଭଣିତ ହେଲେହେଁ ସେହି ସବୁ ସଙ୍ଗୀତର ଆବୃତ୍ତି ମାତ୍ରକେ ସେଗୁଡ଼ିକ କବିସୂର୍ଯ୍ୟଙ୍କ କବିତା ବୋଲି ସ୍ପଷ୍ଟ ଜଣାଯାଏ । ଏହି ସମୟରେ ଆଠଗଡ଼ ରାଜାଙ୍କ ଦେବାନ୍ ରାମଚନ୍ଦ୍ର ବ୍ରହ୍ମାଙ୍କ ପୁତ୍ର କେତେକ କବିତା ଲେଖି ପ୍ରତି-ଯୋଗିତାକ୍ଷେତ୍ରରେ ବଳଦେବଙ୍କ ପ୍ରତିଦ୍ୱନ୍ଦ୍ୱୀରୂପେ ଦଣ୍ଡାୟମାନ ହୋଇଥିଲେ । ନାନା ଭାବରେ ରସଜ୍ଞରାଜା ବାଲୁକେଶ୍ୱର ଉଭୟଙ୍କ କବିତାକୁ ଆଲୋଚନା କରି ପରବର୍ତ୍ତୀ ଲେଖକଙ୍କୁ କବିଚନ୍ଦ୍ର ଉପାଧି ଦେଇଥିଲେ । କବିଚନ୍ଦ୍ରଙ୍କୁ ତାଙ୍କର ଅକାରଣ ପ୍ରତିଦ୍ୱନ୍ଦ୍ୱୀ ଦେଖି ଦିନେ ବଳଦେବ ରାଜାଙ୍କୁ କହିଲେ,—"ଆଜ୍ଞା,

କବି ହୋଇଗଲେ ସମସ୍ତ ଲୋକେ  
ରବି ହେଲେ ଜ୍ୟୋତିରିଙ୍ଗଣ ପୋକେ,  
ହବି ହୋଇଗଲା ପୁଲନ୍ଧ ପେଜ,  
ପବି ହୋଇଲାଣି ମୃଣାଳବ୍ରଜ,  
ଅବିବେକ ଦେବେ  
ନବୀନ ସୃଷ୍ଟିକି କଲେ କି ଏବେ ?"

ଗୁଣଗ୍ରାହୀ ରାଜା ଏହା ଶୁଣି କହିଲେ, "ଆପଣ ତ ସୂର୍ଯ୍ୟ, କେତେ ଚନ୍ଦ୍ର ସୂର୍ଯ୍ୟଙ୍କ ପାଖରେ ନ ଥାନ୍ତି, ଏଥିପାଇଁ ଆପଣଙ୍କର ଦୁଃଖ କାହିଁକି ?" ସେତେବେଳେ କବିଚନ୍ଦ୍ର ସେଠାରେ ଉପସ୍ଥିତ ଥିଲେ । ସେ ମନେ କରୁଥିଲେ, ଆଗରୁ ବଳଦେବ କବିସୂର୍ଯ୍ୟ ଉପାଧି ପାଇଥିବାରୁ ରାଜା ତାଙ୍କୁ କବିଚନ୍ଦ୍ର ଉପାଧି ଦେଇଅଛନ୍ତି । କାରଣ ନିଜ ପାଣ୍ଡିତ୍ୟ ଓ ରଚନାକୁ ସେ କୌଣସି ଅଂଶରେ ନିକୃଷ୍ଟତର ମନେ କରୁ ନ ଥିଲେ । ବର୍ତ୍ତମାନ ରାଜା ଉଭୟଙ୍କ ସମ୍ମୁଖରେ ସେମାନଙ୍କ ପାଣ୍ଡିତ୍ୟକୁ ପ୍ରକୃତ ସୂର୍ଯ୍ୟ-ଚନ୍ଦ୍ର-ଗତ ପ୍ରଭେଦରୂପେ ନିର୍ଦ୍ଦେଶ କରିଦେବାରୁ ତାଙ୍କ ମନରୁ ସେହି ମଧୁର ଭ୍ରାନ୍ତି ଶୀଘ୍ର ବିଦୂରିତ ହୋଇଗଲା । ସେ ଦୁଃଖ ଓ କ୍ଷୋଭରେ ଏକାନ୍ତ ମ୍ରିୟମାଣ ହୋଇପଡ଼ିଲେ ଓ ବଳଦେବଙ୍କ ପରି ଅସାଧାରଣ ଶକ୍ତି ଲାଭ କରିବା ଉଦ୍ଦେଶ୍ୟରେ କାଳୀଙ୍କୁ ଉପାସନା କରିବାପାଇଁ ସେହିଦିନ ରାତିରେ କାହାକୁ କିଛି ନ କହି କଲିକତା ଚାଲିଗଲେ । ପ୍ରାୟ ଦୁଇବର୍ଷ ପରେ ସେଠାରୁ ଫେରିଆସି ସଂସ୍କୃତ କଠୋପାଖ୍ୟା ଗ୍ରନ୍ଥର ଉତ୍କଳ ଅନୁବାଦ ରାଜା ବାଲୁକେଶ୍ୱରଙ୍କ

ନାମରେ ଭଣିତ କରି ରାଜାଙ୍କ ନିକଟରେ ଉପହାର ଦେଲେ । କବିଚନ୍ଦ୍ରଙ୍କ କବିତା କେତୋଟି ଆମ୍ଭମାନଙ୍କ ଦୃଷ୍ଟିରେ ପଡ଼ିଅଛି । ତାହା ପାଠ କରି ଆମ୍ଭେମାନେ ଦେଖିଅଛୁଁ, ସେଗୁଡ଼ିକ କବିସୂର୍ଯ୍ୟଙ୍କ କବିତାପରି ନ ହେଲେହେଁ ଏକାନ୍ତ ରସଶୂନ୍ୟ ନୁହେ । ପାଠକବୃନ୍ଦଙ୍କ କୌତୂହଳ ଚରିତାର୍ଥ କରିବାପାଇଁ ଆମ୍ଭେମାନେ ପୂର୍ବୋକ୍ତ କଣ୍ଠପାଯୂରୁ ଦୁଇ ତିନି ପଦ ଏଠାରେ ଉଦ୍ଧାର କରି ଦେଉଅଛୁଁ ।

'ସ୍ୱର୍ଗ ଜିଣିବାକୁ ଭର୍ଗ ବଇରୀ,
ଉଦ୍ଦେଶି ବନ୍ଧିବା ସାଯୂକ ପରି,
ଦଶଇ ଯେଉଁ ତିନିଗୋଟି ତାରି,
ଶ୍ରବଣା ସେହିଟି ବିରେ କାମିରି,
ହେଲେ ମଥା ପରେ
ଦଣ୍ଡେ ଅଠରି ଲିଡା ମେଞ୍ଚୁଁ ସରେ । ୩ ।
ରସିକାରାଜ ତୋହ ନାସା ନଥ
ନଚାଇବାକୁ ଆଣି ମନ୍ମଥ
ଥୋଇବା ମର୍ଦ୍ଦଳ ପରିଏ ଦିଶେ,
ଧନିଷ୍ଠା ନାମ ପଞ୍ଚ ନକ୍ଷତ୍ର ସେ
ହେଲେ ମଥା ପରେ
ଶବ୍ଦେ ଛପନ ଲିଡା ମେଞ୍ଚୁଁ ସରେ । ୪ ।
ନିଶା-ନାଗରୀ ସ୍ୱପ୍ରିୟ ଚନ୍ଦ୍ରକୁ
ନିବିଡ଼େ ଆଲିଙ୍ଗନ କରିବାକୁ
ହୃଦୁଁ କାଢ଼ିବା ମୁକ୍ତାହାର ପରି
ଦିଶଇ ଶତଭିଷା ଶବ୍ଦେ ତାରି,
ଶବ୍ଦେପଞ୍ଚସ୍ତରି—
ଲିଡା ବୃଞ୍ଚୁଁ, ଭୋଗ କରେ ସେପରି । ୫ ।
× × × ×
ଶସ୍ତ୍ରଭୂପଙ୍କର ମସ୍ତକହୀର
ଅଷ୍ଟଦୁର୍ଗ ଭୂସ୍ୱର୍ଗପୁରନ୍ଦର
ମାନୋଦ୍ଧାରଣ ଶରଣପଞ୍ଜର
ବୀରଧିବୀର ଶ୍ରୀ ବାଲୁକେଶ୍ୱର
ଶ୍ରୀ ହରିଚନ୍ଦନ
ଜଗଦ୍ଦେବ କହେ ଲଗ୍ନବିଧାନ । ୩୮ ।"

ମାତ୍ର ଦୁଃଖର କଥା, ବଳଦେବଙ୍କ ଜୀବଦ୍ଦଶାରେ କବିଚନ୍ଦ୍ର ଇହଧାମ ତ୍ୟାଗ କରିଗଲେ ।

ଥରେ ଅନ୍ୟ ଜଣେ ପଣ୍ଡିତ ଖଲ୍ଲିକୋଠରେ ଭୂତପୂର୍ବ ରାଜା ନାରାୟଣ ମର୍ଦ୍ଦରାଜଙ୍କ ନିକଟରେ ନିଜ ପାଣ୍ଡିତ୍ୟ ପରିଚୟରେ କିଛି ପ୍ରାର୍ଥନା କରିବାକୁ ଯାଇ ଗୋଟିଏ ସଙ୍ଗୀତ ରାଜାଙ୍କ ନାମରେ ଭଣିତା କରି ଉପହାର ଦେଲେ । ରାଜା ସ୍ୱରଭଙ୍ଗୀ ସହ ସଙ୍ଗୀତଟି ଗାଇବାକୁ କହିବାରୁ ପଣ୍ଡିତେ ଗାଇଲେ। ସଙ୍ଗୀତ ଶୁଣି ସାରି ରାଜା ଆନନ୍ଦ ପ୍ରକାଶ କଲେ ଓ ପଣ୍ଡିତଙ୍କୁ କିଛି ପୁରସ୍କାର ଦେଇ ତାଙ୍କ ଗୃହରେ ଥିବା କବିସୂର୍ଯ୍ୟଙ୍କ ସଙ୍ଗୀତ ପୁସ୍ତକକୁ ଅଣାଇ ତହିଁରୁ ସେହି ସଙ୍ଗୀତଟି ପାଠ କରିବାପାଇଁ ତାଙ୍କୁ ଅନୁରୋଧ କଲେ । ଲଜ୍ଜା, ଅପମାନ ଓ କ୍ଷୋଭରେ ଅବନତମସ୍ତକ ହୋଇ ପଣ୍ଡିତେ ଦେଖିଲେ ଯେ, ଭଣିତାରେ "ବସୁଦୁର୍ଗ" ସ୍ଥାନରେ "ଖଲ୍ଲିକୋଠ" ମାତ୍ର କରାଯାଇଅଛି । ଏପରି ଦେଖା ଯାଇଅଛି ଯେ, ସେକାଳରେ କବିସୂର୍ଯ୍ୟଙ୍କ ପରି କବିତା ଲେଖିବାର ଆକାଂକ୍ଷା ଅନେକ ଲୋକଙ୍କର ଜାତ ହୋଇଥିଲା । କେହି ନିଜ ପାଣ୍ଡିତ୍ୟଦ୍ୱାରା, କେହି ବା ଚୌର୍ଯ୍ୟବୃତ୍ତି ଅବଲମ୍ବନରେ ତାଙ୍କ ସମକକ୍ଷ ହେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଯଥାକାଳରେ ଲଜ୍ଜିତ ହୋଇ ଏମାନେ ନିଜେ ନିଜେ ଅପସାରିତ ହୋଇଗଲେ ।

---

## ଅଷ୍ଟମ ପରିଚ୍ଛେଦ

ପୂର୍ବେ କହିଅଛୁଁ, ତୈଲଙ୍ଗୀୟମାନେ ସ୍ୱରବିଜ୍ଞାନ, ତଥା ସଙ୍ଗୀତର ଅନୁଶୀଳନରେ ପ୍ରାଚୀନ କାଳରୁ ଭାରତରେ ଅତି ଉନ୍ନତ ଏବଂ ରାଜା ବାଲୁକେଶ୍ୱର ଏହି ସଙ୍ଗୀତ ରସମାଧୁରୀ ପାନ କରିବାପାଇଁ ବହୁ ଯତ୍ନ ଓ ପରିଶ୍ରମ ସହକାରେ ତେଲଗୁ ଭାଷା ଶିକ୍ଷା କରିଥିଲେ । ଏକଦା ବିଜୟନଗରବାସୀ ଜନୈକ ସ୍ୱରବିଜ୍ଞାନବିଦ୍ ସୁପ୍ରସିଦ୍ଧ ସଙ୍ଗୀତାଚାର୍ଯ୍ୟ ଆଠଗଡ଼ ରାଜଧାନୀରେ ଉପସ୍ଥିତ ହୋଇ ରାଜା ବାଲୁକେଶ୍ୱରଙ୍କ କର୍ତ୍ତୃକ ପରମ ସମାଦରରେ ଅଭ୍ୟର୍ଥିତ ହେଲେ । ରାଜାଙ୍କ ସଙ୍ଗୀତ ପରିଷଦ୍ ଆଚାର୍ଯ୍ୟଙ୍କ ଉପସ୍ଥିତି କାଳରେ ମହାମହୋତ୍ସବମୟ ହେଲା । ଦିନେ ଆଚାର୍ଯ୍ୟ ମହାଶୟ ପ୍ରସଙ୍ଗ କ୍ରମେ ପ୍ରକାଶ କଲେ, "ଆଠଗଡ଼ର ସଙ୍ଗୀତ-ପରିଷଦ୍ ସଙ୍ଗୀତଚର୍ଚ୍ଚାରେ ଯେଉଁ ଅନନ୍ୟସାଧାରଣ ଉନ୍ନତି କରିଅଛି ବୋଲି ମନେ କରେ, ତାହାର ସମ୍ୟକ୍ ପରୀକ୍ଷା ପ୍ରୟୋଜନୀୟ । ଧ୍ରୁବାଚାର୍ଯ୍ୟମାନେ କହିଅଛନ୍ତି, 'ଶିଶୁର୍ବେତ୍ତି ପଶୁର୍ବେତ୍ତି ବେତ୍ତି ଗୀତରସଂ ଫଣୀ ।' ରୋରୁଦ୍ୟମାନ ଅଜ୍ଞାନ ଶିଶୁ ସଙ୍ଗୀତ ରାଗରେ ରୋଦନନିବୃତ୍ତ ହୋଇ ଶାନ୍ତି ଅବଲମ୍ବନ କରେ । ବିଷାକ୍ତ ସର୍ପମାନେ ସଙ୍ଗୀତସ୍ୱରଦ୍ୱାରା ବିବର ମଧ୍ୟରୁ ଆକୃଷ୍ଟ ହୋଇ ଆସନ୍ତି । ଏହା ସମସ୍ତେ ପ୍ରତ୍ୟକ୍ଷ କରିଅଛନ୍ତି । ବର୍ତ୍ତମାନ ପରୀକ୍ଷା କରାଯାଉ, ପଶୁ ପ୍ରକୃତରେ ସଙ୍ଗୀତ-

ସ୍ୱରରେ ଆକୃଷ୍ଟ ହୁଏ କି ନାହିଁ । ଯେବେ ଅରଣ୍ୟଗୃହୀ କୌଣସି ପଶୁ ସଙ୍ଗୀତ ସ୍ୱରରେ ଆକୃଷ୍ଟ ହୋଇ ବାହ୍ୟଜ୍ଞାନଶୂନ୍ୟ ହୋଇଯାଏ ତେବେ ବୁଝିବାକୁ ହେବ, ସଙ୍ଗୀତ ଆଲୋଚନାରେ ଆଠଗଡ଼ ରାଜଧାନୀ ପ୍ରଶଂସନୀୟ ସମ୍ମାନର ଅଧିକାରୀ ।" ଆଠଗଡ଼ର ଉତ୍କଳୀୟ ସଙ୍ଗୀତାଲୋଚକବୃନ୍ଦ ପ୍ରଥମେ ଆଗୃର୍ଯ୍ୟଙ୍କର ଏହି କଥାକୁ ଏକାନ୍ତ ଅସମ୍ଭବ ବୋଲି ମନେ କରି ପୂର୍ବୋକ୍ତ ପ୍ରମାଣ ଶ୍ଲୋକାଂଶର ଅର୍ଥରୂପେ ନିର୍ଦ୍ଦେଶ କଲେ,—ପଶୁ ଗୀତରସ ବୁଝିପାରେ, ଅର୍ଥାତ୍ ଯେପରି ସ୍ତନ୍ୟପାୟୀମାନ ଶିଶୁ ଗୀତରାଗରେ ଏକାଗ୍ରଚିତ୍ତ ହୋଇ ତତ୍ପ୍ରତି ଆକୃଷ୍ଟ ହୁଏ, ସେହିପରି ପଶୁ ଏକାଗ୍ରଚିତ୍ତରେ ଗୀତରସ ପ୍ରତି ଆକୃଷ୍ଟ ହୋଇପାରେ ମାତ୍ର । ଆଗୃର୍ଯ୍ୟ ମହାଶୟ ଯେବେ ସ୍ୱୟଂ ଅରଣ୍ୟପଶୁକୁ ଗୀତରସରେ ମାନବସମାଜମଧ୍ୟକୁ ଆକର୍ଷଣ କରି ଆଣିବେ ତେବେ ଆଠଗଡ଼ବାସୀ ସଙ୍ଗୀତଜ୍ଞମାନେ ତାଙ୍କୁ ଗୁରୁ ପଦରେ ବରଣ କରିବେ ।

କବି ବଳଦେବ ମଧ୍ୟ ପ୍ରଥମେ ଏଥିରେ ବିଶ୍ୱାସ ସ୍ଥାପନ କରି ପାରି ନ ଥିଲେ, କିନ୍ତୁ ଯେତେବେଳେ ତୈଲଙ୍ଗୀୟ ଆଗୃର୍ଯ୍ୟଙ୍କର ଏଥିରେ ଦୃଢ଼ପ୍ରତିଜ୍ଞା ଶୁଣିଲେ, ସେତେବେଳେ ତାଙ୍କ ମନ ଶ୍ଳୋକୋକ୍ତର ସତ୍ୟତାରେ ଆଉ ଅନାସ୍ଥା ସ୍ଥାପନ କରିପାରିଲା ନାହିଁ । କ୍ରମେ ପରୀକ୍ଷାର ସମସ୍ତ ଆୟୋଜନ ହେଲା । ରାଜ୍ୟର ସଙ୍ଗୀତଜ୍ଞ ମହାରଥୀମାନେ ଏହି ଅଭିନବ ବ୍ୟାପାର ଦର୍ଶନରେ କୁତୂହଳୀ ହୋଇ ଗଡ଼ରେ ସମବେତ ହେଲେ । ସମୀପବର୍ତ୍ତୀ ନିବିଡ଼ବନସମାକୀର୍ଣ୍ଣ ଗୋଟିଏ ମନୋହର ପାର୍ବତ୍ୟ ଉପତ୍ୟକାର ନାଟେଶ୍ୱର ଉପବନ ମଧ୍ୟରେ ସଙ୍ଗୀତ ବିନୋଦ ପାଇଁ ସଙ୍ଗୀତପ୍ରିୟ ରାଜା ଗୋଟିଏ ନିର୍ଜନ ପ୍ରମୋଦଗୃହ ନିର୍ମାଣ କରିଥାଆନ୍ତି । ଦିନେ ସନ୍ଧ୍ୟାରେ ସେହିଠାରେ ଏହି ପରୀକ୍ଷା ହେବା ସ୍ଥିରୀକୃତ ହେଲା ।

କବିତ୍ୱ ଓ ଗାୟକତ୍ୱର ଏକତ୍ର ସମାବେଶ ପ୍ରାୟଶଃ ଦୁର୍ଲଭ । କବି ବଳଦେବ ସୁକଣ୍ଠ ଥିଲେହେଁ ସଙ୍ଗୀତଗାନ କାର୍ଯ୍ୟରେ ସ୍ଥାନୀୟ କେତେକ ଗାୟକଙ୍କୁ ସେ ସମଧିକ ସମାଦର କରୁଥିଲେ । ସେମାନଙ୍କ ମଧ୍ୟରେ ଆଠଗଡ଼ବାସୀ ତେଲଙ୍ଗା ତନ୍ତ୍ରୀ ରାଜମଣି ପାତ୍ର, ମଦନମଣି ଓ ନାରାୟଣ ଜେନା ପ୍ରଧାନ । ସଙ୍ଗୀତ ରଚନା କରି ସେ ପ୍ରଥମେ ଏମାନଙ୍କୁ ଶିଖାଉଥିଲେ । ଏହିମାନେହିଁ ପରେ ସଭାସ୍ଥଳରେ ସଙ୍ଗୀତ ଗାନ କରୁଥିଲେ । ସେତେବେଳଯାଏ ଏ ଅଞ୍ଚଳରେ 'ଗୋଟିପୁଅ' ଗାୟକ ଦଳର ସୃଷ୍ଟି ହୋଇ ନ ଥିଲା । ଯେତେଦୂର ଅନୁମାନ ହୁଏ, ପୁରୀ କିମ୍ବାହିଁ ଏହି ଗୋଟିପୁଅ ଯାତ୍ରାଦଳର ପ୍ରଥମ ପ୍ରବର୍ତ୍ତନସ୍ଥଳୀ । ସେଠାରୁ କ୍ରମେ ଏହା ଭିନ୍ନ ଭିନ୍ନ ଅଞ୍ଚଳରେ ପ୍ରବର୍ତ୍ତିତ ହୋଇଅଛି । ଆଠଗଡ଼ବାସୀ ଜନୈକ ବୃଦ୍ଧ ପ୍ରକାଶ କଲେ ଯେ, ବାଲୁକେଶ୍ୱରଙ୍କ ପୁତ୍ର ରାମଚନ୍ଦ୍ର ହରିଚନ୍ଦନ ତଦୀୟ ପୁଣ୍ୟଶ୍ଳୋକ ପିତାଙ୍କ ଅନୁକରଣରେ ସଙ୍ଗୀତ

ଆଲୋଚନା କରିବାକୁ ଯାଇ ଯେତେବେଳେ ମାଦକ ଦ୍ରବ୍ୟ ସେବନରେ ଅହୋରାତ୍ର ବିହ୍ୱଳ ରହି ରାଜକୋଷ ଛାରଖାର କରିବାରେ ଲାଗିଲେ, (ଏହାଙ୍କ ରାଜତ୍ୱରେହିଁ ସ୍ୱର୍ଣ୍ଣପ୍ରସୂ ଆଠଗଡ଼ ରାଜ୍ୟ ଗଭର୍ଣ୍ଣମେଣ୍ଟ ପେସ୍‌କସ୍ ବାକିରେ ନିଲାମ ହୋଇଗଲା) ସେତେବେଳେ ସେ ପୁରୀ ଜିଲ୍ଲାରୁ ଏହି ଅଭିନବ ଗୋଟିପୁଅ ଯାତ୍ରାଦଳ ନିମନ୍ତ୍ରଣ କରି ସେମାନଙ୍କ ଉଦ୍ଦେଶ୍ୟରେ ଅଜସ୍ର ଅର୍ଥ ବ୍ୟୟ କରିଥିଲେ । ବେଶ୍ୟାମାନେ ସେତେବେଳେ ଏ ଅଞ୍ଚଳର ପ୍ରଧାନ ଗାୟିକା ଥିଲେ । ଉତ୍ସବାଦରେ ସଙ୍ଗୀତ ଗାନ କରିବାକୁ ଏହିମାନେହିଁ ନିମନ୍ତ୍ରିତ ହେଉଥିଲେ । ଆଜି ପର୍ଯ୍ୟନ୍ତ ମଧ୍ୟ ଦକ୍ଷିଣରେ ବେଶ୍ୟାମାନଙ୍କ ମଧ୍ୟରେ ସଙ୍ଗୀତଚର୍ଚ୍ଚା ପୂର୍ବ ପରି ଅକ୍ଷୁଣ୍ଣ ରହିଅଛି । ସମ୍ଭବତଃ ଏହି ବେଶ୍ୟାମାନଙ୍କ ଅନୁକରଣରେ ପୁରୀ ଜିଲ୍ଲାର ସଙ୍ଗୀତରସିକବୃନ୍ଦ ଗୋଟିପୁଅର ପ୍ରବର୍ତ୍ତନ କରିଥିଲେ । ସାଧାରଣତଃ ଗୋଟିପୁଅମାନଙ୍କୁ ଦକ୍ଷିଣୀ ସ୍ତ୍ରୀ ବେଶରେ ଭୂଷିତ କରାଯାଏ । ଅଧିକବୟସ୍କ ବେଶମଣ୍ଡିତ ଗୋଟିପୁଅମାନଙ୍କୁ ଦେଖିଲେ ଅନେକ ସମୟରେ ଦକ୍ଷିଣୀ ଯୁବତୀ ସ୍ତ୍ରୀ ବୋଲି ଭ୍ରମ ଜାତ ହୁଏ । ବୋଧହୁଏ ଏହି ବେଶ୍ୟାନୃତ୍ୟରୂପ ବୀଭତ୍ସ ରାକ୍ଷସୀ ଲୀଳାକୁ ନାରକୀୟ ବସ୍ତୁରୂପେ ଘୃଣାଚକ୍ଷୁରେ ଦେଖି ପୁରୀ ଜିଲ୍ଲାର ଶିକ୍ଷିତ ସମାଜ ପରେ ମାର୍ଜିତରୁଚିର ଅନୁବର୍ତ୍ତୀରେ ଏହି ଗୋଟିପୁଅ ନୃତ୍ୟ ପ୍ରବର୍ତ୍ତନ କରିଥିଲେ । ସେ ଯାହି ହେଉ, ଆମ୍ଭମାନଙ୍କ କବି ବଳଦେବ ତାଙ୍କର ପ୍ରିୟ ଗାୟକଦ୍ୱୟ ମଧ୍ୟରୁ ମଦନମଣିକୁ ବେଶି ଆଦର କରୁଥିଲେ, କାରଣ ମଦନମଣି ଈଶ୍ୱରଦତ୍ତ ସୁକଣ୍ଠରେ ସୁମଧୁର ଦକ୍ଷିଣୀ ମହୁରୀର ସ୍ୱରକୁ ଅନୁକରଣ କରି ସ୍ୱରସାଧନ କରିଥିଲେ । ସେ ଗୀତ ଗାଉଥିବାବେଳେ ଦୂରବର୍ତ୍ତୀ ଲୋକମାନଙ୍କର ତାଙ୍କ କଣ୍ଠସ୍ୱରରେ ଦକ୍ଷିଣୀ ମହୁରୀସ୍ୱରର ଭ୍ରମ ଜାତ ହେଉଥିଲା ।

ବୈଶାଖ ପୂର୍ଣ୍ଣିମାର ରଜନୀମୁଖରେ ପୂର୍ବୋକ୍ତ ପ୍ରମୋଦକାନନରେ ସଙ୍ଗୀତର ପରୀକ୍ଷା ହେବା ସ୍ଥିର ହୋଇଥିଲା । ଏକେ ପରିଣାମରମଣୀୟ ଗ୍ରୀଷ୍ମଋତୁ, ତହିଁରେ ପୁଣି ପୂର୍ଣ୍ଣିମାର ସନ୍ଧ୍ୟାକାଳ । ଆରଣ୍ୟ ପ୍ରକୃତି ଜ୍ୟୋତ୍ସ୍ନା-ଦୁକୂଳବାସ ପରିଧାନ କରି ହସି ଉଠିଲା । ଚତୁର୍ଦ୍ଦିଗରେ ପ୍ରସ୍ଫୁଟିତ ନାଗେଶ୍ୱର କୁସୁମରୁ ସୁବାସ ଗ୍ରହଣ କରି ମନ୍ଦମଳୟାନିଳ ରାଜପାରିଷଦବୃନ୍ଦଙ୍କୁ ସେବା କରିବାରେ ଲାଗିଲା । ସ୍ୱର୍ଗୀୟ ସୁଷମାର ଅଭିନବ ଅନୁଭୂତିରେ ସମବେତ ଜନତା ଉତ୍ଫୁଲ୍ଲ ହୃଦୟ । ଏହି ସମୟରେ ସୁଦୀର୍ଘ ନାଗେଶ୍ୱରମାଳା ଗଳଦେଶରେ ଧାରଣ କରି ତୈଲଙ୍ଗୀୟ ସଙ୍ଗୀତାଗ୍ରଣୀ ସେହି ନାଗେଶ୍ୱର ଉଦ୍ୟାନରେ ତାଙ୍କର ବିଶ୍ୱବିମୋହନ ବାଣୀବୀଣାରେ ଅମୃତଝଙ୍କାର ଆରମ୍ଭ କରିଦେଲେ । ବୋଧ ହେଲା, ଯେତେ ଯେପରି ସୁଧାକର ସେହି ବଚନ ଗୀତିରାଗରେ ବିହ୍ୱଳ ହୋଇ ଗଗନପଥରେ ତାଙ୍କର ଗତି ସ୍ଥଗିତ କରିଦେଲେ । ଜନସ୍ରୋତ ମନ୍ତ୍ରମୁଗ୍ଧ । ପ୍ରକୃତି ପ୍ରତିଧ୍ୱନିବ୍ୟାଜରେ ଅଗ୍ରଣୀଙ୍କ କୃତିତ୍ୱକୁ ସମର୍ଥନ କରିବାରେ ଲାଗିଲା ।

ଏହି ସମୟରେ ଅରଣ୍ୟଗୃହିଣୀ ଗୋଟିଏ ହରିଣୀ ସ୍ୱରାକୃଷ୍ଟ ହୋଇ ମୃଦୁମନ୍ଦଗତିରେ କ୍ରମେ କ୍ରମେ ଆର୍ଯ୍ୟଙ୍କ ସମୀପରେ ଉପସ୍ଥିତ ହୋଇଗଲା । ଦୂରଦର୍ଶୀ ଆର୍ଯ୍ୟ ସ୍ୱୀୟ ଗଳଦେଶରୁ ସେହି ସୁଦୀର୍ଘ ନାଗେଶ୍ୱରମାଳାଟି କାଢ଼ି ରାଜା ଓ ତଦୀୟ ପାରିଷଦବର୍ଗଙ୍କୁ ବିସ୍ମୟବିହ୍ୱଳ କରି ଅଲକ୍ଷିତଭାବରେ ହରିଣୀର ଗଳଦେଶରେ ଲମ୍ବାଇଦେଲେ । କହିବା ବାହୁଲ୍ୟ ଯେ, ହରିଣୀ ନାଗେଶ୍ୱରମାଳା ଗଳାରେ ଧାରଣ କରି ମନୁଷ୍ୟକରସ୍ପର୍ଶ ମାତ୍ରକେ ଦ୍ରୁତଗତିରେ ଅରଣ୍ୟମଧ୍ୟକୁ ଚାଲିଗଲା ।

କୃତକୃତ୍ୟ ଆର୍ଯ୍ୟଙ୍କୁ ଧନ୍ୟବାଦ ଦେବାରେ ସ୍ଥାନଟି କ୍ଷଣକାଳ ପାଇଁ ମୁଖରିତ ହୋଇ ଉଠିଲା । ଅନନ୍ତର ଆମ୍ଭମାନଙ୍କ ବଳଦେବ ପ୍ରତିଯୋଗିତା କ୍ଷେତ୍ରରେ ଦଣ୍ଡାୟମାନ ହେବା ପାଇଁ ତାଙ୍କ ପ୍ରିୟ ଗାୟକ ମଦନମଣିଙ୍କୁ ସଙ୍କେତ କଲେ । ମଦନମଣି ଏହି ଉପଲକ୍ଷରେ ରଚିତ ସଙ୍ଗୀତକୁ ସ୍ୱୀୟ ବଂଶୀବିନିନ୍ଦୀ ମୁକ୍ତକଣ୍ଠରେ ଗାଇବାକୁ ଆରମ୍ଭ କଲେ । (ସଙ୍ଗୀତପ୍ରକରଣ ସପ୍ତଚତ୍ୱାରିଂଶତ୍ତମ ସଙ୍ଗୀତ ଦ୍ରଷ୍ଟବ୍ୟ )

ବିସ୍ମୟର କଥା, ପୁନର୍ବାର ସେହି ହରିଣୀଟି ଗୀତସ୍ୱରାକୃଷ୍ଟା ହୋଇ ଦେଖାଗଲା । ମାତ୍ର ମାନବ କରସ୍ପର୍ଶଜନିତ ଭୀତିର ଅନୁସ୍ମରଣରେ ଆଉ ଗାୟକର ସମୀପବର୍ତ୍ତିନୀ ହେଲା ନାହିଁ । ରସଜ୍ଞ ଆର୍ଯ୍ୟ ମହାଶୟ ଏହା ଦେଖି ବଳଦେବଶିଷ୍ୟ ମଦନମଣିଙ୍କୁ ଭୂୟସୀ ପ୍ରଶଂସା କରି ଆଠଗଡ଼ର ଉତ୍କଳୀୟ ସଙ୍ଗୀତଚର୍ଚ୍ଚାକୁ ଶତ-ମୁଖରେ ପ୍ରଶଂସା କରିଗଲେ । ଆମ୍ଭେମାନେ ଏହିପରି ଦେଖୁଁ ଯେ, ଆଠଗଡ଼ହିଁ ଉତ୍କଳୀୟ ସଙ୍ଗୀତଚର୍ଚ୍ଚାର ଆଦି ଲୀଳାକ୍ଷେତ୍ର । କେଉଁ ଭାବରେ ଏହି ସଙ୍ଗୀତସବୁ ସେ ସ୍ଥାନରେ ଆଲୋଚିତ ହେଉଥିଲା, ତାହା ସ୍ଥିର କରିବା ସହଜ ନୁହେଁ । "ତୁମ୍ବା ସଙ୍ଗୀତ" ଏହି ଆଠଗଡ଼ରୁହିଁ ପ୍ରଥମେ ଉଦ୍ଭାବିତ ହୋଇଥିଲା । ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଏ, ଆମ୍ଭମାନଙ୍କ କବି ଏହି ଜାତୀୟ ସଙ୍ଗୀତର ପ୍ରଥମ ପ୍ରବର୍ତ୍ତକ । ରାଜା, ସଳଖ ଓ ଶାଖାବିହୀନ ମଇଗଛଟିଏ ମୂଳରୁ କାଟି ଆଣି ତାହାର ସମସ୍ଥୂଳ ଗୋଲାକାର ଅଂଶଟିକୁ କେତେକ ଦିନ ଜଳରେ ପକାଇ ରଖାଯାଏ । ତତ୍ପରେ କୌଶଳସହକାରେ ତାହାର ମଧ୍ୟବର୍ତ୍ତୀ ଦାରୁମୟ ଅଂଶକୁ ବାହାର କରିନେଇ ଉପରର ଅଖଣ୍ଡ ତ୍ୱକ୍‌ଭାଗରେ ଏହି ତୁମ୍ବା ଯନ୍ତ୍ର ପ୍ରସ୍ତୁତ ହୁଏ । କ୍ଷୁଦ୍ର କ୍ଷୁଦ୍ର କାଷ୍ଠଖଣ୍ଡର ଅଗ୍ରଭାଗରେ ପିତ୍ତଳର ଘୁଙ୍ଗୁଡ଼ି ସଂଯୋଜିତ କରି ତଦ୍ଦ୍ୱାରା ଏହି ଯନ୍ତ୍ର ଉପରେ ଆଘାତ କଲେ, ତହିଁରୁ ଏକ ବିଚିତ୍ର ସ୍ୱର ବାହାରେ । ସମବୟସ୍କ ଆଠ ଦଶ ଜଣ ସଙ୍ଗୀତସେବୀଙ୍କର ସମକାଳୀନ ସଙ୍ଗୀତ ବିନୋଦ ଏହାଦ୍ୱାରା ସଂସାଧିତ ହୋଇପାରେ । ସେହି ଦୀର୍ଘ ତୁମ୍ବାର ଦୁଇପାଖରେ ରସିକମାନେ ଉପବେଶନ କରି ସଙ୍ଗୀତଗାନପୂର୍ବକ ଉଭୟ ହସ୍ତସ୍ଥିତ ସେହି

ଘୁଙ୍ଗୁଡ଼ି ଲାଗିଥିବା କ୍ଷୁଦ୍ର କାଷ୍ଠଖଣ୍ଡଦ୍ୱାରା ଯୁଗପତ୍ ସେହି ଯନ୍ତ୍ରଟି ଉପରେ ଆଘାତ କରନ୍ତି । ଏହି ସ୍ୱରର ମାଦକତା ଏତେ ଅଧିକ ଯେ, ଏଥିରେ ମତ୍ତ ହେଲେ ସଙ୍ଗୀତଜ୍ଞମାନଙ୍କର କ୍ଷୁଧା ତୃଷା ବନ୍ଦ ହୋଇଯାଏ । ଚୁମ୍ପା ଜାତୀୟ ସଙ୍ଗୀତର ପ୍ରକୃତି ଓ ସ୍ୱରଭଙ୍ଗୀ ସ୍ୱତନ୍ତ୍ର; ଅବଶ୍ୟ ଶୃଙ୍ଗାରବର୍ଣ୍ଣନାହିଁ ଏ ସବୁ କବିତାର ଅଙ୍ଗୀ ରସ । ବଳଦେବଙ୍କ ପ୍ରଣୀତ ଦୁଇଗୋଟି ଚୁମ୍ପା ସଙ୍ଗୀତ ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ସେଗୁଡ଼ିକ ଏ ପୁସ୍ତକର ଯଥାସ୍ଥାନରେ ସନ୍ନିବେଶିତ କଲୁଁ ।

ଜଣେ ପ୍ରସିଦ୍ଧ ଲେଖକ କହିଅଛନ୍ତି, କବିଙ୍କର କବିତ୍ୱ ବୁଝିବା ଅପେକ୍ଷା କବିଙ୍କୁ ବୁଝି ପାରିଲେ ଅଧିକତର ଲାଭ ହୁଏ । କବିତା ତ ଆମ୍ଭମାନଙ୍କ ହାତରେ, ପଢ଼ିଲେ ବୁଝିବା, କିନ୍ତୁ କବି କି ପ୍ରକାରେ ସେହି କବିତା-କୀର୍ତ୍ତି ରଖି ଯାଇଅଛନ୍ତି, ତାହାହିଁ ବୁଝିବା ଆମ୍ଭମାନଙ୍କର ସର୍ବଥା ଉଚିତ; ତେଣୁ ଆମ୍ଭେମାନେ ବଳଦେବଙ୍କ ଚରିତ ଆଲୋଚନା କଲାବେଳେ ଯେଉଁ ଯେଉଁ ଅବସ୍ଥାରେ ବା ଘଟଣାବିଶେଷରେ ସେ ଯେଉଁ ଯେଉଁ କବିତା ଲେଖିଥିଲେ, ତାହା ଆଲୋଚନା କରି ଦେଖି ଆସିଅଛୁଁ । ଘଟଣାବିଶେଷଦ୍ୱାରା ପ୍ରଣୋଦିତ ହୋଇ ନ ଥିଲେ ପ୍ରକୃତରେ ସେସବୁ କବିତାର ସ୍ଫୂର୍ତ୍ତି ହୋଇଥାଆନ୍ତା ବୋଲି ସହଜରେ ବିଶ୍ୱାସ ହୁଏ ନାହିଁ । କବି ଆଠଗଡ଼ରେ ବାସ କଲାବେଳେ ସେ ସ୍ଥାନର ତତ୍କାଳୀନ ବାୟୁମଣ୍ଡଳ ସଙ୍ଗୀତର ଉଚ୍ଛ୍ୱାସରେ ପରିପୂର୍ଣ୍ଣ ଥିଲା । ରାଜା ନିଜେ ସଙ୍ଗୀତପ୍ରିୟ । ସେ ଅହୋରାତ୍ର ସଙ୍ଗୀତମାଦକତାରେ ବିହ୍ୱଳ । "ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।" ଏହି ନୀତିରେ ପ୍ରତ୍ୟେକ ଶିକ୍ଷିତ ଲୋକ ସଙ୍ଗୀତ ରଚନାରେ ଏକାନ୍ତ ବିହ୍ୱଳ ହୋଇ ପଡ଼ିଥିଲେ । ରାଜା ବାଲୁଙ୍କେଶ୍ୱର ପ୍ରତ୍ୟହ ଏପରି ବହୁ ସଙ୍ଗୀତ ଉପହାର ପାଉଥିଲେ । କିନ୍ତୁ ଯଥାକାଳରେ କାଳ ସେ ସମସ୍ତଙ୍କୁ ନିର୍ଦ୍ଦୟ ବଜ୍ରଦୃଢ଼ ଦନ୍ତରେ କରକା ପରି କବଳିତ କରିଅଛି । ଆଜି ସେ ସମସ୍ତର ଅସ୍ତିତ୍ୱ ଏକାବେଳକେ ନାହିଁ କହିଲେ ଚଳେ—ଅଛି କେବଳ ବଳଦେବଙ୍କର ସେହି ଅମୃତସ୍ରାବିଣୀ କବିତା । ଯାହା ଭଲ ତାହା ଚିରକାଳ ଭଲ, ଯାହା ଭେଲ ତାହା ଆପାତରମଣୀୟ ମାତ୍ର । ପ୍ରକୃତ କବିତା ପ୍ରାଣର ଭାଷା, କବିଙ୍କ କଥାରେ କହିଲେ ଭାରତୀର ବୀଣାତନ୍ତ୍ରରେ ତାହା ବାଜି ଉଠେ; ତାହା କେବଳ କଥାର ସମଷ୍ଟି ନୁହେ, ଭାବସମଷ୍ଟିର ଅଭିବ୍ୟକ୍ତି । କଥାର ଭଙ୍ଗୀରେ ବିଷୟବିଶେଷ ସମ୍ବନ୍ଧରେ ଲୋକର ବିଶ୍ୱାସ ଜନ୍ମାଇ ଦିଆଯାଇପାରେ, ମାତ୍ର କଥାର ଛଟାରେ ଭାବର ଉଦ୍ରେକ କରାଯାଇ ପାରେ ନାହିଁ । ସେଥିପାଇଁ କବିତାର ସାହାଯ୍ୟ ଲୋଡ଼ା; ତେଣୁ ମାନବ-ସମାଜରେ କବିର ଆସନ ସାଧାରଣ ଲେଖକର ଆସନଠାରୁ ଉଚ୍ଚତର ।

ଏହିପରି ଭାବରେ ଯେତେବେଳେ କବିତାର ପ୍ରବଳ ବନ୍ୟାରେ ଆଠଗଡ଼ ରାଜ୍ୟ ସମାପ୍ଳୁତ, ସେତେବେଳେ କବି ବଳଦେବ ଜନୈକ ତଥାକଥିତ କବିଙ୍କୁ ଲକ୍ଷ୍ୟ କରି କେତେଗୁଡ଼ିଏ ବ୍ୟଙ୍ଗ କବିତା ରଚନା କରିଥିଲେ । ସେହି ସବୁ କବିତା ଶୁଣି ସାଧାରଣ କବିମାନେ ବଳଦେବଙ୍କୁ ବିଜ୍ଞମ୍ମନ୍ୟ, ଅଭିମାନୀ ବୋଲି ସର୍ବତ୍ର ପ୍ରଚାର କଲେ ଏବଂ ରାଜାଙ୍କ ମନରେ ତାଙ୍କ ପ୍ରତି ଭିନ୍ନ ଭାବ ଆଣିବାର ଚେଷ୍ଟା କଲେ । ଏହି ଅଯଥା ନିନ୍ଦାବାଦରେ କ୍ଷୁଣ୍ଣ ହୋଇ ବଳଦେବ କିଛିକାଳ କବିତାରଚନାରୁ ନିବୃତ୍ତ ରହିଲେ, କିନ୍ତୁ ବଳଦେବ ତ ସେମାନଙ୍କ ତୁଷ୍ଟିସାଧନ ପାଇଁ କବିତା ରଚନା କରୁ ନ ଥିଲେ; ତାଙ୍କ କବିତା ଗୁଣଗ୍ରାହୀ ରାଜା ବାଲୁକେଶ୍ୱରଙ୍କ ପାଇଁ ଅଭିପ୍ରେତ ଥିଲା । କୋଟି ନକ୍ଷତ୍ରର କିରଣ ଚକୋରର ତୃପ୍ତିବିଧାନ କରିପାରେ ନାହିଁ । ଏକା ଚନ୍ଦ୍ରିକା ତାହାର ଜୀବନ । ରାଜା ଏଥି ମଧ୍ୟରେ କବିଙ୍କ ହୃଦୟଦୁଃଖ ନିରାକରଣ ନିମିତ୍ତ ତାଙ୍କୁ ନାନାଭାବରେ ଉତ୍ସାହିତ କରିବାରେ ଲାଗିଲେ ଏବଂ ରଚନାଭଙ୍ଗୀରେ ସେହି କଣ୍ଟକଜପକୁଳକୁ ତିରସ୍କାର କରିବାକୁ ସଙ୍କେତ କଲେ; ତେଣୁ କବି ଦିନେ ପ୍ରକାଶ୍ୟ ସଭାସ୍ଥଳରେ ଅନୁମତି ପାଇ ନିର୍ଭୀକଚିତ୍ତରେ ଅଯାଚିତଶୁଳ୍କ ବାଣୀରେ "ଜଗତେ କେବଳ, ଜନେ ହସିବେ ସିନା ଏହି ଫଳ" ଶୀର୍ଷକ ନବରସିତ କବିତାଟି ଗାନ କଲେ । (ଏହି ପୁସ୍ତକର ଚତୁର୍ଥଭାଗ ଦ୍ରଷ୍ଟବ୍ୟ)

ସମୀଚୀନ ଦୃଷ୍ଟାନ୍ତ ପ୍ରଦାନରେ କବିଙ୍କର କି ଅସାଧାରଣ କ୍ଷମତା ଥିଲା, ଏହି କବିତାଟିହିଁ ତାହାର ନିଦର୍ଶନ । ଏକୋଇଶ ପଦ ମଧ୍ୟରୁ କୌଣସି ଗୋଟିଏ ପଦରେ ନୂତନତ୍ୱର ଅଭାବ ଦେଖାଯାଏ ନାହିଁ । ଲୋକଚରିତ୍ର ଅଧ୍ୟୟନରେ ଓ ସଂସାରଚିତ୍ର ହୃଦୟଙ୍ଗମ କରିବାରେ କବିଙ୍କର କେତେଦୂର ପାରଦର୍ଶିତା ଥିଲା, ପ୍ରତ୍ୟେକ ଦୃଷ୍ଟାନ୍ତର ଆଲୋଚନାରୁ ତାହା ପରିସ୍ଫୁଟ ହେବ । ସଭାସଦ୍‌ବୃନ୍ଦ କବିତା ଶ୍ରବଣରେ ଯୁଗପତ୍ ହର୍ଷ, ବିସ୍ମୟରେ ଅଭିଭୂତ ହୋଇଗଲେ । ଈର୍ଷୀମାନଙ୍କ ହୃଦୟକନ୍ଦରରେ ବିଦ୍ୱେଷବହ୍ନି ଦପ୍ ଦପ୍ ହୋଇ ଜଳି ଉଠିଲା । ରସିକରାଜ ବାଲୁକେଶ୍ୱର କବିତା ଶ୍ରବଣରେ ଏକାନ୍ତ ହୃଷ୍ଟହୃଦୟ ହୋଇ କବିଙ୍କ ପ୍ରତିଭାର ଭୂୟସୀ ପ୍ରଶଂସା କଲେ । ତାଙ୍କର ବିଦ୍ୱେଷୀ ପଣ୍ଡିତମାନେ ଯେ ଏହି କବିତାବଳୀର ଲକ୍ଷ୍ୟ, ଏହା ଆଉ କହିବାକୁ ହେବ ନାହିଁ । ରାଜା ପ୍ରକାଶ୍ୟ ସଭାସ୍ଥଳରେ ଏପରି କବିତାର ଆଦର କରିବାରୁ ସେମାନେ ବୁଝି ପାରିଲେ ଯେ ରାଜା ବଳଦେବଙ୍କୁହିଁ ପ୍ରକୃତ କବି ବୋଲି ସ୍ୱୀକାର କରନ୍ତି; ତେଣୁ ସେମାନେ ମର୍ମୋତ୍ପୀଡ଼କ ଈର୍ଷାବ୍ୟାଧି ଭୋଗୀ ପରି ଅନ୍ତରରେ ଦଗ୍ଧ ହେବାରେ ଲାଗିଲେ ଏବଂ ସମାଲୋଚନା-ନିକଷରେ ତାଙ୍କ କବିତା ପରୀକ୍ଷା କରି ଦୋଷ ପ୍ରଦର୍ଶନ କରିବାକୁ ଦୃଢ଼ସଙ୍କଳ୍ପ ହେଲେ । ସେମାନଙ୍କର ଏହି ବୈରଭାବ ବଳଦେବଙ୍କ ପ୍ରତିଭାବିକାଶର ପରମ ସହାୟ ହେଲା । ପ୍ରକୃତରେ

ସମାଲୋଚନାର ଭୟ ନ ଥିଲେ ଜଗତରେ ସମ୍ଭବତଃ ବଡ଼ ବଡ଼ କବିଙ୍କର ଆବିର୍ଭାବ ହୋଇ ନ ଥାନ୍ତା । ସମାଲୋଚକମାନେ ଲେଖକ ବା କବିଙ୍କ ଦୃଷ୍ଟିରେ ଆପାତଶତ୍ରୁ ହେଲେହେଁ ସେମାନେ ଯଥାର୍ଥରେ ଯେ କବିଙ୍କ ପ୍ରତିଷ୍ଠାର କାରଣ, ଏହା ଚିନ୍ତାଶୀଳ ଲୋକମାନେ ଜାଣନ୍ତି । ଭସ୍ମାଚ୍ଛାଦିତ ବହ୍ନିକଣା ଉପଯୁକ୍ତ ଇନ୍ଧନର ସମ୍ପର୍କରେ ପ୍ରକାଣ୍ଡ ଅଗ୍ନିରେ ପରିଣତ ହୋଇ ଉଠେ । ପ୍ରଦୀପ୍ତ କାଷ୍ଠହି ତୈଳସଂସ୍ପର୍ଶରେ ହଠାତ୍ ପ୍ରଜ୍ୱଳିତ ହୁଏ । ଯେଉଁ ଦେଶ ବା ଜାତିର ଲେଖକମାନଙ୍କର ସମାଲୋଚନାଭୟ ନାହିଁ, ସେ ଦେଶ ବା ଜାତିର ସାହିତ୍ୟ ନିତାନ୍ତ ଅପରିପକ୍ୱ । ଏହାହିଁ ଆମ୍ଭମାନଙ୍କ ଆଧୁନିକ ଉତ୍କଳ ସାହିତ୍ୟର ଅପରିପକ୍ୱତାର କାରଣ । ଥରେ ବିଚାର କରି ଦେଖିଲେ ଆମ୍ଭେମାନେ ବେଶ୍ ବୁଝି ପାରୁଁ, ସମାଲୋଚନାର କଷାଘାତ ଭୟ ନ ଥିବାରୁ ଆମ୍ଭମାନଙ୍କ ଅନ୍ତଃକରଣବୃତ୍ତି ସୁପ୍ତ ଓ ନିଶ୍ଚେଷ୍ଟ ଏବଂ ବୁଦ୍ଧି ବୃତ୍ତି ଅଭିନବ କଳ୍ପନାର ଉନ୍ମେଷଶାଳିନୀ ନୁହେଁ । ଯେଉଁ ପଣ୍ଡିତକୁଳର ଈର୍ଷାସନ୍ଦୂଷିତ ତୀବ୍ର ମୁଖରବ ବଳଦେବଙ୍କ ହୃଦୟରେ ନିମୀଳିତ ପ୍ରତିଭାକୁ ବିକାଶୋନ୍ମୁଖୀ କରିଥିଲା, ଆଜି ଆମ୍ଭେମାନେ ସେମାନଙ୍କୁ ଶତ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଯାହାହେଉ, ଏହି ସମୟରୁ ବଳଦେବ ଅତି ସତର୍କତା ସହିତ କବିତା ରଚନା କରିବାରେ ଲାଗିଲେ । ଏହିସବୁ କବିତା ମଧ୍ୟରେ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ' ଓ 'ଚୌପଦୀରତ୍ନାକର' ପ୍ରଧାନ । ଆମ୍ଭେମାନେ ଅତଃପର ଏହି କବିତାମାନଙ୍କ କଥା ଆଲୋଚନା କରିବୁଁ ।

## ନବମ ପରିଚ୍ଛେଦ

ଅସମ୍ପୂର୍ଣ୍ଣ କାବ୍ୟ ଚନ୍ଦ୍ରକଳା ଛଡ଼ା ବଳଦେବ ଏପର୍ଯ୍ୟନ୍ତ ଯାହା ଲେଖିଥିଲେ, ସେଗୁଡ଼ିକ ସଙ୍ଗୀତମୟୀ କବିତା—ଭାବବିଶେଷର ଉଦ୍‌ବୋଧନ ମାତ୍ର । ପାଶ୍ଚାତ୍ୟ ସାହିତ୍ୟରେ ଏଭଳି କବିତାର ସ୍ଥାନ ବର୍ତ୍ତମାନ ଯୁଗରେ ଅତି ଉଚ୍ଚରେ । ଆମ୍ଭମାନଙ୍କ ଭକ୍ତକବି ମଧୁସୂଦନଙ୍କ ବସନ୍ତଗାଥା ଓ କୁସୁମାଞ୍ଜଳିର କବିତାବଳୀ ପରସ୍ପର ସଂଶ୍ଳିଷ୍ଟ ନ ଥିଲେହେଁ ଉତ୍କଳ ସାହିତ୍ୟରେ କିପରି ଉଚ୍ଚ ସ୍ଥାନ ଲାଭ କରିଅଛି, ତାହା ପାଠକସମାଜରେ ସୁପରିଚିତ । ପ୍ରାଚୀନ ସାହିତ୍ୟରେ ବଳଦେବଙ୍କର ସଙ୍ଗୀତମୟୀ କବିତାବଳୀ ସେହିପରି ଉନ୍ନତ ଓ ବିଶିଷ୍ଟ ସ୍ଥାନର ଅଧିକାରୀ । କିନ୍ତୁ ସୁସମ୍ବଦ୍ଧ କବିତାଦ୍ୱାରା ନାୟକନାୟିକାବିଶେଷର ଚରିତ୍ରଚିତ୍ରଣ ପ୍ରଦର୍ଶନ କବିପ୍ରକୃତିର ବିଶିଷ୍ଟତା । ଏହି ବିଶିଷ୍ଟତା ପ୍ରତିପାଦନ ଉଦ୍ଦେଶ୍ୟରେ ସୁପରିଚିତ କବି ବଳଦେବ ରାଧାକୃଷ୍ଣଙ୍କ କେଳିବର୍ଣ୍ଣନା ପ୍ରସଙ୍ଗରେ ଯେଉଁ ସୁସମ୍ବଦ୍ଧ କବିତାବଳୀ ଲେଖିଥିଲେ, ତାହା କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ନାମରେ

ଅଭିହିତ । ରାଜା ବାଲୁକେଶ୍ୱର ବୈଷ୍ଣବ ଭକ୍ତ, ସୁତରାଂ ତାଙ୍କ ପ୍ରୀତିସମ୍ପାଦନ ପାଇଁ ରାଧାକୃଷ୍ଣଙ୍କ କେଳିବର୍ଣ୍ଣନା ଯେ ତାଙ୍କ ପ୍ରିୟକବିଙ୍କ କାବ୍ୟର ଉପଜୀବ୍ୟ ବିଷୟ ହେବ, ଏହା ଆଉ କହିବାକୁ ହେବ ନାହିଁ ।

ସଂସ୍କୃତ ଆଲଙ୍କାରିକମାନେ 'ଗଦ୍ୟପଦ୍ୟମୟଂ କାବ୍ୟଂ ଚମ୍ପୂରିତ୍ୟ-ଭିଧୀୟତେ' ଚମ୍ପୂର ଏହିପରି ସଂଜ୍ଞା ନିର୍ଦ୍ଦେଶ କରିଅଛନ୍ତି । ସଂସ୍କୃତ ଭାଷାରେ ଏହିପରି ଗଦ୍ୟପଦ୍ୟାତ୍ମକ ଅନେକ ଚମ୍ପୂ ରହିଅଛି । ସଂସ୍କୃତରେ ଏଗୁଡ଼ିକ ଖଣ୍ଡ-କାବ୍ୟଶ୍ରେଣୀର ଅନ୍ତର୍ଗତ । କାବ୍ୟର ଏକ ଦେଶକୁ ଅବଲମ୍ବନ କରି ଯାହା ଲିଖିତ ହୁଏ, ତାହା ଖଣ୍ଡକାବ୍ୟ । ସଂସ୍କୃତ ଭାଷାରେ ମେଘଦୂତ ଓ ଓଡ଼ିଆ ଭାଷାରେ ଚିଲିକା ଏହାର ପ୍ରକୃଷ୍ଟ ଉଦାହରଣ । ସାଧାରଣତଃ କାବ୍ୟ ଗଦ୍ୟରେ ବା ପଦ୍ୟରେ ଲିଖିତ ହୋଇଥାଏ; କିନ୍ତୁ ଗଦ୍ୟ ଓ ପଦ୍ୟ ଉଭୟ ସାହାଯ୍ୟରେ ଏଭଳି କାବ୍ୟ ଲେଖିବାର ପ୍ରୟୋଜନୀୟତା କଣ—ଏହି ପ୍ରଶ୍ନ ପ୍ରଥମରୁ ମନରେ ଉଦିତ ହୁଏ । ଆମ୍ଭେମାନେ ସାଧାରଣତଃ ଯେଉଁ ଭାଷାରେ କଥାବାର୍ତ୍ତା କରୁଁ, ତାହା ସ୍ୱଭାବର ଭାଷା ବା ଗଦ୍ୟ । ସଂସ୍କୃତ ଆଲଙ୍କାରିକମାନେ କହିଅଛନ୍ତି, 'କଥାୟାଂ ସରସଂ ବସ୍ତୁ ଗଦ୍ୟୈରେବ ବିନିର୍ମିତଂ' ଅର୍ଥାତ୍ କଥାରେ ଯାହା ସରସ ବସ୍ତୁ, ତାହା ଗଦ୍ୟରେ ପ୍ରକାଶିତ ହୁଏ । ଭାବପ୍ରକାଶ ବିଷୟରେ ପଦ୍ୟ ବା କବିତା ଅପେକ୍ଷା ଗଦ୍ୟର ସ୍ଥାନ ଯେ ଉଚ୍ଚତର, ଏ ସତ୍ୟ ପ୍ରାଚୀନକାଳରୁ ପ୍ରଚଳିତ ଅଛି । ପ୍ରତିଭା-ଶାଳୀ ଅନେକ ବଡ଼ ବଡ଼ କବି ମଧ୍ୟ କବିତାର କଠୋରତର ନିୟମରେ ଆବଦ୍ଧ ରହି ଅନେକ ସମୟରେ ସ୍ୱୀୟ ମନୋଗତ ଭାବକୁ ନିର୍ବୋଧରେ ପ୍ରକାଶ କରି ପାରି ନାହାନ୍ତି । ସେହି ହେତୁରୁ ସମୁଚ୍ଚ ଭାବର ସୁସ୍ପଷ୍ଟ ଉଦ୍‌ଗିରଣ ନିମିତ୍ତ ଗଦ୍ୟ ଓ ପଦ୍ୟ ଉଭୟର ସାହଚର୍ଯ୍ୟ ଏକାନ୍ତ ଲୋଡ଼ା । କବି ବଳଦେବ ଏହି ସତ୍ୟର ଅନୁ-ସରଣରେ ଗଦ୍ୟପଦ୍ୟମୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଲେଖିବାକୁ କଳ୍ପନା କରିଥିଲେ ବୋଲି ଆମ୍ଭମାନଙ୍କର ଧାରଣା । ଓଡ଼ିଆରେ ଖଣ୍ଡିଏ ଛଡ଼ା ଅନ୍ୟ ଚମ୍ପୂ ନାହିଁ । ବଳଦେବଙ୍କ ସମୟରେ ଆମ୍ଭମାନଙ୍କ ଭାଷାରେ ମାର୍ଜିତ ଗଦ୍ୟ ସାହିତ୍ୟ ନ ଥିଲା, ତେଣୁ ସେ ସଂସ୍କୃତ ଭାଷାକୁ ଏହି ଅଭାବପୂରଣ ନିମନ୍ତେ ସହକାରିଣୀରୂପେ ଗ୍ରହଣ କରି ନିଜ ଉଦ୍ଦେଶ୍ୟ ସଂସାଧନ କରି ଯାଇଛନ୍ତି । ଚମ୍ପୂଖଣ୍ଡ ସମ୍ପୂର୍ଣ୍ଣରୂପେ ଓଡ଼ିଆ ଭାଷାରେ ଲେଖିବେ ବୋଲି ମାତୃଭାଷାପ୍ରିୟ କବି ଦୃଢ଼ସଂକଳ୍ପ ହୋଇଥିଲେହେଁ ଯେତେବେଳେ ସେ ଅଗତ୍ୟା ତାହାରି ଗଦ୍ୟାଂଶଗୁଡ଼ିକ ସଂସ୍କୃତରେ ଲେଖିଲେ, ସେତେବେଳେ ମୂଳ ସଙ୍ଗୀତର ଭାବର ଛାୟା ମାତ୍ର ଗ୍ରହଣ କରି ପ୍ରତି ସଙ୍ଗୀତ ଶେଷରେ ସଂସ୍କୃତ ଶ୍ଳୋକ ଗୋଟିଏ ଲେଖାଏଁ ଲେଖିବାକୁ ବାଧ୍ୟ ହେଲେ । ଅନ୍ୟଥା ସମାଲୋଚକଙ୍କ ତୀବ୍ରଦୃଷ୍ଟିରେ ଏହା ବିଚିତ୍ର ଖେଚୁଡ଼ି ପରି ପ୍ରତିଭାତ ହୋଇଥାଆନ୍ତା । କେହି କେହି ମନେ କରି ପାରନ୍ତି, ସଂସ୍କୃତ ଚମ୍ପୂଖଣ୍ଡି ସଂସ୍କୃତରେ ଲିଖିତ, ସଂସ୍କୃତ

ଶ୍ଳୋକ ଓ ଗଦ୍ୟର ଭାବକୁ ଗ୍ରହଣ କରି କବି ସାଧାରଣଙ୍କ ଅବଗତି ପାଇଁ ଓଡ଼ିଆରେ ଗୋଟିଏ ଗୋଟିଏ ସଙ୍ଗୀତ ରଚନା କରିଅଛନ୍ତି । ମାତ୍ର ଏପରି ମନେ କରିବା ଭ୍ରମାତ୍ମକ । ବଳଦେବ ସଂସ୍କୃତ ଭାଷାରେ ଜଣେ ଅସାଧାରଣ ପଣ୍ଡିତ ସତ୍ୟ ମାତ୍ର ସଂସ୍କୃତ ଅପେକ୍ଷା ଓଡ଼ିଆ ଭାଷାକୁ ସେ ବେଶି ପସନ୍ଦ କରୁଥିଲେ ଏବଂ ସେ ତାଙ୍କର ଅନନ୍ୟସାଧାରଣ ଶକ୍ତିକୁ ମାତୃଭାଷାର ଉପକାରରେ ପ୍ରଥମରୁ ନିୟୋଜିତ କରିଥିଲେ । ଚମ୍ପୂର ସଂସ୍କୃତ ଶ୍ଳୋକ ଓ ଗଦ୍ୟାଂଶ ସହିତ ଆମ୍ଭେମାନେ ପ୍ରତ୍ୟେକ ସଙ୍ଗୀତକୁ ମିଳାଇ ଦେଖିଅଛୁଁ । ସଙ୍ଗୀତରେ ନିହିତ ସମଗ୍ର ଭାବ ସେ ତତ୍‌ସଂଶ୍ଳିଷ୍ଟ ସଂସ୍କୃତ ଅଂଶରେ ପ୍ରକାଶ କରି ନାହାନ୍ତି । ଆମ୍ଭେମାନେ ପରେ ଏହାର ଉଦାହରଣ ପାଠକସମାଜ ସମକ୍ଷରେ ଉପସ୍ଥାପିତ କରିବୁଁ । ତେଣୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ଓଡ଼ିଆରେ ଚମ୍ପୂ ଲେଖିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମାତ୍ର ଓଡ଼ିଆରେ ଗଦ୍ୟମୟୀ ମାର୍ଜିତ ଭାଷାର ଅଭାବ ଦେଖି ସେ ତହିଁରେ ଚମ୍ପୂର ଅନ୍ୟତର ଅଂଶ ଗଦ୍ୟସନ୍ନିବେଶ କାମନାରେ ସଂସ୍କୃତ ଗଦ୍ୟ ବ୍ୟବହାର କରି କାବ୍ୟକୁ ସର୍ବାଙ୍ଗସୁନ୍ଦର କରିବାପାଇଁ ଗୋଟିଏ ଗୋଟିଏ ସଂସ୍କୃତ ଶ୍ଳୋକ ତାହା ସଙ୍ଗେ ସଙ୍ଗେ ରଚନା କରି ଦେଇଅଛନ୍ତି । ଚମ୍ପୂର ଯେଉଁ ହସ୍ତ ଲିଖିତ ତାଳପତ୍ର ପୋଥି ଆମ୍ଭେମାନେ ପାଇଅଛୁଁ, ତହିଁରେ ପ୍ରଥମେ ଓଡ଼ିଆ ସଙ୍ଗୀତ, ପରେ ତଦର୍ଥବୋଧକ ସଂସ୍କୃତ ଶ୍ଳୋକ ଓ ଗଦ୍ୟ ସନ୍ନିବେଶିତ ହୋଇଅଛି । ଚମ୍ପୂର ଯେତେ ସଂସ୍କରଣ ପ୍ରକାଶିତ ହୋଇଅଛି, ସର୍ବତ୍ର ଏହି ପ୍ରଥା ଅନୁସୃତ ହୋଇଅଛି । ମାତ୍ର ଜଣେ ବିଶିଷ୍ଟ ଭାବୁକଙ୍କ ପ୍ରକାଶିତ ଚମ୍ପୂର ସଂସ୍କରଣରେ ଏହାର ଅନ୍ୟଥା ଭାବ ଦେଖି ଆମ୍ଭେମାନେ ବିସ୍ମିତ ହୋଇଅଛୁଁ । ସଂସ୍କୃତ ଭାଷାରୁ ଓଡ଼ିଆ ଓ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଉତ୍ପତ୍ତି ହୋଇଅଛି ବୋଲି ଯେପରି କେତେକ ଭାଷାବିଦ୍ ବିଶ୍ବାସ କରନ୍ତି, ସେହିପରି ମଧ୍ୟ ଚମ୍ପୂକୁ ସଂସ୍କୃତ ଗ୍ରନ୍ଥ ବୋଲି ମନେକରି ସେ ପ୍ରଥମେ ସଂସ୍କୃତ ଶ୍ଳୋକ ଓ ଗଦ୍ୟ ପ୍ରକାଶ କରି ତାହା ତଳେ ଓଡ଼ିଆ ସଙ୍ଗୀତକୁ ପ୍ରକାଶ କରିଅଛନ୍ତି ।

ସେ ଯାହାହେଉ, କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଖଣ୍ଡିକ ସଙ୍ଗୀତାତ୍ମକ, କି କବିତାତ୍ମକ, ତାହା ଆମ୍ଭେମାନେ ବର୍ତ୍ତମାନ ଆଲୋଚନା କରିବୁଁ । କଥା ଓ ସ୍ବର ଏହି ଦୁଇ ଉପକରଣ ସାହାଯ୍ୟରେ ଆମ୍ଭେମାନେ ଭାବ ପ୍ରକାଶ କରିଥାଉଁ । କଥା ଦ୍ୱାରା ଯେ ପରିମାଣରେ ଭାବ ପ୍ରକାଶିତ ହୋଇଥାଏ, ସ୍ବର ଦ୍ୱାରା ପ୍ରାୟ ସେହି ପରିମାଣରେ ଭାବ ପ୍ରକାଶ ପାଏ । ଅନେକତ୍ର ସ୍ବର ଉପରେ କଥାର ଅର୍ଥ ନିର୍ଭର କରିଥାଏ । ଗୋଟିଏ କଥା ଭିନ୍ନ ଭିନ୍ନ ସ୍ବରରେ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ । କବିତାରେ କଥା-ଭାଷାର ପ୍ରାଧାନ୍ୟ ଏବଂ ସଙ୍ଗୀତରେ ସ୍ବର-ଭାଷାର ପ୍ରାଧାନ୍ୟ । ସାଧାରଣ କଥାବାର୍ତ୍ତା କଲାବେଳେ ଆମ୍ଭେମାନେ ଯେପରି ଶୃଙ୍ଖଳା କ୍ରମେ କଥା ବ୍ୟବହାର କରୁଁ, କବିତା ରଚନା କଲାବେଳେ ସେପରି ଶୃଙ୍ଖଳା ବା କ୍ରମ

ବ୍ୟବହାର କରୁଁ ନାହିଁ । କବିତାପାଇଁ ଆମ୍ଭମାନଙ୍କୁ କେତେଗୁଡ଼ିଏ ସୁନ୍ଦର ସୁନ୍ଦର କଥା ବାଛିନେବାକୁ ପଡ଼େ ଏବଂ ସେଗୁଡ଼ିକୁ ଅପେକ୍ଷାକୃତ ସୁନ୍ଦର କରି ସଜାଇବାକୁ ହୁଏ । ସଙ୍ଗୀତ ସମ୍ବନ୍ଧରେ ଆମ୍ଭେମାନେ ତାହାହିଁ କରୁଁ । ସାଧାରଣତଃ ଯେଉଁ ସ୍ୱରରେ ଆମ୍ଭେମାନେ କଥା କହୁଁ, ସଙ୍ଗୀତରେ ସେ ସ୍ୱର ବ୍ୟବହାର କରୁନାହିଁ । ସେଥିପାଇଁ ଭଲ ଭଲ ସ୍ୱର ବାଛି ନେଇ ଅପେକ୍ଷାକୃତ ମନୋହର କ୍ରମରେ ସେଗୁଡ଼ିକୁ ସଜାଇ ରଖିବାକୁ ହୁଏ । ତଥାପି ଭାବପ୍ରକାଶ ସମ୍ବନ୍ଧରେ କବିତା ଯେପରି ଉନ୍ନତ, ସଙ୍ଗୀତ ସେପରି ନୁହେ । ତାହାର ପ୍ରଧାନ କାରଣ ଶୂନ୍ୟଗର୍ଭ କଥାର କୌଣସି ଆକର୍ଷଣ ନାହିଁ । ତାହା ଏକ ପକ୍ଷରେ ଅର୍ଥଶୂନ୍ୟ ବୋଲି ଯେପରି ନୀରସ ବୋଧହୁଏ, ଅନ୍ୟ ପକ୍ଷରେ ସେହିପରି ସ୍ୱରହୀନ ବୋଲି ପ୍ରୀତି ଉତ୍ପାଦନ କରିପାରେ ନାହିଁ । କିନ୍ତୁ ଭାବଶୂନ୍ୟ ସ୍ୱରର ଗୋଟିଏ ଆକର୍ଷଣ ଅଛି, ଭାବ ନ ଥିଲେହେଁ ତାହା କାନକୁ ତୃପ୍ତିକର ବୋଧହୁଏ । ସଙ୍ଗୀତରେ ବିଭିନ୍ନ 'ଗତ'ର ଅନୁଶୀଳନ ସମ୍ପୂର୍ଣ୍ଣ ଭାବହୀନ, ମାତ୍ର ସ୍ୱରର ମଧୁରତା କର୍ଣ୍ଣମନକୁ ଏକାବେଳକେ ଆକର୍ଷଣ କରି ନିଏ । ଏହି ହେତୁରୁ ସଙ୍ଗୀତରେ ଭାବ ପ୍ରତି ସାଧାରଣ କବିମାନେ ତେତେ ମନୋଯୋଗ ଦିଅନ୍ତି ନାହିଁ । ସ୍ୱରର ଉତ୍କର୍ଷର ବିକାଶରେ ସଙ୍ଗୀତରେ ପ୍ରାୟଶଃ ଭାବ ମଳିନ ହୋଇଯାଏ । ସୁମଧୁର ସ୍ୱର ଶୁଣାଯିବା ମାତ୍ରକେ ଇନ୍ଦ୍ରିୟକୁ ଆକର୍ଷଣ କରି ନିଏ, ତେଣୁ ଭାବଜ୍ଞାନହୀନ ଶିଶୁ, ପଶୁ ଓ ସର୍ପ ସଙ୍ଗୀତରେ ଆକୃଷ୍ଟ ହୁଅନ୍ତି । ସଙ୍ଗୀତରଚୟିତାଙ୍କୁ ଭାବପାଇଁ ସେହି ହେତୁରୁ ଅଧିକ ପରିଶ୍ରମ କରିବାକୁ ପଡ଼େ ନାହିଁ । ସୁସଂବଦ୍ଧ ସୁମଧୁର ସ୍ୱରବିନ୍ୟାସ ନିୟମିତ ହେଲେ ତାଙ୍କର ଉଦ୍ଦେଶ୍ୟ ସାଧିତ ହୋଇଯାଏ । କିନ୍ତୁ ଖାଲି କଥାର ଯେପରି ମନୋହାରିତା ନାହିଁ ବୋଲି କବିତା ଭାବାନ୍ୱେଷଣ କରେ । ସେଥିପାଇଁ ସଂସାରରେ କବିତା ଉନ୍ନତ ଓ ସଙ୍ଗୀତ ଅବନତ । ଅତଏବ ଦେଖାଗଲା ଯେ, କବିତା ଓ ସଙ୍ଗୀତ ଉଭୟେ ଭାବପ୍ରକାଶର ବିଭିନ୍ନ ଉପାୟ ମାତ୍ର । ତେବେ କବିତା ସ୍ଥୂଳ ସୂକ୍ଷ୍ମ ସବୁ ଭାବ ଧାରଣ କରିପାରେ, କିନ୍ତୁ ସଙ୍ଗୀତ ପ୍ରାୟଶଃ ତାହା କରି ପାରେ ନାହିଁ । କବିସୂର୍ଯ୍ୟଙ୍କ ରଚନାବଳୀର ଅଧିକାଂଶ ସଙ୍ଗୀତାତ୍ମକ । ସାଧାରଣ ସଙ୍ଗୀତଠାରୁ ସେଗୁଡ଼ିକରେ ବିଶେଷତ୍ୱ ଏହି ଯେ, ତାହା କବିତା ପରି ଯେପରି ଉଚ୍ଚ ଭାବପ୍ରକାଶକ, ସଙ୍ଗୀତ ପରି ସେହିପରି ସୁମଧୁର ସ୍ୱରଭଙ୍ଗୀର ଦ୍ୟୋତକ । ତତ୍ପ୍ରଣୀତ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଏହାର ପ୍ରକୃଷ୍ଟ ଉଦାହରଣ ସ୍ଥଳ । ଚମ୍ପୂର ଏହି ବିଶିଷ୍ଟତା ହେତୁରୁ ତାହା ଉତ୍କଳସାହିତ୍ୟକ୍ଷେତ୍ରରେ ଅତୁଳନୀୟ ରଚନା । ଏକାଧାରରେ କବିତାର ଉଚ୍ଚ ଭାବ ଓ ସଙ୍ଗୀତର ବିଚିତ୍ର ଦୁର୍ଲଭ ସ୍ୱରଲହରୀ-ଲୀଳାର ସମବାୟ, ଏକା ଉତ୍କଳ ଭାଷାରେ କାହିଁକି ଅନ୍ୟାନ୍ୟ ଉନ୍ନତ ଭାଷାରେ ମଧ୍ୟ ଏକାନ୍ତ ସୁଲଭ ନୁହେ; ତେଣୁ ଆମ୍ଭେମାନେ ଏହି ସବୁ ରଚନାବଳୀକୁ ସଙ୍ଗୀତମୟୀ କବିତା ଆଖ୍ୟାରେ ଅଭିହିତ କରୁଅଛୁଁ ।

କିଶୋରଚନ୍ଦ୍ରାନନ୍ଦ ଚମ୍ପୂରେ ଚଉତିଶା ଧରଣରେ 'କ ଠାରୁ କ୍ଷ' ପର୍ଯ୍ୟନ୍ତ ଚଉତିରିଶ ଅକ୍ଷରରେ ୩୪ଟି ସଙ୍ଗୀତ ଅଛି । ଏହାହିଁ ତାହାର ପ୍ରାଚୀନତାର ପ୍ରମାଣ । ଅନ୍ୟଥା ଏହାକୁ ପ୍ରାଚୀନ କବିତା ବୋଲି ମନେ କରିବାର ଅନ୍ୟ କୌଣସି କାରଣ ନାହିଁ । ଆଧୁନିକ ନବ୍ୟରୀତିରେ ମାର୍ଜିତ ରୁଚିର ଅନୁବର୍ତ୍ତୀ କବି କେହି ଏହା ଅପେକ୍ଷା ଉଚ୍ଚଧରଣର କବିତା ଲେଖିଅଛନ୍ତି ବୋଲି ଆମ୍ଭ-ମାନଙ୍କ ଦୃଷ୍ଟିରେ ପଡ଼ୁନାହିଁ । ଏହି ୩୪ ଗୋଟି ସଙ୍ଗୀତ ମଧ୍ୟରୁ ମିଳନ-ବର୍ଣ୍ଣନାରେ 'ମ' ଗୀତଟି କେବଳ କବିଙ୍କର ନିଜ ଉକ୍ତି, ଅବଶିଷ୍ଟ ୩୩ଟି ନାୟକ ନାୟିକା, ଦୂତୀ ପ୍ରଭୃତିଙ୍କର ଉକ୍ତି । ଉନ୍ନତ କାବ୍ୟ ସାହିତ୍ୟର ଏହା ଗୋଟିଏ ବିଶିଷ୍ଟ ଲକ୍ଷଣ । ନାୟକନାୟିକାମାନଙ୍କ ଚରିତ୍ରଚିତ୍ରଣ କରିବାକୁ ଯାଇ ଯେଉଁ କବି ସ୍ୱୟଂ ସେ ସବୁ ପ୍ରକାଶ କରନ୍ତି, ଆଉ ଯେ ବର୍ଣ୍ଣନୀୟ ନାୟକନାୟିକାଙ୍କ ମୁଖରେ ସେମାନଙ୍କ ପରସ୍ପର ଚରିତ୍ରଚିତ୍ରଣ କରନ୍ତି, ଏମାନଙ୍କ ମଧ୍ୟରେ ଦ୍ୱିତୀୟୋକ୍ତ କବି ଉଚ୍ଚଶ୍ରେଣୀର ଅନ୍ତର୍ଗତ । ପ୍ରାଚୀନ ଗ୍ରୀକ୍ ମହାକାବ୍ୟ ଇଲିଅଡ଼ ଓ ଭାରତୀୟ ମହାକାବ୍ୟ ରାମାୟଣର ତୁଳନାରେ ଏହି ଗୁଣ ପାଇଁ ଇଲିଅଡ଼ର କବିଙ୍କୁ କେତେକ ପରିମାଣରେ ପ୍ରଶଂସା କରାଯାଇଅଛି । ପ୍ରକୃତରେ ନାୟକ-ନାୟିକାଙ୍କ ମୁହଁରେ ସେମାନଙ୍କ ପରସ୍ପର ଚରିତ୍ରଚିତ୍ରଣ ପରିସ୍ଫୁଟ କରିବା ପ୍ରତିଭାଶାଳୀ ନାଟ୍ୟକାରଙ୍କର କାର୍ଯ୍ୟ । ଯେଉଁ କବିତାଲେଖକ ଏ କାର୍ଯ୍ୟ ସାଧନ କରନ୍ତି, ସେ ଯେ ଅସାଧାରଣ ଶକ୍ତିସମ୍ପନ୍ନ, ଏହା ଆଉ କହିବାକୁ ହେବ ନାହିଁ । କାବ୍ୟ ବା ଉପନ୍ୟାସବିଶେଷକୁ ଯେବେ ବିନା ପ୍ରୟାସରେ ରଙ୍ଗମଞ୍ଚର ଉପଯୋଗୀ କରାଯାଇ ପାରେ, ତେବେ ଲେଖକଙ୍କର ମନୀଷା ତଥା ଦୂରଦର୍ଶିତାର ପରିଚୟ ମିଳେ । ଆମ୍ଭମାନଙ୍କ ସମାଲୋଚିତ ଚମ୍ପୂ ଯେ ସ୍ୱଭାବ ସୁନ୍ଦରରୂପେ ରଙ୍ଗ-ମଞ୍ଚରେ ଅଭିନୟର ସମ୍ପୂର୍ଣ୍ଣ ଉପଯୋଗୀ, ତାହା ସଙ୍ଗୀତସାହିତ୍ୟବିତ୍‌ମାନଙ୍କୁ ଉତ୍ତମରୂପେ ଜଣା । ଏହି ହିସାବରେ ଆମ୍ଭେମାନେ ଚମ୍ପୂକୁ "ଗୀତିନାଟ୍ୟ" ନାମରେ ଅଭିହିତ କରିପାରୁଁ ।

କେତେ ଲୋକଙ୍କ ମତରେ ମନୁଷ୍ୟ ମାତ୍ରକେ କବି, କାରଣ ପ୍ରତ୍ୟେକ ମନୁଷ୍ୟର ସୁଖଦୁଃଖଜ୍ଞାନ ଓ ସୌନ୍ଦର୍ଯ୍ୟାନୁଭବ ଶକ୍ତି ଅଳ୍ପାଧିକ ପରିମାଣରେ ବିଦ୍ୟମାନ, ତେଣୁ ଏ ଭାବରେ ଦେଖିଲେ ଶିଶୁ ଓ ଅଶିକ୍ଷିତ ଲୋକ ମଧ୍ୟ କବିଶ୍ରେଣୀର ଅନ୍ତର୍ଗତ । କିନ୍ତୁ ପ୍ରକୃତରେ ଆମ୍ଭେମାନେ ସେମାନଙ୍କୁ କବି କହୁ ନାହିଁ । ଯେ ବିଶେଷ ଶ୍ରେଣୀର ଭାବସମୂହକୁ ଶୃଙ୍ଖଳାକ୍ରମେ ଭାଷାରେ ପ୍ରକାଶ କରିପାରନ୍ତି, ତାହାଙ୍କୁହିଁ କବି କହିବା ଉଚିତ । ଆଜିକାଲି ଆମ୍ଭମାନଙ୍କ ମଧ୍ୟରେ ଏକପ୍ରକାର ବିକୃତ କବିଖ୍ୟାତି ପ୍ରଚଳିତ ହେଉଅଛି । ଏ ବିଷୟରେ ପ୍ରାଚୀନଙ୍କର ମାଦକତା ଅତି ବେଶି । ବର୍ତ୍ତମାନ ଯେପରି ମୁଦ୍ରାଯନ୍ତ୍ରର ସୁଲଭତାରୁ ଅନେକେ କବିପଦ ଲାଭ କରିବାକୁ ଲାଳାୟିତ, ପୂର୍ବକାଳରେ ମଧ୍ୟ ଏ ଦେଶରେ ସେହିପରି

ଅନେକ ଅଶିକ୍ଷିତ ଲୋକ କବିଯଶଃ ପ୍ରାର୍ଥୀ ହୋଇ କେତେକ କବିତା ଲେଖି ଯାଇଅଛନ୍ତି । ସେଗୁଡ଼ିକୁ ଅଦ୍ୟାବଧି କାଳ ତୀବ୍ର କଷାଘାତରେ ଲୋକଚକ୍ଷୁର ଅନ୍ତରାଳରେ ରଖିଥିଲା । ଭାବ ଓ ଭାଷାର ସାମଞ୍ଜସ୍ୟ ନ ଥାଉ ପଛକେ କେହି କେହି ସେ ସବୁକୁ ଏବେ ଜାତୀୟ ଉତ୍କୃଷ୍ଟ କବିତା ବୋଲି ପ୍ରକାଶ କରୁଅଛନ୍ତି । ଆମ୍ଭେମାନେ ଯେତେଦୂର ଅନୁମାନ କରୁଁ ବର୍ତ୍ତମାନ ଯୁଗର ଗ୍ରାମ୍ୟ କବି ବୈଶ୍ୟ ହରି, ଭିକାରି ନାୟକ ପ୍ରଭୃତିଙ୍କ ଅପେକ୍ଷା ସେ ସବୁ କବି ଉଚ୍ଚତର ସମ୍ମାନର ଅଧିକାରୀ ନୁହନ୍ତି । ଯେବେ ସେମାନଙ୍କୁ ଆମ୍ଭେମାନେ ଜାତୀୟ କବି ବୋଲି ଅସ୍ଖଳନ ସହକାରେ ଗ୍ରହଣ କରୁଁ, ତେବେ ବର୍ତ୍ତମାନ ଯୁଗର ଗ୍ରାମ୍ୟ କବିମାନଙ୍କୁ କାହିଁକି ସେ ଆସନ ଦେବାକୁ କୁଣ୍ଠିତ ହେବୁଁ ? କେବଳ ପ୍ରାଚୀନ କବିତା ଦେଖିଲେ ଯେ ତାକୁ ଆଦର କରିବୁଁ ତାହା ନୁହେଁ, ତନ୍ମଧ୍ୟରେ ଦେଖିବାକୁ ହେବ—ସେ ସବୁ କବିତାରେ ପ୍ରକୃତରେ ଭାଷା ଓ ଭାବର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଅଛି କି ନାହିଁ, ତଦ୍ଦ୍ୱାରା ବର୍ତ୍ତମାନ ଯୁଗରେ ଆମ୍ଭମାନଙ୍କର କୌଣସି ଉପକାର ହେବ କି ନାହିଁ ? କବି ଯଥାର୍ଥ ସୁନ୍ଦର, ଯଥାର୍ଥ କୁତ୍ସିତକୁ ପରୀକ୍ଷା କରି ଦେଖିଅଛନ୍ତି କି ନାହିଁ ? ଅଧିକାଂଶ ଲୋକ ସୁନ୍ଦର ଚିହ୍ନିପାରନ୍ତି ନାହିଁ କିମ୍ବା ତାହା ଉପଭୋଗ କରି ପାରନ୍ତି ନାହିଁ । ସୁନ୍ଦର ପଦାର୍ଥଟି କାହିଁକି ସୁନ୍ଦର, ତାହା ବୁଝି ପାରିବା, ଅନ୍ୟାନ୍ୟ ସୁନ୍ଦର ବସ୍ତୁ ସଙ୍ଗେ ତୁଳନା କରି ତାହାକୁ ତାହାର ଯଥାଯୋଗ୍ୟ ସ୍ଥାନ ଦେବା, ଗୋଟିଏ ସୁନ୍ଦର ବସ୍ତୁ ଦେଖି ତଦନୁରୂପ ଦଶଟା ସୁନ୍ଦର ବସ୍ତୁର ସ୍ମରଣ କରିବା କଣ ସମସ୍ତଙ୍କର ସାଧ୍ୟ ? କଳ୍ପନା ଅଳ୍ପାଧିକ ପରିମାଣରେ ସମସ୍ତଙ୍କଠାରେ ଅଛି । ଉନ୍ମାଦଗ୍ରସ୍ତ ଲୋକର କଳ୍ପନାଶକ୍ତି ଅତି ପ୍ରବଳ । ଏପରି ଅବସ୍ଥାରେ କେବଳ କଳ୍ପନାଦ୍ୱାରା ପ୍ରକୃତ କବିତ୍ୱ ବର୍ଣ୍ଣିତ ହୁଏ ନାହିଁ । କଳ୍ପନା ସୁମାର୍ଜିତ, ସୁଶିକ୍ଷିତ ଓ ଉଚ୍ଚଶ୍ରେଣୀୟ ହେବା ଆବଶ୍ୟକ ଏବଂ ତାହାକୁ ଯଥାଯଥ ପଥରେ ନିୟୋଗ କରିବାପାଇଁ ବୁଦ୍ଧି ଓ ରୁଚିର ପ୍ରଖରତା ପ୍ରୟୋଜନୀୟ । ଅନ୍ୟଥା କବିତାକୁ କବିତା ଆଖ୍ୟା ଦେବାକୁ ବା ଲେଖକକୁ କବି ଆଖ୍ୟା ଦେବାକୁ ଆମ୍ଭେମାନେ କୁଣ୍ଠିତ । ଚମ୍ପୂର ପ୍ରତ୍ୟେକ ପଂକ୍ତିରେ କବି ଏହି ବିଶେଷତ୍ୱକୁ କିପରି ଅକ୍ଷୁଣ୍ଣ ରଖିଅଛନ୍ତି, ତାହା ଚମ୍ପୂର ପାଠକମାନଙ୍କେ ଉତ୍ତମରୂପେ ଜାଣନ୍ତି ।

ନଦୀ, ପର୍ବତ, ବନ, ସାଗର, ମେଘ ପ୍ରଭୃତି ପ୍ରକୃତିର ରମଣୀୟ ବସ୍ତୁକୁ କଳ୍ପନା, ଛଟା, ଅଳଙ୍କାରବିନ୍ୟାସଦ୍ୱାରା ମାନସଲୋଚନର ଗୋଚରୀଭୂତ କରିବା ଏକପ୍ରକାର କବିଙ୍କର କାର୍ଯ୍ୟ । ଅନ୍ୟ କବିମାନେ ନିଜ ପ୍ରାଣ ମଧ୍ୟରେ ଏବଂ ମାନବପ୍ରକୃତିର ଅନ୍ତଃସ୍ଥଳରେ ପ୍ରବେଶ କରି ତାହାକୁ ଯଥାଯଥଭାବରେ ପ୍ରକାଶ କରିବାର କ୍ଷମତା ଲାଭ କରିଥାନ୍ତି । ଆମ୍ଭମାନଙ୍କ ମତରେ ଶେଷୋକ୍ତ ଶ୍ରେଣୀର କବିମାନେହିଁ ପ୍ରକୃତ କବିପଦବାଚ୍ୟ । କେବଳ

ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ଯାଇଥିଲେ ଆଜି କାଳିଦାସ, ଭବଭୂତି ଭାରତର ଆଦର୍ଶ କବି ହୋଇ ନ ଥାନ୍ତେ । ମନୁଷ୍ୟ ପ୍ରକୃତିକୁ ସ୍ୱଭାବସୁନ୍ଦରରୂପରେ ଚିତ୍ର କରିଥିବାରୁ ଆଜି ସେମାନେ କବିକୁଳର ଆଦର୍ଶ । ବର୍ଣ୍ଣନୀୟ ନାୟକନାୟିକାଙ୍କ ମର୍ମସ୍ଥଳରେ ପ୍ରବେଶ କରିବାକୁ କବି ଯେଉଁ କଳ୍ପନାସୋପାନ ଅନ୍ୱେଷଣ କରନ୍ତି, ତାହାହିଁ କବିଙ୍କର କବିତ୍ୱ । ତେଣୁ ଯେ ପ୍ରାଣ ମଧ୍ୟରେ ପ୍ରବେଶ କରି ପାରିଅଛନ୍ତି, ସେ ସ୍ୱାଭାବିକ କବି । କାରଣ ଯେ ମିଛ କହେ ତାହାକୁ ଦଶଟା କଥା ଯୋଡ଼ଯାଡ଼ କରିବାକୁ ପଡ଼େ; ଯେ ସତ କହେ, ତାକୁ ଗୋଟିଏ କଥାରୁ ବେଶି କହିବାକୁ ପଡ଼େ ନାହିଁ । ସେହିପରି ଯେ ଅନୁଭବ କରି କହନ୍ତି, ସେ ଅଳ୍ପ କଥାରେ ବେଶ୍ କହି ପାରନ୍ତି, ଅଥଚ ଯେ ଅନୁଭବ ନ କରି କହନ୍ତି, ସେ କୋଡ଼ିଏ କଥା କହନ୍ତି; କିନ୍ତୁ ଏତେଗୁଡ଼ାଏ କଥାର ଭାବ ପ୍ରାଣକୁ ସ୍ପର୍ଶ କରେ ନାହିଁ । କବି ବଳଦେବ ରାଧାକୃଷ୍ଣ ମିଳନକୁ ଯେ ଭାବରେ ବର୍ଣ୍ଣନା କରିଅଛନ୍ତି, ତାର ବିଷୟରଚନା (plot) ଅତି ସହଜ ଓ ସ୍ୱଭାବ ସଙ୍ଗତ । ଅଳ୍ପ କଥାରେ ସେ ଯାହା ପ୍ରକାଶ କରିଅଛନ୍ତି, ଅନେକ ବଡ଼ ବଡ଼ କବିଙ୍କ ବିସ୍ତାରିତ ରଚନାରେ ଆମ୍ଭେମାନେ ତାହା ଦେଖି ନାହୁଁ ।

ବଳଦେବ ପ୍ରାଚୀନ ଯୁଗର କବି; ସୁତରାଂ କାଳୋଚିତ ରୁଚିର ବଶବର୍ତ୍ତୀ ହୋଇ ତାଙ୍କୁ ଅନେକ ସ୍ଥାନରେ ଶୃଙ୍ଗାରରସର ବର୍ଣ୍ଣନା କରିବାକୁ ପଡ଼ିଅଛି । କିନ୍ତୁ ଚମ୍ପୂକାବ୍ୟ ରାଧାକୃଷ୍ଣଙ୍କ କେଳିବର୍ଣ୍ଣନା ହେଲେହେଁ ସେଥିରେ ସେ ଅତି ସାବଧାନତା ସହିତ ମୁଖ୍ୟ ଶୃଙ୍ଗାରକୁ ଗୁଣୀଭୂତ କରି କରୁଣକୁ ଅଙ୍ଗୀ ରସରୂପେ ଗ୍ରହଣ କରିଅଛନ୍ତି । ତେଣୁ ତାହାର ପାଠରେ ଆଧୁନିକ ମାର୍ଜିତ ରୁଚିର ଶିକ୍ଷିତମାନେ ନାସିକା କୁଞ୍ଚନ କରିବାକୁ ଅବସର ପାଆନ୍ତି ନାହିଁ । ଏହି ସବୁ ବିଶେଷତ୍ୱ ଥିବାରୁ ଚମ୍ପୂ ଅଲକ୍ଷିତଭାବରେ ଏ ଦେଶର କି ଶିକ୍ଷିତ କି ଅଶିକ୍ଷିତ ସମସ୍ତଙ୍କ ହୃଦୟ ହରଣ କରିଅଛି । ଅଶିକ୍ଷିତ ସମାଜରେ ଏହାର ପ୍ରଭାବ ଏତେ ବେଶି ଯେ, ଚମ୍ପୂ-ସଙ୍ଗୀତ ବୋଲି ଜାଣୁ ନ ଥିବା ଗ୍ରାମ୍ୟ ଯାତ୍ରାଦଳ ମଧ୍ୟ ପ୍ରାୟ ସର୍ବତ୍ର ଅନାଦୃତ ହୁଅନ୍ତି । ଏଠାରେ ଆହୁରି ଗୋଟିଏ କଥା କହି ରଖିବା ଉଚିତ ଯେ ଚମ୍ପୂରେ ବ୍ୟବହୃତ ବୃତ୍ତମାନ ସମ୍ପୂର୍ଣ୍ଣରୂପେ ଉତ୍କଳଦେଶୀୟ ଅବିମିଶ୍ର ରାଗ ଓ ନାୟକନାୟିକାମାନଙ୍କ ମୁଖରେ ସ୍ୱଭାବସଙ୍ଗତରୂପେ ବିନ୍ୟସ୍ତ । କେଉଁ ବୃତ୍ତରେ କେଉଁ ଭାବ ଉଦ୍‌ବୋଧିତ ହେବ, ତାହା ବହୁ ଗବେଷଣା ଓ ବହୁଦର୍ଶିତାଦ୍ୱାରା ଜଣାପଡ଼େ । ଏ ବିଷୟରେ ବଳଦେବଙ୍କର ଅସାଧାରଣ ଶକ୍ତିମତ୍ତା ଦେଖି ଅମ୍ଭେମାନେ ବିସ୍ମିତ ହୋଇଅଛୁଁ ।

ବଳଦେବ ଅସାଧାରଣ ପ୍ରତିଭାସମ୍ପନ୍ନ କବି ଓ ତାଙ୍କ ରଚନାବଳୀ ମଧ୍ୟରେ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ସର୍ବଶ୍ରେଷ୍ଠ । ଏଭଳି ଅବସ୍ଥାରେ ତାକୁ ଆଲୋଚନା

କରି ପାଠକ ସମାଜରେ ତାହାର ସୌନ୍ଦର୍ଯ୍ୟ ଦେଖାଇ ଦେବା ଆମ୍ଭମାନଙ୍କ ଭଳି ପଲ୍ଲବଗ୍ରାହୀଙ୍କ ପକ୍ଷରେ ଧୃଷ୍ଟତା ଛଡ଼ା ଆଉ କିଛି ନୁହେ । ତଥାପି ଏ ପର୍ଯ୍ୟନ୍ତ ଉତ୍କଳରେ କେହି ସେ ବିଷୟର ଲେଖଣୀ ଚାଳନା କରି ନ ଥିବାରୁ ଆମ୍ଭେମାନେ ସ୍ୱୀୟ କ୍ଷୁଦ୍ର ଶକ୍ତିରେ ସେ ସମ୍ବନ୍ଧରେ ଦୁଇ ଚାରି କଥା କହିବାକୁ ଅଗ୍ରସର ହେଉଅଛୁଁ । ଏହି କାବ୍ୟର ନାୟକ ଶ୍ରୀକୃଷ୍ଣ, ନାୟିକା ଶ୍ରୀରାଧିକା, ଦୂତୀ ଲଳିତା । ସମଗ୍ର କାବ୍ୟଖଣ୍ଡି ଏମାନଙ୍କ ଦ୍ୱାରା ପ୍ରଯୁକ୍ତ । ଗ୍ରନ୍ଥର ଉପକ୍ରମଣିକାରେ କବି ପ୍ରଥମେ ଶିଷ୍ଟାଚାରପଦ୍ଧତି ଅନୁସରଣ କରି ପରମପୁରୁଷ ଶ୍ରୀଭଗବାନ୍ ଶ୍ରୀକୃଷ୍ଣଙ୍କ ଦୟାଳୁତା, ସ୍ୱଜନବାତ୍ସଲ୍ୟ ବର୍ଣ୍ଣନା କରି ନିର୍ବିଘ୍ନରେ ଗ୍ରନ୍ଥ ସମାପ୍ତି ନିମିତ୍ତ ତାଙ୍କର କରୁଣାପ୍ରାର୍ଥୀ ହୋଇଅଛନ୍ତି । ଦ୍ୱିତୀୟ ଶ୍ଳୋକରେ ନିଜର ଅହଙ୍କାର ପରିହାର ନିମିତ୍ତ କହୁଅଛନ୍ତି:—

କ୍ୱ ବସ୍ତୁ ଫଣିଠାନଠା ଚରଣଲମ୍ବୋଽଘ୍ରିଦ୍ୱୟଂ
ମହଃ କ୍ୱ ଚ ଲସନ୍ମହାରଜତଜାତଜୈତ୍ରଂ ପୁନଃ ।
ତୟୋଃ କ୍ୱ ଘଟନାବିଧୌ କବନକଳ୍ପନଂ ସ୍ଥୂଳଧୀ—
ରହଂ କ୍ୱ ଚ କଥଂ ହଠାଦୁଦିତମୀଦୃଶଂ ସାହସଂ ।

ଅର୍ଥାତ୍ କାଳୀୟ ସର୍ପର ଫଣାରେ ଯାହାଙ୍କ ଚରଣଦ୍ୱୟ ନୃତ୍ୟପଟୁ, ସେହି ପରମ ପୁରୁଷ ଭଗବାନ୍ ଶ୍ରୀକୃଷ୍ଣ କେଉଁଠାରେ ? କାଞ୍ଚନ ତେଜ ଅପେକ୍ଷା ଅଧିକତର ଦୀପ୍ତିମନ୍ତ ଶ୍ରୀରାଧାଖ୍ୟ ଜ୍ୟୋତି ବା କେଉଁଠାରେ ? ସେ ଦୁହିଙ୍କ ମିଳନ ବିଷୟରେ କଳ୍ପନା ବା କେଉଁଠାରେ ? କ୍ଷୀଣବୁଦ୍ଧି ମୁଁ ବା କାହିଁ ? କାହିଁକି ମୋର ଏ ଦୁଃସାହସ ଜାତ ହେଲା ?

ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ, କବି କାବ୍ୟବର୍ଣ୍ଣିତ ନାୟକନାୟିକାଙ୍କୁ କାମୁକ-କାମୁକୀରୂପେ ମିଳିତ କରିବାକୁ ଯାଉ ନାହାନ୍ତି । ସେ ଯାଉଅଛନ୍ତି ପ୍ରକୃତିପୁରୁଷରୂପୀ ମହୋଜ୍ଜ୍ୱଳ ତେଜୋଦ୍ୱୟର ମିଳନବର୍ଣ୍ଣନା କରିବାକୁ । ତହିଁରେ ପୁଣି ନିଜ ବ୍ୟକ୍ତିତ୍ୱର କି ଅକିଞ୍ଚନତା ? ଏହାର ଅନୁବର୍ତ୍ତୀ ଗଦ୍ୟାଂଶର ଭାବ ମଧ୍ୟ ଅହୁଚି ମନୋହର । ଇନ୍ଦ୍ରନୀଳମଣିକାନ୍ତି ସଙ୍ଗେ କାଞ୍ଚନକାନ୍ତିର ମିଳନ ଘଟନା । କବିଙ୍କ ରାଧିକା ପ୍ରକୃତିରୂପିଣୀ । ତାଙ୍କ ପିତା ବୃଷଭାନୁ ମାର୍ତ୍ତଣ୍ଡଙ୍କ ଅବତାର । ସୂର୍ଯ୍ୟ ପ୍ରକୃତିକୁ କନ୍ୟାରୂପେ ପାଇବେ ବୋଲି ବହୁକାଳ କଠୋର ତପସ୍ୟାରେ ନିଯୁକ୍ତ ଥିଲେ । ଶ୍ରୀକୃଷ୍ଣଙ୍କ ମର୍ତ୍ତ୍ୟଲୀଳା ବେଳେ ଗୋପପୁରରେ ବୃଷଭାନୁରୂପରେ ସେ ଜନ୍ମଗ୍ରହଣ କରି ପ୍ରକୃତିକୁ କନ୍ୟାରୂପେ ପାଇଥିଲେ । ସେହି ପ୍ରକୃତିରୂପିଣୀ ରାଧାଙ୍କ ସଙ୍ଗେ ପୁରୁଷଙ୍କ ମିଳନବର୍ଣ୍ଣନା ଗ୍ରନ୍ଥର ପ୍ରତିପାଦ୍ୟ ବିଷୟ । ଏହିପରି ଉପକ୍ରମଣିକା ପରେ କବି ପ୍ରଥମେ ରାଧିକାଙ୍କ ମୁଖରେ ଗଭୀର କୃଷ୍ଣାନୁରକ୍ତି ପ୍ରକାଶ

କରିବାକୁ ଯାଇଅଛନ୍ତି । "କି ହେଲାରେ—କହି ତ ନୁହେଁ ଭିତରି ରେ । କାଲି ଯା ଦୂରରୁ ଦେଖି, କଲନା କଲି ମୋ ଆଖି, କଲାଇନ୍ଦୀବର ଆରତି ରେ ।"

× × × ×

ବୈଷ୍ଣବଧର୍ମରେ ରାଧା ଶବ୍ଦର ପ୍ରକୃତାର୍ଥ ଆରାଧନାକାରିଣୀ, ସୁତରାଂ ଆରାଧ୍ୟ ଦେବତାଙ୍କ ପ୍ରତି ଆରାଧନାକାରିଣୀଙ୍କର ଆଦୌ ଅନୁରାଗସଞ୍ଚାର ଅତି ସ୍ୱାଭାବିକ୍ତ ଗତ; ତେଣୁ କବି ପ୍ରଥମେ ରାଧାଙ୍କ ଅନୁରାଗାତିଶଯ୍ୟର ଚିତ୍ର ଦେଇଅଛନ୍ତି । ଯେବେ ଏହି ଅନୁରାଗ ପ୍ରଥମେ କୃଷ୍ଣଙ୍କମୁଖରେ କବି ପ୍ରକାଶ କରିଥାଆନ୍ତେ, ତେବେ ସ୍ୱଭାବବିପର୍ଯ୍ୟୟ ହେତୁରୁ ଆମ୍ଭେମାନେ ଏହାକୁ କାମୁକତା ଦୋଷଯୁକ୍ତ କହିଥାଆନ୍ତୁ । ରାଧିକା ପ୍ରିୟସଖୀ ଲଳିତାକୁ ନିର୍ଜନରେ କହୁଅଛନ୍ତି—"ସଖି, କାଲି ମୁଁ ଯମୁନାକୁ ଯାଉ ଯାଉ ଅତର୍କିତଭାବରେ କେଳିକଦମ୍ବଲତାମୂଳରେ ମୂର୍ତ୍ତିମତୀ ଶ୍ୟାମଲତାର ତେଜ ଦେଖି ଏକାବେଳକେ ବିବେକଶୂନ୍ୟ ହୋଇଗଲି ଏବଂ ମନସିଜର ତୀବ୍ର ଶରାଘାତରେ ମୋର ଜ୍ଞାନ ବିବେକ ଲୁପ୍ତ ହୋଇଗଲା । ଗୁରୁଜନଙ୍କ ଭୟ, ଜାତି କୁଳଶୀଳ ସବୁ କଥା କ୍ଷଣକାଳ ମଧ୍ୟରେ ମୋ ମନରେ ପଡ଼ିଗଲା । ସଖି ! ଏହିପରି ଭାବିବା ବେଳେ ହଠାତ୍ ବିମୋହନ ବଂଶୀଧ୍ୱନି ମୋର ଶ୍ରବଣଗୋଚର ହେଲା । ସେହି ଶବ୍ଦ ଶୁଣିବାବେଳୁ ମୋର କ୍ଷୁଧାନିଦ୍ରା ବନ୍ଦ ହୋଇ ଗଲାଣି, ତେଣୁ ମୁଁ ଏକାନ୍ତ କଲବଲ ହୋଇ ଯାଉଅଛି ।" କଥାଗୁଡ଼ିକ କେଡ଼େ ସ୍ୱଭାବାନୁଗତ ! ମୂଳ କବିତାରେ ଏହି ଭାବଗୁଡ଼ିକ ଯେଉଁ ବିଚିତ୍ର ଶବ୍ଦ ଦ୍ୱାରା ପ୍ରକାଶିତ ହୋଇଅଛି, ତାହାର ପ୍ରତ୍ୟେକଟିକୁ ମଧ୍ୟ ଆଲୋଚନା କରାଯାଇ ପାରେ; ମାତ୍ର ତାହା ଏଠାରେ ଏକାନ୍ତ ଅସମ୍ଭବ ଦେଖି ଉପେକ୍ଷା କରିଗଲୁଁ ।

ଏହି କବିତାର ଅନୁବର୍ତ୍ତୀ ଶ୍ଳୋକ ଓ ସଂସ୍କୃତ ଗଦ୍ୟାଂଶରେ କୁହାଯାଇ ଅଛି, "ସଖି, ମୁଁ ଏକ ବିଚିତ୍ର ଶବ୍ଦ ଶୁଣି ଏବଂ ମୟୂରଚନ୍ଦ୍ରିକା ମୁକୁଟରୁ ବିନିର୍ଗତ ତେଜ ଦେଖି ଏକାନ୍ତ ଧୈର୍ଯ୍ୟହୀନ ହୋଇ ପଡ଼ିଅଛି ଏବଂ ଚତୁର୍ଦ୍ଦିଗରେ ଇନ୍ଦ୍ରନୀଳମଣି ତେଜ ନିରୀକ୍ଷଣ କରୁଅଛି ।" ଅତଏବ ଦେଖାଯାଉଅଛି ଯେ, ମୂଳ ସଙ୍ଗୀତରେ ଯେଉଁ ଭାବମାନ ବିନ୍ୟସ୍ତ ଅଛି, ତାହାର ଛାୟାମାତ୍ର ସଂସ୍କୃତ ଗଦ୍ୟ ଓ ପଦ୍ୟରେ ଗ୍ରହଣ କରାଯାଇଅଛି । ଅତଏବ ଏହି ଚମ୍ପୂରେ ଉତ୍କଳ ଭାଷାହିଁ ମୁଖ୍ୟ ଓ ସଂସ୍କୃତ ଗୌଣ ।

ବୁଦ୍ଧିମତୀ ଲଳିତା ରାଧିକାଙ୍କ ମୁଖରୁ ନିର୍ଜନରେ ଏହିପରି ବିସ୍ମୟ କରୁଣାପୂର୍ଣ୍ଣ ଗଭୀର ଅନୁରାଗ ଶ୍ରବଣ କରି ମନେ ମନେ ଅତି ଆନନ୍ଦିତ ହେଲେ କିନ୍ତୁ ସେହି ଅନୁରାଗର ପ୍ରକୃତି ଜାଣିବାପାଇଁ ତାଙ୍କର ଏପରି ଦୁଃସାହସିକତାକୁ ବାହାରେ ଧିକ୍କାର କରିବାରେ ଲାଗିଲେ । ଏ ଧିକ୍କାର ବଡ଼ ଗୁରୁତ୍ୱପୂର୍ଣ୍ଣ, ସାଧାରଣ ଧିକ୍କାର ପରି ନିରର୍ଥକ ନୁହେ । ରାଧିକାଙ୍କ କୃଷ୍ଣପ୍ରାପ୍ତି-ଅଭିଳାଷ

ବାମନର ଚନ୍ଦ୍ରମା ଧରିବା ଅଭିଳାଷ ପରି ଅନନ୍ତ ଦୁଃଖର ଉପକ୍ରମ; ଏହି ଗୋଟିଏ କଥାକୁ ଦୃଢ଼ରୂପେ ବୁଝାଇ ଦେବାପାଇଁ ଲଳିତା ଛଅଗୋଟି ଦୃଷ୍ଟାନ୍ତ ଅନ୍ୱେଷଣ କରିଅଛନ୍ତି । ପ୍ରତ୍ୟେକ ଦୃଷ୍ଟାନ୍ତ କିପରି ସ୍ୱଭାବସୁନ୍ଦରରୂପେ ବିନ୍ୟସ୍ତ, ଭାବିଲେ ଭାବୁକ ହଠାତ୍ ବିସ୍ମିତ ହୋଇଯାଏ । ଏଠାରେ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର "ଜ" ଗୀତଟି ପାଠ କରିବାପାଇଁ ପାଠକମାନଙ୍କୁ ଅନୁରୋଧ କରୁଅଛୁଁ ।

ଆମ୍ଭେମାନେ ପୂର୍ବେ କହିଅଛୁଁ, କେବଳ ପ୍ରତିଭାଶାଳୀ କବିମାନେହିଁ ଗୋଟିଏ କଥାକୁ ନାନା ଭାବରେ ଦୃଷ୍ଟାନ୍ତ ଦେଇ ବୁଝାଇ ପାରନ୍ତି । ଏ ସବୁ ସାଧାରଣ କବିଙ୍କ ଶକ୍ତିର ଅତୀତ । ଖରି ସ୍ପର୍ଶରେ ଯାହାର ଶ୍ରୀଅଙ୍ଗ ଝାଉଁଳି ପଡ଼େ, ସେ ମଧ୍ୟ ସୂର୍ଯ୍ୟଙ୍କୁ ଧରିବାପାଇଁ ସୂର୍ଯ୍ୟମଣ୍ଡଳକୁ ହାତ ବଢ଼ାଉଅଛି ! ଏହି ଗୋଟିଏ ଦୃଷ୍ଟାନ୍ତ ମଧ୍ୟରେ କେତେ ଗୂଢ଼ଭାବ ସଂଗୋପନ କରାଯାଇଅଛି, ଭାବିଲେ ଚିତ୍ତ ସ୍ତବ୍ଧ ହୋଇଯାଏ । ଏପରି ମଧୁର ଭର୍ତ୍ସନାରେ ନବାନୁରାଗ ସ୍ରୋତ ହଠାତ୍ ପ୍ରତିହତ ହୋଇଗଲା । ପ୍ରଣୟର ଗତି ପ୍ରତିରୁଦ୍ଧ ହେଲେ ପ୍ରଣୟୀହୃଦୟ କାରୁଣ୍ୟରସପୂର୍ଣ୍ଣ ହୋଇଯାଏ, ଏହା ଜୀବର ସ୍ୱଭାବସିଦ୍ଧ ଧର୍ମ । ରାଧିକା ଲଳିତାଙ୍କ ତିରସ୍କାରରେ ଏକାନ୍ତ ମ୍ରିୟମାଣ ହୋଇ ତାଙ୍କୁ ପୁନର୍ବାର କହିଲେ, "ସଖି, ଯାହା ହେବାର ହୋଇଗଲାଣି, ଏବେ କିପରି ତହିଁରୁ ରକ୍ଷାମିଳିବ, ଉପାୟ ନିର୍ଦ୍ଧାରଣ କରିଦିଅ । ଗୋଟିଏ ଅପାର୍ଥିବ ନୀଳ ଜ୍ୟୋତି ହଠାତ୍ ହୃଦୟରେ ପ୍ରବେଶ କରି ମୋ ବିବେକ ନଷ୍ଟ କରି ଦେଇଅଛି, ମୋର ବର୍ତ୍ତମାନ ହିତାହିତ ବିବେଚନା ଶକ୍ତି ନାହିଁ । ପେଟରେ ଶୂଳ ପ୍ରବେଶ କଲେ ଯେପରି ତଦ୍ଦ୍ୱାରା ହଠାତ୍ ପ୍ରାଣ-ନାଶ ହୁଏ ନାହିଁ, ପରନ୍ତୁ ଲୋକ ମତ୍ତ ଓ ବିବେକଶୂନ୍ୟ ହୋଇ ପଡ଼େ, ବର୍ତ୍ତମାନ ମୋର ଅବସ୍ଥା ସେହିପରି ହୋଇଅଛି ।" ରାଧିକାଙ୍କ ପ୍ରଣୟପ୍ରବଣ ହୃଦୟ ସଙ୍ଗେ ଗର୍ଭରେ ଶୂଳପ୍ରବେଶର ଦୃଷ୍ଟାନ୍ତ କବିଙ୍କ ମୌଳିକ ଚିନ୍ତା ପ୍ରସୂତ । ଏହିପରି କରୁଣୋକ୍ତିରେ ଲଳିତାଙ୍କ ଚିତ୍ତ ଦ୍ରବୀଭୂତ ହୋଇଗଲା । ସେ ଅପେକ୍ଷାକୃତ ସହାନୁଭୂତିସୂଚକ କଣ୍ଠରେ କହିଲେ, "ଦେଖ, ତୁମ୍ଭ ହାତରେ 'ଘଡ଼ି' ପର୍ଯ୍ୟନ୍ତ ଆଶ୍ରୟ ନାହିଁ, ଅଥଚ ତୁମ୍ଭେ ମହାସମୁଦ୍ର ସନ୍ତରଣ କରିବାକୁ ପ୍ରୟାସୀ ! ତୁମ୍ଭର ଏପରି ଅଭିଳାଷର କାରଣ ଆଦୌ ବୁଝାଯାଉ ନାହିଁ, ବୋଧ-ହୁଏ, ନୀଳ ଘନକୋଳରେ ବିଦ୍ୟୁତ୍‌ବିଳାସ ଦେଖି ତୁମ୍ଭର ଏହି ଅଭିଳାଷ ଜାତ ହୋଇଅଛି ।" କଥାଟି ଅତି ସରଳ, ମାତ୍ର ଭାବର ଗମ୍ଭୀରତାରେ ଏପରି ଉକ୍ତି ସାହିତ୍ୟରାଜ୍ୟରେ ସୁଲଭ ନୁହେ । ଯାହାହେଉ, ଶ୍ରୀମତୀଙ୍କ ଅଭିଳାଷ ପୂରଣ ଇଚ୍ଛାରେ ଦୂତୀ ଶ୍ରୀକୃଷ୍ଣଙ୍କ ସମୀପରେ ପ୍ରବେଶ କରି ପ୍ରଥମେ ନାଗରିକଜନୋଚିତ ବ୍ୟବହାରରେ ତାଙ୍କ ଶରୀର ମ୍ଳାନ ଓ ମୁଖଶୋଭା ନିସ୍ତେଜ ଦିଶୁଥିବାର କାରଣ ଜିଜ୍ଞାସା କଲେ, ବହୁଦିନ ପରେ ଅପ୍ରତ୍ୟାଶିତ ଭାବରେ ତାଙ୍କ ସଙ୍ଗରେ ଦେଖା ହେବାରୁ ଆନନ୍ଦ ପ୍ରକାଶ କରି ଶ୍ରୀକୃଷ୍ଣ ଉତ୍ତର କଲେ, "ନା, ମୋ ଦେହ ତ

ଭଲ ଅଛି, ମୁଁ ଆନନ୍ଦରେ କ୍ରୀଡ଼ା କରି ଗୋବତ୍ସଚାରଣ କରୁଅଛି ।' ଚତୁରୀ ଲଳିତା ଶ୍ରୀକୃଷ୍ଣଙ୍କ ଏହିପରି ଆତ୍ମଗୋପନରେ ନ ହସି ରହି ପାରିଲେ ନାହିଁ; ସେ ଏଥର ସ୍ପଷ୍ଟଭାବରେ କହିଲେ "ମୁଁ ଏବେ ବେଶ୍ ବୁଝୁଅଛି, ଅନ୍ତଃସନ୍ତାପହିଁ ତୁମ୍ଭର ଏହି କୈତବକୁଶଳତା-ଲତାର ଫଳ ହେବ । ପ୍ରକୃତ କଥା ମୋ ଆଗରେ ଗୋପନ କଲେ ତୁମ୍ଭର ଏହି କୁସୁମସୁକୁମାର ଶରୀର କ୍ରମେ କ୍ରମେ କ୍ଷୀଣ ହୋଇଯିବ ସିନା !" ଏଥିରେ କୃଷ୍ଣ ଆଉ ବିଳମ୍ବ ନ କରି ଆତ୍ମପ୍ରକାଶ କଲେ ଏବଂ କହିଲେ, "ସହଚରୀ ଲଳିତେ, ତୁମ୍ଭ ପାଖରେ ଲୁଚାଇ ରଖିବା ଉଚିତ ନୁହେ ଭାବି ମୁଁ କହୁଅଛି—ଇନ୍ଦ୍ରନୀଳମଣି ସୌଧର ବାତାୟନପଥରେ ଦିନେ ଗୋଟିଏ ବିଚିତ୍ର ବସ୍ତୁ ମୋର ନେତ୍ରାତିଥି ହେଲା, ସେହି ଦିନଠାରୁ ମୁଁ ଏହିପରି ଅଧିଗ୍ରସ୍ତ । ଆଉ ବିଶେଷ କଥା ମୁଁ କଣ କହିବି ?" ଏଥର ଶ୍ରୀକୃଷ୍ଣଙ୍କୁ କରଗତ କରିବା ସହଜସାଧ୍ୟ ମନେକରି ଲଳିତା ବାକ୍‌ଚାତୁରୀ ବାଗୁରୀ ବିସ୍ତାର କରିବାରେ ଲାଗିଲେ, "କେଶବ, କ୍ଷୁଧାର୍ତ୍ତ ଲୋକ କେବେ ପୂର୍ଣ୍ଣିମାଚନ୍ଦ୍ରରୁ ସୁଧା ସଂଗ୍ରହ କରି ତଦ୍ୱାରା କ୍ଷୁନ୍ନିବୃତ୍ତି କରିବାକୁ ଅଭିଳାଷ କରେ କି ? ମୋ ମତରେ ତୁମ୍ଭେ କଷ୍ଟସ୍ୱ ଦୁରାଶାଗ୍ରସ୍ତ ହୋଇଅଛ; ଆମ୍ଭେମାନେ ଲୂତା-ତନ୍ତୁ-ଜାଲରେ ବରଂ ସିଂହକୁ ବନ୍ଧନ କରି ପାରିବୁଁ, କିନ୍ତୁ କେବେହେଁ ରାଧିକାଙ୍କୁ କରଗତ କରି ପାରିବୁଁ ନାହିଁ ।" ଏଥିରେ ଶ୍ରୀକୃଷ୍ଣ ଏକାନ୍ତ କାତର ହୋଇ କରୁଣକଣ୍ଠରେ ପୁନର୍ବାର ଲଳିତାଙ୍କୁ କହିଲେ, "ସଖି, ସୁଖସୌଧ-ଶିଖରରେ ଯେଉଁ ଲୋକ ବିଳାସ କରିବାକୁ ସାହସ ବାନ୍ଧିଅଛି, ତୁ ଏକାନ୍ତ ନିର୍ଦ୍ଦୟ ହୋଇ ତହିଁରୁ ଆଶ୍ରୟ-ନିଃଶ୍ରେଣୀଟିକୁ ଅପହରଣ କଲେ ଚଳିବଟି ?" ଏହି ବିକଳ ପ୍ରାର୍ଥନାରେ ଲଳିତା ଟିକିଏ ଦୟାର୍ଦ୍ର ହୋଇ କହିଲେ, "ଦେଖ, ଶ୍ରୀକୃଷ୍ଣ ! ତୁମ୍ଭଙ୍କୁ ବିଶ୍ୱାସ କରିଯାଇ ନ ପାରେ, ମୋତେ ଠେକାଠେକି କଲେ ତୁମ୍ଭର ଅଭିଳାଷ ପୂର୍ଣ୍ଣ ହେବ ସତ୍ୟ, ମାତ୍ର ଆମ୍ଭ ସଖୀ ଶେଷରେ ଗୁରୁଜନମାନଙ୍କ ଦାରୁଣ ଯନ୍ତ୍ରଣା ସହି ନ ପାରି ପ୍ରାଣତ୍ୟାଗ କରିବ ।" ଏହିପରି ନାନା ଭାବରେ ଶ୍ରୀକୃଷ୍ଣ ଅନୁରାଗର ପ୍ରକୃତତତ୍ତ୍ୱ ହୃଦୟଙ୍ଗମ କରି ଏବଂ ବିଚିତ୍ର କୌଶଳରେ ସେହି ଅନୁରାଗକୁ ଶତଗୁଣିତ କରି ଶେଷରେ ଲଳିତା ଶ୍ରୀମତୀଙ୍କୁ ଅନୁରାଗିଣୀ କରାଇବେ ବୋଲି ଆଶା ଦେଇ ଶ୍ରୀମତୀଙ୍କ ପାଖକୁ ଫେରିଗଲେ ଏବଂ ସେଠାରେ ସମ୍ବାଦ ଦେଲେ, "ସଖି, ଶ୍ରୀକୃଷ୍ଣ ମୋତେ ଏପରି ଅପମାନିତ କଲେ ଯେ, ମୁଁ ଆଉ ଯମୁନାକୂଳକୁ ଜୀବନ ଥିବାଯାଏ ଯିବି ନାହିଁ; ଦାନ୍ତରେ କୁଟା ପର୍ଯ୍ୟନ୍ତ ଧରି ତାଙ୍କୁ ତୋ ପ୍ରତି ଅନୁରକ୍ତ କରାଇବାକୁ ଚେଷ୍ଟା କଲି, ମାତ୍ର ମୋର ସମଗ୍ର ଚେଷ୍ଟା ବ୍ୟର୍ଥ ହେଲା ।" ଏହା ଶୁଣି ଶୁଣି ରାଧିକା ଏକାନ୍ତ କାତର ହୋଇପଡ଼ି କହିଲେ—

"ଥାପିରେ କହ ତଥାପି ରେ ପ୍ରିୟସଖି ! ଥିବ କି ଛାଡ଼ିବ ପ୍ରାଣ" ।

( ଚମ୍ପୂ 'ଥ' ଗୀତ )

ଏହି ମର୍ମସ୍ପର୍ଶୀ କରୁଣୋକ୍ତିରେ ଲଳିତା ବିଚଳିତ ହୋଇଗଲେ ଏବଂ ଏକାନ୍ତ ପ୍ରବୋଧ ସହି କହିଲେ, "ସଖି, ତୋର ଧୈର୍ଯ୍ୟ ପରୀକ୍ଷା କରିବାକୁ ମୁଁ ମିଛ ଏପରି କହୁଥିଲି, ପ୍ରକୃତରେ ଶ୍ରୀକୃଷ୍ଣ ତୋ ପ୍ରଣୟଲିପ୍‌ସାରେ ଏକାନ୍ତ କ୍ଷୀଣ ହୋଇ ଗଲେଣି, ତାଙ୍କର ଇନ୍ଦ୍ରନୀଳ-ଦ୍ୟୁତିବର୍ଣ୍ଣିଷ୍ଠ ମନୋହର ଶରୀର ବର୍ତ୍ତମାନ ତୋ ଚିନ୍ତାରେ ଦ୍ୱିତୀୟାଚନ୍ଦ୍ର ପରି କ୍ଷୀଣକାନ୍ତି ଦିଶୁଅଛି । ବନପ୍ରିୟ ପୁଷ୍ପିତ ଚୂତମଞ୍ଜରୀକୁ, ଭ୍ରମର ପଦ୍ମିନୀକୁ, ଚକୋର ଚନ୍ଦ୍ରିକାକୁ, ଚାତକ ନବମେଘମାଳାକୁ ସ୍ମରଣ କଲା ପରି ସେ ଅନନ୍ୟଗତିକ ହୋଇ ତୋତେ ସ୍ମରଣ କରୁଅଛନ୍ତି ।" ରାଧା ଆନନ୍ଦରେ ଅଧୀର ହୋଇ କୃତଜ୍ଞତା ଜ୍ଞାପନ କଲେ । ଅନନ୍ତର ସେହି ଚନ୍ଦ୍ରିକା-ଧୌତ ରଜନୀରେ ଲଳିତା ବଂଶୀସ୍ୱନ ଶ୍ରବଣବ୍ୟାଜରେ ଶ୍ରୀମତୀଙ୍କୁ ଯମୁନାତୀରବର୍ତ୍ତୀ କୁଞ୍ଜ ଆଡ଼କୁ ଘେନିଗଲେ । ଅଦୂରରେ ବଂଶୀସ୍ୱନ ମାଧୁରୀ ଶ୍ରବଣ କରୁଁ କରୁଁ ଶ୍ରୀକୃଷ୍ଣଙ୍କ ତ୍ରିଭଙ୍ଗ ମୂର୍ତ୍ତିରେ ଶ୍ରୀମତୀ ଦୃଷ୍ଟିପାତ କଲେ । ଲଳିତା ସେହି ମୋହନ ମୂର୍ତ୍ତିର ମାଧୁରୀ ବର୍ଣ୍ଣନ କରି ପୁଷ୍ପାବଚୟନବ୍ୟାଜରେ ଏହି ସମୟରେ ଆପଣାକୁ ହରିଙ୍କର ନୟନଗୋଚରୀଭୂତ କରି ଦୂରକୁ ପ୍ରସ୍ଥାନ କଲେ । ଶ୍ରୀରାଧିକାଙ୍କ ଶରୀରସୌରଭରେ ଆକୃଷ୍ଟ ହୋଇ ଅଳିକୁଳ ମଧୁର ସଙ୍ଗୀତ ଆରମ୍ଭ କରିଦେଲେ । କବି ଏହିଠାରେ ତାଙ୍କ ଅଭିଳଷିତ ପ୍ରକୃତି-ପୁରୁଷର ମିଳନ ବର୍ଣ୍ଣନା କରିବାକୁ ଯାଇ କହି ଗାଇଲେ—

"ମଧୁରେ । ମନ୍ଦ ମନ୍ଦ ହୋଇ ଗନ୍ଧ ପ୍ରସରିଲା
କଦମ୍ବନିକୁଞ୍ଜ ସୀମାରେ ।"
( ଚମ୍ପୂ 'ମ' ଗୀତ )

ଏହି କବିତାରେ କବି ସ୍ୱୀୟ ଅସାଧାରଣ ଶକ୍ତିମତ୍ତା ଦ୍ୱାରା ମିଳନର ଯେଉଁ ମନୋହର ଚିତ୍ର ଦେଇଅଛନ୍ତି, ଅନ୍ୟତ୍ର ତାହାର ପଟାନ୍ତର ଦେଖାଯାଏ ନାହିଁ । ପ୍ରକୃତି-ପୁରୁଷର ମିଳନରେ ଅକସ୍ମାତ୍ ବସନ୍ତର ଆବିର୍ଭାବବର୍ଣ୍ଣନା ଅତି ଅଳ୍ପ କଥାରେ କେଡ଼େ ସୁନ୍ଦରରୂପେ ବ୍ୟକ୍ତ ହୋଇଅଛି । ମହାକବି କାଳିଦାସ ହର-ପାର୍ବତୀଙ୍କ ମିଳନବର୍ଣ୍ଣନା ପ୍ରସଙ୍ଗରେ କୁମାରସମ୍ଭବ କାବ୍ୟରେ ଠିକ୍ ଏହିପରି ଅକସ୍ମାତ୍‌କ ବସନ୍ତ ଋତୁର ବର୍ଣ୍ଣନା କରିଅଛନ୍ତି । "ମିଳିଲା ଶ୍ୟାମ ଗଉର ଦୁଇ ମନ୍ଦ" ଏହାହିଁ କବି ମଙ୍ଗଳାଚରଣ ଶ୍ଳୋକରେ ବର୍ଣ୍ଣନାର ମୁଖ୍ୟ ବିଷୟରୂପେ ନିର୍ଦ୍ଦେଶ କରିଥିଲେ । "ମାନସ ଅଙ୍ଗଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ, ମଉଳିଗଲା ଶେଷ ସାତ୍ତ୍ୱିକ ମୁଡ଼ନୟନସଂଖ୍ୟକଯାକ ମଜ୍ଜାଇ ଦେଲା ଦୁହିଙ୍କ ମନ ମହାମୋଦ ପ୍ରବାହ ।" ସ୍ନେହାଧିକ୍ୟବଶତଃ ଶରୀରଗତ ଓ ମାନସଗତ ପ୍ରଭେଦ ଭାଙ୍ଗିଗଲା । ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ଏହି ଆଠୋଟି ସାତ୍ତ୍ୱିକ ବିକାର ମଧ୍ୟରୁ ମିଳନରେ ମୁଡ଼ନୟନସଂଖ୍ୟକ ଅର୍ଥାତ୍ ଶେଷ ତିନିଗୋଟି ମଳିନ ହୋଇଯାଏ, କେବଳ ପ୍ରଥମ ପାଞ୍ଚଗୋଟି ରହେ ଅର୍ଥାତ୍ ସ୍ତ୍ରିଲ

ଓ ରୋମାଞ୍ଚିତ ଶରୀର ସ୍ତବ୍ଧ ହୋଇଯାଏ; ଦେହ ଥରେ ଓ ଭଙ୍ଗା ଭଙ୍ଗା ସ୍ୱରରେ କଥା ବାହାରେ । ମାନବପ୍ରକୃତିର ଏହି ବିଚିତ୍ର ରହସ୍ୟ ଏତେ ଅଳ୍ପ କଥାରେ ପ୍ରକାଶ କରିବା କିପରି ଶକ୍ତିମତ୍ତାର ପରିଚାୟକ, ସହଜରେ ଜଣାଯିବ । ମିଳନ ପରେ ଶ୍ରୀକୃଷ୍ଣଙ୍କ ସଙ୍ଗେ ଶ୍ରୀମତୀଙ୍କ ଆଳାପ, ସଖା ଓ ସଖୀମାନଙ୍କ ରହସ୍ୟମୟ ଉକ୍ତିପ୍ରତ୍ୟୁକ୍ତି ଏବଂ ଶେଷରେ ପ୍ରାର୍ଥନା ଦ୍ୱାରା କାବ୍ୟଟି ସାଙ୍ଗ ହୋଇଅଛି ।

ଏହାହିଁ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ଅତି ସଂକ୍ଷିପ୍ତ ବିଷୟ୍ୱଚିତ୍ର (plot) । କବି ଏପରି ସାବଧାନତା ଓ କୌଶଳ ସହକାରେ ଏହା ରଚନା କରିଅଛନ୍ତି ଯେ, ସାଧାରଣ ଭାଷାରେ ସମଗ୍ର ବର୍ଣ୍ଣନାକୁ ପ୍ରକାଶ କରିବାକୁ ଗଲେ ତାହା ଗୋଟିଏ ବଡ଼ ଗ୍ରନ୍ଥରେ ପରିଣତ ହେବ । ସରଳ ଅଥଚ ସଂକ୍ଷିପ୍ତ ଭାଷାରେ ରଚନା ଭାବଗର୍ଭକ ହେଲେ ତାହାକୁହିଁ ପାଣ୍ଡିତ୍ୟର ନିଦର୍ଶନ କହନ୍ତି । କେତେ ଆଲୋଚନା ଓ କେତେ ଗବେଷଣାରେ ଯେ ଏଭଳି ଶକ୍ତି ଲାଭ କରାଯାଏ, ତାହା ଅନୁଭବ ନ କରିଥିବା ଲୋକ ସହଜରେ ବୁଝି ପାରିବ ନାହିଁ । ସ୍ଥୂଳରେ କହିବାକୁ ଗଲେ— କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଭଳି ଉଚ୍ଚାଙ୍ଗ ସାହିତ୍ୟଗ୍ରନ୍ଥ କି ଆଧୁନିକ କି ପ୍ରାଚୀନ ଉତ୍କଳ ସାହିତ୍ୟରାଜ୍ୟରେ ଏକାନ୍ତ ଦୁର୍ଲଭ । ଏହି ଚମ୍ପୂ ରଚନାରେ ମହାକବି ଶ୍ରୀଜୟଦେବ ଗୋସ୍ୱାମୀଙ୍କ ଗୀତଗୋବିନ୍ଦହିଁ କବିଙ୍କ ଆଦର୍ଶ; ମାତ୍ର ଗୀତଗୋବିନ୍ଦର ବିଷୟ୍ୱଚିତ୍ରକୁ କବି ଉପେକ୍ଷା କରି ଏଥିରେ ସମ୍ପୂର୍ଣ୍ଣ ନୂତନ ଚିତ୍ର ଅଙ୍କନ କରିଅଛନ୍ତି । ପ୍ରଥମେ ଜୟଦେବ ଗୋସ୍ୱାମୀ ବସନ୍ତ ସମାଗମରେ ରାଧାଙ୍କର ବିରହବର୍ଣ୍ଣନା କରି ସଖୀମୁଖରେ ବସନ୍ତବର୍ଣ୍ଣନା ଛଳରେ ସେହି ବିରହର ଉଦ୍ଦୀପନା କରିଅଛନ୍ତି ଏବଂ ଶ୍ରୀକୃଷ୍ଣଙ୍କୁ ବହୁଯୁବତୀପତିରୂପେ ନିର୍ଦ୍ଦେଶ କରି ରାଧିକାଙ୍କୁ ତାହାଙ୍କୁ ଅନୁସରଣ କରିବାକୁ ଉପଦେଶ ଦେଇଅଛନ୍ତି । ଏହିପରି ଅସଂଶ୍ଳିଷ୍ଟଭାବରେ ରାଧାଙ୍କ ବିରହ, ଶ୍ରୀକୃଷ୍ଣଙ୍କ ବିରହ, ଦୂତୀକର୍ତ୍ତୃକ ଉଭୟଙ୍କର ବିରହବର୍ଣ୍ଣନା, କୃଷ୍ଣଙ୍କର କୁଞ୍ଜପ୍ରତି ଅଗମନ, ପ୍ରତ୍ୟାବର୍ତ୍ତନ, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା ରୂପେ ରାଧାଙ୍କର ବର୍ଣ୍ଣନା ପ୍ରଭୃତି ବର୍ଣ୍ଣିତ ହୋଇଅଛି । ସ୍ଥୂଳରେ ପ୍ରେମିକକବି ଜୟଦେବ ରାଧାକୃଷ୍ଣଙ୍କ ଚରିତ୍ରରେ କୌଣସି ବିଶିଷ୍ଟ ଚିତ୍ର ଅଙ୍କନ କରି ଯାଇ ନାହାନ୍ତି । ଗୀତଗୋବିନ୍ଦର ବିଷୟ ଚିତ୍ର ବୈଷ୍ଣବସମ୍ପ୍ରଦାୟର ରୁଚିର ଅନୁକୂଳ ହେଲେହେଁ ସାଧାରଣ ଲୋକଶିକ୍ଷାର ଯେ ସୀମା ସ୍ପର୍ଶ କରି ନାହିଁ, ଏହା କହିବା ଅତ୍ୟୁକ୍ତି ମାତ୍ର; ପରନ୍ତୁ ଜୟଦେବ ରାଧାକୃଷ୍ଣଙ୍କଠାରେ ଦେବତ୍ୱ ଆରୋପ କରିବାଦ୍ୱାରା ମାନବିକତାକୁ ସମ୍ପୂର୍ଣ୍ଣରୂପେ ବିସର୍ଜନ କରିଅଛନ୍ତି ଏବଂ ପବିତ୍ର ଓ ଆଦର୍ଶ ଶ୍ରୀକୃଷ୍ଣଚରିତ୍ରକୁ ପ୍ରେମପ୍ରସଙ୍ଗରେ (ଆପାତସ୍ଥୂଳ ଦୃଷ୍ଟିରେ) ଆଦିରସରଞ୍ଜିତ କରି ସମ୍ପ୍ରଦାୟବିଶେଷକୁ ତଦନୁପ୍ରାଣିତ କରିବାଦ୍ୱାରା ସମାଜରେ ଘୋର ପରିବର୍ତ୍ତନ ଆଣିଅଛନ୍ତି । ବୈଷ୍ଣବ ସମାଜ ଏହାକୁ ଭକ୍ତିଦୃଷ୍ଟିରେ ଗ୍ରହଣ କରିପାରନ୍ତି; ମାତ୍ର ଏହି ସୁପ୍ରସିଦ୍ଧ ଗ୍ରନ୍ଥର ବିଷୟ୍ୱଚିତ୍ରଦ୍ୱାରା ସାଧାରଣ ଲୋକସମାଜର ମାର୍ଜିତ ରୁଚି ପରିଦଳିତ ହୋଇଅଛି

କି ନାହିଁ, ପାଠକମଣ୍ଡଳୀ ବିଚାର କରିବେ । କିନ୍ତୁ ବଳଦେବ ଗୀତଗୋବିନ୍ଦର ଅନୁସରଣ କଲେହେଁ ତାହାର ବିଷୟୃତନ୍ତ୍ରକୁ ସମ୍ପୂର୍ଣ୍ଣ ମନୁଷ୍ୟସ୍ୱଭାବାନୁଗତ ଧର୍ମାନୁମୋଦିତ ଏବଂ ସୁରୁଚି ସଙ୍ଗତ କରିଯାଇଅଛନ୍ତି । ତାଙ୍କର ରାଧାକୃଷ୍ଣମିଳନ 'ଶ୍ୟାମ ଗଉର ମହି' ଦ୍ୱୟଙ୍କର ମିଳନ, ସେ ମିଳନରେ

ମୁଗ୍ଧେ ବିଦେହି ମୟି ନିର୍ଦ୍ଦୟଦନ୍ତଦଂଶ—
ଦୋର୍ବଲ୍ଲୀବନ୍ଧନିବିଡ଼ସ୍ତନପୀଡ଼ନାନି ।
ଚଣ୍ଡି ତ୍ୱମେବ ମୁଦମଞ୍ଚ ନ ପଞ୍ଚବାଣ—
ଚଣ୍ଡାଳକାଣ୍ଡଦଳନାଦସବଃ ପ୍ରୟାନ୍ତୁ ।
( ଗୀତଗୋବିନ୍ଦ, ୧୦ମ ସର୍ଗ ୧୧ ଶ୍ଳୋକ )

ପରି ନିର୍ଦ୍ଦୟ ଦନ୍ତଦଂଶନ, ନିବିଡ଼ ସ୍ତନପୀଡ଼ନାଦି ( ଏହାର ଆଧ୍ୟାତ୍ମିକ ବ୍ୟାଖ୍ୟା ଯେଉଁ ଭାବରେ ହେଉ ନା କାହିଁକି ) ସୁରୁଚିର ପରାକାଷ୍ଠା ବର୍ଣ୍ଣିତ ହୋଇ ନାହିଁ । ସେହି ହେତୁରୁ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ ଏ ଦେଶରେ କି ଶିକ୍ଷିତ କି ଅଶିକ୍ଷିତ ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ସମାଦୃତ ହୋଇଅଛି । କବି ଅବଶ୍ୟ ସର୍ବତ୍ର ଜୟଦେବ ଗୋସ୍ୱାମୀଙ୍କ ରୁଚିକୁ ତ୍ୟାଗ କରି ନାହାନ୍ତି, ତେଣୁ ଯେଉଁ ସ୍ଥାନରେ ସେ ଶୃଙ୍ଗାରରସର ଅବତାରଣା କରିଅଛନ୍ତି, ସେଠାରେ ଅତି ସତର୍କତା ଅବଲମ୍ବନ କରିଅଛନ୍ତି । ଦୃଷ୍ଟାନ୍ତସ୍ୱରୂପ ଏଠାରେ ଆମ୍ଭେମାନେ ପାଠକ ସମାଜକୁ ଚମ୍ପୂର 'ର' ଗୀତଟିକୁ ପାଠ କରିବାକୁ ଅନୁରୋଧ କରୁଅଛୁଁ ।

କେଳିକାଳରେ ସଖୀଜନ ଉକ୍ତି ସାଧାରଣତଃ ଅସଂଯତ ହୋଇଥାଏ । ମାତ୍ର ଏଠାରେ ମାର୍ଜିତ ରୁଚିର ଅନୁବର୍ତ୍ତିନରେ କବି ଲେଖନୀକୁ କିପରି ସଂଯତ କରି ଦେଇଅଛନ୍ତି, ତାହା ଭାବିବାର ବିଷୟ । ଗୀତଗୋବିନ୍ଦ କାବ୍ୟର ନାୟକ ଶ୍ରୀକୃଷ୍ଣ ଆଳଙ୍କାରିକ ଦୃଷ୍ଟିରେ ଧୃଷ୍ଟ ନାୟକଶ୍ରେଣୀର ଅନ୍ତର୍ଗତ ଏବଂ ନାୟିକା ରାଧା ଖଣ୍ଡିତା, ଅଭିସାରିକା, କଳହାନ୍ତରିତା ପ୍ରଭୃତି ବିଭିନ୍ନ ନାୟିକା ପ୍ରକୃତିବିଶିଷ୍ଟା । ମାତ୍ର କିଶୋରଚନ୍ଦ୍ରାନନ୍ଦ ଚମ୍ପୂରେ ଶ୍ରୀକୃଷ୍ଣ ଏକନିରତ ଅନୁକୂଳ ନାୟକ ଏବଂ ଶ୍ରୀମତୀ ଅଭିସାରିଣୀ ମୁଗ୍ଧା ନାୟିକା ।

ଭାଷା ଓ ଭାବର ସାମଞ୍ଜସ୍ୟରେ ଗୀତଗୋବିନ୍ଦ ସଂସ୍କୃତ ସାହିତ୍ୟରେ ଅତୁଳନୀୟ ଗ୍ରନ୍ଥ । ଏ ବିଷୟରେ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର କବି ବଳଦେବ ଜୟଦେବ ଗୋସ୍ୱାମୀଙ୍କ ପଟ୍ଟଶିଷ୍ୟ । ଯେଉଁ ଅସାଧାରଣ ଶକ୍ତିବଳରେ ସେ ଏହି କ୍ଷୁଦ୍ର ଖଣ୍ଡକାବ୍ୟରେ ଭାଷାରାଜ୍ୟରେ ବିଚିତ୍ର ଗୁରୁତ୍ୱ ପ୍ରଦର୍ଶନ କରିଅଛନ୍ତି, ତାହା ଭାବିଲେ ବିସ୍ମିତ ହେବାକୁ ହୁଏ । ଅନେକ କହନ୍ତି, ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦର ବ୍ୟବହାର ସମ୍ପୂର୍ଣ୍ଣ ଦୋଷାବହ; ସୁତରାଂ ସରଳ ଗ୍ରାମ୍ୟଭାଷାର ପ୍ରୟୋଗ ସର୍ବଥା ବାଞ୍ଛନୀୟ । ତାହାହେଲେ ଅଭିଳଷିତ ଭାବ କେବଳ ମୁଷ୍ଟିମେୟ ସାହିତ୍ୟ-

ସେବୀମାନଙ୍କ ମଧ୍ୟରେ ଆବଦ୍ଧ ନ ରହି ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚରିତ ହୋଇ ପାରିବ । ଉତ୍କଳ ଭାଷାର ପ୍ରକୃତି ଦେଖିଲେ ସହଜରେ ଜଣାଯିବ ଯେ, ଉକ୍ତ ମତବାଦୀମାନେ ସମ୍ପୂର୍ଣ୍ଣ ଭ୍ରାନ୍ତ ବା ଉଚ୍ଚ ସାହିତ୍ୟର ପ୍ରକୃତିସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ପ୍ରାଚୀନଯୁଗରୁ ଯେଉଁ ସମସ୍ତ ଉଚ୍ଚାଙ୍ଗ ସାହିତ୍ୟ ଭାଷାରେ ଲିପିବଦ୍ଧ ହୋଇ ରହିଅଛି ଏବଂ ସେଗୁଡ଼ିକରେ ସର୍ବଦା ଯେଉଁ ପ୍ରଥା ଅବଲମ୍ବିତ ହୋଇଅଛି, ତାହା ତ୍ୟାଗ କଲେ ଜାତୀୟ ସାହିତ୍ୟଭଣ୍ଡାର ଶୂନ୍ୟ ହୋଇଯିବ । ଅବଶ୍ୟ ସରଳ ଗ୍ରାମ୍ୟ ଭାଷାରେ ଏ ଯୁଗରେ ତରଳ ସାହିତ୍ୟ, ଉପନ୍ୟାସ ପ୍ରଭୃତି ଲେଖାଯାଇପାରେ । ମାତ୍ର ସେହି ଭାଷା ଯେ ଉଚ୍ଚ ଭାବରାଜି ପ୍ରକାଶରେ ସମ୍ପୂର୍ଣ୍ଣ ଅକ୍ଷମ, ଏହା ସହଜରେ ଜଣାଯାଏ । ସାହିତ୍ୟରେ ସଂସ୍କୃତ ଶବ୍ଦର ବହୁଳ ପ୍ରଚାର ହୋଇ ଯାଇଥିବାରୁ ଆଜିକାଲି କେତେକ ଲୋକ କବିବର ରାଧାନାଥ, ମଧୁସୂଦନଙ୍କ ଭାଷାର ଅମଙ୍ଗଳକାରୀ ବୋଲି ନିର୍ଦ୍ଦେଶ କରିବାକୁ ଛାଡ଼ନ୍ତି ନାହାନ୍ତି; କିନ୍ତୁ ନିଜେ ଏପର୍ଯ୍ୟନ୍ତ ସଂସ୍କୃତ ଶବ୍ଦଶୂନ୍ୟ କୌଣସି ଆଦର୍ଶ ସାହିତ୍ୟ ପ୍ରକାଶ କରି ନାହାନ୍ତି । ଯେବେ ସେମାନେ ନିଜ ରଚନାକୁ ବା ଅନ୍ୟ କାହାର ରଚନାକୁ ଏ ବିଷୟରେ ଆଦର୍ଶରୂପେ ଲୋକପ୍ରିୟ କରିପାରିବେ, ତେବେ ଆମ୍ଭେମାନେ ସେମାନଙ୍କ ମତକୁ ନତମସ୍ତକରେ ଗ୍ରହଣ କରିବୁଁ; ଅନ୍ୟଥା ସେସବୁକୁ ବ୍ୟକ୍ତିବିଶେଷର ଈର୍ଷା ବା ସ୍ୱାର୍ଥାଭିସନ୍ଧି ଛଡ଼ା ଆଉ କିଛି କହିବୁ ନାହିଁ । ସାରଳା ମହାଭାରତ ଯୁଗରୁ ଭଞ୍ଜୀୟ ଯୁଗ ପର୍ଯ୍ୟନ୍ତ ଭାଷା ଯେଉଁ ଆକାର ଧାରଣ କରିଥିଲା, ତାହା ବର୍ତ୍ତମାନ ଦୁର୍ବୋଧ । କାରଣ ସେତେବେଳେ ଓଡ଼ିଆ ଭାଷାର ପ୍ରକୃତି ସମ୍ପୂର୍ଣ୍ଣରୂପେ ଜଣାଯାଇ ନ ଥିଲା କିମ୍ବା ଭାଷାରେ ବ୍ୟାକରଣର ସ୍ଥାନ ନ ଥିଲା । ତେଣୁ ଅନେକ ପ୍ରାଚୀନ ରଚନା ଅନ୍ୱୟାନୁକୂଳ ଭାବରେ ରଚିତ ହୋଇ ନାହିଁ । ପୁଣି ଅନେକ ସଂସ୍କୃତ ଶବ୍ଦ ନାନା ବିକାରଗ୍ରସ୍ତ ହୋଇ ପ୍ରାଚୀନ ଭାଷାରେ ପ୍ରବେଶ କରିଅଛି । ଆମ୍ଭମାନଙ୍କ କବି ବଳଦେବ ଭଞ୍ଜୀୟ ଯୁଗର ପରବର୍ତ୍ତୀ କବି । ଭାଷା ରାଜ୍ୟରେ ଏହି ସବୁ ଅତ୍ୟାଚାର ଦେଖି ସେ ସ୍ୱୀୟ ଈଶ୍ୱରଦତ୍ତ ମେଧା ବଳରେ ତହିଁରେ ଯେଉଁ ପରିବର୍ତ୍ତନ ବିଧାନ କରିଅଛନ୍ତି, ତାହାହିଁ ଏକ-ପ୍ରକାର ଆଧୁନିକ ଭାଷାର ଆଦର୍ଶ । ଦେଶରେ ପାଶ୍ଚାତ୍ୟ ଭାଷାର ପ୍ରଚଳନ ପରେ ଆମ୍ଭମାନଙ୍କ ଭାଷାର ଯେ ପରିବର୍ତ୍ତନ ହୋଇଅଛି, ତାହା ଅବଶ୍ୟ କବି ବଳଦେବଙ୍କ ଦୃଷ୍ଟିରେ ପଡ଼ି ନାହିଁ । ତଥାପି ତତ୍‌ପ୍ରଯୁକ୍ତ ଭାଷା ଆଧୁନିକ ମାର୍ଜିତ ଓଡ଼ିଆ ଭାଷାଠାରୁ କୌଣସି ଅଂଶରେ ନ୍ୟୂନ ନୁହେ । ଆମ୍ଭେମାନେ ବର୍ତ୍ତମାନ ଯାହାକୁ ଓଡ଼ିଆ ଭାଷାର ବ୍ୟାକରଣ ନିୟମର ଅଙ୍ଗୀଭୂତ ବୋଲି ମନେ କରୁଁ, ବଳଦେବ ସେ ସବୁ କୌଣସିଠାରେ ଲଙ୍ଘନ କରିଅଛନ୍ତି ବୋଲି ଆମ୍ଭମାନଙ୍କ ଦୃଷ୍ଟିରେ ଏ ପର୍ଯ୍ୟନ୍ତ ପଡ଼ି ନାହିଁ ଏବଂ ତାଙ୍କର କବିତା କୌଣସିଠାରେ ଦୂରାନ୍ୱୟ-ଦୋଷଦୁଷ୍ଟ ବୋଲି ଆମ୍ଭେମାନେ ଦେଖି ନାହୁଁ । ସରଳ ଅଥଚ ବିଶିଷ୍ଟାର୍ଥକ

ମ୍ୟାନେଜର ରାଜ୍ୟ ପରିଚାଳନା କରୁଥିଲେ । ତତ୍‌କାଳୀନ ଗଞ୍ଜାମର କଲେକ୍ଟର ମିଷ୍ଟର ବେୟାର୍ଡ଼ଙ୍କ ( Robert Bayard Esq., Collector, 1827—1830 ) ସମ୍ଭବତଃ କ୍ରମେ ସେ କବିସୂର୍ଯ୍ୟଙ୍କୁ ଅପ୍ରାପ୍ତବୟସ୍କ ରାଜାଙ୍କର ଗୃହଶିକ୍ଷକ ( Guardian tutor) ରୂପେ ନିଯୁକ୍ତ କରି ପାରଳାଖେମଣ୍ଡିକୁ ଡକାଇ ନେଲେ । ବେୟାର୍ଡ଼ ସାହେବ ଓଡ଼ିଆ ଭାଷାରେ ସୁପଣ୍ଡିତ ଥିଲେ, ତେଣୁ କବିସୂର୍ଯ୍ୟଙ୍କ ନିଯୁକ୍ତିରେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି ତାଙ୍କୁ ଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରିଥିଲେ । କବିସୂର୍ଯ୍ୟ ଯେତେବେଳେ ସେଠାରେ କାର୍ଯ୍ୟଭାର ଗ୍ରହଣ କଲେ, ସେତେବେଳେ ପାରଳାରାଜ୍ୟରେ ଘୋର ଅଶାନ୍ତି । ୧୮୧୩ ଖ୍ରୀଷ୍ଟାବ୍ଦରୁ ପ୍ରାୟ ୨୦ ବର୍ଷ ପାରଳା ରାଜ୍ୟର ପ୍ରଜାମାନେ ମହାଦୁଃଖରେ କାଳହରଣ କରୁଥିଲେ । ମ୍ୟାନେଜର ପଦ୍ମନାଭ ଦେବଙ୍କ କାର୍ଯ୍ୟରେ ରାଜ୍ୟର ବିଶୋଇ ଓ ଦୋରାମାନେ ଅସନ୍ତୁଷ୍ଟ ହେବାରୁ ଏହି ଅଶାନ୍ତିର ଉପକ୍ରମ ହୋଇଥିଲା । ବିଧବା ରାଜମାତା ଏବଂ ଦୁର୍ଗାରାଜ ନାମକ ଅନ୍ୟ ଜଣେ ରାଜବଂଶୀୟ ଲୋକ ଏହି ବିଦ୍ରୋହରେ ଯୋଗ ଦେବାରୁ ଅଗ୍ନି କ୍ରମେ ପ୍ରବଳରୁ ପ୍ରବଳତର ହୋଇ ଉଠିଲା । ଏହି ଅଶାନ୍ତିକୁ ନିବାରଣ କରିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କୁ ଶେଷରେ ସୈନ୍ୟସାହାଯ୍ୟ ନେବାକୁ ପଡ଼ିଥିଲା । ରାଜା ନାବାଳକ ଥିବାରୁ ଏହି ଉପଦ୍ରବର ଉତ୍ପତ୍ତି ହୋଇଥିବ—ଏହି ଧାରଣାର ବଶବର୍ତ୍ତୀ ହୋଇ ଗଭର୍ଣ୍ଣମେଣ୍ଟ ତାଙ୍କ ବୟଃପ୍ରାପ୍ତି ପୂର୍ବରୁ ତାଙ୍କୁ ସିଂହାସନରେ ବସାଇବାର କଳ୍ପନା କରିଥିଲେ; ମାତ୍ର ସେଥିରେ ଆଶାନୁରୂପ ଫଳ ନ ହେବାର ଜାଣି ଶେଷରେ ୧୮୩୦ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣମେଣ୍ଟ ତାହାକୁ କୋର୍ଟ ଅବ୍ ଓଆର୍ଡ଼ସ୍ ଅଧୀନରେ ରଖିଲେ । ୧୮୩୨ ଖ୍ରୀଷ୍ଟାବ୍ଦରେ ଜର୍ଜ ରସେଲ ( ମାନ୍ଦ୍ରାଜ ରେଭିନ୍ୟୁ ବୋର୍ଡ଼ର ସିନିଅର ମେମ୍ବର ) ସ୍ୱୟଂ ପାରଳାରେ ଉପସ୍ଥିତ ହୋଇ ବିଦ୍ରୋହଦମନ ନିମିତ୍ତ ସାମରିକ ଆଇନ ( Martial law ) ଜାରି କଲେ ଓ ପ୍ରକୃତ ବିଦ୍ରୋହୀମାନଙ୍କୁ ନିର୍ବାସିତ କରି ରାଜ୍ୟରେ ଚିରଶାନ୍ତି ସ୍ଥାପନ କଲେ । ଏହି ଘୋର ଅଶାନ୍ତି ଓ ଦୁଃସମୟରେ ବଳଦେବ ଅପ୍ରାପ୍ତବୟସ୍କ ରାଜାଙ୍କୁ କେଡ଼େ ସାବଧାନତା ସହିତ ରକ୍ଷା କରିଥିଲେ, ତାହା ସହଜରେ ଅନୁମାନ କରାଯାଇ ପାରେ । ବଳଦେବଙ୍କ ଭଳି ଗୃହଶିକ୍ଷକଙ୍କ ତତ୍ତ୍ୱାବଧାନରେ ଥିବାରୁ ରାଜାଙ୍କ ମତି ଶାନ୍ତିମୟ ଥିଲା । ବିଦ୍ରୋହୀ ଦଳପତିମାନେ ଶତ ଚେଷ୍ଟା କଲେହେଁ ତାଙ୍କୁ କୌଣସି ପକ୍ଷ ଅବଲମ୍ବନ କରାଇପାରି ନ ଥିଲେ । ବଳଦେବ ମଧ୍ୟ ବିଦ୍ରୋହଦମନରେ ସ୍ଥାନୀୟ ରାଜକର୍ମଚାରୀମାନଙ୍କୁ ଯଥାଶକ୍ତି ସାହାଯ୍ୟ କରି ସେମାନଙ୍କଦ୍ୱାରା ସମ୍ମାନିତ ହୋଇଥିଲେ । ଏ କାର୍ଯ୍ୟରେ ତାଙ୍କୁ ପ୍ରାୟ ପାଞ୍ଚବର୍ଷକାଳ ସେଠାରେ କଟାଇବାକୁ ପଡ଼ିଥିଲା । ଏହି ସମୟରେ ତାଙ୍କ ପ୍ରାଣପ୍ରିୟ ରାଜା ବାଳକେଶ୍ୱର ଦୁରାରୋଗ୍ୟ ଦୁଷ୍ଟବ୍ରଣରୋଗରେ ଅଶାନ୍ତ ହୋଇ ଶେଷ ସମୟରେ ଥରେ କବିସୂର୍ଯ୍ୟଙ୍କ ସଙ୍ଗେ ଦେଖା କରିବାକୁ ତାଙ୍କୁ ସମ୍ବାଦ

ଦେଲେ । ବଳଦେବ କାଳବିଳମ୍ବ ନ କରି ମୃତ୍ୟୁଶଯ୍ୟାଶାୟୀ ରାଜାଙ୍କ ସଙ୍ଗେ ଦେଖା କଲେ । ଶତଚେଷ୍ଟାରେ ରୋଗୋପଶମ ନ ହେବାରୁ ରାଜପରିବାର ଘୋର ଦୁଃଖରେ କାଳହରଣ କରୁଥିଲେ । ବଳଦେବ ଅସ୍ତ୍ରଚିକିତ୍ସାର ଉପଦେଶ ଦିଅନ୍ତେ ରାଜା ଉତ୍ତର କଲେ, "ବରଂ ଏହି ଅବସ୍ଥାରେ ମୃତ୍ୟୁ ଶ୍ରେୟସ୍କର, ଅସ୍ତ୍ରାଘାତର ତୀବ୍ର ଯନ୍ତ୍ରଣାରେ ମରିବା ଉଚିତ ନୁହେଁ ।" ଏହା ଶୁଣି ବଳଦେବ ନିରସ୍ତ ହେଲେ ଏବଂ ପ୍ରିୟବନ୍ଧୁଙ୍କ ଜୀବନରକ୍ଷା ନିମନ୍ତେ ଏକାନ୍ତ ବିକଳ ହୃଦୟରେ ମାତାମହପ୍ରଦତ୍ତ ଦେବୀମନ୍ତ୍ର ଜପ କରିବାରେ ଲାଗିଲେ । ଅନନ୍ତର ତାଙ୍କ ହୃଦୟରେ ଏହି ଭାବ ଜାତ ହେଲା ଯେ, ଯେବେ ରାଜାଙ୍କୁ କୌଣସିମତେ ସେ ହସାଇ ପାରିବେ, ତେବେ ହାସ୍ୟ ଉଚ୍ଛ୍ୱାସରେ ବ୍ରଣ ବିଦୀର୍ଣ୍ଣ ହୋଇଯିବ; ତେଣୁ ସେ ସ୍ୱୀୟ ପ୍ରତ୍ୟୁତ୍ପନ୍ନମତିବଳରେ ବିଚିତ୍ର ହାସ୍ୟରସପୂର୍ଣ୍ଣ ଗୋଟିଏ କବିତା ଲେଖିବାକୁ ଆରମ୍ଭ କଲେ ଏବଂ ମୃତ୍ୟୁଶଯ୍ୟାଶାୟୀ ରାଜାଙ୍କୁ ଶେଷ ସମୟରେ ସ୍ୱୀୟ ଇଷ୍ଟଦେବଙ୍କ ନାମ ସ୍ମରଣ କରାଇବା ବ୍ୟାଜରେ ପ୍ରଥମେ ତାହାର ମଙ୍ଗଳାଚରଣରୂପେ ଗାଇଲେ:—

ଭୂୟୋ ନମଃ କୌତୁକଲମ୍ପଟାୟ ଭାନୁଭବାରମ୍ୟତଟୀନଟାୟ
ଘଟସ୍ତନୀନାଂ ପଟଲୀବିଟାୟ କୃଷ୍ଣାୟ ବିଦ୍ୟୁଦ୍ୱିଲସତ୍‌ପଟାୟ ।
ମନ୍ଦାରବୃନ୍ଦାରକବନ୍ଦିତାଙ୍ଘ୍ରିଂ ନନ୍ଦାଳୟେନ୍ଦ୍ରୋପଲନୀଲଲକ୍ଷ୍ମୀଂ
ବୃନ୍ଦାବନବ୍ୟୋମବିହାରଚନ୍ଦ୍ରଂ କୁନ୍ଦାବଦାତସ୍ମିତମଂଶମୀଡ଼େ ।

ରସଜ୍ଞ ରାଜା ଶେଷ ସମୟରେ କୃଷ୍ଣନାମ ଶୁଣି ଆନନ୍ଦିତ ହେଲେ ଏବଂ ପୁନଃ ପୁନଃ ଏହି କୃଷ୍ଣଗତ ପଦର ଅବତାରଣା କରିବାକୁ କବିଙ୍କୁ ଅନୁରୋଧ କଲେ । ଏହା ଶୁଣି ବୁଦ୍ଧିମାନ ବଳଦେବ ପ୍ରସ୍ତାବ କଲେ ଯେ ଭଗବାନ ମଧ୍ୟ କୌତୁକ-ପ୍ରିୟ, ତେଣୁ ମୁଁ ମଙ୍ଗଳାଚରଣର ପ୍ରଥମରେ ଭଗବାନଙ୍କୁ "କୌତୁକଲମ୍ପଟାୟ" ବୋଲି ବିଶେଷିତ କରିଅଛି, ବର୍ତ୍ତମାନ ଆମ୍ଭେମାନେ କେତେକ କୌତୁକ କଥାର ଅବତାରଣା କରି ପରେ ଅନ୍ୟ ପ୍ରସଙ୍ଗ କରିବା । ରାଜା ତଥାସ୍ତୁ କହନ୍ତେ ବଳଦେବ ତାଙ୍କ ଉଦ୍ଦେଶ୍ୟସିଦ୍ଧି ନିମନ୍ତେ 'ହାସ୍ୟକଲ୍ଲୋଳ' ଆରମ୍ଭ କରି-ଦେଲେ—"ସେ ହେଲା ହୋ ! ଏ ହେଲା, ଏକ ଯେ ମହାରାଜ୍ୟ ଥିଲା । ସେ ରାଜ୍ୟ ନାମ ରାମଘୋଷ, ଦୈର୍ଘେ ଉଣା ପାଞ୍ଚଶ କୋଶ । ଅତି ଗୁଣବନ୍ତ ସବୁହିଁ ତୋଷ ଗୋସାଇଁମାନଙ୍କ ରୋଷାଇ ଘୋଷ । ଚଣା ଚୋବାଇଲେ ନିବଡ଼େ ଶୋଷ; ସାଧୁଙ୍କୁ ନିନ୍ଦିଲେ ମନରେ ତୋଷ । ଦୁଷ୍ଟର ଦେଖିଲେ ବୋଲନ୍ତି ହାତୀ, ଜଣା ନ ଯାଆନ୍ତି କେ କେଉଁ ଜାତି । ବ୍ରାହ୍ମଣମାନଙ୍କ ହସ୍ତରେ କାତି, ଭକ୍ତରେ ଗୁରୁବରିଷ୍ଟବଘାତ । କଉଡ଼ିମାଳିଆ ସବୁଙ୍କ ଛାତି, ହାଣ୍ଡି ନ କରନ୍ତି ମଲେହେଁ ଛାଡ଼ି । ଦାଣ୍ଡେ ନ ଛାଡ଼ନ୍ତି ଗଡ଼ିର ତାଡ଼ି, ସମସ୍ତଙ୍କର ଇଷ୍ଟଦେବତା ସାଥି । କୋତରି ଅଖା ପଲଙ୍କ ସୁପାତି, ଏକାନ୍ତ କଥାକୁ ବଜାରେ ଖ୍ୟାତି ।

× × × ×

କବିଙ୍କ ସ୍ୱରଭଙ୍ଗୀ ଓ ଭାବର ଉଦ୍‌ବେଳନରେ କ୍ରମେ ରାଜାଙ୍କର ହୃଦୟ ରସପୂର୍ଣ୍ଣ ହୋଇ ଉଠିଲା ଏବଂ ହାସ୍ୟସାଗର ହୃଦୟ ମଧ୍ୟରେ ଉଦ୍‌ବେଳ ହୋଇଗଲା । ରାଜା ଏକାନ୍ତ ବିହ୍ୱଳ ହୋଇ ହସିବାକୁ ଆରମ୍ଭ କଲେ । ହସୁ ହସୁ ସେହି ଦାରୁଣ ବ୍ରଣ ସହସା ବିଦୀର୍ଣ୍ଣ ହୋଇଗଲା । ରାଜା କ୍ରମେ ସୁସ୍ଥ ହୋଇ କବିଙ୍କୁ ଆଜୀବନ ସହଚରରୂପେ ରଖିବାର କଳ୍ପନା କଲେ ଏବଂ ଏକଶତ ଭରଣ ଧାନ ପାଇବା ଭଳି ଭୂବୃତ୍ତି ଦାନ କରି ମାସିକ ଏକଶତ ଟଙ୍କା ଲେଖାଏଁ ବୃତ୍ତି ନିର୍ଦ୍ଧାରଣ କରିଦେଲେ । ଏହିପରି ଭାବରେ କାବ୍ୟଶାସ୍ତ୍ରର ଆଲୋଚନା କରି କବି ପରମସୁଖରେ ସେଠାରେ ପୁନର୍ବାର ବାସ କରିବାରେ ଲାଗିଲେ ।

ସବୁଦିନ ସୁଖରେ ଯାଏ ନାହିଁ । ଦୁଃଖ ସୁଖ ସଂସାରର ଧର୍ମ । ଏହି ସମୟରେ ରାଜାଙ୍କର ପ୍ରଧାନ କର୍ମଚାରୀଙ୍କ ସଙ୍ଗେ କୌଣସି କାରଣରୁ କବିସୂର୍ଯ୍ୟଙ୍କର ମନୋମାଳିନ୍ୟ ହେଲା । କର୍ମଚାରୀ ନାନା ଆପତ୍ତି ଦେଖାଇ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ତାଙ୍କର ମାସିକ ବୃତ୍ତି ଦେଲେ ନାହିଁ । କବି ମଧ୍ୟ ରାଜକୋଷର ଅସ୍ୱଚ୍ଛଳତା ଦେଖି ଏକଥା ରାଜାଙ୍କୁ କହି ପାରୁ ନ ଥାନ୍ତି । ଏକଦା ସେହି କର୍ମଚାରୀଙ୍କୁ ଲକ୍ଷ୍ୟ କରି ଏହି କବିତାଟି ତାଙ୍କଠାକୁ ପଠାଇଦେଲେ:—

ବାସୀ କୁସୁମକୁ ପ୍ରଶଂସିଲେ ହେଲେ ବାସିବ କି ମନୋହର,
ଘାସିଡାଳ ସମୁଚିତ କି ଭୂଦେବ ଆଶୀର୍ବାଦ ଅଡ଼ମ୍ବର,
ସରସେ କୁହାଯାଉଥାଏ ସିନା,
ଭୁହାଇ ଭୁହାଇ ପୁଚ ଦେଲେ ହେଲେ ଲୁହା କି ହୋଇବ ସୁନା । ୧ ।
ପାମର ପାଣିଶିମୁଳୀ କି ହେବ ତାମରସ ଫୁଲ ବଲ୍ଲୀ
ଗ୍ରାମ ଶୂକରୀକି ବଢ଼ାଉ ଯେ ଥିଲି କାମଧେନୁ ହୁଅ ବୋଲି,
ସରସେ କୁହାଯାଉଥାଏ ସିନା,
ଭୁହାଇ ଭୁହାଇ ପୁଚ ଦେଲେ ହେଲେ ଲୁହା କି ହୋଇବ ସୁନା । ୨ ।
କୁଆ ପଞ୍ଜୁରୀରେ ପଡ଼ିଲେ କି ଧରେ ଶୁଆପରି ହରିନାମ,
ଭୁଆଟା ଗୁହାରେ ପଶିଲେ କି କରେ କୁଆ ସିଂହ ପରାକ୍ରମ,
ସରସେ କୁହାଯାଉଥାଏ ସିନା,
ଭୁହାଇ ଭୁହାଇ ପୁଚଦେଲେ ହେଲେ ଲୁହା କି ହୋଇବ ସୁନା । ୩ ।

କ୍ରମେ ଏ ଗୀତ ରାଜାଙ୍କର କର୍ଣ୍ଣଗୋଚର ହେବାରୁ ରାଜା ଅତ୍ୟନ୍ତ କ୍ଷୁବ୍ଧ ହେଲେ ଏବଂ ସଙ୍ଗେ ସଙ୍ଗେ ତାଙ୍କ ପ୍ରାପ୍ୟ ବୃତ୍ତି ପ୍ରଦାନ କରିବାକୁ କର୍ମଚାରୀଙ୍କୁ ଆଦେଶ ଦେଲେ । ଏହି ସମୟରେ ତାଙ୍କର ରଘୁନାଥ ନାମକ ଗୋଟିଏ ଅଷ୍ଟମ-ବର୍ଷୀୟ ପୁତ୍ର ଅକାଳରେ ପ୍ରାଣତ୍ୟାଗ କରିବାରୁ କବି ଏକାନ୍ତ ଦୁଃଖିତ ହୋଇ

ଚିତ୍ତଶାନ୍ତି ନିମିତ୍ତ ଶାନ୍ତିନିକେତନ ନୀଳାଚଳଧାମକୁ ଯାତ୍ରା କଲେ । ସେଠାରେ ପ୍ରାୟ ଚାରିମାସ କଟାଇ ପୁନର୍ବାର ଅଠଗଡ଼କୁ ଫେରି ଆସିଲେ ।

ଏହି ସମୟରେ ସେ ଅଠଗଡ଼ର ରାଣୀଙ୍କ ଅନୁରୋଧମତେ ସଂସ୍କୃତ ଛିଙ୍କବ୍ରତ କଥାକୁ ( ବାଳତୃତୀୟା କଥା ) ବ୍ରତଧାରିଣୀ ସ୍ତ୍ରୀଲୋକମାନଙ୍କ ବୁଝିବା ଭଳି ସରଳ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ ।

---

## ଏକାଦଶ ପରିଚ୍ଛେଦ

ଦେଶରେ ପ୍ରତିଭାଶାଳୀ ମହାପୁରୁଷ ଜନ୍ମଗ୍ରହଣ କରିବା ଅବଶ୍ୟ ଦେଶ ପକ୍ଷରେ ଗୌରବର ବିଷୟ । ମାତ୍ର ସେହି ପ୍ରତିଭାକୁ ସମାଦର କରିବାର ଲୋକ ଯେବେ ସମସାମୟିକ ସମାଜରେ ନ ଥାନ୍ତି, ତେବେ ତାହା ଅବ୍ଧିଗର୍ଭଗତ ରତ୍ନ ପରି ବା ଅରଣ୍ୟାନୀ ମଧ୍ୟରେ ପ୍ରସ୍ଫୁଟିତ ସୁରଭିକୁସୁମ ପରି ଉତ୍ପତ୍ତିରେହିଁ ପର୍ଯ୍ୟବସିତ ହୋଇ ରହିଯାଏ । ପୁଣ୍ୟଶ୍ଳୋକ ନରପତି ବିକ୍ରମାଦିତ୍ୟଙ୍କ ଉତ୍ସାହରେହିଁ ମହାକବି କାଳିଦାସଙ୍କ ପ୍ରତିଭା ସୁପ୍ରତିଷ୍ଠିତ ହୋଇଥିଲା । ସୁଖର କଥା, ଗୁଣଗ୍ରାହୀ ବାଲୁକେଶ୍ୱର ହରିଚନ୍ଦନ ବଳଦେବଙ୍କ ପ୍ରତିଭାକୁ ସମ୍ୟକ୍‌ରୂପେ ଚିହ୍ନି ପାରିଥିଲେ ଏବଂ ସେହି ସୂତ୍ରରେ ଗଞ୍ଜାମର ତତ୍କାଳୀନ ରାଜସମାଜରେ କବି ଲବ୍ଧପ୍ରତିଷ୍ଠ ହୋଇଥିଲେ । ସେ ଅଠଗଡ଼ ରାଜାଙ୍କ ଦ୍ୱାରା ପୁନଃ ପୁନଃ ଅନୁରୁଦ୍ଧ ହୋଇ ସୁଦ୍ଧା ପବିତ୍ର ସାହିତ୍ୟସେବା ବ୍ରତରେ ବାଧା ଜାତ ହେବ—ଏହି ଭୟରେ ଅଠଗଡ଼ ରାଜ୍ୟର ଦେବାନ କାର୍ଯ୍ୟ ଗ୍ରହଣ କରି ନ ଥିଲେ, ମାତ୍ର ତାଙ୍କର ରାଜକାର୍ଯ୍ୟ ପରିଚାଳନାରେ ଅସାଧାରଣ ଶକ୍ତିମତ୍ତା ଥିବା କଥା ସମାଜରେ ପ୍ରଚାରିତ ହୋଇଥିବାରୁ ସ୍ଥାନୀୟ ଇଂରେଜ ଶାସନକର୍ତ୍ତାମାନେ ମଧ୍ୟ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଉତ୍କଳ ଭାଷାଭିଜ୍ଞ ଗଞ୍ଜାମ ଜିଲ୍ଲାର କଲେକ୍ଟର ମିଷ୍ଟର ବେୟାର୍ଡଙ୍କଦ୍ୱାରା ସେ ଏଥିପୂର୍ବେ ପାରଳାର ଅପ୍ରାପ୍ତବୟସ୍କ ରାଜାଙ୍କର ଗୃହଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ।

ସେତେବେଳେ ଗଞ୍ଜାମ ଜିଲ୍ଲାରେ ମହୁରୀ ନାମରେ ଗୋଟିଏ ବଡ଼ ରାଜ୍ୟ ଥିଲା । ଗଞ୍ଜାମର ବର୍ତ୍ତମାନ ରାଜଧାନୀ ବ୍ରହ୍ମପୁର ସେହି ମହୁରୀରାଜ୍ୟର ଅନ୍ତର୍ଗତ । ଖଜଣା ବାକି ପଡ଼ିବାରୁ ମହୁରୀରାଜ୍ୟ ଅନେକ ଦିନ ପୂର୍ବରୁ ନିଲାମ ହୋଇ ଯାଇଥିଲା । ଶେଷରେ ଇଂରେଜ ଗଭର୍ଣ୍ଣମେଣ୍ଟ ୧୮୬୧ ଖ୍ରୀଷ୍ଟାବ୍ଦରେ ନିଲାମ ଖରିଦଦାରଙ୍କଠାରୁ ପଞ୍ଚତ୍ରିଂଶ ହଜାର ଟଙ୍କାରେ ଏହାକୁ କ୍ରୟ କରି ପୂର୍ବ ରାଜବଂଶୀୟ କୃଷ୍ଣଚନ୍ଦ୍ର ନରେନ୍ଦ୍ରଦେଓ ନାମକ ଜଣେ ଶିଶୁଙ୍କୁ ରାଜ୍ୟ ସିଂହାସନ

ପ୍ରଦାନ କଲେ ଏବଂ ରାଜ୍ୟକୁ କୋର୍ଟ୍ ଅଫ୍ ୱାର୍ଡସ୍ ଅଧୀନ ରଖିଲେ । ମିଷ୍ଟର କାଜ୍‌ଲେଟ୍ ନାମକ ଜଣେ ଇଂରେଜ ପ୍ରଥମେ ତାହାର ମ୍ୟାନେଜର ଥିଲେ । ରାଜା ପ୍ରାପ୍ତବୟସ୍କ ହେବାରୁ ସେ ରାଜ୍ୟରୁ ବିଦାୟ ନେଇ ଗଲେ । ପ୍ରାପ୍ତବୟସ୍କ ହେଲେ ହେଁ ରାଜା ରାଜ୍ୟ ପରିଚାଳନାରେ ସମ୍ପୂର୍ଣ୍ଣ ଅକ୍ଷମ ଥିଲେ; ସୁତରାଂ ତାଙ୍କର ମାତା ରାଜ୍ୟରେ ସର୍ବେସର୍ବା ହେଲେ । ଏହି ସମୟରେ ରାଜ୍ୟ ମଧ୍ୟରେ ନାନାବିଧ ବିଶୃଙ୍ଖଳା ଉପସ୍ଥିତ ହେବାରୁ ତତ୍କାଳୀନ ଗଞ୍ଜାମ ଜିଲ୍ଲାର କଲେକ୍ଟର ମିଷ୍ଟର ବାନରମ୍ୟାନ୍ ( **Robert Alexander Bennerman Esq. 1838-1843** ) କବିସୂର୍ଯ୍ୟଙ୍କୁ ତାହାର ମ୍ୟାନେଜରରୂପେ ନିଯୁକ୍ତ କଲେ । ତେଣୁ ସେ ସପରିବାରରେ ବ୍ରହ୍ମପୁର ବାଲିଜିପେଣ୍ଠରେ ବାସ କରି ମହୁରୀ ରାଜକାର୍ଯ୍ୟ ପରିଚାଳନ କରିବାରେ ଲାଗିଲେ । ନିଯୁକ୍ତିବେଳେ ସହୃଦୟ ବାନରମ୍ୟାନ୍ ସାହେବ ରାଣୀଙ୍କ ସଙ୍ଗେ ସାକ୍ଷାତ୍ ସମ୍ବନ୍ଧ ନ ରଖିବାକୁ କବିସୂର୍ଯ୍ୟଙ୍କୁ ବୁଝାଇଦେଇ ଥିଲେ । ତଦନୁଯାୟୀ ସେ ପ୍ରତ୍ୟହ ନିଜ କଚେରୀରେ କର୍ତ୍ତବ୍ୟ ସମାପନ କରି ଗୃହକୁ ଫେରି ଆସନ୍ତି, କେବେହେଁ ନଅର ମଧ୍ୟକୁ ଯାଆନ୍ତି ନାହିଁ । ରାଣୀ ପାଇସ୍ମ ମାଳୀ ବଡ଼ ବୁଦ୍ଧିମତୀ ଓ ଶାସ୍ତ୍ରଜ୍ଞାନସମ୍ପନ୍ନା ଥିଲେ । ପ୍ରବାଦ ଅଛି, ସେ ପ୍ରତ୍ୟହ ପୁରୁଷବେଶ ଧାରଣ କରି ଅଶ୍ୱାରୋହଣପୂର୍ବକ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବୁଲି ପ୍ରଜାମାନଙ୍କର ଅବସ୍ଥା ପରିଦର୍ଶନ କରୁଥିଲେ । କବିସୂର୍ଯ୍ୟଙ୍କ କାର୍ଯ୍ୟ-କଳାପ ଦେଖି ସେ ତାଙ୍କ ପ୍ରତି ପ୍ରଥମେ ପ୍ରଥମେ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ତାଙ୍କର ପ୍ରିୟତମ କର୍ମଚାରୀ ଯଦୁମଣି ରାୟଗୁରୁଙ୍କ ସଙ୍ଗେ ତାଙ୍କର ସମ୍ବନ୍ଧକୁ ଦୃଢ଼ କରିବାପାଇଁ ମହାପ୍ରସାଦଦ୍ୱାରା ଦୁହିଙ୍କୁ ବନ୍ଧୁତ୍ୱସୂତ୍ରରେ ଆବଦ୍ଧ କରିଥିଲେ । ତାଙ୍କ ଅନୁରୋଧମତେ କବିସୂର୍ଯ୍ୟ ମଧ୍ୟେ ମଧ୍ୟେ କବିତାଦି ରଚନା କରି ରାଣୀଙ୍କି ଉପହାର ଦେଉଥାଆନ୍ତି । କବିତାପାଠରେ ରାଣୀ କବିସୂର୍ଯ୍ୟଙ୍କ ପାଣ୍ଡିତ୍ୟ, ରସଜ୍ଞତା ଓ ବୁଦ୍ଧି ଚାତୁରୀରେ ଏକାନ୍ତ ମୁଗ୍ଧ ହୋଇ ପଡ଼ିଲେ । ଏହି ସମୟରେ ମହୁରୀ ରାଜ୍ୟରେ ପ୍ରଜାମେଳି ଆରମ୍ଭ ହେଲା । କବିସୂର୍ଯ୍ୟ ସ୍ୱୀୟ ପ୍ରତ୍ୟୁତ୍ପନ୍ନମତି ବଳରେ ସେହି ବିଦ୍ରୋହାନଳକୁ ଅଚିରେ ନିର୍ବାପିତ କରିଦେବାରୁ ରାଣୀଙ୍କର ସ୍ନେହ ତାଙ୍କ ପ୍ରତି କ୍ରମଶଃ ବୃଦ୍ଧି ହେଲା । ମିଷ୍ଟର ବାନରମ୍ୟାନ୍ ମଧ୍ୟ ତାଙ୍କର ଭୂୟସୀ ପ୍ରଶଂସା କଲେ । ରାଣୀ ତାଙ୍କର ପ୍ରିୟ କର୍ମଚାରୀ ଯଦୁମଣି ରାୟଗୁରୁଙ୍କ ଦ୍ୱାରା ଅନେକ ଥର କବିସୂର୍ଯ୍ୟଙ୍କୁ ଡକାଇଥିଲେ, ମାତ୍ର ସେ ବାନର-ମ୍ୟାନଙ୍କ କଥା ସ୍ମରଣ ରଖି ନାନା ଛଳନା ପ୍ରଦର୍ଶନପୂର୍ବକ ତାଙ୍କ ସଙ୍ଗେ ପ୍ରାୟ ଏକବର୍ଷ କାଳ ଦେଖା କରି ନ ଥିଲେ । ଏଥିରେ ରାଣୀ ତାଙ୍କ ପ୍ରତି ବିରକ୍ତି ପ୍ରକାଶ କରି ନାନା ଭାବରେ ତାଙ୍କର ଅନିଷ୍ଟ କରିବାକୁ ଷଡ଼ଯନ୍ତ୍ର କଲେ । ଏହା ଜାଣିପାରି ବଳଦେବ ମିଷ୍ଟର ବାନରମ୍ୟାନଙ୍କ ଅନୁମତି କ୍ରମେ କାର୍ଯ୍ୟରୁ ଇସ୍ତଫା ଦେଇ ସ୍ଥାନାନ୍ତରିତ ହୋଇଗଲେ । କବିସୂର୍ଯ୍ୟ କାର୍ଯ୍ୟତ୍ୟାଗ କରିବା ପରେ ରାଣୀ

ବହୁ କଷ୍ଟରେ ପ୍ରାୟ ଦୁଇବର୍ଷ ରାଜ୍ୟ ରକ୍ଷା କରିଥିଲେ । ଶେଷରେ ଅତ୍ୟାଚାରିତ ପ୍ରଜାମାନଙ୍କୁ ରକ୍ଷା କରିବାପାଇଁ ୧୮୪୪ ମସିହାରେ କଲେକ୍ଟର ରାଜ୍ୟକୁ ନିଜ ପ୍ରତ୍ୟକ୍ଷ ଶାସନରେ ରଖିଲେ । ତହିଁରେ ମଧ୍ୟ ରାଜା ଓ ରାଜମାତାଙ୍କର ଅତ୍ୟାଚାରର କମିଲା ନାହିଁ । ପ୍ରଜାମାନେ ନିତାନ୍ତ ଅସନ୍ତୁଷ୍ଟ ହୋଇ ଉଠିଲେ । ସରକାରୀ ରାଜସ୍ୱ ଅଦାୟ ହେଲା ନାହିଁ, ତେଣୁ ୧୮୫୧ ମସିହାରେ ଏହା ନିଲାମ କରାଗଲା । ଏକ ଶତ ଟଙ୍କାରେ ନିଜେ ଗଭର୍ଣ୍ଣମେଣ୍ଟ ସେହି ଜମି ଖରିଦ କରି ନେଲେ ଏବଂ ରାଜା ଓ ତଦୀୟ ପରିବାରମାନଙ୍କୁ ଉପଯୁକ୍ତ ପେନସନ୍ ଦେବାର ବନ୍ଦୋବସ୍ତ କଲେ ।

ମଞ୍ଜୁଷା ମେନେଜରୀ ତ୍ୟାଗ କରିବା ପରେ କବି ବ୍ରହ୍ମପୁର ବାଲଞ୍ଜପେଣ୍ଠରେ ସ୍ଥାୟୀଭାବରେ ବାସ କରି ରହିଲେ । ରାଜା ବାଲ୍ୟକେଶ୍ୱରଙ୍କ ଅନୁରୋଧ ରକ୍ଷା କରିବାକୁ ଏବଂ ତତ୍ପ୍ରଦତ୍ତ ବିସ୍ତର ଭୂବୃତ୍ତିର ରକ୍ଷଣାବେକ୍ଷଣ କରିବାକୁ ବେଳେ ବେଳେ ତାଙ୍କୁ ଆଠଗଡ଼ ଆସିବାକୁ ହେଉଥାଏ । ମାତ୍ର ତାଙ୍କର ପରିବାରବର୍ଗ ବ୍ରହ୍ମପୁରରେ ଥାଆନ୍ତି । ଏହିଠାରେ ତାଙ୍କର ଜ୍ୟେଷ୍ଠଭ୍ରାତା ହରିହର ପରଲୋକ ଗମନ କଲେ । ସେ ମୃତଦାର ଓ ଅନପତ୍ୟ ଥିଲେ । ପୂର୍ବରୁ କବିଙ୍କର ଏକମାତ୍ର ପୁତ୍ର ରଘୁନାଥର ମୃତ୍ୟୁ ହୋଇଥିଲା । କନ୍ୟାଟିକୁ ସେ ମଞ୍ଜୁଷା ରାଜ୍ୟବାସୀ ଜଣେ କୁଳୀନ ବ୍ରାହ୍ମଣଙ୍କୁ ପ୍ରଦାନ କରିଥିଲେ । ତେଣୁ ଭାବୀ ବଂଶଧର ଅଭାବରୁ କବିଙ୍କୁ ଘୋର ଦୁଃଖରେ ପଡ଼ିବାକୁ ହୋଇଥିଲା । ସେ ପୁତ୍ରକାମନାର ବଶବର୍ତ୍ତୀ ହୋଇ ପୁର୍ବଖଣ୍ଡ ରାଜ୍ୟରେ ପ୍ରତିଷ୍ଠିତ ପ୍ରସିଦ୍ଧ ଭୁମ୍ବନାଥ ନାମକ ମହାଦେବଙ୍କ ଶରଣାପନ୍ନ ହେଲେ । ଗୃହତ୍ୟାଗ କରି ନିଷ୍ଠାସହକାରେ ସେଠାରେ ପ୍ରାୟ ଦୁଇ ମାସ କାଳ ବ୍ରହ୍ମଶୋଚିତ କର୍ମ—ଗାୟତ୍ରୀଜପ ଓ ଶତରୁଦ୍ରାଭିଷେକରେ ଅତିବାହିତ କଲେ ଓ ମନ୍ତ୍ରପୂତ ଲକ୍ଷସଂଖ୍ୟକ ଚମ୍ପକପୁଷ୍ପ ଆଶୁତୋଷଙ୍କୁ ସମର୍ପଣ କଲେ । କିଯ୍ତକାଳ ପରେ ତାଙ୍କର ଅଭିଳାଷ ପୂର୍ଣ୍ଣ ହେଲା । ନବପ୍ରସୂତ ପୁତ୍ରଟିକୁ ଆରାଧ୍ୟ ଦେବଙ୍କ ନାମାନୁସାରେ ଭୁମ୍ବନାଥ ନାମରେ ଅଭିହିତ କଲେ । ସେ ତାଙ୍କ ଜନ୍ମପତ୍ରିକାଗତ 'ବିଶ୍ୱନାଥ' ନାମରେ ସର୍ବତ୍ର ପରିଚିତ ।

କବି ଶେଷ ଜୀବନକୁ ବ୍ରହ୍ମପୁରରେ ପରମସୁଖରେ ଅତିବାହିତ କରିଥିଲେ । ଆଠଗଡ଼ରୁ ମାସିକ ବୃତ୍ତି ଏକ ଶତ ଟଙ୍କା ଓ ବାର୍ଷିକ ବୃତ୍ତି ଶହେ ଭରଣ ଧାନ ନିୟମିତ ରୂପେ ମିଳୁଥିଲା । ଏହାଛଡ଼ା ଜଲନ୍ତର, ପାରଲା, ଟିକାଲି, ରଘୁନାଥପୁର ପ୍ରଭୃତି ଅନ୍ୟ ଅନେକ ରାଜ୍ୟରେ ତାଙ୍କର ବିସ୍ତୀର୍ଣ୍ଣ ଭୂବୃତ୍ତି ଥିଲା । ଭିନ୍ନ ଭିନ୍ନ କାର୍ଯ୍ୟୋପଲକ୍ଷରେ ନିକଟବର୍ତ୍ତୀ ରାଜାମାନେ ତାଙ୍କୁ ନିମନ୍ତ୍ରଣ କରିନେଇ ବେଳେ ବେଳେ ଅଶାତିରିକ୍ତ ପୁରସ୍କାର ମଧ୍ୟ ଦେଉଥିଲେ ।

୧୮୪୫ ଖ୍ରୀଷ୍ଟାବ୍ଦର ବୈଶାଖ ମାସରେ ଆଠଗଡ଼ ରାଜାଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ କବିସୂର୍ଯ୍ୟ ଆଠଗଡ଼ ରାଜଧାନୀକୁ ଗମନ କଲେ । ସେଠାରେ

କେତେକ ଦିନ ପରମ ସୁଖରେ ରହିବା ପରେ ରାଜା ତାଙ୍କୁ ପୁନର୍ବାର ଅଠଗଡ଼ରେ ସପରିବାରରେ ବାସ କରିବାପାଇଁ ଅନୁରୋଧ କଲେ । ମାତ୍ର ଯେ ସ୍ୱାଧୀନତା ସୁଖ ଥରେ ଉପଭୋଗ କରିଅଛି, ସହସ୍ର ପ୍ରଲୋଭନରେ ସୁଦ୍ଧା ସେ ଆଉ ପରାଧୀନ ହେବାକୁ ମନ ବଳାଏ କି ? ଯାହାହେଉ ଗୁଣଗ୍ରାହୀ ରସିକ ନୃପତିଙ୍କ ଅନୁରୋଧ କବି ଏଡ଼ି ନ ପାରି ଯଥାକଥଞ୍ଚିତ୍ ତାହା ସ୍ୱୀକାର କରିଥିଲେ । ରାଜାଙ୍କ ଆଦେଶରେ "ହେମଗିରି" ସାହିରେ ଥିବା ତାଙ୍କ ପୂର୍ବ ବାସଗୃହ ନୂତନ ଆକାରରେ ନିର୍ମିତ ହେଲା । ମାତ୍ର ନିୟତିର ନିର୍ବନ୍ଧ ଭିନ୍ନ ପ୍ରକାର ବୋଲି କିଏ ଜାଣିଥିଲା ? ଏହି ସମୟରେ ସେହି ଅଠଗଡ଼ରେ ବୃଦ୍ଧ ବୟସରେ କବି ହଠାତ୍ ଜରାକ୍ରାନ୍ତ ହେଲେ ଏବଂ ଗୃହୁଁ ଗୃହୁଁ ତିନି ଚାରି ଦିନ ପରେ ବସନ୍ତର ଚିହ୍ନ ସର୍ବାବୟବରେ ପ୍ରକାଶିତ ହେଲା । ରାଜା ବାଲୁକେଶ୍ୱର ଏହା ଦେଖି ଶିବିକାବାହକ ସାହାଯ୍ୟରେ ତାଙ୍କୁ ବ୍ରହ୍ମପୁରସ୍ଥିତ ବାସଭବନକୁ ପଠାଇଦେଲେ । ଗୃହରେ ଉପସ୍ଥିତ ହେବାର ଏକ ସପ୍ତାହ ପରେ ବୈଶାଖ ମାସ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟ ତୃତୀୟାର ମଧ୍ୟାହ୍ନରେ ତାଙ୍କର ଅମର ଆତ୍ମା ନଶ୍ୱର ଦେହ ତ୍ୟାଗ କରି ପରମାତ୍ମାଙ୍କ ଶ୍ରୀଚରଣରେ ଲୀନ ହୋଇଗଲା ।

ଗୃହୁଁ ଗୃହୁଁ ଏହି ଦୁଃସମ୍ବାଦ ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା । ରାଜା ବାଲୁକେଶ୍ୱର କବିସୂର୍ଯ୍ୟଙ୍କ ଲୋକାନ୍ତରଗମନବାର୍ତ୍ତା ଶ୍ରବଣ କରି ଏକାନ୍ତ ଶୋକାର୍ତ୍ତ ହୋଇ ପ୍ରାୟ ଏକ ମାସ କାଳ ରାଜକାର୍ଯ୍ୟ ଆଲୋଚନାରୁ ନିବୃତ୍ତ ରହିଲେ । ତାଙ୍କର ଔର୍ଦ୍ଧ୍ୱ ଦୈହିକ କ୍ରିୟା ସମାଧାନ ନିମିତ୍ତ ସେ ପ୍ରଚୁର ଅର୍ଥ ସାହାଯ୍ୟ କରିଥିଲେ । ସେତେବେଳେ ବିଶ୍ୱନାଥଙ୍କ ବୟସ ପ୍ରାୟ ଦଶ ବର୍ଷ । ରାଜା ତାଙ୍କୁ କବିଙ୍କର ପ୍ରିୟବନ୍ଧୁ ସତ୍ୟବାଦୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ରଖି ଶିକ୍ଷା ପ୍ରଦାନ କରିବାକୁ ଅଠଗଡ଼ ଘେନି ଆସିଲେ । ଏହାର କେତେକ ବର୍ଷ ପରେ ସେହି ମହାକାବ୍ୟାନୁରାଗୀ ମହୀପତି ବାଲୁକେଶ୍ୱର ସ୍ୱର୍ଗାରୋହଣ କଲେ । ତତ୍ପରେ ତାଙ୍କର ଏକମାତ୍ର ପୁତ୍ର ରାମଚନ୍ଦ୍ର ଜଗଦେବ ସିଂହାସନ ଆରୋହଣ କଲେ । ଏହାଙ୍କ ରାଜତ୍ୱର ତୃତୀୟ ବର୍ଷରେ ୧୮୬୦ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣମେଣ୍ଟଙ୍କ ରାଜସ୍ୱ ବାକିରେ ଅଠଗଡ଼ ନିଲାମରେ ବିକ୍ରୀତ ହେବାର ସରକାରୀ ବିଜ୍ଞାପନ ପ୍ରଚାରିତ ହେଲା । ଖଲ୍ଲିକୋଟର ତତ୍‌କାଳୀନ ଧର୍ମପ୍ରାଣ ସୁବିଦ୍ୱାନ୍ ରାଜା ଶ୍ରୀ ନାରାୟଣ ମର୍ଦ୍ଦରାଜ ଦେବ ମହୋଦୟ ଅଠଗଡ଼କୁ ନିଲାମରେ କ୍ରୟ କରି ନିଜ ରାଜ୍ୟ ସଙ୍ଗେ ମିଶାଇଦେଲେ ।

ସେହି ଦିନଠାରୁ ଖଲ୍ଲିକୋଟର ରାଜବଂଶ ଅଠଗଡ଼ର ସିଂହାସନରେ ପ୍ରତିଷ୍ଠିତ ଅଛନ୍ତି ଏବଂ ରାଜ୍ୟର ନାମ ପରିବର୍ତ୍ତିତ ହୋଇ ତାହା ଖଲ୍ଲିକୋଟ-ଅଷ୍ଟଦୁର୍ଗ ନାମରେ ଅଭିହିତ ହେଉଅଛି । ନାରାୟଣ ମର୍ଦ୍ଦରାଜ ଦେବ ସେହି ସୁବିସ୍ତୀର୍ଣ୍ଣ ଖଲ୍ଲିକୋଟ, ଅଠଗଡ଼ ସମ୍ମିଳିତ ରାଜ୍ୟର ବର୍ତ୍ତମାନ ଅଧୀଶ୍ୱର ରାଜା ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ପିତାମହ । ଖଲ୍ଲିକୋଟ ରାଜବଂଶ ଇତିହାସ ପ୍ରସିଦ୍ଧ

ପ୍ରାଚୀନ ଉଦୟପୁରର ରାଣାବଂଶର ଗୋଟିଏ ଶାଖା । ଏମାନେ ଭରଦ୍ୱାଜ ଅଗ୍ନିକ୍ଷତ୍ରିୟ ବଂଶରୁ ସମ୍ଭୂତ । ପ୍ରାୟ ୪୦୦ ବର୍ଷ ପୂର୍ବେ ସେହି ବଂଶର ଗେଣ୍ଡୁ ରାଣା ଓ ଖାଡ଼ିନ ରାଣା ନାମକ ଦୁଇଜଣ କ୍ଷତ୍ରିୟ ବୀର ଦିଗ୍‌ବିଜୟ ବ୍ୟାପାରରେ ଦକ୍ଷିଣ ଦେଶକୁ ଆସି ସ୍ୱୀୟ ବାହୁବଳରେ ମୁସଲମାନମାନଙ୍କୁ ପରାସ୍ତ କରି ଖଲ୍ଲିକୋଟ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଗେଣ୍ଡୁ ରାଣା ଖଲ୍ଲିକୋଟର ଓ ତାଙ୍କ ଅନୁଜ ଖାଡ଼ିନ ପୂର୍ବୋକ୍ତ କଲକ୍ତର ରାଜ୍ୟର ପ୍ରଥମ କ୍ଷତ୍ରିୟ ରାଜା । ନାରାୟଣ ମର୍ଦ୍ଦରାଜ ଦେବ ଗେଣ୍ଡୁ ରାଣାଙ୍କର ତ୍ରୟୋଦଶ ବଂଶଧର । ନାରାୟଣ ପ୍ରାକୃତ ରାଜଶ୍ରୀବିମଣ୍ଡିତ ହୋଇ ମାତୃଗର୍ଭରୁ ଭୂମିଷ୍ଠ ହୋଇଥିଲେ । ଏହାଙ୍କର ଅନନ୍ୟସାଧାରଣ ତେଜଃପୁଞ୍ଜ ଦର୍ଶନ କରି ଶତ୍ରୁମାନେ ସର୍ବଦା ଏହାଙ୍କର ପଦାନତ ହୋଇ ରହିଲେ ଏବଂ ଏହି କ୍ଷଣଜନ୍ମା ମହୀପତିଙ୍କର ପୂର୍ବ ପୁଣ୍ୟରୁହିଁ ସ୍ୱର୍ଣ୍ଣପ୍ରସୂ ଆଠଗଡ଼ ରାଜ୍ୟ ଖଲ୍ଲିକୋଟର ଅଙ୍ଗୀଭୂତ ହେଲା । ସେ ଯେପରି ବିଦ୍ୟୋତ୍ସାହୀ, ସେହିପରି ଦାତା ଓ ସ୍ୱଧର୍ମାନୁରାଗୀ ଥିଲେ । ସେ ଲକ୍ଷାଧିକ ଟଙ୍କା ବ୍ୟୟ କରି ସ୍ୱୀୟ ରାଜଧାନୀରେ ଅଗ୍ନିଷ୍ଟୋମ ଯଜ୍ଞର ଅନୁଷ୍ଠାନ କରିଥିଲେ ଓ ସେଠାରେ ସ୍ୱୀୟ ଇଷ୍ଟଦେବତା ଜଗନ୍ନାଥ ଦେବଙ୍କ ପାଇଁ ଗୋଟିଏ ପ୍ରକାଣ୍ଡ ମନ୍ଦିର ନିର୍ମାଣ କରିଥିଲେ । ପୁରୀର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ଅନୁକରଣରେ ଏହି ମନ୍ଦିରଟି ନିର୍ମିତ ହୋଇଅଛି । ଖଲ୍ଲିକୋଟର ଏହି ମନୋହର ଓ ବିଶାଳ ଜଗନ୍ନାଥ ମନ୍ଦିର ଭଳି ମନ୍ଦିର ଓଡ଼ିଶାର ଅନ୍ୟଗଡ଼ଜାତମାନଙ୍କରେ ପ୍ରାୟଶଃ ଦେଖାଯାଏ ନାହିଁ । ନାରାୟଣ ମର୍ଦ୍ଦରାଜ ଦେବ ଯେ କେବଳ ଏହି ବିଶାଳ ମନ୍ଦିର ନିର୍ମାଣ କରି ଯାଇଅଛନ୍ତି ତାହା ନୁହେ, ଜଗନ୍ନାଥ ଦେବଙ୍କ ସେବାପୂଜାର ମଧ ବିପୁଳ ଆୟୋଜନ କରି ଯାଇଅଛନ୍ତି । ସେ ବହୁ ଅର୍ଥବ୍ୟୟରେ ସପରିବାରରେ ସମଗ୍ର ଭାରତ ଭ୍ରମଣ କରି ନାନା ତୀର୍ଥ ଦର୍ଶନ କରିଥିଲେ । ତତ୍‌କାଳୀନ ଆଠଗଡ଼ର ପ୍ରସିଦ୍ଧ ପଣ୍ଡିତ ଶ୍ରୀରଘୁନାଥ ରାଜଗୁରୁ ମହାପାତ୍ର ଏହାଙ୍କର ସଭା ପଣ୍ଡିତ ଥିଲେ । ଏହାଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ରାଜା ନାରାୟଣ ଏହାଙ୍କୁ ସ୍ୱୀୟ ରାଜ୍ୟର ଦେବାନପଦରେ ମନୋନୀତ କରିଥିଲେ । ରଘୁନାଥ ରାଜଗୁରୁ କବିସୂର୍ଯ୍ୟ ବଳଦେବଙ୍କର ଜଣେ ଏକାନ୍ତ ଭକ୍ତ । ସେ କବିସୂର୍ଯ୍ୟଙ୍କ 'ଚୌପଦୀରତ୍ନାକର' ଅନୁକରଣରେ 'ଚୌପଦୀକଳାନିଧି' ନାମରେ ଖଣ୍ଡିଏ ମନୋହର ସଙ୍ଗୀତ ପୁସ୍ତକ ଲେଖି ଯାଇଅଛନ୍ତି । ତାହା ଅଦ୍ୟାବଧି ଅପ୍ରକାଶିତ ।

ନାରାୟଣ ୧୮୮୭ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗାରୋହଣ କଲେ । ତତ୍ପୁତ୍ର ହରିହର ମର୍ଦ୍ଦରାଜ ଦେବ ସେତେବେଳେ ଅପ୍ରାପ୍ତବୟସ୍କ ଥିଲେ । ତେଣୁ ପ୍ରାୟ ଛଅ ବର୍ଷ ରାଜ୍ୟ ଗଭର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା ଓ ୧୮୯୩ ଖ୍ରୀଷ୍ଟାବ୍ଦରେ ହରିହର ରାଜସିଂହାସନରେ ଉପବେଶନ କଲେ । ହରିହରଙ୍କ ଭଳି ଉଦାରଚେତା, ବଦାନ୍ୟ, ଗୁଣଗ୍ରାହୀ ଓ ବିଦ୍ୟୋତ୍ସାହୀ ରାଜା ଅତ୍ୟଳ୍ପ ମାତ୍ର ଦେଖାଯାଇଅଛନ୍ତି । ସେ ଉତ୍ତମରୂପେ ବୁଝି ପାରିଥିଲେ—

"ଦାନୋପଭୋଗଶୂନ୍ୟେନ ଧନେନ ଧନିନୋ ଯଦି ।
ପୃଥ୍ୱୀଖାତନିଖାତେନ ଧନେନ ଧନିନୋ ବୟଂ ॥"

ଅର୍ଥାତ୍ ଦାନ ନ ଦେଇ ଓ ଉପଭୋଗ ନ କରି ଧନକୁ କେବଳ ମାଟିତଳେ ପୋତି ରଖି ଯେବେ ଲୋକେ ଧନବାନ୍ ବୋଲି ପରିଚିତ ହୁଅନ୍ତି, ତେବେ ଏହି ବସୁନ୍ଧରାଗର୍ଭରେ ନିହିତ ଥିବା ଅସଂଖ୍ୟ ଧନରତ୍ନଦ୍ୱାରା ଆମ୍ଭେମାନେ ସମସ୍ତେ ଧନବାନ୍ । ତେଣୁ ସେ ଅକୁଣ୍ଠିତଚିତ୍ତରେ ଧନର ସଦ୍‌ବ୍ୟବହାର କରିବାକୁ ଆରମ୍ଭ କରିଥିଲେ । ତାଙ୍କର ଅସାଧାରଣ ବଦାନ୍ୟତା ଦେଖି ତତ୍କାଳୀନ ରାଜନ୍ୟମଣ୍ଡଳୀ ବିସ୍ମିତ ହୋଇଥିଲେ । ସେ ପ୍ରାୟ ୧୬ ବର୍ଷ ରାଜତ୍ୱ କରିଥିଲେ ଏବଂ ଏହି ଅଳ୍ପକାଳ ମଧ୍ୟରେ ଏକ କୋଟି ବାର ଲକ୍ଷ ଟଙ୍କା ବ୍ୟୟ କରିଥିଲେ । ବର୍ଷେ ରାଜ୍ୟରେ ସୁବୃଷ୍ଟି ନ ହେବାରୁ ସେ ପ୍ରଜାମାନଙ୍କୁ ଏକ ଲକ୍ଷ ପଚିଶ ହଜାର ଟଙ୍କା ବାକି ରାଜସ୍ୱ ଛାଡ଼ି ଦେଇଥିଲେ । ସେ ଏକ ଲକ୍ଷ ସତର ହଜାର ଟଙ୍କା ଦାନ କରି ବ୍ରହ୍ମପୁର ସହରରେ ଯେଉଁ କଲେଜ ପ୍ରତିଷ୍ଠା କରି ଯାଇଅଛନ୍ତି, ତାହା ଅଦ୍ୟାବଧି 'ଖଲ୍ଲିକୋଟ' କଲେଜ ନାମରେ ଅଭିହିତ । ବ୍ରହ୍ମପୁରର ଟାଉନ-ହଲ ଏହାଙ୍କର ଅନ୍ୟ ଗୋଟିଏ ସାଧାରଣ କୀର୍ତ୍ତି । ଚିଲିକା କୂଳବର୍ତ୍ତୀ ରମ୍ଭା ନଗରରେ ସେ ଯେଉଁ ବହୁମୂଲ୍ୟ ନିଚିତ୍ର ରାଜପ୍ରାସାଦ ଓ ଉଦ୍ୟାନ ରଚନା କରି ଯାଇଅଛନ୍ତି, ସ୍ଥାନହୀନ ଉତ୍କଳ ଦେଶରେ ତାହାର ପଟାନ୍ତର ନାହିଁ କହିଲେ ଚଳେ । ଏହା ହରିହରଙ୍କର ସୌନ୍ଦର୍ଯ୍ୟଗ୍ରାହିତା, ଉଦାର ହୃଦୟବତ୍ତାର ସୁନ୍ଦର ନିଦର୍ଶନ । ପ୍ରଜାପୁଞ୍ଜର ଉପକାର ଉଦ୍ଦେଶ୍ୟରେ ଏ 'ପ୍ରଜାବନ୍ଧୁ' ନାମରେ ଯେଉଁ ସୁପ୍ରସିଦ୍ଧ ଉତ୍କଳ ପତ୍ରିକାର ପ୍ରଚାର କରିଥିଲେ, ତାହାର ଖ୍ୟାତି ଅଦ୍ୟାବଧି ଉତ୍କଳୀୟ ପାଠକ ସମାଜର ସ୍ମରଣୀୟ । ଏହି ମହାମନା ରାଜାଙ୍କ ଚେଷ୍ଟାରେହିଁ 'ଉତ୍କଳ ସମ୍ମିଳନୀ' ନାମକ ଓଡ଼ିଆ ଜାତୀୟ ଅନୁଷ୍ଠାନର ପ୍ରଥମ ସୂତ୍ରପାତ ହେଲା । ବ୍ରହ୍ମପୁରଠାରେ ୧୯୦୩ ଖ୍ରୀଷ୍ଟାବ୍ଦର ଏପ୍ରିଲ ମାସରେ ଗଞ୍ଜାମ ସମ୍ମିଳନୀର ଅଧିବେଶନ ହୋଇଥିଲା । କଟକ, ପୁରୀ, ବାଲେଶ୍ୱରର କେତେକ ବିଶିଷ୍ଟ ଭଦ୍ରଲୋକ ନିମନ୍ତ୍ରିତ ହୋଇ ଏଥିରେ ଯୋଗ ଦେଇଥିଲେ । ହରିହରଙ୍କର ଏହି ସବୁ ସଦନୁଷ୍ଠାନରେ ପ୍ରୀତ ହୋଇ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାହାଙ୍କୁ "ରାଜା ବାହାଦୁର" ଉପାଧିରେ ଭୂଷିତ କରିଥିଲେ ।

୧୯୦୯ ଖ୍ରୀଷ୍ଟାବ୍ଦରେ ହରିହର ପରଲୋକ ଗମନ କରିବାରୁ ତାହାଙ୍କର ଆତ୍ମଜ ବର୍ତ୍ତମାନ ଖଲ୍ଲିକୋଟ-ଅଷ୍ଟଦୁର୍ଗର ରାଜା ଶ୍ରୀରାମଚନ୍ଦ୍ର ମର୍ଦ୍ଦରାଜ ଦେବ ସିଂହାସନ ଲାଭ କଲେ । ପିତାଙ୍କର ମୃତ୍ୟୁ ସମୟରେ ସେ ମଧ୍ୟ ଅପ୍ରାପ୍ତବୟସ୍କ ଥିବାରୁ କେତେକ ବର୍ଷ ପାଇଁ ରାଜ୍ୟ ଗଭର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲା । ପରେ ଯଥାକାଳରେ ସେ ରାଜପଦରେ ପ୍ରତିଷ୍ଠିତ ହୋଇ ବର୍ତ୍ତମାନ ସ୍ୱହସ୍ତରେ ରାଜକାର୍ଯ୍ୟ ପରିଚାଳନ କରୁଅଛନ୍ତି । ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର

ବି. ଏ. ଶ୍ରେଣୀଯାଏ ଅଧ୍ୟୟନ କରି ସ୍ୱୀୟ ପିତା ଓ ପିତାମହଙ୍କର ଉପଯୁକ୍ତ ଉତ୍ତରାଧିକାରୀ ହୋଇଅଛନ୍ତି । ସମୁଚ୍ଚ ପାଶ୍ଚାତ୍ୟ ଶିକ୍ଷା ଲାଭ କରି ଓ ପାଶ୍ଚାତ୍ୟ ରୀତିନୀତି ଆଚାର ବ୍ୟବହାରରେ ସମ୍ପୂର୍ଣ୍ଣ ଅଭିଜ୍ଞ ହୋଇ ସୁଦ୍ଧା ସେ ବର୍ତ୍ତମାନ ସ୍ୱକୀୟ ପିତା-ପିତାମହଙ୍କ ଅନୁସୃତ ଧର୍ମପଥରୁ ବିଚଳିତ ହୋଇ ନାହାନ୍ତି । ରାଜକୁଳରେ ତାହାଙ୍କର ଏହି ପ୍ରତିଷ୍ଠା ଆଦର୍ଶସ୍ଥାନୀୟ କହିଲେ ଚଳେ । ନିରନ୍ତର ସତ୍‌କାର୍ଯ୍ୟରେ ବ୍ୟାପୃତ ରହିବାରୁ ବିଳାସବାସନା ତାଙ୍କର ପବିତ୍ର ହୃଦୟକୁ ସ୍ପର୍ଶ କରି ପାରି ନାହିଁ । ଖଲ୍ଲିକୋ'ଠ ଓ ଅଠଗଡ଼ର ବୋଇରାଣୀରେ ଦୁଇଟି ସେକେଣ୍ଡରୀ ସ୍କୁଲ ପ୍ରତିଷ୍ଠା କରି ସେ ସ୍ୱୀୟ ପ୍ରଜାକୁଳର ଜ୍ଞାନୋନ୍ନତିର ପଥ ସୁଗମ କରିଅଛନ୍ତି । ଖଲ୍ଲିକୋଠ ଗଡ଼ରେ ପ୍ରତିଷ୍ଠିତ ସଂସ୍କୃତ ଚତୁଷ୍ପାଠୀ ଏହାଙ୍କ ସଂସ୍କୃତ ଭାଷାନୁରାଗର ଜ୍ୱଳନ୍ତ ନିଦର୍ଶନ ।

ଖଲ୍ଲିକୋଠ-ଅଠଗଡ଼ର ପ୍ରଜାକୁଳ ବର୍ତ୍ତମାନ ରାମଚନ୍ଦ୍ରଙ୍କ ରାଜତ୍ୱରେ ସେହି ପୁରାଣବିଶ୍ରୁତ 'ରାମରାଜ୍ୟ'ର ସୁଖ ଉପଭୋଗ କରୁଅଛନ୍ତି । ସେ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ରାଜ୍ୟ ମଧ୍ୟରେ କୃଷିର ଉନ୍ନତିକଳ୍ପେ ଅନେକଗୁଡ଼ିଏ 'ଜଳଭଣ୍ଡାର' ପ୍ରସ୍ତୁତ କରାଇଅଛନ୍ତି । ତଦ୍ୱାରା ରାଜ୍ୟ ମଧ୍ୟରୁ ଦୁର୍ଭିକ୍ଷର ଆଶଙ୍କା ଏକପ୍ରକାର ଦୂରୀଭୂତ ହୋଇଅଛି । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ବର୍ତ୍ତମାନ ମାନ୍ଦ୍ରାଜ କାଉନ୍‌ସିଲର ଜଣେ ବିଶିଷ୍ଟ ସଭ୍ୟ, ଗଞ୍ଜାମ ଡିଷ୍ଟ୍ରିକ୍ଟ ବୋର୍ଡର ପ୍ରେସିଡେଣ୍ଟ ଓ ଗଞ୍ଜାମ ଜମିନ୍ଦାରସଭାର ସଭାପତି ।

ସ୍ଥଳରେ ଆମ୍ଭମାନଙ୍କ କହିବାର ଉଦ୍ଦେଶ୍ୟ ଯେ, ଗୁଣଗ୍ରାହୀ ବିଦ୍ୟୋତ୍ସାହୀ ପୁଣ୍ୟାତ୍ମା ବା'ଲୁକେଶ୍ୱର ହରିଚନ୍ଦନ ଯେଉଁ ସିଂହାସନ ଅଲଂକୃତ କରୁଥିଲେ, ସେହି ସିଂହା'ସନ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ପରି ଦାତା, ବିଦ୍ୱାନ୍ ଓ ବିଦ୍ୱାନୁରାଗୀ ରାଜାମାନଙ୍କର ଅଧିକାରରେ ଅଛି ।

ଯେଉଁ ରାମଚନ୍ଦ୍ର ହରିଚନ୍ଦନଙ୍କ ସମୟରେ ଅଠଗଡ଼ ନିଲାମ ହୋଇଗଲା, ସେ ନିଃସନ୍ତାନ ଥିଲେ ଏବଂ ମୃତ୍ୟୁକାଳରେ ଧରାକୋଠର ଜନୈକ ରାଜକୁମାରଙ୍କୁ ପୋଷ୍ୟପୁତ୍ର ମନୋନୀତ କରି ଯାଇଥିଲେ । ତାଙ୍କ ନିଜ ରାଜ୍ୟ ଅଠଗଡ଼ ନିଲାମ ହୋଇ ଯାଇଥିଲା । ମାତ୍ର ଦୌହିତ୍ର ସୂତ୍ରରେ ସେ ଟିକାଲି ରଘୁନାଥପୁରରୁ ଯେଉଁ ରାଜ୍ୟାଂଶ ଲାଭ କରିଥିଲେ, ସେଠା'ରେ ତାଙ୍କ ପୋଷ୍ୟପୁତ୍ରଙ୍କର ବଂଶଧର ବର୍ତ୍ତମାନ ରାଜତ୍ୱ କରୁଅଛନ୍ତି । ଅଠଗଡ଼ ରାଜ୍ୟ ଖଲ୍ଲିକୋଠର ଅନ୍ତର୍ଭୁକ୍ତ ହୋଇଥିଲେହେଁ ଗଡ଼ ବା ରାଜଧାନୀ ଖଣ୍ଡ ଏହି ପୋଷ୍ୟପୁତ୍ରଙ୍କ ଅଧିକାରରେ ଅଛି । ମାତ୍ର ସେମାନେ ସୁଦୂରବର୍ତ୍ତୀ ଟିକାଲିରେ ରହୁଥିବାରୁ ବର୍ତ୍ତମାନ ଅଠଗଡ଼ ଗଡ଼ ଅରଣ୍ୟସମାକୁଳ ହୋଇଗଲାଣି । ଚତୁର୍ଦ୍ଦିଗରେ ପର୍ବତ-ପ୍ରାଚୀରବେଷ୍ଟିତ ସେହି ରମଣୀୟ ଗଡ଼ରେ ପ୍ରାୟ ଏକ ସହସ୍ର ଗୃହ ଥିଲା । ମନୋହର ଉଦ୍ୟାନ, ସୁପ୍ରଶସ୍ତ ଦୀର୍ଘିକା, ସୁବିପୁଳ ରାଜଭବନ, ଶତ ଶତ ଦେବମନ୍ଦିର ଓ ମଠରେ ପୂର୍ଣ୍ଣ ହୋଇ

ଯେଉଁ ସ୍ଥାନ ଆଜକୁ ପ୍ରାୟ ଅଶୀ ବର୍ଷ ତଳେ ସାହିତ୍ୟ ଓ ସଙ୍ଗୀତ ଆଲୋଚନାର କେନ୍ଦ୍ରସ୍ଥଳ ଥିଲା, ଆଜି ତାହା ଘୋର ଅରଣ୍ୟାବୃତ ହୋଇ ହିଂସ୍ର ଶ୍ୱାପଦକୁଳର କ୍ରୀଡ଼ା ସ୍ଥାନ ହୋଇଅଛି । ଉପତ୍ୟକା ପ୍ରଦେଶ ବାସଭବନ ଦ୍ୱାରା ପୂର୍ଣ୍ଣ ହୋଇ-ଯିବାରୁ ଅନେକ ଲୋକ ସେହି ପ୍ରାଚୀରପର୍ବତର ଅଧିତ୍ୟକାରେ ଘର କରି ରହିଥିଲେ । କୌଣସି ଆଗନ୍ତୁକ ଆଶ୍ରୟ ନିମନ୍ତେ ଆଠଗଡ଼ରେ ଉପସ୍ଥିତ ହେଲେ ତାଙ୍କୁ ପରମ ସମାଦରରେ ଗ୍ରହଣ କରି ରାଜା ସ୍ୱୟଂ ତାଙ୍କ ପାଇଁ ଭୂବୃତ୍ତିର ବ୍ୟବସ୍ଥା କରି ଦେଉଥିଲେ । କିନ୍ତୁ ଜନାକୀର୍ଣ୍ଣ ଗଡ଼ ମଧ୍ୟରେ ବାସ ଭବନର ସୁବିଧା ନ ଥିବାରୁ ଆଗନ୍ତୁକଙ୍କୁ ନିଜ ବାସଭବନ କଥା ଚିନ୍ତା କରିବାକୁ ହେଉଥିଲା । ଆଠଗଡ଼ ରାଜ୍ୟର ପ୍ରାୟ ଅର୍ଦ୍ଧେକ ଭୂବୃତ୍ତି ଏହି ସୂତ୍ରରେ ଦେବତ୍ର ଓ ବ୍ରହ୍ମତ୍ର ସମ୍ପତ୍ତିରେ ପରିଣତ ହୋଇଅଛି ।

ଗଡ଼ମଧ୍ୟବର୍ତ୍ତୀ ହେମଗିରି ସାହିରେ କବିସୂର୍ଯ୍ୟଙ୍କର ବାସଗୃହ ଥିଲା । ତାଙ୍କ ଦ୍ୱାରଦେଶରେ ଥିବା ଗୋଟିଏ ଆମ୍ରବୃକ୍ଷ ଛଡ଼ା ଆଉ ସବୁ କାଳଦ୍ୱାରା କବଳିତ ହୋଇଗଲଣି । ସେହି ଅନ୍ତଃସଙ୍କ ମହୀରୁହଟି ବିନା କବିସୂର୍ଯ୍ୟଙ୍କର ପ୍ରତ୍ୟକ୍ଷ ଦ୍ରଷ୍ଟା ଆଉ କେହି ନାହାନ୍ତି । ଆମ୍ଭେମାନେ ସେହି ବୃକ୍ଷମୂଳରେ ଦଣ୍ଡାୟମାନ ହୋଇ ମହାକବିଙ୍କ ଉଦ୍ଦେଶ୍ୟରେ ନମସ୍କାର କରି ଆପଣାକୁ ଧନ୍ୟ ମନେ କରୁଅଛୁଁ ।

କବିସୂର୍ଯ୍ୟଙ୍କ ପୁତ୍ର ବିଶ୍ୱନାଥ ରାୟଗୁରୁ ମଧ୍ୟ ସୁପଣ୍ଡିତ କବି ଥିଲେ । ସଂସ୍କୃତ ଏବଂ ଓଡ଼ିଆରେ ସେ ଅନେକ କବିତା ଲେଖି ଯାଇଅଛନ୍ତି । ବିଶ୍ୱନାଥ ସଂସାର ପ୍ରତି ଏକାନ୍ତ ଉଦାସୀନ ଥିଲେ, ତାଙ୍କର ସରଳତା ଓ ଔଦାସୀନ୍ୟ ହେତୁ କୁଟିଳ ପ୍ରକୃତିର ଲୋକମାନେ କ୍ରମେ ତାଙ୍କ ଦାନବୃତ୍ତି ହରଣ କରିନେଲେ । ଆଠଗଡ଼ବାସୀ ଜଣେ ଲୋକ ବର୍ତ୍ତମାନ କବିସୂର୍ଯ୍ୟଙ୍କ ଦାନବୃତ୍ତିମାନଙ୍କର ଅଧୀଶ୍ୱର ହୋଇ ସେ ଅଞ୍ଚଳରେ ଜଣେ ବିଶିଷ୍ଟ ଧନବାନ୍ ବୋଲି ପରିଚିତ । ସମସ୍ତ ଭୂବୃତ୍ତି ହସ୍ତାନ୍ତରିତ ହୋଇଯିବାରୁ ବିଶ୍ୱନାଥ କ୍ରମେ ନିଃସ୍ୱ ହୋଇ ପଡ଼ିଲେ । ତଥାପି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଶାସ୍ତ୍ରାଲାପ ଓ ଈଶ୍ୱରଚିନ୍ତା କରି ହୃଦୟରେ ପରମାନନ୍ଦ ଉପଭୋଗ କରୁଥିଲେ । ପ୍ରାୟ ପଚିଶ ବର୍ଷ ବୟସରେ ବିଶ୍ୱନାଥଙ୍କର ପରଲୋକପ୍ରାପ୍ତି ହେଲା । ପିତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଲୋକନାଥ ନିଃସହାୟ ଅବସ୍ଥାରେ ବ୍ରହ୍ମପୁର ତ୍ୟାଗ କରି ଅସ୍କା ନିକଟବର୍ତ୍ତୀ ଲଲ ଶାସନରେ ବାସ କଲେ । ସେ ମଧ୍ୟ ଜଣେ ପଣ୍ଡିତ ଓ କବି ଥିଲେ । ଗଣେଶ୍ୱର ନାମକ ଏକମାତ୍ର ପୁତ୍ର ଓ ସାତଗୋଟି କନ୍ୟାର ପିତାରୂପେ ସେ ସୁଖରେ ସଂସାରଯାତ୍ରା ନିର୍ବାହ କରି ଚଳିତ ବର୍ଷ ପରଲୋକଗାମୀ ହୋଇ ଅଛନ୍ତି । ଗଣେଶ୍ୱର ମାଟ୍ରିକୁଲେଶନ୍ ପାସ କରିଅଛନ୍ତି ।

# ଦ୍ୱାଦଶ ପରିଚ୍ଛେଦ

କବିସୂର୍ଯ୍ୟଙ୍କ ଜୀବନଚରିତ ଓ କାର୍ଯ୍ୟାବଳୀର ସଂକ୍ଷିପ୍ତ ଆଲୋଚନା ଏକ ପ୍ରକାର ଶେଷ ହେଲା । ତାଙ୍କ ଭଳି ଜଣେ ମହାକବିଙ୍କ ଜୀବନ ଓ କାର୍ଯ୍ୟ ଆଲୋଚନା କରିବାକୁ ଯାଇ ଆମ୍ଭେମାନେ ଧୃଷ୍ଟତାର ପରିଚୟ ଦେଉଅଛୁଁ । କଟକ ଓ ପୁରୀ ଅଞ୍ଚଳରେ ଲୋକେ କବିସୂର୍ଯ୍ୟଙ୍କୁ ଯେପରି ସମ୍ମାନ କରନ୍ତି, ଗଞ୍ଜାମ ଜିଲ୍ଲାର ଲୋକମାନେ ତାଙ୍କୁ ତଦପେକ୍ଷା ଶତଗୁଣରେ ଅଧିକ ଭକ୍ତି ଓ ସମ୍ମାନ କରନ୍ତି । ସ୍ଥୂଳରେ ସେ ଅଞ୍ଚଳରେ କି ଶିକ୍ଷିତ, କି ଅଶିକ୍ଷିତ ସମସ୍ତେ ତାଙ୍କୁ ଦେବତା ପରି ଭକ୍ତି କରନ୍ତି—ଦେଖି ଆମ୍ଭେମାନେ ବିସ୍ମିତ ହୋଇଅଛୁଁ । ଏ କେବଳ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଶାସ୍ତ୍ରଜ୍ଞାନର ଫଳ ନୁହେଁ, ତାଙ୍କର ରାଜକାର୍ଯ୍ୟ ପରିଚାଳନାରେ ଅସାଧାରଣ ଦକ୍ଷତା, ଜନାନୁରାଗ, ମାନବିକତା ଓ ହୃଦୟବତ୍ତାର ନିଦର୍ଶନ । ଏ ଦେଶରେ ଇଂରାଜୀ ଶିକ୍ଷା ପ୍ରବର୍ତ୍ତିତ ହେବା ଦିନରୁ ସଂସ୍କୃତଜ୍ଞ ପଣ୍ଡିତମାନଙ୍କ ସ୍ଥାନରେ ଇଂରାଜୀ ଶିକ୍ଷିତ ଲୋକେ ରାଜାମାନଙ୍କର ଦେବାନ ଓ ମ୍ୟାନେଜରରୂପେ ନିଯୁକ୍ତ ହେଉଅଛନ୍ତି, କିନ୍ତୁ ଏହା ପୂର୍ବେ ସଂସ୍କୃତଜ୍ଞ ପଣ୍ଡିତମାନେ ଯେ ସେ କାର୍ଯ୍ୟ ସୁଚାରୁରୂପେ ନିର୍ବାହ କରୁଥିଲେ, ଏହାର ବହୁ ଦୃଷ୍ଟାନ୍ତ ଆମ୍ଭେମାନେ ଦେଖିଅଛୁଁ । ବଳଦେବ ଜଳନ୍ତର, ପାରଳା, ମହୁରି ଓ ଆଠଗଡ଼ର ରାଜକାର୍ଯ୍ୟରେ ଯୋଗ ଦେଇ ଯେଉଁ କୃତିତ୍ୱ ଦେଖାଇଥିଲେ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ବେୟାର୍ଡ଼ ଓ ବାନରମ୍ୟାନ୍ ପ୍ରମୁଖ ସିଭିଲିଆନ୍‌ମାନେ ତାହାର ଭୂୟସୀ ପ୍ରଶଂସା କରି ଯାଇଅଛନ୍ତି । ଏସବୁ ଖ୍ୟାତି ବଂଶପରମ୍ପରାକ୍ରମେ ଏ ପର୍ଯ୍ୟନ୍ତ ସେ ଅଞ୍ଚଳରେ ଲୋକମୁଖରେ ପ୍ରଚଳିତ ଅଛି । ମାତ୍ର ଏ ଅଞ୍ଚଳରେ ଆମ୍ଭେମାନେ କେବଳ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ କବିତା ଦେଖି ମୁଗ୍ଧ । ଅବଶ୍ୟ ତାଙ୍କର ରାଜକାର୍ଯ୍ୟଗତ ପ୍ରଭା କାଳକ୍ରମେ ମଳିନ ହୋଇଯିବ, ମାତ୍ର ସେ ଯେଉଁ ଉତ୍କଳଭାଷା-ଜନନୀଙ୍କ ଗଳାରେ ସେ ଯେଉଁ ରତ୍ନହାର ଲମ୍ବାଇ ଦେଇ ଯାଇଅଛନ୍ତି, ତାହା ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ଅସ୍ତିତ୍ୱ ଥିବାଯାଏ ମଳିନ ହେବ ନାହିଁ । ସେହି ହେତୁରୁ ପଣ୍ଡିତମାନେ କହନ୍ତି—

"କୀର୍ତ୍ତିରକ୍ଷରସମ୍ବଦ୍ଧା ସ୍ଥିରା ଭବତି ଭୂତଳେ ।"

ପ୍ରକୃତରେ ଭୀମାର୍ଜ୍ଜୁନ ପ୍ରଭୃତି ମହାବୀରମାନଙ୍କର ଯଶଃ କ୍ଷୀଣ ହୋଇଗଲଣି, କିନ୍ତୁ ବ୍ୟାସ, ବାଲ୍ମୀକି ପ୍ରଭୃତି କବିମାନଙ୍କ ଅକ୍ଷରସମ୍ବଦ୍ଧା କୀର୍ତ୍ତି ଅଦ୍ୟାପି ଅକ୍ଷୁଣ୍ଣ ରହିଅଛି ଏବଂ ଚିରକାଳ ରହିବ ।

ଆମ୍ଭେମାନେ ଦେଖିଅଛୁଁ, କବିସୂର୍ଯ୍ୟ ଭଞ୍ଜୀୟ ଯୁଗର କବି ଏବଂ ଭଞ୍ଜଙ୍କ କବିତାର ଛାୟା ତାଙ୍କ ରଚନାରେ ସର୍ବତ୍ର ପ୍ରତିଫଳିତ । ସ୍ୱକୀୟ ଅସାଧାରଣ

କଥାରେ ସଙ୍ଗାତ' ଏହା ବଳଦେବଙ୍କର ଗୋଟିଏ ସୁନ୍ଦର କରୁଣରସାତ୍ମକ ଗୀତର ଘୋଷା ।"

ଏହି ଉକ୍ତିରେ ରାଧାନାଥ ବଳଦେବଙ୍କୁ ମହାତ୍ମାରୂପେ ନିର୍ଦ୍ଦେଶ କରିଅଛନ୍ତି । ରାଧାନାଥ ଗୁଣଗ୍ରାହୀ, ତାଙ୍କର ଏଭଳି ଉକ୍ତି ଯେ ଅତିରଞ୍ଜନ ନୁହେଁ, ତାହା ସହଜରେ ଅନୁମାନ କରାଯାଏ । ବର୍ତ୍ତମାନ ଯୁଗରେ ଆମ୍ଭେମାନେ ଯେ କବିସୂର୍ଯ୍ୟଙ୍କ କବିତାର ମାଧୁର୍ଯ୍ୟରେ ମୁଗ୍ଧ ହେଉଅଛୁଁ ତାହା ନୁହେଁ; ଯେଉଁ ସମୟରେ ସେ କବିତା ଲେଖିଥିଲେ, ସେତେବେଳେ ମଧ୍ୟ ଲୋକେ ତାହାର ସରସତାରେ ମୁଗ୍ଧ ହୋଇଥିଲେ । ଆମ୍ଭେମାନେ ପୂର୍ବେ ଯେଉଁ କବିଚନ୍ଦ୍ରଙ୍କ କଥା ଉଲ୍ଲେଖ କରିଅଛୁଁ, ସେ ମଧ୍ୟ ଜଣେ ଉଚ୍ଚଦରର କବି ଓ ପଣ୍ଡିତ ଥିଲେ ଏବଂ ପ୍ରତିଯୋଗିତାକ୍ଷେତ୍ରରେ କବିସୂର୍ଯ୍ୟଙ୍କ ସମକକ୍ଷ ହେବାକୁ ବହୁକାଳ ଚେଷ୍ଟା କରିଥିଲେ । ଶେଷରେ ଯେତେବେଳେ ନିଜର ଶକ୍ତିର ଅଭାବ ଅନୁଭବ କଲେ, ସେତେବେଳେ ଅନନ୍ୟୋପାୟ ହୋଇ ନୈଷଧପ୍ରଣେତା ଶ୍ରୀହର୍ଷଙ୍କ ପରି ସଂସ୍କୃତ କବିତା ଓ କବିସୂର୍ଯ୍ୟଙ୍କ ପରି ଭାଷା କବିତା ଲେଖିବା କାମନା କରି କଲିକତାର ପ୍ରସିଦ୍ଧ ଦେବୀ କାଳୀଙ୍କଠାରେ ପ୍ରାୟ ବର୍ଷେକାଳ କଠୋର ସାଧନା କରିଥିଲେ । ଶେଷରେ ଦେବୀ ପ୍ରସନ୍ନା ହେଲେ ଓ ବରଦାତ୍ରୀ ରୂପେ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଥିଲେ, "ଏ ଜନ୍ମରେ ତୁମ୍ଭର ସେପରି କ୍ଷମତା ହେବ ନାହିଁ, ଯେବେ ତୁମ୍ଭେ ସେପରି କ୍ଷମତା ଲାଭ କର, ତେବେ ୩୦ ବର୍ଷ ବୟସରେ ତୁମ୍ଭର ମୃତ୍ୟୁ ହେବ ।" ସାଧକ ଏଥିରେ ସମ୍ମତ ହେବାରୁ ଦେବୀ "ତଥାସ୍ତୁ" ବୋଲି ବର ଦାନ କରି ଅନ୍ତର୍ହିତ ହେଲେ । ସେଠାରୁ ଫେରି ଆସି ସେ ଯେଉଁ କବିତାମାନ ଲେଖିଲେ, ଆମ୍ଭେମାନେ ପୂର୍ବେ ତାହାର ଆଦର୍ଶ ଦେଇଅଛୁଁ । ତାହା ପଢ଼ିଲେ କବିସୂର୍ଯ୍ୟଙ୍କ କବିତା ବୋଲି ଭ୍ରମ ହୁଏ । ମାତ୍ର ତାଙ୍କୁ ବେଶି ଦିନ ଆଉ କବିସୂର୍ଯ୍ୟଙ୍କ ପ୍ରତିଯୋଗିତା କରିବାକୁ ପଡ଼ି ନ ଥିଲା । ୩୦ ବର୍ଷ ନ ପୂରୁଣୁ ତାଙ୍କୁ ସଂସାରକ୍ଷେତ୍ର ତ୍ୟାଗ କରିବାକୁ ପଡ଼ିଲା । ଏ କଥାଟି ଏପର୍ଯ୍ୟନ୍ତ ଖଲ୍ଲିକୋଟ ଆଠଗଡ଼ ଅଞ୍ଚଳରେ ପ୍ରବାଦରୂପେ ପ୍ରଚଳିତ ଅଛି ।

କବିସୂର୍ଯ୍ୟଙ୍କ କବିତାବଳୀକୁ ଆମ୍ଭେମାନେ ପ୍ରଧାନତଃ ତିନିଭାଗରେ ବିଭକ୍ତ କରିଅଛୁଁ । ୧—ରାଧାକୃଷ୍ଣବିଷୟକ । ୨—ସାଧାରଣ ନାୟକନାୟିକାବିଷୟକ । ୩—ଭକ୍ତିବିଷୟକ । ପ୍ରଥମ ବିଭାଗଦ୍ୱୟର ଅଙ୍ଗୀରସ ଶୃଙ୍ଗାର ଓ ଶେଷ ବିଭାଗର ଅଙ୍ଗୀରସ ଶାନ୍ତ । ଏହା ଛଡ଼ା ହାସ୍ୟରସ ଓ କରୁଣରସର ବର୍ଣ୍ଣନାରେ ମଧ୍ୟ ସେ ସିଦ୍ଧହସ୍ତ ଥିଲେ । ହାସ୍ୟରସର ବର୍ଣ୍ଣନାପ୍ରସଙ୍ଗରେ ଆମ୍ଭେମାନେ ତତ୍ପ୍ରଣୀତ "ହାସ୍ୟକଲ୍ଲୋଳ"ର କିୟଦଂଶ ପୂର୍ବେ ଉଦ୍ଧାର କରିଅଛୁଁ ଏବଂ କରୁଣରସ ପ୍ରସଙ୍ଗରେ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂର 'ଗ' ଗୀତ ଓ 'ଘ' ଗୀତ ପାଠ କରିବାକୁ ପାଠକସମାଜକୁ ଅନୁରୋଧ କରୁଅଛୁଁ । ଶାନ୍ତରସ ବର୍ଣ୍ଣନା ପ୍ରସଙ୍ଗରେ ଏ ଥିପୂର୍ବେ

ତାଙ୍କର ଦୁଇଟି ସ୍ତୋତ୍ର କଥା ଉଲ୍ଲେଖ କରିଥିଲୁଁ । ଏ ପୁସ୍ତକର ସଙ୍ଗୀତ-ପ୍ରକରଣରେ ପ୍ରଦତ୍ତ ହୋଇଥିବା "ଗୋ ରସନାଟି, କୃଷ୍ଣନାମ ଛାଡ଼ି ଅନେ ରସ ନାହିଁ" ନାମକ ସଙ୍ଗୀତଟି ଶାନ୍ତରସବର୍ଣ୍ଣନାର ଅତି ଗୋଟିଏ ସୁନ୍ଦର ଉଦାହରଣ ।

ସାଧାରଣ-ନାୟକନାୟିକାଙ୍କ ଚରିତ୍ରଚିତ୍ରଣ ବିଷୟକ କବିତା ମଧ୍ୟରେ ତାଙ୍କ ଚନ୍ଦ୍ରକଳା ଅସମ୍ପୂର୍ଣ୍ଣ କାବ୍ୟହିଁ ପ୍ରଧାନ । ତା ଛଡ଼ା ସେ ବିଷୟରେ ତାଙ୍କର କେତେଗୁଡ଼ିଏ ଚୌପଦୀ ବା ସଙ୍ଗୀତ ମଧ୍ୟ ଅଛି । ମାତ୍ର ସେଗୁଡ଼ିକର ସଂଖ୍ୟା ଅତ୍ୟଳ୍ପ । କବିସୂର୍ଯ୍ୟ ଅସଂଖ୍ୟ ଚୌପଦୀ ବା ଖଣ୍ଡକବିତାର ପ୍ରଣେତା । ସେଥିରେ ସେ ରାଧାକୃଷ୍ଣଙ୍କୁ ବର୍ଣ୍ଣନୀୟ ନାୟକନାୟିକାରୂପେ ଗ୍ରହଣ କରିଅଛନ୍ତି; ତେଣୁ ମନେ ହୁଏ, ତାଙ୍କ ମତରେ ରାଧାକୃଷ୍ଣହିଁ ଜଗତର ଆଦର୍ଶ ନାୟିକା ଓ ନାୟକ । ଅବଶ୍ୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂରେ ସେ ରାଧାକୃଷ୍ଣଙ୍କୁ ଉପାସ୍ୟ ଦେବତାରୂପେ ଗ୍ରହଣ କରିଅଛନ୍ତି । କିନ୍ତୁ ତତ୍ପ୍ରଣୀତ ସଙ୍ଗୀତାବଳୀ ମଧ୍ୟରେ ସେ ଅନେକ ସ୍ଥାନରେ ଶୃଙ୍ଗାରରସର ଶେଷ ପର୍ଯ୍ୟନ୍ତ ବର୍ଣ୍ଣନା କରି ଶେଷରେ ରାଧାକୃଷ୍ଣଙ୍କ ନାମରେ ସମର୍ପଣ କରିବାଦ୍ୱାରା ସତେ ଯେପରି ସେ ସବୁକୁ ତୁଳସୀପତ୍ର ପକାଇ ପବିତ୍ର କରି ଦେଇଅଛନ୍ତି । ତେଣୁ କେହି କେହି ବଳଦେବଙ୍କୁ 'ତୁଳସୀପତ୍ରିଆ' କବି ବୋଲି କହନ୍ତି । ଆମ୍ଭେମାନେ ପୂର୍ବେ କହିଅଛୁଁ, ହିନ୍ଦୁ ସ୍ୱୀୟ ଆରାଧ୍ୟ ଦେବତାଙ୍କ ପ୍ରଣୟ ବର୍ଣ୍ଣନାକୁ ଭକ୍ତିଦୃଷ୍ଟିରେ ଦେଖିବାରେ ଅଭ୍ୟସ୍ତ । କବିସୂର୍ଯ୍ୟ ଏହି ଉପାୟରେ ଆଦିରସ ବର୍ଣ୍ଣନା ଦୋଷରୁ ମୁକ୍ତ ହେବାକୁ ଚେଷ୍ଟା କରି ତାଙ୍କ ପୂର୍ବ କବିମାନଙ୍କଠାରୁ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିଅଛନ୍ତି ।

ଛାନ୍ଦ, ଚମ୍ପୂ ଓ ସଙ୍ଗୀତ ଛଡ଼ା ସେ ଅନେକ ଚିତ୍ରକବିତା ମଧ୍ୟ ରଚନା କରିଥିଲେ । ଆମ୍ଭେମାନେ ଯଥାସ୍ଥାନରେ ସେଥିରୁ କେତେକ ଅଂଶ ଉଦ୍ଧାର କରି ପାଠକସମାଜକୁ ଉପହାର ଦେବୁଁ । ଥରେ ଗଣିକାଗଣଙ୍କୁ ଲକ୍ଷ୍ୟ କରି ଲେଖିଥିଲେ:—

ଦାସୀ ବୋଲି ଯାହା କଲ୍ପି ଦଇବ, ତା ରୀତି ବଚନେ କିସ କହିବ,
ଭାସି ହେଉ ପଛେ ଉରୋଜଶ୍ରେଣୀ, ନାସିରେ ନିକ ତା ଛାରକୁ ଗଣି;
  କାହାର ସେ ନୁହେଁ, ଜୁହାର ଗେଲାଇ ପରାଣ ଦହେ । ୧ ।
କି କାର୍ଯ୍ୟ ତାଠାରୁ ସେ କି ନାୟିକା, "ଦକା"* ବିକା ଏକା ଯାହା ଜୀବିକା,
ରଙ୍ଗରେ ସଙ୍ଗରେ ରସଇ ଯେହି, ରସ ଖାଇ ଖାଇ ପରାଣ ଯାଇ,
  କହିବା କାହାକୁ, ଫନ୍ଦା କରେ ସେ ଜନାପବାଦକୁ । ୨ ।

* ଦକା—ଶଶୀଠାର ଅନୁସାରେ 'ଦ' ଠାରେ 'ବ' ଓ 'କ' ଠାରେ 'ଅ' ହୁଏ; ଅଶ୍ଳୀଳତା ଦୋଷ ପରିହାର ପାଇଁ କବି ଏଠାରେ ଶଶୀଠାର ଭାଷା ପ୍ରୟୋଗ କରିଅଛନ୍ତି

ଶଠକୁ ଦେଖଯାଏ ଅତି ସ୍ନେହେ, ନଷ୍ଟକୁଷ୍ଟ କଥା ହଜାରେ କହେ,
ବାବୁ ଭାଇ ମାମୁ ପିଉସୀ ପଣ, ଲଣ୍ଡଭଣ୍ଡ ମାମଲତ କରନ୍ତି,
କିଛି ନୁହେ ଭଲ, ଛି ଛି ତା ମୁହେଁ ପଡୁ ନିଆଁ ଝୁଲ । ୩ ।
ତାଡରେ ହାଡ଼ ହୋଇଥିଲେ ହେଲେ, କାଢରେ ରୁପା ଗୁବ ଚନା ଥିଲେ,
ସାଢରେ ତାକୁ ତଳପକୁ ଡାକ, ଛାଢରେ ଭଡ଼ ଶୁଆଇ ସେ ଜାକ,
କାଢିଟି ଛଡ଼ାଇ, ହାଡ଼ ଶେଷରେ ଦିଏ ଘଉଡ଼ାଇ । ୪ ।
କନ୍ଦର୍ପ ପରି ହେଉ ରୂପବନ୍ତ, ଗଣେଶ ସମାନ ହେଉ ପଣ୍ଡିତ,
ଜନ୍ମ ଲଭିଥାଉ ଦ୍ୱିଜକୁଳରେ, ମାତଙ୍ଗକୁ ଜିଣିଥାଉ ବଳରେ,
ଧନ ନାହିଁ ଯେବେ, ମନ ନାହିଁ ବାରାଙ୍ଗନାର କେବେ । ୫ ।

ଏହିପରି ନାନାଭାବରେ ସେ ଅସଂଖ୍ୟ କବିତା ରଚନା କରିଅଛନ୍ତି ।

କବିସୂର୍ଯ୍ୟଙ୍କ ଚରିତ୍ର ଅତି ମଧୁର ଓ କମନୀୟ ଥିଲା । ଏହି ଚରିତ୍ର-ମାଧୁରୀରେ ଆକୃଷ୍ଟ ହୋଇ ବାଳକଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ସହବାସ କାମନା କରୁଥିଲେ । ସ୍ୱୀୟ ପ୍ରତ୍ୟୁତ୍ପନ୍ନମତିତ୍ୱସୂଚକ ବଚନଭଙ୍ଗୀରେ ସେ ସମସ୍ତଙ୍କୁ ମୁଗ୍ଧ କରି ପାରୁଥିଲେ । ନିଜ ପାଣ୍ଡିତ୍ୟ ବିଷୟରେ ସେ କେବେହେଁ ଅହଙ୍କାର କରୁ ନ ଥିଲେ, ତେଣୁ ତତ୍କାଳୀନ ସମାଜର ବହୁ ପଣ୍ଡିତ ଓ ଲେଖକ ତାଙ୍କ ସାହାଯ୍ୟରେ ନାନାଭାବରେ ଉପକୃତ ହୋଇଅଛନ୍ତି ।

# କବିସୂର୍ଯ୍ୟ ଗ୍ରନ୍ଥାବଳୀ

ଦ୍ୱିତୀୟ ଭାଗ

## କିଶୋରଚନ୍ଦ୍ରାନନ୍ଦ ଚମ୍ପୂ

ଓ

## ଚୌପଦୀ-ରତ୍ନାକର

# କିଶୋରଚନ୍ଦ୍ରାନନ୍ଦ ଚମ୍ପୂ

### ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ

### ମଙ୍ଗଳାଚରଣ

ତେନେ ଯେନେହ କୃଷ୍ଣାବସନବିତରଣୋଦ୍‌ବେଗନୈପୁଣ୍ୟପୁଣ୍ୟଂ,
ପାର୍ଥାନର୍ଥାନ୍ କୁରୂଣାମଧିପତିବିହିତାନ୍ ଯୋ ଜୁହାବାହବାଗ୍ନୌ ।
ସତ୍ୟାମତ୍ୟାନୟଦ୍ ଯୋ ଭୁବମମରତରୁଂ ସ୍ୱର୍ଗତୋଽନର୍ଗଲୌଜାଃ,
ହନ୍ତା ଦନ୍ତାବଳାର୍ତ୍ତେଃ ସ ପରମପୁରୁଷଃ ସନ୍ତତଂ ଶଂ ତନୋତୁ ।

---

ଭାଷା ସ୍ୱୀୟା ମ୍ଳାନମନଃ ସରୋଜଂ ବ୍ୟାକାଶୟଦ୍ ଯୋ ଦୟୟାସ୍ମଦୀୟଂ,
ତମାତ୍ମରୂପଂ ହୃଦୟାଧିରାଜଂ ସତ୍ୟଂ ଶିବଂ ସୁନ୍ଦରମାଶ୍ରୟେଽହଂ ॥

ସଂସ୍କୃତ ଟୀକା—ଗ୍ରନ୍ଥାରମ୍ଭେ ମଙ୍ଗଳମାଚରତି ତେନେ ଇତି । ଯେନ ଶ୍ରୀକୃଷ୍ଣେନ ଇହାସ୍ମିନ୍ ସଂସାରେ କୃଷ୍ଣାୟୈ ଦ୍ରୌପଦ୍ୟୈ କୁରୁସଭାୟାଂ ଦୁରାତ୍ମନା ଦୁଃଶାସନେନାକୃଷ୍ଟବସ୍ତ୍ରାୟୈ ଇତ୍ୟର୍ଥଃ, ବସନବିତରଣେ ବସ୍ତ୍ରପ୍ରଦାନେ ଯ ଉଦ୍‌ବେଗ ସ୍ତସ୍ମିନ୍ ଯତ୍ ନୈପୁଣ୍ୟଂ ତଦେବ ପୁଣ୍ୟଂ ତେନେ ଅଚରିତଂ; ଯଃ ଶ୍ରୀକୃଷ୍ଣଃ କୁରୂଣାମଧିପତିଦୁର୍ଯ୍ୟୋଧନସ୍ତେନ ବିହିତାନ୍ କୃତାନ୍ ପାର୍ଥାନାଂ ଯୁଧିଷ୍ଠିରାଦୀନା-ମନର୍ଥାନ୍ ଅନିଷ୍ଟାନି ଆହବଃ କୁରୁକ୍ଷେତ୍ରଯୁଦ୍ଧଂ ଅଗ୍ନିରିବ ତସ୍ମିନ୍; ଜୁହାବ ଆଜୁହୋତ୍; ଯୋଽନର୍ଗଲୌଜା ଅମିତବିକ୍ରମଶାଲୀ ସତ୍ୟାୟାଃ ସତ୍ୟଭାମାୟାଃ ସ୍ୱପତ୍ନ୍ୟାଃ ମତ୍ୟା ବୁଦ୍ଧ୍ୟା ତସ୍ୟାନୁରୋଧଃ ସନ୍ନିତ୍ୟର୍ଥଃ ଅମରତରୁଂ ପାରିଜାତବୃକ୍ଷଂ ସ୍ୱର୍ଗତଃ ସ୍ୱର୍ଲୋକାତ୍ ଭୁବଂ ପୃଥିବୀଂ ଆନୟତ୍ ଆନୀତବାନ୍, ଦନ୍ତାବଳାର୍ତ୍ତେ ଗ୍ରାହଗ୍ରସ୍ତସ୍ୟ ଗଜରାଜସ୍ୟ ଆର୍ତ୍ତେଃ ଦୁଃଖସ୍ୟ ହନ୍ତା ବିନାଶକଃ ସ ପରମପୁରୁଷଃ ସନ୍ତତଂ ସର୍ବଦା ଶଂ ମଙ୍ଗଳଂ ତନୋତୁ ବିସ୍ତାରୟତୁ ।

ଉତ୍କଳ ଅନୁବାଦ—କୁରୁସଭାରେ ଦୁଃଶାସନ ବସ୍ତ୍ର ଆକର୍ଷଣ କରନ୍ତେ ଦ୍ରୌପଦୀଙ୍କୁ ବସ୍ତ୍ର ଦାନ କରି ଯେ ଏହି ସଂସାରରେ ପୁଣ୍ୟକୀର୍ତ୍ତି ବିସ୍ତାର କରିଥିଲେ, ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ଯେଉଁ ସବୁ ଅନିଷ୍ଟ କରିଥିଲା, ସେ ସବୁକୁ ଯେ କୁରୁକ୍ଷେତ୍ର ଯୁଦ୍ଧାଗ୍ନିରେ ଆହୁତିରୂପେ ପ୍ରଦାନ କରିଥିଲେ, ସ୍ୱପତ୍ନୀ ସତ୍ୟଭାମାଙ୍କ ଅନୁରୋଧରେ ଯେ ପାରିଜାତ ବୃକ୍ଷକୁ ସ୍ୱର୍ଗରୁ ଭୂଲୋକକୁ ଆଣିଥିଲେ, କୁମ୍ଭୀର-ଦ୍ୱାରା ଆକ୍ରାନ୍ତ ହୋଇଥିବା ଗଜରାଜଙ୍କୁ ଯେ ଉଦ୍ଧାର କରିଥିଲେ, ସେହି ପରମ ପୁରୁଷ ଶ୍ରୀକୃଷ୍ଣ ସର୍ବଦା ମଙ୍ଗଳ ବିସ୍ତାର କରନ୍ତୁ ।

କ୍ୱ ବସ୍ତ୍ୱହିଫଟାନଟାଚରଣଲମ୍ପଟାଙ୍ଘ୍ରିଦ୍ୱୟଂ
ମହଃ କ୍ୱ ଚ ଲସନ୍ମହାରଜତଜାତଜୈତ୍ରଂ ପୁନଃ;
ତୟୋଃ କ୍ୱ ଘଟନାବଧୌ କବନକଳ୍ପନଂ ସ୍ୱଳ୍ପଧୀ—
ରହଂ କ୍ୱ ଚ କଥଂ ହଠାଦୁଦଗମୀଦ୍ଦୃଶଂ ସାହସଂ ।

କଥମହମିହ ମହାତମନ୍ଦ୍ରମମହୋଦଧେର୍ମହେନ୍ଦ୍ରମଣିମୟୂଖସନ୍ଦୋହ-ସନ୍ଦୋହଦଙ୍ଗମହସ୍ତୋ ବିହାରଣାର୍ଣବେ ମଧ୍ୟେ ମଧ୍ୟେ ବଧୂଦନ-ନ୍ୟାସ୍ତାନ୍ୟୁସିଙ୍କାନ୍ତତସ୍ୟ ସର୍ବେଶ୍ୱରସ୍ୟ ଶ୍ରୀନନ୍ଦନନ୍ଦନସ୍ୟାଖଣ୍ଡ-ତପୋମଣ୍ଡଳପିଚଣ୍ଡିଳୀକୃତାନେକାନେହସୋ ଭଗବତୋ ମାର୍ତ୍ତଣ୍ଡସ୍ୟ ସୁକୃତକୃତାବତାରୟା ରାଧୟା ସହ ଲୀଲାଂ ଲୋକୋତ୍ତରାମଲ୍ପଧୀର୍ଜଳ୍ପାମୀତି କବିଷ୍ଟିନ୍ତୟାମାସ ।

---

ଟୀକା—ସାମ୍ପ୍ରତଂ କବିଃ ସ୍ୱାହଙ୍କାରଂ ପରିହରତି କ୍ୱବସ୍ତ୍ୱେତି । ଅହେଃ କାଳୀୟସ୍ୟ ଫଟାୟାଂ ଫଣାୟାଂ ନଟାଚରଣେ ନର୍ତ୍ତନେ ଲମ୍ପଟଂ ଅଙ୍ଘ୍ରିଦ୍ୱୟଂ ଚରଣଦ୍ୱୟଂ ଯସ୍ୟ ତତ୍ ବସ୍ତୁ ଶ୍ରୀକୃଷ୍ଣାଖ୍ୟୋ ବ୍ରହ୍ମପଦାର୍ଥଃ କ୍ୱ କୁତ୍ର, ଲସନ୍ତ୍ୟାଃ ମହାରଜତାନାଂ କାଞ୍ଚନାନାଂ ଜାତେଃ ଶ୍ରେଷ୍ଠବିଭାଗସ୍ୟ ଜୈତ୍ରଂ ଜୟଶୀଳଂ ମହସ୍ତେଜଃ ଶ୍ରୀରାଧାତ୍ମକମିତ୍ୟର୍ଥଃ ପୁନଃ କ୍ୱଃ ତୟୋର୍ବସ୍ତୁମହସୋଃ ପ୍ରକୃତି-ପୁରୁଷୟୋରିତ୍ୟର୍ଥଃ ଘଟନାବଧୌ ମେଳନକ୍ରିୟାୟାଂ କବନକଳ୍ପନଂ କବିତ୍ୱକଳ୍ପନା କ୍ୱ, ସ୍ୱଳ୍ପଧୀଃ କ୍ଷୀଣବୁଦ୍ଧିରହଂ ଚ କ୍ୱ କଥଂ ହଠାଦୀଦୃଶଂ ସାହସଂ ସାହସିକତା ପ୍ରକୃତିପୁରୁଷୟୋଃ ଶ୍ରୀରାଧାକୃଷ୍ଣୟୋର୍ମେଳନବିଷୟାତ୍ମକଂ ଚମ୍ପୂକାବ୍ୟ ନିର୍ମାଣ-ରୂପଂ ଅବାଙ୍ମାନସଗୋଚରମିତି ଭାବଃ ଉଦଗତଂ ଜାତଂ । ଶ୍ଲେଷଣସ୍ତୁ ହଣୀୟ-ତମତେଜସୋଃ କବିତ୍ୱକଳ୍ପନମ୍ପୁତୟୋସ୍ତୁ ସତ୍ୟପିମହଦବୈଷମ୍ୟେ ମମାୟମୁଦ୍ୟମଃ ସ୍ୱବିଷ୍ଟତ୍ୱେ ଭଗବତ୍କୃପାମାତ୍ରାପେକ୍ଷ୍ୟ ଇତି ଫଳିତୋଽର୍ଥଃ ।

ଅନୁବାଦ—ଯାହାଙ୍କର ଚରଣଦ୍ୱୟ କାଳୀୟ ସର୍ପର ଫଣାରେ ନୃତ୍ୟ କରିବାରେ ନିପୁଣ, ସେହି ପରଂବ୍ରହ୍ମରୂପୀ ଶ୍ରୀକୃଷ୍ଣ କେଉଁଠାରେ, ସୁବର୍ଣ୍ଣ ତେଜକୁ ଜୟ କରୁଥିବା ପ୍ରକୃତିରୂପିଣୀ ରାଧିକାଙ୍କର ସମୁଜ୍ଜ୍ୱଳ ଜ୍ୟୋତି ବା ପୁଣି କେଉଁଠାରେ ? ସେ ଦୁହିଙ୍କର ମିଳନାତ୍ମକ ଚମ୍ପୂକାବ୍ୟ ନିର୍ମାଣରେ କବିତ୍ୱକଳ୍ପନା ବା କେଉଁଠାରେ ? କ୍ଷୀଣବୁଦ୍ଧି ମୁଁ ବା କେଉଁଠାରେ ? ହଠାତ୍ କାହିଁକି ମୋର ଏପରି କାର୍ଯ୍ୟରେ ପ୍ରବୃତ୍ତ ହେବାରେ ସାହସ ହେଲା ।

ଟୀକା—ଅଲ୍ପଧୀଃ କ୍ଷୀଣବୁଦ୍ଧିରହଂ କଥଂ ରାଧୟା ସହ ଶ୍ରୀକୃଷ୍ଣସ୍ୟ ଲୋକୋତ୍ତର-ମଲୌକିକୀଂ ଲୀଳାଂ ଜଳ୍ପାମୀତି କବିଶ୍ଚିନ୍ତୟାମାସ । କିଂ ଭୂତସ୍ୟ ଭଗବତ ଇତ୍ୟ-ପେକ୍ଷାୟାମାହ, ମହତାନାଂ ପୂଜିତାନାଂ ମହସ୍ତ୍ୱଂ ମହୋଦଧେର୍ମହାମହିମଶାଳିନ

ଇତ୍ୟର୍ଥଃ, ପୁନଃ କିଂଭୂତସ୍ୟ, ମହେନ୍ଦ୍ରମଣେରିନ୍ଦ୍ରନୀଲମଣେର୍ମୟୂଖାନାଂ କିରଣାନାଂ ଯଃ ସନ୍ଦୋହଃ ସମୂହସ୍ତସ୍ୟ ସହୋଦରଂ ତତ୍ତୁଲ୍ୟମଙ୍ଗମହଃ ଶରୀରକାନ୍ତିର୍ଯସ୍ୟ ତସ୍ୟ, ପୁନଃ କିଂଭୂତସ୍ୟ, ମଧୁରେ ମଧୌ ମନୋହରେ ବସନ୍ତର୍ତ୍ତୌ ବିହାର-ଶାଳିନୋ ଭ୍ରମଣକାରତସ୍ୟ, ବଧୂନାଂ ଗୋପାଙ୍ଗନାସ୍ୱଦତେନ ପ୍ରକାଶିତେନ ନ୍ୟାୟାନ୍ୱୟେନ ବ୍ୟବହାରସମ୍ବନ୍ଧେନ ସିଦ୍ଧାନ୍ତତସ୍ୟ ପରମାତ୍ମତୟା ନିରୂପିତସ୍ୟ ସ୍ୱସଙ୍ଗଲବ୍ଧେ ଗୋପସ୍ତ୍ରୀସମପଂକ୍ତ୍ୟେକ କୃଷ୍ଣଦର୍ଶନାଦିତି ଭାବଃ, ଯଦ୍ୱା ବଧୂଦତ-ନ୍ୟାୟାନାଂ କାନ୍ତାସଙ୍ଗିତଶାସ୍ତ୍ରାଣାମନ୍ୱୟଃ ପରେଷାଂ ସିଦ୍ଧାନ୍ତଃ ପ୍ରତିଷ୍ଠାପଦବୀଂ ପ୍ରାପିତୋ ଯସ୍ମାତ୍ ତାଦୃଶସ୍ୟ, 'ଶବ୍ଦମୂର୍ତ୍ତିଧରସ୍ୟୈତେ ବପ୍ତୋରଂଶା ମହାତ୍ମନ' ଇତ୍ୟାଦି ବିଷ୍ଣୁପୁରାଣବଚନାତ୍ * ସର୍ବେଶ୍ୱରସ୍ୟ ନିଖିଳବ୍ରହ୍ମାଣ୍ଡକାରଣସ୍ୟ, ରାଧାଂ ବର୍ଣ୍ଣୟନ୍ତି, ସୁକୃତକୃତାବତାରୟେତି—ଅଖଣ୍ଡିତପୋମଣ୍ଡଳେନ ଅବିଚ୍ଛିନ୍ନତପଃ ସନ୍ଦୋହେନପିଚଣ୍ଡିଳୀକୃତାଃ ପରିପୂରିତା ଅନେକେଽନେହସୋ ବହୁକାଳା ଯେନ ତସ୍ୟ ଦୀର୍ଘତପଶ୍ଚରଣେନ ବହୁକାଳଂ ପୁଣ୍ୟକର୍ମବହୁଳଂ କୃତବତ ଇତ୍ୟର୍ଥଃ (ଭୂଦଳସ୍ତ୍ରଦିଭୂସ୍ତ୍ରଦୀ ବୃହତ୍କୁଟି ପିଚଣ୍ଡିଳ ଇତ୍ୟମରଃ) ଭଗବତ ଐଶ୍ୱର୍ଯ୍ୟଶାଳିନୋ ମାର୍ତ୍ତଣ୍ଡସ୍ୟ ସୂର୍ଯ୍ୟସ୍ୟ ସୁକୃତାତ୍ ପୁଣ୍ୟାଦ୍ଧେତୋ କୃତବତାଭୟ ଭୂବ୍ୟବତାରଂ ପରିଗୃହ୍ଣନ୍ତ୍ୟା ରାଧୟା ପ୍ରକୃତିରୂପିଣ୍ୟା ସହ । ପୁରା କିଲ ଭଗବାନ୍ ମାର୍ତ୍ତଣ୍ଡ ପ୍ରକୃତିଂ କନ୍ୟାରୂପେଣ ଲବ୍ଧୁଂ ଦୀର୍ଘଂ ତପସ୍ତେପେ, କୃଷ୍ଣାବତାରକାଳେ ବୃଷଭାନୁ-ରୂପେଣ ଭୂବ୍ୟବତାରଂ ଗୃହ୍ଣତସ୍ତସ୍ୟ କନ୍ୟାରୂପେଣ ପ୍ରକୃତିରବତୀର୍ଣ୍ଣାଭୂଦିତି ପୌରାଣିକୀ ବାର୍ତ୍ତା ।

ଅନୁବାଦ—ପୂର୍ବକାଳରେ ସୂର୍ଯ୍ୟ ପ୍ରକୃତିଙ୍କୁ କନ୍ୟାରୂପରେ ପାଇବା ପାଇଁ ଦୀର୍ଘକାଳ ତପସ୍ୟା କରିଥିଲେ; ଶ୍ରୀକୃଷ୍ଣ ଯେତେବେଳେ ଭୂଲୋକରେ ଅବତାର ଧାରଣ କଲେ, ତତ୍ପୂର୍ବରୁ ସୂର୍ଯ୍ୟ ବୃଷଭାନୁରୂପରେ ଜାତ ହୋଇଥିଲେ, ପ୍ରକୃତି ରାଧାରୂପରେ ତାହାଙ୍କର କନ୍ୟା; ଯେ ମହାମହିମାଶାଳୀ ଯାହାଙ୍କ ଦେହକାନ୍ତି ଇନ୍ଦ୍ରନୀଳମଣି ତେଜ ପରି, ମନୋହର ବସନ୍ତ ଋତୁରେ ଭ୍ରମଣ କଲାବେଳେ ସହଚରୀ ଗୋପବଧୂମାନେ ଯାହାଙ୍କୁ ସର୍ବେଶ୍ୱର ବୋଲି ଜାଣିପାରି ଆତ୍ମସମର୍ପଣ କରିଥିଲେ, ସେହି ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କର ରାଧାଙ୍କ ସଙ୍ଗେ ଯେଉଁ ଅଲୌକିକ ଲୀଳା ହୋଇଥିଲା, ମୁଁ ସାମାନ୍ୟ ବୁଦ୍ଧିରେ ତାହା କିପରି ବର୍ଣ୍ଣନା କରିବି ? କବି ଏହିପରି ଚିନ୍ତା କରିଥିଲେ ।

---

* କେଚିତ୍ ବଧୂଦତନ୍ୟାୟାନ୍ୟାୟସିଦ୍ଧାନ୍ତସ୍ୟେତି ପଠନ୍ତି । ତୈସ୍ତୁ ସିଦ୍ଧାନ୍ତୌ ମୀମାଂସିତୌ ବଧୂଦିତନ୍ୟାୟାନ୍ୟାୟୌ ଯେନ ତସ୍ୟ ଗୋପାଙ୍ଗନାଭିଃ ପ୍ରକାଶିତ ନ୍ୟାୟାନ୍ୟାୟୟୋର୍ମୀମାଂସକସ୍ୟେତି ବ୍ୟାଖ୍ୟାୟତେ ।

## କା ଶ୍ୟାମଙ୍କ ଲକ୍ଷଣ ପ୍ରତି ଉକ୍ତି

ରାଗ—ସାବେରୀ

କି ହେଲି ରେ, କହିତ ନୁହଇ ଭାରତୀରେ,
କାଲି ଯା ଦୂରରୁ ଦେଖି, * କଳନା କଲି ମୋ ଆଖି,
କଳା ଇନ୍ଦୀବର ଆରତରେ । ପଦ ।
ଟେକିଲି କଦମ୍ବ ଲତାର, ଢୋଳେ କି ଶ୍ୟାମଳତାର,
ତେଜି ସେ ରବିସୁତାର ତୀରେ,
କମ୍ପି ମୋର କଳେବର, ହୋଇଗଲା ଆରପାର,
ଯାହାକୁ ଡରଇ ତାର ତୀରେ । ୧ ।
କୁସୁମକୋଦଣ୍ଡ କାଣ୍ଡ, କେତେ କରିଥିଲା ଖଣ୍ଡ,
କର୍କଶ ନୋହିବା ଭାରତରେ,
କହୁଛୁ ବରଜ-ଲଜ୍ଜା, କେବଳ ହେଲି ମୋ ମଜ୍ଜା,
ମଜ୍ଜିଯିବି କି ଉଭା-ରତରେ । ୨ ।
କି ମୋହନ ଲୀଳା ଧରି କୋଟି କଳା କର ଶିରି,
ପୂରୁଛି ସେ ଶ୍ୟାମ ମୂରତରେ,
କୁତ୍ସା କରେ ମୁଁ ଧାତାକୁ, କାହିଁକି ସରଜି ତାକୁ,
ଶତ୍ରୁ ରଖିଲା ଜଗତୀରେ । ୩ ।
କି ନୀତ କି ଜାତଶୀଳ, କି କୁଳବରତ ଫଳ,
ଦେଉର ପାରିଲା ମୋ ମତରେ ?
କୋମଳତର ମୋହନ କୁଞ୍ଜକୁଞ୍ଚିରୁ ନିଃସ୍ୱନ
ଆସି ଚୁମ୍ବିଦେଲା ମୋ ଶ୍ରୁତରେ । ୪ ।
କଲବଲ ଛଟପଟ ହୋଇ ଯାଉଛି କପଟ,
ସଂବେଶ ଅଶନ-ବିରତରେ,
କହଇ ଶ୍ରୀ ବାଲୁକେଶ, ଶରଣ-ଧରଣୀଈଶ,
ଏ କି ଦଣ୍ଡ ବିନା ପୀରତରେ । ୫ ।

---

* ପାଠାନ୍ତର—କାଲି ଯା ଦୂରରୁ ସଖି ।

(କ) ଭାରତୀରେ—କଥାରେ; କଳନା କଲି—ଠଉରାଇଲି; ଆରତରେ—କାତର ଅବସ୍ଥାରେ; ଶ୍ୟାମଳତା—ଶ୍ୟାମଳତ୍ୱ ବା କାଳିମା; ରବିସୁତା—ଯମୁନା; ଆରପାର—ଅସ୍ତବ୍ୟସ୍ତ; ତୀର—ବାଣ; କର୍କଶ ନୋହିବା—କୋମଳ; ଭାରତ—ଶର ରଖିବା ମୁଣା, ତୂଣୀର; କଳାକର—ଚନ୍ଦ୍ର; କୁତ୍ସା—ନିନ୍ଦା, ଶତ୍ରୁ—

ପାର୍ଦ୍ଧିକାଙ୍ଗଣୀ; ଜରତୀ—ବୁଢ଼ୀ ( ରାଧାଙ୍କ ଶାଶୁ ବୁଢ଼ୀ ଜଟିଳା ); ରୁଦ୍ଧି—ଚେଷ୍ଟ, ଗତି; ଶ୍ରୁତି—କାନ; ନିଭୃତ—ଏକାନ୍ତ; ସଂବେଶ—ନିଦ୍ରା; ଅଶନ—ଭୋଜନ; ବିରତି—ଅଭାବ; ଶରଣଧରଣୀଈଶ—ଆଠଗଡ଼ ରାଜ୍ୟର ରାଜା (ଗଞ୍ଜାମ ଜିଲ୍ଲାର ଆଠଗଡରେ ବିପଦ୍‌ବେଳେ ପୁରୀର ରାଜା ଜଗନ୍ନାଥଙ୍କ ସହି ଶରଣ ନେଇଥିବାରୁ ଆଠଗଡ ‘ଶରଣରାଜ୍ୟ’ ନାମରେ ଅଭିହିତ ହୁଏ ) ।

ଦିନେ ରାଧା ଲଳିତାଙ୍କୁ କହିଲେ, ହେ ସଖି, କଣ ହେଲା ! କାଲି ମୋ ଆଖି ଗୋଟିଏ ଗାଢ଼ ନେଳିଆ ବର୍ଣ୍ଣର କାନ୍ତିକୁ ହଠାତ୍ ନିଭୃତ ଅବସ୍ଥାରେ ଦେଖି ଯାହା ଠକିଗଲା, ତାହା ମୁଁ କଥାରେ କହି ପାରୁ ନାହିଁ* । ପଦ । ଯମୁନା କୂଳରେ ଥିବା କେଳିକଦମ୍ବ ଲତାକୋଳରେ ଗାଢ଼ ଶ୍ୟାମବର୍ଣ୍ଣର କି ଗୋଟିଏ ତେଜ ଦେଖିଲି । ମୁଁ ଯାହାକୁ ଡରେଁ, ସେହି କାମଦେବର ଶରରେ ମୋର ଦେହ ଏକାବେଳକେ ବିଦ୍ଧ ହୋଇଗଲା । ୧ । କାମଦେବ ସହଜରେ ବାହାର କରି ପାରିବ ବୋଲି ତାହାର କୋମଳ ଶରମୁଣାରେ କେତେ ଶର ଜମା କରି ରଖିଥିଲା । ସେଗୁଡ଼ିକ ମୋତେ ମାରିବାରୁ, ମୁଁ ଲାଜ ଛାଡ଼ି କହୁଛି, ଠିଆରେ. ଠିଆରେ ତାଙ୍କ ସଙ୍ଗେ ମିଳିଯିବା ପାଇଁ ମୋର ମନ ଚଞ୍ଚଳ ହୋଇ ଉଠିଲା । ୨ । ଆହା ! ସେ ଶ୍ୟାମଳବର୍ଣ୍ଣ ତେଜୋମୟ ରୂପରେ କି ମନୋହର ଭାବରେ କୋଟି ଚନ୍ଦ୍ରର ସୌନ୍ଦର୍ଯ୍ୟ ପୂରି ରହିଅଛି । ତାକୁ ଦେଖିବା ବେଳୁ ମୁଁ ବିଧାତାକୁ ନିନ୍ଦା କରୁଅଛି ଯେ. ସେ ତାଙ୍କୁ ସୃଷ୍ଟି କରି ବୁଢ଼ୀକୁ ( ନିଜ ଶାଶୁଙ୍କୁ ) କାହିଁକି ଏତେ ଦୀର୍ଘ ଆୟୁଷ ଦେଇଅଛି ? ୩ । ହେ ସଖି ! ସେତେବେଳେ ନୀତି, ଜାତି, ସ୍ୱଭାବ, ବଂଶ କି ବ୍ରତଫଳ କୌଣସିଟା ମୋ ମନରେ ଉଦିତ ଥାଇଲା କି ? ଅର୍ଥାତ୍ ମୁଁ ଏ ସବୁ ଭୁଲିଗଲି । ଏହି ସମୟରେ କେଳିକଦମ୍ବ ଲତାର କୁଞ୍ଜ ଭିତରୁ ଗୋଟିଏ ଅତି କୋମଳ ମନୋହର ସ୍ୱନ ( ବଂଶୀରବ ) ମୋ କର୍ଣ୍ଣକୁ ଚୁମ୍ବି ଦେଲା ଅର୍ଥାତ୍ ମୋ କାନରେ ପ୍ରବେଶ କଲା । ୪ । ସେହି ସମୟରୁ ନିଦ୍ରା ଏବଂ ଭୋଜନରେ ମୋର ବିରତି ଆସିଅଛି ଅର୍ଥାତ୍ ମୁଁ ଶୋଇ ପାରୁ ନାହିଁ କି ମୋତେ ଭୋକ କରୁନାହିଁ, ତେଣୁ ମୁଁ କଲବଲ ଛଟପଟ ହୋଇ ଯାଉଅଛି । ଶରଣଧରଣୀର ଅର୍ଥାତ୍ ଆଠଗଡ଼ର ରାଜା ବାଲୁକେଶ କହନ୍ତି, ବିନା ପ୍ରୀତିରେ ଏ ଦଣ୍ଡ କାହିଁକି ହେଲା ? ୫ ।

---

* ଏହି ପଦର ବ୍ୟାଖ୍ୟାରେ କେହି କେହି କହନ୍ତି, କଳାଇନ୍ଦୀବର ଅର୍ତ୍ତିରେ ଅର୍ଥାତ୍ ଗାଢ଼ ନୀଳ ବର୍ଣ୍ଣର କାନ୍ତିକୁ ଯେ ଅର୍ତ୍ତି ଅର୍ଥାତ୍ ପୀଡ଼ା ପ୍ରଦାନ କରନ୍ତି ଅର୍ଥାତ୍ ନୀଳକାନ୍ତିକୁ ତେଜରେ ପରାସ୍ତ କରୁଥିବା. ଶ୍ରୀକୃଷ୍ଣଙ୍କ ତେଜକୁ ଦେଖିଲି; ଆଉ କେହି କେହି କହନ୍ତି, ଏଠାରେ ଆରତି ଶବ୍ଦ ଆଳତି ବା ଆରାତ୍ରିକ ଅର୍ଥରେ ପ୍ରଯୁକ୍ତ ହୋଇଅଛି । ଗାଢ଼ ନୀଳବର୍ଣ୍ଣ କାନ୍ତିରେ କରାଯାଉଥିବା ଆଳତିକୁ ଦୂରରୁ ଦେଖି ମୋ ଆଖି ଯାହା ଠକିଗଲା—ଇତ୍ୟାଦି ।

(କ) ନାଦଃ କୋଽପି ନିତମ୍ବିନୀଜନମନଃ କ୍ଷୋଭକ୍ଷମଃ ଶୁଶ୍ରୁବେ,
କାନ୍ତିଃ କାପି ଚଳତ୍ କଳାପମୁକୁଟାଲମ୍ବା ଚୁଚୁମ୍ବାମ୍ବକେ,
ଧୈର୍ଯ୍ୟଂ ତତ୍ ପ୍ରଭୃତି ସ୍ଖଳତ୍ୟପି ବଳତ୍ୟନ୍ତର୍ବିଳାପୋ ବଳା-
ଦଶ୍ରାନ୍ତଂ ସଖି ଦୃଶ୍ୟତେ କିମଭିତୋ ମାହେନ୍ଦ୍ରଜାଲଂ ମହଃ ।

ସଖି ! ଶିଖଣ୍ଡାପୀଡ଼ମନୋହରଃ ପ୍ରତ୍ୟଗ୍ରମୁଦିରମେଦୁରଃ ସମୁତ୍କଟ-ନଟନାଟୋପପଟୁଃ କୋଽପି ସମୂହୋ ମହସାମମଲଃ ସମାଲୋକି ମୟେତ୍ୟୁକ୍ତବତ୍ୟାଂ ଶ୍ରୀମତ୍ୟାଂ ତାଂ ପ୍ରତି ଲଳିତା ।

---

ଟୀକା—(କ) ଅସୌ ରାଧା ସ୍ୱଚିତ୍ତସ୍ଥୈର୍ଯ୍ୟ ଭଙ୍ଗକାରଣଂ ସହଚର୍ଯ୍ୟାଂ ଲଳିତାୟାଃ ସମୀପେ ପ୍ରକାଶୟତି ନାଦଃ କୋଽପୀତି । ହେ ସଖି, ନିତମ୍ବିନୀ-ଜନାନାଂ ଯୁବତିଜନାନାଂ ମନସାଂ କ୍ଷୋଭକ୍ଷମ ଉଦ୍‌ବେଗଜନକଃ କୋଽପି ଅନିର୍ବଚନୀୟୋ ନାଦଃ ଶୁଶ୍ରୁବେ ଶ୍ରୁତୋଽସ୍ମୀ ଇତି ଶେଷଃ । ଚଳନ୍ତଃ କମ୍ପମାନାଃ କଳାପାଃ ମୟୂରଚନ୍ଦ୍ରକାଃ ଯତ୍ର, ଏତାଦୃକ୍ ମୁକୁଟଂ ଯସ୍ୟ ସ ତଥୋକ୍ତଃ ଆଲମ୍ବ ଆଶ୍ରୟୋ ଯସ୍ୟାସ୍ତାଦୃଶୀ କାପି ଅନିର୍ବଚନୀୟା କାନ୍ତିସ୍ତେଜଃ ଅମ୍ବକେ ମମ ଚକ୍ଷୁଷୀ ଚୁଚୁମ୍ବ ସ୍ପୃଷ୍ଟବତୀ; କମପି ଅନିର୍ବଚନୀୟଂ ତେଜୋ ମମ ଚକ୍ଷୁର୍ବିଷୟୀଭୂତମଭୂଦିତ୍ୟର୍ଥଃ । ତତ୍‌ପ୍ରଭୃତି ତନ୍ନାଦଶ୍ରୁତ୍ୟାଦାରଭ୍ୟ ଧୈର୍ଯ୍ୟଂ ସ୍ଖଳତି, ଧୈର୍ଯ୍ୟହାନାହଂ ସଂବୃତ୍ତା । ବିଳାପଃ ପରିବେଦନଂ ବଳାତ୍ ଧୈର୍ଯ୍ୟାଦିକଂ ଭ୍ରଂଶୟିତ୍ୱା ବଳତି ବର୍ଦ୍ଧତେ, ଅଭିତଶ୍ଚତୁର୍ଦ୍ଦିକ୍ଷୁ ମାହେନ୍ଦ୍ରଜାଲଂ ମହଃ ଇନ୍ଦ୍ରମଣେରିବ ଜାଲଂ ତେଜଃ ଅଶ୍ରାନ୍ତଂ ନିରନ୍ତରଂ ଯଥା ସ୍ୟାତ୍ ତଥା ଦୃଶ୍ୟତେ ମୟେତି ଶେଷଃ ।

ପୁନସ୍ତମେବାର୍ଥଂ ଗଦ୍ୟମୟେନ ବାକ୍ୟେନ ସ୍ଫୁଟୀକରୋତି ସଖି ଶିଖଣ୍ଡେତି । ଅୟି ସଖି, ମୟା କୋଽପି ମହସାଂ ତେଜସାଂ ଅମଳଃ ସମୂହୋ ବିମଳତେଜୋ-ରାଶିଃ ସମାଲୋକି ଦୃଷ୍ଟଃ, କୀଦୃଶୋ ମହସାଂ ସମୂହଃ ? ବିଭିର୍ବିଶେଷଣୈର୍ବିଶିନଷ୍ଟି, ଶିଖଣ୍ଡ ଏବ ଆପୀଡ଼ଃ ଶିରୋଭୂଷଣଂ, ତେନ ମନୋହରଃ ପ୍ରତ୍ୟଗ୍ରୋ ନବୀନୋ ଯୋ ମୁଦିରୋ ମେଘସ୍ତଦ୍‌ବତ୍ ମେଦୁରଃ ସ୍ନିଗ୍ଧୋ ନବମେଘଶ୍ୟାମଳ ଇତ୍ୟର୍ଥଃ, ପୁନଃ କିମ୍ଭୂତଃ, ସମୁତ୍କଟଂ ଅତ୍ୟୁଦ୍ଦଣ୍ଡଂ ଯତ୍ ନଟନଂ ନୃତ୍ୟଂ ତସ୍ୟ ଯ ଆଟୋପଃ ଆଡ଼ମ୍ବରସ୍ତସ୍ମିନ୍ ପଟୁଃ କୁଶଳଃ ସମଧିକନୃତ୍ୟାଡ଼ମ୍ବରକୁଶଳ ଇତ୍ୟର୍ଥଃ, ଶ୍ରୀମତ୍ୟାଂ ଇତି ଉକ୍ତବତ୍ୟାଂ ସତ୍ୟାଂ ତାଂ ପ୍ରତି ଲଳିତା କଥୟତି ।

ଅନୁବାଦ—(କ) ହେ ସଖି, ଯୁବତୀମାନଙ୍କର ଚିତ୍ତବିକ୍ଷେପକାରୀ ସେହି ଅନିର୍ବଚନୀୟ ବଂଶୀଧ୍ୱନି ଶୁଣିଲାବେଳୁଁ ଏବଂ ତାଙ୍କର ଚଞ୍ଚଳ ମୟୂରପୁଚ୍ଛ ମୁକୁଟରୁ ବାହାରୁଥିବା ମନୋହର ତେଜ ମୋ ଚକ୍ଷୁକୁ ସ୍ପର୍ଶ କଲାବେଳୁ ମୁଁ ଏକାନ୍ତ

# ଖ

ରାଗ—କେଦାର

ଖରାପ ତୁ ହେଲୁ ରେ,
ଖେଳଲୋଳଖଞ୍ଜନାକ୍ଷି କି ସାହସ କଲୁ ରେ । ପଦ ।
ଖର୍ବ ହୋଇ ସୁରତରୁକୁସୁମ ବାଞ୍ଛିଲୁ ରେ,
ଖେଦବୀଜ ନିଜ ହୃଦ-କେଦାରେ ବୁଣିଲୁ ରେ । ୧ ।
ଖିଆଲ ପର କି ଧନ ମନରେ ଭାଳିଲୁ ରେ,
ଖଳକାର ନୋହୁ କଳା ନାଗକୁ ଗୋଳିଲୁ ରେ । ୨ ।
ଖର ସ୍ମର ଝାଞ୍ଜିଳବା ଶ୍ରୀଅଙ୍ଗ ପାଇଲୁ ରେ,
ଖମଣିମଣ୍ଡଳକୁ ତୁ କର ବଢ଼ାଇଲୁ ରେ । ୩ ।
ଖାଇ ଦେଇ କି ଅମଳ ଅଚେତା ହୋଇଲୁ ରେ,
ଖାର ଖଣ୍ଡାଧାର ଖଣ୍ଡେ ବରୁଚ ଶୋଇଲୁ ରେ । ୪ ।
ଖଣ୍ଡେ ଅଷ୍ଟଦୁର୍ଗନାଥ ତୋ ପଦେ ପଢ଼ିଲୁ ରେ,
ଖଣ୍ଟି କରେ ଧନ ଦେଇ ପଦେ ନ କହିଲୁ ରେ । ୫ ।

---

ଅଧୀର ହୋଇ ପଡ଼ୁଅଛୁ ଏବଂ ମୋ ଅନ୍ତରରେ ଘୋର ଦୁଃଖ ବଢ଼ୁଅଛୁ, ସବୁଦା ମୁଁ ବଳଅଙ୍କେ ଇନ୍ଦ୍ରନୀଳମଣିର ଗୋଟିଏ ବଚନ ଡେଉ ମୋତେ ଦେଖାଯାଉଅଛୁ ।

ହେ ସଖି, ମୟୂରପୁଚ୍ଛମୁକୁଟ ସଂସର୍ଗରେ ସୁନ୍ଦର ଦିଶୁଥିବା ଏବଂ ନବ ମେଘ ପରି ସ୍ନିଗ୍ଧ କି ବଚନ ତେଜ ଦେଖିଲି । ଅହା ! ଉଦଣ୍ଡନୃତ୍ୟାଡ଼ମ୍ବରରେ ତାହା ପୁଣି କେଡ଼େ ନିପୁଣ ଦିଶୁଥିଲା । ଶ୍ରୀମତୀ ଏହା କହନ୍ତେ ଲଳିତା ତାଙ୍କୁ ପ୍ରତ୍ୟୁତ୍ତରରେ କହୁଅଛନ୍ତି—"ଖରାପ ତୁ ହେଲୁ ରେ" ଇତ୍ୟାଦି ।

---

(ଖ) ଖେଳଲୋଳଖଞ୍ଜନାକ୍ଷି—କ୍ରୀଡ଼ାରେ ଚଞ୍ଚଳ ହୋଇଥିବା ଖଞ୍ଜନ ନାମକ ଚଢ଼େଇର ଆଖି ପରି ଆଖି ଯାହାର; ଖର୍ବ—ବାଙ୍ଗର, ସାନ; ସୁରତରୁକୁସୁମ—କଳ୍ପବୃକ୍ଷଫୁଲ; ଖେଦବୀଜ—ଦୁଃଖର ବୀଜ (ମଞ୍ଜି); କେଦାର—କିଆରି; ଖିଆଲ—ଥଟ୍ଟା, ପରିହାସ; ଖଳକାର—ସାପୁଆ; ଖମଣି—ସୂର୍ଯ୍ୟ; ଅମଳ—ନିଶା; ଖାର ଖଣ୍ଡାଧାର—ସୁତୀକ୍ଷ୍ଣ ଖଡ୍ଗର ଦାଢ଼; ଖଣ୍ଟି—ଡକାଇତ ।

ହେ ଚଞ୍ଚଳାକ୍ଷି ସଖି, ତୁ ଖରାପ ହୋଇଗଲୁ । ଏ ତୋର କି ଦୁଃସାହସ ! ପଦ-୧ ତୁ ବାଙ୍ଗର ମଣିଷଟିଏ ହୋଇ ସୁଦ୍ଧା ସ୍ୱର୍ଗରେ ଥିବା କଳ୍ପବୃକ୍ଷରୁ ଫୁଲ

(ଖ) ସ୍ପୃଷ୍ଟ୍ୱା ଚଞ୍ଚଳଚନ୍ଦ୍ରକାଞ୍ଚଳ ଚମତ୍କାରକ୍ରମଂ ଚକ୍ଷୁଷା,
କାବାସ୍ମିନ୍ନ ପୁଟଭେଦନେ ନବବଧୂରେକାପ୍ୟଶୋକା ଭବେତ୍ ।
ବାଳେ ନୂତନସୂତିକାଳୟରତୌ କାଳେଽପି ତାଦୃଗ୍ ବକୀ—
ହିଂସାମପ୍ୟନୁଭୂୟ ଲୋକବଚସଃ କିଂ ସାହସଂ ସ୍ୱୀକୃତଂ ।

ହନ୍ତହନ୍ତାଭିକାନ୍ତାଭ୍ୟନ୍ତବହୃତବଚନୟା ଲୋକାଗ୍ରଗଲ୍ଲାଲୋଲ-ଲୋଚନୟା ଭବତ୍ୟା ଯୁବତୀଜାତପାତିବ୍ରତ୍ୟାଭିଶଯ୍ୟୁଦ୍ଧାତନ ଶିଖଣ୍ଡଶେଖରେ ନଟପଟ୍ଟନି ତମାଲମାଲମେଚକେ ମହସି ବ୍ୟରଚି ସାପେକ୍ଷକଟାକ୍ଷନିକ୍ଷେପ-ବିଳାସଃ ।

---

ତୋଳିବାକୁ ହାତ ବଢ଼ାଇଲୁ । ତେଣୁ ତୁ ଜାଣୁ ଜାଣୁ ହୃଦୟରୂପ କଅଁଶିରେ ଦୁଃଖର ବୀଜ (କହନ) ବୁଣିଲୁ, ଅର୍ଥାତ୍ ଯାହା ମନୁଷ୍ୟ କେବେ ହେଲେ ପାଇ ପାରେ ନାହିଁ, ତୁ ସେହିପରି ପଦାର୍ଥ ପାଇବାକୁ ଇଚ୍ଛା କରି ଏଭଳି ଦୁଃଖ ଭୋଗ କରୁଅଛୁ । ୧ । ହେ ଧନ, ସାଧାରଣତଃ ସାପୁଅ କେଳାମାନେ ବି କଳାନାଗକୁ ଖେଳାଇବାକୁ ଡରନ୍ତି, କିନ୍ତୁ ତୁ ସାପୁଅ ନ ହୋଇ ସୁଦ୍ଧା କୌତୁକରେ କଳା-ନାଗକୁ ଖେଳାଇଲୁ; ତେଣୁ ତୁ ଏପରି ଦୁଃଖ ପାଇଲୁ । ୨ । ତୋ ଦେହଟି ଏପରି କୋମଳ ଯେ, ଖରା ସ୍ମରଣ କଲା ମାତ୍ରକେ ତାହା ଝାଉଁଳି ପଡ଼େ, ଏଭଳି ଦେହଟିଏ ପାଇ ସୁଦ୍ଧା ତୁ ସୂର୍ଯ୍ୟକୁ ଧରିବା ପାଇଁ ସୂର୍ଯ୍ୟମଣ୍ଡଳକୁ ହାତ ବଢ଼ାଇ ଦେଲୁ । ୩ । କି ନିଶା ଖାଇ ଦେଇ ତୁ ଅଜ୍ଞାନ ହୋଇପଡ଼ି ଜାଣୁ ଜାଣୁ ସୁନ୍ଦ୍ରାପ୍ତୁଣ ଖଣ୍ଡା ଧାରକୁ ଖଟ ମନେ କରି ତହିଁରେ ଶୋଇଲୁ ? ୪ । ଆଠଗଡ଼ର ରାଜା ପ୍ରଥମରୁ ତୋ ପାଦତଳରେ ଆଶ୍ରିତ, ସଖି, ଖଣ୍ଡଲୋକହାତରେ ଧନ ଦେଇ ଦେଲୁ. ଟଦେ ହେଲେ ପଗୃରିଲୁ ନାହିଁ । ୫ ।

ଟୀକା—(ଖ) ଅସ୍ମିନ୍ ପୁଟଭେଦନେ ପୂର୍ଯ୍ୟାଂ ଗୋପନଗର୍ଯ୍ୟାମିତ୍ୟର୍ଥଃ (ପୁଃ ସ୍ତ୍ରୀ ପୁରୀ ନଗର୍ଯ୍ୟୌ ବା ପତ୍ତନଂ ପୁଟଭେଦନମିତ୍ୟମରଃ) ଚଞ୍ଚଲୋ ଲୋଲୋ ଯଶ୍ଚନ୍ଦ୍ରକସ୍ୟ ମୟୂରପୁଚ୍ଛସ୍ଥନେତ୍ରାକାରଚିହ୍ନସ୍ୟାଞ୍ଚଳଃ ପ୍ରାନ୍ତଭାଗସ୍ତସ୍ୟ ଚମତ୍କାର-କ୍ରମୋ ବିସ୍ମୟୋତ୍ପାଦିକା ଗତିସ୍ତଂ ଚକ୍ଷୁଷା ନେତ୍ରେଣ ସ୍ପୃଷ୍ଟ୍ୱା ଦୃଷ୍ଟ୍ୱା ଇତ୍ୟର୍ଥଃ, ଏକା ମୁଖ୍ୟା କୁଳଶୀଳାଦିସମ୍ପନ୍ନେତି ଯାବତ୍ ନବବଧୂରପି କା ବା ଅଶୋକା ଶୋକଶୂନ୍ୟା ଭବେତ୍, ନ କାପୀତ୍ୟର୍ଥଃ । ଅୟି ବାଳେ ନବୋଢ଼େ ତ୍ୱୟା ଲୋକ-ବଚସୋ ଜନାନାଂ ମୁଖାତ୍, ନୂତନସୂତିକାଗୃହେ ରତିଃ କ୍ରୀଡ଼ା ଯସ୍ୟ ଏବଂବିଧେ କାଳେଽପି ଅତିଶୈଶବେଽପୀତ୍ୟର୍ଥଃ । ତାଦୃଶ୍ୟାଂ ପ୍ରୌଢ଼ାୟାଂ ବକ୍ୟାଂ ପୂତନାୟାଂ ଯା ହିଂସା ପ୍ରାଣହରଣରୂପା ତାମନୁଭୂୟ ଶ୍ରୁତ୍ୱେତ୍ୟର୍ଥଃ କଥଂ ସାହସଂ ସ୍ୱୀକୃତଂ ? ତ୍ୱୟା ନିଃଶଙ୍କମନୁମବସ୍ମୃଷ୍ୟକାରିତା କୃତେତି ଭାବଃ । ଯୋହି ପୌଢ଼ାମପି ପୂତନାଂ ଶୈଶବେ କିହିଂସ ସ ତ୍ୱଦ୍‌ବିଧାଂ ଯୁବତିମନାୟାସେନ ସାମ୍ପ୍ରତଂ ହିଂସ୍ୟାଦିତି ବାଳେ

ଇତି ସମ୍ବୋଧନଂ ଯୁକ୍ତମେବ । ( ସ ହି ଭଗବାନ୍ ଶ୍ରୀକୃଷ୍ଣଃ ସୂତିକାଳୟେ ପ୍ରୌଢାୟାଃ ପୂତନାୟାଃ ପ୍ରାଣାନ୍ ସ୍ତନ୍ୟେନ ସହ ପପାବିତି ପୌରାଣିକୀ କଥାତ୍ର ଦୃଷ୍ଟାନ୍ତେନୋକ୍ତା ) ।

ହନ୍ତ ହନ୍ତେତି ଖେଦସୂଚକମବ୍ୟୟଂ । ଅତିକ୍ରାନ୍ତଂ ଲଙ୍ଘିତମତ୍ୟନ୍ତ ବହୁତମଙ୍ଗୀକୃତକରଂ ବଚନଂ ଯୟା ତୟା ଅନାଦୃତପ୍ରିୟଜନବଚନୟେତ୍ୟର୍ଥଃ, ଲୋକାତିଗା ଅଲୌକିକୀ ଯା ଲୀଳା ତୟା ଲୋଲେ ଚଞ୍ଚଳେ ଲୋଚନେ ଯସ୍ୟାସ୍ତସ୍ୟା ଅଲୌକିକକଶୋଭିବିଭ୍ରାନ୍ତନେତ୍ରୟା ଭବତ୍ୟା ଯୁବତୀଜାତିପାତି-ବ୍ରତ୍ୟାଭିଘାତିନି ଯୁବତୀକୁଳସତୀତ୍ୱାପହାରିଣି, ଶିଖଣ୍ଡଃ ଶେଖରଂ ଶିରୋଭୂଷଣଂ ଯସ୍ୟ ତସ୍ମିନ୍ ମୟୂରପୁଚ୍ଛମୁକୁଟଧାରିଣି ନଟପଟୌ ନୃତ୍ୟନିପୁଣେ ତମାଲମାଲାମେଚକେ ତମାଲମାଲାବତ୍ ସ୍ନିଗ୍ଧନୀଲେ (କୃଷ୍ଣକଣ୍ଠସମଂ ବର୍ଣ୍ଣଂ ମେଚକଂ ବ୍ରୁବତେ ବୁଧାଃ) ମହସି ଶ୍ରୀକୃଷ୍ଣାଖ୍ୟେ ତେଜସି ସାପେକ୍ଷକଟାକ୍ଷନିକ୍ଷେପବିଳାସଃ ସାଭିଳାଷ କଟାକ୍ଷପାତ ବିଭ୍ରମଃ ବ୍ୟରଚି ବ୍ୟଧାୟି ।

ଅନୁବାଦ—(ଖ) ଏ ଗୋପପୁରରେ କେଉଁ ନବବଧୂ ତାଙ୍କର ମୁକୁଟସ୍ଥିତ ଚଞ୍ଚଳ ମୟୂରପୁଚ୍ଛ ଚନ୍ଦ୍ରକର ମନୋହର ଗତିକୁ ଆଖିରେ ଦେଖି ଶୋକାକୁଳ ନ ହୋଇ ରହିବଟି ? ହେ ବାଳେ, ଇନ୍ତୁଡ଼ିଶାଳରେ ଖେଳିବା ସମୟରେ ସେହି କୃଷ୍ଣ ପରା ପୂତନାର ପ୍ରାଣ ହରଣ କରିଥିଲେ, ଏ କଥା ଲୋକଙ୍କ ମୁହଁରୁ ଶୁଣି ସୁଦ୍ଧା ତୁ କିପରି ଏ ସାହସ କଲୁ ? ( ଯେ ଅତି ପିଲାବେଳେ ଗୋଟିଏ ପ୍ରୌଢ଼ା ସ୍ତ୍ରୀକୁ ହତ୍ୟା କରିଥିଲେ, ଏ ବୟସରେ ଯେ ସେ ତୋପରି ବାଳିକାକୁ ଅକ୍ଳେଶରେ ହତ୍ୟା କରି ପାରିବେ ଏହା ନିଃସନ୍ଦେହ, ଏହା ଜାଣି ସୁଦ୍ଧା ତୁ କିପରି ତାଙ୍କ ଆଡ଼କୁ ଚାହିଁଲୁ ? ) ।

ଅହୋ, କି ଦୁଃଖର କଥା ! ତୁ ପ୍ରିୟଜନଙ୍କର କଥା ନ ମାନି, ଯେଉଁ ଲୋକ ଯୁବତୀମାନଙ୍କ ସତୀତ୍ୱ ନଷ୍ଟ କରିବାରେ ସୁଦକ୍ଷ ସେହି ସ୍ନିଗ୍ଧନୀଳକାନ୍ତି-ମୟୂରପୁଚ୍ଛଧାରୀ ନୃତ୍ୟନିପୁଣ ଶ୍ରୀକୃଷ୍ଣଙ୍କ ଆଡ଼କୁ ମନୋହର ଭ୍ରୂଭଙ୍ଗୀ ସହ ସାଭିଳାଷ ଦୃଷ୍ଟିପାତ କଲୁ ! ! !

ଏହା ଶୁଣି ରାଧା ଦୂତୀଙ୍କୁ କହୁଅଛନ୍ତି—

"ଗଲାଣି ତ ଗଲା କଥା ରେ" ଇତ୍ୟାଦି ।

# ଗ

ରାଗ—ଢୋଡ଼ି ପରଜ

ଗଲଣି ତ ଗଳ୍ପ କଥା ରେ ସଙ୍ଗାତ,
ଗୁପତେ ସିନା ମୁଁ ତୋତେ ପଚାରିଲି ବଳି ପଡ଼ିବାରୁ ବ୍ୟଥା । ପଦ ।
ଗଙ୍ଗାରୁ ବିଶଦ ଗମ୍ଭୀର ତୋ ହ୍ରଦ, ଗଣ୍ଠିଧନ ତୋର ସ୍ନେହ,
ଗୋଡ଼ ଖସି ଖେଦ ହେବାର ଦରଦ ଯିବାର ଉପାୟ କହ । ୧ ।
ଗଞ୍ଜାଇଲୁ ଜାଣି ଲାଗି ତାର ପୁଣି ରଞ୍ଜାଇଲା ମନେ ଝଁଳା,
ଗୋଳା ଗରଳରୁ କଟୁ ପୀୟୂଷରୁ ସ୍ୱାଦୁଗୁଣ ଗଳ୍ପ ବଳି । ୨ ।
ଗୋଳି ଦେଲା ମୋର ବାହାର ଭିତର ସ୍ୱର ସେ ଅବା ଶର ସେ,
ଗାନ ଗୋଟିଆକ ଶୁଭିଲା ପୁଲକ ଶ୍ରବଣ ସୀମା ସ୍ପରଶେ । ୩ ।
ଗେଲିଦେଲା ପୁରନ୍ଦର-ନୀଳକର-କଳିକାମୟ ତମିର,
ଗହନ କି ଗୃହ ହୋଇଲା ସନ୍ଦେହ ନିଶ୍ଚୟ ହୋଇ ବିଦୂର । ୪ ।
ଗତାଳସନାଟପଟୁ ଖଞ୍ଜରୀଟ ପରି କି ଅସିଲା ଉଡ଼ି,
ଗଣ୍ଡି-ଗର୍ବେ ଗୁଳି ଗଲା ପରି ଗଲା ବିବେକ ଦେଲା ଘଉଡ଼ି । ୫ ।
ଗଗନ-କୁସୁମ ପରି ଏଥି ଶ୍ରମ ଫଳ ହୋଇବ କି କାଳେ,
ଗୋଳିଆ ନ ରଖି କହ ଚନ୍ଦ୍ରମୁଖି ଗହଳ ନ ଥିବା ବେଳେ । ୬ ।
ଗରିଷ୍ଠ ଅରୁଚି କାହିଁକି କରୁଚି ଅଶନେ ବସନେ ଦେହେ,
ଗୁରୁଜନତତି ଜାଣିଲେ କି ଗତି ଅଷ୍ଟଦୁର୍ଗପତି କହେ । ୭ ।

---

(ଗ) ବିଶଦ—ନିର୍ମଳ; ଗଣ୍ଠିଧନ—ଅତି ଯତ୍ନରେ ରଖିଥିବା ସମ୍ପତ୍ତି; ଦରଦ—ଦରଜ, ତ୍ରାସ; ଲାଗି—ନିଶା, ମାଦକତା; ରଞ୍ଜାଇଲା—ମୋହିତ କଲା; ଝଁଳା—ପ୍ରବେଶ କଲା; ଗୋଳା ଗରଳ—ତରଳ ବିଷ; ପୀୟୂଷ—ଅମୃତ; ଗୋଳିଦେଲା—ତରଳାଇ ଦେଲା ଅର୍ଥାତ୍ ଅଭିଭୂତ କରିଦେଲା; ସେ ସ୍ୱର—ସେହି ବର୍ଣ୍ଣଧ୍ୱନି; ଶର—ବାଣ; ଶ୍ରବଣସୀମା ସ୍ପରଶେ—କାନପାଖରେ ପହଞ୍ଚିଲାକ୍ଷଣି; ପୁରନ୍ଦର ନୀଳକର—ଇନ୍ଦ୍ରନୀଳମଣିର କିରଣ; କଳିକା—କଢ଼ି (କବିମାନେ କିରଣକୁ କଳିକା ସଙ୍ଗେ ତୁଳନା କରନ୍ତି); ତମିର—ଅନ୍ଧକାର; ଗହନ—ବନ; ନିଶ୍ଚୟ—ସନ୍ଦେହଶୂନ୍ୟ ଜ୍ଞାନ; ବିଦୂର—ବିଶେଷ ପରିମାଣରେ ଦୂରବର୍ତ୍ତୀ; ଗତାଳସ—ବିରଳସ; ନାଟପଟୁ—ନୃତ୍ୟନିପୁଣ; ଖଞ୍ଜରୀଟ—କଜଳପାତିଚଢ଼େଇ ଏହିପ୍ରକାର

ପକ୍ଷୀ; *ଗଣ୍ଡୀ—କାଣ୍ଡଶରୀର; ଗଗନ କୁସୁମ—ଆକାଶ ଫୁଲ ଅର୍ଥାତ୍ ଅସମ୍ଭବ ବସ୍ତୁ; ଗୋଳିଆ—କପଟ; ଗହଳି—ଜନତା ବା ଲୋକଗହଳ; ଗରିଷ୍ଟ—ଅତ୍ୟନ୍ତ, ଅଧିକ; ଅଶନ—ଭୋଜନ; ବସନ—ବସ୍ତ୍ର; ଗୁରୁଜନତତି—ଗୁରୁଜନସମୂହ ।

ହେ ସଖି, ଯାହା ହେବାର ତ ହୋଇଗଲାଣି, କଷ୍ଟ ବଳି ପଡ଼ିବାରୁ ମୁଁ ସିନା ଏକଥା ତୋତେ ଭୁକି କରି ପଚାରିଲି । ପଦ । ତୋ ହୃଦୟ ଗଙ୍ଗାଜଳଠାରୁ ଅଧିକ ଶୁଭ୍ର ଓ ଗମ୍ଭୀର ଏବଂ ତୁ ହୃଦୟ ମଧ୍ୟରେ ଅତି ଯତ୍ନରେ ସ୍ନେହ ସମ୍ବାଦ ରଖିଅଛୁ ଅର୍ଥାତ୍ ତୁ ଅତୀବ ସ୍ନେହଶୀଳା, ଗୋଡ଼ ଖସି ଯିବାରୁ ଦୁଃଖ-ଦାୟକ ଦରିଜ ହୋଇଅଛି, ସେ ଦରିଜ କିପରି ଯିବ ତାହାର ଉପାୟ କହ । ୧ । ସେ ନିଶା ମନରେ ପଶି ଗଞ୍ଜାଇ ନିଶାଠାରୁ ଅଧିକଭାବରେ ମନକୁ ମୋହିତ କରିଅଛି, ତାହା ପୁଣି ତରଳ ବକ୍ଷରୁ ଅଧିକ କଟୁ, କିନ୍ତୁ ଅମୃତଠାରୁ ଅଧିକ ସୁସ୍ୱାଦୁ ବୋଧ ହେଉଅଛି । ୨ । ସେ ବଂଶୀସ୍ୱର ବାଣରୂପରେ ମୋର ବାହାର ଭିତରକୁ ଗୋଳି ଦେଲା ଅର୍ଥାତ୍ ସେ ବଂଶୀନାଦ ଶୁଣିଲାବେଳକୁ ମୋର ଦେହ ଓ ମନ ଏକାବେଳକେ ତରଳି ଗଲା ଏବଂ ସେ ସ୍ୱର ମୋ କାନ ପାଖରେ ପହଞ୍ଚିଲାକ୍ଷଣି ମୋର ସମଗ୍ର ଶରୀର ରୋମାଞ୍ଚିତ ହୋଇଗଲା । ୩ । ଇନ୍ଦ୍ରନୀଳମଣିର କିରଣ-କଳିକା ରୂପ ଅନ୍ଧକାର ମୋତେ ଗିଳି ପକାଇଲା ଅର୍ଥାତ୍ ଯେପରି ଅନ୍ଧାରରେ କୌଣସି ବସ୍ତୁ ଦେଖାଯାଏ ନାହିଁ, ସେହିପରି ଶ୍ରୀକୃଷ୍ଣଙ୍କ ଦେହରୁ ବାହାରୁଥିବା ଇନ୍ଦ୍ରନୀଳମଣି ତେଜ ମୋ ଆଖିକୁ ଆଚ୍ଛନ୍ନ କରି ପକାଇବାରୁ ମୋତେ କୌଣସି ବସ୍ତୁ ଭଲରୂପେ ଦେଖାଗଲା ନାହିଁ । କିଣ୍ଟୟ ଅର୍ଥାତ୍ ସଂଶୟଶୂନ୍ୟ ଜ୍ଞାନ ଦୂର ହୋଇଯିବାରୁ ମୁଁ ଘରେ ଅଛି, କି ବନରେ ଅଛି ମୋର ସନ୍ଦେହ ହେଲା । ୪ । ଆହା ସଖି ! ସେହି କମନୀୟକାନ୍ତ ସଙ୍ଗେ ଯେପରି ଆଲସ୍ୟହୀନ ନୃତ୍ୟନିପୁଣ ଖଞ୍ଜନ ପକ୍ଷୀ ପରି ଉଡ଼ି ଆସି ମୋ ହୃଦୟରେ ପ୍ରବେଶ କରିଗଲା । ଶରୀର ମଧ୍ୟରେ ଗୁଳି ପଶିଗଲେ ଲୋକ ଯେପରି ବିବେକଶୂନ୍ୟ ହୋଇଯାଏ, ସେହିପରି ସେ ନୀଳକାନ୍ତ ମୋ ଦେହରେ ପଶି ମୋତେ ବିବେକଶୂନ୍ୟ କରି ଦେଇଛି । ୫ । ଆକାଶକୁସୁମ ପାଇବାକୁ ପରିଶ୍ରମ କଲାପରି ଏଥିରେ ସିନା ପରିଶ୍ରମ କରୁଛି ? ହେ ଚନ୍ଦ୍ରମାମୁହିଁ, ମନରେ କପଟ ନ ରଖି କେହି ନ ଥିବାବେଳେ ମୋତେ ସତ କରି କହ, ଏଥିରେ କଅଣ ଫଳ ହେବ ? । ୬ । ଖାଇବାରେ, ପିନ୍ଧିବାରେ ଓ ଦେହକୁ ରକ୍ଷା କରିବାରେ ମୋର ଭାରି ଅନାସ୍ଥା ହେଲାଣି, ଗୁରୁଜନମାନେ ଏ କଥା ଜାଣିଲେ କି ଗତି ହେବନି ? ଆଠଗଡ଼ର ରାଜା ଏହା ରଚନା କଲେ । ୭ ।

---

* କେହି କେହି କହନ୍ତି, ଏଠାରେ 'ଗଣ୍ଡୀ' ଶବ୍ଦ ହସ୍ତୀ ଅର୍ଥରେ ପ୍ରଯୁକ୍ତ ହୋଇଅଛି ।

(ଗ) ସ୍ୱାଭ୍ରନ୍ତେ ସଖି ମୁଞ୍ଚ ମାଦୃଶି ଜନେ ତ୍ୱଂ ବଞ୍ଚନାନାଂ ଚୟମ୍,
ଜ୍ଞାତାନବଧାନତାଗ୍ରହିଲତା ନାର୍ମୀତ ଶର୍ମାସ୍ମନଃ ।
ଜ୍ଞାନାଦ୍ ବା ତଦଭାବତଃ ପଥି ରସେନାର୍ଦ୍ରାନ୍ତରେ ବନ୍ଧୁରେ,
ଝମ୍ପାତୋଦ୍ଭବହୃଦ୍‌ବ୍ୟଥାଂ ହର ପରାମୋଦଂ ଚ ନୋଦଞ୍ଚୟ ॥

ଜ୍ଞାନେନ ବାଜ୍ଞାନେନ ପ୍ରଣୀତସ୍ୟାଗତସ୍ୟାପରାଧସ୍ୟ ସ୍ମାରଣାଶର-ନିସ୍ସରସାରପ୍ରୟୋଗଶୀର୍ଣ୍ଣସାରାଂ ମାରାଶୁଗାଶୁଗତ୍ୱଶେଷନିଃଶେଷସାମର୍ଥ୍ୟାଂ ଜ୍ଞମାନ୍ତିମାଂ କଦର୍ଥୟସି ବ୍ୟର୍ଥମିତିଗଦ୍‌ଗଦବତ୍ୟାଂ ସାମିଗଳିତଧୈର୍ଯ୍ୟାୟାଂ ଜାତକାର୍ଯ୍ୟାଂ ପୁନସ୍ତାଂ ପ୍ରତି ସଖୀ ସାକୂତଂ ।

---

ଟୀକା—(ଗ) ହେ ସଖି ତ୍ୱଂ ସ୍ୱାଭ୍ରନ୍ତେ ଅଭଗ୍ନ ହୃଦୟେ ମାଦୃଶି ଜନେ ମୟି ବଞ୍ଚନାନାଂ ଚୟଂ ପ୍ରତାରଣାପରମ୍ପରାଂ ମୁଞ୍ଚ ତ୍ୟଜ, ମାଂ ସମ୍ୟକ୍ ନ ପ୍ରତାରୟେତ୍ୟର୍ଥଃ, ଅସ୍ମନୋ ମମେତି ଯାବତ୍ ଅଜ୍ଞତାୟାଂ ଅନବଧାନତାୟାଂ ଆଗ୍ରହିଲତା ଭବତ୍ୟା ପୁନଃ ପୁନସ୍ତଦୁଦ୍‌ଘଟନମିତି ଯାବତ୍ ଶର୍ମ ସୁଖଂ ନ ଜର୍ମୀତ ନ ଦଧାତି । ରସେନ ଜଲେନ ଅନୁରାଗେଣେତି ଧ୍ୱନ୍ୟତେ ଆର୍ଦ୍ରାନ୍ତରେ ପିଚ୍ଛିଳମଧ୍ୟେ ବନ୍ଧୁରେ ଉଚ୍ଚାବଚେ ପଥି ଜ୍ଞାନାତ୍ ତଦଭାବତଃ ଅଜ୍ଞାନାଦ୍ ବା ଝମ୍ପାତୋଦ୍ଭବାଂ ପତନଜନ୍ୟାଂ ହୃଦ୍‌ବ୍ୟଥାମନ୍ତର୍ଯାତନାଂ ହର ଦୂରୀକୁରୁ; ପରାମୋଦଂ ପରେଷାଂ ଶତ୍ରୂଣାମାମୋଦଂ ଆନନ୍ଦଂ ନ ଉଦଞ୍ଚୟ ନ ପ୍ରକଟୟ । ଯଦ୍‌ବା, ଝମ୍ପାତୋଦ୍ଭବହୃଦ୍‌ବ୍ୟଥାଂ ହରପରସ୍ୟ କାମସ୍ୟ ଆମୋଦଂ, ତ୍ୱଂ ନ ଉଦଞ୍ଚୟ ନ ପ୍ରପଞ୍ଚୟ ।

ଅୟି ସଖି, ଜ୍ଞାନେନ ଅଜ୍ଞାନେନ ବା ପ୍ରଣୀତସ୍ୟ କୃତସ୍ୟ ଅର୍ଜିତସ୍ୟ ଗତସ୍ୟାପରାଧସ୍ୟ ସ୍ମାରଣମେବ ଶରବସରସାରସ୍ୟ ଶରସମୂହବର୍ଷଣସ୍ୟ ପ୍ରୟୋଗ ଉଦ୍ୟମସ୍ତେନ ଶୀର୍ଣ୍ଣସାରାଂ କ୍ଷୀଣବଲାଂ ମାରସ୍ୟ କନ୍ଦର୍ପସ୍ୟ ଆଶୁଗେନ ଶୀଘ୍ର-ଗାମିନା ଆଶୁଗତ୍ୱଶେଷେଣ ବଶିଷ୍ଟମାର୍ଗଣେନ ନିଃଶେଷଂ ଦୂରୀଭୂତଂ ସାମର୍ଥ୍ୟଂ ଶକ୍ତିର୍ଯସ୍ୟାସ୍ତାଂ ମାଂ କଥଂ ବ୍ୟର୍ଥଂ ନିଷ୍କାରଣଂ କଦର୍ଥୟସି, ସାମିଗଳିତଧୈର୍ଯ୍ୟାୟାଂ ଈଷଦ୍‌ବିଲୁପ୍ତଧୈର୍ଯ୍ୟାୟାଂ କଶୋର୍ଯାଂ ରାଧାୟାଂ ଇତି କଥିତବତ୍ୟାଂ ସତ୍ୟାଂ ପୁନସ୍ତାଂ ପ୍ରତି ସାକୂତଂ ସାଭିପ୍ରାୟଂ ସଖୀ ଲଳିତା କଥୟତି ।

ଅନୁବାଦ—ହେ ସଖି, ମୋପରି ଅଭଗ୍ନହୃଦୟ ବନ୍ଧୁକୁ ତୁ ପ୍ରତାରଣା କର ନା ଓ ମୋର ଅସାବଧାନତା କଥା ମୋତେ ଆଉ ବାରମ୍ବାର କହ ନା । ତାହା ସୁଖକର ବୋଧ ହେଉ ନାହିଁ । ଜାଣି ଜାଣି ହେଉ ବା ଅଜାଣତେ ହେଉ ଖାଲ ଢିପ ଖସଡ଼ା ବାଟରେ ଚାଲିବାରୁ ଗୋଡ଼ ଖସି ହୃଦୟରେ ବଡ଼ ବ୍ୟଥା ହୋଇଅଛି, ସେ ବ୍ୟଥାକୁ ଦୂର କର ଓ ଶତ୍ରୁମାନଙ୍କର ଆନନ୍ଦ ବଢ଼ା ନା ।

# ଘ

ରାଗ—କାମୋଦୀ

ଘେନାଇ ଅମ୍ଭେ ଯେତେ କହିଲୁ ରେ, ଘେନିଲୁ ନାହିଁ ବାଳା ପହିଲୁ ରେ,
ଘୃତଘଟକୁ ଶିଖି-ଶିଖା ପାଖରେ ରଖି ଶିରୀଷଦେହା ଏହା ସହିଲୁ ରେ । ପଦ ।
ଘସ୍ରନାଥନନ୍ଦନା ଅନାଉଣିକି ମନା କରୁଁ ଯେ ଥାଉଁ ହଟି ରୁହିଲୁ ରେ,
ଘଟୀସରିକି କରେ ନାହିଁ କି ବିବେକରେ ମହାର୍ଣ୍ଣବରେ ଅବଗାହିଲୁ ରେ ।୧।
ଘୋଟି କିତବମୂଳ ଘୋର ଘୋର ଜାଙ୍ଗଳ ଗରଳତୁଲେ ତାହା ପିଇଲୁ ରେ,
ଘୁମାଇବାର ସମ୍ଭବିଲା ନାହିଁ କି ଆମ୍ଭ ସୁଯୋଗୁଁ ସିନା ବଞ୍ଚିଅଇଲୁ ରେ ।୨।
ଘେନି ଘେନାଇ ଯାଇ କହିବା ସମଜାଇ ଘଟିଲେ ଆମ୍ଭେ ଏକା ଜୀଇଲୁ ରେ,
ଘଟନା ବିରହରେ ଅବଶ୍ୟ ତ କହରେ ତୋ ଘେନି ଆତ୍ମଘାତ ହୋଇଲୁ ରେ ॥
ଘୋଳାରେ ପଛେ ମରୁ ଆଜ୍ଞୁ ତୋ ହୁକୁମରୁ ନିକୁଞ୍ଜ ଦଉଡ଼ିକୁ ରହିଲୁ ରେ,
ଘାଣ୍ଟି ହେଉଛୁ ମାନ ଅମଳଶତପତ୍ରନେତ୍ରା ଯା ଅମ୍ଭ ବଶ ନୋହିଲୁ ରେ ॥
ଘନେ ଚପଳାଲୀଳା ରୁହିଁ ଘନକୁନ୍ତଳା ତୁ କି ଏ ଅଭିଳାଷ ବହିଲୁ ରେ,
ଘାରି ହେଲୁ କି ରସେ ଅଷ୍ଟଦୁର୍ଗେଶ ଭାଷେ ଅବଶ୍ୟ ମୋହନକୁ ମୋହିଲୁ ରେ ॥

---

(୧) ଜ୍ଞାନରେ ବା ଅଜ୍ଞାନରେ ଯେଉଁ ଅପରାଧ କରିଅଛି, ପୁନଃପୁନଃ ସ୍ମରଣ କରାଇବାରୁ ତାହା ବାଣ ପରି ମୋ ଶରୀରରେ ପ୍ରବେଶ କରି ତାହାକୁ ଶୀର୍ଣ୍ଣ କରିଦେଲାଣି, ତା ଉପରେ ପୁଣି କନ୍ଦର୍ପ ତୀକ୍ଷ୍ଣ ଶର ମାରି ମୋର ସବୁ ଜ୍ଞାନକୁ ଅପହରଣ କରି ସାରିଅଛି । ଏପରି ଅବସ୍ଥାରେ ତୁ ଆଉ କାହିଁକି ମୋତେ ଏପରି କଦର୍ଥନା କରୁଛୁ ? ରାଧାଙ୍କର ଧୈର୍ଯ୍ୟ ପ୍ରାୟଶଃ ନଷ୍ଟ ହୋଇ ଯାଇଥିଲା । ସେ ଏହିପରି କହି ନିବୃତ୍ତ ହୁଅନ୍ତେ ଦୂତୀ ହୃଦୟରେ ଅଭିପ୍ରାୟ ରଖି ତାଙ୍କୁ କହୁଅଛନ୍ତି—"ଘେନାଇ ଅମ୍ଭେ ଯେତେ" ଇତ୍ୟାଦି ।

---

(ଘ) ଘେନାଇ—ବୁଝାଇ; ଘେନିଲୁ ନାହିଁ—ଗ୍ରହଣ କଲୁ ନାହିଁ; ପହିଲୁ—ପ୍ରଥମରୁ; ଘୃତଘଟ—ଘିଅମାଠିଆ; ଶିଖିଶିଖା—ଅଗ୍ନିଶିଖା; ଶିରୀଷଦେହା—ଶିରୀଷ ଫୁଲ ପରି ଦେହ ଯାହାର, କୋମଳାଙ୍ଗୀ; ଘସ୍ରନାଥନନ୍ଦନା—ଘସ୍ରନାଥ ଅର୍ଥାତ୍ ଦିନନାଥଙ୍କର (ସୂର୍ଯ୍ୟଙ୍କର) ଝିଅ ଯମୁନା; ଅନାଉଣି—ଅନାଇବା, ଚାହିଁବା; ହଟି—ହଠକରି, ଜିଦଧରି; ଘଟୀସରିକି—ମାଠିଆଟିଏ ମଧ୍ୟ; ବିବେକ—ବିଚାର ବୁଦ୍ଧି; ମହାର୍ଣ୍ଣବ—ମହାସମୁଦ୍ର; କିତବ—ଧୂର୍ତ୍ତ; ଘୋର—ଭୟଙ୍କର; ଜାଙ୍ଗଳ—ଏକ ପ୍ରକାର ତୀବ୍ର ବିଷଯୁକ୍ତ ଜଙ୍ଗଲି ଗଛ (ଲଙ୍ଗଳିଆ); ଗରଳ-ତୁଲେ—ବିଷ ସାଙ୍ଗରେ; ଘୋଳା—ଗୋଡ଼ିବନ୍ଧା; ନିକୁଞ୍ଜ—କୁଞ୍ଜବନ; ଘାଣ୍ଟି ହେଉଛୁଁ—କଷ୍ଟ ପାଉଅଛୁଁ; ଅମଳଶତପତ୍ରନେତ୍ରା (ଅମଳ, ସମ୍ପୂର୍ଣ୍ଣରୂପେ ନିର୍ମଳ)

ଶତପତ୍ର—ପଦ୍ମ ଅର୍ଥାତ୍ ନୀଳପଦ୍ମ ପରି ନେତ୍ର ଯାହାର )—ହେ ନୀଳେନ୍ଦୀବର-
ନେତ୍ରା; ଚପଳାଲୀଳା—ବିଜୁଳି ଖେଳିବା; ଧାରିଦେଲୁ—ଅଭିଭୂତ କରିଦେଲୁ;
ଘନକୁନ୍ତଳା—ଘନ ଅର୍ଥାତ୍ ମେଘ ପରି ଗାଢ଼ କୃଷ୍ଣବର୍ଣ୍ଣ କେଶ ଯାହାର ।

ହେ ସଖି ! ଆମ୍ଭେ ତୋତେ ବୁଝାଇ କହିଲୁ ତୁ ତାହା ଅବୋ-
ମାନିଲୁ ନାହିଁ, ଢିଅମାଟିଅଞ୍ଚାକୁ ନିଆଁଧାସ ପାଖରେ ରଖିଦେଲୁ । ଅର୍ଥାତ୍ ତୁ
ଅତି କୋମଳାଙ୍ଗୀ, ତୋ ଦେହ ଢିଅମାଟିଅ ପରି, ଶ୍ରୀକୃଷ୍ଣଙ୍କ ପ୍ରତି ଆସକ୍ତ
ହେବା ନିଆଁ ଧାସପରି, ଢିଅମାଟିଅକୁ ନିଆଁଧାସ ପାଖରେ ରଖିଲେ ତାହା
ଯେପରି ନିଶ୍ଚେ ତରଳି ଯାଏ ତୁ ସେହିପରି ଶ୍ରୀକୃଷ୍ଣଙ୍କ ପ୍ରତି ଆସକ୍ତ ହେଲେ ତାଙ୍କ
ଚିନ୍ତାରେ ନିଶ୍ଚେ ବ୍ୟାକୁଳ ହେବୁ । ପଦ । ଯମୁନା ଆଡ଼କୁ ଗୃହିଁବାକୁ ତୋତେ
ମନା କରିଥିଲୁଁ, ଅଥଚ ତୁ ଆମ କଥା ନ ମାନି ସେ ଆଡ଼କୁ ଜିଦରେ ହଠକରି
ଗୃହିଁଲୁ । ଲୋକେ ଜାହାଜ ବା ସେହିପରି ଅନ୍ୟ କୌଣସି ପଦାର୍ଥ ଆଶ୍ରୟ କରି
ସମୁଦ୍ର ପାରି ହୁଅନ୍ତି, ମାତ୍ର ତୋ ହାତରେ ମାଠିଅଟିଏ ବି ନାହିଁ, ତୁ କି
ବଳରେ ମହାସାଗରରେ ବୁଡ଼ିବାକୁ ଗଲୁ ଅର୍ଥାତ୍ ତୋର ଟିକିଏ ସୁଦ୍ଧା
ଧୈର୍ଯ୍ୟ ନାହିଁ, ଏପରି ଅବସ୍ଥାରେ ତୁ ଶ୍ରୀକୃଷ୍ଣଙ୍କ ପ୍ରତି ଅନୁରାଗିଣୀ ହେଲୁ । ୧ ।
ଧୂତୁରି ମୂଳକୁ ଘୋଟି, ଲହଲଙ୍ଗଳିଆକୁ ଘୋରି ବିଷ ସାଙ୍ଗରେ ମିଶାଇ ପିଇଲୁ ।
ଏଭଳି ବିଷ ପିଇଲେ ଲୋକ ନିଶ୍ଚେ ମରିଯାଏ, ମାତ୍ର ତୁ ଟିକିଏ ସୁଦ୍ଧା ଘୁମାଇଲୁ
ନାହିଁ । ଆମ୍ଭମାନଙ୍କ ସାହାଯ୍ୟରୁ ବଞ୍ଚି ଅଇଲୁ ସିନା ? ଶ୍ରୀକୃଷ୍ଣଙ୍କ ଆଡ଼କୁ ଗୃହିଁବା
ଦ୍ୱାରା ତୁ ଯେଉଁ ଭୟଙ୍କର ଅନ୍ୟାୟ କରିଥିଲୁ, ସେଥିରେ ନିଶ୍ଚେ ତୋର
ଘୋର କ୍ଷତି ହୋଇଥାଆନ୍ତା, ମାତ୍ର ଆମ୍ଭେମାନେ ପାଖରେ ଥିବାରୁ ତୋର କିଛି
ଅନିଷ୍ଟ ହେଲା ନାହିଁ ୨। ଆମ୍ଭେମାନେ ଯାଇ ଘେନାଘେନି କରି ଶ୍ରୀକୃଷ୍ଣଙ୍କୁ କହିବୁଁ,
ଯେବେ ତୋର ତାଙ୍କର ମିଳନ ଘଟିବ, ତେବେ ଆମ୍ଭେମାନେ ବଞ୍ଚିବୁଁ,
ଯେବେ ନ ଘଟିବ ତେବେ ଅବଶ୍ୟ ତୋ ପାଇଁ ବିଷଖାଇ ଆତ୍ମହତ୍ୟା କରିବୁଁ । ୩ ।
ଯାହାହେଉ, ଦଉଡ଼ି ଦଉଡ଼ି ଗୋଡ଼ବିନ୍ଧାରେ ପଡ଼ିଛେ ମରିବୁଁ, ତୋ ଆଦେଶ
ଅନୁସାରେ ଆଜିଠାରୁ କୁଞ୍ଜକୁ ଦଉଡ଼ିବୁଁ, ମାତ୍ର ହେ ଇନ୍ଦୀବରନେତ୍ରା ! ତୁ
ଆମ୍ଭ କଥାରେ ନ ରହିବାରୁ ଆମ୍ଭେମାନେ କେବଳ ଧାଣ୍ଡି ହେଉଅଛୁଁ । ୪ ।
ହେ କୃଷ୍ଣକେଶୀ, ମେଘରେ ବିଜୁଳି ଖେଳିବା ଦେଖି ତୁ କଣ ଏ ଇଚ୍ଛା ହୃଦରେ
ପୋଷିଲୁ କି ? ( ନେଳିଆ ମେଘରେ ହଳଦିଆ ରଙ୍ଗ ବିଜୁଳି ଖେଳିବା ଅତି
ସୁନ୍ଦର, ଶ୍ରୀକୃଷ୍ଣଙ୍କ ବର୍ଣ୍ଣ ଗାଢ଼ ନୀଳବର୍ଣ୍ଣ ମେଘ ପରି, ତୋ ଦେହକାନ୍ତି ବିଜୁଳି
ତେଜପରି । ମେଘ କୋଳରେ ବିଜୁଳି ଯେପରି ସୁନ୍ଦର ଦେଖାଯାଏ, ଶ୍ରୀକୃଷ୍ଣଙ୍କ
କୋଳରେ ବସିଲେ ତୁ ସେହିପରି ସୁନ୍ଦର ଦିଶିବୁ ଏହି ଇଚ୍ଛା ତୋ ମନରେ
ଜାତ ହୋଇଅଛି କି ? ) ଆଠଗଡ଼ର ରାଜା କହୁଅଛନ୍ତି, ବୋଧହୁଏ ତୁ
ଶ୍ରୀକୃଷ୍ଣଙ୍କୁ କି ବଚନ ରସରେ ଧାରି ଦେଇଅଛୁ, ତେଣୁ ମନେ ହୁଏ, ସେ ନିଶ୍ଚେ
ତୋ ପ୍ରେମରେ ଅନୁରକ୍ତ ହେବେ । ୫ ।

(ଢ) ବନ୍ୟାମ୍ମାର୍ତ୍ତଣ୍ଡକନ୍ୟାତଟନିକଟଭୁବଃ ପ୍ରେକ୍ଷଣଂ ନେତି ପଥ୍ୟଂ,
ଭୂୟୋଽସ୍ମାଭିଃ ପ୍ରଯୁକ୍ତା ଶ୍ରବସି ନ ଲଗିତା ତୁଚ୍ଛକୁତ୍ସାଚଶିକ୍ଷା ।
ବୈଦ୍ୟେ ସଦ୍ୟଃ ସମୁଦ୍ୟଦ୍ଗଦହୃତି ଚତୁରେ ଯଦ୍ୟପେକ୍ଷାନବଦ୍ୟେ,
ଯାମଃ କାମସ୍ୟ ପୂର୍ତ୍ତୌ ଗତିରିହ ଜଗତଃ କେବଲଂ ତେଽବଲମ୍ବଃ ॥

ସ୍ୱାମିନ୍ୟନୁଜ୍ଞାନୁଲ୍ଲଙ୍ଘନଜଙ୍ଘାଲତୈବ ମାଦୃକ୍ପ୍ରିୟଜନପ୍ରଣୀତ-ପ୍ରଯତ୍ନାନାମନୁପଥିକାପରିଣତିଃ ପରମେଶ୍ୱରାଧୀନଂ ତର୍କ୍ୟୋଦର୍କମିତ୍ୟୁକ୍ତ୍ୱା ଶ୍ରୀକୃଷ୍ଣାନ୍ତିକଂ ପ୍ରବେଶ୍ୟ ବଞ୍ଚୟାମାସ ଲଳିତା ।

---

ଟୀକା—(ଢ) ମାର୍ତ୍ତଣ୍ଡକନ୍ୟାୟା ଯମୁନାୟାସ୍ତଟନିକଟଭୁବଃ କୂଲପର୍ଯ୍ୟନ୍ତ-ଜାୟମାନାୟା ବନ୍ୟା ଅରଣ୍ୟସ୍ୟ ପ୍ରେକ୍ଷଣମବଲୋକନଂ ନ ପଥ୍ୟଂ ନ ହିତକରମିତି ଅସ୍ମାଭିର୍ଭୂୟଃ ପ୍ରଯୁକ୍ତା ପୁନଃ ପୁନଃ କୃତା, ତୁଚ୍ଛା ଶୂନ୍ୟା କୁତ୍ସା ନିନ୍ଦା ଯସ୍ୟାଂ ସା ନିନ୍ଦାଶୂନ୍ୟା ଅନିନ୍ଦନୀୟା ଇତ୍ୟର୍ଥଃ, ଚ ଶିକ୍ଷା ଉପଦେଶରୂପା ତବ ଶ୍ରବସି ଶ୍ରବଣେ ନ ଲଗିତା ନ ସଂଲଗ୍ନା; ତ୍ୱଂ ତୁ ଅସ୍ମାକଂ ହିତବଚନଂ ନ ଶ୍ରୁତ୍ୱା ଯମୁନାତଟବନୀଂ ଅବଲୋକିତବତୀ ଇତ୍ୟର୍ଥଃ । ସଦ୍ୟଃ ତତ୍କ୍ଷଣାଦେବ ସମୁଦ୍ୟନ୍ ସଂଜାୟମାନୋ ଯୋ ଗଦୋ ରୋଗସ୍ତସ୍ୟ ହୃତୌ ହରଣେ କ୍ଷଣାଦେବ ଯଃ ସଂଜାୟମାନଂ ରୋଗଂ ବିନାଶୟିତୁଂ କ୍ଷମଃ ଏବଂଭୂତେ ଚତୁରେ ସୁନିପୁଣେ ଅନବଦ୍ୟେ ନିର୍ଦ୍ଦୋଷେ ବୈଦ୍ୟେ ଭିଷଜି ଅପେକ୍ଷା ଆକାଙ୍କ୍ଷା ଚେତ୍ ତର୍ହି ବୟଂ ଯାମଃ ସାମ୍ପ୍ରତମେବ ଗଚ୍ଛାମଃ, ବୈଦ୍ୟାନ୍ୱେଷଣାର୍ଥମିତ୍ୟର୍ଥଃ । ଇହ କାମସ୍ୟ ପୂର୍ତ୍ତୌ ତବ ଅଭିଲାଷପୂରଣେ ଜଗତଃ ଗତିଃ ପରମେଶ୍ୱର ଏବ କେବଲଂ ତେ ଅବଲମ୍ବଃ ଆଶ୍ରୟ ଏବ । ଯଦି ଜଗତ୍ପତେରୀଶ୍ୱରସ୍ୟ ଅନୁଗ୍ରହଃ ସ୍ୟାତ୍ ତର୍ହି ଯୁବୟୋର୍ମିଲନଂ ସମ୍ଭବେତ୍ ନାନ୍ୟଥେତି ଭାବଃ ।

ହେ ସ୍ୱାମିନି, ଅନୁଜ୍ଞାୟା ଆଦେଶସ୍ୟ ଅନୁଲ୍ଲଙ୍ଘନାୟ ପାଳନାୟ ଇତି ଯାବତ୍ ଯା ଜଙ୍ଘାଲତା ବେଗବତ୍ତା ସୈବ (ଜଙ୍ଘାଲୋଽତିଜବସ୍ତୁଲ୍ୟୌ ଜଙ୍ଘା-କରିକଜାଙ୍ଘିକୌ ଇତ୍ୟମରଃ) ମତ୍ ସଦୃଶ ପ୍ରିୟଜନକୃତଚେଷ୍ଟାନାଂ ଅନୁପଥିକା କପଟହୀନା ପରିଣତିଃ, ଅୟଂ ଭାବଃ—ଅହଂ ଚ ତେ ପ୍ରିୟଜନଃ, ତବୋପକାରାର୍ଥଂ ମୟାବଶ୍ୟମେବ ନିଷ୍କପଟୋ ଯତ୍ନଃ କରଣୀୟଃ, ତ୍ୱଦାଦେଶପାଳନାୟ ପୁନଃପୁନଃ କୃଷ୍ଣାନ୍ତିକଂ ଗମିଷ୍ୟାମୀତି ମେ ଯତ୍ନସ୍ୟ ପରିଣାମଃ; ଯତସ୍ତ୍ୱଂ ମେ ସ୍ୱାମିନୀ, ତତୋ ଜଙ୍ଘାବଳେନ ବହୁଶସ୍ତତ୍ର ଗତ୍ୱା ତ୍ୱତ୍ତଃ ଜୀବନୋପାୟଂ ଲପ୍ସ୍ୟେ ଇତି । କିନ୍ତୁ ଉଦର୍କଂ ଅସ୍ୟ କାର୍ଯ୍ୟସ୍ୟ ଉତ୍ତରଫଳଂ ପରିଣାମ ଇତି ଯାବତ୍ ( ଉଦର୍କଂ ଫଲମୁତ୍ତରଂ ଇତ୍ୟମରଃ ) ପରମେଶ୍ୱରାଧୀନଂ ଚିନ୍ତ୍ୟଂ, ଲଳିତା ଶ୍ରୀମତୀଂ ଇତ୍ୟୁକ୍ତ୍ୱା ଶ୍ରୀକୃଷ୍ଣାନ୍ତିକଂ ଗତ୍ୱା ତଂ ବଞ୍ଚୟାମାସ ।

# ୪୦

ରାଗ—ସିନ୍ଧୁକାମୋଦୀ ବା କୁମ୍ଭକାମୋଦୀ

ନୂଆନଟପଟଳୀମୁକୁଟ ହେ ନାହିଁ କି ଶ୍ରୀଅଙ୍ଗ ସୁଖ,
ନିପଟ ନିପ୍ରେକ୍ଷ ଦିଶୁଛୁ ତ ଆଜ ନିରଳସ ଚନ୍ଦ୍ରମୁଖ । ପଦ ।
ନୀଳୋତ୍ପଳ ବାସି ହେଲା ପରି ଦିଶି ଯାଉଛୁ ଭୁରୁ ଶ୍ରୀଅଙ୍ଗ,
ନାସା ନୀଳ ତିଳଫୁଲରୁ ଅନିଳ ପ୍ରସରୁଛୁ ବେଗ ବେଗ । ୧ ।
ନୀପଉପବନ ନିକଟ, ପବନସ୍ମରଣରୁ ଯେବେ ଡର,
ନଦୀକୂଳସ୍ଥଳ ଏ ବଡ଼ ଶୀତଳ ତୁହନ୍ତାହିଁକି ବିହାର । ୨ ।
ନିଦ ନାହିଁ କି ନୟନେ ନିଶି ଦିନ ଆହା ମରଇ ମୋ ଧନ,
ନବନୀତ ଠାରୁଁ ମୃଦୁ ଦେହେ କାହୁଁ ସମ୍ଭବିଲା ଏ କଦନ ୩ ।
ନବ ହେମଦ୍ୟୁତି ଅମଗ୍ରାଏ ନିତି ନିଅନ୍ତି ଫୁଲ ଏ ବନ୍ଧୁ,
ନେନ୍ଦ୍ରପଥେ ପଡ଼ିଗଲେ କି ସେ ଛାଡ଼ି ଯାଉ ନାହିଁ କ୍ୱର ମନ୍ଦୁ ୪ ।
ନ ବିହର ଗୋପସଙ୍ଗୀଳ ଏ ପାପଗହନରେ କିଛି ଦିନ,
ନରେଶମଣ୍ଡନ ଶ୍ରୀହରିଚନ୍ଦନ ଜଗଦ୍ଦେବ ସ୍ତୁବ ଘେନ । ୫ ।

---

ଅନୁବାଦ—ଯମୁନାକୂଳବର୍ତ୍ତୀ ବନକୁ ଗୃହିଁବା ତୁମ୍ଭ ପକ୍ଷରେ ହିତକର ନୁହେ, ଏହା ଆମ୍ଭେମାନେ ତୁମ୍ଭଙ୍କୁ ପୁନଃପୁନଃ କହିଲେହେଁ ତୁମ୍ଭେ ସେହି ହିତୋପଦେଶକୁ କାନରେ ଶୁଣିଲ ନାହିଁ । ଯେଉଁ ବୈଦ୍ୟ ରୋଗର ଆଶୁ ପ୍ରତିକାର ବିଧାନ କରି ପାରନ୍ତି, ସେଭଳି ବୈଦ୍ୟଠାରେ ତୁମ୍ଭର ଯେବେ ଅପେକ୍ଷା ଥାଏ, ତେବେ ଆମ୍ଭେମାନେ ବର୍ତ୍ତମାନ ତୁମ୍ଭ କାମନା ପୂରଣ କରିବାପାଇଁ ଯାଉଅଛୁଁ । ଜଗତ୍‌କର୍ତ୍ତା ପରମେଶ୍ୱରହିଁ ଏ ବିଷୟରେ ଏକା ତୁମ୍ଭର ପ୍ରଧାନ ଅବଲମ୍ବନ ।

ହେ କର୍ତ୍ତା ! ମୁଁ ତୁମ୍ଭର ପ୍ରିୟଜନ, ଏପରି ଅବସ୍ଥାରେ ତୁମ୍ଭର ଆଦେଶ ପାଳନ କରି ଶ୍ରୀକୃଷ୍ଣଙ୍କ ନିକଟକୁ ପୁନଃପୁନଃ ଯିବା ଆସିବା କରିବାହିଁ ମୁଁ ମୋ କର୍ତ୍ତବ୍ୟର ନିଷ୍କପଟ ପରିଣାମ ବୋଲି ମନେ କରୁଅଛି । କିନ୍ତୁ ଏହାର ଉତ୍ତରଫଳ ଈଶ୍ୱରାଧୀନ; ଲଳିତା ଏହା କହି ଶ୍ରୀକୃଷ୍ଣଙ୍କ ନିକଟକୁ ଗମନ କଲେ ଏବଂ ତାଙ୍କୁ କହିବାକୁ ଆରମ୍ଭ କଲେ, "ନୂଆନଟପଟଳୀମୁକୁଟ" ଇତ୍ୟାଦି ।

---

(୪୦) ନୂଆନଟପଟଳୀମୁକୁଟ—ନୂତନ ନର୍ତ୍ତକମାନଙ୍କ ବା ଦୁଷ୍ଟ ଟୋକାଙ୍କ ମଧ୍ୟରେ ଶ୍ରେଷ୍ଠ; ନିପଟ—ଅତ୍ୟନ୍ତ; ନିରଳସ—ଅଳସ୍ୟହୀନ ଅର୍ଥାତ୍ ମନୋହର; ନୀଳୋତ୍ପଳ—ନୀଳକଇଁ; ବାସି—ମଉଳା ପଡ଼ିଥିବା (ସଜର ବିପରୀତ); ନୀଳ

(ଙ) ହା ହା ହନ୍ତ ହତାସ୍ମି କେନ ଜଳସନ୍ନୀଳାଶ୍ମତେଜୋଘଟା
ଧୂମ୍ରଂ ପଙ୍କ୍ତିତୋତ୍ପଳାବଳିରୁଚଂ ମାସୀନ୍ନିଧତ୍ସେ ବପୁଃ ।
ନାନ୍ତ କ୍ରୀଡସି ପଞ୍ଚଶାଣୀପି ଦନାନ୍ୟମ୍ଭୋରୁହାକ୍ଷାର୍ଭକାନ୍;
କାନ୍ତିଂ ନେଦମଖଣ୍ଡଶୈତ୍ୟବଭବଂ ମାଭିଣ୍ଡ୍ରପୁତ୍ର,ୟାସ୍ତଟଂ ॥

ଚନ୍ଦ୍ରକାପୀଡ଼ ସୁନ୍ଦରେନ୍ଦ୍ର କିଶୋରଚନ୍ଦ୍ରଚୂଡ଼ାମଣେ ତାଦୃଙ୍ନୀରଜସ-କେଳୀକଳାକଳାପଲାଳନଲାଳିତାସ୍ତୁ ବପୁଷେ ଭବତୋ ଭବତି ନ କିଂ ଦ୍ରୁତମଙ୍ଗାନ୍ତଂ ବାହ୍ୟମୀତଚପଳଂଚନଂ ।

---

ଉତ୍ପଳ—ନେଳିଆ ରଙ୍ଗିଫୁଲ; ଅନିଳ—ପବନ, ନିଶ୍ୱାସ; ବେଗ ବେଗ—ଅତି ଚଞ୍ଚଳ; ନୀପ ଉପବନ—କଦମ୍ବ ବଗିଚା; ନବନୀତ—ଲହୁଣୀ; ତହୁଁ—ତାରୁ; କଦନ—କଷ୍ଟ, ଯନ୍ତ୍ରଣା; ନବହେମଦ୍ୟୁତି—ଯେଉଁମାନଙ୍କ ଦେହ ଶୋଭା ନୂତନ ସୁନା ପରି ଉଜ୍ଜ୍ୱଳ; ଅମରୀଏ—ଅପ୍‌ସରାମାନେ; ଜ୍ୱର—ସନ୍ତାପ; ଗୋପସଙ୍ଗାଳି—ଗୋପ ନଗରର ସର୍ବସ୍ୱ; ଗହନରେ—ବନରେ; ନରେଶମଣ୍ଡନ—ନୃପତିଶ୍ରେଷ୍ଠ ।

ହେ ନବନାଗରଶ୍ରେଷ୍ଠ, ତୁମ୍ଭର ଶ୍ରୀଅଙ୍ଗ ଭଲ ନାହିଁ କି ? ତୁମ୍ଭର ମନୋହର ଚନ୍ଦ୍ରମା ବଦନ ତ କାହିଁକି ଆଜ ଏକାବେଳକେ ମଳିନ ଦିଶୁଅଛି ? ପଦ୍ମ । ନୀଳକାନ୍ତି ମଇଳା ପଡ଼ିଲେ ଯେପରି ଦେଖାଯାଏ, ଦୂରରୁ ତୁମ୍ଭ ଶ୍ରୀଅଙ୍ଗ ତ କାହିଁକି ସେହିପରି ଦିଶୁଛି । ନୀଳବର୍ଣ୍ଣ ଉତ୍ପଳଫୁଲ ପରି ଦିଶୁଥିବା ତୁମ୍ଭ ନାସିକାରୁ ତ କାହିଁକି ଆଜ ଅତି ବେଗରେ ନିଶ୍ୱାସ ବାହାରୁଛି । ୧ । କଦମ୍ବବଣ ପାଖ ପବନ ଦେହରେ ଲାଗିବାରୁ ଯେବେ ତୁମ୍ଭର ଶରୀର ଅସୁସ୍ଥ ହୋଇଥାଏ, ତେବେ ଏହି ଶୀତଳ ନଈକୂଳ ମଧ୍ୟ ତୁମ୍ଭର ବୁଲିବାର ଉପଯୁକ୍ତ ସ୍ଥାନ ନୁହେ, (ଠିକ ନିଶ୍ଚୟାର୍ଥକ ଅର୍ଥାତ୍, ପ୍ରଶ୍ନାତ୍ମକ ନୁହେ ) । ୨ । ଅହା ମୋ ଧନ ! ମରିଯାଏ ! ଦିନରାତି ସବୁବେଳେ କଣ ଏ ଆଖିକି ନିଦ ମାଡୁନାହିଁ ? ଆହା । ତୁମ୍ଭର ଏ ଶରୀର ଲହୁଣୀଠାରୁ ଅଧିକ କୋମଳ, ଏ ଶରୀରରେ ପୁଣି ଏତେ କଷ୍ଟ ସମ୍ଭବପର ହେଲା । ଯେଉଁମାନଙ୍କ ଦେହର ବର୍ଣ୍ଣ ନୂଆ ସୁନା ପରି ମନୋହର, ସେହି ଅପ୍‌ସରାମାନେ ପ୍ରତିଦିନ ଏ ବନରୁ ଫୁଲ ତୋଳିବାକୁ ଆସନ୍ତି, ତୁମ୍ଭ ଆଖିରେ ପଡ଼ି ସେମାନେ କଣ ଛାଡ଼ି ଚାଲିଗଲେ କି ? ସେ ଦିନରୁ କଣ ତୁମ୍ଭ ମନରୁ ସନ୍ତାପ ଦୂର ହେଉ ନାହିଁ ? ଅର୍ଥାତ୍ ତପ୍ତକାଞ୍ଚନବର୍ଣ୍ଣାଭ ଅପ୍‌ସରାମାନଙ୍କୁ ଆଖିରେ ଦେଖିବା ଦିନୁ କିଅଣ ତୁମ୍ଭେ ଏପରି ଆଧିଗ୍ରସ୍ତ ହୋଇ ପଡ଼ିଅଛ ? ଅତଏବ ହେ ଗୋପନଗର-ବାସୀଙ୍କ ଜୀବନସର୍ବସ୍ୱ, ଏ ପାପବନରେ ଆଉ ବୁଲ ନାହିଁ, ନୃପତି ଶ୍ରେଷ୍ଠ ଜଗଦ୍ଦେବ ହରିଚନ୍ଦନଙ୍କ ପ୍ରାର୍ଥନା ଗ୍ରହଣ କର । ୫ ।

ଟୀକା—(ଙ) ହା ହା ହନ୍ତ ହତାସ୍ମି, ଅହୋ ମ୍ରିୟମାଣାସ୍ମି, କେନ କଥଂ ଜଳସନ୍ତ ଶୋଭମାନା ଯା ନୀଳାଶ୍ମତେଜସ ଇନ୍ଦ୍ରନୀଳମଣିକାନ୍ତେଃ ଘଟା ସମୂହଃ

ତସ୍ୟା ଧୂର୍ଣ୍ଣିଂ ବାହକଂ ଅସ୍ମଦସିଛ ଯାବତ୍ ସୁଶୋଭନେନ୍ଦ୍ର ନୀଳମଣିକାନ୍ତିଧାରି ତେ ବପୁଃ ତବ ଶରୀରଂ ପର୍ଯ୍ୟୁଷିତାନାଂ ମ୍ଲାନାନାମିତ୍ୟର୍ଥଃ ଉତ୍ପଲାବଳୀନାଂ ଇନ୍ଦୀବରାଣାଂ ରୁଚ୍ୟଂ ତେଜସାଂ ନିଧିଃ ସ୍ଥାନଂ ଆସୀତ୍ । ନୀଳତେଜୋମୟସ୍ୟ ତେ ଶରୀରସ୍ୟ ମଳିନତାଂ ଦୃଷ୍ଟ୍ୱା ମରଣ ଯନ୍ତ୍ରଣା ମେ ମନସି ଜାୟତେ ଇତି ଭାବଃ; ହେ ଅମ୍ଭୋରୁହାକ୍ଷ, ହେ ନଳିନନେତ୍ର, ଅତ୍ର ଅସ୍ମିନ୍ ସ୍ଥାନେ ପଞ୍ଚଷାଣି ( ପଞ୍ଚ ବା ଷଟ୍ ବା ପରିମାଣଂ ଏଷାଂ ପଞ୍ଚଷାଣି, ବହୁବଚନାନ୍ତୋଽୟଂ ଶବ୍ଦଃ ) ଦିନାନି ( କାଳାଧ୍ୱନୋରତ୍ୟନ୍ତସଂଯୋଗେ ଇତି ଦ୍ୱିତୀୟା ) ଅର୍ଭକାନ୍ ଗୋପଶିଶୂନ୍ ନ କ୍ରୀଡ଼ୟ, ତୈଃ ସହ ମା ବିହର, ତତ୍ର ହେତୁମାହ—ଇଦଂ ମାର୍ତ୍ତଣ୍ଡପୁତ୍ର୍ୟାଃ ଯମୁନାୟାଃ ତଟଂ କୂଳପ୍ରଦେଶଃ ଅଖଣ୍ଡଃ ଶୈତ୍ୟବୈଭବଃ ଯସ୍ମିନ୍ ତଥୋକ୍ତଂ ଅବିଚ୍ଛିନ୍ନଶୈତ୍ୟନିଧାନମିତ୍ୟର୍ଥଃ, ଅତଏବ ନବାର୍ତ୍ତିଂ ନ ନିରାମୟଂ ନ ସ୍ୱାସ୍ଥ୍ୟପ୍ରଦଂ ଭବତୀତି ଶେଷଃ । (ବାର୍ତ୍ତଂ ନିରାମୟଂ କଲ୍ୟଃ ଇତ୍ୟମରଃ ।)

ଚନ୍ଦ୍ରକେତି—ହେ ଚନ୍ଦ୍ରକାପୀଡ଼ ଶିଖଣ୍ଡଚୂଳ, ହେ ସୁନ୍ଦରେନ୍ଦ୍ର ରମଣୀୟ-ଶିରୋମଣେ, କିଶୋରଚକ୍ରଂ ଯୁବକସମୂହଃ ତେଷାଂ ଚୂଡ଼ାମଣିଃ ତସ୍ୟ ସମ୍ବୋଧନେ ହେ ଯୁବଜନମୌଳିମଣ୍ଡନ, ଭବତଃ ତବ ତାଦୃକ୍ ନିରଳସଃ ଯଃ କେଳିକଳା-କଳାପଃ କ୍ରୀଡ଼ାବିଭୂତିସମୂହଃ ତସ୍ୟ ଲାଳନଂ ପୋଷଣଂ ତେନ ଲଳିତାୟ ମନୋଜ୍ଞାୟ ବପୁଷେ ଶରୀରାୟ ( ହିତଯୋଗେ ଚ ଇତି ଚତୁର୍ଥୀ ) ଅଶ୍ରାନ୍ତଂ ସତତଂ ବାହ୍ୟଗତପର୍ଯ୍ୟଟନଂ ନଦୀକୂଳଭ୍ରମଣଂ ହିତଂ ପଥ୍ୟଂ ନ କମିତି ପ୍ରଶ୍ନେ ।

ଅନୁବାଦ—ଆହା, ତୁମ୍ଭର ଯେଉଁ ଶରୀର ଇନ୍ଦ୍ରନୀଳମଣିର ତେଜ ଧାରଣ କରି ମନୋହରଣ କରୁଥିଲା, ଆଜ ତାହା କାହିଁକି ବାସି ନୀଳକଇଁ ପରି ଏଭଳି ମଳିନ ଦିଶୁଛି, ଏହା ଦେଖି ମୋ ମନରେ ବଡ଼ କଷ୍ଟ ହେଉଅଛି; ହେ ପଦ୍ମଲୋଚନ, ଏଠାରେ ପାଞ୍ଚ ଛଅ ଦିନ ଆଉ ଗୋପବାଳକମାନଙ୍କୁ ଖେଳାଅ ନାହିଁ, କାରଣ ଏ ଯମୁନା ନଦୀକୂଳରେ ଭାରି ଶୀତ, ଏହା ତୁମ୍ଭ ସ୍ୱାସ୍ଥ୍ୟପକ୍ଷରେ ଅନୁକୂଳ ନୁହେ ।

ହେ ଚନ୍ଦ୍ରକଚୂଳ, ହେ ସୁନ୍ଦର ଯୁବକଶ୍ରେଷ୍ଠ, ତୁମ୍ଭ ଶରୀର ମନୋହର ବିଳାସରେ ସର୍ବଦା ଅତୀବ ସୁକୁମାର, ଯମୁନାକୂଳରେ ନିରନ୍ତର ଭ୍ରମଣ କରିବାଟା ତୁମ୍ଭର ସେହି ସୁକୁମାର ଶରୀର ପକ୍ଷରେ ହିତକର ହେଉ ନାହିଁ ପରା । ଲଳିତାଙ୍କଠାରୁ ଏହି କଥା ଶୁଣି ଶ୍ରୀକୃଷ୍ଣ ତାଙ୍କୁ କହୁଅଛନ୍ତି:—

"ଶୃହିଁ ଶୃହିଁ ତୋ ସରଣୀ" ଇତ୍ୟାଦି ।

# ଚ

## ରାଗ—ପଞ୍ଚମ ବରାଡ଼ି

ଚାହିଁ ଚାହିଁ ତୋ ସରଣୀ କକୁଭକୁ ରେ ତରୁଣି ଚିତ୍ରାର୍ପିତ ପରି ଥିଲି ବସି । ଚିତ୍ର ମଣିଲି ମୁଁ ଚିତେ, ଚାହିଁ ଯା ଅତର୍କିତେ ଚାରୁଚନ୍ଦ୍ର ମିଶାଇଲୁ ଆସି ରେ, ଚଳାପାଙ୍ଗି, ଚନ୍ଦ୍ରରୁ ଚିପୁଡ଼ି ସୁଧା ଝର, ଚିରତୃଷିତର ମୁଖେ ଭର, ଚାତୁର୍ଯ୍ୟ କୃପାଳୁ ଗୁଣ-ନିଧି ରଖିଲୁ କି ପ୍ରାଣ ଘେନିଲି ମୁଁ ଏତେ ସହି କରି ରେ । ୧ ।

ଚେତା ଥିଲା ପରି କିଛି ପ୍ରତୀତ ତ ହେଉଅଛି, ଚକ୍‌ଚକଣ ତ ଦିଶୁଛି ମୋ ଦେହ । ଚିହ୍ନି କି ଲକ୍ଷ୍ମଣ ସତେ ଭ୍ରମରଚିକୁରି ମତେ ଚହଟାଇ ପଖାଳିଲୁ କହ ରେ, ଚଳାପାଙ୍ଗି, ଚୁମ୍ବି ରବିନନ୍ଦନୀର ନୀର, ଚନ୍ଦ୍ରକାନ୍ତି, ତୁଷାର ସାର; ଚାରୁ ମାରୁତରୁ ତନୁ-ତଳ ଶୀତଳ ହେଉଛୁ, ଚିନାଏ ତ ଖେଦ ନାହିଁ ମୋର ରେ । ୨ ।

ଚାରୁ ହରିତରେ ଘେରି ଚରାଉଥାନ୍ତି ବାଳୁସି ଚୂଳମୁକୁଟିଆ ସଖାମାନେ । ଚିତ୍ରମୟ ଶୃଙ୍ଗ ବେଣୁ, ବାଦ୍ୟନାଦ ଶୁଣୁ ଶୁଣୁ, ଶେଷ ହୁଏ ଦିନ ଦିନେ ଦିନେ ରେ, ଚଳାପାଙ୍ଗି, ଚୁମ୍ବି ବାରୁଣୀକି ଦିନବନ୍ଧୁଙ୍କ, ଚପଳେ ଅମ୍ବର ବରଜନ୍ତି; ଚରମ ଭାଗ ମୋ ଭାର, ଲଗି ନାହିଁ ଭ୍ରମେ ତାର ଚମକ ତ ନାହିଁ ମୋର ଚିତ୍ତ ରେ । ୩ ।

ଚାମୀକରଚାରୁ ଶିଖା—ମଣି ସେ କେଉଁ ଅମଣି, ଚାହିଁ ନାହିଁ ଦିନେ ମୋ ନୟନ । ଚମତ୍କାର କଥା ଦେଖି ପେଟରେ କପଟ ରଖି, ତୋତେ କି ନ କହନ୍ତି ଘେନ ରେ, ଚଳାପାଙ୍ଗି, ଚରାଚର ଚାଲି ଭୟମୟ, ଚକଟି ଦେଲୁ ମୋ ହୃଦାଶୟ, ଚରଣ ଯୁଗକୁ ତୋର, ବନ୍ଦେ ଅଷ୍ଟଦୁର୍ଗେଶ୍ୱର, ଚେତ ନାହିଁ ଥିଲେହେଁ ବଞ୍ଚାଅ ରେ । ୪ ।

---

(ଚ) ସରଣୀ—ମାର୍ଗ, ବାଟ; କକୁଭ—ଦିଗ; ଚିତ୍ରାର୍ପିତ—ଚିତ୍ରରେ ଅଙ୍କିତ ପିତୁଳା ପ୍ରଭୃତି; ଚିତ୍ର—ଆଶ୍ଚର୍ଯ୍ୟ; ଅତର୍କିତେ—ଅଜ୍ଞାତଭାବରେ, ଚଳାପାଙ୍ଗୀ—ଚଞ୍ଚଳନେତ୍ରା; ସୁଧାଝର—ଅମୃତର ସୁଅରେଇ, (ପାତ୍ରବିଶେଷ); ଲକ୍ଷ୍ମଣ—ଚିହ୍ନ; ଭ୍ରମରଚିକୁରା—(ଭ୍ରମର ପରି ଚିକୁର ଯାହାର) ଦୀର୍ଘ ଘନକେଶଧାରିଣୀ; ଚହଟାଇ—ଉଠାଇ; ରବିନନ୍ଦନୀର ନୀର—ଯମୁନାପାଣି; ଚାରୁ ମାରୁତ—ମନୋହର ପବନ; ଚିନାଏ—ଟିକିଏ; ହରିତ—ଦିଗ; ଚୂଳମୁକୁଟିଆ—ମୟୂର

ଚୂଳମୁକୁଟଧାରୀ; ଶିରମଣି—ଉଆଁ ଡେଇଁ; ବାରୁଣୀ—ପଶ୍ଚିମଦିଗ; ଦିନବନ୍ଧୁ—ସୂର୍ଯ୍ୟ; ଚପଳେ—ଅତି ଚଞ୍ଚଳ; ଅମ୍ବର—ଆକାଶ; ବର୍ଜନ୍ତି—ତ୍ୟାଗ କରନ୍ତି; ଚରମ ଭାଗ—ପୃଷ୍ଠଭାଗ; କିଂକ—କଅଣ (ପ୍ରଶ୍ନସୂଚକ ଅବ୍ୟୟ); ଚରାଚର ଗତି—ଚତୁର୍ଦ୍ଦିଗର ସ୍ଥିତି, ସଂସାରରୀତି; ହୃଦାଶୟ—ଅନ୍ତଃକରଣ; ସ୍ଥିର ନାହିଁ—ସ୍ଥିରଇ ନାହିଁ ।

ଅୟି ଲଳିତେ, ତୋ ଆସିବା ବାଟକୁ ମୁଁ ଚିତ୍ରପ୍ରତିମା ପରି ସ୍ଥିରଭାବରେ ଚାହିଁ ବସିଥିଲି; ତୁ ଯାହା ଅତର୍କିତଭାବରେ ଆସି ଦୃଷ୍ଟିରେ ମିଶାଇ ଦେଲୁ ଅର୍ଥାତ୍ ଦେଖା ଦେଲୁ, ଏଥିରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି; ହେ ଚଳାପାଙ୍ଗି ! ହେ ଚାତୁର୍ଯ୍ୟକୃପାଦି ଗୁଣନିଧି ( ଚତୁରତା ଓ ଦୟାଦିଗୁଣ ଅର୍ଥାତ୍ କୃପାଳୁତା ଏହାର ନିଧି ଅର୍ଥାତ୍ ସ୍ଥାନ ) ଚନ୍ଦ୍ରରୁ ଅମୃତକୁ ଚପୁଡ଼ି ଯେହ୍ନେ ଝରକୁ ( ପାନକୁ ) ଚରତୃଷାରି ମୁହଁରେ ଢାଳି ଦେଇ ପ୍ରାଣ ରକ୍ଷା କଲୁ, ମୋତେ ଏହିପରି ଲାଗୁଛି । ଅର୍ଥାତ୍ ମୁଁ ତୋତେ ଦେଖିବା ପାଇଁ ବଡ଼ ବ୍ୟାକୁଳ ହେଉଥିଲି, ତୁ ହଠାତ୍ ଆସି ଏଠାରେ ଉପସ୍ଥିତ ହୋଇ ମୋର ବ୍ୟାକୁଳତା ଦୂର କଲୁ । ୧ । (୯୮ ଗୀତରେ ଶ୍ରୀକୃଷ୍ଣଙ୍କ ଶରୀର ଅସୁସ୍ଥ ଥିବା ବିଷୟରେ ଲଳିତା ଯେଉଁ ସବୁ ପ୍ରଶ୍ନ କରିଥିଲେ, ବର୍ତ୍ତମାନ ଶ୍ରୀକୃଷ୍ଣ ତାହାର ଉତ୍ତର ଦେଉଅଛନ୍ତି ) । ହେ ଘନକେଶୀ, ମୋର ଜ୍ଞାନ ଥିବା ପରି ମୋତେ ତ ଜଣାପଡୁଛି । ମୋ ଦେହ ତ ଚିକ୍କଣ ଦିଶୁଛି, ବାସି ଫୁଲକଳି ପରି ମଳିନ ଦିଶୁ ନାହିଁ ତ । କି ଚିହ୍ନ ଦେଖି ତୁ ମୋତେ ଭୁରସାଇ ଏ ସବୁ କଥା ପଚାରିଲୁ କହ । ହେ ଚଳାପାଙ୍ଗି ! ମୁଁ ଯମୁନା ଜଳ ପିଇ, ଚନ୍ଦ୍ର-କିରଣ ସମୂହର ତୁଷାରସାର ଅର୍ଥାତ୍ ଶୀତଳତାକୁ ସେବା କରି ଅର୍ଥାତ୍ ଚନ୍ଦ୍ର-କିରଣରେ ଫୁଲ ମନୋହର ପବନ ହେତୁରୁ ଏ ସ୍ଥାନର ତରୁତଳ ବଡ଼ ଶୀତଳ ହୋଇଥିବାରୁ ଏଠାରେ ରହିଅଛି । ମୋର ତ ଏଠାରେ ଟିକିଏ ଦୁଃଖ ନାହିଁ । ୨ । ମୟୂରପୁଚ୍ଛମୁକୁଟଧାରୀ ମୋର ବନ୍ଧୁ ଗୋପବାଳକମାନେ ଗୃହଆଡ଼େ ବୁଲି ବାଛୁରି ଚରାଉଥାନ୍ତି, ସେମାନଙ୍କର ଉଆଁ ଡେଇଁ ଦେଖୁ ଦେଖୁ ଶିଙ୍ଗା ଓ ବେଣୁବାଦ୍ୟାଦିର ଶବ୍ଦ ଶୁଣୁ ଶୁଣୁ ଦିନେ ଦିନେ ଦିନ ଶେଷ ହୋଇଯାଏ, ଏହି ସମୟରେ ସୂର୍ଯ୍ୟ ପଶ୍ଚିମ ଦିଗକୁ ଆଶ୍ରୟ କରି ଚଞ୍ଚଳ ଅସ୍ତ ହୋଇଯାଆନ୍ତି । ସାଧାରଣତଃ ଲୋକେ ଡରିଲେ ତାଙ୍କ ପିଠିପଟ ଭାରି ଲାଗେ, ମାତ୍ର ମୋ ପିଠି ଆଡ଼ ତ ଭାରି ହୋଇ ନାହିଁ, ଅଥବା ଭ୍ରମରେ ମୋର ଛାତି ତ କେଉଁଠାରେ ଉଡ଼ି ନାହିଁ ଅର୍ଥାତ୍ କେବେହେଲେ ମୋ ହୃଦୟରେ ତ ମୁଁ ଭୟ ଅନୁଭବ କରି ନାହିଁ । ୩ । ଆଉ ମଧ୍ୟ ସୁନାପରି ସୁନ୍ଦର ସ୍ତ୍ରୀପୁରୁଷ କୌଣସି ଅପ୍ସରାକୁ ତ ମୁଁ ଇଚ୍ଛାରେ ଦେଖି ନାହିଁ, ସଖି, ଏଭଳି ଗୋଟିଏ ଚମତ୍କାର କଥା ଦେଖି ପେଟରେ କପଟ ରଖି ତୋତେ କଅଣ କହନ୍ତି ନାହିଁ ? ହେ ଚଞ୍ଚଳାକ୍ଷି, ଏହା ସ୍ଥିର ବୋଲି ଗ୍ରହଣ କର । ସଂସାରର ରୀତି ବଡ଼ ଭୟପୂର୍ଣ୍ଣ, ଏପରି ଅବସ୍ଥାରେ ମୋ ଅନ୍ତଃକରଣକୁ ଉଦ୍‌ବେଗ ହେଲା ଅର୍ଥାତ୍ ମୋ ମନରେ ବଡ଼ ଅଶାନ୍ତି ଜାତ କରିଦେଲା । ୪ । ଅଠରଅଙ୍କ ଟୀକା

(ଚ) କଲ୍ୟାଣଂ ବଲ୍ଲବାନାଂ ବିଗଳିତବୟସାଂ କିଂ ସ୍ୱଦାରୈରୁଦାରୈଃ
କଚ୍ଚିଦ୍‌ବାଲାବଲୀନାଂ ଶ୍ରିୟମନୁଭବସି ପ୍ରତ୍ୟହଂ ସତ୍ୟସନ୍ଧେ ।
ଦୀନଶ୍ଚିନ୍ତାମଣୀନାଂ ତତମିବ ନିତରାଂ ତ୍ୱାଂ ପ୍ରପଦ୍ୟାସ୍ମି ତୁଷ୍ଟି-
କ୍ଲିଷ୍ଟଂ ସନ୍ଧ୍ୟାତମାନା ବିଧୁମୁଖି ମମ ଯତ୍ ଯାସି ନେତ୍ରାତିଥିତ୍ୱଂ ।

କିମଦ୍ୟ ଲଳିତେ 'ଧରଣୀପୁତ୍ରଚରମସଞ୍ଚାରଚରିବକ୍ରଗ୍ରହଗ୍ରହିଳ ରବିଗ୍ରହକରନିକରବ୍ୟତିକରତପ୍ତାଙ୍କୁରକେଦାରଂ ପ୍ରତି ବୃଷ୍ଟ୍ୟେବ ଦିଷ୍ଟ୍ୟାନ ପ୍ରବିଷ୍ଟଂ ସ୍ମୃତମାତ୍ରୟା ତ୍ୱୟା ।

---

ତୋ ଚରଣଦ୍ୱୟକୁ ବନ୍ଦୁଅଛନ୍ତି; ମୁଁ କାହାର କଷ୍ଟ ଦେଖିଇ ନାହିଁ; ଯେବେ ସେପରି କଷ୍ଟ ହୋଇଥାଏ, ତେବେ ମୋତେ ବଞ୍ଚାଅ ଅର୍ଥାତ୍ ରକ୍ଷା କର ।

ଟୀକା—ସ୍ୱପ୍ରଣୟିନ୍ୟାଃ ଶ୍ରୀରାଧାୟାଃ କୁଶଳଂ ଜିଜ୍ଞାସୁଃ ଶ୍ରୀକୃଷ୍ଣଃ ଶିଷ୍ଟାଚାର-ବ୍ୟାଜେନ ଆଦୌ ତାବତ୍ ବୃଦ୍ଧାନାଂ ଗୋପପୁରବାସିନାଂ କୁଶଳଂ ପୃଚ୍ଛତି, କଲ୍ୟାଣ-ମିତି । ବିଗଳିତଂ ବୟୋ ଯେଷାଂ ତେଷାଂ ବୃଦ୍ଧାନାଂ ବଲ୍ଲବାନାଂ ଗୋପାଳାନାଂ ଉଦାରୈରମିତଗୁଣୈଃ ସ୍ୱଦାରୈଃ ସ୍ୱପତ୍ନୀଭିଃ ସହ କୁଶଳଂ କିଂ ? ଅୟି ସତ୍ୟସନ୍ଧେ ସତ୍ୟବାଦିନି, ତ୍ୱଂ ପ୍ରତ୍ୟହଂ ବାଳାବଳୀନାଂ ଗୋପଯୁବତୀନାଂ ଶ୍ରିୟଂ ସୁଷମାଂ ଅନୁଭବସି ପ୍ରତ୍ୟକ୍ଷୀକରୋଷି କଚ୍ଚିତ୍ ? ଅପି ଗୋପଯୁବତୟଃ ପ୍ରତ୍ୟହଂ ସର୍ବ ସୌଖ୍ୟେନ ବର୍ତ୍ତନ୍ତେ ଇତି ତ୍ୱଂ ସର୍ବଥା ଜାନାସି କିମିତ୍ୟର୍ଥଃ । ଅୟି ବିଧୁମୁଖି ଚନ୍ଦ୍ରାନନେ, ସନ୍ଧ୍ୟାତମାନା ସ୍ମୃତମାତ୍ରେଣ ତ୍ୱଂ ଯତ୍ ମମ ନେତ୍ରାତିଥିତ୍ୱଂ ମମଚକ୍ଷୁଷୋ ଗୋଚରତ୍ୱଂ ଯାସି ଏତସ୍ମିନ୍ । ଦୀନୋ ଦୁର୍ଗତିଶ୍ଚିନ୍ତାମଣୀନାଂ, ଯେ ହି ଶକ୍ତିତଂ ବାଞ୍ଛିତଂ ପ୍ରଯଚ୍ଛନ୍ତି ତେ ହି ଚିନ୍ତାମଣୟସ୍ତେଷାଂ ତତିଂ ସମୂହମିବ ତ୍ୱାଂ ପ୍ରପଦ୍ୟ ପ୍ରାପ୍ୟ ନିତରାଂ ନିରତିଶୟଂ ତୁଷ୍ଟୋଽସ୍ମି । ଯଥା ଚିନ୍ତାମଣିସ୍ତଦଧିକାରିଣେଽଭିଲଷିତଂ ପ୍ରଯଚ୍ଛତି ତଥା ତ୍ୱଂ ମମାଭିଲାଷଂ ପୂରୟିଷ୍ୟସୀତି ତ୍ୱଦ୍ଦର୍ଶନାତ୍ ମେ ନିବୃତ୍ତିଃ ।

ଅୟି ଲଳିତେ ! ଧରଣୀପୁତ୍ରସ୍ୟ ଭୌମଗ୍ରହସ୍ୟ ଚରମସଞ୍ଚାରେଣ ଯସ୍ମିନ୍ ବକ୍ରଗ୍ରହୋ ବହୁକାଳଂ ବୃଷ୍ଟିପ୍ରତିବନ୍ଧକସ୍ତସ୍ମିନ୍ ଗ୍ରହିଲସ୍ୟ ଆଗ୍ରହଶୀଳନଃ ତତ୍ପରସ୍ୟେତି ଯାବତ୍ ରବିଗ୍ରହସ୍ୟ କରନିକରାଣାଂ କିରଣସମୂହାନାଂ ବ୍ୟତି-କରେଣ ସମ୍ପର୍କେଣ ତପ୍ତା ଅଙ୍କୁରା ଯତ୍ର ତାଦୃଶଂ କେଦାରଂ ପ୍ରତି କେଦାରେ ଇତ୍ୟର୍ଥଃ ବୃଷ୍ଟ୍ୟା ଇବ ବର୍ଷଣେନେବ ସ୍ମୃତମାତ୍ରୟା ସ୍ମରଣମାତ୍ରେଣ ସମୁପସ୍ଥିତୟା ତ୍ୱୟା ଦିଷ୍ଟ୍ୟା ଭାଗ୍ୟେନ ଅଦ୍ୟ ଅନ ପ୍ରବିଷ୍ଟଂ ।

ଅନୁବାଦ—ଅୟି ଲଳିତେ ! ବୃଦ୍ଧ ଗୋପାଳମାନେ ନିଜ ନିଜ ଉଦାର ସ୍ୱଭାବା ସ୍ତ୍ରୀମାନଙ୍କ ସଙ୍ଗରେ କୁଶଳରେ ଅଛନ୍ତି ତ ? ହେ ସତ୍ୟବାଦିନି, ଗୋପ ଯୁବତୀଗଣ ପରମ ସୁଖରେ ଅଛନ୍ତି ତ ? ହେ ବିଧୁମୁଖି, ସ୍ମରଣ ମାତ୍ରକେ ତୁମ୍ଭେ

# ଛ

ରାଗ—ମୁଖାରୀ

ଛଳବାହିନୀଶ ହେ, ଛାଡ଼ ଏ ସାହସ ହେ । ପଦ ।
ଛବି ତ ଅବିଳ ଦିଶେ, ଛପିବାରେ ଅଛି କି ସେ । ୧ ।
ଛଟା କାହା କଟାକ୍ଷର, ଛୁରୀ ହେଲା କି ବକ୍ଷର । ୨ ।
ଛେଳରୁ ତ ଚିନ୍ତା ବଳି, ଛାତିରେ ଗଳୁଣି ଗଳି । ୩ ।
ଛୁଟିଯାଇ ବିଚେତନା, ଛଟପଟ ହେବ ସିନା । ୪ ।
ଛଣା ସୁଧା ପରି ଦିଶେ, ଛୁଇଁଦେଲେ ବିଷଠି ସେ । ୫ ।
ଛନ୍ଦ ମନ ତୁମ୍ଭ ବୁଝେ, ଛ ଦୁଇ ଦ୍ବିଜେଶ ଭଣେ । ୬ ।

---

ଯାହା ମୋ ପାଖରେ ଉପସ୍ଥିତ ହୋଇଗଲା ଏ ବଡ଼ ବିଚିତ୍ର କଥା । ଦରିଦ୍ର ଲୋକ ଏକାବେଳକେ ଅନେକଗୁଡ଼ିଏ ଚିନ୍ତାମଣି ପାଇଲେ ଯେପରି ଆନନ୍ଦିତ ହୁଏ, ତୁମ୍ଭଙ୍କୁ ଏଠାରେ ପାଇ ମୁଁ ସେହିପରି ଆନନ୍ଦିତ ହେଉଅଛି, ଅର୍ଥାତ୍ ତୁମ୍ଭଙ୍କୁ ପାଇବାରୁ ମୁଁ ମନେ କରୁଅଛି, ମୋର ଅଭିଳାଷ ନିଶ୍ଚୟ ପୂର୍ଣ୍ଣ ହେବ ।

ଅୟି ଲଳିତେ ! ମଙ୍ଗଳ ଗ୍ରହ ଏକ ରାଶିରୁ ଅନ୍ୟ ରାଶିକୁ ଚଳିବା ବେଳେ ପ୍ରଖର ସୂର୍ଯ୍ୟରଶ୍ମି ଦ୍ୱାରା ଶସ୍ୟକ୍ଷେତ୍ରମାନଙ୍କରେ ମ୍ରିୟମାଣ ହୋଇ ପଡ଼ିଥିବା ଅଙ୍କୁରସମୂହ ପଯରେ ପ୍ରବଳ ବୃଷ୍ଟିଧାରା ଯେପରି, ତୁମ୍ଭଙ୍କୁ ସ୍ମରଣ କରୁଥିବା ବେଳେ ତୁମ୍ଭେ ସୌଭାଗ୍ୟକ୍ରମେ ଏଠାରେ ଆସି ଉପସ୍ଥିତ ହୋଇଯିବାରୁ ମୁଁ ସେହିପରି ପୂର୍ଣ୍ଣମନୋରଥ ହେଲି ବୋଲି ମନେ କରୁଅଛି ।

ଶ୍ରୀକୃଷ୍ଣଙ୍କର ଏହି କଥା ଶୁଣି ଲଳିତା ତାହାଙ୍କୁ ପୁନର୍ବାର କହିଲେ—

ଛଳବାହିନୀଶ—କପଟରୂପ ନଦୀର ଈଶ ଅର୍ଥାତ୍ ହେ କପଟସାଗର; ଛବି—ରୂପ; ଅବିଳ—ମଳିନ; ଛପିବା—ଲୁଚିବା; ଛଟା—ଭଙ୍ଗୀ; କଟାକ୍ଷ—ଅର୍ଦ୍ଧ ଚାହାଣି; ଛେଳ—ଶଲ୍ୟ, ବାଣ; ଗଳିଗଳୁଣି—ପଶିଗଲାଣି; ଛୁଟିଯାଇ—ଦୂର ହୋଇ; ବିଚେତନା—ଜ୍ଞାନ; ଛନ୍ଦ—ଅଛଳ ଚରି; ଛ ଦୁଇ—ଆଠ ।

ହେ କପଟସାଗର, ଏ ସାହସ ଛାଡ଼, ଅର୍ଥାତ୍ ଏପରି କପଟ କଥା ଦ୍ୱାରା ତୁମ୍ଭର ସାହସିକତା ଦେଖାଅ ନାହିଁ । ପଦ । ତୁମ୍ଭ ରୂପ ତ ମଳିନ ଦିଶୁଅଛି, ଏହା କଣ ଲୁଚିବାର ଅଛି କି ? ଅର୍ଥାତ୍ ଏହା ଲୁଚିବାର କଥା ନୁହେଁ, ସ୍ପଷ୍ଟ ଜଣା ପଡ଼ୁଅଛି । ୧ । କେଉଁ ସ୍ତ୍ରୀର ଗୃହାଣୀ ଭଙ୍ଗୀ ତ ତୁମ୍ଭ ବକ୍ଷର ଛୁରୀ ହେଲାଣି, ଅର୍ଥାତ୍ କେଉଁ ସ୍ତ୍ରୀର ଗୃହାଣୀଭଙ୍ଗୀ ତୁମ୍ଭ ବକ୍ଷରେ ପ୍ରବେଶ କରି ତୁମ୍ଭଙ୍କୁ ଘୋର ଯନ୍ତ୍ରଣା ଦେଉଅଛି । ୨ । ବାଣରୁ ବଳି ସେହି ଚିନ୍ତା ତ ଛାତିରେ ପଶିଗଲାଣି ।୩।

(ଛ) ଅଜ୍ଞାନାଭିନୟଂ ବିହାୟ ଋଜୁତାମାଲିଙ୍ଗୟିତ୍ୱା ମନ-
ଶ୍ଚାଞ୍ଚଲ୍ୟାଦ୍ୱିରମେତ୍ୟୁଦୀରୟ ଭବନ୍ନେତ୍ରାଞ୍ଚଲୋଦଞ୍ଚନଂ ।
ନୋଚେଦାଧିବଶାଦସାରଦଦଶାମେତ୍ୟେତ୍ୟଦ୍ଦୃଶ୍ୟଂ ସୁନ୍ଦରଂ,
କାନ୍ତାହୃଦ୍ୟୁପଞ୍ଚସାୟୁକ ବପୁସ୍ତେ କ୍ଷାମତାମେଷ୍ୟତି ।
ମୋହନ ନଟପଟଳୋଦ୍ଭଟମୁକୁଟମଣେ ନାନ୍ତଃସନ୍ତାପମନ୍ତ୍ରରେଣ
ଫଳମିତି ପ୍ରତୀୟତେ ତବ କୈତବକୁଶଳତାଲତାୟାଃ ।

---

ତୁମ୍ଭର ହିତାହିତ ଜ୍ଞାନ ନିଶ୍ଚେ ଦୂର ହୋଇଯିବ, ତୁମ୍ଭେ ଖାଲି ଛଟପଟ ହେବ ପ୍ରିନା ! କିନ୍ତୁ ମନେ ରଖ, ସେ ନାରୀ ବର୍ତ୍ତିମାନ ତୁମ୍ଭଙ୍କୁ ଛଣା ସୁଧା ଅର୍ଥାତ୍ ବିମଳ ଅମୃତପରି ଦିଶୁଅଛି ଯେବେ ତାକୁ ଛୁଇଁଦେବ, ତେବେ ସେ ବିଷ ପାଲଟିଯିବ । ୫ । ତୁମ୍ଭର ନ୍ତୁଣରେ ମନକୁ ଅଚ୍ଛନ୍ନ କର ଆଠଗଡ଼ର ରାଜା ଏହା ଭଣିଲେ । ୬ ।

ଟୀକା—ହେ କୃଷ୍ଣ, ଅଜ୍ଞାନାଭିନୟଂ ଅବିବେକଚେଷ୍ଟାଂ ବିହାୟ ତ୍ୟକ୍ତ୍ୱା, ଋଜୁତାଂ ସାରଲ୍ୟଂ ଅଲିଙ୍ଗୟିତ୍ୱା ସରଳତାଂ ଆଶ୍ରିତ୍ୟ ଇତ୍ୟର୍ଥଃ ( ଆଲିଙ୍ଗଂ ଆଲିଙ୍ଗନଂ କରୋତି ଆଲିଙ୍ଗୟତି, "ତତ୍ କରୋତି, ତଦାଚଷ୍ଟେ" ଇତି ସୂତ୍ରେଣ ଣିଚ୍ ପ୍ରତ୍ୟୟାନ୍ତାତ୍ 'ଅଲିଙ୍ଗି' ନାମଧାତୋଃ ସମାନକର୍ତ୍ତୃକୟୋଃ ପୂର୍ବକାଳେ କ୍ତ୍ୱାଚ୍, ଇତି ସୁଧୀଭିର୍ବିଭାବ୍ୟଂ ) ମନସଃ ଚୃଞ୍ଚଲ୍ୟାତ୍ ଚଞ୍ଚଳ୍ୟେଁଯାତ୍ ବିରମ୍ୟ, ନିବୃତ୍ତୋଭୂତ୍ୱା; ଇତି ମଦୁପଦେଶଗ୍ରହଣରୂପଂ ଭବତଃ ତବ ନେତ୍ରାଞ୍ଚଲୟୋଃ ନୟନାପାଙ୍ଗୟୋଃ ଉଦଞ୍ଚନଂ ଊର୍ଦ୍ଧ୍ୱଗତିଂ ଉଦୀରୟ ପ୍ରକଟୟ, ଅପାଙ୍ଗସଞ୍ଚାଳନେନ ମଦୁପଦେଶଃ ଗୃହୀତ ଇତି ପ୍ରକାଶୟ ଇତ୍ୟର୍ଥଃ । ନୋଚେତ୍ ମଦୁକ୍ତଂ ନାଚରସି ଚେତ୍, ତବ ଈଦୃଶଂ ( ହସ୍ତସଞ୍ଚାଳନେନ ନିର୍ଦ୍ଦିଶ୍ୟ ) ସୁନ୍ଦରଂ ମନୋହରଂ କାନ୍ତାସଂହୃଦୟସ୍ୟ ଯୁବତିଜନସମୂହସ୍ୟ ସମ୍ବନ୍ଧି ପଞ୍ଚସାୟକବପୁଃ କନ୍ଦର୍ପରୂପଂ, ଯସ୍ମିନ୍ ଦୃଷ୍ଟେ ଯୁବତୟଃ କନ୍ଦର୍ପବଶବର୍ତ୍ତିନ୍ୟଃ ଭବନ୍ତି ତାଦୃଶଂ ତେ ଶରୀରଂ ଆଧିବଶାତ୍ ମନୋବ୍ୟଥାଧିକ୍ୟାତ୍, ଅସାରଂ ଦଦାତୀତି ଅସାରଦା ବଳହାରିଣୀ ତାଂ ଦଶାଂ ଅବସ୍ଥାମିତି ଯାବତ୍ ପ୍ରାପ୍ୟ କ୍ଷାମତାଂ କୃଶତାଂ ଏଷ୍ୟତି ପ୍ରାପ୍ସ୍ୟତି ।

ହେ ମୋହନ, ହେ ନଟାନାଂ ପଟଳସ୍ୟ ସମୂହସ୍ୟ ଉଦ୍ଭଟଃ ଉତ୍କୃଷ୍ଟଃ ମୁକୁଟମଣିଃ, ତସ୍ୟ ସମ୍ବୋଧନେ ହେ ନର୍ତ୍ତକକୁଳଶେଖର, ଅନ୍ତଃସନ୍ତାପଂ ଅନ୍ତରେଣ ଅନ୍ତର୍ଦାହଂ ବିନା ତବ କୈତବେଷୁ କପଟାଚରେଷୁ ଯା କୁଶଳତା ନିପୁଣତା ସା ଏବ ଲତା ତସ୍ୟାଃ ଫଳଂ ନ ଭବିଷ୍ୟତୀତ୍ୟର୍ଥଃ ଇତି ପ୍ରତୀୟତେ ଅବବୁଧ୍ୟତେ ।

ଅନୁବାଦ—ହେ କୃଷ୍ଣ, ଅଜ୍ଞତା ଛଳନା ତ୍ୟାଗ କରି ସରଳ ହୁଅ ଏବଂ ମନଶ୍ଚଞ୍ଚଳତା ଦୂର କର ଏବଂ ମୋ କଥା ଗ୍ରହଣ କର, ଏହା ତୁମ୍ଭର ନେତ୍ର

# ଜ

## ରାଗ—କେଦାର ବା ପୁନଙ୍ଗ

ଜାଣିଛୁ ମୁଁ ଏତେ ମାନ ଗୋ ଲଳିତେ ଯାହା ଇଚ୍ଛା ତୋର ତାହା କର,
ଜ୍ୱଳନରୁ ବଳି ଦହୁ ଦନ୍ତୁ କେଳି କରେ ବିଭାବରୀନାହାକର । ପଦ ।
ଜଣକେତେ ବ୍ରଜଶିଶୁ ଥିଲେ ନିଜ, ପୁରୁଁ ଆସୁଥିଲି ଖେଳାଇ ସମଜ,
ଜମ୍ଭାରାତିମଣି ଗିରୀନ୍ଦ୍ରଙ୍କୁ ଜିଣିବାର ପୂରେ ହେଲା ମୋ ନଜର । ୧ ।
ଜାତରୂରୁହବନ୍ଦ ବାତାୟନବୃନ୍ଦ, ଅନାଇଁ ମୁଁ ଚାଲୁଥିଲି ମନ୍ଦ ମନ୍ଦ,
ଜଙ୍ଗମ ହେବାର ଜମ୍ବୁନଦସାର ଶିରୀ ସ୍ଫୁରିଲା ସେ କି ପ୍ରକାର । ୨ ।
ଜୀବନଦ ନୀଳଜଳଜଯୁଗଳ, ବିଧୁବିମ୍ବେ ହୋଇ ବିଳାସବିଲୋଳ,
ଜାତ କଲା ଗର ଜରଜର ଶର—ନିକର ବରଷା ଖରତର । ୩ ।
ଜହରକୁ ଗୋଳି ଦେଲା ପରି ଗିଳି, ମୋହର ଦେହର ପୀଡ଼ା ଗଲା ବଳି,
ଜୀବନାଶା ଠେଲି ଯାଉଅଛୁ କଳି ପାରୁ ନାହିଁ ମୁଁ ମୋ ହୃଦନ୍ତର । ୪ ।
ଜନମନୋହାରୀ ସେ ବିଚିତ୍ର ଶିରୀ, କାହା ନେତ୍ରପାତ୍ରେ ଯାଇ ନାହିଁ ପୂରି,
ଜୟଦେବ ହରିଚନ୍ଦନ ମେ ହରି ନାମ ଜପୁଅଛୁ ନିରନ୍ତର । ୫ ।

---

ସଙ୍କେତଦ୍ୱାରା ପ୍ରକାଶ କର; ନଚେତ୍ ତୁମ୍ଭର ଏହି ଯେଉଁ ସୁନ୍ଦର ଶରୀରକୁ ଦେଖି ଯୁବତୀମାନେ କାମପରବଶ ହୁଅନ୍ତି, ସେହି ଶରୀରଟି ମନସ୍ତାପ ହେତୁରୁ ବଳହୀନ ହୋଇ ଏକାନ୍ତ କ୍ଷୀଣ ହୋଇଯିବ ।

ହେ ନଟିକକୁଳଚୂଡ଼ାମଣି ମୋହନ, ତୁମ୍ଭେ ଯେଉଁ କପଟାଚରଣ କରୁଅଛ, ଅନ୍ତର୍ଦାହ ବିନା ସେହି କପଟତାରୂପ ଲତାରେ ଅନ୍ୟ ଫଳ ଫଳିବ ନାହିଁ । ଏହା ଶୁଣି ଶ୍ରୀକୃଷ୍ଣ ଲଳିତାଙ୍କୁ କହୁଅଛନ୍ତି, "ଜାଣିଛୁ ମୁଁ ଏତେ" ଇତ୍ୟାଦି ।

---

(ଜ) ଜ୍ୱଳନ—ଅଗ୍ନି, ବିଭାବରୀନାହାକର—ଚନ୍ଦ୍ରକିରଣ, ସମଜ—ପଶୁସମୂହ, ଜମ୍ଭାରାତିମଣି—ଇନ୍ଦ୍ରମଣି, ଗିରୀନ୍ଦ୍ର—ବଡ଼ ପର୍ବତ, ନଜର—ଦୃଷ୍ଟି; ଜାତରୂରୁହବନ୍ଦ—ଉତ୍କୃଷ୍ଟ ପଦ୍ମରାଗମଣି, ବାତାୟନବୃନ୍ଦ—ଝରକା ସବୁ, ମନ୍ଦ ମନ୍ଦ—ଧୀରେ ଧୀରେ, ଜଙ୍ଗମ ହେବା—ଚଳନ୍ତା, ଚଳୁଥିବା; ଜମ୍ବୁନଦ—ନଦୀ ବିଶେଷ, ଏଥିରୁ ଉତ୍ପନ୍ନ ହୁଏ ବୋଲି ସୁବର୍ଣ୍ଣକୁ ଜମ୍ବୁନଦସାର ବା ଜାମ୍ବୁନଦ ବୋଲାଯାଏ, ଶ୍ରୀ—ଶୋଭା, ଜୀବନଦ—ବର୍ଷୁକମେଘ, ନୀଳଜଳଜଯୁଗଳ—ଦୁଇଟି ନୀଳପଦ୍ମ, ବିଧୁବିମ୍ବ—ଚନ୍ଦ୍ରବିମ୍ବ, ବିଳାସବିଲୋଳ—କ୍ରୀଡ଼ାରେ ଚଞ୍ଚଳ, ଗର—ବିଷ, ଜର୍ଜର—ଲିପ୍ତ, ଶରନିକର—ବାଣସମୂହ, ଜୀବନାଶା—ପ୍ରାଣର ଆଶା ।

(କ) ତ୍ୱତ୍‌ସ୍ନେହଜାଭ୍ୟୁଦୟିନା ତ୍ୱୟି ନାପଦେଶଃ,
ସଂସ୍ପୃଶ୍ୟତେ ମମ ହୃଦା କଥୟାମି ତଥ୍ୟଂ ।
ବସ୍ତ୍ରେ୍ୱକପସ୍ତ୍ୟସିତସୌଧଲସଦ୍‌ବିଳାସମ୍
ତଦ୍‌ବୀକ୍ଷଣାଦ ଯଦ ଇନ୍ଦୁରି ଉଜ୍ଜ୍ୱଳସ ।

ସହଚରି ଲଳିତେ, ବିମଳବଳଦଳନୋପଳପ୍ରାସାଦଚୂଳଚେଲବଲ୍ଲିଷ୍ଟ-ଖେଳାଲୋଲଲୋଚନେନ ମୟା ପିଷ୍ଟପୋଲ୍ଲୁଷ୍ଟ-ଚେଷ୍ଟାବିଶିଷ୍ଟା କାଚନ କାଞ୍ଚନମୟୀ ସଞ୍ଚାରିଣୀ ପାଞ୍ଚାଳିକା ତଦଧଃ ସମୀରାୟୁନୋପକଣ୍ଠେ ଯତ୍‌ପ୍ରଭୃତ୍ୟବଲୋକି ତତ୍ପ୍ରଭୃତ୍ୟେତାଦୃଗବସ୍ଥେନ ମୟା ସ୍ଥୀୟତ ଇତି କେବଳଂ ଜାନାମି ।

---

ଏ ହେ ଲଳିତେ, ତୋର ଯାହା ଇଚ୍ଛା ତା କର, ସେହି ଦିନଠାରୁ (ଯେଉଁ ଦିନ ରାଧାଙ୍କୁ ଦେଖିଲି) ଚନ୍ଦ୍ରକିରଣ ମୋତେ ଅଗ୍ନିପରି ବୋଧ ହେଉଅଛି । ପଦ । ଦିନେ କେତେ ଜଣ ଗୋପାଳବାଳକ ମୋ ସାଙ୍ଗରେ ଥିଲେ, ମୁଁ ଘରୁ ଗାଈବାଛୁରି ପ୍ରଭୃତିଙ୍କୁ ଖେଳାଇ ଖେଳାଇ ଆସୁଥିଲି, ଏହି ସମୟରେ (ବର୍ଣ୍ଣ ଓ ଉଇତାରେ) ଇନ୍ଦ୍ରମଣି ପର୍ବତକୁ କଟିଥିବା ଗୃହରେ ମୋ ଆଖି ପଡ଼ିଗଲା । ୧ । ଉତ୍କୃଷ୍ଟ ପଦ୍ମରାଗମଣିରେ ( ରକ୍ତବର୍ଣ୍ଣ ପ୍ରସ୍ତରରେ ) ନିର୍ମିତ ହୋଇଥିବା ସେହି ଘରର ଝରକାଗୁଡ଼ିକୁ ଅନାଇ ଅନାଇ ମୁଁ ଧୀରେ ଧୀରେ ଗଲୁଥିଲି, ଏହି ସମୟରେ କି ଏକ ଅନିର୍ବଚନୀୟ ଶୁଦ୍ଧ ସୁବର୍ଣ୍ଣର ଗୋଟିଏ ଚଳନ୍ତା ତେଜ ସେହି ଘର ଭିତରେ ପ୍ରକାଶିତ ହେଲା । ୨ । ବର୍ଷୁକ ମେଘପରି ନୀଳବର୍ଣ୍ଣ ପଦ୍ମ ଦୁଇଟି ଚନ୍ଦ୍ରବିମ୍ବ ମଧ୍ୟରେ କ୍ରୀଡ଼ାରେ ଚଞ୍ଚଳ ହୋଇ ବିଷବୋଳା ଶରମାନଙ୍କୁ ବର୍ଷିଲା, ( ଚନ୍ଦ୍ରବିମ୍ବ ମଧ୍ୟରେ ପଦ୍ମର ବିଳାସ ବିଲୋକନ ଅସମ୍ଭବ, କାରଣ ଚନ୍ଦ୍ରକିରଣରେ ପଦ୍ମ ବିକଶିତ ହୁଏ ନାହିଁ, କିନ୍ତୁ ଏଠାରେ ରାଧାଙ୍କ ମୁଖରୂପ ଚନ୍ଦ୍ରରେ ଚକ୍ଷୁରୂପ ନୀଳପଦ୍ମ ଦୁଇଟି କ୍ରୀଡ଼ା କରୁଥିବା ଲକ୍ଷ୍ୟ ) ତହିଁରୁ ବିଷାକ୍ତ କ୍ଷାରସମ୍ପନ୍ନ ବାଣର ମୋତେ ବିଦ୍ଧ କରି ପକାଇଲା । ୩ । ବିଷକୁ ଗୋଳି ପିଇଦେଲେ ଦେହରେ ଯେପରି ଯନ୍ତ୍ରଣା ହୁଏ, ସେହି ଶର ବାଜିବାରୁ ମୋ ଦେହର ପୀଡ଼ା ତାହାଠାରୁ ବଳିଗଲା, ମୋ ଜୀବନର ଆଉ ଆଶା ନାହିଁ, ମୋ ହୃଦୟ ଭିତରେ କଅଣ ହେଉଅଛି ମୁଁ ତାହା ଜାଣି ପାରୁ ନାହିଁ । ୪ । ଅହୋ, ମନୁଷ୍ୟର ମନୋହରଣକାରିଣୀ ସେହି ବଦନ ଶୋଭାରେ କେଉଁ ଲୋକର ନେତ୍ରରୂପ ପାତ୍ର ପୂର୍ଣ୍ଣ ହୋଇ ନାହିଁ ? ଅର୍ଥାତ୍ କେଉଁ ଲୋକ ସେହି ବଦନ ଶୋଭା ଦେଖି ପୂର୍ଣ୍ଣମନୋରଥ ହୋଇ ନାହିଁ ? ଜଗଦ୍ଦେବ ହରିଚନ୍ଦନ ମୋ ନାମକୁ ନିରନ୍ତର ଉଚ୍ଚାରଣ କରୁଅଛି । ୫ ।

ଟୀକା—ଅୟି ଲଳିତେ, ତ୍ୱତ୍‌ସ୍ନେହାତ୍ ଜାୟତେ ଯଃ ଅଭ୍ୟୁଦୟଃ ସୌଭାଗ୍ୟଂ ସ ଏବ ଅସ୍ୟାସ୍ତୀତି ତେନ ତ୍ୱତ୍‌ସ୍ନେହଜାଭ୍ୟୁଦୟିନା ମମ ହୃଦା

# ୯

### ରାଗ—ମୁଖାରୀ ବା ତୋଡ଼ିପରଜ

ଝଗଡ଼ା ମାନ ହେଲା ହେ ଶ୍ୟାମ, ଝିମୁଟି ହେବାକୁ ସହସ୍ର ଯାମ । ପଦ ।
ଝାଉଁଳିବା ନବ ତମାଳ ରମା, ଝିଙ୍କି ଆଣି ଅଙ୍ଗେ କଲଣି ଜମା । ୧ ।
ଝଡ଼ିବ ବଳ କୋମଳ ଲତାରୁ, ଝଷଧ୍ୱଜପୀଡ଼ା ଝାଞ୍ଜି ତାତରୁ । ୨ ।
ଝୁମି ଝୁମି ଲୁଠି ପୁଷ୍ପେ ରସାର, ଝୁରିବାର ଏକା ହୋଇବ ସାର । ୩ ।
ଝଲ ପାଞ୍ଚାଳୀ ଝଟକେ ନାହିଁ କି ? ଝୋଲ ମାଇଲ ତୁମ୍ଭଙ୍କୁ କାହିଁକି । ୪ ।
ଝଲକ ଗଲ କୃଷ୍ଣ ଅକାରଣେ, ଝାଉଁଶିଣ୍ଡ ରସ ବାଦଶା ଭଣେ । ୫ ।

---

ହୃଦୟେନ ତ୍ୱୟି ଅପଦେଶଃ କପଟବ୍ୟବହାରଃ ନ ସମ୍ପୃଶ୍ୟତେ । ଯତୋଽହଂ ତ୍ୱଦୀୟସ୍ନେହଲିପ୍ସୁଃ ତତସ୍ତ୍ୱୟି କପଟାଚରଣଂ ନ କରିଷ୍ୟେ ଇତ୍ୟର୍ଥଃ; ଅତଃ ତଥ୍ୟଂ କଥୟାମି—ଅସିତସୌଧେ ଇନ୍ଦ୍ରମଣିମୟେ ପ୍ରାସାଦେ ଲସନ୍ ଶୋଭମାନଃ ବିଳାସୋ ଯସ୍ୟ ତତ୍ ଏକଂ ବସ୍ତୁ ଅସ୍ତି ଈଦୃଶଃ ଟଦଃ ଏବଂଭୂତୋ ରୋଗଃ ତଦ୍ୱୀକ୍ଷଣାଦ ତସ୍ୟ ଦର୍ଶନସମୟାଦେବ ଉଲ୍ଲାସ ସଜାତ ଇତ୍ୟର୍ଥଃ ।

ସହଚରି ଲଳିତେ, ବିମଳାଃ ବିଶୁଦ୍ଧାଃ ଯେ ବଳଦଳନୋପଲାଃ ଇନ୍ଦ୍ରମଣିପ୍ରସ୍ତରାଃ ତେନ ନିର୍ମିତସ୍ୟ ପ୍ରାସାଦସ୍ୟ ଚୂଳେ ଅଗ୍ରଭାଗେ ଯା ଚେଳବଲ୍ଲୀ ପତାକାଲତା ତସ୍ୟାଃ ଖେଳାୟାଂ ବାତାନ୍ଦୋଳନଲୀଳାୟାଂ ଲୋଲେ ସତୃଷ୍ଣେ ଲୋଚନେ ଯସ୍ୟ ତେନ ମୟା ପିଷ୍ଟପେ ଜଗତି ଯା ଉତ୍କୃଷ୍ଟଚେଷ୍ଟା ବିଳାସବିଭ୍ରମାଦୟଃ ତତ୍ତ୍ୱଶିକ୍ଷା ତଦ୍‌ଯୁକ୍ତା କାଚନ ଅନିର୍ବଚନୀୟା ସଞ୍ଚାରିଣୀ ଗତିଶୀଳା କାଞ୍ଚନମୟୀ ପାଞ୍ଚାଳିକା ସୁବର୍ଣ୍ଣପୁତ୍ତଳିକା ତଦଧଃ ତସ୍ୟ ପ୍ରାସାଦସ୍ୟ ନିମ୍ନଭାଗେ ସମୀରଣୟୁନୋପକଣ୍ଠେ ଗବାକ୍ଷସମୀପେ ତତ୍ ପ୍ରଭୃତି ଯନ୍ତ୍ରହୃତ୍ଭ୍ରୀଡ଼ାଦବଲୋକ୍ୟ ଦୃଷ୍ଟା ତତ୍ ପ୍ରଭୃତ୍ୟେବ ତନ୍ତ୍ରହୃତ୍ଭ୍ରୀ ଦେବମୟା ଏତାଦୃକ୍ ଅବସ୍ଥା ଯସ୍ୟ ତେନ ସ୍ଥୀୟତେ ଇତି କେବଳଂ ଅହଂ ଜାନାମି ।

ଅନୁବାଦ—ଅୟି ଲଳିତେ, ତୋ ସ୍ନେହ ଏକା ମୋ ମନର ସମସ୍ତ ଆନନ୍ଦର କାରଣ । ଏପରି ଅବସ୍ଥାରେ ତୋ ପାଖରେ ମୁଁ ଅଦୌ କପଟାଚରଣ ନ କରି ସତ୍ୟ କହୁଅଛି—ଇନ୍ଦ୍ରନୀଳମଣି ପ୍ରାସାଦରେ କ୍ରୀଡ଼ା କରୁଥିବା କୌଣସି ବସ୍ତୁକୁ ଦେଖିବା ଦିନଠାରୁ ମୋର ଏହି ରୋଗ ଜାତ ହୋଇଅଛି ।

ସଖି ଲଳିତେ, ବିଶୁଦ୍ଧ ଇନ୍ଦ୍ରମଣି ପଥରରେ ନିର୍ମିତ କୋଠା ଉପରେ ପବନରେ ଖେଳୁଥିବା ପତାକାକୁ ଚାହିଁ ଚାହିଁ ମୁଁ ଯାଉଥିଲି, ଏହି ସମୟରେ ଦେଖିଲି—ଅଲୌକିକସାମାନ୍ୟସୌନ୍ଦର୍ଯ୍ୟଯୁକ୍ତା ଗୋଟିଏ ସୁବର୍ଣ୍ଣମୟୀ ପିତୁଳା

(ଝ) ଖର୍ବଃ ପାର୍ବଣଶର୍ବରୀଶ୍ୱରଗୁରୋରାପୀତ୍ୟ ବର୍ମ୍ମାଂ କ୍ଷୁଧା,
ମର୍ତ୍ତ୍ୟଃ କ୍ୱାପି ସୁଧାମମୁଷ୍ମିନ ବସୁଧାଲୋକେ ପିବତ୍ୟାତୁରଃ;
ବ୍ୟର୍ଥଂ ପ୍ରାର୍ଥନୟା କଦର୍ଥୟସି ମାଂ ଗତ୍ୱା ଦୁରାଶାଂ କଥମ୍,
ସା କିଂ ମଦ୍‌ବଶମେତି ହନ୍ତ ବପୃତସ୍ତାରାଧିକା ରାଧିକା ।

କେଶବ ଲଜ୍ଜାତନୁବଲୟଚାଟୁଭିଃ କଣ୍ଠୀରବରାଜୀବ ରାଜୀବ-ଲୋଚନା ସାସ୍ମାଦୃଶୀଭିର୍ବଶୀକର୍ତ୍ତୁଂ ନଶକ୍ୟା ।

---

ତାହାର ତଳପାଖରେ ଥିବା ଝରକାବାଟେ ଚାଲି ଯାଉଅଛି, ସେହି ସମୟରୁ ମୋର ଅବସ୍ଥା ଏପରି ହୋଇଅଛି—ମୁଁ ଏତିକି ମାତ୍ର ଜାଣେ ।

ଏହା ଶୁଣି ଲଳିତା କହୁଅଛନ୍ତି, "ଝଗଡ଼ ମାତ୍ର ହେଲ ହେ" ଇତ୍ୟାଦି ।

---

(ଝ) ଝଗଡ଼ ହେବା—ବୃଥା ଧନ୍ଦା ପାଇବା, ଝିମୁଟେ—ମୁହୂର୍ତ୍ତ, ଯାମ—ପ୍ରହର, ନବତମାଳ—ନୂଆ ତମାଳଗଛ, ଉମା—ଶୋଭା, ଝିଙ୍କିଅଣି—ଓଠାର ଅଣି, ଝଡ଼ିବ—ନଷ୍ଟ ହେବ, ଝଷଧ୍ୱଜ—ମୀନଧ୍ୱଜ, କନ୍ଦର୍ପ; ଟାଙ୍କି—ଉତ୍ତାପ, ଝୁମି ଝୁମି—ଘୂମାଇ ଘୂମାଇ, ଝଳ—ଚକ୍ ଚକ୍, ଦୀପ୍ତିଶୀଳ; ପାଞ୍ଚାଳୀ—ପିତୁଳା, ଝଟକିବା—ଶୋଭା ପାଇବା, ଝୋଲା ମାଇଲା—ଭ୍ରମ ବା ଅଜ୍ଞାନ ଜାତ ହେଲା, ଝଲକଗଲ—ଚମକି ପଡ଼ିଲ, ଝାଡ଼ଖଣ୍ଡ—ଅରଣ୍ୟ ଅଞ୍ଚଳ, ରସା—ପୃଥିବୀ, ବାଦସା—ରାଜା ।

ହେ ଶ୍ୟାମ, ତୁମ୍ଭେ ଅକାରଣରେ ସିନା ଏତେ କଷ୍ଟ ପାଇଲ, ଏଥିରେ ମୁହୂର୍ତ୍ତକ ତୁମ୍ଭଙ୍କୁ ସହସ୍ର ପ୍ରହର ପରି ଜଣାଯିବ । ପଦ । ଝାଉଁଳି ପଡ଼ିଥିବା ଗଢା ତମାଳଗଛର ଶୋଭାକୁ ଓଠାର ଅଣି ନିଜ ଦେହରେ ଜମା କଲଣି, ଅର୍ଥାତ୍ ଗଢା ତମାଳ ଗଛ ଝାଉଁଳି ପଡ଼ିଲେ ଯେପରି ଦିଶେ, ତୁମ୍ଭେ ଜାଣୁ ଜାଣୁ ସେହିପରି ଦିଶିଲଣି । ୧ । ଅତଏବ କନ୍ଦର୍ପପୀଡ଼ାଜନିତ ଉତ୍ତାପ ହେଉରୁ ତୁମ୍ଭ କୋମଳ ଛାତିରୁ ବଳ କମିଯିବ ଅର୍ଥାତ୍ ତୁମ୍ଭେ କ୍ରମେ ଧୈର୍ଯ୍ୟଶୂନ୍ୟ ହୋଇଯିବ । ୨ । (ନିଶାରେ) ଘୂମାଇବା ଭଳି ହୋଇ କେବଳ ମାଟିରେ ଗଡ଼ିବ ଏବଂ ଝୁରିବାଟା ମାତ୍ର ସାର ହେବ । ୩ । ତୁମ୍ଭେ ଗୋଟିଏ ଚଳନ୍ତା ସୁବର୍ଣ୍ଣପିତୁଳା ଦେଖି ଯାହା ଏପରି ହେଲ ବୋଲି କହିଲ—ଅଚ୍ଛା କହ ନା ଦେଖି, ସୁନାର ପିତୁଳା କିଅଣ ଚକ୍‌ଚକ୍ ଦିଶେ ନାହିଁ ? ଏଥିରେ କାହିଁକି ତୁମ୍ଭଙ୍କୁ ଝୋଲା ମାଇଲା ? ୪ । ହେ କୃଷ୍ଣ ! ତୁମ୍ଭେ ବୃଥା ଚମକି ପଡ଼ିଲ, ଅରଣ୍ୟ ପ୍ରଦେଶର ରାଜା ଏଥିରେ ଭଣିଲେ । ୫ ।

ଟୀକା—ଅମୁଷ୍ମିନ୍ ଅସ୍ମିନ୍ ବସୁଧାଲୋକେ ପୃଥିବ୍ୟାଂ କ୍ୱାପି ଖର୍ବଃ କ୍ଷୁଦ୍ରକାୟଃ ମର୍ତ୍ତ୍ୟଃ ମାନବଃ କ୍ଷୁଧା ବୁଭୁକ୍ଷୟା ଆତୁରଃ ସନ୍ ପାର୍ବଣଶର୍ବର୍ଯ୍ୟାଃ

# ଞ

ରାଗ—ତେଢ଼ ଜଙ୍ଗଲା ବା ମୋହନା

ନ ଭାଙ୍ଗ ରେ ଶୁଭାଙ୍ଗି, ଭରଣୀ ହୁଅ ସାହା । ପଦ ।
ନୋହିଲେ ତୁ ପଞ୍ଚବାଣ, ନିର୍ଦ୍ଦୟ ନିତନୁ ବାଣ
ନିଃଶେଷ କଲାଣି ଦେହ ଲହା । ୧ ।
ନୀପକୁଞ୍ଜ ଉପକଣ୍ଠେ, ନ୍ୟସ୍ତ କରାଅ ମୋ କଣ୍ଠେ
ନାଟେନ୍ଦ୍ର ନିରୁପମ ବାହା । ୨ ।
ନେତ୍ରାନ୍ତବିଳାସ ତାର, ନିଦାନ ଏ ଅବସ୍ଥାର
ନିରେଖି ଉଠାରୁ ଥରେ ଆହା । ୩ ।
ନିଷ୍ଠୁର ଏ ଘେନ ଚିତ୍ତେ, ନ ଜୀଇବି ନିଦାଘତେ
ନ ବତାଇଲେ ତୁ ସୁଖ ରାହା । ୪ ।
ନାଥ ଅଷ୍ଟାଦୁର୍ଗରେ ଯେ, ନିତ ସେ ମୋ ପାଦେ ଭଜେ,
ନିନ୍ଦବଟି ନ କଲେ ତୁ ତାହା । ୫ ।

---

ପୂର୍ଣ୍ଣିମାର୍କଜନ୍ୟାଃ ଚେତଗୁରୋଃ ସ୍ୱାମିନଃ ପୂର୍ଣ୍ଣଚନ୍ଦ୍ରସ୍ୟ ଇତ୍ୟର୍ଥଃ ବିମ୍ବଂ ମଣ୍ଡଳଂ ଆପୀଡ୍ୟ ମର୍ଦ୍ଦୟିତ୍ୱା ସୁଧାଂ ଅମୃତଂ ପିବତି ? ନ କ୍ୱାପୀତ୍ୟର୍ଥଃ । ତ୍ୱଂ କଥଂ ଦୁର୍ବଶାଂ ଗତ୍ୱା ଦୁର୍ବଶାପୀଡ଼ିତଃ ସନ୍ ମାଂ ପ୍ରାର୍ଥନୟା ବ୍ୟର୍ଥଂ ଯଥା ସ୍ୟାତ୍ ତଥା କଦର୍ଥୟସି ପୀଡ଼ୟସି ? ହନ୍ତ । ( ଖେଦେ ) ବିୟତଃ ଆକାଶସ୍ୟ ତାରାୟିକା ସା ରାଧିକା କିଂ ମମବଶଂ ଏତି ? ଯଥା ଆକାଶସ୍ଥାଂ ତାରାଂ କୋଽପି ଗ୍ରହୀତୁଂ ନ ଶକ୍ନୋତି ତଥା ତାଂ ରାଧିକାଂ ଅହଂ ବଶେ ଆନେତୁଂ ନ ଶକ୍ନୋମି ଇତ୍ୟର୍ଥଃ ।

ହେ କେଶବ, ଲୂତାତନ୍ତୁବଳୟୈର୍ବାଗୁରାଭିଃ ଲୂତାସ୍ୟନ୍ଦପାଶୈଃ କଣ୍ଠୀରବସଂଜ୍ଞକ ସିଂହସମୂହ ଇବ, ରାଜୀବଲୋଚନା ପଦ୍ମନେତ୍ରା ସା ରାଧା ଅସ୍ମାଦୃଶୀଭିଃ ବଶୀକର୍ତ୍ତୁଂ ଅଶକ୍ୟା ।

ଅନୁବାଦ—ଏ ସଂସାରରେ ରହି କୌଣସି କାମନାକୃତ କ୍ଷୁଧାତୁର ଲୋକ ପୂର୍ଣ୍ଣଚନ୍ଦ୍ରରୁ ଅମୃତ ଚିପୁଡ଼ି ତାହାକୁ ପିଇ କ୍ଷୁଧା ନିବୃତ୍ତ କରେ କି ? ହେ କୃଷ୍ଣ, ତୁମ୍ଭେ ଦୁର୍ବଶାରେ ପଡ଼ି ମୋତେ ଅକାରଣରେ ଏତେ ପ୍ରାର୍ଥନା କରୁଅଛ । ମନୁଷ୍ୟ ପକ୍ଷରେ ଆକାଶର ତାରା ପାଇବା ବରଂ ସମ୍ଭବପର, କିନ୍ତୁ ସେହି ରାଧିକାଙ୍କୁ ପାଇବା ସମ୍ଭବପର ନୁହେଁ, ଏପରି ଅବସ୍ଥାରେ ସେ କଅଣ ମୋର ବଶବର୍ତ୍ତିନୀ ହେବ ?

(ଓ) ଦୃଢ଼ାଂ ନବ୍ୟାଂ ଭବ୍ୟାଂ ତରୁଣି ତରଣିଂ ତେ ମୃଦୁ ଗିରଂ,
କରିଷ୍ୟେ କନ୍ଦର୍ପମ୍ବୁନିଧିତରଣାୟୈତ୍ୟହରହଃ ।
ସ୍ମିତା ଯାଶା ନାସାନ୍ନଲଳିବିଳାସାୟ ନନ୍ତୁ ତାଂ,
ରୁଷା ସାଙ୍ଗଂ ଭଙ୍ଗଂ ନ ନୟ ବହୁରଙ୍ଗଂ ନ କୁରୁ ମାଂ ॥

ନୋଚେତଂ ସଖି, ସାଧାରଣେତରସୁଖସେଧୋର୍ଦ୍ଧ୍ୱ ସଖ୍ୟାଜଲ୍ପଲୋ-
ଦ୍ୟତ୍ସାହସିକସ୍ୟ ମମାଶାଧିରୋହଣୀହରଣଂ ।

---

ହେ କେଶବ ବୁଢ଼ୀଅଣିଜାଲରେ ହିଂହମାନଙ୍କୁ ଧରିବା ଯେପରି ଅସମ୍ଭବ, ପଦ୍ମନେତ୍ରା ରାଧା ଆମ୍ଭମାନଙ୍କ ଭଳି ଲୋକମାନଙ୍କର ବଶୀଭୂତ ହେବା ସେହିପରି ଅସମ୍ଭବ ଅଟେ ।

ଏହା ଶୁଣି ଶ୍ରୀକୃଷ୍ଣ ଲଳିତାଙ୍କୁ କହୁଅଛନ୍ତି, "ନ ଭଙ୍ଗ ରେ ଶୁଭାଙ୍ଗି" ଇତ୍ୟାଦି ।

---

(ଓ) ଶୁଭାଙ୍ଗୀ—ସୁନ୍ଦରୀ, ଭାରତୀ—କଥା, ଅନୁରୋଧ; ସାହ୍ୟ—ସହାୟ, ପରିତ୍ରାଣ—ରକ୍ଷାକାରଣୀ, ନତନ୍ତୁ—ଅତନୁ, କନ୍ଦର୍ପ; ଲହା—ସାରାଂଶ, ସତ୍ତ୍ୱ; ଉପକଣ୍ଠେ—ସମୀପରେ, ନିରୁପମ—ଅତୁଳନୀୟ ବାହ୍ୱା— ବାହୁ, ନେତ୍ରାନ୍ତବିଳାସ —ଆଖିକୋଣର ଭଙ୍ଗୀ, ନିଦାନ—କାରଣ, ନିରେଖି—ଦେଖି, ସୁଖବାହା—ସୁଖର ପଥ ।

ହେ ସୁନ୍ଦରି, ମୋ ଅନୁରୋଧ ଭାଙ୍ଗି ଦେ ନା, ମୋର ସହାୟ ହୁଅ । ପଦ । ତୁ ମୋତେ ରକ୍ଷା ନ କଲେ ନିଷ୍ଠୁର କନ୍ଦର୍ପର ବାଣ ମୋ ଦେହର ସାରଅଂଶକୁ ନଷ୍ଟ କଲା ବୋଲି ମନେ କର । ୧ । ଏହି କଦମ୍ବବନ ନିକଟରେ ସେହି ସୁନ୍ଦରୀ-ଶିରୋମଣି ରାଧାଙ୍କର ଅତୁଳନୀୟ ବାହୁକୁ ମୋ କଣ୍ଠଦେଶରେ ରଖାଇ ଦିଅ, ଅର୍ଥାତ୍ ରାଧାଙ୍କ ସଙ୍ଗେ ମୋର ମିଳନ କରାଅ । ୨ । ସେ ମୋତେ ନେତ୍ରଭଙ୍ଗୀରେ ଚାହିଁବାରୁ ମୁଁ ଏ ଦୁର୍ଦ୍ଦଶା ଭୋଗ କରୁଅଛି, ଏ କଥା ମୁଁ ଚକ୍ଷୁରେ ଦେଖି ଥରେ ସେ 'ଆହା' ବୋଲି ଉଚ୍ଚାରଣ କରୁ । ୩ । ହୃଦୟରେ ନିଶ୍ଚୟ ଜାଣ, ତୁ ଯେବେ ମୋର ସୁଖର ପନ୍ଥା ବତାଇ ନ ଦେବୁ, ତେବେ ମୁଁ ଆଉ କେବେହେଁ ବଞ୍ଚିବି ନାହିଁ । ୪ । ଅଷ୍ଟଦୁର୍ଗର ରାଜା ନିତି ମୋ ପାଦରେ ସେବା କରୁଅଛି, ତୁ ରାଧାଙ୍କୁ ମୋ ସଙ୍ଗରେ ମିଳାଇ ନ ଦେଲେ ସେ ତୋର ନିନ୍ଦା କରିବ । ୫ ।

ଟୀକା—ହେ ତରୁଣି, ଅହଂ ଅହରହଃ ସଦୈବ ତବ ମୃଦୁଗିରଂ ତବ ଲଳିତକଥାଂ କନ୍ଦର୍ପାମ୍ବୁନିଧିତରଣାୟ କାମସାଗରତଃ ଉଦ୍ଧାରାର୍ଥଂ ଦୃଢ଼ାଂ ଛିଦ୍ରାଦିରହିତାଂ ଭବ୍ୟାଂ ମଙ୍ଗଳମୟୀଂ ନବ୍ୟାଂ ନୂତନାଂ ତରଣିଂ ନୌକାଂ କରିଷ୍ୟେ, ସର୍ବଥୈବ ଅସ୍ମିନ୍ ବିଷୟେ ତବ ବଚନାନୁସାରେଣ ବର୍ତ୍ତିଷ୍ୟେ

# ଟ

## ରାଗ—ବଙ୍ଗଳାଶ୍ରୀ ବା ବସନ୍ତ

ଟଙ୍କାର କି ଶ୍ରବସରକି ବାସବକୋଦଣ୍ଡରୁ ଚଣ୍ଡ ଧନୁ,
ଟାଣେ ବନେ କାମ୍ଯସଦୃଶ କଳମ୍ବ ତୁମ୍ଭଙ୍କୁ କେବା ଅତନୁ ହେ । ୧ ।
ଟେକି ଏ ସୁନ୍ଦର ଶ୍ରୀମୁଖଟି ପରଧରଗୂଢ଼ା ଫରମାସ,
ଟିକା ଏ ହେଲେ ଯେ ହୃଦୟ ସରୋଜେ ନୋହିଲା ବାସବିଳାସ ହେ ॥
ଟେକାଟେକି ମୋତେ କରି ନାନାମତେ ତୁମ୍ଭ କାମନା ପୂରବ,
ଟାଣ ଖୁଣ୍ଟା ଗୁରୁଜନ ଗଞ୍ଜନାରୁ ମୋ ପ୍ରାଣସଖି ସରବ ହେ । ୩ ।
ଟେପା ଥିବା ଗୁର ବରନୁ ଗୋଚର ଯେଉଁଠି ସମାଗୁର ଗୋପେ,
ଟିପିଦେଲେ,କଂସ ଆଗେ କେ ନୃଶଂସ ନନ୍ଦ ବନ୍ଦୀ ହେବେ କୋପେ ହେ ॥
ଟାକିଛ ସୁଧା ଶୃଙ୍ଖଳାକୁ ଅକାଣ୍ଡେଁ କରିବାକୁ ପାର୍ଶ୍ୱଗତ,
ଟିକାଏ ଚିତ୍ତ ଅନୂଦର୍ପେ କରିଲ କ୍ଷୀଣ ଏ କି ଆଚରିତ ହେ । ୫ ।

---

ଇତ୍ୟର୍ଥଃ, ନନୁ ହେ ନାସାନଳଲବବିଳାସାସ୍ୟ ପ୍ରାଣଧାରଣାୟ ମେ ଯା ଆଶା ସ୍ଥିତା ତାଂ ରୂଷା କୋପେନ ସାଙ୍ଗଂ ଭଙ୍ଗଂ ନ ନୟ, ତତ୍ପ୍ରାପ୍ତ୍ୟର୍ଥଂ ଯା କାଚିତ୍ ଆଶା ମେ ହୃଦି ବର୍ତ୍ତତେ, ଯସ୍ୟାହଂ ଜୀବାମି ତାଂ ତ୍ୱଂ ସର୍ବଥା ବ୍ୟର୍ଥତାଂ ନ ପ୍ରାପୟ ଇତ୍ୟର୍ଥଃ ମାଂ ଚ ବହିରଙ୍ଗଂ ଅନାତ୍ମୀୟଂ ନ କୁରୁ ।

ସଖି, ସାଧାରଣେତରଂ ସୁଖଂ ଯସ୍ୟାଂ ତଥୋକ୍ତାୟାଂ ସୌଧୋର୍ଦ୍ଧ୍ୱେ ପ୍ରାସାଦୋପରି ସଞ୍ଚାରଲୀଳାୟାଂ ବିହାରବିଳାସେ ଉଦ୍ୟତ୍ ଜାୟମାନଂ ସାହସିକ୍ୟଂ ସାହସକର୍ମ ଯସ୍ୟ ତଥୋକ୍ତସ୍ୟ ମମ ଆଶାଧିରୋହଣୀହରଣଂ ଆଶାନିଃଶ୍ରେଣିକାପନୟନଂ ତବ ନ ଉଚିତଂ ନ ଯୁଜ୍ୟତେ ।

ହେ ତରୁଣି, କନ୍ଦର୍ପ ସମୁଦ୍ର ପାର ହେବାପାଇଁ ତୁମ୍ଭର ମୃଦୁ କଥାକୁ ମୁଁ କିଛି ମଙ୍ଗଳମୟୀ ନୂତନ ଦୃଢ ନୌକା କରିବ ଅର୍ଥାତ୍ ତୁମ୍ଭ କଥା ଅନୁସାରେ ଚଳି ଏ କାମ ଦୁଃଖରୁ ରକ୍ଷା ପାଇବ । ହେ ସଖି, ପ୍ରାଣ ଧାରଣ ପାଇଁ ଯେଉଁ ଆଶା ଟିକିକ ଧରିଅଛୁ, କୋଧରେ ସେ ଆଶାକୁ ସର୍ବଥା ନଷ୍ଟ କର ନାହିଁ ଏବଂ ମୋତେ ପର ବୋଲି ଭାବ ନାହିଁ ।

ସଖି, ମୁଁ ଅସାଧାରଣ ସୁଖସୌଧର ଊର୍ଦ୍ଧ୍ୱରେ କ୍ରୀଡ଼ା କରିବାକୁ ସାହସ କରିଅଛି, ତହିଁର ଆଶାରୂପ ନିଶୁଣୀକୁ ହରଣ କରି ନେବା ଉଚିତ ନୁହେ । ଏହା ପ୍ରତି ଲଳିତା କହୁଅଛନ୍ତି, "ଟଙ୍କାର କି ଶ୍ରବସରକି" ଇତ୍ୟାଦି ।

(୬) ଯ ଦ୍ୱନ୍ଦ୍ୱା ବଳସନ୍ତି ଯୌବତମନଶ୍ଚୌରାଃ କିଶୋରାଃ ପୁରେ
ପଞ୍ଚାସ୍ତ୍ରସ୍ୟ ସମୁତ୍ସୃଜନ୍ ରତିପତେଃ ପ୍ରକ୍ଷ୍ୱେଡନାନ୍ କୌସୁମାନ୍
ବାହ୍ୟାବାହ୍ୟବିମୂର୍ଚ୍ଛକଂ ତ୍ୟଜତି କିଂ ତ୍ୱଦ୍ୟୈବ ରକ୍ତାଂଶଦ୍ୟେ,
ହାହା ଶମ୍ବକଦମ୍ବଡମ୍ବରଭରାଲମ୍ବାନ୍ କଲମ୍ବାନ୍ ମୁହୁଃ ।

କେନ ବାନ୍ୟ କିଶୋରେଣ ବଲ୍ଲବନନ୍ଦନାଚ୍ଛକ୍ରାଚ୍ଛିମବାନ୍ୟସ୍ତ-
କାଞ୍ଚିସ୍ଫୁରତ୍କୁଟିଂପୁତ୍ରିକା କୁତନା କତ ନାଟଲ୍ଲେଲ୍ୟନ୍ତେ ।

---

(୬) ଟଙ୍କାରି—ଟଂ ଟଂ ଶବ୍ଦକରି, ଓଟାରି; ଶ୍ରବ—କାନ, ବାସବକୋଦଣ୍ଡ—ଇନ୍ଦ୍ରଧନୁ, ଚଣ୍ଡ—ଭୟଙ୍କର, ଶମ୍ବ—ବଜ୍ର, କଲମ୍ବ—ଶର, ଅତନୁ—କନ୍ଦର୍ପ, ପରଘରବୁଡ଼ା—ଅନ୍ୟ ଘରକୁ ନଷ୍ଟ କରିବା, ଫରମାସ—ବରାଦ, ଟିକାଏ—ଟିକିଏ, ସାମାନ୍ୟ; ହୃଦୟସରୋଜେ—ହୃଦୟପଦ୍ମରେ, ହାସବିଳାସ—ଭୟଙ୍କରବ, ଠେକାଠେକି କରି—ଟସ୍ରାମତ କରି, ଝାଣଖୁଣ୍ଟା—ପୀଡ଼ାଦାୟକ, ଗଞ୍ଜନା—ଗଞ୍ଜଣା, ଚଘା ଥିବା—ସମ୍ବାଦବାହକରୂପେ ଥିବା, ଚର—ଦୂତ, ଟିପିଦେବା—ଗୋପନରେ କହିଦେବା, ଚୋପେ—କାରାଗୃହରେ, ଝାଙ୍କନ୍ତି—ଅପେକ୍ଷା କରନ୍ତି, ପାଣିଗତ—କରଗତ, ଟିକାୟିତ—ଯୁବକ ରାଜା ।

ହେ କୃଷ୍ଣ, କନ୍ଦର୍ପ କଣ ଇନ୍ଦ୍ରଧନୁ ଅପେକ୍ଷା ପ୍ରକାଣ୍ଡ ଧନୁର ଗୁଣକୁ କାନଯାଏ ଓଟାରି ଆଣି ବଜ୍ରତୁଲ୍ୟ ଶରକୁ ଅତିବେଗରେ ତୁମ୍ଭଙ୍କୁ ବିନ୍ଧୁଅଛି ? ୧ । ଏ ସୁନ୍ଦର ଶ୍ରୀମୁଖଟିକୁ ଠେକି ପରଘର ନଷ୍ଟ କରିବାପାଇଁ ବରାଦ କରୁଅଛି, ଏଥିରେ ତୁମ୍ଭ ହୃଦୟପଦ୍ମ ମଧ୍ୟରେ ଟିକିଏ ହେଲେ ଭୟ ହେଉ ନାହିଁ ? ୨ । ମୋତେ ଠେକାଠେକି କରି ତୁମ୍ଭ ଅଭିଳାଷ ପୂରାଇବ, କିନ୍ତୁ ମୋ ପ୍ରାଣସଖୀ ରାଧା ପୀଡ଼ାପ୍ରଦ ଶାଶୁ-ନଣନ୍ଦଙ୍କ ଗଞ୍ଜଣାରୁ କଷ୍ଟ ପାଇ ସରିଯିବ । ୩ । ଗୋପରେ ଯେତେ ଘଟଣା ଘଟୁଅଛି, ତାକରୂପେ ରହିଥିବା ଦୂତମାନଙ୍କ କଥାରୁ ସେ ସବୁ କଂସ ଆଗରେ ଜଣାଯାଉଅଛି, ଯେବେ କୌଣସି ଖଳ ଲୋକ ଏ କଥା ଗୋପନରେ କଂସ ଆଗରେ କହିଦିଏ, ତେବେ ନନ୍ଦ ନିଶ୍ଚୟ କଏଦ ଘରେ ବନ୍ଦ ହୋଇ ରହିବେ । ୪ । ଆକାଶରୁ ଚନ୍ଦ୍ରକଳାକୁ ହାତରେ ଧରିବ ବୋଲି ତୁମ୍ଭେ ଅପେକ୍ଷା କରଅଛ, ଅଠଗଡ଼ର ଯୁବକ ରାଜା କହୁଅଛନ୍ତି—ହେ କୃଷ୍ଣ, ତୁମ୍ଭର ଏ କି ଆଚରଣ ? ୫ ।

ଟୀକା—ହାହେତିଖେଦେସୂଚକପବ୍ୟୟଂ, ଯୁବତୀନାଂ ସମୂହୋ ଯୌବତଂ ତସ୍ୟ ମନଶ୍ଚୌରାଃ ମନୋହାରିଣଃ ଯାବନ୍ତଃ ଯାବତ୍ ସଂଖ୍ୟକା କିଶୋରା ଯୁବକା ପୁରେ ଅସ୍ମିନ୍ ଗୋପନଗରେ ବଳସନ୍ତି ରତିପତିଃ ପଞ୍ଚଃ ସନ୍ ସହାୟଃ ସନ୍ ତେଷୁ କିଶୋରେଷୁ କୌସୁମାନ୍ ପ୍ରକ୍ଷ୍ୱେଡ଼ନାନ୍ କୁସୁମଶରାନ୍ ସମୁତ୍ସୃଜନ୍ କ୍ଷିପନ୍

# ଠ

ରାଗ—ତୋଡ଼ି ବା ଦେଶାକ୍ଷ

ଠିକ ଠ ବର୍ତ୍ତୁଳ ଚନ୍ଦ୍ରାନନା ତୋ ଗଣ୍ଡରେ । ପଦ ।

ଠକ ରୀତି ନ ଆଚର     ମୋ କନ୍ଦନକୁ ବିଚାର
ଅକପଟ ନିଂଶବଧି ଉଚିତରେ । ୧ । *

ଠଣା ଠୁଙ୍କି ତାପ ଶ୍ୱାସ,—     ମୁଣ୍ଡେ ମନମଥ ପ୍ରାଣ—
ବନ୍ଧନ କର ତୁ ପରି ମୋଚିତରେ । ୨ ।

ଠଉରାଇ ଅବସର,     କଲେ ତୁ ପ୍ରସଙ୍ଗ ମୋର,
ପିବ ରାଜୀବନେତ୍ରାକୁ ରୁଚିତରେ । ୩ ।

ଠୋ କର ତୁଣ୍ଡେ'ଇ ଦେ ନା     ପ୍ରିୟସଖି ! ମୋ ବେଦନା
ନ ଲଗାଇ ନାକ ତଟେ କୁଞ୍ଚିତରେ । ୪ ।

ଠାରଦେଲେ ନେତ୍ରାଞ୍ଚଳେ,     ବିଜନ ସ୍ଥଳେ ସେ ବଳେ,
ବିଟଜବ ଯଶରୁଚି ଉଚିତରେ । ୫ ।

ଠାକୁର ଠାକୁରାଣୀଙ୍କ,     ପଦାମ୍ବୁଜଧ୍ୟାନରଙ୍କ,
ନୃପ ଜଗଦ୍ଦେବ କରେ ରଚିତ ରେ । ୬ ।

---

ରକ୍ତାଶୋକେ ସରଳାନ୍ତଃକରଣେ ତୃଷ୍ଣୟେବ ଶମ୍ବକଦମ୍ବସ୍ୟ ବଜ୍ରସଂହ୍ରସ୍ୟ ଡମ୍ବରଭରଃ ଅଚୋପାଗତଶମ୍ଯଃ ତଦାଲମ୍ବାନ୍ ତଦାଗ୍ରହିଣଃ କଲମ୍ବାନ୍ ମାର୍ଗଣାନ୍ ବାହାବାହବି ଉଦ୍ୟତୋ ବାହୁଭ୍ୟାଂ ଯୁଦ୍ଧଂ ପୂର୍ବଂ ଯସ୍ମିନ୍ କର୍ମଣି ତତ୍ ତଥୋକ୍ତଂ ମୁହୁଃ ପୁନଃ ପୁନଃ ତ୍ୟଜତି କିଂ ? ନହିପତି କାମ୍ ?

ଅତ୍ର ବଲ୍ଲବନଗର୍ଯ୍ୟାଂ ଗୋପପୁରେ କଣ୍ଠ ଅଙ୍କୁରିମେ ସୌଧୋପରିତନ-ଗୃହେ ବନ୍ୟସ୍ତ୍ରାଃ ରକ୍ଷିତାଃ ଯା କାନ୍ତିସ୍ୱରକ୍ତ ନିମ୍ନପୁତ୍ତଳିକାଃ ସୁବର୍ଣ୍ଣପୁତ୍ତଳିକାଃ ଲୁଠନା ଚତୁରେଣ ଲେନ ବା କିଶୋରେଣ ନ ଅବଲୋକ୍ୟନ୍ତେ ।

---

* ଅନେକ ଛାପା ପୁସ୍ତକରେ ଏହି ଗୀତର ତୃତୀୟ ପାଦରେ ଦୁଇଗୋଟି ଲେଖାଏଁ ଅକ୍ଷର ଅଧିକ ଅଛି, ତାହା ଯେପରି ଭାବବାଧକ ସେହିପରି ମଧ୍ୟ ରାଗ ବା ସ୍ୱରର ସଂପୂର୍ଣ୍ଣ ପ୍ରତିକୂଳ । ଗଞ୍ଜାମ ଜିଲ୍ଲା'ରୁ ହାତଲେଖା ଯେତେ ଖଣ୍ଡ ପୋଥି ଆମ୍ଭମାନଙ୍କର ହସ୍ତଗତ ହୋଇଅଛି, କାହିଁରେ ସେ ଅକ୍ଷର ଦୁଇଟି ନାହିଁ । ତେଣୁ ଆମ୍ଭେମାନେ ତାହା ବିସର୍ଜନ କରିଗଲୁଁ । ଅଠଗଡ଼ର ସୁପ୍ରସିଦ୍ଧ ଗାୟକ ପଣ୍ଡିତ ସାମନ୍ତ ଶ୍ରୀଗଙ୍ଗାଧର ପ୍ରହରାଜଙ୍କଦ୍ୱାରା ଲିଖିତ ଚମ୍ପୂରେ ମଧ୍ୟ ସେ ଦୁଇଟି ଅକ୍ଷର ନାହିଁ ।

(୦) ଏଣୀଦୃଶଃ ପ୍ରିୟସଖୀ ପ୍ରିୟବାଦିନୀ ତେ—
ତ୍ୟାପତ୍ତିନେନ ସଦୃଶୀତ ବିଶାରଦୋଽତ;
ବିଶ୍ୱାସନିଃସ୍ୱହୃଦୟଦ୍ୱୃତ୍ତିମପାସ୍ୟ ତୁଭ୍ୟମ୍,
ଯଦ୍ରେ ଚତେ କୁରୁ ସୁରୂପବତୀତ ବଚ ।
ଦୁର୍ଗତିଜନବର୍ଗୋପକାରଜନ୍ୟପୁଣ୍ୟଯଶୋଽପବର୍ଗନିର୍ଗତାଳସନିସର୍ଗ
ଦ୍ବ କୃପାଳବୋ ହୃଦୟାଳବଃ ।

---

ଅନୁବାଦ—ଅହୋ ! ଏହି ଗୋପପୁରରେ ଯୁବତୀମଣ୍ଡଳୀର ଯେତେ ରସିକ ଯୁବକ ବିହାର କରନ୍ତି, କନ୍ଦର୍ପ ସେମାନଙ୍କ ପକ୍ଷ ହୋଇ ସେମାନଙ୍କୁ କଅଣ କେବଳ କୁସୁମଶର ମାରି ତୁମ୍ଭଙ୍କୁ ସରଳମତି ଦେଖି ବାହୁ ଯୁଦ୍ଧ କରି ତୁମ୍ଭ ପ୍ରତି ଶାଳ କଙ୍କସଦୃଶ ଶର ପୁନଃ ପୁନଃ ମାରୁଛି ?

କେଉଁ ଚତୁର କିଶୋର ଅବା ଗୋପପୁର କୋଠାମାନଙ୍କ ଉପରେ ରଖା ଯାଇଥିବା କେତେ ସୁବର୍ଣ୍ଣନିର୍ମିତ ପିତୁଳା ଦେଖି ନାହାନ୍ତି ?

ଏହା ଶୁଣି ଶ୍ରୀକୃଷ୍ଣ କହୁଅଛନ୍ତି—"ଠିକ ଠ ବର୍ତ୍ତୁଳ" ଇତ୍ୟାଦି ।

---

(୦) ଠିକ ଠ ବର୍ତ୍ତୁଳ—ସମ୍ପୂର୍ଣ୍ଣ ରୂପେ ଠ ଅକ୍ଷର ପରି ଗୋଲ, ତୋ ଚିତ୍ତରେ—ତୋ ମନରେ, କଦନ—କଷ୍ଟ, ଠଣା—ମୁଷ୍ଟିବଦ୍ଧ ଅଙ୍ଗୁଳିମାନଙ୍କ ଗ୍ରନ୍ଥିରେ ଆଘାତ, ଠୁଙ୍କି—ମାରି, ଠଉରାଇ—ଖୋଜି, ଠୋ କରି—ଏକାବେଳକେ (ଶବ୍ଦ ସହିତ), କିକ—କଅଣ. ନେତ୍ରାଞ୍ଚଳ—ନେତ୍ରକୋଣ, ଅପାଙ୍ଗ; ଯଶରୁଚ—ବିଦ୍ୟୁତ୍ ।

ହେ ସଖି. ତୋ ମୁଖ 'ଠ' ଅକ୍ଷର ପରି ସମ୍ପୂର୍ଣ୍ଣରୂପେ ଗୋଲାକାର ଚନ୍ଦ୍ରମାସଦୃଶ; ହୃଦୟ ମଧ୍ୟରେ ଠକାମିତ ଆଚରଣ ନ କରି ଏବଂ ମୋର ଏ କଷ୍ଟକୁ ବିଚାର କରି ଅକପଟଭାବରେ ମୋତେ ଉଦ୍ଧାର କରିବା ଉଚିତ ଅଟେ । ୧ । କନ୍ଦର୍ପସନ୍ତାପ ହେତୁରୁ ମୋର ଯେଉଁ ଭୟ ହେଉଅଛି, ସେହି ଭୟର ମସ୍ତକରେ ଠଣା ମାରି ତୁ ମୋତେ ମନ୍ମଥପାଶ ବନ୍ଧନରୁ ଉଦ୍ଧାର କର ।୨। ଏବଂ ଯେବେ ସୁସମୟ ଦେଖି ତୁ ତାଙ୍କ ପାଖରେ ମୋର ପ୍ରସଙ୍ଗ କରନ୍ତୁ, ତେବେ ତାହା ରାଜୀବନେତ୍ରାଙ୍କୁ ରୁଚିଯିବ ଅର୍ଥାତ୍ ପ୍ରୀତିକର ହେବ । ୩ । ହେ ପ୍ରିୟସଖି, ଏହାକୁ ଠୋ କରି ଛିଣ୍ଡାଇ ଦେ ନା, ଅର୍ଥାତ୍ ଆମ୍ଭ ଦୁହିଙ୍କ ସମ୍ପର୍କ ଅନୁଚିତ ବୋଲି ହଠାତ୍ ଏ ପ୍ରସ୍ତାବ ଭାଙ୍ଗି ଦେ ନା । ମୋ ଦୁଃଖ କଅଣ ତୋତେ କେତେକ ପରିମାଣରେ ଲାଗେ ନାହିଁ ? ୪ । ଯେବେ ତୁ ତାକୁ ଟିକିଏ ଆଖିକୋଣରେ ଠାରି ଦେବୁ, ତେବେ ସେ ଏ ନିର୍ଜନସ୍ଥାନରେ ବିଜୁଳି ପରି ବିରାଜିବ । ୫ । ଠାକୁରଠାକୁରାଣୀଙ୍କ ପାଦପଦ୍ମ-ଧ୍ୟାନକାରୀ ରାଜା ଭଗଦେବ ହରିଚନ୍ଦନଙ୍କଦ୍ୱାରା ଏହା ରଚିତ ହେଲା । ୬ ।

# ୬

## ଟଗ—ତୋଡ଼ି ମଲ୍ଲାର

ତର ନାହିଁକି ହେ, ପରତରୁଣୀ ହରଣ୍ଣୁ,
ତୋର ଲାଗି ଘେର ପଡ଼ିବ ଯେ ହେବ ବୈର ପର ଆଚରଣୁ । ପଦ ।
ତୋଳା ପ୍ରତିମାକୁ ପ୍ରିୟେ ତୁମ୍ଭଙ୍କୁ ଯତନେ ଦାଏ ଅଛନ୍ତି ପାଳି,
ତୁଳବତି ଧନ କେଳୀକି ମୋହନ ନେଉଛ ଯେ ଜୁଲପାଳି । ୧ ।
ତକ୍କା ଦେବା ବଦନ ଅବଶେଷ ତନ୍ତ୍ରନେ ଦେଖିବୁଁ ଶକଟ ଦଶା,
ତାକମଧ୍ୟମାକୁ ତାକି ଅଗିବାକୁ ଏଠାକୁ କାହା ଭରସା । ୨ ।
ତବ ତବ ବାର ନିଃସରିବ ଗୃହ ପଥରେ ନୟନଯୁଗ୍ମ,
ତହ ତହ ହେବ ମୃଦୁ ଅବୟବ ଶ୍ୟାମ ଶ୍ରୀଅଙ୍ଗୁଟି ଭୋଗୁ । ୩ ।
ତାକି ତ ଜାଣ ମୋହନ ବଂଶୀରବେ ବହର ସ୍ୱରେ ଏ ବନେ,
ତୁଲି ହେବୁଁ ସିନା ଅଟେ ଫଳ ବିନା ନ ପକ୍ୱ ତା ଆମ୍ବ କାନେ । ୪ ।
ତାଳମ୍ବମଞ୍ଜିମଞ୍ଜୁଳଦଶନା ସେ ଖେଳୁଥାଉ ତୁମ୍ଭ ତୁଲେ,
ତେଣିଁଥାଅ ବନଯାକ ତୁମ୍ଭ ମନ ଶ୍ରୀହରିଚନ୍ଦନ ବୋଲେ । ୫ ।

---

ଟୀକା—ଏଣୀଦୃଶଃ ମୃଗନୟନାୟାଃ ରାଧାୟାଃ ପ୍ରିୟସଖୀ ପ୍ରିୟବାଦିନୀ ପ୍ରିୟଂବଦା ଚ ଇତି ହେତୋଃ ଆପଦ୍ଦିନେନ ସନ୍ତୁଷ୍ଟା ଆପଦର୍ଥଂ ସଞ୍ଚିତଧନେନ ତୁଲ୍ୟା ବଣାରଦା ଝଟିତ୍ୟୁପାୟଚତୁରା ଚ ଇତି ସ୍ୱରୂପବତୀ ଶୋଭନାକୃତି-ଶାଳୀନୀତି 'ଯତ୍ରାକୃତିସ୍ତତ୍ର ଗୁଣା ବସନ୍ତି' ଇତି ସ୍ମରଣାତ୍ ବିଶ୍ୱାସନୀୟହୃଦୟତ୍ୱଂ ବିଶ୍ୱାସଶୂନ୍ୟ ହୃଦ୍‌ଭାବ ଅପାସ୍ୟ ଦୂରୀକୃତ୍ୟ ବିଶ୍ୱାସମବଲମ୍ବ୍ୟେତି ଯାବତ୍ ବକ୍ଷ୍ୟ ସ୍ୱାନ୍ତବେଦନାକାରଣଂ ତୁଭ୍ୟଂ ବକ୍ଷ୍ୟାମି, ଯଦ୍ ରୋଚତେ ତତ୍ କୁରୁ ।

ଯେ ତୁ ଦୟାଳବଃ ଦୟାର୍ଦ୍ରାଃ ହୃଦୟାଳବଃ ପ୍ରଶସ୍ତହୃଦୟଯୁକ୍ତାଃ ତେହି ଦୁର୍ଗତଜନବର୍ଗସ୍ୟ ଅକିଞ୍ଚନଜନସମୂହସ୍ୟ ଉପକାରାତ୍ ଜନ୍ୟାନାଂ ପୁଣ୍ୟଯଶସାଂ ଅପବର୍ଗେ ଫଳନିଷ୍ପତ୍ତୌ ସଂସିଦ୍ଧୌ ବିଷୟେ ନିର୍ଗତାଳସଃ ନିରଳସଃ ନିସର୍ଗଃ ସ୍ୱଭାବୋ ଯେଷାଂ ତେ ତଥୋକ୍ତାଃ ଭବନ୍ତି ।

ଅନୁବାଦ—ତୁମ୍ଭେ ମୃଗନୟନା ରାଧାଙ୍କର ପ୍ରିୟସଖୀ, ଏହି ହେତୁରୁ ନିଶ୍ଚୟ ପ୍ରିୟବାଦିନୀ ଓ ବିପତ୍‌କାଳ ନିମିତ୍ତ ସଂଚିତ ଧନସ୍ୱରୂପ ହିତକାରିଣୀ, ଆଉ ମଧ୍ୟ ଉପାୟ ନିରୂପଣରେ ଚତୁର ଅଟ, ତୁମ୍ଭର ମନୋହର ଆକୃତିରୁ ଏହା

(ଛ) କଂସଃ ପୁଂସାଂ ନୃଶଂସାନାଂ ବତଂସଃ ଶାସ୍ତି କାଶ୍ୟପୀମ୍
ଦୁଷ୍ଟେଽଥ ଧନିନଃ ସ୍ତେନୋ କଥଂ ଯାସ୍ୟଧ୍ୱନୀନତାମ୍ ।
ଅବର୍ଣ୍ଣାର୍ଣ୍ଣବୋଦ୍‌ଗୀର୍ଣ୍ଣକଲ୍ଲୋଲମଲାନ୍ଦୋଳିତସ୍ତ୍ୱମପି କିଂ ପୁନ-
ସ୍ତରୁଣୀ ତରଣିତ୍ୱମୁରୀକରଣାୟ ମିଛୁପଦଶ୍ୟ ମାମପି କ୍ଲୁଲକୁଲଦବସ୍ଥାଂ ବଧାୟ
ମନ୍ଥୟିତୁଂ ବାଗୁରମାରଭସେ ।

---

ଜଣାଯାଏ, ଏଣୁ ଅବିଶ୍ୱାସ ଭାବ ପରିତ୍ୟାଗ କରି ମୁଁ ନିଜର ଅନ୍ତର୍ବେଦନା ତୁମ୍ଭ ଆଗରେ କହିଲି, ବର୍ତ୍ତମାନ ତୁମ୍ଭଙ୍କୁ ଯାହା ଭଲ ଲାଗେ ତାହା କର ।

ଯେଉଁମାନେ ପ୍ରକୃତରେ ଦୟାଳୁ ଓ ହୃଦୟବାନ୍ ସେମାନଙ୍କ ସ୍ୱଭାବ ଦୁଃଖୀ ଲୋକମାନଙ୍କ ଉପକାର କରିବାରୁ ଜାତ ହେବା ପବିତ୍ର ଯଶର ଫଳ ସାଧନ ବିଷୟରେ ସାଧାରଣତଃ ନିରଳସ ହୋଇଥାଏ, ଅର୍ଥାତ୍ ଉଦାରଚେତା ଲୋକମାନେ ସ୍ୱଭାବତଃ ପରୋପକାରୀ ହୁଅନ୍ତି ।

---

(ଜ) ଡୋରି—ବାନ୍ଧିବା ଦଉଡ଼ି, ଘେରି ପଡ଼ିବ—ବନ୍ଧାହେବ, ତୋଳା ପ୍ରତିମା—ଚକ୍ଷୁର ପୁତ୍ତଳିକା, କନୀନିକା; ଡୁବିବଟି ଧନ—ସମସ୍ତ ନଷ୍ଟ ହେବ, କୁଳପାଳି—ସାଧ୍ୱୀ ସ୍ତ୍ରୀ, ଅରିଷ୍ଟେ—ସୂତିକାଗୃହରେ, ଶକଟ—କଂସପ୍ରେରିତ ଅସୁରବିଶେଷ, ଉତ୍ତାନେ—ଚିତ୍‌ହୋଇ, ତାକିମଧମା—ତମରୁମଧ୍ୟା ଅର୍ଥାତ୍ କ୍ଷୀଣକଟି, ତବ ତବ—ଅବିରଳଭାବରେ, ତହ ତହ—ପ୍ରଜ୍ୱଳିତ, ଭୋଗୁ—ଭୋଗ କାମନାରୁ, ଝୁରି ହେବୁଁ—କଷ୍ଟ ପାଇବୁଁ, ବ୍ୟାକୁଳ ହେବୁଁ; ଡାଳିମ୍ବମଞ୍ଜି-ମଞ୍ଜୁଳଦଶନା—ଡାଳିମ୍ବ ମଞ୍ଜି ପରି ସୁନ୍ଦର ଦନ୍ତ ଯାହାର ।

ହେ କୃଷ୍ଣ, କି ଆଶ୍ଚର୍ଯ୍ୟ କଥା; ପରସ୍ତ୍ରୀ ହରଣ କରିବାରେ ତୁମ୍ଭର ଆଦୌ ଡର ନାହିଁ ? ଏହି ଚୌର୍ଯ୍ୟାଚରଣ ହେତୁରୁ ତୁମ୍ଭେ ଦଉଡ଼ିରେ ବନ୍ଧା ହେବ । ଯଦ୍ୟପି ତୁମ୍ଭେ ମା ଯଶୋଦା ଆଖିର ପିତୁଳା ପରି ତୁମ୍ଭଙ୍କୁ ଅତି ଯତ୍ନରେ ପାଳନ କରିଅଛନ୍ତି; ତୁମ୍ଭେ ବର୍ତ୍ତମାନ ସତୀକୁଳନାରୀକୁ କ୍ରୀଡ଼ାସଙ୍ଗିନୀ କରିବାକୁ ଖୋଜୁଥିବାରୁ ମୁଁ ମନେ କରୁଅଛି ତାଙ୍କର ସେହି ଧନ ନଷ୍ଟ ହୋଇଯିବ । ୧ । ତୁମ୍ଭେ ଯେତେବେଳେ ଜନ୍ମ ଦିନରୁ ସୂତିକାଗୃହରେ ଚିତ୍‌ହୋଇ ଶୋଇ ଡକାପାଡୁଥିଲ, ସେ ଅବସ୍ଥାରେ ମଧ୍ୟ ଶକଟାସୁରକୁ ମାରିଥିଲ ଏହା ଆଖିରେ ଦେଖିଅଛୁଁ; ଏପରି ଅବସ୍ଥାରେ ସେହି କ୍ଷୀଣକଟି ସ୍ତ୍ରୀକୁ ଏଠାରୁ ଡାକି ଆଣିବାପାଇଁ କାହାର ସାହସ ହେବ ? ଅର୍ଥାତ୍ ଯେ ପିଲାଦିନେ ଏଡ଼େ ବଡ଼ ଅସୁରକୁ ମାରିଅଛି, ସେ ଯେ ଏ ବୟସରେ ଗୋଟିଏ କ୍ଷୀଣକଟି ସ୍ତ୍ରୀକୁ ରଖିବ ଆମ୍ଭମାନଙ୍କର ଏ ଭରସା ନାହିଁ । ୨ । ଯେବେ ତୁମ୍ଭ ସଙ୍ଗେ

# ଓ

## ରାଗ—ଦେଶାକ୍ଷ

ତାଲେ ତ ତାଳିଲୁ ନାହିଁ କୃପାସୁଧା ଝରିକି ରେ । ପଦ ।
ଚିକ୍‌କା ଚାଳୁଥାଇ ବ୍ରଜେ, ଲଳିତାର ହୃଦମ୍ବୁଜେ,
କରୁଣା ଅଛୁ ବୋଲି ଯା ନେଲୁ କେ ତା ହରି କି ରେ । ୧ ।
ଚୂଲାଇଲୁ ପରି ଚଳି, ତଟେଲ ପଡ଼ିପିବା ଭଲି,
ହେଲନ ଯେ କୁନ୍ଦକଳିଦଶନା ଏ ସରିକି ରେ । ୨ ।
ଚୁକାଇ ଦେଲେ ତୃଷିତ, ଚକୋର ଚଞ୍ଚୁରେ ଶୀତ-
ଭାନୁଚନ୍ଦ୍ରିକାକୁ ବରି ଯାଏ କିଛୁ ସରି କି ରେ । ୩ ।
ଚୋକୁଟିକୁ ସିନା ହଟି, ମୋ ସାର ଯାଉଛୁ ଲୁଟି,
ପିଇ ଦାଅନ୍ତି କି ଗୋଷ୍ଠିଯାକ ସେ କିଶୋରୀକି ରେ । ୪ ।
ଚିବା-ତନାବ୍ରରୁ ଗୋପ—ନଟବର ବନ୍ଦେ ଭୂପ
ବାଲୁକେଶ ଦେବ ନୀପକୁଞ୍ଜପୁଞ୍ଜସରିକି ରେ । ୫ ।

---

ତାଙ୍କର ମିଳନ ହୁଏ, ତେବେ ତୁମ୍ଭର ଏହି ଶ୍ୟାମଳବର୍ଣ୍ଣ ସୁନ୍ଦର ଅଙ୍ଗ ଭୋଗ କରିବା ହେତୁରୁ ତାଙ୍କର ଘୋର କଷ୍ଟ ହେବ, ସ୍ମୃତି ଶୃଙ୍ଗପ୍ରହରପାକ ଯନ୍ତ୍ରଣାରେ ତାଙ୍କ ଚକ୍ଷୁରୁ ଢବ ଢବ ହୋଇ ଲୋତକ ପଡ଼ିବ, ତାଙ୍କର କୋମଳ ଶରୀରରେ ଘୋର ଦାହ ଜାତ ହେବ ॥ ମୁଁ ତାଙ୍କୁ କେବେହେଁ ଡାକି ଆଣିବି ନାହିଁ । ତୁମ୍ଭେ ତ ବଂଶୀସ୍ୱରରେ ଡାକି ଜାଣ, ତାଙ୍କୁ ଏଠାକୁ ଡାକି ଆଣ; କିନ୍ତୁ ମୁଁ ଦେଖୁଛି, ସେଥିରେ ଆଉ କୌଣସି ଫଳ ହେବ ନାହିଁ, ତେଣୁ ତାହା ଆମ୍ଭ କାନରେ ନ ପଡ଼ୁ ଏବଂ ଆମ୍ଭେମାନେ ବ୍ୟାକୁଳ ନ ହେଉଁ । ୪ । (ଯେବେ ଫଳ ହୁଏ ) ସେ ଜାଳମ୍ବଦଳୀ ଏଠାରେ ତୁମ୍ଭ ସଙ୍ଗେ ଖେଳୁ, ତୁମ୍ଭ ମନ ଅନୁସାରେ ତୁମ୍ଭେ ଏ ବଣରେ ବୁଲୁଥାଅ, ହରିଚନ୍ଦନ ଏହା ରଚନା କଲେ । ୫ ।

ଟୀକା—ହେ କୃଷ୍ଣ, ନୃଶଂସାନାଂ ହିଂସ୍ରାଣାଂ ପୁଂସାଂ ପୁରୁଷାଣାଂ ବତଂସଃ ଭୂଷଣଂ ଘାତୁକଶ୍ରେଷ୍ଠ ଇତ୍ୟର୍ଥଃ, କଂସଃ କାଶ୍ୟପୀଂ ପୃଥ୍ୱୀଂ ଶାସ୍ତି; ହେ ଧନ୍ୟନଃ ସୂନୋ ହେ ଧନିକପୁତ୍ର ! ତ୍ୱଂ କଥଂ ଦୁଷ୍ପଥେ ଅଧ୍ୱଗାନତାଂ ପଥିକତ୍ୱଂ ଯାସି ? କଥଂ କୁମାର୍ଗେ ପଥିକୋ ଭବସୀତ୍ୟର୍ଥଃ ।

ତ୍ୱଂ ଅବର୍ଣ୍ଣାର୍ଣ୍ଣବେ ଅପବାଦ ସମୁଦ୍ରେ ଉଦ୍‌ଗୀର୍ଣ୍ଣୟା ଉତ୍‌ଥିତୟା କଲ୍ଲୋଳ-ମାଳୟା ତରଙ୍ଗପରମ୍ପରୟା ଆନ୍ଦୋଳିତଃ ବ୍ୟାକୁଳିତୋଽସି, ହେ ତରୁଣି, ତ୍ୱୟା ତରଣୀତ୍ୱଂ ଅପବାଦ ସମୁଦ୍ରୋତ୍ତରଣାର୍ଥଂ ନୌକାତ୍ୱବୋଽଙ୍ଗୀକରଣୀୟଃ ଇତ୍ୟୁପକ୍ଷିପ୍ୟ

(ଭ) ଗୃହ୍ୟଂ ଗୃହ୍ୟଂ ମଦ୍ୟେ'ଚୈଃ କଥିତମବିପଠଂ ଗୃହ୍ନୁମାକର୍ଣ୍ୟ ଭୂପଃ,
ପାୟ୍ୟଂ ପାୟ୍ୟଂ ଚ ଦୃଷ୍ଟ୍ୟା ମମଂତନୁମତନ୍ତୁ କ୍ରୂର ନାରାଚଭଲ୍ଲାଂ;
ସାନୁକେ ଶେନ ସ ନୁଗ୍ରହମହହ ମମ ପ୍ରା'ଣବିଶ୍ରାଣନୌକା—
ମିଚ୍ଛାଂ ତୁଚ୍ଛାଂ ବିଧାୟ କ୍ଷିପସି ସୁମୁଖି କିଂ ରୋଷରୁଷଂ କଟାକ୍ଷମ୍ ।

ମୀନାଙ୍କକଙ୍କପତ୍ରଦୂନ ସ୍ୱନଃ କଥମାଭିସ୍ୟ ବିଷଦ୍ୟେ କାର୍ତ୍ତସ୍ୱର-ଗୌରାଙ୍ଗୀଭିରକାରୁଣିକହୃଦୟବୃତ୍ତିତ୍ୱମୁଗ୍ରିକିପ୍ୟତ ଇତ ବ୍ରୁବତି କିଶୋର-ଶିରୋମଣୌ ସସ୍ମିତତ୍ୱଂ ଲଳିତା ।

---

ଶିକ୍ଷୟିତ୍ୱା ମାମପିକୂଳଂ କଂଶଃ ତଦ୍ଦୂସ୍ତାର କୂଳାତ୍ ତଠାତ୍ ଦବିଷ୍ଠାଂ ଦୂରତରାଂ ବଧାୟ କୃତ୍ୱା ମଜ୍ଜୟିତୁମପବାଦ ସମୁଦ୍ରେ ଇତି ଶେଷଃ କିଂ ପୁନଃ ବଗ୍ରରମାରଭସେ ? କଥଂ ପୁନଃ ଚନ୍ଦ୍ରୟସି ?

ଅନୁବାଦ—ହେ କୃଷ୍ଣ, କଂସ ନୃଶଂସମାନଙ୍କ ମଧ୍ୟରେ ଶ୍ରେଷ୍ଠ, ସେ ବର୍ତ୍ତିମାନ ପୃଥିବୀ ଶାସନ କରୁଅଛି । ଏପରି ଅବସ୍ଥାରେ ତୁମ୍ଭେ ଜଣେ ଧନୀ ଲୋକର ପୁଅ ହୋଇ କାହିଁକି ଅପଥରେ ପଥିକ ହେଉଅଛ ?

ତୁମ୍ଭେ ବର୍ତ୍ତିମାନ ଅପବାଦସମୁଦ୍ରରୁ ଉଠୁଥିବା ଲହରୀରେ ଆନ୍ଦୋଳିତ ହେଉଅଛ, ସେହି ସମୁଦ୍ର ପାରି ହେବାପାଇଁ, ହେ ଯୁବତି ! ତୁମ୍ଭେ ମୋର ନୌକା ହୁଅ ବୋଲି ଉପଦେଶ ଦେଇ ମୋତେ ପୁଣି କାହିଁକି କୂଳରୁ ଦୂରକୁ ଠେଲି ଦେଇ ସେହି ଅପବାଦସମୁଦ୍ରରେ ବୁଡ଼ାଇବାକୁ ଉଦ୍ୟମ କରୁଅଛ ?

ଏହା ଶୁଣି ଶ୍ରୀକୃଷ୍ଣ କହୁଅଛନ୍ତି, "ତାଲେ ତ ଟାଳିଲ ନାହିଁ" ଇତ୍ୟାଦି ।

---

(ତ) ତାଲେ—ଥରେ, ଝରି—ସୁରେଇଆକୃତିର ଜଳପାତ୍ରବିଶେଷ, ଢକ୍କା—ବାଦ୍ୟବିଶେଷ, ବଡ ଢୋଲ; ହୃଦମ୍ବୁଜେ—ହୃଦୟରୂପ ପଦ୍ମରେ, ଢୋଳାଇଲ—ଢୁମାଇଲ, କୁନ୍ଦକଳଦଶନା—କୁନ୍ଦଫୁଲର କଢ଼ି ପରି ଦାନ୍ତ ଯାହାର, ଡୁବାଇଦେଲେ—ପିଆଇଦେଲେ, ଚକ୍ଷୁ—ଅଣ୍ଟା, ଶୀତଭାନୁ—ଚନ୍ଦ୍ର, ଢୋକୁଟିକୁ — ଥରେମାତ୍ର ପିଇବାକୁ, ଧାର — ବଳ, ତବା — କୋଠାଘର, ତନାବ—ଝରକା ।

ଅୟି ଲଳିତେ, ତୋତେ ଏତେ ଅନୁନୟ କରି କହିଲି, ତଥାପି ତୁ ଥରେ ହେଲେ ଦୟାରୂପ ଅମୃତ ଝରିକୁ ଟାଳିଲୁ ନାହିଁ; ଅର୍ଥାତ୍ ଟିକିଏ ହେଲେ କୃପା କଲୁ ନାହିଁ ? ପଦ । ଏ ଗୋପପୁରରେ ଢକା (ଢୋଲ) ବାଜୁଥାଏ ଯେ ଅର୍ଥାତ୍ ଗୋପପୁରରେ ସମସ୍ତେ ଜାଣନ୍ତି ଯେ, ଲଳିତାର ହୃଦପଦ୍ମରେ ଦୟା ଥାଏ ବା ଲଳିତା ଦୟାବତୀ ବୋଲି ଗୋପପୁରରେ ସମସ୍ତଙ୍କୁ ଜଣା; ସେ

# ୩

ରାଗ—ସୋମ

ଅତସୀ କୁସୁମସମ ଶ୍ୟାମ ହେ ମୁଁ ଗଲିଟି । ପଦ ।
ଅଳି ଭ୍ରମର ନିବଡ଼, ଅସହ୍ୟସ୍ତୁ ସେ ଯେ ବନ୍ଧ
ଅବଶ୍ୟ ତା ଗ୍ରନ୍ଥରେ ମୁଁ ନିବେଦନ କଲିଟି । ୧ ।
ଅଧ ଅଧରରେ ସ୍ମିତ ଉଲ୍ଲାସି ହେଲେ ଲକ୍ଷିତ
ଉଦ୍ଭବ ଏହିଟି ବୋଲି କୃପାକଲ୍ପବଲ୍ଲୀଟି । ୨ ।
ଅରକତ କଲେ ମୁଖ, ଅଖଣ୍ଡ ସୁଧାମୟୂଖ,
ଅଦ୍ଭୁତ ସରବ ମୋର ଜୀଇଲେ ହେଁ ମଲିଟି । ୩ ।
ଅଦୃଷ୍ଟବନ୍ତୁଁ କଟାକ୍ଷ, ଅଙ୍ଗୀକାର କଲେ ସର୍ବ
ଅଭାବେ ଉଚ୍ଛନ୍ନ ହେବ ଏ ବଲ୍ଲବବଲ୍ଲୀଟି । ୪ ।
ଉଗ୍ରନନ୍ଦେଶ ନୃପର ଉପବନ ଗୋପପୁର
ଅଣ୍ତ୍ୟ ନୋହିବ ଗୋବର୍ଦ୍ଧନଚିରଦସ୍ତିଟି । ୫ ।
ଅଷ୍ଟଦୁର୍ଗନାଥ ଭଣେ ଅହା ଧ୍ୟାନେ କି ଶୋଭା ସେ
ଅଖିଳ ଜନମନ ନାସାମୃତମନ୍ଦକଲିଟି । ୬ ।

---

ଦୟାକୁ କିଏ ହରଣ କରିନେଲା କି ? ୧ । ହେ କୃଷ୍ଣଦନ୍ତ, ତୁମେ ଲଜ୍ଜା କରି ଭଲେ ପଡ଼ିଯିବା ଭଳି ମୋର ଦଶା ହେଲାଣି । ୨ । ତୃଷାର୍ତ୍ତ ଚକୋର ଥଣ୍ଟରେ ଯେବେ ଚନ୍ଦ୍ରକିରଣକୁ ପିଆଇ ଦିଆଯାଏ, ତେବେ କିଛି ସମ୍ପତ୍ତି ସରିଯାଏ କି ? ୩ । ସାମାନ୍ୟ ଲୋକଙ୍କ ପାଇଁ ସିନା ମୋ ବଳ ହାରି ଯାଉଛି, ଅର୍ଥାତ୍ ମୋର ସର୍ବନାଶ ହେଉଅଛି; ଆଚ୍ଛା କହ ଭଲା, ମୁଁ କଣ ସେ କଟାକ୍ଷକୁ ଗୋଟିକୁ ଯାକ ପିଇ ଦିଅନ୍ତି ? ୪ । ରାଜା ବାଲ୍ୟକେଶ ଦେବ ଗୋପନଗରର କୋଠାଘର ଝରକାଠାରୁ ( ଯେଉଁ ଝରକାବାଟେ ଶ୍ରୀକୃଷ୍ଣ ରାଧାଙ୍କୁ ଦେଖିଥିଲେ ) କଦମ୍ବ-କୁଞ୍ଜସମୂହ ପର୍ଯ୍ୟନ୍ତ ( କୃଷ୍ଣ ବର୍ତ୍ତମାନ ଯେଉଁଠାରେ ଅଛନ୍ତି ) ସେହି ସମଗ୍ର ପଥକୁ ନମସ୍କାର କରୁଅଛି ।

ଟୀକା—ଅୟି ସୁମୁଖି, ସାନୁକୋଶେନ ଦାନେନ ମୟା ଉଚ୍ଚୈଃ ଅତ୍ୟନ୍ତଂ ଅକପଟଂ ସର୍ବସ୍ୱଂ ଯଥା ସ୍ୟାତ୍ ତଥା କଥିତଂ ନିବେଦିତଂ ରହସ୍ୟଂ ବସ୍ତୁ ଗୃହ୍ୟଂ ଗୃହ୍ୟଂ ହୃଦ କଥାୟୁ ଲୁପ୍ତଃ ପୁନଃ ଗୃହ୍ଣୁଂ ଆକର୍ଣ୍ଣ୍ୟ ଶ୍ରୁତ୍ୱା, ଅତନୋଃ କନ୍ଦର୍ପସ୍ୟ କରନାରାଚଭଲ୍ଲାଂ ନିଷ୍ଠୁରଶରବର୍ଷାର୍ତ୍ତାଂ ମମ ତନୁଂ ମଚ୍ଛରୀରଂ ଦୃଷ୍ଟ୍ୟା ଚକ୍ଷୁଷା ସାନୁଗ୍ରହଂ ଅନୁଗ୍ରହପୂର୍ବକଂ ପାୟଂ ପାୟଂ ପୀତ୍ୱା ପୀତ୍ୱା ପୁନଃ ପୁନଃ ଦୃଷ୍ଟ୍ୱା

(ଣ) ଯାମି ପ୍ରତାପମନୁକୂଳୟିତୁଂ ପ୍ରଯତ୍ନୈ—
ଶ୍ଚେତଃ ସରୋରୁହସହୋଦରଲୋଚନାୟାଃ,
ସାମିପ୍ରସନ୍ନମପିଚେଦଭବଂ କୃତାର୍ଥା,
ନୋ ଚେତ୍ତ୍ୱଦାସ୍ୟବିଧୁବୀକ୍ଷଣମେତଦେବ ।

ନନ୍ଦନନ୍ଦନ କର୍ହିଚିଲ୍ଲାଘବଲବସ୍ୟାପ୍ୟସ୍ପୃଷ୍ଟିତୌ ତମନୁଭୂୟ ଭୂୟସ୍ତ୍ୱନ୍ମୁଖସୁନ୍ଦରେନ୍ଦୁସନ୍ଦର୍ଶନକନ୍ଦଳିତାନନ୍ଦସନ୍ଦୋହାନୁଭବମନ୍ଦାଦରୟାବାମୟା ଭାବ୍ୟମିତି ନିବେଦ୍ୟ ନିଷ୍କ୍ରମ୍ୟ ସତ୍ୱରଂ ଶ୍ରୀରାଧାୟାଃ ପ୍ରବିଶ୍ୟ ତାଂ ପ୍ରତି ।

---

ଇତ୍ୟର୍ଥଃ, ଅହହ ମମ ପ୍ରାଣବିଶ୍ରାଣନୋତ୍କାଂ ମମ ପ୍ରାଣଦାନେ ସମୁତ୍ସୁକାଂ ଇଚ୍ଛାଂ ତୁଚ୍ଛାଂ ବିଧାୟ କିଂ କଥଂ ରୋଷରୂଷଂ କୋପେନ କର୍କଶଂ କଟାକ୍ଷଂ କ୍ଷିପସି ପାତୟସି ମୟି ଇତି ଶେଷଃ ।

ମୀନାଙ୍କସ୍ୟ କନ୍ଦର୍ପସ୍ୟ କଙ୍କପତ୍ରୈଃ ବାଣୈଃ ନୂନଃ ପରିତାପିତଃ ଆତ୍ମାଯସ୍ୟ ତସ୍ୟ ଆର୍ତ୍ତସ୍ୟ ବ୍ୟାକୁଲସ୍ୟ ମମ ରକ୍ଷଣେ, କାର୍ତ୍ତସ୍ୱରଂ ସ୍ୱର୍ଣ୍ଣଂ ତଦ୍ୱତ୍ ଗୌରାଣି ଅଙ୍ଗାନି ଯାସାଂ ତାଭିଃ ତ୍ୱାଦୃଶୀଭିଃ କଥଂ ଅକାରୁଣିକା ନିର୍ଦୟା ହୃଦୟବୃତ୍ତିଃ ଯାସାଂ ତାସାଂ ଭାବଃ ତତ୍ତ୍ୱଂ ଉରୀକ୍ରିୟତେ, ସ୍ୱୀକ୍ରିୟତେ ? କିଶୋରଶିରୋମଣୌ କିଶୋରତିଲକେ ଶ୍ରୀକୃଷ୍ଣେ ଇତି ବ୍ରୁବତି କଥୟତି ସତି ଲଳିତା ସସ୍ମିତତ୍ୱରଂ ସ୍ମିତତ୍ୱରାଭ୍ୟାଂ ସହ କଥୟତି ।

ଅନୁବାଦ—ସଖି, ମୁଁ ଦୀନ ହୋଇଥିବାରୁ ମନ ଖୋଲି ସ୍ପଷ୍ଟରୂପେ ଯାହା ପ୍ରକାଶ କଲି, ସେ ସବୁ କଥାକୁ ଗ୍ରହଣ କରି, ପୁଣି ମୋ ମୁଖରୁ ଉକ୍ତିକୁ ବାରଂବାର ଶୁଣି, କନ୍ଦର୍ପର ନିର୍ଦ୍ଦୟ ବାଣଦ୍ୱାରା ବିଦୀର୍ଣ୍ଣ ହୋଇଯାଇଥିବା ମୋର ଏହି ଶରୀରକୁ ଅନୁଗ୍ରହ କରି ନିଜ ଚକ୍ଷୁରେ ଦେଖି ମଧ୍ୟ ତୁ ପୁଣି ମୋ ଜୀବନ ରଖିବାରେ ଜାତ ହେଉଥିବା ଉତ୍କଣ୍ଠାକୁ ବୃଥା କରି ଅର୍ଥାତ୍ ମୋ ଜୀବନ ରକ୍ଷାରେ ମୋଟେ ଇଚ୍ଛା ନ କରି କାହିଁକି କୋପକର୍କଶ ଦୃଷ୍ଟିକୁ ମୋ ଉପରେ ପକାଉଅଛୁ ?

ଯେଉଁ ଲୋକ କନ୍ଦର୍ପବାଣରେ ଏକାନ୍ତ ସନ୍ତ୍ରସ୍ତ ହୋଇଅଛି, ସେହି ଆର୍ତ୍ତମାନଙ୍କ ରକ୍ଷା କରିବାରେ ତୁମ୍ଭ ପରି ତପ୍ତକାଞ୍ଚନବର୍ଣ୍ଣାଭ ସୁନ୍ଦରୀମାନଙ୍କ ହୃଦୟ ଏଡ଼େ ନିର୍ଦ୍ଦୟ କାହିଁକି ? କିଶୋରତିଲକ ଶ୍ରୀକୃଷ୍ଣ ଏହା କହି ନିବୃତ୍ତ ହୁଅନ୍ତେ ଲଳିତା ହସି ହସି ଚଞ୍ଚଳ ତାଙ୍କୁ କହୁଅଛନ୍ତି,—“ଅତସୀକୁସୁମ ସମ” ଇତ୍ୟାଦି ।

---

(ଣ) ଅତସୀକୁସୁମ —ପେଶୀଫୁଲ, ଅଳି—ସଖୀବର୍ଗ ଅନୁରୋଧ; ନିବଢ଼—ଦୃଢ଼, ଅଧ ଅଧରରେ—ତଳ ଓଠରେ, ଉହିବ—ତର୍କିବ, ଅନୁମାନ କରିବ;

କଳ୍ପବଲ୍ଲୀ—କଳ୍ପଲତା, ଅଖଣ୍ଡସୁଧାମୟୂଖ—ପୂର୍ଣ୍ଣଚନ୍ଦ୍ର, ଅଭୁର—ମହତ୍ତ୍ୱ, ସର—ଭଲ ହେଲ୍ସ ( ଗଞ୍ଜାମ ଅଞ୍ଚଳର ପ୍ରୟୋଗ ), ବଲ୍ଲବପଲ୍ଲୀ—ଗୋପାଳଗାଆଁ, ଗୋପପୁର; ଉଗ୍ରନିର୍ଦ୍ଦେଶ—ନିଷ୍ଠୁରାଦେଶ, ମୃଗମଦକଳ୍କ—କସ୍ତୁରୀଚିତ୍ତା ।

ହେ ଅତସୀଫୁଲ ପରି କାଳବର୍ଣ୍ଣ ଶରୀରଧାରୀ କୃଷ୍ଣ ମୁଁ ବର୍ତ୍ତିମାନ ବାହାରିଲି । ପଦ । ଏକପକ୍ଷରେ ତୁମ୍ଭର ସନିର୍ବନ୍ଧ ଅନୁରୋଧ, ଅନ୍ୟ ପକ୍ଷରେ ସେ ରାଧା ବଡ଼ ଅସହିଷ୍ଣୁ ଅର୍ଥାତ୍ ପରପ୍ରୀତି କଥା ଆଦୌ ସହିପାରେ ନାହିଁ, ଏପରି ଅବସ୍ଥାରେ ଦୁଇଆଡ଼ ରକ୍ଷା କରିବା ମୋ ପକ୍ଷରେ ବଡ଼ କଠିନ, ତଥାପି ତୁମ୍ଭ କଥା ଅନୁସାରେ ତା ଆଗରେ ଏ ବିଷୟ ନିବେଦନ କଲି ବୋଲି ଜାଣ । ୧ । ଯେବେ ସେ ମୋ ପ୍ରାର୍ଥନା ଶୁଣି ତଳଓଠରେ ହସକୁ ପ୍ରକାଶ କରି ଲଜ୍ଜିତ ହେଲ୍ସ ଭଲ ହେବ, ତେବେ ତାହାକୁ ଅନୁଗ୍ରହର କଳ୍ପଲତା ବୋଲି ଅନୁମାନ କରିବ, ଅର୍ଥାତ୍ ତୁମ୍ଭ ପ୍ରତି ନିଶ୍ଚେ ଅନୁଗ୍ରହ କରିବ ବୋଲି ମନେ କରିବ । ୨ । କିନ୍ତୁ ଯେବେ ତାହାର ପୂର୍ଣ୍ଣଚନ୍ଦ୍ର ମୁଖକୁ ରକ୍ତବର୍ଣ୍ଣ କରିଦେବ, ଅର୍ଥାତ୍ ରାଗିଯିବ ତେବେ ମୋ ମହତ୍ତ୍ୱ ସରିଗଲା, ମୁଁ ଖାଇଲେହେଁ ମଲି ବୋଲି ଜାଣିବ । ୩ । ଶୁଭଦୃଷ୍ଟିବଶରୁ ଯେବେ କିଶୋରୀ ଅଙ୍ଗୀକାର କରେ, ତେବେ ତ ସର ( ଭଲ ହେଲ୍ସ ), ନଚେତ୍ ଏ ଗୋପପୁର ଉଚ୍ଛନ୍ନ ହୋଇଯିବଟି । ୪ । କଂସର ଆଦେଶ ନିଷ୍ଠୁର ଅଟେ; ଯେବେ ସେ ଏ କଥା ଜାଣିବ, ତେବେ ବନ ନିକଟରେ, କି ଗୋପପୁରରେ କିମ୍ବା ଗୋବର୍ଦ୍ଧନ ପର୍ବତ ଗହ୍ୱରରେ କୌଣସିଠାରେ ଆଶ୍ରୟ ମିଳିବ ନାହିଁ । ୫ । ଆଠଗଡ଼ର ରାଜା କହନ୍ତି, "ଅଖିଳଜନନୀ ଯେ ପୃଥିବୀ ତାହାଙ୍କର ନାସିକାର ମୃଗମଦକଳ୍କ ସଦୃଶ ଯେ କୃଷ୍ଣଚନ୍ଦ୍ର, ଧ୍ୟାନରେ ତାହାଙ୍କର ଶୋଭା କି ମନୋହର ଅଟେ ।" ( ଅଥବା ନିଖିଳ ମାତୃମଣ୍ଡଳୀଙ୍କର ଶୀର୍ଷସ୍ଥାନୀୟା ରାଧାଙ୍କ ଶୋଭା ଧ୍ୟାନରେ କି ସୁନ୍ଦର ଅଟେ ) । ୬ ।

ଟୀକା—ପ୍ରଯତ୍ନୈଃ ଅତ୍ୟନ୍ତକଟେକ୍ଷାଭିଃ ସର୍ବୈରହଂ ପଦ୍ମଂ ତସ୍ୟ ସହୋଦରେ ତତ୍ତୁଲ୍ୟେ ଲୋଚନେ ଯସ୍ୟାଃ ତସ୍ୟାଃ ଶ୍ରୀରାଧାୟାଃ ଇତ୍ୟର୍ଥଃ ପ୍ରତାପଂ ଚେତଃ ବିଚୁମ୍ବିତୁବାପନ୍ନଂ, ମନଃ ଅନୁକୂଳପ୍ରିତୁଂ ତ୍ୱଦନୁକୂଳଂ କର୍ତ୍ତୁଂ ଯାମି ତଚ୍ଚେତଃ ସାଦିପ୍ରସନ୍ନଂ ଈଷତ୍ ପ୍ରସନ୍ନଂ ଚେତ୍ କୃତାର୍ଥା ଅଭୂବଂ, ନୋଚେତ୍ ତ୍ୱଦାସ୍ୟବଧୂବୀକ୍ଷଣଂ ତବ ମୁଖଚନ୍ଦ୍ରାବଲୋକନଂ ଏତଦେବ । ଅକୃତକାର୍ଯ୍ୟା ଚେତ୍ ପୁନଃ ତ୍ୱତ୍ସମୀପଂ ନାଗମିଷ୍ୟାମୀତ୍ୟର୍ଥଃ ।

ହେ ନନ୍ଦନନ୍ଦନ, କର୍ହିଚିତ୍ ଲବ୍ଧବଲବସ୍ୟ ସ୍ୱଲ୍ପାୟାଃ ଅପି ହାନତାୟାଃ ଉପସ୍ଥିତୌ ଅପି ତଂ ଲବ୍ଧବଲବଂ ଅନୁଲକ୍ଷ୍ୟ ଭୂୟଃ ପୁନଃ ତବ ମୁଖଂ ଏବ ସୁନ୍ଦରେନ୍ଦୁଃ ତସ୍ୟ ସନ୍ଦର୍ଶନେନ କନ୍ଦଳିତଃ ଉଚ୍ଛଳିତଃ ଯଃ ଆନନ୍ଦସନ୍ଦୋହଃ ତସ୍ୟ ଅନୁଭବେ ମନ୍ଦଃ ଶିଥିଳଃ ଆଦରଃ ଯତ୍ନଃ ଯସ୍ୟାଃ, ତଥାଭୂତୟା ବାମୟା ବିମୁଖ୍ୟା ଭବ୍ୟଂ ଭବିଷ୍ୟତେ ମୟା ଇତି ଶେଷଃ, ଯଦି ମେ ମନୋରଥସିଦ୍ଧିଃ ନ

# ତ

ରାଗ—କାନଡ଼ଗୌଡ଼ା ବା କନଡ଼ା

(ସଖି ରେ) ତୋ ଘେନି ତମାଳଶ୍ୟାମ ମୋ ମରଜି କଷିଲି ରେ,
ତଥାପି ତ ତଳେ ହେଲେ ତୋ ସ୍ନେହେ ନ ରସିଲି ରେ । ପଦ ।
ତଳେ ବସନ ପ୍ରସାରି, ତୃଣ ଦଶନାଗ୍ରେ ଧରି,
କହିଲେହେଁ ଅନୁସରି, ରାଜି ତ ନ ଦଶିଲି ରେ । ୧ ।
ତହୁଁ କି ବିଷମଭାବ, ତର୍କିଲି ମୋ ଗୃହୁ ଯିବ—
ତଟକୁ ଘଟନ୍ତେ ଅବଧାନ ବିନା ହସିଲି ରେ । ୨ ।
ତପନଜାତଟକୁ ତୁ, ତରୁଣୀଠା କେଉଁ କୁତୁ—
ହଳରୁ ଆସିଲୁ ହେତୁ, କହି ବୋଲି ଘୋଷିଲି ରେ । ୩ ।
ତାରି ତୋର ସୁଲୋଚନା, ତାରତମ୍ୟ ବିବେଚନା—
ଲବ ହୋଇ ନାହିଁ ତହିଁ, ତୋ ଚିତ୍ତ କେ ପେଷିଲି ରେ । ୪ ।
ତିରସ୍କାର ପୂର୍ବଭାଷା, ତେଜିଲାଣି ସୁଖ ଆଶା,
ତୋଟିକି ଚୁମ୍ବିଲି ତୃଷା ତମିର ବିଳସିଲି ରେ । ୫ ।
ତୁଚ୍ଛସ୍ନେହମନ ଜନ, ତୋ ସଙ୍ଗକୁ କି ଭାଜନ,
ପ୍ରପନ୍ନ ହରିଚନ୍ଦନ ଜଗଦ୍ଦେବ ଭାଷିଲି ରେ । ୬ ।

---

ସ୍ୟାତ୍ ତର୍ହି ହୀନତାମପ୍ୟନୁଭୂୟ ପୁନସ୍ତ୍ୱନ୍ମୁଖଂ ନ ପଶ୍ୟାମୀତ୍ୟର୍ଥଃ । ଲଳିତା ଇତି ନିବେଦ୍ୟ ଶ୍ରୀକୃଷ୍ଣଂ ବିଜ୍ଞାପ୍ୟ ନିଷ୍କ୍ରମ୍ୟ ତଦନ୍ତିକାତ୍ ବହିର୍ଗତ୍ୟ ଶ୍ରୀରାଧାୟାଃ ସବିଧଂ ସମୀପଂ ପ୍ରବିଶ୍ୟ ଗତ୍ୱା ତାଂ ପ୍ରତି କଥୟତୀତି ଶେଷଃ ।

ଅନୁବାଦ—ହେ କୃଷ୍ଣ, ପଦ୍ମନେତ୍ରା ରାଧାଙ୍କର ବିପରୀତଭାବାପନ୍ନ ମନକୁ ନାନା ଚେଷ୍ଟାରେ ତୁମ୍ଭପ୍ରତି ଅନୁରକ୍ତ କରିବାକୁ ମୁଁ ଯାଉଅଛି । ଯେବେ ତାଙ୍କ ମନ ଅର୍ଦ୍ଧମାତ୍ରାରେ ପ୍ରସନ୍ନ ହୁଏ, ତେବେ ମୁଁ କୃତାର୍ଥ ହେଲି ବୋଲି ମନେ କରିବି, ଅନ୍ୟଥା ତୁମ୍ଭ ଚନ୍ଦ୍ରମୁଖ ଦର୍ଶନ ଏହିଠାରେ ମୋର ଶେଷ ହେଲା ।

ହେ ନନ୍ଦନନ୍ଦନ. ଉଦ୍ଦେଶ୍ୟ ସିଦ୍ଧିରେ ନୀଚତା ମଧ୍ୟ ଅଙ୍ଗୀକାର କରିବି । କିନ୍ତୁ ତୁମ୍ଭ ମୁଖଚନ୍ଦ୍ର ଦର୍ଶନରେ ଯେଉଁ ଆନନ୍ଦ ଅନୁଭବ କରୁଥିଲି, ତହିଁରେ ଆଉ ମୋର ଉତ୍ସାହ ରହିବ ନାହିଁ, ମୁଁ ସେ ବିଷୟରେ ବିମୁଖ ହୋଇ ରହିବି ସିନା । ଲଳିତା ଶ୍ରୀକୃଷ୍ଣଙ୍କୁ ଏହିପରି କହିବା ପରେ ରାଧାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ କହିଲେ, "ତୋ ଘେନି ତମାଳ ଶ୍ୟାମ" ଇତ୍ୟାଦି ।

(ଡ) ଗ୍ଲାସ୍ନୁଂ ତ୍ୱଦ୍‌ଭୁଜଦମ୍ଭହେମଲତୟୋରାଶ୍ରିତ୍ୟ ନିତ୍ୟଂ ସ୍ଥିତାମ୍,
ପାସ୍ନାନ୍ତାମଧୁନାପି ତନ୍ୱି ଭବତୀ ଭଲ୍ଲାଧିକାଲ୍ଲାଘବାତ୍,
ଅସ୍ମାସ୍ୱଃ ସଖି କେବଲଂ ଫଳମଭୂତ୍ ବାଧାପ୍ୟସାଧାରଣୀ,
ଚେତସ୍ୟାବିରଭୂଦ୍‌ବଭୂବ ନ ପୁନସ୍ତସ୍ୟୋଲ୍ଲାସସୋଲ୍ଲାସନମ୍ ।
ଦଷ୍ଟ୍ୱା କଦାଚିଦ୍‌ଭବଦୀୟାଭିଷ୍ଟସିଦ୍ଧୌ ସମ୍ଭାବ୍ୟାମପି ବନ୍ଧ୍ୟାତ୍ୱ-
ମୁତ୍‌ପତ୍‌ସ୍ୟତେ କଲ୍ୟାଣବଲ୍ଲ୍ୟାଃ ।

---

(ଡ) ତୋ ପେକ୍ଷ—ତୋ ପାଇଁ ବା ତୋ ହେତୁରୁ, ତମାଲଶ୍ୟାମ—ତମାଲ ଗଛର ପତ୍ରପରି ବର୍ଣ୍ଣ ଯାହାର, କୃଷ୍ଣ; ମରନ୍ଦ—ଇଚ୍ଛା, ହୃଦ୍‌ଭାବ; କଷିଲା—ପରୀକ୍ଷା କରି ନେଲା, ବସନ—ବସ୍ତ୍ର, ରଙ୍ଗ ଦିଶିଲା ନାହିଁ—ସମ୍ମତ ହେବା ଭଳି ଜଣାଗଲା ନାହିଁ, ଶ୍ରବଣତଟକୁ—କାନ ପାଖରେ, ତପନଜାତଟ—ଯମୁନାକୂଳ, କୁତୂହଳରୁ—କୌତୁକ ହେତୁରୁ, ତାରତମ୍ୟ ବିବେଚନା—ନ୍ୟୂନତା ଓ ଆଧିକ୍ୟ ଜ୍ଞାନ, ତିରସ୍କାର ପୂର୍ବଭାଷା—ଗାଳିଦେଇ କହିବା, ତରଳାଇ—ନାଶକରି ବା ଦୂରକରି, ତୋଟି—କଣ୍ଠ, ତୁଚ୍ଛସ୍ନେହମନ ଜନ—ଯାହା ମନରେ ଆଦୌ ସ୍ନେହ ନାହିଁ, ସ୍ନେହଶୂନ୍ୟ ଲୋକ; ପ୍ରପନ୍ନ—ଆଶ୍ରିତ ।

ହେ ସଖି, ସେହି ତମାଳବୃକ୍ଷର ପତ୍ରପରି ଶ୍ୟାମଳବର୍ଣ୍ଣ କୃଷ୍ଣ ତୋ ସକାଶେ ମୋ ହୃଦୟକୁ ପରୀକ୍ଷା କରିନେଲା, ତଥାପି ଟିକିଏ ହେଲେ ତୋ ପ୍ରତି ଅନୁରାଗ ପ୍ରକାଶ କଲା ନାହିଁ । ପଦ । ମୁଁ ତଳେ ଲୁଗା ପକାଇ ଦାନ୍ତରେ କୁଟା ଧରି ଯେତେ ଅନୁସରଣ କରି କହିଲି, ସେ ତହିଁରେ ରାଜି ହେଲା ନାହିଁ । ୧ । ତତ୍ପରେ ମୋର ଗୁପ୍ତ କଥା ଯେତେବେଳେ ତା କାନ ପାଖରେ ପହଞ୍ଚିଲା, ଅର୍ଥାତ୍ ତା କାନରେ ପଡ଼ିଲା ସେତେବେଳେ ତହିଁରେ ସେ ଗୋଟିଏ ବିରୁଦ୍ଧ ଭାବ ଅନୁମାନ କଲା ଏବଂ ତହିଁରେ ଆଦୌ ମନ ନ ଦେଇ ହସିବାକୁ ଆରମ୍ଭ କଲା । ୨ । ଏବଂ ବାରମ୍ବାର କହିଲା, ତୁ ଯୁବତୀ ସ୍ତ୍ରୀଟିଏ, କି କୌତୁକରୁ ଯମୁନାକୂଳକୁ ଆସିଲୁ କହ । ୩ । ହେ ସୁଲୋଚନେ, ତୁ କେଡ଼େ ହୀନ, ସେ କେଡ଼େ ବଡ଼, ଏ ବିଚାର ତୁ ଟିକିଏ ସୁଦ୍ଧା କରି ନାହୁଁ, ଏପରି ଅବସ୍ଥାରେ ତୋ ମନ କିପରି ତା ପ୍ରତି ଅନୁରକ୍ତ ହେଲା । ୪ । ସେ ଯେତେବେଳେ ଗାଳି ଦେଇ କଥା କହିଲା, ସେତେବେଳେ ମୋର ସବୁ ସୁଖ ଆଶା ଭାଙ୍ଗିଗଲା, ମୋ କଣ୍ଠ ଶୁଖିଗଲା ଏବଂ ମୋତେ ଚାରିଆଡ଼ ଅନ୍ଧାର ଦିଶିଲା । ୫ । ଯେଉଁ ଲୋକର ମନ ସ୍ନେହଶୂନ୍ୟ ସେ କଅଣ ତୋ ସଙ୍ଗର ଉପଯୁକ୍ତ ପାତ୍ର, ଆଶ୍ରିତ ହରିଚନ୍ଦନ ଜଗଦ୍ଦେବ ଏହା କହିଲେ । ୬ ।

# ଥ

ରାଗ—ଝଂଝୋଟା ବା ତୋଡ଼ୀ ଜଙ୍ଗଲ

ଥାପିରେ କହ ତଥାପିରେ ପ୍ରିୟସଖି ଥିବ କି ଛାଡ଼ିବ ପ୍ରାଣ । ପଦ ।
ଥିଲା ପର ସ୍ନେହ ଲଗିଲା କି କହ, ଅଛୁଟି ତୋତେ ମୋ ରାଣ । ୧ ।
ଥକାଇ ତୁ କହୁ, କହୁ ଧୃତ ରହୁ, ନାହିଁଟି ମୋହର ଜାଣ । ୨ ।*
ଥୋକାଏ ତୋ ପ୍ରୀତି-ବଧିକି ସମ୍ମତ କଲେ କି ମୋ ପରିତ୍ରାଣ । ୩ ।
ଥରେ ହେଲେ ବକି, ହେବ ମୋତେ ନକି ବଞ୍ଚାଇବ ପଞ୍ଚବାଣ । ୪ ।
ଥୋଇ ହୃଦେ ଛଳ, ନ କର ବିକଳ, କହେ ଅଷ୍ଟାଦୁର୍ଗରାଣ । ୫ ।

---

ଟୀକା—ହେ ତନ୍ଵ, ତବ ଭ୍ରୂକୌ ଏବ ଦମ୍ଭହେମଲତେ ବ୍ୟାଜସ୍ୱର୍ଣ୍ଣଲତେ ତୟୋଃ ଛାୟାଂ ଅଶ୍ରିତ୍ୟ ନିତ୍ୟଂ ସ୍ଥିତାଂ ମାଂ ଭବତୀ ତ୍ୱଂ ଭଲ୍ଲାଧିକାତ୍ ଭଲ୍ଲାସ୍ୱ-ଘାତାଦଧିକପୀଡ଼ାପ୍ରଦାତ୍ ଲାଘବାତ୍ ଅଗୌରବାତ୍ ଅଧୁନାପି ପାୟାତ୍ ରକ୍ଷେତ୍ ହେ ସଖି, ଅସ୍ୟାଃ ପରିଶ୍ରମଃ କେବଲଂ ଫଳଂ, ଅଭୂତ୍, ଅସାଧାରଣୀ ଅଲୌକିକା ବାଧାପି ଚେତସି ଆବିରଭୂତ୍ ସଂଜାତା, କିନ୍ତୁ ତ୍ୱୟି ଲାଲସାୟାଃ ଉଲ୍ଲାସନଂ ଅନୁରାଗ ପ୍ରକାଶଃ କୃଷ୍ଣସ୍ୟ ଇତି ଶେଷଃ ନ ବଭୂବ ।

ଦୈଷ୍ଟ୍ୟା ଭାଗ୍ୟବଳେନ ଭବଦୀୟାଭିଷ୍ଟସିଦ୍ଧୌ ସମୃଦ୍ଧାୟାଂ ଅପି ତବାଭିଲାଷେ ପରିପୂର୍ଣ୍ଣେଽପି କଲ୍ୟାଣବଲ୍ଲ୍ୟାଃ ମଙ୍ଗଲଲତାୟାଃ କଦାଚିତ୍ ବନ୍ଧ୍ୟାତ୍ୱଂ ଉତ୍ପତ୍ସ୍ୟତେ ସତ୍ୟପି ଭବିତ୍ୟ । ସହ ତସ୍ୟ ମିଲନେ ପରିଣାମୋ ନ ସୁଖାବହୋ ଭବିଷ୍ୟତୀ-ତ୍ୟର୍ଥଃ ।

ଅନୁବାଦ—ହେ ସୁନ୍ଦରି, ମୁଁ ତୁମ୍ଭର ନିତ୍ୟ ଅନୁଗତ, ଗୌରବହୀନ ହେବାରୁ ମୋତେ ପ୍ରାଣାନ୍ତକ କଷ୍ଟ ହେଉଅଛି, ତହିଁରୁ ତୁମ୍ଭେ ମୋତେ ରକ୍ଷା କର, ମୋର ପରିଶ୍ରମ ମାତ୍ର ସାର ହେଲା ଏବଂ ହୃଦୟରେ ଅସାଧାରଣ କଷ୍ଟ ଜାତ ହେଲା; କିନ୍ତୁ ତୁମ୍ଭ ଆଶା ପୂରଣ ହେଲା ନାହିଁ ।

ଭାଗ୍ୟବଶରୁ ଯେବେ କେତେବେଳେ ତୁମ୍ଭ ଅଭିଳାଷ ପୂର୍ଣ୍ଣ ହୁଏ ତେବେ ଶେଷଫଳ ଭଲ ହେବ ନାହିଁ ।

---

(ଥ) ଥାପି—ସ୍ଥିର କର, ଲଗିଲା—ଜଣାଗଲା, ଥକାଇ—ରହି ରହି, ଧୃତି—ଧୈର୍ଯ୍ୟ, ଥୋକାଏ—ଟିକିଏ, ପରିତ୍ରାଣ—ରକ୍ଷାକାରୀ, ନକି—ସତେ କି ?

ହେ ସଖି, ସ୍ଥିର କରି କହ, ବଞ୍ଚିବି କି ପ୍ରାଣତ୍ୟାଗ କରିବି ? ପଦ । ତୋତେ ମୋ ରାଣଟି ସତ କରି କହ, ମୋଠାରେ ତାଙ୍କର ସ୍ନେହ ଥିଲା ପର

---

* ପାଠାନ୍ତର—ଥୋକାଏ ମୋ ପ୍ରୀତିବଧିକି ସମ୍ମତ ନ କଲେ କି ପରିତ୍ରାଣ ।

(ଥ) ସ୍ମିତସୁଭଗମୁଖଃ ଶିଖଣ୍ଡମୌଳିର୍ବଦ କିମୁରୀକୃତବାନ୍ ମଦଙ୍ଗସଙ୍ଗମ୍;
କଥୟ ସଖି ଯଦା ତୃଣାୟ ମେନେ ବପୁରଥ କିଂ ବିସୃଜାମି ଧାରୟାମି ॥
ସହଚରି ଲଳିତେ ! ଦମ୍ଭସମ୍ଭୃତସମୁଜ୍ଜୃମ୍ଭଣମନ୍ତରେଣ ବିଲମ୍ବ-ମନବଲମ୍ବ୍ୟ ବ୍ରୂହି ସବିଶ୍ରମ୍ଭଂ ଜୀବାମି ବା କଚ୍ଚିଦ୍‌ଦିନାନ୍ୟଥବା ତାପିଞ୍ଛିଶାଖି-ଶାଖାୟାମୁଦ୍‌ବନ୍ଧନମଙ୍ଗୀକରିଷ୍ୟାମି !

---

କର୍ଣାଟଙ୍ଗ ତ ? ୧ । ତୁ ରହି ରହି କଥା କହିବାରୁ ମୁଁ ଧୈର୍ଯ୍ୟ ଧରି ପାରୁ ନାହିଁ । ୨ । ତୁ ଯେପରି ଢଙ୍ଗରେ ମିଳନର ବିଧାନ କଲୁ ତହିଁରେ ଠିକ୍ ଏ ହେଲେ କଅଣ ମୋର ରକ୍ଷାକର୍ତ୍ତା ( ଶ୍ରୀକୃଷ୍ଣ ) ସନ୍ତୋଷ ପ୍ରକାଶ କଲେ ନାହିଁ ? ୩ । ମୁଁ ଥରେ ହେଲେ ଏ ଜୀବନକୁ ତାଙ୍କ ଶ୍ରୀଚରଣରେ ବିକିଦେଅନ୍ତି, ଅନ୍ୟଥା ମୋତେ କନ୍ଦର୍ପ ବଞ୍ଚାଇବ କି ? ୪ । ହୃଦୟରେ କପଟ ରଖି ମୋତେ ବିକଳ କର ନା; ଅଷ୍ଟଦୁର୍ଗର ରାଜା ଏହା କହିଲେ । ୫ ।

ଟୀକା—ହେ ସଖି, ସ୍ମିତେନ ମୃଦୁହାସ୍ୟେନ ସୁଭଗଂ ସୁନ୍ଦରଂ ମୁଖଂ ଯସ୍ୟ ସଃ ମୃଦୁହାସ୍ୟବିମଣ୍ଡିତମୁଖମଣ୍ଡଳଃ, ଶିଖଣ୍ଡଃ ମୟୂରପୁଚ୍ଛଃ ମୌଳୌ ଯସ୍ୟ ସଃ ଶ୍ରୀକୃଷ୍ଣଃ ମଦଙ୍ଗସଙ୍ଗଂ ଉରୀକୃତବାନ୍ ସ୍ୱୀକୃତବାନ୍ କିଂ ? ବଦ ଯଦା ଯଦି ବା ତୃଣାୟ ମେନେ ତୃଣବତ୍ ଅକିଞ୍ଚିତ୍କରଂ ଅମଂସ୍ତ କଥୟ କିଂ ବପୁଃ ଇଦଂ ଶରୀରଂ ବିସୃଜାମି ତ୍ୟଜାମି ଅଥ ଅଥବା ଧାରୟାମି ମ୍ରିୟେ ବା ଜୀବାମି କଥୟ ଇତ୍ୟର୍ଥଃ ।

ସହଚରି ଲଳିତେ, ଦମ୍ଭସମ୍ଭୃତ୍ୟା କପଟବ୍ୟବହାର ସମୂହସ୍ୟ ସମୁଜ୍ଜୃମ୍ଭଣଂ ପ୍ରକାଶଃ ତଦନ୍ତରେଣ କପଟାଗ୍ରହଂ ବିନା ଇତ୍ୟର୍ଥଃ, ବିଲମ୍ବଂ ଅନବଲମ୍ବ୍ୟ ଅବଲମ୍ବ୍ୟ ଯଥାସ୍ୟାତ୍ ତଥା ସବିଶ୍ରମ୍ଭଂ ବିଶ୍ୱାସସହିତଂ ବ୍ରୂହି କଥୟ, କତିଦିନାନି ବ୍ୟାପ୍ୟ ଜୀବାମି ବା ତାପିଞ୍ଛିଶାଖିଶାଖାୟାଂ ତମାଲବୃକ୍ଷଶାଖାୟାଂ ( ଶ୍ରୀକୃଷ୍ଣସ୍ୟ ତମାଳଶ୍ୟାମତ୍ୱାତ୍ ) ଉଦ୍‌ବନ୍ଧନଂ ଅଙ୍ଗୀକରିଷ୍ୟାମି, ଉଦ୍‌ବନ୍ଧନେନ ପ୍ରାଣାନ୍ ତ୍ୟକ୍ଷ୍ୟାମି ।

ଅନୁବାଦ—ଅୟି ସଖି ଲଳିତେ, ସତ କହ, ମୟୂରଚୂଳିଆ ସ୍ମିତ-ସୁନ୍ଦରବଦନ ଶ୍ରୀକୃଷ୍ଣ ତୋ ପ୍ରସ୍ତାବକୁ ଅଙ୍ଗୀକାର କଲେଟି ? କିମ୍ବା ମୋ ଅଙ୍ଗସଙ୍ଗକୁ ଅତି ସାମାନ୍ୟ ବୋଲି ମନେ କଲେ, ଏ ଦେହକୁ ରଖିବି କି ଛାଡ଼ିବି କହ ।

ସହଚରି, ହୃଦୟରେ କପଟ ନ ରଖି ଆଉ ବିଳମ୍ବ ନ କରି ସତକରି କହ, ତମାଲଗଛ ଡାଳରେ ଦଉଡ଼ିଦେଇ ପ୍ରାଣ ହରାଇବି କି ଅଉ କିଛି ଦିନ ବଞ୍ଚିବି ?

ଏହା ଶୁଣି ଲଳିତା କହିଲେ,—"ରେ ଦୁଃଖିଧନି" ଇତ୍ୟାଦି ।

---

# ଧ

### ରାଗ—ଭଟିଆର

ରେ ଦୁଃଖିଧନ, ଧୈର୍ଯ୍ୟ ଦେଖିବାକୁ ସିନା କଲି ଛଳନ,
ଦୁଃଖମୟ ନ କର ସରସ ମନ । ପଦ ।

ଦୂରୁ ମୁଁ ଯିବାର ଜାଣି ହରି,     ଦରିଦ୍ର ନିଧି ଲଭିଲା ପରି,
ଦ୍ୱିଗୁଣ ଆଦରେ ପ୍ରମୋଦନଦରେ ମଜ୍ଜି ଧେନିଗଲେ କରଧରି । ୧ ।
ଦୟାଜରଜର କରି ଚିତ୍ତ,     ଦନ୍ତବାସେ ରଖି ଦରସ୍ମିତ;
ଦଶବାର ଅନାମୟ ମୋତେ ଧେନାଧେନି କରି ପଚାରିଲେ ମିତ । ୨ ।
ଦେଖିଲି ଯାହା ଶ୍ରୀଅଙ୍ଗଦ୍ୟୁତ,     ଦଳି ହୋଇଗଲା ମୋର ସ୍ଥିତ,
ଦ୍ୱିତୀୟାର ଶଶି-ଲେଖା ପରି ଦିଶିଗଲେକି ସେ ଇନ୍ଦ୍ରନୀଳହାତୀ । ୩ ।
ଦୁର୍ବାର ତୋ ନେତ୍ରାଞ୍ଚଳଶର,     ଦେବାରୁ ଦୁଃଖୀ ଦୁଃସହତର,
ଦବାଲ ହେବାର ଦେହମଜ୍ଜାସାର ଜାଣି ଯା ହେଲା ମାନସ ମୋର । ୪ ।
ଦୁର୍ବଳ ସାଳସ ଦେଖି ଗଲି,     ଦୁରୁହରେ କାନ୍ଥ ପଚାରିଲି,
ଦୀର୍ଘ ତପତ ନାସାନିଳ ତେଜିଲେ ଆହା ମରଇ ତ ବଚାରିଲି । ୫ ।
ଦେବ ଦଇବ ତୋ ଅଭିମତ,     ଦୂର କର ଦ୍ୱାପରକୁ ଚେତ,*
ଦବିଷ୍ଠ ଏ କଷ୍ଟପାକ ହେବ ଅଷ୍ଟଦୁର୍ଗନାଥର ଏ ବଚନତ । ୬ ।

---

(ଦ) ଛଳନ କଲି—ଛଳାଇଲି, ପ୍ରମୋଦନଦରେ—ଆନନ୍ଦସାଗରରେ, ଦୟା—ସ୍ନେହ, ଦନ୍ତବାସେ—ଓଠରେ, ଦରସ୍ମିତ—ଅଳ୍ପହାସ, ଅନାମୟ—କୁଶଳପ୍ରଶ୍ନ, ଧେନାଧେନି କର—ଠେକାଠେକି କରି, ଦ୍ୟୁତ—ଶୋଭା, ଶଶୀଲେଖା—ଚନ୍ଦ୍ରକଳା, ଇନ୍ଦ୍ରନୀଳହାତୀ—ଇନ୍ଦ୍ରନୀଳମଣିଶୋଭାଧାରୀ, 'ହସ୍ତୀପରି ଆକୃତି-ବିଶିଷ୍ଟ ସେହି ଶ୍ରୀକୃଷ୍ଣ, ଦୁର୍ବାର—ଅନିବାର୍ଯ୍ୟ, ଯନ୍ତ୍ରଣାପ୍ରଦ; ଦବାଲ—ଦୁର୍ବଳ, ମଜ୍ଜା—ହୃଦୟସାରବଳ, ସାଳସ—ଆଳସ୍ୟଯୁକ୍ତ, ଦ୍ୱାପର—ସନ୍ଦେହ (ଦ୍ୱାପରୌ ଯୁଗ ସଂଶୟୌ), ଚେତ—ମନେ ରଖ, ଦବିଷ୍ଠ—ଦୂରତମ ।

ହେ ଦୁଃଖୀଧନ, ତୋ ଧୈର୍ଯ୍ୟ ଦେଖିବାପାଇଁ ମୁଁ ଏପରି ସିନା ଛଳାଇ ଦେଲି, ତୋର ସରସମନକୁ ତୁ ଦୁଃଖିତ କର ନା । ପଦ । ଶ୍ରୀକୃଷ୍ଣ ଦୂରରୁ ମୋ ଯିବା ଜାଣିପାରି ଦରିଦ୍ର ଲୋକ ନିଧି ପାଇଲେ ଯେପରି ଆନନ୍ଦିତ ହୁଏ ସେହିପରି ଆନନ୍ଦସାଗରରେ ବୁଡ଼ି ଅନ୍ୟ ସମୟରେ ମୋତେ ଯେତେ ଆଦର କରନ୍ତି ତାହାର

---

* ପାଠାନ୍ତର—'ଚେତ' ସ୍ଥାନରେ 'ମତ' ।

(ଘ) ସମାଶ୍ୱସିହି ମାନିନି ତ୍ୱଦତିଧୈର୍ଯ୍ୟଜିଜ୍ଞାସୟା,
ନଟତ୍‌କପଟପାଟବଂ ତବ ପୁରଃ ପ୍ରଣୀତଂ ବଚଃ;
ଅମନ୍ଦମଧୁମନ୍ଦିରଂ କମରବିନ୍ଦବୃନ୍ଦଂ ବିନା—
ନୁବିନ୍ଦତି ମୁଦଂ ହୃଦନ୍ତରଗତଂ ମିଳିନ୍ଦୋ ଯୁବା ।

ପୁଷ୍ପିତାଂ ମାକନ୍ଦମଞ୍ଜରୀଂ ବନପ୍ରିୟ ଇବ, ସରୋଜିନୀଂ ଯୁବରୋଲମ୍ବ ଇବ, ଚନ୍ଦ୍ରିକାଂ ଚକୋର ଇବ, ପ୍ରତ୍ୟଗ୍ରମୁଦିରମଣ୍ଡଳୀଂ ଗୃତକ ଇବ, ଚିନ୍ତାମଣିମକିଞ୍ଚନ ଇବ, ତ୍ୱାମନବରତଂ ବଲ୍ଲବମହୀମହେନ୍ଦ୍ରନନ୍ଦନାନନ୍ଦଃ ସ୍ମରନ୍ କିଶୋରଃ ସୀଦତି, ତ୍ୱ କଥଂ ରୋଦନେନ ରୋଦୟସି ରୋଦସୀ ।

---

ଧୁଇ ଗୁଣ ଆଦରରେ ହାତ ଧରି ମୋତେ ଘେନିଗଲେ । ୧ । ଗୋ ମିତ, ଚକ୍ଷୁକୁ ସ୍ନେହପୂର୍ଣ୍ଣ କରି, ଓଷ୍ଠରେ ମନ୍ଦହାସ୍ୟକୁ ପ୍ରକାଶ କରି ମୋତେ ଠେକାଠେକି ହରି ସେ ଦଶ ଥର ତୁମ୍ଭର କୁଶଳ ପ୍ରଶ୍ନ ପଚାରିଲେ । ୨ । ଆହା, ସଖି, ତାଙ୍କର ଶ୍ରୀଅଙ୍ଗ ଶୋଭା ଯାହା ଦେଖିଲି, ସେଥିରେ ମୋ ଛାତି ଫାଟିଗଲା । ସେହି ନୀଳହୀରାଭଳି ଲୋକ ବର୍ତ୍ତମାନ ଦ୍ୱିତୀୟା ତିଥିର ଚନ୍ଦ୍ରକଳା ପରି କ୍ଷୀଣ ହୋଇଗଲେଣି । ୩ । ତୋର ଅପାଙ୍ଗଶର ଅତ୍ୟନ୍ତ ଦୁଃଖଦେବାରୁ ତାଙ୍କର ଦେହ, ହୃଦୟ ଓ ବଳ କ୍ଷୀଣ ହୋଇଗଲାଣି, ଏହା ମୁଁ ଜାଣିପାରିବାରୁ ମୋର ମନ ଯାହା ହେଲା—ତା ଆଉ କିଏ କହିବ ? ୪ । ତାଙ୍କର ଦୁର୍ବଳ ଓ ଆଳସ୍ୟପୂର୍ଣ୍ଣ ଧୀର ଚାଲି ଦେଖି ମୁଁ ଅତି ଦୁଃଖରେ କିଛି ପଚାରିଲି, ମାତ୍ର ସେ ଦୀର୍ଘ ଉଷ୍ଣ ନିଶ୍ୱାସ ତ୍ୟାଗ କରନ୍ତେ ମୁଁ ବୁଝିଲି, ଏ ଦୁଃଖ ଦେଖି ମୋର ମରିଯିବାଟା ଉଚିତ । ୫ । ଗୋ ସଖି ! ଦୈବ ତୋ ଅଭିଳାଷ ପୂର୍ଣ୍ଣ କରିବ, ମନରୁ ସନ୍ଦେହ ଦୂରକର ଏବଂ ମନେ ରଖ, ଦିନେ ତୋର ଏ କଷ୍ଟଯାକ ଦୂର ହୋଇଯିବ । ଆଠଗଡ଼ର ରାଜା ଏହା ରଚନା କଲେ । ୬ ।

ଟୀକା—ଅୟି ମାନିନି ମାନବତି ରାଧିକେ, ସମାଶ୍ୱସିହି ସମ୍ୟକ୍ ଆଶ୍ୱସ୍ତା ଭବ, ତ୍ୱଦତିଧୈର୍ଯ୍ୟଜିଜ୍ଞାସୟା ତବ ଧୈର୍ଯ୍ୟାତିଶୟ୍ୟଂ ଜିଜ୍ଞାସୟା ଜ୍ଞାତୁମିଚ୍ଛୟା ତବ ପୁରଃ ତ୍ୱଦଗ୍ରେ ନଟତ୍ ବିଲସିତଂ କପଟାନାଂ ପାଟବଂ ପଟୁତ୍ୱଂ ଯତ୍ର କଳ୍ପିତ-କାପଟ୍ୟପୂର୍ଣ୍ଣ ମିତ୍ୟର୍ଥଃ, ବଚଃ ପ୍ରଣୀତଂ ମୟା ଇତି ଶେଷଃ, ଯୁବା ମିଳିନ୍ଦଃ ଭ୍ରମରଃ ଅମନ୍ଦସ୍ୟ ପ୍ରକୃଷ୍ଟସ୍ୟ ମଧୁନଃ ମନ୍ଦିରଂ ସ୍ଥାନଂ ଅରବିନ୍ଦାନାଂ ବୃନ୍ଦଂ ବିନା ପଦ୍ମୋ-ଦରଂ ବିନା ହୃଦନ୍ତରଗତାଂ ଅନ୍ତରାହ୍ଲାଦିନୀଂ ମୁଦଂ ଆନନ୍ଦଂ ଅନୁବିନ୍ଦତି କିଂ ଲଭତେ କିଂ ? (ଲାଭେ ବିନ୍ଦତି ବିନ୍ଦତେ ) ଲଭତ ଇତ୍ୟର୍ଥଃ ।

ବନପ୍ରିୟଃ କୋକିଳଃ ପୁଷ୍ପିତାଂ ମୁକୁଳିତାଂ ମାକନ୍ଦମଞ୍ଜରୀଂ ଚୂତ-ମୁକୁଳମିବ, ଯୁବରୋଲମ୍ବଃ ତରୁଣଭ୍ରମରଃ ସରୋଜିନୀଂ ପଦ୍ମିନୀମିବ, ଚକୋର

# ଧ

ରାଗ—କନଡ଼ାକାଫି ବା ଚୋଖିଜଙ୍ଗଲ

ଧୀର ରେ କି ଧନ ତୁ ନ ଦେଲୁ ଆଜ
ଧଇଲେ କି ସତେ କିର ଯୁବରାଜ । ପଦ ।
ଧରମ ବନ୍ଧୁ କି ମୋର, ଧୂପି ଦେଇ ନିଜ କର,
କୋଳକୁ ଆଣିଲୁ କଳାଦ୍ୱିଜରାଜ । ୧ ।
ଧୂର୍ତ୍ତବର ସେ ଇଙ୍ଗିତେ, ଧରସିଲୁ କେହ୍ନେ ସତେ,
ଧମକାଇଲ ନାହିଁ କି କିଛି ଲାଜ । ୨ ।
ଧରାରେ ଯେତେ ପୁରୁଷେ, ଧୂଳି ତାହାଙ୍କ ଗୁରୁ ସେ
ଧନରୁ ଯେ ବଳେ ତାହାଙ୍କର ବ୍ୟାଜ । ୩ ।
ଧୃତ ହୋଇ ବଳହୀନ, ଧୂସର ହୋଇବା ମନ,
ଧୋଇ ଚିନ୍ତା କଳଙ୍କ ସମାଜ ମାଜ । ୪ ।
ଧରଣୀନ୍ଦ୍ର ଜଗଦ୍ଦେବ, ଧ୍ୟାନେ ବଲ୍ଲବୀବଲ୍ଲଵ-
ଧରାଧୂଳି କରେ ମସ୍ତକରେ ତାଜ । ୫ ।

---

ଚନ୍ଦ୍ରିକାମିବ, ଚାତକଃ ପ୍ରତ୍ୟଗ୍ରମୁଦିରମଣ୍ଡଳୀଂ ନବମେଘମାଲାମିବ, ଅକିଞ୍ଚନଃ ଦରିଦ୍ରଃ ଚିନ୍ତାମଣିଂ ଈପ୍‌ସିତାର୍ଥଦାୟିମଣିମିବ, ବଲ୍ଲବମହ୍ୟାଃ ଗୋପଜନପଦସ୍ୟ ମହେନ୍ଦ୍ରଃ ରାଜା ତସ୍ୟ ନୟନାନନ୍ଦଃ ଆନନ୍ଦବର୍ଦ୍ଧକଃ କିଶୋରଃ ତ୍ୱାଂ ଅନବରତଂ ସ୍ମରନ୍ ସୀଦତି ବିଷଣ୍ଣୋ ଭବତି । ଅତଏବ କଥଂ ତ୍ୱଂ ରୋଦନେନ କ୍ରନ୍ଦନେନ ରୋଦସୀ ଦ୍ୟାବାପୃଥିବ୍ୟୌ ରୋଦୟସି ।

ଅନୁବାଦ—ଅୟି ମାନିନି ରାଧେ, ଆଶ୍ୱସ୍ତ ହୁଅ; ତୋର ଧୈର୍ଯ୍ୟ ଜାଣିବା ଇଚ୍ଛାରେ ମୁଁ ତୋ ଆଗରେ ସେପରି କପଟତାପୂର୍ଣ୍ଣ କଥା କହିଲି ସିନା । ଭ୍ରମର-ଯୁବକ ମଧୁପରିପୂର୍ଣ୍ଣ ପଦ୍ମପୁଷ୍ପର ଅଭ୍ୟନ୍ତର ଛଡ଼ା ଅନ୍ୟତ୍ର ହୃଦୟବିମୋହନ ଆନନ୍ଦ ପାଏ କି ?

କୋକିଳ ଯେପରି ପୁଷ୍ପିତ ଚୂତମଞ୍ଜରୀକୁ, ଭ୍ରମର ଯୁବକ ଯେପରି ପଦ୍ମିନୀକୁ, ଚକୋର ଯେପରି ଚନ୍ଦ୍ରିକାକୁ, ଚାତକ ଯେପରି ନବ ମେଘମାଳକୁ, ଦରିଦ୍ର ଯେପରି ଚିନ୍ତାମଣିକୁ ସର୍ବଦା ସ୍ମରଣ କରି କରି ଦୁଃଖରେ କାଳ କଟାନ୍ତି, ସେହିପରି ନନ୍ଦନନ୍ଦନ କିଶୋର ଶ୍ରୀକୃଷ୍ଣ ସବୁବେଳେ ତୋତେ ସ୍ମରଣ କରି କରି ଦୁଃଖିତ ହୋଇ ରହିଅଛନ୍ତି । ଏହିପରି ଅବସ୍ଥାରେ ତୁ କାହିଁକି କାନ୍ଦି କାନ୍ଦି ଆକାଶ ପୃଥିବୀକୁ କନ୍ଦାଉଅଛୁ ।

(ଖ) ଭୂତିରଦ୍ୟ ସଖି କିଂ ନ ବିତୀର୍ଣ୍ଣା, ଯନ୍ମମ ଶ୍ରବଣସୀମ୍ନି ବିକୀର୍ଣ୍ଣା,
ବୀଜରାଜିରିବ ଶର୍ମଲତାୟାଃ, ସସ୍ମିତେନ୍ଦୁମୁଖି ବାଗନୁକୂଳା ।

ଘର୍ମୋର୍ମିତପ୍ରାଙ୍କୁରଶ୍ରେଣ୍ୟାଃ ପ୍ରତ୍ୟଗ୍ରବୃଷ୍ଟିରିବ, ରଜନ୍ୟାଃ କୌମୁଦୀବ, ତମଃସମୂହକବଳିତଶ୍ରିୟୋ ଗୃହଲେଖାୟା ଦୀପଶିଖେବ, ଯତଚିତ୍ତବୃତ୍ତେର୍ବ୍ରହ୍ମାନନ୍ଦଧାରେବ ସାମ୍ପ୍ରତଂ ମମ ତ୍ୱମସି ।

---

(ଖ) ଧୀର୍ ରେ—ହେ ପଣ୍ଡିତା, ଯୁବରାଜ—ଯୁବକଶ୍ରେଷ୍ଠ, ଧରିଦେଇ—ବଢ଼ାଇ ଦେଇ, କଳାଦ୍ୱିଜରାଜ—କୃଷ୍ଣଚନ୍ଦ୍ର, ଧୁରନ୍ଧର—ନିପୁଣ, ଇଙ୍ଗିତେ—ଥଟ୍ଟା କରିବାରେ, ଧରଛିଲୁ—ସାହସ କଲୁ, କେହି—କପଟ, ଧମକାଇଲା—ଡରାଇଲା, ବ୍ୟାଜ—ସୁଧ ବା କଳନ୍ତର ( ଉର୍ଦ୍ଦୁ—ବେଆଜ ), ଧୂସର—ମଳିନ, କଳଙ୍କ-ସମାଜ—ଖେଦସମୂହ, ମାଜ—ପରିଷ୍କାର କରିଦିଅ, ବଲ୍ଲବୀ—ଗୋପୀ, ରାଧା; ବଲ୍ଲବ—ଗୋପାଳ, ଶ୍ରୀକୃଷ୍ଣ; ଧରାଧୂଳି—ବାସସ୍ଥାନର ଧୂଳି, ତାଜ—ମୁକୁଟ, ଭୂଷଣ ।

ହେ ପଣ୍ଡିତା, ତୁ ମୋତେ ଆଜି କି ଧନ ନ ଦେଲୁ ? ସତେ କି ଯୁବକମଣି କୃଷ୍ଣଚନ୍ଦ୍ର ତୋ ହାତ ଧଇଲେ ? ପଦ । ମୋ ଧର୍ମବଳରୁ କଅଣ ତୁ ଡେଇଁ ପଡ଼ି ହାତ ବଢ଼ାଇ କୃଷ୍ଣରୂପ ଚନ୍ଦ୍ରଙ୍କୁ କୋଳରୁ ଅଣିଲୁ ? ୧ । ସେ ତ ପରିହାସ କରିବାରେ ବଡ଼ ନିପୁଣ, ଅର୍ଥାତ୍ ସେ ଭାରି ଥଟ୍ଟିଲ ଅଟନ୍ତି, ତୁ କପଟ ସାହସ କରି ତାଙ୍କ ମନକଥା ବୁଝିଲୁ, ତୋତେ ସେ ଥଟ୍ଟା କଲାବେଳେ କିଛି ଲାଜ ମାଡ଼ିଲା କି ? ୨ । ପୃଥିବୀରେ ଯେତେ ଧୂର୍ତ୍ତ ପୁରୁଷ ଅଛନ୍ତି, ସେ ସମସ୍ତଙ୍କର ଗୁରୁ ଅଟନ୍ତି, ତାଙ୍କର ମୂଳଧନରୁ ସୁଧ ବେଶୀ, ଅର୍ଥାତ୍ ସେ ଏପରି ଚତୁର ଯେ, ଯେତେ ମୂଳ ଦିଅନ୍ତି, ତହିଁରୁ ଅଧିକ ସୁଧ ଆଦାୟ କରନ୍ତି, ଅର୍ଥାତ୍ ସେ ପ୍ରକୃତ କଥା ଯାହା କହନ୍ତି ଅନ୍ୟଠାରୁ ତହିଁରୁ ଅଧିକ କଥା ଆଦାୟ-କରି ନିଅନ୍ତି । ୩ । ମୋର ଧୈର୍ଯ୍ୟ ନଷ୍ଟ ହୋଇ ଯାଇଥିବାରୁ ମନ ମଳିନ ହୋଇ ଯାଇଅଛି, ତାହାକୁ ନିର୍ମଳ କରି ଚିନ୍ତାଜନିତ ଖେଦସମୂହକୁ ମୋ ହୃଦୟରୁ ପରିଷ୍କାର କରି ଦେ । ୪ । ରାଜା ଜଗଦେବ ସେହି ଗୋପୀ ଓ ଗୋପୀନାଥଙ୍କ ବାସଭୂମିର ଧୂଳିକୁ ମସ୍ତକରେ ଭୂଷଣ କରୁଅଛି; ଅର୍ଥାତ୍ ଧ୍ୟାନରେ ସେହି ପବିତ୍ର ସ୍ଥାନ ଉଦ୍ଦେଶ୍ୟରେ ମସ୍ତକ ଅବନତ କରୁଅଛି । ୫ ।

ଟୀକା—ହେ ସସ୍ମିତେନ୍ଦୁମୁଖି, ସସ୍ମିତଂ ଈଷଦ୍ଧାସ୍ୟଯୁକ୍ତଂ ଇନ୍ଦୁମୁଖଂ ଚନ୍ଦ୍ରମୁଖଂ ଯସ୍ୟା ତତ୍ସମ୍ବୁଦ୍ଧୌ, ହେ ସଖି, ଶର୍ମଲତାୟାଃ କୁଶଲବଲ୍ଲର୍ଯ୍ୟାଃ ବୀଜରାଜିରିବ ଅନୁକୂଳା ପ୍ରିୟୁତରି ବାକ୍ ମମ ଶ୍ରବଣସୀମ୍ନି ଶ୍ରବଣଭୁବି ବିକୀର୍ଣ୍ଣା, ଯତ୍ ତତ୍ ଭୂତିଃ ଐଶ୍ୱର୍ଯ୍ୟଂ ଅଦ୍ୟ ନ ବିତୀର୍ଣ୍ଣା କିଂ, ଅପିତୁ ଦତ୍ତୈବ ।

# ନ

### ରାଗ—କାମୋଦୀ

ନବବିଳାସିନି ରେ, ନକ୍ଷତ୍ରେଶ-ହାସିନି । ପଦ ।
ନାହିଁ ବୋଲିବା ବାଣୀ, ନିପଟ ନାହିଁ ଶୁଣି,
ନଳିନାକ୍ଷି ରେ ହୋଇ କିସ ହେବ,
ନନ୍ଦନନ୍ଦନ ପ୍ରେମା, ପ୍ରେମାରେ ନୁହେ ଛମା,
ନିତମ୍ବିନୀଙ୍କି ଯେବେ ଗଢ ଥିବ । ୧ । *
ନିଷ୍ଠୁରଗୁଣ କୂଳି— ଶରୁ ପଡ଼ିଛି ବଳି,
ନିଷ୍ଟପ୍ର ତନ ବର୍ଣ୍ଣ ନାହିଁ ଲେଶି,
ନାଗରୀବରମୋହନ, ମନ୍ତ୍ର ମାନିକ ମନ
କପଟ ସମ୍ପୁଟରେ ଅଛି ରଖି । ୨ ।

---

ଘର୍ମେଣ ଗ୍ରୀଷ୍ମାତିଶୟେନ ତପ୍ତାୟାଃ ମ୍ରିୟମାଣାୟାଃ ଅଙ୍କୁରଶ୍ରେଣ୍ୟାଃ ପ୍ରତ୍ୟଗ୍ରବୃଷ୍ଟିଃ ନବବର୍ଷଣମିବ, ରଜନ୍ୟାଃ କୌମୁଦୀ ଚନ୍ଦ୍ରିକା ଇବ, ତମଃସମୂହ-କବଳିତତ୍ୱାୟାଃ ତିମିରାଚ୍ଛନ୍ନାୟାଃ ଗୃହଲେଖାୟାଃ ଗୃହସମୂହସ୍ୟ (ବୀଥ୍ୟାଳିରାବଳିଃ ପଂକ୍ତିଃ ଶ୍ରେଣୀ ଲେଖାସ୍ତୁ ରାଜୟ ଇତ୍ୟମରଃ) ଦୀପଶିଖା ଇବ, ଯତୀନାଂ ତପସ୍ୱିନାଂ ଶାନ୍ତବୃତ୍ତେଃ ମନୋବ୍ୟାପାରସ୍ୟ ବ୍ରହ୍ମାନନ୍ଦଧାରା ଇବ ସାମ୍ପ୍ରତଂ ମମ ତ୍ୱମସି ।

ଅନୁବାଦ—ହେ ସଖି, ତୁ ଏହି କଥାଗୁଡ଼ିକ କହି ମୋତେ ଆଜ କି ସମ୍ପତ୍ତି ନ ଦେଲୁ ? ହେ ହର୍ଷମୁଖି ଚନ୍ଦ୍ରାନନେ, ତୋର ଏହି ଅନୁକୂଳ ବାକ୍ୟ ଗୁଡ଼ିକ ମୋ ସୁଖରୂପ ଲତାର ବୀଜସମୂହ ବା ମୂଳକାରଣ ପରି ହୋଇଅଛି ।

ପ୍ରଚଣ୍ଡ ଗ୍ରୀଷ୍ମରେ ମଳିନ ପଡ଼ି ହୋଇଥିବା ବୃକ୍ଷର ଅଙ୍କୁର ପକ୍ଷରେ ନବବୃଷ୍ଟି ଧାରା ପରି, ରାତି ପକ୍ଷରେ ଚନ୍ଦ୍ରକିରଣ ପରି, ଅନ୍ଧକାରାଚ୍ଛନ୍ନ ଗୃହସମୂହ ପକ୍ଷରେ ଦୀପଶିଖା ପରି ଏବଂ ସଂଯତଚିତ୍ତ ମୁନିଙ୍କ ପକ୍ଷରେ ବ୍ରହ୍ମାନନ୍ଦଧାରା ପରି ତୁ ବର୍ତ୍ତମାନ ମୋ ପକ୍ଷରେ ଅତ୍ୟନ୍ତ ଆନନ୍ଦଦାୟିନୀ ହେଲୁ ।

ଏହା ଶୁଣି ଲଳିତା କହିଲେ,—'ନବବିଳାସିନି ରେ" ଇତ୍ୟାଦି ।

---

(ନ) ନବବିଳାସିନି—ହେ ନବରସିକେ; ନକ୍ଷତ୍ରେଶହାସିନି—ହେ ଚନ୍ଦ୍ରହାସିନି; ନିପଟ—ଆଦୌ, କେବେହେଁ; ନଳିନାକ୍ଷି—ହେ ପଦ୍ମନେତ୍ରି; ପ୍ରେମା—ପ୍ରେମ,

---

* ପାଠାନ୍ତର—ନନ୍ଦନନ୍ଦନ ପ୍ରେମ-ବଶେ ନୋହିବ ଭ୍ରମ, ନିତମ୍ବିନୀଙ୍କି ଯେବେ ଗଢ ଥିବ ।

ନିରନ୍ତରାୟ ରସ— ପ୍ରସାରଣେ ପୀୟୂଷ-
ଧାରାଧିକ୍କାରକାରୀ ପରି ଲାଗେ,
ନିମିଷକରେ ଜ୍ୱାଳା, ଜନ୍ମାଏ ଜଣି ହାଳା—
ହଲକୁ ଯେ ସଙ୍ଗାଳି ମହାନାଗେ । ୩ ।
ନିଶି ଦିନ ଶୟନ, ନ ଜାଣଇ, ନବୀନ
ବିସିନୀଦଳ ଶେଯ ଯାଏ ଜଳି,
ନୀପବନ ପବନ, ନିର୍ଦ୍ଧୂମଶିଖ ଧନ—
ଞ୍ଜୟ ଶ୍ୱାସରୁ କରେ କନ୍ଦୁକେଳି । ୪ ।
ନିନ୍ଦାର ନିକେତନ, ହୋଇବୁ ରେ ନୂତନ-
ମନ୍ଦାର-ବନ୍ଧୂ-କୁରୁବିନ୍ଦାଧରା,
ନିଶା-ରମଣୀ-କର— କଳିକା-କଣ ତୋର
ହୋଇଯିବ କଳ୍ପାନ୍ତକାଳ ଖରା । ୫ ।

---

(ସଂସ୍କୃତରେ ପ୍ରେମନ୍ ଶବ୍ଦ ପୁଂଲିଙ୍ଗ ଓ କ୍ଲୀବଲିଙ୍ଗ, ଏଠାରେ ପୁଂଲିଙ୍ଗ ପ୍ରୟୋଗ); ଜମା—ଆଦୌ; ନିତମ୍ବିନୀ—ନିତମ୍ବବତୀ ଯୁବତୀ ସ୍ତ୍ରୀ; କୁଳିଶ—ବଜ୍ର, ମନକପଠ-ସମ୍ପୁଟରେ—ମନରୂପ କପାଟ ସମ୍ପୁଟରେ; ନିରନ୍ତରାୟ—ଅନ୍ତରାୟ ରହିତ ଅର୍ଥାତ୍ ବାଧାଶୂନ୍ୟ; ରସ ପ୍ରସାରଣେ—ଭାବ ବିସ୍ତାର କରିବାରେ; ହାଳାହଳ—ବିଷ; ସଙ୍ଗାଳି—ପ୍ରିୟବସ୍ତୁ; ବିସିନୀଦଳ—ପଦ୍ମପତ୍ର; ନୀପବନପବନ—କଦମ୍ବକାନନ-ସଞ୍ଚାରୀ ବାୟୁ; ନିର୍ଦ୍ଧୂମଶିଖ—ଧୂଆଁ ନ ଥିବା ଶିଖା ଯାହାର; ଧନଞ୍ଜୟ—ଅଗ୍ନି; ମନ୍ଦାରବନ୍ଧୂକୁରୁବିନ୍ଦାଧରା—ମନ୍ଦାର ( ମନ୍ଦାରଫୁଲ ), ବନ୍ଧୂ (କଇଁଶିକାକାକୁଡ଼ି ) ଓ କୁରୁବିନ୍ଦ ( ପଦ୍ମରାଗ ମଣି ) ଏମାନଙ୍କର ବର୍ଣ୍ଣ ପରି ଅଧର ଅର୍ଥାତ୍ ଓଠ ଯାହାର; ନିଶାରମଣକର କଳିକାକଣ—ଚନ୍ଦ୍ରକିରଣବିନ୍ଦୁ; ନ ବରଷରୁ ଊଣା କାଳୁ—୯ ବର୍ଷରୁ ଅଳ୍ପ ବୟସ ହୋଇଥିବା ସମୟରୁ; ଉଦ୍ଧରିଲ—ଟେକି ଧରିଥିଲ; ନବନୀରଜକୋଷନିଭ—ନୂତନ ପଦ୍ମକଢ଼ି ସଦୃଶ; କଣ୍ଠୀରବମଧ୍ୟା—ସିଂହକଟି ଅର୍ଥାତ୍ କ୍ଷୀଣକଟି, କୃଶାଙ୍ଗୀ; କରକଞ୍ଜ—କରପଦ୍ମ; ନିଦ୍ରାହାରେ—ଶୋଇବାରେ ଓ ଖାଇବାରେ; ନୀଳବାହା—ନୀଳବର୍ଣ୍ଣ ବାହୁର, (ଶ୍ରୀକୃଷ୍ଣଙ୍କର); ମୁଦ୍ରାହାରେ—ଆଲିଙ୍ଗନ ରୂପ ହାରରେ ।

ହେ ଚନ୍ଦ୍ରହାସିନୀ ନବରସିକେ ମୁଁ ତାଠାରୁ 'ନାହିଁ' ବୋଲି କଥା ଆଦୌ ଶୁଣି ନାହିଁ, ହେ ପଦ୍ମନେତ୍ରି 'ହୋଇ' ବା କଅଣ ହେବ ଅର୍ଥାତ୍ ହେଲେ କି ହେବ ? ଯେବେ ନିତମ୍ବିନୀ ଯୁବତୀ ସ୍ତ୍ରୀମାନଙ୍କର ଅନ୍ୟ ଉପାୟ ଥାଏ, ତେବେ ସେମାନେ ବୁଝିବେ ଯେ ନନ୍ଦନନ୍ଦନର ପ୍ରୀତି ଆଦୌ ପ୍ରୀତି ପଦବାଚ୍ୟ ନୁହେଁ ।୨ ।

ନ ବରଷରୁ ଊଣା କାହ୍ନୁ ତ ଅଛୁ ଜଣା
ନଖାଗ୍ରେ ଉଦ୍ଧରିଲା ଗୋବର୍ଦ୍ଧନ,
ନବନୀରଜ କୋଷ— ନିଭ ତୋ କୁଚ କିସ
ଅଣ୍ଟିବ କ୍ଷୀଣୀରବମଧ୍ୟା ଘେନ । ୬ ।
ନିବେଦନ କରୁଛି କରକଞ୍ଜ ଧରୁଛି,
ହେଲେ ହେଉ ଅରୁଚି ନିଦ୍ରାହାରେ,
ନରନାଥ ଶ୍ରୀହରି— ଚନ୍ଦନ ବନ୍ଦେ ଗୋରି
ନ ରସ ମାଳବାହା ମୁଦ୍ରାହାରେ । ୭ ।

---

ତାହାର ଗୁଣଗୁଡ଼ିକ ଏତେ ନିଷ୍ଠୁର ଯେ, ତାହା ବଜ୍ର ଅପେକ୍ଷା ଅଧିକ କଠିନ ଏବଂ 'ନିଷ୍ଠୁର' ଏହି ଅକ୍ଷର ତିନିଗୋଟି ସେ ଆଦୌ ଲେଖି ନାହିଁ ଅର୍ଥାତ୍ 'ନିଷ୍ଠୁର' ଶବ୍ଦ ତାକୁ ସମ୍ପୂର୍ଣ୍ଣରୂପେ ଅଜଣା, ମନରୂପ କପଟପଂଜୁରୀରେ କେବଳ ସ୍ତ୍ରୀମାନଙ୍କୁ ବଶୀଭୂତ କରିବାର ମନ୍ତ୍ରକୁ ସେ ରଖିଛି, ତେଣୁ ସେ ନାରୀମାନଙ୍କୁ ସହଜରେ ବଶୀଭୂତ କରିନିଏ, କିନ୍ତୁ କାହାରିଠାରେ 'ନିଷ୍ଠୁର' ସ୍ନେହ ବା ସ୍ଥିର ପ୍ରେମ ରଖେ ନାହିଁ । ୨ । (ଅନୁରାଗ ପ୍ରକାଶ କଲାବେଳେ) ନିର୍ବାଧ ଭାବରେ ରସ-ବିସ୍ତାର କାର୍ଯ୍ୟରେ ଅମୃତଧାରାକୁ ଭୁକ୍ତ କଲାପରି ବୋଧହୁଏ ଅର୍ଥାତ୍ ତା ଅନୁରାଗ ନିକଟରେ ଅମୃତଧାରା ତୁଚ୍ଛ ବସ୍ତୁପରି ବୋଧ ହୁଏ, କିନ୍ତୁ ନିମିଷକ ମଧ୍ୟରେ ମହାନାଗ ସାପର ସଙ୍ଗାଳି ବିଷଠାରୁ ବଳି ଯନ୍ତ୍ରଣା ଦିଏ । ୩ । ତୋ ବିରହରେ ସେ ବର୍ତ୍ତିମାନ ରାତି ଦିନ ନିଦ କଅଣ ଜାଣିପାରୁ ନାହିଁ, ଅର୍ଥାତ୍ ଦିନ ରାତିରେ ଆଦୌ ଶୋଉ ନାହିଁ, ନୂଆ ପଦ୍ମପତ୍ରର ଶେଯ ବିରହତାପରେ ଜଳି ଯାଉଅଛି ଏବଂ କେଳିକଦମ୍ବ ବନର ପବନ ତାକୁ ଧୂଆଁ ନ ଥିବା ନିଆଁ ଶିଖାର ଶ୍ୱାସଠାରୁ ବେଶୀ ତୀବ୍ର ବୋଧ ହେଉଅଛି । କିନ୍ତୁ ହେ ରକ୍ତାଧରା ସଖି, ତୁ ଯେବେ ତା ପ୍ରତି ଅନୁରକ୍ତ ହେଉ, ତେବେ ତୁ ନିନ୍ଦାର ସ୍ଥାନ ହେବୁ ଅର୍ଥାତ୍ ସମସ୍ତେ ତୋତେ ନିନ୍ଦା କରିବେ ଏବଂ ଚନ୍ଦ୍ରକିରଣର ବିନ୍ଦୁ ମଧ୍ୟ ତୋ ପକ୍ଷରେ ପ୍ରଳୟ କାଳର ଖରାପରି ଅସହ୍ୟ ହେବ । ୪ । ଯେତେବେଳେ ତାର ବୟସ ୯ ବର୍ଷରୁ ଅଳ୍ପ ଥିଲା, ସେତେବେଳେ ସେ ପରା ନଖଅଗରେ ଗୋବର୍ଦ୍ଧନ ପର୍ବତକୁ ଟେକି ଧରିଥିଲା, ଏ କଥା ସମସ୍ତଙ୍କୁ ଜଣାଅଛି, ଏପରି ଅବସ୍ଥାରେ ହେ ହିଂହକଟି (ଅତଏବ ଦୁର୍ବଳା) ସଖି, ତୋର ନୂଆ ପଦ୍ମକଢ଼ି ପରି କୁଚ ତାକୁ ଅଣ୍ଟିବ କି ? ଏହା ମନରେ ଗ୍ରହଣ କର । ୬ । ମୁଁ ତୋ କରପଦ୍ମ ଧରି ନିବେଦନ କରୁଅଛି, ହେ ସଖି, ଖାଇବା ପିଇବାରେ ଅରୁଚି ହେଉ ପଛକେ ସେହି ଶ୍ରୀକୃଷ୍ଣ ମାଳ-ବାହାର ଆଲିଙ୍ଗନରୂପ ହାରରେ ତୁ ଆଉ ଅନୁରକ୍ତ ହୁଅ ନା ଅର୍ଥାତ୍ ଶ୍ରୀକୃଷ୍ଣଙ୍କ

(୮) ମଦ୍ବିଜ୍ଞାପନମାଦରେଣ ମହତା ସ୍ମିତ୍ୱାଽଶୃଣୋତ୍ କେଶବଃ,
କର୍ଣ୍ଣାଭ୍ୟର୍ଣ୍ଣମପଶ୍ୟମୀଶ୍ୱର ତଥା ଭଙ୍ଗୀସ୍ତଦଙ୍ଗୀକୃତେଃ;
ସତ୍ୟଂ ତାବଦିଦଂ ତଥାପି ସୁଦୃଶାଂ ଗତ୍ୟନ୍ତରଂ ଚେଦ୍ଭବେ,
ପ୍ରେମା ତତ୍ର ବୃଥା ଶିଖଣ୍ଡମୁକୁଟେ ଧ୍ୟେୟୋ ନ ହେୟଃ ପରଂ ।
କୃଷ୍ଣଂ କୃଷ୍ଣବର୍ତ୍ମାନମିବ ଶଲଭରାଜିରାଶ୍ରିତ୍ୟ ତ୍ୱାଦୃଶାଂ ବାମଭ୍ରୁବାଂ
ଚେତୋବୃତ୍ତିଃ ଶର୍ମେତରୋର୍ମିମନୁଭବତି ।

---

ଭୁଜାଲିଙ୍ଗନରୂପ ହାର ତୋ ପକ୍ଷରେ ମଙ୍ଗଳପ୍ରଦ ହେବ ନାହିଁ । ରାଜା ହରିଚନ୍ଦନ ନମସ୍କାର କରୁଅଛି । ୭ ।

ଟୀକା—ହେ ଈଶ୍ୱର, କେଶବଃ ସ୍ମିତ୍ୱା ଈଷଦ୍ଧାସଂ କୃତ୍ୱା ମଦ୍ବିଜ୍ଞାପନଂ ମହତା ଆଦରେଣ କର୍ଣ୍ଣାଭ୍ୟର୍ଣ୍ଣଂ ଶ୍ରବଣସମୀପଂ ଅଶୃଣୋତ୍, ଅତ୍ୟାଦରେଣ ମତ୍ ପ୍ରାର୍ଥନାଂ ଶ୍ରୁତବାନ୍ ଇତ୍ୟର୍ଥଃ, ତଥା ତଦଙ୍ଗୀକୃତେଃ ତସ୍ୟ କୃଷ୍ଣସ୍ୟ ଅଙ୍ଗୀକୃତେଃ ଅଙ୍ଗୀକାରସ୍ୟ ଭଙ୍ଗୀଃ ରୀତିଃ ଅପଶ୍ୟଂ । ଇଦଂ ମଦୁକ୍ତଂ ତାବତ୍ ସର୍ବତୋଭାବେନ ସତ୍ୟଂ ଯଦ୍ୟପି ଇତି ଶେଷଃ, ତଥାପି ଭୁବି ଅସ୍ମିନ୍ ସଂସାରେ ସୁଦୃଶାଂ ତ୍ୱାଦୃଶାଂ ସୁ-ଲୋଚନାନାଂ ନାରୀଣାଂ ଅନ୍ୟା ଗତିଶ୍ଚେତ୍, ତତ୍ର ତସ୍ମିନ୍ ଶିଖଣ୍ଡମୁକୁଟେ ମୟୂରପୁଚ୍ଛମୁକୁଟଧାରିଣି ବୃଥା ଧୂର୍ତ୍ତେ ପ୍ରେମା ପ୍ରୀତିଃ ନ ଧ୍ୟେୟଃ ନ ଚିନ୍ତନୀୟଃ, ଅପିତୁ ପରଂ ସର୍ବଥା ହେୟଃ ତ୍ୟାଜ୍ୟ ଇତ୍ୟର୍ଥଃ ।

ଶଲଭରାଜିଃ ପତଙ୍ଗାବଳୀଃ କୃଷ୍ଣବର୍ତ୍ମାନଂ ଅଗ୍ନିମାଶ୍ରିତ୍ୟ ଯଥା ଶର୍ମେତରୋର୍ମିଂ ଦୁଃଖଜାଲଂ ଅନୁଭବତି, ତଥା ତ୍ୱାଦୃଶାଂ ବାମେ ସୁନ୍ଦର ଭ୍ରୁବୌ ଯାସାଂ ତାସାଂ ସୁନ୍ଦରୀଣାଂ ଚେତୋବୃତ୍ତିଃ କୃଷ୍ଣଂ ଆଶ୍ରିତ୍ୟ ଦୁଃଖଜାଲଂ ଅନୁଭବତି ।

ଅନୁବାଦ—ହେ ଈଶ୍ୱର, କେଶବ ମୋ ପ୍ରାର୍ଥନାକୁ ହସି ହସି ଅତି ଆଦରରେ ଶୁଣିଲେ ଏବଂ ତାହାର ଅଙ୍ଗୀକାରଭଙ୍ଗୀ ମଧ୍ୟ ପ୍ରତ୍ୟକ୍ଷ କଲି ଏହା ସତ୍ୟ, ତଥାପି ଏ ସଂସାରରେ ସୁନ୍ଦରୀ ନାରୀମାନଙ୍କର ଯେବେ ଅନ୍ୟ ଗତି ଥିବ, ତେବେ ସେମାନେ ସେହି ମୟୂରଚୂଳିଆ ଧୂର୍ତ୍ତଠାରେ ପ୍ରେମକଥା କେବେ ହେଲେ ମନେ କରିବେ ନାହିଁ, ବରଂ ତାଙ୍କୁ ହେୟ ଜ୍ଞାନ କରିବେ ।

ଯେପରି ପତଙ୍ଗକୁଳ ଅଗ୍ନିକୁ ଆଶ୍ରୟ କରି ଘୋର ଦୁଃଖ ଅନୁଭବ କରନ୍ତି, ସେହିପରି ତୋ ଭଳି ସୁନ୍ଦରୀ ନାରୀମାନଙ୍କର ଚିତ୍ତବୃତ୍ତି କୃଷ୍ଣଙ୍କୁ ଆଶ୍ରୟ କରି ଘୋର ଦୁଃଖ ଅନୁଭବ କରୁଅଛି ।

ଏହା ଶୁଣି ଘୋର ସଂଶୟାକୁଳ ହୋଇ ରାଧା ଦୂତୀଙ୍କୁ କହୁଅଛନ୍ତି—

“ପ୍ରିୟସହି, ପରମାଦ ବଡ଼ ଭୁଲି ଗୋ” ଇତ୍ୟାଦି ।

---

# ପ

ରାଗ—ଭୈରବ

ପ୍ରିୟସଖି, ପରମାଦ ବଡ଼ ତୁହି ଗୋ,
ପାରୁ କେତେ ଛନ୍ଦେ ମୋହି ଗୋ । ପଦ ।

ପରମପଦରେ ଦେଇ ଜାଣୁ ତୁ ବସାଇ, ପୁଣି ତହୁଁ ଜାଣୁ ତଳାତଳକୁ ଖସାଇ,
ପାଶୋରିଇ ମନୁ ନାନା କଦନ ଲସାଇ, ପୀଡ଼ୁ ଅଶ୍ରୁ ବରଷାଇ ଗୋ । ୧ ।
ପ୍ରପଞ୍ଚପାକରେ ଜଣା ନ ଥାଇ ସଂଶୟ, ପସନ୍ଦ ନୁହଇ ପରପୁରୁଷରେ ସ୍ନେହ,
ପରବଶ ହେବ ଯେବେ ପ୍ରାଣତୁଲେ ଦେହ, ପ୍ରାଣୀ କି କରିବ କହ ଗୋ । ୨ ।
ପରବଚନ୍ଦ୍ରପୂର୍ଣ୍ଣ ପିଇବା ପୀୟୂଷ, ପରିଣତ ସମୟେ ସେ ହେବ ଯେବେ ବିଷ
ପ୍ରପନ୍ନ ହେବା ଗଙ୍ଗାରେ ଜନ୍ମିଲେ କଳ୍ମିଷ, ପ୍ରୟୋଗ କରିବା କିସ ଗୋ । ୩ ।
ପିଆରି ଦୁହିଙ୍କ ଥରେ ଦୁହିଙ୍କ ଅଧର, ପଚାରି କହ ଆଚରଣ ଘୁଞ୍ଚନାବଧର,
ପୀତପଟ୍ଟନଟ ନାଁ ମୋ ଅଗରେ ନ ଧର, ପାଲଏ ମାନ ଉଦ୍ଧର ଗୋ । ୪ ।
ପୁରନ୍ଦରମଣି ଶ୍ୟାମେ ଅଚ୍ଛୁ ମୋ ଭରସ, ପରପରିବାଦମୁଣ୍ଡେ ଠାକର ବରଷ,
ପୃଥ୍ୱୀଚକ୍ରବାଳ ପରିବୃଢ଼ ବାଲୁତକେଶ, ପସରିଇଲେ ଏ ରସ ଗୋ । ୫ ।

---

( ପ ) ପରମାଦ—ପ୍ରମାଦ, ଏଠାରେ ଦୁଃଖଦାୟିନୀ; ପରମପଦ—ସର୍ବୋତ୍କୃଷ୍ଟ ସ୍ଥାନ, ସ୍ୱର୍ଗ; ତଳାତଳ—ପାତାଳ; କଦନ—ଦୁଃଖ, କଷ୍ଟ; ଲସାଇ—ତରଳାଇ, ଏଠାରେ ଦୂର କରି; ପୀଡ଼ୁ—ପୀଡ଼ା ଦେଉ; ପ୍ରପଞ୍ଚ—ସଂସାର; ତୁଲେ—ସହିତ; ପରବଚନ୍ଦ୍ର—ପୂର୍ଣ୍ଣିମାଚନ୍ଦ୍ର; ପରିଣତ ସମୟେ—ପରିପାକବେଳେ; ପ୍ରପନ୍ନ—ଆଶ୍ରିତ, ଯାହାକୁ ଆଶ୍ରୟ କରନ୍ତି (କର୍ମବାଚ୍ୟରେ ତ ); କଳ୍ମଷ—ପାପ; ପୀତପଟ୍ଟ—ପୀତବସ୍ତ୍ର ପରିଧାନକାରୀ; ନଟ—ନଷ୍ଟ, ଦୁଷ୍ଟ; ନାଁ—ନାମ; ପାଲଏ—ଥରେ; ଭରସ—ପୂର୍ଣ୍ଣ ଇଚ୍ଛା; ପରପରିବାଦ—ପରନିନ୍ଦା; ଠାକର—ମୁଷ୍ଟିବଦ୍ଧ ଅଙ୍ଗୁଳିଗଣ୍ଠି ଦ୍ୱାରା ଆଘାତ କରିବା, ଠଣା; ପୃଥ୍ୱୀଚକ୍ରବାଳ—ଚକ୍ରବାଳବ୍ୟାପୀ ସମଗ୍ର ଭୂଖଣ୍ଡ; ପରିବୃଢ଼—ପ୍ରଭୁ ( ଅଧିଭୂର୍ନାୟକୋ ନେତା ପ୍ରଭୁଃ ପରିବୃଢୋଽଧିପଃ ଇତ୍ୟମରଃ । )

ହେ ସଖି, ତୁ ବଡ଼ ଦୁଃଖ ଦେଉଛୁ, କେତେ ଛଳରେ ତୁ ମନକୁ ବ୍ୟାକୁଳ କରୁଛୁ । ପଦ । ତୁ କଥା କହି ପ୍ରଥମେ ସ୍ୱର୍ଗରେ ବସାଇ ଦେଇ ପରେ ପୁଣି ପାତାଳକୁ ଖସାଇ ପାରୁ, ହୃଦୟରୁ ଦୁଃଖ ଦୂରକରି ଏବଂ ସବୁ ଯନ୍ତ୍ରଣାରୁ ଭୁଲାଇ ପୁଣି କନ୍ଦାଇ କନ୍ଦାଇ ମାରୁଛୁ । ୧ । ପରପୁରୁଷରେ ସ୍ନେହ

(ପ) ମାମଭ୍ରଂଲିହନବ୍ୟଦିବ୍ୟବଡ଼ଭୀନର୍ଯ୍ୟୁହପର୍ଯ୍ୟଙ୍କିକା—
ସଂବିଷ୍ଟାଂ ପ୍ରବିଧାୟ ବିକ୍ଷିପସି କିଂ ତସ୍ମାଦଧୋଽଧଃ ପୁନଃ ।
ଆର୍ତ୍ତିସ୍ୟାତପିପାସୟାମୃତଝରୀବାର୍ତ୍ତାଂ ନିବେଦ୍ୟ ଶ୍ରୁତୌ;
ଭୂୟଃ ଶମ୍ବୁକଦମ୍ବକେଳିକଠିନାଂ କିଂ ଭାରତୀଂ ଭାଷସେ ।

ଜନ୍ତୋଃ ସନ୍ତତଚନ୍ତାରୁନ୍ତୁଦକୃନ୍ତମୁଖାଗ୍ରଦଳିତହୃଦୟସ୍ୟ ପିପାସାର୍ତ୍ତିସ୍ୟ ବଦନାନ୍ତିକେ ସୁଧାସୁଧାରାଂ ବିନ୍ୟସ୍ୟ ମନ୍ତୁମନ୍ତରେଣ ପୁନଶ୍ଛିଦ୍ୟ କୋ ବା ନିର୍ଣାପତି ।

---

ଉଚିତ ନୁହେଁ, ଏହା ନିଃସନ୍ଦେହଭାବରେ ସାରା ସଂସାରରେ ଜଣା, କିନ୍ତୁ କିଛି ଦେଖି ଯେବେ ପ୍ରାଣ ସହିତ ଦେହ ପରବଶ ହୁଏ, ତେବେ ପ୍ରାଣୀ କଅଣ କରି ପାରେ ? ପୂର୍ଣ୍ଣିମାଚନ୍ଦ୍ରକୁ ଚିପୁଡ଼ି ଯେଉଁ ଅମୃତ ପାନ କରାଯାଏ, ତାହା ଯେବେ ପରିପାକ ହେଲାବେଳେ ବିଷ ହୋଇ ଉଠେ କିମ୍ବା ଯେବେ ଆଶ୍ରୟ କରିଥିବା ଗଙ୍ଗାରେ ସ୍ନାନ କଲେ ପାପ ହୁଏ, ତେବେ କଅଣ କରାଯାଏ ? ୩ । ଦୁହିଁଙ୍କି ଥରେ ଦୁହିଙ୍କ ଅଧର ପିଆଇ ପରେ ପୂତନାବଧର କଥା କହିବୁ ଅର୍ଥାତ୍ ସେ ଯେ ସ୍ତ୍ରୀହତ୍ୟା କରିଅଛନ୍ତି ସେ କଥା ପରେ ଫଳକେ କହିବୁ, ବର୍ତ୍ତିମାନ ଦୁହିଙ୍କୁ ପରସ୍ପର ମିଳାଇ ଦେ । ତାଙ୍କର 'ପୀତପଟନଟ' ନାମ ଅର୍ଥାତ୍ ହଳଦିଆ ଲୁଗାପିନ୍ଧା ଦୁଷ୍ଟଙ୍କ ଶିରୋମଣି—ଏହା ମୋ ଆଗରେ କହ ନା, ଥରେ ମାତ୍ର ଏ ଦୁଃଖରୁ ପରିତ୍ରାଣ କର । ଇନ୍ଦ୍ରନୀଳମଣିକାନ୍ତିଧାରୀ ଶ୍ୟାମ ଶ୍ରୀକୃଷ୍ଣଙ୍କଠାରେ ମୋର ପୂର୍ଣ୍ଣ ଅଭିଳାଷ ରହିଅଛି, ପରନିନ୍ଦାମୃତରେ ଠାକର ବର୍ଷା କର ଅର୍ଥାତ୍ ପରନିନ୍ଦା ପ୍ରତି ଆଦୌ ଲକ୍ଷ୍ୟ କର ନା; ଚକ୍ରବାଳବ୍ୟାପୀ ଭୂଖଣ୍ଡର ପ୍ରଭୁ ବାଲୁକେଶ ଏ ରସକୁ ପ୍ରଗୃରିତ କଲେ । ୫ ।

ଟୀକା—ହେ ସଖି, ମାଂ ଅଭ୍ରଂଲିହାୟାଃ ଆକାଶସ୍ପର୍ଶିନ୍ୟାଃ ନବ୍ୟାୟାଃ ନୂତନାୟାଃ ଦିବ୍ୟବଡ଼ଭ୍ୟାଃ ମନୋହର ଚନ୍ଦ୍ରଶାଳାୟାଃ ବର୍ଯ୍ୟୁହପର୍ଯ୍ୟଙ୍କିକାୟାଂ ମତ୍ତବାରଣବିଶିଷ୍ଟପଲ୍ୟଙ୍କେ ସଂବିଷ୍ଟାଂ ନିଦ୍ରିତାଂ ବିଧାୟ କୃତ୍ୱା ତସ୍ୟା ଅଧୋଽଧଃ କିଂ ବିକ୍ଷିପସି ସଂପାତୟସି ? ଅତ ପିପାସୟା ଆର୍ତ୍ତିସ୍ୟ ଜନସ୍ୟ ଶ୍ରୁତୌ, ଶ୍ରବଣେ ଅମୃତଝରୀବାର୍ତ୍ତାଂ ଅମୃତଧାରାସଂବାଦଂ ନିବେଦ୍ୟ କଥୟିତ୍ୱା ଭୂୟଃ ପୁନଃ ଶମ୍ବୁକଦମ୍ବାନାଂ ବକ୍ରସମୂହାନାଂ କେଳିଃ ଡମ୍ବରଃ ତଦ୍‌ବତ୍ କଠିନାଂ କର୍କଶାଂ ଭାରତୀଂ କିଂ କଥଂ ଭାଷସେ କଥୟସି ।

ସନ୍ତତଚନ୍ତା ଏବ ଅରୁନ୍ତୁଦଃ ଯନ୍ତ୍ରଣାପ୍ରଦଃ କୃନ୍ତଃ ଅସ୍ତ୍ରବିଶେଷଃ ତସ୍ୟ ମୁଖାଗ୍ରେଣ ଦଳିତଂ ହୃଦୟଂ ଯସ୍ୟ ତସ୍ୟ ଜନ୍ତୋ ବଦନାନ୍ତିକେ ମୁଖସମୀପେ ସୁଧାୟାଃ ଅମୃତସ୍ୟ ସୁଧାରାଂ ସୁନ୍ଦରପ୍ରବାହଂ ବିନ୍ୟସ୍ୟ ସଂସ୍ଥାପ୍ୟ ମନ୍ତୁଃ 'ଅପରାଧଃ

# ଫ

ରାଗ—ପୂରବି ବା ଚୋଖିପରଜ

**ଫାଟି** ପଡ଼ିବାର ନିକୁଞ୍ଜ ସଞ୍ଚାର ଶ୍ରମ୍ଭୁଁ ମୋ ଚରଣତଳ,
ଫଣୁରଶୋର ଆଖିରକୁ ହେବାର ଏହି ଏକା ଏଥୁ ଫଳ,
ରେ କିଶୋର, ଫିଟିଗଲା ଯେ ସନ୍ଦେହ,
ଫୁଲିଗଲା ଫୁଲଲ୍ଲମରସିକା ଜାଣି ପର ଶ୍ୟାମ ସ୍ନେହ ରେ । ୧ ।
ଫନ୍ଦାଇ ନାନା ବନସ୍ତ୍ରେ କହି ଦନ୍ତେ ତୃଣ ଧରିବାର ଗଲା;
ଫଟା କପାଳରେ କୁଟିଳ ହୃଦୟା ବୋଲାଇବା ଲେଖା ଥିଲା,
ରେ କିଶୋର, ଫନ୍ଦା ଧନ ତୁ ତ ମୋର,
ଫରିଆଦ କାହିଁ ତୋ ନାମେ କରିବି ନିନ୍ଦାକଲେ ପଛେ କର ରେ ॥
ଫଳୁଅରେ ପରି ଉରଜରେ ଭରି ରଖ ସେ ନୀଳମଣିକି,
ଫଉଜ ତୁଲେ କୁଞ୍ଜଦ୍ୱାରେ ରଖାଅ ବେଣବଲ୍ଲୀଧ ରଣୀକି,
ରେ କିଶୋର, ଫରମାସ ମନେ ମନେ,
ଫେରିଦିଅ ତୁ ମୋ ଅଗ୍ରୁର ମୁଁ ଯେବେ ଯିବି ସେ ଦଣ୍ଡକୁ ଦିନେ ରେ ॥

---

ତମନ୍ତରେଣ ବିନାପରାଧମିତ୍ୟର୍ଥଃ କୋ ବା ଜନଃ ତାଂ ସୁଧାଧାରାଂ ପୁନଃ ଆଚ୍ଛିଦ୍ୟ ଆକ୍ଷିପ୍ୟ ନିଗାଷତି ନେତୁମିଚ୍ଛତି ? ନ କୋଽପି ଇତ୍ୟର୍ଥଃ ।

ଅନୁବାଦ—ହେ ସଖି, ମୋତେ ଆକାଶସ୍ପର୍ଶୀ ନୂତନ ସମୁଚ୍ଚ ସୁନ୍ଦର ଚନ୍ଦ୍ରଶାଳା ଉପରସ୍ଥ ବାଡ଼ ଥିବା ପଲଙ୍କରେ ଶୁଆଇ ଦେଇ କାହିଁକି ପୁଣି ତହିଁରୁ ତଳକୁ ଖସାଇ ପକାଇ ଦେଉଅଛୁ ? ଯେଉଁ ଲୋକ ଶୋଷରେ ଅତି ବିକଳ ହେଉଅଛି ତା କାନପାଖରେ ଅମୃତଧାରା ମିଳିବାର ସମ୍ବାଦ ଦେଇ ପୁଣି କପର ବଜ୍ରପରି କର୍କଶ କଥାଗୁଡ଼ାଏ କହୁଅଛୁ ।

ନତ୍ୟଚନ୍ଦ୍ରାରୂପ କୃତାନ୍ତର ମୁଖଦ୍ୱାରା ବଦ୍ଧ ହୋଇ ଯାହାର ହୃଦୟ କଷ୍ଟ ପାଉଅଛି ସେହିଭଳି ଜୀବର ମୁଖ ପାଖରେ ଅମୃତଧାରା ଢାଳି ବିନା ଦୋଷରେ ପୁଣି ତାକୁ ତା ଅଗରୁ କାଢିନେବାକୁ କେଉଁ ଲୋକ ଇଚ୍ଛା କରେ ?

ଏହା ଶୁଣି ଲଳିତା କହିଲେ,—"ଫାଟି ପଡ଼ିବାର ନିକୁଞ୍ଜସଞ୍ଚାର ଶ୍ରମ୍ଭୁ" ଇତ୍ୟାଦି ।

---

ଫଜିତ ହୋଇ ଦୂରରେ ଥିଲେ ତୋତେ ଭଜିତ ଥିବା'ର ସଇ,
ଫେଡ଼ନ୍ତୁ ତୋ କଷ୍ଟ ସୁଖ ଦେଇ ଅଦ୍ଭୁଶ୍ରୁତ ଏ ଆମ୍ଭ ବାଞ୍ଛିତ,
ରେ କଶୋର, ଫୁରୁଣା ହୋଇ ତୁ ରସ,
ଫେଡ଼ିଅସି ମାନ ଅମ୍ଭ ଅଗେ ନେତ୍ରକଞ୍ଜୁ ନୀର ନ ବରଷ ତର ॥ ୪ ॥
ଫୋଃକା ହେଉଛୁ ସିଞ୍ଚିବା କର୍ପୂରଚନ୍ଦନମିଶ୍ରିତ ବାର, *
ଫୁଙ୍କିଦେଲେ ଉଡ଼ିଯିବା ପରି ସଢ଼ି ଅଛୁଟି ତନୁ ବଲ୍ଲରୀ,
ରେ କଶୋର, ଫୁକାରି ନୋହୁ ଜଟତେ,
ଫତୁଆ କୁହଟି ବୋଲେ ଜଗଦେବ ହରିଚନ୍ଦନ ଏ ଗୀତେ ॥ ୫ ॥

(ଫ) ନିକୁଞ୍ଜସଞ୍ଚାରଶ୍ରମୁ—କୁଞ୍ଜବନକୁ ଯିବା ଆସିବା ପରିଶ୍ରମରୁ, ଚରଣତଳ—ତଳପା, ଫଭୁରଖୋର—ମିଥ୍ୟାଭାଷିଣୀ, ଆଗରକୁ—ଶେଷକୁ, ଫୁଲ-ଲମ୍ବମତେସିକା—ପୁଷ୍ପଭୂଷଣପ୍ରିୟା, ଫନ୍ଦାଇ—ଭୁଲାଇ, ଫନ୍ଦାଧନ—ଉପାର୍ଜନର ଆଶ୍ରୟ, ଫରିଅଦ—ଅଭିଯୋଗ, ନାଲିଶ; ଉରୋଜ—କୁଚ, ଫଉଜ—ସୈନ୍ୟ, ବେତ୍ରବଲ୍ଲିଧାରିଣୀ—ବେତ ଧରିଥିବା ପ୍ରତିହାରୀ ବା ଦ୍ୱାରପାଳିକା, ଫରମାସ—ବରାଦ କର, ଆଦେଶ କର; ଫେଇଦିଅ—ସାରିଦିଅ ବା ଖୋଲିଦିଅ, ଫଜିତ—ଅପମାନିତ, ଅଷ୍ଟଶ୍ରୁତ—ବ୍ରହ୍ମା, ଚୁକାପଡ଼ (ସ୍ତ୍ରୀ ପୁରୁଷଙ୍କର ମିଳନବାଧାଯୁକ୍ତ ଦେବତା); ଫୁରୁଣା—ପୂର୍ଣ୍ଣମନୋରଥ, ନେତ୍ରକଞ୍ଜୁ—ଚକ୍ଷୁରୂପ ପଦ୍ମରୁ, ସଢ଼ିଅଛି—ଦୁଃଖରେ ଶୀର୍ଣ୍ଣ ହୋଇଅଛି, ତନୁବଲ୍ଲରୀ—ଶରୀରରୂପ ଲତା, ଫୁକାରି—ପ୍ରକୃତିର, ଫତୁଆ—ଅକୃତକାର୍ଯ୍ୟ ।

ହେ କଶୋର, ତୋ ପାଇଁ ନିକୁଞ୍ଜକୁ ଯିବା ଆସିବା କରିବା ପରିଶ୍ରମରୁ ମୋ ତଳପା ଫାଟି ଗଲାଣି; ଶେଷରେ ମୁଁ ମିଛୋଇ ବୋଲି ଅପବାଦ ପାଇଲି; ଏହାହିଁ ତାହାର ଶେଷ ଫଳ ହେଲା । ହେ ପୁଷ୍ପଭୂଷଣପ୍ରିୟେ, ଏବେ ସନ୍ଦେହ ଦୂର ହୋଇଯିବାରୁ ତୁ ଶ୍ୟାମସ୍ନେହ ଜାଣି ପାରି ଫୁଲିଗଲୁ ପରା ! (ଅର୍ଥାତ୍ ତୋ ମନ କୁଣ୍ଠେ ମୋଟ ହୋଇଗଲା ପରା ) । ମୁଁ ନାନା ବିନୟରେ କୃଷ୍ଣଙ୍କୁ ଭୁଲାଇଲି ଏବଂ ଶେଷରେ ଦାନ୍ତରେ କୁଟା ପର୍ଯ୍ୟନ୍ତ କାମୁଡ଼ିଲି, ଏ ସବୁ କୁଆଡ଼େ ଗଲା, ଫଳରେ କୁଟିଳ ହୃଦୟା ବୋଲି ମୋ ଫଟା କପାଳରେ ଅପବାଦ ବ ଥିଲା । ହେଉ, ମୁଁ ଆଉ କାହା ଆଗରେ ନାଲିଶ କରିବି ? ତୁ ତ ମୋର ଜୀବିକା କବାହର ଆଶ୍ରୟ, ନିନ୍ଦା କରିବୁ ପଛକେ କର । ୨ । ତୁ ଏବେ ସେ ( ଶ୍ରୀକୃଷ୍ଣରୂପ ) ନୀଳମଣିକି ଫତୁଆରେ ରଖିଲୁ ପରି କୁଚ ମଧ୍ୟରେ ପୂରାଇ ରଖ ଏବଂ ପଳାଇ ନ ଯିବାପାଇଁ କୁଞ୍ଜ ଦ୍ୱାରରେ ବେତ ଧରିଥିବା ପ୍ରତିହାରୀମାନଙ୍କୁ ସୈନ୍ୟମାନଙ୍କ

* ପାଠାନ୍ତର—ଫୋଃକା ହେଉଛ ଶ୍ରୀଅଙ୍ଗେ ସିଞ୍ଚିଲେ କର୍ପୂରଚନ୍ଦନ ବାରି ।

(୫) ଅକୁଞ୍ଜଂ ଭବନାଦ୍‌ବନାଦପି ତବାପ୍ରୋତ୍ତୁଙ୍ଗ ସୌଧୋଦରଂ,
ଯାତାୟାତ ପଦାନ୍ତପାତଜଫଳଂ ଲବ୍‌ଧଂ ମୟୈତଃ ପରଂ ।
ଅନ୍ୟାପେକ୍ଷିତଶୂନ୍ୟମୀଶ୍ୱର ଯୁବାମନ୍ୟୋନ୍ୟଦୌତ୍ୟେନ ତତ୍,
ସୌଭାଗ୍ୟଂ ସ୍ୱତତଂ ମୁଦାନୁଭବତଂ ନାୟାମି ମାୟାବିନୀ ।
ହାହ ଚନ୍ଦ୍ରକଚୂଡାନନ୍ଦନଚରତେ, ମାମପ୍ରତ୍ୟୟଦୂତ୍ୟବଶିଷ୍ଟାଂ ନ
ନିରାକୃତ୍ୟ ପ୍ରତ୍ୟହଂ ପ୍ରତ୍ୟହପ୍ରତିହନ୍ୟମାନମନୋରଥମଞ୍ଜରୀଫଳଲଭାସି ।

ପର ଜଗାଅ । ଏ ସବୁ ମନେ ମନେ ବିଚାର କର ଏବଂ ମୁଁ ଯେବେ ଆଉ ଧନେ ସେଆଡ଼େ ଯିବ, ତେବେ ତୁ ମୋର ମହତ୍ତ୍ୱ ସାରି ଦେ । ୩ । ଅମ୍ଭେମାନେ ଅପମାନିତ ହୋଇ ଦୂରରେ ଥିଲେହେଁ ତୋତେ କଷ୍ଟେଁ ଅଶ୍ରା କରଥିବୁ, ଅମ୍ଭର ବାଞ୍ଛା ଯେ, ପ୍ରଜାପତି ତୋର ଏ କଷ୍ଟ ଦୂର କରନ୍ତୁ ଅର୍ଥାତ୍ ପ୍ରଜାପତିଙ୍କ ଦୟାରୁ ତୁମ୍ଭ ଦୁହିଙ୍କର ଶୁଭ ମିଳନ ହେଉ ଏବଂ ତୁ ଇଚ୍ଛାନୁରୂପ ରସରେ ମତ୍ତ ହୁଅ । କିନ୍ତୁ ଦେଖ୍, ସେଠାରୁ ଫେରିଆସି ଯେପରି ଅମ୍ଭ ଆଗରେ ଆଖିରୁ ଲୁହ ନ ବୁହାଅ । ୪ । ବର୍ତ୍ତିମାନ ତୋ ଦେହରେ କର୍ପୂର ଓ ଚନ୍ଦନ ମିଶା ଶୀତଳ ଜଳ ସିଞ୍ଚିଲେ ଫୋଟକା ହୋଇ ଯାଉଅଛି, ତୋ ଦେହଲତା ଏପରି ଶୁଖି ଯାଇଛି ଯେ, ଫୁଙ୍କିଦେଲେ ଉଡ଼ିଯିବ; ହେ କିଶୋରି, ଏକଥା ଆଉ ଜଗତରେ ପ୍ରଚରିତ ନ ହେଉ, କିଂବା ତୁ ଜଗତରେ ଅକୃତକାର୍ଯ୍ୟ ହୁଅ ନା । କବିଦେବ ହରିଚନ୍ଦନ ଏ ଗୀତରେ କହିଲେ । ୫ ।

ଟୀକା—ଯଦ୍ୟହଂ ତବାଭିଲାଷପୂର୍ତ୍ତୌ ବ୍ୟାଘାତକାରିଣୀ ତର୍ହି ଦୂରଂ ଗଚ୍ଛାମୀତ୍ୟପେକ୍ଷାୟାମାହ ଅକୁଞ୍ଜମିତିଃ—ହେ ଈଶ୍ୱରି, ତବ ଭବନାତ୍ ଅକୁଞ୍ଜଂ କୁଞ୍ଜପର୍ଯ୍ୟନ୍ତଂ ଅପି ପୁନଃ ବନାତ୍ କୁଞ୍ଜଶୋଭିତବନଭାଗାତ୍ ଇତ୍ୟର୍ଥଃ ଅପ୍ରୋତ୍ତୁଙ୍ଗ ସୌଧୋଦରଂ ତବୋନ୍ନତପ୍ରାସାଦମଧ୍ୟପର୍ଯ୍ୟନ୍ତଂ ଯାତାୟାତପଦାନ୍ତପାତଜଫଳଂ ଗମନେ ଆଗମନେ ଯଃ ପଦାନ୍ତପାତଃ ପଦପ୍ରାନ୍ତପତନଂ ତଜ୍ଜନିତଂ ଫଳଂ ମୟା ଲବ୍‌ଧଂ । ଇତଃ ପରଂ ଯୁବାଂ ଭବନ୍ତୌ ଅନ୍ୟାପେକ୍ଷିତଶୂନ୍ୟଂ ନିରପେକ୍ଷଂ ଯଥା ସ୍ୟାତ୍ ତଥା ଅନ୍ୟୋନ୍ୟଦୌତ୍ୟେନ ପରସ୍ପରଦୂତତ୍ୱାଚରଣେନ ଶରଭିଲଷିତଂ ସ୍ୱତରମନୋରଥବପଦ୍ୟୀଭୂତଂ ବତତଂ ବସ୍ତୁତଂ ତତ୍ ସୌଭାଗ୍ୟଂ ବାଞ୍ଛିତଂ ମୁଦା ସାନନ୍ଦଂ ଅନୁଭବତଂ ମାୟାବିନୀ କପଟିନୀ ଅହଂ ନ ଆୟାମି ନାଗଚ୍ଛାମି ।

ହାହା ଇତି ଖେଦେ, ହେ ଚନ୍ଦ୍ରକଚୂଡ଼ଂ ଶ୍ରୀକୃଷ୍ଣଂ ଆନନ୍ଦୟତୀତି ତାଦୃଶଂ ଚରିତଂ ଆଚରଣଂ ଯସ୍ୟାଃ ତତ୍ ସମ୍ବୁଦ୍ଧୌ ମାଂ ଅପ୍ରତ୍ୟୟଦୂତ୍ୟବଶିଷ୍ଟାଂ ଦୌତ୍ୟକର୍ମଣି ଅବଶ୍ଥାସିନୀଂ ନ ନିରାକୃତ୍ୟ ନ ଦୂରୀକୃତ୍ୟ ତଦା ନ ପ୍ରେଷ୍ୟ ଇତ୍ୟର୍ଥଃ ପ୍ରତ୍ୟହଂ ଅହନ୍ୟହନି ପ୍ରତ୍ୟହେନ ବିଘ୍ନେନ ପ୍ରତିହନ୍ୟମାନଃ ବାଧିତଃ ମନୋରଥ-ମଞ୍ଜର୍ଯ୍ୟାଃ ଅଭିଲାଷପରମ୍ପରାୟାଃ ଫଳଲାଭୋ ଯସ୍ୟାଃ ତଥୋକ୍ତାସି ।

# ଘ

ରାଗ—ସାବେରୀ

ବିଚକ୍ଷଣୀ ରେ, ବିନା ତୋ ପ୍ରୀତି କେ ଗତି ଅଛି ଜଗତୀରେ ।·ପଦ ।
ବୋଲି ଦେଲି ସିନା ଗେଲେ ହସି, ବିଶ୍ୱେ ତୋ ସମ କାହିଁ ବିଶ୍ୱାସୀ
ବାନ୍ଧିବାକୁ ମୋ ମନ ତୁ ପାଶି,
ବିଶେଷରେ ମୋ ହୃଦନ୍ତର ତୋତେ ଜଣା ରେ । ୧ ।
ବିଶ୍ୱମ୍ଭରୀରଜଖେଳକନ୍ତୁଁ, ବହିଃ-ପ୍ରାଣ ପର ପଦ୍ମପାନ୍ତୁ,
ବିଧିବଶୁ ନିସର୍ଗକୁପାନ୍ତୁ,
ବ୍ରଜେ ହେଉଛି ଏହି ଉଦ୍ଭ୍ରମ ବାଜଣା ରେ । ୨ ।
ଥିକେ କିଣେ ଯେ ଯାହାକୁ ସ୍ନେହେ, ବିତ ତାଠାରୁ ଜୀବନ ନୋହେ
ବଳ ତାହାଠାରେ ସିନା ସହେ,
ବହିରଙ୍ଗେ ବୁଲିଛନ୍ତି ଦେଖି ଅଗଣା ରେ । ୩ ।
ବୋଲେ ଅଷ୍ଟଦୁର୍ଗର ମଘବା, ବଲ୍ଲୀନିକଟକୁ ଗୁଲି ଯିବା,
ବଂଶୀଗୀତ ପୀୟୂଷ ପିଇବା,
ବିଭବଶି ନ ପାହୁଁ ଆସିବା ଅଜଣାରେ ।୪।

---

ଅନୁବାଦ—ହେ ଈଶ୍ୱରି, ମୁଁ ତୁମ ଘରୁ କୁଞ୍ଜ ପର୍ଯ୍ୟନ୍ତ ଏବଂ କୁଞ୍ଜ ବନରୁ ତୁମ ଘର ପର୍ଯ୍ୟନ୍ତ ଯିବା ଆସିବା କରିବାରେ ଯେଉଁ ପାଦଶ୍ରମ କରିଥିଲି, ତାହାର ଫଳ ପାଇଲିଣି, ଏହା ପରେ ତୁମ୍ଭେ ଦୁହେଁ ଅନ୍ୟକୁ ଅପେକ୍ଷା କରି ନିଜେ ନିଜର ଦୂତ ହୋଇ ସ୍ୱ ସ୍ୱ ସୌଭାଗ୍ୟସୁଖ ଅନୁଭବ କର, ମୁଁ ମାୟାବିନୀ ଆଉ ଆସିବି ନାହିଁ ।

କି ଦୁଃଖର କଥା ! ହେ ଶ୍ରୀକୃଷ୍ଣପ୍ରମୋଦିନି, ଅବିଶ୍ୱାସିନୀ ମୋତେ ଦୂତୀ କରିବାରୁ ତୁମେ ପ୍ରତିଦିନ ବିଫଳମନୋରଥ ହେଉଅଛ ସିନା ।

ଏହା ଶୁଣି ସଖୀ ଉତ୍ତରରେ କହୁଅଛନ୍ତି—"ବିଚକ୍ଷଣୀ ରେ" ଇତ୍ୟାଦି ।

---

(କ) ବିଚକ୍ଷଣୀ—ହେ ବୁଦ୍ଧିମତି, ଜଗତୀରେ—ସଂସାରରେ, ପାଶି—ଫାଶ, ବିଶ୍ୱମ୍ଭରୀରଜଖେଳାକାନ୍ତୁଁ—ପୃଥିବୀରେ ଧୂଳି ଖେଳିବା ସମୟରୁ ଅର୍ଥାତ୍ ପିଲାଦିନୁଁ, ବହିଃପ୍ରାଣ—ତୋ ନିଜ ଜୀବନ ଯାହା କି ତୋ ଭିତରେ ନ ଥାଇ ବାହାରେ ଅଛି, ବହିରଙ୍ଗେ—ଯେଉଁମାନେ ଅନ୍ତରଙ୍ଗ ନୁହନ୍ତି ବା ଆତ୍ମୀୟ ନୁହନ୍ତି ସେମାନେ, ଅଗଣା—ଅସଂଖ୍ୟ, ବଲ୍ଲୀ—ଲତା, ବିଭବଶି ନ ପାହୁ—ରାତି ନ ପାହୁଣୁ, ମଘବା—ଇନ୍ଦ୍ର, ରାଜା ।

(ବ) କୌତୁକାଲ୍ପୀତମୀଷଦତଥ୍ୟଂ କୌ ତୁ କା ହୃଦି ଦଧାତି ବୟସ୍ୟା,
ବିଷ୍ଟପେ ମମ ଯଥା ତ୍ୱମହେୟୁ, ପିଷ୍ଟପେଷଣଭୟାନ୍ନ ବଦାମି ।

'ରସିକାଂ 'ପ୍ରାଣାଧିକାଂ ତ୍ୱାଂ ବିନାନ୍ୟ ନଗର୍ଯ୍ୟାଂ ମଦୁକ୍ତନୈପୁଣ୍ୟ-ନିଦାନପର୍ଯ୍ୟାଲୋଚନଚତୁରମତିଧୂର୍ଯ୍ୟା କା ବାନ୍ୟାଭୀରକନ୍ୟାସ୍ତୀତି 'ଧୈର୍ଯ୍ୟ-ମବଲମ୍ବ୍ୟ ଯଦୁକ୍ତମନୁଚରିତଂ ତଦ୍ ବସ୍ତୁତ୍ୟାଚଷ୍ଟାବାଂ ଗତ୍ୱା କୁଳଶୈଳୀୟ ସୌବତଜୀବନାନ୍ତର୍ଯାତନାଯତମାନକଠୋରଶିଲସ୍ୟାପି ତସ୍ୟାଖଣ୍ଡଶିଖଣ୍ଡ-ମଣ୍ଡିତଶେଖରସ୍ୟ ଭ୍ରମଣରମଣୀୟତ୍ୱାତ୍ ଭୁବଃ ସୁଷମାମବଲୋକୟିଷ୍ୟାବ ଇତି ବିଡ଼ମ୍ବିତସୂନକଲମ୍ବଜୟୂତିତ୍ରିମାଡ଼ମ୍ବରବିଲମ୍ବିଚରଣମଣ୍ଡନଂ ନିଃସୃତ୍ୟ କଦମ୍ବକୁଞ୍ଜକାନନାନ୍ତର୍ବିଚରତୁଃ ।

---

ହେ ବୁଦ୍ଧିମତି, ତୋ ସ୍ନେହ ଛଡ଼ା ଏ ସଂସାରରେ ମୋର ଆଉ କିଏ ଗତି ଅଛି ? ପଦ । ମୁଁ ସିନା ଗେଲରେ ହସି କହିଦେଲି, ପ୍ରକୃତରେ ଏ ବିଶ୍ୱରେ ତୋ ପରି ବିଶ୍ୱାସୀ କାହିଁ ? ଅର୍ଥାତ୍ କେହି ନାହିଁ । ମୋ ମନକୁ ବାନ୍ଧିବାରେ ତୁ ଫାଶ ପରି ଅଟୁ, ଅର୍ଥାତ୍ ସୁକୌଶଳରେ ମୋ ମନକୁ ତୁ ବାନ୍ଧି ରଖିଅଛୁ, ବିଶେଷତଃ ମୋ ହୃଦୟର ଅଭ୍ୟନ୍ତର କଥା ତୋତେ ଜଣା ଅଛି । ୧ । ପୃଥିବୀ ଉପରେ ଧୂଳିଖେଳ ଖେଳିବା ଦିନରୁ ଅର୍ଥାତ୍ ପିଲାଦିନରୁ ତୁ ମୋତେ ବହିଃ-ପ୍ରାଣ ପରି ପାଳି ଆସୁଅଛୁ ଅର୍ଥାତ୍ ତୋର ନିଜର ଜୀବନ ତୋ ଦେହଭିତରେ ଅଛି, ମୁଁ ତୋର ବାହାରେ ଥିବା ପ୍ରାଣ ସଦୃଶ ଅଟେଁ । ଆଉ ମଧ୍ୟ ବିଧାତାଙ୍କ ଦୟାରୁ ତୁହି ସ୍ୱଭାବତଃ ଦୟାଶୀଳା—ଗୋପନଗରରେ ଏହି ଡିଣ୍ଡିମ (ନାଗରା) ବାଜୁଅଛି ଅର୍ଥାତ୍ ତୁ ଅତି ଦୟାଳୁ ବୋଲି ଗୋପପୁରରେ ସମସ୍ତେ ଜାଣନ୍ତି । ୨ । ଯେ ଯାହାକୁ ସ୍ନେହରେ ବିକେ ଓ କିଣେ ଅର୍ଥାତ୍ ସ୍ନେହାଧୀନ କରି ରଖେ, ତା ଠାରୁ ଜୀବନ ଅଧିକ ନୁହେଁ, ପ୍ରକୃତରେ ସେହି ଲୋକଠାରେ ସିନା ସ୍ନେହ ଥାଏ; ଦେଖ, ଯେଉଁମାନେ ପ୍ରକୃତ ଆତ୍ମୀୟ ନୁହନ୍ତି, ସେପରି ଅସଂଖ୍ୟ ଲୋକ ଭୁଲିଅଛନ୍ତି । ୩ । ହେ ସଖି, ଚାଲ ଲତା ନିକଟକୁ ଯିବା, ବଂଶୀଗୀତରୂପ ଅମୃତକୁ ପିଇବା ଏବଂ ରାତି ନ ପାହୁଣୁ ଲୋକଙ୍କ ଅଜ୍ଞାତସାରରେ ଚାଲି ଆସିବା । ଅଠଗଡ଼ର ରାଜା ଏହା ରଚନା କଲେ । ୪ ।

ଟୀକା—ତ୍ୱଂ ମେ ଦ୍ୱିତୀୟଜୀବନଂ, ତସ୍ମାତ୍ କ୍ଷମସ୍ୱେତ୍ୟାହ କୌତୁକେତି । କୌ ପୃଥିବ୍ୟାଂ ( ଗୋତ୍ରା କୁଃ ପୃଥିବୀ ପୃଥ୍ୱୀ କ୍ଷ୍ମାବନିର୍ମେଦିନୀ ମହୀ ଇତ୍ୟମରଃ ) ତୁ କା ବୟସ୍ୟା ସଖୀ କୌତୁକାତ୍ ପରିହାସାତ୍ ଲପିତଂ କଥିତଂ ଈଷତ୍ କିଞ୍ଚିତ୍ ଅତଥ୍ୟଂ ଅସତ୍ୟଂ ହୃଦି ହୃଦୟେ ଦଧାତି ? ଇହ ନ କାପି ସଖୀ ଈଷଦତଥ୍ୟଂ

କୌତୁକକ୍ଷେପଣଂ ସତ୍ୟବୋଧାରଯୁକ୍ତତ୍ୟର୍ଥଃ । ପିଷ୍ଟପେ ଭୂବ ତ୍ୱଂ ଯଥା ମମ ଅର୍ନ୍ତେସ୍ୟା ଅତ୍ୟାକାଂକ୍ଷାସି ପିଷ୍ଟପେଷଣଭୟାତ୍ ପୁନରୁକ୍ତଭୟାତ୍ ତତ୍ ନ ବଦାମି, ନ କଥୟାମି ।

ରସିକାଂ ପ୍ରାଣାଧିକାଂ ତ୍ୱାଂ ବିନା ଅନ୍ୟା କା ଆଭୀରକନ୍ୟା ଗୋପବାଳା ଅସ୍ମିନ୍ନଗର୍ଯ୍ୟାଂ ଗୋପପୁରେ, ମଦୁକ୍ତେଃ ନୈଷ୍ଠୁର୍ଯ୍ୟଂ ତସ୍ୟ ନିଦାନସ୍ୟ କାରଣସ୍ୟ ପର୍ଯ୍ୟାଲୋଚନାୟାଃ ସମ୍ୟକ୍ ଆଲୋଚନାୟାଃ ଗୃଭୁଯୌ ଧୂର୍ଯ୍ୟା ନିପୁଣା ଅସ୍ତି ? ନାସ୍ତି ଇତ୍ୟର୍ଥଃ, ଇତି ହେତୋଃ ଧୈର୍ଯ୍ୟଂ ଅବଲମ୍ବ୍ୟ ମୟା ଯତ୍ ଅନୁଚିତଂ ଉକ୍ତଂ ତତ୍ ବିସ୍ମୃତ୍ୟ ଆଗଚ୍ଛ, ଆବାଂ ଗତ୍ୱା କୁତ୍ରଚିତ୍ ଲତାନ୍ତରାଲେ ନିଲୀୟ ରହସି ସ୍ଥିତ୍ୱା ଯୌବତସ୍ୟ ଯୁବତିସମୂହସ୍ୟ ଜୀବନାନ୍ତପାତନାୟାଂ ପ୍ରାଣବିନାଶନବେଦନା-ପ୍ରଦାନେ ଯତମାନା ଉଦ୍ୟୁକ୍ତା କଠାଝିଲ୍ଲିଳା ଯସ୍ୟ, ତସ୍ୟ ଅଖଣ୍ଡେନ ଶିଖଣ୍ଡେନ ମୟୂରପୁଚ୍ଛେନ ମଣ୍ଡିତଃ ଶେଖରଃ ଶିରୋଭୂଷଣଂ ଯସ୍ୟ ଏବଂଭୂତସ୍ୟାପି ଶ୍ରୀକୃଷ୍ଣସ୍ୟ ଭ୍ରମଣରମଣୀୟାୟାଃ ଫଗ୍ରୁର୍ମନୋରମାୟାଃ ଭୁବଃ ଭୂଖଣ୍ଡସ୍ୟ ସୁଷମାଂ ଶୋଭାଂ ଅବଲୋକୟିଷ୍ୟାବଃ ଅନ୍ୟୋନ୍ୟଂ ଦର୍ଶୟିଷ୍ୟାବଃ ଇତି ନିଶ୍ଚିତ୍ୟ ତେ ଦ୍ୱେ ବିଡ଼ମ୍ବିତଃ ଅନୁକୃତଃ ସ୍ୱନକଳମ୍ବସ୍ୟ ପୁଷ୍ପଧନ୍ୱନଃ କନ୍ଦର୍ପସ୍ୟ ଯଃ ବିଜୟଡିଣ୍ଡିମଃ ଜୟୁତକ୍କା ତସ୍ୟ ଆଡ଼ମ୍ବରଂ ଅବଲମ୍ବତେ ଇତି କନ୍ଦର୍ପଜୟଡିଣ୍ଡିମାନୁକାରି ଚରଣମଣ୍ଡନଂ ନୂପୁରଂ ନିଃସୃତ୍ୟ ଚରଣାଭ୍ୟାଂ ନିଃସାର୍ଯ୍ୟ ଅଭିସାରିକାତ୍ୱାତ୍, କଦମ୍ବକୁଞ୍ଜକାନନାନ୍ତଃ କଦମ୍ବକୁଞ୍ଜକାନନାଭ୍ୟନ୍ତରଂ ବିବଶାଭୂଃ ପ୍ରବିଷ୍ଟେ ।

ଅନୁବାଦ—ଅୟି ସଖି, ପରିହାସରେ କହିବା ସାମାନ୍ୟ ଅତଥ୍ୟ କଥାକୁ ଏ ପୃଥିବୀରେ କେଉଁ ସଖୀ ହୃଦୟରେ ଧରି ରଖେ ? ସଂସାରରେ ତୁ ମୋର କପଟ ଦୁର୍ଭେଦ୍ୟ ବନ୍ଧୁ, ସମସ୍ତେ ଜାଣନ୍ତି; କଥାରେ କହିଲେ ପିଷ୍ଟପେଷଣ ବା ପୁନରୁକ୍ତ ହେବ ସିନା !

ତୋ ପରି ରସିକା ପ୍ରାଣବନ୍ଧୁ ଛଡ଼ା ଏ ଗୋପପୁରରେ ଏପରି କୌଣସି ନିପୁଣା ଗୋପକନ୍ୟା ଅଛି, ଯେ କି ମୋ କଥାରେ ନିଷ୍ଠୁରତା ଆଲୋଚନା କରି ପାରିବ ? ସଖି, ଟିକିଏ ଧୈର୍ଯ୍ୟ ଧର, ଯେବେ କିଛି ଅନୁଚିତ କଥା କହିଅଛି ତେବେ ତାହା ଭୁଲିଯାଇ ଆ ଯିବା; ଲତା ଆଢୁଆଳରେ ଲୁଚି ରହି ଯେଉଁ ସ୍ଥାନରେ ସେ ଯୁବତୀଜନଙ୍କର ଜୀବନବିନାଶ କରିବାପାଇଁ କଠାଝିଲ୍ଲିଳା ବିସ୍ତାର କରୁଅଛନ୍ତି ଏବଂ ତାଙ୍କର ଭ୍ରମଣ ବିଳାସରେ ଯେଉଁ ସ୍ଥାନ ରମଣୀୟ, ସେହି ଅରଣ୍ୟଖଣ୍ଡର ଶୋଭା ପରସ୍ପରକୁ ଦେଖାଇବା । ଏହା ନିଶ୍ଚୟ କରିବା ପରେ ରାଧା କନ୍ଦର୍ପର ବିଜୟଡିଣ୍ଡିମ ଶବ୍ଦକୁ ଅନୁକରଣ କରୁଥିବା ନୂପୁର ଯୁଗଳକୁ ଚରଣରୁ ବାହାରକରି କଦମ୍ବକୁଞ୍ଜକାନନ ମଧ୍ୟକୁ ଲଳିତାଙ୍କ ସଙ୍ଗେ ପ୍ରବେଶକଲେ ।

ଲଳିତା ଲତା ଆଢୁଆଳରେ ରହି ଶ୍ରୀକୃଷ୍ଣଙ୍କର ଶୋଭା ରାଧିକାଙ୍କୁ ଦେଖାଇ କହୁଅଛନ୍ତି,—"ଭଙ୍ଗୀ ଗୃହାଁ" ଇତ୍ୟାଦି ।

# ଭ

ରାଗ—କେଦାରଗୌଡ଼ା

ଭଙ୍ଗୀ ଗୃହିଁ, ଭ୍ରୂନୀଳଭୁଜଙ୍ଗୀ-ଭ୍ରମର, ଜୀବସଙ୍ଗି । ପଦ ।
ଭାଗ୍ୟ ଏ ଜନଅଙ୍ଗି, ଜନନରହି ସଙ୍ଗି, ଜାଣ ରେ,
ଭରମି ନ ଯା ତୁ ମନ୍ମଥ ବାଣରେ,
ଭୁଜପାଶିକୁ ଛନ୍ଦ ମୋ ଗଳେ, ଭଜେ ପଦକଞ୍ଜ ଖଞ୍ଜି ଧରଣୀ ତଳେ,
ଭ୍ରୂମଣ୍ଡନା ରେ,
ଭଲ ମାନୁଛୁ ଦେଖି    ମୁଖସୁଧାମୟୂଖ,
ଅଳକତଳ ଅଖ—    ଣ୍ଡିତ ରୋଚନାରେଖ,
ତିଳକେ ଦୃଷ୍ଟି ରଖି, ସଖି ରେ, କି ଦିଶେ ଚଳାଚଳ, ଚୂଳଚନ୍ଦ୍ରକଚୂଳ ।୧।
ଭର୍ତ୍ସିତନବରବି, କୁଣ୍ଡଳଯୁଗଛବି, ଗଣ୍ଡରେ,
ଭଙ୍ଗୁର ଏହି ବିବେକମୁଣ୍ଡରେ,
ଭବ୍ୟଦାୟକ ମାଣିକ୍ୟବର,    ଭ୍ରମ ଜାତ କରୁଅଛୁ ମଧୁରାଧର,
ଭ୍ରୂମଣ୍ଡନା ରେ,
ଭୂଷ୍ଣୁଭବତି ସତୀ-    ବ୍ରତ ନିୟମ ଧୃତି
ଶ୍ରୀଅଙ୍ଗସଙ୍ଗ ମତି,    ବିନା ଅନାଅ ଦ୍ୟୁତି
ମଦଦ୍ୱିରଦଗତି, ସଖି ରେ, ଶୋଭାନିଧି ତୋ ଗାନ, ନ ଚୂମ୍ବ ଶ୍ୟାମତନେନ ॥

---

(ଭ) ଭ୍ରୂନୀଳଭୁଜଙ୍ଗୀ—ଭ୍ରୂଲତାରୂପ ନୀଳସର୍ପୀ; ଭ୍ରମର—ଭ୍ରମଣର ବା ଚଳନର; ଜୀବସଙ୍ଗି—ହେ ପ୍ରାଣବନ୍ଧୁ; ଜନନ—ଜନ୍ମ; ଭୁଜପାଶି—ବାହୁରୂପ ଫାଶ; ଭଜେ—ଦୃଢ଼ରୂପେ; ପଦକଞ୍ଜ—ପାଦରୂପ ପଦ୍ମ; ଖଞ୍ଜି—ସ୍ଥାପନ କରି; ସୁଧାମୟୂଖ—ଚନ୍ଦ୍ର; ଅଳକତଳ—ଚୂର୍ଣ୍ଣକୁନ୍ତଳର ନିମ୍ନଦେଶ; ଅଖଣ୍ଡିତ-ରୋଚନାରେଖ—ଆଦୌ ଖଣ୍ଡିଆ ହୋଇ ନ ଥିବା ଗୋରଚନାର ରେଖା ବା ଗାର ଯହିଁରେ ଅଛି, ( ତିଳକର ବିଶେଷଣ ) । ଚଳାଚଳ—ଗତିଶୀଳ; ଚନ୍ଦ୍ରକଚୂଳ—ମୟୂରପୁଚ୍ଛନିର୍ମିତ ମୁକୁଟ; ଭର୍ତ୍ସିତନବରବି—ତିରସ୍କୃତ ବା ପରାଜିତ ହୋଇଅଛି ନବୋଦିତ ସୂର୍ଯ୍ୟ ଯାହାଦ୍ୱାରା, ( କୁଣ୍ଡଳଯୁଗର ବିଶେଷଣ ) । ଭଙ୍ଗୁର—ବକ୍ର; ଭବ୍ୟଦାୟକ—ସୁଖପ୍ରଦ; ଧୃତି—ଧୈର୍ଯ୍ୟ; ଦ୍ୟୁତି—ଶୋଭା; ମଦଦ୍ୱିରଦଗତି—ମତ୍ତଗଜଗମନା; ଭଗଣ—ନକ୍ଷତ୍ରସମୂହ; ଭର୍ଗସମାଧି—ଶିବଙ୍କର ଯୋଗଜନିତ ସ୍ଥିରତା; ଭଲେ—ଅକ୍ଲେଶରେ;

ଭଙ୍ଗୀନୟନରେ ଚାହିଁ, ହେବାର କେଡ଼େ ଶୋଭା, ପ୍ରକାଶେ
ଭଙ୍ଗି କି ହାର ସେ ବକ୍ଷ ଆକାଶେ,
ଭର୍ଗସମାଧି ଭଙ୍ଗ କରିବ, ଭଲେ ଏହା କରକମଳ ବଂଶୀରବ,
ଭ୍ରୂମଣ୍ଡନା ରେ,
ଭୂତଭୂପ-ବିପକ୍ଷ— ପ୍ରକ୍ଷ୍ୱେଡ଼ନରୁ ତିଗ୍ମ,
ଏ କିଶୋର କଟାକ୍ଷ, କନକାଚଳ ବକ୍ଷ,
କେବଳ ଏହା ଲକ୍ଷ୍ୟ, ସଖି ରେ, କହ ବିଚାରି ସତେ, ଯୁବତୀଧୃତି କେତେ ।
ଭପିଲେ ଅଷ୍ଟ ଦୁର୍ଗ-ପିତ କପଟସ୍ୱର୍ଗ, ମଘବା,
ଏ ଶୃଙ୍ଗାର ସୁଧାବରଷୀ ମେଘ ବା,
ଭୃତ୍ୟପଣରେ ହେଲେ ଏହାର, ଭୁଜଭୁଜଗେନ୍ଦ୍ର କରନ୍ତା କଣ୍ଠେ ହାର,
ଭ୍ରୂମଣ୍ଡନା ରେ,
ଭଜଆନ୍ତା ରଜନୀ, ଦିବସେ ପିକଦାନୀ,
ଖଟି ଏ କୃପା ଦେନି, ସାର୍ଥ ହୁଅନ୍ତା ଜନି,
ସତେ ଜଳଜଯୋନି, ସଖି ରେ, କରିବେ ଅନୁଗ୍ରହ, ଏ ମୋହନ ବିଗ୍ରହ ।୪।

---

ଭୂତଭୂପବିପକ୍ଷ—ମହାଦେବଙ୍କ ଶତ୍ରୁ, କନ୍ଦର୍ପ; ପ୍ରକ୍ଷ୍ୱେଡ଼ନ—ଶର; ତିଗ୍ମ—ତୀକ୍ଷ୍ଣ; କନକାଚଳବକ୍ଷ—ସ୍ୱର୍ଣ୍ଣପର୍ବତ ପରି ହୋଇଥିବା କୁଚଯୁକ୍ତ ବକ୍ଷଦେଶ; ଭୁଜଭୁଜଗେନ୍ଦ୍ର—ବାହୁରୂପ ଶ୍ରେଷ୍ଠ ନାଗ; ଦେନି—ପାଇଁ; ଜନି—ଜନ୍ମ; ଜଳଜଯୋନି—ବ୍ରହ୍ମା, ବିଧାତା ।

ଲଳିତା ରାଧିକାଙ୍କୁ ଶ୍ରୀକୃଷ୍ଣଙ୍କ ଶୋଭା ଦେଖାଇ କହୁଅଛନ୍ତି—ହେ ପ୍ରାଣସଙ୍ଗିନି ! ଶ୍ରୀକୃଷ୍ଣଙ୍କର କାଳସର୍ପୀ ସଦୃଶ ହୋଇଥିବା ଭ୍ରୂଲତାର ଚଳନର ଭଙ୍ଗୀକୁ ଚାହାଁ । ପଦ । ଆହା ସଖି, ମନୁଷ୍ୟର ଆଖିର ଜନ୍ମ ହେବାର ଭାଗ୍ୟଟି ଅର୍ଥାତ୍ ଏ ମୂର୍ତ୍ତିକୁ ଦେଖିଲେ ଚକ୍ଷୁର ଜନ୍ମ ସାର୍ଥକ ହୁଏ । ଏ ମୂର୍ତ୍ତିକୁ ଦେଖି ତୁ ଆଉ ମନ୍ମଥବାଣରେ ଭ୍ରାନ୍ତ ବା ବ୍ୟାକୁଳ ହୋଇ ପଡ଼ ନା । ହାତକୁ ଫାଶ ପରି କରି ମୋ ଗଳାରେ ଛନ୍ଦ ପାଦପଦ୍ମକୁ ପୃଥିବୀ ଉପରେ ଦୃଢ଼ରୂପେ ସ୍ଥାପନ କର । 'ହେ ଭ୍ରୂମଣ୍ଡନା, ମୁଖରୂପ ଚନ୍ଦ୍ରଟି କି ସୁନ୍ଦର ଦିଶୁଅଛି ! ଚୂର୍ଣ୍ଣକୁନ୍ତଳ ତଳଦେଶସ୍ଥ ଅଖଣ୍ଡ ଗୋରୋଚନାର ରେଖାଯୁକ୍ତ ତିଳକଆଡ଼କୁ ଆଖି ପକା, ସଖି, ଗତିଶୀଳ ସୁନ୍ଦର ମୟୂରପୁଚ୍ଛନିର୍ମିତ ମୁକୁଟ କି ସୁନ୍ଦର ଦିଶୁଅଛି । ୧ । ଉଜ୍ଜ୍ୱଳତାରେ ନବୋଦିତ ସୂର୍ଯ୍ୟକୁ ବଳି ପଡ଼ିଥିବା କୁଣ୍ଡଳଦ୍ୱୟର ଛବି ଗଣ୍ଡରେ କି ମନୋହର ! ବିବେକ ମସ୍ତକରେ ଏହା ବଜ୍ରଟି, ଅର୍ଥାତ୍ ଏହାକୁ ଦେଖିଲେ ବିବେକ ନଷ୍ଟ ହୋଇଯାଏ । ଆହା, ମନୋହର ଅଧର ସର୍ବସୁଖପ୍ରଦ ଶ୍ରେଷ୍ଠ ମାଣିକ୍ୟର

(୪) କୁଳାଭୀରୀଧୈର୍ଯ୍ୟବ୍ୟୟୀକରଣଧୂର୍ଯ୍ୟସ୍ମିତଲବୋ
ଦଧନ୍ନୀପାଭ୍ୟାସେ ଭୁବନନୟନାସେଚନକତାଂ ।
ହରିଃ ସୋଽୟଂ କାଲାମ୍ବୁଦନଭତମାଲାଗମରୁଚିଃ,
କୃତସ୍ଥୈର୍ଯ୍ୟନ୍ୟାସଂ ଗତନିମିଷୟା ସଂପିବ ଦୃଶା ॥

ଇତି ବାଙ୍କଯ୍ୟଂ ରାଧାଙ୍ଗସୌରଭଲବ୍ଧାବଧାନଙ୍ଗମଙ୍ଗଲସଙ୍ଗୀତ ମଧୁକରନିକରବିରାଜିତାୟତବଲ ସପୂର୍ଣ୍ଣନିକୁଞ୍ଜପୁଞ୍ଜ ଅସ୍ମାନଂ ହରେରର୍ଦ୍ଧ ଚନ-ଗୋଚରୀକୃତ୍ୟ କୁସୁମନିରପ୍ରାବଚୟସମୁଦ୍ୟମାଭିନୟେନ ତତୋ ନିତକାନ୍ତରଂ ପ୍ରତି ଚଳିତାୟାଂ ଲଳିତାୟାଂ—

---

ଭ୍ରମ ଜାତ କରୁଅଛି, ଅର୍ଥାତ୍ ଅଧରକୁ ଦେଖିଲେ ସୁଖଦାୟୀ ମାଣିକ୍ୟ ପରି ବୋଧ ହେଉଅଛି । ସଖି, ଏହାଙ୍କୁ ଦେଖିଲେ ସତୀ ସ୍ତ୍ରୀର ମଧ୍ୟ ବ୍ରତ, ନିୟମ ଓ ଧୈର୍ଯ୍ୟ ଏକାବେଳକେ ନଷ୍ଟ ହୋଇଯିବ । ହେ ମତ୍ତଗଜଗାମିନି, ତାଙ୍କର ଶ୍ରୀଅଙ୍ଗସଙ୍ଗ ଲାଭ କରିବାକୁ ମନ ନ ବଳାଇ ତାଙ୍କ ଶରୀରକାନ୍ତିକୁ ମାତ୍ର ଚାହାଁ; ହେ ଶୋଭନାଧି, ଶ୍ୟାମଙ୍କ ନେତ୍ର ତୋ ଗାତ୍ରକୁ ନ ଚୁମ୍ବୁ ଅର୍ଥାତ୍ ତାଙ୍କ ଆଖି ତୋ ଉପରେ ନ ପଡ଼ୁ । ୨ । ଏ ତ୍ରିଭଙ୍ଗୀଠାଣିରେ ଠିଆ ହୋଇଥିବାରୁ କି ବିଚିତ୍ର ଶୋଭା ପ୍ରକାଶ ପାଉଅଛି । ଏହାଙ୍କ ବକ୍ଷରୂପ ଆକାଶରେ ହାରଗୁଡ଼ିକ ନକ୍ଷତ୍ର-ସମୂହ କି ? ଏହାଙ୍କ କରକମଳରେ ଶୋଭା ପାଉଥିବା ବଂଶୀର ଶବ୍ଦ ଅକ୍ଳେଶରେ ମହାଦେବଙ୍କର ଧ୍ୟାନନିରତ ଚିତ୍ତସ୍ଥୈର୍ଯ୍ୟକୁ ମଧ୍ୟ ନଷ୍ଟ କରିଦେବ ଅର୍ଥାତ୍ ଏହାଙ୍କ ବଂଶୀର ରବ ଶୁଣିଲେ ମହାଦେବଙ୍କର ମଧ୍ୟ ଯୋଗ ଭାଙ୍ଗିଯିବ । ହେ ଭ୍ରୂମଣ୍ଡନା, କନ୍ଦର୍ପର ଶରରୁ ଏ କିଶୋରଙ୍କର କଟାକ୍ଷ ବା ବାଙ୍କଚାହାଣି ତୀକ୍ଷ୍ଣତର ଅଟେ । ହେ ସଖି, ବିଚାର କରି ପ୍ରକୃତରେ କହ ତ, ଏହା ଆଗରେ ଯୁବତୀର ଧୈର୍ଯ୍ୟ କେତେ ମାତ୍ର ଅବା ? ଅର୍ଥାତ୍ ଏହାଙ୍କୁ ଦେଖିଲେ କୌଣସି ଯୁବତୀ ଧୈର୍ଯ୍ୟଧରି ରହି ପାରିବ ନାହିଁ । ୩ । ଅଷ୍ଟାଦୁର୍ଗବେଷ୍ଟିତ କପଟସ୍ୱର୍ଗରାଜ୍ୟ ପରି, ତହିଁର ମଘବା ( ଇନ୍ଦ୍ରସ୍ଥାନୀୟ ରାଜା ) କହନ୍ତି, ଏ ( ଶ୍ରୀକୃଷ୍ଣ ) ଶୃଙ୍ଗାରରୂପ ଅମୃତକୁ ବର୍ଷା କରୁଥିବା ମେଘ କି ? ଯେବେ କୌଣସି ଯୁବତୀ ଭୃତ୍ୟପଣରେ ସୁଦ୍ଧା ଏହାର ଭୁଜରୂପ ଅନନ୍ତକୁ ( ଶ୍ରେଷ୍ଠନାଗକୁ ) କଣ୍ଠରେ ହାର କରନ୍ତା ଓ ଦିନ ରାତି ପିକଦାନୀ ଧରି ଖଟି ଭଜିଥାଆନ୍ତା, ତେବେ ସେ ଏ କୃପା ଦେଇ ଆପଣା ଜନ୍ମକୁ ସାର୍ଥକ କରନ୍ତା, ସତେ ବିଧାତା ଏ ମୋହନବିଗ୍ରହକୁ ଅନୁଗ୍ରହ କରିବେ ଅର୍ଥାତ୍ ଦୟାକରି ପ୍ରାପ୍ତ କରାଇବେ ।

ଟୀକା—କୁଳାଭୀରୀଣାଂ କୁଳୀନନାଂ ଗୋପବାଲାନାଂ ଧୈର୍ଯ୍ୟବ୍ୟୟୀ-କରଣେ ଧୃତିବିନାଶକରଣେ ଧୂର୍ଯ୍ୟ ଦକ୍ଷଃ ସ୍ମିତଲବଃ ଈଷଦ୍ଧାସକଣଃ ଯସ୍ୟ

# ମ

ରାଗ—କାମୋଦୀ ବା ମଲ୍ଲୁଆ

ମଧୁରେ, ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରଇ କଦମ୍ବ ନିକୁଞ୍ଜସୀମାରେ,
ମରନ୍ଦ ସେକେ ଚମକ୍ତ ଲୋକେ ଭ୍ରମିଲେ ଇଷି ମାରେ,
ମିଳିନ୍ଦ ଲତା'ଦମ୍ଭବନିତା ବଦନେ ମିଶି ମାରେ,
ମଣ୍ଡିତ'ହେଲା ସେ ବନସ୍ଥଳୀ, ମହାରଜତ ମହେନ୍ଦ୍ର ନୀଳ-
ମୟୂଖ ଶିଖିମୟ ମଞ୍ଜରୀ ବସର ସୁଷମାରେ । ପଦ ।
ମିଶିଲା ଗୌର ଲୋଚନ ବାରି- ରୁହ ମଦନୁ ଲଭିଲା ଗୌର
ମିଳିଲା ଶ୍ୟାମ ଗଉର ଦୁଇ ମହ,
ମଧୁପ ଯୁବା ଲଭିଲା ଅବା ନବ ସରସୀରୁହ,
ମାନସ ଅଙ୍ଗଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ,
ମଉଳିଗଲା ଶେଷ ସାତ୍ତ୍ୱିକ ମୃଡ଼ନୟନସଂଖ୍ୟକଭାବ
ମଣ୍ଡାଇ ଦେଲା ଦ୍ୱନ୍ଦ୍ୱଙ୍କ ମନ ମହାମୋଦପ୍ରବାହ । ୧ ।

---

ତଥାଭୂତଃ, ଭୁବନନୟନସ୍ୟ ଜଗଜ୍ଜନନେତ୍ରସ୍ୟ ଅସେଚନକତାଂ ତୃପ୍ତିସାଧନତାଂ ଦଧତ୍ ଧାରୟନ୍ କାଳାମ୍ବୁଦନିଭଃ କୃଷ୍ଣମେଘସଦୃଶଃ ତମାଳାଗମରୁଚିଃ ତମାଳାଗମସ୍ୟ ତମାଳତରୋଃ ରୁଚଃ କାନ୍ତିରିବ ରୁଚିର୍ଯସ୍ୟ ଚ ଅୟଂ ହରିଃ ନୀପାଭ୍ୟାସେ କେଳିକଦମ୍ବସମୀପେ ବର୍ତ୍ତିତ ଇତି ଶେଷଃ । ହେ ସଖି, କୁତଃ ସମ୍ପାଦିତଃ ଧୈର୍ଯ୍ୟସ୍ୟ ଧୀରତାୟାଃ ନ୍ୟାସଃ ଅବଲମ୍ବନଂ ଯସ୍ମିନ୍ କର୍ମଣି ତତ୍ ଯଥା ତଥା ହୃତଧୃତ୍ୟା ସହୃତସ୍ଥିତ୍ୟର୍ଥଃ ଗତନିମେଷୟା ନିର୍ନିମେଷୟା ଦୃଶା ଚକ୍ଷୁଷା ଅପିବ ଆଲୋକୟ ଇତ୍ୟର୍ଥଃ ।

ଲଳିତା ରାଧିକା ଇତି ବାଞ୍ଛାପଦ୍ୟ ରାଧାୟାଃ ଅଙ୍ଗସୌରଭସ୍ୟ ଲବ୍ଧ୍ୟା ପ୍ରାପ୍ତ୍ୟା ଆରବ୍ଧଂ ଅନଙ୍ଗମଙ୍ଗଳସଙ୍ଗୀତଂ କାମୋଦ୍ଦୀପନଜୟଗୀତଃ ଯେନ, ତଥାଭୂତଃ ମଧୁକର୍ଷଣାଂ ଭ୍ରମରାଣାଂ ନିକରଃ ସମୂହ ତସ୍ୟ ବ୍ୟାଜାଦ୍ୟୁବଲାସପୂର୍ଣ୍ଣେ 'ଉନ୍ମତ୍ତ-ଭ୍ରାନ୍ତ୍ 'ବିବିଧକ୍ରୀଡ଼ାପୂର୍ଣ୍ଣେ ନିକୁଞ୍ଜପୁଞ୍ଜେ ଅସ୍ମାନଂ ହରେଃ ଶ୍ରୀକୃଷ୍ଣସ୍ୟ ଲୋଚନ-ଗୋଚରୀକୃତ୍ୟ ଅସ୍ମାନଂ ଶ୍ରୀକୃଷ୍ଣଂ ଦର୍ଶୟିତ୍ୱା, କୁସୁମନିଚୟସ୍ୟ 'ପୁଷ୍ପସମୂହସ୍ୟ ଅବଚୟଃ ଚୟନଂ ତସ୍ୟ ସମୁଦ୍ୟମାଭିନୟେନ ପୁଷ୍ପଚୟନବ୍ୟାଜେନ ଇତ୍ୟର୍ଥ ତତଃ ଲତିକାନ୍ତରଂ ଅନ୍ୟାଂ ଲତାଂ ପ୍ରତି ଲଳିତାୟାଂ ସତ୍ୟାଂ—

ଅନୁବାଦ—ଯେ ମନ୍ଦହାସରେ ଗୋପକୁଳବାଳାମାନଙ୍କର ଧୈର୍ଯ୍ୟ ଲୋପ କରି ପାରନ୍ତି, 'ସେହି ଘନନୀଳକାନ୍ତି ତମାଳଶ୍ୟାମ ଶ୍ରୀହରି କେଳିକଦମ୍ବ ମୂଳରେ ବିଶ୍ର-

ମଦଦ୍ୱିରଦ-ମଥିତହ୍ରଦ, ମୂର୍ଚ୍ଛିତ ମହୋତ୍ପଳ ଆମୋଦ,
ଫୁଲ୍ଲପରାଗ ଶ୍ରୀଅଙ୍ଗରାଗ ବାସ,
ମୃଗଲାଞ୍ଛନ ମରୀଚି ଚୂର୍ଣ୍ଣ ଧାବଲ୍ୟ ପରକାଶ;
ମଧୁମାଦକ ଗୁଣସୂଚକ କୋକିଳ କଳଘୋଷ,
ମଣିମଣ୍ଡିତ କିଙ୍କିଣୀଯୁତ ମଞ୍ଜୁ ମଞ୍ଜୀର ଭୂଷାଶିଞ୍ଜିତ
ରସନା ରଣତ୍କାର ଶ୍ରବଣ କଲା ବିବେକ ମୋଷ । ୨ ।
ମଧୁ ମଧୁର ବଧୂ ଅଧର କିଶୋରବର ରଦନାମ୍ବର,
ବିମ୍ବ ଚୁମ୍ବନ୍ ଚୁଁ କୃତ ସ୍ୱନମେଳା,
ମୃଦୁ ମନ୍ଥନ ଧ୍ୱନି ଜନନ କଲାଟି କ୍ରୋଡ଼ଖେଳା,
ମହେନ୍ଦ୍ର, ମଣି, ବଳୟ ଶ୍ରେଣୀ ରହିଲା ହୋଇ ଲୋଲା;
ମନୋଜ୍ଞ ରୁନ୍ଦୁଣୀଯୂଷମୟ, ମିଶ୍ରିତ ହେତୁ ହେଉ ସମସ୍ତ
ମାର ମହତ୍ତ୍ୱ ଗଲା କି ନାହିଁ ହେଲା ଫଣପ୍ରଦୋଲା । ୩ ।
ମନ୍ଦାର ବନ ସେ ବନ ରସା—ଚକ୍ରେ ରଚିଲା ସୁନ ବରଷା,
ରସିଲେ ସର୍ବ ଗନ୍ଧର୍ବମାନେ ଗାନେ;
ମତ୍ତ ତାଣ୍ଡବ ରଚିଲେ ଦେବଦାସୀଏ ସାବଧାନେ,
ମର୍ଦ୍ଦଳ ଘୋଷ ହେଲା ତ୍ରିଦଶ ମଣ୍ଡଳେ ସବୁସ୍ଥାନେ,
ମୂକତ ପ୍ରାପ୍ତ ହେଲା ତ୍ରିଲୋକ—ମାନସୁ ମ୍ଳାନ କଲେ ପାତକ,
ଶ୍ରୀ ଜଗଦ୍ଦେବ ହରିଚନ୍ଦନ ସେ ମହୋତ୍ସବ ଧ୍ୟାନେ । ୪ ।

---

ଜନନୟନମୋହନ ରୂପ ଧାରଣ କରି ଅବସ୍ଥାନ କରୁଅଛନ୍ତି । ହେ ସଖି, ଦୃଢ଼ରୂପେ ଧୈର୍ଯ୍ୟ ଧାରଣ କରି ନିମେଷଶୂନ୍ୟ ଦୃଷ୍ଟିରେ ସେହି ରୂପକୁ ପାନ କର ।

ଲଳିତା ଏହା କହି ପୁଷ୍ପଚୟନ ବ୍ୟାଜରେ ଶ୍ରୀକୃଷ୍ଣଙ୍କୁ ଦେଖାଇଦେଇ ଅନ୍ୟ ଲତା ଆଡ଼କୁ ଚାଲିଗଲେ । ରାଧା ଯେଉଁ କୁଞ୍ଜରେ ଥିଲେ, ସେହି କୁଞ୍ଜରେ ତାଙ୍କର ଅଙ୍ଗସୌରଭରେ ଆକୃଷ୍ଟ ହୋଇ ଭ୍ରମରମାନେ ବିବିଧ ବିଳାସପୂର୍ଣ୍ଣ କାମୋଦ୍ଦୀପକ ମଙ୍ଗଳ ସଙ୍ଗୀତ ଆରମ୍ଭ କରିଦେଲେ । ଏହି ସମୟରେ "ମଧୁରେ ମନ୍ଦ ମନ୍ଦ ହୋଇ ଗନ୍ଧବହ ପ୍ରସରିଲା"—ଇତ୍ୟାଦି ।

---

(୨) ମଧୁରେ—ବସନ୍ତରେ, ଗନ୍ଧବହ—ମଳୟପବନ, ମରନ୍ଦ-ସେକେ—ମକରନ୍ଦ ବା ପୁଷ୍ପମଧୁ ପଡ଼ିବାରୁ, ମାରେ—ମାର ଅର୍ଥାତ୍ କାମର

ଉଦ୍ଦୀପନାରୁ, ମିଳନ୍ଦ—ଭ୍ରମର, ଲତାଦମ୍ବବନିତା—ଲତାମାନେ ବ୍ୟାଜ ବନିତାସ୍ଥାନୀୟ, ଲତାରୂପିଣୀ ସ୍ତ୍ରୀମାନେ; ମହାରଜତ—ସୁବର୍ଣ୍ଣ, ମହେନ୍ଦ୍ରନୀଳ—ଇନ୍ଦ୍ରନୀଳମଣି, ମୟୂଖଶ୍ରୀମୟ—କିରଣଶୋଭାପୂର୍ଣ୍ଣ, ମଞ୍ଜରୀ—କଢ଼ି, ବିସର—ବିସ୍ତାର, ସଞ୍ଚାର; ସୁଷମା—ପରମ ଶୋଭା, ଲୋଚନବାରିରୁହ—ଚକ୍ଷୁ ରୂପ ପଦ୍ମ; ମଦନ୍ତୁ—କାମୋଦ୍ଦୀପନା ହେତୁରୁ । ଲଗୃଦ—(ଗ୍ରାମ୍ୟ ଶବ୍ଦ) ପରସ୍ପର ମିଶ୍ରଣ ବା ଏକୀଭାବ । ମହ—ତେଜ, ସରସୀରୁହ—ପଦ୍ମ, ସାତ୍ତ୍ୱିକ—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, କମ୍ପନ, ବିବର୍ଣ୍ଣତା, ଅଶ୍ରୁ ଓ ମୂର୍ଚ୍ଛା ଏହି ଆଠ ପ୍ରକାର ବିକାର । ମୃଡ଼—ମହାଦେବ, ମୃଡ଼ନୟନ ସଂଖ୍ୟକ ଯାକ—ତିନିଗୋଟି, ମଦ-ଦ୍ୱିରଦମଥିତ—ମତ୍ତହସ୍ତୀ ଦ୍ୱାରା ଘଣ୍ଟା ହୋଇଥିବା, ମୂର୍ଚ୍ଛିତ—ବର୍ଦ୍ଧିତ, ବିସ୍ତାରିତ; ଫୁଲ୍ଲ—ଫୁଟିଲା, ଶ୍ରୀଅଙ୍ଗରାଗବାସ—ଶ୍ରୀଅଙ୍ଗସୌରଭ, ମୃଗଲକ୍ଷ୍ମନମରୀଚି—ଚନ୍ଦ୍ରଙ୍କର କିରଣ, ଚୁର୍ଣ୍ଣଧାବଲ୍ୟ—ଚୂନ ପରି ଧବଳତା, ମଞ୍ଜୀର—ନୂପୁର, ଶିଞ୍ଜିତ—ରୁଣୁ ରୁଣୁ ଧ୍ୱନି, ( ଅଲଙ୍କାର ଶବ୍ଦ) । ରସନା—ଅଣ୍ଟାସୂତା ବା ଚନ୍ଦ୍ରହାର, ମୋଷ—ଚୋରି, ଲୋପ; ରଦନାମ୍ବର—ଓଷ୍ଠ, ଚୁଁକୃତ—ଚୁଁ ଚୁଁ ଶବ୍ଦ, ମନ୍ମନଧ୍ୱନି—ମନୋହର ଅସ୍ପଷ୍ଟ ଗଦ୍‌ଗଦ ଶବ୍ଦ ବା ଅବ୍ୟକ୍ତ ମଧୁର ଧ୍ୱନି, ମନ୍ଦାରବନ—ନନ୍ଦନ କାନନ, ରସାତଳେ—ଭୂମଣ୍ଡଳରେ, ସୁନବର୍ଷା—ପୁଷ୍ପବୃଷ୍ଟି, ମାତି—ପ୍ରମୋନ୍ମତ୍ତ ହୋଇ, ଦେବଦାସୀଏ—ଅପ୍‌ସରାମାନେ, ମର୍ଦ୍ଦଲଘୋଷ—ମୃଦଙ୍ଗ ଶବ୍ଦ; ତ୍ରିଦଶମଣ୍ଡଳେ—ସ୍ୱର୍ଗରାଜ୍ୟରେ ।

(ପ୍ରକୃତିରୂପିଣୀ ରାଧାଙ୍କ ସଙ୍ଗେ ପୁରୁଷରୂପୀ ଶ୍ରୀକୃଷ୍ଣଙ୍କର ମିଳନାରମ୍ଭରେ ଅକସ୍ମାତ୍ ବସନ୍ତ ଋତୁର ଆବିର୍ଭାବ ହେବାରୁ କବି ବର୍ଣ୍ଣନା କରୁଅଛନ୍ତି) । ପ୍ରଥମେ କଦମ୍ବନିକୁଞ୍ଜର ପ୍ରାନ୍ତଭାଗରେ ବସନ୍ତକାଳୀନ ମଳୟାନିଳ ଧୀରେ ଧୀରେ ପ୍ରବାହିତ ହେଲା । ପୁଷ୍ପମାନଙ୍କରୁ ମକରନ୍ଦ ବହିବାରୁ ଲୋକମାନେ ଚମକି ପଡ଼ି କାମୋଦ୍ଦୀପନା ହେତୁରୁ 'ଇସି ଇସି' ଶବ୍ଦ କଲେ । ଭ୍ରମରମାନେ ଲତାରୂପିଣୀ ସ୍ତ୍ରୀମାନଙ୍କ ମୁଖରେ ମିଶି ଅର୍ଥାତ୍ ଦଳ ଦଳ ହୋଇ ମାଇଲେ ( ଆକ୍ରମଣ କଲେ ) ବା ଗୁଣୁ ଗୁଣୁ ଶବ୍ଦ କରି ଦଳ ଦଳ ହୋଇ ଲତା ଉପରେ ବସିଲେ, ସେ ବନ ପ୍ରଦେଶ ରାଧିକାଙ୍କର ସ୍ୱର୍ଣ୍ଣବର୍ଣ୍ଣ ତେଜ ଓ ଶ୍ରୀକୃଷ୍ଣଙ୍କର ଇନ୍ଦ୍ରନୀଳମଣି ସଦୃଶ ନୀଳବର୍ଣ୍ଣ କିରଣକଳାର ସଞ୍ଚାର ଶୋଭାରେ ଭୂଷିତ ହେଲା । ପଦ । ଚାରି ଲୋଚନରୂପ ପଦ୍ମ ମିଳିତ ହେଲା, ଅର୍ଥାତ୍ କୃଷ୍ଣ ଓ ରାଧାଙ୍କର ଚାରିଚକ୍ଷୁ ମିଳିଗଲା ବା ଦୁହେଁ ଦୁହିଙ୍କୁ ଦେଖିଲେ, କାମୋଦ୍ଦୀପନା ହେତୁରୁ ଶ୍ୟାମଳ ତେଜ ( କୃଷ୍ଣଙ୍କର ) ଓ ଗୌରତେଜ ( ରାଧାଙ୍କର ) ଲଗୃଦ ଲଭି ଅର୍ଥାତ୍ ପରସ୍ପର ଏକୀଭୂତ ହୋଇ ମିଶିଗଲା । ତରୁଣ ଭ୍ରମର ନୂତନ ପଦ୍ମ ପାଇଲା କି ? ସ୍ନେହ (ପ୍ରେମ) ମାନସଭେଦ ଓ ଅଙ୍ଗଭେଦ ପ୍ରସଙ୍ଗର ଭଙ୍ଗକୁ ରଚିଲା ( ଘଟାଇଲା ), ଅର୍ଥାତ୍ ସ୍ନେହାଧିକ୍ୟ ହେତୁରୁ ମାନସିକ ପ୍ରସଙ୍ଗ ଓ ଶାରୀରିକ ପ୍ରସଙ୍ଗର ପ୍ରଭେଦ

(୩) ପ୍ରାପଞ୍ଚିକାନ୍ଧତମସାନ୍ଧୁପିଚଣ୍ଡପାତାତ୍
ପ୍ରାପ୍ତୂଃ ସମାକୁଳବିବେକଦୃଶାଂ ଜନାନାଂ ।
ଶୃମୀକରପ୍ରକରପୀତମୟୂଖଲେଖା,
ନୀଲୋତ୍ପଲାଂଶୁମୟମସ୍ତୁ ବନାୟୁ ତେଜଃ ।

ଶିଶୂପଭୁକ୍ତଧିପ୍ରାଂ ମାଳାମିବ ଶାଣୋଲ୍ଲୀଢ଼ାଂ ମଣିମିବ, ତମସାଗ୍ରସ୍ତ ଗଳିତାଂ ଚନ୍ଦ୍ରିକାମିବ; ଗଜେନ୍ଦ୍ରଦଳିତୋଜ୍‌ଝିତାଂ ସରୋଜିନୀମିବ, ମୃଗେନ୍ଦ୍ର ଗୃହୀତମୁକ୍ତାଂ ମୃଗୀମିବାନଙ୍ଗସଙ୍ଗରରଙ୍ଗମଙ୍ଗଳମହୋତ୍ସବାତଯ୍ୟୋତ୍ପୃସ୍ତାଂ ଭୂପୃଷ୍ଠାମଙ୍କମାରୋପ୍ୟ କୃଷ୍ଣଃ ।

---

ଭାଙ୍ଗିଗଲା ଅର୍ଥାତ୍ ଦୁହିଙ୍କର ଦେହ ଓ ମନ ଏକ ହୋଇଗଲା । ବିବର୍ଣ୍ଣତା, ଅଶ୍ରୁ ଓ ମୂର୍ଚ୍ଛା ଏହି ଶେଷ ତିନି ଗୋଟି ସାତ୍ତ୍ୱିକବିକାର ମଳିନ ହୋଇଗଲା, ଅର୍ଥାତ୍ ଦେଖାଗଲା ନାହିଁ । କେବଳ ପ୍ରଥମ ପାଞ୍ଚଗୋଟି ଅର୍ଥାତ୍ ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ ଓ ବେପଥୁ ( କମ୍ପନ ) ରହିଗଲା, ମହା-ଆନନ୍ଦ-ନଦୀ ଦୁହିଙ୍କ ମନକୁ ମଜ୍ଜାଇ ଦେଲା ଅର୍ଥାତ୍ ସାନ୍ଦ୍ର ପ୍ରେମରସରେ ପ୍ଳାବିତ ବା ଅଭିଭୂତ କରିଦେଲା ॥ ମତ୍ତହସ୍ତୀଦ୍ୱାରା ଘଣ୍ଟା ଚକଟା ହୋଇଥିବା ହ୍ରଦର ପଦ୍ମମାନଙ୍କର ସୁବାସ ପ୍ରସ୍ଫୁଟିତ ପଦ୍ମରେଣୁ ସଙ୍ଗେ ମିଶି ଯେପରି ଚତୁର୍ଦ୍ଦିଗରେ ବିସ୍ତୃତ ହୋଇପାଏ ସେହିପରି ପରସ୍ପର ଅନୁରାଗବର୍ଦ୍ଧକ ସେମାନଙ୍କ ଶ୍ରୀଅଙ୍ଗସୌରଭ ଚତୁର୍ଦ୍ଦିଗରେ ଚହଟି ଗଲା; ଚୂନ ପରି ଶୁକ୍ଳ ବର୍ଣ୍ଣ ଚନ୍ଦ୍ରକିରଣ ପ୍ରକାଶିତ ହେଲା; ବସନ୍ତର ଉନ୍ମାଦନା-ଗୁଣପ୍ରକାଶକ କୋକିଳର କୁହୁ କୁହୁ ଶବ୍ଦ ଶୁଣାଗଲା । ମଣିଭୂଷିତ କିଙ୍କିଣୀର ନାଦ ସଙ୍ଗେ ମନୋହର ନୂପୁରଧ୍ୱନି ଓ କଟିମେଖଳାର ରଣରଣ ଶବ୍ଦ ବିବେକକୁ ଚୋରି କରି ନେଲା ବା ଲୋପ କରିଦେଲା । ୨ । ମଧୁ ପରି ସୁମିଷ୍ଟ ବଧୂ ରାଧାଙ୍କର ଅଧର ଓ କିଶୋରବର ଶ୍ରୀକୃଷ୍ଣଙ୍କର ଅଧରବିମ୍ବର ଚୁମ୍ବନଜନିତ ଚୁତ୍କାର ଶବ୍ଦର ଏକତ୍ର ମିଳନ ହେଲା, କୋଡ଼ରେ କ୍ରୀଡ଼ା ଆରମ୍ଭ ହେବାରୁ ଇନ୍ଦ୍ରନୀଳମଣି ନିର୍ମିତ ବଳୟମାନେ ଇତସ୍ତତଃ ଚାଳିତ ହେଲେ, ତେଣୁ ସେହି ସବୁ ବଳୟ-ଶ୍ରେଣୀରୁ ମନ୍ଦନ ଧ୍ୱନି ଅର୍ଥାତ୍ ଅବ୍ୟକ୍ତ ମଧୁର ଧ୍ୱନି ଜାତ ହେଲା, ପରସ୍ପରଙ୍କର ଅମୃତ ତୁଲ୍ୟ ମନୋହର ଗୁଡ଼ୁବାକ୍ୟ ଯଥାକାଳରେ ମିଶ୍ରିତ ହେଉ ହେଉ ( ଆଦାନପ୍ରଦାନ କରା ଯାଉ ଯାଉ ) କନ୍ଦର୍ପର ମହତ୍ତ୍ୱ ଗଲା କି ନାହିଁ ଏହା ସଂଶୟ ଦୋଳା ଜାତ ହେଲା, ଅର୍ଥାତ୍ ରାଧାକୃଷ୍ଣ ପରସ୍ପର ପ୍ରତି ଅମୃତମୟ ଗୁଡ଼ୁବାକ୍ୟ ପ୍ରୟୋଗ କଲାବେଳେ କାମର ମହତ୍ତ୍ୱ ଲୋପ ହେଲା କି ଅକ୍ଷୁଣ୍ଣ ରହିଲା ଏହି ସନ୍ଦେହ ଭକ୍ତଙ୍କ ମନରେ ଜାତ ହେଲା, ( ସେ ମିଳନରେ କାମବିକାରର ଗନ୍ଧ ସୁଦ୍ଧା ନ ଥିଲା, ପ୍ରକୃତ ଆଧାତ୍ମିକ ଓ ପବିତ୍ର ପ୍ରେମହିଁ ଏଠାରେ ବର୍ଣ୍ଣିତ ହୋଇଅଛି ) । ୩ । ସେହି ବନପୂର୍ଣ୍ଣ ଭୂଖଣ୍ଡରେ ସ୍ୱର୍ଗର ନନ୍ଦନକାନନରୁ ପୁଷ୍ପବୃଷ୍ଟି

ହେଲା; ସ୍ୱର୍ଗରେ ଗନ୍ଧର୍ବମାନେ ଗାନରେ ରତ ହେଲେ, ଦେବଦାସୀମାନେ ପ୍ରେମୋନ୍ମତ୍ତ ହୋଇ ଅତି ସାବଧାନତା ସହ ନୃତ୍ୟ କଲେ ଏବଂ ସେଠାରେ ସର୍ବଦା ମୃଦଙ୍ଗଧ୍ୱନି ହେଲା; ଏହି ପ୍ରକୃତିପୁରୁଷଙ୍କ ମିଳନରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏହି ତିନି ଲୋକର ଅଧିବାସୀମାନଙ୍କର ମନ ପାପମୁକ୍ତ ହେଲା ପରି ଜଣାଗଲା । ଜଗଦ୍ଦେବ ହରିଚନ୍ଦନ ସେ ମହୋତ୍ସବର ଧ୍ୟାନରେ ମନରୁ ପାପମାନଙ୍କୁ କ୍ଷୟ କଲେ । ୪ ।

ଟୀକା—ଚାମୀକରପ୍ରକରସ୍ୟ ସ୍ୱର୍ଣ୍ଣସମୂହସ୍ୟ ଯା ପୀତମୟୂଖଲେଖା ଗୌର ତେଜୋମଞ୍ଜରୀ ଶ୍ରୀରାଧାରୂପା ଇତ୍ୟର୍ଥଃ, ପୁନଃ ନୀଳୋତ୍ପଳାଂଶୁମୟଂ ଇନ୍ଦ୍ରନୀଳମୟୂଖମୟଂ ଶ୍ରୀକୃଷ୍ଣରୂପଂ ଇତ୍ୟର୍ଥଃ, ତେଜଃ ମହଃ, ପ୍ରାୟଃ ବାହୁଲ୍ୟେନ ସମାକୁଳା ସଂବୃତା ବିବେକ ଏବ ଦୃକ୍ ଚକ୍ଷୁଃ ଯେଷାଂ ତେଷାଂ ଜନାନାଂ ପ୍ରାପଞ୍ଚିକଂ ସାଂସାରିକଂ ଅନ୍ଧତମସଂ ଗାଢ଼ଧ୍ୱାନ୍ତଂ ଯସ୍ମିନ୍ ତଥୋକ୍ତସ୍ୟ ଅନ୍ଧୋଃ କୂପସ୍ୟ ସଂସାରକୂପସ୍ୟ ଇତ୍ୟର୍ଥଃ ପିଚଣ୍ଡେ ଗର୍ଭେ ଯଃ ପାତଃ ପତନଂ ତସ୍ମାତ୍ ଅବନାୟ ରକ୍ଷଣାୟ ଅସ୍ତୁ ଭବତୁ । ଶ୍ରୀରାଧାକୃଷ୍ଣମୟଂ ତେଜଃ ସଂସାରଦୁଃଖଚ୍ଛିତ୍ତୁ ଇତ୍ୟର୍ଥଃ ।

ଶିଶୁନା ବାଲକେନ ଅଦାବୁପଭୁକ୍ତାଂ ପଶ୍ଚାତ୍ କ୍ଷିପ୍ତାଂ ମାଲାମିବ ପୁଷ୍ପସ୍ରଜମିବ, ଶାଣେନ ଉଲ୍ଲୀଢ଼ାଂ ଘୃଷ୍ଟାଂ ମଣିମିବ, ତମସା ରାହୁଣା ( ରାହୌ ଧ୍ୱାନ୍ତେ ଗୁଣେ ତମଃ ) ଆଦୌ ଗ୍ରସ୍ତାଂ ପଶ୍ଚାତ୍ ଗଳିତାଂ ମୁକ୍ତାଂ ଚନ୍ଦ୍ରିକାଂ କୌମୁଦୀମିବ, ଗଜେନ୍ଦ୍ରେଣ ଦଳିତାଂ ମର୍ଦ୍ଦିତାଂ ଉଜ୍ଝିତାଂ ତ୍ୟକ୍ତାଂ ସରୋଜିନୀଂ ପଦ୍ମିନୀମିବ, ମୃଗେନ୍ଦ୍ରେଣ ସିଂହେନ ଗୃହୀତାଂ ଆକ୍ରାନ୍ତାଂ ପଶ୍ଚାତ୍ ମୁକ୍ତାଂ ମୃଗୀଂ ହରିଣୀମିବ, ଅନଙ୍ଗସଙ୍ଗରଙ୍ଗଃ କନ୍ଦର୍ପସମରକ୍ରୀଡ଼ା ସୈବ ମଙ୍ଗଳମହୋତ୍ସବାଡମ୍ବରଃ ତେନ ଆୟସ୍ତାଂ କ୍ଲାନ୍ତାଂ ତାଂ ରାଧାଂ ଭୂୟଃ ପୁନଃ ଅଙ୍କମାରୋପ୍ୟ କ୍ରୋଡୀକୃତ୍ୟ କୃଷ୍ଣଃ ବକ୍ତୀତି ଶେଷଃ ।

ଅନୁବାଦ—ଶ୍ରୀରାଧାଙ୍କ ସ୍ୱର୍ଣ୍ଣାଭ କିରଣମାଳା ଓ ଶ୍ରୀକୃଷ୍ଣଙ୍କ ଶରୀରର ନୀଳୋତ୍ପଳମୟ ତେଜ ପୁଞ୍ଜ, ସଂସାରର ଘୋରମୋହାନ୍ଧକାର ଦ୍ୱାରା ଯେଉଁମାନଙ୍କର ବିବେକଦୃଷ୍ଟି ସମାବୃତ ହୋଇଅଛି, ସେହି ସଂସାରୀମାନଙ୍କୁ ମୋହରୂପ କୂପଗର୍ଭରେ ପଡ଼ିବାରୂପ ଦୁର୍ଦ୍ଦଶାରୁ ରକ୍ଷା କରୁ; ଅର୍ଥାତ୍ ରାଧା ଓ କୃଷ୍ଣଙ୍କ ତେଜୋଦ୍ୱୟ ମୋହାନ୍ଧ ସଂସାରୀମାନଙ୍କୁ ମୋହକୂପରୁ ରକ୍ଷାକରୁ ।

ପିଲା ପିନ୍ଧି ସାରି ଫୋପାଡ଼ି ଦେଇଥିବା ଫୁଲମାଳ ପରି, ଶାଣରେ ଘଷାଯାଇଥିବା ମଣିପରି; ରାହୁଗ୍ରାସରୁ ମୁକ୍ତ ଚନ୍ଦ୍ରିକା ପରି, ମତ୍ତହସ୍ତୀ ଦଳିକରି ଛାଡ଼ି ଯାଇଥିବା ପଦ୍ମନାଡ଼ ପରି, ସିଂହ ଧରି ଛାଡ଼ି ଦେଇଥିବା ହରିଣୀ ପରି, କାମକ୍ରୀଡ଼ାରଙ୍ଗରେ ଆୟାସପ୍ରାପ୍ତା ରାଧାଙ୍କୁ ଶ୍ରୀକୃଷ୍ଣ କୋଳରେ ବସାଇ କହୁଅଛନ୍ତି—"ଯୋଷାବର ରେ" ଇତ୍ୟାଦି ।

# ଯ

## ରାଗ—ମୁଖାରୀ

ଯୋଷାବର ରେ, ଯଥାର୍ଥରେ ଜାଣ ମୁଁ ତୋହର ରେ,
ଯାମଳଭୂଧରନିଭପୟୋଧର ମରଦନିଅ ଚୂକର ରେ । ପଦ ।
ଯାବକ ତୋ ପଦକଞ୍ଜର ସମଦଗଜଗତି ମୋ ଶେଖର ରେ,
ଯତୀନ୍ଦ୍ରସମାଧିଖଣ୍ଡନୀ ତୁ ନିଧି ମୁଁ ରଙ୍କମାନଙ୍କ ବର ରେ । ୧ ।
ଯମକ କି ତୁହି ପୂର୍ଣ୍ଣଚନ୍ଦ୍ରମୁହିଁ ମୋ ମହାଶୁଭଦଶାର ରେ,
ଯତ୍ନେ ସମ୍ପାଦିବା ଚିନ୍ତାମଣି ଅବା ମୋ କରେ ଦେଲୁ ସୁଆରରେ । ୨ ।
ଯୁବତୀକଦମ୍ବରାଜା ଅବଲମ୍ବ ହୋଇଲୁ ଯେତେବେ ନିକର ରେ,
ଯୁଦ୍ଧକୁ ସନ୍ନଦ୍ଧ ହେଉ ଅତି କ୍ରୁଦ୍ଧ ହୋଇ ପଞ୍ଚେ ପଞ୍ଚଶର ରେ । ୩ ।
ଯମୁନାବାହିନୀତଟରୁହ ବନୀ ଅବନୀ ଅନାଇବାର ରେ,
ଯଶ ରଖି ନିନ୍ଦାପଟଳୀରୁ ବୃନ୍ଦା କରାଇଲା ତ ନିବାର ରେ । ୪ ।
ଯଶୋଦାକୁମର ଗୀତରେ ରାଧା ଶିର ନୁଆଁଇଲେ ଲଜ୍ଜାଭରରେ;
ଯୁଗଳ ବିଗ୍ରହ କର ଅନୁଗ୍ରହ ଅଷ୍ଟାଦୁର୍ଗ-ପୁରନ୍ଦରରେ । ୫ ।

---

( ଯ ) ଯୋଷାବର—ନାରୀରତ୍ନ, ଯଥାର୍ଥ—ପ୍ରକୃତ, ଯାମଳଭୂଧରନିଭ-ପୟୋଧର—ଯାଆଁଳା ବା ଯୋଡ଼ି ପର୍ବତ ପରି ସ୍ତନ, ମରଦନିଅ—ମର୍ଦ୍ଦନକାରୀ, ଯାବକ—ଅଳତା, ପଦକଞ୍ଜର—ପଦପଦ୍ମର, ସମଦଗଜଗତି—ମତ୍ତଗଜ-ଗମନା, ଶେଖର—ଶିରୋଭୂଷଣ, ଯତୀନ୍ଦ୍ରସମାଧିଖଣ୍ଡନୀ—ହେ ମହାଯୋଗୀଙ୍କର ଯୋଗଭଙ୍ଗକାରିଣୀ, ଯମକ—ପୁନରାବୃତ୍ତି, ସୁଆରରେ—ଅତି ଆଦରରେ, ଯୁବତୀକଦମ୍ବରାଜା—ଯୁବତୀସମୂହଶ୍ରେଷ୍ଠ, ଅବଲମ୍ବ—ଆଶ୍ରୟ, ନିକର—ନିଷ୍ଠୁର, ସନ୍ନଦ୍ଧ ହେଉ—ସାଜି ହୋଇ, ନିବାର—ନିବାରଣ ।

ହେ ନାରୀରତ୍ନ, ମୋତେ ଯାଆଁଳା ପର୍ବତ ପରି ଦେଖା ଯାଉଥିବା ତୋ କୁଚଦ୍ୱୟର ମର୍ଦ୍ଦନକାରୀ ଚୂକର ବୋଲି ପ୍ରକୃତରେ ଜାଣ । ପଦ । ହେ ମତ୍ତ-ଗଜଗମନା, ତୋ ପାଦପଦ୍ମର ଅଳତା ମୋର ଶିରୋଭୂଷଣ ସ୍ୱରୂପ, ହେ ମହାଯୋଗୀଙ୍କର ଯୋଗଭଙ୍ଗକାରିଣୀ, ତୁ ନିଧି ଅର୍ଥାତ୍ ମୂଲ୍ୟବାନ୍ ରତ୍ନ ପରି ଅଛୁ ଏବଂ ମୁଁ ମହାଦରିଦ୍ର ପରି । ହେ ପୂର୍ଣ୍ଣଚନ୍ଦ୍ରମୁହିଁ, ତୁ ମୋ ମହାଶୁଭଦଶାର ପୁନରାବୃତ୍ତି ଅଛୁ କି ? ଅର୍ଥାତ୍ ଶୁଭଦଶା ଆସିଲେ ସବୁପ୍ରକାର ସୁଖ ଯେପରି ପୁନଃ ପୁନଃ ମିଳିଯାଏ, ତୁ କଅଣ ମୋର ସେହିପରି ? ଅଥବା, ହେ ସଖି,

( ଘ ) ଅଦ୍ୟପ୍ରଭୃତ୍ୟନଲସେନ୍ଦୁସହୋଦରାସ୍ୟ,
ଦାସ୍ୟେ ତବାସ୍ମ୍ୟହମହର୍ନିଶମେବ ଯୁକ୍ତଃ ।
ଆଗୋ ଲତା ନ ଗଣୟତ୍ୟକୃଶଂ ଯଥାଲେ-
ର୍ବାଲେ ମମ ତ୍ୱମପି ତତ୍ ସତତଂ କ୍ଷମସ୍ୱ ॥

ଇତ୍ଥଂ ପ୍ରତ୍ୟଙ୍ଗତନ୍ମୋହିତସ୍ୟ ଚର୍ଚ୍ଚୋଇତିଚାଟୂତ୍କାରସମେତକରଣୈଃ ସରଠୁଲଗୃଠୁଲ୍ଲପଟିମ ଠୋପପୁଟିତେମୃ'ଦୁଭିର୍ବଚନୈଶ୍ଚେଲାଞ୍ଚଳବ୍ୟଜନ-ବୀଜନୈଷ୍ଟା ନାବସାନାୟାଂ କ୍ଷଣଦାୟାଂ ମଞ୍ଜୁଲକେଳିମଞ୍ଜରୀନାଲୟସ୍ତାର ନୀଲାସ୍ୟ ଜାଗତ୍ ବ୍ରଜଦେବୀ ।

---

ତୁ ଅତି ଯତ୍ନରେ ଯେଉଁ ପ୍ରେମରୂପକ ଚନ୍ଦ୍ରାମଣି ସଞ୍ଚୟ କରି ରଖିଥିଲୁ, ମୋ ହାତରେ ତାକୁ ଆଦରରେ ଅର୍ପଣ କଲୁ କି ? ହେ ଯୁବତୀସମୂହଶ୍ରେଷ୍ଠ, ତୁ ଯେବେ ନିଷ୍ଠୟ ମୋର ଆଶ୍ରୟ ହେଲୁ, ତେବେ ଅତି କ୍ରୁଦ୍ଧ ହୋଇ ଏବେ କନ୍ଦର୍ପ ଯୁଦ୍ଧ କରିବାକୁ ସାଜି ପିନ୍ଧୁ ଅର୍ଥାତ୍ ମୋ ସଙ୍ଗେ ଯୁଦ୍ଧ କରିବାକୁ ମଦନ ତା ସାଜକୁ ପିନ୍ଧୁ; ମୁଁ ତା ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି । ମୋର ଆଉ ମଦନକୁ ଡର ନାହିଁ । ୩ । ବୃନ୍ଦାସଖୀ ଯମୁନା ନଦୀକୂଳରେ ଜାତ ହୋଇଥିବା ବନୀ ଅର୍ଥାତ୍ ବନକୁ ଅବନୀ ଅର୍ଥାତ୍ ପୃଥିବୀ ବା ଲୀଳାସ୍ଥଳୀ ରଚନା କରିବାରେ ( ବୃନ୍ଦାବନ କରିବାରେ ) ଯଶ ରଖି ( କୃତକାର୍ଯ୍ୟ ହୋଇ ) ନିନ୍ଦାସମୂହରୁ ନିବାରଣ କଲା; ଅଥବା ଏ ବନର ଅଧିଷ୍ଠାତ୍ରୀ ଦେବତା ବୃନ୍ଦାଙ୍କ ଅନୁଗ୍ରହରୁ ଏ ଯମୁନାକୂଳ ବନ ବୃନ୍ଦାବନରେ ପରିଣତ ହେଲା, ସେ ଯଶସ୍ୱିନୀ ହେଲେ ଏବଂ ମୁଁ ଲୋକନିନ୍ଦାରୁ ରକ୍ଷା ପାଇଲି । ୪ । ଯଶୋଦାକୁମର ଶ୍ରୀକୃଷ୍ଣଙ୍କର ଏହି କଥା ଶୁଣି ଲଜ୍ଜାରେ ରାଧା ମୁହଁ ତଳକୁ କଲେ । ହେ ଯୁଗଳବିଗ୍ରହ ( ରାଧାକୃଷ୍ଣରୂପୀ ), ଆଠଗଡ଼ର ରାଜାଙ୍କୁ ଅନୁଗ୍ରହ କର । ୫ ।

ଟୀକା—ଅନଲସଃ ନିରାବରଣଃ ଯଃ ଇନ୍ଦୁଶ୍ଚନ୍ଦ୍ରଃ ତସ୍ୟ ସହୋଦରଂ ତତ୍ତୁଲ୍ୟଂ ଆସ୍ୟଂ ବଦନଂ ଯସ୍ୟ ତତ୍ ସମ୍ବୋଧନେ; ଅୟି ଶରଚ୍ଚନ୍ଦ୍ରାନନେ, ଅଦ୍ୟପ୍ରଭୃତି ଅଦ୍ୟାରଭ୍ୟ ଅହର୍ନିଶଂ ଅହୋରାତ୍ରଂ ସତତଂ ତବଦାସ୍ୟେ ଭୃତ୍ୟତ୍ୱେ ଯୁକ୍ତଃ ନିଯୁକ୍ତଃ ଅସ୍ମି ଏବ । ଅୟି ବାଲେ, ଯଥା ଯେନ ପ୍ରକାରେଣ ଲତା ପୁଷ୍ପିତା ଇତି ଯାବତ୍ ଅଳେଃ ଭ୍ରମରସ୍ୟ ଅକୃଶଂ ମହତ୍ ଆଗଃ ଅପରାଧଂ ( ଆଗୋଽପରାଧୋ ମନ୍ତୁଶ୍ଚ ଇତ୍ୟମରଃ, ଆଗଃ ସାନ୍ତଂ କ୍ଳୀବେ ) ନ ଗଣୟତି ମନସି ନ ଦଧାତି ତ୍ୱମପି ମମ ତତ୍ ଆଗଃ ସତତଂ କ୍ଷମସ୍ୱ, ଯଥା ଭ୍ରମରବିମର୍ଦ୍ଦିତା ପୁଷ୍ପଲତା ଭ୍ରମରସ୍ୟ ଚୁମ୍ବନପରିରମ୍ଭଣାଦିଜନିତଂ ଅପରାଧଂ ନ ହୃଦି ଦଧାତି ତଥା ମଦଙ୍ଗସଙ୍ଗକ୍ଲିଷ୍ଟା ତ୍ୱମପି ମମାପରାଧଂ ହୃଦି ନ ଧାସ୍ୟସୀତି ମେ ପ୍ରାର୍ଥନା ।

# ର

## ରାଗ—କେଦାର

ରସାଳସା ରେ, ରସି ପୁଣି ଏ କି ଲୋକହସା ରେ । ପଦ ।
ରକ୍ତିମା ଚୁମ୍ବିଲ ଇନ୍ଦୁଆଶାରେ, ରଙ୍ଗିବେ ପ୍ରଫୁଲ୍ଲ ହେଲେ କାସାରେ । ୧ ।
ରତିନାଥ ସମର ପ୍ରଶଂସାରେ, ମେଣ୍ଟୀ କେ ନ ରସନ୍ତି ସଂସାରେ । ୨ ।
ରସନ୍ତି ରସିକେ ସିନା ନିଶାରେ, ରଜନୀ ଶେଷ ର ଏ କି ଦଶା ରେ ।୩।
ରମଣୀୟ ହେମକୁ ସୁବୃଷା ରେ, ରଖିଲ କେତେ ନିବଡ଼େ ମସାରେ । ୪ ।
ରହୁ ନା ଅଯଶ ଅଜ ତସାରେ, ରସାଳୁହରୁ ଲତାକୁ ଖସା ରେ । ୫ ।
ରାଜାଅଷ୍ଟଦ୍ଭପଗ ଏ ଭାଷା ରେ, ରତେ ଏବେ କିଳେ ହେଉ ସୂନାରେ ।୬।

---

ଇତ୍ଥଂ ଅନେକ ପ୍ରକାରେଣ ରାଧାୟାଃ ଅଙ୍ଗ ଅଙ୍ଗଂ ପ୍ରତି ପ୍ରତ୍ୟଙ୍ଗଂ ତସ୍ମିନ୍ ଚୁମ୍ବନାଂ ଜାତଯୁଃ ସମୂହଃ ତସ୍ୟ ଚର୍ଚ୍ଚା ରଚନା ତୟା ଜାତାଃ ସ୍ଫୁରିତାଃ ଯେ ଚୁମ୍ବୁତ୍କାରାଃ ତେଷାଂ ଚମତ୍କରଣୈଃ ଅନବଚ୍ଛିନ୍ନାନନ୍ଦୈଃ ସଚ୍ଚୁଳାଃ ପ୍ରେମଯୁକ୍ତା ଗୃଢୁକ୍ତଯଃ ତାସାଂ ଯଃ ପଟିମାନପୁଣ୍ଡତ୍ଵଂ ତସ୍ୟ ଆଟୋପପୂର୍ତ୍ତିଟୈଃ ଅତ୍ତମ୍ଭରଗ୍ରନ୍ଥିତୈଃ ମୃଦୁଭଃ କୋମଳୈର୍ବଚନୈଃ ପୁନଃ ଚେଲାଞ୍ଚଳଃ ପରିହିତ-ଶାଟିକାପ୍ରାନ୍ତଭାଗଃ ଏବ ବ୍ୟଜନଂ ତସ୍ୟ ବୀଜନୈଃ ସଞ୍ଚାଳନୈଃ ଅତଃ କ୍ରିୟାଭିରତି ଶେଷଃ, କ୍ଷଣଦାୟାଂ ରଜନ୍ୟାଂ ଆସନ୍ନଂ ସମୀପବର୍ତ୍ତୀ ଅବସାନଂ ଶେଷଃ ଯସ୍ୟାଃ ତସ୍ୟାଂ ସତ୍ୟାଂ ମଞ୍ଜୁଳା ମନୋହାରିଣ୍ୟଃ ଯାଃ କେଳିମଞ୍ଜର୍ଯ୍ୟଃ ଲତାବିଶେଷାଃ ତା ଏବ ନିଳୟଃ ନିକୁଞ୍ଜ ତସ୍ୟ ଦ୍ଵାରଦେଶେ, କାଚିତ୍ ବ୍ରଜଦେବୀ ରାଧାପ୍ରିୟସଖୀ ନିଳୟ ରହସି ସ୍ଥିତ୍ୱା କଥୟତୀତି ଶେଷ ।

ଅନୁବାଦ—ହେ ପୂର୍ଣ୍ଣଚନ୍ଦ୍ରମୁଖି, ଆଜିଠାରୁ ଦିନରାତି ସର୍ବଦା ତୋ ଗୃକର ବୋଲି ମୋତେ ଜାଣିବୁ, ଲତା ଯେପରି ଭ୍ରମରର ଚୁମ୍ବନାଦିଜନିତ ମହାଅପରାଧକୁ ଧରେ ନାହିଁ, ହେ ସୁନ୍ଦରି, ତୁ ସେପରି ମୋର ସମସ୍ତ ଅପରାଧକୁ ସର୍ବଦା କ୍ଷମା କରିବୁ ।

ଶ୍ରୀକୃଷ୍ଣ ରାଧିକାଙ୍କର ପ୍ରତ୍ୟଙ୍ଗକୁ ଚୁମ୍ବନ କଲାବେଳେ ଉଠିବା ଚୁଁକାର ଶବ୍ଦରେ ଅନବଚ୍ଛିନ୍ନ ଆନନ୍ଦ ଜାତ ହେଲା, ଏହାପରେ ମନୋହର ଗୃଢୁକଥାପୂର୍ଣ୍ଣ ସୁମଧୁର ବାକ୍ୟ କହୁଁ କହୁଁ ଏବଂ କାନିପଣତରେ ବିଞ୍ଚି ହେଉ ହେଉ ରାତି ପାହିଗଲା । ଏହି ସମୟରେ ଜଣେ ବ୍ରଜାଙ୍ଗନା ସେହି ମନୋହର କେଳିମଞ୍ଜରୀ-କୁଞ୍ଜର ଦ୍ଵାରଦେଶରେ ଅଡ଼େଇ ହୋଇ ରହି ଶ୍ରୀରାଧାଙ୍କୁ ସମ୍ବୋଧନ କରି କହିଲେ—"ରସାଳସା ରେ" ଇତ୍ୟାଦି ।

---

(ର) ଅନାଦୃତ୍ୟାଳୀନାଂ ପ୍ରିୟବଚନମାଳାମକଠିନାଂ,
ହଠାତ୍ ପ୍ରେୟଃଶ୍ରଦ୍ଧାର୍ଗଳନିବଡ଼ରୁଦ୍ଧାପି ସଖି ଚେତ ।
ଇଦାନୀମପ୍ୟାତ୍ମାବନମବନିଭୂଷାଙ୍ଘ୍ରି ସୁଷମେ,
ଯଥା ଭୂୟାଦ୍ ଯତ୍ନାନ୍ କୁରୁ କୃଶସପତ୍ନ୍ୟାସ୍ୟହସିତଂ ॥
ତତସ୍ତଦାକର୍ଣ୍ଣ୍ୟ କର୍ଣ୍ଣାଭ୍ୟର୍ଣ୍ଣଚୁମ୍ବି ତୂର୍ଣ୍ଣକ୍ରୀଡ଼ନ୍ଲୋଲଲୋଚନା ଦାହୋତ୍ତୀର୍ଣ୍ଣସ୍ୱର୍ଣ୍ଣସାବର୍ଣ୍ଣ୍ୟପୂର୍ଣ୍ଣବର୍ଣ୍ଣା ଶୀର୍ଣ୍ଣନିଧୁବନୋତ୍ସାହାତରେକା ସା ପ୍ରକୀର୍ଣ୍ଣମାଲ୍ୟମୁତ୍‌ଥାପ୍ୟ ସନ୍ନାସନ୍ନପଂ କଶୋରେଶ୍ୱରଂ ପ୍ରତି ।

---

(ର) ହେ ରସାଳସା—ରସାଧିକ୍ୟ ଯୋଗୁଁ ଅଳସ୍ୟପ୍ରାପ୍ତା; ଇନ୍ଦ୍ରଆଶା—ପୂର୍ବଦଗ; ରାଜୀବେ—ପଦ୍ମମାନେ; କାସାରେ—ପୋଖରୀରେ; ମସାରେ—ନୀଳମଣି ମଧ୍ୟରେ; ରସାରେ—ପୃଥିବୀରେ; ରସାରୁହରୁ—ବୃକ୍ଷରୁ; ସୁସାରେ—ବନା ଅପତ୍ତିରେ ।

ହେ ରସାଳସା, ରସି ଅର୍ଥାତ୍ ରସରେ ଅନୁରକ୍ତ ହୋଇ ପୁଣି ଏ କି ଲୋକହସା ( ହଠହଠା ) ହେଲୁ । ପଦ । ପୂର୍ବଦଗ ଆକାଶକୁ ଏବେ ରକ୍ତିମା ଚୁମ୍ବି ଲଣି ଅର୍ଥାତ୍ ପୂର୍ବାକାଶ ଅରୁଣ ବର୍ଣ୍ଣ ଧରିଲଣି ଏବଂ ପଦ୍ମମାନେ ପୋଖରୀରେ ଫୁଟିଲେଣି । ୧ । ଏ ହସାରେ ଭଲ କେଉଁ ସ୍ତ୍ରୀ କାମକ୍ରୀଡ଼ାର ପ୍ରଶଂସାରେ ଅନୁରକ୍ତ ନ ହୁଅନ୍ତ ? ଅର୍ଥାତ୍ ରମଣୀଗଣ କାମ-ସମରରେ ଜୟଲାଭ କର କାମ ଦେବଙ୍କୁ ପ୍ରଶଂସା କରିବାରେ ଲାଗିଥାନ୍ତି । ୨ । ମାନ ସଂକ୍ରିରେ ସିନା ରସିକମାନେ ରସନ୍ତି, ରାତ ଶେଷରେ ଏ କି ଦଶା ଉପସ୍ଥିତ ହେଲା; ଅର୍ଥାତ୍ ରସିକମାନଙ୍କର ରସକ୍ରୀଡ଼ାର ବେଳ ସିନା ରାତି, ରାତ ପାହିଗଲଣି, ତେବେ ସୁଦ୍ଧା ତୋର ରସକ୍ରୀଡ଼ା ଶେଷ ହେଲା ନାହିଁ । ୩ । ହେ ସୁନେତ୍ରା, ସୁନ୍ଦର ସୁବର୍ଣ୍ଣକୁ ( ସୁନ୍ଦର ସୁବର୍ଣ୍ଣ ସଦୃଶ ତୋ ଶରୀରକୁ ) କେଉଁ ଦୃଢ଼ରୂପେ ମସାର ମଧ୍ୟରେ (ଇନ୍ଦ୍ରନୀଳମଣି ତୁଲ୍ୟ କୃଷ୍ଣଙ୍କ ଶରୀରରେ ) ରଖିଲୁ ? ( ସୁବର୍ଣ୍ଣ ମଧ୍ୟରେ ସିନା ନୀଳମଣିକୁ ରଖାଯାଏ, ନୀଳମଣି ମଧ୍ୟରେ ସୁବର୍ଣ୍ଣ କପର ରହୁଛି ମ ? ) । ୪ । ପୃଥିବୀରେ ଆଉ ଅଯଶ ବା ଅପବାଦ ନ ରହୁ, ରସାରୁହରୁ ( ଶ୍ରୀକୃଷ୍ଣଙ୍କ ଶରୀରରୂପ ବୃକ୍ଷରୁ ) ( ତୋ ଅଙ୍ଗରୂପ ) ଲତାକୁ ଖସା ଅର୍ଥାତ୍ ତାଙ୍କ ଶ୍ରୀଅଙ୍ଗସଙ୍ଗ ତ୍ୟାଗ କର । ୫ । ଅଷ୍ଟଦୁର୍ଗର ରାଜା ଏହାକୁ ଭାଷାରେ ରଚନା କଲେ, ଏବେ ବନା ଆପତ୍ତିରେ ବାହାର ଆ । ୬ ।

ଟୀକା—ହେ ସଖି, ଆଲୀନାଂ ସଖୀନାଂ ଅକଠିନାଂ କୋମଳାଂ ପ୍ରିୟବଚନମାଳାଂ ସୁମଧୁରବାକ୍ୟାବଳୀଂ ଅନାଦୃତ୍ୟ ହଠାତ୍ ପ୍ରେୟସଃ ପ୍ରିୟତମସ୍ୟ ଶ୍ରଦ୍ଧା ଏବ ଅର୍ଗଳଃ ତେନ ନିବଡ଼ଂ ଯଥାସ୍ୟାତ୍ ତଥା ରୁଦ୍ଧାଅପି ଚେତ୍ ଅବନେଃ ପୃଥିବ୍ୟାଃ ଭୂଷା ଅଳଂକାରସ୍ୱରୂପା ଅଂଘ୍ରି ସୁଷମା ପାଦଶୋଭା ଯସ୍ୟାଃ ତସ୍ୟା ସମ୍ବୋଧନେ, ଯଥା ଇଦାନୀଂ ଆତ୍ମନଃ ଅବନଂ ଆତ୍ମରକ୍ଷଣଂ ଭୂୟାତ୍ ତଥା

# ଲ

ରାଗ—ଖଣ୍ଡକାମୋଦୀ—ଅବକାଶ

ଲୀଳାନାଥ ହେ, ଲଜେ ମୁଁ ଗଲିଟି ସଢ଼ି ।
ଲୁଗୂଇଛ କାହିଁ ଶ୍ୟାମ ହେ ଦଅ ମୋ ଲଟିଶାଢ଼ୀ । ପଦ ।
ଲଭି ତୁମ୍ଭଙ୍କୁ ପ୍ରାଣବନ୍ଧୁ ବର, ଲୋକହସାରେ ଯେବେ ଯିବ ସର,
ଲସିବ ଯେବେ ପାଇ ନିନ୍ଦା ଦାଉ, ଲଗିଲି ଅପଣଙ୍କୁ କେହ୍ନ . ଆଉ । ୧ ।
ଲକ୍ଷ ଲକ୍ଷ ଗୁଣ ଅଛୁଟି ମୋର, ଲଲାମ ଅଦ୍ଧ ଭୂଷା ସଜ କର,
ଲଭିଥିବ ଭ୍ରୁରୁ ମଧ୍ୟ ତିଳକ, ଲେଖିଦଅ ବେଗେ ନ ଦେଖୁ ଲୋକ । ୨ ।
ଲୋଲୀ, ଶ୍ରୀଭୁଜବନ୍ଧ ଶିଥିଳାଅ, ଲତା ଗହଳେ ଗହନେ ପଳାଅ,
ଲଟିଛୁ ଲଷା ମୁକୁଟ ଶିଖଣ୍ଡେ, ଲଜ କଥା ଲୋକେ ଦେଖିଲେ ଦାଣ୍ଡେ ।୩।
ଲଗାଇଛ ହଠ ଯେଉଁ ରସରେ, ଲୁଟିବ ସିନା କାଲି ପ୍ରଦୋଷରେ,
ଲଙ୍ଘି ଅଣ୍ଡିରେ ଥିବା କୃପାସିନ୍ଧୁ, ଲଞ୍ଜୁଅଛି କେଡ଼େ ହେଲ ହେ ବନ୍ଧୁ । ୪ ।
ଲଳିତା ନୋହେଁଟି ଯେ ଡାକୁଅଛୁ, ଲକ୍ଷେ ଦୁଷ୍ଟେ ରଖିଅଛୁ, ମୁଁ ବାଛୁ,
ଲଘୁ କରିଦେବ ଦେଖିବା କ୍ଷଣେ, ଲେଖାଧିପ ଅଷ୍ଟଦୁର୍ଗର ଭଣେ ।

---

କୃଶଂ କ୍ଷୀଣଂ ସପତ୍ନୀନାଂ ଶତ୍ରୁଣାଂ ଆସ୍ୟହସିତଂ ଯସ୍ମିନ୍ କର୍ମଣି ତଦ୍ ଯଥା ତଥା ଯତ୍ନାନ୍ କୁରୁ, ଏବଂ ଯତ୍ନାନ୍ କୁରୁ ଯଥା ଶତ୍ରବସ୍ତେ ନ ହସିଷ୍ୟନ୍ତି ଅସ୍ମଦ୍ରକ୍ଷା ଚ ଭବିଷ୍ୟତୀତ୍ୟର୍ଥଃ ।

ତତଃ ତଦନନ୍ତରଂ ତତ୍ ଆକର୍ଣ୍ୟ ଶ୍ରୁତ୍ୱା କର୍ଣ୍ଣୟୋଃ ଅଭ୍ୟର୍ଣ୍ଣଂ ସମୀପଂ ଚୁମ୍ବତଃ ଇତି କର୍ଣ୍ଣାଭ୍ୟର୍ଣ୍ଣଚୁମ୍ବିନୀ ଆକର୍ଣ୍ଣବିସ୍ତୃତେ ଇତ୍ୟର୍ଥଃ ତୂର୍ଣ୍ଣଂ ଯଥା ସ୍ୟାତ୍ ତଥା କ୍ରୀଡ଼ନ୍ତ୍ୟୌ ଲୋଲେ ଚଞ୍ଚଲେ ଲୋଚନେ ଯସ୍ୟାଃ ସା, ଆକର୍ଣ୍ଣବିସ୍ତୃତଚଞ୍ଚଳନୟନା ଇତ୍ୟର୍ଥଃ, ଦାହାତ୍ ଅଗ୍ନିମଧ୍ୟାତ୍ ଉତ୍ତୀର୍ଣ୍ଣଂ ବହିର୍ଗତଂ ଯତ୍ ସ୍ୱର୍ଣ୍ଣଂ ତସ୍ୟ ସବର୍ଣ୍ଣସ୍ୟ ଭାବଃ ସାବର୍ଣ୍ୟଂ ତେନ ପୂର୍ଣ୍ଣଃ ବର୍ଣ୍ଣଃ ଯସ୍ୟାଃ ସା; ତପ୍ତକାଞ୍ଚନବର୍ଣ୍ଣା ଇତ୍ୟର୍ଥଃ, ଶୀର୍ଣ୍ଣଃ, କ୍ଷୀଣ ନିଧୁବନୋତ୍ସାହସ୍ୟ ରତିକ୍ରୀଡ଼ାୟାଃ ଅତିରେକଃ ଆଧିକ୍ୟଂ ଯସ୍ୟାଃ ସା ପୂର୍ଣ୍ଣସୁରତକାମା ସା ରାଧା ପ୍ରକୀର୍ଣ୍ଣଂ ଇତସ୍ତତଃ ବିକ୍ଷିପ୍ତଂ ମାଲ୍ୟଂ ଯନ୍ତତ୍ ଯଥା ତଥା ଭ୍ରଷ୍ଟମାଲ୍ୟମିତ୍ୟର୍ଥଃ ଉତ୍ଥାୟ ସନ୍ନାସନ୍ନପଂ ସଭୟଂ ସଲଜ୍ଜଂ ଚ କିଶୋରେଶ୍ୱରଂ ଶ୍ରୀକୃଷ୍ଣଂ ପ୍ରତି ବଦତି ଇତି ଶେଷଃ ।

ଅନୁବାଦ—ହେ ସଖି, ସଖୀମାନଙ୍କର ହିତ କଥାକୁ ଆଦର ନ କରି ଯେବେ ଶୀଘ୍ର ପ୍ରିୟତମଙ୍କର ସ୍ନେହପାଶରେ ଅବଦ୍ଧ ହୋଇ ପଡ଼ିଅଛୁ. ତେବେ

(ଲ) ଲମ୍ବନମ୍ବରମାଦକ୍ତ୍ୱଂ ପ୍ରାଚୀ ପ୍ରାଚୀକଣ୍ଠତ୍ କଣ୍ଠୌ,
ବାଲାହୃଦୟପଙ୍କେଷୋ ମୁଞ୍ଚ ମଦଙ୍କଞ୍ଚୁକାଞ୍ଚଳଂ ।

ଅମନ୍ଦାନନ୍ଦପର୍ଯ୍ୟୁପଷନ୍ନସ୍ୟନ୍ଦସନ୍ଦୋହତୁନ୍ଦିଲସ୍ୟନ୍ଦନପଦଦମ୍ପତ୍ତହ୍ନାନଦୈର୍ନିଶାଚରମଦଶାସ୍ତାରକବନେଚରଚରଣାଯୂଥଧ୍ୱନ୍ନଭର୍ଯମୁନାବାଃପୁରବ୍ରଜର୍ତୁରବନ୍ଦବୃନ୍ଦତୁନ୍ଦମରନ୍ଦପାନପ୍ରମୁଦିତାଳିପାଳିପ୍ରଣୀତଶ୍ରଙ୍କାରୈର୍ନନ୍ଦମନ୍ଦିରଗୋପୁରାବଲମ୍ବିବନ୍ଦନକୁରମ୍ବସ୍ତବପାଠପାଠବୈବାହିକନ୍ୟବଗାହାଗତଗୋପୀଜନାଭରଣରଣିତକଦମ୍ବୈଃ ପରିରଭ୍ୟମାଣପ୍ରାଭୃତକଡିମ୍ବିମରବାଡମ୍ବରୈଫରୁଟିତଂପ୍ୟମ୍ବରତଳେ ଶନୈର୍ନିକୁଞ୍ଜାନିଷ୍କ୍ରାନ୍ତାଂ କାନ୍ତାଂ ପ୍ରତି ସଖ୍ୟଃ ।

---

ହେ ସୁନ୍ଦର, ଯେପରି ଶତ୍ରୁମାନେ ନ ହସନ୍ତି, ସେପରି ଆମ୍ଭରକ୍ଷା କରିବାକୁ ଯତ୍ନ କର ।

ଅନ୍ତରରେ ଏହି କଥା ଶୁଣି ସେହି ଆକର୍ଣ୍ଣବିସ୍ତୃତଚଞ୍ଚଳନେତ୍ରା, ତପ୍ତକାଞ୍ଚନବର୍ଣ୍ଣା ରତିକ୍ରୀଡ଼ାକ୍ଲାନ୍ତା ରାଧା ଫୁଲମାନଙ୍କୁ ଏଣେ ତେଣେ ଫିଙ୍ଗିଦେଇ ଲଜ୍ଜା ଓ ଭୟ ସହିତ ଉଠି ଶ୍ରୀକୃଷ୍ଣଙ୍କୁ କହିଲେ—"ଲୀଳାନିଧି ହେ" ଇତ୍ୟାଦି ।

---

(ଲ) ଲୀଳାନିଧି—ଲୀଳାପ୍ରିୟ; ସଢ଼ିଗଲି—ଅବସନ୍ନ ହୋଇଗଲି; ଲଗିଶାଢ଼ୀ—ପିନ୍ଧାଶାଢ଼ୀ; ଲସିବ—ଅବନତ ହେବ; ନନ୍ଦାଦାଉ—ଅପବାଦର ଯନ୍ତ୍ରଣା; କେହି—କାପରି; ଲଲମ—ଲଲାଟଭୂଷଣ; ଭୂଷା—ଅଲଙ୍କାର; ଗହନ—ବନ; ମୁକୁଟଶିଖଣ୍ଡେ—ମୟୂରଚୁଳମୁକୁଟରେ; ଲାଷା—ଅଳତା; ଲୁଟିବ—ଲୁଟିକରିବ; ଲଘୁ କରିଦେବ—ଅପମାନିତ କରିଦେବ; ଲେଖାଧିପ—ଇନ୍ଦ୍ର, ରାଜା ।

ହେ ଲୀଳାପ୍ରିୟ ! ମୁଁ ଲାଜରେ ସଢ଼ିଗଲି, ହେ ଶ୍ୟାମ ମୋ ପିନ୍ଧା ଶାଢ଼ୀକୁ କେଉଁଠାରେ ଲୁଚାଇଅଛ ଦିଅ । ଦିଅ । ତୁମ୍ଭଙ୍କୁ ପ୍ରାଣବନ୍ଧୁରୂପେ ପାଇ ମୁଁ ଯେବେ ଲୋକହସାରେ ପଡ଼ିଯିବି ଏବଂ ଅପବାଦ ଯନ୍ତ୍ରଣା ପାଇ ନିତାନ୍ତ ନ୍ୟୂନ ହୋଇଯିବି, ତେବେ ମୁଁ ଆପଣଙ୍କୁ ଆଉ କାପରି ଲାଗିଲି ? ଅର୍ଥାତ୍ ଆଉ ମୋତେ ତୁମ୍ଭେ କାପରି ସମ୍ଭାଳିବ ? ୧ । ମୋର ଲଷ ଲଷ ରାଣ ଅଛି; ମୋର ଲଲାଟଭୂଷଣ ପ୍ରଭୃତି ଅଳଙ୍କାର ସଜ କର ( ଯାହା କି ଅସ୍ତବ୍ୟସ୍ତ ହୋଇଅଛି, ତାକୁ ଯଥା ସ୍ଥାନରେ ସଜାଡ଼ି ଦିଅ ), ମୋର ଭ୍ରୂଲତା ମଧ୍ୟରେ ଥିବା ତିଳକକୁ ( ଯାହା ଲିଭିଯାଇଅଛି ଓ ଯାହାର ଲିଭିବା ଦାଣ୍ଡଲୋକେ ଦେଖିଲେ ନାନା ଅପବାଦ ଦେବେ ତାକୁ ) ଲୋକ ଦେଖିବା ଆଗରୁ ଲେଖିଦିଅ । ୨ । ହେ ଲୋକେଶ, ତୁମ୍ଭର ସୁନ୍ଦର ବାହୁପାଶକୁ ମୋ ଦେହରୁ ଫିଟାଇ ଦିଅ ଅର୍ଥାତ୍ ମୋତେ

ତୁମ୍ଭ ଆଲିଙ୍ଗନରୁ ମୁକ୍ତ କର, ବନ ମଧ୍ୟରେ ଲତା ଗହ୍ୱଳରେ ଅର୍ଥାତ୍ ଲତାପୂର୍ଣ୍ଣ ଗହ୍ୱନ ବନ ଭିତରେ ଭିତରେ ପଳାଇ ଯାଅ । ତୁମ୍ଭର ମୟୂରପୁଚ୍ଛ ମୁକୁଟରେ ଅଳତା ଲାଗିଛି, ଲୋକେ ଦାଣ୍ଡରେ ଦେଖିଲେ ବଡ଼ ଲାଜ କଥା ହେବ । ୩ । ଯେଉଁ ରସରେ ହଠ ଲଗାଇ ଅଛ ଅର୍ଥାତ୍ ଯେଉଁ ରସ ଆଶାରେ ଶାଢ଼ୀ ଲୁଚାଇ ଏତେ କୌତୁକ କରୁଅଛ, କାଲି ସନ୍ଧ୍ୟାବେଳେ ସେ ରସ ଲୁଟି କରିବ ଅର୍ଥାତ୍ ସେ ରସ ଉପଭୋଗ କରିବ । ( ଆଜି ମୋ ଶାଢ଼ୀ ଦେଇ ପକାଅ ) କିନ୍ତୁ ହେ କୃପାସିନ୍ଧୁ, ଆଶ୍ରିତ ହୋଇଥିବା ଲୋକକୁ ଏପରି ଲଙ୍ଘନ କର ଅର୍ଥାତ୍ ଏପରି ହଇରାଣ କର, ହେ ବନ୍ଧୁ, ତୁମ୍ଭେ କେଡ଼େ ଲାଞ୍ଚୁଆ ହେଲଟି ! ( କାଲି ସନ୍ଧ୍ୟାରେ ଆସିବ—ଏହା ସ୍ୱୀକାର କଲେ ଶାଢ଼ୀ ଦେବ—ଏହାହିଁ ଲାଞ୍ଚ ) । ୪ । ଯେ ଲତା ଦ୍ୱାରରେ ଡାକୁଛ, ସେ ଲଳିତା ନୁହେ, ଲକ୍ଷେ ଦୁଷ୍ଟଙ୍କ ମଧ୍ୟରେ ମୁଁ ତାକୁ ଜଣେ ବୋଲି ବାଛି ଅଛି । ସେ ମୋତେ ଦେଖିଲାକ୍ଷଣି କଷ୍ଟେ ଅପମାନିତ କରିଦେବ, ଆଠଗଡ଼ର ରାଜା ଏହା ଭଣିଲେ ।

ଟୀକା—ପ୍ରାଚୀ ପୂର୍ବାଦିକ୍ ସ୍ତ୍ରୀତି ଧ୍ୱନ୍ୟତେ, କଟୌ କଟିଦେଶେ ଲମ୍ବଂ ଦଗ୍‌ବଲୟବ୍ୟାପି ଆରକ୍ତଂ ସର୍ବତୋରକ୍ତବର୍ଣ୍ଣଂ ଚ ଅମ୍ବରଂ ଆକାଶଂ ବସ୍ତ୍ରଂ ଚେତି ଧ୍ୱନ୍ୟତେ ପ୍ରାଚୀକଟତ୍ ପର୍ଯ୍ୟଧାତ୍ । ପୂର୍ବାଦଗରୁଣିତାଭବଦିତ୍ୟର୍ଥଃ । ହେ ବାଲାନାଂ ଯୁବତୀନାଂ ହୃଦୟସ୍ୟ ପଞ୍ଚେଷୋ କନ୍ଦର୍ପ, ହେ ଯୁବତୀମାନସମଦନେ-ତ୍ୟର୍ଥଃ ମତ୍‌କଞ୍ଚୁକାଞ୍ଚଳଂ ମମ କଞ୍ଚୁକସ୍ୟ ଉଲ୍ଲୋଚପରପର୍ଯ୍ୟାୟସ୍ୟ ଅଞ୍ଚଳଂ ମୁଞ୍ଚ ତ୍ୟଜ ।

ଅମନ୍ଦେନ ଅନଲ୍ପେନ ଆନନ୍ଦସନ୍ଦୋହେନ ତୁନ୍ଦଳୟୋଃ ପରିପୂର୍ଣ୍ଣୟୋଃ ସ୍ୟନ୍ଦନପଦଦମ୍ପତ୍ୟୋଃ ରଥାଙ୍ଗମିଥୁନସ୍ୟ ନନ୍ଦଦ୍ଭିଃ ଆରାବୈଃ, ନିଶାୟାଃ ରାତ୍ରେଃ ଚରମଦଶାୟାଃ ଅବସାନସ୍ୟ ସ୍ମାରକୈଃ ବନେଚରସ୍ୟ ଅରଣ୍ୟଚରଣଃ ଚରଣାୟୁଧସ୍ୟ ବନ୍ୟକୁକ୍କୁଟସ୍ୟ ଧ୍ୱନିଭିଃ ଯମୁନାୟାଃ ବାଃପୂରେ ଜଳପ୍ରବାହେ ( ଆପଃ ସ୍ତ୍ରୀ ଭୂମ୍ନି ବାର୍ବାରି ସଲିଳଂ କମଳଂ ଜଳମିତ୍ୟମରଃ ) ବିକଚୁନାଂ ପ୍ରସ୍ଫୁଟିତାନାଂ ଅରବିନ୍ଦବୃନ୍ଦାନାଂ ପଙ୍କଜପଟଲାନାଂ ମରନ୍ଦପାନେନ ମକରନ୍ଦା-ସ୍ୱାଦନେନ ପ୍ରମୁଦିତୟା ପ୍ରମତ୍ତୟା ଅଳିପାଲ୍ୟା ଭ୍ରମରପଙ୍‌କ୍ତ୍ୟା ପ୍ରଣୀତୈଃ ବିହିତୈଃ ଝଙ୍କାରୈଃ, ନନ୍ଦନନ୍ଦନସ୍ୟାଣାଂ ଗୋପୁରଂ ପୁରଦ୍ୱାରଂ ଅବଲମ୍ବ୍ୟ ଆଶ୍ରୟୋ ଯସ୍ୟ ତସ୍ୟ ବନ୍ଦିନାଂ ସ୍ତୁତିପାଠକାନାଂ ନିକୁରମ୍ବସ୍ୟ ସମୂହସ୍ୟ ସ୍ତବପାଠପାଟବୈଃ ପ୍ରଶସ୍ତିଗାନାଡ଼ମ୍ବରୈଃ, ବାହିନ୍ୟାଂ ଯମୁନାୟାଂ ଅବଗାହାୟ ଆଗତାନାଂ ଗୋପୀ-ଜନାନାଂ ଆଭରଣରଣତ୍ କରଣୈଃ ଭୂଷଣଶିଞ୍ଜାନୈଶ୍ଚ ପରିରଭ୍ୟମାଣୈଃ ସଂଶ୍ଳିଷ୍ଟୈଃ ମିଶ୍ରିତୈରିତି ଯାବତ୍ ପ୍ରାଭାତିକତଣ୍ତ୍ରିମାନାଂ ପ୍ରଭାତଜ୍ଞାପକବାଦ୍ୟ-ବିଶେଷାଣାଂ ରବାଡ଼ମ୍ବରୈଃ ନାଦାଟୋପୈଃ ଅମ୍ବରତଳେ ଗଗନଭାଗେ ବ୍ୟାପ୍ତେ

# ବି

## ରାଗ—ସାବେରୀ

ବିଚିତ୍ର ବେଶ ମଞ୍ଜୁଳା ରେ ବାଳା, ବିବିଧ ଭୂଷଣଶୀଳା.
ବିଭାବରୀ ଅର୍ଦ୍ଧେ ଏକାକୀ ଏକାକୀ ହୋଇ ରଚୁ ଫୁଲତୋଳା ରେ,
ବିଳାସକୁଶଳା ରେ, ବିକ୍ଷୀଣାଳସ୍ୟବିହାରଖେଳା । ୧ ।
ବାଳକାନ୍ତ ବାସ ପରି ରେ ବାଳା, ବଞ୍ଚୁଥିଲୁ ଅନୁସରି,
ବିଲକ୍ଷଣି ବନବିହାରଉତ୍ସବ ବେଳେ ଯା ଦେଲୁ ପାଶୋରି ରେ,
ବିସ୍ମର ତ ଗୋରୀ ରେ, ବିଶେଷେ କାହିଁକି ପ୍ରୀତି ଆଚରି । ୨ ।
ବ୍ୟସ୍ତ ହୋଇ ଚିହ୍ନମାନ୍ତୁ ରେ ବାଳା, ବ୍ରଣଗଣ ତ ଦିଶୁଛି,
ବିମ୍ବାଧରୁ ନବପଲ୍ଲବମାନଙ୍କୁ ବାଣ୍ଟିଲୁ କି କାଟି କାଟି ରେ,
ବିଶ୍ଳଥ ହୋଇଛି ରେ, ବାସ ଫିଟିଥାଉ ପରି କାଟି । ୩ ।
ବଲ୍ଲୀକି ଅନାଇ ଦୂରୁ ରେ ବାଳା, ବାସରେ ତ ଭୟ କରୁ,
ବ୍ରଜେ ଆଜ ଶୁଣି ଆସିଲୁ ଟି ପୁଣି ପ୍ରତିରାତି ଆସି ଘରୁ ରେ,
ବିଜନେ ସଞ୍ଚରୁ ରେ, ବଡ଼ ବିଷମ ଏ ଯା ନ ଡରୁ । ୪ ।
ବିନୟନୟବସତି ରେ ବାଳା, ବିମୋହନ କଳାବତି;
ବିରୂପାକ୍ଷ ଦେବ ବିପକ୍ଷକୁ ଜିଣି ଯଶେ ମଣ୍ଡିଲୁ କି କ୍ଷିତି ରେ;
ବଲ୍ଲବଯୁବତି ରେ, ବନ୍ଦେ ଅଷ୍ଟଦୁର୍ଗଧରାପତି । ୫ ।

---

ପରିପୂର୍ଣ୍ଣେ ସତି ଶନୈଃ ନିଃଶଙ୍କଂ ଯଥା ସ୍ୟାତ୍ ତଥା ନିକୁଞ୍ଜାତ୍ କୁଞ୍ଜବନାତ୍ ନିଷ୍କ୍ରାନ୍ତାଂ ବହିର୍ଗତାଂ କାନ୍ତାଂ ଶ୍ରୀରାଧାଂ ପ୍ରତି ସଖ୍ୟ ପରିହସନ୍ତୀତି ଶେଷଃ ।

ଅନୁବାଦ—ପୂର୍ବଦିଗରୂପ ନାୟିକା କଟିଦେଶରେ ଦୀର୍ଘ ରକ୍ତବର୍ଣ୍ଣ ବସ୍ତ୍ର ଦେଖାଇ ହେଲାଣି, ଅର୍ଥାତ୍ ପୂର୍ବଦିଗର ଆକାଶରେ ଅରୁଣଉଦୟ ଦେଖାଗଲାଣି; ହେ ଯୁବତିମାନସମୋହନ, ମୋ କଞ୍ଚୁକର ପଣନ୍ତ ଗୁଡ଼ିଦିଅ ।

ରାତ୍ରିବିରହ ପରେ ମିଳନ ଆଶାରେ ଚକ୍ରବାକଦମ୍ପତି ଅତି ଆନନ୍ଦିତ ହୋଇ ରବ କଲେଣି, ବନ୍ୟକୁକ୍କୁଟମାନେ ପ୍ରଭାତସୂଚକ ଶବ୍ଦ ଆରମ୍ଭ କରି ଦେଲେଣି, ଯମୁନାଜଳ ପ୍ରବାହରେ ପ୍ରସ୍ଫୁଟିତ ପଦ୍ମମଧ୍ୟରେ ଭ୍ରମରବୃନ୍ଦ ମଧୁପାନ କରୁ କରୁ ଝଙ୍କାର କଲେଣି, ନନ୍ଦଙ୍କ ନଗର ଦ୍ୱାରଦେଶରେ ଥିବା ଭାଟମାନେ ସ୍ତବପାଠ ଆରମ୍ଭ କଲେଣି । ଏହିସବୁ ଶବ୍ଦ ସଙ୍ଗେ ଓ ଯମୁନାକୁ ସକାଳୁ ଗାଧୋଇ ଆସୁଥିବା

(ଚ) ଏଷା ତ୍ୱଂ ଶିଞ୍ଜିତାଙ୍ଗଲତେ ସହେଥା ନାଳୀକନାଳାଙ୍ଗନମପ୍ୟଗାଢ଼ଂ,
ଅଶ୍ଳୀଳବନ୍ଧାର୍ଗଳଯୁଗରୁଦ୍ଧା ସୈବଦ୍ୟୁମାସୀଃ କଥମଦ୍ୟ କଷ୍ଟଂ ।

ସାନ୍ଦ୍ରଃପ୍ରଣୟହାସପରିହାସୈର୍ବଂଶୈଭିରଚ୍ୟେବମାଲୀନାମାଲୀନାୟା-ମଙ୍ଗେଷୁ ଲଜ୍ଜାୟା ଲୀଳାବିମର୍ଦ୍ଦଦୂନାଙ୍ଗ୍ୟାମଙ୍ଗୀକୃତ୍ୟାଙ୍ଗରାଗାଦିସଂସ୍କାରଂ ସାଳସଲ୍ଲସତ୍ ସମୀରେଣ ପଥା କଦମ୍ବକଦମ୍ବସମ୍ବାଧେନ ତାଭିଃ ସହଚରୀଭି-ରବଗାହ୍ୟାସୁ ଯମୁନାବାଃପ୍ରବିଷ୍ଟାୟାଂ ରାଧାୟାମକସ୍ମାଦାଗତଃ ସାନ୍ଦୀପନି-ମୁନିନନ୍ଦନଃ ସାନନ୍ଦଃ ଶ୍ରୀକୃଷ୍ଣଂ ପ୍ରତି ସପ୍ରିଷ୍ଠଂ ।

---

ଗୋପୀମାନଙ୍କ ଅଳଙ୍କାର ଧ୍ୱନି ସଙ୍ଗେ ପ୍ରଭାତସୂଚକ ଡିଣ୍ଡିମ ଶବ୍ଦ ମିଶି ଶୁଣା ଗଲାଣି, ଏହି ସବୁ ଶବ୍ଦଦ୍ୱାରା ଆକାଶପୂର୍ଣ୍ଣ ହେବାରୁ ରାଧା ଧୀରେ ଧୀରେ କୁଞ୍ଜ ମଧ୍ୟରୁ ବାହାରିଲେ, ସେତେବେଳେ ସଖୀମାନେ ତାଙ୍କୁ ପରିହାସରେ କହୁଅଛନ୍ତି—"ବିଚିତ୍ର ବେଶ ମଞ୍ଜୁଳା ରେ" ଇତ୍ୟାଦି ।

---

(ଚ) ବଲ୍ଲୀନିଳୟ—ଲତାକୁଞ୍ଜଗୃହ, ବାସ—ଲୁଗା, ବିଲକ୍ଷଣ—ବିଶିଷ୍ଟ, ଅସାଧାରଣ; ବ୍ୟସ୍ତ—ଇତସ୍ତତଃ ଲିପ୍ତ, ଚିତ୍ରମାଲ୍ଲ—କସ୍ତୂରୀ ପ୍ରଭୃତି ଦ୍ୱାରା ଗଣ୍ଡସ୍ଥଳରେ ଅଙ୍କିତ ହୋଇଥିବା ମାଛର ଚିତ୍ର, ବ୍ରଣଗଣ—ଖଣ୍ଡିଆ ଚିହ୍ନ, ନବପଲ୍ଲବ—ନୂଆ ପତ୍ର, ବିଶ୍ଳଥ—ଢିଲା, ହୁଗୁଳା; ବଲ୍ଲୀକା—ଲତାକୁ, ବାସରେ—ଦିନବେଳେ, ବିଜନେ—ନିର୍ଜନ ସ୍ଥାନରେ, ବିନୟନୟବସତି—ବିନୟ ଓ ନୀତିରେ ନିପୁଣା, କଳାବତୀ—ସୂକ୍ଷ୍ମଶିଳ୍ପନିପୁଣା, ବିରୂପାକ୍ଷଦେବବିପକ୍ଷ—ଶିବଙ୍କ ଶତ୍ରୁ, କାମ; ବଲ୍ଲବଯୁବତୀ—ଗୋପାଙ୍ଗଣୀ ।

ହେ ବାଳା, ତୁ ତ ଅତି ବିଚିତ୍ର ବେଶରେ ସୁନ୍ଦର ହୋଇଅଛୁ ଏବଂ ନାନାବିଧ ଶୃଙ୍ଗାରରେ ନିପୁଣା ଅଟୁ, ଅଧରାତିରେ ଏକାହୋଇ ତୁ କିପରି ଏ ବଣରେ ଫୁଲ ତୋଳୁଅଛୁ ? ହେ ସଖି ତୁ ବିଳାସରେ ବଡ଼ କୁଶଳା ଅଟୁ ଏବଂ କୁଞ୍ଜବନରେ କ୍ରୀଡ଼ା କରିବାରେ ତୁ ବଡ଼ ଉତ୍ସୁକା । ୧ । ଆମ୍ଭେମାନେ ପିଲାଦିନରୁ ପିନ୍ଧାଲୁଗା ଦେହରେ ଲାଗି ରହିଲା ପରି ତୋତେ ଅନୁସରଣ କରିଥିଲୁଁ, କିନ୍ତୁ ତୋର ଏହି ବିଶିଷ୍ଟ ବନବିହାରରୂପ ଉତ୍ସବବେଳେ ତୁ ଯାହା ଆମକୁ ଏକାବେଳକେ ପାସୋରି ଦେଲୁ ଏହା ବଡ଼ ଦୁଃଖର କଥା । ହେ ଗୋରି, ବିଚାର କର, ସଂସାରରେ ଲୋକେ କାହିଁକି ବନ୍ଧୁତ୍ୱ କରନ୍ତି ? ୨ । ହେ ସଖି, ତୋ ଗଣ୍ଡସ୍ଥଳରେ ଯେଉଁ ମାଛର ଚିତ୍ରସବୁ ଅଙ୍କିତ ହୋଇଥିଲା, ସେଗୁଡ଼ିକ ତ କାହିଁକି ଲିଭିଗଲା ପରି ଜଣା ଯାଉଅଛି ଏବଂ ଗଣ୍ଡଦେଶରେ ତ କଣ କ୍ଷତ ଦେଖାଯାଉଅଛି, କି ତୋ ବିମ୍ବଫଳ ସ୍ୱରୂପ ଅଧରରୁ ନୂଆ ପତ୍ରମାନଙ୍କୁ କିଛି କିଛି ( ରକ୍ତିମା ) ବାଣ୍ଟି ଦେଇଅଛୁ କି ? ( ତା ହୋଇ ନ ଥିଲେ ତୋ ରକ୍ତବର୍ଣ୍ଣ ଅଧର ଏପରି

ମଳିନ ଦିଶୁଥିବା କାହିଁକି ? ) ଅଧରର ମଧ୍ୟ ତୋ ପିକାଳିଗା ତ କାହିଁକି ନିସ୍ତୁଳା ହୋଇ ଯାଇଅଛି ? ତୁ ପରା ସବୁଦିନେ ଲୁଗା କାଛି କରି ପିନ୍ଧି ଥାଉ ? ୩ । ଆଉ ମଧ୍ୟ ଦିନବେଳେ ତୁ ପରା ଲତାକୁ ଦେଖି ଡରୁ । ଆମ୍ଭେମାନେ ଆଜି ବ୍ରଜରେ ଶୁଣି ଆସିଲୁଁ ଯେ, ତୁ ପ୍ରତି ରାତିରେ ଘରୁ ଆସି ନିର୍ଜନ ବଣରେ ବୁଲୁଛୁ, ତୁ ଯାହା ଆଦୌ ଡରୁ ନାହୁଁ ଏ ତ ବଡ ବିଷମ କଥା । ୪ । ହେ ସଖି, ତୁ ବିନୟ ଓ ଶୀଳର ଆଶ୍ରୟ ସ୍ଥଳ ଅର୍ଥାତ୍ ତୁ ଯେପରି ବିନୟବତୀ ସେହିପରି ଶୀଳସମ୍ପନ୍ନା ଅଟୁ ଏବଂ ବିଚିତ୍ର ସୂକ୍ଷ୍ମ ଶିଳ୍ପବିଦ୍ୟାରେ ମଧ୍ୟ ଦକ୍ଷା ଅଟୁ, ତୁ ଗଉଡ଼ ଘରର ଭୂଷଣୀ ହୋଇ କନ୍ଦର୍ପକୁ ଜିଣି ଯଶରେ ପୃଥିବୀକୁ ମଣ୍ଡିତ କଲୁ । ଅଷ୍ଟଦୁର୍ଗର ରାଜା ତୋତେ ବନ୍ଦନା କରୁଅଛନ୍ତି । ୫ ।

ଟୀକା—ହେ ଶିରୀଷାଙ୍ଗଲତେ, ଶିରୀଷପୁଷ୍ପମିବ କୋମଳା ଅଙ୍ଗଲତା ଯସ୍ୟାଃ ତତ୍ ସମ୍ବୋଧନେ ହେ ଶିରୀଷକୋମଳାଙ୍ଗି, ଯା ତ୍ୱଂ ଅଗାଢ଼ଂ ମୃଦ୍ୱପି ଆଲି-ଜନାନାଂ ସଖୀଜନାନାଂ ଆଲିଙ୍ଗନଂ ନ ସହେଥାଃ ସୋଢ଼ୁମକ୍ଷମା, ସା ଏବ ତ୍ୱଂ କଥଂ ଅଦ୍ୟ ଆସମ୍ୟକ୍ ନୀଳଂ ଯତ୍ ଉତ୍ପାର୍ଗଳଯୁଗ୍ମଂ ଅର୍ଗଳାବିବ ନୀଳବାହୁଯୁଗଂ ତେନ ରୁଦ୍ଧା ନିଯନ୍ତ୍ରିତା ଆସୀଃ ଅଭବଃ ଇତି କଷ୍ଟମ୍ ।

ସାନ୍ତଃପ୍ରଣୟିହାସପରିହାସୈଃ ଅନ୍ତରାନୁରାଗେଣ ହାସେନ ପରିହାସେନ ଚ ସହିତୈଃ ଆଳୀନାଂ ସଖୀନାଂ ଇତ୍ୟେବଂ ବଚୋଭିଃ ଲଜ୍ଜୟା ଅଙ୍ଗେଷୁ-ଲୀନାୟାଂ ସଙ୍କୁଚିତାୟାଂ, ତଥା ଲୀଳାବିମର୍ଦ୍ଦେନ ବିଳାସାଲିଙ୍ଗନାଦିନା ଦୂନାଙ୍ଗ୍ୟାଂ କ୍ଳିଷ୍ଟା-ବୟବାୟାଂ ରାଧାୟାଂ ଅଙ୍ଗରାଗାଦି ସଂସ୍କାରଂ ତନୁମାର୍ଜନୋଚିତ ସୁଗନ୍ଧଦ୍ରବ୍ୟଜାତଂ ଅଙ୍ଗୀକୃତ୍ୟ ଗୃହୀତ୍ୱା ଚ୍ଛିତାଭିଶ୍ଚ ଶେଷଃ ତାଭିଃ ପରିହାସକାରିଣୀଭିଃ ସହଚରୀଭିଃ ସହ ସାଳସଂ ଧୀରଂ ଲସନ୍ ବହନ୍ ସମୀରଃ ପବନୋ ଯସ୍ମିନ୍ ତଥୋକ୍ତେନ କଦମ୍ବାନାଂ ନୀପବୃକ୍ଷାଣାଂ କଦମ୍ବେନ ସମୂହେନ ସଂବାଧେନ ସଂକୀର୍ଣ୍ଣେନ ପଥା ଗତ୍ୱା ଇତି ଶେଷଃ ଅବଗାହାୟ ସ୍ନାନାର୍ଥଂ ଯମୁନାୟା ବାରି ସଲିଳେ ପ୍ରବିଷ୍ଟାୟାଂ ରାଧାୟାଂ ସତ୍ୟାଂ ଅକସ୍ମାଦାଗତଃ ହଠାଦୁପସ୍ଥିତଃ ସାନନ୍ଦଃ ସହର୍ଷଃ ଧାନ୍ଦୀପନ-ମୁନିନନ୍ଦନଃ ମଧୁମଙ୍ଗଳଃ ଶ୍ରୀକୃଷ୍ଣଂ ପ୍ରତି ସସ୍ମିତଂ ଈଷଦ୍ଧାସ୍ୟସହିତଂ ବଦତୀତି ଶେଷଃ ।

ଅନୁବାଦ—ହେ ଶିରୀଷପୁଷ୍ପାଙ୍ଗି, ତୁ ତ ସଖୀଜନମାନଙ୍କର କୋମଳ ଆଲିଙ୍ଗନ ସହିପାରୁ ନାହିଁ, ସେହି କୋମଳାଙ୍ଗୀ ତୁ ଆଜି କିପରି ନୀଳବର୍ଣ୍ଣସ୍ୱରୂପ ବାହୁ ଅର୍ଗଳରେ ( କିଳଣିରେ ) ଅବରୁଦ୍ଧା ( ବନ୍ଦୀ ) ହେଲୁ । ଓଃ, ଏ ବଡ଼ କଷ୍ଟର କଥା ।

ଆଳୀମାନଙ୍କର ଏହି ପରିହାସ କଥାରେ ରାଧା ଲଜ୍ଜାରେ ସଙ୍କୁଚିତ ହୋଇଗଲେ । ତାଙ୍କ ଶରୀର ରତିରଙ୍ଗରେ ବଡ କ୍ଳାନ୍ତ ହୋଇ ପଡ଼ିଥିଲା, ଧୀର ସମୀରଣ ପ୍ରବାହରେ ଆନ୍ଦୋଳିତ କଦମ୍ବବୃକ୍ଷସମାକୁଳ ସଂକୀର୍ଣ୍ଣ ପଥରେ

# ଶ

ଶ୍ୟାମ ଶିଖଣ୍ଡଚୂଳ, ଶ୍ରମ କି ଆଜପାକେ ହେଲା ସଫଳ । ପଦ ।
ଶଂବରୀ କନ୍ଦ୍ରା ବନା ଗଲା କି ସର, ସମ୍ବରପରପୁର କଲ କି ଲୁଟ୍ । ୧ ।
ଶ୍ରୀଅଙ୍ଗ ବେଶ କିପାଁ ଏପରି ଆଜ, ଶରଦଚନ୍ଦ୍ର, ତୁମ୍ଭ ନାହିଁ କି ଲାଜ । ୨ ।
ଶିଶୁ ହେଲେହେଁ ତୁମ୍ଭେ କଲଭ*ସର, ଶଶକିଶୋରୀଟିକି ଦେଲ ଯେ ସାର ॥
ଶିରୀଷମାଳା ଦଳିଦେଇ କୁଠାରେ, ଶଙ୍କା ନ କଲ ସଖୀମାନଙ୍କଠାରେ ।୪।
ଶରମ୍ପ୍ରଦ ଆଜ ସରିକି ହେଲା, ଶମନସ୍ୱସା-ତଟ-ଅଟବୀବୁଲା । ୫ ।
ଶିର ସୁନ୍ଦର ଦଶେ ଯାବକ ବୋଳେ, ଶରଣ ବୋଲି କି ପଡ଼ିଲ ପାଦ ତଳେ ॥
ଶପଥ ଶତ ଅଛି କହନ୍ତି ସତେ, ଶ୍ରୀ ବଳଦେବ ନୃପ ରଚିଲେ ଗୀତେ । ୭ ।

---

ତନୁ ମାର୍ଜନ ପାଇଁ ସୁଗନ୍ଧ ଦ୍ରବ୍ୟମାନ ଧାରଣ କରିଥିବା ସେହି ସହଚରୀମାନଙ୍କ ସଙ୍ଗରେ ଯମୁନାଜଳରେ ପ୍ରବେଶ କଲେ । ଏହି ସମୟରେ ସାନ୍ଦୀପନି ମୁନିଙ୍କ ପୁତ୍ର ମଧୁମଙ୍ଗଳ ହଠାତ୍ ଉପସ୍ଥିତ ହୋଇ ହସି ହସି ଶ୍ରୀକୃଷ୍ଣଙ୍କୁ କହୁଅଛନ୍ତି:—
"ଶ୍ୟାମ ଶିଖଣ୍ଡଚୂଳ" ଇତ୍ୟାଦି ।

---

(ଶ) ଶିଖଣ୍ଡଚୂଳ—ମୟୂରପୁଚ୍ଛମୁକୁଟଧାରୀ, ଶଂବରୀ—ରାତି, ଶମ୍ବରପରପୁର—କାମଦେବଙ୍କ ରାଜଧାନୀ, ଲୁଟି—ଲୁଟି, କଲଭ—ଶିଶୁ ହାତୀ, ଶଶକିଶୋରୀ—କୋମଳପ୍ରାଣ ଠେକୁଆ ପରି କୋମଳାଙ୍ଗୀ ରାଧା, କୁଠାର—କୁରାଢି, ଶରମପ୍ରଦ—ଶର୍ମଦାୟୀ, ସୁଖପ୍ରଦ; ଶମନସ୍ୱସା—ଯମ ଭଉଣୀ, ଯମୁନା; ଅଟବୀବୁଲା—ବଣରେ ବୁଲିବା, ଶିର—ମସ୍ତକ, ଯାବକ—ଅଲତା. ବୋଲ—ଲେପ, ପାଦ ତଳେ—ଗୋଡ଼ତଳରେ ।

ହେ ମୟୂରପୁଚ୍ଛମୁକୁଟଧାରୀ ଶ୍ୟାମ, ଆଜିପାକେ ଯେତେ ପରିଶ୍ରମ କରିଥିଲ ତାହା ସଫଳ ହେଲା କି ? ପଦ । କାମରାଜାଙ୍କ ରାଜଧାନୀକୁ ଲୁଟି କରିବାରେ ବିନା ନିଦ୍ରାରେ ରାତି ପାହି ଗଲା କି ? ୧ । ତୁମ୍ଭ ଶ୍ରୀଅଙ୍ଗ ବେଶ କାହିଁକି ଆଜ ଏପରି ଦିଶୁଛି ? ହେ ଶରଦଚନ୍ଦ୍ର, ତୁମ୍ଭଙ୍କୁ କଣ ଲାଜ ଟିକିଏ ନାହିଁ ? ଅର୍ଥାତ୍ ଏ କାର୍ଯ୍ୟରେ କଣ ତୁମ୍ଭଙ୍କୁ ଲାଜ ମାଡୁ ନାହିଁ ? ( ତୁମ୍ଭେ ଶରଦଚନ୍ଦ୍ର ପରି ସୁନ୍ଦର, ଆଜି ତୁମ୍ଭର ସେହି ସୁନ୍ଦର ଦେହ ମଳିନ ହୋଇଥିବାରୁ ତୁମ୍ଭଙ୍କୁ ଟିକିଏ ଲଜ୍ଜା ହେଉ ନାହିଁ କି ?) । ୨ । ତୁମ୍ଭେ ବାଳକ ହେଲେହେଁ କଲଭ ଅର୍ଥାତ୍ ହାତୀଛୁଆ ପରି ଅସାଧାରଣ ବଳଶାଳୀ, କ୍ଷୁଦ୍ରକାୟ କୋମଳପ୍ରାଣ ଠେକୁଆ ପରି କୋମଳାଙ୍ଗୀ କିଶୋରୀଟିକି ସାରିଦେଲ ଅର୍ଥାତ୍ ଦଳି ଦେଲ । ୩ । ଆହା, କି ଦୁଃଖର -

---

* 'କେଶରୀ ସର' ପାଠାନ୍ତର । ମାତ୍ର ଅଲଙ୍କାର ଦୃଷ୍ଟିରେ ଏହା ଅସଙ୍ଗତ ।

(ଗ) ନବଶୈଶବସୌକୁମାର୍ଯ୍ୟଧୁର୍ଯ୍ୟାଙ୍ଗୁଳିଲୀଳୋଦ୍ଧୃତଦୁର୍ଦ୍ଧରାଚଳସ୍ୟ,
ତବ ତସ୍ୟ ବାଲାଢ୍ୟ ବାଲିକାୟାଃ ସ୍ତନତାଲଦ୍ୱୟଧାରଣଂ ନ ଚିତ୍ରଂ ।
ଚିରେଣ ଲବ୍‌ଧାଷ୍ଟୁବ୍‌ଧମନୋରଥ ଫଳତୟା ଗର୍ବିତୋଽସି ଖର୍ବିତପର୍ବ-
ଶର୍ବରୀରମଣାସ୍ୟାଦ୍ୟବୋଦ୍ଧବ୍ୟଂ ନନ୍ଦଯଶୋଦୟୋଃ ପୁରତସ୍ତବାଚରିତ-
ମିତ୍ୟୁକ୍ତବତି ମଧୁମଙ୍ଗଳେ ସପ୍ରଣୟର୍ମ୍ମାଷହାସସ୍ମିତଂ ତଂ ପ୍ରତି କୃଷ୍ଣଃ,
ଧୂର୍ତ୍ତାର୍ତ୍ତିସ୍ୟ ବାର୍ତ୍ତିତା ବାର୍ତ୍ତାମପି କ୍ୱଂ ନାଭିପ୍ରେପ୍ସି ଭିନ୍ନାମବଲମ୍ବସେ
ଦାରୁଣାଂ ସରଣୀମ୍ ।

---

କଥା । ସୁକୋମଳ ଶିରୀଷଫୁଲର ମାଳାକୁ କୁସଡ଼ିରେ ଦଳି ଦେଇ ବନ୍ଧୁମାନଙ୍କୁ ଟିକିଏ ସୁଦ୍ଧା ଭୟ କଲ ନାହିଁ । ୪ । ଯମୁନାକୂଳବର୍ତ୍ତୀ ବଣରେ ବୁଲିବାଟା ଆଜି ସଭିଙ୍କ ସୁଖଦାୟକ ହେଲା ପରି । ୫ । ଅଳତାବୋଳରେ ତ ମୁଣ୍ଡ ସୁନ୍ଦର ଦିଶୁଅଛି, "ତୁ ମୋର ଏକମାତ୍ର ଶରଣ" ଏହି କଥା କହି ତାଙ୍କ ଗୋଡ଼ତଳେ ପଡ଼ିଗଲ କି ? ୬ । ତୁମ୍ଭଙ୍କୁ ଶପଥରେ ମୋ ରାଣ ଅଛି, ସତକଥା କହ, ବାଲ୍ମୁକେଶ ରାଜା ଏ ଗୀତ ରଚନା କଲେ । ୭ ।

ଟୀକା—ହେ ବାଲାଢ୍ୟ, ବଳଶାଳିନ୍, ନବେ ଶୈଶବେ ଯତ୍ ସୌକୁମାର୍ଯ୍ୟଂ କୋମଳତା ତସ୍ମିନ୍ ଧୁର୍ଯ୍ୟାଃ ନିପୁଣାଃ ଶୈଶବୋଚିତସୁକୋମଳା ଇତ୍ୟର୍ଥଃ ଯାଃ ଅଙ୍ଗୁଳୟଃ ତାଭିଃ ଲୀଳୟା ଅକ୍ଳେଶେନ ଉଦ୍ଧୃତ ଉତ୍ତୋଳିତଃ ଦୁର୍ଦ୍ଧରାଚଳଃ ଗୋବର୍ଦ୍ଧନାଖ୍ୟଃ ଯେନ ତସ୍ୟ ତବ ବାଳିକାୟାଃ ରାଧାୟାଃ ସ୍ତନତାଲଦ୍ୱୟସ୍ୟ ତାଲଫଳସଦୃଶସ୍ତନୟୋଃ ଧାରଣଂ ନ ଚିତ୍ରଂ, ଯସ୍ତ୍ୱ ଶୈଶବେ କୋମଳାଙ୍ଗୁଳିଭିଃ ଗୋବର୍ଦ୍ଧନାଦ୍ରିଂ ଲୀଳୟା ଉଦ୍ଧୃତବାନ୍ ସାଂପ୍ରତଂ ତତ୍‌ପକ୍ଷେ ବାଳିକାୟାଃ ସ୍ତନଧାରଣମକିଞ୍ଚିତ୍କରମିତ୍ୟର୍ଥଃ ।

ଖର୍ବିତଃ ତିରସ୍କୃତଃ ପର୍ବଶର୍ବରୀରମଣଃ ପୂର୍ଣ୍ଣିମାଚନ୍ଦ୍ରଃ ଯେନ ତଥାଭୂତଂ ଆସ୍ୟଂ ଯସ୍ୟ ତତ୍ ସମ୍ବୋଧନେ, ଚିରେଣ ଚିରକାଳପରଂ ଲବ୍‌ଧଂ ପ୍ରାପ୍ତଂ ଅଷ୍ଟୁବ୍‌ଧ-ମନୋରଥସ୍ୟ ଅବିଚଳିତାଭିଳାଷସ୍ୟ ଫଳଂ ଯେନ ତସ୍ୟ ଭାବଃ ତତ୍ତତୟା, ଚିର-କାଳାନନ୍ତରଂ ତବାଭିଳାଷଃ ପୂର୍ଣ୍ଣ ଆସୀତ୍ ତସ୍ମାତ୍ ତ୍ୱଂ ହୃଦଗର୍ବମନୁଭବସି, ଅଦ୍ୟ ନନ୍ଦଯଶୋଦୟୋଃ ତବ ପିତ୍ରୋଃ ପୁରତଃ ତବ ଆଚରିତଂ ଆଚରଣଂ ବୋଦ୍ଧବ୍ୟଂ ବିଜ୍ଞାପୟିତବ୍ୟଂ ମୟା ଇତି ଶେଷଃ; ମଧୁମଙ୍ଗଳେ ଇତି ଉକ୍ତବତି ସତି ତଂ ପ୍ରତି ସପ୍ରଣୟଂ ପ୍ରୀତିପୂର୍ବକଂ ଈଷତ୍‌ହାସସ୍ମିତଂ କିଞ୍ଚିତ୍ ଉଦ୍ୟଦ୍ଧାସସହିତଂ ଶ୍ରୀକୃଷ୍ଣଃ କଥୟତୀତି ଶେଷଃ; ହେ ଧୂର୍ତ୍ତ, ଆର୍ତ୍ତିସ୍ୟ ମମବାର୍ତ୍ତିସ୍ୟ ମାରୋଗସ୍ୟ ଜ୍ୱରସ୍ତସ୍ୟ ତସ୍ୟା ବାର୍ତ୍ତାଂ କୁଶଳସମ୍ବାଦମପି ଯାବତ୍ ଅପି ନ ଅଭିପ୍ରେପ୍ସି ଜ୍ଞାତୁସେ, ଅପି ପୁନଃ ଭିନ୍ନାଂ ଅନ୍ୟଂ ଦାରୁଣାଂ ନିଷ୍ଠୁରାଂ ସରଣୀଂ ପଦ୍ଧତିଂ ଅବଲମ୍ବସେ ।

ଅନୁବାଦ—ହେ ବଳଶାଳୀ, ଯେଉଁ ଲୋକ ଶୈଶବକାଳରେ ସୁକୋମଳ ଅଙ୍ଗୁଳି ସାହାଯ୍ୟରେ ଦୁର୍ଦ୍ଧର ଗୋବର୍ଦ୍ଧନ ପର୍ବତକୁ ଟେକିଥିଲେ,

# ସ

ରାଗ—ମୁଖାରୀ

ସପତ୍ନି ମୋର ରେ, ସହ ଏହି ଥର ରେ,
ସାର ହାରମସାରମଣିବର ପରି ଧରି ବକ୍ଷଃସ୍ଥଳେ ନିରନ୍ତର,
ନ ଫିଙ୍ଗି ପୁଣି ହଟି ସୁନ୍ଦର ନୁହଇଟି ଶତ୍ରୁର ଭରସା ବଢ଼ାଅ ଅପରିମିତ । ପଦ ।
ଶୁଣିଲେ ଆଜ କେ ବ୍ରଜେ, ସରସିବ ସିନା ଲାଜେ,
ସାହା ତୁ ନୋହିଲେ କିଛି, ସଂସାରେ ନିକର୍ମୁଁ ଅଛି । ୧ ।
ସାଧୁଜନ କୁକ୍ଷିକୂପେ, ଭଲ ମନ୍ଦ ହିନା ଛପେ,
ସହର କ୍ରୋଧ ଉଦୟ, ସହଜେ ତୁ ସହୃଦୟ । ୨ ।
ସବୁ ଅନ୍ୟାୟ ଚରିତ, ଶିକ୍ଷାକୁ ଗୁରୁ ତୁହି ତ,
ସମୟେ କାହିଁ ଛୋଟିକି, ସଖା ଲକ୍ଷଣ ଏ ଟିକି । ୩ ।
ସମାଂସମୀନା ଅଯୂତେ, ସମର୍ପି ଦେବାଟି ଛୋଟେ,
ସମ୍ଭାଳ ମୋର ଅତୁର, ସର୍ବସ୍ୱ ପତ୍ନୀ ତୁ ମୋର । ୪ ।
ସାକ୍ଷାତ ଦେଖିଲି ପର, ସାକ୍ଷୀ ହେବାକୁ ବାହାର,
ସାଧିବାର ଅଶକ୍ତର, ସପତ୍ନୀ ନୁହେଁ ମୁଁ ତୋର । ୫ ।
ସାନ୍ଦୀପନିସୁତ ଯତି, ସେ କି ଜାଣେ ବୋଲି ପ୍ରୀତି,
ସରସେ ପିଠିବେ ଚକ୍‌ଳା, ସମ୍ବାଦକୁ ଏତେ ଏକା । ୬ ।
ଶୁଣି କିଶୋର ବଚନ, ସଖା କଲେ ଆଲିଙ୍ଗନ,
ସୁନ୍ଦର ଅଷ୍ଟଦୁର୍ଗର ସନ୍ତୋଷେ ଯୋଡ଼ିଲେ କର । ୭ ।

---

ତାଙ୍କ ପକ୍ଷରେ (ଅର୍ଥାତ୍ ତୁମ୍ଭ ପକ୍ଷରେ) ବାଳକାର ତାଳଫଳ ସଦୃଶ ସ୍ତନଦ୍ୱୟର ନିବାରଣ ବଚନ ନୁହେ ।

ତୁମ୍ଭର ମୁଖ ପୂର୍ଣ୍ଣିମାଚନ୍ଦ୍ରର ଗର୍ବକୁ ଖର୍ବ କରେ; ହେ କୃଷ୍ଣ, ବହୁଦିନର ଅଭିଳାଷ ପୂର୍ଣ୍ଣ ହୋଇଯିବାରୁ ତୁମ୍ଭେ ଗର୍ବିତ ହୋଇଅଛ । ହେଉ; ଆଜି ତୁମ୍ଭ ବାପ ମାଙ୍କ ଆଗରେ ଏ କଥା ବୁଝାଯିବ; ମଧୁମଙ୍ଗଳ ଏହିପରି କହନ୍ତେ ଶ୍ରୀକୃଷ୍ଣ କିଞ୍ଚିତ୍ ଭୟ ଓ ହାସ୍ୟ ସହିତ ପ୍ରୀତି ପ୍ରକାଶପୂର୍ବକ କହିଲେ, ହେ ଧୂର୍ତ୍ତ, ମୁଁ ବର୍ତ୍ତମାନ ଅତ୍ୟନ୍ତ ଆର୍ତ୍ତ ହୋଇଅଛି; ମୋର କୁଶଳ ପ୍ରଶ୍ନ ନ ପଚାରି ଏପରି ବିପରୀତ ନିଦାରୁଣ ମାର୍ଗ କାହିଁକି ଅବଲମ୍ବନ କରୁଅଛ ? ଅନନ୍ତର ଶ୍ରୀକୃଷ୍ଣ ମଧୁମଙ୍ଗଳକୁ କହୁଅଛନ୍ତି:—"ସପତ୍ନି ମୋର ରେ" ଇତ୍ୟାଦି ।

(ଘ) ଅନ୍ୟୋଽନ୍ୟାଶ୍ଲେଷଶର୍ମବ୍ୟତିକରବିମଳସ୍ୱାନ୍ତସନ୍ତୋଷବନ୍ତୌ—
ବନ୍ୟୋନ୍ୟାଳୀଢ଼ଲକ୍ଷ୍ମୀକ୍ଷଣଗଳିତସମସ୍ତାନ୍ତରାୟୌ ସଖାୟୌ ।
ସମ୍ପ୍ରଭାବର୍ଦ୍ଧୟନ୍ତ୍ୟୁପନତସଖିଭିଃ ସାର୍ଦ୍ଧମାନନ୍ଦ ବଂଶୀ—
ଶୃଙ୍ଗଧ୍ୱାନାଢ୍ୟଗୀରଂ ତଦପଘନଭୁବୋ ଜଗ୍ମତୁସ୍ତିଗ୍ମରଶ୍ମେଃ ॥

ତତସ୍ତସ୍ୟାସ୍ତୀରେଽପ୍ୟନ୍ୟନୀଳଶତପତ୍ରପତ୍ରସଗୋବନେନାଭି-ବଲ୍ଲବପଲ୍ଲବାଧରାଭିଷ୍ଟୁବଦବଲୋକ୍ୟ ସବ୍ରଜବାଳକବ୍ରଜଂ ସମୃଦ୍ଧଶ୍ରୀଭାଣ୍ଡୀରବ-ପାଣ୍ଡିତ୍ୟଶୋଭିପିଚଣ୍ଡିଲଚରଣାମ୍ଭୋଜଂ କନ୍ଦର୍ପଦର୍ପୀଷ୍ଟଶୈଶବଂ କେଶବଂ ମିଥଃ କଥାସ୍ତେନରେ ।

---

(ଘ) ସପତ—ଶପଥ, ରାଣ; ସାର—ଉତ୍କୃଷ୍ଟ; ହାରମସାରମଣିବର—ହାର ମଧ୍ୟରେ ଥିବା ଶ୍ରେଷ୍ଠ ଇନ୍ଦ୍ରନୀଳମଣି; ହଟି—ହଠ କରି, କୌତୁକରେ; ଭରସା—ଆଶା; ଅପରମିତ—ଅନନ୍ତ; ସାହା—ସହାୟ; ନିକ—କଅଣ(ଅବ୍ୟୟ); କୁକ୍ଷିକୂପେ—ପେଟରୂପ କୂଅରେ; ଛପେ—ଲୁଚେ; ସଂହର—କମାଅ; ସହୃଦୟ—ବନ୍ଧୁ; ସମାଂସମୀନା—ଯେଉଁ ଗାଈ ପ୍ରତିବର୍ଷ ପ୍ରସବ କରେ ( ସମାଂସମୀନା ଯା ସୈବ ପ୍ରତିବର୍ଷଂ ପ୍ରସୂୟତେ ); ସମ୍ଭାଳ—ରକ୍ଷାକର; ଆବୁର—ମହତ୍ତ୍ୱ; ସପତ୍ନ—ଶତ୍ରୁ; ସରସେ—ଆନନ୍ଦରେ; ଡଙ୍କା ପିଟିବେ—ଢେଙ୍କୁରା ଦେବେ, ପ୍ରଚାର କରିବେ, ସୁନାମା—ଇନ୍ଦ୍ର ।

ହେ ବନ୍ଧୁ ମଧୁମଙ୍ଗଳ, ମୋ ରାଣଟି, ଏହି ଥରକ ସହ, ହାର ମଧ୍ୟରେ ଥିବା ଉତ୍କୃଷ୍ଟ ଇନ୍ଦ୍ରନୀଳମଣି ପରି ସର୍ବଦା ଛାତିରେ ଧରି ପରେ କୌତୁକରେ ତାକୁ ପିଙ୍ଗି ଦେ ନା, ଏ କଥା ସୁନ୍ଦର ନୁହେ; ଏହା ବିଚାର କରି ମୋର ଅନନ୍ତ ଆଶା ବଢ଼ାଅ ଅର୍ଥାତ୍ ମୋର ଭବିଷ୍ୟତ୍ ବନ୍ଧୁ ଆଶାରେ ସାହାଯ୍ୟ କର । ପଦ । ଏ କଥା ଯେବେ ଗୋପପୁରରେ କେହି ଶୁଣେ, ତେବେ ମୁଁ ଲାଜରେ ମରିଯିବି ସିନା । ତୁ ମୋର ସହାୟ ନ ହେଲେ ମୁଁ ବଞ୍ଚିବି କି ? ୧ । ସାଧୁ ଲୋକଙ୍କର ଉଦରରୂପ କୂପ ମଧ୍ୟରେ ସବୁ କଥା ଲୁଚି ରହେ ଅର୍ଥାତ୍ ଭଦ୍ରଲୋକ ଭଲମନ୍ଦ ସବୁ କଥାକୁ ନିଜ ପେଟରେ ଲୁଚାଇ ରଖେ, କିନ୍ତୁ ବାହାରେ ପ୍ରକାଶ କରେ ନାହିଁ । କ୍ରୋଧର ଉଦୟକୁ ସଂହାର କର ଅର୍ଥାତ୍ ଆଉ ରାଗ ନାହିଁ । ପ୍ରକୃତରେ ତୁ ବନ୍ଧୁ ଅଟୁ । ୨ । ତୁ ମୋତେ ସବୁ ଅନ୍ୟାୟ ଆଚରଣ ଶିଖାଇଅଛୁ; ସେ ବିଷୟରେ ତୁ ମୋର ଗୁରୁ, କିନ୍ତୁ ସମୟ ପଡ଼ିଲେ ତୋଟି କାଟି ଦେଉ, ଅର୍ଥାତ୍ ଅପବାଦ ରଟାଇବାଦ୍ୱାରା ମୋର ସର୍ବନାଶ ଘଟାଉ; ଏହା ବନ୍ଧୁଲକ୍ଷଣଟି ? ୩ । ମୁଁ ତୋତେ ଦଶ ହଜାର ଦୁଧିଆଳୀ ଗାଈ ଦେବି; ତୁ ମୋର ମହତ୍ତ୍ୱ ବା ଇଜ୍ଜତ୍ ରଖ; ତୁ ମୋର ସର୍ବସ୍ୱ ଅଟୁ । ୪ । ଆଖିରେ ଦେଖିବା ପରି ତୁ ତ ସାକ୍ଷୀ ହେବାକୁ ବାହାରୁଛୁ, ମୁଁ ତ ତୋର ଶତ୍ରୁ ନୁହେ, ତୁ ଏପରି ଅତ୍ୟାଚାର କରୁଛୁ

କିଅଁ ? ୫ । ହେଉ, ତୁ ଏକଥା ପ୍ରକାଶ କଲେ ଲୋକେ କହିବେ, "ସେ ତ ସାନ୍ଦୀପନିଙ୍କ ପୁଅ, ଜଣେ ତପସ୍ୱୀ, ସେ କଅଣ ପ୍ରୀତି କଥା ଜାଣେ ?" ଏ ଅପବାଦ ଏକା ତୋତେ ଭୋଗିବାକୁ ପଡ଼ିବ । ୬ । ଶ୍ରୀକୃଷ୍ଣଙ୍କର ଏହି କଥା ଶୁଣି ସଖା ମଧୁମଙ୍ଗଳ ତାଙ୍କୁ ଆଲିଙ୍ଗନ କଲେ । ଆଠଗଡ଼ର ଇନ୍ଦ୍ର (ରାଜା) ସନ୍ତୋଷରେ ହାତ ଯୋଡ଼ିଲେ । ୭ ।

ଟୀକା—ଅନ୍ୟୋଽନ୍ୟଂ ପରସ୍ପରଂ ଯଃ ଅଶ୍ଳେଷଃ ଆଲିଙ୍ଗନଂ ତେନ ଶର୍ମ ସୁଖଂ ତସ୍ୟ ବ୍ୟତିକରେଣ ସଂମ୍ପର୍କେଣ ବିମଳଂ ନିର୍ମଳଂ ଯତ୍ ସ୍ୱାନ୍ତଂ ଅନ୍ତଃକରଣଂ ତସ୍ମିନ୍ ସନ୍ତୋଷବନ୍ତୌ ସନ୍ତୁଷ୍ଟୌ, ଅନ୍ୟୋଽନ୍ୟଂ ପରସ୍ପରଂ ଅଯୀଣା ପ୍ରକୃଷ୍ଟା ଯା ଲକ୍ଷ୍ମୀଃ ଶୋଭା ତସ୍ୟାଃ ଈକ୍ଷଣେନ ଦର୍ଶନେନ ଗଳିତଃ ଲୁପ୍ତଃ ସମସ୍ତଃ ଅନ୍ତରାୟଃ ବିଘ୍ନଃ ଯୟୋଃ ତୌ, ସଶ୍ରଦ୍ଧୌ ଶ୍ରଦ୍ଧାଯୁକ୍ତୌ ସଖାୟୌ କୃଷ୍ଣମଧୁମଙ୍ଗଳୌ, ଅର୍ଦ୍ଧପଦ୍ଧତ୍ୟାଂ ଅର୍ଦ୍ଧମାର୍ଗେ ଉପନତାଃ ସମୀପୋପଗତାଃ ଯେ ସଖାୟଃ ବାନ୍ଧବାଃ ତୈଃ ସାର୍ଦ୍ଧଂ; ତିଗ୍ମାଃ ତୀକ୍ଷ୍ଣାଃ ରଶ୍ମୟଃ କିରଣାଃ ଯସ୍ୟ ତସ୍ୟ ସୂର୍ଯ୍ୟସ୍ୟ ଅପତ୍ୟାତ୍ ଶରୀରାତ୍ ଲୂଃ ଉତ୍ପତ୍ତିଃ ଯସ୍ୟାଃ ତସ୍ୟାଃ ସୂର୍ଯ୍ୟାତ୍ମଜାୟାଃ ଯମୁନାୟାଃ, ଆନଦ୍ଧଂ ପଟହମୃଦଙ୍ଗାଦି, ବଂଶୀ ବେଣୁଃ, ଶୃଙ୍ଗଂ 'ଶିଙ୍ଗା' ଇତି ଖ୍ୟାତଃ ବାଦ୍ୟଯନ୍ତ୍ରବିଶେଷଃ ତେଷାଂ ସମାହାରଃ ଆନଦ୍ଧବଂଶୀଶୃଙ୍ଗଂ ତସ୍ୟ ଧ୍ୱାନାଢ୍ୟଂ ଶବ୍ଦପୂର୍ଣ୍ଣଂ ତତ୍ ପ୍ରସିଦ୍ଧଂ ତୀରଂ ଜଗ୍ମତୁଃ ଗତବନ୍ତୌ ।

ତତସ୍ତଦନନ୍ତରଂ ତସ୍ୟାଃ ଯମୁନାୟାସ୍ତୀରେ ଅପି ଅନ୍ୟତ୍ର ଅନ୍ୟସ୍ମିନ୍ ତୀର୍ଥେ ଆଗଲଂ ସର୍ବତୋଭାଗଲଂ ଯତ୍ ଶତପତ୍ରାଣାଂ ପଦ୍ମାନାଂ ପତ୍ରଂ ତସ୍ୟ ସଙ୍ଗୋତ୍ରେ ସଦୃଶେ ନେତ୍ରେ ଯାସାଂ ତାଭିଃ ବଲ୍ଲବୀନାଂ ଗୋପାଳୀନାଂ ପଲ୍ଲବବତ୍ କୋମଳପତ୍ରବତ୍ ଅଧରଃ ଯାସାଂ ତାଭିଃ କର୍ତ୍ତ୍ରୀଭିଃ ଚପଳତ୍ ବହୁଯଣଂ ଯାବତ୍ ଅବଲୋକ୍ୟ ସବ୍ରଜବାଳକବ୍ରଜଂ ବ୍ରଜବାଳକବୃନ୍ଦସହିତଂ, ସମୁଦଣ୍ଡଃ ଉତ୍କଟଃ ଯଃ ତାଣ୍ଡବଃ ନୃତ୍ୟଂ ତସ୍ମିନ୍ ପାଣ୍ଡିତ୍ୟଂ ତସ୍ୟ ଶୋଭା ତଯା ପିଣ୍ଡିତଂ ସମନ୍ୱିତଂ ଚରଣଦ୍ୱୟଂ ଯସ୍ୟ ତଂ, କିଞ୍ଚିଦବଶିଷ୍ଟଶୈଶବଂ ଶୈଶବଯୌବନୟୋଃ ସନ୍ଧୌ ବର୍ତ୍ତିମାନଂ କେଶବଂ ଶ୍ରୀକୃଷ୍ଣଂ ଅବଲୋକ୍ୟ ମିଥଃ ପରସ୍ପରଂ କଥାଃ ବକ୍ଷ୍ୟମାଣରୂପାଃ ତେନରେ ବିସ୍ତାରିତାଃ କୃତା ଇତି ଯାବତ୍ ।

ଅନୁବାଦ—ଶ୍ରୀକୃଷ୍ଣ ଓ ମଧୁମଙ୍ଗଳ ଦୁହେଁ ପରସ୍ପରକୁ ଆଲିଙ୍ଗନ କରି ଅନ୍ତଃକରଣରେ ବିମଳ ଆନନ୍ଦ ଅନୁଭବ କଲେ, ପରସ୍ପର ଶୋଭା ସନ୍ଦର୍ଶନରେ ଉଭୟଙ୍କ ମନରୁ ସମସ୍ତ ବାଧା ଅନ୍ତର୍ହିତ ହୋଇଗଲା, ସସ୍ନେହରେ ଦୁହେଁ ଯାଉ ଯାଉ ଅନ୍ୟ ସଖାମାନଙ୍କ ସଙ୍ଗେ ଅର୍ଦ୍ଧପଥରେ ମିଶି ମୃଦଙ୍ଗ ବଂଶୀ ଶିଙ୍ଗାନାଦପୂର୍ଣ୍ଣ ସେହି ଯମୁନାତୀରକୁ ଗମନ କଲେ ।

ଅନନ୍ତର ସେହି ଯମୁନାର ଅନ୍ୟ ଘାଟରେ ସମବେତ ହୋଇଥିବା ପଦ୍ମପଲାଶଲୋଚନା ପଲ୍ଲବାରୁଣାଧରା ଗୋପାଙ୍ଗନାମାନେ ନବୀନଯୁବକ ନୃତ୍ୟପଟୁ

# ଷ

ରାଗ—ଶଙ୍କରାଭରଣ ବା ମୋହନ

ଷଟ୍‌ପଦନୀଳକେଶୀ ଆଗୋ ଗୃହିଁ ଗୃହିଁ,
ସର୍ବଂସହାରେ ଖେଳୁଛନ୍ତି ନବ ବାରିବାହ;
ସମୀପରେ ଛାଡ଼ି ରହି,
ସରଜୁଛନ୍ତି ନର୍ତ୍ତନ ଅନେକ ବରହୀ । ୧ ।
ସଜ ହୋଇ ସୁରସରଦାର ଅବା ଆସେ,
ସ୍ୱକୀୟ ଫଉଜ ଘେରିଅଛି ଚଉପାଶେ,
ସାରଦେବ ପରି ଅଙ୍ଗ,
ସରୋଜସୁନ୍ଦରନେତ୍ରା ଜନ ମନ ଲଗ୍ନ । ୨ ।
ସୁରେଶ୍ୱରରତନ କି ହେବାରୁ ଜଙ୍ଗମ,
ସବୁ ମଣିମାନଙ୍କୁ ମିଳିଲା ସେହି କ୍ରମ,
ସ୍ୱର୍ଣ୍ଣ ବର୍ଣ୍ଣାଏ ଏଟିକ,
ସମ୍ପାଦିବେ ମୂର୍ତ୍ତିମନ୍ତ ରତନଶ୍ରେଣୀକି । ୩ ।
ସଞ୍ଚରଣଶୀଳ ନବ ତମାଳ ଭୂରୁହ,
ସଙ୍ଗେ ଘେନି ଆସୁଅଛି ସଖା-ଶାଖୀବ୍ୟୂହ,
ଶୁକ ଶାରୀ ପରଭୃତ,
ଶାଖୀମାନଙ୍କରେ କରୁଅଛନ୍ତି ସଂଗୀତ । ୪ ।
ସୁରଧୁନୀ ତୀରେ କରିଥିବା ଯେବେ ତପ,
ସଙ୍କୋଳି କରି ଏ ତାପିଞ୍ଛର ଅନାପତ,
ସୁଖେ ବଞ୍ଚିବା ବସନ୍ତେ,
ସାମନ୍ତ ସୁଧାଂଶୁ ଜଗଦ୍ଦେବ ବୋଲେ ଗୀତେ । ୫ ।

---

ଶ୍ରୀକୃଷ୍ଣଙ୍କ ବ୍ରଜବାଳକମାନଙ୍କ ସଙ୍ଗେ ଅବଲୋକନ କରି ପରସ୍ପର ଆଳାପ କରିବାକୁ ଲାଗିଲେ—"ଷଟ୍‌ପଦ ନୀଳକେଶୀ" ଇତ୍ୟାଦି ।

---

(ଷ) ଷଟ୍‌ପଦନୀଳକେଶୀ—ଭ୍ରମର ପରି ନୀଳବର୍ଣ୍ଣ କେଶ ଯେଉଁ ମାନଙ୍କର; ସର୍ବଂସହା—ପୃଥିବୀ; ନବବାରିବାହ—ନୂତନ ମେଘ; ବରହୀ=ବର୍ହୀ—ମୟୂର; ସରଦାର—ସେନାପତି; ଫଉଜ—ସୈନ୍ୟ, ସରୋଜସୁନ୍ଦରନେତ୍ରା—ପଦ୍ମ ପରି

(ଘ) ସ୍ଫୁରତଃପରତୋଽପି ତର୍ଣ୍ଣକା ଦଧତ କୀର୍ତ୍ତନମାଳି ଯସ୍ୟ ସଃ,
ଅତସୀସୁମନସ୍ତ୍ୱଃ ଶିଶୁବଦ କୋଽୟଂ ଜନନେତ୍ରରଞ୍ଜନଃ ।

ଇତି କୌତୁହଳଲୋଲଲୋଚନାନାମାଭୀରସ୍ମେରହାସୀଣାମନ୍ୟୋଽନ୍ୟସମ୍ଭାଷଣସମାପ୍ତାବେବ ନେଦିଷ୍ଠ ନୈକତାଙ୍ଗଣାଲଙ୍ଗିତଚରଣସରସିଜେ ନଟବ୍ରଜେ ବଧୂସ୍ତଚତୁଷ୍କୋଟିକ ଜ୍ଞାନମୟଂ ମଦନମୋହନ ଇତି ପ୍ରେମମହିମାଡମ୍ବରଃ ସମାବରୀବୃତ୍ ।

---

ସୁନ୍ଦର ନେତ୍ର ଯାହାଙ୍କର; ସୁରେଶ୍ୱରରତ୍ନ—ଇନ୍ଦ୍ରନୀଳମଣି; ଜଙ୍ଗମ—ଗମନଶୀଳ; କମ—ସ୍ୱଚ୍ଛ; ସ୍ୱର୍ଣ୍ଣବର୍ଣ୍ଣାଏ—ସୁବର୍ଣ୍ଣ ପରି ବର୍ଣ୍ଣଧାରିଣୀ ସ୍ତ୍ରୀମାନେ; ଶାଖିବୃନ୍ଦ—ବୃକ୍ଷସମୂହ; ପରଭୃତ—କୋକିଳ; ସୁରଧୁନୀ—ସ୍ୱର୍ଗନଦୀ, ମନ୍ଦାକିନୀ; ତାପିଞ୍ଛ—ତମାଳବୃକ୍ଷ; ଅନାତପ—ଛାୟା; ସାମନ୍ତସୁଧାଂଶୁ—ସାମନ୍ତରାଜାମାନଙ୍କ ମଧ୍ୟରେ ଚନ୍ଦ୍ରମାସ୍ୱରୂପ ।

ଅଗୋ ଭ୍ରମରବର୍ଣ୍ଣ ନୀଳକେଶଧାରିଣୀ ସଖିମାନେ ! ଦେଖ, ଦେଖ, ପୃଥିବୀ ଉପରେ ଗୋଟିଏ ନୂଆ ମେଘ ଖେଳୁଅଛି, ଅନେକ ମୟୂର ସେହି ମେଘ ପାଖରେ ରହି ନୃତ୍ୟରଚନା କରୁଅଛନ୍ତି । ( ଏଠାରେ ଶ୍ରୀକୃଷ୍ଣଙ୍କୁ ନବମେଘରୂପେ ଓ ତାଙ୍କର ସଖାମାନଙ୍କୁ ମୟୂରରୂପେ ବର୍ଣ୍ଣନା କରାଯାଇଅଛି ) । ୧ । ଅଥବା କାମରୂପ ସେନାପତି ଯୁଦ୍ଧ କରିବାକୁ ସଜ ହୋଇ ଆସୁଛି କି ? ତାହାର ନିଜ ସୈନ୍ୟମାନେ ତା ଚାରିପାଖରେ ଘେରି ଅଛନ୍ତି କି ? ସେ ନିଶ୍ଚେ ଆଜି ପଦ୍ମଲୋଚନା ବାଳାମାନଙ୍କ ମନରୁ ଲଜ୍ଜା ଦୂର କରିଦେବ । ୨ । ଇନ୍ଦ୍ରନୀଳମଣି ଗତିଶୀଳ ହେବାରୁ ଅନ୍ୟ ମଣିମାନଙ୍କୁ ସେହି କ୍ରମ ମିଳିଲା କି ? ଅର୍ଥାତ୍ ଅନ୍ୟ ମଣିମାନେ ମଧ୍ୟ ଗତିଶୀଳ ହେଲେ କି ? ( ଶ୍ରୀକୃଷ୍ଣ ଇନ୍ଦ୍ରନୀଳମଣି ପରି ଏବଂ ତାଙ୍କ ସଖାମାନେ ଅନ୍ୟାନ୍ୟ ମଣିପରି ) ଏଣିକି ସ୍ୱର୍ଣ୍ଣବର୍ଣ୍ଣା ରମଣୀମାନେ ସାକ୍ଷାତ୍ ମୂର୍ତ୍ତିଧାରଣ କରି ଚାଲୁଥିବା ମଣିମାନଙ୍କୁ ଯତ୍ନ କରି ସାଇତି ରଖିବେ ଅର୍ଥାତ୍ ସୁନ୍ଦରୀ ସ୍ତ୍ରୀମାନେ ଏମାନଙ୍କ ସୌନ୍ଦର୍ଯ୍ୟରେ ନିଶ୍ଚୟ ବିମୁଗ୍ଧ ହୋଇ ଦେହର ଭୂଷାମଣିପରି ଏମାନଙ୍କୁ ଲୋଡ଼ିବେ; ସୁତରାଂ ମଣିକାଞ୍ଚନ ସଂଯୋଗ ଘଟିବ । ୩ । ଅଥବା ସଞ୍ଚରଣଶୀଳ ବା ଗତି କରୁଥିବା ନୂଆ ତମାଳଗଛ ( ଶ୍ରୀକୃଷ୍ଣ ଲକ୍ଷ୍ୟ ) ନିଜ ସଙ୍ଗରେ ତାର ବନ୍ଧୁରୂପୀ ବୃକ୍ଷମାନଙ୍କୁ ( ସଖାମାନେ ଲକ୍ଷ୍ୟ ) ଘେନି ଆସୁଛି କି ? ଶୁଆ, ଶାରୀ, କୋଇଲି ପ୍ରଭୃତି ସେହି ବୃକ୍ଷର ଶାଖାମାନଙ୍କରେ ସଙ୍ଗୀତ କରୁଅଛନ୍ତି କି ? । ୪ । ହେ ସଖି, ଯେବେ ସ୍ୱର୍ଗଗଙ୍ଗା ଅର୍ଥାତ୍ ମନ୍ଦାକିନୀକୂଳରେ ଆମ୍ଭେମାନେ ତପସ୍ୟା କରିଥିବା, ତେବେ ଏହି ତମାଳଗଛର ଛାୟାକୁ ସଙ୍ଗୀନ ଅର୍ଥାତ୍ ସର୍ବସ୍ୱରୂପେ ଆଦର କରି ବସନ୍ତରେ ସୁଖରେ ବସିବା, ସାମନ୍ତରାଜାମାନଙ୍କ ମଧ୍ୟରେ ଚନ୍ଦ୍ରସ୍ୱରୂପ ଜଗିବେ ଏ ଗୀତ ବୋଇଲେ । ୫ ।

# ହ

ରାଗ—ଗୌଡ଼ା

ହରି ହାମା'ର, ଏ ତ ପ୍ରାନେର୍ଦ୍ଧନ ଗୋ । ପଦ । *
ହରିହସ୍ତ ମଣିକ ଜିଣିଛୁ ଅପଧନ, ନିନ୍ଦୁଅଛୁ ଇନ୍ଦୁକୁ ବଦନ ଗୋ । ୧ ।
ହଜାରସଂଖ୍ୟକ ହେଲେ ହେଲେହେଁ ମଦନ, ନୋହିବ ଏ ମୋହନ ସମାନ ଗୋ
ହଜି ନ ଯିବ ଜୀମୂତକେଶୀର କି ଜ୍ଞାନ, ଶୁଣୁ ଶୁଣୁ ମୃଦୁ ବେଣୁଗାନ ଗୋ ।୩।
ହଟି ଥରେ କରିବା କି ରଦାମ୍ବର ପାନ, ହେଉ ଫଳବନ୍ତ ଯଉବନ ଗୋ ॥
ହାର ମଧ୍ୟରେ ଅମ୍ଭର ତରଳରତନ ଗୋ, ହେବେ କି ଏ ଯୁବତୀଜୀବନ ଗୋ ॥
ହୃଷ୍ଟ ହୋଇ ଅଷ୍ଟଦୁର୍ଗନମୂନିହୃଦନ ଗୋ, କରେ ଏ ରସରେ ବିରଚନ ଗୋ ।୬।

---

ଟୀକା—ହେ ଅଳି ହେ ସଖି, ଯସ୍ୟ ପୁରତଃ ସମ୍ମୁଖେ ପରତଃ ପଶ୍ଚାଦ୍ଦିକ୍ଷୁ ଚ ଅପି ତର୍ଣ୍ଣକାଃ ଗୋବତ୍ସାଃ କ୍ରୀଡ଼ନଂ କ୍ରୀଡ଼ାଂ ଦଧନ୍ତି କୁର୍ବନ୍ତି, ଅୟଂ ଅତସୀସୁମନସାଂ ଫୁଲପୁଷ୍ପସ୍ୟ ଛବିଃ ଶୋଭା ଇବ ଛବିଃ ଯସ୍ୟ ସଃ ଅତସୀପୁଷ୍ପସଂକାଶଃ ଜନାନାଂ ନେତ୍ରରଞ୍ଜନଃ ଲୋକଲୋଚନପ୍ରୀତିଜନକଃ ଶିଶୁଃ କଃ ?

ଇତି ଅନେନ ପ୍ରକାରେଣ କୌତୂହଳେନ ଅପୂର୍ବକୃଷ୍ଣମୂର୍ତ୍ତିଦର୍ଶନଜନିତେନ ଔତ୍ସୁକ୍ୟେନ ଲୋଲେ ଚଞ୍ଚଲେ ଲୋଚନେ ଯାସାଂ, ତାସାଂ, ଅଭିରାମ୍ଭୋରୁହାକ୍ଷୀଣାଂ ପଦ୍ମନେତ୍ରାଣାଂ ଗୋପୀନାଂ ଅନ୍ୟୋଽନ୍ୟ ଯତ୍ ସମ୍ଭାଷଣଂ ଆଳାପଃ ତସ୍ୟ ସମାପ୍ତୌ ଏବଂ ନନ୍ଦବ୍ରଜେ ନୃତ୍ୟତ୍‌ଗୋପଶିଶୁବ୍ରଜେ ନେଦିଷ୍ଠଂ ନିକଟତମଂ ସୈକତଂ ସିକତାମୟପ୍ରଦେଶ ଏବ ଅଙ୍ଗଣଂ ଚତ୍ୱରଂ ତସ୍ମିନ୍ ଆଲଙ୍ଗିତଂ ନିକ୍ଷିପ୍ତଂ ଚରଣମେବ ସରସିଜଂ ପଦ୍ମଂ ଯସ୍ୟ ତସ୍ମିନ୍ ସତି ବିଧ୍ୱସ୍ତଚଳୁସ୍ପୋଟିକଞ୍ଜନଂ ବଲ୍ଲୂପ୍ରସର୍ବାଙ୍ଗୀନ-କ୍ଷନଂ ବେଦ୍ୟାନ୍ତରଜ୍ଞାନଶୂନ୍ୟମିତି ଯାବତ୍ ଅୟଂ ମଦନମୋହନଃ ମଦନଂ କନ୍ଦର୍ପଂ ମୋହୟତି ରୂପେଣ ଇତି ପ୍ରେମ୍ଣଃ ମହିମ୍ନଃ ଆଡ଼ମ୍ବରଃ ପ୍ରେମପୂର୍ଣ୍ଣମହାହର୍ଷ-ଧ୍ୱନିଃ ସମାବିର୍ବସୀତ୍ ସଞ୍ଜାତଃ ।

---

* ଗଞ୍ଜାମ ଜିଲ୍ଲାରୁ ଅମ୍ଭେମାନେ ପାଞ୍ଚଖଣ୍ଡ ହାତଲେଖା ପୋଥି ସଂଗ୍ରହ କରିଥିଲୁ, ପ୍ରତ୍ୟେକ ପୋଥିରେ 'ହ' ଗୀତର ଘୋଷା ଯେପରି ଲେଖାଥିଲା, ଏଠାରେ ଅବିକଳ ତାହା ଦେଲୁଁ । ପୂର୍ବ ଛପା ବହିମାନଙ୍କରେ 'ହରି ଆମ୍ଭର ହେ ଏତ ପ୍ରାଣଧନ' ଏହିପରି ପାଠ ଦେଖାଯାଏ । ଉତ୍କଳରେ ଚୈତନ୍ୟ ପ୍ରବର୍ତ୍ତିତ ବଙ୍ଗଳା ସଂକୀର୍ତ୍ତନର ଭାଷା ପୂର୍ବରେ ଲୋକମୁଖରେ ଚଳୁଥିବାରୁ କବି ପୁରୀବାସ ସମୟରେ ଏହା ଶୁଣିଥିଲେ ଏବଂ ପ୍ରେମବିଭୋଳରେ ଓଡ଼ିଆ ଭାଷାରେ ଏ ପଦ ନ ଲେଖି ବଙ୍ଗଳା ସଂକୀର୍ତ୍ତନ ଛାୟାରେ ଏ ପଦ ରଚନା କରିଅଛନ୍ତି, ଏହିପରି ବୋଧ ହୁଏ । ଭାବାବେଗରେ ଏ ଭଳି ହେବା ଅସ୍ୱାଭାବିକ ମଧ୍ୟ ନୁହେ ।

(ଝ) ଏତସ୍ୟେକ୍ଷଣକୋଣକ୍ଷଣବଲନ୍ନୀଳାରବିନ୍ଦାଶ୍ରୁଗା—
ସାରୈଃ ସାରସସାରସୁନ୍ଦରଦୃଶାଂ କନ୍ଦର୍ପଦର୍ପୋଦୟୈଃ ।
ବାସ୍ୟଂ କିଂ ନ ବିବେଶବିସ୍ମିୟତୈଃ ତତ୍ କିଂ ମଣୀନାଂ ଗଣୈଃ
ସମ୍ବାଧାଂ ମୁରଳୀଂ ଦୁରନ୍ତଘୁରଳୀଂ ବିମ୍ବାଧରସ୍ଥାମ୍ୱତ ।

ଚରାଚରଧୈର୍ଯ୍ୟବିଧ୍ୱଂସିନି ବର୍ହାବତଂସବଂଶୀନିନଦେ ପ୍ରସରତର୍କି-ଜାମ୍ବ୍ୟାଃ କାର୍କଶ୍ୟସ୍ୟ ଶିଳାବଳୀନାଂ ଜଳତାୟାଃ ଶାଖିନାମପ୍ୟାଖିଳଂ ସପୁଲକତ୍ୱସ୍ୟ ମୃଗାଣାମୁତ୍କର୍ଣ୍ଣତାୟାଃ ଫଣିନାଂ ଚକିତବିଲୋକନସ୍ୟାନୁ-ଭବୋ ବଭୂବ ।

---

ଅନୁବାଦ—ହେ ସଖି, ଯାହାଙ୍କ ଆଗରେ ଓ ଗୃହପାଖରେ କଅଁଳା ବାଛୁରିମାନେ ଖେଳୁଅଛନ୍ତି, ସେହି ଅତସୀପୁଷ୍ପସଦୃଶ ଶରୀରଧାରୀ ଲୋକଚକ୍ଷୁର ଆନନ୍ଦବର୍ଦ୍ଧକ ଏହି ବାଳକଟି କିଏ ?

ଅପୂର୍ବ ଶ୍ରୀକୃଷ୍ଣମୂର୍ତ୍ତିଦର୍ଶନଜନିତ କୌତୁକରେ ଚଞ୍ଚଳନେତ୍ରା ପଦ୍ମ-ଲୋଚନା ଗୋପାଙ୍ଗନାମାନେ ଏହିପରି ପରସ୍ପର ଆଳାପ କଲେ, ଏହା ଶେଷ ହେବା ସମୟରେ ସେହି ନଡ଼ିକମାନେ ନିକଟବର୍ତ୍ତୀ ଯମୁନାସୈକତରେ ପଦାର୍ପଣ କରନ୍ତେ, 'ଏ ମଦନମୋହନ ଅଟନ୍ତି' ଗୋପୀମାନେ ନିଜର ସକଳ ଜ୍ଞାନ ଭୁଲିଯାଇ ଏହାଙ୍କୁ କହିବାରେ ଲାଗିଲେ ।

---

(ଝ) ହରିନ୍ମଣି—ଇନ୍ଦ୍ରନୀଳମଣି; ଅପଘନ—ଦେହ; ଜୀମୂତକେଶ—ମେଘପରି କୃଷ୍ଣବର୍ଣ୍ଣ କେଶ ଯାହାର; ହଟ—କୌତୁକରେ ହଠ କର; ରଦାମ୍ବର—ଅଧର; ତରଳରତ୍ନ—ଦୀପ୍ତିବିଶିଷ୍ଟ ଉଜ୍ଜ୍ୱଳ ରତ୍ନ; ନମୁଚିସୂଦନ—ଇନ୍ଦ୍ର ।

ଆହା ! ଏହି ତ ଆମ୍ଭର ପ୍ରାଣର ସଙ୍ଖାଳି ହରି ! ( ଆମ ଆଗରେ ଶୋଭା ପାଉଅଛନ୍ତି ) । ପଦ । ଏହାଙ୍କ ଶରୀର ଇନ୍ଦ୍ରନୀଳମଣିକୁ ଜିଣୁଅଛି ଏବଂ ମୁଖଚନ୍ଦ୍ରକୁ ନିନ୍ଦା କରୁଅଛି । ୧ । ସହସ୍ର କନ୍ଦର୍ପ ଏକତ୍ର ହେଲେ ଏ ମୋହନ (ଶ୍ରୀକୃଷ୍ଣ) ସଙ୍ଗେ ସମାନ ହେବେ ନାହିଁ । ୨ । ଏହାଙ୍କ ବଂଶୀର କୋମଳ ଶବ୍ଦ ଶୁଣୁ ଶୁଣୁ ଘନନୀଳ-କୁନ୍ତଳା ନାଗରୀଙ୍କର କି ଜ୍ଞାନ ହଜିଯିବ ନାହିଁ ? ଅର୍ଥାତ୍ ଏହାଙ୍କର ସୁମଧୁର ବେଣୁ ଶବ୍ଦ ଶୁଣିଲେ ସୁନ୍ଦରୀ ନାରୀମାନଙ୍କର ଜ୍ଞାନ ନିଶ୍ଚେ ଲୋପ ହୋଇଯିବ । ୩ । ହେ ସଖି, ଥରେ କୌତୁକରେ ହଠ କରି ତାଙ୍କର ଅଧରମଧୁ ପିଇବା କି ଅର୍ଥାତ୍ ଅଧରକୁ ଚୁମ୍ବନ କରିବା କି ? ତା ହେଲେ ଯୌବନ ସଫଳ ହୁଅନ୍ତା ।୪। ଯୁବତୀମାନଙ୍କର ପ୍ରାଣପରି ପ୍ରିୟତମ ଏହି କୃଷ୍ଣ ଆମ୍ଭ ହାରମଧ୍ୟବର୍ତ୍ତୀ ତରଳ ରତ୍ନ ହେବେ କି ? ଅର୍ଥାତ୍ ହାର ମଧ୍ୟରେ ଥିବା ସମୁଜ୍ଜ୍ୱଳ ରତ୍ନପରି ଏହି ଯୁବତୀଜୀବନ ଶ୍ରୀକୃଷ୍ଣଙ୍କୁ ସବୁବେଳେ ହୃଦୟରେ ଗଣ୍ଠିଧନ ପରି ବାନ୍ଧି ରଖିବା କି ? ଅତଚିତ୍ତର ଇନ୍ଦ୍ର (ରାଜା) ହୃଷ୍ଟ ହୋଇ ସପ୍ରେମରେ ଏହାଙ୍କୁ ରଚନା କଲେ । ୫ ।

(ଢ) ଟୀକା—ଗୋପବାଲାନାଂ ଶ୍ରୀକୃଷ୍ଣବପୁଷଂ ଅନେକାନେକାଙ୍ଗ ବର୍ଣ୍ଣୟନ୍ତି ଏତଦ୍ଦ୍ୱୟେନ । ହେ ସଖ୍ୟ, ଏତସ୍ୟ ଶ୍ରୀକୃଷ୍ଣସ୍ୟ ଈକ୍ଷଣକୋଣେନ ବାଣେନୈବ ବଲନ୍ତଃ ଚଳନ୍ତଃ ଶାଳାରଞ୍ଜନମୟ୍ୟଃ ନୀଳୋତ୍ପଳନିର୍ମିତାଃ ଅଗ୍ରଗାଃ ଶରାଃ ତେଷାଂ ଅସାରୈଃ ବର୍ଷଣୈଃ ସାରସସାରେବତ୍ ଉତ୍କୃଷ୍ଟ ପଦ୍ମବତ୍ ସୁନ୍ଦରେ ଦୃଶୌ ଯାସାଂ ତାସାଂ ଯୁବତୀନାଂ ଇତ୍ୟର୍ଥଃ । କନ୍ଦର୍ପଦର୍ପୋଦୟଃ ମଦନମତ୍ତତାୟାଃ ଉଦୟଃ ଭବତୀତି ଶେଷଃ ଅସ୍ୟ ଶ୍ରୀକୃଷ୍ଣସ୍ୟ ନେତ୍ରାନ୍ତପାତେନ କାମିନୀନାଂ ମନସି କାମୋଦୟଃ ଯାଯତେ ଇତ୍ୟର୍ଥଃ । ଏତତ୍ ବଶ୍ୟଂ କର୍ତ୍ତୁଂ ଦାସ୍ୟଂ ଭକ୍ତ୍ୟର୍ଥଂ କର୍ମ ଇତ୍ୟୁକ୍ତା ଈକ୍ଷଣକୋଣବାଣେନୈବ କିଂ ନ ଭବେତ୍, ବ୍ରଜବାସିନଃ କିଂ ଭକ୍ତ୍ୟର୍ଥଂ ନ ଗତାଃ ଇତି କାକୁଃ । ଅସ୍ୟ ବିମ୍ବାଧରଃ ମଣୀନାଂ ଗଣୈଃ ରତ୍ନସମୂହୈଃ ସମ୍ବାଧାଂ ବ୍ୟାପ୍ତାଂ; ଦୂରନ୍ତା ଦୁର୍ଦ୍ଦଶୋଦର୍କା ଶୁଚିଲ୍ଲଂ ଅଭ୍ୟାସଃ ଯସ୍ୟାଃ ତାଂ ମୁରଲୀଂ ବଂଶୀଂ କିଂ କିମର୍ଥଂ ଚୁମ୍ବତି ?

ଚରାଚରାଣାଂ ସ୍ଥାବରଜଙ୍ଗମାନାଂ ଧୈର୍ଯ୍ୟଂ ବିଧ୍ୱଂସତି ଇତି ଚରାଚରଧୈର୍ଯ୍ୟ ବିଧ୍ୱଂସୀ ତସ୍ମିନ୍ ବଶ୍ୟଧୈର୍ଯ୍ୟକଳ୍ପେଽପି ବର୍ହାବତଂସସ୍ୟ ଶିଖଣ୍ଡମୁକୁଟସ୍ୟ ଶ୍ରୀକୃଷ୍ଣସ୍ୟ ବଂଶୀନିନଦେ ବଂଶୀଧ୍ୱନୌ ପ୍ରସରତି ସତି ଅର୍କଜାୟାଃ ଯମୁନାୟାଃ ଜଳପ୍ରବାହସ୍ୟ ଇତ୍ୟର୍ଥଃ । କାର୍କଶ୍ୟସ୍ୟ କଠିନତାୟାଃ ଅନୁଭବୋ ବଭୂବ, ତରଳଂ ବହମାନଂ ଅପି ଯମୁନାଜଳଂ ସ୍ଥିରଂ କଠିନଂ ଅଭୂତ୍ ଇତ୍ୟର୍ଥଃ । ଶିଳାବଳୀନାଂ ପ୍ରସ୍ତରାଣାଂ କଠିନାନାଂ ଇତ୍ୟର୍ଥଃ । ଜଳତାୟାଃ ତରଳତ୍ୱସ୍ୟ ଅନୁଭବୋ ବଭୂବ, କଠିନା ଅପି ଶିଳାବଳୀଃ ତରଳତାଭୂତ୍ ଇତ୍ୟର୍ଥଃ; ଶାଖିନାଂ ବୃକ୍ଷାଣାମପି ଅଖିଳଂ ମୂଳାଦଗ୍ରଭାଗପର୍ଯ୍ୟନ୍ତଂ ସପୁଲକତ୍ୱସ୍ୟ ରୋମାଞ୍ଚୋଦୟସ୍ୟ ଅନୁଭବୋ ବଭୂବ, ମୃଗାଣାଂ ଉତ୍କଣ୍ଠତାୟା ଅନୁଭବୋ ବଭୂବ, ମୃଗାଃ ଉତ୍କର୍ଣ୍ଣାଃ ସନ୍ତ ତଂ ବଂଶୀନିନଦଂ ଅନ୍ୱଭବନ୍ ଇତ୍ୟର୍ଥଃ, ଫଣିନାଂ ସର୍ପାଣାଂ ଚକିତନିର୍ନିମେଷଲୋଚନତ୍ୱସ୍ୟ ଅନୁଭବୋ ବଭୂବ, ସର୍ପାଃ ତତ୍ସ୍ୱରଶ୍ରବଣେନ ଚକ୍ଷୁଃଶ୍ରବତ୍ୱାତ୍ ବିସ୍ମୟବିସ୍ଫାରିତେକ୍ଷଣା ବଭୂବୁଃ ଇତ୍ୟର୍ଥଃ ।

ଅନୁବାଦ—ହେ ସଖି, ଏହି ଶ୍ରୀକୃଷ୍ଣଙ୍କର ଅପାଙ୍ଗଦୃଷ୍ଟିପାତ, ନୀଳୋତ୍ପଳନିର୍ମିତ ଚଳନ୍ତା ଶର ପରି ପଦ୍ମନୟନା ସୁନ୍ଦରୀମାନଙ୍କ ମନରେ କନ୍ଦର୍ପର ଉନ୍ମାଦ ଜାତ କରୁଅଛି । ବ୍ରଜବାସୀମାନେ ଏହି ଅପାଙ୍ଗ ଦୃଷ୍ଟିପାତ ଦ୍ୱାରା ତ ବଶୀଭୂତ ହୋଇଗଲେ, ଆଉ କାହିଁକି ବିମ୍ବାଧର ମୁରଲୀ ବଜାଇବାକୁ ଅଭ୍ୟାସ କରୁଅଛି ? ଆହା, କୋମଳ ବିମ୍ବାଧରରେ ରତ୍ନକଠିନ ମୁରଲୀସ୍ପର୍ଶ ବାଧା ଦେଉଅଛି ପରା ।

ଅହୋ କି ବଚନ କଥା ? ଏହି ମୟୂରଚୂଳଅଙ୍କର ଚରାଚର ଧୈର୍ଯ୍ୟବିଧ୍ୱଂସକାରୀ ବଂଶୀନିନାଦ ଶୁଣନ୍ତେ ଯମୁନାର ତରଳ ଜଳ ଘନୀଭୂତ ହୋଇଗଲା, କଠିନ ପଷାଣସମୂହ ତରଳିତ ହୋଇଗଲା, ବୃକ୍ଷମାନଙ୍କର ମୂଳରୁ ଅଗ୍ର ପର୍ଯ୍ୟନ୍ତ ରୋମାଞ୍ଚ ଜାତ ହେଲା, ମୃଗମାନେ କାନଡେରି ସ୍ଥିରହୋଇ ରହିଗଲେ ଏବଂ ସର୍ପମାନେ ବିସ୍ମୟବିସ୍ଫାରିତ ନୟନରେ ଅନାଇ ରହିଲେ ।

# କ୍ଷ

ରାଗ—କେଦାର

କ୍ଷମାନୁକମ୍ପାଧର ହେ,
କ୍ଷୀରସାଗରସମ୍ଭବାକୁଚକୁମ୍ଭଯୁଗଳପରିରମ୍ଭଚତୁର ହେ । ପଦ ।
କ୍ଷିତିଚକ୍ରବାଳ ମହାଭୀତି ନିବାରଣ ହେ,
ଶ୍ରୁତିଶିର-ଅବତଂସୀକୃତ ଶ୍ରୀଚରଣ ହେ,
ମରାଳବାହନ, କରାର୍ଚ୍ଚିତ ଚରଣ, ଧରାଭାର ହରଣ, ଚରାଚର ଶରଣ,
ତପବର କରଣ, ବରାବର ତରଣ,-ନଖାଂଶୁ ସୁରଗଣଶିଖାଭରଣ ହେ ।୧।
କ୍ଷଣକେ ହେଲେ ନାମକୁ ନ ଭଣେ ମୁଁ ତୁମ୍ଭର ହେ,
ଜଣେ ତ ହେବାରୁ ପାପିଗଣେ ବିଶ୍ୱମ୍ଭର ହେ,
ମନା ନ କର ହିତ, ଅନାଦରରହିତ,-ଅନାଉଣି ନିରତ, ଚୂନାକରୁ ଦୁରିତ
ଅନାରତ ମୋ ଚିତ୍ତ, ମନାସୁରୁ ଅହିତ, ଜନାର୍ଦ୍ଦନ ପତିତଜନାବହିତ ହେ॥
କ୍ଷମ ତ ମୁଁ ନୁହେ ଅନୁପମ-ଅନୁଭାବ ହେ,
ଯମଦଣ୍ଡରୁ ମୋ ରକ୍ଷା କେମନ୍ତେ ହେବ ହେ,
ଜଳାକରଭବନ,-ବଳାମୁଖ ଭୁବନ,-ବଳାହିତ ରତନ, ବଳାବଳକ୍ଷ, କନ-
କଳାପର ବୃଜିନ,-ଦଳା ସୁକୃତଧନ,-ବଳାଢ୍ୟମୁନି-ମନ,-କଳାପି ଘନ ହେ॥
କ୍ଷମାଧିପ ଜଗଦ୍ଦେବ ସମାପନ କରେ ହେ;
କ୍ଷମାଭୃତ୍ ହେବାରୁ ଭବ ଭ୍ରମାତିଶଯ୍ୟରେ ହେ,
ବ୍ୟଥା ନିବହ ହର, ପ୍ରଥାଚଳ୍ପ ମିହିର, ପଥ ଜନ୍ତୁରକ୍ଷୀ ହର-ରଥାଢରୁ ଅମର,
ମଥାମଣି ନିକର, ରଥାଙ୍ଗଯୁତ କର, କଥା ବିନୟ ମୋର ବୃଥା ନ କର ହେ ॥

---

(କ୍ଷ) କ୍ଷମାନୁକମ୍ପାଧର—ହେ କ୍ଷମାଶୀଳ, ହେ ଦୟାସାଗର, କ୍ଷୀରସାଗର-ସମ୍ଭବା—ଲକ୍ଷ୍ମୀ, ପରିରମ୍ଭ—ଆଲିଙ୍ଗନ, କ୍ଷିତିଚକ୍ରବାଳ—ପୃଥିବୀମଣ୍ଡଳ, ଶ୍ରୁତିଶିର ଅବତଂସୀକୃତ—ବେଦମସ୍ତକର ଭୂଷଣସ୍ୱରୂପ, ମରାଳବାହନ—ବ୍ରହ୍ମା, ତପବର—ଇନ୍ଦ୍ର, ବରାବର—ସତ୍ତ୍ୱଗୁଣ, ନଖାଂଶୁ—ନଖର ଜ୍ୟୋତି, ନ ଭଣେ—ଉଚ୍ଚାରଣ କରେ ନାହିଁ, ଅନାଦରରହିତ—ଆଦର ସହିତ, ଅନାଉଣି—ଚାହିଁବା, ଅନାରତ—ସର୍ବଦା, ଅହିତ—ପାପ, ପତିତଜନାବହିତ—ପାପିଜନ ଉଦ୍ଧାରକାରୀ, କ୍ଷମ—ସମର୍ଥ, ଅଧିକାରୀ ବା ହକଦାର; ଅନୁପମ ଅନୁଭାବ—ଯାହାର ମହିମା ଅତୁଳନୀୟ ଅଟେ, ଜଳାକର—ସମୁଦ୍ର, ବଳହିତ—ବଳାରି, ଇନ୍ଦ୍ର; ବଳାବଳକ୍ଷ—ବଳରାମଙ୍କ ସାନଭାଇ, ବୃଜିନ—ପାପ, କ୍ଷଦରଥ—ପୃଥିବୀ ।

ହେ କ୍ଷମାସାଗର, ଦୟାଶୀଳ, ହେ ଲକ୍ଷ୍ମୀଦେବୀଙ୍କର କୁଚକୁମ୍ଭକୁମ୍ଭଦ୍ୱୟ ଆଲିଙ୍ଗନରେ ନିପୁଣ । ପଦ । ହେ ପ୍ରଭୁ, ତୁମ୍ଭେ ସମଗ୍ର ପୃଥିବୀମଣ୍ଡଳର ମହାଭୟ ନିବାରଣକାରୀ ଅଟ । ତୁମ୍ଭର ସୁନ୍ଦର ଚରଣଦ୍ୱୟ ବେଦର ଶିରୋଭୂଷଣସ୍ୱରୂପ ହୋଇଅଛି ଅର୍ଥାତ୍ ତୁମ୍ଭର ପାଦପଦ୍ମଦ୍ୱୟ ବେଦରେ ମୁଖ୍ୟ ପ୍ରତିପାଦ୍ୟ ବିଷୟ । ତୁମ୍ଭର ଚରଣଦ୍ୱୟ ବ୍ରହ୍ମାଙ୍କ କରଦ୍ୱାରା ଅର୍ଚ୍ଚିତ ହେଉଅଛି, ଅର୍ଥାତ୍ ବ୍ରହ୍ମା ତୁମ୍ଭ ଶ୍ରୀଚରଣ ସେବାକାରୀ ଅଟନ୍ତି । ହେ ଧରାଭାରହରଣ (ପୃଥିବୀର ଭାର ହରଣକାରୀ), ହେ ଚରାଚରଶରଣ ( ସମଗ୍ର ସଂସାରର ଆଶ୍ରୟ ), ତୁମ୍ଭର ଚନ୍ଦ୍ରକିରଣ ସଦୃଶ ପାଦସ୍ଥିତ ନଖର କିରଣ ଦେବତାମାନଙ୍କର ଶିଖା ଅର୍ଥାତ୍ ମସ୍ତକର ଆଭରଣ ଅଟେ । ୧ । ମୁଁ କ୍ଷଣେ ହେଲେ ତୁମ୍ଭର ନାମକୁ ଉଚ୍ଚାରଣ କରୁ ନାହିଁ, ହେ ବିଶ୍ୱମ୍ଭର, ମୁଁ ପାପିଗଣଙ୍କ ମଧ୍ୟରେ ଜଣେ ହେବାରୁ ଅର୍ଥାତ୍ ମୁଁ ଜଣେ ପ୍ରଧାନ ପାପୀ ହେବାରୁ ତୁମ୍ଭେ ମୋ ହିତ ଅର୍ଥାତ୍ ମଙ୍ଗଳକୁ ମନା କର ନାହିଁ, ଅର୍ଥାତ୍ ମୋର ମଙ୍ଗଳରେ ବାଧା ଦିଅ ନାହିଁ । ତୁମ୍ଭର ଅନାଦରରହିତ (ସ୍ନେହପୂର୍ଣ୍ଣ) ଚାହାଁଣି ସର୍ବଦା ମୋ ଦୁରିତକୁ (ପାପକୁ) ଚୂନା କରି ଦେଉ, ହେ ଜନାର୍ଦ୍ଦନ, ହେ ପତିତମାନଙ୍କ ହିତକାରୀ, ମୋ ଚିତ୍ତ ସର୍ବଦା ଅହିତ (ପାପ) ମନାସୁଅଛି ଅର୍ଥାତ୍ ପାପଚିନ୍ତା କରୁଅଛି । ୨ । ହେ ଅତୁଳନୀୟ ଶକ୍ତିଶାଳୀ, ମୁଁ ଅବଶ୍ୟ ପାପରୁ କ୍ଷମା ପାଇବାର ଅଧିକାରୀ ନୁହେ, ମୋର ଯମଦଣ୍ଡରୁ କିପରି ରକ୍ଷା ହେବ ? ହେ ଜଳାକରଭବନବଳୀମୁଖ (ଜଳାକର ଯେ ସମୁଦ୍ର ସେ ଭବନ କି ଜନ୍ମସ୍ଥାନ ଯାହାର ଅର୍ଥାତ୍ ଚନ୍ଦ୍ର ତାକୁ ବଳିଅଛି ଅର୍ଥାତ୍ ତାହାଠାରୁ ମନୋଜ୍ଞତର ମୁଖ ଯାହାର ), ହେ ଭୁବନ ବଳାହିତରତ୍ନ ( ହେ ସଂସାରର ଇନ୍ଦ୍ରମଣି ), ହେ ବଳଭଦ୍ରଙ୍କ ସାନ ଭାଇ, ହେ ଜନକଳାପର ବୃଜିନଦଳା ( ମନୁଷ୍ୟମାନଙ୍କର ପାପବିନାଶକ ), ତୁମ୍ଭେ ସୁକୃତଧନବଳାଢ୍ୟ ସୁଜନମନ କଳାପିଘନ ଅଟ । (ପୁଣ୍ୟରୂପ ଧନରେ ବଳବାନ୍ ଅଟନ୍ତି ଯେଉଁ ସୁଜନମାନେ), ସେମାନଙ୍କ ମନରୂପ ମୟୂର ପକ୍ଷରେ ତୁମ୍ଭେ ମେଘସ୍ୱରୂପ ଅଟ ଅର୍ଥାତ୍ ପୁଣ୍ୟାତ୍ମା ସୁଜନମାନେ ତୁମ୍ଭଙ୍କୁ ମନୋମଧ୍ୟରେ ଅନୁଭବ କରି ଆନନ୍ଦିତ ହୁଅନ୍ତି । ୩ । କ୍ଷମାର ଅଧିପ ଅର୍ଥାତ୍ ପୃଥିବୀର ରାଜା ଜଗଦ୍ଦେବ ଏହି ଗୀତକୁ ସମାପନ କଲେ; ହେ ପ୍ରଭୁ ଭବ-ଭ୍ରମାତିଶଯ୍ୟରେ ଅର୍ଥାତ୍ ସାଂସାରିକ ମାୟାଦି ଭ୍ରମରେ ପଡ଼ି ମୁଁ ଅତ୍ୟନ୍ତ ଶ୍ରମାର୍ତ୍ତି (କ୍ଳାନ୍ତ) ହୋଇ ପଡ଼ିଅଛି, ତୁମ୍ଭେ ମୋର ଏହି ବ୍ୟଥାନିବହ ( କ୍ଳାନ୍ତିସମୂହକୁ ) ହରଣ କର; ଏହି ପ୍ରଥା ଅର୍ଥାତ୍ ଏହି ଦୁଃଖ ଦୂର କରିବା ଖ୍ୟାତି, ହରରଥାଦ୍ଧରୁ ଅର୍ଥାତ୍ ପୃଥିବୀରୁ ଆରମ୍ଭକରି ( ତ୍ରିପୁରାସୁରକୁ ମାରିବାବେଳେ ମହାଦେବ ପୃଥିବୀକୁ ରଥସ୍ୱରୂପ ବ୍ୟବହାର କରିଥିବାରୁ ପୃଥିବୀକୁ ହରରଥ କହନ୍ତି ) ମିହିର-ପଥାନ୍ତରକୁ ଅର୍ଥାତ୍ ସୂର୍ଯ୍ୟଙ୍କ ଗମନାଗମନ ପଥ ଆକାଶ ପର୍ଯ୍ୟନ୍ତ ଚଳୁ ଅର୍ଥାତ୍ ପ୍ରସ୍ଫୁଟିତ ହେଉ । ହେ ଅମରମଥାମଣି ( ହେ ଦେବବୃନ୍ଦଙ୍କ ନମସ୍ୟ ), ହେ

(ଯ.) ଦଳିତାଞ୍ଜନପୁଞ୍ଜମଞ୍ଜୁଳାଙ୍ଗୋ, ଲଳିତାଦ୍ୟମ୍ବୁଜଲୋଚନାର୍ଚ୍ଚିତାଂଘ୍ରିଃ,
ଫଳିତାମରଭୂରୁହଃ ଶ୍ରିତାନାଂ କଳିତାପଂ ଦଳୟତ୍ୱଲଂ କବୀନାଂ ।
ଲୀଳାବନୀଭରସୁଗନ୍ଧିତବୀରବାସେ—
ଜ୍ଜୀନାଣ୍ଡଜେନ୍ଦ୍ରଚରମାଂଭରଣଂ ମହୋ ନଃ,
ଚୀନାନ୍ନଳାଲ୍ଲଚଳଦଞ୍ଚଳଚେଲମାଳଂ,
ହୀନାଂହସାମସୁମତାଂ ଶରଣଂ ଶରଣ୍ୟଂ ।
ପୀନାନୁକମ୍ପନରସାମୃତପୂରପୂର୍ଣ୍ଣୋ
ଦୀନାସ୍ୟନିଃସୃତତରସ୍ତବସକ୍ତକଣ୍ଠଃ,
ମୀନାଦ୍ୟନେକବିଧରୂପଧରଃ ପରାତ୍ମା
କୀନାଶକିଙ୍କରଭୟାନ୍ନ ଜଗନ୍ତ୍ୱବତୁ ।

ଶ୍ରୀମଦ୍ଭ୍ୟାମନନ୍ୟାନନ୍ୟଲାବଣ୍ୟଲୋଲଲୋଚନାଭ୍ୟାମମ୍ବରାଡ଼ମ୍ବର-ବିଡ଼ମ୍ବିତାମ୍ବୁଧରରୋଚନାଭ୍ୟାଂ କାନ୍ତିସ୍ୱରମସାରସାରସାକୃଷ୍ଣ୍ୟପୂର୍ଣ୍ଣବର୍ଣ୍ଣାଭ୍ୟାଂ-ମାଧୁର୍ଯ୍ୟସ୍ୱରାକର୍ଣ୍ଣନସକ୍ତକଣ୍ଠାଭ୍ୟାଂ ରକ୍ତାରବିନ୍ଦସୌନ୍ଦର୍ଯ୍ୟତୁନ୍ଦିଲଚରଣାଭ୍ୟା-ମନାନୁପାନୁଭାବବିଭବାଭ୍ୟାଂ ଶ୍ରୀରାଧାମାଧବାଭ୍ୟାଂ ନମୋନମଃ ।

ଇତି କିଶୋରଚନ୍ଦ୍ରାନନ୍ଦାଖ୍ୟଂ ଚମ୍ପୂକାବ୍ୟଂ ।

ଓଁ ତତ୍ ସତ୍ ।

---

---

ରଥାଙ୍ଗସୁତଙ୍କର ( ହେ ଚକ୍ରଧର ), ମୋର କଥା ବିନୟୁକ୍ତ ଅର୍ଥାତ୍ ବିନୟପୂର୍ଣ୍ଣ କଥାକୁ ନକର ( କେବେହେଁ ) ବୃଥା କର ନାହିଁ ।

ଟୀକା—ଅଥ କବିଃ ପ୍ରାର୍ଥନାଦ୍ୱାରେଣ ସ୍ୱରଚିତକାବ୍ୟସମାପ୍ତିଂ ବିଦଧାତି ଦଳିତେତି । ଦଳିତାନି ମର୍ଦ୍ଦିତାନି ଯାନି ଅଞ୍ଜନାନି କଜ୍ଜଳାନି ତସ୍ୟ ପୁଞ୍ଜବତ୍ ସଂଘାତବତ୍ ମଞ୍ଜୁଳାନି ମନୋହରାଣି ଅଙ୍ଗାନି ଯସ୍ୟ ସଃ, ଲଳିତାଦିଭିଃ ସହଚରୀଭୂତାଭିଃ ଅମ୍ବୁଜଲୋଚନାଭିଃ ପଦ୍ମନେତ୍ରାଭିଃ ଅର୍ଚ୍ଚିତଂ ସେବିତଂ ଚରଣଂ ଯସ୍ୟ ସଃ, ଶ୍ରିତାନାଂ ଆଶ୍ରିତାନାଂ ଜୀବାନାଂ ବିଷୟେ ଫଳିତଃ ଫଳବାନ୍ ଅମରଭୂରୁହଃ କଳ୍ପପାଦପଃ ତତ୍ସଦୃଶଃ ଇତ୍ୟର୍ଥଃ, ଏବଂଭୂତଃ ଶ୍ରୀକୃଷ୍ଣଃ କବୀନାଂ ସତାଂ କଳିତାପଂ କଳିକାଳସମୁଦ୍ଭୂତଂ ଦୁଃଖଂ ଅଲଂ ଅତ୍ୟର୍ଥଂ ଦଳୟତୁ ବିନାଶୟତୁ ।

ଙ୍କନେତି—ଙ୍କନଃ ବିନାଶିତଃ ଅବନ୍ୟାଃ ପୃଥିବ୍ୟାଃ ଭରଃ 'ସ୍ୱରକ୍ଷୁତିଃ ସୁରାହିତାନାଂ ଦେବଶତ୍ରୂଣାଂ 'ବୀରାଣାଂ 'ଅସୁରାଣାଂ ଇତ୍ୟର୍ଥଃ । ବୀରଃ ଶତ୍ରୁହଃ ଯେନ ତତ୍, ଉଡ୍ଡୀନଃ ଯଃ ଅଣ୍ଡଜେନ୍ଦ୍ରଃ ପକ୍ଷିରାଟ୍ ଗରୁଡ଼ଃ ତସ୍ୟ ଚରମସ୍ୟ ପୃଷ୍ଠଭାଗସ୍ୟ ଆଭରଣଂ ଭୂଷଣସ୍ୱରୂପଂ ଉଭୟୋର୍ବିଶେଷଣସମାସଃ । ଚୀନାଞ୍ଚଳେନ ମନ୍ଦପବନେନ ଅଲ୍ପଂ ଚଲନ୍ତ୍ୟୌ ଅଞ୍ଚଳଚେଲଂ ମାଲା ଚ ଯସ୍ୟ ତତ୍, ଗ୍ଲାନାନି ଚରିତାନି ଅଂହାସି ପାପାନି ଯେଷାଂ ତେଷାଂ କଷ୍ଟାପନ୍ନାନାଂ ଅସୁମତାଂ ପ୍ରାଣିନାଂ ଶରଣ୍ୟଂ ରକ୍ଷଣାର୍ହଂ ମହଃ ଶ୍ରୀକୃଷ୍ଣାଖ୍ୟଂ ତେଜଃ, ନଃ ଅସ୍ମାକଂ ଶରଣଂ ରକ୍ଷିତୃ ଅସ୍ତୁ ।

ପୀନେତି—ପୀନଃ—ପ୍ରବୃଦ୍ଧଃ ଅନୁକମ୍ପନରସ କରୁଣାରସ ଏବ ଅମୃତପୂରଃ ପୀୟୂଷପ୍ରବାହଃ ତେନ ପୂର୍ଣ୍ଣଃ; ଦୀନାନାଂ ଦୁଃଖିନାଂ ଅସ୍ୟାତ୍ ମୁଖାତ୍ ନିଃସୃତତରଃ ସମ୍ୟକ୍ ବହିର୍ଗତଃ ଯଃ ସ୍ୱନଃ ତସ୍ମିନ୍ ତଚ୍ଛ୍ରବଣେ ଇତ୍ୟର୍ଥଃ, ସକ୍ତୌ ଉଦ୍ଗ୍ରୀବୌ କର୍ଣ୍ଣୌ ଯସ୍ୟ ସଃ, ନିତ୍ୟଂ ଦୀନଦୁଃଖାପନୋଦନତତ୍ପର ଇତ୍ୟର୍ଥଃ, ମୀନାଦ୍ୟନେକବିଧରୂପଧରଃ ମତ୍ସ୍ୟାଦ୍ୟନେକବିଧମୂର୍ତ୍ତିଃ, ପରସ୍ମା ପରମେଶ୍ୱରଃ, କୀନାଶସ୍ୟ ଯମସ୍ୟ ଯେ କିଙ୍କରାଃ ଭୃତ୍ୟାଃ ମରଣାନନ୍ତର ପାପଦଣ୍ଡବିଧାନାର୍ଥଂ 'ସମାଗତାଃ ଇତ୍ୟର୍ଥଃ, ତେଭ୍ୟଃ ଯାନି ଭୟାନି ତାନି ହରିର୍ହରତୁ ଅପନୟନ୍ ହରତୁ ଦୂରୀକରୋତ୍ୱିତ୍ୟର୍ଥଃ ।

କାବ୍ୟସମାପ୍ତୌ ରାଧାମାଧବୌ ନମସ୍କରୋତି ଶ୍ରୀମଦ୍ଭ୍ୟାମିତି । ଶ୍ରୀମଦ୍ଭ୍ୟାଂ କମନୀୟରୂପାଭ୍ୟାଂ ଅନ୍ୟୋନ୍ୟଂ ପରସ୍ପରଂ ଯତ୍ ଲାବଣ୍ୟଂ ଲୋକାତିଶାୟି ସୌନ୍ଦର୍ଯ୍ୟଂ ତେନ ଲୋଲାନି ଚଞ୍ଚଳାନି ଲୋଚନାନି ଯୟୋଃ ତାଭ୍ୟାଂ, ଅମ୍ବରୟୋଃ ପରସ୍ପରପରିହିତବସ୍ତ୍ରୟୋଃ ଅଡ଼ମ୍ବରେଣ ସମାରୋହେଣ ବିଡ଼ମ୍ବିତଃ ଅନୁକୃତଃ ଅମ୍ବୁଧର ମେଘଃ କୃଷ୍ଣବର୍ଣ୍ଣ ଇତି ଯାବତ୍, ରୋଚନା ଗୋରୋଚନା ହରିଦ୍ରାଭ ଇତି ଯାବତ୍ ଯୟୋଃ ତାଭ୍ୟାଂ, କାର୍ତ୍ତସ୍ୱରଂ ସୁବର୍ଣ୍ଣଂ ମସାରଃ ଇନ୍ଦ୍ରନୀଳମଣିଃ ତୟୋଃ ସାରଃ ଉତ୍କର୍ଷଃ ତତ୍ ସାଦୃଶ୍ୟେନ ପୂର୍ଣ୍ଣଃ ବର୍ଣ୍ଣଃ ଯୟୋଃ ତାଭ୍ୟାଂ, ଆର୍ତ୍ତାନାଂ ଦୀନାନାଂ ସ୍ୱରଃ ଆର୍ତ୍ତଧ୍ୱନିଃ ତସ୍ୟ ଆକର୍ଣ୍ଣନେ ଶ୍ରବଣେ ସକ୍ତୌ କର୍ଣ୍ଣୌ ଯୟୋଃ ତାଭ୍ୟାଂ ରକ୍ତାରବିନ୍ଦାନାଂ ରକ୍ତପଦ୍ମାନାଂ ଯତ୍ ସୌନ୍ଦର୍ଯ୍ୟଂ ତେନ ଛୁଦଲାନି ଅଭିଶଙ୍କିତାନି ଚରଣାନି ଯୟୋଃ ତାଭ୍ୟାଂ, ଅମାନୁଷାନୁଭାବବଦ୍ଭ୍ୟାଂ ଅତିମାନୁଷତେଜଃସମ୍ପନ୍ନାଭ୍ୟାଂ ଶ୍ରୀରାଧାମାଧବାଭ୍ୟାଂ ନମୋନମଃ ।

ଅନୁବାଦ—ଯାହାଙ୍କର ଅଙ୍ଗ-ଦଳ କଜ୍ଜଳ ପରି ମନୋହର, ଲକ୍ଷ୍ମୀଆଦି ସର୍ବଦେବୀମାନେ ଯାହାଙ୍କର ଚରଣାର୍ଚ୍ଚନା କରନ୍ତି, ଆଶ୍ରିତ ଲୋକମାନଙ୍କ ପକ୍ଷରେ ଯେ ଫଳଦାନ୍ କଳ୍ପପାଦପ ସଦୃଶ, ସେହି ଭଗବାନ ଶ୍ରୀକୃଷ୍ଣ ସାଧୁମାନଙ୍କର ବିଘ୍ନଜାଳକୁ ବିନାଶ କରନ୍ତୁ ।

ଯେ ଅବତାର ଭାରଭୂତ ଅସୁରମାନଙ୍କୁ ବିନାଶ କରିଅଛନ୍ତି, ଯେ ପକ୍ଷୀରାଜ ଗରୁଡ଼ର ପୃଷ୍ଠଦେଶରେ ଅଳଙ୍କରଣସ୍ୱରୂପ; ଯାହାଙ୍କର ବସ୍ତ୍ରାଞ୍ଚଳ ଓ ମାଳା ମୃଦୁ ବାୟୁରେ ଆନ୍ଦୋଳିତ, ନିଷ୍ପାପ ପ୍ରାଣୀମାନଙ୍କର ଆଶ୍ରୟ ସେହି ସମୁଜ୍ଜ୍ୱଳ ତେଜ ଅମ୍ଭମାନଙ୍କୁ ରକ୍ଷା କରନ୍ତୁ ।

ଅନନ୍ତ ଦୟାରୂପ ଅମୃତରସରେ ଯେ ପରିପୂର୍ଣ୍ଣ, ଦୁଃଖୀର ମୁଖରୁ ବାହାରୁଥିବା ସ୍ତବକୁ ଶୁଣିବାପାଇଁ ଯେ କାନ ଡେରି ଥାଆନ୍ତି, ମୀନାଦି ଅବତାର ଧାରଣକାରୀ ସେ ହରି ଯମକିଙ୍କରମାନଙ୍କ ଭୟ ଦୂର କରନ୍ତୁ ।

ପରସ୍ପର ଲାବଣ୍ୟଦର୍ଶନରେ ଯାହାଙ୍କର ଲୋଚନ ସର୍ବଦା ଚଞ୍ଚଳ, ଯାହାଙ୍କର ପରିହିତ ବସ୍ତ୍ର ମେଘର ଓ ଗୋରଚନାର ବର୍ଣ୍ଣ ପରି ମନୋହର, ଯାହାଙ୍କ ଶରୀରଶୋଭା ସୁବର୍ଣ୍ଣ ଓ ଇନ୍ଦ୍ରନୀଳମଣି ପରି, ଦୁଃଖୀମାନଙ୍କର ଦୁଃଖ ଶୁଣିବାକୁ ଯେ ସବୁବେଳେ କାନ ଡେରି ଥାଆନ୍ତି, ଯାହାଙ୍କ ଶ୍ରୀଚରଣଶୋଭା ରକ୍ତ ପଦ୍ମ ପରି ମନୋଜ୍ଞ, ଅମାନୁଷତେଜଃସମ୍ପନ୍ନ ସେହି ରାଧାମାଧବଙ୍କୁ ମୁଁ ନମସ୍କାର କରୁଅଛି ।

ଉପବ୍ରାତେ ବପୃତ ସତତଂ ଦୋଽତମାନେଽପି ଗ୍ରନ୍ଥେ
ଖେଦୋଽତଃ କିଂ ନ କୁରୁତ ନିଜାଂ ଭାବମାସାନ୍ତ୍ରଯାଲେ ।
ତଚ୍ଚେଷ୍ଟା ମେ ନ ଖଳୁ ବିଫଳା ଯୀଣ୍ଟିରୁଦ୍ଧେଽପି ସ୍ୟାତ୍,
ବ୍ୟାଖ୍ୟାକାର୍ଯ୍ୟୈରମୃତରସମପୂସ୍ୟାସ୍ୟ କାବ୍ୟସ୍ୟ ନୂନଂ ॥
କୃତାଞ୍ଜଳିପୁଟେନାହଂ ଯାଚେ ସୁରପଦାମ୍ବୁଜେ
କ୍ଷମ୍ୟତାଂ ଧୃଷ୍ଟତା ମେଽଦ୍ୟ ବାଳିଶସ୍ୟାଳ୍ପ ମେଧସଃ ॥

ଓଁ ତତ୍ସତ୍ ।

# ଚୌପଦୀ ରତ୍ନାକର

ବା

## ରତ୍ନାକର ଚମ୍ପୂ

( ୧ )

ରାଗ—ପୂରବୀ

କୁନ୍ତଳକୁଞ୍ଚିତ ଭ୍ରମରକେଶା, କ୍ରୀଡ଼ାଚପଳକୁରଙ୍ଗୀଦୃଶା,
କନକକଳିତ, କେତକୀଦଳିତ, ଗଉରାଙ୍ଗୀ ଏକା ମୋ ଭରସା,
ଅରେ କୁନ୍ଦହାସି, କଳାକଲ୍ଲୋଳନୀକେଳି କଳହଂସୀ । ୧ ।
କିଶୋରୀକୁଳକିରୀଟମଣି, କୃଶୋଦରୀ କଳକଣ୍ଠବାଣୀ,
କୋମଳ ବୟସେ, କାହୁଁ ଶିଖିଲା ସେ, କେଳଠକ ଜିଣିବାର ଠାଣି,
ସେ ମୋ କୁତୁକିନୀ, କାମରଣ ସମୟେ ମୋ ଅନୀକିନୀ । ୨ ।
କଳ୍ପିଲେ କଳ୍ପାନ୍ତ ଯାଏ କବି, କହାପିବ ନାହିଁ ତାହା ଛବି,
କେ ଅବା ବୋଲିବ, ବଢ଼ାଇ ବିଧିକ, ବାମାକୁ, ବଳିତ ମୋ ବାଞ୍ଛା
ସେ ମୋ କମଳାକ୍ଷୀ, କୋଟିକଳାଧରକମନୀୟମୁଖୀ । ୩ ।
କୁସୁମବାସିନୀ ବାମା ପାଶେ, କରନ୍ତେ ସଞ୍ଚାର ମୁଁ ନିମିଷେ,
କଞ୍ଜବନଗୃହୀ, ମିଳନ୍ଧର ପରି, କଳେବର ତୋଷିପାକ ବାସେ,
ସେ ମୋ କାନ୍ତିସିନ୍ଧୁ, କୁଞ୍ଜନିଳୟଭୂଷା ମୋ ପ୍ରାଣବନ୍ଧୁ । ୪ ।
କାଳିନ୍ଦୀକୂଳ ସଙ୍କେତ ସ୍ଥାନେ, କିଶୋରଚନ୍ଦ୍ର ଶ୍ରୀମତୀ ଧ୍ୟାନେ,
କରନ୍ତେ ଶରଧା, ମିଳାଗଲେ ରାଧା ପ୍ରିୟ ସହଚରୀ ସେ ବିପିନେ,
ସେ ମୋ କରଭୋରୁ, କହେ ରସେ ଭବରଙ୍କ ରାୟଗୁରୁ । ୫ ।

---

୧ । ଟୀକା—କନକକଳିତକେତକୀଦଳିତଗୌରାଙ୍ଗୀ—ଯାହାର ଦେହର ବର୍ଣ୍ଣ ସୁବର୍ଣ୍ଣ ଓ ପ୍ରସ୍ଫୁଟିତ କେତକୀ ଫୁଲର ବର୍ଣ୍ଣଠାରୁ ଅଧିକ ମନୋହର; କିରୀଟ—ମୁକୁଟ; କଳକଣ୍ଠ—କୋଇଲି; କେଳଠ—ରତି; କୁତୁକିନୀ—କୌତୁକପରାୟଣା; ଅନୀକିନୀ—ସୈନ୍ୟବଳ ପରି ସହାୟ; କଳାକର—ଚନ୍ଦ୍ର; କଞ୍ଜବନଗୃହୀ—

( ୨ )

ରାଗ—ତୋଡ଼ିପରଜ

ଖେଳାଖଞ୍ଜରୀଟଦୃଶା, ମୋ ବନ୍ଧୁ, ଗଢ଼ାଅ ମୋତେ ତା ବେହରଣ— ଫୁଲ ଗଢ଼ିଥିଲେ ଦବାଣ୍ଟା । ପଦ ।

ଝିଲ୍ଲଇ ମାନକ ବାନ୍ଦୁମିତ ମଧୁ ବନ୍ଧୁକବନ୍ଧୁଅଧରୁ, ଝିଅଳରସପ୍ରସଙ୍ଗ ସଙ୍ଗିନୀଙ୍କ ତଣେ ମୋତେ ଜଣେ କହୁ । ୧ । ଗମଣିମଣ୍ଡଳ ଅସ୍ତ ହେବା କାଳ ଭଳି କୋକ ଜାଗରୁକ, ଖେଞ୍ଜୁଥିବ ସୁନସଜଡ଼ା ମଣ୍ଡନ ମଣ୍ଡୁ ମୋ ଅଙ୍କପଲ୍ୟଙ୍କ । ୨ । ଝିଲ ଝିଲ କର ଟୁଆଇବ ଗିଗ୍ରୀଷେ କର୍ପୂର ବଡ଼ିଆ, ଖଳ ମୃଗମଦ ଚିହିବ ପ୍ରମୋଦଭରେ ଉରଜ ନଡ଼ିଆ । ୩ । ଖଣ୍ଡସନ୍ଦୋଦର ମଧୁର ତା ଗିର ବରତନ ବୋଲି ଭାବ, ଖୁନ୍ଦା ନ ଥିବାର ଅଲକ୍ତସାର ଚିନ୍ହ ପଦେ ଲେଟୁଥିବ । ୪ । ଖଟା କେଶ ଚାଓ୍ୱେ ନ ରଖି ଲକ୍ଷ୍ମୀତେ ଦେନାଅ ବାଲାପ୍ରବତେ, ଖସ୍ତପ କୃତେହି ପ୍ରଭଜପକୃତ କବିବର ଟ୍ଟେଲେ ଗୀତେ । ୫ ।

( ୩ )

ରାଗ—କେଦାର

ଗୁଣରତ୍ନାକର ହେ,

ଚଳନ କି ସର ହେ କଣୋସ୍ତ କୁଳାଗ୍ରର ହେ । ପଦ ।

ବ୍ରଜପାଳଙ୍କ କୁଳଶୀଳ ଗଙ୍ଗାରୁ ଟଲ୍ପିବ ହେ, ଗୋମୃଦ୍ଧାରୁ ଉଷା ମଣିଳ ବଂଶୀଧର ହେ । ୧ । ଗଣ୍ଡିପନ୍ତ ଗୁମ୍ଫତ ମୋ ମଙ୍ଗିର ଅନ୍ନୁର ହେ,

---

ପଦ୍ମବନରେ ଭ୍ରମଣକାରୀ; ମିଳନ୍ଦ—ଭ୍ରମର; କାନ୍ତସିନ୍ଧୁ—ଶୋଭାସମୁଦ୍ର; ନୀଳପଦ୍ମ—ଶୁଦ୍ଧ; କାଳନ୍ଦୀ—ଯମୁନା; କରଭୋରୁ—ମଣିବନ୍ଧଠାରୁ କାଣୀ ଅଙ୍ଗୁଠି ପର୍ଯ୍ୟନ୍ତ ହାତର ବହିର୍ଭାଗକୁ କରଭ କହନ୍ତି, ଯାହାର ଊରୁ (ଅଣ୍ଟୁ ଉପର) ସେହିପରି ହୋଇଥାଏ ।

୨ । ଟୀକା—ଶ୍ରୀକୃଷ୍ଣ ଦୂତୀ ଲଳିତାଙ୍କୁ କହୁଅଛନ୍ତି:—ଖେଳାଖଞ୍ଜରୀଟଦୃଶା—କ୍ରୀଡ଼ାରତ କଜ୍ଜଳପାଖୀ ପରି ଯାହାର ଆଖି ଚଞ୍ଚଳ, ବେହରଣ—ବିହାରମଣ୍ଡପ, ଝିଲ୍ଲଇ—ସପ୍ନେଇରେ ଖୁଆଇ, ବାନ୍ଦୁମିତ—ଏକ ବାନ୍ଦୁପରିମାଣବିଶିଷ୍ଟ, ବନ୍ଧୁକ—ରକ୍ତବର୍ଣ୍ଣ ଫୁଲବିଶେଷ, (ବନ୍ଧୁ ଅଧରର ଉପମାନ); ଗମଣି—ସୂର୍ଯ୍ୟ, କୋକ—ଚକ୍ରବାକ, ଏହି ପକ୍ଷୀର ରାତିରେ ବିଚ୍ଛେଦ ହୁଏ; ଜାଗରୁକ—ସତର୍କ, ସନ—ଫୁଲ, ବଡ଼ିଆ—ପାନ, ମୃଗମଦ—କସ୍ତୁରୀ, ଖଣ୍ଡସନ୍ଦୋଦର—ଖଣ୍ଡନାମକ ମିଷ୍ଟାନ୍ନ ଭଳି, ବରତନ—ବେତନ, ଅଲକ୍ତ—ଅଳତା, ଖଟା କେଶ—କିଛି ମାତ୍ର ମନୋଦୁଃଖ; ଉପକୃତ—ଉପକାର ।

ଗହନ କୁସୁମ ପରି ହେବ କି ଏଥର ହେ ।୨। ଗୋପନୃପବଳକୁ ନ ଆଣିଲେ ହେଲେ ଉର ହେ ଗଡ଼କୁ ନିକଟ ପରା ଏ ତୁମ୍ଭ ନଟବର ହେ ।୩। ରହସ୍ତ ପ୍ରତାପୀ କଂସ ଶୁଣିଲେ ଖବର ହେ, ଗୋବର୍ଦ୍ଧନଗିରିଗୁହାପୁଟ ଯିବ ଜୁର ହେ ।୪। ଗଲେ ମୁଁ ଜିତକୁ ସବୁ ହୋଇବ ଭୋଜବ ହେ, ଘୀଡେ ବୋଲେ କବିରବି ସର୍ବଂସହାସୁର ହେ ।୫।

## ( ୪ )

### ରାଗ—ରେଗୁପ୍ତ

ଘନକେଶୀ ରେ, ଘେନ ଏତେ ଗିର ମୋର ସୁଷାରେ । ପଦ ।
ଘସ୍ରନାଥକନ୍ୟାକୂଳଚରା ରେ, ଘୋଣାଗ୍ର କିଶୋର ଶ୍ୱାସ ପ୍ରସାରେ ।୧।
ଘୋରତର କାମକାଣ୍ଡଭୂଷାରେ, ଘାଣ୍ଟି ହେଉଅଛି ଦବାନଳଗାରେ ।୨।
ଘଟସ୍ତନୀ ତୁ ଏ କଷ୍ଟଦଶା ରେ, ଘନାଶ୍ଳେଷେ ରଖ ଯଶ ସଂସାରେ ।୩।
ଘାରି ହେଉଅଛି ଏ ଦୁର୍ଦ୍ଦଶାରେ, ଘୋର ହୋଇ ଯାଉଛି ସେ ରସାରେ ॥
ଘୋଟି କାମତମ ସ୍ପୃଷ୍ଟଦଶାରେ, ଘୂର୍ଣ୍ଣାଉଅଛି ଟି ରସାଳସାରେ ।୫।
ଘଣ୍ଟଏ ଶ୍ରୀପଦଲ ପ୍ରଶଂସାରେ, ଘଟାଇଲେ କବିରବି ଭୂଷାରେ ।୬।

## ( ୫ )

### ରାଗ—କାମୋଦୀ

ଣଦ ନାହିଁ ଟି ନଟବରକୁ ଗୋ, ନେତ୍ର ନାରତେ ମୁଁ ଏ ଣାବକୁ ଗୋ, ନ ଲଭିବାରୁ ନବଣୀଲାଙ୍ଗି ଗୋ ପଲ୍ଲବଅଧରମଧୁରଣାର୍ଦ୍ଧିକୁ ଗୋ । ପଦ ।

ନୁଆ ନାଗରୀ କେତେ, ନାହାନ୍ତି ଏ ଜଗତେ ନଗ୍ନ ନୟନାନ୍ତେ ସ୍ୱରକ୍ତି ଗୋ, ଣର୍ମଳ କେତେ ତୋର, ପୂର୍ବପୁଣ୍ୟ ନାଗର, ନ ଚନ୍ଦ୍ରେ

---

୩ । ଟୀକା— ଲଳିତା ଶ୍ରୀକୃଷ୍ଣଙ୍କୁ କହୁଅଛନ୍ତି— ଅକ୍ରୁର—ମହତ୍ତ୍ୱ, ଗହନକୁସୁମ—ବଣଫୁଲ ପରି ନିଷ୍ପ୍ରୟୋଜନ, ଗୋପନୃପ—ନନ୍ଦ, ଗଡ଼କୁ—କଂସ ରାଜଧାନୀକୁ, ଜୁର—ନଷ୍ଟ, ସର୍ବଂସହାସୁର—ଭୂସୁର ଅର୍ଥାତ୍ ବ୍ରାହ୍ମଣ ।

୪ । ଟୀକା—ଲଳିତା ରାଧାଙ୍କ ନିକଟରେ ଶ୍ରୀକୃଷ୍ଣପ୍ରସଙ୍ଗ ବର୍ଣ୍ଣନା କରୁଅଛନ୍ତି—ସୁଷାରେ—ସ୍ଥିର ଚିତ୍ତରେ, ଘସ୍ରନାଥକନ୍ୟା—ଯମୁନା, ଘୋଣାଗ୍ରେ—ନାକ ଅଗରେ, ଘୋରତରକାମକାଣ୍ଡଭୂଷାରେ—କନ୍ଦର୍ପର ଭୟଙ୍କର ଅସ୍ତ୍ର ଆଘାତରେ, ଘନାଶ୍ଳେଷ—ଗାଢ଼ାଲିଙ୍ଗନ, ରସାରେ—ପୃଥିବୀରେ, ରସାଳସା—ହେଉଥିବେ ।

ମାନସେ କରୁଣା । ୨ । ଜଗତ ଜୀବାତୁ ସେ ଜଙ୍ଗମନୀଳମଣି ଗୋ, ଜଠାଧିପରଙ୍କରେ କମ୍ପୁଛନ୍ତି ପୁଣି ଗୋ, ଯାଇ ତାଙ୍କ ଧଇବା କି ଯତନେ, ତାହାରୁ କି ହୋଇ ଜମାଇ ସ୍ତନେ, ଜନେ ହସିଲେ ହସିବେ ଜଗତେ, ଜୀବନ କି ଦୁଃଖ ପାଇଲେ ସତେ । ୩ । ଜନ୍ମାନ୍ତରମାନଙ୍କର ସୁକର୍ମ ବଳରେ ଗୋ, ଜନ୍ମ ସିନା ମାତ୍ର ନନ୍ଦସୁନ୍ଦରୀ କୋଳରେ ଗୋ, ଜୁରାଇ ଘର ଗୋରସ ସମସ୍ତ, ଜଞ୍ଜାଳିଲେ ଅନେକ କର ସମସ୍ତ, କଳପିବାକୁ ଏବେ ନାହିଁ ବଳ, ଜଗି ପାରିଲେ ନାହିଁ ଏ କାଳ । ୪ । ଜ୍ୟାଗୀର୍ବାଣ କବିବର ରାୟଗୁରୁ ଭଣେ ଗୋ, * ଯାହା କଲେ ଗୋପକୁ ଦ୍ୱନ୍ଦ୍ୱ ଜନେ ଜନେ ଗୋ, ଜୀବନ ଜନେକ ଥିବାରୁ ସିନା, ଜଣା ନୋହିଲା ସେ ଉପ୍ରବାସନା, ଜଣିବାକୁ ହେଲେ ସେ ଉପକୃତା, * ଜାଣି ଯୁକ୍ତି ନାହିଁ ସେତେ । ୫ ।

( ୯ )

ରାଗ—ବଙ୍ଗଳାଶ୍ରୀ

ଝୁମୁଝୁମ ନାଦ ଲଳିତାଙ୍କ ପାଦମଞ୍ଜିରର ଶୁଣି ତୋଷେ, ଝୁମିଝୁମି ଜାମ ଅମଳରେ ଶ୍ୟାମ ମିଳ କୁଞ୍ଜଦ୍ୱାରଦେଶେ । ୧ । ଝାଉଁଳିଲା ନବ-ତମାଳ ପଲ୍ଲବ ଅବସ୍ଥା ଶ୍ରୀଅଙ୍ଗ ରଙ୍ଗି, ଝରବାର ବାରି ନୟନୁ ଲୁହାର କଳପିଲେ ପ୍ରିୟସଖୀ । ୨ । ଝିମିଝିକ ନାଳ ଶଡରୁ ଅନଳ ହୋଇଲାଣି ଝରି ଝର, ଝପଧ୍ୱଜ-ଧନଞ୍ଜୟ ଝାସ ଜ୍ଞାନଲତାକୁ ଦେଲାଣି ସାର । ୩ । ଝାଙ୍କିନେଇ ମନ-ମଣିକି ଯା ସ୍ତନ ସମ୍ପୁଟରେ ରଖାଇଲୁ, ଝଟ ତା ରଦ-ବାସରୁ ସୁଅଦ ମଧୁ ତ ନ ଚଖାଇଲୁ ।୪। ଝାଳିଦେଲୁ ନାହିଁ ଝଳ ସୁନ୍ଦରୀହିଁ ଗଣ୍ଡକୁ ମୋ ଗଣ୍ଡେ ଥରେ, ଝଲାଇ ନ ଦେଲି ରସକଳ୍ପବଲ୍ଲୀ ଉରୁମୂଳସ୍ଥଳ

୮ । ଟୀକା—ଲଳିତା ରାଧାଙ୍କ କହୁଅଛନ୍ତି:—ଜଲଜନୟନାଜାତ—ପଦ୍ମନେତ୍ରୀ ସ୍ତ୍ରୀସମୂହ, ଜମ୍ବୀରଥ ନୀଳଅଙ୍ଗ—ଇନ୍ଦ୍ରନୀଳମଣି ସଦୃଶ ଶ୍ରୀକୃଷ୍ଣଙ୍କ ଶରୀର, ଜର୍ଜରତମାଳଦଳ—ତମାଳଗଛର ପୁରୁଣା ପତ୍ର. ଧରାପରାଗ—ପୃଥିବୀଧୂଳି, ଜୀବ ତୁ—ଜୀବନ. ଜଙ୍ଗମ—ଚଳନ୍ତା, ଜଠାଧିପର—ଶିବଶତ୍ରୁ, କାମ; ଜୁରାଇ—କ୍ଷୁର କରି ବା ନଷ୍ଟକରି, ଜଞ୍ଜାଳିଲେ—ବେଷ୍ଟି ଅଳି ବା ଗୋଳମାଳ କଲେ, କଳିବାକୁ—ପ୍ରସ୍ତାବ କରିବାକୁ. ଜ୍ୟାଗୀର୍ବାଣ—ଭୂସୁର, ବ୍ରାହ୍ମଣ ।

* ଆଗେ ଏ ଦେଶର ପଣ୍ଡିତମାନେ 'ଯାହା', 'ଯାଇ' ପ୍ରଭୃତି ପଦର 'ଯ' ସ୍ଥାନରେ 'ଜ' ବ୍ୟବହାର କରୁଥିଲେ । ସୁପଣ୍ଡିତମାନଙ୍କଦ୍ୱାରା ଲିଖିତ ତାଳପତ୍ର ପୋଥିରେ ସବୁଠାରେ ଏହାର ପ୍ରମାଣ ମିଳେ ।

ଭଜରେ । ୫ ।। ଝୁମା ଝାଲରିଆ ଅଳକ ତିଳକ ଶୋଭମାନ କେଶ ବେଶ ଦେଖାଇଣ, ଝଞ୍ଜ ଖଞ୍ଜି ବସ୍ତ୍ରଅଞ୍ଚଳେ ଗତି ତୁମ୍ଭ ରସିକ କେତକ ହରଷେ । ୬ । ଫୁଲ୍ଲିଅ ବଳ୍ଲୀ ବାଦେ । ହରିହୟପଦବଲ୍ଲିତ କରଛେ, ଝୁଣ୍ଟି ଦେଇ ଯିବ କେବେ କଦମ୍ବର ଗୁଛ ଗୁଚ୍ଛ ବୋଲେ ଗୀତ । ୭ ।

( ୧୦ )

ରାଗ—ବରାଡ଼ି

ନୟନେ ନମିଷେ ନିଦ, ନ ରହି ତ ମୁଁ ଭୋ ପଦ-ମଞ୍ଜୀର-ଶିଞ୍ଜିତ ଶିଞ୍ଜି କାନ, ନ ରହି ବସିଛୁ ପଥ, ନ ପୂରେ ମୋ ମନୋରଥ, ହୋଇଲୁ ତ ଦୁଃଖର ନିଦାନ ରେ; ନତଦେହା, ନିର୍ଦ୍ଦୟ ତା ପ୍ରକଟ ହୋଇଲା, ନ କହିଲୁ ତ କନକ-ନିନ୍ଦା ନଉସନ୍ଧାଧିକ, ଗଉରାଙ୍ଗୀ ଶ୍ରୁତି କ ହୋଇଲା ରେ । ୧ । ନଉକରଗଣେ ଜଣେ, କରି ମୋତେ ଅନୁକ୍ଷଣେ, ରଖିବାକୁ କଲ ଟିକି ସହ, କାରଣ ଭାରତୀ ଅବା, ଜଳଧିର ନବ-ଜବା,-ଦଶନ-ବସନା ପ୍ରାଣସହା ରେ, ନତଦେହା, ନିଃସଂଶୟ କରି କହ କହ, ନ ରଖିବାକୁ ନିର୍ବନ୍ଧ, ପ୍ରାଣକୁ ମୁଁ ହେବି ସଙ୍ଗ, ଯେବେ ବା ନାହିଁ ତୋ ଅନୁଗ୍ରହ ରେ । ୨ । ନୀପ ନିକୁଞ୍ଜ ନିକଟ, ନଟନ କେଳିଲମ୍ପଟ ହୋଇ ହରୁଥିଲ ସୁଖେ କାଳ, ନିର୍ଘୋଷରେ ବନ୍ଧ ନେଇ, ଅନିମିଷ ପଙ୍କଜ, ଝାଳିଲ ମୋ ସ୍ତନଲତା ମୂଳ ରେ, ନତ ଦେହା, ନିର୍ଯ୍ୟାଣ ସମୟ ହେଲେ ଅପି, ନ ଘଞ୍ଚୋଳ-ଅଙ୍ଗୀରତ, ନେଲ ତ ଚତୁର୍ଭୁଜ ନିଶି କରକର-ଦରହାସି ରେ । ୩ ।

---

୯ । ଟୀକା—ଲଳିତା କୁଞ୍ଜ ନିକଟରେ ଉପସ୍ଥିତ ହୁଅନ୍ତେ ଶ୍ରୀକୃଷ୍ଣ ତାଙ୍କୁ କହୁଅଛନ୍ତି:—ପାଦମଣ୍ଡନ—ପାଦର ଅଳଙ୍କାର, ଝୁମିଝୁମି—ଘୁମାଇ ଘୁମାଇ, ତିମିଠକ—ମୁହୂର୍ତ୍ତିକ, କଲଶତ—ଶତପୂର୍ଣ୍ଣ, ଅନଲ—ଅଧିକ, ଝଷଧ୍ୱଜଧନଞ୍ଜୟ ଝାସ—କନ୍ଦର୍ପରୂପ ଅଗ୍ନି ଦାହ, ସମ୍ପୁଟ—ଫଟୁଆ, ଝଟିତ—ଚଞ୍ଚଳ, ରଦବାସ—ଅଧର, ଝଲ—( ବିଶେଷଣ ) କାନ୍ତିମତୀ, ଝୁଲାଇବା—ହଲାଇବା, ଝଗ୍ଗଳିତ କରଦେବା; ରସକଳ୍ପବଲ୍ଲୀ—ରସକଳ୍ପଲତା ରୂପିଣୀ, ଝୁମାଝାଲରିଆ—କେଶର ଅଳଙ୍କାର, ଝଞ୍ଜ—ଫୁଲଫେଣ୍ଟା, ହରିହୟପଦବଲ୍ଲିତ—ଇନ୍ଦ୍ରଧ୍ୱଜର ସଦୃଶ ।

୧୦ । ଟୀକା—ଶ୍ରୀକୃଷ୍ଣ ଲଳିତାଙ୍କୁ କହୁଅଛନ୍ତି:— ମଞ୍ଜିର—ନୂପୁର, ଶିଞ୍ଜିତ—ଅଳଙ୍କାରଧ୍ୱନି, କନକନିନ୍ଦାନଉସନ୍ଧାଧିକ—ସୁବର୍ଣ୍ଣକୁ ନିନ୍ଦା କରିବାରେ ଅଧିକ ନିପୁଣ ( ନଉସନ୍ଧା—ନିପୁଣ ), ନଉକର—ଶୃଙ୍ଗର, ସହ—ସ୍ୱୀକାର, ନିଷ୍କପଟ ଭାରତୀ—ନୈଷ୍ଠ୍ୟପୂର୍ଣ୍ଣ କଥା, ନବ-ଜବା ଦଶନବସନା—ନୂତନ ମନ୍ଦାର ଫୁଲ ପରି ଅଧର ଯାହାର, ନୀପ—କଦମ୍ବ, ନେତ୍ରଅନିମିଷପଙ୍କଜ—ନିମିଷଶୂନ୍ୟ ଚକ୍ଷୁରୂପ ଶର, ନିର୍ଯ୍ୟାଣ—ପ୍ରାଣବାୟୁର ଦେହତ୍ୟାଗ, ନିର୍ଜ୍ଜରନଗରୀ—ଅମରାବତୀ,

ନଗ୍ନାନ ନାଗରୀ ନନ୍ଦ-ନନ୍ଦନ ମନ ଆନନ୍ଦ, ନଦୀ ବନେ ମଜ୍ଜାଇଲୁ ବୋଲି, ନିର୍ଭୟ ଲୋକେ ଏ ଗିର, ନଠିକ ନଗ୍ରିବାର, ଯଶ ନ ରୁଚଇ ଦେଲ ଫେଲ ରେ, ନଭଦେହା, ନନ୍ଦା ଅରବିନ୍ଦାକ୍ଷୀ ପାଇଲା, ନିର୍ଜନନଗର୍ଭମଣି-କୁଟ୍ଟିମେ ଚଢ଼ାଇ ପୁଣି ନିଃଶ୍ରେଣୀଟି କାଟି ପକାଇଲା । ୪ । ନବନୀରୁଁ ସୁକୁମାର, ଦଣେ ଦେହଟି ଗ୍ରାମାର, ନିରପରାଧ ନିଷ୍ଠୁର ମନ, ନାରିକେଳ ଫଳକାଳା ଭରେ ଜେ ବହୁଛୁ ବାଳା, ସେପର ନୁହଇ ଅପଘନ ରେ, ନଭଦେହା, ନ ଘେନିଲୁ ଦୁଃଖ ଲବେ ହେଲେ, ନ ଘେନୁ ଘେନୁ ଶରଣ ତାହାର ଶ୍ରୀକୃଷ୍ଣଚରଣ କବିରବି ବିଷ୍ଣୁଗୁରୁ ବୋଲେ ରେ । ୫ ।

( ୧୧ )

ରାଗ—ଦେଶାକ୍ଷ

ଛିକାକ ଦୋଷକୁ ରମା କେଡ଼େ ରୁଷା ରୁଷିଲୁ ରେ । ପଦ ।

ଚୌପରେ ପକାଇ ରୋଷେ, ନିଗ୍ରହ ଶଲ୍ୟ ବିଶେଷେ, ମୋ ସୁଗମ୍ଭୀରକୁ ତ ସେ ଧରାଭୂଷା ଭୂଷିଲୁ ରେ ॥ ଚାକର ମାର ମୋ ଆଶା, ମୁଣ୍ଡେ ଖଞ୍ଜରୀଟ-ତୃଷା, ପରପଟ୍ଟୀ ଲୋକହସା, କରିବାକୁ ବସିଲୁ ରେ । ୨ । ଚିକ୍ଷଏ ହେଲେ ଛକେକ, ନ କର ସେବକ-ବେକ, କରନ୍ତ ବୋଲି ଦର୍ପକ ବାରୁଣକୁ ପେଷିଲୁ ରେ । ୩ । ଚମକ ଯେ ବାଜେ ବ୍ରଜବଜାରେ ଦସ୍ୟୁକୁରଜ ବୋଲି ମୋ ଦଣ୍ଡରୁ ଆଜ, ଦାଣ୍ଡକୁ କି ଦଶିଲ ରେ ।୪। ଚୋକାଏ ଥିଲେ ଗହଣେ, ଚାକ ଜରୋଜ ଗ୍ରହଣେ, ଚିପି ଦେଲି ନଖ ସେହି କଥାକୁ କି ଘୋଷିଲୁ ରେ ॥ ଚେଲାନ୍ତା ବିବେକବତୀ, ମଣ୍ଡଳେ ବଳଯଛତ, ବୋଲେ କବିରବି ସବୁ ଜୋଚାଳଦେ ଭାଷିଲୁ ରେ । ୬ ।

( ୧୨ )

ରାଗ—ମୁଖାବରୀ

ଠଣି ରନ୍ଧ୍ରମୁହିଁ ରେ ଠଉରବି କେହି ରେ । ପଦ ।

ଠକ ମୁଁ ବୋଲେ ମାନସେ, ଠୁଳ କଲେ ଶଙ୍କା ଲେଶେ । ୧ । ଠ ବଢ଼ି ନିମ୍ନସ୍ତନେ ନଗ, ଠୁକଲେ ହେଲେ ବିମୁଖ ।୨। ଠାର ନାହିଁ ନୟନାନ୍ତେ,

---

ମଣିକୁଟ୍ଟିମ—ରତ୍ନନିର୍ମିତ ପ୍ରାସାଦ; ନିଃଶ୍ରେଣୀ—ନିଶୁଣି ବା ସିଢ଼ି; ଅପଘନ—ଦେହ; ନବନୀରୁଁ—ଲହୁଣିଠୁଁ ।

୧୧ । ଠୀକା—ଶ୍ରୀକୃଷ୍ଣ ଲଳିତାଙ୍କୁ କହୁଅଛନ୍ତି:—ଚୌପରେ—ଖାଲରେ, ନିଗ୍ରହ—ତାଡ଼ନା ( ଅନୁଗ୍ରହର ବିପରୀତ ), ସେ ଧରାଭୂଷା—ସେହି ପୃଥିବୀର ଅଳଙ୍କାରରୂପିଣୀ, ଭୂଷିଲା—ଆଘାତ କଲା, ଚାକରମାର—ଆଘାତ କର, ପରପଟ୍ଟୀ—ଶତ୍ରୁ, ଦର୍ପକ—କନ୍ଦର୍ପ, ଚମକ—ଘୋଷଣା, ବଳଯଛତ—ଧଳାଛତ ।

ଠାକୁରଙ୍କ ଗୁଣ ମୋତେ । ୩ । ଠାଣେଦାର ରଣରଣ, ଠୋ କରି ନେବ ମୋ ପ୍ରାଣ। ୪ । ଠ ପରି ଜଗତ ଦିଶେ, ଠିକେ କବିରବି ଭାଷେ । ୫ ।

( ୧୩ )

ରାଗ—କାମୋଦଗୌଡ଼ା

ଡାକିଲ କୋକିଳା ଲୀଳା-ସୂନ-ଉପବନରେ
ଡମରୁରୁଚିରମଧ୍ୟା ଖେଳିଲି ମୋ ମନରେ । ପଦ ।

ଡାଳମେଲି କିଶଳୟ, କରେ କିବା ଅଭିନୟ, ନାଚିଲି ବଲ୍ଲରୀଚୟ ଚନ୍ଦନ ପବନରେ । ୧ । ଡଗର ବୁଲୁଛି ସ୍ମର, ବିଷାଇ ବିଷମ ଶର, ଧରୁଛି ପରାଗ-ଗର ଘୁଁ ବାକ ଜୀବନରେ ।୨। ଡାଳିମ୍ବବୀଜରଦନା, ଏ ଦିନେ ହୋଇ ବିମନା, କଲି ତ ଉତ୍ସବ ମନା ଲତିକା ଭବନରେ ।୩। ଡିମ୍ଭ ଚକିତ କୁରଙ୍ଗ-ନୟନାର ନିକି ଭୃଙ୍ଗ—ଉନ୍ମାଦ-ରବ ତରଙ୍ଗ ପଡ଼ୁ ନାହିଁ କାନରେ । ୪ । ଡରୁ ନାହିଁ କି ସେ ଭୀରୁ, ସ୍ମରଙ୍କର-କରତରୁ କବିରବି ରାୟଗୁରୁ ରଚିଲେ କବନରେ । ୫ ।

( ୧୪ )

ରାଗ—ଶଙ୍କରାଭରଣ

ଢାଳି ଗୁହିଁଲି ରେ, ଢାଙ୍କି ପକ୍ଷ୍ମ କି ଭଙ୍ଗୀରେ ରହିଲି ରେ । ପଦ ।

ଢବାଢନାବୀଦେହଳୀ ସମୀପରେ ପ୍ରିୟ ଆଳୀ, ସମାଜେ ବିରାଜି ବର ମହିଳା ରେ ।୧। ଢୁଳାଇଲି ପରି କାମ-ଅମଳଲାଗିରୁ ଶ୍ୟାମ ଜଳଜନୟନେ

୧୨ । ଟୀକା—ଶ୍ରୀକୃଷ୍ଣ ଲଳିତାଙ୍କୁ କହୁଅଛନ୍ତି:— ଠଣ—ଶୋଭା, ଠଣଚନ୍ଦ୍ରମୁହିଁ—ହେ ଶୋଭାପୂର୍ଣ୍ଣ ଚନ୍ଦ୍ରମୁଖି ! ଠଉରିବ—ସ୍ଥିର ହୋଇ ରହିବ, ଠୁଳ କଲେ—ଏକତ୍ର କଲେ, ଠାଣେଦାର—ଜମାଦାର, ଯେ ଜୋର ପ୍ରକାଶ କରେ; ରଣରଣ—କନ୍ଦର୍ପ, ଠ ପରି—ଶୂନ୍ୟ ।

୧୩ । ଟୀକା—ଶ୍ରୀକୃଷ୍ଣଙ୍କର ରାଧାଗତ ଅନୁସ୍ମୃତି:—ଲୀଳାସୂନ-ଉପବନରେ—କ୍ରୀଡ଼ାପୁଷ୍ପ ଉଦ୍ୟାନରେ, ଡମରୁରୁଚିରମଧ୍ୟା—ଡମରୁପରି ଯାହାର କଟି କ୍ଷୀଣ, କିଶଳୟ—ନୂଆପତ୍ର, ବଲ୍ଲରୀଚୟ—ଲତାସମୂହ, ଡଗର—ଘୋଷଣା-ପ୍ରଚାରକ, ବିଷାଇ—ବିଷଯୁକ୍ତ କରି, ବିଷମଶର—ପଞ୍ଚବାଣ, ପରାଗଗର—ପୁଷ୍ପ-ରେଣୁରୂପ ବିଷ, ଘୁଁ ବାକ୍—ଯେ ଘୁଁ ଘୁଁ ଶବ୍ଦ କରେ ଅର୍ଥାତ୍ ଭ୍ରମର, ଡିମ୍ଭ—ଶିଶୁ, କବନ—କବିତା ।

୧୪ । ଟୀକା—ପକ୍ଷ୍ମ—ଆଖିପତାବାଳ, ଢବାଢନାବୀ—କୋଠାଘର ଝରକା, ଦେହଳୀ—ଚୌକାଠର ତଳଭାଗ, ଢୁଳାଇଲି ପରି—ଘୂମାଇଲି ପରି,

ଲୀଳା ବହିଲ ରେ । ୨ । ଭୁକାଇ ମୋ ଅପଘନ, ଶ୍ରୀଅଙ୍ଗରେ ତା ଅଧୀନ, ହୋଇବାକୁ ସମସ୍ତ ନ ସହିଲ ରେ । ୩ । ତୋଳୁଟିଏ ତା ପଲ୍ଲବ, ଅଧରରୁ ମଧୁ ଦ୍ରବ, ତୋଳିବା କ୍ଷଣେକ ଲବ ନୋହିଲ ରେ । ୪ । ଢକା ପ୍ରକାଶନ୍ତା ମତେ, ଧନ୍ୟ ବୋଲି ଏ ଜଗତେ, କବି-ଚଣ୍ଡଭାନୁ ଗୀତେ କହିଲ ରେ ।୫।

( ୧୫ )

ରାଗ—ପୂରବୀ

ଅନାଇ ନାହିଁ ନାଗରମଣିଙ୍କି ମୁଁ ତାଳେ । ପଦ ।

ଅନେକ ପ୍ରକାରେ ପ୍ରେମ, ଆଚରେ ଅତସୀଶ୍ୟାମ, ଅଙ୍ଗୀକାର କରି ନାହିଁ କାଳେ । ୧ । ଅହିତ ଜନ ନ ସହେ, ଅପବାଦ କଥା କହେ, ଅଛି ଏହା ଲେଖା ମୋ କପାଳେ ।୨। ଅମୃତ ବାଣୀ ବିଳାସେ, ଅନଙ୍ଗ ମୋହନ ବେଶେ, ଉପବନ ଅୟନ ଓଗାଳେ । ୩ । ଆଉ କେତେ କେତେବେଳେ, ଅମ୍ଳାନ କେତକୀଦଳେ, ଅରଜି ବନାଇ ବନୁ ଗୁଳେ । ୪ । ଅତର୍କିତ ଜାଣି କାଳ, ଅଙ୍କିତ କରେ ମୋ ଗଳ, ଆପଣେ ଗୁନ୍ଥିବା ଫୁଲମାଳେ ।୫। ଅଙ୍ଘ୍ରି କି ମୋ କବିଭାନୁ, ଅଠକି ଭଜିବା ଦିନୁ, ଅଲଙ୍ଘ୍ୟ କରି ମୁଁ ପରିପାଳେ । ୬ ।

( ୧୬ )

ରାଗ—କଳହଂସକେଦାର

ତମାଳତଳେ ନ ଗୃଳେ ରେ ମୋ ଅଭିମନା, କେତେ ଦୂର ଯାଏ କାହିଁ ॥
ତିଳକୁ ତାଳକ ତୁଳି କଲେ ଲୋକ ତଥ୍ୟ ମଣୁଥାଉ ତାହିଁ । ୧ ।
ତରକିବା କଥା ନିକାଳ ସର୍ବଥା ତତ୍ତ୍ୱ ତୁ ଘେନିବୁ ନାହିଁ । ୨ ।
ତୁ ତ ସୁବିବେକୀ, ତୁଳ ମୁଁ କେବେ କି, ତହିଁ ଥିବ ଅବଗାହି । ୩ ।

---

କାମଅମଳଲଙ୍ଗିରୁ—କନ୍ଦର୍ପରୂପ ମାଦକଦ୍ରବ୍ୟର ନିଶାରୁ, ଶ୍ୟାମଜଳଜନୟନେ—ନୀଳଇନ୍ଦୀବର ନୟନରେ, ଭୁକାଇ—ସଂଯୋଜିତ କରି ବା ପ୍ରବେଶ କରାଇ, ଅପଘନ—ଦେହ, ଚଣ୍ଡଭାନୁ—ସୂର୍ଯ୍ୟ ।

୧୫ । ଟୀକା—ରାଧା ଲଳିତାଙ୍କୁ କହୁଅଛନ୍ତି:—ତାଳେ—ଥରେ, ଅତସୀଶ୍ୟାମ—ଅତସୀ (ଫେସି) ଫୁଲପରି ଶ୍ୟାମଳବର୍ଣ୍ଣ, ଅହିତଜନ—ଭଗାରି-ମାନେ, ଉପବନ ଅୟନ ଓଗାଳେ—କୁଞ୍ଜବନକୁ ଯିବା ବାଟର ଆଡୁଆଳରେ, ଅରଜି—ପ୍ରେମପୂର୍ଣ୍ଣ ନିବେଦନପତ୍ର, ଅଙ୍ଘ୍ରି—ପାଦ, କବିଭାନୁ—କବିସୂର୍ଯ୍ୟ ।

୧୬ । ଟୀକା—ରାଧା ଲଳିତାଙ୍କୁ କହୁଅଛନ୍ତି:— ତମାଳତଳେ ନ ଗୃଳେଁ ରେ ଅଭିମନା—ହେ ଅଭିମାନହୃଦୟା, କୃଷ୍ଣଙ୍କ ରୂପ ସଙ୍ଗେ ସାମ୍ୟ ଥିବାରୁ ମୁଁ ତମାଳଗଛ ତଳରେ ମଧ୍ୟ ଗୃଳେ ନାହିଁ; ତୁଳ—ତୁଳନା କରି, ତପନେ

ଉପନେ ଶୀତମାଅଙ୍କ ଦିଅନ୍ତି ମା ତୁଚ୍ଛା ଲୋକନାମେ ବାହି । ୪ ।
ତୁଠାଏ କି ଜାତ ତୁଣ୍ଡ୍ରର ପୀରତ ତାମସା ଠାପରି ଠାହି । ୫ ।
ଉତ୍କ ଜାଣେ କବିତରଣି ତା ଭାବି ତଲସ ଯେ ଯାକୁ ନାହିଁ । ୬ ।

( ୧୭ )

ରାଗ—ଧନାଶ୍ରୀ

ଥରେ ଏକାନ୍ତରେ ସିନା କହିଥିଲି ସଖୀକି,
ସ୍ଥାପିତ ନ କରି ଦୁର୍ଜନଙ୍କ ଅଗେ କହି କି । ପଦ ।

ଥିଲାଠାରେ ବିଶ୍ୱାସ କପଟ ପାରେ ରହିକି, ଥୋଇବା ହୃଦୟେ ଖ୍ୟାତ ପୂର୍ତ୍ତିକରେ ମଖୀ କି । ୧ । ସ୍ଥାବର ଜଙ୍ଗମେ ଶ୍ୟାମ କାହା ହୃଦେ ନାହିଁ କି, ଥିଲା ମୋ ଲମ୍ପଟପଟେ ଏ ଅଯଶ କାହିଁକି ।୨। ଥାପିପଣ ଥିବାର ସଜ୍ଜନଗୁଣ ଏହିକି, ସ୍ଥାୟୀ କଲି ବିଷାର୍ଜନ ଷୀର ଦେଇ ଅହିକି ।୩। ସ୍ଥିର ପୀରତିବଲ୍ଲୀକି ଦମ୍ଭାନଳେ ଦହିକି, ଛଳଅଳୀମାନଙ୍କର ଏ ଦ୍ୱେଷକୁ ମୁହିଁ କି ॥ ସ୍ଥିରାଚକେ ଜଣେ ବୋଲି ଜାଣଇ ସୁମୁଖୀ କି, ଥରୁଥାଏଁ ଟି ମୁଁ କବିରବି ସାକ୍ଷୀ ତହିଁକି ॥

( ୧୮ )

ରାଗ—ହସନ୍

ଦରହାସି, ଦମ୍ଭତୋୟମୟୀ ଜଳରାଶି ରେ । ପଦ ।

ଦୂରୁ ହେଲେ ନଟବର, ଦେଖା କେବେ ନାହିଁ ତୋର, ଦଶନବ୍ରଣ ଅଧର,-ଦଳେ ବଳସେ କାହାର, ଦୟାବତି, ତୁ କେଡ଼େ ସାହସୀ ରେ ।୧। ଦର୍ପକଦର୍ପଦଳନ, ଦିବ୍ୟ ପରିମଳ ଧନ, ଦେହରେ ଦୋର୍ମୂଳେ ସ୍ତନ-ହୃଦୟରେ ନଖଲାଞ୍ଛନ, ଦଇବ କି, ଦେଇଗଲା ଅସି ରେ । ୨ । ଦିବାନିଶି ତ ମୁଁ ତୋର, ଦେହ ବହିଲୁ ଯେ ପର, ଦିନେଶତନୟା ତୀର, ଦ୍ରୁମଦୋହଦ-

---

ଶୀତମାଅଙ୍କ—ଏ ସଂସାରରେ ଏପରି ଲୋକ ଅଛନ୍ତି ଯେଉଁମାନେ ସୂର୍ଯ୍ୟତେଜରେ ମଧ୍ୟ ଶୀତଳତା ଦୋଷ ଆରୋପ କରିପାରନ୍ତି; ଠାହି—ଥଟା, କବିତରଣି—କବିସୂର୍ଯ୍ୟ ।

୧୭ । ଟୀକା—ରାଧା ଲଳିତାଙ୍କୁ କହୁଅଛନ୍ତି:—ସ୍ଥାପିତ ନ କରି—ହୃଦୟରେ ଲୁଚାଇ ନ ରଖି (ଗ୍ରାମ୍ୟ ପ୍ରୟୋଗ) । ଥୋଇବାହୃଦୟରେ—ଯେ ନିଜ ହୃଦୟରେ ବିଶ୍ୱାସକୁ ସ୍ଥିର କରି ରଖେ, ଅହିକି—ସର୍ପକୁ, ପ୍ରୀତିବଲ୍ଲୀ—ପ୍ରୀତିରୂପା ଲତା, ଦମ୍ଭାନଳ—ଛଳନାରୂପ ଅଗ୍ନି, ସ୍ଥିରାଚକ—ପଣ୍ଡିତାସମୂହ ।

୧୮ । ଟୀକା—ସଖୀ ରାଧାଙ୍କୁ କହୁଅଛନ୍ତି:—ଦମ୍ଭତୋୟମୟୀ ଜଳରାଶି—ଛଳନାରୂପକ ଜଳପୂର୍ଣ୍ଣ ସମୁଦ୍ର ଅର୍ଥାତ୍ ତୁ ବଡ଼ କପଟାଚାରିଣୀ । ଦର୍ପକଦର୍ପଦଳନ—କନ୍ଦର୍ପଗର୍ବଖର୍ବକାରୀ, ପରିମଳ—ସୁବାସ, ଦୋର୍ମୂଳ—ବାହୁମୂଳ;

ନିକର, ଦରବାରେ, ହେଲୂଣି ଦୋଭାଷୀ ରେ । ୩ । ଦୁଇ ଚରଣସାରସେ ଦେବାର ଶିଖଣ୍ଡ ଶେଷେ, ଦେଖିଲି ଯାବକ ରସେ, ଦୋଷ କି କିଶୋରର ସେ, ଦ୍ରବ କବିରବି ଅଛୁ ଭାଷି ରେ । ୪ ।

( ୧୯ )

ରାଗ—କେଦାର

ଧିକ ଧିକ ମନ୍ଦବିଧି ଅପସନ୍ଦ ନାରୀଜନ୍ମ ନ ନିବାରିବାର,
ଧିକ ଅବିବେକ ମୋ ପରି ଗୁଡ଼ାକ କେଡ଼େ ନିର୍ଲଜ୍ଜ ସେ ପାରିବାର । ପଦ ।
ଧମକ ସ୍ଫୁରଣ ହୁଅନ୍ତେ ତରୁଣିଚରଣୁ ଅନ୍ୟକୁ ନ ଲଭି ଶରଣ ଗୋ,
ଧୂଳି ଆଚରଣ ଧୁରନ୍ଧର ଗୁଣ ଗୃହୁଁ କ୍ଷଣରେ ବାହାରିବାର । ୧ ।
ଧାଇଁ ଧାଇଁ ଦୂତୀମନ୍ଦିରକୁ ରତି ପଦେ ଲକ୍ଷାଦ୍ୟୁତ ନ ଲଭଇ ସ୍ଥିତ,
ଧାତାବଶୁଁ ପ୍ରୀତି ଘଟିଲେ ଜନନ୍ତ ବହି ଚେଲାଞ୍ଚଳ ମାରିବାର । ୨ ।
ଧରି ଧନୁର୍ବାଣ ସ୍ମର ସତେ ପ୍ରାଣ ନେବା ପରି ଡରି ଧରି ଦନ୍ତେ ତୃଣ,
ଧରାରେ ତରୁଣୀ-ଶିର ଆବରଣ ଲୁଟାଇଲେ ନ ପଗ୍ତୁରିବାର । ୩ ।
ଧରି ଧରି ବଳେ କରୁଥିଲେ କୋଳେ ଧରାଧରୁଁ ବଳେ ଧୈର୍ଯ୍ୟ ନିଷ୍ଟଳେ;
ଧାନେ ଉଣା ତୁଲେ ହେଲେ ସ୍ନେହ ଖେଳେ କ୍ଷଣକେ ବିନୟ ଗୃହିବାର ।୪।
ଧନ୍ୟ ଧୃତସାର ସୁପୁରୁଷଙ୍କର ପ୍ରସାଦୁ ସମ୍ଭୂତ ସେ ଶଙ୍କରଙ୍କର,
ଧରଣୀନିର୍ଜର କବିରବି ସ୍ଥିର ଗୁଣି ତାଙ୍କୁ ନ ଜୁହାରିବାର । ୫ ।

( ୨୦ )

ରାଗ-ସିନ୍ଧୁକାମୋଦୀ

ନାହିଁ ନାହିଁ ନିଖିଳ ଜଗତେ ଗୋ ନ ଦିଶଇ ଉପମାନ,
ନବ ନୀରଦ ନୀଳମଣି ଅତସୀଶ୍ୟାମସୁନ୍ଦର ସମାନ ଗୋ । ପଦ ।
ନିରେଖିଥାଇ ଏ ନଗରେ ଯେ ନିତି ବରତରୁଣୀଙ୍କ ଶିରୀ,
ନୟନକୁ ଲେଶେ ନ ରୁଚଇ ତ ସେ ନୂଆ ନାଗରଙ୍କ ପରି । ୧ ।

---

ଦିନେଶତନୟା—ଯମୁନା, ଦୋହଦ—ଅଭିଲାଷ, ଦୋଭାଷୀ—ମିଥ୍ୟାବାଦିନୀ, ଯାବକରସ—ଅଲତାରସ, ଚରଣସାରସ—ପାଦପଦ୍ମ ।

୧୯ । ଟୀକା—ରାଧା ଲଳିତାଙ୍କୁ କହୁଅଛନ୍ତି:—କେଡ଼େ ପାରିବାର—କେଡ଼େ ସାହସିକ; ଲକ୍ଷାଦ୍ୟୁତ—ଅଲତାରକ୍ତିମା; ଚେଲାଞ୍ଚଳ ମାରିବାର—କାନି ପଣତରେ ନିଷେଧ କରିବା; ଗୃହିବାର—ଗୃହିଥର; ତରୁଣୀଶିର ଆଭରଣ—କୃଷ୍ଣ; ଧରାରେ ଲୁଟାଇଲେ—ପୃଥିବୀରେ ଗଡ଼ିଲେ; ଶଙ୍କରଙ୍କର—ମଙ୍ଗଳମୟ ଶିବଙ୍କର; ଧରଣୀନିର୍ଜର—ବ୍ରାହ୍ମଣ ।

ନତନୁ ନିବହ ଭଜି ଯେବେ ଦେହ ନାନା ବିଳାସ ବହିବ,
ନଳିନ-ପେଶଳ ତା ଚରଣତଳ ନିଉଁଛଳି ଭଲି ହେବ । ୨ ।
ନତ ନୋହିବା କୁଳଜାତ ନବୋଢ଼ା ନ ରସି ପଶିବ କାହିଁ,
ନକ୍ଷତ୍ରନାଥ-ନିକୁରମ୍ବବିଜୟ-ସନ୍ନଦ୍ଧ ଶ୍ରୀମୁଖ ଚାହିଁ । ୩ ।
ନର୍ମେ ମର୍ମଭେଦୀ ଚିଲ୍ଲୀ ଚାରୁଚାପ ନଚାଇ ଜାଣଇ ସେହି,
ନିଃଶେଷ ତ ବାଣ ନୋହିବାରେ ତୁଲି ତାର ଲୋକେ ନାହିଁ କେହି । ୪ ।
ନିନ୍ଦିଲେ ନିନ୍ଦିବେ ନରେ ପଛେ ଏବେ ନିଶ୍ଚୟ କହୁଛୁ ଜାଣି,
ନ ଚୁମ୍ବିଲେ ତାର ମଧୁର ଅଧର ନ ଠହରଇ ମୋ ପ୍ରାଣ । ୫ ।
ନୋହିବୁ ଯେବେ ତୁ ଏ ଘଟନା ହେତୁ ତୋ ନାମେ ତେଜିବି ଦେହ,
ନିୟମ କରି କହୁଛୁ କବିରବି ଏଥି ନ ଘେନ ସନ୍ଦେହ । ୬ ।

( ୨୧ )

ରାଗ—ମନୋରମା

ପ୍ରୀତିପରି କେ ସୁଆଦ ଗୋ,
ପୀୟୂଷ ତୁଲେ ଯା ବାଦ ଗୋ । ପଦ ।

ପହିଲୁ ଗଞ୍ଜାଇ ଗରବ ଗଞ୍ଜାଇ ସମ୍ଭବାଏ ପରମାଦ,
ପର୍ବଶର୍ବରୀଶ-କରନିକରକୁ ବଳେ ତାହା ଆହ୍ଲାଦ ଗୋ । ୧ ।
ପଡ଼ିଗଲେ କାନେ ଜନ୍ମାଏ ବିବେକ ହଜାଇ ଦେବା ଉନ୍ମାଦ ଗୋ,
ପ୍ରିୟଜନ ଯିବା ଆସିବା ସମୟ ଚରଣମଣ୍ଡନ ନାଦ ଗୋ । ୨ ।
ପୁଷ୍ପଶରସିନ୍ଧୁ କେଳିତରୀ କି ସେ ପଛରୁ ପେଲିବା କାଦ,
ପସନ୍ଦ ତାହାକୁ ଅରଜିବା ପାଇଁ ଧଇଲେହେଁ ମିତ ପାଦ ଗୋ । ୩ ।
ପ୍ରାପତ ନୁହେ ସେ ପ୍ରାଣୀକି ନ ଥିଲେ ପରମେଶ୍ୱର ପ୍ରସାଦ ଗୋ,
ପୟଃପରିଣତ ମଧୁରସା ସିତ ଶର୍କରା କେତେ ବେଷାଦ ଗୋ । ୪ ।
ପରପତ୍ନୀ ରୀତି କରି ଯେଉଁ ସତୀ ଆପାଦରୁ ପରିବାଦ ଗୋ,
ପୃଥ୍ୱୀଦେବ କବିରବି ରାୟଗୁରୁ ବୋଲେ କରୁ ଫରିଅଦ ଗୋ । ୫ ।

---

୨୦ । ଟୀକା—ରାଧା କହୁଅଛନ୍ତି—ନବନୀରଦ—ନୂଆମେଘ, ଅତସୀ—ଫେଣି ଫୁଲ, ନତନୁନିବହ—ଅନେକ କନ୍ଦର୍ପ, ନଳିନପେଶଳ—ପଦ୍ମପରି କୋମଳ ବା ସୁନ୍ଦର, ନିଉଁଛଳି—ବନ୍ଦାପନା, ନବୋଢ଼ା—ନବଯୁବତୀ, ନକ୍ଷତ୍ରନାଥ—ଚନ୍ଦ୍ର, ନିକୁରମ୍ବ—ସମୂହ ବିଜୟସନ୍ନଦ୍ଧ—ଜୟ କରିବାକୁ ଉଦ୍ୟତ, ନର୍ମେ—କୌତୁକରେ, ଚିଲ୍ଲୀ—ଭ୍ରୂ ।

୨୧ । ଟୀକା—ଲଳିତା ରାଧାଙ୍କୁ କହୁଅଛନ୍ତି—ପୀୟୂଷତୁଲେ—ଅମୃତ ସଙ୍ଗେ, ଗଞ୍ଜାଇ—ମାଦକଦ୍ରବ୍ୟ, ପର୍ବଶର୍ବରୀଶକରନିକର—ପୂର୍ଣ୍ଣିମାର ଚନ୍ଦ୍ର-

( ୨୨ )

ରାଗ—ବେଗୁପ୍ତ

ଫେରି ଯା ଗଲେ ଗୋ,

ସଖି ଫାଟିଲା ମୋ କରମ ଜାଣିଲି ଭଲେ । ପଦ ।

ଫୁଟିଲା ଫୁଲବାସେ ପୂରନ୍ତା କ୍ଷିତି, ଫଲ୍ଗୁରି ଶୁଣି କମ୍ପିଁ କଲି ଏ ଚିତ୍ତ ଗୋ । ୧ । ଫରୁଅ ଗର୍ବ ଫେଇ ନିର୍ଦ୍ଦୋଷ ମଣି, ଫିଙ୍ଗି ଯା ଦେଲି ରୋଷେ ସଦୋଷ ମଣି ଗୋ । ୨ । ଫୁଲିଗଲି ମୁଁ ଗୃହ୍ଣୁ ଶୁଣି ମଦରେ, ଫୁଲଲମ୍ବମ ମର୍ଦ୍ଦି ଦେଲି ପାଦରେ । ୩ । ଫୁଲପଙ୍କଜ ମୃଦୁ ସୁନ୍ଦର ପାଦ, ଫାନ୍ଟୁ ଯେ ଥିବ ଲଭି ସଗୃବ ଖେଦ । ୪ । ଫନ୍ଦା ଧବ ଯେ ଫିଙ୍ଗି ଦେଲି ପାଣିକ, ଫୁରୁଣା ହେବ କାହା ଘେନ ଏଣିକ । ୫ । ଫେଇ ଦଅନ୍ତି କଣ୍ଠୁ ଏ ମଣିହାର, ଫନ୍ଦାଇ ପାରିବ କି କବି ମିହିର । ୬ ।

( ୨୩ )

ରାଗ—ମୁଖାରି

ରାଧାଭା କି କଲ ରେ, ବ୍ୟର୍ଥେ ଦିନ ଗଲା ରେ, ବାରବାର ମଦ-ବାରଣବରଗତି, ରତିରସବିଦ୍ୟାତରଙ୍ଗିଣୀପତି, ଗୁମାନ ଧରି ସରି ଯାଉଛୁ ଜଚତ କି ନିକୁଞ୍ଜମଧ୍ୟ ମଣ୍ଡିବା ସମୟରେ । ପଦ ।

ବେଶେ କରିବାକୁ ତୋରି, ବନାଉ ଅଛି ମୁଁ ଝରି, ବସିଛି ଦୁଃଖ-ପାସୋରି, ବାଢ଼ି ରସପସରି । ୧ । ବମ୍ବୋଷ୍ଠେ ଚୁମ୍ବିବା ଆଶେ, ବନଯୈ ମିଳାଲି ପାଶେ, ବଦନକୁ ମହଲା ସେ, ବର୍ଜିତ କରିଛି ହାସେ । ୨ । ବାଧୁ ଥିଲେହେଁ ଦୁର୍ଜନେ, ବୁଡ଼େ ମୋ ସ୍ନେହ ମଜ୍ଜନେ, ବୋଧିଲେ ତ ଏବେ

---

କରଣସମୂହ, କାନ୍ଦ—କାତ, ପୟଃପରିଣତ—ଦୁଧରେ ଦ୍ରବୀଭୂତ, ମଧୁରସା—ଦ୍ରାକ୍ଷା, ସିତଶର୍କରୀ—ସାଚ, ବେଷାଦ—ଶକ୍ତିଶାଳୀ, ପରପତ୍ନୀରୀତି—ଅନ୍ୟ ପର ଆଚରଣ, ପରିବାଦ—ନିନ୍ଦା, ଫରିଆଦ—ନାଲିସ୍ ବା ଅଭିଯୋଗ, ଅପାଦଛି—ସମ୍ପାଦଛି ।

୨୨ । ଟୀକା—ରାଧା ଲଳିତାଙ୍କୁ କହୁଅଛନ୍ତି:—ଫଲ୍ଗୁରି—ହତଭାଗୀ, ଫୁଲଲମ୍ବମ—ପୁଷ୍ପନିର୍ମିତ ଭୂଷଣ, ଫୁଲ୍ଲି—ଫୁଟନ୍ତା, ଫୁରୁଣା—ଭାଗ୍ୟବତୀ, ଫନ୍ଦାଇ ପାରିବ—ମଙ୍ଗାଇ ପାରିବ ।

୨୩ । ଟୀକା—ଶ୍ରୀକୃଷ୍ଣଙ୍କର ଭାବନା:—ମଦବାରଣବରଗତି—ମତ୍ତଗଜ-ଗମନା, ଝରି—ପୁଷ୍ପଭୂଷଣ, ପସରି—ଦୋକାନ, ବାଧୁଥିଲେ—ବାଧା ଦେଲେହେଁ,

ମନେ, ବିବେକକନ୍ଧି ନ ଘେନେ । ୩ । ବନ୍ଧୁ ମୋ ଶିରୀଷଅଙ୍ଗୀ, ବକ୍ରବିଷମ-ଅପାଙ୍ଗୀ, ବସନ୍ତବିହାରସଙ୍ଗୀ, ବଢ଼ାଇ ଦେଲୁ କେ ଭଙ୍ଗୀ । ୪ । ବିଶ୍ଳେଷ ଜନେ ମୋ ଶତେ, ବନମାଳା ସଖି ମୋତେ, ବିସ୍ମର ଦେଲୁ କେମନ୍ତେ, ବୋଲେ ବଳଦେବ ଗୀତେ । ୫ ।

( ୨୪ )

ରାଗ—କାମୋଦୀ

ଭୂଲୋକର ଭର୍ମଭୂଷା ଯୋଷା ରତନ ରସାଳସା ସେ, ଭଙ୍ଗୁର ତରଳକଟାକ୍ଷି, ଭର୍ଗ ଅହୃତ ମାର୍ଗଣ ଶତ ସମ୍ମୋହନ ଗୃହାଣି, ଭ୍ରମରୁଦ୍ଧଳ କେଳିକୋକିଳ, କଳକୂଜନ ବାଣୀ, ଭାସି ନିତମ୍ବ ବିମ୍ବ ଓରଜା, ବାରିଜ-ନେତ୍ରା, ନାଗରୀରାଜା, ବଲ୍ଲଭା ମୋର ରଙ୍ଗ ସୁନ୍ଦର ପଲ୍ଲବସାରପାଣି । ୧ । ଭଲ ତା ଲୀଳାବଞ୍ଚଳଡୋଳା ଅପାଙ୍ଗପ୍ରାଙ୍ଗଣଖେଳା, ପସନ୍ଦ କୁନ୍ଦ ସୁନ୍ଦର ମନ୍ଦହାସ, ଭ୍ରୂଯୁଗଖେଳ ଚପଳ ନୀଳଭୁଜଙ୍ଗିନୀ ସଂକାଶ, ଭସ୍ମାଭିନୟ ଦାସ୍ୟା ବିନୟ ନୟନ ଫରମାସ, ଭଉରେ ଲେଖି ମୋ ବଦନ, ଚୁମ୍ବନେ ବଳାଇ ମନ, ଗୃହି ମୋତେ, କି ସ୍ନେହସ୍ମିତେ ଠାରେ ଦଶନବାସ ।୨। ଭରତକୃତ ସିଦ୍ଧାନ୍ତ ମତ ସଙ୍ଗୀତ କଳା ସମ୍ପତ୍ତି ନୁତ, ନବୀନ ବନରୁହ ବିପିନଭୃଙ୍ଗୀ, ଭାରତୀଙ୍କର ସାର ଭଣ୍ଡାର, ଲୁଣ୍ଠନ ଖାନାଜଙ୍ଗୀ, ଭୂଷଣତତ୍ତ ଶୋଭା ସମ୍ପତ୍ତି, ଜନନ ଚତୁରାଙ୍ଗୀ, ଭଦୁରପାଣି ନୀଳମଣିକୁନ୍ତଳ କୃତଗୃରୁବେଣୀ, ବିମ୍ବପ୍ରତିବିମ୍ବ ରଦନଅମ୍ବରା, ପ୍ରାଣସଙ୍ଗୀ । ୩ । ଭଜନ ଇଷ୍ଟମନ୍ତ୍ର କାରିକା ଭାବିନୀ ସେ ମୋ ଜୀବିକା ବିକା, ମୋ ଦେହ ତାହାର ସ୍ନେହ ଧନେ, ଭଗାରିଜନ ବଦନମ୍ଳାନ ହୁଏ ତା ଅବଧାନେ, ଭୂମିରେ କାହିଁ ଶରଣ ନାହିଁ ତାହା ବାହାରେ ଅନେ, ଭରସା ସାର ସେହି ମୋହର ଭଲ ହୋଇବା ଭାଲଷର କାହିଁ ରୂପ କଶୋରୀ ଉପମାନେ ।୪। ଭୃତ୍ୟବତ୍ସଳା, ନୃତ୍ୟକୁଶଳା, ଦାସୀ ଅନୁରାଗ ଶୀଳା, କୁଞ୍ଜନିଳୟପୁଞ୍ଜ ମଞ୍ଜୁଳଖେଳା, ଭୂତେଶପରଶବ ବିକାର

---

ଶିରୀଷ ଅଙ୍ଗୀ—କୋମଳାଙ୍ଗୀ, ବାରବାର—ଥରକୁ ଥର, ରତ୍ତରସବିଦ୍ୟା-ତରଙ୍ଗିଣୀପତି—ରତ୍ତରସବିଦ୍ୟାରୂପ ନଦୀର ପତି ଅର୍ଥାତ୍ ସମୁଦ୍ର ।

୨୪ । ଟୀକା—ଶ୍ରୀକୃଷ୍ଣଙ୍କର ଅନୁଚନ୍ତା:—ଭୂଲୋକର ଭର୍ମଭୂଷା—ପୃଥିବୀର ସ୍ୱର୍ଣ୍ଣଅଳଙ୍କାର ସଦୃଶା । ଭର୍ଗଅହୃତ—କନ୍ଦର୍ପ, ମାର୍ଗଣ—ବାଣ, ଭରତ—ସଙ୍ଗୀତଶାସ୍ତ୍ରର ଅଗ୍ରୁଣୀ, ନୁତ—ପ୍ରଶଂସିତ, ବନରୁହବିପିନ—ପଦ୍ମବନ,

କୀଲାଲନିଧି ଭେଳା, ଭୂତାନୁକମ୍ପା, ଜଳଧିଶମ୍ପାଗୋରଅମ୍ଭୋଳବେଳା, ଭାଷଇ କବିମିହିର ଭାବି ବ୍ରଜରାଜନନ୍ଦନ ଗାନ୍ଧର୍ବୀ ଗୃହପଦବାରିରୁହରେ କରି ମାନସମେଳା । ୫ ।

( ୨୫ )

ରାଗ—ଶୋକକାମୋଦୀ

ମନ୍ଦହାସି ଯିବା ଆସ ରେ । ପଦ ।

ମହେନ୍ଦ୍ରମଣି ମୂରତି ପୁଣି ମନେ ସଂକଳ୍ପିଛନ୍ତି ରାସ ରେ । ୧ । ମୁରଲୀଯନ୍ତ୍ର ମୋହନମନ୍ତ୍ର ମୋହି ନେଲାଣି ମୋ ମାନସରେ । ୨ । ମୃଦୁଲଳିତ ମଧୁରଗୀତ ମନା କଲାଣି କୁଳନାସ ରେ । ୩ । ମାତି ସସ୍ନେହେ ମୁକୁନ୍ଦଦେହେ ମିଶି ଖଞ୍ଜିବା ବାହୁ ପାଶରେ । ୪ । ମୁଖୁଁ ତାହାର ମରନ୍ଦାହାର ମାଗ ଦଶନେ ଧରି ଘାସ ରେ । ୫ । ମହା ପ୍ରଚଣ୍ଡ ମଦନକାଣ୍ଡ ମୁଚନେ ହେବଟି ପ୍ରାଣ ନାଶ ରେ । ୬ । ମହୀଗୀର୍ବାଣେ ମୁଖ୍ୟ ଯେ ଭଣେ ମାନସୁ କଲ୍ପ ଫରମାସ ରେ । ୭ ।

( ୨୬ )

ରାଗ—ବରାଡ଼ି

ଯଦୁମଣି ଯିବେ ପୁଣି ଯାମିନୀ ନ ସରେ ଅଉ ନାହିଁ ନାଡ଼ି । ପଦ ।

ଯନ୍ତ୍ରର କି ଜାଣୁ ଯେବେ, ଯେମନ୍ତେ ହୋଇଲେ ଜବେ, ଯାହା ଅନୁକୂଳମୂଳ ଦେ ଉପାଡ଼ି । ୧ । ଯୁଗ୍ମ ନୋହିଥିଲେ କ୍ଷଣେ, ଯୁଗୁଁ ମୁଁ ଅଧିକ ମଣେ, ଯୁବଚନ୍ଦ୍ର ତ ଅମ୍ବର ଲାଗି ଶାଢ଼ୀ । ୨ । ଯମରୁ ଦାରୁଣ ମାରଯବନଶର ପ୍ରହାର, ଯାତନାକୁ କେ ଅମ୍ବର ଦେବ ଅଡ଼ି । ୩ । ଯୁବତିନେତ୍ର-ଅଞ୍ଜନ, ଯାମଳତରୁଭଞ୍ଜନ, ଯେବେ ଯିବେ ନୋହିବେଟି କେ ଅଗାଡ଼ି । ୪ । ଯତ୍ନେ କବିରବି ବୋଲେ, ଯୋଗ ଥିଲା ଏ କି ଭାଲେ, ଯାବନ୍ତ ତେଜିବା ତହିଁ କରତାଡ଼ି । ୫ ।

---

ଖାନାଜଙ୍ଗୀ—ଜମାଦାର, ଭାଲାକ୍ଷର—ଅଦୃଷ୍ଟ ଲିପି, ଭୂତେଶପର—କନ୍ଦର୍ପ, କୀଲାଲନିଧି—ସମୁଦ୍ର ।

୨୫ । ଟୀକା—ଲଳିତା ରାଧାଙ୍କୁ କହୁଅଛନ୍ତି:—ମହେନ୍ଦ୍ରମଣି ମୂର୍ତ୍ତି—ଇନ୍ଦ୍ରନୀଳମଣିକାନ୍ତିଧାରୀ, କୁଳନାସ—ବଂଶମର୍ଯ୍ୟାଦାଜନିତ ଭୟ, ମରନ୍ଦାହାର—ମକରନ୍ଦରୂପ ଖାଦ୍ୟ, ଘାସ—କୁଠା, ମହୀଗୀର୍ବାଣ—ବ୍ରାହ୍ମଣ ।

୨୬ । ଟୀକା—ଲଳିତାଙ୍କୁ ରାଧା କହୁଅଛନ୍ତି:—ନାଡ଼ି ନାହିଁ—ଜ୍ଞାନ ନାହିଁ, ଜବେ—ଶୀଘ୍ର, ଅଡ଼ିଦେବା—ବ୍ୟର୍ଥ କରିଦେବା, ଅଗାଡ଼ି—ଅଗ୍ରଗାମୀ ।

( ୨୭ )

ରାଗ—ମୁଖାରୀ

ରମାବର ରେ, ରେଖ ବହିଲୁ କି ନଉକରରେ,
ରଦନର ବ୍ରଣ ଦେଖି ଦରପଣବିମ୍ବରେ ଦଶନାମ୍ବରରେ । ପଦ ।

ରୁଦ୍ରାଣୀଙ୍କ ବ୍ରତ, ଦିନେ ସନ୍ତପତ, ହୋଇ ମନମଥଜ୍ୱରରେ, ରମ୍ଭା ସମ୍ଭାବନାଯୋଗ୍ୟ ଊରୁମୂଳ ଛୁଇଁ ଦେବାରୁ ନଖର ରେ । ୧ । ରାତ୍ରି ପାହିଗଲା ବୋଲି କମ୍ପୁଥିଲୁ ଗୁରୁଜନଙ୍କର ଡରରେ, ରତି ଶେଷେ ହଟି ଛନ୍ଦିଲି ତୋ କଟି ଯାହା ପୀତଫେଟା ଫେରରେ । ୨ । ରଣ ବୋଲୁ ଠେସି ନଖି ଭାଷି ହସି ପଶିଗଲୁ ଅନ୍ତଃପୁରରେ, ରସିକା ରେ ପାଣି ବାଜିବାର ଜାଣି ନାହିଁ ମୁଁ ତୋ ପୟୋଧରରେ । ୩ । ରଙ୍କ ସଦୃଶ ତ ହେଉଥାଏ ଚିତ୍ତ ବୁଡ଼ି ତୋ ଶୋଭା ନିର୍ଝରରେ, ରମିବାରେ ଚେତା ରହେ କି ପଣ୍ଡିତାମଣି ବିବେଚନା କର ରେ । ୪ । ରସିଲେ ଏ ବାଣୀ ଶୁଣି ଠାକୁରାଣୀ ମୋହନ-ମୁରଲୀଧରରେ, ରଥକୁଳ-ଜଳନିଧି-ବୀଚି ବଳଦେବ ବନ୍ଦେ ଅବସରରେ ॥

( ୨୮ )

ରାଗ—ସାବେରୀ

ଲାଗିଲା ରେ ଲାବଣ୍ୟନିଧିକି ଶ୍ୟାମଲଟ,
ଲୋଚନେ ଦେଖିଲେ ଲୋକ ମୁକୁଟଚନ୍ଦ୍ରିକଯାକ
ଲାଖାରେ ହେବାରେ ନଷ୍ଟପଟ । ପଦ ।

ଲବଙ୍ଗଲତା ଭବନେ, ବ୍ୟସ୍ତ ହୋଇ ନିଧୁବନେ, ପଡ଼ିଅଛୁ ପୁଣି ଫୁଲଖଟ; ଲୋହିତ ସୁଧାଂଶୁକଳା ନୀଳଲୋହିତ ବହିଲା ପରି ପୁଣି ଦିଶେ ସ୍ତନଘଟ । ୧ । ଲଳିତା ଦେଖିଲା ପୁଣି, ଲାଗି ହେବାର କାଛେଣୀ, କର ନୀଳଚେଳ ନୂଆନଟ; ଲହକେ ପୁଣି କିଶୋରୀ-ରତନ ଚେତା ପାସୋରି,

---

୨୭ । ଟୀକା—ଶ୍ରୀକୃଷ୍ଣ ରାଧାଙ୍କୁ କହୁଅଛନ୍ତି—ନଉକର—ଶୂକର, ରଦନ—ଦାନ୍ତ, ଦଶନାମ୍ବର—ଅଧର, ରୁଦ୍ରାଣୀଙ୍କ ବ୍ରତ—ଗୌରୀବ୍ରତ, ନଖର—ନଖ, ପୀତଫେଟା—ହଳଦିଆ ପିନ୍ଧା ଲୁଗା, ନଖି—ଦୁଇଟି ଅଙ୍ଗୁଳିର ନଖ ପରସ୍ପର ଘଷିଲେ ରଣ କାଟେ ନାହିଁ—ଏହି ପ୍ରଥାକୁ ନଖି ବୋଲି କହନ୍ତି । ରଥକୁଳଜଳନିଧି ବୀଚି—ରଥବଂଶରୂପ ସମୁଦ୍ରର ଲହରୀସ୍ୱରୂପ ।

୨୮ । ଟୀକା—ସଖୀମାନେ ରାଧାକୃଷ୍ଣଗତ ପ୍ରୀତି ବର୍ଣ୍ଣନ କରୁଅଛନ୍ତି:—ଲାବଣ୍ୟନିଧି—ପରମା ସୁନ୍ଦରୀ ରାଧା, ଲଟ—ଜଞ୍ଜାଳ, ଲାଖା—ଅଲତାର ବୋଳ, ନିଧୁବନ—କ୍ରୀଡ଼ାକୌତୁକ, ଲୋହିତ ସୁଧାଂଶୁକଳା—ରକ୍ତବର୍ଣ୍ଣ ଚନ୍ଦ୍ରଲେଖା, ନୀଳଲୋହିତ—ମହାଦେବ, କାଛେଣୀ ପରି ଲାଗି ହେବା—ଅଣ୍ଟାରେ ଭିଡ଼ି କରି

ଛିଣ୍ଡ ପକାଇଲି ପୀତପଟ । ୨ । ଲଜ୍ଜା ହେବାରୁ ପ୍ରବଳ, ହେଲେ ହେଲେ ଅନୁକୂଳ, ଯାଜ ନ କରିବାରୁ କଲଟ; ଲଷ ପରମିତ ଅନ, ପକାଇ ଚ୍ଛେହ ବିଧାନ ହେବାଯାଏ କଲେ ପୁଣି ହଟ । ୩ । ଲେଖାଧିପ ମଣିମୟ ଦିଶୁଛି ଶଶୀ ଉଦୟ, ସମୟେ ଅର୍ଯମାଜେମାତଟ; ଲଳିତ ଶମ୍ପାବଲ୍ଲରୀ, ଜିଣି ତାହା ମଧ୍ୟେ ଶିରୀ, ବିଲସୁଛି ପୁଣି ଝଟଝଟ । ୪ । ଲୁଲିଗଲିଣି ନିକୁଞ୍ଜ-ସଞ୍ଚାରୁ ଚରଣକଞ୍ଜ, କହେ କବିରବି ମୃଧୁଲଟ; ଲୁଗୁଛିଥାଏ ଯୁବତୀ-ରତନ ମୋହନ ପ୍ରୀତି, ନ ଜାଣଇ ବୋଲି ମୁଁ ନିପଟ । ୫ ।

( ୨୯ )

ରାଗ—ଦେଶାକ୍ଷ

ବନ୍ଧୁ ମୋ କାହୁଁ କସ ଶୁଣିଲ ରେ, ବିପତ୍ତି ଲ୍ୟ ତ ମୋତେ ମଣିଲ ରେ,
ବଚନ ନ କହିଲ, ବିନୟ ନ ସହିଲ,
କି ହେଲ, ମହିଳାବର ରୁଷି ରହିଲ ରେ । ପଦ ।

ବସନ୍ତକାଳ, ବିଚ୍ଛେଦରେ ଏ କାଳ, ବହଇ ମଳୟାନିଳ, ବିଯୋଗି-ପ୍ରଳୟାନଳ, ବିପକ୍ଷ ସଙ୍ଗରେ ତ ଗଣିଲ ରେ । ୧ । ବାଳାବର ସେ, ବେଳେ ମୋରେ ନ ରୁଷେ, ବିବେକ ନ କର ଲେଶେ, ବିଲସିବାର ହରଷେ, ବିରଜ ଏ ଦୁର୍ଯୋଗ କଣିଲ ରେ । ୨ । ବିଡ଼ଅ ବଡ଼, ବଢ଼ାଇଲ ସଙ୍କୋଡ଼ ବାତ୍ସଲ୍ୟପୀୟୂଷ ଇଡ଼, ବସିଲ ଶ୍ରୀମୁଖ ମୋଡ଼ି, ବିକନାଳକଞ୍ଜକୁ ଜିଣିଲ ରେ । ୩ । ବିକଳ ହୋଇ, ବନ୍ଧୁ ଅଶ୍ରୁ ବୁହାଇ ବଦନବିଧୁ ନୁଆଇଁ; ବିରତ୍ତୁଳସ୍ତନେ ଥୋଇ, ବରୁଣାଦ୍ରିଚନ୍ଦ୍ରକୁ ଟାଣିଲ ରେ । ୪ । ବିଅର୍ଥେ ଦିନ ବିଣ୍ଟାଉଅଛି ମୋ ଧନ, ବିଷମ ଏ ଯଉବନ ବିକୁଳିଠାରୁ ଚପଳ, ବଳଦେବ କବୀନ ଭଣିଲ ରେ । ୫ ।

---

ପିନ୍ଧିବା, ନୀଳଚେଳ—ନୀଳବସ୍ତ୍ର ( ରାଧାଙ୍କର ); ନୁଆଁନଟ—ଶ୍ରୀକୃଷ୍ଣ, ଲହକେ—ଅବନତ ହୋଇ ବା ନଇଁପଡ଼ି; ଅନ—ପ୍ରାଣ, ଲେଖାଧିପ ମଣିମୟ—ଇନ୍ଦ୍ରମଣି ତେଜଃପୂର୍ଣ୍ଣ; ଅର୍ଯମାଜେମାତଃ—ଯମୁନା କୂଳ, ଶମ୍ପାବଲ୍ଲରୀ—ବିଦ୍ୟୁତ୍ ଲତା, ଲୁଳି ଗଲିନି—କ୍ଲାନ୍ତ ହୋଇ ଢଳିଲଣି ।

୨୯ । ଟୀକା—ଶ୍ରୀକୃଷ୍ଣଙ୍କ ରାଧିକାଗତ ଚନ୍ତା:—ବିଚ୍ଛେଦରେ ଏ କାଳ—ବିରହ ବିଷୟରେ ଏହା ଯମସ୍ୱରୂପ, ବିଯୋଗି ପ୍ରଳୟାନଳ—ବିରହୀ ପକ୍ଷରେ ପ୍ରଳୟ କାଳର ଅଗ୍ନି ପରି, ବେଳେ—ଥରେ, ବିଡ଼ଅ ବଡ଼—ପାନଖିଲି, ବାତ୍ସଲ୍ୟପୀୟୂଷ ଇଡ଼—ସ୍ନେହରୂପ ଅମୃତକୁ ଢାଳିଦେଇ ଅର୍ଥାତ୍ ସ୍ନେହଶୂନ୍ୟ ହୋଇ, ବିକନାଳକଞ୍ଜ—ଯେଉଁ ପଦ୍ମର ନାଳ ବଙ୍କା; ବରୁଣାଦ୍ରିଚନ୍ଦ୍ର—ପଶ୍ଚିମ ଦିଗର ଅସ୍ତଗାମୀ ଅତଏବ ଅରକ୍ତ ଚନ୍ଦ୍ର, ଚପଳ—ଚଞ୍ଚଳ, କବୀନ—କବିସୂର୍ଯ୍ୟ ।

( ୩୦ )

ରାଗ—ତୋଡ଼ିମୁଖାବରୀ

ଶ୍ରୀହରି ହେ ରଜନୀ ପାହିଲା, ଶତପତ୍ର ବନରୁ ପବନ ମନ୍ଦ ମନ୍ଦ ବହିଲା, ଶମନଭଗିନୀର ନୀରଜାଙ୍ଘ୍ରି ନୂପୁର, ପରିପୂରିତ ମନୋରଥ ରଥାଙ୍ଗସ୍ୱର, ଶଶି-କର-ଶୀକର, ନିକର ଅସ୍ତଧର ବରଚୂଳକୁ ମାତ୍ର ଗ୍ରହିଲା । ପଦ ।

ଶ୍ରମ-ସିନ୍ଧୁ ମଧ୍ୟେ କେ ସାହସତରୀ ବାହିଲା, ଶଙ୍କା ଲେଶ ହେଲେ ଦିବ୍ୟଚିତ୍ତକୁ ନ ପାଇଲା । ୧ । ଶମ୍ଭୁପରିପନ୍ଥୀ ତୂଣେ କେତେ ବାଣ ବହିଲା । ଶୃଙ୍ଗାର-ଶାସ୍ତ୍ରକୁ ନିଶି ସମୟ ନ ସହିଲା । ୨ । ଶାବକ ମୃଗାକ୍ଷୀ କେତେ ଜନ୍ମ ତପେ ଦାହିଲା । ଶମ୍ବାୟୁଧମଣି ଶ୍ୟାମତନୁ ମନ ମୋହିଲା । ୩ । ଶରଦିନ୍ଦୁ ସୁଧାସୂତନାଳକୁ କି ବହିଲା, ଶ୍ରବଅବତଂସ କଳହଂସ ଧ୍ୱନି ନୋହିଲା । ୪ । ଶମ୍ବରାରି ସଉଚିକ ଏ ଛାତିକି ବହିଲା, ଶରସୂଚୀରେ ଶରୀର ଯୁଗ ଗାଢ଼େ ସିଇଁଲା । ୫ । ଶୂର କବିକର ପଦକଞ୍ଜତଳେ କହିଲା, ଶେଷ ଅଙ୍ଗ ନିଶାକୁ ରହିଲେ ପଛେ ରହିଲା । ୬ ।

( ୩୧ )

ରାଗ—ଭୈରବ

ଶାଢ଼ୀ କାହିଁ ଦେବ ଦେବଟି ହେ, ସଙ୍କୋଚେ ମୋର ପ୍ରାଣ ଯିବଟି ହେ, ସୁନ୍ଦର ହେ ମଲି, ଏ ବଡ଼ ଛଇଳ, ଛଉଲରେ ଜାତି ନେବଟି ହେ । ପଦ ।

ସାକ୍ଷାତ ଦେଖିଲେ ହେଲେ ଲୋଚନେ, ସମସ୍ତଙ୍କୁ ଜଟି ହୁଏ ବଚନେ, ସାଧୁଅଛୁ ଏ କି ସର୍ବଙ୍କ ଦେବୀ କି ଏହାକୁ ପାରିବ କେ ବଟି

---

୩୦ । ଟୀକା—ସଖୀମାନେ କୁଞ୍ଜଗୃହଗତ ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉ ଅଛନ୍ତି:—ଶତପତ୍ରବନରୁ—ପଦ୍ମବନରୁ, ଶମନଭଗିନୀର ନୀରଜାଂଘ୍ରି ନୂପୁର-ପରିପୂରିତ ମନୋରଥ ରଥାଙ୍ଗସ୍ୱର—ଯମୁନାର ପଦ୍ମପାଦର ନୂପୁରଶବ୍ଦ ସଦୃଶ ପୂର୍ଣ୍ଣମନୋରଥ ଚକ୍ରବାକମିଥୁନର ଶବ୍ଦକୁ ଘେନି ପଦ୍ମବନର ପବନ ଧୀରେ ଧୀରେ ବହିଲା । ଶଶିକରଶୀକରନିକର—ଚନ୍ଦ୍ରକିରଣରୂପ ଜଳକଣାସମୂହ, ଅସ୍ତଧର-ବରଚୂଳ—ଅସ୍ତପର୍ବତର ଅଗ୍ରଭାଗ, ଶମ୍ଭୁପରିପନ୍ଥୀ—କନ୍ଦର୍ପ, ଶମ୍ବାୟୁଧମଣି ଶ୍ୟାମତନୁ—ଇନ୍ଦ୍ରନୀଳମଣି କାନ୍ତିଧାରୀ କୃଷ୍ଣଙ୍କର ଶ୍ୟାମ ଶରୀରକୁ, ସୁଧାସୂତ—ପଦ୍ମ, ଶମ୍ବରାରି—କନ୍ଦର୍ପ, ସୌଚିକ—ଦରଜୀ, ଶୂରକବି—କବିସୂର୍ଯ୍ୟ ।

୩୧ । ଟୀକା—ରାଧା କୃଷ୍ଣଙ୍କୁ କହୁଅଛନ୍ତି:—ଛଇଳ—ରସିକା, ପରିହାସପ୍ରିୟା; ଛଉଲ—ପରିହାସ, ଜଟି ହୁଏ—ବକ୍ରତ କରେ, ବଟି ପାରିବ—

ହେ । ୧ । ସହସ୍ର କୋଟି ସପତଟି ମୋର, ସତେ କାହିଁ ଛପାଇଛ ଅମ୍ବର, ସୁନାପୁଅ ପରି, ସଙ୍ଗୀ ଆଗେ ଧରି, ନ ପଡ଼ୁ ମୋତେ ରଖିବଟି ହେ । ୨ । ସୁଖସଙ୍ଖାଳି ହେ ଦୁଃଖପାସୋରି, ସେ ବିଧିକି ନ ମଙ୍ଗିବାକୁଂ ପରି, ସଢ଼ାଇଛ ଲଜ, ଯତନେ ଜାଣି ଆଜ, ସବୁ ସେହିପରି ହେବଟି ହେ । ୩ । ସବୁକଣ୍ଠୀରେ ପୀତଚେଲ ଭିଡ଼ି, ସୀମା ପାର କରିଅଛ ମୋ ଶାଢ଼ୀ, ସମର୍ପିତ ଜନ, ସଂକୋଚରେ ଲୀନ, ହେଲେ ଅପଣା ଲଦ୍ଧବଟି ହେ । ୪ । ସଂସାରେ ନ ଥିବାର ତୁମ୍ଭ ସ୍ନେହ, ସୁରତ ସରଲେ ସହାସ୍ୟ ନୁହ, ସରୋଜାକ୍ଷିଜାତ, କଦମ୍ବ ବ୍ରତତୀ ମନ୍ଦରେ ସପନ ଦେଖିବଟି ହେ । ୫ । ସମ୍ପାଦଛ ସତେ କାହିଁ ଅପଣେ, ସୀମନ୍ତିନୀକ ସଢ଼ାଇବା ଗୁଣେ, ସ୍ମରୁଥିବ ଅନୁଦନେ କବିଭାନୁ ସାମୁଗୁରୁ ବଳଦେବଟି ହେ । ୬ ।

( ୩୨ )

ରାଗ—ଗୈରୀ

ଷୋଡ଼ଶ ସହସ୍ର ବ୍ରଜ, ସରୋଜନେତ୍ରା ସମାଜ, ବିପିନ ମରନ୍ଦ ପାନେ ଅତି ସରାଗେ । ଷଟ୍‌ପଦ ଯୁବବର, ପରି ଶିଖଣ୍ଡିଶେଖର ବିହରିଲେ ଶରଦ ରଜନୀ ବିଭାଗେ । ଷଡ଼ାସ୍ୟଜନକାହିତର; ଷଷ୍ଠବାଣ ବନିଲେ ସେ ମୁରଲୀଧର । ୧ । ଷଡ଼କ୍ଷର ମନ୍ତ୍ର ଜପ, କରିଥିଲେ କି ଅନଳ୍ପ, କଳ୍ପ ଯାଏ ନବ ଗୋପତରୁଣୀ ଜନେ । ଷଡ଼ଙ୍ଗ ବେଦ ସ୍ତବନ-ଯୋଗ୍ୟବାହୁ ଅଲିଙ୍ଗନ, ମୁଖ ସଉଭାଗ୍ୟର ହୋଇଲେ ଭାଜନ । ଷଡ଼ୁପାସ୍ୟ ବିଗ୍ରହ ହରି, ଷଡ଼ାସ୍ତ ପ୍ରଥମକୁ ଦେଲେ ନିବାରି । ୨ । ଷଡ଼୍‌ଜାଦ ସ୍ୱର ସଙ୍ଗୀତ, ମଣି-ମଣ୍ଡନ ଶିଞ୍ଜିତ, ହେଲା ବୀଣା ଆଦ୍ୟ ବାଦ୍ୟରବନିବହ । ଷଟ୍‌ପଞ୍ଚାଶତ କୋଟି, ଜୀବଙ୍କ ହୃଦୟେ ଘୋଟି, ପ୍ରସରିଲା ପରଂବ୍ରହ୍ମାନନ୍ଦ ପ୍ରବାହ । ଷଣ୍ଣକ୍ଷୀଣ ନୋହିଲା ପରି, ଷୋଡ଼ଶଧାଏ ମଣିଲେ ମୋଦେ ବିହରି । ୩ । ଷଡ଼ୃତୁ

---

ଭଣ୍ଡିଦେବ ବା ଠକିଦେବ, ଶପଥ—ରାଣ, ଅମ୍ବର—ଲୁଗା, କଦମ୍ବବ୍ରତତୀ ମନ୍ଦରେ—କେଳିକଦମ୍ବ ଲତାକୁଞ୍ଜରେ, ସଢ଼ାଇବା—କଷ୍ଟଦେବା ।

୩୨ । ଟୀକା—ବନବିହାରବର୍ଣ୍ଣନ:—ସରୋଜନେତ୍ରାସମାଜ ବିପିନମରନ୍ଦ ପାନେ—ପଦ୍ମନେତ୍ରାନାରୀସମୂହରୂପ ବନର ମକରନ୍ଦ ପାନରେ, ଷଡ଼ାସ୍ୟଜନକାହିତର—କାର୍ତ୍ତିକେୟ ପିତାଙ୍କର ଶତ୍ରୁ ଅର୍ଥାତ୍ କନ୍ଦର୍ପର; ଷଷ୍ଠବାଣ ବନଲେ—କନ୍ଦର୍ପର ୫ ଗୋଟି ବାଣ, ମାତ୍ର ଶ୍ରୀକୃଷ୍ଣ ତାହାର ଷଷ୍ଠବାଣ ସ୍ୱରୂପ ହୋଇଥିଲେ । ଷଡ଼କ୍ଷରମନ୍ତ୍ର—ଓଁ ନମଃ ଶିବାୟ ଏହି ମନ୍ତ୍ର, ଅନଳ୍ପକଳ୍ପ—ବହୁଯୁଗ, ଷଡ଼ଙ୍ଗ-

ସ୍ୱିତ ବନ, ଯାକ ହୋଇଲା ଶୋଭନ, ସୁରବାରବିଳାସିନୀମାନେ ନାଚିଲେ; ଷଟସପ୍ତବିଂଶକୋଟି, ଦେବେ ବିଷ୍ଣୁପଦେ ଗୋଟି, ହୋଇ ମୋଦେ ଦୁନ୍ଦୁଭି ବାଦନ ରଚିଲେ। ଷକାର ନିୟମ ସରିଲା,ଷଟ୍‌କର୍ମ ନିରତ କବିରବି କହିଲା ॥

( ୩୩ )

ରାଗ—କାଫି

ହେଲେ ହରିହୟଭୂତି ଅଜ ମିଳିଲା ରେ । ପଦ ।

ହାସ ପୀୟୂଷ-ଶୀକର, ହୃଷ୍ଟମୁଖ ଶଶିକର, ସନ୍ଦେହ ଅନ୍ଧକାରକୁ ଗିଳିଲା ରେ । ୧ । ହରଷେ ମୋ ଗୃହୁଁ ବାଣୀ, ହୃଦୟକଞ୍ଜକୁ ଆଣି, ହରିଣାକ୍ଷୀ ଯା ମୋ କୋଳେ ଖେଳିଲା ରେ । ୨ । ହଜାରେ ଚୁମ୍ବିଲି ଘଷି, ଗଣ୍ଡେ ଗଣ୍ଡ ଇଷି ଇଷି, ଗିର ସଙ୍ଗେ କି ରସ ଉଛୁଳିଲା ରେ । ୩ । ହୃଦେ ଲଗାଇଲି ସ୍ତନ, ହରିତାଳ ତାଳ ଧନ, ମନ ଘନ ପରିରମ୍ଭେ ବଳିଲା ରେ । ୪ । ହରିଲି ବସନ ଯହୁଁ, ହସି ବ୍ୟାଜେ ଉହୁଁ ଉହୁଁ, ଭାଷୁଥିଲା ମୁଖେ ମାନ ଚଳିଲା ରେ । ୫ । ହରିଦଶ୍ୱଦେବସୁତା, ତଟ ନାଟ ତତ୍ପରତା, ହାଟକାଙ୍ଗୀ ଲଭି ଫଳ ଫଳିଲା ରେ । ୬ । ହଟେ ପୁରି ଅଭିଳାଷ, ହେବାର ମୁଁ ପୂର୍ଣ୍ଣତୋଷ, କବିରବି ରାୟଗୁରୁ କଳିଲା ରେ । ୭ ।

( ୩୪ )

ରାଗ—ସୋମ

କ୍ଷୀଣମଧ୍ୟମା ରେ, କ୍ଷଣେ ନୋହିବାଟି ଭିନ୍ନ,

କ୍ଷେମତନୁ ପରି ହରିବା ଏ ଯଉବନ । ପଦ ।

କ୍ଷୋମରୂପିଣୀ ଚନ୍ଦ୍ରଗୃହମଗୌର୍ଯ୍ୟ ଧୂର୍ଯ୍ୟତରାନନେ, କ୍ଷୁଣ୍ଣ ବାସବ ନୀଳ ଗ୍ରୁମର ଚୂର୍ଣ୍ଣକୁନ୍ତଳ ଶୋଭନେ, କ୍ଷୌଣୀଭୃଦ୍‌ବର, ପୀବର ସ୍ତନ-

---

ବେଦ—ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ, ଛନ୍ଦ—ଏହି ଛ ଅଙ୍ଗ ସହିତ ବେଦ; ଷଡ଼ାରାତି ପ୍ରଥମ—କାମାଦି ଛ ଶତ୍ରୁର ପ୍ରଥମ ଅର୍ଥାତ୍ କାମ; ଷଡ଼ୁପାୟ—ସାମ, ଭେଦ, ଦାନ, ନତି, ଉପେକ୍ଷା ଓ ରସାନ୍ତର, ମାନଭଙ୍ଗ ନିମିତ୍ତ ନାୟକ ଅବଲମ୍ବିତ ଏହି ଛଅଗୋଟି ଉପାୟ ।

୩୩ । ଟୀକା—ଶ୍ରୀକୃଷ୍ଣ ରାଧିକାଙ୍କ ପ୍ରଣୟର ଅନୁସ୍ମୃତି କରୁଅଛନ୍ତି:—ହେଲେ—ଅକ୍ଳେଶରେ, ହରିହୟଭୂତି—ଇନ୍ଦ୍ରସମ୍ପତ୍ତି, ହାସପୀୟୂଷଶୀକର—ହାସ୍ୟରୂପ ଅମୃତର କଣିକା, ଘନପରିରମ୍ଭ—ଗାଢ଼ ଆଲିଙ୍ଗନ, ବ୍ୟାଜେ—ଛଳରେ, ହରିଦଶ୍ୱଦେବସୁତା—ସୂର୍ଯ୍ୟକନ୍ୟା, ଯମୁନା; ହାଟକାଙ୍ଗୀ—ସୁବର୍ଣ୍ଣପରି ଗୌର ଅଙ୍ଗ ଯାହାର, ହଟେ—ବଳାତ୍କାରରେ, ପୁରି—ପୂର୍ଣ୍ଣ କରି ।

ମଣ୍ଡନେ, ଯମୁନାବନେ, କ୍ଷପାକରକରେ ଖେଳୁଥିବା ଅଲଙ୍ଗନେ । ୧ । କ୍ଷୌଦ୍ରସାର ସମାନଭାଷୀ ସୁ-କୁନ୍ଦସୁନ୍ଦରହାସୀ ରେ, କ୍ଷ୍ୱେଡ଼ଭୂଷିତକଣ୍ଠ ପଦସରୋଜ ସେବନ୍ତ କାଶୀରେ, କ୍ଷୀବକୁଞ୍ଜରଗାମିନୀ ମୁଁ ଲଲାମ ଖୋସିଲି ତୋ ଶିରେ, କ୍ଷାଳିତ ହୋଇ ତୋ ପ୍ରେମପୀୟୂଷ ରାଶିରେ । ୨ । କ୍ଷୀରନୀର ସୁଧାଂଶୁ କୈରବ ବାରି ମୀନ ବରାବରେ, କ୍ଷେପିବା ପ୍ରତି ରାତି ବାସର କାମକେଳି ଦରୋଦରେ କ୍ଷୁଦ୍ରଘଣ୍ଟି ସମୂହ ନୂପୁର ହଂସକାଦି ନିନାଦରେ, କ୍ଷମେ ପୂରୁଅଇବା ମାର ତାପକୁ ମୋଦରେ । ୩ । କ୍ଷୁବ୍ଧ ଦୁଗ୍ଧ ସମୁଦ୍ରବୀଚି ବିକୀର୍ଣ୍ଣବିନ୍ଦୁ ଶୁଚିସ୍ମିତେ, କ୍ଷମ କୋମଳ ହେମଚମ୍ପକ-ଗୌରବିଗ୍ରହ-ମଣ୍ଡିତେ, କ୍ଷୋଦ ହିଙ୍ଗୁଳଲାଲ ଦନ୍ତ-ଦୁକୂଳଶୋଭନା ପଣ୍ଡିତେ, କ୍ଷିତିସୁର କବିକଞ୍ଜବାନ୍ଧବବନ୍ଦିତେ । ୪ ।

---

୩୪ । ଟୀକା—ପୂର୍ଣ୍ଣକାମ ଶ୍ରୀକୃଷ୍ଣ ରାଧାଙ୍କୁ କହୁଅଛନ୍ତି:—କ୍ଷେମତନ୍ତୁ—ମଙ୍ଗଳସୂତ୍ର । କ୍ଷୋମରୂପିଣୀ—ଦୁକୂଳରୂପିଣୀ, ଚନ୍ଦ୍ରଗୃହମଚୌର୍ଯ୍ୟଧୂର୍ଯ୍ୟ-ତରାନନେ—ଚନ୍ଦ୍ରର ଗୃହସ୍ଥ ଚୋର କରିବାରେ ଅତି ନିପୁଣ ଆନନ ଯାହାର, ଅର୍ଥାତ୍ ଯାହାର ମୁଖର ସୌନ୍ଦର୍ଯ୍ୟ ଚନ୍ଦ୍ରର ସୌନ୍ଦର୍ଯ୍ୟ ଅପେକ୍ଷା ଅଧିକତର ମନୋହର । କ୍ଷୁଣ୍ଣବାସବ ନୀଳଗ୍ରମର ଚୂର୍ଣ୍ଣକୁନ୍ତଳ ଶୋଭନେ—ଶାଣଦ୍ୱାରା ଘଷା ହୋଇଥିବା ଇନ୍ଦ୍ରନୀଳମଣି ଓ ଭ୍ରମର ପରି ଚୂର୍ଣ୍ଣକୁନ୍ତଳଦ୍ୱାରା ପରିଶୋଭିତ । କ୍ଷୌଣୀଭୃଦ୍‌ବର—ପର୍ବତଶ୍ରେଷ୍ଠ, ପୀବର—ସ୍ଥୂଳ. କ୍ଷପାକରକରେ—ଚନ୍ଦ୍ର-କିରଣରେ, କ୍ଷୌଦ୍ରସାର ସମାନଭାଷୀ—ମହୁର ସାରପରି ଭାଷା ଯାହାର, ମିଷ୍ଟଭାଷୀ; ସୁକୁନ୍ଦ ସୁନ୍ଦରହାସୀ—ସୁନ୍ଦର କୁନ୍ଦପୁଷ୍ପ ପରି ହସ ଯାହାର, କ୍ଷ୍ୱେଡ଼ଭୂଷିତ କଣ୍ଠ—ବିଷଦ୍ୱାରା ଭୂଷିତ କଣ୍ଠ ଯାହାର, ମହାଦେବ; ପଦସରୋଜ ସେବନ୍ତି କାଶୀରେ—ବାରାଣସୀରେ ମହାଦେବଙ୍କ ପାଦପଦ୍ମ ସେବା କରୁଥିବା ହେତୁରୁ; କ୍ଷୀବକୁଞ୍ଜର-ଗାମିନୀ—ମତ୍ତଗଜଗମନା, ଲଲାମ—ଭୂଷଣ; କ୍ଷାଳିତ—ଧୌତ, କୈରବ—କୁମୁଦ, ବରାବରେ—ସମାନରେ, ବାସର—ଦିନ; ଦରୋଦରେ—ପଶାଖେଳରେ, ହଂସକ—ପାଦର ଅଳଙ୍କାରବିଶେଷ; କ୍ଷମେ—ଉତ୍ତମରୂପେ; କ୍ଷୋଦ—ଚୂନା, ଦନ୍ତଦୁକୂଳ—ଅଧର, କ୍ଷିତିସୁର—ବ୍ରାହ୍ମଣ, କବିକଞ୍ଜବାନ୍ଧବ—କବିସୂର୍ଯ୍ୟ ।

# କବିସୂର୍ଯ୍ୟ ଗ୍ରନ୍ଥାବଳୀ

ତୃତୀୟ ଭାଗ

## ସଙ୍ଗୀତ କଲ୍ପଲତା

# ସଙ୍ଗୀତ କଳ୍ପଲତା

( ୧ )

ରାଗ—କାମୋଦୀ

ଆଜ କେ ଶିଖାଇଲା ରୁଷାକୁ ରେ, ରାଜକୁରଙ୍ଗୀଶିଶୁଦୃଶାକୁ ରେ; ଲଜ-
ମିଳିତ ମନ୍ଦ ବିକାଶ ବାସକୁନ୍ଦରମ୍ୟହାସିନୀ ବରଯୋଷାକୁ ରେ । ଘୋଷା ।

ଶୁଦ୍ଧାନ୍ତୁ ମୁଁ ବାହାର ହେଲେ ଦୃଷ୍ଟି ଯାହାର
ଦଉଡ଼େ ମୋ ବିହାର ଆଶାକୁ ରେ,
ଉଭା ହେଲି ସମୀପେ, ନ ଚାହିଁଲା ଯେ କୋପେ
ବୋଲିବା ସିନା ଦୁଷ୍ଟଦଶାକୁ ରେ । ୧ ।
ବସି ତନାବୀ ପାଶେ, ଅସିତକେଶୀ ତୋଷେ,
ହସି ଫୁଲାଇ ଗୁରୁ ନାସାକୁ ରେ,
ପୁଲକୁଥାଏ ପରା ମୁଁ ଲପୁଥିଲେ ଧୀରା,
ଶୁଣି ମୋ ସାଧାରଣ ଭାଷାକୁ ରେ । ୨ ।
ଅଧରୁ ସୁଧାଝର, ଦେଇ ଯେ ନାଶେ ମୋର
ବିଷମଶର-ଜ୍ୱର-ତୃଷାକୁ ରେ,
ଚନ୍ଦ୍ରାଙ୍କୁଶାନ୍ତ ହାସେ, ସାବଧେଲା କି ଦୋଷେ,
ପଗ୍ଗରବତି କଟିକୃଶାକୁ ରେ । ୩ ।
ଯାହାକୁ ଅଧିକୃତ, ଦେଇଥାଏ ସୁଦତୀ,
ଖୋସା ଉପର ଝରାଭୂଷାକୁ ରେ,
ଏହି ସିନା ବିଚାର, କେହି ସେ ହେଲା ପାର,
ମୁହିଁ ନ ଚାହାଁ ଭଲ ଘୋଷାକୁ ରେ । ୪ ।

---

୧ । ଟୀକା — ରାଜକୁରଙ୍ଗୀଶିଶୁଦୃଶା — ଜାଠିଆ ହରିଣୀଛୁଆର ଆଖି ପରି ଆଖି ଯାହାର, ଲଜମିଳିତ ମନ୍ଦବିକାଶ — ଲଜ୍ଜା ହେତୁରୁ ଅଳ୍ପ ପରିମାଣରେ ଯାହା ପ୍ରକାଶିତ ହୁଏ, (ହାସର ବିଶେଷଣ); ବାସକୁନ୍ଦରମ୍ୟହାସିନୀ — ସୁବାସିତ କୁନ୍ଦଫୁଲ ପରି ମଧୁର ହାସ ଯାହାର, ଶୁଦ୍ଧାନ୍ତୁ — ଅନ୍ତଃପୁରରୁ, ଆଶା — ଦିଗ, ମୋ

ଏବେହେଁ ଗୃହୁଁ ଭର୍ଗ- ମୋହନା ଅଷ୍ଟଦୁର୍ଗ-
ଧରାକପଟସ୍ୱର୍ଗ ବୃଷାକୁ ରେ,
ନ ରଚୁଁ ନଖେ ଏଣୀ- ଦୃଶାକୁ ପଦେ ବାଣୀ
ଖରଚୁ କହ ଧରାଭୂଷାକୁ ରେ । ୫ ।

( ୨ )

ରାଗ—ତୋଡ଼ିପରଜ

ରେ ସଙ୍ଗାତ, ରୁଷି ମୁଁ ବସିଲି ଗେଲେ, ମନ ମନସିଜ ଚକ୍ଷୁ ମୁଖ ଭୁଜ ଏମାନେ ମୋ ଶତ୍ରୁ ହେଲେ ରେ । ଘୋଷା ।

ଦେଲି ଯେ ଗୁମାନ ଲଈ ତୁ ଚଞ୍ଚଳ ତୁହ ମନ ବୋଲି କହି, କେବେ ନ ଛୁଇଁଲି ସେ ବ୍ରଜ ଛଇଲା ଶୋଭା ସମ୍ପତ୍ତିରେ ରହି ରେ । ୧ । ରଖି ଧୃତି ମୋର ବୋଇଲି ଯେ ଗୁର ମାରକୁ ପାଣି ପ୍ରସାରି, ବାନ୍ଧି କୋଟି କୋଟି ବାଣ ନେଲା ହଠି ଦେଲା ମୋ ଅଭୁର ସାରି ରେ । ୨ । ତଳ କଲି ମଥା ଜାଣି ଚପଳତା-ସମ୍ପନ୍ନ ବୋଲି ମୋ ଡୋଳା, ନ ପଡ଼ି ଧସରେ ମୁରଲୀଧରରେ ରସି ରସି କଲା ଖେଳା ରେ । ୩ । ଏ ପାପ ଲପନ ଦଣ୍ଡୁ ଥାଏ ଅନ ବେଳେ ସାଭିମାନ ପରି, ଜାଣି ସେହି କାଳ ରହିଲା କେବଳ ହାସ ଉଲ୍ଲାସରେ ପୂରି ରେ । ୪ । ଭିଡ଼ି ଯେ ରଖିଲି ତେବେ ଭୁଜବଲ୍ଲୀ ତାହାରି ଅଶ୍ଳେଷେ ଠାକୁ, ଟେକି ନେ ହୋଇଲା କାଳେ ନ ରହିଲା ସ୍ତନମୂଳ-ଚେଳ ବାକୁ ରେ । ୫ । ବୋଲେ ଶ୍ରୀମୁକୁନ୍ଦଦେବ ଅତି ଯତ୍ନେ ବୁଜିଲି ନୟନ ପୁଣି, ଜାଣେ କି ମନ୍ତ୍ର ହେଲା ମୋ ଅନ୍ତରଗତ ସେହି ନୀଳମଣି ॥

---

ବିହାରଅଶା—ମୁଁ ଯେଉଁ ଦଗକୁ ବୁଲିବାକୁ ଯାଉଥାଏ ତନାରା—(ଯାବନକ) ଝରକା, ଲପିବା—କହିବା, ବିଷମଶର—ପଞ୍ଚବାଣଧାରୀ କନ୍ଦର୍ପ, ଚନ୍ଦ୍ରାକୃଶାନୁ—ଚନ୍ଦ୍ରାରୂପ ଅଗ୍ନି, ଜ୍ୱାସ—ଅଗ୍ନି ତାପ, କଟିକୃଶା—କ୍ଷୀଣକଟି, ଅଧିକୃତ—ଅଧିକାର, ସୁଦତୀ—ଉତ୍ତମ ଦନ୍ତ ଯାହାର, ଘୋଷା—(ଯାବନକ) ବୋଧ, ଭର୍ଗମୋହନା—ମହାଦେବଙ୍କୁ ଯେ ମୋହିତ କରି ପାରେ, ବୃଷା—ଇନ୍ଦ୍ର; ଏଣୀଦୃଶାକୁ କହ, ସେ ନଖରେ ଧରାଭୂଷାକୁ ନ ରଚୁଁ ପଦେ ବାଣୀ ଖରଚୁ ।

୨ । ଟୀକା—ମନସିଜ—କନ୍ଦର୍ପ, ମୁଁ ରୁଷି ବସିବାବେଳେ ମୋ ମନ, କନ୍ଦର୍ପ, ମୋ ଚକ୍ଷୁ, ମୁଖ ଓ ଭୁଜ—ଏହି ପାଞ୍ଚୋଟି ମୋର ଶତ୍ରୁ ହେଲେ ଅର୍ଥାତ୍ ମୋ ରୁଷି ବସିବା କାର୍ଯ୍ୟ ଏମାନେ ବ୍ୟର୍ଥ କରିଦେଲେ (ତଳ ପାଞ୍ଚପଦରେ କ୍ରମାନ୍ୱୟରେ ଏମାନଙ୍କ କାର୍ଯ୍ୟ ବର୍ଣ୍ଣନା କରାଯାଉଅଛି), ଅଭୁର—ମହତ୍ତ୍ୱ; ମୁରଲୀଧର—ଶ୍ରୀକୃଷ୍ଣ, ଲପନ—ମୁଖ, ସାଭିମାନ—ଅଭିମାନଯୁକ୍ତ, ଭୁଜବଲ୍ଲୀ—ବାହୁଲତା, ଅଶ୍ଳେଷ—ଆଲିଙ୍ଗନ, ଚେଳ—ବସ୍ତ୍ର ।

( ୩ )

ତାଳ—ଆଠତାଳି

ମାନ ସୁମନା, କର ଦେ ମାନସୁ ମନା ରେ । ଘୋଷା ।

ଗିରିସମ ଜାଇରେ, ସ୍ୱାମୀ, ଗିରିସମ ଜାଇ; ଦେଇ ମୁଁ ପାଇଛି ତୋତେ ଗିରିଶ ମନାଇ । ୧ । ନାଗରାଜଗତେ ରେ ସ୍ୱାମୀ, ନାଗରାଜଗତେ; ମୁଁ ତୋର ବୋଲି ବାଜୁଛି ନାଗରୀ ଜଗତେ । ୨ । ତୋର ପଦର-କର ରେ ସ୍ୱାମୀ, ତୋର ପଦରକର; ଆଜ ସିନା ରତେ ମୋତେ ତୋର ପର କର । ୩ । ଫୁଟିଲେ ନିଆଳି ରେ ସ୍ୱାମୀ, ଫୁଟିଲେ ନିଆଳି; ଜଲପି ଜଲପି ତୋତେ ଫୁଟିଲେନି ଆଳି ରେ । ୪ । ରମ୍ଭୋରୁରୁ ବସି ରେ ସ୍ୱାମୀ ରମ୍ଭୋରୁରୁ ବସି; ଅଙ୍କେ ଥିଲେ ନ ଗଣେ ମୁଁ ରମ୍ଭା ଉରୁବଶୀ ରେ । ୫ । ନବ ସୁରସା ରେ ସ୍ୱାମୀ, ନବସୁରସା ରେ; ତୁ ପରି ମୋ ଅଙ୍କ ବିନା ନ ବସୁ ରସାରେ । ୬ । ହରିଚନ୍ଦନକୁ ରେ ସ୍ୱାମୀ, ହରିଚନ୍ଦନକୁ; ଘେନ ଯଥା ବସନ୍ତରେ ହରିଚନ୍ଦନକୁ । ୭ ।

( ୪ )

ରାଗ—ପୂରବୀ

ବଂଶୀଧାରୀ, ସରି ଯିବନି ଜୀବନେ କିଶୋରୀ ହେ । ଘୋଷା ।

ବିରହରେ ସଖୀ ହୋଇଛି କାତର, ସରୁ ସରିଲାଣି ସରୋଜ ପତର, ଦେଖିଲି ସଖୀର କଣ୍ଠରେ ମାତର, ଜୀବନକୁ ଅଛି ଧରି ହେ । ୧ । ଲାଗୁ ନ ଥିଲା ମୋ କରକୁ ନାଟିକା, ସଜନୀମାନେ ଦେଖି ହେଲେ ତାଟକା, ଧାଇଁ ଅଇଲି ନ ସହି ତାଙ୍କ ଡକା, ଥିବ କି ଯିବନି ସରି ହେ । ୨ ।

---

୩ । ଟୀକା—ହେ ସୁମନା, ମାନସରୁ ଅର୍ଥାତ୍ ମନରୁ ମାନକୁ ମନା କର ଦେ, ଅର୍ଥାତ୍ ମନରେ ମାନ ରଖ ନା । ଗିରିସମ ଜାଇ—ପର୍ବତସମାନ ପ୍ରଚୁର ଜାଇଫୁଲ, ଗିରିଶ ମନାଇ—ମହାଦେବଙ୍କୁ ସନ୍ତୁଷ୍ଟ କରି, ନାଗରାଜଗତେ—ଶ୍ରେଷ୍ଠ ହାତୀ ପରି ଗତି ଯାହାର, ନାଗରୀ—ବାଦ୍ୟବିଶେଷ, ଜଗତେ—ସଂସାରରେ; ତୋର ପଦରକର—ତୋ ଶୃଙ୍କର, ନିଆଳି—ଫୁଲ ବିଶେଷ, ଫୁଟିଲେନି—ବିକଶିତ ହେଲେଣି ଓ ଥକିଗଲେଣି, ଆଳି—ସଖୀ, ଜଲପିଜଲପି—କହି କହି, ରମ୍ଭୋରୁରୁ—ରମ୍ଭୋରୁ, କଦଳୀଗଛ ପରି ଉରୁ ଯାହାର, ରମ୍ଭାଉର୍ବଶୀ—ସ୍ୱର୍ଗବେଶ୍ୟା, ନବସୁରସା—ନୂଆରସିକା, ରସା—ପୃଥିବୀ, ହରିଚନ୍ଦନ—ଅଠଗଡ଼ର ରାଜା ଓ ଉତ୍କୃଷ୍ଟ ଚନ୍ଦନ ।

ନାସାଗ୍ରେ ତୂଳା ଦେଲେ ଉଡ଼ିପଡ଼ି, ନ ଚଳିଲା ପରି ଦିଶିଲା ନାଗର,
ସଜନୀମାନେ ବସିଣ ସେହି ପୁରି, ହା ରାବରେ ଥିଲେ ପୂରି ହେ । ୩ ।
ତୁମ୍ଭ ଭଳି ଯେବେ ନୋହିଲା ପାତର, ପଚାରୁଛି ଶ୍ୟାମ ନ ଦିଅ ଉତ୍ତର,
ଅନ୍ତର୍ଗତେ ଯେବେ ଥିଲଟି ଅନ୍ତର, ଶତ୍ରୁ କିପାଁ କଲ ଗୋରି ହେ । ୪ ।
ଲଗିଥିଲେ ଜବାଧରୀର ସେବାରେ, ଅସ ହେ ରାଜୀବନେତ୍ର ଯିବା ବାରେ,
ହୁଟି ବସିଅଛୁ ପରାଣ ନେବାରେ, ପାପୀ କାମ ଯମ ସରି ହେ । ୫ ।
ଦିନବନ୍ଧୁ ଥାଉଁ ବିରହ-ତୁଷାର, ନାଶ କଲେ ପଦ୍ମିନୀଙ୍କ ଏ ଅସାର,
ବୋଲେ କବିରବି ସାର କି ଅସାର, ହସିବେ ସିନା ଭଗାରି ହେ । ୬ ।

( ୫ )

ରାଗ—କାମୋଦୀ ଆଦିତାଳ

କହିବାକୁ ଲାଜ, ସଖି ଯାହା ହେଲା ଆଜ । ଘୋଷା ।

ପହୁଡ଼ି ଥିଲେ ଜଣା, ନ ଥିଲା ମୋତେ ବୀଣା, ଆଳାପେ ଲଗାଇଲି ଗେଲେ ଲୟ, କାନ୍ତ ମୋ ଗଣ୍ଡେ ଆସି ଚୁମ୍ବିଲେ ପରଶଂସି ମରଣୁ ବଳିଗଲା ସେ ସମୟ । ୧ । ଖସି ପଡ଼ିଲା କରୁ, ବିପଞ୍ଚୀ ଧରୁ ଧରୁ, ମେରୁ-ଗରୁଅ ହେଲା ଗଭାଫୁଲ; ଟେକି ନୋହିଲା ମୁଗ୍ଧ, ତହିଁ ପଞ୍ଚବିଶିଖ, ଚଣ୍ଡାଳ କଲା କେତେ କଳବଳ । ୨ । ଚୁମ୍ବିଲେ ଅଙ୍ଗସୀମା, ଜାତ ପୁଲକରମା, ଶୀତ୍କାର ଉପୁଜିଲା ବାରମ୍ବାର; ନିବିଡ଼ ଭୁଜବନ୍ଧୁ, ଛାଡ଼ି ନ ଦେଲେ ବନ୍ଧୁ, ପଳାଇବାକୁ କାହିଁ ରାହା ମୋର । ୩ । କେତେ କଥାକୁ ଏତେ, ଦଶା ଲଭିଲି ଶତେ, କି ନ କଲା ଏ ଲାଜ ଯେଣ ମନେ; କିପରି ଗୋ ସଙ୍ଗାତ ବିପରୀତ ସୁରତ, ରସକୁ ରସୁଥାନ୍ତି ବାମାମାନେ । ୪ । ଭୂପଇ କଳନ୍ତର ଅବନୀ ପୁରନ୍ଦର ହେଲେ ହୋଇବ ଏକ ଗୁଣ ଲୋପ; ଅତି ପାପ ସଙ୍ଗୀତ ବିଦ୍ୟାସଧରେ ଶତ୍ର ନ ଦେବି ବୋଲି କଲି ସଂକଳପ । ୫ ।

---

୪ । ଟୀକା— ସରୁ ସରିଲାଣି ସରୋଜ ପତର—ବିରହତାପ ଶାନ୍ତି ନିମିତ୍ତ ସାଧାରଣତଃ ପଦ୍ମପତ୍ରରେ ଶଯ୍ୟାଦି ରଚନା କରାଯାଏ, ତେଣୁ ପୋଖରୀରୁ ପଦ୍ମପତ୍ର ସରି ଗଲାଣି, ଦିନବନ୍ଧୁ—ସୂର୍ଯ୍ୟ, ଦୀନବନ୍ଧୁ—ଦୁଃଖୀର ସହାୟ ।

୫ । ଟୀକା—ବିପଞ୍ଚୀ—ବୀଣା, ପଞ୍ଚବିଶିଖ—କନ୍ଦର୍ପ, ଜାତପୁଲକରମା—ରୋମାଞ୍ଚଶୋଭା ଜାତ ହେଲା ।

( ୬ )

ରାଗ—କାମୋଦୀ । ତାଳ—ଏକତାଳୀ

ମନା ମୁଁ କରୁଥିଲି ଏହାକୁ ଗୋ; ଅନା ନା ବୋଲି ବନ ରାହାକୁ ଗୋ,
ଅନାଦର ମୋ ଗିରେ, କଲି ଯେ ଏବେ ସ୍ମରେ,
ଲଭିଲି ଦୁଃଖ ହେଲି କାହାକୁ ଗୋ । ଘୋଷା ।

କୁଞ୍ଜ ସଞ୍ଚାରୀ ଶ୍ୟାମ, ଦେବତା ପରାକ୍ରମ, ଜାଣେ ବଳଇ ରନ୍ଧ-ନାହାକୁ ଗୋ; ସାହସୁଁ ସିନା ସଖୀ, କି ଯୋଗେ ଦେଲି ଯୋଖି, ନବନୀତେ ଉପତ ଲୂହାକୁ ଗୋ । ୧ । ଯେବେ ଏ ଗୃନ୍ଦମୁହାଁ, ଶ୍ରବଣ ଦେଇ ନାହିଁ, ନାଚୁଅ ଗୃତ୍ଥୁ ବଂଶୀକୁହାକୁ ଗୋ; ତେଜ ହଁସୁଲିତୁଳି, କରନ୍ତା କି ସଞ୍ଚାଳି, ସଲିଳସିଞ୍ଚା ସର୍ବଂସହାକୁ ଗୋ । ୨ । ଗହ୍ୱବ ଚମ୍ପା ଧଣ୍ଡା, ନିର୍ମିତ ଗଜଶୁଣ୍ଡା,-ଦଣ୍ଡକୁ ନନ୍ଦ ଗୃହିଁ ଯାହାକୁ ଗୋ; ବିଶେଷେ ବିସନାଳ ଦର୍ଶିଲଣି ପୃଥୁଳ, ଅଡ଼ କାହିଁଛୁ ସେହି ବାହାକୁ ଗୋ । ୩ । କଳାକେଶରୀ ବାଳୀ,-ଧୃତ-ଦନ୍ତୀକୁ ଦଳି, ଦେଲଣି ଅସି ମନୋଗୁହାକୁ ଗୋ; ଥରକେ ଯେବେ ଲୋକ, ନୋହିଲି ଜାଗରୁକ, କହିବା କେତେ ତୁହା ତୁହାକୁ ଗୋ । ୪ । କବି ମିହିର ରାୟ, ଗୁରୁ କହଇ ଭୟ, ଲାଗୁଛୁ ଦେଖି ଶତେ ଏହାକୁ ଗୋ; ଜାଣି ପାରିଲେ କଂସ, ପେଷି କରିବ ଧ୍ୱଂସ, ଜଟିଲାସୁତଘରବୁହାକୁ ଗୋ । ୫ ।

( ୭ )

ରାଗ—ଭୈରବ, ଅଠତାଳି

ପ୍ରିୟସହି, ଏତେବେଳୁ ଥାଅ ମୋତେ କହି ରେ,
ତହିଁରେ ମୁଁ ନାହିଁ ଅବଗାହି ରେ । ଘୋଷା ।

ପ୍ରଥମେ ପ୍ରବେଶକାଳେ, ଅଚ୍ଛାଦ ଅଙ୍ଗ ଦୁକୂଳେ, ଲଜ୍ଜା ହେବ ସିନା ତଳେ, କେଳି ତଳପକୁ ବଳେ, ଘେନିଯିବେ, ସେହି ସ୍ନେହ ବହି ରେ । ୧ । ମାର ମନେ ଖେଳୁଥିବ, ପ୍ରଦୀପ ଯେ ଜଳୁଥିବ, ବିବେକ ତ ଟଳୁଥିବ,

---

୬ । ଟୀକା—ରାହା—ପଥ, ହଂସୁଲି ତୁଳି—କୋମଳଶଯ୍ୟା, ସର୍ବଂସହା—ପୃଥିବୀ, ଗହ୍ୱବ—ଗହଳଅ, ଗଜଶୁଣ୍ଡାଦଣ୍ଡ—ଚମ୍ପାଫୁଲରେ ନିର୍ମିତ ଗଜଶୁଣ୍ଡାକୃତ ପୁଷ୍ପରଚନା ବିଶେଷ, ବିସନାଳ—ମୃଣାଳ ।

୭ । ଟୀକା—ଦୁକୂଳ—ପାଟଶାଢ଼ୀ, ତଳପ (ତଳ୍ପ)—ଶଯ୍ୟା, କରରୁହ—ନଖ, ଶିବା—ପାର୍ବତୀ, ତାହି—ତାହାହିଁ, ସେହି କଥା ।

ଲଜ ତ ପ୍ରବଳୁଥିବ, ତାଙ୍କ ମୁଖ, ଅନାଇବି କେହ୍ନେ ରେ । ୨ । ମଦନ-ମଦ ଅମଳେ, ଚେତା ନ ଥିବାରୁ ଭଲେ, ଲୋଭବଶୁଁ ଅବା ଗେଲେ, ପୁନଃ ପୁନଃ ଚୁମ୍ବ ଦେଲେ, ସ୍ଥିର ହୋଇ, ରହି କି ନ ରହି ରେ । ୩ । ବୋଲୁ ଯେ ଅଛୁ ବିଧାନ, ବାଜି କରୁଛି ମୁନ, ଦେହରେ ନ ରଖି ସ୍ଥାନ, ପୁଣି ଗାଢ଼େ ଅଲିଙ୍ଗନ, ଏତେ ଦାଉ, ପାରିବି କି ସହି ରେ । ୪ । ବିନତ ହୋଇ କହିଲେ, ଏତେ ଅବା ହେବ ହେଲେ, କି କରିବି ମାବା ଛୁଲେ, ହଠକୁ ପ୍ରିୟ ରଚିଲେ, ସହିବାର, ପଡ଼ଇ କି ତାହି ରେ । ୫ । ଅଷ୍ଟଦୁର୍ଗନାଥ ଭଣେ, ତୋଷ ଗୋ ସଖି ଜଣାଣେ, ମଣ୍ଡି ମଣି ଆଭରଣେ, ବନ୍ଦିବା ଶିବାଚରଣେ, ଅସିଲେ ମୁଁ, ଲୋକହସା ହୋଇ ରେ । ୬ ।

( ୮ )

ରାଗ—କାମୋଦୀ । ତାଳ—ଝୁଲ

ଅଲଙ୍ଘ୍ୟ ହେବାରୁ ମୋ ରାଣ ପରାଣ ବନ୍ଧୁ ଯାହା ଦିନେ ଦିନେ, ସହଜେ ଦୟାଳୁ ଗୁଣ ପରିପାଳୁ ମୋହପର ନିଧୁବନେ ରେ, କିଶୋର, ସେ କାଳେ ଯେଉଁ ସମ୍ପତ୍ତି, ତଳପ ଦୀପ ମୋ ମନ ନେନ୍ଧ ନାଶା ଏମାନେ କିଛୁ ଜାଣନ୍ତି ରେ । ୧ । ଶ୍ରୀହସ୍ତ କଞ୍ଜଚରଣ ଆଭରଣନିବହ ହେବାରୁ ମୁକ, ରତନମେଖଳା କ୍ଷୁଦ୍ର ଘଣ୍ଟିମାଳା, ହୁଏ ମହା ବାବଦୂକ ରେ, କିଶୋର, ପକାଇ ନିପଟ୍ଟା ତାଳ, ଅଧୋମୁଖସୁନା କଳସ ଉପରେ ନଗ୍ନେ ନକ୍ଷତ୍ରମାଳ ରେ । ୨ । ମଣିମୟ ନଥ ନାଚୁଥ ତାହାକୁ ବିବାଦେ ଜିଣିମା ପାଞ୍ଚେ, କମ୍ବୁଶିରେ ମାର ଦରପଣ ରଖି, ତହିଁ ତିଳଫୁଲ ନାଚେ ରେ, କିଶୋର, କି ମୋଦେ ଲଜ୍ଜାନାଗରୀ, ଦେଖୁଥାଇ ନାଠ ତା ପଯ୍ୟଙ୍କବାଠ ଅଡ଼ ଅଡ଼ ପେଲି କରି । ୩ । ନୀଳମେଘୀ ଶାଢ଼ୀ ଗଲି ପରି ଭଣ୍ଡି ଖସାଇ ଲହସା ଖୋସା, ରଜତ ମୁଦ୍ରିକା ବାଣ୍ଟିଦେଲି ପରି ସେ ସମୟ ମନ୍ଦହସା ରେ, କିଶୋର, ରତି ମନମଥ ଦୁହେଁ, ପମୀର ପିଚକା ଖେଳୁଥିଲି ପ୍ରାୟେ ସ୍ୱେଦ

---

୮ । ଟୀକା—ନିଧୁବନ—କାମକ୍ରୀଡ଼ା, ତଳପ—ଶଯ୍ୟା, ବାବଦୂକ—ବହୁଭାଷୀ, ମାନ ଏଠାରେ ଶବ୍ଦାୟମାନ, କମ୍ବୁ—ଶଙ୍ଖ, ପମୀର—ସୁବାସିତଜଳ, ଅଲେଖ—ଅନିର୍ବଚନୀୟ, ଘନସାର—କର୍ପୂର, ଚନ୍ଦନ; ଲୁଳନ୍ତି—ମ୍ଳାନ ହୋଇ ଯାଇଥିବା; ବିନଚ୍ଛ—ଉଆର ହୋଇଛି, କୁଳଣ—ବକ୍ର, ରଜତମୁଦ୍ରିକା—ରୌପ୍ୟମୁଦ୍ରା, ଟଙ୍କା ପ୍ରଭୃତି ।

ବନ୍ଧୁ ଧଣେ ଦେହେ ରେ ।୪। ବେଳକୁ ବେଳ ବ୍ୟାକୁଳ କରିବାରେ ନାହିଁରେ ପଞ୍ଚ ବିଶିଖ, ଅଲେଖ ସୁଖ ଆସ୍ୱାଦନେ ଭୁମାଇ ଦେଲୁ ବେଳେ ଚନ୍ଦ୍ରମୁଖ ରେ, କିଶୋର, ମୁକୁତା ଜାଲି ଭାଙ୍ଗଙ୍କ, ଦୋହଲିବା ଦେଖି ଦୂର ହୁଏ ଅଖି-ପୁଙ୍ଖର ଦୁରିତପଙ୍କ ରେ । ୫ । ଚୁମ୍ବାଇ ଚୁମ୍ବି ମୋ ଅଧର ବଦନେ ପୀଡ଼ି ନେବ କଞ୍ଚ ଖୋସି, ଅତୁଲ୍ୟ ଅମୂଲ୍ୟ ଝଳ ଝଳମଳ ଗଣ୍ଡକୁ ମୋ ଗଣ୍ଡେ ଘଷି ରେ, କିଶୋର, ଯାହା ଭୃଷ୍ଟ ମଳି ଇଷି, ଅଖଣ୍ଡପ୍ରମୋଦ ପ୍ରଦାହେ ମୋ ହୃଦ ଅନାୟାସେ ଯାଏ ଭାସି । ୬ । ଘନସାର ବାସ ପ୍ରଖର ନିଃଶ୍ୱାସ ଶରମ-ଭରୁ ପ୍ରସରେ, ନିଦାଘେ ଲୁଳିଲା ନବୀନ ମଞ୍ଜରୀ ପରି ଜିମି ମୋର ଉରେ ରେ, କିଶୋର, ଦେଇଅଛୁ ସୁଖ ଯେତେ, ତୋ ପଦରାଜୀବେ ଅଲତା ହେଲେ ମୁଁ ସୁଝିବି ଅବା କିଅଁତେ ରେ । ୭ । ଏପରି ସମ୍ପତ୍ତି ଛାଡ଼ି ଅସି ଯିତ ବନଧର ନଦୀ ଦେଶେ, ମୋ ହୃଦୟ ଫାଟି ନ ଗଲା ଯାହାଟି ବନିଚ୍ଛୁ ନିଶ୍ଚେଁ କୁଳଟେଶ ରେ, କିଶୋର, ଲେଉଡ଼ିଲେ ଅଜ ଢେ ଦେବ, ବ୍ରଜ ବରଜିଲା ଦନ୍ତୁ ସେ ଗଲଣି କହେ ଶ୍ରୀମୁକୁନ୍ଦଦେବ ରେ । ୮ ।

( ୯ )

ରାଗ—ପୁରବୀ । ତାଳ—ଆଠତାଳି

ତୁହି ପରି, ମୋ ହୃଦୟ ମଣିମୟହାର ରେ । ଘୋଷା ।

ସହି ତୁ ମୋହର ସକଳ ସମ୍ପଦ, ମଦନ-ଫଣୀ-ରଦନ-ବିଷଗଦ,
ଅଖିଳ ବିଭବ ଅଖଣ୍ଡଳ ପଦ, ଅରୋହଣପରମ୍ପରା ରେ । ୧ ।
ରସିକରାଜ ମସ୍ତକ ଅଲଙ୍କାର, ବିଦ୍ରୁମ ନବପଲ୍ଲବ ଗର୍ବହର,
ତୋ ପୟର ଲଷା-ରଞ୍ଜକ ଦାସ ମୁଁ ବିରହଦୁଃଖପାସୋରା ରେ । ୨ ।
କହୁଥିବେ ସଖୀ ଜାଣି ବା ନ ଜାଣି, ମଣିଲୁ କି ସତ ଶୁଣି ତାଙ୍କ ବାଣୀ,
ଧରିଛୁ ବିରସ ବିବେକନାଶିଣୀ,-ମସ୍ତକମଣ୍ଡନହରା ରେ । ୩ ।
ନ ମଣ୍ଡିବୁ ଯିନା ମୋର ବକ୍ଷସ୍ଥଳ, ହୃଦୟରୁ ଯିବୁ କର କେଉଁ କଳ,
ମୋ ମନ-ଗଗନ ତଟ ସମୁଜ୍ଜ୍ୱଳ ଉଦୟ ନିର୍ମଳ ତାରା ରେ । ୪ ।
ସଜନି ଗୋ ନବସୁରତ-ବିଭବ, ପାସୋର ଯିବ କି ମନୁ ଥିଲେ ଜୀବ,
ଦୀନ କବିରବି ଗୃତକର ନବ ଘନରସ ଜଳଧାରାରେ । ୫ ।

---

୧ । ଟୀକା— ଫଣୀ—ସର୍ପ, ଅଖଣ୍ଡଳପଦ—ଇନ୍ଦ୍ରପଦ, ଅରୋହଣପରମ୍ପରା —ପାହାଚସବୁ, ବିଦ୍ରୁମ—ପୋହଳା ।

( ୧୦ )

ରାଗ—ଢୋଡ଼ି ପରଜ

ରେ ସଙ୍ଗାତ, ସେ କିନା ବସିବ ରୁଷି;
ଯେ ଶିଖଣ୍ଡଚୂଳ ନୟନ-କୁନ୍ତରେ ଦିନେ ନୋହିଥିବ ଭୁଷି । ପଦ ।

ତରଣିଜା ତଟ, ଶରଣୀରେ ଭେଟ, ଯେ ରମଣୀ ହୋଇ ନାହିଁ; ନୀଳ ବାରି-ବାହ-ଦଳନ ବିଗ୍ରହ ଅଳପ ନ ଥିବ ଗୁହିଁ ରେ । ୧ । ରସିକା-ବୃନ୍ଦରେ, ବସି ଆନନ୍ଦରେ, କେସି ଶ୍ୟାମ ପ୍ରେମ ଗୁଣ; ଯେ ଶୁଣି ନ ଥିବ, ବସୁଧାରେ ଥିବ, ପଶୁରୁ ହୋଇ ଅଜାଣ ରେ । ୨ । ବସାଇଣ ପାଶେ, ରସାଇ ହରଷେ, ହସାଇ ଉସ୍ତୁକ ମନେ; ପୀଡ଼ାଇ ଓଷ୍ଠକୁ, ଭିଡ଼ାଇ ଅଙ୍ଗକୁ, ଜଡ଼ାଇ ନ ଥିବ ଦିନେ ରେ । ୩ । ବସନ ଲୁଟିଆ, ରସବିନୋଦିଆ, ରସରେ ନ ଥିଲେ ରସି; ଦୂରରୁ ଦୁର୍ଲ୍ଲଭ, ମୁରଲୀର ରବ, ଶ୍ରବଣେ ନ ଥିଲେ ପଶି ରେ । ୪ । ଜଳନ୍ତର ଇନ୍ଦ୍ର ନୃପ ରାମଚନ୍ଦ୍ର, ଶ୍ରେଷ୍ଠରସ ରସେ ଭଣି; ସ୍ମର-ତରୁଆର ଧାରରେ ଶରୀର ଥରେ ନୋହିଥିଲେ ହାଣି ରେ । ୫ ।

( ୧୧ )

ରାଗ—ପଞ୍ଚମବରାଡ଼ି, ତାଳ—ତ୍ରିପୁଟ।

ଧନ୍ୟ ହେ ନବକିଶୋର, ସତୀ-ଧୃତିଧନଚୋର, ନିଖିଳ ନାଗର ଶିରୋମଣି; ତୁମ୍ଭ ସଦୟ ମାନସ, କୁଳଶର କରକଶ, ବୋଲି ନ ଥିବାରୁ ଅମ୍ଭେ ଜାଣି ହେ, ଶ୍ୟାମବନ୍ଧୁ, ଅମ୍ଭ ସଖି ଲଭିଲା କି ଦଶା, ଦିମ୍ଭେ ଜୀଇ ହେବା ନାହିଁ ଆଶା, ଦେଲେ ତରୁଣ କେଶରୀ, କୋଳେ କୁରଙ୍ଗୀ କିଶୋରୀ, ଦଶଇ କି ବଞ୍ଚିବା ଭରସା ହେ । ୧ । ତୂଳି ତଳପ ଶେଯାଇ, ଦେବାର କୋମଳ ଛାଇ, ଦଳ ଯାହା ଅଙ୍ଗେ ବସେ ବୁଡ଼ି; ମରକତ ଅରଗଳ ବଳିଷ୍ଠ ବାହୁ ଯୁଗଳ, ଲଗାଇ କେଡ଼େ ନିବିଡ଼େ ଭିଡ଼ି ହେ, ଶ୍ୟାମବନ୍ଧୁ, କି ଚଞ୍ଚଳ ଭାବ ଥିଲା କାଲି, ବାଜି ତୁମ୍ଭ ଅଙ୍ଗ ସଙ୍ଗଭାଲି, ଭଗ୍ନଚକ୍ର ମନମଥ ବିଜୟୀ ମଙ୍ଗଳ ରଥ, ଗତରୀତ ରେଖାଇଛୁ ଗୁଳି ହେ । ୨ । ଯେଉଁ ଅଧର

---

୧୦ । ଟୀକା— ତରଣିଜା—ଯମୁନା, ସରଣି—ବାଟ, ନୀଳବାରିବାହ-ଦଳନ ବିଗ୍ରହ—ଯାହାର ଦେହଶୋଭା ନୀଳମେଘର ଶୋଭାଠାରୁ ମନୋହର, ତରୁଆର—ଖଣ୍ଡା ।

ପଲ୍ଲବେ, ଲେଖାଇ ନ ଦଏ ଲବେ, ମୃଗମଦପଙ୍କେ ଲୀଳାଭଙ୍ଗୀ; ତୁମ୍ଭ ମହିମାରୁ ଅଙ୍ଗୀକାର କରନ୍ତି ଶୁଭାଙ୍ଗୀ, ତହିଁ ଶୁଅଇଁଅ ବମ୍ବ ଭଙ୍ଗୀ ହେ, ଶ୍ୟାମବନ୍ଧୁ, କିଶୋରୀକି କର କଳବଳ, ତୁମ୍ଭ ସୁଖ ତୁମ୍ଭେ ଜୋଡ଼ା କଲ, ହେମ ନବନୀତ ବଲ୍ଲୀ, କେହି ସହିବଟି ବୋଲି, ହୃଦୟରେ ଦୟା ନ ବହିଲ ହେ । ୩ । ମହାମହୀଧର ଧର, କଲ ଆତପତ୍ର ପର, ଯେଉଁ କର-ସେ ମୃଦୁ ବୟସେ; ସେ କରରେ ଯେବେ ଘନ-କେଶୀ ସମର୍ପିଲ ସ୍ତନ, କି ବଚନ ଦଳାଦଳି ରସେ ହେ, ଶ୍ୟାମବନ୍ଧୁ, ଫିଟି ତୁଟି ଯାଇଛି କାଞ୍ଚୁଲି, ସଞ୍ଚାରି ଚଞ୍ଚୁପୁଟ ଗଲି, ଲୁଚିଯିବା ଚକ୍ରବାକ-ମିଥୁନମାଧୁରୀଯାକ, ବାଳା ପୟୋଧରେ କରେ କେଲି ହେ । ୪ । ଅନ୍ୟାୟୀ ତମିର ହଂସ, ଭୋଜବଂଶ ଅବତଂସ, କଂସ ଶାସୁଅଛି ବସୁମତୀ; ତୁମ୍ଭେ ଧନବନ୍ତ ଘର କୁମର ହୋଇ ତୁମ୍ଭର, ମାନସେ ନୋହିଲ ଲବେ ଭୀତ ହେ, ଶ୍ୟାମବନ୍ଧୁ, କିଶୋରୀକି କର ବନ୍ଧାବଟି, ଅସମ୍ଭବ ଭାବେ ହଠାହଟି, ଫିଟାଇ ନିତମ୍ବପେଟୀ, ନିବିଡ଼ ନୀବିକବାଟି, ମଦନମନ୍ଦିର କଲ ଲୁଟି ହେ । ୫ । ଥରକେ ତ ଜଣାଗଲା, ଏଣିକି କି ରୂପେ ଭଲା, ପାଇବ ମୋ ପ୍ରିୟସଖୀ ପାଶ; ବୁଝିବା ତୁମ୍ଭର ବଂଶୀ, କପଟ ବିବେକଧ୍ୱଂସୀ କେମନ୍ତ ମୋହନ ମନ୍ଦହାସ ହେ, ଶ୍ୟାମବନ୍ଧୁ, କେତେ ତୁମ୍ଭ ବିଚକ୍ଷଣ ଭାବ, ସବୁ ତ ଏଥର ଜଣାଯିବ, ବୋଲେ ମହୀ-ପତିଶ୍ରେଣୀ-ମୁକୁଟ ମସ୍ତକମଣି, ଗଜପତି ଶ୍ରୀମୁକୁନ୍ଦଦେବ ହେ । ୬ ।

( ୧୨ )

ରାଗ—କାମୋଦୀ, ତାଳ—ଅଦ

ବନ୍ଧୁ କଲ କି ଦୁର୍ବିଚାରକୁ ରେ, ବର୍ଜିଲ ଖଣ୍ଡ ଅର୍ଜି ଖାରକୁ ରେ ।
ଅକ୍ଷରେ ନ ଜାଣିବା ମୂରୁଖ ପରି ନିଜ ବକ୍ଷରେ ଲକ୍ଷ୍ୟ କଲ ଶରକୁ ରେ । ପଦ ।

ସମ୍ବାଦ ଗୁଞ୍ଜ ଆଣି, ମୁଁ ଫିଙ୍ଗିଦେଲି ପାଣି-ବନ୍ତ ବର୍ତ୍ତୁଳ ମୋତି ହାରକୁ ରେ; ଚଢ଼ାଇ ଦେଲି ଗୁରୁତର ଚନ୍ଦନତରୁମୂଳେ କର୍କଟୀଲତୀ ସ୍ଥରକୁ ରେ । ୧ । ଶ୍ୱପଚ ଗ୍ରାମ ମଝି, କୂପରେ ବୁଝି ବୁଝି, କଲି ସ୍ନାନାଦି ବ୍ୟବହାରକୁ ରେ; ନ କଲି ମନୋରଥ ପଥରେ ଭଗୀରଥ ନୃପନନ୍ଦନା-ନୀରଧାରକୁ ରେ । ୨ । ଟେକି ଠୁକୁଲି ଜ୍ୟେଷ୍ଠ, ସର୍ବ ସୁପର୍ବ ଶ୍ରେଷ୍ଠ, ଚନ୍ଦ୍ରଚୂଳ

---

୧୧ । ଟୀକା—ତରୁଣକେଶରୀକୋଳରେ—ଯୁବକ ସିଂହ କୋଳରେ, ମରକତଅରଗଳ—ମରକତମଣିରେ ଖଞ୍ଜିତ ହୋଇଥିବା କିଳଣି, ଭଲ—ଅସ୍ତ୍ରବିଶେଷ ( ଭଲ୍ଲାସ୍ତ୍ର ), ମୃଗମଦ—କସ୍ତୁରୀ, ଆତପତ୍ର—ଛତା ।

ଦେଉଳ ଦ୍ୱାରକୁ ରେ; ଯବନ-ଜାତି-ଶବ ଭବନ ହେବା ଗ୍ରାବ-କୁଟ୍ଟକୁ କଲି ନମସ୍କାରକୁ ରେ । ୩ । ଅତି ଭାଗ୍ୟ ଅର୍ଜିତ, ଉର୍ବଶୀ ଉରୀକୃତ, ଆଶ୍ଳେଷ ଛାଡ଼ି ଅଙ୍ଗୀକାରକୁ ରେ; ବାନରୀ ନେତ୍ରପ୍ରାନ୍ତ ବତାଇବା ସଙ୍କେତ ସ୍ଥଳକୁ କଲି ଅଭିସାରକୁ ରେ । ୪ । ଶିଳାଶଯ୍ୟାକୁ ଡର, ନ ଥିବା ଗଉଡ଼ର, ନିମନ୍ତେ ରଖି ତୁଳି ସାରକୁ ରେ; ଶିରୀଷସୁକୁମାର, ମହାରାଜକୁମର କନ୍ଦରେ ବୁହାଇଲି ଭାରକୁ ରେ । ୫ । ଚିରଅଭ୍ୟସ୍ତ ଶସ୍ତ୍ର, ସଂସ୍କୃତ କରି ଅସ୍ତ୍ର, ବସି ଘୋଷିଲି ଶଣୀଠାରକୁ ରେ; ନ ଭଜି ଚକ୍ରାୟୁଧ, ତରିବି ବୋଲି ସଧ କଲି ସଂସାର ଅକୂପାରକୁ ରେ । ୬ । କବିସିଂହାର ବୋଲେ ଏପରି ହେଲେ ହେଲେ, କ୍ଷମା ଉଚିତ ପରସ୍ତ୍ରୀରକୁ ରେ; ଦୋଷ ମୁଁ କରିଅଛି ଲଙ୍ଘିଲି ଯେବେ କିଛି, ତୋତେ ପଣ୍ଡିତା ଅଗ୍ରଗାରକୁ ରେ । ୭ ।

( ୧୩ )

ହରିରାଣି କାହିଁକି ଏତେ, ଅଜି ହରିରାଣି ନ କର ମୋତେ । ଘୋଷା ।

ମୋଦେ ମୋଦେ ହସି ତୁମ୍ଭେ ଯିବ ଖସି ମୋ ଦେହ ପୂରାଇ କରଜ କ୍ଷତେ । ବୁକୁର ଶାଢ଼ୀ ତ ରଖି ଦେବ ନାହିଁ ମୁଁ କରତଳେ ଅଚ୍ଛାଦିବି କେତେ । ୧ । ଚିକୁର ବେଶତ ରଖି ଦେଉ ନାହଁ ମୁକୁରରେ ଦିଶୁନାହିଁକି ମୋତେ । ବ୍ରୀଡ଼ା ଜଳଧିରେ ବୁଡ଼ିବି ମୁଁ କେହି ଲଭ୍ୟ ହେବ ସଙ୍ଗିନୀଙ୍କ ପୁରତେ । ୨ । ସଖୀଏ ମଙ୍କରୀ ଗଞ୍ଜେ ଥିଲେ ଲହ୍ୟ ନ କରି ତା ଅନୁରୋଧ କାହିଁତେ । ଖଣ୍ଡିକୁ ତ କେହି ସେପରି ନ କରେ, ଗଣ୍ଡିକୁ ମୋ ଯାହା କର ସୁରତେ । ୩ । ଅଜ୍ଞ ନ ପାରଇ ଭାଜିଛି ମୋ ବଳ ରାଜ କରାହୁଛ କାହିଁତେ ଚତୁରେ । ବାମଦେବପରପନ୍ଥୀ ରଣେ ଜୟୀ କାମ ନୋହୁଛି କି ଅଦ୍ଭୁତ ଫତେ । ୪ । ଠାକୁରାଣୀ ପ୍ରେମବାଣୀ ଶୁଣି ବଂଶୀପାଣି ପ୍ରେମମୟୀ ଅନ୍ତରଗତେ । ସବିନୟେ ପୁଣି କୋଳରେ ଆଣିଲେ କବି ଦିନମଣି ରଚିଲେ ଗୀତେ । ୫ ।

---

୧୨ । ଟୀକା—ଗୁଞ୍ଜ—କାଇଁଚ, ପାଣିବନ୍ତ—ଚଳଚଳ, କର୍କଟୀଲଠା—କାକୁଡ଼ିଲଇ, ଶ୍ୱପଚ—ଚଣ୍ଡାଳ, ହାଡ଼ି; ସୁପର୍ବା—ଦେବତା, ଚନ୍ଦ୍ରଚୂଳ—ଶିବ, ଗ୍ରାବକୁଟ୍ଟ—ପଥରଗଦା, ଉରୀକୃତ—ଅଙ୍ଗୀକୃତ, ଅଶ୍ଳେଷ—ଆଲିଙ୍ଗନ, ଶିରୀଷ-ସୁକୁମାର—ଶିରୀଷଫୁଲପରି କୋମଳ, ଶସ୍ତ—ଉତ୍କୃଷ୍ଟ, ଅକୂପାର—ସମୁଦ୍ର ।

୧୩ । ଟୀକା—କରଜକ୍ଷତ—ନଖକ୍ଷତ, ବୁକୁ—ବକ୍ଷ, ଚିକୁର—କେଶ, ବ୍ରୀଡ଼ା—ଲଜ୍ଜା, ବାମଦେବପରିପନ୍ଥୀ—ଶିବଶତ୍ରୁ, କନ୍ଦର୍ପ; କାମ—କାମନା ।

( ୧୪ )

ରାଗ—ଢୋଡ଼ି ପରଜ

ରେ ସଙ୍ଗାତ, ସରିଗଲ୍ ଲାଜେ ଆଜ,
କରି ବିଲୋକନ କାଲି କେହି ଘନଶ୍ୟାମ ମୁଖ-ଦ୍ୱିଜରାଜ । ଘୋଷା ।

ସେ ଶୋଭା ଭଦ୍ଦାର ସମ୍ଭୋଗରେ ଚିତ୍ତ ପୂରି ନ ଥିବାରୁ ମୋର; ରଜନୀ ରଥାଙ୍ଗୀ ଭଙ୍ଗୀ ସିନା ଅଙ୍ଗୀକାର କରେ ନିରନ୍ତର ରେ । ୧ । ନାଲ୍ ସୁଧାସିନ୍ଧୁ ପରି ତ ମୋ ବନ୍ଧୁ ଦଶୁଥାନ୍ତି ଗୋଟିଯାକ; କେବଳ ଅଧର ଚୁମ୍ବିବାରୁ ମୋର ନ ରହିଲ ତ ବିବେକ ରେ । ୨ । ମୁଁ ରତିଭବନ ଭିତରେ ମୋହନ ମୂରତିକି ଯତ୍ନେ ଲେଖି; ଚୁମ୍ବୁଥିଲି ରଙ୍କ ପରି ହରିଣାଙ୍କ ତୁଲ୍ୟ ମୁଖେ ବୁଜି ଆଖି ରେ । ୩ । ମୋହିତ ହେବାରୁ ସେ ସୁଖ ଅମଳେ ନୋହିଥିଲି ସାବଧାନ; କେହି ଆସି ଶ୍ୟମ ଚୁମ୍ବିଲେ ଚରମଦେଶେ ରହି ମୋ ବଦନ ରେ । ୪ । ଲେଖାରେ ହେଲେ ତ ଲେଖାମାନଙ୍କରେ ଲେଖାରେ ନୋହି ସେ ଠାଣି; ହଠ କରି ଅବା ଲଭିଲ ଦାଅନ୍ତି ଅଠକି ରହିଲି ପାଣି ରେ । ୫ । ଯାହା ହେଲା ମୋର ବାହାର ଭିତର ମନ୍ଦାକ୍ଷ ଭୟରେ ପୂରି; ଅଷ୍ଟଦୁର୍ଗ ହରିହୟ ବୋଲେ ଗୌର-ଧରା ପଡ଼ିଗଲା ପରି ରେ । ୬ ।

( ୧୫ )

ରାଗ—କାମୋଦୀ, ତାଳ—ଏକତାଳି

ଚରଣାୟୁଧବୃନ୍ଦ ରଟିଲ ରେ ଅରବିନ୍ଦହିଁ ବନ୍ଧୁ ଫୁଟିଲ ରେ,
କରି କରୁଣା ବୋଲି ଯେତେ ଗୁହାରି ରଚିଲି
ଗୁମାନ ଗଣ୍ଠି ନ ଫିଟିଲ ରେ । ଘୋଷା ।

ଖରବର-ମୁଦ୍‌ଗର, ପ୍ରହାରି କେତେ ମୋର, ମୋଦପୀୟୂଷ ଘଟି ଫିଟିଲା ରେ; ପିଶାଚ ସ୍ମର ଆସି, ଦେବାରୁ ମୋତେ ତ୍ରାସି, ନିଶା ଚରମଦଶା ଘଟିଲା ରେ । ୧ । ରାତିତମିରତତି ଗଲେ ଯେ ପ୍ରୀତିପ୍ରତିବନ୍ଧକ ଅନ୍ଧକାର

---

୧୪ । ଟୀକା—ଦ୍ୱିଜରାଜ—ଚନ୍ଦ୍ର, ରଜନୀରଥାଙ୍ଗୀଭଙ୍ଗୀ—ରାତିରେ ଚକ୍ରବାକୀ ପରି ବ୍ୟାକୁଳ; ହରିଣାଙ୍କ—ଚନ୍ଦ୍ର, ଚରମଦେଶ—ପୃଷ୍ଠଭାଗ, ଲେଖାମାନଙ୍କରେ—ଦେବତାଙ୍କ ମଧ୍ୟରେ, ମନ୍ଦାକ୍ଷ—ଲଜ୍ଜା, ହରିହୟ—ଇନ୍ଦ୍ର; ଏଠାରେ ରାଜା ।

୧୫ । ଟୀକା— ଚରଣାୟୁଧ—କୁକୁଡ଼ା; ଅରବିନ୍ଦ—ପଦ୍ମ; ମୋଦ-ପୀୟୂଷଘଟି—ଆନନ୍ଦରୂପ ଅମୃତର କଳସ; ତତି—ସମୂହ, ଫୁଟି ହେଲେ

ଘଟିଲ ରେ; ନ ବୁଝିଲୁ ଗୁହାର, ତୋ ରୁଷା ଯେ ମୋହର, ପରାଣ ଲୁଟିବାକୁ ହଟିଲ ରେ । ୨ । ଲୋଚନରେ ଲୋଚନ, ସଙ୍ଗମେ ଯେଉଁ ଦିନ, ରଚଇ ଅନ୍ତରାୟ ଜଟିଳା ରେ; ଜୁହି ହେଲେ ବରଷୁଁ, ଏବେ ମୋର କି ଦୋଷୁଁ କୁଟିଳାକ୍ଷି ତୋ ସ୍ନେହ ତୁଟିଲ ରେ । ୩ । ଉରମରମ୍ୟଦେହା, ଚରମ କଲୁ ଯାହା ଜାଣିଲ ମୋ କରମ ଫାଟିଲ ରେ; ସକାମ କର ମାର, ପକାନ୍ତୁ ସୁକୁମାରୀ, ନ କାଟନ୍ତା ଏ ଯେଉଁ କାଟିଲ ରେ । ୪ । କିଶୋରୀଙ୍କର ମନ-ମୀନକୁ ଏ ବଚନ-ମିଷ ବଡ଼ଶଲଟି ଘଟିଲ ରେ; ଅଷ୍ଟଦୁର୍ଗ ଭୂପତି, ମିଳନ୍ଦ ସେ ଦମ୍ପତି ପଦାବ୍ଜ ମକରନ୍ଦ ଗୃଟିଲ ରେ । ୫ ।

( ୧୬ )

ରାଗ—କୁମ୍ଭକାମୋଦୀ, ତାଳ—ଅଦ

ପ୍ରିୟସଖି କହିବି କି ବୁଦ୍ଧି ଗୋ, ଗଲିନି ମୁଁ ଲାଜେ ସଢ଼ି । କେଉଁ ଗୁଣେ ରସି ନିକୁଞ୍ଜବିଳାସୀ ମୋ ସ୍ନେହେ ଅଛନ୍ତି ବୁଡ଼ି । ଘୋଷା ।

ମୁଁ ତ ଯଉବନ ଗୁମାନେ ମଦନମନ୍ଥର ଗୃଲି ନ ଜାଣେ; ମୋତେ ଜଲକେଳିଅଳସୀ ମରାଳୀଗମନା ବୋଲନ୍ତି କେଣେ । ୧ । ବ୍ରଜେ କେତେ ବାମା ନାହାନ୍ତି ସୁଷମା ସମ୍ଭାରେ ରମ୍ଭାରୁ ବଳି; ସେ ଶିଖଣ୍ଡଚୂଳ ନୟନଅଞ୍ଚଳ ଆନେ ତ ନ କଲେ କେଳି । ୨ । ମୁଁ ଗୃହିଁ ନ ଜାଣେ ଲବେ ନେତ୍ରକୋଣେ ନଗ୍ଧର ଭୂରୁକୁ ଗଲେ; ତେବେ ପୀତପଟ ନଟ-ଖଞ୍ଜରୀଟ-ନୟନା ମୋ ନାମ ଦେଲେ । ୩ । ମନ ଜାଣିବାକୁ ଯେଉଁ ଦିନ ଭଲେ ନ ମଜାଇ କଣ୍ଠଭୂଷା; ବାଗୁଣ ନ ଘେନି ଦ୍ୱିଗୁଣ ସେ ଦିନ କରନ୍ତି ଶୋଭା ପ୍ରଶଂସା । ୪ । ଏଥୁଁ ଅବା ଖେଦ ହେଉଛି କି ମୋଦ ନ ଜାଣନ୍ତି ଆନ ସଖୀ; ଷିତପତିବୃନ୍ଦମୁକୁଟ ମୁକୁନ୍ଦଦେବ କେବଳ ମୋ ସାକ୍ଷୀ । ୫ ।

---

ବରଷୁଁ—କ୍ଷଣକାଳ ବର୍ଷକ ପରି ହୁଏ, କର୍ମ—ସୁବର୍ଣ୍ଣ, ମନମୀନକୁ—ମନରୂପ ମାଛକୁ, ବଚନ-ମିଷ-ବଡ଼ଶ-ଲଟି—କଥାରୂପ ବନଶୀଖଡ଼ା; ମିଳନ୍ଦ—ଭ୍ରମର ।

୧୬ । ଟୀକା—ନିକୁଞ୍ଜବିଳାସୀ—ଶ୍ରୀକୃଷ୍ଣ; ମନ୍ଥର—ଧୀର; ମରାଳୀ—ହଂସୀ; ସୁଷମା—ଶୋଭା; ରମ୍ଭା—ସ୍ୱର୍ବେଶ୍ୟା; ଶିଖଣ୍ଡଚୂଳ—ମୟୂରପୁଚ୍ଛଧାରୀ; ଖଞ୍ଜରୀଟନୟନା—ଖଞ୍ଜରୀଟ ପକ୍ଷୀପରି ଚଞ୍ଚଳ ନୟନ ଯାହାର ।

( ୧୭ )

ରାଗ—ମୁଖାରୀ, ତାଳ—ଅଠତାଳି

ମୁଁ ହାରିଲି ହେଳେ ଏତିକି ଗୋ, ଜୁହାରିଲି ଶ୍ୟାମ ପ୍ରୀତିକି ଗୋ; ଗୁହାରି କରିବି କାହା ଆଗେ କେତେ ଲୁହାରେ ବନାଇ ଗୀତିକି ଗୋ । ଘୋଷା ।

ଦେହକୁ ସମରପି ପ୍ରାଣ ତୁଲେ, ସ୍ନେହକୁ ସମ୍ପାଦିବା ସିନା ଭଲେ, ଏ ହଟହଟାରେ କେ ମରିବ କରି ସଙ୍ଗାଳି ବିଶ୍ୱାସଘାତୀକି ଗୋ ।୧। ନିୟମ କରି ନ ପାଳଇ ଯାହା, କି ଅମଳଖିଆ କରଇ ତାହା, ଦିଅ ମୋତେ ଗାଳି ପଛେ ମୁଁ ନ ପାରେ ପରୁଷ ପୁରୁଷ ଜାତିକି ଗୋ । ୨ । ଦୁଅଗଲି ଶାଳୀବନେ କି ରଙ୍ଗ, ସୁଆଗ ନ ଥିବା ଜନେ କି ସଙ୍ଗ, ମୁଁ ଆଗ ବିବେକି ହୁଡ଼ି ହୃଦୟକୁ ସମର୍ପିଲି କାମକାତିକି ଗୋ । ୩ । ହଟିଲି ରାଧାରି ଏ କଞ୍ଜ-ନେତ୍ର, ଘଟିଲି ମୋ କର୍ମେ ଏ ଦଶା ମାତ୍ର, ଜଟିଳା ଜାଣିଲେ ସଂସାରୁ ସରିବି ପାଇ ଘୋର ଅପଖ୍ୟାତିକି ଗୋ । ୪ । ଶତ ପଦାରେ ପଦେ ନାହିଁ ସତ, ସତ ପରି ହୋଇବାରୁ ପ୍ରତୀତ, ଅତପଃଶୀଳା ମୁଁ ଅନୁଭବ କଲି ଏ ତପତ ଉତପତିକି ଗୋ ।୫। ଶିଖଣ୍ଡଚୂଳିଆର ଗୁଣ ତୁଲେ, ଏ ଖଣ୍ଡ ଅଛି ବୋଲି ଜାଣିଥିଲେ, ଅଖଣ୍ଡ ବିଶ୍ୱାସ କରନ୍ତି କି ଭଲେ, ଜଗଦ୍ଦେବ ଏ ଭାରତୀକି ଗୋ । ୬ ।

( ୧୮ )

ରାଗ—କାମୋଦୀ, ତାଳ—ଏକତାଳି

କାହିଁରେ ମନ ସହି, ପ୍ରସନ୍ନ ହେଉ ନାହିଁ, ଏଥିକି କହ ମୋର ଗତିକି ରେ; କି କରି ଅରଜିବି, କି କରି ବରଜିବି, ସେ ନବ ଘନଶ୍ୟାମ ପ୍ରୀତିକି ରେ । ପଦ ।

ଯୁଗଠାରୁ ଅଧିକ ହୋଇଲାଣି ପଲକ, କେମନ୍ତେ ସମ୍ଭାଳିବି ଧୃତିକି ରେ । ତ୍ରିଭୁବନମୋହନ ବିଷମ ବଂଶୀସ୍ୱନ କାହୁଁ ଚୁମ୍ବିଲା ମୋର ଶ୍ରୁତିକି ରେ । ୧ । ଇନ୍ଦ୍ରନୀଳକପାଟପୁଟରୁଚି ସେ ନଟବର ମୁକୁଟମଣି

---

୧୭ । ଟୀକା—ପରୁଷ—ନିଷ୍ଠୁର; ଦୁଅଗଲି—କଣ୍ଠା ହୋଇଥିବା; ସୁଆଗ—ସ୍ନେହ; ଅମଳ—ନିଶା; କାମକାତି—କନ୍ଦର୍ପର ଅସ୍ତ୍ର; ଅତପଃଶୀଳା—ଯେ ତପସ୍ୟା କରି ନାହିଁ, ଅପୁଣ୍ୟବତୀ; ତପତ—ଉତ୍ତାପ ।

୧୮ । ଟୀକା — ଇନ୍ଦ୍ରନୀଳକପାଟପୁଟରୁଚି—ଇନ୍ଦ୍ରନୀଳମଣିରେ ତିଆରି ହୋଇଥିବା କବାଟ ଅବରଣ ଶୋଭା; ରବିନନ୍ଦନା—ଯମୁନା; ଗରଳ—ବିଷ,

ଛାଡ଼ିବ କରେ । ମାନସେ ଭାବି ଭାବି କେମେ କି ଛାଡ଼ି ଦେବି କୁଳବରତ ଜାତିମାତିକି ଗୋ । ୨ । ଗରଳ ଗିଳି ଅବା ରବିନନ୍ଦନା ସେବା-ବାଧିରେ ବଳାଇବି ମତିକି ଗୋ । ଅବା ଶ୍ୟାମ ସଙ୍ଗତ ଲଭି ସୁଭାଗ୍ୟବତୀମଣ୍ଡଳେ ଟେକାଇବି ଛାତିକି ଗୋ । ୩ । ନିକୁଞ୍ଜେ ସତେ ବେଳେ ଯେବେ ବସିବି କୋଳେ ସେ ନବକିଶୋର ମୂରତିକି ଗୋ । ପରତେ ନାହିଁ ମୋର କରତେ ମଦନର ବସି ପାରିବି କି ବିରତିକି ଗୋ । ୪ । କହେ ଶ୍ରୀ ଖେଟରାୟ ନୃପତି କୁବଳୟନେନେ ଲପନ-କିଶାପତିକି ଗୋ । ଦେଖାଇ ଦେଇ ଥରେ ଏବେ ଭାଗ୍ୟପଥରେ ପକାଇ ନେବେ ଅନାବୃତିକି ଗୋ । ୫ ।

( ୧୯ )

ରାଗ—ବେଗୁପ୍ତ, ତାଳ—ଅଠତାଳି

ଜଣାଥିଲା କି ମୋତେ ଏ ରୀତି ଗୋ, ଛଣାସୁଧା ସରପଣାରୁ ମଧୁର ଲାଗୁଥିଲା ଶ୍ୟାମପ୍ରୀତି ଗୋ । ଘୋଷା ।

ଲୁଣି ମଣିଲିଣି ମଧୁଝରକୁ, ଶୁଣି ତା ବିଷମ ବଂଶୀସ୍ୱରକୁ, କି ବାଇ ହୋଇଲି ନିଭାଇବି ବୋଲି ସ୍ମର-ଧନଞ୍ଜୟ-ହେତି ଗୋ । ୧ । ମହୀତଳେ ଯେତେ ଧୂର୍ତ୍ତି ପୁରୁଷେ, ସହି ସବୁର ପରମଗୁରୁ ସେ, ଦୂରୁ 'ସେ ସ୍ନେହକୁ ଜୁହାର ମୁଁ ହାରି ରହିଅଛି ଲଭି ଭୀତି ଗୋ । ୨ । ତାରତମ୍ୟ ସେ ନ ଜାଣେ କାପଟ, ତାର ତନୁ ଗୋଟିଯାକ କପଟ, କଳାବତୀକୁଳ ମାରଣେ କେବଳ କରିଅଛି ପରଚିତି ଗୋ । ୩ । ଅସିବି ମୁଁ ବୋଲି ଦେଇ ଭାଷାକୁ, ବାସି କଲା ଯେ ମୋ ଫୁଲଭୂଷାକୁ, ତୁ ହେଲେ ପହିଲୁ ଥରେ ନ କହିଲୁ ସେ କିତବର ଅନୀତି ଗୋ । ୪ । ନିଚୋଳରେ ହେଲାନି ମୋ ଅରୁଚି, ପୀତପଟ ସେ କାହିଁକି ଧରୁଛି, ତାହାର ସଦୃଶ ପିନ୍ଧୁଥାଇ ବାସ ଯା ଭୁଲେ ମାତୁଛି ନିତି ଗୋ । ୫ । ଶୁଣି ଏପରି ସନ୍ତୋଷ ଗିରକୁ, ନିଜ ନୟନେ ଥକାଇ ନୀରକୁ, ଅଳି ପ୍ରବୋଧିଲେ କାଶୋରିକି ବୋଲେ ଅଷ୍ଟାଦୁର୍ଗ ଧରାପତି ଗୋ । ୬ ।

---

କରତେ—କରତନାମକ ଅସ୍ତ୍ରରେ, କୁବଳୟ—ନୀଳ ପଦ୍ମ, ଲପନ—ମୁଖ, ଲପନକଶାପତିକି—ମୁଖଚନ୍ଦ୍ରକୁ ।

୧୯ । ଟୀକା—ସ୍ମରଧନଞ୍ଜୟହେତି—କନ୍ଦର୍ପରୂପ ଅଗ୍ନିର ଶିଖା, ପରଚିତି—ପରିଚୟ, କିତବ—କପଟୀ, ନିଚୋଳ—ପ୍ରଚ୍ଛଦପଟ, ଘୋଡ଼ହେବା ଲୁଗା; ଅଳି—ସଖୀ ।

( ୨୦ )

ରାଗ—ସାବେରୀ, ତାଳ—ଅଢ଼

କର କ୍ଷମା ରେ, ରତି ପ୍ରତିମା ତୁ କର କ୍ଷମା ରେ,
ନ ଥିଲି ମାଜଣା, ବୋଲି ମୋତେ ଜଣା । ଘୋଷା ।

କେଉଁ ପ୍ରତିହାରଣୀଙ୍କ ଦାସୀ, କହୁଥାନ୍ତା ଯେବେ ଧାଇଁ ଅସି, ତା ନ ମାନ୍ତ ପଶିଥିଲେ ହାସି, ମାନ ଉଚିତ ମୋଠାରେ ତନୁମଧ୍ୟମା ରେ । ୧ । ବାର ପାର ନାହିଁ ରେ ସୁକେଶି, ବାର ମଧ୍ୟେ ତୁ ଥିଲୁ ବଳସି, ଗୃହପାଶେ ଘେରଥିଲେ ଦାସୀ, ଭାର ନିତମ୍ବ ସ୍ତନ-ଜଘନ-ସୁଷମା ରେ । ୨ । ଭିଡ଼ି ରଦନେ ବସନାଞ୍ଚଳ, ତଡ଼ିଲ୍ଲତାରୁ ହୋଇ ଚଞ୍ଚଳ, ବଳାଶିଞ୍ଜିତ କରି ପ୍ରବଳ, ପଳାଇ ଯା ମଣ୍ଡିଦେଲୁ ମଣ୍ଡପସୀମା ରେ । ୩ । ଦାଣ୍ଡ ପାଇ ମୁଁ ହେଜିଲି ଏବେ, ଅଉ ଏପର କରିବି ଯେବେ, ସାର ଦେବୁ ମୋତେ ପଗ୍ରଭବେ, ବାରକାଞ୍ଚୀ ପୀନସ୍ତନେ ଅଜଙ୍କ ଜମା ରେ । ୪ । ଶୁଣି ଶ୍ରୀକୃଷ୍ଣ ବିନୟ ବାଣୀ, ହରଷରେ ସେ ରମଣୀମଣି, ନିଧୁବନ ରଚିଲେ ସେକ୍ଷଣି, ବୋଲେ ବସୁଦୁର୍ଗ ବସୁନ୍ଧରା-ସୁନାମା ରେ । ୫ ।

( ୨୧ )

ରାଗ—ଜୌନପୁର ତୋଡ଼ି, ତାଳ—ଆଠତାଳି

ଜଣା ପଡ଼ିଲି ରେ, ବଣାମୃଗାକ୍ଷି ତୋ ଗୃହ;
ଅଣାଇ କପଟେ ବଣା କର ବାଟେ ଖଣାକୁ ଦେବାରେ ପେଲି । ଘୋଷା ।

ଚରମ କରିବା କ୍ଷଣେ ଜନମାଉ ମୋର ମନେ ଘୋର ବ୍ୟଥା, ପରମ ଦୟାଳୁ ପତାକା ଟେକାଇ ଧରମ ନିଙ୍କ ଏ କଥା । ୧ । ସତୁରି ସଂଖ୍ୟା ଦୁର୍ଗୁଣ ଘେନି ହେଉ ଫତୁରାଖୋରଙ୍କୁ ସାହା, ଚତୁରା ହୋଇ ବିଶ୍ୱାସି-ଜନ-କଣ୍ଠେ କତୁରୀ ଚଳାଉ ଯାହା । ୨ । ଶିରୀଷଦେହା ଯା ବକ୍ଷରେ ବହୁଛୁ ଗିରିସମ ଶୋଭା ସ୍ତନ, ଗୁରୁ ସଦ୍ଗୁଣ ସେ ଶିଖାଇଛୁ ପରା ପୁରୁଷମାରଣ-

୨୦ । ଟୀକା— ମାଜଣା—ସ୍ନାନ, ପ୍ରତିହାରଣୀ—ସ୍ତ୍ରୀ ଦ୍ୱାରୀ; ତନୁ-ମଧ୍ୟମା—କ୍ଷୀଣକଟୀ, ଶିଞ୍ଜିତ—ଅଳଙ୍କାରଧ୍ୱନି, ରଦନ—ଦନ୍ତ, ବସନାଞ୍ଚଳ—ଲୁଗାକାନି, ପୀନସ୍ତନେ—ସ୍ଥୂଳ ସ୍ତନରେ, ଜମା—ରଖ, ନିଧୁବନ—ରତି-କ୍ରୀଡ଼ା, ସୁନାମା—ଇନ୍ଦ୍ର ।

୨୧ । ଟୀକା— ଖଣା—ଖଣି, ଖାତ; ଚରମ—ପିଠି, ସୁଧାକଳସ—ଅମୃତକୁମ୍ଭ, ଉତ୍ସଙ୍ଗ—କୋଳ, ପୀୟୂଷ—ଅମୃତ ।

* ପାଠାନ୍ତର—'ଜଣା ନ ଥିଲି ମାଜଣା, ହେବେ ବୋଲି ଯେମା' ।

କ୍ରମ । ୩ । ରଖାଇ ଅନେକ ଦିନ ଉପବାସେ ଦେଖାଇ ସୁଧା କଳସ, ନ ଖାଇଲେ ମଲି ମଲି ବୋଲୁଥାଉ ଚଖାଇ ନ ଦେଉ ଲେଶ । ୪ । ହସନ୍ତୁ ଭଗାରି ବୋଲି କପାଁ ମୋର ଅସନ୍ତୁଷ୍ଟ କରୁ ରାଜା, ବସନ୍ତୁ ଉତ୍ସଙ୍ଗେ ମୋର ଥରେ ଭଲି କଷନ୍ତୁ ସିନା ମରଜା । ୫ । ଝରଇ ପୀୟୂଷ ଯେଉଁ ବଚନରୁ ହରାଇ ପ୍ରାଣ ସେ ଗେଲେ, କରଇ ମୁଁ ଶଙ୍କା ଏଣୁ କୃଷ୍ଣଚନ୍ଦ୍ର ନରଇନ୍ଦ୍ର ଦେବ ବୋଲେ । ୬ ।

( ୨୨ )

ରାଗ—କାମୋଦୀ, ତାଳ—ଏକତାଳି

ନାରତେ ମୁଁ ଅଟକୁ ଅଟକୁ ଗୋ, ଗିର ନ ଦେଇ ଶ୍ରୁତତଟକୁ ଗୋ, କି ରସ ଲୋଭେ ଇନ୍ଦୀବରନେତ୍ରା କାଳନ୍ଦୀ ତଟକୁ ଧାଇଁଥାଏ ହଠକୁ ଗୋ । ଘୋଷା ।

ଛଇଲାକୁ ପୁଚ୍ଛ ତ, ଅପଣେ ପରି ଶତପୁଟହାଟକୁ ବଳି ଝଟକୁ ଗୋ, କି ଦଶିଲଣି ତନ୍ତ୍ର ନ ମାନି ଗଲି ଦିନୁ ବଂଶୀବଟ ନିକଟ ଭେଟକୁ ଗୋ ।୧। କେ କହୁଅଛୁ ଧାଇଁ ବୁଦ୍ଧି ଅସୁ ତ ଯାଇ ଗୋପ ମଥୁରି ବେନି ହାଟକୁ ଗୋ, କେଉଁ କଶୋରୀ ଭଲି ହେଲାନି ଗୃହିଁ ଝଲମଲ-ଚନ୍ଦ୍ରକଗୃରୁ-ନାଟକୁ ଗୋ । ୨ । କପଟେ କଳି କରୁଥାଏ ଏ କରଭୋରୁ ଶ୍ୟାମଗୁଣ କହିବା ଭାଟକୁ ଗୋ, ଭଜୁଥାଏ ତା ଦେହସଙ୍ଗୀ ସମୀର ସ୍ନେହବଶରୁ ବାତାୟନ ତଟକୁ ଗୋ । ୩ । ଇଚ୍ଛା ନ କଲି ରାଜହଂସତୁଳିତୁଲି ଶେଯ ବିଛଣାପଡ଼ା ଦନ୍ତଖଟକୁ ଗୋ, ଗୁପତେ ଫରମାସୀ ଅଣାଉଛୁ ସୁକେଶୀ, କମଳକଶଳୟ କୁଟକୁ ଗୋ । ୪ । ଏବେ ହେଲେ ଏ ଭ୍ରାନ୍ତି ନ ନିବର୍ତ୍ତିଲେ ଉରୁ-ସ୍ତମ୍ଭେ ବନ୍ଧାଇ ପୀତପଟକୁ ଗୋ, ହେଉ ଅକ୍ରୂର ଧ୍ୱଂସ ଦେଖାଇ ଦେବା କଂସକଟକୁ ଅସିବାର ଭାଟକୁ ଗୋ । ୫ । ଏହା ଚରଣକଞ୍ଜ ଚୁମ୍ବି ଜାଣିଛୁ କୁଞ୍ଜ ମନ୍ଦିରେ ସେ ବିଟମୁକୁଟକୁ ଗୋ, ଲଗାଇ ଦେଇଥିବ ଏଣିକି ତ ମୁଁ କବିତପନ ମନମଧୂଲିଟକୁ ଗୋ । ୬ ।

---

୨୨ । ଟୀକା—ଅଟକୁ ଅଟକୁ—ଅଟକାଉଁ ଅଟକାଉଁ, ବନ୍ଦ କରୁଁ କରୁଁ; କାଳନ୍ଦୀତଟକୁ—ଯମୁନାକୂଳକୁ, ଶତପୁଟହାଟକୁ—ଅତି ଉଜ୍ଜ୍ୱଳ ସୁବର୍ଣ୍ଣକୁ, ରାଜ-ହଂସତୁଳି ତୁଳି ଶେଯ—ରାଜଭୋଗଯୋଗ୍ୟ ସୁକୋମଳ ତୁଳାଗଦି, ବାତାୟନ—ଝରକା, ଦନ୍ତଖଟ— ହାତୀଦାନ୍ତରେ ନିର୍ମିତ ଖଟ, କମଳକଶଳୟକୁଟ—ନୂଆ ପଦ୍ମପତ୍ରସମୂହ, ଅକ୍ରୂର—ମହତ୍ତ୍ୱ ।

( ୨୩ )

ରାଗ—କାମୋଦୀ, ତାଳ—ଅଠତାଳ

ଅଳି କି ସହ୍ଯ ସହି କରିବ ଗୋ, କହି ମହତ ସିନା ସରିବ ଗୋ । ଘୋଷା ।

ଶ୍ୟାମଗୁଣ ପରଖି, ଚିତ୍ତ ଭିତରେ ସଖି, ରଖିଲଣି କପଟ ଭ୍ରମର ଗୋ; ମିଶି ଗଲଣି କ୍ଷୀର,—ଭଣ୍ଡରେ ଯେବେ ଖାର, ଘୃଣି କେ ସ୍ୱାଦୁ ବାର ପାରିବ ଗୋ । ୧ । ବୁଝିଲଣି ମରଜ, ଅଳି କି ହୋଇ ରାଜ, ନିକୁଞ୍ଜେ ତୋ ସଙ୍ଗେ ବିହରିବ ଗୋ; ସୁଧାରେ ବିଷ ଦେଇ ଯତ୍ନେ ଘୃଣିଲେ ନେଇ, ତହୁଁ କି ମଧୁ ଅଳି ହରିବ ଗୋ । ୨ । ଦେଲଣି ସ୍ନେହ ଭାଙ୍ଗି ତୋଠାରୁ ସେ ଶୁଭାଙ୍ଗୀ ଅଳି କି ତୋ ବୋଲ ସେ କରିବ ଗୋ; ଛେଦି ପାଦପମୂଳ, ସିଞ୍ଚିଲେ ନେଇ ଜଳ, ସେ କି ନବପଲ୍ଲବ ଧରିବ ଗୋ ।୩। ଅଷ୍ଟଦୁର୍ଗ ଅବନୀ-ପତି ଭଣେ ସଜନି ଅଳି କି ତୋ ଦୁଃଖ ସେ ହେରିବ ଗୋ; ପରଖଦେବା ଲାଞ୍ଚି, କଲଣି ଯେବେ ପାଞ୍ଚି, ପଞ୍ଚବାଣକୁ ସେ କି ଡରିବ ଗୋ । ୪ ।

( ୨୪ )

ରାଗ—ଭୈରବୀ, ତାଳ—ଅଠତାଳ

ଶ୍ୟାମସମ କମନୀୟ ନାହିଁ ଅଳି,
ତା ବାହୁଭଙ୍ଗୀରେ ମୋର ଦିନ ଯାଇ । ଘୋଷା ।

କି ସୁନ୍ଦର ପୀତପଟ, ତ୍ରିଭଙ୍ଗ ମୁରଲୀନଟ, ତା ଶିର ମୁକୁଟ ଦିଶେ ଦାଉ ଦାଉ । ୧ । ଅଳି ମଙ୍ଗଳାଙ୍କୁ ଜଣା, ଥିଲେ ନ ଥିଲେ କରୁଣା, ନୟନସମ୍ପତ୍ତି ମୋର ଜୀଇଥାଉ । ୨ । ପଡ଼ିଗଲେ ତା ନଜରେ, ମଦନ ମାଦକ ଶରେ, ନାରୀ ହୃଦୟରୁ ଖସି ପଡ଼େ ହାଉ । ୩ । ନନ୍ଦଲେ ନନ୍ଦନନ୍ଦନ ଜନେ, ତା ପଛେ ମୁଁ ବନେ ବନେ, ଶିରେ ଘେନି ବୁଲୁଥିବ ତା କଠାଉ । ୪ । କବିରବି ଭଣେ ରସେ, ମନମଥ ରତିହାସେ, ତା ପ୍ରେମ-ସାଗରେ ଚିତ୍ତ ବୁଡ଼ିଯାଉ । ୫ ।

( ୨୫ )

ରାଗ—ତୋଡ଼ିପରଜ, ତାଳ ଏକତାଳି

ପରାଣ ଘୃଣିବ କି ଲେଡ଼ା ରେ ସଙ୍ଗାତ,
ପ୍ରିୟଜନ-ପ୍ରୀତି ପୀୟୂଷ-ପ୍ରବାହ ହୁଅଇ ଯେବେ ଖଦଡ଼ା ରେ । ଘୋଷା ।

ପାସୋରେ ହୃଦୟ ଭିତରୁ ସଦୟ ପଣ ପରମ ମୁହାଁସ; ପେଟଯାକ ପୂରିଥିବ ଯେବେ କୂଟ ମୁଖେ ଥିବ ମନ୍ଦହାସ ରେ । ୧ । ଛଳପୂର୍ଣ୍ଣ କର

---

୨୫ । ଟୀକା—ମୁହାଁସ—ଗନ୍ଧ, କୂଟ—କପଟ, ଝରା—ଜଳପାନବିଶେଷ ।

ମୃଦୁ ବାଣୀ ହଂସୀ ବିରହି ହୃଦେ ତାଳିବା; ନିଦାଘେ ତାପିତ ବନଲତା ହିତ ହାତଟେକା ଜଳ ଦେବା ରେ । ୨ । ପ୍ରଣୟୀ ପରଖି କରି ଲକ୍ଷ ଲକ୍ଷ ସବୁ ବୁଝି ଅନୁଭବେ; ପ୍ରୀତିଠାରୁ ବଡ଼ କେହି ନାହିଁ ବୋଲି ବିବେଚନା ନାହିଁ ଯେବେ ରେ । ୩ । କବି ଦିନକର ରାୟଗୁରୁ ବୋଲେ ଏବେ ସବୁ ଜଣାଗଲା; ପକାଇ ପବିନ୍ଦ ସ୍ଥଳେ ସ୍ଥୂଳ ଗାନ୍ଧ ପରମ ପଦକୁ ଚଳି ରେ । ୪ ।

( ୨୬ )

ରାଗ—କେଦାର, ତାଳ-ସରିମାନ

ଖର ବଚନକୁ ସତ ମଣି କି ରେ । ଘୋଷା ।

ଅଦରଶେ ଥିବା ବାଙ୍କ, ଗଙ୍ଗାଜଳେ ଅଛି ପଙ୍କ, ରବିବିମ୍ବରେ କଳଙ୍କ ଭଣିକି ରେ । ୧ । ଭୃତ୍ୟର ବିଶ୍ୱାସ ଦେଖି, କରିଥାଇ ଯେବେ ସୁଖୀ, କାଳେ ତା ଚତୁରେ ରଖି ଝାଣିକି ରେ । ୨ । ମଦନ ଅମଲ ବଶେ, କ୍ଷତ ଯେବେ ଦନ୍ତବାସେ, ଦଶଇ ଏ ଦୋଷ ଦୋଷେ ଗଣି କି ରେ । ୩ । ଯେବେ ପ୍ରଭୁପଣ କରି, ପାରିବୁ ହିରଣ୍ୟଗୋରି, ଜଣି ଯିବ କରେ ଧରି ଫଣୀକି ରେ । ୪ । ଲଭିବାରୁ ମୁଁ ପଣ୍ଡିତା, ବିର ତୋ ପରିଚୃରତା, ଲକ୍ଷ୍ୟ ନ କରେଁଟି ଚିନ୍ତାମଣିକି ରେ । ୫ । ଏଣିକି ତୋ ଅନୁଗ୍ରହ, ନୋହିଲେ ମୋ ରିପୁବ୍ୟୂହ, କହିବ ମୋ ପାଇଁ ଦେହପଣିକି ରେ । ୬ । ଅଗଣିତ ଅନ ମନ, ଅନାଅ ବିରଜି ମାନ, ରାୟଗୁରୁ କବିଦିନମଣିକି ରେ । ୭ ।

( ୨୭ )

ରାଗ—ମରୁଅ

ଅଜ ଏ କି ଗୁମାନ ରେ (ଚନ୍ଦ୍ରାନନା)
ଦେଖି ନାହିଁ ସ୍ୱପନରେ । ପଦ ।

ସୁନ୍ଦର ରଦବାସ, ମନ୍ଦାରଦଳେ ହାସ,-କୁନ୍ଦକୁ ପରକାଶ, କୁନ୍ଦନାଙ୍ଗି ମୋ ଧନ, ( ପଡ଼ ) ତୁ ସିନା ମୋର ପ୍ରାଣ, ରମଣୀଗଣ ରାଣ, ରାଣ

---

୨୬ । ଟୀକା— ଅଦର୍ଶ—ଦର୍ପଣ, ଦନ୍ତବାସ—ଅଧର, ପରିଚୃରତା — ଭୃତ୍ୟତ୍ୱ, ଚିନ୍ତାମଣି—ଅଭୀଷ୍ଟପ୍ରଦ ମଣି, ଦେହପଣିକି—ଶରୀରପଣି ( ଟିକସ୍ ) ପାଇଁ, ଅନ—ରଣ, ରିପୁବ୍ୟୂହ—ଶତ୍ରୁସମୂହ ।

ଅଚ୍ଛୁଟି ମାଣ,-ବକ ମୃଗାକ୍ଷୀ ଜାଣ, ଦାରୁଣ ସ୍ମରଗଣ, ଶାଣଦିଆ ତୀକ୍ଷଣ, ବାଣଗଣରେ ନିକ୍ଷେଁ ନୈବଟି ଏ ପରାଣ । ୧ । ଗୁରୁ ଚମ୍ପକ-ଦେହା ରେ, ଚନ୍ଦ୍ରାନନା, କାହୁଁ ଶିଖିଲୁ ଏହା ରେ, ଅଶ୍ରୁ ପ୍ରସରଦ୍ୱାର, ମହାକ୍ଷ ଶରବାର, ଅଜନ୍ମ ପରଗୃର, ସଂସାର ସାରଦ୍ୱାର । ୨ । ମର୍ମ ଗଲାଟି ଫାଟି ରେ, ଚନ୍ଦ୍ରାନନା, ମାରମାର୍ଗଣଧାଟୀରେ, ବନ୍ଧୁଆ ସରଳଟି, ତୋ କାନ୍ତି ପରିପାଟୀ, ଚୋପିବାର ଲତାଟି, ମୂଲ୍ୟ ନ ପକା କାଟି । ୩ । ଦୋଷ ଦେଖି ତୁ ଦଣ୍ଡ ରେ, ଚନ୍ଦ୍ରାନନା, ମଣ୍ଡନା କର ଗଣ୍ଡରେ, ବାହୁପାଶେ ନିତାନ୍ତେ, ବାନ୍ଧିବା ବସନାନ୍ତେ, ଓଷ୍ଠ ଚିଦାର ଦନ୍ତେ, ଭୂଷ କରଜ-କୁନ୍ତେ । ୪ । ଆରମ୍ଭିଲେ ତୁ ରୁଷା ରେ, ଚନ୍ଦ୍ରାନନା, ଭରସା କେ ମୋ ରସାରେ, ତେଜିଲେ ତୁ ମୋ କୋଳ, କେତେ ମୋ ଧୃତ ବଳ, ସହେ କି କରବାଳ, କେଳି-କମଳ ଦଳ । ୫ । ଶ୍ୟାମ ଚିନୟଭାଷାରେ, ଚନ୍ଦ୍ରାନନା, ମନ୍ଦ ମଧୁରହସା ରେ, ଭାଷିଲେ ପ୍ରିୟବାଣୀ, ରସେ ସେ ସୁଲକ୍ଷଣୀ, ରସିଲେ ମନ ଜାଣି, ଶ୍ରୀ ଗ୍ଲେଠରାୟ ଭଣି । ୬ ।

( ୨୮ )

ରାଗ—ସୁରଠ, ତାଳ—ଝୁଲା

ମହାମଣ୍ଡନା ତୁ ନ ମାର ମାରରେ । ପଦ ।

ଘେନ ତୋ ଅବଧାନେ, ରସିଲି ମୁଁ କି ଅନେ, ତୁ ଥାଉଁ ଥାଉଁ ଏ ସଂସାରସାର ରେ । ୧ । ବରଜ ମଣିପୁଞ୍ଜ, ଅବଜବାକୁ ଗୁଞ୍ଜ, ଶିରୀଷ-ଅଙ୍ଗି, ଅଙ୍ଗୀକାର କାର ରେ । ୨ । କିସ ମାନସେ ଭାଳି, କରଜ କଳୀ ଗୃଲ ଭରତ କଲୁଣି ଅଗାର ଗାରରେ । ୩ । କେଳ ଚଞ୍ଚଳତର ନେତ୍ର ଖଞ୍ଜନ ନୀର, ବହେ କାହିଁକି ଅହା ଧାର ଧାର ରେ । ୪ । ଅରେ ରତିପ୍ରତିମା, ଅଚର ଏବେ କ୍ଷମା, ବହିବ ତୋ ହୁକୁମ ଭାର ଭାର ରେ ॥

---

୨୭ । ଟୀକା—ରମଣୀଗଣରାଣ—ନାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ, ରଦବାସ-ମନ୍ଦାରଦଳେ—ଓଷ୍ଠରୂପ ମନ୍ଦାରଫୁଲରେ, ହାସକୁନ୍ଦକୁ—ହାସ-ରୂପ କୁନ୍ଦଫୁଲକୁ, କୁନ୍ଦନାଙ୍ଗି—ସ୍ୱର୍ଣ୍ଣାଙ୍ଗି, ମାଣବକ—ଶିଶୁ, ରାଣ—ରାଜା, ପରଗୃର—ଗୃକର, ମାରମାର୍ଗଣଧାଟୀ—କନ୍ଦର୍ପଶରସମୂହ, ରସା—ପୃଥିବୀ, କେଳି-କମଳ-ଦଳ—ପ୍ରୀତିପଦ୍ମପାଖୁଡ଼ା, କରବାଳ—ଖଣ୍ଡା ।

୨୮ । ଟୀକା—ଗୁଞ୍ଜି—କାଇଞ୍ଚ, କାର—କାହାର ? କରଜ—ନଖ, ଅଗାର—ଗୃହ, ଅରପାର—ଅସ୍ତବ୍ୟସ୍ତ, ସପତ—ରାଣ, ଶପଥ ।

ମୋ ଧନ ତୁଅ ରାଜ, ମଦନବାଣ ବାଜ, ହେଲଣି ମୋ ହୃଦୟ ଅର-ପାର ରେ । ୬ । ମୋ ସପତଟି ମଥା, ଟେକି ଭୂପ ତୁ କଥା, କହେ ଶ୍ରୀ ଜଗଦ୍ଦେବ ବାରବାର ରେ । ୭ ।

( ୨୯ )

ରାଗ—ତୋଡ଼ିପରଜ

ରେ ମୋ ବନ୍ଧୁ, ଶିଶୁବଣାମୃଗଦୃଶା ।

ଦିଶୁଥାଉ କୃପାମୟ, ପୁଣି ଯାହା ତୁଷ୍ଟ ସେ କେମନ୍ତ ରୁଷା । ଘୋଷା ।

ରସୁଥାଉ ଥାଉ କୋଳୁ ମୋର ପୁଣି ଖସି ମଣ୍ଡୁ ବସୁମତୀ; ବସୁ ମୁଖଚନ୍ଦ୍ର ନୁଆଇଁ ଯାହାଟି କମ୍ପୁଥାଉ କି ମୋ ଧୃତି । ୧ । ହସୁଥାଉ କୋଳେ ଖେଳି ଯେତେବେଳେ ବସୁ କୋଟି ଦେଉ ଗଣି; ନ ଶୁଣୁ ଗୃହୁଁ ଶତକୁ କାହିଁକି ମୋ ଅସୁ ଘେନିବାକୁ ପୁଣି । ୨ । ଠେସୁଥାଉ ଉରେ ଉରୋଜକୁ ସମୁଲ୍ଲାସୁଥାଉ ସ୍ମିତେ ଗଣ୍ଡ; କି ଶୁଣି କାଟି ଦେଉ ସେ ସୁଖସ୍ୱର୍ଗ ନିଶୁଣୀଟି ଏ କି ଦଣ୍ଡ । ୩ । ମିଶୁଥାଉ ସ୍ନେହେ ନିମନ୍ତି ମୋ ଦେହେ କି ସୁଖେ ପୁଣି କି କୋପୁଁ; ତ୍ରିଶୂଳମଣ୍ଡିତକରପରପନ୍ଥୀ-ଇଷୁ ମୁଗେ ସମରପୁ । ୪ । ପଶୁପ-ମହେନ୍ଦ୍ର ନନ୍ଦନ ଭାରତୀ ରସୁଁ ରାଧା ସଙ୍କୋଚଲେ; ବସୁଦୁର୍ଗ ସ୍ୱର୍ଗପୁରନ୍ଦର ଭାବବଶୁଁ ଏ ଗୀତ ରଚିଲେ । ୫ ।

( ୩୦ )

ରାଗ—କେଦାର, ତାଳ—ଆଡ଼ତାଳି

ସବ ଗଲ ଯେ ଲଜେ,

ରହି ନ ପାରେ ସଖୀସମାଜେ । ଘୋଷା ।

ନଗତଳକଉରୋଜାଏ ଅଛନ୍ତି ଅଗଣିତେ ଅନୁସର ହେ । ଜଗତୀ-ଲଲାମ ରମ୍ଭୋରୁ ନାମ ଯୋଗ୍ୟ କି ଏକା କିଶୋରୀ ହେ । ୧ । ଘେନାଇ କହିଲେ ହେଲେ ନେହାଅଁଲେ ଅନାଇ ତ ସେ ନ ଜାଣେ ହେ । ତାକୁ ନଟ-ଖଞ୍ଜରୀଟ-ନେତ୍ରା ବୋଲି ଡାକୁଥାଅ ତୁମ୍ଭେ କେଣେ ହେ । ୨ । ତୁମ୍ଭ ଉରେ ସ୍ତନକୁମ୍ଭ ନତ-ତନୁଲତା ଯେ ମଣ୍ଡାଏ ନାହିଁ ହେ । ବହି-ଯିବ ବୋଲି ଶୋଭା ପୀୟୂଷ କି ରହିଥାଅ ଏକା ରୁହିଁ ହେ । ୩ । ତାରୁଣ୍ୟ ଗରବେ ବାଳା ସେ ତ କେବେ ରୂଳିଙ୍କି ନ କରେଂ ରୂରୁ ହେ । ସଡ଼ୁଅଛୁ

---

୨୯ । ଟୀକା—ବସୁକୋଟି—ଅସଂଖ୍ୟ ରତ୍ନ; ତ୍ରିଶୂଳମଣ୍ଡିତକରପରପନ୍ଥୀ—ମହାଦେବଙ୍କ ଶତ୍ରୁ ଅର୍ଥାତ୍ କନ୍ଦର୍ପ; ଇଷୁ—ବାଣ; ପଶୁପ-ମହେନ୍ଦ୍ର—ଗଉଡ଼ଙ୍କ ରାଜା ଅର୍ଥାତ୍ ନନ୍ଦ ।

କେଳ ଲଳସୀ ମଗ୍ନଳୀଗତ ବୋଲି ଡାକ୍ତବାରୁ ହେ । ୪ । ଅଧର ମାଧୁରୀ-ଅଭିମାନେ ପୂର୍ବ କେତେ ନାଗରୀ ନାହାନ୍ତି ହେ । ତା ଦଶନ ଅଙ୍କ ଥିବା ପାନରଙ୍କ ପର ମାଗିବାର ନାହିଁ ହେ । ୫ । ପ୍ରେମାଦରେ ଅବା ପ୍ରମାଦରେ ବାଣୀ ଶୁଣିବା ଶର୍ତ୍ତ କାହିଁକି ହେ । ସରସଶ୍ଳେଷମଦକଳକୋକିଳବଚନା ବୋଲି ନାହିଁକି ହେ । ୬ । ଜଗଦ୍ଦେବ ବନ୍ଧ ଜଣାଇଲେ ଇନ୍ଦୀବର ଶ୍ୟାମ ବଂଶୀପାଣି ହେ । ତୁମ୍ଭେ ସେ ତରୁଣୀ ଗୃଳିବା ସରଣୀପରିଗେ ଗଢ଼ିବା ଜାଣି ହେ । ୭ ।

( ୩୧ )

ରାଗ—ବେଗଡ଼ା

ଏହି ସେହି କି ମୋ ସହି ସତ କହନ୍ତି । ପଦ ।

କହିବାକୁ ଜିହ୍ଵାଞ୍ଚଳ କରୁ କରୁ ତୁ ଚଞ୍ଚଳ, ସ୍ମରସର୍ପ କଳନ ରସନା ଲହଲହନ୍ତି । ୧ । ଅନନ୍ତୁତୁଲ ଏ ଦ୍ୟୁତ, ଅନାଇ ସେ କେଉଁ ସତୀ, ଠକିରବ ନଜକର କରିବାରେ ନ ହନ୍ତି । ୨ । ଏହା କର କି ଗୋ ଯଶଃ,-କୁସୁମମାନଙ୍କ ବାସ, ବାସବନବାସ ଯାଏ ଯାଉଥାଏ ଚହନ୍ତି । ୩ । ଏଠାରେ ନିଷ୍ଠେ ସଞ୍ଚିତ ହୋଇଛୁ ରେ ପ୍ରାଣମିତ, ଅଳିକଳିନ ସେ ଅବଗ୍ରହ ରବଗ୍ରହନ୍ତି । ୪ । କବରବ ରାମ୍ଭୁଗୁରୁ, କହୁଥାନ୍ତି ରେ ରମ୍ଭୋରୁ, ଏହାଙ୍କ ଭଜନ୍ତୁ ଆନ ନାହିଁ ସୁଖାବହନ୍ତି । ୫ ।

( ୩୨ )

ରାଗ—କାମୋଦୀ, ତାଳ—ଝୁମ୍ପା

ସଞ୍ଚାରିଣୀ ପାଞ୍ଚାଳିକା କାଞ୍ଚନମୟୀ ରେ ପ୍ରଲମ୍ବ କୁଞ୍ଚିତକେଶା,
ଯୋଗି-ସମାଧିଖଣ୍ଡନବଧିଚତୁରଗୃହବେଶା;
ପଦପଙ୍କଜନ୍ୟାସପଲ୍ଲବୀକୃତ ଧରଣୀଦେଶା,
କେ ତୁ ମୋହନ,-ହେତୁ ମନର, ସେତୁ ବଳାସମିଷବନର
ନରଲୋକରେ କୃତବାଗୀଶଶିଳ୍ପବିଶେଷ ଶେଷା । ଘୋଷା ।

---

୩୦ । ଟୀକା— ନଗତଳକଜରଜାଏ—ବଡ଼ ପର୍ବତ ପରି କୁଚ ଯେଉଁ-ମାନଙ୍କର, ଲଲାମ—ଭୂଷଣ, ଗୃରୁ—ସୁନ୍ଦର, ତାରୁଣ୍ୟ—ଯୌବନ, ଦଶନ-ଅଙ୍କ—ଦନ୍ତଚିହ୍ନ, ସରଣୀପରିଗେ—ବାଟଧୂଳିରେ ।

୩୧ । ଟୀକା—ଅନନୁତୁଳ—ଅତୁଳନୀୟ, ବାସବନବାସ—ଅମରାବତୀ ।

ପଦରୁ ଊଣା ପଦ ତ ଜଣା ପଡୁଛି କେହ୍ନେ ଏଡ଼େ ପ୍ରବୀଣା ହେଲୁ ରେ, ଛଣାପର୍ଣ୍ଣି ଯୂଷଜଣା ବାଣୀ, ସୁଧାଗରଳମିଶା ତରଳ ବିଲକ୍ଷଣ ଗୃହାଣୀ, ଜଗତୀଯୋଷାରତନଖୋସାଭୂଷା ଶ୍ରୀଅଙ୍ଗଠାଣି; ଜନନୟନ-ନୀଳେନ୍ଦୀବର-ଚନ୍ଦ୍ରିକା-ପରମ୍ପରା କି ବରବରନା ତୁହି ନିଷ୍ଠୟ ତୋର ବୁଦ୍ଧି ନ ପାରେ ଜାଣି ରେ । ୧ । ବାଗୀଶଙ୍କୁ ଖର୍ବ ସୁପର୍ବପର୍ବସୁଧାଂଶୁମୁଖୀଗଣଙ୍କ ଗର୍ବ ସର୍ବଂସହାରେ କେ ରହିବ ମାନି, ଲଜର ବାସଗୃହ ତୁ ରସରାଜର ରାଜଧାନୀ, ଗଞ୍ଜିତବର୍ଣ୍ଣ ମାତଙ୍ଗ ବନ୍ୟହାତୀରୁ ବଳିଲୁନି, ଧନ ଯାହାର ମୁକୁତାହାର ହେବୁ ତୁ ଶ୍ରୀସ୍ତମ୍ଭକୁ ତାହାର ସୁକୃତ ତୁଲେ ମୋର କୁହାର ହେଉ ମହତ୍ତ୍ୱ ହାନି । ୨ । ଉଦ୍ଦଣ୍ଡରତ ପାଣ୍ଡିତ୍ୟବତୀ ବୋଲାଇ ଠେକାଇବୁ କି ଛତ ଏବେ ତ ଯତମୋହନା କ୍ଷିତିମଣ୍ଡ, ଖଣ୍ଡିବୁ ଚଣ୍ଡ ଫୁଲ କୋଦଣ୍ଡ ବୀରଦୋର୍ଦ୍ଦଣ୍ଡ କଣ୍ଡ, ତୁମ୍ଭେ ଯେ ଜୁର ନେବ ମକସା ତୋର ସୁନ୍ଦର ଗଣ୍ଡ, ସେ ବଡ଼ ଗିରୀଶରୁ ଅମରନାଥରୁ ପାଶକରୁ କୁବେର ଠାରୁ ନଳିନନନ୍ଦନୁ ମୀନସ୍ୟନ୍ଦନୁ ମାରତଣ୍ଡୁ । ୩ । କହନ୍ତି ଅଷ୍ଟ-ଦୁର୍ଗସାମନ୍ତ ଶ୍ରୀକୃଷ୍ଣଚନ୍ଦ୍ର ମୁଖୁଁ ଏମନ୍ତ ସରସବାଣୀ ଶ୍ରୀ ଠାକୁରାଣୀ ଶୁଣି ଲଭିଲେ ଲଜ, ସ୍ଫୁରିଲା କୁନ୍ଦ ମଧୁନିଃସ୍ୟନ୍ଦ ମନ୍ଦ ହସିତ ବ୍ୟାଜ, ଗୃଳି ଚରଣ କଲେ ଶରଣ ଅଳିଜନ ସମାଜ, ମିଳନ୍ତେ ଦିନେ ଏକାନ୍ତ-ସୀମା ଏପରି ପରିଣତ ଚନ୍ଦ୍ରମା-ବଦନା ଶ୍ୟାମ ଦୁହିଙ୍କ ପ୍ରେମ ହେଲା ନିବିଡ଼େ ନ୍ୟାଜ । ୪ ।

( ୩୩ )

ରାଗ—ଢୋଡ଼ପରଜ, ତାଳ—ରୂପକ

ରେ ସଙ୍ଗାତ, ତୋ ବୋଲେ ବସନ୍ତ ମାନେ,

ଶିଖଣ୍ଡଶେଖର ସ୍ନେହୁଁ ଅଶା ମୋର ତୁଟାଇ ପାରନ୍ତୁ ଧାନେ । ପଦ ।

---

୩୨ । ଟୀକା—ସଞ୍ଚାରିଣୀ ପାଞ୍ଚାଳିକା କାଞ୍ଚନମୟୀ—ଗମନ କରୁଥିବା ସୁବର୍ଣ୍ଣ ପ୍ରତିମା, ସେତୁ ନୀଳାସମିଷବନର—ନୀଳାସରୂପ ଜଳପାର ହେବାର ସେତୁ ଅର୍ଥାତ୍ ପୋଲ, ବାଗୀଶ—ବ୍ରହ୍ମା, ସୁପର୍ବ—ଦେବତା, ପର୍ବସୁଧାଂଶୁ—ପୂର୍ଣ୍ଣଚନ୍ଦ୍ର, ସର୍ବଂସହା—ପୃଥ୍ୱୀ, ରସରାଜ—ରସିକଶ୍ରେଷ୍ଠ ( କନ୍ଦର୍ପ ), ମାତଙ୍ଗ ବନ୍ୟହାତୀ—ମତ୍ତ ବନ୍ୟ ହସ୍ତୀ, ଧନ—ସମ୍ବୋଧନ ପଦ, ଫୁଲକୋଦଣ୍ଡ—କନ୍ଦର୍ପ, ଦୋର୍ଦ୍ଦଣ୍ଡ—ବାହୁବଳ, ଜୁର ନେବ—ଜୁର କର ନେବ, ମକସା—ମକସା ଚନ୍ଦ, ସେ ଗିରୀଶରୁ ( ଶିବଙ୍କଠାରୁ ); ଅମରନାଥରୁ ( ଇନ୍ଦ୍ରଙ୍କଠାରୁ ), ପାଶକରୁ—(ବରୁଣଙ୍କଠାରୁ), କୁବେରଙ୍କଠାରୁ, ନଳିନନନ୍ଦନୁ (ବ୍ରହ୍ମାଙ୍କଠାରୁ), ମୀନସ୍ୟନ୍ଦନୁ (କନ୍ଦର୍ପଠାରୁ) ଓ ମାର୍ତ୍ତଣ୍ଡୁ (ସୂର୍ଯ୍ୟଙ୍କଠାରୁ) ବଡ଼ । ନ୍ୟାଜ—ବିବେଚନା ।

ଖଳଜନବାଣୀ ସତ୍ୟ ପର ମଣି ନ ଗୃହିଁଲେ ହେଲେ ମୋତେ, ଯେନ ଗୁରୁଭର ମୁଖ-କଳାକର ମୁଁ ନ ଗ୍ରହିବ କେମନ୍ତେ । ୧ । ଜାଣିଅଛୁ ଧ୍ରୁବ ମୋଠାରେ ପୂରୁବ ପର ନାହିଁ ହର ସ୍ନେହ, ହେଲେ ହେଲେ ଯେବେ ମୁରଲୀରବେ ପୁଲକନ୍ତା ନାହିଁ ଦେହ । ୨ । ଚନ୍ଦ୍ରକ ଲଲାମେ ଦେଖଇ ମୁଁ ପଛେ ଅନ୍ୟ ପଦ ଲକ୍ଷା ରାଗ, ଇନ୍ଦ୍ରନୀଳମଣିମୟ ନ ଦିଶନ୍ତା ଯେବେ ମୋତେ ପ୍ରତିଦରାଗ । ୩ । ଆହାର ବିହାର ନିଦ୍ରା ବେଶ ବିଷ ହେଉ ତାକୁ ମୁଁ ନ ଗଣେ, ତା ଦରଶନେ ଅନାଦର ବିହିଲେ ଅରୁଣ କୁହନ୍ତା ପ୍ରାଣେ । ୪ । କାମୋଦମ୍ବୁ ଘନେ ଅମୋଦ ବର୍ଦ୍ଧନେ ତା ମୋହନ ମୃଦୁ ହାସ, ବଶ ନ କରାଇ ଯେବେ ଠକରାଇ ଦିଅନ୍ତା ଧଇର୍ଯ୍ୟ ଲେଶ । ୫ । କେ କହୁଛୁ ତୋତେ ହୋଇଛୁ ନିକୁଞ୍ଜ ନିଳୟ ଦୁଆର ମନା, କେ କହେଛୁ ବେଣୁପାଣି ପ୍ରାଣ ଏଣୁ ନଷ୍ଟ ଜାଣିଲେ ସିନା । ୬ । ଅଷ୍ଟଦୁର୍ଗଧରାନାଥ କହନ୍ତ ସେ ଚତୁରମାନଙ୍କ ରଜା, ସରଣୀ ତାର କଲଲେ ସିନା ହେବ ଧରଣୀନ୍ୟସ୍ତ କରଜା । ୭ ।

( ୩୪ )

ରାଗ—ତୋଡ଼ି ପରଜ

ମୋ ବନ୍ଧୁଟି ବାଇ ହୋଇଯାଏ ସିନା,
ପାଇଯାଏ ଯେବେ ମୋର ଅଚରଣ ପ୍ରଶଂସା ଫୁଲବାସନା । ଘୋଷା ।

ନ ରୁଚଇ ପର ବ୍ୟାଜେ କରେ ମୁଖ ସୁରୁଚିର ଶରଦନ୍ଦୁ, ଚୁମ୍ବିଲେ ଶ୍ରବଣସୀମାକୁ ମୋ ଗୁଣ ପୀୟୂଷରୁ ଏକ ବିନ୍ଦୁ । ୧ । ବଳୟାବଳି ଅଙ୍ଗଦ ମଣିଚୂଡ଼ ଶଙ୍ଖ ଚୁଡ଼ ରହେ ଦେହେ, ଏପରି ସେ ପରିଣତ ବିମ୍ବାଧରା ସଖୀଙ୍କ ଭିଡ଼ଇ ସ୍ନେହେ । ୨ । ଜାଣି ବାରି ବାର ବାରଣେନ୍ଦ୍ର-କର ଗରବ ଦଳିବା ଊରୁ, ମୃଦୁ ଇଷି ଇଷି ଉଠାରେ ପ୍ରେୟସୀ ଚରୁଣି ସୁଗୁଣଗୁରୁ । ୩ । ମୋହର ପ୍ରବେଶ ପ୍ରତୀତିରୁ ବେଶ-ରସିକା ପଟେ-

---

୩୩ । ଟୀକା— ଧାନେ—ଅଳ୍ପପରିମାଣରେ, ମୁଖ-କଳାକର—ମୁଖଚନ୍ଦ୍ର, ଧ୍ରୁବ—ନିଶ୍ଚିତ, ମୁରଲୀରବେ—ବଂଶୀଧ୍ୱନିରେ, ଚନ୍ଦ୍ରକଲଲାମେ—ମୟୂରପୁଚ୍ଛ ଭୂଷଣରେ ।

୩୪ । ଟୀକା—ଅଚରଣପ୍ରଶଂସାଫୁଲବାସନା—ବ୍ୟବହାର ଓ ପ୍ରଶଂସାରୂପ ଫୁଲ ବାସନା, ବ୍ୟାଜେ—ଛଳରେ, ମୁଖ-ସୁରୁଚିର-ଶରଦନ୍ଦୁ—ମୁଖରୂପ ସୁନ୍ଦର

ଚମକ, ସେ ସମୟେ ରାକା ପ୍ରଦୋଷ ଜଳଧି ହେବ ତା ହୃଦସମ କି । ୪ । ଚିବୁକେ ଚନ୍ଦନ ଶ୍ରବଣେ ଅଞ୍ଜନ କଣ୍ଠେ କରେ ଲକ୍ଷା ବୋଲ, ବ୍ୟସ୍ତ କର କମ ଭାସଇ ବିଭ୍ରମ,-ସିନ୍ଧୁ କଲ୍ଲୋଳେ କେବଳ । ୫ । ବୋଲେ ଅଷ୍ଟଦୁର୍ଗ-ଧରୀ ଦମ୍ଭ ସ୍ୱର୍ଗପୁର ପୁରନ୍ଦର ଗୀତେ, କିଶୋରୀଙ୍କ ପ୍ରେମ ଘେନି ଘନଶ୍ୟାମ ପ୍ରମୁଦିତ ହେଲେ ଚିତ୍ତେ । ୬ ।

( ୩୫ )

ରାଗ—ବଳାହୋର, ତାଳ—ଏକତାଳି

ଖଞ୍ଜରୀଟନୟନା ଅଳପ ଚାହାଁ ରେ । ପଦ ।

ଅଞ୍ଜନରୁଚି ମଦଗଞ୍ଜନକେଶୀ, କଞ୍ଜସୁନ୍ଦର ମୁଖ ରଞ୍ଜନବେଶୀ, ସଞ୍ଜ କୁମୁଦସମହାସବିଳାସୀ, ତୁ ପିନା ସାହା ରେ । ୧ । ଦନ୍ତ ବସନ ରୁଚି ସନ୍ତତ ରଖି, ସନ୍ତତ ତବ ତନୁ କାନ୍ତିରେ ଲଖି, କାହିଁ ଭରସି ରସି ନାହିଁ ମୋ ଅଖି, ତୋହର ବାହାରେ । ୨ । ବାରଣବରଗମନା ରସ-କାରୀ, ପରଶିତ ରଣରଣ ଧରଣୀବିହାରୀ, ରଚ ବଚନାମୃତ ନିର୍ଗତ ଧାରୀ ମିଶ ହୃଦ ହାରେ । ୩ । ଚଣ୍ଡ ମଦନ କର ଦାରୁଣ ବାଣେ, ଦଣ୍ଡିକୁ ସମୁଚିତ ନୁହଇ ମୁଁ ଟାଣେ, ମଣ୍ଡ ଗଳକୁ କହେଁ ଅଗଣିତ ରାଣେ, ମୃଦୁଳ-ବାହା ରେ । ୪ । ମଗ୍ନ ମୁଁ ତୋର ରସନିର୍ଝରକୂପେ, ତନୁ ରୁଚି ନିର୍ଧୂତ ହାଟକରୂପେ, ସକରୁଣ ହୁଅ ହରଚନ୍ଦନ ଲୂପେ, ମୋ ସୁଖ ରାହା ରେ । ୫ ।

( ୩୬ )

ଅରେ ପ୍ରାଣସଙ୍ଗି,

ମନମୋହନ ମନ୍ତ୍ର ତୋର ଭଙ୍ଗୀ । ପଦ ।

କୃପାରେ ମାନସ ରଖାଇଲୁ, ଭୁଜେ ଭୁଜବନ୍ଧା ଶିଖାଇଲୁ, ଅଳପ ଅଳପ ବଙ୍କାଇଣ ବିମ୍ବଅଧରରୁ ମଧୁ ଚଖାଇଲୁ । ୧ । ବ୍ରହ୍ମଜ୍ଞାନୀ ଯୋଗୀ

---

ଶରଚ୍ଚନ୍ଦ୍ର । ପରିଣତବିମ୍ବାଧରା—ପାଚିଲା କଇଁଣିକାକୁଢ଼ି ପରି ଅଧର ଯାହାର, ବାରବାର—ଥରକୁ ଥର, ବାରଣେନ୍ଦ୍ରକରଗରବଦଳକା ଊରୁ—ହାତୀ ଶୁଣ୍ଢଠାରୁ ମନୋହର ଜଙ୍ଘ । ରାକାପ୍ରଦୋଷ ଜଳଧି—ପୂର୍ଣ୍ଣିମା ସନ୍ଧ୍ୟାର ସମୁଦ୍ର ।

୩୫ । ଟୀକା—ଖଞ୍ଜରୀଟ—କଜଳପାତି, ଦନ୍ତବସନରୁଚି—ଅଧର ମାଧୁରୀ, ରଣରଣ—କନ୍ଦର୍ପ, ହାଟକ—ସୁନା, ସଞ୍ଜକୁମୁଦ—ସନ୍ଧ୍ୟା ସମୟରେ ଫୁଟିଥିବା କଇଁଫୁଲ, କଞ୍ଜସୁନ୍ଦର—ପଦ୍ମପରି ମନୋହର ।

ଯୋଗଭୁଲ, ତିଳସୁମନସ ନାସାଙ୍କୁଲ, ପଦ ପଦ୍ମକରେ ଯାଚ ଦେଉଥାଏ ଶଙ୍କପଦ୍ମ ମଣିନଥିଙ୍କୁଲ । ୨ । ସନ୍ତାପ-ସଙ୍ଗତ ଶୁଖାଇଲ, କରେ ପୟୋଧର ରଖାଇଲ, ହେମ ପଣାସାର ପଲ୍ଲବପାଲିରେ, ପଗ୍ଭଇବା ଗ୍ଭତ ଶିଖାଇଲ ॥ ଅଷ୍ଟଦୁର୍ଗପତ ଭୁପେ ଭେଟିଲେ, ଚକ୍ରବର୍ତ୍ତୀ କଲ ଯୁବାକୁଳେ, ଦାମୀ ହୋଇ ଅଳ୍ପ ମାମୀ ହେଲ କାନ୍ତାପଣନ୍ତେ ପବନ ଚୋଟଭଟେଲେ । ୪ ।

( ୩୭ )

ଗ୍ଭଗ—ମୁଖାରି

ସେ କି ସାଗ୍ଭସାର ଜାଣେ,
ପ୍ରୀତି ଗ୍ଭତି ନ ପାଳେ ଯେ ଅଣୁ ପରମାଣେ । ପଦ ।

ଗ୍ଭଜମାର୍ଗ ଛାଡ଼ି ଉଠେ ଅବାଟ ଉଠାଣେ, ଦ୍ୱିଜସଙ୍ଗ ବର୍ଜି ଯେ ମିଶଇ ପଠାଣେ । ୧ । ଶୁକସାଗ୍ଭ ମାରି ପଳ ଯେ ଧଏ ସଞାଣେ, ଯେ କୁନ୍ଦନେ ଖଞ୍ଜେ ମଣି ନ ବସାଇ ଶାଣେ । ୨ । ଫଳ ବିନା ଅତି ଲୋଭୀ ରହି ଛାର ପ୍ରାଣେ, ଜଳଧିରେ ଯେ ନ ପଡ଼େ ପ୍ରିୟଜନ ଗ୍ଭଣେ । ୩ । ତାହାକୁ କି କଳାବତୀ ନଜରକୁ ଅଣେ, ବନ୍ଧା ହୋଇ ନାହିଁ ଥରେ ଯେ କୁସୁମବାଣେ । ୪ । କନକ ବନ୍ଧବ ବୋଲି ଗ୍ଭତି କି ରସାଣେ, ସତ୍ୟବୁଦ୍ଧି କରୁଥାଏ ଯେ ଶଶ-ବିଷାଣେ । ୫ । ଯେ ବାମା ଅଧର ମଧୁ ବସନରେ ଛାଣେ, ମୃଦୁଳ ମାଳତୀମାଳା ଗ୍ରୀବାମୂଳେ ହାଣେ । ୬ । ଯେ ଲେଖି ସୁଚିତ୍ରପଟ ସମରପେ କାଣେ, ମାଗିବା ଲୋକର କରେ ନ ଦଅଇ ମାଣେ । ୭ । କନକ କୁଡ଼ୁଆ ଥାଉ ଯେ ପିଏ ପିହାଣେ, ଜାଇ ଥାଉଁ ଗିରିମଲ୍ଲୀ ଯେ ଲଗାଏ ଘ୍ରାଣେ । ୮ । କର୍ଣ୍ଣ ଯେ ସମର୍ପି ନାହିଁ ଭ୍ରମରେ ପୁଗ୍ଭଣେ, ହରିଙ୍କି ଯେ କରି ନାହିଁ ସ୍ଥୂଳ ପରିମାଣେ । ୯ । କହେ ଜଗଦ୍ଦେବ ଶିକ୍ଷା ହେଲେ ହେଲେ ଠାଣେ, କେ କାହା ସ୍ୱଭାବ ଛାଡ଼େ ପରାଣ ପ୍ରୟାଣେ । ୧୦ ।

( ୩୮ )

ଗ୍ଭଗ—ତୋଡ଼ିପରଜ, ଏକତାଲି

ରେ ନୀରଦ ଗରଜ ମରୁଛୁ କେତେ,
ଅରଜ ନାହୁଁ ତ ମୋ ବକୁଳଲତ ଭାବ ବିଭରୁଁ କହୁଁତେ । ଘୋଷା ।

୩୭ । ଟୀକା—ପଳ—ମାଂସ, କୁନ୍ଦନ—ସ୍ୱର୍ଣ୍ଣ, ଗ୍ଭତି—ପିତ୍ତଳ, କନକ—ସୁନା, କାଣେ—ଅନ୍ଧକୁ, ଶଶବିଷାଣ—ଠେକୁଆ ଶୃଙ୍ଗ ( ଅସମ୍ଭବ ବସ୍ତୁ ) ।

୩୮ । ଟୀକା—ନୀରଦ—ମେଘ, ପୟୋଧର—କୁଚ, ଧରାଧର—ପର୍ବତ, ଇନ୍ଦ୍ରକୋଦଣ୍ଡ—ଇନ୍ଦ୍ରଧନୁ, କ୍ଷଣପ୍ରଭା—ବିଜୁଳି, ନୀଳଚେଲାଞ୍ଚଳ—ନେଳିଆ

ଦେଖୁଛୁ ତ ମୋର ବାଳା ପୟୋଧର ଉପରେ ମୁକୁତାହାର, କେଉଁ ଭୁଲିବଳେ ଧରାଧରଚୂଳେ ଲମ୍ବାଉ ସଲଲଧାର । ୧ । ତ୍ରିଭୁବନେ ସରି ଅଛି କି କଣୋଗ୍ରି ଭୂରୁ ଖେଳିବା ଦଣ୍ଡକୁ, ଫୁଲୁଅଛୁ କେତେ ଦେଖାଇ ନାରତେ ଇନ୍ଦ୍ରକୋଦଣ୍ଡ ଖଣ୍ଡକୁ । ୨ । କ୍ଷଣପ୍ରଭା କେଲି ସ୍ଥିରକୁ ସଙ୍ଗାଳି କରି ଫୁଲୁଅଛୁ ଯାହା, ନୀଳଚେଲାଞ୍ଚଳ ବାଳା ଅପଘନ ଛବିକି ଅଳପ ଚୂହାଁ । ୩ । କରଅଛୁ କେଡ଼େ ଭରସା ନିବିଡ଼ କରକାବଳି ବରଷା, ଦେଖୁଛୁ ତ କୁନ୍ଦଦରହାସୀ ମନ୍ଦ ସୁନ୍ଦର ମଧୁର ହସା । ୪ । ଅସିତ ଗୁଣରେ ମିଶିତ ମୋ ତୁଲ୍ୟ କେହି ନୋହେ କି ବିଚୁରୁ, ମୋ ଧନ କୁନ୍ତଳପାଶ ଇନ୍ଦ୍ରନୀଳମୟୁ ଖ୍ରମରରୁ ଚୂରୁ । ୫ । ମୁଁ ବଡ଼ ଶୀତଳ ବୋଲି ଏବେ ସ୍ଥୂଳ ଗରବ ଅଣିଛୁ କହୁଁ ; ବୋଲେ ବାଲୁକେଶ ଶରଣନରେଶ ବନ୍ଧୁଗୁଣ ଶୁଣି ନାହୁଁ । ୬ ।

( ୩୯ )

ରାଗ—ଝିଁଝୋଟ, ତାଳ—ଆଠତାଳି

ବାରିଜାକ୍ଷି ମନରୁ ମାନ ବାରି ଦେ ରେ,
ଦେଖ କାଳ ହେଲେ କଳା ବାଉଦେ ରେ । ପଦ ।

ଦାସ ନାଶରେ ମାନସ, ବଳୁଛୁ ଯେବେ ନାରୀଶ, କରଜନାରାଚ ମାରି ଶରି ଦେ ରେ । ୧ । ତୋ ଚରଣ ସେବା ଭଳି, ନୋହିଲି ଯେବେ ରେ ଅଳି, ଗାଳି ଦଅଇ ମହତ ସାରି ଦେ ରେ । ୨ । ଏବେ ବନ୍ଧୁ ଅନାଥରେ, ଦୟା ଥିଲେ ଅନା ଥରେ, କରୁଣା କଟାକ୍ଷ ନେଟେ ଠାରି ଦେ ରେ । ୩ । ମହିଳାମଣି ଜଗତେ, ତୋ ବିନା ସାହା କେ ମୋତେ, ମାରି ମୁଖୁ ବଞ୍ଚାଇବି ଗାରି ଦେ ରେ । ୪ । ଦ୍ୱିଜ କବିରବି ବାଣୀ, ଶୁଣି ସେ ରମଣୀମଣି, ସ୍ନେହେ ଦ୍ରବି ବହିଗଲା ବାଉଦେରେ । ୫ ।

( ୪୦ )

ରାଗ—ତୋଡ଼ି, ଏକତାଳି

ଅନାଦୃତ ସରସମନା ମୋ ଧନ କିସ ମନାସି ପରିଜନେ ରୁଷିଲା ରେ, ନିଶାରମଣଜୟୀ ବିଶାରଦବଦନେ ନବାରୁଣ ସଦୃଶ ଦିଶିଲା ରେ । ଘୋଷା ।

---

ଲମ୍ବାଉ—ଆବୃତ, ଅପଘନ—ଦେହ, କରକାବଳି—କୁଆପଥର, ଅସିତ ଗୁଣ—କୃଷ୍ଣତା, କୁନ୍ତଳପାଶ—କେଶଗୁଚ୍ଛ, ଶରଣନରେଶ—ଆଠଗଡ଼ ରାଜା ।

୩୯ । ଟୀକା—କଳାବାଉଦେ—ନୀଳମେଘସବୁ; କରଜନାରାଚ—ନଖରୂପ ଶସ୍ତ୍ର; ଗାରି ଦେ—ନିଷ୍ଟୟ କରି ଲେଖି ଦେ; ବାଉଦେରେ—ପାଣିପରି ।

ବଳାହକ ଗରବ,-ଦଳାକୁନ୍ତଳେ ନବ, କଳାପ ସୁମୁଖି ନ ଖୋସିଲ୍ଲ ରେ, ଚଳାଗୁଣ ମୋହନ, ଚଳାଚଳ ନୟନ,-ଦଳାନ୍ତରୁ ତ ବଳ ଖସିଲ୍ଲ ରେ ॥ ଘୋଷଯାକ ଭିତରେ, ମୋ ସଙ୍ଗମ ଇତରେ, ଅଛୁ କ୍ଷ ନାହିଁ ତ ନ କଳିଲ୍ଲ ରେ, ଦୋଷ ବିନା ଏପରି ରୋଷ କଲେ କ୍ଷ ପରିଜନ ବଞ୍ଚିବ ଘେନି ସୁଶୀଳା ରେ । ୨ । ଯେଉଁଦିନୁ ମୋତେ ସେ କଜ୍ଜଳ କଳୀ ରସେ ନେତ୍ରାନ୍ତ ବରଚ୍ଛରେ ଭୂଷିଲ୍ଲ ରେ, ପଙ୍କରୁଷ ମୋହର ନଞ୍ଜକର ତାହାର ଚରଣ ମାଜିବାର ସୁଶୀଳା ରେ । ୩ । ଦିବା ସମୟେ ଦିନେ ବିବାସ କଲ୍ ମନେ କ୍ଷବା ସତତ ତାହିଁ ଘୋଷିଲ୍ଲ ରେ, କାହିଁକି ଟି ଧରଣୀ, ରୁହିଁ କଶୋଗ୍ରାମଣି, ଗୁମାନକୁ ମାନସେ ପୋଷିଲ୍ଲ ରେ । ୪ । କହେ ବସୁ ଦୁର୍ଗେଶ ଅହେତୁକ ତା ରୋଷ, ଶହେ ଗୁଣରେ ସମୁଲ୍ଲାସିଲ୍ଲ ରେ, ପ୍ରାଣ ନେବାକୁ ମୋର, ବାଣ ମୀନରଥର ଶାଣରେ ନିରନ୍ତର କଷିଲ୍ଲ ରେ । ୫ ।

( ୪୧ )

ରାଗ—ବେହାରଡ଼ା, ଝୁଲ

ସୁନାଗୋର ତୁ ଏକା ସିନା,

ସୁନାଗରୀ ଶିର ଫୁଲବାସନା । ଘୋଷା ।

ଏ ଜଗତୀ ଭିତରେ କେହ୍ନ, ଗଜଗତ ତୋ ସମ ନାହିଁ, ରାଜାନାରୀମଣ୍ଡଳେ ତୁହି, ସୁନ୍ଦରକୁନ୍ଦରଦନହସନା । ୧ । ପଦନଖ କୋଣକଣକୁ, ରସବତୀ ମଣି ପଣକୁ, ସାଧାରଣେତର ଗୁଣକୁ, ବରନି ପାରିବେ ନାହିଁ ଉଶନା । ୨ । ଗିରିବର ଶିଖରେ ତପ, କରିଥିଲି କେତେ କଳପ, ବାଳାବର ମୋତେ ଅଳପ, ସୁଲଭ ହୋଇଛୁ ତୋ ଉପାସନା । ୩ । ପୟୋଧରେ ହାର ନଗ୍ରଇ, ମୋ ସୁକୃତ ଫଳ ପଗ୍ରଇ, ମାରଶ୍ରଗ ଡର

---

୪୦ । ଟୀକା—ଅନାରତ—ସର୍ବଦା; ପରିଜନ—ଭୃତ୍ୟ; ନିଶାକମଣ-ଜୟବିଶାରଦବଦନ—ଚନ୍ଦ୍ରକୁ ଜୟକରିବାରେ ଯେଉଁ ମୁଖ ନିପୁଣ; ନବାରୁଣ—ବାଲସୂର୍ଯ୍ୟ; ବଳାହକଗର୍ବଦଳା—ମେଘର ଗର୍ବ ଧ୍ୱଂସକାରୀ, ଅର୍ଥାତ୍ ଅଳକଲା; କଳାପ—ମୟୂର ପୁଚ୍ଛ; ଘୋଷ—ଗଉଡ଼ ଗାଁ; କୃଚ୍ଛ—ବର୍ଚ୍ଛା; ମୀନରଥ—କନ୍ଦର୍ପ ।

୪୧ । ଟୀକା—ସୁନାଗୋରୀ—ସୁନା ପରି ଗୌର ଅଙ୍ଗ ଯାହାର; ସୁନାଗରୀ—ଶ୍ରେଷ୍ଠା ସ୍ତ୍ରୀ; ସାଧାରଣେତର—ଅସାଧାରଣ; ଉଶନା—ଶୁକ୍ରାଚାର୍ଯ୍ୟ; ମାରଶୁଗ—କନ୍ଦର୍ପବାଣ; ରସନା—ଚନ୍ଦ୍ରହାର ।

ଘୁଞ୍ଚାଇ, ବଜାଇ ଦେବୁ କି ଥରେ ରସନା । ବାଲୁକେଶ ନୃପତିମଣି, ଭଣେ ଶ୍ୟାମ ଭାରତୀ ଶୁଣି, ଲଜ୍ଜେ ହସି ବରତରୁଣୀ, ହେଲେ ମୁଖ-ବାନାହୃତବସନା । ୫ ।

( ୪୨ )

ରାଗ—ପୂରବୀ

ଗୋ ରସନାଟି, କୃଷ୍ଣନାମ ଛାଡ଼ି ଆନେ ରସ ନା ଟି । ଘୋଷା ।

ଅଟକି ନ ରହି ଅଳସରେ, ରଟ ରଟ ଚଳ ବିଳାସରେ । କୃଷ୍ଣ କେଶବ କେଶି,-କଂସ-ଦଳନ ବଲ୍ଲବୀଜନବଲ୍ଲଭ ହରେ । ୧ । ଉପଳ ଶାକର ରସଫେଣୀ, ମଧୁ ମଧୁରସା ସରପଣୀ, ସୁଧା ତାମରସ-ନେତ୍ରା ରଦବାସ, ଏ ସବୁ ଶ୍ୟାମ ନାମରୁ ଊଣା । ୨ । ମକରନ୍ଦ ପକ୍ୱ ଚୂତ ରସ, ପ୍ରବାହେ ନ ରଖି ତୁ ତରସ, ବିଲକ୍ଷଣ ହରିନାମଙ୍କ ମାଧୁରୀ, ଇତର ସକଳ ଗତରସ । ୩ । ବୃନ୍ଦାବନବ୍ୟୋମ କଳାକର, ବିରାଜଧ୍ୱଜ ହେ ବିଶ୍ୱମ୍ଭର । ଅଜ ବାସୁଦେବ ମୁକୁନ୍ଦ ମାଧବ, ଗୋବିନ୍ଦ ବୋଲି କୀର୍ତ୍ତନ କର । ୪ । ଖଣ୍ଡ ମରିଚ କର୍ପୂର ଚୂର, ଦେଲେହେଁ ସୁରଭୀ-କ୍ଷୀରେ ଭରି, ଶ୍ୟାମ ରମଣୀୟ ମୋହନବିଗ୍ରହ, ନାମର କଳାକୁ ନୋହେ ସରି । ୫ । ବୋଲ ବୋଲ କଂସନିସୂଦନ, ଜୟ ଜୟ ଦେବ ଜନାର୍ଦ୍ଦନ, ଅଷ୍ଟ-ଦୁର୍ଗପତି କହିବା ଭାରତୀ ଇଷ୍ଟ ସୁଧାରସ ପରି ଘେନ । ୬ ।

( ୪୩ )

ରାଗ—କାମୋଦୀ

ଶିଖଣ୍ଡମଣ୍ଡନ କି କହିଲେ ଗୋ, ଅଖଣ୍ଡ ଦଣ୍ଡକୁ ଯେ ସହିଲେ ଗୋ ।
ଏ ଖଣ୍ଡ ଏଥେ ପୂରି ରହିଛୁ ବୋଲି କରି
ଜଣା ନ ଥିଲା ପରି ପହିଲେ ଗୋ । ଘୋଷା ।

ଛାମୁକୁ ନିତି ଯାଇ ତେତେ ଯେ ସମଝାଇ ଶୁଣି ସଂଯତ ଲବେ ନୋହିଲେ ଗୋ, ଜାଣିଦାଣକୁ ସହି ନ କରି ଏବେ କେହି ମହୀଧ୍ରବର-

---

୪୨ । ଟୀକା—ରସନା—ଜିଭ; ବଲ୍ଲବୀ—ଗୋପୀ; ଉପଳ—ଏକପ୍ରକାର ଫଣୀ; ତାମରସନେତ୍ରାରଦବାସ—ପଦ୍ମଲୋଚନା ସ୍ତ୍ରୀର ଅଧର; ତରସ—ପୂର୍ଣ୍ଣଇଚ୍ଛା, ଅଭିଳାଷ; କଳାକର—ଚନ୍ଦ୍ର; ବିରାଜଧ୍ୱଜ—ବିଷ୍ଣୁ; ସୁରଭୀକ୍ଷୀର—କାମଧେନୁର ଦୁଧ ।

୪୩ । ଟୀକା—ଶିଖଣ୍ଡମଣ୍ଡନ—ମୟୂରପୁଚ୍ଛ ଭୂଷଣଧାରୀ ଶ୍ରୀକୃଷ୍ଣ; ସହି ନ କରି—ନ ସହି (ପ୍ରାଚୀନ ପ୍ରୟୋଗ); ମହୀଧ୍ରବର—ବଡ଼ ପର୍ବତ; ସୁଖବଲ୍ଲୀ—ସୁଖରୂପ

ଭର ବହିଲେ ଗୋ । ୧ । ନବୀନ ସୁକୁମାର ସୁଖିବଲ୍ଲୀ କି ସ୍ଥିର ଖେଳ-ଖେଳନାନଳେ ଦହିଲେ ଗୋ, ଏତେ ସବୁ ବିପଦେ ପୁଣି ଘେନାଇ ପଦେ କହିବା ଯାଏ ନିକି ରହିଲେ ଗୋ । ୨ । ବରଜ୍ଞ ଅଖଣ୍ଡଳଧେନୁକୁ ସ୍ଥଗଗଳ ଚମକୁ ଚର ବୋଲି ଦୁହିଁଲେ ଗୋ, ରଣିତୁ-ବୀଣାବାଣୀ ମୋହନ-ବିଦ୍ୟା ଜାଣି କାହାକୁ ସେ କିଶୋର ମୋହିଲେ ଗୋ । ୩ । ଶଙ୍କରଙ୍କର ଜାଇମାଳା ଧୁନୀରୁ ଯାଇ ପଙ୍କିଳପୂରେ ଅବଗାହିଲେ ଗୋ, ସିନ୍ଧୁରେ ଅନାଦର ରଚି ଶ୍ୟାମସୁନ୍ଦର ଅନ୍ଧୁରେ ପଶି ତଶି ବାହିଲେ ଗୋ । ୪ । ନନ୍ଦନନ୍ଦନ ଦେହ ଦେଇ ଯେ ଥିବ ଦାହ ଚନ୍ଦନ ପ୍ରଭଞ୍ଜନ ବହିଲେ ଗୋ, ଏ ରସେ ଅଷ୍ଟଦୁର୍ଗ ଧରିବଳସ୍ୟସ୍ୱର୍ଗ,-ମଣ୍ଡଳ ଆଖଣ୍ଡଳ କହିଲେ ଗୋ । ୫ ।

( ୪୪ )

ରାଗ—ମୁଖାରୀ, ତାଳ—ଆଠତାଳ

କମ୍ବାଧରୀ ରେ, ବିଶ୍ୱମ୍ଭରୀ ଦେବୀ ଚମ୍ପାଟଂଗରୀ ରେ ।

ବନ୍ଧୁ ତୁ ମୋ ସ୍ଥିତ ବିଭୂଷଣ ମୋତିସୋର କି ଦୁଃଖପାସୋରି ରେ । ପଦ ।

ବଳାରାତି ବଇଜୟନ୍ତ ପ୍ରାସାଦ ବିଳାସିନୀମାନେ ତାରି ରେ, ବେଶ-ସୁରସିକା ତୁ ଶରଦରାକା-ରଜନୀ ଚନ୍ଦ୍ରମା ପରି ରେ । ୧ । ବିଲୋକି ଯା ମୋତେ ଉଠି ଲଜସ୍ମିତେ ହେଇ ରମ୍ୟରଦାମ୍ବରୀ ରେ, ବିଶେଷରେ ପୂତ କରୁ କି ରେ ମିତ ମୋ ମାର୍ଗକୁ ସୁଧାଛରି ରେ । ୨ । ବିଧିରେ ଗିରିଜାରମଣଙ୍କ ପୂଜା କର ଚମ୍ପାପରମ୍ପରି ରେ, ବୋଲଏ ମୁଁ ବରବରନାପ୍ରବର ତୋ କରପଇଠ ଧରି ରେ । ୩ । ବୀଣା-ବାଦନ-ପ୍ରବୀଣା ପଣରେ ତୋ ଗଣନା ପ୍ରଥମ ଗିରି ରେ, ବିଶ୍ୱବିମୋହନ ଗୁଣେ ତୁ ମୋ ଧନ ଧୀରଙ୍କ ଲଲାମ ହୀରା ରେ । ୪ । ବୋଲେ ଜଗଦ୍ଦେବ

ଲତା ; ଅଖଣ୍ଡଳଧେନୁ—କାମଧେନୁ; ଶଙ୍କରଙ୍କର ଜାଇମାଳାଧୁନୀ—ମହାଦେବଙ୍କ ମସ୍ତକରେ ଜାଇମାଳ ପରି ହୋଇଥିବା ନଦୀ, ଗଙ୍ଗା; ପଙ୍କିଳପୁରେ—ପଙ୍କୁଆ ପାଣିରେ; ଅନ୍ଧୁ—କୂଅ ।

୪୪ । ଟୀକା—ବିଶ୍ୱମ୍ଭରୀ—ପୃଥିବୀ; ଚମ୍ପାଟଂଗରୀ—ଚମ୍ପାଫୁଲର ଗୁଚ୍ଛ; ମୋତିସୋର—ମୋତିହାର; ବଳାରାତି—ଇନ୍ଦ୍ର; ବର—ଶ୍ରେଷ୍ଠ; ବଇଜୟନ୍ତ—ବୈଜୟନ୍ତ ବା ଇନ୍ଦ୍ରପୁରୀ; ରାକା—ପୂର୍ଣ୍ଣିମୀ; ରମ୍ୟରଦାମ୍ବରୀ—ସୁନ୍ଦର ଅଧର-ବିଶିଷ୍ଟା; ସୁଧାଛରି—ଅମୃତ ସେଚନ; ଚମ୍ପାପରମ୍ପରାରେ—ଚମ୍ପାଫୁଲ ସମୂହଦ୍ୱାରା; କର ପଇଠ—ହାତ ଭର ।

ସଙ୍କୋଚନ୍ତେ ବାଳା କିଶୋରଙ୍କର ପଚାରେ, ବିଜେ ହେଉ ବଳ୍ଲୀ-
ମନ୍ଦିରକୁ ବୋଲି ଆଳୀ କହେ ଅଙ୍ଗଠାରେ ।୫ ।

( ୪୫ )

ରାଗ—ମୁଖାରୀ, ତାଳ—ଅଠତାଳ

ଅନା ଅନା ରେ ମୋତେ, ବସୁଧାକୁ ଅନାଅ ନା ରେ ।
କେଉଁ ଖଳ ଜନ କହିଛି କି ମନମୋହନା କିଛି ମୋହ ନାଁ ରେ । ପଦ ।

ଖଳଭାଷିତକୁ, ସରସ ଚିତ୍ତକୁ, ଆଣିବୁ ନାହିଁ ନବୀନା ରେ;
ଯେନ ତ କ୍ଷିତିରେ କେ ରସେ ସ୍ୱିତରେ ସୁନ୍ଦର କୁନ୍ଦନ ବିନା ରେ ।୧।
ମୋ ଅଙ୍କ ପର୍ଯ୍ୟଙ୍କ ଛାଡ଼ି ହରିଣାଙ୍କ-ବଦନା ତଳେ ବସ ନା ରେ; ଇନ୍ଦୁକର-
କାନ୍ତି ପଟଳୀ ନିନ୍ଦକ କୁନ୍ଦକଳିକାଦଶନା ରେ । ୨ । ଅଳିଏ ଥିବାରେ
ଗାଳିଦେଲି ଯାହା ଦଶନାମ୍ବରେ ରସନାରେ; କ୍ଷିତିକି କରଜେ ମୋ
ବନ୍ଧୁ ଶିରୁ ଯେ ଏତିକି ମୋ ଦୋଷ ସିନା ରେ । ୩ । ପରଙ୍ଗି ଦେବାର
ଦୋଷୀକି ସୁନ୍ଦର ନ ରଖି ମନେ କୁହନା ରେ; ଅସ୍ତ୍ର କର ବୃଥା ସଉଭାଗ୍ୟ
କଥା ମସ୍ତକ ପୋତି ରହନା ରେ । ୪ । ଅଦର ଗୃହଦରପର ପରଜନେ
ଆଦର ଉଣା କର ନା ରେ; କମ୍ର କଉତୁକ ଝଲକାମଣ୍ଡନା ଚମ୍ପକ ବର-
ବରନା ରେ । ୫ । ହରି ଗୃହଠୁ ଯେଣି ହେଲେ ଅମାନିନୀ ପରିଣତ-
ଚନ୍ଦ୍ରାନନା ରେ । ଅଷ୍ଟଦୁର୍ଗଲେଖାଧିପ ହେଲେ ଲେଖା ତୁଷ୍ଟ ପ୍ରମୁଦିତ-
ମନା ରେ । ୬ ।

( ୪୬ )

ରାଗ—କେଦାର, ତାଳ ଅଡ଼ତାଳ

ବନ୍ଧୁ ଅଛି କି ଲୋଡ଼ା, ନୁଆ ନିଅଳୀନିର୍ମିତ ଚୁଡ଼ାରେ । ପଦ ।

ପରମାଧିକାରେ ଫରମାସୁ ଥିବୁ ମୋଠାରୁ ବରଜ ବ୍ରୀଡ଼ା ରେ । ମନ
ଥାଇ ଲାଜଭରବଶୁଁ ବ୍ୟାଜଛନ୍ଦ କଲେ ବଡ଼ ପୀଡ଼ା ରେ । ୧ । ନ ପାଇବା

---

୪୫ । ଟୀକା—ବସୁଧାକୁ ଅନାଅ ନା ରେ—ପୃଥିବୀକୁ ଚାହିଁ ନା, ଯେନତ କ୍ଷିତି ··ବିନାରେ—ସୁନ୍ଦର ସୁବର୍ଣ୍ଣ ଛଡ଼ା ଏ ପୃଥିବୀରେ କିଏ ସ୍ୱିତରେ ଅର୍ଥାତ୍ ପିତ୍ତଳରେ ରସିପାରେ କି ? ଇନ୍ଦୁକର···ଦଶନାରେ—ଚନ୍ଦ୍ରକିରଣ ଅପେକ୍ଷା ମନୋହର ଓ କୁନ୍ଦଫୁଲର କଢ଼ି ପରି ଦଶନ ଯାହାର, ହରିଣାଙ୍କ ବଦନା—ଚନ୍ଦ୍ରମୁଖୀ, କରଜ—ନଖ, କୁହନା—କୋପ, କମ୍ରକୌତୁକଝଲକମଣ୍ଡନା—ମନୋହର ସଚଳ କର୍ଣ୍ଣଭୂଷଣ ଭୂଷଣ ଯାହାର, ପରିଣତଚନ୍ଦ୍ରାନନା—ପୂର୍ଣ୍ଣଚନ୍ଦ୍ରବଦନା ।

ସୁଖ ମୋ ଆଗେ ଶ୍ରୀମୁଖ ନୋହିଲେ ସଂକୋଚ ଛଡ଼ା ରେ । ଚିତ୍ତେ ଥାଉ ମୁଁ ତୋ ସଙ୍ଗୀତ ଜଗତିବାହୁଡ଼ା ବିଜେ ପାହାଡ଼ା ରେ । ୨ । ଇଚ୍ଛା ମାଫିକେ ତୋ ବିଛଣା ବନାଇ ଦିଆଇବି ହୋଇ ଛୁଡ଼ା ରେ । ଅଣା ଅଛୁକ ବହୁତ ବାସନ୍ତିକ ବାସ କୁସୁମପାଖୁଡ଼ା ରେ । ୩ । ସୈରିନ୍ଧ୍ରୀଙ୍କୁ ସହି କହୁ ଥା ତୁ ଆଜ ହୋଇବ ନିବିଡ଼ା ରେ । ଅଂସ ଅବତଂସ ଲହସା ଖୋସାକି କି ବେଣୀ ଲୋଟଣୀ ଜୁଡ଼ା ରେ । ୪ । ଅଲପକେ ଯେ ହେଉଥାଏ ତରୁଣ ତରୁଣୀଙ୍କ ଘରଭୁଡ଼ା ରେ । ଧନ ଚିନ୍ତିଲେ ଆମ୍ଭର ବଶଂବଦ ହେବ ସେ ସ୍ମର ବାପୁଡ଼ା ରେ । ୫ । ନ ମାନିବ ଯେବେ ଦଣ୍ଡକେ ମହତ୍ତ୍ୱ ବନାଇ ଦେବା ଧକଡ଼ା ରେ । ଜଗଦ୍ଦେବ ଗୀତେ ବୋଲେ କର ମୋତେ ଅଳପ ଢଳପଗଡ଼ା ରେ । ୬ ।

( ୪୭ )

ରାଗ—କେଦାର, ତାଳ—ଏକତାଳ

ଯେବେ ନବଘନ ଶ୍ୟାମ ବଂଶୀସ୍ୱନ କାଶୀଥରେ ଥରେ ଶୁଣାଯିବ ।
ସଖି ସୁଖେ ବନେ ମୋଦମୟ ମନେ ବାହାରବୁ ତୋର ଊଣା ଯିବ । ଘୋଷା ।

ପ୍ରସରିବ ମତ୍ତ ମିଳିନ୍ଦ ସଙ୍ଗୀତ କଳପିକରୁତ ମଳୟମରୁତ; ଚରାଚର ଲୋକ ଧରାରେ ପୁଲକ ପରାନନ୍ଦ ବୀଜ ବୁଣାଯିବ । ୧ । କଳିନ୍ଦଜାକୂଳ ବିପିନ ବକୁଳ ମଞ୍ଜୁଳମଞ୍ଜରୀ ନିଳୟେ ବଳୟେ ଗୋ, ସୁରଭି ସୁଷମ ବିବିଧ କୁସୁମମୟ ଚନ୍ଦ୍ରାତପ ଟଣାଯିବ । ୨ । ଅମ୍ଭେମାନେ ଘେରିଥିବୁଁ ପରଗୃହୀ ଜନ ପରି ଗୃହଦଗରେ ତୋହର, ଲକୁଚକୁଞ୍ଜରେ ନୃପ ଉପକୁଞ୍ଜରେ ଏ ପଦ ପହଣ୍ଡ୍ରେ ମଣାଯିବ । ୩ । ହେବ ସ୍ମରବଲଜନ୍ୟ ମହୋଜ୍ଜ୍ୱଳ, ଶୃଙ୍ଗାର ମଙ୍ଗଳମୟ ବନସ୍ଥଳ, କଳାବନ୍ତୀ କୁଳବ୍ରତତରୁମୂଳ ଜଟାତଟୀ-

---

୪୬ । ଟୀକା—ବ୍ୟାଜ—କପଟ, ବ୍ୟାଜଛଳ କଲେ ମନ—ମନକୁ କପଟଭାବ ଆବୃତ କଲେ, ପାହାଡ଼ା—ଗଛପଥର ଆଚ୍ଛାଦନ, ସୈରିନ୍ଧ୍ରୀ—ବେଶକାରିଣୀ, ଅଂସ—କାନ୍ଧ, ବାପୁଡ଼ା—ନଗଣ୍ୟ, ବଶଂବଦ—ଅଧୀନ ।

୪୭ । ଟୀକା—ଊଣା—ଅଲକ୍ଷତା, ହୀନତା; ମିଳିନ୍ଦ—ଭ୍ରମର, କଳପିକ-ରୁତ—କୋଇଲିର ମଧୁର ଗୀତ, କଳିନ୍ଦଜାକୂଳ···ନିଳୟବଳୟେ—ଯମୁନା କୂଳବର୍ତ୍ତୀ ବକୁଳବୃକ୍ଷମାନଙ୍କର ମନୋହର ଲତାସମୂହରେ, ସୁରଭି ସୁଷମା—ସୌରଭପୂର୍ଣ୍ଣ, ଚନ୍ଦ୍ରାତପ—ଚାନ୍ଦୁଆ, ପରଗୃହୀଜନପର—ଭୃତ୍ୟପରି, ଲକୁଚ—ଜେଉଟ, ଜଟା—ବୃକ୍ଷର ଅବରୋହ, ତଟୀ—ତୀର, ମୂଳ; ବ୍ରଜବଧୂରୋହ···

ଠାରୁ ହଣାଯିବ । ୪ । କିଶୋର ଅରୁଣ ପଙ୍କଜ ଚରଣ ସ୍ତନେ ଲଗାଇବା ତା ଭୁଲେ ଗାଇବା, ବ୍ରଜବରବୋହା ସମୁଦାୟ ମହାଧନ୍ୟ ମୂର୍ଦ୍ଧନ୍ୟରେ ଗଣାଯିବା । ୫ । ଅଷ୍ଟଦୁର୍ଗପତି କହେ ଗୋ ସୁଦତି ଦୁଇ ହୃଦସ୍ନେହ ପୀୟୂଷପ୍ରବାହ, ବଇଶାଖ ରାକାରଜନୀରେ ଏକା ଛଣା ଗଲା ପରି ଜଣାଯିବ । ୬ ।

( ୪୮ )

ରାଗ—ତୋଡ଼ି, ଝୁଲ

କେଳିପ୍ରବୀଣା, କେବଳ ତୋତେ ସିନା ଜଣା ରେ,
ପ୍ରଣୟ ଧନେ ପ୍ରାଣ କିଣା ରେ । ପଦ ।

ନେହାନ୍ତ ଖେଳଯୁତ, କରାଇ ମିତସ୍ମିତ, ବିବେକ କରି ଦେଉ ବଣା ରେ । ୧ । ଦରଶନ ଆରମ୍ଭେ, ସରସ ଗିର ଦମ୍ଭେ, ପରଶିବାର ସରପଣା ରେ । ୨ । ଦରକଣ୍ଠି ସୁନ୍ଦର, ଦରହାସ ମଧୁର, ସରସ ଗିର ପଦେ ଶୁଣା ରେ । ୩ । କରୁଣାମୟ ଚତୁରେ, ଅରୁଣାଧର ମୋତେ, ତୋ ଦାସୀ-ଗଣନାରେ ଗଣା ରେ । ୪ । ମୁଁ ଏହି ଅଭିଲାଷେ, ଶିବ ଶିବାଙ୍କ ପାଶେ, କରୁଥାଏଟି ଜଣାମଣା ରେ । ୫ । ଗୁଣେ ଲବଣ୍ୟବତୀ, ପାଶେ ଭାରତୀ ରତି, ଦୁହେଁ ତୋ ଠାରୁ କିଛି ଊଣା ରେ । ୬ । ବୋଲେ ଶ୍ରୀଜଗଦ୍ଦେବ, ତୋ ସ୍ନେହୁଁ ମନୋଭବ-ମସ୍ତକେ ମାରି ପାରେ ଠଣା ରେ । ୭ ।

( ୪୯ )

ସଜ ହୋଇ ଥା ରେ, ଗଜରାଜଗତି ଆଜ
ରଜନୀ ଅସିବେ ସଜନୀଳୋତ୍ପଳଶ୍ୟାମ ବ୍ରଜଯୁବରାଜ । ପଦ ।

ସୁନା ଲଡ଼କାରେ ମୀନା ପରି କଲା ଝିନ ଶାଢ଼ୀ ଯତ୍ନେ ପିନ୍ଧ; ବଲା-ପଦ୍ମମଣି ନୀଳ କୁନ୍ତଳରେ କଳାପ କମର ବାନ୍ଧ । ୧ । ପୁଣ୍ଡରୀକବର-

---

ଗଣାଯିବା—ବ୍ରଜନାରୀମଣ୍ଡଳୀ ମଧ୍ୟରେ ଅତି ଧନ୍ୟ ବୋଲି ପ୍ରଥମେ ପରିଗଣିତ ହେବା । ସୁଦତି—(ସମ୍ବୋଧନ) ସୁନ୍ଦରଦନ୍ତପଂକ୍ତି ଯାହାର, ରାକା—ପୂର୍ଣ୍ଣିମା ।

୪୮ । ଟୀକା—ମିତସ୍ମିତ—ଈଷଦ୍ଧାସ୍ୟ, ସରସଗିରଦମ୍ଭେ—ସରସବାକ୍ୟ ଛଳନାରେ, ଦରକଣ୍ଠି—କମ୍ବୁକଣ୍ଠି, ଜଣାମଣା—ପ୍ରାର୍ଥନା, ଭାରତୀ—ସରସ୍ୱତୀ, ଠଣା—ଅଘାତ ।

୪୯ । ଟୀକା—ମୀନା—ସୁନା ଅଳଙ୍କାରରେ ସୂକ୍ଷ୍ମକାର୍ଯ୍ୟ, ଝିନ—ସୂକ୍ଷ୍ମ, ବଲାପଦ୍ମମଣି—ଇନ୍ଦ୍ରମଣି, କଳାପ—କାଞ୍ଚୀଦାମ, ପୁଣ୍ଡରୀକ—ଶ୍ୱେତପଦ୍ମ,

ଯୁଗେ ଇନ୍ଦୀବର ଯୁଗଳୀ ଲଢ଼ାଇବାକୁ; ମର୍ଦ୍ଦିବା ଲାଞ୍ଛନ ତାପିଞ୍ଛେ କନକ-ମଞ୍ଜରୀ ମିଳାଇବାକୁ । ୨ । ମସାରମଣି ହେମସାରସମୂହ ମିଶିବାର ବୁଝିବାକୁ; ବରତୁଳ ପୟୋଧରେ ରତିବର ତୁଳେ ଥରେ ଯୁଝିବାକୁ । ୩ । କୁଞ୍ଜାଳୟୁ ଝଷଧ୍ୱଜ କେଳିରସ ଭୁଞ୍ଜାଇ ଭୁଞ୍ଜିବୁ ପରୀ; କଞ୍ଜାୟତାକ୍ଷିରେ ଖଞ୍ଜାଇ ଲଲାମ ତା ପରେ ପୁନ୍ନାଗଝରୀ । ୪ । ଦେଖି ସେ ଉତ୍ସବ ନେତ୍ରେ ଅମ୍ଭେ-ମାନେ ସୁଖୀ ହୋଇ ଜୀଇବାକୁ; ଦୁହେଁ ତ ଦୁହିଙ୍କ ଜୀବ, ଜୀବବନ୍ଧୁ ଯିବ ମଧୁ ପିଇବାକୁ । ୫ । ଶୁଣି ଲଳିତାଙ୍କୁ ଲୀଳା ତାମରସ ଉଞ୍ଚାଇଲେ ଦେବୀ ସ୍ନେହେ; ସେ ସମୟେ କର ବଦନକୁ ହରିଚନ୍ଦନ ଭୂନାଥ କହେ । ୬ ।

( ୫୦ )

ରାଗ—କାମୋଦୀ

ତେଣ୍ଟାରେ ଜାଣି ଜାଣି ପଡ଼ିଲି ରେ, ଘଣ୍ଟାରବ ପଥ ମୁଁ ଛାଡ଼ିଲି ରେ । କଣ୍ଟା ନିରୁନ୍ଧ ଘାଟୀ, ସଂସାର କ୍ଳେଶ-ଘାଟୀ, ବଣ୍ଟା ନେବ ମୁଁ ବୋଲି ଅଣ୍ଡିଲି ରେ । ପଦ ।

ମରିଚ ଘନସାର, ଉପଲ କ୍ଷୀର ସର, ବନା ତ ପିଚୁମର୍ଦ୍ଦ ଲୋଡ଼ିଲି ରେ, ହଟ୍ଟକୁଟ୍ଟିମସୂର୍ଦ୍ଧସ୍ଥଳ-ଖେଳ-ଝଣ୍ଡଦ୍ଧ, ନୋହି ଦୁର୍ଗନ୍ଧ ଗଡ଼େ ବୁଡ଼ିଲି ରେ । ୧ । ଦେବପ୍ରାସାଦମଣ୍ଡ ଜନମିବାରୁ ନିଡ, ବଲ୍ମୀକ ଦେଖି କର ଯୋଡ଼ିଲି ରେ, କର୍ମଠ ଧର୍ମଦକ୍ଷ ସାକ୍ଷର ବିପ୍ରମୁଖ୍ୟ ନିତ୍ୟନିବାସ ଦେଶ ପୋଡ଼ିଲି ରେ । ୨ । ଜମ୍ଭାହିତପ୍ରେରିତ ଦମ୍ଭୋଳି ଦୃଢ଼ାଘାତ ବଞ୍ଚାଇବାକୁ ଛାତି ଅଡ଼ିଲି ରେ, ସମ୍ଭାଳିବାକୁ ବଳ ନୋହିବାରୁ କେବଳ କରତଳେ କପାଳ ତାଡ଼ିଲି ରେ ।୩। ହଂସୁଲି ତୁଳିତଳ୍ପ ପାସୋରି ଦେଇ ଅଳ୍ପ ଲୋକଙ୍କ ପରି ତଳେ ଗଡ଼ିଲି ରେ, ରାଧାରମଣ ଘନଶ୍ୟାମ ବୋଲିବା ଜନ ଦେଖି ସଙ୍କୋଚେ ଦନ୍ତ ଭିଡ଼ିଲି ରେ । ୪ । ସମ୍ଭାଷଣ ନ କଲି ରମ୍ଭାସଦୃଶବଲ୍ଲୀ-

---

ଇନ୍ଦୀବର—ନୀଳକଇଁ, ତାପିଞ୍ଛ—ତମାଳ, ମସାର—ଇନ୍ଦ୍ରନୀଳମଣି, ବରତୁଳ (ବର୍ତ୍ତୁଳ)—ଗୋଲ, ରତିବର—କନ୍ଦର୍ପ, କୁଞ୍ଜାଳୟ—କୁଞ୍ଜଗୃହ, ଝଷଧ୍ୱଜ—କନ୍ଦର୍ପ, କଞ୍ଜାୟତାକ୍ଷୀ—ପଦ୍ମପରି ବିସ୍ତୃତ ଲୋଚନ ଯାହାର, ଲଲାମ—ଭୂଷଣ, ଝରୀ—ପୁଷ୍ପଗୁଚ୍ଛ ।

୫୦ । ଟୀକା—ତେଣ୍ଟା—ଜଙ୍ଗଲ; ଘଣ୍ଟାରବପଥ—ରାଜମାର୍ଗ; ଘାଟୀ—ପାର୍ବତ୍ୟ ପଥ; ସଂସାରକ୍ଳେଶଘାଟୀ—ବୁଲିବା କ୍ଳେଶସମୂହ; ଘନସାର—କର୍ପୂର; ଉପଲ—ପଣା; ପିଚୁମର୍ଦ୍ଦ—ନିମ୍ବ; ହଟ୍ଟକୁଟ୍ଟିମସୂର୍ଦ୍ଧସ୍ଥଳଖେଳଝଣ୍ଡଦ୍ଧନୋହି—ପ୍ରସ୍ତରବଦ୍ଧ ସୁପ୍ରଶସ୍ତ ବିହାରସ୍ଥଳରେ କ୍ରୀଡ଼ା କରିବାକୁ ଅଭିଳାଷ ନ କରି;

ଦେହାକୁ ଦୂରୁଁ ଦେଖି ତଡ଼ିଲ ରେ, ଗୃହ୍ଣୁଗିରେ ଆଶ୍ୱାସି ଜରତ୍ତ ବହୁର୍ଦ୍ଦାସୀ-ମାନଙ୍କ ଅଙ୍କସ୍ଥଳେ ଜଡ଼ିଲ ରେ । ୫ । ବନ୍ଧୁ କ୍ଷମାସରସୀ ହୋଇ ଅନ୍ୟା-ଭିଳାଷୀ ଅରଣ୍ୟରେ ପଶି ମୁଁ ରହିଲ ରେ. କହେ କବିଅର୍ଯ୍ୟମା ମୁଁ ଦୋଷ କଲେ କ୍ଷମା ହେବ ନାହିଁ କି ବୋଲି ବହିଲ ରେ । ୬ ।

( ୫୧ )

ରାଗ—ପୂରବୀ

ଅରକ୍ତଥିବାର ପ୍ରୀତି, ବରକ୍ତ ଦିଅନ୍ତି ମନ୍ତୁ କେହି ରୂପେ ପରୁଷ ପୁରୁଷଜାତି । ପଦ ।

ମନ୍ତୁ ସରିଯିବା ଯାଏ ଗୃହ୍ଣୁବାଣୀ ଭଣି ଦୁତୀପାଣି ଧରି, ତନ୍ତୁ ସରି-ଯାଏ ଭଜିବା ଆଶାରେ ଅନୁସରି ଅନୁସରି । ୧ । ମୁରଲୀ ବଜାଇ ନିତି ନିତି ଯାଇ ସଉଧକୁ ଲାଗି ଲାଗି, ବେଶ ହୋଇ ନଟ ନଦୀତଟବଟବନବାଟ ଜଗି ଜଗି । ୨ । ଗୃହ୍ଣୁଯିବା ମାର୍ଗ ଚରଣଲଗ୍ନିନ ବାଲି ଗଜରବେ ତୋଳି, ଦେଇ ଶତ ଚୁମ୍ବ ପୁଲକାବଲମ୍ବ ହୋଇ ଶିରେ ବୋଳି ବୋଳି । ୩ । ତୋତେ ତ ଗୋଚରି ପେଷି ଶିଶୁଚରି ଯେତେରୂପେ ମନଧରି, କରେ ଦେଇ ମଞ୍ଜୁ କୁସୁମପୁଞ୍ଜରେ ସଜାଡ଼ି ସଜାଡ଼ି ଝରି । ୪ । ପରସନ ହେବା ନୋହିବା ସନ୍ଦେହୁଁ ପରଶନ ଦେଖି ଦେଖି, ଅମ୍ଳାନ କେତକୀପ୍ରସୂନ ଦଳରେ ପ୍ରେମଲେଖ ଲେଖି ଲେଖି । ୫ । ଦେବୀବାଣୀ ଶୁଣି କହିଲେ ମିତଣୀ ଅଷ୍ଟଦୁର୍ଗ ନାଥ ବୋଲେ, ହେଲେ ହେଲେ ବାମ ଶ୍ରମ ଲଭି ପ୍ରେମ ଜଗତେ ସେ ଶ୍ୟାମ ତୁଲେ । ୬ ।

---

ପ୍ରାସାଦ—ମନ୍ଦିର; ବଲ୍ମୀକ—ହୁଙ୍କା; ସାକ୍ଷର—ବେଦଜ୍ଞ, ବିଦ୍ୱାନ୍; କର୍ମଠ—କର୍ମକାଣ୍ଡନିପୁଣ; ବେଶ୍ମ—ଗୃହ; ଜମ୍ଭାହିତ—ଇନ୍ଦ୍ର; ଦମ୍ଭୋଳି—ବଜ୍ର; ବଲ୍ଲୀଦେହା—କୋମଳାଙ୍ଗୀ; ଜରତୀ—ବୃଦ୍ଧା; ବହୁର୍ଦ୍ଦାସୀ—ଗୃହକର୍ତ୍ତ୍ରୀ; ଅର୍ଯ୍ୟମା—ସୂର୍ଯ୍ୟ ।

୫୧ । ଟୀକା—ପରୁଷ ପୁରୁଷଜାତି—ନିଷ୍ଠୁର ପୁରୁଷଜାତି; ତନ୍ତୁ ସରି-ଯାଏ—ଦେହଶୁଖିଯାଏ; ସୌଧ—କୋଠାଘର; ଚରଣଲଗ୍ନିନ ବାଲି—ପାଦଚିହ୍ନ ଲାଗିଥିବା ଧୂଳି; ପୁଲକାବଲମ୍ବ—ରୋମାଞ୍ଚାବଲମ୍ବୀ ଅର୍ଥାତ୍ ରୋମାଞ୍ଚିତ; ମଞ୍ଜୁକୁସୁମ-ପୁଞ୍ଜରେ ସଜାଡ଼ି ସଜାଡ଼ି ଝରି—ସୁନ୍ଦର ଫୁଲମାନଙ୍କଦ୍ୱାରା ଫୁଲତୋଡ଼ା ସଜାଡ଼ି; ପରଶନ ଦେଖି ଦେଖି—ପ୍ରଶ୍ନ ଦେଖି ଅର୍ଥାତ୍ ଜ୍ୟୋତିଷିକ ଗଣନା କରି କରି; ପ୍ରସୂନ—ଫୁଲ; ବାମ—ପ୍ରତିକୂଳ ।

( ୫୨ )

ରାଗ—ପୂରବୀ

ରେ ସଙ୍ଗାତ, ସମ୍ଭାଳ ନ ପାରେ ଅଙ୍ଗ,

ଅମ୍ଭୋରୁହାକ୍ଷର ଖେଳା କଟାକ୍ଷର ଦମ୍ଭୋଳିରୁ ବଡ଼ ଦାଉ । ଘୋଷା ।

ଦୂରରୁ ପଡ଼ି ବୁଡ଼ିଯାଏ ହୃଦରେ ଲେଉଟିଲେ ନ ଦିଶେ ଅଙ୍ଗ, ମରମରେ ପଶି ଦରମରା କରେ ସରସ ସ୍ମରସ ନୋହୁ । ୧ । ଶବଦ ନ ଥାଇ ସ୍ତବଧ କରାଇ ସେ କି ରତି-ରଣ-ସାହୁ, ମିଅଦ ଟାଳିଲି ପିଅଦା ପରାଏ ମାର ଝିଙ୍କେ ଅସୁ ଯାଉ । ୨ । ନବଘନ ଅଙ୍ଗ ବିଶେଷ ତରଙ୍ଗ ରଙ୍ଗ ଦିଶେ ଦାଉ ଦାଉ, ସୁଦିନ କୁଦିନ କରାଏ ଦୁର୍ଦ୍ଦିନ ଥରେ ଅନାଉଁ ଅନାଉଁ । ୩ । ଗଲେ ହେଲେ ଜାତି ମହତ୍ତ୍ୱ ସମ୍ପତ୍ତି ଫିଟି ତୁଟି ଲୁଟିଯାଉ, ଗଜପତି ଭୂପ ହୁଅ ତାଙ୍କ ଦାସୀ ପିଣ୍ଡେ ପ୍ରାଣ ଥାଉଁ ଥାଉଁ । ୪ ।

( ୫୩ )

ରାଗ—ଢୋଲ୍ଡ଼ି ପରଜ

ହେ ସରସେ, ମଉଳିଗଲେହେଁ ଜୀବ ।

ମଉଳି ନ ଯିବା ଜବାଅଧରାକୁ ଅଭୋଗରେ କେ ତେଜିବ । ଘୋଷା ।

ସେହି ନାଗ ଯୁବା ତା ଜୀବନ ଯିବା ଜଗତ ଜନ ଧିକ୍କାରେ, ଯା ଭୋଗୁଁ ସୁହାସୀ ନୁହଇଟି ବାସି କୁସୁମମାଳା ପ୍ରକାରେ । ୧ । କୁବେର୍-କୁମରଦ୍ୱୟ ସୁରପୁର ଗଣିକାକୁ ପର ଧରି, ରସବଶ ହେଲି ଜନ ସିନା ଭଲି ଦଶବଦନର ପରି । ୨ । ଚନ୍ଦ୍ରମୁହାଁ ସୁଖ ବଡ଼ କି ତା ମୁଖ ଦେଖା ବଡ଼ ବଡ଼ୁ ବଡ଼ୁ, ମଧୁର ଅଧର ପିଇ ପୟୋଧର କରେ ଦେଇ ଉଡ଼ୁ ଉଡ଼ୁ । ୩ । ଅର୍ଭକ ଗର୍ଭକ କେତକୀ ଦଳରେ ପ୍ରେମଲେଖ ଚଳୁଚଳୁ, ହେଉ ପଛେ ବାଧ ସେ ଥିବା ସଉଧ ଗବାକ୍ଷରେ ଗଳୁ ଗଳୁ । ୪ । ଅଷ୍ଟଦୁର୍ଗ ନାଥ ବୋଲେ ମନୋରଥ ତା ବିନା ଅନେ କାହାରେ, ତାଠାରୁ ନିରାଶ ନ ଲଭି କି ନାଶ ଯାଇ ମାର ତରୁଆରେ । ୫ ।

---

୫୨ । ଟୀକା—ଅମ୍ଭୋରୁହାକ୍ଷ—ପଦ୍ମନେତ୍ର, ଦମ୍ଭୋଳି—ବଜ୍ର, ଅଙ୍ଗ-ବିଶେଷ ତରଙ୍ଗ ରଙ୍ଗ—ଅଙ୍ଗର ବିଶେଷ ଲାବଣ୍ୟ ମାଧୁରୀ ।

୫୩ । ଟୀକା—ମଉଳି ନ ଯିବା ଜବା ଅଧରା—ଅମ୍ଳାନ ଜବାଫୁଲ ପରି ଅଧର ଯାହାର, ଅର୍ଭକ—ଶିଶୁ, ତରୁଆର—ଖଣ୍ଡା ।

( ୫୪ )

ବୃତ୍ତ—ସିନ୍ଧୁକାମୋଦୀ

ଗୁଣନିଧି ଲାବଣ୍ୟଲହରୀ ରେ, ମୋ ବାଣୀଟି କହି କହି,
ଦିବ୍ୟ ଅବଧାନେ ଯେବେ ହେଲେ ଧ୍ୟାନେ ଅଛୁ ମୋରେ ଅନୁଗ୍ରହି । ପଦ ।

ଲୀଳା ସଦ୍ମଧରେ ଆରମ୍ଭି ଥିଲୁ ତ ବିଳାସ ମଧୁର ଗାନ, ହରିଣାଙ୍କ ବିମ୍ବ ଗ୍ରହି କପି ବିମ୍ବଅଧରୀ ହେଲୁ ମଉନ । ୧ । ଶଶାଙ୍କନିବାସ ଗ୍ଲାଡ଼ି କରି ଶଶ କଲେ ଶ୍ରୀମୁଖ ଆଶ୍ରୟ, ବିମଳ ବଦନ ହେବ ସଲାଞ୍ଛନ, ବୋଲି ଲଭିଲୁ କି ଭୟ । ୨ । ପଲଙ୍କେ ପଲଙ୍କେ ମୁଁ ପ୍ରିୟଙ୍କ ଅଙ୍କେ ନିଷ୍ଠ ନୋହିଥିଲେ ସ୍ଥିତ, ଏହି ନିଶାଚର ପିଅଇ ରୁଧିର ବୋଲି ହେଲୁ କି ଚକିତ । ୩ । କରକଣ୍ଠର ଅକର୍ମ ପଥର ଦ୍ରବାଏ ମୋ କଣ୍ଠଧ୍ୱନି, ପୀୟୂଷ-ମୃଦୁଳ ବିଧୁର କି ବଳ ବିଚାରି ହେଲୁ କି ତୁନି । ୪ । ଅଷ୍ଟଦୁର୍ଗ-ପତି ବୋଲେ ଗଜଗତି ନ କର କପଟ ଲେଶ, କରି ଚନ୍ଦ୍ରାଲୋକ ତୁ ହେବାରୁ ମୂକ ହୁଏ ସନ୍ଦେହ ଅଶେଷ । ୫ ।

( ୫୫ )

ରାଗ—ଏମନ କଲ୍ୟାଣ, ତାଳ—ଆଡ଼ତାଳ

ଗଜଗତେ ଏ ଜଗତେ ତୁ କାହାର ରମ୍ଭୋରୁ ରେ । ପଦ ।

ନୟନ ମୋର ଏ ଭୂଲୋକରେ, ମନ ନାଗ ନାକ ତ୍ରିଲୋକରେ, ବୁଲୁଛି ଯେ, ଭୁଲୁଛି ଯେ, ନାହିଁ ନାହିଁ ତୋହ ପରି ରେ । ୧ । କି ତପ କରିଛୁ କେତେ ଯୁଗ, ଜିତପଙ୍କଜ ତୋ ପଦଯୁଗ, ସୁହାସି ରେ, ଯାହା ଶିରେ, ଧରୁଅଛୁ ବସୁନ୍ଧରୀ ରେ । ୨ । ମୁଖ ସିତପଞ୍ଚଦଶୀପତି, ଲାବଣ୍ୟ ନିକୁରମ୍ବର ଗୁଡ଼ି, ଶେଷ କହି, ଶେଷ ନୋହି, ହୋଇଅଛି ତ ଅଧୁରୀ ରେ । ୩ । ସୁରଶିଖରଗରବଗ୍ରେର, ଉରସିଜକୁମ୍ଭ ବାଳା ତୋର, ନବତନୁ, ନବତନୁ, ଲତା ଭଜି ଯିବ ପରି ରେ । ୪ । ବନ୍ଧୁଜୀବ-ବନ୍ଧୁ ଦନ୍ତବାସ, ବନ୍ଧୁ ହେବାବେଳେ ମନ୍ଦହାସ, ପୀୟୂଷର, ସରସାର, ସ୍ୱାଦୁ

---

୫୪ । ଟୀକା—ହରିଣାଙ୍କବିମ୍ବ—ଚନ୍ଦ୍ରମଣ୍ଡଳ, ସଲାଞ୍ଛନ—କଳଙ୍କଯୁକ୍ତ, ପୀୟୂଷମୃଦୁଳ—ଅମୃତ ଥିବା ହେତୁରୁ ଅତି କୋମଳ, ଚନ୍ଦ୍ରାଲୋକ କରି—ଚନ୍ଦ୍ର ଦର୍ଶନ କରି ।

୫୫ । ଟୀକା—ଗଜଗତେ—ଗଜଗମନେ, ନାଗଲୋକ—ପାତାଳ, ନାକ—ସ୍ୱର୍ଗ, ସିତପଞ୍ଚଦଶୀପତି—ପୂର୍ଣ୍ଣଚନ୍ଦ୍ର, ନିକୁରମ୍ବ—ସମୂହ, ଅଧୁରୀ—ଅକ୍ଷମ,

ପାଇ ଯାଏ ଧରାରେ । ୫ । ଏ ଶୋଭା ଦେଖିଛୁ ଯେଉଁ ଅଙ୍ଗ, ସେହି ସେହି ଚିନା ତହିଁ ସାକ୍ଷୀ, ଗିରେ କିସ, କହି ଶେଷ, ହେବ ମୋ ଦୁଃଖ-ପାସୋରା ରେ । ୬ । ଅଷ୍ଟଦୁର୍ଗେନ୍ଦ୍ର ସେକାଳେ ଭକ୍ତେ, ଶ୍ୟାମ ଗିରେ ସପ୍ରଣୟ ଯୁକ୍ତେ, ବସି ମଥା, ପୋଡ ବଥା, ନ କହିଲେ ବାମାଧରା ରେ । ୭ ।

( ୫୬ )

ରାଗ—ଏମନ କଲ୍ୟାଣ, ଅଡ଼ତାଳ

ଦୋଷ ବିନା ମୋ ନବୀନା ରୋଷ କପାଇଁ ବହିଲା ରେ । ପଦ ।

ଗେଲାଇ ନାଗରୀ ମେଳେ, ଗଜରାଜଗତି ଗଲାବେଳେ, ମୋ ଅଡ଼କୁ ଫେର ଥରେ ହେଲେ ମୋତେ ନ ଗୃହିଁଲା ରେ । ୧ । ମନୋହର ବେଣୀ ପାଇଁ, ସୁମନସ ଖୋଜି ଦେଲି ନେଇ, ତା ନ ଘେନି ଜୀବଧନୀ ମଥାପୋଡ ଭହିଲା ରେ । ୨ । ଧନେ ବସି ସଖୀ ସଙ୍ଗେ, ହସୁଥିଲା କାଳ ନାନା ରଙ୍ଗେ, ସେ ସମୟେ ମୋତେ ଦେଖି ହସି ଉତ୍ତର ନୋହିଲା ରେ । ୩ । ତା ପ୍ରୀତି ଲଭିବା ଦନ୍ତ, ଲବେ ନ ମାନଇ ଫୁଲଧନୁ, ସେ କପଣ ସହି ବୋଲି ବହି ଏହା କି ଲହିଲା ରେ । ୪ । ନ ସହି ମୋର ତ ଶିରୀ, କି ବାଗୁର ସେ ତ କୋପକର, ମୋତେ ପଞ୍ଚଶରେ ରଚି ତାକୁ କି ଅବା କହିଲା ରେ । ୫ । ବୋଲେ ଅଷ୍ଟଦୁର୍ଗନାଥ, କି କରିବ ନ ଦଶଇ ପଥ, ଗୃହୁଁ ଗୃହୁଁ ଦଶଦଶ କାମ ଅନ୍ଧାର ପିହିଲା ରେ । ୬ ।

( ୫୭ )

ରାଗ—ତୋଡ଼ି

ଅରେ କୁରଙ୍ଗୀଦୃଶା, ଅଜ ନିଶି କି ହେବ ତୋ ଦଶା ରେ । ପଦ ।

ଲଲ ପଙ୍କୁ ତୁ ପହୁଡ଼ିଲେ ମୃଦୁଲ ତୁଳୀ ତଳପରେ ଖଣେ, ପୁରୁଷ ତୁଲେ କି ଖେଳିବୁ ଫସାବଗୁରୁ ସମରପ୍ରାଙ୍ଗଣେ ।୧। ନୂତନବୟସୀ ଜାଣିବ ଯତନ ତୁ ତ ନ ଜାଣୁ ପହିଲେ, ଫଗୁଆ ହେବୁ କି ସେ କାମ ଅମଳ ମତୁଆଳ ଯୁବା ତୁଲେ । ୨ । ଶରୀରଲତା ତୋ ନ ଜାଣେ ଜନମୁ ପରରମ୍ଭଜାତ ପୀଡ଼ା, ବରଗିଲେ ଲମ୍ଭି ସହିବୁ 'କେହି ସେ ଅରଗଲ ଭୁଜ-

---

ସୁରଶିଖରୀ—ସ୍ୱର୍ଣ୍ଣାଦ୍ରି, ନବତନୁ—ହେ ନୂତନାଙ୍ଗି, ଦନ୍ତବାସ—ଅଧର, ବନ୍ଧୁଜୀବବନ୍ଧୁ—ବଧୁଲିଫୁଲ ସଦୃଶ ।

୫୬ । ଟୀକା—ସୁମନସ—ଫୁଲ, ଫୁଲଧନୁ—କନ୍ଦର୍ପ, ପିହିଲା—ଅଚ୍ଛାଦନ କଲା ।

ଭିଡା । ୩ । କୋଟିଏ ସବତ ଅଲଙ୍କାର ହେଲେ ଗୋଟିଏ ନ ଘେନୁ ଚୁମ୍ବ, ପୀବରସ୍ତନାରେ କ୍ରଣେ ଏବେ ପୂରି ଯିବ ରଦବାସ ବିମ୍ବ । ୪ । ବିଧୁବଦନା ତୋ ଲଜ ବଳିଯିବ ନିଧୁବନ ପରିରମ୍ଭେଁ, ରାଜୀବ ଚରଣ ଝୁଲିଲେ ନୂପୁର ବାଜିବ ଯେ ଝୁମୁ ଝୁମୁ । ୫ । ଭରତ କରି ସମସ୍ତ ମନୋରଥ ବଢ଼ିଛି ଅସିବୁ କେହୁ, ବୀର ରାମଚନ୍ଦ୍ର ଦେବ ବୋଲେ ମୋର ନିରନ୍ତର ଚିନ୍ତା ଏହୁ । ୬ ।

( ୫୮ )

ରାଗ—କାଫି

ଭସିଲଟି ଅସି ଦରହାସି ଥରେ ରଖ ରେ । ପଦ ।

ନିଧୁବନବିଚକ୍ଷଣୀ, ଜାଣି ତୋ କରୁଣା ଗୁଣୀ, ମାର ଗିରୀଶାରି ମୋତେ ସାରଦେଲା ଦେଖ ରେ । ୧ । ଶରଣ ତୁହି ଟି ବୋଲି, ଚରଣକଞ୍ଜ ଧଇଲି, ଗୃହିଲୁ ଯା ନାହିଁ ଧନ କାହିଁକି ଏ ଦୁଃଖରେ । ୨ । ନ ଶୁଣି ମୋ ଗୃହୁ ବାଣୀ, ଗଣ୍ଡଦେଶେ ମଣ୍ଡି ପାଣି, ଭୀରୁ କି ମତରୁ ମହୀ ଚିରୁଅଛୁ ନଖରେ । ୩ । ଧରୁଛୁ ପଲ୍ଲବ କର, ଏବେ କୃପା ଲବ କର, ହାସ ସମୁଲ୍ଲାସ ପରକାଶ ବିଧୁମୁଖରେ । ୪ । ଅରେ ନବୀନ ବନିତା, ଲଗାଇଣ ପ୍ରୀତିଲତା, କାଟିପକା ନାହିଁ ସେ ଏକାଠି ସବୁ ସୁଖ ରେ । ୫ । ଅଷ୍ଟଦୁର୍ଗ ନାଥ ଶିରେ, କଷ୍ଟନାଶି ହସି ଦରେ, ଧରାଣିରମଣୀ ଅସି ବିରାଜିଲା ପାଶରେ । ୬ ।

( ୫୯ )

ରାଗ—ଗୁଜ୍ଜରୀ

ବନ୍ଧୁ ଅଦୋଷେ, ରସ ନା ରୋଷେ, ଧରୁଛୁ ପଙ୍କଜପାଣି । ଘୋଷା ।

ଜନମରୁ ବୀଣାବଚନୀ ମୁଁ ଗୁଣୀ, ଜନ କି ନ ଜାଣୁ ତାହା ରେ; ସ୍ମର-ଶର ଧାରେ, ସରିଲଟି ବାରେ, ଧନ ତୁ ନ ବୋଲୁ ଅହା ରେ । ୧ । କରିଥିଲୁ ପରା, ମୋତେ ଜବାଧରା, ଜଣେ ତୋ ଚରଣ ଦାସୀ ରେ; ଟିକିଏ

---

୫୭ । ଟୀକା—ଲୁଳପଡୁ—କ୍ଳାନ୍ତ ସହକାରେ ଲମ୍ବ ହୋଇଯାଉ, ଫଉଅ—ହଠହଠା, ଅମଳ—ନିଶା, ଜନମୁ—ଜନ୍ମରୁ, ପରିରମ୍ଭ—ଆଲିଙ୍ଗନ, ସବତ—ସ୍ୱର୍ଣ, ପୀବର—ପୃଥୁଳ, ରଦବାସବିମ୍ବ—ଅଧରବିମ୍ବ, ନିଧୁବନ—କାମକ୍ରୀଡ଼ା ।

୫୮ । ଟୀକା—ନିଧୁବନବିଚକ୍ଷଣୀ—ରତିପଣ୍ଡିତା, ଗିରୀଶାରି—କନ୍ଦର୍ପ, ଭୀରୁ—ହେ ଭୟାର୍ତ୍ତ, ହାସସମୁଲ୍ଲାସ—ହାସବିଳାସ, ହସିଦରେ—ଅଳ୍ପହସି ।

ବିକଳା, ହେଉ ନାହୁଁ କଳାକୁନ୍ତଳା ନୂଆବୟସୀ ରେ । ୨ । ଅଛିଜଛୁ ତୋତେ, ବନ୍ଧୁ କେତେ କେତେ, କହନ୍ତି ଉପ କରି କାଶୀରେ; ତୁ ଚିତ୍ତ ପଥର, କଲେ ତ ଏଥର, ଭଙ୍ଗାଇବଏ ଦେବେ ହସି ରେ । ୩ । ସଖୀବନ୍ଧା ବେଣୀ, ଫେଡ଼ି କୋଳେ ଅଣି, ନ ଦେଲେ ମୁଁ ଖୋସା ଖୋସି ରେ; କୃପା ଥାଉଁ ଚିତ୍ତେ, ତୁହି ପରି ମୋତେ, ଗେଲେ ବସୁଥାଉ ରୁଷି ରେ । ୪ । ତେତେ ବଡ଼ ସ୍ନେହ, କି ଦୋଷରୁ କହ, ତୋ ମନୁ ଯାଉଛୁ ଖସି ରେ; ଜଗଦ୍ଦେବ ବୋଲେ, ଶ୍ୟାମ ଜଣାଇଲେ, ପଡ଼ି ଦୁଃଖ ଜଳରାଶିରେ । ୫ ।

( ୬୦ )

ରାଗ—ଅଶାବରୀ

ଚନ୍ଦ୍ରନିଶାରେ, ଦେଲି ସୁନ୍ଦରୀମଣି ମହେନ୍ଦ୍ରଭୁକ୍ତ ମୋରେ । ପଦ ।

ଫୁଲବନେ କେଳିସରକୂଳେ, ନବ ସଙ୍କେତ କଙ୍କେଲିମୂଳେ, ଶେଯ ସାଜି ନାନା ପୁଷ୍ପଦଳେ, ବସିଥିଲି ସେ ରମ୍ଭୋରୁ ସମ୍ଭୋଗ ଅଶାରେ । ୧ । ଏ ସମୟେ ମୋ ଜୀବନଧନ, ଘେନି ଘନ ସର୍ବାଙ୍ଗଚନ୍ଦନ, ତେଜି ବାଜିବା ମଣ୍ଡନମାନ, ଖଞ୍ଜେ କଲି ମଲ୍ଲୀଗର୍ଭ ଭୂଷିତ ଖୋସାରେ । ୨ । ଶଙ୍ଖକଣ୍ଠୀଙ୍କି ମୁଁ ଦେଖି କରି, ରଙ୍କ ରତନ ଲଭିଲି ପରି, ଅଙ୍କପର୍ଯ୍ୟଙ୍କେ ବସନ୍ତେ ଧରି, ଗଲି ଅଙ୍ଗ ଅନଙ୍ଗ ମର୍ଦ୍ଦିବା ଦୁର୍ଦ୍ଦଶା ରେ । ୩ । ଉରେ ଜମାଇ ଉରୋଜ କୁମ୍ଭ, କରୁ କରୁ ଗାଢ଼େ ପରିରମ୍ଭ, କଲି ସହସ୍ର ଚୁମ୍ବ ଅରମ୍ଭ, ମନ ବଳିଲି ନାହିଁ ପୀୟୂଷ ପ୍ରଶଂସାରେ । ୪ । ଫେଡ଼ୁ ଫେଡ଼ୁ ବାଳାବର ନୀବି, ଯେତେ ଭାବ ତା କି ବରଣିବି, ବିବସନ କାଳେ ଯେଉଁ ଛବି, ଅଖି ଦେଖିଲି କେଉଁ ଭାଗ୍ୟରୁ ଏ ରସାରେ । ୫ । ଝୁମି ଝୁମି କାମମଦଭରେ, ଝୁଲୁ ଝୁଲୁ ନାସାଭୂଷା ଲୋଳେ, ଝଲ ଝଲ ଝଟକିଲିବେଳେ, ଝିଙ୍କି ନେଲି ସ୍ୱର୍ଗସୁଖ ମାର୍ଗକୁ ସୁସାରେ । ୬ । କହେ ଅଷ୍ଟଦୁର୍ଗ ହରିହୟ, ପରସ୍ପର ପ୍ରେମରସମୟ, ଜାତ ହେଲି ଯାହା ସେ ସମୟ, ଝରଝର ଅପୂରବ ରସ ବରଷାରେ । ୭ ।

---

୫୯ । ଟୀକା—ବୀଣାବଚନୀ (ସ୍ତ୍ର)—ମଧୁରଭାଷିଣୀ; ସ୍ମର ଶର ଧାରେ—କନ୍ଦର୍ପ ବାଣର ଧାରରେ; ଜବାଧରୀ—ଜବାଫୁଲ ପରି ଅଧର ଯାହାର ।

୬୦ । ଟୀକା—ମହେନ୍ଦ୍ରଭୁକ୍ତ—ଇନ୍ଦ୍ରସମ୍ପତ୍ତି, କଙ୍କେଲି—ଅଶୋକବୃକ୍ଷ, ମଣ୍ଡନ—ଅଲଙ୍କାର, ପୀୟୂଷ—ଅମୃତ, ନୀବି—କଟିର ବସ୍ତ୍ରବନ୍ଧ; ହରିହୟ—ଇନ୍ଦ୍ର ।

( ୭୧ )

ରାଗ—କଲ୍ୟାଣ ଶ୍ରୀ

ବିନ୍ଦୁ ଲୁଚିଲା, ଅନ୍ଧୁଦର ପରି ପୁଣି ଦିଶିଲା,
ରାମା ଲୁଚିଲା, କାମାନଳମୟ ସବୁ ଦିଶିଲା,
ବାଳା ଲୁଚିଲା, ହାଲାହଳ ଜ୍ୱାଳାମୟ ଦିଶିଲା । ଘୋଷା ।

କି କଲୁ ଅହୋ ସୁଶ୍ରୋଣି, ମୋ ପରମ ସୁଖଶ୍ରେଣୀ, ସ୍ୱର୍ଗ ବଡ଼ଭୀ ନିଃଶ୍ରେଣୀ ଖସିଲା ରେ । ୧ । ଅନଙ୍ଗ ବାଣ ବରଷା ସଙ୍ଗେ ତ କୁରଙ୍ଗଦୃଶା, ସରୋଷ ଅପାଙ୍ଗଭୂଷା ମିଶିଲା ରେ । ୨ । ତାର ନିଗ୍ରହୁଁ ମୁଁ ପରି,-ବାରକୁ ଡରି ଜୁହାରି,-ବାର ନୀରସ ଭଗାରି ହସିଲା ରେ । ୩ । ଦେଖି ନ ଥାଇ ଏ ଭୂତ, ଶିଖାଇ ଦୁର୍ନୀତି ନିତ, କେଉଁ ପିଶୁନ ମୋ ଧୃତି କଷିଲା ରେ ।୪। ସନ୍ତାପ-ସିନ୍ଧୁକୁ ନବ, ବିଳାସିନୀ ସିନା ପ୍ଳବ, ଶ୍ରୀ ବାଲୁକେଶ୍ୱର ଦେବ ଭାଷିଲା ରେ । ୫ ।

( ୭୨ )

ରାଗ—ତୋଡ଼ି ପରଜ

ରେ କିଶୋରି, ଲୁଚିବାର ସିନା ଜାଣୁ,
ରସ-ଜଳଧିରେ ଅବଗାହି ଧୀରେ, ତହୁଁ ତ ସାର ନ ଘେଣୁ ରେ । ଘୋଷା ।

ରମଣୀୟ ଜାଣି, ରସି ଯହିଁ ପୁଣି, ନ ଡରି ପରିବାଦକୁ; ରୋଷ ଅଙ୍ଗୀକାର କରି କି ତାହାର ଅଳପ କଥା ପଦକୁ । ୧ । ରତି ତ ମୃଦୁଳ, ନୋହେ ତାକୁ ଅଳଙ୍କାରକୁ ନିକି ନ ଅଣି; ରସିକାଙ୍କ ଶିଖାମଣି ଯେଣୁ ଶିଖା ଶିଖି ତୁହି କାହୁଁ ଶୁଣି ରେ । ୨ । ରକତ ବ୍ୟକତ, ହେଲେ ଯଦି କ୍ଷତ, ହୁଅଇ ଅସେଚନକ; ରଦାଗ୍ର ସ୍ମରଣ ଅବା କେଉଁ ଦୋଷ ନ କରି ଶତେ ବିବେକ । ୩ । ରତିଈଶରଣ ଯାହାର ଶରଣ ଦେଖିଥିଲେ ତାକୁ ନେନେ; ବିହନ୍ତୁ କି ଲଜ କ୍ରୋଧେ ଜମି ଅଜ ଭୁଜେ ଭିଡ଼ି ଦେବା ମାନେ । ୪ । ରଙ୍ଗରତନ ଲଭିକୁ ପରି ଏବେ·ରଚି ଯତନକୁ ଭଲେ; ରମ୍ୟ ଶ୍ୟାମଚ୍ଛବି କିଶୋରରେ କବିବର ରାୟଗୁରୁ ବୋଲେ । ୫ ।

---

୭୧ । ଟୀକା—ଅନ୍ଧୁଦର—କୂଅଭିତର, ହାଲାହଳ—ବିଷ, ସୁଶ୍ରୋଣି—ନିତମ୍ବବତୀ, ବଡ଼ଭି—ଚନ୍ଦ୍ରଶାଳା, ନିଃଶ୍ରେଣୀ—ନିଶୁଣି, ପିଶୁନ—ନିଷ୍ଠୁର, ପ୍ଳବ—ନାହା, ପରିବାର—ଭୃତ୍ୟ ।

୭୨ । ଟୀକା—ଅସେଚନକ—ତୃପ୍ତିକାରକ, ରଦାଗ୍ର—ଦାନ୍ତ ଅଗ ।

( ୭୩ )

ପଗୁର କେ ଅଣିଛୁ ଗଜଗତିଙ୍କୁ ସେ ମୋ ଏ ଜଗତୀକୁ । ଘୋଷା ।

କି ସୁନ୍ଦର ଦରହସିତ, ଶୀତକରକର ଲଳିତ, ଦଶନବସନ ନବ ଜବାସୁନ ଉପରେ କେ ରଖି ଦେଲା ମୋତିକୁ । ୧ । ଆହା ତାହା ଗ୍ରୀବାଣି ଠାଣି, ବଣାମ୍ବୁଗ ନ ପାରେ ଅଣି, ମଳିନ ନୋହିବା ନଳିନ ଯୁଗଳେ ଅଳି କରୁଥିଲା ଚଳି ରତିକୁ । ୨ । ସ୍ଫୁଟ ତିଳକୁସୁମ ନାସା, ପୁଟ ଫୁଲ୍ଲ ସରସ ଭାଷା, ଅଳୀକ ଆଳାପି ଗ୍ଳାନି ଦେଉଥିଲା ପ୍ରତି ପଦରେ କେଳିତ-ପତିକୁ । ୩ । ହେମରମ୍ଭା ତରୁ ଉରୁକୁ, ପ୍ରେମରଙ୍ଗ ନଟ ଭୁରୁକୁ, ରୁଚକ ରୁଚିର କୁଚକଳଶକୁ ଚାହିଁ ହଜାଇବେ ଯତି ମତିକୁ । ୪ । ଇଷ୍ଟତମା ସଖିଙ୍କି ରସେ, ଅଷ୍ଟଦୁର୍ଗ ମହେନ୍ଦ୍ର ଭୂପେ, ମୋଦେ କୋଳେ ବସି ପଦେ କହୁ ହସି ମୋ ସବତଟି ସେ ରସବତୀକୁ । ୫ ।

( ୭୪ )

ରାଗ—ପୂରବୀ

ରସନିଧି ଭଲ ଆଚରିଲ ମୋହପରି ବଧୂ ରେ । ପଦ ।

କିଙ୍କିଣୀ ତାଳକୁ ରଚୁଥିଲା, ଝୁଲି ଝୁଲି ନଥ ନାଚୁଥିଲା, ନେତ୍ର ପୁଣ୍ୟଫଳ ପାଉଥିଲା, ମୋତେ ବ୍ରହ୍ମପଦ ସୁଖ ଯାଚୁଥିଲା । ୧ । ଅଧୋ-ମୁଖେ ରତ୍ନସାନୁ ଥିଲା, ତା ନିକଟେ ସୁଧାଭାନୁ ଥିଲା, ତହିଁ ତିଳଫୁଲ ତଳେ ଝଲମଲ ବୁଲାକ ଝୁଲି କି ମାନୁଥିଲା । ୨ । ଅନେ ତା ରୂପର ଲବ କାହିଁ, ବିବେକ ବାକି ରହିଲା ନାହିଁ, ବିନ୍ଦୁ ବିନ୍ଦୁ ଝାଳ ସୁନ୍ଦର କପୋଳ-ମୁକୁରେ ମୁକ୍ତାଳୀଳା ଚାହିଁ । ୩ । ବନ୍ଧୁ ମୋ କି ଲାଜ ଭଜୁଥିଲା, ଥରେ ଥରେ ନେତ୍ର ବୁଜୁଥିଲା, ଥରେ ଥରେ ଚାହିଁଦେଇ ଇନ୍ଦୀବରେ ମଦନଦେବକୁ ପୂଜୁଥିଲା । ୪ । ନୀଳକୁଞ୍ଚିତ କୁନ୍ତଳତତି, ଭଜୁଥିଲା ଅସ୍ତବ୍ୟସ୍ତ ରୀତି, ମିଶୁଥିଲା ଗଭା-କମରେ ଖସିବା କୁସୁମ ଶ୍ରୀ ଜଗଦ୍ଦେବ ଧୃତି । ୫ ।

---

୭୩ । ଟୀକା—ଜଗତୀ—ପୃଥିବୀ; ଶୀତକରକରଲଳିତ—ଚନ୍ଦ୍ରକିରଣ ପରି ମନୋହର, ଦଶନବସନ—ଅଧର, ନବଜବାସୁନ—ନୂଆ ମନ୍ଦାରଫୁଲ, କେଳିତପତି—କନ୍ଦର୍ପ, ରୁଚକ—କଣ୍ଠାଭରଣ ହାର, ସବତ—ସ୍ୱଣ ।

୭୪ । ଟୀକା—ସାନୁ—ପର୍ବତଶିଖର ବା ଶୃଙ୍ଗ, ସୁଧାଭାନୁ—ଚନ୍ଦ୍ର, ବୃକ—ଦୀପ୍ତି, କପୋଳମୁକୁର—ଗଣ୍ଡଦେଶରୂପ ଦର୍ପଣ, ବୁଲାକ—ନାସିକାର

( ୭୫ )

ରାଗ—କଳହଂସକେଦାର

ତାର ଗିରେ କି ବିଶ୍ୱାସ, ତାର ସ୍ନେହେ କି ବିଶ୍ୱାସ,
ତାର ପରେ କି ବିଶ୍ୱାସ, ଯାର ଜାରବିଳାସ ଗୋ । ପଦ ।

ବୋଲେ ଶତ ଥର ଶପଥରେ ମୋର ଆନେ ନାହିଁ ଅଭିଳାଷ, ହୋଇଥାଏ ବୋଲି ଚନ୍ଦ୍ରାବଳୀ କେଳିନିକୁଞ୍ଜ କୁସୁମବାସ ଗୋ ।୧। ଦନ୍ତବାସେ ସତୀ ଯୁବତୀଙ୍କ ଜାତି ନେବା ଭଙ୍ଗୀମିଶା ହାସ, କଥାକୁ ଶାଶୁଙ୍କ ମଥାକୁ ଛୁଅଇଁ ଏପରି ଯାହା ସାହସ ଗୋ । ୨ । ପ୍ରତି ରାତି ନାରୀମଣିର ରମଣୀତରେ ବଳାଏ ମୁହାଁସ, ପାରେନି ଡେଇଁବା ଅପଦୁ ଯା ପଦଜଳଜ-ତଳ ପରଶ ଗୋ । ୩ । ନୁଏ କେଡ଼େ ପ୍ରିୟ ଗିରେ ସବିନୟ ପ୍ରକାଶି ମୋହନ ରସ, ମୁରଲି ବଜାଇ ଡାକେ ଯହୁଁ ଯାଇ ଅଚିରେ ବଢ଼ ନିରାଶ ଗୋ । ୪ । ମୁଁ ନଗର ଯୁବରାଜ ବୋଲି ଅବଲେପରେ ବହେ ଉଲ୍ଲାସ, ଯେ ପୁଣି କପଟେ ଲୁଚି ନଦୀତଟେ ଲୁଟଇ ପାଲଟା ବାସ ଗୋ । ୫ । ତେବେ ହେଲେ ଏ କି ରିଜ ଧିକ ତାର ଧନ ଜୀବନ ନିବାସ, ଅଷ୍ଟଦୁର୍ଗ-ପୁରନ୍ଦର ବୋଲେ ଯାର ଗତି ନୁହେ ପୀତବାସ । ୬ ।

( ୭୬ )

ରାଗ—ଧନାଶ୍ରୀ

ଘେନ ଘେନ ମନ ଘନସମ ଶ୍ୟାମଳଅଙ୍କୁ,
ପିଲାଟି ଦିନୁ ପୂତନା ପ୍ରାଣକବଳିଅଙ୍କୁ । ପଦ ।

ବରଙ୍କ ଗୋପୀଙ୍କର ମକରକୁଣ୍ଡଳଅଙ୍କୁ, ଅଖଣ୍ଡଚନ୍ଦ୍ରସୁନ୍ଦର ମୁଖ-ମଣ୍ଡଳଅଙ୍କୁ । ୧ । ମଦଗଜଗମନଙ୍କୁ କଦମ୍ବମୂଳଅଙ୍କୁ, ମଖଶାଳାଭିଖାରୀଙ୍କୁ ଶିଖଣ୍ଡଚୂଳଅଙ୍କୁ । ୨ । ସମୁଦ୍ରଙ୍କୁ କରୁଣାର ଯମୁନାକୂଳଅଙ୍କୁ, ଗୀତ ନଟ-

---

ଅଳଙ୍କାରବିଶେଷ, ମକରୀ—ଗଣ୍ଡଦେଶରେ ଅଙ୍କିତ ଚିହ୍ନବିଶେଷ, କୁନ୍ତଳତତି—କେଶସମୂହ, ଝୁଲକ ଝୁଲକ—ଦଣ୍ଡିର ଝୁଲିବା ।

୭୫ । ଟୀକା—ଜାରବିଳାସ—ଉପପତି ରୂପେ ବିହାର, ଶପଥରେ—ରାଣରେ, ଦନ୍ତବାସ—ଅଧର, ମୁହାଁସ—ଅଭିମାନ, ରମଣୀତରେ—ଅନ୍ୟ ପତିଠାରେ, ପାଦଜଳଜ—ପାଦପଦ୍ମ, ଅବଲେପ—ଗର୍ବ ।

୭୬ । ଟୀକା—ପୁରନ୍ଦରମଣି—ଇନ୍ଦ୍ରମଣି, ମକରନ୍ଦଲୁଟ—ମଧୁଲୋଭୀ ଭ୍ରମର, ଧରାଧରଧରା କରେ—ଗୋବର୍ଦ୍ଧନପର୍ବତ ଧାରଣକାରୀ ହାତରେ ।

ଲମ୍ପଟକୁ ପୀତଦୁକୂଳିଆକୁ । ୩ । ବଲ୍ଲବେନ୍ଦ୍ରନନ୍ଦନକୁ ପଲ୍ଲବମାଳିଆକୁ, ଭଜେ କବିରବି ତାଙ୍କର ପାଗଳିଆକୁ । ୪ ।

( ୬୭ )

ରାଗ—ଶଙ୍କରାଭରଣ

ରାଧେ ରସିକାରାଜ, ତୋ ପ୍ରବୀଣାପଣ ଜଣାଯିବ ଆଜ,

ନନ୍ଦର ତନୟ ପୁରନ୍ଦର ମଣି ମକରନ୍ଦଲମ୍ପଟ ତୁ ଅରବିନ୍ଦଟି ସୁନ୍ଦର । ପଦ ।

ହେବା ଦନୁ ସ୍ତନ ପୀନ କରକଣ, ମଦଗତେ ବସୁନ୍ଧରା ମଣ୍ଡଳକୁ ମଣ୍ଡୁ ପରା, ଏବେ ଧରାଧରଧରା କରେ କସ । ୧ । ଭଜନ ସଖୀ ଦେହେ ସ୍ନେହେ ଜଡ଼ିବାର, ଭଜନ ସେ ଶିଖଣ୍ଡଚୂଳ ମରକତ ଅରଗଳ, ବଳୟ ବାହୁ ଯୁଗଳ ଭିଡ଼ିବାର । ୨ । ଅମ୍ଭେ ସିନା ପ୍ରଭୁ ବୋଲି କରୁ ଭୀତ, ତୁ ଯାହା କଲେ ତା ସହୁ, କ୍ଷମା କରିବେ ସେ କାହୁଁ ବାମାଗର୍ବ-ଚନ୍ଦ୍ର ରାହୁ କଳାହାତୀ । ୩ । କି ହେବ ମନ୍ଦରେ ଭୁରୁ ନଚୁଇଲେ, ଯଶ ହେବ ସେହି କାଳେ ନଟ-ମୁକୁଟକୁ କୋଳେ, ନଚୁଇ ସେ ରସେ ବଳେ ରୁଚୁଇଲେ ॥ ମୃଦୁ ତନୁ ବୋଲି କେ ଛାଡ଼ିବ ଆଜ, ଅଙ୍କୁ ଯିବାଯାଏ ଶାନ୍ତ ହୋଇବ ନାହିଁ ଯେ ଦାନ୍ତ, କରରୁହ ପ୍ରାନ୍ତକୁନ୍ତ ଖେଳା ଦାଉ । ୫ । ବୋଲେ ଅଷ୍ଟ-ଦୁର୍ଗନାଥ ଜଗଦ୍ଦେବ, ସଖି ପରିହାସ ଶୁଣି ଲଜେ ହସି ଠାକୁରାଣୀ, ମନେ କଲେ ହେଲେ ପୁଣି ବୁଝାଯିବ । ୬ ।

( ୬୮ )

ରାଗ—ସିନ୍ଧୁକାମୋଦୀ

ପ୍ରାଣବନ୍ଧୁ, କର ଗରବ କାହିଁକି ରେ, ପରବ ଚନ୍ଦ୍ରମା ଚଉଡ଼େ, ବଳିଲାନି କି ତୋ ଝଳ ଲାବଣ୍ୟାଦି ଗୁଣଗଣରୁ କାହିଁତେ । ଘୋଷା ।

ଜଳଧିର ପଙ୍କ କି ଅବା କଳଙ୍କ ଖଣ୍ଡେ ଶିରୀ କର ଫୁଲେ, ନାହିଁକି ନଜର ରସାଳସା ତୋର ନେତ୍ର ଇନ୍ଦୀବର ଫୁଲେ । ୧ । ମୋ ସୁଧା ତୁଲରେ ବସୁଧା ତଳରେ କେ ଅଛି ବୋଲି ଯା ଭାବେ, କର୍ଣ୍ଣେ ନାହିଁ ଶୁଣି ତୋ ମୃଦୁଳ ବାଣୀବିଳାସକୁ ପରା ଲଭେ । ୨ । କରୁଛି କି ମନେ ଏ ତିନି ଭୁବନେ ମୁଁ ଏକା ରଜନୀକର, ଫୁଲଶେଯରତେ ତୋ ଚରଣ କେତେ ଲଗଇ ରଜନୀକର । ୩ । ଜଗତୀରେ ଏକା ମୋହର ଚନ୍ଦ୍ରିକା

---

୬୮ । ଟୀକା—ପରବଚନ୍ଦ୍ରମା—ପୂର୍ଣ୍ଣିମା ଚନ୍ଦ୍ର, ଝଳ—କାନ୍ତି, ଜଳଧିର—ସମୁଦ୍ରର, ରଜନୀକର—ଚନ୍ଦ୍ର ଓ ଧୂଳିସମୂହ ।

ରୁଚିର ବୋଲି ଯେ ବୋଲେ, କୁନ୍ଦବିକାଶକୁ ନିନ୍ଦିବା ହାସକୁ ଖେଳାଇ ଦେବୁଛି ଗେଲେ । ୪ । ଭ୍ରୂ ଅଛୁ ଚତେ ଭଜିଛନ୍ତି ମୋତେ ଅନେକ ନକ୍ଷତ୍ରମାନେ, ଶ୍ରୀହସ୍ତ ଚରଣକଞ୍ଜ ନଖଗଣ ଶୋଭି ଗୁହିଁ ନାହିଁ ଦିନେ । ୫ । ଟେକିଦିଅ ମୁଖ ଏ ଶୀତମୟୂଖଜିତ ହୋଇ ମରୁ ଚଳି, ନିତ ନିଧୁବନେ ଅନେକ ବିଧାନେ କେତେ ଚନ୍ଦ୍ର ଥାଇ ଗୃଳି । ୬ । ଚକୋର ଏହାର ବଡ଼ ଏବର୍ତ୍ତୁର ତୁ ସେବା ଦେଇଛୁ ମୋତେ, ଅଷ୍ଟଦୁର୍ଗଧିରାମଣ୍ଡଳୀ ଅମରାବତୀ-ଯତି ବୋଲେ ଗୀତେ । ୭ ।

( ୬୯ )

ରାଗ—ସୁରଟ

ମନ ଜମି ଯା, ସିନ୍ଧୁଜେମା ପ୍ରାଣଧନେ, ସିତପଙ୍କଜନୟନେ । ପଦ ।

ରମ୍ୟଯାନପଦ୍ମକରେ, ମୁନି ହୃଦ ପଦ୍ମକରେ । ୧ । ଶରଣାଗତ ବନ୍ଧୁରେ, କରୁଣା ସୁଧାସିନ୍ଧୁରେ । ୨ । ଦୀନଜନ ବିଭବରେ, ନୀଳାଦ୍ରି କଣ୍ଠୀରବରେ । ୩ । ଦଳିତ କଳୁଷପୁଞ୍ଜେ, ଇନ୍ଦ୍ରବନ୍ଦ୍ୟ ପଦକଞ୍ଜେ । ୪ । ନିଗମ କୁଞ୍ଜ କୁଞ୍ଜରେ, ଭବ ଭୟାଳୁ ପୁଞ୍ଜରେ । ୫ । ଶ୍ଳେଷରାୟ ଦେବ କହେ, ଦୁଃଖିତମର ବିଗ୍ରହେ । ୬ ।

( ୭୦ )

ରାଗ—ମାଳବ

ସେ ମୋହନ ସ୍ନେହ ରେ, ସହଚର କି ପଦାର୍ଥ କହ ରେ । ପଦ ।

ନୋହେ ଅଭ୍ରୟୁ ନ ରଖଇ ଦିକ, ଅମଳ ନୋହେ ଅତି ଜ୍ୟୋତ୍ସ୍ନାଦିକ, ହୋଇ ହୃଦୟୁ ଅଦୃଶ୍ୟପଦିକ, ହଜାଇ ଦିଅଇ ବିବେକଯାକ । ୧ । ନୋହେ ଘୂକନେତ୍ରଗୋଳକକ୍ଷ୍ୱେଳ, ଦୃଶ୍ୟ କରାଏ ଗାଢ଼ତମ ସ୍ଥଳ, ଲଙ୍ଘାଏ ଦୁର୍ଗ ନୋହେ ଜଙ୍ଘାବଳ, ବୁଡ଼ାଇ ଦିଅଇ ନୁହଇ ଜଳ । ୨ । ନୁହଇ ପରାଣ ନୁହଇ ଗଣ୍ଡ, ଅଟକଇ ପଦ ନୁହଇ ବେଢ଼, ବୃଷ୍ଟି ବାରଣ ଛତ୍ରକୁ ନ ଲୋଡ଼, ନ ମାନେ ନଭମାସନିଶା ଝଡ଼ । ୩ । ନୋହେ ସଂକଳପ ମାନସେ ରହେ, ହେଳା ନୋହେ ଯତ୍ନ ନ ରଖେ ଦେହେ, ଅନ୍ଧ ନୋହୁ ଶୀର୍ଣ୍ଣ କରେ ବିରହେ, ସନ୍ଦେହେ ଶ୍ରୀମୁକୁନ୍ଦଦେବ କହେ । ୪ ।

---

୬୯ । ଟୀକା—ଜମି ଯା—ଏକୀଭୂତ ହୋଇ ଯା, ସିତ—ଶୁକ୍ଳ, ରମ୍ୟଯାନପଦ୍ମକର—ଚକ୍ରଧାରଣକାରୀ ।

୭୦ । ଟୀକା—ଘୂକ—ପେଚକ, ଜଙ୍ଘାବଳ—ବେଗଗାମୀ ଦୂତ, ନଭମାସ—ଶ୍ରାବଣମାସ ।

( ୭୧ )

ରାଗ—ରଣବିଜେ

ବଲା ନା ସ୍ନେହ କଳାନାଗରେ, ସବପିରୁଚି ରଜନୀ ଜାଗରେ । ଘୋଷା ।
ଦେଖୁଛୁ ତ ଗର୍ବ କୁଟିଳ ଗୁଲି, ଭୁଜଙ୍ଗପୁଙ୍ଗବ ମୁଁ ସିନା ବୋଲି ॥
ତାହାର ଅତି ପ୍ରୀତି କଳାପୀରେ, ତହୁଁ ବହଇ ତା କଳାପ ଶିରେ । ୨ ।
ମୁରଲୀଧ୍ୱନି ଦମ୍ଭ ଗରଜନ, କେ ସହିବ ନୋହି ମୋହିତ ମନ । ୩ ।
କଲେ ତା ଭୋଗେ ଅଭିଳାଷ ଲବ, ଅଣ୍ଟିବ ନାହିଁଟି ବନମଲ୍ଲବ । ୪ ।
ଘାର ହୋଇ ସରପିରୁ ସଦନେ, ବଂଶୀ ଦେବ ଯେବେ ବଂଶୀବଦନେ । ୫ ।
କବିମାଉିଣ୍ଡ୍ର ରାୟଗୁରୁ କହେ, ଗଜ ଚରମେ କାହା ସ୍ନେହ ନୋହେ । ୬ ।

( ୭୨ )

ରାଗ—ନାଟକୁରଙ୍ଗ

ଯାଉଛୁ ମା ଅଉ ନ ପାରେ ତାକୁ ଟାକି । ପଦ ।

ଫବେଶ ବେଶ ଭୋଜନେ, ଲୋଡ଼ି ମୋତେ ଗୁରୁଜନେ, ଚଳି ହେଉଥିବେ ପରା ଡାକି । ୧ । ନିତ ଧର ଦୂତୀ କର, ଯତନେ ଅରଜବାର, ଗ୍ରେହ ପୀରତରେ ଏ କି ଗୁକି । ୨ । ହଜାର ହଜାର ଯାର, ପ୍ରଣୟବତୀ ବଜାର, ତହୁଁ କେହି ରଖିଥିବ ଜାକି । ୩ । ବ୍ରଜୁ ହୁଅନ୍ତେ ବାହାର, ତା ପଦପଙ୍କଜ କା'ର, କୁଚ୍ଚଚଳେ ରହିଥିବ ଠାକି । ୪ । ତୁଚ୍ଛାକୁ ତ ଶ୍ୟାମ-ପ୍ରୀତି,-ଲମ୍ପଟା ବୋଲି ମୋ ଖ୍ୟାତି, ନ ରହିବ ପୁଣି ସିନା ବାକି ॥ ଅବଶ୍ୟ ତ ଜୀବ ଯିବ, ନେଲେ ନେବ ମନୋଭବ, ରଖିଲେ ରଖିବେ ଶ୍ରୀ ପିନାକୀ । ୬ । ଜଗଦ୍ଦେବ ଭାଷା ଶୁଣି, ଅଳି କହିଲେ ମୁଁ ଅଣି, ଏବେ ଭେଟାଇଲେ କି ହେଲା କି । ୭ ।

( ୭୩ )

ରାଗ—ଭାଟିଆରୀ

ରେ ମୋ ଜୀବନ, ମୁଁ କି ମୀନ ମୀନକେତା ତୁ ମୋ ଜୀବନ ରେ,
ମୋର ମାନସ ବିହଗରାଜବନ । ଘୋଷା ।

---

୭୧ । ଟୀକା—ଭୁଜଙ୍ଗପୁଙ୍ଗବ—ସର୍ପଶ୍ରେଷ୍ଠ ଓ ବଟଶ୍ରେଷ୍ଠ, କଳାପି—ମୟୂର ଓ ବରହିଣୀ, ଗଜଚରମ—ହାତୀପିଠି ।

୭୨ । ଟୀକା—ଫବେଶ—ନିଦ୍ରା, ଗୁକି—ଚତୁରତା, ଶ୍ରୀପିନାକୀ—ସ୍ମରହର ମହାଦେବ ।

ସାକରସାର ମଧୁରଭାଷୀ, କାକରକରକିରଣହାସୀ, ନାକ-
ରମଣୀଙ୍କ ଠାକର ମାରୁଛୁ ତୋ କର ପଇଠ ଧରା ଦାସୀ ରେ । ୧ ।
କୁସୁମୋତ୍ସବ ବିଚ୍ଛେଦ ଯୁଗୁ, ଲାଗି ଉଚାଇତ ଲାଗୁ ଲାଗୁ, ଲଲନାରତନ
କଳନା ନ ପଡ଼ି କଳାନାଗବଲ୍ଲୀ ଗେଲେ ମାଗୁ ରେ । ୨ । ଘୁମୁରେ ଘୁଇ
ନ ପଡ଼ୁ ବୋଲି, ଛଡ଼ା ହୋଇ ମୁଁ ଯେ ଛୁଡ଼ା ହେଲି, ଛୁଇଁଲି ଯେ
ବୋଲି ଛଇଳ ହସି ମୋ ଘୁଡିକି ଜବେ କେ ଦେଇ ପେଲି ରେ । ୩ ।
ତୁ କାହା ଦୁଃଖପାସୋରା କି ରେ, ବୋଲି ମୁଁ ପଚୁରେଁ ପ୍ରେମଗିରେ,
ତୁମ୍ଭର ବୋଲିବା ଦମ୍ଭରେ ଦମ୍ଭୋଳି କରୁଛୁ ମୋ ଦୁଃଖଗିରି ଶିରେ । ୪ ।
ମେଲାଣି ହେବି କି ଯେବେ ବୋଲେ, ମୁଁ କି ଜାଣଇ ମା ଭାଷି ଗେଲେ,
ମୋ ପିନ୍ଧାବାସ ଶେଷକୁ ଛନ୍ଦଥାଇ ଅଙ୍ଗୁଳି ଅଗ୍ରୁ ଠେ ଚମ୍ପାଫୁଲେ ରେ । ୫ ।
ସ୍ମିତ ସୁଧାବିନ୍ଦୁ ଝଡ଼ୁଥାଇ, ରତିର ପ୍ରସଙ୍ଗ ବଢ଼ୁଥାଇ, ଚଉ ତୋ ଯହିଁ
ଦଉଡ଼ୁଥାଇ, ଗୁରୁ ଗୃହାଣିରୁ ଚହଳ ପଡ଼ୁଥାଇ ରେ । ୬ । ପ୍ରତି ପ୍ରବନ୍ଧେ
ମଜ୍ଜାଇ ମଜ୍ଜା, ନିତି ହେଉଛୁ ବାସକସଜ୍ଜା, ଗୋଟିକି ଗୋଟିଏ ରାଣ ଲଙ୍ଘି
ନଖି ବୋଲୁ ଯେ କାହିଁକି ଏଡ଼େ ଲଜ୍ଜାରେ । ୭ । କ୍ଷଣକେ ମୋ ଦୋଷ
ଦଶକୋଟି, କ୍ଷମା ନ କଲେ ମୁଁ ସରିଲିଟି, ଅଖଦଡ଼ ଅବଧାନରୁ ଶ୍ରୀଅଙ୍ଗେ
ନଖଦନ୍ତ କ୍ଷତ କରଇଟି ରେ । ୮ । ଏ ସ୍ନେହପୀୟୂଷ ବରଷାରୁ, ଏହି
ଅନୁରାଗ ଭରସାରୁ, କର ସାରସଲୋଚନା କବିରବି ବଳାଇଛୁ ତୋତେ
ଘରଷାରୁ । ୯ ।

( ୭୪ )

ରାଗ—କେଦାର

କରିବି କି ରଜ, ଚନ୍ଦ୍ରାନନା ଅଜ, ମୋ ଅଙ୍କେ ବିରାଜ ଖେଳିବାକୁ,
ସମରେ ନ ଭାଜିବାର ମାର ପାଜି ମଜ୍ଜା ବଳ ରାଜି କଳିବାକୁ । ଘୋଷା ।
ମୋର ଅନଳପ ପୂରୁବର ତପକଲାପ-କଲପବଲ୍ଲରୀ ସେ
ଗୋରୀ ରେ, ହେଲା କି ଏଥର ମୋ ମନୋରଥର ସମୁଚିତ ଫଳ
ଫଳିବାକୁ । ୧ । ନବୀନ ବିଳାସବତୀ ସେ ତ ନୀଳ ଲତା ଦୁଇ ପାଶ
ମଧ୍ୟେ ତା ନିବାସ ରେ, ମୋହପର ପାଞ୍ଚିଅଛୁ ମୁଁ ଯେ କାଞ୍ଚି କିଙ୍କିଣୀ
ନିଚୟ ଗୁଳିବାକୁ । ୨ । ଅଭିନବ କ୍ରୀଡ଼ା କାଳେ ଗାଢ଼ ଭିଡ଼ା ଅନୁଭବରୁ ତ

---

୭୩ । ଟୀକା—ନଖି—ରାଣ ନ କାଟିବାପାଇଁ ଦୁଇ ନଖକୁ ଏକତ୍ର କରିବା ।

ଲଭୁଥିବ ବ୍ରୀଡ଼ା, ହେବ ଅନୁକୂଳ କ୍କ ଊରୁ ଦୁକୂଳ ତଳସ୍ଥଳେ ପାଣି ଗୃଳବାକୁ । ୩ । ଶିଶୁ-କଳାକର-ଚୂଡ଼ାମଣିପର ଅମଳରୁ ଲ୍ଲାନ ନ ଥିବ ମୋହର, ପାରିବ କି ବାରି ନିଜ ସୁକୁମାରୀ ଶ୍ରୀଅଙ୍ଗ ଲତାଟି ଲୁଳବାକୁ ।୪। ରଦନ-ବସନବିମ୍ବକୁ ଦଶନ ଅଞ୍ଚଳେ ପୀଡ଼ିତ ହେବ ସୁଧାସମ, କୁନ୍ଦ-ବିକଶନ ତା ମନ୍ଦହସନ ଦୁଇ ଶୋଭା ନେବେ ତୁଳିବାକୁ । ୫ । କହେ ବଳଦେବ କବିରବି ନବ ନଟବର ଶିରୀ ପ୍ରିୟାସଙ୍ଗୋତ୍ସବ, ମିଳି ସଖୀ ବ୍ରଜେ ମୋଦେ କଲେ ବିଜେ କୁଞ୍ଜରୁ କୁସୁମ ତୋଳିବାକୁ । ୬ ।

( ୭୫ )

ରାଗ—ଅଡ଼ାଣା

ନିନ୍ଦା ନ ଲଭ ସଖୀ ରେ, ମନ୍ଦାରଅଧରା ଧୀରା ଅଜନ୍ମସୁଖୀ ରେ ।

କୁନ୍ଦସୁନ ଶରଦନ୍ଦୁ କିରଣଗଣ ସୁନ୍ଦରହସରୁଚିବୃନ୍ଦଲଳିତମୁଖି ରେ ॥

ଶରକାଳରୁ ମୁଁ ତୋର, କୁଞ୍ଜ ମନ୍ଦିର, ମଣ୍ଡନପ୍ରିୟ କିଙ୍କର, ରୋଷାବେଶେ ନିର୍ଭର, ରୋଷା ମନେ ନ ଧର, ଯୋଷାମଣି ମସାର, କେଶାସାର ନ ସାର, ଭାଷ ଅତନୁ ବିଳାସ, ନିଧି ପରକାଶ, ରୁଚିର ବିକାଶ, ମନ୍ଦହରହାସ, ନବ ନବ କାଶ, ଯୁତ ରଦବାସବତୀ ନିଜ ଦାସ ସଦୃଶ ଜନେ । ୧ । ମଥା ନୁଆଇଁ ନ ବସ, ଦୁଃଖେ ନ ମଜ୍ଜି, ନ ଯାଉ ନିଶା ଦିବସ, ଆଲିଙ୍ଗନରେ ରସ, ନାଳିକନିଭବାସ, ଅଙ୍ଗିନା ନ ପ୍ରକାଶ, ଦାସନାଶ ଅଯଶ, ବାରିରୁହ ପରିହାସୀ ନୟନରୁ ଗୃର ପ୍ରହରେ ଯେ ବାରି ଜନମୁଛି ନାରୀମଣିକି ବିଗୃରି ସବୁ ସୁଖ ସାର ଥାଇ ହେବି ମୁଁ କେହି । ୨ । ତେତେଡ଼େ ପୀରତ ପାସୋରି, କଣେ।ଦରବର, ବିହ୍ୱଳ ଯା ଏତେ ସହି, ଢେଙ୍କାଲ ପର ପର, ପାରୀନ୍ଦ୍ରମଧ୍ୟା ଗୋରୀ, ନାରୀନ୍ଦ୍ର ଧରି-ଶିରୀ, ଶିରୀଷ ସୁକୁମାରି, ତାଳ ପୃଥୁଳ ବିଶାଳ ରୁଚି ହରତାଳ ସୁଘଟିତ ତାଳସ୍ତନୀ ରେ, କଷ୍ଟାଳ ନ କରଟି କାଳପୁରୁଷ କରାଳ ସ୍ମରକରବାଳ

---

୭୦ । ଟୀକା—ଅନଳପ ( ଅନଳ୍ପ )—ଅତ୍ୟଧିକ; ତପକଳାପ-କଳପବଲ୍ଲରୀ—ତପସ୍ୟାସମୂହରୂପ, କଳ୍ପଲତା; ଶିଶୁକଳାକର-ଚୂଡ଼ାମଣିପର—ଚନ୍ଦ୍ରଚୂଡ଼ଙ୍କ ଶତ୍ରୁ ଅର୍ଥାତ୍ କନ୍ଦର୍ପ ।

୭୫ । ଟୀକା—କୁନ୍ଦସୁନ—କୁନ୍ଦଫୁଲ; ରୋଷା—କ୍ରୋଧ; ମସାରକେଶା—ଇନ୍ଦ୍ରନୀଳ ପରି କେଶ ଯାହାର; ନାଳିକ—ପଦ୍ମ; ବାରିରୁହପରିହାସୀ—ପଦ୍ମକୁ ପରାସ୍ତ କରୁଥିବା; ଥାଇ—ସ୍ଥିର; ପାରୀନ୍ଦ୍ର—ସିଂହ; କରବାଳ—ଖଡ୍ଗ;

ବଦନେ ଦେଇ । ୩ । ଶୁଣି ଶ୍ରୀମନ୍ତ୍ରୀ ହସିଲେ, ଜଗଦ୍ଦେବ ଧରଣୀନାଥ ଭାଷିଲେ, ଦେହେ ଦୁହେଁ ମିଶିଲେ, ଆନନ୍ଦ ବରଷିଲେ, ମାରକୁ ଭରସିଲେ, ତାର ଶରେ ରସିଲେ, ଶମ୍ବଧରମଣି ଜାମ୍ବୁନଦ ବଧୂ ବମ୍ବ, ଯୁଗ ଘନ ଚୁମ୍ବ ବିଭବରୁ ଶମ୍ବରପରକଲମ୍ବ ସମୁଦାୟ ଡମ୍ବର ଦଳିଲେ ଲମ୍ବ ଚକ୍ରବର୍ତ୍ତୀ । ୪ ।

( ୭୬ )

ରାଗ—ପଞ୍ଚମବରାଡ଼ି

କଳାବଳାହକତୁଲାଦଳିତମାଳକୁନ୍ତଳା ଚଳାଚଳାଗ୍ରୁରୁନେତ୍ରାଞ୍ଚଳା । ବାଳାବଳସୁଇଚ୍ଛଳାଗଭୁସଦୃଶୀ ମଞ୍ଜୁଳା ଦଳା ଗୋରୋଚନାଙ୍ଗୀ କୋମଳା ରେ, କଳାବନ୍ତ, କଳାନିଧି ଶ୍ରୀମୁଖମଣ୍ଡଳା, ଛଳା ନେନେ କର ମୋ ସଙ୍ଗଳା, ବାଳାହଳାହଳଗିଳାଚୁଳାଭରଣକୋମଳା ଜଳାନ୍ତ ନିର୍ମଳାନ୍ତ-ବତ୍ସଳା ରେ । ୧ ।

କି ମାନିବା ସୀମା ଦେଖି ପ୍ରମାଦ ମାର୍ଗ ଉପେକ୍ଷି ରମା ସମାଜମାନଙ୍କୁ ହର । ସମାନ ବିମ୍ବ ଚନ୍ଦ୍ରମାମୁହିଁ ତୋ କୁନ୍ତଳେ ଜମା ହେଲା ତମାଲ-ମାଳ ମାଧୁରୀ ରେ, କ୍ଷମାନିଧି, ଗୁମାନ ମାନ ନ ଧର ମୋରେ, ଜମାଅ ମାଗୁଛୁ ପୟୋଧରେ, ରମା ଉମା ତୁରଙ୍ଗମା ସମାନସାଧ ମଧ୍ୟମା ଗମାରୁ ମାର ମାରୁ ନାଶରେ ରେ । ୨ ।

ତୁଷାରସାମ୍ୟସୁପ୍ରହସାନନା ତୁ ମୋ ଶୁଭ-ଦଶାର ସାରୁ ସାମଗ୍ରୀବର । ତୁ ସାରସାକ୍ଷୀକି ହେଜ ପ୍ରାସାଦ ସାମ୍ରାଜ୍ୟ ତେଜ ରୁଷା-ରୁଷାରୁ ସାମର୍ଥ୍ୟ ମୋର ରେ, ରସାଳସା, ମୁଁ ସାରସ ଚରଣରେ ପଶି, ଅସାର ସଙ୍ଗରେ ନାହିଁ ବସି, ତୁ ସାରସାରବିବେକ ଭୂଷା ତୁ ସାକ୍ଷୀ ତହିଁକି ରସାଅ ସାର୍ଥରେ ଥରେ ହସି ରେ । ୩ ।

ହରାପରାଧୀ ଦୁର୍ଜର ନାରାଜରାଜରେ ମୋର ପରାଭବ ଏକା କଲେ ଫନ୍ଦା । ଧରାଧରାଧିପସ୍ତନା ଚରାଚରାନ୍ତେ ତୋ ବିନା ପରାଭବ କାହିଁ ହେବ

---

ଶମ୍ବଧରମଣି—ଇନ୍ଦ୍ରମଣି; ଜାମ୍ବୁନଦ—ସୁବର୍ଣ୍ଣ; ଶମ୍ବରପର—କନ୍ଦର୍ପ; କଲମ୍ବ—ଶର ।

୭୬ । ଟୀକା—କଳାବଳାହକ—କଳାମେଘ, ଜଳାନ୍ତ ( ଜଳାନ୍ତ୍ୟସୂଚକ )—ଶରତ୍କାଳ, ଧରାଧରାଧିପ—ପର୍ବତରାଜ ।

ନିନ୍ଦା ରେ, ଧର ହର, ଅରତି ନ ହେଉ ମୁଁ ସୁକେଶୀ, ଖେଦ ନ କର ଏତେ ଅଶା, ସ୍ବର୍ଣ୍ଣର କଳନ୍ତରଧର ମଗର ବଣିଶୁର ପରାଣ ପାଇଲେ ଟି ପ୍ରଶଂସା ରେ । ୪ ।

( ୭୭ )

ରାଗ—ମୁଖାରୀ

ବାଳାବର ରେ ଶଙ୍ଖକର୍ଣ୍ଣି ତୁ ସଙ୍ଗୀଲି ମୋର ରେ । ନ ଥାଇ ତୁ କୋଳେ କି ସମ୍ପତ୍ତିବଳେ ଇନ୍ଦ୍ର ହେଲେ ସୁରେଶ୍ବର ରେ । ଘୋଷା ।

ଚନ୍ଦ୍ରମା ଚନ୍ଦନ କଳକଣ୍ଠ ସ୍ବନ ମିଳିନ୍ଦବୃନ୍ଦ ଝଙ୍କାର ରେ । ଏବେ ମୁଁ କଟାକ୍ଷ ଫିଙ୍ଗୁ ନାହିଁ ପକ୍ଷ ହେବାରୁ ତୁ ଅହଙ୍କାର ରେ । ୧ । ସୁରଭି ଋତୁ ତା ମରୁତ ମରୁ ତ ଜାତ ତ ସେ ମୋ କିଙ୍କର ରେ । ତରୁଣୀ ତୋତେ ମୋ ଧନ କଲେ ଯହୁଁ କରୁଣାନିଧି ଶଙ୍କର ରେ । ୨ । ଅସୁର ସୁରଙ୍କ ରମ୍ୟ ଦ୍ରବ୍ୟ ରଙ୍କ ପଣ ଶୁଣି ସିନ୍ଧୁ ଜୁର ରେ । ମୋ ପାଇଁ ତୁ ଲଙ୍କ ଯତନେ ଥିଲୁ କି ଲବଣ୍ୟ ପୀୟୂଷପୁର ରେ । ୩ । ସୁଲକ୍ଷଣ ବଧୂମାନଙ୍କର ମଧୁ ଥାଏ ଜାଣି ରଦାମ୍ବର ରେ । ପୂରଅଛୁ ତୋର ପ୍ରପଦୁଁ ଚକୁରପାଶ ଯାଏ ସୁଧାଙ୍କର ରେ । ୪ । ଫୁଲ୍ଲ ମନମଥ ଗୁଲ୍ମରୁ ମୋର ଏଣିକ ଅତ କି ଡର ରେ । ଝୁଲ ମଞ୍ଜୁଳ ତୋ ଲଲାମ ଛବି କି ସଲାମ ସହସ୍ରେ ଥର ରେ । ୫। ଏପର ପ୍ରଶଂସାମୃତ ସ୍ଫୂରୁ କଂସାହୃତ ମୁଖଶଶଧର ରେ । ଅଷ୍ଟଦୁର୍ଗପତି ରଚିଲେ ଶ୍ରୀମତୀ ସଙ୍କୁଚିଲେ ଲଜ୍ଜାଭରରେ । ୬ ।

( ୭୮ )

ରାଗ—ବଙ୍ଗଳାଶ୍ରୀ

ଟମକ ବାଜଇ ଜଗତୀଯାକେ ତୁ ନ ଜାଣୁ ବୋଲି କପଟ; ଟେଭ ପୀନସ୍ତନା ସେ ଗୁଣକୁ ମନା କର ଦେଲୁ କି ନିପଟ । ୧ । ଟେଲିଗଲା ଅନୁରାଗ ଯେ ତୋ ମନୁ କି ଦୋଷୁ କର ପ୍ରକଟ; ଟେପ ଟେପ ନୀର ବରଷୁ ଅଛୁ ଯେ ତୋ ନୟନ ଖଞ୍ଜରୀଟ । ୨ । ଟେକ କର ତୋର ରୁଷା ଅଜଗର

---

୭୭ । ଟୀକା—କଳକଣ୍ଠସ୍ବନ—କୋକିଳଶବ୍ଦ, ମିଳିନ୍ଦବୃନ୍ଦ—ଭ୍ରମର ସମୂହ, ସୁରଭିଋତୁ—ବସନ୍ତକାଳ, କିଙ୍କର—ଗୃକର, ପୀୟୂଷପୁର—ଅମୃତ ପ୍ରବାହ, ରଦାମ୍ବର—ଅଧର, କଂସାହୃତ—ଶ୍ରୀକୃଷ୍ଣ, ଶଶଧର—ଚନ୍ଦ୍ର ।

୭୮ । ଟୀକା—ସୁଖସଂପୁଟ—ସୁଖରୂପ ଫରୁଆ, ଟେଣକପଣ—ଟାଣପଣ ।

ଗଳାଲ୍ଲ ସୁଖସମ୍ପୃକ୍ତ; ହାଣି ପଛେ ପଦେ ବୋଲନ୍ତୁ କାହିଁକି ମନ କଲୁ ସ୍ନେହ ତୁଟ । ୩ । ହସର ମିଶାଇ ଦେଲେ ନାଙ୍କ ଅଙ୍ଗ ପସନ୍ଦ ଦିଶଇ ଯାହ; ହଣଙ୍କପଣଙ୍କତୁଗ୍ଧ ଦେଲୁ କହେ ଅଷ୍ଟଦୁର୍ଗ ଧରାଗ୍ରହ ।

( ୭୯ )

ରାଗ—ଆନନ୍ଦଭୈରବ

ବନ୍ଧୁଅ ତୁ ମୋ ସବୁ ଭରସା, ନ କର ଦରପଣନାଭରସା । ପଦ ।

ଭୃଷ ପଛେ ମୁନେ କରରୁହର, ଏ ଗୁମାନ ପରଙ୍କରରୁ ହର । ୧ ।

ଶ୍ରୀମୁଖ ପରବ-ତୁହିନକର, ଅରୁଣଭାବକୁ ତୁହି ନ କର । ୨ । ବାଅର୍ଥ ଏ ଚନ୍ଦ୍ର କ୍ଷଣଦା ସରେ, ଖେଳା ଚଞ୍ଚଳ ଇକ୍ଷଣ ଦାସରେ । ୩ । ମୁଁ ସାଧ ନୋହିଲେ ଛଅରଣରେ, ମାର ମଦନ ହଟିଅ ରଣରେ । ୪ । ସରଳ୍ପଟି ଅଷ୍ଟଦୁର୍ଗନାଥରେ, ଅନା ଅନା ସୁନାବରନା ଥରେ । ୫ ।

( ୮୦ )

ରାଗ—କେଦାର

ଶୃଙ୍ଗସୁନ୍ଦରମୁଖି ରେ,

ବୃନ୍ଦ ବୃନ୍ଦ କନ୍ଦର୍ପ ଶରମଯ୍ଯୂ ସର୍ପ ନ ଦାଏ ମୋ ଦର୍ପ ରଖି ରେ । ପଦ ।

ରସାଇ ସାରସଦୃଶା ଲସା ମୋ ଦୁର୍ଦ୍ଦଶାରେ, ଦଶାରେ ତୋ ଲଭ ମୋ ଭରସା ରସାଳସା ରେ । ନିଶାରମଣଙ୍କର, ବିଶାଳମଦହର, ହସା ବିଭବଭର, ମିଶା ମଧୁରତର, ପ୍ରସାଦ ପରିହର, ରୁଷାରୁତ ନ କର, ତୃଷା ମୋହର ହର, କୃଶାନୁବର ରେ । ୧ । ବଳାହକବିଜୟିକୁନ୍ତଳା ଲୀଳାବତୀ ରେ, ଝଳାଅ କୁଞ୍ଜରକୁମ୍ଭସ୍ଥଳାକୃତି ସ୍ତନ ରେ, ଗଳା ନବରତନ, କଳାପ ଅନୁଦନ, ଚଳାଚଳ ନୟନ, ତଳା ରସକୁ ମନ, ବଳାଅ ରେ ମଦନ, କଳାନିଧି ବଦନ, ବଳାପହକଦନ, ପଳାଇ ଧନ ରେ । ୨ । ଚରାଚର ବିଭୂଷଣା ଧରାଧରସ୍ତନା ରେ, ପରାଣ ଅଛୁ ତୁ ଦେବା କରାରରୁ ସିନା ରେ,

---

୭୯ । ଟୀକା—ନିଭ—ତୁଲ୍ୟ, କରରୁହ—ନଖ,ପରଙ୍କରରୁ—ଶୃଙ୍କରଠାରୁ, କ୍ଷଣଦା—ରାତ୍ରି, ଛଅରଣ—ଗାଳି ।

୮୦ । ଟୀକା—ହେ ସାରସଦୃଶା, ତୋ ଲଭ ଦଶାରେ ମୋ ଦୁର୍ଦ୍ଦଶାକୁ ଲସା ଅର୍ଥାତ୍ ଦୂର କର । ବଳାହକବିଜୟିକୁନ୍ତଳା—ମେଘ ଅପେକ୍ଷା ନୀଳତର କୁନ୍ତଳ ଯାହାର, କଳାନିଧିବଦନବଳାପହକଦନ—ଶିବ ଶତ୍ରୁ ଅର୍ଥାତ୍ ମଦନର କଷ୍ଟ, କରାର—କଣ୍ଠ, ଅସ୍ୱଳଭ୍ରୂତତ—ବାଙ୍କଶୃହାଣୀ ।

ଧରି ଭଲେ ମୋ ଗତି, ପରି ତୁ ଗଜଗତି, ହସି ରଖରେ ନାତି, ମରିଲି ଅଙ୍ଗୀରତି, ପରାଗରେ ଜଗତି, କରିଜଳୁ ଭରତି, ଅରାଳଭ୍ରୁରୁତତି, ହଂସୀ ସୁଦାଶ ରେ । ୩ । କହେ ଅଷ୍ଟଦୁର୍ଗ ନାଥ ସ୍ନେହେ ତୁ ଅଧୀନା ରେ, ଅହେତୁକ ପ୍ରେମ ଗୁଢ଼ ମହେଶମୋହନା ରେ, ବହେ ଅନବରତ, ଦହେ ମୃଦୁ ମରୁତ, ସହେମ ମରକତ, ଗୃହେ ହୋଇ ମିଳତ, ତୁ ହେବୁ ରସ ରତ, ଦୁହେଁ ହେବା ସଙ୍ଗତ, ମୁଁ ହେବ ମହୀଗତ, ମହେନ୍ଦ୍ରବତ ରେ । ୪ ।

( ୮୧ )

ରାଗ—ମୋହନା, ଅଦତାଳ

କୁଞ୍ଜନଳୟଭ୍ରୂଷା, ଅଞ୍ଜନପୁଞ୍ଜ ମସାର ଘନକେଶା,
କଞ୍ଜଚନ୍ଦ୍ର ମଦଗଞ୍ଜନାସ୍ୟରୁଚି, କୁଞ୍ଜର-ଗତି ମନୋରଞ୍ଜନବେଶା । ପଦ ।

ଆସ ମୋ କୋଳରେ ବିରାଜ, ଦାସର ସରଙ୍କ କର କି ଲାଜ ବାସକୁ ପରକର ଆଜ, ନାଶ ଦୁଃଖ ସମାଜ, ଧନ ମୋତେ ବାସବାଦ ପରହାସ ଚତୁର କର, ବରବରନାବର ନାଗରୀରାଜ । ୧ । କୁନ୍ଦ ସୁନ୍ଦର ଦଶନାଳି ସୁନ୍ଦରୀ ମଣି ତୁ ମୋର ସଙ୍ଖାଳି, ଚନ୍ଦନ ସଭରଭପାଳୀ, କୁନ୍ଦନମୟମାଳି, ବୃଷରବିନନ୍ଦନୀନ୍ଦ୍ରମଣି ମଞ୍ଜୁଭୁଜଗଭ୍ରୁ, ଚଳ ନୟନାଞ୍ଚଳ ଦେ ଥରେ ଢାଳି । ୨ । ମାର ରଖିଛୁ ଶର ଶାଣି, ତାର ତ ଚରିତ ଅଛୁ ପରି ଜାଣି, ସାରକୁ ଘେନିଯିବ ଛାଣି, କାର ସେ ରଖେ ଠାଣି, ମୋର ହୃଦୟ ଢାର ହାର ହୁଅ ଆରେ ସୁଗୁଣବତୀ ରତିଚତୁରୀ ନବପଲ୍ଲବପାଣି । ୩ । କାଞ୍ଚନ-ଗଉରୀ ବିଗୃର, ବଞ୍ଚନବଧିକ ବିରଚିବାର, ମୁଞ୍ଚ ଧନ ମୁଁ ପରଗୃର, ମଞ୍ଚରେ ତ ତୁ ସାର, ଅବିରତ ପଞ୍ଚବାଣ ରଣକୌଶଳ ପରିଚୟ କର ସୁରସାବର ସାର୍ଥରେ ମୋର । ୪ । ଏପରି ନବଘନଶ୍ୟାମ, ଗୃହୁଁ ବିରଚି ଲଭୁ ବିରାମ, ସସ୍ମିତ ତରୁଣୀ ଲଲାମ, ପୂରିଲେ ହରିକାମ, ନୃପ ଜଗଦ୍ଦେବ ସେ ସମୟୁ ବେଶ ଲଳିତ ପଦଯୁଗ ଯୁଗଳୀଜଳଜାବଳୀଦାମ । ୫ ।

( ୮୨ )

ରାଗ—ମୋହନା, ଅଡ଼ତାଳ

ଗୃହିଁ କି ନାହିଁ କେହ୍ନ ମୋହନ ହାସ ଗୋ କେହ୍ନ ତା ମନ୍ଦହାସ,
କାହିଁକି ଏକା ମୋତେ ଏ ପରିହାସ । ପଦ ।

---

୮୧ । ଟୀକା—ମସାର—ଇନ୍ଦ୍ରମଣି, କଞ୍ଜ—ପଦ୍ମ, କୁଞ୍ଜର—ହାତୀ, ବୃଷରବିନନ୍ଦନୀ—ବୃଷଭାନୁକନ୍ୟା ।

କେଉଁ ସଖୀ ସେ ପୁଟ, ଭେଦନେ ଅଛୁ ନଟବର ସ୍ନେହୁଁ ନିପଟ ହୋଇ ନିରଶ । ୧ । ଡାକ ତ ସେ ଯୋଷାକୁ, କହୁ କାହା ନାସାକୁ, ବାଜି ନାହିଁ ସେ ବନମାଳିକା ବାସ । ୨ । ଲେଢ଼ ଶ୍ୟାମ ପ୍ରୀତିକି, ଘଟକ-ଯୁବତୀକି, କେ କହୁ ନାହିଁ ଧରି ଦଶନେ ଘାସ । ୩ । ତୋ ସ୍ନେହୁଁ ନିଶୀଥରେ, ବନଦୁର୍ଗପଥରେ, ଗତାଗତରୁ ଥିବ ପଦେ ପରସ । ୪ । ଡାକୁଁ ଯାହା ମୁରଲୀ, ସ୍ୱାମୀକି ପେଲି ଠେଲି, ଧାବନବଶେ ଗସେ ନିତମ୍ବ ବାସ । ୫ । ଶ୍ରୀ ଜଗଦ୍ଦେବ ଭଣେ, ରାଧାବାଣୀ ଶ୍ରବଣେ, ଅଳିଏ ହସି ଦେଲେ ଅଙ୍କ ନିବାସ । ୬ ।

( ୮୩ )

ରାଗ—ତୋଡ଼ିବଙ୍ଗଳା, ଅଡ଼ତାଳି

ଯା ଯା ମୋ ପାଶରୁ

ସେ ଶ୍ୟାମନାଗର ନଟ ନାମ ନ ଧର ମୋ ଆଗେ ଲୋ । ଘୋଷା ।

ଯେଉଁ ତୋ ଉପଦେଶ ହେବାରୁ ବୁଦ୍ଧିନାଶ ପଡ଼ିଥିଲି ଥରେ ତା' ଭୋଗେ ଲୋ । ୧ । ତ୍ରିଜଗତୀରେ ଗତି ନ ଥିବାର ଯୁବତୀ ବୁଡ଼ିବ ତାର ଅନୁରାଗେ ଲୋ । ୨ । ସଞ୍ଜବେଳରୁ କଞ୍ଜ ଫୁଟିବାଯାଏ କୁଞ୍ଜଗୃହେ ତୋ ଭୁଲେ ପରି ଲାଗେ ଲୋ । ୩ । ସେ ଧୂର୍ତ୍ତି ପୀତପଟ ପେଟେ ଯେତେ କପଟ କ୍ଷପ ନ ଥିବ ତେତେ ନାଗେ ଲୋ । ୪ । ମୋ ପରି ଲଜହୀନ ନୋହିବା' ନାରୀଜନ ଗରି ଗିଳନ୍ତା ସେହି ଲାଗେ ଲୋ । ୫ । ଅଷ୍ଟଦୁର୍ଗଭୂପତି ବୋଲେ ହେବ ଭରତି କେ ବୃଥା ଅଙ୍ଗାରତି ଦାଗେ ଲୋ । ୬ ।

( ୮୪ )

ରାଗ—ଶ୍ୟାମ କଲ୍ୟାଣ, ଅଡ଼ତାଳ

କହ କି ହେଲି, ସହି କି ହେଲି, କପଟରୁପାରେ । ପଦ ।

ନ ଗୃହିଁ ପୁଣି ତାଙ୍କ, ଶ୍ରୀମୁଖହରିଣାଙ୍କ, ସଖି ଅଖି ରଖିଲି ରସାରେ ।୧। ଛମ୍ପ ନଜର ମଣି,-ମନ୍ତ୍ର ମନ୍ତ୍ରନିଶ୍ରେଣୀ, ବୁଣି ଦେଲି ପୁଣି ମୃଗଦୃଶା ରେ ॥ ଚରଣେ ପୁଣି ଦଳି ପକାଇ ଦେଲି ଚଳି ତ୍ରୁ ସୁନ୍ଦର କୁସୁମ ଭୂଷା ରେ ।୩।

---

୮୨ । ଟୀକା—ପୁଟଭେଦନ—ନଗର, ନିଶୀଥରେ—ଅର୍ଦ୍ଧରାତ୍ରରେ, ନିତମ୍ବ—କଟିର ପଶ୍ଚାଦ୍‌ଭାଗ ।

୮୩ । ଟୀକା—ତ୍ରିଜଗତୀ—ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ; କଞ୍ଜଫୁଟିବାଯାଏ—ସକାଳଯାଏ; ନାଗେ—ଗୋଖର ସର୍ପରେ ।

ଦେଖି ତୋ ରୁଷା ସ୍ମିତ ଗିରିଧରଙ୍କ ଧୃତି ଥିଲା କି ହୋଇଲା ଅତି କୃଶାରେ ॥ ମୃଦୁ ଶ୍ୟାମଳ ଗୋରା ଝାଉଁଳିଗଲେ ପରା ହର-ପର-ଶର-ଜ୍ୱର ତୃଷାରେ ॥ କହୁ ଏହୁ କଣ୍ଟାଳ ମଣ୍ଡିଦେଲା କି କାଳ ପୂର୍ବଦିଗ ପର୍ବତକୁ ପୂଷା ରେ ।୬। ଶ୍ରୀ ଜଗଦ୍ଦେବ ବୋଲେ ଦେଖିବେ କାଲୁ କି ହେଲେ ବେଳେ ଧରି କୋଳେ ତାଙ୍କୁ ସୁସାରେ । ୭ ।

( ୮୫ )

ରାଗ—ଇମନ କଲ୍ୟାଣ, ଅଡ଼ତାଳ

ପର ମଣି ତ ରମଣି ଦେଲୁ କରମଣି ଛାଡ଼ି ରେ । ଘୋଷା ।

ମୋ ଜୀବନ କାହିଁ ହଜାଇଲୁ, ଖୋଜ ଅଣି ଦିଅ ଅଳି ବୋଲି, ଜଳପୁଛୁ, ବିଲପୁଛୁ, ଏବେ ଢ଼ରେ କର ତାଡ଼ି ରେ । ୧ । ଜାଣି ତୋହର ମାନସ ବ୍ୟଥା, ଅଣିଥିଲୁଁ ଭଲି କେତେ କଥା, ଘନପ୍ରଭା ସୁନଗଭା, ଅତି ଯତନେ ସଜାଡ଼ି ରେ । ୨ । ବିମ୍ବ ରଦନାମ୍ବରୀ ରେ ଧନ, ନୀମ୍ବଦଳ ଦ୍ରବେ ଦେଇ ମନ, ସୁଧାଧାରା, ମୁଧା ଧରା-ତଳେ ଦେଲୁ ତ ଅଜାଡ଼ି ରେ । ୩ । ଗୋପ ଯୁବରାଜ ଶିରୋମଣି, ତୋ ପଦକଞ୍ଜ ଚୁମ୍ବିଲା ପୁଣି, ଭୁଜେ ଧରି, ତୁ ଯେ ହରିଣାକ୍ଷୀ ନ ରଖିଲୁ ଭିଡ଼ି ରେ । ୪ । ଯାହା ପାଇଁ ଶିବ ପୂଜୁଥାଉ, ତାହାଙ୍କ ପ୍ରିୟାଙ୍କୁ ଭଜୁଥାଉ, ତାଙ୍କ ଦୁଃଖ କରି ସୁଖ, ମୂଳ ଦେଲୁ ତ ଉପାଡ଼ି ରେ । ୫ । ବୋଧି କହେ ଅଷ୍ଟଦୁର୍ଗନାହା, ବୁଦ୍ଧି ହୁଡ଼ରୁ ତ ହେଲା ଏହା, ଏବେ ଗୁଲି, ନନ୍ଦଲାଲି, ମନ୍ତୁ ମାନ ଦେବା ଝାଡ଼ି ଗୋ । ୬ ।

( ୮୬ )

ଶ୍ୟାମ କେଡ଼େ ଅବୁଝାଣ, ତା ଲାଗି ଯିବ ଏ ପ୍ରାଣ ଗୋ । ପଦ ।

ଚୋରପଣେ ଆସି ମୋର ପାଶେ ବସି ଘୋର ଆଚରିଲ ଟାଣ ଗୋ; ସ୍ମର ମରଦିଲ ତା ବଚନ ପାଇ ବିଷମ ଶର ପଠାଣ ଗୋ । ୧ । ପଗୁଇ ଦେବାକୁ ଅଭିଳାଷ ଫଳ ନଗୁଇ ଭ୍ରୂକୁ କମାଣ ଗୋ; ଫିଟାଇ ଦିଅଇ ଧୃତିକି ପ୍ରହାରି କଟାକ୍ଷ କପଟବାଣ ଗୋ । ୨ । ଗୋଟିଏ ଗୋଟିଏ ଅଲପ

---

୮୪ । ଟୀକା—ଶ୍ରୀମୁଖହରିଣାଙ୍କ—ଶ୍ରୀମୁଖଚନ୍ଦ୍ର; ରସା—ପୃଥିବୀ; ଗିରି-ଧର—ଶ୍ରୀକୃଷ୍ଣ; ହରପରଶର—କନ୍ଦର୍ପଶର; ପୂଷା—ସୂର୍ଯ୍ୟ ।

୮୫ । ଟୀକା—କରମଣି—ହସ୍ତସ୍ଥିତ ମଣି; ଜଳପୁଛୁ—ବୃଥା ଅନେକ କଥା କହୁଅଛୁ; ବିଲପୁଛୁ—କାନ୍ଦୁଛୁ; ଢ଼ରେ—ବକ୍ଷରେ; ସୁନ—ଫୁଲ; ମୁଧା—ବୃଥା; ତାହାଙ୍କ ପ୍ରିୟା—ଶିବଙ୍କର ପ୍ରିୟା, ପାର୍ବତୀ ।

କଥାକୁ କୋଟିଏ ପକାଏ ଶ୍ରଣ ଗୋ; ସରେ ସେହି ଅବସରେ ସବୁ ସହି କରେ ଯେତେ ହୁଇଗଣ ଗୋ । ୩ । ଜମି ରହେ ମନ ତା ଭଙ୍ଗୀରେ କାହିଁ ନ ମିଳଇ ପରମାଣ ଗୋ; ଲଜ-ବିହଙ୍ଗଙ୍କୁ ଝାମ୍ପଇ ତା ଶୋଭାଦମ୍ଭ-ଚପଳ ସଞ୍ଚାଣ ଗୋ । ୪ । ଜଣାଇଲେ ସଖୀ ଧୂର୍ତ୍ତି ସେ ଭୁଜଙ୍ଗଫଣା-ନାଟୁଆ ପ୍ରମାଣ ଗୋ; ଜଗଦ୍ଦେବ କହେ ତା ସ୍ନେହ ହରହେ ପବିପାତ ଭଲି ଜାଣ ଗୋ । ୫ ।

( ୮୭ )

ରାଗ—କାମୋଦୀ, ଏକତାଳି

ଫୁଲ ମଲ୍ଲୀହାସି ରେ, ସତେ ତୁ କି ସାହସୀ । ପଦ ।

ଶୁଣିଥିବୁ ନୂତନା ଗରସ୍ତନା ପୁତନା, ଲଭିଲା ଅବସ୍ଥାରେ ସୁଗ ଯେତେ; ତାକୁ ସୁଧା ମଧୁର ଗୁଣବନ୍ତ ଅଧର, ପିଆଇବାକୁ କପାଁ ବାଞ୍ଛା ଏତେ । ୧ । ସାତ ବରଷୁଁ ଯାର, ଅଣ୍ଟିଲା ନାହିଁ କର,-କମଳ କନିଷ୍ଠକୁ ଗୋବର୍ଦ୍ଧନ; ପଣ୍ଡରୁ ତା ହାରୁତେ, ପୁଣି କାହିଁକି ଏତେ, ଜନନତକୁଚର୍ଯ୍ୟପଣେ ଅଭିମାନ । ୨ । ଶିରବଗୁରୁ ପେଟ, ହେବାକାଳେ ଶକଟ, ହେଲଟି ଯାହା ସେ ବାଲେଲ ମୃଦୁ; ନ ଥିଲା କେତ୍ତ ଜଣା, ଏବେ ଯାଉଛୁ ଶୁଣା, ତୁ ପୁଣି ଚୁମ୍ବି ତହିଁ ସ୍ତନେ ଲଦୁ । ୪ । ଚମରୁନେତ୍ରା ଶତ, ଚେଲ ଗ୍ରେଡ଼ର ପଣ୍ଡିତ, ବୋଲି ପ୍ରସରୁଅଛୁ ଯାହା ନାମ; ଏକାକନୀ ଅବଳା, ଚେଲହରଣ ଲୀଳା, କି ଶବ ଶିନ୍ତିଲ ସେ ଘନଶ୍ୟାମ । ୪ । ହରଣାକ୍ଷି ରେ ନାନା ହର ଗନ୍ଧକୁ ଯା ନା, ବୋଲି ଯେ କହୁଥାଉଁ ବାରବାର; ତନୁମଧ୍ୟ କେଶୋଗ୍ରୀ, ମନୁ ଦେଇ ପାସୋର, ସେ ସ୍ନେହ ସମ୍ବାଦୁଁ ଭାର ଭାର । ୫ । କହିଲେ ବସୁଦୁର୍ଗ, ବସୁଧାଚନ୍ଦ୍ର ସ୍ୱର୍ଗ, ମହେନ୍ଦ୍ର ସଖୀ ମୁଖୁଁ ଶୁଣି ଏହା; ରଚି ସବ୍ରୀଡ଼ ହାସ, ଶ୍ରବଣଅବତଂସ, ଉଗ୍ରଇ ଜଣାଇଲେ ଚମ୍ପାଦେହା । ୬ ।

( ୮୮ )

ରାଗ—ତୋଡ଼ି ପରଜ । ତାଳ—ରୂପକ

ରେ ସଙ୍ଗାତ, ଦରଦ୍ରନିଧିଙ୍କ ଦୂତ,

ଦେଖୁଥିଲେ ଦେଖୁଥିବାକୁ ମୋ ମନ ଧାଉଁଥାଏ ନିତ ନିତ । ଘୋଷା ।

---

୮୬ । ଟୀକା—ଭୂରୁକମାଣ—ଭ୍ରୂଲତାରୂପ ଧନୁ, ଭୁଜଙ୍ଗଫଣାନାଟୁଆ—କାଳିୟ ଫଣା ଉପରେ ନୃତ୍ୟକାରୀ, ପବି—ବଜ୍ର ।

୮୭ । ଟୀକା—ଗରସ୍ତନା—ବିଷପୂର୍ଣ୍ଣ ସ୍ତନ ଯାହାର, ଚମରୁନେତ୍ରା—ମୃଗନୟନା ।

ଦଶନ ବସନ ପଲ୍ଲବରେ ମଲ୍ଲୀ ରଙ୍ଗ ଦରସ୍ମିତ ଛଳେ; ଦଣ୍ଡକୁ ଦ୍ୟୁମଣି ଅସ୍ତ ହେବା ଜାଣି ବନ୍ଧୁ ବାହୁଡ଼ିବା ବେଳେ । ୧ । ଦକ୍ଷ କରେ ଧରି ମୋହନ ମୁରୁଲୀ ବିଶାରଦ ବେଣୁଦଣ୍ଡ; ଦକ୍ଷେତର ପଦପଙ୍କେରୁହ-ଯୁଗେ ମଣ୍ଡିଦେଇ କାଳେ ଦାଣ୍ଡ । ୨ । ଦେଇ ସାନ୍ଦୀପନି ମୁନୀନ୍ଦ୍ର ନନ୍ଦନେ ତା ଦକ୍ଷ କରି ସାହସ; କୁତୁକେ ଶ୍ରୀଦାମ ପରିହାସକମ· କରିବାବେଳେ ପ୍ରକାଶ । ୩ । ଦଳିତ ଲଳିତ ହରିତାଳଦେହା ସଙ୍ଗଧ ତିନାବ୍ୱୀ ମୁହିଁ; ଦୁର୍ମଦ ବିଳାସେ ନାଚିବା ଲୀଳା ସେ ଲୋକନୟେ ନାହିଁ ନାହିଁ । ୪ । ଦର୍ଶିବ ଦୁଇଟା ନୟନକୁ କେତେ ମାଧୁରୀ ମୁଖମୁନ୍ଦର; ଦମ୍ୟଖୁରଜଡ଼ା ଭୂପରାଗବୁଡ଼ା ଶ୍ରୀଅଙ୍ଗଟି କି ସୁନ୍ଦର । ୫ । ଦଶପୁର ଘେରି ମୁରଲନ୍ତି ବାଛୁରି ବଲ୍ଲବବାଳକ ଜନ; ଦେଖିବାକୁ ସେ ସମସ୍ତ ବାଲୁକେଶ ଜଗଦ୍ଧେବ କରେ ମନ । ୬ ।

( ୮୯ )

ରାଗ—ଖଣ୍ଡକାମୋଦୀ

ଗଲ ସବୁ ସରି ରେ, ନବକିଶୋରି । ପଦ ।

ଯାହା ଶ୍ୟାମ ଅଙ୍ଗ ଚୁମ୍ବି ଆସିବା ସମୀର, ଛୁଇଁଲେ କେବଳ ହୋଇ ରସ ଜରଜର, ପୁଲକେ ଭରିତ କରୁ ମୃଦୁ କଳେବର, ସେ ଯେବେ ହୋଇଲେ ପର । ୧ । ଯାହା ବେଣୁ ଶୁଣି ଏକା ଧାଇଁ ନିଶୀଥରେ, ବୋଲି ନାହୁଁ ଦନେ ଆସ ଯିବା ମିଶି ଥରେ, ହୃଦ ମଦନ ବିଭବ ସମୁଲ୍ଲସି ଥରେ, ବିଗ୍ରହ ତାହା ସାଥରେ । ୨ । ଦୂତୀ କର ଧରି କହି ଘେନାଇ ଘେନାଇ, ନୀପ ନିକୁଞ୍ଜ ପୁଞ୍ଜକୁ ଅନାଇ ଅନାଇ, ଦନ ହରୁ ସୁମନ୍ଦରା ବନାଇ ବନାଇ, ମୀନ ନେତ୍ରା ଯାହା ପାଇଁ । ୩ । ସ୍ତନେ ଲଦ ଚୁମ୍ବିବାର ଯା ପାଦ-କମଳେ, ମନେ ବାଞ୍ଛିବା କୁବେରବାମାଙ୍କୁ ନ ମିଳେ, ଚୁମ୍ବିଲେ ସେ ତୋ ପଦ ଚନ୍ଦ୍ରକଚୂଳାଞ୍ଚଳେ, ମୁହିଁ ଦେଲୁ ନାହିଁ ହେଲେ । ୪ । ରସବତୀ ଭଲି ନୋହୁ ଏ ଅପସନ୍ଦର, ଆସ ଏବେ ଯିବା କେଳିମଞ୍ଜରୀ ମନ୍ଦର, ବନ୍ଦନ

---

୮୮ । ଟୀକା—ଦ୍ୟୁମଣି—ସୂର୍ଯ୍ୟ, ଦକ୍ଷକର—ଡାହାଣ ହାତ, ପଙ୍କେରୁହ—ପଦ୍ମ, ତନାବ୍ୱୀ—ଝରକା, ଦମ୍ୟ—ବାଛୁରି, ବଲ୍ଲବ—ଗଉଡ଼, ଭୂପରାଗ—ପୃଥିବୀଧୂଳି ।

୮୯ । ଟୀକା—ପୁଲକ—ରୋମାଞ୍ଚ; ଥରେ—କମ୍ପେ; ବିଗ୍ରହ—ବିବାଦ; ସୁମ—କୁସୁମ, ଫୁଲ ।

କରଇ ମୃଦୁ ପଦାରବିନ୍ଦର, ତୋଷ ଶ୍ୟାମଳସୁନ୍ଦର । ୫ । ଅଷ୍ଟଦୁର୍ଗନାଥ କହେ ହୋଇ ଅଭିଳାଷୀ, ମିଛଣି କଥିତ ବଚନରେ ଶୁଦ୍ଧପାଣି, ଲମ୍ପଟ ହେବାକୁ ହୋଇ ଦରସ୍ଫୁଟହାସୀ, ବିଜେ କଲେ ବୀଣାଭାଷୀ । ୬ ।

( ୯୦ )

ରାଗ—ପୂରବି

ନୂଆ ରସିକା ରେ ଗୁଆଁର ମୋ ସମ କାହିଁ ।
ତୁ ଅଚରୁ ଥାଉ ଗୁମାନ ବୋଲି ଯା ମୁଁ ଆରମ୍ଭୁଥାଏ ତାହିଁ । ପଦ ।

ନବଲତା ଲୋଳ ଶାଖେ ନିକ୍ଷେପିଥିଲେ ଲଭି ସମୀରଣ ସଙ୍ଗ; ମକରନ୍ଦ ପାନ ଉତ୍ସବରେ ମନ ନ କରଇ କି ଭୃଙ୍ଗ । ୧ । ରସବନ୍ତ ଘେନ ତେଜିଲେ ଜୀବନ ଝଂଷ ବରତିବ କେହୁ; ମଣି କରକଣ ବୋଲି ବରଜିବା ବଣିକର ଭାଗ୍ୟ କାହିଁ । ୨ । ଅଗତିକି ମୁହିଁ ବୋଲି ତ ଜାଣଇ ଜଗତୀତଳେ ତୋ ବିନା; ଚରଣକଞ୍ଜେ ତୁ ପେଲି ଦେଲେ ହେଲେ ଶରଣ ବୋଲିବି ସିନା । ୩ । ଯାହା ପାଦେ ଲକ୍ଷା ଲେଖିଥିଲେ ଶଚୀନାହା-ପଦ ତୁଚ୍ଛ କରି; ତାହା ପରି ରମ୍ୟ ପଦାର୍ଥକୁ ଯାହା ପର ପରିଭବ ସରି । ୪ । ଅଷ୍ଟଦୁର୍ଗନାଥ ବୋଲେ ଜାଣୁ ଜାଣୁ କଷ୍ଟଦ କାମ ଚରିତ; କମ୍ବାଳ ଲାଗିଲା ବୋଲି ବରଜିଲି ବିମ୍ବାଧରୀ ମରକତ । ୫ ।

( ୯୧ )

ରାଗ—କାମୋଦୀ

ଧନ ଘନ ରସ ବରଷିଲା ରେ, ଚଞ୍ଚଳା ଜ୍ୟୋତି ପ୍ରକାଶି,
ତୁରିତେ ଉତ୍କଣ୍ଠ ସରିତ ବଢ଼ିଲା ଦମ୍ଭ ଦ୍ରୁମ ଗଲା ଭାସି । ପଦ ।

ପୁଲକକଦମ୍ବ ପ୍ରଫୁଲ୍ଲ ହୋଇଲା ନାଚିଲା ବେଣୀ ମୟୂରୀ, ଛୁଟି ମୋତିମାଳ ଦଶେ କି ଚଞ୍ଚଳ କି ସେ ବକପନ୍ତି ପରି । ୧ । ଖରଶ୍ୱାସ ଝଞ୍ଜା ପବନ ପ୍ରସରି ଜନ୍ମାଏ ବଚନେ ମଲ୍ଲି, ଅଙ୍ଗ ଆମୋଦ ମାଳତୀ ବିକାଶଇ କି ପ୍ରସନ୍ନ ରସବଲ୍ଲୀ । ୨ । ନଖକ୍ଷତ ରକ୍ତ ଇନ୍ଦ୍ରଗୋପ ବ୍ୟକ୍ତ ଦିଶିଲା

---

୯୦ । ଟୀକା—ଜୀବନ—ଜଳ, ଝଷ—ମାଛ, କମ୍ବାଳ—କାଦୁଅ ।

୯୧ । ଟୀକା—ରସ—ଜଳ, ଚଞ୍ଚଳା—ବିଜୁଳି, ପୁଲକକଦମ୍ବ—ରୋମାଞ୍ଚରୂପ କଦମ୍ବଫୁଲ, ନଖକ୍ଷତରକ୍ତ ଇନ୍ଦ୍ରଗୋପ—ନଖକ୍ଷତରୂପ ସାଧବାଣୀ ପୋକ, ଜ୍ୟୋତିରିଙ୍ଗଣ—ଜୁଳୁଜୁଳା ପୋକ, ହୀରକକରଙ୍କ ତାଟଙ୍କ—ଯେଉଁ କାନଫୁଲ ମୁଣ୍ଡରେ ହୀରା ଲାଗିଥାଏ, ଶିଲୀନ୍ଧ୍ରକୁସୁମ—ଛତୁ ।

ଅତ୍ୟନ୍ତ ଉତ୍ସର, ସ୍ୱେଦବିନ୍ଦୁଛଳେ କରକା ନିପାତ ବୃଷ୍ଟି ଜଳଧାରା ପରା । ୩ । କଟିଘଣ୍ଟି ଭେକ ପ୍ରକଟି ରଟିଲେ ଟଳେ ପୀନପୟୋଧର, ଭୂଷଣ ରତନକିରଣେ କି ଜ୍ୟୋତିରିଙ୍ଗଣଗଣ ପ୍ରଚୁର । ୪ । ହାରକ-କରଙ୍କ ତାଟଙ୍କ ଅଟକି ନ ରହି କର୍ଣ୍ଣରୁ ଗଲା, ଅବନୀରେ ପଡ଼ି ଶିଲୀନ୍ଧ୍ର-କୁସୁମ ଫୁଟିଲା ପରାଏ ହେଲା । ୫ । ନୀଳ ପୀତ ରକ୍ତ ମିଶ୍ରିତ କୁସୁମ ପ୍ରାୟୁ ନିଚ୍ଚେଁ ଇନ୍ଦ୍ରଧନୁ, ବୋଲେ କବିସୂର୍ଯ୍ୟ ଅନଙ୍ଗ ଅନଳ ଲିଭାଇଲା ହୃଦବନ୍ଧୁ । ୬ ।

( ୯୨ )

ରାଗ—କାମୋଦୀ

କହିବାକୁ ସଙ୍ଗିନୀ ତୋ ଅଗେ ଲୋ ଲଜେ ଟଳାନି ନୁହେ ମଥା ।
ସାଧିବାକୁ ମନ ଥିଲେହେଁ ପ୍ରାଣକୁ ବାଧିବା ଯାଏ କି କଥା । ଘୋଷା ।

ଦେଖୁଛୁ ତ ମିତ ଚୁମ୍ବିବାର ମତ୍ତ ମିଳିନ୍ଦ ସୁନସମାଜ, ପିଏ କି ବଲ୍ଲରୀ ଗୋଟିଯାକ ଧରି ଘେନ ତ କି ଲୋକଲାଜ । ୧ । ଜଳି ଯାଇଥିବା ଦେବତାଟା ଅବା ଅଳି କରୁଥାଏ କେତେ, ବଳି ଦେବାକୁ କି ତାକୁ ଏତେ ସବୁ ଦଳି ଦେଉଥାନ୍ତି ମୋତେ । ୨ । କଞ୍ଜ ମଞ୍ଜରୀରେ କୁଞ୍ଜରର ହେଲେ କିଛୁ ଅନୁରାଗ ଥିବ, ଅଞ୍ଜନନିଭର କୁଞ୍ଜ କଲଭର ଟିକେ ନାହିଁ କୃପା ଲବ । ୩ । ରଖ ରଖ ବୋଲୁ ବୋଲୁ କି ଗର ସେ ନଖର ଶିଖର କେଳି, ନୁହଇ ମୋ ଦେହ ଅଳପ ତଳପ ଛଳକୁ ଛୁଇଁବା ଭଳି । ୪ । ଯା ଚରଣ ଧରି ଜଣାଉ ଏପରି ଅଚରଣ ପରିପାକ, ପୁଣି କି ଭଙ୍ଗୀରେ ନବନୀତାଙ୍ଗୀ ରେ ବୋଲି ପଡୁଥାଏ ଡାକ । ୫ । କହି ଏରୂପରେ ପ୍ରଣୟ କୋପରେ ପୁରାଇ ସୁଖ ସୁକେଶୀ, ଛପି ଶୁଣୁଥିଲେ ତାପିଞ୍ଛ-ଶ୍ୟାମଳଛବି-ଦେଲେ ଜଣେ ହସି । ୬ । ସେ ସରସ ପଳାଇଣୀ ବେଳ ବଳାକଳାପ-କିଙ୍କିଣୀ ରବ, ଧାନେ ଜ୍ଞାନେ .ସେବି କି ସୁଖାନୁଭବୀ ହେବେ ନୃପ ଜଗଦେବ । ୭ ।

---

୯୨ । ଟୀକା—ମିଳିନ୍ଦ—ଭ୍ରମର; ସୁନସମାଜ—ପୁଷ୍ପସମୂହ; ବଲ୍ଲରୀ—ଲତା; କଞ୍ଜମଞ୍ଜରୀ—ପଦ୍ମକଢ଼ି; କୁଞ୍ଜର—ହାତୀ; ନଖର—ନଖ; ତାପିଞ୍ଛ ଶ୍ୟାମଳ—ତମାଳ ପରି ଶ୍ୟାମବର୍ଣ୍ଣ ଶ୍ରୀକୃଷ୍ଣ ।

( ୯୩ )

ରାଗ—ସାବେରୀ, ଏକତାଳି

ବିଧାତା ରେ, କି କାଳେ କି ଦଣ୍ଡ ଦେଲୁ ଆଣି,
ମୁଁ ଯିବି ବୋଲି ବିଦେଶ ବନ୍ଧୁଙ୍କ ମୁଖରୁ ନିଦେଶ ନେବାକୁ କହିବ କେହି ବାଣୀ । ଘୋଷା ।

ଯେବେ ମୁଁ ପ୍ରବଳ ଦୁଃଖ,-ଭରରୁ ଶୁଖାଇ ମୁଖ, ମାନସ ଯୋଡ଼ିବି ଜାଣି ପାଣି, ପଲକେ ଜୀବନ ଧରି ପାରିବି କି ସେ କିଶୋରୀ ସୀମନ୍ତ-ମଣିଙ୍କ ସାମନ୍ତାଣୀ । ୧ । ପ୍ରଳୟ ସମୟ ଭୟ, କମ୍ପାଇ ଦେବ ହୃଦୟ, କି ବଞ୍ଚିବ ତେତେ ମୃଦୁ ପ୍ରାଣୀ, ସେହିକ୍ଷଣି ଯିବ ଭଜି, ରୋହିଣୀରମଣ-ରାଜି, ରାଜୀବାକ୍ଷୀ କିଣା ମୃଗ ଠାଣି । ୨ । ଥରାଇ ଓଷ୍ଠପଲ୍ଲବ, ଚରଣ ନଖେ ଖରିବ, ଧରଣୀ ବରଷି ନେତ୍ରୁଁ ପାଣି, ମାନସ ସରରୁ ତାର, ସନ୍ତାପଧୀବର ବର ଧଇର୍ଯ୍ୟ ଝସକୁ ନେବ ଟାଣି । ୩ । ଅତରୁ ଏହା ଯା ମନ୍ଦ, ଏଥିରୁ ବଡ଼ ପସନ୍ଦ, କରେ କରି କୃପାଣକୁ ଶାଣି, ନ ଥାଉ ଥାଉ ବା ଦୋଷ, ଲଭୁ ବା ଯଶ ଅଯଶ ଦେବାର ଶିରକୁ ମୋର ହାଣି ॥ ପରାର୍ଦ୍ଧାଧିକ ମୋହର, ଠାରୁ ତ ବଳେ ମୋହର, ପ୍ରାଣପ୍ରିୟା ବୋଲି ଜାଣି ଜାଣି, ଦେହେ ପ୍ରାଣ ବହି ରହି, ତା ମୁଖ ଛାଡ଼ିବ କେହି, କହେ ଜଗଦ୍ଦେବ ଭୂପମଣି । ୫ ।

( ୯୪ )

ରାଗ—କେଦାର, ଅଠତାଳି

କେଡ଼େ କଉତୁକୀ କଳାଚାନ୍ଦ ଲୋ । ପଦ ।

କେଉଁ ଯୁବତୀଙ୍କ ନେଉ ନାହିଁ ଛିଙ୍କି ତା ନୟନ ଫାନ୍ଦ ଲୋ । ୧ । କୁଚେ ଥାଏ କର ବଦନେ ମଧୁର ହସିତ ଶୁଖିଲା କାନ୍ଦ ଲୋ । ୨ । କର୍ଣ୍ଣ-କୁବଳୟ ଭଙ୍ଗାଇ ପ୍ରଣୟ କୋପୁଟି କେଡ଼େ ପସନ୍ଦ ଲୋ । ୩ । କା ମନ ନ ମୋହେ ସେ କିଶୋର ନୁହେ ଶୃଙ୍ଗାରଭୂରୁହ କନ୍ଦ ଲୋ । ୪ । କମନୀୟ କେକୀ ଝାଲରିଆ ସେ କି ଜଗତୀ ନୟନାନନ୍ଦ ଲୋ । ୫ । ଅଷ୍ଟଦୁର୍ଗନାଥ ତାଙ୍କ ପାଦପାଥରୁହ ମରନ୍ଦ ମିଳିନ୍ଦ ଲୋ । ୬ ।

---

୯୩ । ଟୀକା—ଝସ—ମାଛ, କୃପାଣ—ଖଡ଼ଗ, ମୋହର—ସ୍ୱର୍ଣ୍ଣମୁଦ୍ରା ।
୯୪ । ଟୀକା—ପାଥରୁହ—ପଦ୍ମ, ମରନ୍ଦ—ମକରନ୍ଦ, ମିଳିନ୍ଦ—ଭ୍ରମର ।

( ୯୫ )

ରାଗ—ତୋଡ଼ି

ଅନା ଅନା ସୁନୟନା କଞ୍ଚିତ କୃପାରେ । ପଦ ।

ତୋଷ ମୋତେ ଅନୁକମ୍ପାହାତୀ ଶିରୁପାରେ, ନ ହସି ମୋ ଭଗାରଏ ସଡ଼ନ୍ତୁ ନପାରେ । ୧ । କେତେ କେତେ ଜନ୍ମେ ଧନ ମୁଁ ଜଳଜପାରେ, ଲେଖିଛୁ ଅଳତା ଚନ୍ଦ ତୋ ଜଲଜ ପାରେ । ୨ । ନ ଫିଙ୍ଗେ ଦୃଷ୍ଟି ତୋ ବିନା ଅନ ସ୍ବରୂପାରେ, ଚନ୍ଦ୍ରାମଣି ଥାଉଁ ଥାଉଁ କେ ରସେ ରୂପାରେ । ୩ । ଭାସିଲିଟି ଡାକକଟି ସ୍ମର ଅକୂପାରେ, ତରୁଣି ତରଣୀ ହୋଇ ଲଗାଅ ତୁ ପାରେ । ୪ । ଜଳନ୍ତର ପୁରନ୍ଦର ଗୃହୁଁ ଜଲପାରେ, ରସିଲ ରସିକା ରସ କୁତୁହଳପାରେ । ୫ ।

( ୯୬ )

ରାଗ—କୁମ୍ଭକାମୋଦୀ

ମିତ ହିତ ଯେତେ ତୁ କହିଲୁ ଗୋ, ଚିତ୍ତ ତା ନ ମଣେ ସୁଖ, ପରମପଦବୀ ଲଭିଲେହେଁ ଯେବେ କରମରେ ଅଛୁ ଦୁଃଖ । ପଦ ।

ମୋହନ ମନ୍ତ୍ର ଜାଣୁ ତୁ ଆଜର ମୋ ମନ କଲୁ ବଶ, ସର ତ ଗଲ ହରିଣାକ୍ଷୀବୃନ୍ଦରୁ ଶ୍ୟାମ ସଙ୍ଗଭାଗୀ ଯଶ । ୧ । ବିଷରେ ପୀୟୂଷ ବୁଦ୍ଧି କରିବାର ଫଳ ହେଲା ଏତେ ସବୁ, ପିଶାଚ ସ୍ମର ବଦନେ ପଡ଼ି ହେଲି ନିଶା ଚକ୍ରବାକୀ ପରି । ୨ । ଫଳ ମୋର ମରଜରେ ପୁଣି କେତେ ବଳଅଛି କହୁଥାଉ, ଗୁଆଦଣ୍ଡ ଛୁଆଁ ଖରାପ କ୍ଷୀରରେ ସୁଆଦ ଥାଏ କା ଆଉ । ୩ । ଅପ୍ରିୟ ହେଲେ ତାହାର ବୋଲଇବା ଅଶା ଦିନା ପରନାଣ, କହିବାରୁ ଏହା ସହି ରହିଥାଏ ନାଲ ସେହି ଦ୍ରୋହୀ ପ୍ରାଣ । ୪ । କହେ ଅଷ୍ଟଦୁର୍ଗ ମହୀଦମ୍ଭ ସ୍ବର୍ଗ ମହେନ୍ଦ୍ର, ଶ୍ରୀଜଗଦ୍ଦେବ, ଯିବା ଶମନପୁରକୁ ଯେବେ ନାକନିବାସରୁ କିସ ହେବ । ୫ ।

---

୯୫ । ଟୀକା—ଅନୁକମ୍ପା ହାତୀ ( ସମ୍ବୋଧନ ), ଶିରୁପାରେ—ମସ୍ତକରୁ ପାଦଯାଏ, ନପା—ଲଜ୍ଜା, ଜଳଜପାରେ—ପାଣିରେ ରହି ମନ୍ତ୍ରାଦ ଜପିବାରେ, ଜଳଜ ପାରେ—ପଦ୍ମପାଦରେ, ଡାକକଟି—କ୍ଷୀଣକଟି, ସ୍ମରଅକୂପାରେ—କାମସାଗରରେ, ଜଲପାରେ—କଥାରେ, କୁତୁହଳପାରେ—କୌତୁକ ଶେଷ ସୀମାରେ ।

( ୯୭ )

ରାଗ—ଭାନଭଙ୍ଗା ଝୁଲା

ନଗୁଇଲା ଯାହା ସେ, ଭୁଲୁରୂପ ଚପଳ ଚମରୀଦୃଶା । ପଦ ।

ମୋ ଧଇର୍ଯ୍ୟ ମୃଗକୁ ପାଞ୍ଚ ନୟନାନ୍ତ ବରଛି ଅଞ୍ଚୁ, ବନ୍ଧୁଆ ବନ୍ଧୁକ ବନ୍ଧୁ ଅଧରରେ ବନ୍ଦ କରି କୁନ୍ଦ ପସନ୍ଦହସା । ୧ । ମୁନିଜନମାନସଭୁଲା, ଭଲ ମୋତି ଝଲକଝୁଲା, ବାସବରତନ ନଥ ନରତନ ରସିକା ନାସିକା-ପୃଷ୍ଠ ଭଲ୍ଲସା । ୨ । ଧନ୍ୟ କାମ ଅମୋଘ ଶର, ମନ-କୀରଭଙ୍ଗୀ ତାହାର, କନକାଚଳ ତ ଛନକା ହୋଇବ ସ୍ତନକାନ୍ତ ଦେଖି କାହା ଭରସା । ୩ । ଅଳଂକୃତ ନିତମ୍ବ ଫର, ଶୋଭା ଲୋଭେ ଅଳପ ଫେର, ଅନାଇଲବେଳେ ବିବେକ ଦଳଲା କି ବେକତଳଆ ଲହସା ଖୋସା । ୪ । ଛଣାସୁଧା ବାଣୀ ବିଭ୍ରମ, କଣା କଲା ସେ ସବୁ କମ, ଏଣିକି ଚରମେ ବେଣୀକି ଫଣୀକି ପରି ଖେଳାଇବ ବରସାରସା । ୫ । ଅଷ୍ଟାଦୁର୍ଗ ମହେନ୍ଦ୍ର ଭଣେ, କିଶୋରୀଙ୍କ ଶୋଭା ବାଖଣେ, ଅଖଣ୍ଡ ଶିଖଣ୍ଡମଣ୍ଡନ ମଦନପଦନଦେ ଭାସି କଲେ ପ୍ରଶଂସା । ୬ ।

( ୯୮ )

ରାଗ—କୋଳାହଳ

ଜୀବବାନ୍ଧବୀ ରେ, ପ୍ରାଣବାନ୍ଧବୀ ରେ,
ତୋ ବିନା ମୋତେ ନ ଦିଶେ ଆନ । ଘୋଷା ।

ଜଗତେ ନାଗରୀମାନଙ୍କ ମାଧୁରୀ କରୁଥାଏ ମୁଁ ଯେ ଅନୁମାନ, ଗୋଟିଏ ଗୁଣରେ ତୋ ନଖ କୋଣରେ ତୁଳିବାକୁ ନ ବଳଇ ମନ । ୧ । ପୂର୍ବ ତପବଳେ କରିବ ଯେ ବଳେ ତୋ ମଧୁର ରଦଚ୍ଛଦ ପାନ, ସୁଧା ନିର୍ଝରୀକି ମଧୁର କରି କି ଲେଖିବ ନ ଧରି ଅଭିମାନ । ୨ । ତରୁଣୀ ତୋ ବାଣୀ ମୃଦୁ ମୃଦୁ ଠାଣି ଶୁଣିଥିବ ପୁଣି ଯାହା କାନ, ସେ କି ଗଞ୍ଜରବ-ଯୋଗ୍ୟ ବିଗୁରିବ ଶୁକ ପିକ ବେଣୁ ବୀଣା ଗାନ । ୩ । ଥରେ ଯାହା ଉର କରିଥିବ ତୋର ଘନ ପୀନସ୍ତନ ଅଲିଙ୍ଗନ, କୁମ୍ଭି-କୁମ୍ଭସ୍ଥଳ ଯୁଗଳକୁ ସ୍ଥୂଳ ମଣିବ କି ନ ବିଗୁରି ନ୍ୟୂନ । ୪ । ମଧ୍ୟ ଥିଲେ ସିନା ତୋର ସୁଦର୍ଶନା

---

୯୭ । ଟୀକା—ବନ୍ଧୁକବନ୍ଧୁ ଅଧର—ରକ୍ତବର୍ଣ୍ଣବନ୍ଧୁକ ପୁଷ୍ପ ସଦୃଶ ଓଷ୍ଠ ।

୯୮ । ଟୀକା—ରଦଚ୍ଛଦ—ଅଧର, କୁମ୍ଭୀ—ହସ୍ତୀ, ହରିକଟି—ସିଂହକଟି, ତାକୁ ଡମରୁ ଶେଷ—ଅନନ୍ତମୁଖଧାରୀ ଶେଷନାଗ ।

ଘଟନା କରନ୍ତି ଉପମାନ, ହରିକଟି ତାଙ୍କ ବେଦୀ ମଧ୍ୟରେ କି କୃତାର୍ଥ କରନ୍ତେ ରୂପମାନ । ୫ । ହେଲେ ଯେ ମନ୍ଦରସ୍ତନୀ ତୋ ସୁନ୍ଦର ଗୁଳ୍ଫରେ କରିବ ଦୃଷ୍ଟିଦାନ, ଯେବେ ଥିବ ଲାଜ ରୁଚିବ କି ରାଜହଂସ ଗଜରାଜ ଲୀଳାଯାନ । ୬ । ଜଣାଇବ କିସ ଶେଷ ମୁଖେ ଶେଷ ହେବାର ଅଯାସ ଯେ ବଧାନ, କହେ ଜଳନ୍ତରମହୀପୁରନ୍ଦର ଥିବ ମାନ କରନ୍ତୁ ଅବଧାନ । ୭ ।

( ୯୯ )

ରାଗ—କେଦାର

ପ୍ରାଣନାଥ ବିଜେ ବେଳ ବଳିଲା ରେ । ପଦ ।

ସଖି ହେଲା କି ପାପ, ଦେଖ ଏ ଚନ୍ଦ୍ରାତପ, ବନ୍ଧା କୁସୁମ ଥୋପ ଅଛି ଲଳିଲା ରେ । ୧ । ତୁଟିଲାନି ମୋ ହୃଦପୁଟେ ଥିଲା ପ୍ରମୋଦ ମଥାପରୁ କୁମୁଦବନ୍ଧୁ ଟଳିଲା ରେ । ୨ । ଦେଲା ଅହା କି ଫଳ, ଭଲା ତ ମୋ କପାଳ, ଲଗାଇଲେ ରସାଳ ନିମ୍ବ ଫଳିଲା ରେ । ୩ । ମଣ୍ଡାଇଲି ନିବାସ, କପାଁ ହେଲି ଏ ବେଶ, ଅନେ ଯେବେ ଜୀବେଶ ମନ ବଳିଲା ରେ । ୪ । ଶ୍ଳେଟରାୟ ନୃପତ, ବିଜେ କଲେ ଏ ରାତ, ଜାଣ ସବୁ ସମ୍ପତ୍ତି ମୋତେ ମିଳିଲା ରେ । ୫ ।

( ୧୦୦ )

ରାଗ—କାମୋଦୀ

ଗୃହିଁରୁ ଯେବେ ଶ୍ୟାମ ଦୂ୍ୟତକି ରେ, କାହିଁ ହଜାଇ ଦେବୁ ମତକି ରେ । ନାହିଁ ବୋଲିବା କଥା, ଜାଣିବୁ କି ସର୍ବଥା, ଅଜ୍ଞ କି ସମ୍ଭାଳିବୁ ଧୃତକି ରେ । ଘୋଷା ।

ଏ ନଗରେ ଏଣିକି, ଭ୍ରମେ ଚୁମ୍ବିବ ନାକି, 'ସତୀ' ଏ ଦୁଇବର୍ଣ୍ଣ ଶ୍ରୁତକି ରେ, ସତେ ପ୍ରାଣମିତରେ ତା ସେବାରୁ ଇତରେ ଯୁବତୀଜନମକୁ ଗତକି ରେ । ୧ । ଯେବେ ସେ ହେବ କୋଳେ, କଳାବତୀମଣ୍ଡଳେ, ନ ଟେକିବୁ କି ଶ୍ୱେତ ଛତକି ରେ, ଚୁମ୍ବିଲେ ତା ବଦନ-କଞ୍ଜଟି ଗୁରୁଜନ ଗଞ୍ଜନ ଲଭିଲେ ହେଁ କ୍ଷତ କି ରେ । ୨ । ଭବନ ମଣି ବାସ, ସେ ନବ ଯୁବା ପାଶ, ରବିନନ୍ଦନାତୀର ସ୍ଥିତକି ରେ, କି ସୁଖ ଇନ୍ଦ୍ର ଅଙ୍କେ, ନନ୍ଦନରେ ନିଃଶଙ୍କେ ଆରୋହିଲେ ଅଭ୍ରମୁପତକି ରେ । ୩ । ଅବା ତା ପଥେ ଯିବା, କାଣି କଳପି ଥିବା, ତା ପଛେ ଯେତେ ପରିଭୂତକି ରେ, ମୋହନସ୍ମିତ ଅବଲୋକେ

---

୧୦୦ । ଟୀକା—ରବିନନ୍ଦନା—ଯମୁନା, ଅଭ୍ରମୁପତ—ଐରାବତ ହାତୀ ।

ଯାସୋର ଯିବ, ନ ଅଚରବ କ୍କ ବନଭକ୍କ ରେ । ୪ । ଶୁଣି ଶ୍ରୀଠାକୁରାଣୀ, ଚନ୍ଦ୍ର ମଣିଲେ ଜାଣି, ନ ଥିଲା ପର ହରପ୍ରୀତକ୍କ ରେ, ସେ କାଳେ ଦୁଇ ସଖୀ, କୃପା କଲେ ସୁମୁଖୀ, ମୁକୁନ୍ଦଦେବ ଗଜପତିଙ୍କ ରେ । ୫ ।

( ୧୦୧ )

ଗୃହାଁ ରେ, ନିଧୁବନ କେଳିକୁଶଳାଙ୍କୁ । ଘୋଷା ।

କୋମଳପାଦ ସରୋରୁହ ଯାବକ ଚନ୍ଦ୍ରଶଲାକାଧରାଙ୍କୁ, ତୋ ମଧୁରାଧର ଲାଲ-ଜବା-ମକରନ୍ଦଝୁରୀ ଭ୍ରମରାଙ୍କୁ । ୧ । ନିର୍ଜିତଶୋଣସରୋଜକରେ କରୁଥା ସଜଡ଼ା ବାଢ଼ଅଙ୍କୁ, ହୀରକ-କୈରବ-କାଶ-ସୁଧାକର-ହାସ ବିଳାସିନୀଙ୍କୁ । ୨ । ଗୃହୁ ସୁନୀଳ ଚଳାଚଳ ଲୋଚନ କୋଣ ନିଦେଶକରାଙ୍କୁ, ଗୃମର ବାତଭରେ ରତି-କୌତୁକ-ସମ୍ଭବ-ଖେଦହରାଙ୍କୁ । ୩ । ଶୈଳସହୋଦର ପୀନପୟୋଧର ଚନ୍ଦନ ଭୋଗଦଅଙ୍କୁ, ମଞ୍ଜୁଳମାଚଳ କକ୍ଷତଳେ ନଖକେଳିକଳା ହଟିଅଙ୍କୁ । ୪ । ବାନ୍ଧବ ! ଯଦ୍ୟପି ମାନସରେ ଅଛୁ ଲେଶ କୃପା କବିବାଙ୍କୁ, ରାଜକଦମ୍ବ-କିରୀଟ ଜଳନ୍ତରନାଥ ମହୀ-ମଘବାଙ୍କୁ । ୫ ।

( ୧୦୨ )

ରାଗ—କେଦାର, ତାଳ—ସରମାନ୍

ଯିବ ଅମ୍ଭ ଶ୍ୟାମବନ୍ଧୁ ଗୃହ କ ରସେ ଗୋ । ଘୋଷା ।

ଅଖଣ୍ଡ ଶୋଭାମଞ୍ଜୁଳ, ଶିଖଣ୍ଡମଣ୍ଡନ ଚୂଳ, ଖଞ୍ଜେ କ ଜନ-ନେତ୍ରଙ୍କୁ ପରଶେ ଗୋ । ୧ । ରସପୀୟୂଷଲହରୀ, ପରି ତା ବାଣୀ ନିର୍ଝରୀ ଜଗତୀ ମନୋମଞ୍ଜରୀ କୀର ସେ ଗୋ । ୨ । ନୋହେ କୁସୁମ କମାଣ, ତା ନେତ୍ର ବାରଜ କୋଣ, ମାର ମାରଗଣଗଣ ବରଷେ ଗୋ । ୩ । ତା ମୋହନ ସ୍ମିତ ଶିରୀ, ଭୁଲେ ସୁର ଚଳ ପରି, କୁଳର ସୁନ୍ଦରପଣ କରଷେ ଗୋ । ୪ । ଶରଦ ରଜନୀ ଈଶ ମୋହେ ତା ମୁଖ ନିବାସ, ସେ ତ ଲଭୁ ଅଛୁ ନାଶ ଦରଶେ ଗୋ । ୫ । କୃପାମୟ ଅବତାର, ରମା ଇଷ୍ଟ ଦେବତାର, ହେଲେ

---

୧୦୧ । ଟୀକା—ନିର୍ଜିତ ଶୋଣ ସରୋଜକର— ରକ୍ତପଦ୍ମଠାରୁ ଅଧିକ ମନୋହର ହସ୍ତ, କୈରବ—କଇଁ, କୁମୁଦ; ମଞ୍ଜୁଳମାଚଳ—ସୌନ୍ଦର୍ଯ୍ୟପୂର୍ଣ୍ଣ ପର୍ବତସ୍ୱରୂପ, କଦମ୍ବ—ସମୂହ, କିରୀଟ—ମୁକୁଟ ।

୧୦୨ । ଟୀକା—କମାଣ—ଧନୁ, ମାରଗଣ—ମାର୍ଗଣ ବା ଶର, ତରସ—ଉଦ୍‌ବେଗ ।

ଦିନ ନେବ ତାର ସ୍ମରଣେ ଗୋ । ୬ । ଲଭ ହେଉ ନୋହୁ ଅବା, ଅବସର ପୁହାଇବା, ତା ପଦତଳ ଚୁମ୍ବିବା ଭରସେ ଗୋ । ୭ । କହୁଇ କବିତପନ, ଯାଉଥିଲେ ତା ଲପନ, ସ୍ୱର୍ଗସୁଖେ ତ ମୋ ମନ ନ ରସେ ଗୋ । ୮ ।

( ୧୦୩ )

ରାଗ—ବଙ୍ଗଳାଶ୍ରୀ

ମାନ ଅବା ଲଜ, ନ ଜାଣିଲି ଆଜ, ମୁଖଚନ୍ଦ୍ର ନୁଆଇଲୁ ।
ଆନ ପକାଇଲି ଅନେକ ମୋ ଗିର କାନପାଖକୁ ନ ନେଲୁ ରେ । ୧ ।
ଦୋଷ ଦେଖି ଯେବେ ନେଜେ ତେବେ ସିନା ରୋଷ ଅଙ୍ଗୀକାର କର,
କି ସକାଶରୁ ଟି ମୋ ସକଳ ଭାଗ୍ୟ ମୋଷ ରଖିଲୁ ଚତୁରୀ ରେ । ୨ ।
ପିଆଇ ନ ଦେଲୁ ଅଧର, ଜରଜେ ଦଆଇ ନ ଦେଲୁ ପାଣି,
ଫିଆଇ ବାସ ମଦନମୁଖୁଁ ମୋତେ ଜୀଆଇବୁ କେହି ପୁଣି ରେ । ୩ ।
ଛକାଇ ସନ୍ଧିକି ସନ୍ଧିରେ ନିବଡ଼େ ଜକାଇ ନ ଦେଲୁ ଦେହ,
ଧକାଇଲୁ ନାହିଁ କେଳରୁ ପଛକୁ ପକାଇ ଦେଲୁ ମୋ ସ୍ନେହ ରେ । ୪ ।
ଗଂରାଶ-ପର-ଦଣ୍ଡରୁ ରେ କେତକୀଗୋର ସରଲି ମୁଁ ସିନା,
ଶିରୀଷ ସର ଶରୀର ଉଡ଼ାଇଲୁ ପୁରୁଷଘାତନୀବାନା ରେ । ୫ ।
ମଦନମୋହନ ବଚନେ ଶ୍ରୀମତୀ ସଦୟ ହାସ ରଚିଲେ,
ସେ ସମୟ ଛବି ଭାବି ଭାବି କବିରବି ରାୟଗୁରୁ ବୋଲେ ରେ । ୬ ।

( ୧୦୪ )

ରାଗ—ତୋଡ଼ି ପରଜ, ଆଦିତାଳ

ରେ କିଶୋର, ପଛେ ଛୁଇଁବୁ ମୋ ତନୁ,
ପାସୋର ପକାଅ ନୀପଅନାଉଣି ସୁଆଗ ତୁ ଆଗ ମନୁ । ଘୋଷା ।
ମାତଲି ନିକୁଞ୍ଜେ ଜଣାଯାଇ କୁଞ୍ଜେ ବୋଲି ହେଉଛି ଖବର,
ନୋହି ମନ୍ଦାଦର ଏ ଅପବାଦର ଅପାୟ ଉପାୟ କର ରେ । ୧ ।
ହିତକୁ ଛାଡ଼ି ମୁଁ ନ କହେ ମୋ ପ୍ରାଣମିତକୁ କଦାପି ଆନ,
ଚିତ୍ତକୁ ନ ଆସୁ ଅସୁ ତା ମୁରଲୀ ଗୀତକୁ ନ ଦିଅ କାନ ରେ । ୨ ।
ନ ଜାଣିଲା ପରି ଇନ୍ଦୀବରାଧରୀ ଚୁମ୍ବୁ ଯେ ଅନବରତ,
ହରି ତୋତେ କୃପା କରନ୍ତୁ ମଦନକରତ ମୁଖୁଁ ବରତ ରେ । ୩ ।

---

୧୦୪ । ଟୀକା— ନିଅଜ—ଅନୁମାନ, ତାଡ଼ି—ଫିଙ୍ଗିଦେଇ, ଘୋପାଡ଼ି ।

ଧନ ମାନରେ ତୋ ଅଙ୍ଗେ ଯେ ପୂରିଛି ବନମାଳିକା ବାସନା,
ଘୁଡ଼ିବି ମୁଁ ଆଜ ଏ କଥା ନାଆଜ ପଡ଼ିଲେ କହିଲେ ସିନା ରେ । ୪ ।
କାହିଁକି ହେଲାଟି ଏପରି ପଲ୍ଲବ ତଳପରେ ସଡ଼ି ଦେହ,
ଜନେ ଯେ ପୁଚ୍ଛିବେ ତହିଁକି ଜବାବ କଳପ ଅଲପ ରହୁ ରେ । ୫ ।
ସହଚରୀ ପରିହାସୁ ହସି ଗୋରୀ ତାଡ଼ି ଅବତଂସଫୁଲେ,
ସେ ସମୟୁ ଛବି ଚିନ୍ତି ଚିତ୍ତେ କବିରବି ରାୟଗୁରୁ ବୋଲେ ରେ । ୬ ।

( ୧୦୫ )

କି ନ କରେ ପ୍ରେମରୀତି ରେ, ସଜନି !
ସେ ଶ୍ୟାମ ଅନୁସରଣେ ସଖି ମୋର ହେଉଛି ଯେତେ ଅନୀତି ରେ
। ଘୋଷା ।

ଶିରୀଷ କୁସୁମ ତାଡ଼ନରେ ସହୀ ମେଳେ ଯେ ମୋହକୁ ଯାଇ,
ସେ କରକାମିଶା ପ୍ରଖର ବରଷା ସହି ଚୋରି ଚୋରି ଯାଇ । ୧ ।
ଉଠେ ଯେ ସଜନୀ କରେ କର ଦେଇ ଦେହଳି ଲଙ୍ଘିବାପାଇଁ,
ସେ କଣ୍ଟା ଅବାଟ ନିଗଡ଼ ନିପଟ ନ ମାନି ସଙ୍କେତେ ଯାଇ । ୨ ।
ଦିବସେ ଯେ ଡରେ ସହଚରୀ ମେଳେ ତମଧାମେ ନ ପଶଇ,
ସେ ବିଜୁଳୀ ଦେଖା ହୋଇଣ ଅଶାଖା ନିତି ବୃନ୍ଦାବନେ ଧାଇଁ । ୩ ।
ଭିତ୍ତିରେ ଶିଖରେ ଲେଖା ଉରଗରେ ଭୟେ ଯେ ନ ଦିଏ ପାଣି,
ସେ ଶାଢ଼ୀ ଶେଷରେ ତନୁ ଛପାଉଛି ଫଣିମଣି ତେଜ ଜାଣି ରେ । ୪ ।
କବିରବି ବୋଲେ ସେ ମୋହନଛବି ଯେ ଦେଖେ ନୟନ ଭୁଲେ,
କହିଲେ କି ବାଳୀ ମାନିବ ଏ କଥା ବୃଥା ହେବ କଥା ତୁଲେ । ୫ ।

( ୧୦୬ )

ରାଗ ମୁଲତାନ—ଅଡ଼ତାଳି

ଆଜ ଏ ରୁଷାରେ, ପାଳିଲ ନାହିଁ କି ତୋର ହୁକୁମ ସୁସାରେ । ପଦ ।
ହେଲୁ ଯେ ଶତ୍ରୁମନ୍ତ୍ରିତ-କର ସାରସାରେ, ତୋ ବିନା ଅଛି କେ
ମୋର ଭରସା ରସାରେ । ୧ । ଚିନ୍ତାମଣି ପରି ତୁ ମୋ ଚିତ୍ତ ଘରଷା
ରେ, ତିନ୍ତାଅ ନା କୁଚକୁମ୍ଭ ଅଶ୍ରୁ ବରଷାରେ । ୨ । ସହି ସରଳଟି ହର-

୧୦୫ । ଟୀକା—କରକା—କୁଆପଥର, ଦେହଳି—ଏରୁଣ୍ଡିବନ୍ଧ, ଦ୍ୱାରବନ୍ଧ ।
୧୦୬ । ଟୀକା—(ଶେଷ ପଦ)—କୃଷ୍ଣଙ୍କ ବନଯୂରୂପ ହିମସ୍ପର୍ଶରେ ଦେବୀଙ୍କ ମାନ ପଦ୍ମ ଅବସ୍ଥାକୁ ପ୍ରାପ୍ତ ହେଲା ଅର୍ଥାତ୍ ମାନ ସଙ୍କୁଚିତ ହୋଇଗଲା ।

ଅହ୍ନିତ ଭୂଷାରେ, ବ ନ୍ଦ ପଦ୍ମ ସ୍ମିତ ମକରନ୍ଦ ପରଷା ରେ । ୩ । ଗୁଣାମ୍ବୁଧି ଥରେ ସ୍ବର ସମରେ ରସା ରେ, ଭଣାଯାଉ ତୋର ଗଣା ନ ଯା ନିରଗଣା ରେ । ୪ । ଜଗଦ୍ଦେବ ବୋଲେ ଶ୍ୟାମ ବ୍ରଜସ୍ଥ ଭୂଷାରେ, ଶଙ୍କିଲ ଦେବୀଙ୍କ ମାନ ପଙ୍କଜ ଦଶା ରେ । ୫ ।

( ୧୦୭ )

ହରିତୁଲେ କରିବୁ ଯେ ପ୍ରୀତି, ମୋ ଅଭିନ୍ନା ରେ
ଧରିଛୁ କପଟ କହ ଧୃତ । ପଦ ।

ଥୋଇ ଯତନେ ସେ ଶ୍ୟାମଳ ଗାତ୍ର, ମୋ ସଙ୍ଖଟି ରେ, ସାଁଇଁ ପାରିବୁ କି ଦୁଇ ନେତ୍ର; ନିତ ତ ସେ ବସ୍ତ୍ର ପଛେ ଚଳିବ, ନିମିଷ ତ ଶତଯୁଗୁଁ ବଳିବ, କାମାନଳ ତୋ ହୃଦେ ଜଳିବ, ମୋ ଦଅଣା ରେ, ନେତ୍ରୁ ନୀର ନିରତେ ଗଳିବ । ୧ । ପରପୁରୁଷର ସ୍ନେହଭୂତ, ମୋ ସଜନୀ ରେ, ହରବର କରଇ ବହୁତ; ଲଗେ ପରେ ସ୍ନେହ ପରିବଧୁର, ଶୁଣୁ ସୁଧାଧାରି-ଠାରୁ ମଧୁର, ଇପିତରେ କରଇ ବିଧୁର, ମୋ ବଉଳ ରେ, ବିଷ ହୁଏ କରଣ ବିଧୁର । ୨ । ବାରେ ଶ୍ୟାମଠାରେ ନେତ୍ରାଞ୍ଚଳ, ମୋ ଦ୍ୱିତୀୟା ରେ, ସନ୍ଧିଲେ କଲି ମୁଁ ଚଞ୍ଚଳ; ଥାଉ ଅଜ ବଡ଼ ସୁଖ ବିଭବ, ଯାଉ ଯାଉ କଷ୍ଟେ ରହିଲା ଜୀବ, ତାହା ଜାଣେ ଏକା ମୋ ମନୋଭବ, ମୋ ସଙ୍ଗାତ ରେ, ଯାହା ହୋଇଛୁ ମୋ ଅନୁଭବ । ୩ । ନୂଆ ଭୁଅସୁଣୀ ନିପଟ, ମୋ ମିତଣି ରେ, ଶୁହିଁ ଶୁହିଁ କେଲ ଚନ୍ଦପଟ; ଅରିଷ୍ଟେ ଯେହେତୁ ବକୀବଧର, ଅଙ୍ଗୁଳିଶିଖେ ଯେ ଧରିଲା ଧର, କି ସେ ରଖିବ ନବ ପୟୋଧର, ମୋ କେତକୀ ରେ, ଖଣ୍ଡପର ଖଣ୍ଡିବ ଅଧର । ୪ । ନିଶି ନିଦ ନ ଜାଣିବ ଆଖି, ମୋ ମରୁଆ ରେ, ବସିନୀଦଳରେ ଯିବୁ ଲଖି; ନବନୀତରୁ ଯେହୁ ସୁକୁମାର, ବାନ୍ଧିବ କି ଦଶ ଇଷୁକୁ ମାର, ହସୁଥିବ ଯଶୋଦା ସୁକୁମାର, ମୋ ମୋହନା ରେ, ନାଶ ତଟେ ଅର୍କମା-ଜେମାର । ୫ । ଚଉକୁ ଯେ ଅସିବ କର, ମୋ ନିଅଳ ରେ, ଅଳ ଅଳ ହେଲେ ମୁଁ ଗୃହର; ଫଳିଗଲା ନିଜ ବାଞ୍ଛା ସତେ, କଳିବାକୁ ଭାବ ପଚ୍ଛୁ ମତେ, ତୋ ତରସ ପୁଚ୍ଛ ଶ୍ୟାମରତେ, ମୋ ସଙ୍ଗିନୀ ରେ, ଅଷ୍ଟାଦୁର୍ଗପତି ବୋଲେ ଗୀତେ । ୬ ।

---

୧୦୭ । ଟୀକା — ବିଧୁର — ବିକଳ, ବିଧୁର — ଚନ୍ଦ୍ରର, ଅରିଷ୍ଟ — ଅଲୁଡ଼ଶାଳ, ବକୀ — ପୁତନା, ଧର — ପର୍ବତ, ଦଶ ଇଷୁକୁ — ଦଶବାଣକୁ, ମାର — କନ୍ଦର୍ପ, ଅର୍କମାଜେମା — ଯମୁନା, ତରସ — ଅଭିଳାଷ ।

( ୧୦୮ )

ମୋହିଲୁ ରେ ବରମହିଳା ରେ । ପଦ ।

ନୂଆ ମୃଦୁ ଜଳପ,-ବତୀରସକଳପ,-ବଲ୍ଲୀ କି ସଂକଳପ, କରି ଗୁହିଁ ଅଳପ । ୧ । କରି ଭ୍ରୂରୁ ନଟିନ, ନ ଗୁହୁଁ ସଖୀଜନ, ସ୍ନେହମୟୀ ମୋହନ ହାସେ ଧନ ମୋ ଧନ । ୨ । ପୂରୁବେ ମହାବ୍ରତେ, ଶିବା ଶିବଙ୍କୁ କେତେ, ସେବିଥିଲି କି ସତେ, କି ସ୍ନେହେ ବାଳା ମତେ । ୩ । କେବଳ ମୋ ଭବେକ, ହରି ନାହିଁ ସେ ପିକ-ବାଣୀର କଉତୁକ, ଜଗତୀ ଗୋଟିଯାକ । ୪ । ସତେ କି ବନ୍ଧୁ ସଞ୍ଜ-ବେଳେ ମଣ୍ଡିବ କୁଞ୍ଜ, ବନୀ ଅବନୀ କଞ୍ଜ,-ନେହାର ଛବିପୁଞ୍ଜ । ୫ । ଅଷ୍ଟଦୁର୍ଗେଶ ଭାଷେ, କିଶୋରଙ୍କ ଶୋଭା ସେ, କିଶୋରୀ ଦେଖି ତୋଷେ ଭାବିଲେ ସଙ୍ଗ ଆଶେ । ୬ ।

( ୧୦୯ )

ରାଗ—ସାରଙ୍ଗ, ଆଦିତାଳ

ଚନ୍ଦନବାସି କୁନ୍ଦବରହାସି ରେ । ପଦ ।

କରୁଣାମୟୀ ବରୁଣାଳୟୀ ହୃଦୟା ଘନକେଶି ରେ, ପରିପତ ତୁ ମତେ, ହେଲୁ ପରି ନିରତେ ହରାଙ୍ଘ୍ରି ଭଜନରୁ କାଶୀରେ । ୧ । ଶରଣାଙ୍କିତ ଅରୁଣାମ୍ବୁଜଚରଣା ମୃଦୁଭାଷି ରେ, ଧରି ତରୁଣୀ ଶିର, ହରି ରତନ ମତେ କରି ଆଜ ତୋ ନିଜ ଦାସୀ ରେ । ୨ । ମଦନେଷୁଜକଦନେ ଗଲି ଭାସି ରେ, ତରି ପର ଅଙ୍କରେ, କରି ନିବଡ଼ିତରେ ପରିରମ୍ଭେ ରଖ ଆସି ଟିରେ । ୩ । ଲଳନାବର ତୁଳନା ପରିକଳନା ଗୁଣରାଶି ରେ, ଅନା ଅନା ଚପଳା, ନୟନାନ୍ତରେ ତୁ ମଦନାହବକୁ ଫରମାସି ରେ । ୪ । କରି ବନ୍ଦନ ହରିଚନ୍ଦନ କହେ କୁଞ୍ଜବିଳାସି ରେ, ରୁଷା ବରଜ ମୃଗଦୃଶା ପଡ଼ିଲେ ମୃଦୁ ମସାରନିଭ ଭୁଜପାଶୀରେ । ୫ ।

( ୧୧୦ )

ରାଗ—ସଦଂର

ବିପରୀତ ରତେ ଗୋ, କପରି ତରୁଣୀଜନେ ପ୍ରବଳନ୍ତି ସତେ ଗୋ । ପଦ ।

ଏକା ପ୍ରଦୀପରୁ ଭୟ ଜନମି ଅମିତେ ଗୋ, ଠଉରି ଯେ ନୋହେ ପ୍ରାଣ ପ୍ରଣୟି-ପୁରତେ ଗୋ । ୧ । ତଳପକୁ ଧରି ନେବାବେଳେ

---

୧୦୮ । ଟୀକା—ହରାଙ୍ଘ୍ରି—ମହାଦେବଙ୍କ ପାଦ, ମଦନେଷୁଜକଦନ—କନ୍ଦର୍ପର ବାଣରୁ ଜାତ କଷ୍ଟ; ମସାରନିଭ—ଇନ୍ଦ୍ରନୀଳମଣି ସଦୃଶ ।

ଅସମ୍ଭବରେ ଗୋ, ହର ହରଣୀକି ନେଲ ହୁଅଇ ପରତେ ଗୋ । ୨ ।
ସମ୍ଭାଳି ନୋହିଲେହେଁ ବିକାର କଦାଚିତେ ଗୋ, ଚୁମ୍ବାଇ ନୁହଇ ମୁଖ
ଚୁମ୍ବକ କେମନ୍ତେ ଗୋ । ୩ । ମୁଁ ହେଲେ ରହିଲି ପର ନୁହଇ
ଜୀବିତେ ଗୋ, ଦୁକୂଳାଡ଼ମ୍ବର କଣ୍ଠ ମୁକୁଳା ହୁଅନ୍ତେ ଗୋ । ୪ । କଳାପ
କିଙ୍କିଣୀ ସୁର ଉତ୍ତ୍ରିମ ବିରତେ ଗୋ, ପଳାଏ କେ ଲଜ୍ଜେ କହେ ଜଗଦ୍ଦେବ
ଗୀତେ ଗୋ । ୫ ।

( ୧୧୧ )

କଳାକୁଶଳା ରେ ସତେ କହିଲି କି ସଙ୍ଗି,
ତୋ ବିନା ମୋ ସ୍ନେହ ଆନେ ଥିଲି ପର ଦେଖି । ପଦ ।

ନୂତନାମ୍ବୁଦମଣ୍ଡଳୀଙ୍କି କି ଗୃତକାଣ୍ଡଜ ତେଜଇ, ଭୂତଳେ
ସରସୀଜଳେ କିଙ୍କି ତା ତୃଷା ଭଜଇ । ସ୍ୱର୍ଣ୍ଣଦୀକୃତଲୀଳହଂସ କି
କୂପକେଳିକି ସାଜଇ, ଏ କର କି ଅନ ନାରୀ ଚିବୁକେ ବାଜଇ । ୧ ।
ତୋ କୃପାତରୁ ମୋ ମଦୋନ୍ନତ ଶାର୍ଙ୍ଗ-ମୌଳି ନମାଇଲି, କୌତୁକେ
ରଚିବାର ପାଟବ ମୋ ପରି ଜନ ମାଇଲି । ମାନସେ ଅନୁମାନ ସେ
ପରିହାସିନୀ ଜନ ମାଇଲି, ପଙ୍କଜବାନ୍ଧବେ ତ କଳଙ୍କ ଜନମାଇଲି । ୨ ।
ତଥ୍ୟ ମାନି ଅତଥ୍ୟ ଭାଷି ତ ପୋତ ନା ମୁଖ ମାନରେ, ବାହାକୁ ପ୍ରବଳାଇ
ଦେ ପରରମ୍ଯବୈଭବ ଦାନରେ । ତୋଷ ମୋ ରସନାକୁ ତୋ ମଧୁରା-
ଧରାମୃତ ପାନରେ, ରସ ଧନ ମଦନମର୍ଦ୍ଦନ ବିଧାନ ରେ । ୩ ।
ରାସରଙ୍ଗିଣୀ ଅସ ସୁନ୍ଦର ହାସକୁନ୍ଦ ବିକାଶ ରେ, ବାସବାଗ୍ରଜୁ ବାସ
ଭାଗ୍ୟ ବିଳାସ ଦେ ନ ବିନାଶ ରେ । ଭାସମାନ ଜବାଧରା କି ନିରାଶରେ
ନିଜ ଦାସରେ, ଅନ୍ତରାୟୁ ନ ରଚ ମୋ ସୁଖାଭିଳାଷରେ । ୪ ।
ଅଧିକାତର ନନ୍ଦନନ୍ଦନ ଚାଟୁପାଟବ ବାଣୀରେ, ରାଧିକା ସୁଗୁଣାଧିକା
ସ୍ୱକପୋଳକୁ ନିଜ ପାଣିରେ, ଘୃଷ୍ଟଲେ ରଙ୍ଗିବାର . ମାନସମୋହନ
ସ୍ମିତ ଠାଣିରେ, ବନ୍ଦେ ଅଷ୍ଟଦୁର୍ଗ ନାଥ ଲୁଟି ଧରଣୀରେ । ୫ ।

( ୧୧୨ )

ରାଗ—ଜୌନପୁର ତୋଡ଼ି । ତାଳ ଅଠତାଳ

କହୁ ନାହିଁ କରେ ପହିଲୁ ତୋତେ ମୋ ଗୁଣ୍ଡି,
ମହିମହିଳା ପରି ମୋ ଦୋଷ ପ୍ରାଣସହି ସହିନେବୁ ବୋଲି । ପଦ ।

---

୧୧୧ । ଟୀକା—ଗୃତକାଣ୍ଡଜ—ଗୃତକପକ୍ଷୀ; ନମାଇଲି—ନୂଆଁଇଲି ।

ନବ ଛଇଳାରେ ନାହିଁ କି ତୋ ଦିବ୍ୟ ଅବଧାନେ ତହୁଁ ଲବ,
ପରିରମ୍ଭକାଳେ ଜଣାଇଥିଲି ଯା ଧର ତୋ ପାଣିପଲ୍ଲବ । ୧ ।
ଛୁଆଇଁ ନ ଦେଇ ଯେ ଗୁରୁ ଚିବୁକ ନୁଆଇଁ ବସିଛୁ ମଥା,
କି ବନଜନେତ୍ରା ନ ଜାଣୁ ଏ ତ ମୋ ଜୀବନ ଘେନିବା କଥା । ୨ ।
ଚୁମ୍ବାଇ ମୋତେ ତୋ ଶ୍ରୀମୁଖ ମୋ ମୁଖ ଚୁମ୍ବୁ ପରି ଅନୁରାଗେ,
ଅନା ଥରେ ଏବେ ସଞ୍ଜ ଗଲାଣି ଅନାଥ ପରି ତୋ ଆଗେ । ୩ ।
ବିଧୁବଦନାରେ ଏତିକି ମୋ ଦୋଷ ନିଧୁବନେ ବାରମ୍ବାର,
ବସନ ନ ରଖି ପ୍ରତି ଅଙ୍ଗ ଚୁମ୍ବି ଦଶନଅଙ୍କ ଦେବାର । ୪ ।
ମୋଷ ହୋଇଯାଏ ଚେତନାର ବନ୍ଧୁ ତୋ ସଙ୍ଗମେ ମାର ମୋଦେ,
ସାରସରସାରେ ଘେନ ତ ମୁଁ ଜଗି ପାରଇ କି ପ୍ରତି ପଦେ । ୫ ।
ସାଧାରଣେ ତେର ଶ୍ୟାମଚନ୍ଦ୍ର ଚିର ରାଧା ପିଅନ୍ତେ ଶ୍ରବଣେ,
ଅଷ୍ଟଭୁଜ ପରି ଅଲିଙ୍ଗନ କଲେ ଅଷ୍ଟଦୁର୍ଗନାଥ ଭଣେ । ୬ ।

( ୧୧୩ )

ସୁନାଗୋରି ରେ ନାଗରୀ ଏ କି ଅଜ । ପଦ ।

ଅସିଛୁ ଅଶାରେ, ଦାସୀ ପରିବାରେ, କୁସୁମଭୂଷାରେ ଦେବି ବୋଲି ସାଜ । ୧ । ଧୀରି ମୋର କୋଳେ ବିରାଜ ଗୋ ଲୋଲେ ଦାଅଇ ପଣାରେ ମୁଖଚନ୍ଦ୍ର ମାଜ । ୨ । ଦୋଷ ନାହିଁ ଲେଶେ, ରୋଷରୁହା ବେଶେ, ବସାଇଛୁ ତୋତେ ବନ୍ଧୁ କେଉଁ ପାଜି । ୩ । ଏଣୁ ମନୁ ଦମ୍ଭ, ଭିଡ଼ ପରିରମ୍ଭ, ଦେଇ ମୋତେ ରଖ ରାଜୀବାକ୍ଷିରାଜ । ୪ । କରୀନ୍ଦ୍ରଗମନା, ସରିଲାଣି ଅନା, ମଦନପଠାଣ ବାଣରାଜ ବାଜ । ୫ । ଅଷ୍ଟଦୁର୍ଗେଶ୍ୱର, କଷ୍ଟମିଶା ଗିର, ଶୁଣି ଗଲା ମହିଳାର ମାନ ଭାଜ । ୬ ।

( ୧୧୪ )

ରସିକାମଣ୍ଡଳୀ ମଥାଙ୍ଗରୀ ରେ, ବସିଛୁ ତ ରୁଷି ବସୁନ୍ଧରାରେ,
ଖସି ପଡ଼ିଲାଣି ଦେଲା ପରି କାଟି ଧୂତଲତକାଟି ମନୁ ଭ୍ରୂରାରେ । ପଦ ।

କହୁଛୁ ସ୍ତମ୍ଭରେ କେ କି ଧୀରାରେ, ମହୀରେ କରିଛୁ ନଖଗିରାରେ,
ଅହିତ ମୁଁ ନୁହେ, ଅଦୋଷେ ନିରହେ ନ ଦଣ୍ଡ ତୁ କୃପାନିଧି ପରୀ ରେ । ୧ । ଦୁଃଖକୁ ମୋହର ତୁ ପାସୋରା ରେ, ମୁଖଚନ୍ଦ୍ର ଟେକ ବିମ୍ବାଧରା ରେ, ସୁଗ-କୁସୁମାଳି, ନ ଯାଉ ମଉଳି, ବନ୍ଧୁ ତୋ ଗୁମାନ ତୀବ୍ର ଖରାରେ । ୨ । ରଣା ମୃଗନେତ୍ରା ନାରୀହୀରା ରେ, ଗଣାଗଲିଣି ମୁଁ ତୃଷାତୁରା ରେ, ଛଣା

ରସଝର, ଥାଉ ଥାଉ ପୁର, ତୋ ତରଜ ବ୍ୟାଜ ସୁନାଗରୀ ରେ । ୩ । ମଦନମଦୁଆ ଇଚ୍ଛ ଛୁରୀରେ, ମୋ ଧନ ମୁଁ ଯିବ ପିନା ମରି ରେ, ଛଦନ ବିଧ୍ୱଂସ ନ କଲେ ତୁ ହଂସବୀଜଯିଗମନା ଶୋଭିକାରୀ ରେ । ୪ । ହର ବାନତର ମନୋହରୀ ରେ, ପୁରୀରେ ବେଷକୁ ହସି ଜରୀରେ, ହାରଲେ କଷ୍ଟ ସିନ୍ଧୁ ତରବା ଅଷ୍ଟଦୁର୍ଗ ସ୍ୱର୍ଗରାଜା ମନ ପୁରୀ ରେ । ୫ ।

( ୧୧୫ )

ରୁଷା ବରଜ ମୃଦୁ କୃଶାଙ୍ଗୀ ଶିଶୁମୃଗଦୃଶାଟି ଝରକ୍କଲ ହସାଟି ରେ ।
ଭସାଇ ନ ଦିଅ ସରସ ପ୍ରବର ଅଭରସା ଜଳେ ମୋ ଶୁଭ ଦଶାଟି ରେ । ପଦ ।
ପରିଭବରୁ ମୋତେ ଖରାବ ନ କର ରେ ଭରିବରମୁକ୍ତି ମୁଁ ତୋ ଶାଟିରେ, ଧରିମାଣିକ୍ୟଝରୀ ମଦନ ଛରେ ମରିଇ ହେବୁ ଲୋକହସାଟି ରେ । ୧ । କ୍ଷମାଜଳଧି ଭଉ ଜମାଇ ଜରଜ ଭରମାଚଳରେ ନାଅ ନାଶାଟି ରେ, ଗୁମାନକୁ ନୁହଇ ସମାନ ମୁଁ ତୋହର ତମାଲ କଣଳଯି କେଶାଟି ରେ । ୨ । ମନା ନ କର ସୁନୟନା ସଦୟ ରସ ଅନାଉଣି କ ବର-ଯୋଷାଟି ରେ, ଅନାଥ ପରି ଦୀନମନା ହେଉଛୁ ଧନ ଅନାଇ ନତମୁଖ ବସାଟି ରେ । ୩ । ଅକାରଣେ ସଦୁ୍ୟତ, ଚକା ଲପନ ପୋତ, ନ କାନ୍ଦ ବସୁମତୀ-ଭୂଷାଟି ରେ, ଜକାଜକ ଚୁମ୍ବନ, ସକାମେ ରଣ ଧନ, ପକାଅ ହର ମୋର ତୃଷାଟି ରେ । ୪ । ରସାଅ ରସରେ ତ ରସା ହେଉଛୁ ମଧୁରସା ସଦୃଶ ବସକଷାଟି ରେ, ରସାତଳକ ହରିଚନ୍ଦନ ଦେବ ଘୋର ତୋ ଚରଣ ଶରଣପଶାଟି ରେ । ୫ ।

( ୧୧୬ )

ମନ ବନା, ତ ନବୀନା, ଅନ ସ୍ଥଳେ ନ ଖେଳଲୁ ରେ । ପଦ ।
ମଞ୍ଜୀର ମଞ୍ଜୁ ଶିଞ୍ଜିତ କାଳେ ଥରୁଥିଲୁ ଝରୀ କ ଚଞ୍ଚଳେ
ମନମଥ, ରଣରଥ, ପରି ସିନା ସେ ଚଳଲୁ ରେ । ୧ ।
ଙ୍କୁଚମୋତ ଝୁମ୍ପା କମ୍ପୁଥିଲୁ, ତାକୁ ନେତ୍ରାଞ୍ଚଳ ଝାମ୍ପୁଥିଲୁ
ଧରାଚକ, ମୋତେ ଶଙ୍କ—ରାଜଧାନୀରୁ ବଳଲୁ ରେ । ୨ ।
ମାନସରେ କ ସଙ୍କଳପିଲୁ, ହସି ଅଳକ କ ଅଳପିଲୁ
ମୋ ଅଡ଼କୁ, ଛଅଡ଼କୁ, ପରି କଟାକ୍ଷ ଗୃଳଲୁ ରେ । ୩ ।

---

୧୧୫ । ଟୀକା—ଝରକ୍କଲ—ମଲ୍ଲୀ ।
୧୧୬ । ଟୀକା—ଛଅଡ଼—ଶର, ବାଣ ।

ଜଗତ ଯୁବତି ରମ୍ଭାଗର୍ଭା, ଜନନୟନମଣ୍ଡନ ଶୋଭା
କିଶୋରୀ ସେ, କି ସୌରଭେ, ହେଲେ ସ୍ମରଣ ଠେଲିଲି ମା । ୪ ।
ଅଦରଶ ସେ ସୁନ୍ଦରୀଙ୍କର, ତା ଦରଶନ ଲୋଭରୁ ମୋର
ମରମରେ, ମାର ମାରେ, ତହୁଁ ହୃଦୟ ଜଳିଲା ରେ । ୫ ।
ଜଗଦ୍ଦେବ ବୋଲେ ଶ୍ୟାମଚିତ୍ତ, ଜାଣି ଜଣାଇଲେ କେହି ମିତ
ତୁମ୍ଭ କାମ, ସୁରଦ୍ରୁମ, କୃଷ୍ଣ ଅବଶ୍ୟ ଫଳିଲା ରେ । ୬ ।

( ୧୧୭ )

ରାଗ—ମାଳବ । ତାଳ ତ୍ରିପୁଟ ।

ପାହି ପାହିଅ । ପାହି ବ୍ରଜପୁର ଯୁବପୁରନ୍ଦର, ପାହି କରଧୃତ-ମନ୍ଦର, ପାହି କୃତ ଅଭିସାର କନ୍ଦର, ପାହି ନବଘନସୁନ୍ଦର । ୧ । ମତ୍ତବାରଣ-ଗର୍ବନାଶନ, ଗମନ ଜନମନରଞ୍ଜନ, ମୀନକେତନ ଝଂପନକେତନ, ଯାମଳାର୍ଜ୍ଜୁନଭଞ୍ଜନ । ୨ । ନନ୍ଦନନ୍ଦନ, ଜଗତବନ୍ଦନ, ମୁରଲୀଧର ବ୍ରଜନାଗର, କମଳଲୋଚନ, ଶୋକନାଶନ, ସକଳ ଗୁଣଗଣ ସାଗର । ୩ । କୋଟୀଶାରଦ-ଚନ୍ଦ୍ରମାମୁଦ, ବନଜରୁଚିମୁଖଶ୍ୟାମଳ, ଗଣ୍ଡସୁଶୋଭିତ ରତନସୁଜଡ଼ିତ, ମକରସୁରୁଚିର କୁଣ୍ଡଳ । ୪ । ନାଗରୀଜନ, ଚିତ୍ତମୋହନ, ବସନରୁଚିଜିତ କୁନ୍ଦନ, ନିତ୍ୟ ନବୀନ ଶରଣ ତବ ଦୀନବନ୍ଧୁ ରାଜ ହରିଚନ୍ଦନ । ୫ ।

( ୧୧୮ )

ରାଗ—ମୁଖାରୀ, ଅଠତାଳ

କୁନ୍ଦରଦନା ରସବତୀ, ରସବତୀ ରାମା ରସବତୀ । ପଦ ।

ଗଲି ନିଶି ତାହା ସଙ୍ଗତେ ମାତି, ଯେତେ ବନ୍ଧେ ହେଲା ସୁରତି, ରତିରେ ମାତି ନ ହେଜିଲି ରାତି, ଟାଳୁଥିଲି ତାର ନେତ୍ର ସମ୍ପତ୍ତି, ଭିଡ଼ିଲି ଦେଇ ଘାତକି ଘାତ । ୧ । ନାଟ କରୁଥିଲା ନାୟିକାମଣି, ଫିଟି ଚରଣେ ଲୋଟୁଥିଲା ବେଣୀ, ବାଜୁଥିଲା ତାର କଟି କିଙ୍କିଣୀ, ନେଉଥିଲା ମୋର ଚିତ୍ତକୁ କିଣି, ଭାସିଲା ହୁଁ ହୁଁ ଶବଦବାଣୀ । ୨ । ଉରଜେ କରଜ ଗୁଳନ୍ତେ ନେଇ, ଚମକି ଇଷି ବୋଲଣ ଭାଷଇ, କହୁଥାଇ କେତେ ବିନୟ ହୋଇ, ଏଥକୁ ଆଉ ମୁହିଁ ନ ପାରଇ, ବୋଲଇ ଅଙ୍ଗ ପଡ଼ିଲି କାହିଁ । ୩ । ଜେତେବେଳ ଅନ୍ତେ ଜୀବଜୀବନ, ଆରମ୍ଭିଲି ବିପରୀତ ବହନ, ତେତେବେଳେ ଯାହା ହେଲା ମୋ ମନ, ତହିଁକି କେବଳ ସାକ୍ଷୀ

ମଦନ, ଗଣି ଦେଉଥିଲୁ ଚୁମ୍ବନ ଦାନ । ୪ । ଅଷ୍ଟବର୍ଗପତି ବୋଲେ ଏ ରସ, ଏହୁ ଅଜ୍ଞା ମୋତେ ହେବ ଗିରୀଶ, ଖଟିଥିବ ଅନବରତ ପାଶ, ବସି ଗୃହିଁଥିବ ମୁଖସାରସ, ଘେନି ବଞ୍ଚୁଥିବ, ରାଜିଦିବସ । ୫ ।

( ୧୧୯ )

ରାଗ—ଦକ୍ଷିଣ ଗୁର୍ଜ୍ଜରୀ

ଶୁଣ ଶୁଣ ରେ ଜୀବର ଧନ ତୋ କରସାରଣୀ ରେ,
ତୁ ଯିନା ଏକା ମୋ ସ୍ମରଶରକୁ ବାରଣୀ ରେ । ପଦ ।

ତୁ ଗୃହୁଁ ଗୃହୁଁ ମଦନଶରେ ନାଶ ଗଲି ରେ, ନ ଥିଲା ମୋ ମନେ ଏହା କରିବୁ ତୁ ବୋଲି ରେ, ମୋ ଶପଥଟି ରେ ରାମାବର, କରିଥିଲୁ କଣ୍ଠ-ରତନହାର, ଏବେ କେଉଁ ବୁଦ୍ଧି ଶୁଣି କାହାର, ଘେନିଲୁ ନାହିଁ ତୁ ସାର ଅସାର । ୧ । ଲଗାଇଥିଲେହେଁ ବିଷବୃକ୍ଷ ବିମ୍ବାଧରି ରେ, କେତେବେଳେ ପ୍ରିୟେ ତାକୁ ବିନାଶ ନ କରି ରେ, ଜାଣି ଜାଣି ତୁ ରେ ନବ ବନିତା, କିଛି ମନେ ନ କଲୁ ବିବେକତା, ସୁଖେ ରୋପଣ କରି ପ୍ରୀତିଲତା, ନିଜ କରେ ଉପାଡ଼ିଲୁ ଏବେ ତା । ୨ । କ୍ରମେ କ୍ରମେ ପ୍ରେମ ଦ୍ରୁମ ଘର ବଢ଼ାଇଲୁ ରେ, କି ବିଗ୍ରହ ଏବେ ବନ୍ଧୁ ମୂଳ କାଟି ଦେଲୁ ରେ, ଦରିଦ୍ରକୁ ଦେଇ ଇନ୍ଦ୍ର ସମ୍ପତ୍ତି, ପୁଣି ନେବାକୁ ବଳାଇଲୁ ମତି, ପ୍ରୀତି ବିଚ୍ଛେଦରୁ ନାହିଁ ବିପତ୍ତି, ମରଣହିଁ ଯିନା ପରମ ଗତି । ୩ । ମନ ନେବ କର୍ଣ୍ଣ ଅଦ ଯେତେ ମୋ ଥିଲା ରେ, ମୋ କଥା ସେ ନ ଶୁଣି ତ ତୋତେ ଅଶ୍ରା କଲା ରେ, ଏକା ମାତ୍ର ଦେହେ ଅଛି ଜୀବନ, ତୋର ସଙ୍ଗ ବିହୁନେ ଅତି ଝିନ, ସେ ଏବେ ରହି ନ ପାରେ ବହନ, ଯିବାକୁ କରୁଛି କଣ୍ଠେ ପ୍ରସ୍ଥାନ । ୪ । ତୋ ନିମିଷ ଅନ୍ତର ଜଗତ ଶୂନ୍ୟ ମୋତେ ରେ, ବାଲ୍ୟତ କାଳରୁ ପ୍ରୀତି ଭାଙ୍ଗିବ କେମନ୍ତେ ରେ, ଏବେ କାହାଠାରୁ କି ବୁଦ୍ଧି ପାଇ, ସଦୟ ହୃଦୟ ନିର୍ଦ୍ଦୟ ହୋଇ, ମଦନ ନଦୀସ୍ରୋତ ମଧ୍ୟେ ନେଇ, କରେ କର ଧରି ଦେଲୁ ଭସାଇ । ୫ । ଶରଣଜନକୁ ନାଶି ଲଭିବୁ କି ଯଶ ରେ, ଦୋଷ ଥିଲେ କ୍ଷମା କର ମୁଁ ତୋ କିଣା ଦାସ ରେ, ସେ ନବନାଗର ବଚନ ଶୁଣି, ତେଜି ମନୁ ମାନ ରମଣୀମଣି, ସୁପ୍ରେମରେ କଲା ଭଙ୍ଗୀ-ଗୃହାଣି, ଦୀନବନ୍ଧୁ ହରିଚନ୍ଦନ ଭଣି । ୬ ।

( ୧୨୦ )

ରାଗ—ତୋଡ଼ି ପରଜ

ରେ ସଙ୍ଗାତ, ଏତିକି ମୋ ସଙ୍କଳପ
କିଶୋର କିଶୋରୀ ଅନାଇଁବେ ଧରି ଅଧରେ ହାସ ଅଳପ । ପଦ ।

ମୁଁ କୋଟି କଳପ କରି ନାହିଁ ତପ, ଏ ଭରସା ହେବ କାହୁଁ, ଭିଡ଼ିବି ସୁନ୍ଦରତର ପୁରନ୍ଦର ମଣିମାଳା ରମ୍ୟ ବାହୁ । ୧ । ଦେଇ ନାହିଁ ସର ସାଟି ପାଟବାରି ତା ମଧୁରସା ହବନେ, ଚୁମ୍ବିବି ତାହାଙ୍କ ମୁଖ ହରିଣୀଙ୍କ ନିକି ନିକୁଞ୍ଜଭୁବନେ । ୨ । ଶଙ୍କର ଗିରିଜା ପଙ୍କଜାଙ୍ଘ୍ରି ପୂଜା କରି ନାହିଁ ଗଙ୍ଗାକୂଳେ, ମରକତ ମାର ମୂରତି ସୁନ୍ଦର ଖେଳିବ କେହ୍ନେ ମୋ କୋଳେ । ୩ । ଖଞ୍ଜି ନାହିଁ ମଣି ମାଳିକାଧରିଣୀସୁରସୁନ୍ଦରୀଙ୍କ ଗଳେ, କିପାଁ କଞ୍ଜନେତ୍ର ମୃଗମଦଚିତ୍ର ହେବ ମୋ କୁଚ ଯୁଗଳେ । ୪ । ନ ଥିବାରୁ ଭାଗ୍ୟ ନୁହଇ ତ ଯୋଗ୍ୟ ଲୋଡ଼ିବି କି ଆନ କଥା, ମୋହନ ପଙ୍କଜ ପଦଚିହ୍ନ ରଜ ଚୁମ୍ବୁଥାଉ ମୋର ମଥା । ୫ । ବଡ଼ଭି ଭନାରୀ ପାଶେ କରିଥିବି ରଜନୀ ବାସର ସ୍ଥାନ, ଚରଣମଣ୍ଡନ ମୁରଲିକା ସ୍ୱନସୁଧା ପିଉଥିବ କାନ । ୬ । କେଉଁରୂପେ ହେଲେ, ସେ କୃପା ନୋହିଲେ ତମାଳେ ଦେବି ଦଉଡ଼ି, ଜଳନ୍ତର ଷିତିଚନ୍ଦ୍ରବଳାରାତି କହଇ ସନ୍ଦେହ ଛାଡ଼ି ରେ ॥

( ୧୨୧ )

ରାଗ—ଚନ୍ଦ୍ରଭୈରବ

ସଜନି ଆଜ ରଜନୀରେ ନଇଲେ ବ୍ରଜମୋହନ
ମନ କେହ୍ନୁ ମୋହିଲା ରେ । ପଦ ।

ମୋ ଦେହେ ଦେଇ କର,-କମଳ ବାରମ୍ବାର ଶପଥ କରି କେତେ କହିଲା ରେ; କପଟ ମତି କରି, ସାହସେ ସେ କପରି ଧରମ ତାକୁ ସହି ସହିଲା ରେ । ୧ । ଲଗାଇ ପ୍ରେମରସ, ମଧୁ କନ୍ଦାଇ ବଶ, ନୟନୁ ଅଶ୍ରୁ ବରଷାଇଲା ରେ; ଭଜି ମୁଁ କିଣି ଦାସୀ, କି ଅପରାଧୁ ଆସି ମୋଠାରେ ଅବଧାନ ନୋହିଲା ରେ । ୨ । ଭାଙ୍ଗି ରଖିଛି ପାନ, କର୍ପୂର ଶ୍ରୀ ଚନ୍ଦନ, ଏବେ ତ ବେଶ ବାସି ହୋଇଲା ରେ; କାହା ସୁରତେ ମାତି, ଅସି ହେଲା

---

୧୨୦ । ଟୀକା— ମଧୁରସା—ମିଷ୍ଟ ଖାଦ୍ୟବିଶେଷ, ହବନ—ଯଜ୍ଞ, ବଡ଼ଭି ଭନାରୀ—କୋଠାଘର ଝରକା, ବଳାରାତି—ଇନ୍ଦ୍ର ।

ପାହାନ୍ତି, କୁକ୍କୁଟ କୁକୁରବେ ରଟିଲ ରେ । ୩ । ଏ ପାପ କାମ ମୋତେ, ଦଣ୍ଡ ଦେଲଣି ଯେତେ, ପରାଣଭୁଲେ ପିଣ୍ଡ ଦହିଲ ରେ; ଭବ ମିହିର ଚିନ୍ତା, ଅହା ବ୍ରଜବନିତା, କପାଳେ ବିହି ଏହା ଲିହିଲ ରେ । ୪ ।

( ୧୨୨ )

ରାଗ—ହୁସେନ୍, ଆଦିତାଳ

ବରନାରି ! ଗୁମାନ ମନେ ଧର ନା ରେ । ପଦ ।

ଅମ୍ବୁଜ ନେତ୍ର ସାଞ୍ଜନ, ଅମ୍ବୁ ନ ବରଷ ଧନ, କମ୍ବୁ କଣ୍ଠି ଜାମ୍ବୁନଦ ବରନା ରେ । ୧ । ନ ଖେଳ ମୋ କୋଳେ ରସେ, ସଖେଦେ ମାନସରୋଷେ, ନଖେ ଧରା ଚିରବାର କର ନା ରେ । ୨ । କର ବଦନେ ପ୍ରକାଶ, ପରବା ଚନ୍ଦ୍ରିକା ହାସ, ଗରବ ଗିରିକି ମୋର ଚୂର ନା ରେ । ୩ । କୀରାଧିପଭାଷୀ ଅସ, ବିରାଜୁ କୁଞ୍ଜନିବାସ, ଧୀରା ମୋରେ ନିରାଶ ଅଚର ନା ରେ । ୪ । ଅନ୍ତର ରଙ୍ଗି ଭିଡ଼ିବ, ଯନ୍ତର ହୋଇ ଜଡ଼ିବ, ଦନ୍ତର ବ୍ରଣ ନୋହିବ ଡର ନା ରେ । ୫ । ଗାଳି ପଛେ ଦିଅ ପଦେ, ମାଳି ହୁଅ ତୁ ମୋ ହୃଦେ, କାଳିନ୍ଦୀରେ ପଡ଼ିବାର କର ନା ରେ । ୬ । ରାଧାକୃଷ୍ଣ ପଦ ଭାବି, ବିରଚିଲେ କବିରବି, ନରନାଥ ଜଗଦ୍ଦେବଙ୍କର ନାଁ ରେ । ୭ ।

( ୧୨୩ )

ଅରଜିବ ପଛେ ଜନ ଅପଖ୍ୟାତିକି ଗୋ,
ବରଜିବ କେହି ଘନଶ୍ୟାମ ପ୍ରୀତିକି ଗୋ । ଘୋଷା ।

ତେଜି ଜାଇଦଳ ଶେଯ, ଘନସାର ମଳୟଜ, କରିବ କେ ରାଜୀବଦଳକୁ ଗତିକି ଗୋ । ୧ । ତା ସୁନ୍ଦର ମନ୍ଦ ହାସ, ରୁଚିର ଭ୍ରୂରୁ ବିଳାସ, ସ୍ମରି ଅଛିବ କେ ଫୁଲବାଣେ ସ୍ମୃତିକି ଗୋ । ୨ । ପଦକୁ ପୁରନ୍ଦରର, କରିଦେବି କର ସ୍ମର, ନିତି ନିତି ତା ସୁରତେ ମାତିକି ଗୋ । ୩ । ତେଜିଣ କୋଣ ଗୃହିଣୀ, ପୀୟୂଷ ମଧୁର ବାଣୀ, ସହିବ କେ କାମରାଜ ଫଳ ଲାଭକି ଗୋ । ୪ । କର ଗାଢ଼େ ପରିରମ୍ଭ, ତା ଅଧର ପକ୍ୱ ବିମ୍ବ, ପିଇଥିବ ପାହିଟିବା ଯାଏ ରାତିକି ଗୋ । ୫ । ବୋଲେ ବସୁଦୁର୍ଗପତି, ଧ୍ୟାନ କର ତା ମୂରତି, ନାମ ଭଜନରେ ହେବ ଯତି କି ଗୋ । ୬ ।

( ୧୨୪ )

କେହି ସର କି, ପ୍ରଭୁ ପଣେ ମାଳାଦ୍ରି କେଶରୀ କି,
ଯା ଠାରେ ପୂରିଛି ଦୁଃଖୀଜନଦୟା ନଖଠାରୁ ଶିଖା ସର କି । ପଦ ।

କି କହିବା ଅଜ ତାଙ୍କ ଶ୍ରୀଚରଣ ଅନୁସରଣ ଗୃତ୍ରୁସ୍ଵିକ, ବଜାଭ୍ଛନ୍ତି ବଭୀଷଣ ଅଗରେ ଜଗତ ବିଜୟୀତ୍ରୁସ୍ୱିକ । ୧ । ସାନକୁ ବଡ଼ କରିବାରେ ଉଡ଼ାଇଅଛନ୍ତି ଧ୍ୱଜ ମଞ୍ଜୁସ୍ୱିକ, ଦେବ ନାଗ ନର ଗନ୍ଧର୍ବ କିନ୍ନର ଉପରେ ଧ୍ରୁବ ନଗସ୍ୱିକ । ୨ । କି କହିବ ତାଙ୍କ ପୀରତି କରିବା ଗାରତଚନ୍ଦ୍ର ମାଧୁସ୍ୱିକ, ଋଙ୍କ ବିପ୍ରପାଦ ଧୁଅଇ ଯା ଦେଲେ ରମାଙ୍କରେ ବନୃଙ୍ଗଙ୍କ । ୩ । କ୍ଷମାସାଗର ଯେ ତାହାଙ୍କୁ ଭଜିଲେ କାଳ କିଙ୍କରଙ୍କୁ ଡରିକି, ବୋଲେ କବିସୂର୍ଯ୍ୟ ଅନ ଉପାୟିକୁ ପେଲିଦିଅ ଗିରଦସ୍ୱିକ । ୪ ।

( ୧୨୫ )

ରାଗ—ଇମନ କଲ୍ୟାଣ, ଅଠତାଳି

କାଳନ୍ଦୀକୂଳକୁ ମୋର ସଙ୍ଗାଳି ନ ଯା ରେ । ପଦ ।

ଯା ଶିରେ ଚନ୍ଦ୍ରିକାଚୂଳ, ରଙ୍ଗସ୍ଥଳ ନୀପମୂଳ, ତା ନୟନ ଅଞ୍ଚଳଟି ଜ୍ଞାନହଜା ରେ । ୧ । ନବ ଯୁବତୀଙ୍କ ଜାତି, ନେବ ବୋଲି କେତେ ଜାତି, ସୁଅଗ ଜାଣଇ ସେ ନାହୁଁଅ ରଜା ରେ । ୨ । କାମୁନଦଘଟେ ବାରି, ଅଣନ୍ତୁ ତୋ ପରିବାରି, କୁପ ଉପକଣ୍ଠେ ଶ୍ରୀ ଅଙ୍ଗକୁ ମଜ୍ଜା ରେ । ୩ । ଏହି ପୁରେ ତୋ କାମନା, ଭରିତ ହୋଇବ ସିନା, ଶ୍ୟାମ ଅଙ୍ଗସଙ୍ଗ ଡର ଥିଲେ ମଜ୍ଜା ରେ । ୪ । ତା ବେଣୁନିସ୍ୱନ ଦୂରୁ, ଜନମାଭଣ୍ଡି ଦେହରୁ, ନୀପଫୁଲ ପରିରେ ପୁଲକଗଜା ରେ । ୫ । ନ ଛପାଅ ମନ ଥିଲେ, ବନ୍ଦ କବିରବି ବୋଲେ, ସୁଖେ ବ୍ରଜମଣ୍ଡଳେ ଉଣ୍ଡିମ ବଜା ରେ । ୬ ।

( ୧୨୬ )

ରାଗ—କେଦାର । ତାଳ ରୂପକ

କହ ରେ ଜୀବସଙ୍ଗିନି ! ତୋ ମନ ଘନଶ୍ୟାମରସେ ବଳିଲି କି ! ପଦେ ପଦେ ସୁଖ ଦେବା ପ୍ରେମ ଲେଖ ମିଳିଲି କି, ବାଞ୍ଛା ଫଳିଲି କି । ପଦ ।

ତରଣିଜାକୂଳ, ନୀପମୂଳସ୍ଥଳ, କୁତୂହଳରୋଳ, ଏ ତୋ ନେତ୍ରାଞ୍ଚଳ, ମୋହନ ବିରହେ, ଅକପଟ ସ୍ନେହେ, ଚଳିଲି କି ଛଳ ଚଳିଲି କି । ୧ । ପୁରଦଳନାରି ଅମଳେ ତୁ ଘର ହେଉଥିଲୁ ନାରୀମଣି ମନୋହାରୀ, ଧଇର୍ଯ୍ୟ ସରୋଜ ବନମାଳି ଗଜ ଦଳିଲି କି ତହୁଁ ଲଳିଲି କି । ୨ । ଅବସର ଦଣ୍ଡିକରେ ସେ ଶିଖଣ୍ଡ-ମଣ୍ଡନ ଅଖଣ୍ଡ ନୟନାନ୍ତ ଦଣ୍ଡ, ତୋ

ମରକ୍ତ ବକ୍ଷ ବସୁନ୍ଧରା ଚକ୍ଷ ନାଲାଞ୍ଜ କି ସରୁ କଳାଞ୍ଜ କି । ୩ । ଏ କି ଚମତ୍କାର, ସେ ତ ସୁକୁମାର, ଶୃଙ୍ଗାର ମଙ୍ଗଳମୂରତି କିଶୋର, ତାହା ମନ ମୃନ ତୋ କଠିନ ସ୍ତନ ଗଳାଞ୍ଜ କି ଏଥୁଁ ବଳାଞ୍ଜ କି । ୪ । ରଜତେ ରଜତ ଶାତକୁମ୍ଭେ ଶାତକୁମ୍ଭ ସିନା ଝଟେ ଜଗତେ ବିଦିତ, ଜମ୍ବୁନଦ-ସାର ତଳରେ ମସାର ଝଟିଲା କି ଛାପ ଛଟିଲା କି । ୫ । ଜଗଦ୍ଦେବ ବାଲ୍ୟକେଶ ବସୁନ୍ଧରା,-ବଳୟ ଅମରପତି ବୋଲେ ଭ୍ରୁବ, ଖେଦ-ତମିରକୁ ମୁଦ କଉମୁଦୀ ଗିଳାଞ୍ଜ କି କାଳ ମିଳାଞ୍ଜ କି । ୬ ।

( ୧୨୭ )

ରାଗ—ତୋଡ଼ି, ଅଠତାଳି

ଗୁହିଁଛୁ ମାନ ଶିଖଣ୍ଡ ଲୋ, ସଖି ମୁଁ, ତୁଛ ଅପବାଦେ ଚମକି ପଡୁଛୁ ଏ ବ୍ରଜ ବଜାର ଦାଣ୍ଡ ଲୋ । ଚକ୍‌କଣି-ଶ୍ୟାମଳଚନ୍ଦ୍ର ନିକଟକୁ ଗୁଲି ନାହିଁଟି ପହଣ୍ଡ ଲୋ, ସଖୀ ମୁଁ । ପଦ ।

ଚପର୍‌ସିତମ୍ଭ ପେଷି କଂସରାୟ ନିର୍ଦ୍ଦୋଷେ ନେବ କି ଡଣ୍ଡ ଲୋ । ୧ । ଚଳୁଅ ଯେ ବଡ଼ ମୋହର ଗଉଡ଼ ଶୁଣିଲେ ହେବ ପ୍ରଚଣ୍ଡ ଲୋ । ୨ । ସଖୀ ଥିଲେ ମୋର ପରଶନ୍ତେ ନୀର ତାଙ୍କ ଯୋଗୁଁ ଲଣ୍ଡଭଣ୍ଡ ଲୋ । ୩ । ଗ୍ରେହ ଯେବେ କରଥିଲି ମୁଁ ତାଙ୍କର ଚୁମ୍ବିଛୁ କି ଗୃରୁ ଗଣ୍ଡ ଲୋ । ୪ । ଅଷ୍ଟଦୁର୍ଗ ଭଣି ଶୁଣ ଠାକୁରାଣୀ ଶ୍ୟାମ ପଦକଞ୍ଜେ ମଣ୍ଡ ଲୋ । ୫ ।

( ୧୨୮ )

ରାଗ—କାମୋଦୀ । ତାଳ ସରିମାନ୍

କେଉଁ କାରଣୁ ମୁଁ ତୋ ସେବାକୁ ଗୋ,
ମୋଠାରେ ଅବଧାନ ହେବାକୁ ଗୋ । ପଦ ।

ତୋ ଗୃରୁମୁଖ ମାଠି, ଯେଣି ତଳକ କାଠି, ଭ୍ରଳଇ ଭ୍ରଲେ ନିବେଶିବାକୁ ଗୋ, ଲଗଇ ମନେ ଦୁଃଖ, କୋଟିସୁଧାମୟୂଖ ଦଳିବା ଝଲ ଛପି ଯିବାକୁ ଗୋ । ୧ । ମନୋହର କବରୀ, ସାଜ ପାରଇ ଗୋରି ଜାଣି ତୋ ଚଉ ରସାଇବାକୁ ଗୋ; ଭରସା ନୋହେ ମୋର ଗୃର ନାଲଗ୍ରମର ଚଉଁର କେଶେ ମିଶାଇବାକୁ ଗୋ । ୨ । ତୋ ପୟୋଧର-

---

୧୨୬ । ଟୀକା—ପୁରଦଳନାଥଅମଳେ—କନ୍ଦର୍ପଖେଳରେ, ନଳଞ୍ଜ—ନଳଦ୍ୱାରା ମାପିଲ, ମସାର—ଇନ୍ଦ୍ରନୀଳମଣି, ଜମ୍ବୁନଦସାର—ସୁବର୍ଣ୍ଣ, ଶାତକୁମ୍ଭ—ସୁବର୍ଣ୍ଣ ।

'ହେମ ଦାମ ଛଡ଼ା କୁସୁମ ପରି ମୋ ଶରୀରେ ଅଭ୍ୟସିବାକୁ ଗୋ; ମରଣୁଁ ଲାଜ ବଳେ ଗୃହ୍ଣୁଁ ଗୃହ୍ଣୁଁ ତ କଳେବରକୁ ଅଲଙ୍କାର ଦେବାକୁ ଗୋ । ୩ । ସାର ସକଳ ବେଶ ଦେଖାନ୍ତି ଆଦରଣ ହେବା ନୋହିବା ପଚାରିବାକୁ ଗୋ; କବି ମିହିର କହେ, ସତେ ଦାସେ ତୋ ଦେହେ କେବଳ ଅନୁଗ୍ରହ ଥିବାକୁ ଗୋ । ୪ ।

( ୧୨୯ )

ରାଗ—ଭୈରବୀ, ଅଦତାଳ

ଗଲ ତ ଅନୁରାଗ ଜଣା ଯା ଯା ମୋହନ ଯା । ପଦ ।

ଯା ପଦ ଅଲକ୍ତକ ଶିଖଣ୍ଡ, ମଣ୍ଡି ସୁରତସୁଖ ଅଖଣ୍ଡ, ଦେଇଛି ସେ ବରତୁଳ ଉରଜାକୁ ତାକୁ ଭଜ ଯା । ୧ । ଯା ସଙ୍ଗେ ମାତ ରଜନୀଯାକ, ସେହି ରସକୁଶଳାକୁ ଡାକ, ମୋ ନାମରେ ବୋଲି ନୀଳୟ ମୁରଲୀ ବାଜା ନ ବଜା । ୨ । ଆଳ ନ ବାହ ବଟକିଶୋର, ଗାଳି ନ ଶୁଣ ବଦନୁ ମୋର, ଚରଣ ନ ଧର ତୁ ମଧୁନଗର ରାଜା ଭଣଜା । ୩ । ଭ୍ରମରି କଳନ୍ତର ମହୀନ୍ଦ୍ର, ନନ୍ଦନୀଳୟ ଗଗନଚନ୍ଦ୍ର, ବରଜ ସୁନୟ, କରୁ ଯେ ଅନୟ, ନାହିଁ କି ଲଜ୍ଜା । ୪ ।

( ୧୩୦ )

ରାଗ—ଅହାରି, ଅଠତାଳ

ମନ୍ଦମଳୟାନିଳ ବହିଲା, ଚନ୍ଦ୍ରବଦନା ଦୂରେ ରହିଲା । ପଦ ।

ଖାଇ ନୂଆ ଚୂତ ବକୁଳକୁଳ, କଳକଣ୍ଠ କରେ ଯା କଳକଳ, କରି କଳକଳ ପ୍ରବାସୀ ବିକଳ କରିବ ବୋଲି ବୋଇଲା । ୧ । ଅଙ୍କଜଗତରେ ପଙ୍କଜମୁଖୀ, ପହୁଡ଼ିଲେ ମୋର ହୁଏ ଯେ ସୁଖୀ, ମୃଦୁ ସରସିଜ କିଶଳୟ ଶେଯ ଧନକୁ ଯୋଗ୍ୟ ହୋଇଲା । ୨ । ଅହା ତାହା ସାହା ବାରେ ମୋତେ, ନୟନରୁ ଚମ୍ପକମାଳା କଢ଼ିତେ, ମନମଥବଶେ ଏବେ ସେ ଅବଶେ ଦୁଃସହ ଦୁଃଖ ସହିଲା । ୩ । ପଲ୍ଲବକୁ ଦଣ୍ଡଧର ରସନା, ବଲ୍ଲୀରୁ କିଶୋରୀ ମଣିବ ସିନା, କଂଶୁକସ୍ତବକ ଅନଳଯାବକ ତୁଲ୍ୟ ତ ଦେହ ଦହିଲା । ୪ । ଭଣିଲେ ଅଷ୍ଟାଦୁର୍ଗ ପୁରୁହୂତ, ଦୁଃଖ ତେଜଲେ ବ୍ରଜରାଜସୁତ, ମୃଦୁଳ କଦଳୀ ବକ୍ଷେ ଦେଲେ ଦଳ ହେବାର ବାଦ ବହିଲା । ୫ ।

---

୧୩୦ । ଟୀକା—କଦଳୀ—ଭୂଇଁ କଦଳୀ, ପୁରୁହୂତ—ଇନ୍ଦ୍ର, ଦଣ୍ଡଧର—ଯମ, ଯାବକ—ଅଳତା ।

( ୧୩୧ )

ରାଗ—ତୋଡ଼ି ପରଜ

ରେ ରମଣୀ ଗୁରୁଜନେ ଯେବେ ଭୀତ,
ପୂର୍ବରୁ ନାଳ ପରବ୍ରଚନ୍ଦ୍ରରେ ବହଲ କାହିଁକ ପ୍ରୀତ । ପଦ ।

ସିନ୍ଧୁ ତ ଗଭୀର ଅଛନ୍ତି କୁମ୍ଭୀର ଅହି ମହାମୀନଶ୍ରେଣୀ, ତହୁଁ ତ ରତନ ଲଭନ୍ତି ଯତନ କରି କେହି କେହି ପୁଣି ରେ । ୧ । ମଳୟରେ ଅହିବଳୟ ତ ରହିଥିବାର ସକଳ ଜାଣି, କାହିଁକି ପଣ୍ଡିତେ ବସୁଥାନ୍ତି ସତେ ଗନ୍ଧସାରସାରେ ପୁଣି ରେ । ୨ । କଣ୍ଟକକଳାପସୁ ସକାଶରୁ ଭୟ ଲଭେ ଯେବେ ଶିଳୀମୁଖ, ହେଉଥାଏ ସେ କି ବାଗରେ କେତକୀ-ଲତିକାର ପାଖ ପାଖ ରେ । ୩ । ହରଚକଧାରା ପରାକ୍ରମୁଁ ପରା ହେଲେ ହେଲେ ଖଣ୍ଡ ଖଣ୍ଡ, ଛାଡ଼ିଲା କି କହ ସୁଧାରୁ ଆଗ୍ରହ ବିଧୁନ୍ତୁଦ ଗ୍ରହ ତୁଣ୍ଡ ରେ । ୪ । ମୋହନ ବିଷମ ପଦାର୍ଥରେ ପ୍ରେମ ନ ଛୁଇଁବାର ଭଲ, ବିଧୁ ବଧୁ କର ଇତରରୁ ଡରିବାର ବଡ଼ କଲବଲ ରେ । ୫ । ବୁଡ଼ିଗଲେ ହେବ ଏକା ଶେଷଦେବ ଭୁବନକୁ ଅହିମୁଖ, କହେ ଜଳନ୍ତର-ମହୀ ପୁରନ୍ଦର ଓହୋରିଲେ କାହିଁ ସୁଖ ରେ । ୬ ।

( ୧୩୨ )

ରାଗ—ଆନନ୍ଦଭୈରବ

ପ୍ରାଣବନ୍ଧୁଆ, ଆଜ ତୋ ଅନାଇଣି ନୁଆ ରେ । ପଦ ।

ସ୍ମିତକାନ୍ତି ପ୍ରସରୁ, ସରୁମଧାରେ କରୁ, ବସୁଧା ସୁଧାରେ ଗାଧୁଆ ରେ । ୧ । ହୃଦୟଚୋରି ତଳ ମୋର, ସୁଆଦ ରଦାମ୍ବର, ପିଆଇ ଧନ ମୋତେ ଜୀଆ ରେ । ୨ । ନାଶ ମରଦୁଅଛୁ, କି ସମଜୁଛୁ ଛୁ ଛୁ, ବିଷମ ବିଶିଖ ମଦୁଆ ରେ । ୩ । ଅମଳ ମୃଦୁଦେହା, ଶ୍ୟାମଳ ଜ୍ୱରେ ରୁହା, ଯାମଳ ପୀୟୂଷ-ମାଠିଆ ରେ । ୪ । ଶ୍ରୀ ଜଗଦ୍ଦେବ ଭାଷେ, ଦେବୀ ସବ୍ରୀଡ଼ ହାସେ, ଅଣିମାଦି ସୁଖକୁ ଦିଆ ରେ । ୫ ।

( ୧୩୩ )

ମାନସରୁ ମାନ ସରୁ ମାନସରୁ ମଧମା । ଘୋଷା ।

ହର ବର ଦୁଃଖ ମୋର, ହରବର ତୁ ନ କର, ହରବରରେ ମୁଁ ତୋର, ବର ବରବରନା । ୧ । ପରବଶସ୍ତନା ମୋତେ, ପର ବଡ଼-

---

୧୩୧ । ଟୀକା—ଶିଳୀମୁଖ—ଭ୍ରମର; ବିଧୁନ୍ତୁଦ—ରାହୁ ।

କରୁ କେତେ, ପରବରତ ସୁରତେ, ପରସନେ ସୁମନା । ୨ । ତୁ ମୋ ଉରପଦକ ରେ, ଯେନ କଥା ପଦକ ରେ, ଧରୁଛୁ ତୋ ପଦ କରେ, ମୋଦକରେ ନବୀନା । ୩ । କବିସୂର୍ଯ୍ୟ ଦୀନବନ୍ଧୁ, ବୋଲି ତହିଁ ଦୀନବନ୍ଧୁ, ରଖ ବାରେ ଦନବନ୍ଧୁ-ବନ୍ଧୁଜତନୟନା । ୪ ।

( ୧୩୪ )

ମହୀରମ୍ୟାଗର୍ଭ ଧନ୍ୟ ଧନ୍ୟ ଶୋଭନାଧିରେ ତୁହି କମୋ ସଙ୍ଗାଳି,
ଗୋଷ୍ଠି ପରମାଣୁମଧ୍ୟ ସିନା ଜାଣୁ ପ୍ରୀତି ପଦାର୍ଥକୁ ମରପାଳି । ପଦ ।

ନାକ ନାଗ ନରଲୋକେ ଅଳଙ୍କାର, ହୋଇଛନ୍ତି ଯେତେ ଲଳନାପ୍ରବର; ମଣୁଛୁ ମୋ ମନ ସେମାନେଟି ଧନ, ତୋ ଚରଣତଳେ ନିଓଁଛାଳି । ୧ । ହଟି ମୋ କୋଳକୁ ଅସିବାବେଳକୁ ନିନ୍ଦ ଚନ୍ଦ୍ରମିଶା ଚନ୍ଦନବୋଳକୁ, ଘସି ଘସି ସ୍ତନ ହସି ହସି ତନ୍ତୁଲତାକୁ ମୋ ଅଙ୍କେ ଦେଉ ଢାଳି । ୨ । ଅଚେଷ୍ଟ ନିଦକୁ ଶଗ୍ଧିରଭେଦକୁ ଇତର ଦମ୍ପତି ନିଷ୍ଠୁର ହୃଦକୁ, ନିମିଷ ଦିବସ ନିଷେଧ ପ୍ରବାସ ବଧିକ ଦିଅଉଥାଉ ଗାଳି । ୩ । ମୁଁ ତୋ ଚରଣର କହୁ ଭୂଷା ବରବରନା କହି ତୁ ବୋଲୁ ଏହି ଗିର, ଲୁଚେ କରତାଡ଼ି ରସନା କାମୋଡ଼ି ଦେଖାଉ କଣ୍ଠ ରତନମାଳି । ୪ । ସତ୍ୟ କହେ ଶିଷ୍ଟ ଜଗଦ୍ଦେବ ହରିଚନ୍ଦନ ମହେନ୍ଦ୍ର ନବ କିଶୋର ରେ; ତୋ ପ୍ରଣୟ ହୃଦେ ଯେଣି ମହାମୋଦେ ଦୁଃଖେ ମୁଖେ ମୁଁ ଲଗାଇ କାଳି । ୫ ।

( ୧୩୫ )

କା ମନେ ଥିଲା ଏ କଥା ଗୋ,
ଶ୍ୟାମ ଅଙ୍ଗସଙ୍ଗ ହେବ ଅନ୍ୟଥା ଗୋ । ପଦ ।

ସ୍ୱପ୍ନ ହୋଇବ ଶିଖଣ୍ଡମଣ୍ଡନ, ନୋହିବ ନେତ୍ର ବିପଦଖଣ୍ଡନ ଗୋ । ୧ । ସସ୍ମିତ କୋମଳ ସରସ ଭାଷା, ଶୁଣିବେ ମଥୁରା ନଗର ଯୋଷା ଗୋ । ୨ । ପଙ୍କଜବାସିନୀ ପ୍ରିୟା ଯାର ସେ, ମଜ୍ଜିଯିବ ବୋଲି କୁଜାନ୍ତା

---

୧୩୩ । ଟୀକା—ମାନସରୁ—ମନମଧ୍ୟରୁ; ମାନ ସରୁ—ଅଭିମାନ ଶେଷ ହେଉ; ମାନସରୁମଧ୍ୟମା—( ସମ୍ବୋଧନ) ହେ ଅତିକ୍ଷୀଣ କଟି; ହରବରରେ —ଶିବଙ୍କ ଅନୁଗ୍ରହରୁ; ବର—ସ୍ୱାମୀ; ବରବରନା—ସୁନ୍ଦରବର୍ଣ୍ଣଶାଳିନୀ; ପରବରତ—ପ୍ରବର୍ତ୍ତିତ ହୁଅ; ଦନବନ୍ଧୁବନ୍ଧୁଜତନୟନା—ପଦ୍ମଠାରୁ ସୁନ୍ଦର ନେତ୍ର ଯାହାର ।

ପାଶେ ଗୋ । ୩ । ଭଜି ହେଉଥିବ କାମ ଦହନେ, ରାଜୀବ ପଦ ନ ଲଦବା ସ୍ତନେ ଗୋ । ୪ । କସ୍ତୁରୀମିଶା ନୀଳୋତ୍ପଳ ବାସ, ବ୍ରଜମଣ୍ଡଳେ ହେବ ଇତିହାସ ଗୋ । ୫ । ସ୍ମରଜ୍ୱର ଶୋଷେ ଜୀବନ ଯିବ, ମଧୁରାଧର ତୋଳେ ନ ମିଳିବ ଗୋ । ୬ । କେ ଜାଣିଥିଲା ଏ ଦଣ୍ଡ ପଡ଼ିଲେ, ଅଷ୍ଟଦୁର୍ଗ ନରନାଥ କହିଲେ ଗୋ । ୭ ।

( ୧୩୬ )

ରାଗ—କାମୋଦୀ, ତାଳ ଅଦ

ଜଣା ତ ଅଛୁ ମାନ ଏତିକି ରେ ।

ଗଣା ନ ଯିବା ଗୁଣବତୀଙ୍କ ରେ । ପଦ ।

ଉତ୍ତମ ଅଙ୍କଚ୍ଛେଦ, ଅନୁରାଗ ବିଚ୍ଛେଦ, ଦୁହିଁଙ୍କ ନେଲ ଯେ ନାୟିକାଙ୍କ ରେ; ଠେକିଗଲା ପ୍ରଥମ, ଯହିଁ ତୁଟିବା ପ୍ରେମ, ଦ୍ୱିତୀୟ ଚୁମ୍ବଦେଲ ଷିତିକି ରେ । ୧ । ବଳ ପାଉଛୁ ମୋର, ସହି ପାରିବ ଘୋର, କଳପାନ୍ତର ଖରା ତାତିକି ରେ; ମଧୁରାଧରା ପ୍ରୀତି, ଅଧୁରା ହେବା କାତି, ସୁହାଇ ଜାଣି ନାହିଁ ଘାତକି ରେ । ୨ । ଅବଳାମଣି ଅବ-ଧାନଅ ପଣେ ଯୁବ-ଚନ୍ଦେ ଚେକାଇଥିବ ଛତିକି ରେ; ଖର ବଚନ ଶୁଣି, ଧନବଦନ ମ୍ଳାନି, ସମୟେ ଥାଇ ଅଜ ଗତିକି ରେ । ୩ । ସୁଚକ ଅଟେ ସତ୍ତ, କହିବାର ଲେସତ୍ତ, ରୁଚଇ ନାହିଁ ମୋର ମତିକି ରେ; ରୁଚକପୟୋଧରା, ତୁ ଚତୁରାଙ୍କ ଧୀରା, ବଗ୍ଭର ପାଳିବୁ ମୋ ପ୍ରୀତିକି ରେ । ୪ । ସେବାରେ ତ ଫାବତ, ହେବାର ଯେବେ ସତ, ବାଣୀ କେ ଶୁଣାଇବ ଶ୍ରୁତିଙ୍କି ରେ; କବିମିହିର ଗୀତେ, ବୋଲେ ପରଶି ମୋତେ ସମର୍ପି ଦେବୁ ରତିପତିଙ୍କି ରେ । ୫ ।

( ୧୩୭ )

ରାଗ—କାନନଗୌଡ଼ା, ତାଳ—ତ୍ରିପୁଟ

ବିଧାତା କି ନ କରଇ ଗୋ,

ଏକେ ନବୀନ ପ୍ରୀତି, ତହିଁ ବିଦେଶେ ପତି

ଏ ତ ଘୋର ବିପତ୍ତି ଏଥି ମୋର କି ଗତି । ପଦ ।

ମନେ ଥିଲା ଯାହା ତାହା ନୋହିଲା ଗୋ, ଯାହା ନ ଥିଲା ତା ମନେ ହେଲା ଗୋ; ଏବେ ପିକବଚନ, ମନ୍ଦ ମଧୁ ପବନ, ମଧୁର ଭୃଙ୍ଗସ୍ୱନ ଦହୁଛନ୍ତି ଜୀବନ । ୧ । ଅଲିଙ୍ଗନେ ମୋର ଅନ୍ତର ଉରେ ଗୋ, ପ୍ରିୟୁ

---

୧୩୬ । ଟୀକା—ସୁଚକ—ଖଳ ଲୋକ, ରୁଚକ—କଣ୍ଠାଭରଣ ।

ନ ରଖନ୍ତି ତରେ ହାର ଗୋ; ଏବେ ମଧୁରେ ପୁର, ରହିଲ ବନଗିରି, ଅହା ମୋତେ ପାସୋରି ରହିଲେ ମଧୁପୁରୀ । ୨ । ପ୍ରିୟ ଥିଲେ ଏ ମଧୁ ରଜନୀ ଗୋ, କେଉଁ ସୁଖ ନ ଦିଏ ସଜନି ଗୋ, କହି ମୋତେ ବଚନ କରନ୍ତେ ସେ ଗମନ ତାଙ୍କ ପଛେ ଦହନ, ନ ଗଲା ଏ ଜୀବନ । ୩ ।। ଯେବେ ହେଲେ ଏ ଜୀବନ ଯାଉ ରେ, ପ୍ରୀତିଭଙ୍ଗ କଳଙ୍କ ନ ଥାଉ ରେ, ଚିନ୍ତି ଏବେ ସେ ରୀତି, ଫାଟି ଯାଉଛି ଛାତି, ନ ସରେ ଦିବାରାତି ପ୍ରୀତି ହେଲା ବିପତ୍ତି । ୪ । ଏହା କରମରେ ମୋର ଥିଲା ଗୋ, ପ୍ରୀତି ଏତେ ସରିକି ତ ଗଲା ଗୋ, ଏସନେ ସଖୀ ଶୁଣି, ଦୁଃଖେ କହନ୍ତି ବାଣୀ, ଅସିବେ ବେଣୁପାଣି, ହରିଚନ୍ଦନ ଭଣି । ୫ ।

( ୧୩୮ )

ରାଗ—କାଫି

ବନ୍ଧୁଅ ରେ ବାରେ ଅନା ରେ । ପଦ ।

ରଦନବାସ, ସଦରହାସ, କରି କର ମାନକୁ ମନା ରେ । ୧ । ଗଜେନ୍ଦ୍ରଗତି, ଗତି ଜଗତୀତଳେ ନାହିଁଟି ତୋହ ବିନା ରେ । ୨ । ନ ସହି ମୋତେ, କହୁ କେ କେତେ, ଧନ ମୁଁ ତୋ ଅଧୀନ ସିନା ରେ ।। ମୁଁ ତୋର ବୋଲି, ନ ଜାଣେ ଗୁଲି, ଅହା କି ସୁଖ କରୁଛୁ ଚୁନା ରେ ।୪। ଗୁରୁ ଶ୍ରୀମୁଖ ସୁଧାମୟୂଖ, ଟେକି କରୁଣା କରୁ କି ନା ରେ ।୫। କବିଦ୍ୟୁମଣି, ଚିରେ ତରୁଣୀ, ହେଲା ଅଶ୍ଳେଷ-ସୁଖ ଘେନା ରେ । ୬ ।

( ୧୩୯ )

ଯୋଷାକୁ ରୁଷା କେ ଶିଖାଇଲା ରେ । ପଦ ।

ନିର୍ଦ୍ଦୋଷ ନିର୍ମଳ, ସୁଧାରେ ଗରଳ, ଗୋଳିଦେଇ ଖଳ କି ଖାଇଲା ରେ । ୧ । ମୋ ନୟନସୁଖ, ବର୍ଦ୍ଧନ ଶ୍ରୀମୁଖ, ପୀୟୂଷ ମୟୂଖ ଶୁଖାଇଲା ରେ । ୨ । ଇନ୍ଦୀବରୁ ନବ, କମଳ ସମ୍ଭବ, କମଳସମ୍ଭବ ଦେଖାଇଲା ରେ । ୩ । କି ରହିବ ଜୀବେ, ଚନ୍ଦ୍ରମାକୁ ଯେବେ, ଅରୁଣ ରାଜୀବେ ରଖାଇଲା ରେ । ୪ । ଦୋଷ ଥିଲେ ମୋର, ଦୟାବତୀବର, କାହିଁକି ଅଧର ଚଖାଇଲା ରେ । ୫ । ଏ ଘେନି ସବ୍ୟଥ, ଅଷ୍ଟଦୁର୍ଗନାଥ, ସୁଖ ମନୋରଥ ଭୋଖାଇଲା ରେ । ୬ ।

---

୧୩୮ । ଟୀକା—ରଦନବାସ—ଅଧର, ସଦରହାସ—ଦରହାସଯୁକ୍ତ ।

( ୧୪୦ )

ରାଗ—ପଞ୍ଜାବୀ

ଯା ନ ଯୋଗିନାଙ୍କ ସେ, ଗାନ ରସିକା ଆଜ ପାନ ମୋ କରୁ ଦେବହାସେ । ପଦ ।

ତନୁ ମଧ୍ୟମା ମୋ ସହି, ଅନୁକମ୍ପିଲ ନାହିଁ, ତନୁ କମ୍ପିଲା ଗୁହିଁ ହାସେ । ୧ । ସଢ଼ଗଲ କେବଳ, ପଢ଼ ମୁଁ ଚନ୍ଦ୍ରଚୂଳ,-ପର-ଶର ଅନଳ ଝାସେ । ୨ । ତୋ କଞ୍ଜ ସୁନ୍ଦର, ପଣ କଣାଷେ ମୋର, କ୍ଷଣ କଲା ଦୁସ୍ତର ମାସେ । ୩ । କେଉଁ ଦୁଃଖେ ଅଧର, ଲଭିଲ ବୟସୀର, ମଳିଲଗଲା ଖର ଶ୍ୱାସେ । ୪ । ଅକପଟରେ ମୋର, ନ କଲା ତୋଷଭର, ମନରେ ଚନ୍ଦ ଫରମାସେ । ୫ । ବଳ କରଣ ପ୍ରୀତି, ଫଳ ହେଲା ଏ ଗତି, ଜଳନ୍ତର ଭୂନାଥ ଭାଷେ । ୬ ।

( ୧୪୧ )

ଗତ ପାହିଗଲା ହେ ହାରୀ, ହୁଅ ଅପହୃତ ତେଜ ସୁପାତ । ପଦ ।

ହେମ ହେଲା ଉରମୁକୁତା, ପାନକଲ ଲାଗିଲା ପିତା, କରଟ କୁମ୍ଭାଟ ଚମକ ରଟନ୍ତି ବାଜିଲା ଅରୁଣ କରଣ କାନ୍ତି । ୧ । ଛୁଇଁ ଗଙ୍ଗଶିଉଳ ବନ, ବହିଲାଣି ମୃଦୁ ପବନ, ରଥାଙ୍ଗ ଦମ୍ପତି, ହୃଦୟରୁ କଲୁ ଦୂର ହୋଇଲାଣି ବିରହ ତାତ । ୨ । ବିଲସିଲେ କୁମୁଦ ନାଦ, ଅଳିକୁଳ ହେଲେ ପ୍ରମୋଦ, ଲାଗିଲାଣି ଭୟ, ସଙ୍ଗିନୀ ନିଶ୍ଚୟ, ଇଙ୍ଗିତରେ ଯେନି ଯିବେ ମୋ କାତ । ୩ । ମନ ମୋର ଧୃତ ନ ଟଳୁ, ଧନ ମୋତେ ମେଲାଣି ମିଳୁ, ରାଧା ନନ୍ଦସୁତ ମାତଲେ ବୋଲି ତ ତୁଷ୍ଟିକୁ ଏ ବ୍ରଜମଣ୍ଡଳେ ଖ୍ୟାତ । ୪ । ଜଳନ୍ତର ଭୂପର୍ଣ୍ଣ କହେ, ଅଙ୍ଗରାଗ ଅଛୁ ମୋ ଦେହେ, ଅତ ସେ ନଜରୁ ହେମ ଭ୍ରମେକରୁ ଶିଥିଲାଇ ଦଅ ଅଳପ ଘାତ । ୫ ।

( ୧୪୨ )

ରାଗ—କାଫି, ଏକତାଳି

ଅନା ଅନାଥରେ ଥରେ ଲସି ରସିକା ରେ । ପଦ ।

ଇନ୍ଦିରାକୁ ନନ୍ଦ ଇନ୍ଦୀବର ବନକାରେ, ବନ୍ଦଇ ମୁଁ ନୀଳଜଳ ଜନମ ଧିକ୍କାରେ । ୧ । ମୀନମାନେ ଜାଲେ ମର ସରନ୍ତୁ ବିକାରେ, ସଅଁରୁ ତୋ ନେତ୍ର ଚନ୍ଦ୍ରକେଳି ଶିବିକାରେ । ୨ । ଭ୍ରମରମଣ୍ଡଳୀ ସରୁ ଝଙ୍କାର ଡକାରେ, ଷଡ଼ାଙ୍ଗୁଳ ପଦଛଡ ସ୍ୱରକୁ ଟେକା ରେ । ୩ । ଆସ ମୁଁ ମଣ୍ଡିବ

---

୧୪୧ । ଟୀକା—କରଟ—କୁଅ, ସୁପାତ—ଶେଯ ।

ଗଣ୍ଡେ ଝୁମ କରିବାରେ, ସ୍ତନ କନକ କଲଶ ମୂଳ କରିବା ରେ । ୪ । ହରି-ଗିରେ ହରିଣାକ୍ଷୀ ଲାଜେ ଧାଉଁବାରେ, ଛପିଗଲେ ଜଗଦେବ ଚିତ୍ତ ଲୁଚିବାରେ । ୫ ।

( ୧୪୩ )

ରାଗ—ତୋଡ଼ି ପରଜ, ଏକତାଳି

ରେ ସଜନି ଆଜ ତୋର ଏ କି ରୀତି

ଗନ୍ଧିଫୁଲ ପାଦେ ମରଦିଲେ ମନ୍ଦେ ଲଭି ସିନା ଅଙ୍ଗାରତି ରେ । ପଦ ।

ଯାହା ପାଇଁ ତପ, କ୍ଲେଶରେ ପ୍ରତପ,-ଚନ୍ଦ୍ରପରି ମ୍ଲାନ ହୋଇ, ଏବେ ସେ ଶରଣ; ପଶିଲେ ଚରଣ,-କମଳେ ତ ପେଲି ଦେଇ ରେ । ୧ । ଥରେ ଯା କଟାକ୍ଷ ଲକ୍ଷ ହେଲେ ଲକ୍ଷ ଇନ୍ଦ୍ରପଦ ମଣୁ ଊଣା, ତାହାକୁ ନିଷେଧୁ କେଉଁ ଅପରାଧୁ ନ ବହି ଲବେ କରୁଣା । ୨ । ଲୋଡ଼ି ଯାହା ପ୍ରୀତି ଧରୁଥାଇ ଦୂତି କରି ବଡ଼ପଣ ଛାଡ଼ି, ବିନୟେ ସେ ପୁଣି ଧରୁଛନ୍ତି ପାଣି ରୋଷେ ଦେଉଛୁ ତୁଆଁଡ଼ି ।୩। ଯାହା ଦେଖା ଆଶେ, ନ ଛାଡ଼ୁ ନିମିଷେ, ସଉଧ ପଞ୍ଜର ପାଖ, ତା ଚାହିଁ ଚାହୁଁଥି ନ ରୁଚଇ ପରି କାହିଁକି ମୋଡ଼ୁ ଶ୍ରୀମୁଖ ।୪। ଯାହା ରସେ ରସି ନିକୁଞ୍ଜକୁ ନିଶି ନିବିଡ଼ ଅନ୍ଧାରେ ଯାଇ, ସେ କିଶୋର କୋଳେ ଧରୁଛନ୍ତି ତଳେ ଭିଡ଼ି ହୃଦେ ନ ଜଡ଼ାଇ ।୫। ଚିନ୍ତାମଣି କରଗତ ହେଲା ପରି ହୋଇଲେ ହେଲେ କାତର, ମୂରୁଛିବ ଧନ କି ନନ୍ଦନନ୍ଦନ କହେ ଶ୍ରୀମୁକୁନ୍ଦଦେବ ।୬।

( ୧୪୪ )

ରାଗ—କାମୋଦୀ, ଏକତାଳି

ସଖି କେ ସେ ନୀପମୂଳେ ଗୋ । ପଦ ।

ଅସିତ ଆକାଶଖଣ୍ଡେ, ରବିପରି ତାର ଗଣ୍ଡେ, ମଣି ମକରକୁଣ୍ଡଳ ଦୋଳେ ଗୋ ।୧। ମୁଁ ହାରେ ନାୟକ ଅଣି, କରନ୍ତି ସେ ନୀଳମଣି, କିଣା ହେବି ସଖି କେଉଁ ମୂଲେ ଗୋ ।୨। ଚାହିଁ ତା ଚାରୁବଦନ ମନ୍ଦିରେ ନ ରହେ ମନ, ଖେଳୁଛି ଅର୍ଦ୍ଧମାକେମାକୁଳେ ଗୋ ।୩। ସଖି ମୁଁ କହୁଛି ସତ, ଛାଡ଼ି ସବୁ କୁଳବ୍ରତ, ଖୁରିଏ ଖେଳନ୍ତି ତାର ତୁଲେ ଗୋ ।। ଭୁମି ଆନନ୍ଦ ଅମଳେ, ତା ପାଦପଙ୍କଜତଳେ, ଶ୍ରୀମୁକୁନ୍ଦଦେବ ଚିତ୍ତ ଭୁଲେ ଗୋ । ୫ ।

---

୧୪୪ । ଟୀକା—ଖୁରିଏ—ମୁହୂର୍ତ୍ତେ, ନାୟକ—ହାରମଧ୍ୟବର୍ତ୍ତୀ ମଣି ।

( ୧୪୫ )

ସେ ଗଜେନ୍ଦ୍ର ଗତି ମୋତେ ପ୍ରତି ଦିଗେ ଦିଶିଲା । ପଦ ।

ଏ ଜଗତେ ଭାବ ଯେତେ, ନ ରହିଲା ମୋର ଚିତ୍ତେ, ଯାହାକୁ ଚାହିଁଲେ ସେ ତ ତାହା ପରି ଦିଶିଲା । ୧ । ସହଜେ କାନ୍ତିରେ ତୋରି, ଧଇଲେ ନ ଦିଏ ଧରି, ମାର ମାରଗଣ ଗାଢ଼େ ମରମରେ କଷିଲା । ୨ । ମୁଁ ତାହାର ପ୍ରୀତି କଣା, ହେବାରୁ ଅଧିକେ ବଣା,-ମୃଗାକ୍ଷୀର ବିନା ଆନେ ମନ ମୋ ନ ରସିଲା । ୩ । ଅତି ଯତ୍ନ କରି ବଳେ, ଶୟନ କରିବା କାଳେ, କ୍ଷଣେ ହେଲେ ନିଦ୍ରା ମୋ ଈକ୍ଷଣକୁ ନ ଆସିଲା । ୪ । ବୋଲେ ଅଷ୍ଟଦୁର୍ଗେଶ୍ୱର, ତା ପାଶୁ ହେବାରୁ ଦୂର, ଦିନକୁ ଦିନ ମଦନ ଜୀବନକୁ ଶୋଷିଲା । ୫ ।

( ୧୪୬ )

ରାଗ—ସାବେରି

ବୁଡ଼ି ପ୍ରୀତିରେ, ହୁଡ଼ି ପଡ଼ିଗଲି ପରମାଦେ ଅତି । ପଦ ।

ମନ ଛନ ଛନ ନିରନ୍ତରେ, ନ ରହିଲା ଆନ ବିଷୟରେ, ପୂର୍ଣ୍ଣ ବେନିନେତ୍ର ନୀରଭରେ, କ୍ଷୀଣ ହୋଇଗଲା ଅତି ତନୁ ନିତି ନିତି । ୧ । ନ ପାଇଲି ମୁଁ ସୁଖକୁ ଲେଶେ, ଅନୁଭବ ଦୁଃଖ ତ ବିଶେଷେ, ନିମିଷକ ତ ହେଲା ବରଷେ, ଶୁଣି ରହିଲିଣି ଲୋକେ ପୁଣି ଅପଖ୍ୟାତି । ୧ । ଦଗ୍ଧ ହେଲା କାମାନଳେ ଦେହ, ସହି ନୁହେ କି କରିବି କହ, ଦଣ୍ଡେ ଦଣ୍ଡକେ ହେଉଛି ମୋହ, ରହୁ ନାହିଁ କେତେରୂପେ ବୋଧ କଲେ ଧୃତି । ୩ । ହେଲି ଜୀବନରେ ମୁଁ ନିରାଶ, ଦେଲି ଭଗାରିଙ୍କ ମୁଖେ ହାସ, ନେଲି ଅକାରଣେ ଏ ବୟସ, ହାସ ବିଳାସ ବେଶରେ ରହୁ ନାହିଁ ମତି । ୪ । ବସୁଦୁର୍ଗ ଭୂପ ରସେ ଭଣି, ଏହା ବିଚାରେ ଗୋପରମଣୀ, ଅହା ବିହି କି ବିହିଲା ଅଣି, ଜାଣି ନ ପାରିଲି ବେଣୁପାଣି କୁଟିଳ ରୀତି । ୫ ।

( ୧୪୭ )

ଆହା ମୋ ଖଞ୍ଜନାକ୍ଷି, ଅନଙ୍ଗେ ମୋ ବିନା ଦୁଃଖୀ ରେ,
ଅବନୀରେ ତଳ ପଡ଼ିବାରୁ ତୋଳି ଧରୁଥିବେ ପ୍ରିୟସଖି ରେ । ପଦ ।

ଅହର୍ନିଶ ଝୁରି ଝୁରି, ଅତି କୃଶ କୃଶୋଦରୀ, ଇନ୍ଦୁକଳା ତନୁ ତାକୁ ନିଧିବନୀ ତାରି ତାରି ତନୁଶିରୀ ରେ । ୧ । ଅଶ୍ରୁଭରେ ନେତ୍ର ବେନି, ଅବିରତେ ପୂରିବନି, ଅସାର ମାର ଅକୂପାରେ ପଡ଼ିଣି ମୃଦୁହାସୀ ଭାସିବନି

ରେ । ୨ । ଅଭରଣ ଦୂର କର, କେଉଁ କୁମ୍ଭ ପୟୋଧର, ଅମଳ ମୃଣାଳ ଖଣ୍ଡ ପାଣି ପିଣ୍ଡେ ମଣ୍ଡୁଥିବଟି କପର ରେ । ୩ । ଅବଧିରେ ତେଜ ଅଶା, ଅଧିକରେ ଅଭରସା, ଅତ ଶ୍ୱାସଖର ପଡ଼ୁଥିବ ପରି ହେବନି ଦଶମ ଦଶା ରେ । ୪ । ଅଷ୍ଟଦୁର୍ଗେଶ୍ୱର ଭଣି, ଅଭିନବ ଗ୍ରାମାମଣି, ଜମାଧବ କୃପା ସତେ ହେବ ଅବା ଜୀବ ଯିବାଯାଏ ପୁଣି ରେ । ୫ ।

( ୧୪୮ )

ରାଗ—କାମୋଦୀ

ଦେବି ମୁଁ ପରାଣକୁ ବରଜ ଗୋ ।
ତୁହଁ ତୁ ଥରେ ଶ୍ୟାମ ମରଜ ଗୋ ॥

ପିଇ ଜୀଇବି ବୋଲି, କେତେ କଷ୍ଟରେ ଥିଲି, ପୀୟୂଷ ରସପାନ ସରଜ ଗୋ; ସହି ମୋତେ ନ ସହି, ପାରବଟି ତହିଁ ନେଇ, କେ ଦେଲା କାଳକୂଟ ପରଜ ଗୋ । ୧ । ଧନଜୀବନଚୟ, ପ୍ରିୟ ବାନ୍ଧବ ଭୟ, କାନ୍ତ ମହତ୍ତ୍ୱ ଅଶା ବରଜ ଗୋ; ସଜନୀ କୋଟିକାମ, ବିଗ୍ରହଜିଣା ଶ୍ୟାମ, ସଙ୍ଗତେ ଥିଲି ପ୍ରେମ ଅରଜ ଗୋ । ୨ । ମୋ ତହୁଁ ରୂପବତୀ, କେଉଁ ବ୍ରଜଯୁବତୀ, ଧନ୍ୟ ତା ପ୍ରୀତିରେ ସେ ଭିରଜ ଗୋ; ଫିଟାଇ ନେଲା ମନ, ମୋହଠାରୁ ମୋହନ, ସାଇଁବାଠାରେ ସ୍ୱର ଦରଜ ଗୋ । ୩ । ଚଞ୍ଚଳ ବିଦ୍ୟୁଲ୍ଲେଖା, ସହିତେ ଦେଇ ଦେଖା, ବିରହୀ ସମୁଦାୟ ତରଜ ଗୋ; ଶ୍ରୀ ଜଗଦ୍ଦେବ ଦୁଃଖ, କହେ ସଜନି ଦେଖ, ଘୋଟିଅସୁଛି ଘନ ଗରଜ ଗୋ । ୪ ।

( ୧୪୯ )

ରାଗ—ତୋଡ଼ି ପରଜ

ରେ କିଶୋରି, ତୁ ଲୋଡ଼ୁଅଛୁ ମାଡ଼କୁ,
ନାହିଁ କରୁ କରୁ ଗ୍ରହିଲୁ କାହିଁକି ଶ୍ୟାମଳ ଗ୍ରନ୍ଦ ଅଡ଼କୁ ରେ । ପଦ ।

ମୋରେ ତ ନଜର ନ ଦେଉ ନଜର ନ ଦେଉ ଯେ ବିଶାଖାରେ, ବୃଥା ନିତ ରସେ କି ଥାଏ ତୋର ସେ ତମାଲ ତରୁଶାଖାରେ । ୧ । ଅନ ମହାଧନ ବିବିଧ ବସନ ଘେମୁଛୁ ନେଉଛୁ ମାଗି, ତୋର ତ ଜୀବିକା ହୋଇଅଛି ଏକା କଳାମେଘି ଶାଢ଼ୀ ଲାଗିରେ । ୨ । ଉଳପ ପର ଅନଳପ ସୁରଭି ଫୁଲ ଝଡ଼ ପଡ଼େ ତଳେ; ମତ୍ତ ସୀମନ୍ତିନୀ ! ମଣି ମିଶାଇଛୁ ଅତସୀ-କୁସୁମ ଦଳେ । ୩ । ଗଣି ନୋହିବାର ମଣିଭୂଷା ଅଛି ତହିଁକି ନ ଗ୍ରହୁଁ

ଛାଳେ, ଗଳାଇ ଦେଇ ଗୁନ୍ଥିଛୁ ମନ୍ଦୁଝିକି କଳାଇନ୍ଦୀବର ମାଳେ । ୪ । କଳାବାଟେ ହେଲେ ବଳାହକେ ଗୃହିଁ ପୁଲକେ ହେଉ ଭରତ, କଳା ବୋଲି ସ୍ନେହେ ଦଳା ମଳୟଜ ବୋଳାଉ ଯା ଅଙ୍ଗେ ନିତ । ୫ । ମାର କାଣିଅଛୁ ବାରିଜାକ୍ଷି ହସି ସବ ଅବତଂସ ଫୁଲେ, କଷ୍ଟ ପାଇବୁ ଭୁ କାହାର କି ଦିବ ଅଭୟ ଦୁର୍ଗନାଥ ବୋଲେ । ୬ ।

( ୧୫୦ )

ମୋ ଭୂଲେ ଥିଲ କି ଲିହି,
କଲି ମଲ୍ଲୀ ରୋପଣ, ତହୁଁ ଜନ୍ମିଲା ତୃଣ,
ଚିନ୍ତା ରତନଗଣ ହେଲା ପାଷାଣ କଣ । ଘୋଷା ।
ଚୂତ ଫଳିଲା ନାଗରଙ୍ଗ, କଟିମେଖଳା ହେଲା ଭୁଜଙ୍ଗ,
ତଟିନୀ ତଟେ ବାସ, କର ନ ଗଲା ଶୋଷ,
ପିଇବାର ପୀୟୂଷ,-ପାନରେ ହେଲା ବିଷ । ୧ ।
ମଧୁଶାକର ହେଲା ନିମ୍ବ, ରବି ପରି ହେଲା ଚନ୍ଦ୍ରବିମ୍ବ,
ଧାତାର କି ବିବେକ, ଚଞ୍ଚୁଜିତ କିଂଶୁକ,
ପଢ଼ା ପଣ୍ଡିତ ଶୁକ, ହେଲା ମୋ ଦ୍ରୋଣ କାକ । ୨ ।
ମନ୍ଦାକିନୀରେ ନିମଜ୍ଜିଲି, ନିନ୍ଦା କାହିଁକି ଅରଜିଲି,
ଚଢ଼ିଲି ମେରୁଚୂଳ, ଭୋଗ ହେଲା ଅତଳ
ବ୍ରହ୍ମଜାତି ପାତଳ ହୀରା ହେଲା ପିତ୍ତଳ । ୩ ।
ଅଉ ନ ରଖିବି ନବୀନା, ଜୀବନ ଯିବ ତାଙ୍କ ବିନା,
ଏ ଚିନ୍ତାର ମନ୍ଦର, ହେଲେ ଶ୍ୟାମସୁନ୍ଦର
ବନ୍ଦଇ ଜଳନ୍ଧର, ଅବନୀ ପୁରନ୍ଦର । ୪ ।

( ୧୫୧ )

ରାଗ—ପୂରବୀ

ସବୁ ଯାଉଛୁ ରେ ଏହିଠାରୁ ମନୋରଥ,
ଗୃହିଁଦେଲେ ଅଉ କାହିଁ ନ ଦିଶଇ ଅଣି ଥାଉଁ ଥାଉଁ ପଥ । ପଦ ।

---

୧୫୦ । ଟୀକା—ଲିହିବା—ଲେଖିବା, ନାଗରଙ୍ଗ—ନାରଙ୍ଗନାମକ ଅମ୍ଳଫଳ ବିଶେଷ, ମେଖଳା—ଅଣ୍ଟାସୂତା, ଭୁଜଙ୍ଗ—ସାପ, ପୀୟୂଷ—ଅମୃତ, ଚଞ୍ଚୁଜିତ କିଂଶୁକ—( ଶୁକର ବିଶେଷଣ ) ଯାହାର ଥଣ୍ଟ ପଳାସ ଫୁଲଠାରୁ ଅଧିକ ନାଲି; ଦ୍ରୋଣକାକ—ଡାମରା କୁଆ, ମନ୍ଦାକିନୀ—ସ୍ୱର୍ଗ ଗଙ୍ଗା ।

ସୀତା ସୀତାକାନ୍ତ ଲକ୍ଷ୍ମଣସହିତେ ଆରୋହଣ କରି ରଥ, କାନନ ଗମନ କରୁଁ ସୁମନ୍ତ୍ରରେ ଖେଦେ କହେ ଦଶରଥ ।୧। ଶବର ଶରରେ ନଷ୍ଟ ହେବାକାଳେ କପଟରେ ଗୋପିନାଥ, ଗାଣ୍ଡିବ ବଢ଼ାଇ ଦେଇ ଶ୍ରୀଭୁଜକୁ ମନେ ବିଗୁରଇ ପାର୍ଥ ।୨। ଅକ୍ରୁର ସହିତେ ମଧୁପୁର ଯିବେ ବୃନ୍ଦାବନ କଳାନାଥ, ଦେଖି ଅନ୍ୟୋନ୍ୟରେ କୁହାକୁହି ହୋନ୍ତି ସ୍ନେହେ ଗୋପାଙ୍ଗନାଯୂଥ ।୩। ସନ୍ନ୍ୟାସବେଶ ଧାରଣ କରି ଗୋରା ତେଜିଣ ସକଳ ସ୍ୱାର୍ଥ, ନ ମାନନ୍ତେ ଶଚୀକୁହା ବିଷ୍ଣୁପ୍ରିୟା ଭାବେ କରେ ତାଙ୍କ ମାଥ ।୪। ଦଶରଥ ପାର୍ଥ ଗୋପୀ ବିଷ୍ଣୁପ୍ରିୟା ପ୍ରାଣ ଧାରଣେ ସମର୍ଥ, ନୋହିବାରୁ ବୋଲେ ନୀଳାଦ୍ରିବିହାରୀ ହରିଚନ୍ଦନ ଯଥାର୍ଥ ।୫।

# କବିସୂର୍ଯ୍ୟ ଗ୍ରନ୍ଥାବଳୀ

## ଚତୁର୍ଥ ଭାଗ

## କବିତା କଲ୍ଲୋଳିନୀ

# କବିତା କଲ୍ଲୋଳିନୀ

## ( ୧ )

### ଜଗତେ କେବଳ

ରାଗ—ଅଷାଢ଼ଶୁକ୍ଳ

ଜଗତେ କେବଳ, ଜନେ ହସିବେ ଏହି ତହୁଁ ଫଳ । ଘୋଷା ।
ଜଟିଳ କର ସ୍କନ୍ଧ ରୋମରାଜି । ଶିଖରଦରୀରେ ମରୁ ଗରଜି ।
କୁଟିଳ କର ଭ୍ରୂକୁଟୀକୁ ଚାହିଁ । ସରମା କଣ୍ଠୀରବ ହେବ କାହିଁ । ୧ ।
ଅଳକ୍ତଦ୍ରବ ନୟନେ ବୋଳି । ରସାଳ ଗହଳ ଶାଖାରେ ଖେଳି ।
କବଳ କରୁ ତା କଳକଳାପ । କାକ କି କରିବ ପଞ୍ଚମାଳାପ । ୨ ।
ବରଜୀବ-ରସେ ଦେଇ ମାନସ । ବରଜ ବରଷେ ଅମେଧ୍ୟ ଗ୍ରାସ ।
ଦେହେ ମନ୍ଦାକିନୀରଜ ଲଗାଇ । ଗ୍ରାମ ଶୂକର କି ହୋଇବ ଗାଈ । ୩ ।
ଚଞ୍ଚୁ ଚରଣେ ଲଗାଇ ହିଙ୍ଗୁଳ । ନିଜ ତୁଣ୍ଡେ ମଣ୍ଡି ଖଣ୍ଡ-ମୃଣାଳ ।
ଶୁକ୍ଳ ପୂର୍ବ ଅଙ୍ଗ ବୁଲାଇ ବକା । ତେବେ ସେ ମରାଳୀ ବୋଲାଇବ କି ।୪।
ରଞ୍ଜି ନାୟକ ରଙ୍ଗେ ଚୈପଦାର । ଖଞ୍ଜିଲେ ହେଲେ ଚାବୁକ ସବାର ।
ଝିଲ୍ଲାଇଲେ ହେଲେ ନାନା ମସଲ୍ଲା । ତୁରଙ୍ଗ ହୁଏ କି ରାସଭପିଲା । ୫ ।
ବଦରିକା ବନେ ନିତ୍ୟ ନିବାସ । କର ଆଚର ବ୍ରତ ଉପବାସ ।
ପ୍ରପନ୍ନ କଲେହେଁ ନାନାପ୍ରକାର । ଖଦ୍ୟୋତ ହୋଇବ କି ପ୍ରଭାକର । ୬ ।

---

୧ । ଟୀକା—ଶିଖରଦରୀ—ପର୍ବତଗୁମ୍ଫା, ସରମା—କୁକୁର, କଣ୍ଠୀରବ—ସିଂହ, ଅଳକ୍ତଦ୍ରବ—ଅଳତାରସ, ରସାଳ—ଆମ୍ବ, କବଳ କରୁ—ଗ୍ରାସ କରୁ ବା ଖାଉ, ବରଜୀବରସେ—ଗୋରୁଦୁଧରେ, ଅମେଧ୍ୟ—ବିଷ୍ଠା, ମନ୍ଦାକିନୀରଜ—ଗଙ୍ଗାଧୂଳି, ଚଞ୍ଚୁ—ଥଣ୍ଟ, ଖଣ୍ଡମୃଣାଳ—ପଦ୍ମନାଡ଼ଖଣ୍ଡ, ବକା—ବଗୁଲି, ମରାଳୀ—ରାଜହଂସୀ, ଚୈପଦାର—ଅଗ୍ରଗାମୀ ସିପାହୀ, ତୁରଙ୍ଗ—ଘୋଡ଼ା, ରାସଭ—ଗଧ, ବଦରିକା ବନ—ବରକୋଳି ବଣ ଓ ତୀର୍ଥବିଶେଷ; ଖଦ୍ୟୋତ—ଜୁଳୁଙ୍କୁଳାପୋକ, ପ୍ରଭାକର—ସୂର୍ଯ୍ୟ ।

ଯାହାକୁ ଯାହା କରିଛି ଦଇବ । ତହୁଁ ନୁହେଁ ସେ ଅନ୍ୟଥା ହୋଇବ ।
ଘେନିଲେ ହେଲେ ଯତ୍ନେ କୋଟି ପୁଟ । ପିତ୍ତଳ୍କି କେହି କହିବ ପୁରଟ ।୭।
ଦେବ ଉପବନେ ହୋଇ ଜନିତା । ସ୍ୱବାସ-ମନ୍ଦରୁ ଜବସଲତା ।
ତୁଳସୀ ତୁଲେ ହେଲେ ମିଶାମିଶି । ତାହାକୁ ଯେବେ ବୋଲିବା ତୁଳସୀ ॥
ସମ୍ଭଜଇ ନାହିଁ ସ୍ୱଜାତି ଭାଷା । କହିଲେ ଯେ ହୁଅଇ ଲୋକହସା ।
ଜଡ଼ ମୁଁ ବୋଲି ନ ଜନ୍ମି ନିର୍ବେଦ । ଷଡ଼ଦର୍ଶୀ ତୁଲେ କଲେ ବିବାଦ ॥
ଦେହରେ ବାଜିଲେ ପର ନିଶ୍ୱାସ । ସମ୍ଭାଳିବାକୁ ନ ଥାଇ ବିଶ୍ୱାସ ।
ନିର୍ଲ୍ଲଜ ଅଭିମାନେ ଡେଉଁ ଗୁଡ଼ି । ହାତୀ ଲଢ଼ାଇକି ବାନ୍ଧିଲେ କାଢ଼ି ।୧୦।
କରମରେ ତ ହୋଇଅଛି ଲେଖା । କରମର୍ଦ୍ଦକ ଯୋଗ୍ୟ ତୋର ଶିଖା ।
ହରମଉଳିଯୋଗ୍ୟ ରମ୍ଭକକୁ । ଭରମରେ ବୃଥା ପଡ଼ି ଯା ଠାକୁ । ୧୧ ।
ଗୃରୁଚନ୍ଦ୍ରୋଦୟୀ ମଶାଲ ପାଖେ । ବହ୍ନି ଜାଳିବ ଯେବେ ଦଶା ମୁଖେ ।
ଧାତା ତ କରିନାହିଁ ତାମ୍ରାକାଶ । କିରୂପେ ହେବ ସେପର ପ୍ରକାଶ । ୧୨ ।
ବୋଲି ହୋଇ ଭୁଣ୍ଡ ଧର ପରଶୁ । ବଳୀବର୍ଦ୍ଧବର ଚରମେ ବସୁ ।
ଗଜସ୍ତ୍ରୀ-ପ୍ରାଣନାଥ ଅନୁଭାବ । ଠଉର ପାରିବ ନାହିଁ ତା ଲବ । ୧୩ ।
ସରପର୍ପଟି ଯାହାକୁ ମିଳଇ । ସେ ସୁଖେ ତା ଭୋଜନେ ପ୍ରବଳଇ ।
ସଢ଼ାଇବାକୁ ତା ବଢ଼ାଇ ବସି । ଦୁର୍ମତି ଯେବେ ଶୋବାଇବ ଘସି ।୧୪।
ଚିର ତପବନ୍ତ କେଉଁ ପୁରୁଷ । ସମ୍ବାଦ ଯୋଗ୍ୟ ଗୁଣ ପଜରୁଷ ।
କିରପେ ସଞ୍ଚରିବା ନ ସହିବ । କସ୍ତିପକଣ୍ଠେ ଯେବେ ଅରୋହିବ ।୧୫।
ଗଙ୍ଗାର ପ୍ରବାହେ ଅଳପେ ବୁଡ଼ି । ଅଙ୍ଗାର ନୁହେ ନିଜ ବର୍ଣ୍ଣ ଛାଡ଼ି ।
ବଳାହତ ରତ୍ନ ପର ଦଶିବ । ବାଳା ପୟୋଧର ହାରେ ମିଶିବ ।୧୬।

---

ପୁରଟ—ସ୍ୱର୍ଣ୍ଣ, ଜବସଲତା—ଦୁବଘାସ, ସ୍ୱବାସମନ୍ଦରୁ—ନିଜ ଜନ୍ମସ୍ଥାନ ଗର୍ବରୁ, ନିର୍ବେଦ—ବୈରାଗ୍ୟ, ଷଡ଼ଦର୍ଶୀ—ଦର୍ଶନଶାସ୍ତ୍ରଜ୍ଞ ପଣ୍ଡିତ, କାଢ଼—ଶ୍ରେଷ୍ଠ କଣ୍ଠସ୍ତ୍ରୀ, କରମର୍ଦ୍ଦକ—କରଞ୍ଜଫୁଲ (?), ଶିଖା—ମସ୍ତକ, ହରମଉଳି—ଶିବଙ୍କ ମସ୍ତକ, ଠାକୁ—ଅପେକ୍ଷାକରୁ, ଗୃରୁଚନ୍ଦ୍ରୋଦୟୀ—ମନୋହରଚନ୍ଦ୍ରଉଦଅ ବଳତା, ଦଶାମୁଖେ—ଶୃଙ୍ଗଅଗ୍ରେ, ତାମ୍ରାକାଶ—ତତ୍‌ସଦୃଶ, ଭୁଣ୍ଡ—ପାଉଁଶ, ପରଶୁ—ଶସ୍ତ୍ରବିଶେଷ, ବଳୀବର୍ଦ୍ଧବର—ଷଣ୍ଢ, ଚରମ—ପିଠି, ଗଜସ୍ତ୍ରୀପ୍ରାଣନାଥ—ଶିବ, ଅନୁଭାବ—ତେଜ, ସରପର୍ପଟି—ଦୁଧସରରେ ତିଆରି ଏକ ପ୍ରକାର ମିଷ୍ଟାନ୍ନ, ବଢ଼ାଇ—ଗର୍ବ, ଘସି—ଶୁଖିଲା ଗୋବର, କିରପେ—ବାନ୍ଧୁମାନ, ଅତି-ସାମାନ୍ୟ; ସଞ୍ଚରିବା—ପାଦରେ ଚାଲିବା, କସ୍ତିପକଣ୍ଠ—ଘଷିବାହା ପଥା; ବଳାହତ ରତ୍ନ—ଇନ୍ଦ୍ରନୀଳମଣି ।

ସତର ବୟସୀ ସତତ ମନ । କରଇ ଯାହାଙ୍କୁ ଅନୁଗମନ ।
ଛବି-ଶୂନ୍ୟ, ଷଣ୍ଢ ବୃଦ୍ଧ ତା ଭୁଲେ । ଅବିବେକବଶୁ ବିବାଦୀ ହେଲେ । ୧୭ ।
ଗୁଞ୍ଜର କେଉଁ ପୁଣ୍ୟବଳୁ ସିନା । ସଙ୍ଗକୁ ଅଙ୍ଗୀକାର କଲା ସିନା ।
ହୋଇଲା ତ ବୋଲି କନକ ତୁଲ୍ୟ । ଲୋଡ଼ିବ ଯେବେ ତାହା ତୁଲ୍ୟ ମୂଲ୍ୟ । ୧୮ ।
ଗଜପତି କୁମ୍ଭସ୍ଥଳ ବିଦାରି । ସଜ ପଲଲ ଭୁଞ୍ଜିବାରୁ ହରି ।
ଦୃଷ୍ଟି ନ ଦେଲା ବୋଲି ଅନ୍ୟ ଶବେ । ଜମ୍ବୁକେ ଯଶସ୍ୱୀ ବୋଲିବା ଯେବେ ॥
ମାନୋଦ୍ଧାରଣ ଶରଣପଞ୍ଜର । ବଘେଲ ବାଦଶା ନୃପକୁଞ୍ଜର
ରାଜା ଜଗଦେବ ହରିଚନ୍ଦନ । ଲଙ୍ଘିଲେ ତାଙ୍କୁ ନ କରି ବନ୍ଦନ । ୨୦ ।
ତାଙ୍କ ସୁଧର୍ମୀ ତୁଲ୍ୟ ସଭା କବି । ଭଣିଲେ ରାଜ୍ୟଗୁରୁ କବିରବି ।
ଶ୍ରବଣ-ସର୍ବାବୟବୀ ମାନବ । ସହସ୍ରାକ୍ଷ ସାମ୍ୟ ଯେବେ ଲୋଡ଼ିବ ।
ଜଗତେ କେବଳ, ଜନେ ହସିବେ ଏହି ତହୁଁ ଫଳ । ୨୧ ।

( ୨ )

କାହାକୁ କହିବା

ରାଗ—ଆଷାଢ଼ଶୁକ୍ଳ

କାହାକୁ କହିବା, କପାଳରେ ସିନା କରି ତାଡ଼ିବା—ଘୋଷା ।
ଭଜିଥିବ ଭାବି କଳପଲତା, କାଳେ ସେ ହୋଇଲେ ଅପରାଜିତା,
କରି ଗୋଦାବରୀ ନିକଟେ ବସା, କାଳଦେବତା ଯେବେ ହେବ ତୃଷା । ୧ ।
ନଥର ପରୀକ୍ଷିତ ହୀରାମଣି, ପଥରୁ ଯେବେ ହେବ ଊଣା ପୁଣି,
ଘର ହାଜର ଥିବ ପଦ୍ମନିଧି, ଜନମିବ ଯେବେ ଯାଚକ ବୁଦ୍ଧି । ୨ ।
ପିନ୍ଧିଥିବ ଜାମାନିମାଗୁଡ଼ିକ, ଗୁପତ ଅଙ୍ଗ ଦିଶିଲେ ଝଲକ,
ହରିଭଜନମାଳା ଥିବ କରେ, ଧରି ନେବେ ଯେବେ ଯମ କିଙ୍କରେ । ୩ ।
ଶୟନକୁ ଥିବ ହଂସୁଲିତୁଳି, ନିଜ ଅଙ୍ଗରୁ ଜନମିଲେ ଧୂଳି,
ମାଧୁର୍ଯ୍ୟ ଲୋଭରେ ଖାଇଲେ ସିତା, କଣ୍ଠ ଉପକଣ୍ଠ ଲାଗିଲେ ପିତା । ୪ ।

---

ଛବିଶୂନ୍ୟ—କୁରୂପ, ଷଣ୍ଢ—ନପୁଂସକ, ଗୁଞ୍ଜ—କାଇଁଚ, ପଲଲ—ମାଂସ, ହରି—ସିଂହ, ଜମ୍ବୁକ—ବିଲୁଆ, ସୁଧର୍ମୀତୁଲ୍ୟ ସଭାକବି—ଦେବସଭା ତୁଲ୍ୟ ତାଙ୍କ ସଭାର କବି,—ସହସ୍ରାକ୍ଷ—ଇନ୍ଦ୍ର, ଶ୍ରବଣସର୍ବାବୟବୀ ମାନବ—ଯେଉଁ ଲୋକର ସମଗ୍ର ଶରୀରରେ ଶ୍ରବଣ ପରି ଶକ୍ତି ଥାଏ ।

୨ । ଟୀକା— ନଥ—ନୋଥ, ପଦ୍ମନିଧି—ଅତି ମୂଲ୍ୟବାନ ରତ୍ନବିଶେଷ, ଜାମାନିମାଗୁଡ଼—ପାଇଜାମା ପ୍ରଭୃତି, ହଂସୁଲିତୂଳି—କୋମଳ ତୁଳାଶେଯ, ସିତା

ଜୀଇବା ପାଇଁ ପିଇବା ପୀୟୂଷ, ପରପାକେ ଯେବେ ହେବ ସେ ବିଷ,
କୁନ୍ଦନ ଯେବେ ପାଲଟିବ ରଙ୍ଗ, କଟିସୂତ୍ର ଯେବେ ହେବ ଭୁଜଙ୍ଗ । ୫ ।
କେତକୀରୁ ସମ୍ଭବିଲେ ଦୁର୍ବାସ, ଶିରଗର୍ଭରୁ ଜନ୍ମିଲେ କୁଳିଶ,
ନିଜ ନିଶ୍ୱାସରେ ପଡ଼ିଲେ ଟଳି, ଜଠରାନଳେ ଦେହ ଗଲେ ଜଳି । ୬ ।
ସକଳ ସଉଭାଗ୍ୟ ଅଭିଳାଷେ, ଅନୁସରି ସୁରସୁରଭି ପାଶେ,
ଦୋହନକାଳେ ଦୁଧରୁ ତାହାର, ଧାରାପରାଗ ହୋଇଲେ ବାହାର । ୭ ।
ପିଞ୍ଜରମଣ୍ଡନ ପଢ଼ା ଶାରିକା, ପଢ଼ା ଛାଡ଼ି କଲେ ମଣ୍ଡୂକଡକା,
କପିତ୍ଥ ଫଳିଲେ ରସାଳଲତା, ଅଶୁଭ ପାଞ୍ଚିଲେ ଇଷ୍ଟଦେବତା । ୮ ।
ଜ୍ୟୋତିଷ୍ମନ୍ତ ତାର ନୟନେ ଥିବ, ସମୀପ ଦୀପ ଯେବେ ନ ଦଶିବ,
ଘନସାର ସାର ସଙ୍ଗମ କ୍ଷଣେ, ଅନ୍ଧ୍ୟ ଯେବେ ଜନମିବ ଈକ୍ଷଣେ । ୯ ।
ଦୂର ହୋଇବାକୁ ଦୁରିତବ୍ୟୂହ, ଗଙ୍ଗାପ୍ରବାହେ କରି ଅବଗାହ,
ନିତ୍ୟ ନିବାସ କରିଥିବ କାଶୀ, ଆସି ଗ୍ରାସି ଦେଲେ ପାତକରାଶି । ୧୦ ।
ହାତୀ ବିତରଣ କରି ଯାଚକେ, ଜାତି କୃପଣ ବୋଲାଇଲେ ଲୋକେ,
ପାଙ୍କ୍ତିତ୍ୟଧ୍ୱଂସୀ ଶ୍ରୀମହାପ୍ରସାଦେ, ଜାତିବିଧ୍ୱଂସ ହେଲେ ପରମାଦେ । ୧୧ ।
ଅବଲମ୍ବ କରି ଗରୁଡ଼ନାଡ଼, ତୁଣ୍ଡୁଭରୁ ହେଲେ ଭୟ ନିବାଡ଼,
ହରିଦଶ୍ରୀମଧ୍ୟ କରି ଶରଣ, ଶଶ ସଙ୍କାଶୁଁ ଲଭିଲେ ମରଣ । ୧୨ ।
ସିନ୍ଧୁରେ ପଶି ନ ତନ୍ତିଲେ ପାଦ, ସାଯୁଜ୍ୟ ମୋକ୍ଷରେ ଥିଲେ ବିପଦ,
ମାଜି ନିର୍ମଳ ମୁକୁରକୁ ଚାହିଁ, ପ୍ରତିବିମ୍ବ ଯେବେ ଦଶିବ ନାହିଁ । ୧୩ ।
ଦ୍ରବ୍ୟରୁ ଯେତେକ ଗୁଣର ବିଚ୍ଛେଦ, କାମକାନ୍ତିରେ ହେଲେ ଶିରଚ୍ଛେଦ,
ସେବିବା ସଞ୍ଜୀବନୀ ମହୌଷଧ, ନୋହିବ ଯେବେ ଆମୟ-ନିଷେଧ । ୧୪ ।
ହିମଗିରିଦରୀ କରି ଆଶ୍ରୟ, ହେଲେ ନିଦାଘ ଭୟ ଅତିଶୟ,
ପଣ୍ଡିତମଣ୍ଡଳୀରେ କରି ସ୍ଥିତି, ଜଣା ନୋହିଲେ ବଚନ ସଙ୍ଗତି । ୧୫ ।
ଜାଣି ବେଦବାଦୀ ତତ୍ତ୍ୱସାରକୁ, ମୂରୁଖ ବୋଲାଇଲେ ଅଖରକୁ,
ପରଶୁରାମଙ୍କୁ କରିବା ଗୁରୁ, ପଳାଇବା ଯେବେ ଅରି ଆଗରୁ । ୧୬ ।
ବୀଣାବାଦ୍ୟ ଶିକ୍ଷା ଦେଇ ଅଶେଷେ, ଅତାଳଜ୍ଞାନୀ ବୋଲାଇଲେ ଶେଷେ,
ଧରଣୀଦେବଙ୍କ ଚରଣରଜ, ଶିରେ ଘେନିବା ଯେବେ ହେବ ଲଜ । ୧୭ ।

—ନିବାତ, କୁନ୍ଦନ—ସ୍ୱର୍ଣ୍ଣ ବା ଚନ୍ଦ୍ର, ରଙ୍ଗ—ଟିଣ, ଘନସାର—କର୍ପୂର, ଅନ୍ଧ୍ୟ—ଅନ୍ଧକାର, ଦୁରିତବ୍ୟୂହ—ପାପସମୂହ, ତୁଣ୍ଡୁଭ—ଧଣ୍ଡସାପ, ହରିଦଶ୍ରୀ—ସିଂହ ରହିବା ଗୁମ୍ଫା, ସାଯୁଜ୍ୟମୋକ୍ଷ—ଆତ୍ମା ଓ ପରମାତ୍ମାର ପୂର୍ଣ୍ଣ ମିଳନ, ଆମୟ—ରୋଗ, ଧରଣୀଦେବ—ବ୍ରାହ୍ମଣ, ତାଳବୃନ୍ତ—ବିଞ୍ଚଣା ।

ଶରୀର ଖେଦ ହୋଇବାକୁ ଶାନ୍ତ, ଚାଳିବା ମନ୍ଦ ମନ୍ଦ ତାଳବୃନ୍ତ,
ତହୁଁ ନ ଜନମି ମୃଦୁ ଅନିଳ, ସମ୍ଭବିବ ଯେବେ ପ୍ରଳୟାନଳ । ୧୮ ।
କହିଲ କଳନ୍ତର ପୁରନ୍ଦର, ଶୋଭା ନିମନ୍ତେ ବହି ଅଳଙ୍କାର,
ତହୁଁ ସୁନ୍ଦରଭାବ ନ ଦର୍ଶିବ, ପିଶାଚ ପରି ଯେବେ ଆଭାସିବ ।
କାହାକୁ କହିବା, କପାଳରେ ସିନା କର ତାଡ଼ିବା । ୧୯ ।

( ୩ )

ରାଗ—ଆଷାଢ଼ଶୁକ୍ଳ

ଶିଖଣ୍ଡ ମୁକୁଟ, ଶିଖିଚ ଚିହ୍ନି ଅଜନମୁ କୁଟ ।' ଘୋଷା ।
ହେଲା ଯେ ସକଳ ଗୁଣୀ ପ୍ରକଟ, ପୁରୁଷ ଜାତି ତୁମ୍ଭେ ମଧୁଲିଟ,
ନାରୀପରିଧେ ଅନୁରୋଧ ତ୍ରୁଟ, କଞ୍ଜରୁ ଡେଇଁ କୁଟଜକୁ ଗୃଟ । ୧ ।
ପ୍ରତି ନିକୁଞ୍ଜେ ତାଳ ପତ୍ରପଟ, ଅବଶେଷକୁ ସାକ୍ଷୀ ନଦୀତଟ ।
ବ୍ରଜବଜାରେ ବସେ ଏହି ହାଟ, ପୁଣି ସାହସେ ନିୟମକୁ ହଟ । ୨ ।
କି ମନ୍ତ୍ରେ କରାଇ ମନ ଉଚାଟ, ଗୃହୁ କହୁ କହୁ ଟୋଟିକି କାଟ ।
ବଚନ ସୁଧାସାର ପ୍ରତିଭଟ, ପେଟୁଟିଯାକ ନିପଟ କପଟ । ୩ ।
ପ୍ରିୟାକୁ ପିନ୍ଧାଇ ସ୍ୱ ପୀତପଟ, ଆପେ ପିନ୍ଧିବା ତାହା ଲୁଗିପଟ ।
ଅହା ଏ ଗୁଣ କରିବାକୁ ସ୍ପଷ୍ଟ, ଜଗତେ ଘଟିବେ ନାହିଁ ଯେ ଭାଟ । ୪ ।
ହୋଇଗଲ କେଡ଼େ ଅକଳଙ୍କଟ, ଚନ୍ଦ୍ରକେ ଲକ୍ଷା ଲାଗି ହେଲା ଛୁଟ ।
ଏରୂପେ ଯେବେ ସକଳ ପାଳଟ, ମନମଥ ପେଷି ଥିଲା କି ଥାଟ । ୫ ।
ବୋଲଅ ପରା ପ୍ରଣୟୀଲମ୍ପଟ, ଯେ କରେ 'ବିଶ୍ୱାସ ତାହାକୁ ଜଟ ।
ଏ ରୀତିରୁ କେ ନ ବହିବ ରୁଟ, ଋଷି ତ ହେଲେ ଛୁଣ୍ଟାଇବେ ଜଟ । ୬ ।
ତୁମ୍ଭ ବୁଦ୍ଧିବଳ ପରା ନିରାଟ, ଜାଇ ଫିଙ୍ଗିଦେଇ ତୋଳ ତରାଟ ।
ମାଳା କଣିବାକୁ ସଞ୍ଚି ବରାଟ, ଫିଙ୍ଗିଲ ମଞ୍ଜୁଷୁ ହୀରକରାଟ ।
ନୀପ ନିକୁଞ୍ଜ ଅବା କେତେ ବାଟ, ଶମ ହୋଇଥିବ ବୋଲି ଉହ୍ଲଟ ।
ଶ୍ରୀହସ୍ତେ ଗୁଳି କୁସୁମ ଅଳଟ, କରପରି ଉରଃସ୍ଥଳକୁ ଖଟ । ୮ ।

---

୩ । ଟୀକା—ମଧୁଲିଟ—ଭ୍ରମର, କଞ୍ଜ—ପଦ୍ମ, କୁଟଜ—ବଣମଲ୍ଲୀ, କୁଟ—କପଟ, ଲୁଗିପଟ—ପିନ୍ଧା ଲୁଗା, ପ୍ରତିଭଟ—ପ୍ରତିପକ୍ଷ ଯୋଦ୍ଧା, ଚନ୍ଦ୍ରକ—ମୟୂରପୁଚ୍ଛ, ଛୁଟ—ଚକିତ, ଜଟ—ଠକାଅ, ରୁଟ—ଦୁଃଖ ବା ରୋଷ, ବରାଟ—କଉଡ଼ି, ମଞ୍ଜୁଷୁ—ପେଡ଼ିରୁ, ହୀରକରାଟ—ଶ୍ରେଷ୍ଠ ହୀରା, ଉରଃସ୍ଥଳ—ବକ୍ଷୋଦେଶ ବା ଛାତି, ସ୍ତନସମ୍ପୁଟ—ସ୍ତନରୂପ ଫରୁଆ, ସେ ଶେଯେ କର କଞ୍ଜଦଳକୁଟ—ସେ ଶଯ୍ୟାରେ

ହୃଦରେ ଲଦ୍ଧ ଯା ସ୍ତନ-ସମ୍ପୁଟ, ପିଅ ଯାହା ସ୍ୱାଦୁ ଅଧରପୁଟ ।
ସେ ଶେଯେ କର କଞ୍ଜଦଳକୂଟ, ବସିଛୁ ଗିଳିବାକୁ କାଳକୂଟ । ୯ ।
ଅଜ ଯେ ହୁଅଇ ନାହିଁ ସେ ଲଟ, କ୍ଲେଶ ହୋଇବ ହେଲେ ଛଟପଟ ।
ଏତକ ମୋ ପ୍ରାଣସଖୀର ଭେଟ, କାଲକୁ ହୋଇଲାଣି ଅନ୍ତକଟ । ୧୦ ।
ହେବାରୁ ତୁମ୍ଭ ସ୍ନେହେ ଲଟପଟ, ଉତ୍ତମ ପକ୍ଷ ଛାଡ଼ିବାର ଘଟ ।
ଯାହାର ଥିବ ତେଡ଼ିକ ଆକଟ, ଦେଖିବ ତୁମ୍ଭେ ତାହାର ଶୁକଟ । ୧୧ ।
କରଜର ମୁନେ ଚିର କନ୍ୟାଟ, ଯେ ଦେଖି ଫୁଲୁଥାଏ ତୁମ୍ଭ ନାଟ ।
ସେ ତୁମ୍ଭ ଦରଶନ ଚିହ୍ନପଟ, ତା ସୁଖ ମୁଟେ ଛୁଟାଇଲ ଛାଟ । ୧୨ ।
ଜାଣି ଯେ ଯିବାର ଯମୁନାଘାଟ, ଦେଖିବାକୁ ତାକୁ ଅଟେ ଝପଟ ।
ବହ ଯାହାକୁ ରତି ବାହାପଟ, କହ କି ଦୋଷ ନୁହ ତାହା ପଟ । ୧୩ ।
ନିଶିତମ ହୋଇଥାଏ ବିକଟ, ଅସି ନଖେ ଠୁଙ୍କ ଯାହା କବାଟ ।
ସେ ତୁମ୍ଭ ସ୍ନେହବନ୍ଧ୍ୟା ବଡ଼ଗୁଟ, କର ଠିକି ତାକୁ ଏଡ଼େ କପଟ । ୧୪ ।
ଜଳଦ ହୋଇଥାଏ ସବଂଘୋଟ, ଚପଳା ଖେଳୁଥାଇ ଝଟ ଝଟ ।
ଦୂରୁ ଡାକୁଥାନ୍ତି ଯାମିକ ଭଟ, ଅସି ପଗ୍ର ତୁମ୍ଭେ ତା ସେବା ଗଟ । ୧୫ ।
କର ଅହୁର ତୁମ୍ଭେ ସର୍ପଘଟ, କୁଞ୍ଜ ଖବର କହୁଛୁ କରଟ ।
କ୍ଷଣେ ଯତନେ କଲେହେଁ ଅପଟ, ନ ବାସିଯାଏ କି ଚମ୍ପକପୁଟ । ୧୬ ।
ଦେଖାଇ ମାନ୍ୟ ବୋଲି ଦ୍ୱିଜରାଟ, କାଲି ଦେଇଥିଲୁଁ ଯା ନେନେ ଅଟ ।
ତୁମେ ତ ସେହି ଶ୍ୟାମବନ୍ଧୁ ଅଟ, ଶିକ୍ଷା କଲ କାହୁଁ ଏତେ କପଟ । ୧୭ ।
କାହିଁକି ଦେଲ ଏ ପ୍ରାଣ ସଙ୍କଟ, ନୋହୁଁ ବଳୀ ବକ କେଶି ଶକଟ ।
କି ହେବ ଅଜ ହୋଇ ଭଟଭଟ, କର୍ମକୁ ଭର୍ମ ହେଲା ଆରକୂଟ । ୧୮ ।
ଶୁଣି ଭଣିଲେ ହସି ନବ ନଟ, ଆନ ସଙ୍ଗ ମୋର ହଟ ଚମଟ ।
ଏକା ତୋ ସଖୀ ଜୀବନ ମୁଁ ଘଟ, ତା ଜାଣେ ଅଷ୍ଟଦୁର୍ଗ ତୁରସାଟ ।
ଶିଖଣ୍ଡ ମୁକୁଟ, ଶିଖିଛ ଭଲ ଅଜନମୁଁ କୁଟ । ୧୯ ।

---

ପଦ୍ମପତ୍ରକୂଟ କର ଅର୍ଥାତ୍ କମା କର; କାଳକୂଟ—ବିଷ; ଘଟ ଛାଡ଼ିବା—ପ୍ରାଣ ତ୍ୟାଗ କରିବା; ଶୁକଟ—ଦୁର୍ଦ୍ଦଶା; କନ୍ୟାଟ—ସ୍ତ୍ରୀମାନଙ୍କ ରହିବା ଘର; କରଜର ମୁନେ···ତୁମ୍ଭ ନାଟ—ଯେଉଁ ସ୍ତ୍ରୀ ତୁମ୍ଭକୁ ଦେଖି ଆନନ୍ଦିତ ହୁଏ, ସେ ଦୁଃଖରେ ନଖମୁନରେ ସ୍ତ୍ରୀପ୍ସ ରହିବା ଘରକୁ ଚିରେ; ଛାଟ—ଆଘାତ କରିବାର ଦଣ୍ଡ, ବାହାପଟ—ବାହୁବଳ; ପଟ—ପଟ୍ଟ; ଯାମିକଭଟ—ପ୍ରହରୀ, ଚୌକିଦାର; କରଟ—କୁଅ; ଅପଟ—ଜରୁଜ; ଚମ୍ପକକୂଟ—ଚମ୍ପାଫୁଲର ଆବରଣ; ଦ୍ୱିଜରାଟ—ଚନ୍ଦ୍ର; ଅଟ—କଜ୍ଜଳ; ଭର୍ମ—ସୁନା; ଆରକୂଟ—ପିତଳ; ତୁରସାଟ—ଇନ୍ଦ୍ର ।

## ( ୪ )

## ଚାହିଁଲ ତ ନାହିଁ

### ରାଗ—ଅଷାଢ଼ଶୁକ୍ଳ

ଚାହିଁଲ ତ ନାହିଁ, ଚକ୍ଷୁକୋଣେ ଚାରୁଚନ୍ଦ୍ରମାମୁହାଁ । ଘୋଷା ।
ଚାମରକୁନ୍ତଳା ବସନ୍ତେ ରୁଷି, ଚନ୍ଦ୍ରାଜଳେ କେଉଁ ତରୁଣୀ ଭାସି ।
ଚତୁରୀ ସହଚରୀ ଆଗେ ବୋଲେ, ଚିତ୍ତରେ କି ଘେନି ଟିକିଏ ହେଲେ ।୧।
ଚରମ ଆଡ଼େ ଉର ଉଭା ହେଲି, ଚାକର ଛାମୁରେ ଭେଟୁଛି ବୋଲି ।
ଚାଟୁ ଚାତୁରୀ ଚଟୁଳବଚନ, ଚାରଣ ପଦ କଲି ନିବେଦନ । ୨ ।
ଚିବୁକ କମ୍ପାଇ ହୋଇ ବିକଳ, ଚିରଲି ଚରଣନଖେ ଭୂତଳ ।
ଚିର ଅଂରଜିତ ସ୍ନେହସମ୍ପଦେ, ଚଡ଼କ ପକାଇ ନିର୍ଦ୍ଦୟେ ହୃଦେ । ୩ ।
ଚିନାଏ ଅପରାଧ ନାହିଁ ବୋଲି, ଚେଲ ଅଞ୍ଚଳ ପ୍ରସାରି କହିଲି ।
ଚଣ୍ଡମୂରତି ଧଇଲ କା ବୋଲେ, ଚରଣ ପଙ୍କଜ ଧଇଲେ ହେଲେ । ୪ ।
ଚମ୍ପକଗଉରାଙ୍ଗୀ ପ୍ରଭୁପଣେ, ଚେଟୀଙ୍କ ତୁଲେ ମୁଁ ହୋଇଲି ଜଣେ ।
ଚେର ଦେବା କାଳେ ମୋ ଭାଗ୍ୟବଲ୍ଲୀ, ଚଳା ଉପୁଡ଼ାଇ ଦେଲ କି ବୋଲି ॥
ଚଢ଼ାଇ ଉନ୍ନତ ସୁଖପାଦପେ, ଚକାଅଇ ମୂଳୁ କାଟିଲେ କୋପେ ।
ଚିକ୍କଣ ନୁହଇ ବୋଲି ନ ଜାଣି, ଚିଠା ହେଲ ମୋରେ କାହୁଁ କି ଶୁଣି ।୬।
ଚଣ୍ଡାଳ ଦୁର୍ଯୋଗରୁ ହୋଇ ଦୋଷୀ, ଚିହ୍ନ ଯେବେ ମୋରେ ରହିଛି ଗ୍ରାସି ।
ଚଦ ଥରେ ଅଗ ପଛେ ନବୀନା, ଚତୁର୍ଥ ଉପାୟ କରନ୍ତା ସିନା । ୭ ।
ଚାତୁର୍ଯ୍ୟବତୀ ନଜକର କରି, ଚାଲି ନ ଜାଣେ ମୁଁ ଗରବେ ପୂରି ।
ଚରାଲ ଯୁବାଗଣେ ବାନ୍ଧିଥାଇ, ଚୂନା କରି ମୋର ତେଡ଼େ ବଢ଼ାଇ । ୮ ।
ଚାରୁବେଶାର ମୁହିଁ ଅନ୍ତରଙ୍ଗ, ଚଉପଦୀ ଗୀତ ରଚନା ସଙ୍ଗ ।
ଚଉଠେ ନ ରଖିଲ ସେ ସ୍ନେହରୁ, ଚପଳେ ଛଡ଼ାଇ ଦେଇ ଦେହରୁ । ୯ ।
ଚାମୀକରସାରଦେହା ଦେହରେ, ଚୀନ ବାସ ପରି ଦାନ ଯେ ହରେ ।
ଚଉକେ ଅନ୍ତର ନୁହଇ କେବେ, ଚୋର ହେଲି ତାହା ଛାମୁକୁ ଏବେ ।୧୦।

---

୪ । ଟୀକା—ଚେଟୀ—ଦାସୀ, ଭାଗ୍ୟବଲ୍ଲୀ ଚେର ଦେବାବେଳେ—ମୋ ଭାଗ୍ୟରୂପ ଲତାରୁ ଚେର ବାହାରିବା ବେଳରେ, ଚଦ—ଗାଳି ଦେଇ, ଚତୁର୍ଥ ଉପାୟ—ଭେଦ ବା ବିଚ୍ଛେଦ, ଚରାଲ—ପତାକା ( ? ), ଚାମୀକର—ସୁବର୍ଣ୍ଣ, ଚୀନବାସ—ସୂକ୍ଷ୍ମ ବସ୍ତ୍ର, ଚକାମୁଆଁ—ଗୋଲାକାର ମୁଆଁ ନାମକ ମିଷ୍ଟାନ୍ନ,

ଚାହିଁଥାଇ ଯାକୁ କାଳକେ ଦନେ, ଚେତ ତ ପୁଣି ସେ ପଡ଼େ ନୟନେ ।
ଚୂଦରଧରଙ୍କୁ ଏହା କି କର, ଚକ୍ଷୁରଷ କେବେ ନ ହେଲା ପର । ୧୧ ।
ଚଣ୍ଡମୟୂଖମଣ୍ଡଳ ସମାନ, ଚୂହୁଁ ଚୂହୁଁ ଯହୁଁ କଲା ବଦନ ।
ଚୁମ୍ବୁକ ବାଜିଲା ପରି ମୁଁ ଡରେ, ଚାହିଁକି ପଡ଼ଇ ପହିଲୁ ଥରେ । ୧୨ ।
ଚମସ୍ତିନେସା କି ସୁଖ ପାଦରେ, ଚକଟି ପକାଇଲା ଅନାଦରେ ।
ଚଖାଇ ସୁଧା ଯା କଲା ଅନ୍ୟଥା, ଚମତ୍କାର ଲାଗୁଛି ଏହି କଥା । ୧୩ ।
ଚିରନ୍ତନ ଜନ୍ମ ସୁକୃତ ରାଶି, ଚନ୍ଦ୍ରଚୂଳପାଦ ପ୍ରସାଦେ ମିଶି ।
ଚୁଣ୍ଡେ ଦେଇଥିଲା ବାଳାମଣିକି, ଚିପୁଡ଼ି ଦେଲା ସେ ଭାବ ଏଣିକି । ୧୪ ।
ଚେତ ମୋ ଯେବେ ନ ବଳେ ଅନ୍ଧକୁ, ଚକାମୁଅଁ ଶହେ ଦେବୀମାନଙ୍କୁ ।
ଚଳୁଅ ସ୍ମର ଶାର୍ଦ୍ଦୂଳକୁ ଯେବେ, ଚର୍ବଣ କର ବୋଲି ଦେଲା ଏବେ ।୧୫।
ଚିକ୍କସ୍ୱାଭଙ୍ଗୀ ମୋ ଅଙ୍ଗରେ ହେଜ, ଚଣ୍ଡିକା ସ୍ତୋତ୍ର ପଣ୍ଡିତାଙ୍କୁ ଖୋଜ ।
ଚନ୍ଦ୍ର ଚନ୍ଦନ ବୋଳାଇ ମୋଦରେ, ଚୁପସରି କାଢ଼ି ଦିଏ ଆଦରେ । ୧୬ ।
ଚୁଳଇ ଯେବେ ମୁଁ ଶୁଭ ସନ୍ଦେଶ, ଚିଠାଉରେ ଲେଖି ରହି ବିଦେଶ ।
ଚୁଙ୍ଗଡ଼ାଧର ଜୁଟରେ ଫରମାସେ, ଚରଣୁ କରେ ଚୁରକୁ ହରଷେ । ୧୭ ।
ଚନ୍ଦ୍ରକୁ ଚନ୍ଦ୍ରିକା ପିଇବା ଆଶେ, ଚକୋର ପରି ଅନୁସରି ପାଶେ ।
ଚିନ୍ତୁଥାଇ ଅସାଧାରଣ ଫଳ, ଚହକିଲା କାଳେ ସମ୍ପତ୍ତିମୂଳ । ୧୮ ।
ଚିକୁରପାଶରେ ଦନ୍ତପଞ୍ଜିକା, ଚଳାଇବାକୁ ହେବାରୁ ମୋ ଦକ୍ଷ ।
ଚୂଳୁରେ କବଙ୍କ ଚରୁଣୀ ପରି, ଚିର ସଜଡ଼ାଇ ଅଶ୍ୱାସି ଭରି । ୧୯ ।
ଚେତା ବହୁନେ ପହୁଡ଼ିବା କାଳେ, ଚିଦଇ-ଚରଣ ଅଳତା ବୋଲେ ।
ଚେତଲେ ଯାହା ବୋଲେ ଲଭି ଲାଜ, ଚେତାଇ ନାହିଁ ସେ ରସକୁ ଆଜ ॥
ଚନ୍ଦ୍ରିକାବିହୀନ ରଜନୀକାଳେ, ଚୂନ୍ଦନୀସୋପାନ ଉଠିବାବେଳେ ।
ଚନ୍ଦ୍ରଦୀପ ତା ସମ୍ମୁଖରେ ନ ଥିଲେ, ଚେତନା ମୋ ଦେହେ ନ ଥାଇ ଭଲେ ॥
ଚୂନ୍ଦୁଅ ଅବନ୍ଧା ମନ୍ଦର ତଳେ, ଚୂଲଇ ଯେବେ କେବେ କୁତୁହଳେ ।
ଚଉପହରା ଦାସୀଙ୍କ ଉପରେ, ଚୁପଡ଼ି ଫରମାସଇ କୋପରେ । ୨୨ ।
ଚୁକଚକ୍ୟବନ୍ତ ସୁନ୍ଦର ଗାଲେ, ଚୁମ୍ବଇ ଯେବେ ମୁଁ କାମଅମଳେ ।
ଚମକଇ ଭୀରୁ ବୋଲି ଏ ଡରେ. ଚୁମ୍ବୁତ୍କାର ରବ ନ କରେ ଥରେ । ୨୩ ।

---

ଚିକ୍କସ୍ୱାଭଙ୍ଗୀ—ସ୍ୱାସ୍ଥ୍ୟଭଙ୍ଗ; ଚନ୍ଦ୍ର—କର୍ପୂର; ଚୁଙ୍ଗଡ଼ାଧର—ଗନ୍ଧାଧର ବା ସରଧର; ଦନ୍ତପଞ୍ଜିକା—(ଏଠାରେ)ପାନିଆ; ଚୂନ୍ଦନୀସୋପାନ—ମଣ୍ଡପର ପାହାଚ, ଚଣ୍ଡମୟୂଖ—ସୂର୍ଯ୍ୟ; ଚଉଡ଼ାଇ ଦେଇ—ଚଡ଼କାଇ ଦେଇ ବା ଫଟାଇ ଦେଇ ।

ଚଉଦରୁ ବଳି ବିମୂଷ ହେଲୁ, ତଥିଲ କ୍ଷମ ତା କେବେ ନ ଗଲୁ ।
ଚୁଙ୍କିବ ଭଲେ କରୁଥାଏ ହଠ, ଚଇଡ଼ାଇ ଦେଇ କି ସ୍ନେହ ଘଠ । ୨୪ ।
ଚୂହାଁ ଚୁହିଁ ନାହିଁ ଅନରେ ବୋଲି, ଚକାରେ ଜୀୟୁମ ଯେତେ ମୁଁ ଭଲି ।
ଚଇବଂଶ ପଦୁଁ ବଳେ ଗଣିଲେ, ଚତୁର ଶ୍ରୀ ଗ୍ଲେଠରାୟୁ ଭଣିଲେ ।
ଚୁହିଁଲୁ ତ ନାହିଁ, ଚକ୍ଷୁକୋଣେ ଚୁରୁଚନ୍ଦ୍ରମାମୁହାଁ । ୨୫ ।

( ୫

ସେ ପୀରତି ସତେ

ରାଗ—ଅଷାଢ଼ଶୁକ୍ଳ

ସେ ପୀରତି ସତେ, କି ପଦାର୍ଥ କହ ପଣ୍ଡିତେ ମୋତେ । ଘୋଷା ।
ଶାରଦା ନୁହେ କରେ ବାବଦୂକ, ଅମଳ ନୋହେ ଅତି ଉନ୍ମାଦକ,
ହୋଇ ହୃଦୟୁ ଅଦୃଶ୍ୟ ପଦକ, ହଜାଇ ଦିଅଇ ବିବେକଯାକ । ୧ ।
ସୁମ ନୋହି କରେ ଦିବ୍ୟ ସୁଗନ୍ଧ, ସମଜାଇ ନାହିଁ ନୁହଇ କନ୍ଦ,
ପଟଳ ନୋହି ଚକ୍ଷୁ କରେ ଅନ୍ଧ, ଶୃଙ୍ଖଳ ନୋହେ ଦୃଢ଼େ କରେ ବନ୍ଧ ।୨।
ନୋହେ ବଇରାଗ୍ୟ ତେବେ ସେ ଦେହେ, ତାହା ବିନା ଯନ୍ତ୍ର ଲବେ ନ ରହେ,
ଅଜ୍ଞାନ କରେ ମୂର୍ଖପଣ ନୋହେ, ଅନଳ ନୋହି ଶୀର୍ଣ୍ଣ କରେ ବିରହେ ।୩।
ନୋହେ ଚନ୍ଦ୍ରକର କରେ ଅହ୍ଲାଦ, ଅମୃତ ନୁହେଁ ସେ ତହୁଁ ସୁଆଦ,
ଚିନ୍ତା ନୁହେ ଜାତ କରେ ବିଷାଦ, ବଢ଼ାଏ ଗରବ ନୁହେଁ ସମ୍ପଦ । ୪ ।
ନୁହଇ ଶରୀରରଖା ମନ୍ତ୍ରବ, ଦର ହେତୁରୁ ନ ଜନ୍ମାଏ ଦର,
ହୁଏ ନିଦାନଭୂତ ବିନାଦର, ପଲ୍ଲବାଏ ଅସଦୃଶେ ଆଦର । ୫ ।
ନୋହେ ଧୂକନେଳଗୋଳା କଜ୍ଜଳ, ଦୃଶ୍ୟ କରାଏ ଗାଢ଼ତମ ସ୍ଥଳ,
ଲଙ୍ଘାଏ ଦୁର୍ଗ ନୋହେ ଜଙ୍ଘାବଳ, ବୁଡ଼ାଇ ଦିଅଇ ନୁହଇ ଜଳ । ୬ ।
ଅତି ଚମତ୍କାରତର ତା ଲୀଳା, ନାହିଁ ଦେହ ନୁହେ ଶିଳ୍ପକୁଶଳା,
ଲେଖଇ ସଂସାରେ ନ ରଖି ତୁଳା, ପ୍ରତି ଦିଗେ ପ୍ରିୟଜନ ପିତୁଳା । ୭ ।
ଅଭିପ୍ରେତ ଗଲେ ନୟନେ ପଡ଼ି, ଅଟକଇ ପଦ ନୁହଇ ହଡ଼ି,
ନ ଥାଏ ଭୁଜ ରହିଥାଏ ଭିଡ଼ି, ନୁହଇ ପରାଣି ନୁହଇ ଗୁଡ଼ି । ୮ ।

---

୫ । ଟୀକା—ଶାରଦା—ସରସ୍ୱତୀ, ବାବଦୂକ—ବାଚାଳ, ପଦକ—ହାର ମଧ୍ୟବର୍ତ୍ତୀ ଅଳଙ୍କାରବିଶେଷ, ସୁମ—ଫୁଲ, କନ୍ଦ—ଅରଣ୍ୟଜାତୀୟ ଗ୍ଲେକ, ଧୂକ—ପେଚା, ଜଙ୍ଘାବଳ—ବେଗଗାମୀ ଦୂତ, ହଡ଼ି—ହରକାଠ, ପ୍ରତିବନ୍ଧକ;

ପୁତ୍ର କଳତ୍ର ସମ୍ପତ୍ତି ଅବାସେ, ରୁଚି ବିନା ବିଷ ପରି ଅଭ୍ୟାସେ,
ଚିନ୍ତା ଜନ୍ମାଇ ଦିଅଇ ମାନସେ, ଅହା କି ବିଚିତ୍ର ରସନଦୀ ସେ । ୯ ।
ବିଚ୍ଛେଦ କ୍ଷଣ କରଇ ବିରହେ, ସଙ୍ଗମେ ଅଶେଷ ସୁଖ ବରଷେ,
ବିର ଅଙ୍କର ସବୁ ଭାବର ସେ, ଅତି ବିଷମ ହୁଏ ନବ ରସେ । ୧୦ ।
ସନ୍ତପ୍ତ କରେ ନୁହଇ ତପନ, ଅନ୍ତକ ନୁହେ ହରଇ ଜୀବନ,
ମନୁ ଜନମେ ନୁହଇ ମଦନ, ଦନୁଜ ନୋହେ ସେ ପିଶିତାଶନ । ୧୧ ।
ନୁହଇ ପରଶୁ କେଦାର ପରି, ପାରଇ ଫଣୀଫଣାମଣି ହରି.
ମନୋରଥ ପଥେ ନ ଥିବା ଶିରୀ, ହେଲେ ଦିଅଇ କରଗତ କରି । ୧୨ ।
ନୋହେ ବହଳ ଉପାନହ ଯୋଡ଼ି, କଣ୍ଟକେ କଟାକ୍ଷ ନ କରେ ଅଡ଼ି,
ବୃଷ୍ଟି ବାରଣ ଛତ୍ର ନ ପକଡ଼ି, ନ ମାନେ ନଭମାସ ନିଶା ଝଡ଼ି । ୧୩ ।
ନୁହଇ ପାଷାଣ ମୂଷା ସମାନ, ନ ମାନେ ଗ୍ରହପଣେ ଦାଢ଼ ମୂନ,
ନୁହଇ ଖେଚର ସିଦ୍ଧସାଧନ, ଧନଦାଳୟକୁ ପେଷଇ ମନ । ୧୪ ।
ଫଳେ ନାନାଫଳ ନୋହେ ବ୍ରତତୀ, ସ୍ମର ସହଚରୀ ନୁହେ କେଳତି,
ମର୍ମରେ ଭେଦଇ ନୁହଇ କାତି, ମଦିରା ନୋହି ଯା ହରଇ ଜାତି । ୧୫ ।
ଅବି ମୁନିଙ୍କର ଗୋତ୍ର ସମ୍ଭୂତୀ, ଭୂଦେବ ଗୟ୍ୟଗୁରୁ କବିରବି,
ସଂଶୟ ଧ୍ୱଂସ ନୋହିବାରୁ କହୁ, ବିଦ୍ଵଦ ମାନସେ ପଚାରୁଅଛୁ ।
ସେ ପୀରତି ସତେ, କି ପଦାର୍ଥ କହ ପଣ୍ଡିତେ ମୋତେ । ୧୬ ।

( ୬ )

ଙ୍ଗୋଟ ଢୁମ୍ପା

ତୋ ଗୃହୁ ଗୃହାଣି ଗୃହିଁ, ମରି ତୁ ଅଗୁର ସାଉ ପକା ପଛେ, ମୋ ନିଅଳୀ, ମୋ ଦେହ ତ ସହୁ ନାହିଁ । ୧ । ଦିଅ ଯେତେ ଇଚ୍ଛା ଦଣ୍ଡ, ଚୁମ୍ବ କାମ ସଙ୍ଗେ ଝୁଣି ଦେବି ସିନା, ମୋ ନିଅଳୀ, ଝଳ ଝଳମଲ ଗଣ୍ଡ ॥ ହେଲୁଟି କି ଶିରଗଭା, କାଳ ସହୁନାହିଁ ବାଳମୃଗଦୃଶା, ମୋ ନିଅଳୀ, ନୂଆ ବିକଶିତ ଶୋଭା । ୩ । ତୋହ ପରି ତୁହି ସିନା, ବିଜେ କଲ ପୁରେ ସୁରି ରହିଥାଏ, ମୋ ନିଅଳୀ, ବନଜ-ବନ-ବାସନା । ୪ । ଅଛୁ ଯେବେ ଅନୁକମ୍ପା, କାତ ଝିଙ୍କି ପଛେ ଘାତରେ ପ୍ରହାର, ମୋ ନିଅଳୀ, ହୀରା ବୁଲ୍ଲକ ନ କମ୍ପା ॥

---

ପିଶିତାଶନ — ମାଂସଭକ୍ଷକ, ପରଶୁକେଦାର—ଏକପ୍ରକାର ଗଦ, ଏହାର ଗନ୍ଧରେ ସାପ ମୁଣ୍ଡ ନୁଆଇଁ ପଡ଼ି ରହେ ।-ଉପାନହ— ଯୋତା, ନଭମାସ—ଶ୍ରାବଣମାସ ।

୬ । ଟୀକା — ବନଜବନବାସନା — ପଦ୍ମବନର ସୁବାସ, ହୀରବୁଲ୍ଲକ— ହୀରାର ଦଣ୍ଡି ।

ଯାସୋର ବାସର ଲଜ, ପଛକୁ ପକାଇ ନ ଦେଲେ ନ ଚଳେ, ମୋ ନିଅଳୀ, ବଧୂ ନିଷେଧକୁ ଅଜ । ୬। ତୋ କୁଚ ତ କରକଶ, ସବୁ ଗୁମାନ ଅଙ୍ଗ କେତେବେଳକୁ, ମୋ ନିଅଳୀ, ଥରେ ମୋହ କରେ କଷ । ୭ । ଚୁମ୍ବନେ କଲେ ଶରଧା, ଚରଣଠାରୁ କବରୀଯାଏ ତୋର, ମୋ ନିଅଳୀ, କାହିଁ ପୁର ନାହିଁ ସୁଧା । ୮ । ଚତୁରଦଶ ଭୁବନେ, ରସବନ୍ତୀ ଚକ୍ର ଚୂଡ଼ାମଣି ବୋଲ, ମୋ ନିଅଳୀ, ତୋ ବିନା ଅନେ ନ ମାନେ । ୯ । କାହିଁକି ଗୁଲ୍ଲ ତୁଂ ତଳେ, ଘାଣ୍ଟି ହେଉଅଛୁ କଣ୍ଠୀରବମଧ୍ୟା, ମୋ ନିଅଳୀ, ମୋ ମନଯାକ ବିକଳେ । ୧୦ । ଅନ ନାହିଁ ତୋହ ବିନା, ଅଷ୍ଟଦୁର୍ଗଧରାବର ଅରେ ଧୀରା, ମୋ ନିଅଳୀ, ତୋହର ଅଧୀନ ସିନା । ୧୧ ।

( ୭ )

ଜାଇଫୁଲ୍ ଚୁମ୍ବା

କରଗତ ଚୁନ୍ଦମୁହିଁ, କର ଗତ ରସେ ରଜନୀ ପୁହାଏ, ଜାଇଫୁଲ୍ ରେ, ତୋ ରୂପ ଲାବଣ୍ୟ ଚୁହିଁ । ୧ । ଖରପରଶୁମୋହନା, ଖଣ୍ଡପରସା ବଚନକୁ କହ, ଜାଇଫୁଲ୍ ରେ, ଖଣ୍ଡ ହୃଦୟ ବେଦନା । ୨ । ଗିରୀସମ କାଳେ ଧନ, ଗିରସମ କୁଚେ ଲେପି ଚନ୍ଦନ, ଜାଇଫୁଲ୍ ରେ, କରୁଥାଉ ଅଲିଙ୍ଗନ । ୩ । ଘନସାର ମୋ ହୃଦକୁ, ଘନସାରକେଶୀ ଝାଡ଼ି ଦେଇ କର, ଜାଇଫୁଲ୍ ରେ, ଗାଢ଼େ ଅଲିଙ୍ଗନ କରୁ । ୪ । ନାଗରମଣିଙ୍କ ତଟେ, ନାଗମଣିକୁମ୍ଭସ୍ତନା ସମାନ ରେ, ଜାଇଫୁଲ୍ ରେ, ହୋଇବେ ନୋହେ ପରତେ । ୫ । ଚନ୍ଦ୍ରମୁହାଁ ପ୍ରାଣଧନ, ଚନ୍ଦ୍ର ମୁହିଁ ଗୁଳି ରଭ କଲା କାଳେ, ଜାଇଫୁଲ୍ ରେ, ଶୀତଳକାରେ ଭଙ୍ଗୁ ଅଜ୍ଞାନ । ୬ । ଛଇ ବିପରୀତ ମୋର, ଛଇଟି ପରାଏ ଦେହକୁ ନ ଛାଡ଼େ, ଜାଇଫୁଲ୍ ରେ, ସେରୂପେ ଥିବ ପାଶର । ୭ । ଜାତୀକରଜା ସୁକେଶୀ, ଜାତକର ଦବ୍ୟହାରକ ସୁଦନ୍ତୀ, ଜାଇଫୁଲ୍ ରେ, ଚନ୍ଦ୍ରଚନ୍ଦ୍ରମା ସୁହାସୀ ।୮। ଝଂଳ ସୁନାଅଙ୍ଗୀ ରତେ, ଝଂଳ ସୁନା ପରି ଗାଢ଼େ ଭିଡ଼ି କର, ଜାଇଫୁଲ୍ ରେ, ନ ଦେଉ କି ସୁଖ ମତେ । ୯ । ନିଶାରେ ସିତକରଜା,

---

୭ । ଟୀକା—ଖଣ୍ଡପରଶୁମୋହନା—ଶିବଚିତ୍ତହାରିଣୀ, ଘନସାର—କର୍ପୂର ବା ଚନ୍ଦନ, ଘନସାରକେଶୀ—କଜ୍ଜଳକୁନ୍ତଳା, ନାଗରମଣୀ—ପାତାଳପୁରବାସିନୀ, ନାଗମଣିକୁମ୍ଭ—ବଡ଼ ହାତୀର କୁମ୍ଭସ୍ଥଳ, ଛଇ ବିପରୀତ—ଇଚ୍ଛା, କାତକର—ଉତ୍କୃଷ୍ଟ, ଚନ୍ଦ୍ର—କର୍ପୂର, ସିତକରଜା—ଶୁକ୍ଳବର୍ଣ୍ଣ ନଖ ଯାହାର,

ନିଶାରେ ଶୀତରେ ଅଦର ନ କର, ଜାଈଫୁଲ ରେ, ଅଙ୍ଗସଙ୍ଗେ ଦେଲ୍ଛ ମଜା । ୧୦ । ଟିକାଏ ବିକଳ ନୋହୁ, ଠିକା ଏବେ କାମରଜାର ଭାଙ୍ଗିବ, ଜାଈଫୁଲ ରେ, ତୋ ସାହାରେ ପ୍ରାଣସହୁ । ୧୧ । ଠକୁରୁବି ନାହିଁ ବୋଲ, ଠକର ବିହାଗ ପାଇଣ ମଦନ, ଜାଈଫୁଲ ରେ, ପଳାଏ ରତେ ଛଇଳ । ୧୨ । ଡାକ୍ କରିଗତ ତୋତେ, ଡାକ କରଅଛୁ ଡାକମନ୍ଥା ସର, ଜାଈଫୁଲ ରେ, ନୁହଇ ମୁଁ କଦାଚିତେ । ୧୩ । ତାଳି ସୁଧାକର-ମୁଖ, ତାଳି ସୁଧା କି ଭଙ୍ଗୀରେ ରହୁଁ ଥାଉ, ଜାଈଫୁଲ ରେ, ଉପୁଜାଇ କେତେ ସୁଖ । ୧୪ । ଅବଧର ତୋ ଅଙ୍କାକୁ, ଅବଧ ରିପୁ କାମକୁ ଦଣ୍ଡ ଦେବ, ଜାଈଫୁଲ ରେ, ସେବାରେ କେନି ମନକୁ । ୧୫ । ତାରତମ କଲେ ସହୁ, ତାରତ ମଧରେ କଳଙ୍କ ମୁଖକୁ, ଜାଈଫୁଲ ରେ, ଇନ୍ଦ୍ରସମ ହେବ କେହୁ ॥ ଥର ଥରକେ ମୋ ଅଙ୍ଗ, ଥରଥର ହୁଏ କାମଶରଘାତେ, ଜାଈଫୁଲ ରେ, ରତିରେ ନ ପାଏ ସଙ୍ଗ । ୧୭ । ଦରଶନକମୋହନୀ, ଦରଶନ ବିନା ତୋହର କାମକୁ, ଜାଈଫୁଲ ରେ, ନୋହିଲେ ଥାଏ ନ ମାନି । ୧୮ । ଧରମ ନ କର ନିକ, ଧର ମନରେ ପାଇଛୁ ମୁହିଁ ହେମ, ଜାଈଫୁଲ ରେ, ଚମ୍ପକସୁବରନୀକି । ୧୯ । ନରବର-ସୁତା ଯେନ, ନରବରଜେ ସମାନ ସତେ ନାହିଁ, ଜାଈଫୁଲ ରେ, ପାଇ ତୋ ପ୍ରେମରତନ । ୨୦ । ପରମଦାବିତ ସହୁ, ପରମ ଦାରୁଣ ଫୁଲଧନୁ ପାଦେ, ଜାଈଫୁଲ ରେ, ଅନୁସରି ଅଛି ମୁହିଁ । ୨୧ । ଫୁଲୁଥାଏ ଯେବେ ନାସା, ଫୁଲୁଥାଏ କାମ ମନ ସାହା ପାଇ, ଜାଈଫୁଲ ରେ, କରଣ ତୋତେ ଭରସା । ୨୨ । ବରଷ ଶହେ ଉପରେ, ବିତ ଫଣସ୍ୟେ ଛାଡ଼ି ପୂର୍ବେ ପାଇଛି, ଜାଈଫୁଲ ରେ, ଶିବଙ୍କୁ ମନାଇ ବାରେ । ୨୩ । ଭାରତୀକି ଶୁଣି ତୋର, ଭାରତୀ କି ପାଣ୍ଠି ବୀଣା ଫିଙ୍ଗି ଦେବେ, ଜାଈଫୁଲ ରେ, ଲଜ୍ଜାରେ ହୋଇ କାତର । ୨୪ । ମନମଥ ନାମ ଯାର, ମନମଥନୀ ତୁ ଅଟୁ ତାହାର, ଜାଈଫୁଲ ରେ, ଶଶିହାସୀ ରାମାବର ॥ ଜୀବନଜବଦନାକୁ, ଜୀବନ ଯତନେ ବିକି ଦେଇଅଛୁ, ଜାଈଫୁଲ ରେ, କି ଡର କାମ ଛାରକୁ । ୨୬ । ରତ୍ନକର ତୁଲା ତୋର, ରତ୍ନ କରକରଦନା

---

ନିଶାରେ—ଅନୁରାଗାଧିକ୍ୟରେ, ନିଶାରେ—ରାତ୍ରରେ, ଠିକା—ଠେକ, ବଡ଼ିମା; ଅବଧ ରିପୁ—ଦୁର୍ଜ୍ଜୟ ଶତ୍ରୁ, ନରବରସୁତା—ରାଜକନ୍ୟା, ନରବରଜ—ନରଶ୍ରେଷ୍ଠ, ଭାରତୀ—କଥା ଓ ସରସ୍ୱତୀ, ଜୀବନଜବଦନା—ପଦ୍ମମୁଖୀ, ରତ୍ନକର ତୁଲା— ଅତି ସାମାନ୍ୟ ଓଜନରେ, ସୁରମଣି—ଇନ୍ଦ୍ରମଣି ।

ଉଣାହେବ, ଜାଈଫୁଲ ରେ, ସମ କେ ଅଛି ସଂସାରେ । ୨୭। ଲକ୍ଷ ଦେବୀ ସେବା କରି, ଲକ୍ଷ୍ୟ ଦେବି ତୋତେ ବଶ୍ୟ କରିଏ, ଜାଈଫୁଲ ରେ, ନ ପାଇଲେ ଜନ୍ମ ପୂର୍ଣ୍ଣ । ୨୮ । ବଳିଅଛି କହ ଧନ, ବଳିଅଛି ଶୁଭ ରଙ୍ଗ ଜୀବନରେ, ଜାଈଫୁଲ ରେ, ତୋ ଅଧର ସୁଧାପାନ । ୨୯ । ସାରସଗତି ମହିଳା, ସାରସଙ୍ଗତି ପାଇ ମୁହିଁ କରତେ, ଜାଈଫୁଲ ରେ, ଭାବେ ହେଉ-ଥାଏ ଭୋଳା । ୩୦ । ସୁବରନକୁ ତୋହର, ସୁବରନ ସର କୋହଣ ଅନଳେ, ଜାଈଫୁଲ ରେ, ଦହୁଅଛି ତା ଶରୀର । ୩୧ । ସୁରମଣୀ ପାଶେ ଥିଲେ, ସୁରମଣି ପଦ ବଳାତ୍କାରେ ମୋର, ଜାଈଫୁଲ ରେ, ପଡ଼ୁଥାଏ ପାଦ ତଳେ । ୩୨ । ହରବର ପାଇ କେତେ, ହର ବର ପାଇ ପାଇଲି ଉତେ, ଜାଈଫୁଲ ରେ, ନ ଥିଲି ମନେ ପରତେ । ୩୩ । ଝିଣ୍ଟ ପଢ଼ୁଥିବା ଭାବ, ଝିଣ୍ଟପ ହରିଚନ୍ଦନ କହେ ଉତେ, ଜାଈଫୁଲ ରେ, ଦେଖି ଦବକୁ ତେଜିବ । ୩୪ ।

( ୮ )

## କାମଦୁହା ଚଉତିଶା

### ରାଗ—ପୂରବ

କିଶୋରୀଙ୍କ ବର ଯଦୁପତି, କରି ଶିର ପରବାସେ ସ୍ଥିତ ।
କୁନ୍ଦକଇରବହାସୀଙ୍କ ପୂର୍ବ ରସବଶ ହୋଇ ଜଳପନ୍ତି ।
ଅରେ କଳଭାଷି । କୃଶୋଦରୀ କମନୀୟ ମୁଖଶଶୀ ।
କଳାକଲ୍ଲୋଳିନୀ କେଳିକଳହଂସୀ, କାମ ମଦର୍ ମହତ୍ତ୍ୱ ସମୁଲ୍ଲାସୀ । ୧ ।
ଖଟଣି କିଙ୍କରଙ୍କର ମେଳେ, ଖଟିଥିବ ଯେ ତୋ ଖଟତଳେ ।
ଖପଣିମଣ୍ଡଳ ଜିଣି ଯିବା ଫଳ ଲୁଟିଯିବ ତା ଚରଣ ମୂଳେ ।
ଅରେ ଖେଳାଖେଳା, ଖଞ୍ଜରୀଟରୁ ବଳେ ତୋ ନେତ୍ରଲୀଳା ।
ଖୁରଅର୍କ ନ ଥାଇ ସ୍ନେହରେ ହେଳା, ଖଣ୍ଡପରଶୁ ମନମୋହନଶୀଳା । ୨ ।
ଗତିରେ ବିବୁଧ ଭଙ୍ଗୀ ଭରୁ, ଗଜେନ୍ଦ୍ର ଗରବ ହେଲେ ହରୁ ।
ଗଗନ ସଲିଳଗାମୀ ହଂସକୁଳ ଦନଯାଏ ଡରି ମରୁ ମରୁ ।

---

୮ । ଟୀକା—କୁନ୍ଦକୈରବହାସୀ—କୁନ୍ଦଫୁଲ ଓ କଇଁଫୁଲ ପରି ହାସ ଯାହାର, ଖଟଣୀ—ସେବା, ଖୁରଅର୍କ—ମୁହୂର୍ତ୍ତିମାତ୍ର, ଗର—ଦର୍ପ, ଘୋର

ଅରେ ଗଣ୍ଡିଧନ, ଗୁଣବତୀ ମୁଁ ଗୃଭକ ନବଘନ ।
ଗତରସ ହେଲା କେତେ ସୁଖମାନ, ଗର ଗିଳିବାକୁ ହେଉଅଛି ମନ । ୩ ।
ଘଟପୀନସ୍ତନା ଗୃହ୍ଣୁ ବେଣୀ, ଘେନାଘେନି କେତେ ଜାଣୁ ପୁଣି,
ଘୋରତର ସ୍ମରପ୍ରତାପ ସାଗର ମଧ୍ୟରୁ ତୁ ମୋର ଉଦ୍ଧାରଣୀ ।
ଅରେ ଘନକେଶା, ଘନଜଘନା ମହୀମଣ୍ଡନ ବେଶା ।
ଘୋର ଶ୍ରୀଖଣ୍ଡବାସିନୀ ବରଯୋଷା, ଘାରିପକାଇଛୁ ତୋ ବିଚ୍ଛେଦଦଶା । ୪ ।
ନ ପାରେ ମା ବୋଲି ଅଡୁଥାଇ, ନମ୍ରେ କରଯୁଗ ଯୋଡୁଥାଇ,
ନଖ ପରି ଗେଲେ ମୋଡୁଥାଇ, ହସି ନତନୁ ଲଡ଼ାଇ ଲେଡୁଥାଇ ।
ଅରେ ନଡ ଅଙ୍ଗୀ, ନୂଆ ବୟସୀ ନର୍ମ ଚଞ୍ଚଳାପାଙ୍ଗୀ ।
ନେଝ ବରଛି ତୁ ଏକା ଜାଣୁ ଫିଙ୍ଗି, ନାହିଁ କରିବାରେ ଥାଏ କେତେ ଭଙ୍ଗୀ
ଚରଣୁ ଚିକୁର ଯାଏ ତୋର, ଚୁମ୍ବିବାରେ ଚିତ୍ତ ଥାଏ ମୋର,
ଚେତା ବହ୍ନିନେ ପଚୁଡ଼ୁଥାଇ ଚେଳ ଚୋରାଇ ମୁଁ କରେ ଦିଗମ୍ବର ।
ଅରେ ଚନ୍ଦ୍ରମୁଖୀ, ଚେତ ରମକ କି ଲାଜେ ବୁଜୁ ଅକ୍ଷି ।
ଚେଳ କରୁ ମୋତେ ମୋ ଅଙ୍ଗରେ ଲକ୍ଷି ଚଞ୍ଚୁଇଷ୍ଟ ଅଙ୍ଗ ନ ପାରଇ ଦେଖି ।
ଛଣା ପୀୟୂଷ ସଦୃଶ ରସେ, ଛପିଥାଏ ଲାଜ କି ବିଳାସେ,
ଛ ଗୃହଦିଗ ସୁନ୍ଦର ଦିଶୁଥାଏ, ଛଇଳା ଲାବଣ୍ୟ ପରକାଶେ ।
ଅରେ ଛବିନିଧି, ଛାମୁ ଛାଡ଼ିବାକୁ କଲା ମନ୍ଦ ବିଧି ।
ଛେଦ ହୋଇବାକୁ ଜାତ ହୁଏ ବୁଦ୍ଧି, ଛେଲି ମାରି ହେବ ରହୁଥାଇ ସିଦ୍ଧି ।୭।
ଜପାମାଳା ତୁ ମୋ ସ୍ୱପ୍ନବାସୁ, ଯେତେବେଳେ ଜାକୁଜିକୁ ଅସୁ,
ଜଙ୍ଗମ ହେବାର ଜମ୍ବୁନଦ ସାର ଜଗତଜୀବାତୁ ପରି ଦିଶୁ ।
ଅରେ ଜବାଧରା, ଜମ୍ବୁଦ୍ୱୀପମଣି ନୀଳତର ତାରା ।
ଜମ୍ବୁନଦ ଧରାଧର ପୟୋଧରା, ଜକାଜକ କଉତୁକ ଧୁରନ୍ଧରା । ୮ ।
ଝୁଲି ଝୁଲି ଗୃହ୍ଣ ମୋଦ ମଦେ, ଝୁମୁ ଝୁମୁ ତୋ ଝୁଣ୍ଟିଆ ନାଦେ ।
ଝଟତ ନିର୍ଜରପ୍ରଭୁ-ଶିଖୀ ଶିର ଝଟକୁ ମୁଁ ଝୁଣ୍ଟିଯାଏ ପାଦେ ।
ଅରେ ଝଳ ଗୋରୀ, ଝୁଲି ଜାଣୁ ଭଲା ହେଲେ ମୋହ ପରି,
ଝଲକଇ ଝାଲବ୍ୟାଜ ସୁଧା ଝରି, ଝଟ ଝଟ ହେଉଥାଏ ଭୂଷା ଶିରୀ । ୯ ।

---

ଶ୍ରୀଖଣ୍ଡବାସିନୀ—ଘୋରି ହୋଇଥିବା ଚନ୍ଦନ ପରି ଯାହାର ଦେହ ବାସେ, ନର୍ମ—ପରିହାସ, ଚିକୁର—କେଶ, ଚେଳ—ବସ୍ତ୍ର, ଦିଗମ୍ବର—ବସ୍ତ୍ରଶୂନ୍ୟ; ଜମ୍ବୁନଦଧରାଧର—ମେରୁପର୍ବତ, ନିର୍ଜରପ୍ରଭୁ—ଇନ୍ଦ୍ର, ମଣିସାନୁ—(ଏଠାରେ)

ନମ୍ରମୁଖେ ମଣିସାନୁ ଥାଏ, ନିକଟେ ପୀୟୂଷଭ୍ରାନ୍ତ ଥାଏ,
ନଥ ଡୁଲେ ନାଟ ବାଦେ କରି ହଟ ବୁଲ୍ଲକି ଝୁଲି କି ମାନୁଥାଏ ।
ଅରେ ନାଗରୀବର, ନୃତ୍ୟ କରୁଥାଏ ପୟୋଧରେ ହାର ।
ନେତ୍ରଦ୍ୱୟ ଏକା ସିନା ସାକ୍ଷୀ ମୋର । ନାଦେ ତୋଷୁଥାଏ ମଧ୍ୟ ଅଳଙ୍କାର ।।
ଟୋପି ଟୋପି ଝାଳ ଚୂର୍ଣ୍ଣ କେଶେ, ଟିକି ଟିକି ମୋତି ପରି ଦଶେ,
ଟେକି ଟେକି ଘେନି ଯାଉଥାଉ ସ୍ୱର୍ଗସୁଖ ବଢ଼ାଇକି ବଡ଼ ରସେ ।
ଅରେ ଟଭ୍ରାନ୍ତନା, ଟଳି ପଡ଼ୁଥାଏ ମୋର ବିବେଚନା ।
ଟାଣି ଘେନିଯାଉ ହେଲେ ମୋ ବେଦନା, ଟିକାୟିତ ତୁ ରସିକା-
ଚକ୍ରେ ସିନା । ୧୧ ।

ଠବଡ଼ିଲ ମୁଖ ସୁଧାଧାମ, ଠାଣି ତ ହିଲ୍ଲୋଳେ ନିରୁପମ,
ଠୁଳ ହେଉଥାଏ ଥରେ ଥରେ ନେତ୍ର ନୀଳକୁଞ୍ଜ ଭୃଙ୍ଗା ଶୋଭାସ୍ତୋମ ।
ଅରେ ଠିକହାସି, ଠକପଣ ପୁଣି କିଛି ଥାଏ ମିଶି ।
ଠକ୍ରାଇବ କେ ତୋ ବିଭ୍ରମରାଶି, ଠାର ନେତ୍ରାନ୍ତ ମନମୋହନପାଶୀ ।।
ଡରୁଅଛି ପର ଟେକ ଚଲ୍ଲୀ, ଡେଇଁ କର୍ଣ୍ଣପାଶ ନ ଚହଲି ।
ଡାକିଲେଣି ସଖୀ ଦେଉଅଛୁ ରଙ୍ଗି ଏବୁକୁ ଏଡିକି ହେଉ ବୋଲି ।
ଅରେ ଡାକଡକି, ଡଆଁ ମାରି ଯିବାକୁ ବସନ୍ତେ ହଟି ।
ଡକା କରଇ ମୁଁ ବନ୍ଧୁ ସରଳଟି, ଚଡ଼ାଳା କରାଇ ଅପାଙ୍ଗତଟିନୀ । ୧୩ ।
ଢାଳି ଅନୁକମ୍ପା ରସଝର, ଢଳାଇ ମୋ ଉରେ ପୟୋଧର ।
ଢୋକେ ଢୋକେ କରି ପିଅଇ ନାଗରୀମଣି ଅତି ସ୍ୱାଦୁ ଶୋଣାଧର ।
ଅରେ ଢଳାଢୋଳା, ଢାଙ୍କି ପକ୍ଷ୍ମ ଫେଡ଼ି ପୁଣି ରଚୁ ଖେଳା ।
ଢକ୍କା ସ୍ୱରରଣେ ତୋ କିଙ୍କିଣୀମାଳା, ଢମ ଢମାଣି ଶ୍ରବଣେ
ଅନୁକୂଳା । ୧୪ ।

ଅସିତ ଉଲକ ଲଲାଟରେ, ଅଳିକି ଅନାଇ ଅଳୀ କରେ,
ଅମ୍ଳାନ ଶ୍ରୀମୁଖସରୋଜରେ ମୋତେ ଅଳି କର ବୋଲି ଅଳୀକରେ ।
ଅରେ ଅନିନ୍ଦିତା, ଅଙ୍ଗୀକାର କରୁ ହୋଇ ଅନିନ୍ଦିତା ।
ଅନର୍ଗଳ ଅଧିକାର ପରିଚିତା, ଅନଳପ ସୁଖଦାନ କଳ୍ପଲତା । ୧୫ ।

---

ଉତ୍ ସଦୃଶ କୁଚ, ବଢ଼ଭି—ଚନ୍ଦ୍ରଶାଳା, ରସିକାଚକ୍ରେ—ରସିକାସମୂହରେ, ଟିକାୟିତ—ସମ୍ଭ୍ରାନ୍ତ, ଶୋଭାସ୍ତୋମ—ଶୋଭାସମୂହ, ଚଲ୍ଲୀ—ଭ୍ରୂଲତା, ଶୋଣାଧର—ରକ୍ତବର୍ଣ୍ଣ ଓଷ୍ଠ, ଅସିତ—କୃଷ୍ଣ, ଅଳକ—ଭ୍ରମରକୁ, ଅଳକର—

ତୁଙ୍ଗସ୍ତନେ ମୋତେ କରଭୋଳୁ, ତରଳ ମସାର ନୀତ କରୁ,
ତରଣିଜାତଟ ତାପିଞ୍ଛ ବିଟପ ତଳେ ନ ସଞ୍ଚରୁ ନିନ୍ଦା ଡରୁ ।
ଅରେ ତନୂଦରି, ତାକ ତରକ ତୁ ଜାଣୁ କେତେ ପରି ।
ତୁଲା ତଳକେ ଝିଲ୍ଲେକେ ନାହିଁ ସରି, ତାପତମକୁ ତପନକର ସିରି ॥
ଥାଏ ତ ବତେ ନୀରତେ ମନ, ଥରେ ମୁଁ ସ୍ମରେ ପଙ୍କାନ୍ତେ ଅନ,
ଥରୁଟିକୁ ଅଜ ଅଧିକ ନାହିଁଟି ଭ୍ରଷି ହସି କରୁ ଅଲିଙ୍ଗନ ।
ଅରେ ଥିରମତି, ଥାନ ବାକ୍ୟ ନ ରଖେ ମୋ ଚୂମ୍ବତତି ।
ଥୋକେ ହେଲେ ଜଣାଇ କା ରତିପତି, ଥବ ଥର ଭଜୁ ମୋତେ
କୁନ୍ଦଦନ୍ତୀ । ୧୭ ।
ଦୃଷ୍ଟି କୋଣ କରି ଅପଲକ, ଦେହବଲ୍ଲୀ କରି ସପୁଲକ,
ଦୃଢ଼େ ମୋ ମଧ୍ୟକୁ ଜଡୁଥିବେ ଭଜୁ ପଦାଭୂଷା କରି ବାବଦୂକ ।
ଅରେ ଦୁଃଖିଧନ, ଦୟାଜଳଧି-ମୀନ ମୁଁ ତୁ ଜୀବନ ।
ଦୂର ହୋଇଅଛି କେତେ ସୁଖମାନ, ଦୁଷ୍ଟ ଦଇବ କଲୁ ସିନା ଅନ ।୧୮।
ଧବଳୀମଣ୍ଡଳଚମ୍ପାଗଭ୍ରା, ଧର ଜିଲ୍ଲେକମୋହନ ଶୋଭା,
ଧୃତକୁ ତୁ ସିନା ଧମକାଇ ଜାଣୁ, ଧୂର୍ଜଟିପରବଲ୍ଲଭାନିଭା,
ଅରେ ଧୀରବରି, ଧରାଧର କଲେ ରମ୍ୟ ପୟୋଧର,
ଧରାଧର ପରି ଲାଗେ କା ଦୁର୍ଦ୍ଧର, ଧାରାଧରନୀଳଚେଳ କା ସୁନ୍ଦର । ୧୯ ।
ନାନାବନ୍ଧେ ରସୁ ମୋର ଚିତ୍ତ, ନିଷ୍ଠେ ଯେବେ ବୋଲେ ମୋ ଶପଥ,
ନର୍ମ ନର୍ମ ଦେଖ ବୋଲି ମୋର ସୁଖ ବରଧନା ହେଉ କା ସଂଯତ,
ଅରେ ନଳିନାକ୍ଷି, ନେତ୍ର ମନ ଦୁହେଁ ସେ ସମୟ ସାକ୍ଷୀ,
ନିତ ମାତ ମତେ କରୁ ଯେତେ ସୁଖୀ, ନିରନ୍ତରେ ତା ମାନସେ ଅଛି ରଖି ॥
ପ୍ରଣୟର ପର୍ଯ୍ୟାଲୋଚନାରେ, ପୂରିଥାଏ କୃପା ଲୋଚନରେ,
ପସନ୍ଦ ପଡ଼ିବ ବୋଲି ସିନା ମାନ ପରଦା ବନ୍ଧାଉ ବଚନରେ ।
ଅରେ ପ୍ରେମଶୀଳା, ପ୍ରିୟମ୍ବଦା ତୁହି ମୋ ନେତ୍ରପିତୁଳା ।
ପୁଷ୍ପହାସୀ ତୁହି ଜାଣୁ ପ୍ରୀତିତୁଳା, ପୁଷ୍ପଦଳ ଉପଳ ତୋ ତନୁ ତୁଲା ।୨୧।

---

-ପ୍ରାର୍ଥନା କରି, ଅଲୀକରେ—ମିଛରେ, ତରଳ ମସାର—ହାର ମଧ୍ୟର ନୀଳମଣି, ତନୂଦରି—ହେ କ୍ଷୁଦ୍ରଉଦରଧାରିଣି, ଅନ—ଗୁଣ, ଜୀବନ-ଜଳ, ଧୂର୍ଜଟିପରବଲ୍ଲଭା-ନିଭା—ରତିସଦୃଶୀ, ଦୁର୍ଦ୍ଧର—କର୍କଶ, ଧାରାଧରନୀଳଚେଳ—ମେଘପରିକୃଷ୍ଣବସ୍ତ୍ର,

ଫଟା କପାଳେ ତ ଅଛୁ ଲେଖା, ଫେରଯାଇ ନୋହୁବାକୁ ଦେଖା,
ଫେର ଲଗି ତେଳଗ୍ରନ୍ଥି ଛାଡୁଁ ଢୋଲ କରବ ନାହିଁ ଏ ଶୁଭ ଲେଖା,
ଅରେ ଫନ୍ଦାଧନ, ଫରୁଅରୁ ଫିଙ୍ଗିଦେଲି ମୁଁ କାଞ୍ଚନ ।
ଫୁଲବନବହାରିଣୀ ମୋ ଜୀବନ, ଫେର ଗୁହିଁବା ଗୁହାଣି କି ମୋହନ ॥
ବକୁଳବଲ୍ଲୀ ନିଳୟ ବନେ, ବେଢ଼ିଥିଲେ ସହଚରୀମାନେ,
ବାସନ୍ତିକ ଦଳ ବହଳ ବିଛଣା କଲେ ବେଳ ଜାଣି ଅନୁମାନେ ।
ଅରେ ବଧୂମୁଣି, ବେଶ ଫେରାଇଥିଲି ତ ଦୂରୁଁ ଦେଖି ।
ବଡ଼ ବାଲିଶ ପଛେ ରହିଲି ଲୁଚି, ବୀଣା ଦେଲା ତୋ ଶ୍ରୀହସ୍ତେ ଏକ ସଖୀ ॥
ଭର୍ମଦେହା ସରସିଜବ୍ରଜ, ଭ୍ରମରବର ମୋହନରାଜ,
ଭଣି ଗୀତେ ଏତେ ଅଳାପନ୍ତେ ମତେ ଭୁଷିଦେଲା ଭାଲେ ଝଷଧ୍ୱଜ ।
ଅରେ ଭୀରୁବର, ଭୁଷଡାଇ ଦେଇ ଫୁଲ ଅପସର ।
ଭୁଜେ ଭଉଁ ଚୁମ୍ବିଲି ସହସ୍ର ଥର, ଭାଜିଗଲା ସେ ସଙ୍ଗୀତ ଆଡ଼ମ୍ବର । ୨୪ ।
ମହାରାଜ ଜୟପୁର ଗଟି, ମାତିଥିଲେ ଯେତେ କୁଶକଟୀ,
ମୁଦିର ଶେଷରୁ ହଂସୀ ମାନସରୁ ହେଲା ପରି ହେଲେ ଗୋଟି ଗୋଟି ।
ଅରେ ମଦାଳସୀ, ମଞ୍ଜି ଲାଜେ ମୋ ତନୁରେ ଗଲୁ ପଶି ।
ମନମଥ ରଣେ ହାରଗଲା ଖସି, ମହୀ ଚୁମ୍ବିଦେଲା ଶେଫାଳିକା ଗସି । ୨୫ ।
ଯୂଥିପଣ୍ଡିତାରେ ରଚିପତ ଯାନଜିତ ରାଜହଂସଗତି ।
ଯମକ ଶୃଙ୍ଗାର ବସ ବିଭବର ତୁହି ବୋଲି ହୁଏ ମୋ ପ୍ରତୀତି ।
ଅରେ ଯୋଷାବର, ଯତିମୋହନା ବର୍ତ୍ତୁଳ ପୟୋଧର ।
ଯନ୍ତ୍ର କର ସାଜଥାଅ ଉରେ ହାର, ଯଥାର୍ଥରେ ସୁଖଦାତା ଅଟୁ ମୋର ॥
ରତିଶେଷ କାଳ ଚୂଳି ଶିରୀ, ରହିଛୁ ମୋ ନେତ୍ରଯୁଗେ ପୂରି,
ରସପ୍ରସଙ୍ଗରୁ ରଥାଙ୍ଗଭଙ୍ଗରୁ ମନ୍ଥର ମନୁଥରଥ ପରି ।
ଅରେ ରସିକାଟି, ରଙ୍ଗସ୍ଥଳୀ ମୋ ମନ ତୁ ଲାସିକାଟି ।
ରମ୍ଭା ରତି ଦ୍ୟୁତି ପରିହାସିକାଟି, ରୋଷେ କେ ଦେଲା ମୋ ଅଶାରସି କାଟି ॥
ଲୁଗାଲଗିକାଳେ ଦନେ ମୋଦେ, ଲୁଚି ଦେଖୁଥିଲି ଅପ୍ରମାଦେ,
ଲଗଡ଼ ଜରୋଜ ବନ୍ଧେକେ ସ୍ୱୟମ୍ଭୂ ଶମ୍ଭୁ ସ୍ତବ ପଢ଼ିଦେଲି ପଦେ ।

---

କାଳିଶ—ତକିଅ, ଭର୍ମଦେହା—ସ୍ୱର୍ଣ୍ଣବର୍ଣ୍ଣ ଗୌରାଙ୍ଗୀ, ମୁଦିର—ବର୍ଷାକାଳ, ମାନସରୁ—ମାନସରୋବରରୁ; ଯମକ—ପୁନରାବୃତ୍ତି ସ୍ଥଳ, ରଥାଙ୍ଗ—ଚକ, ଲାସିକା—ନୃତ୍ୟକାରିଣୀ, ରସି—ଦଉଡ଼ି, ଲଗଡ଼—ଦୃଢ଼ସଂଲଗ୍ନ, ରଦମୋତି—ଦାନ୍ତରୂପ ମୋତିକୁ ରସନାରେ ରଖି ଅର୍ଥାତ୍ ଜିଭ କାମୁଡ଼ି ଦେଇ,

ଅରେ ଲୀଳାବନ୍ତ, ଲଜ୍ଜେ ରସନାରେ ରଖି ରଦମୋନ୍ତ,
ଲୋଲେ ପଳାଇବାକୁ ବଳାତ୍ତେ ମତ୍ତ, ଲୋଭେ ଭିଡ଼ି କରାଇଲ ଅଙ୍କେ ସ୍ଥିତ ॥
ବୋଇଲ ବସ ରେ ରସବନ୍ତ, ବସନ ତ ପିନ୍ଧିଥାଇ ନିତ,
ବିବସନ ଶିରୀ ଦିବସେ ଏପରି ଦେଖିଲେ ନ କାଟେ ସ୍ମରହେତ ।
ଅରେ ବିମ୍ବାଧରା, ବିଶ୍ୱ ଲାବଣ୍ୟସାରସମ୍ଭାର-କାରୀ ।
ବରଷିଲୁ ପୁଣି ସ୍ମିତ ସୁଧାଧାରା, ବକ୍ଷେ ଜମାଇଲୁ ତହୁଁ ଫେଣ ହାରା ।୨୯।
ଶୃଙ୍ଗାରକୁ ତ ମୁଁ ରଙ୍କ ପରି, ଶଶଧରକୁ ସୁରଙ୍କ ପରି,
ଶିରୋଗର୍ଭ କରୁ ଶୋଣକଞ୍ଜନିଭ ଚରଣୀ ଯାଏ ଚୁମ୍ବିଲି ଧରି ।
ଅରେ ଶଶିହାସି, ଶାତପ୍ରବାହେ ନାଇଁ ଦୁହେଁ ଭାସି ।
ଶିରୀ ମଘବାର ହୋଇଗଲା ଦାସୀ, ଶର୍ମ ଏପରି ସ୍ୱପ୍ନ ହୋଇଲା ଆସି । ୩୦ ।
ଷଟ୍‌ପଦଚୁମ୍ବିତ ପୁଷ୍ପପୁଞ୍ଜେ ଷଟରତୁ ରମାପୂର୍ଣ୍ଣ କୁଞ୍ଜେ,
ଷଡ଼ାନନତାତ ପରିପନ୍ଥି-ରଣେ ଚୁମ୍ବିବା ନିକା ତୋ ମୁଖକଞ୍ଜେ ।
ଅରେ ଷୋଳବୟୀ, ଷଷ୍ଟି ଦଣ୍ଡ ହୋଇବି ତୋ ତନୁଗ୍ଲୟୀ ।
ଷଡ଼ୁପାୟେ ହେବୁ କୃତ ପରିଚୟୀ, ଷଟ ଦୁଇ ଶ୍ରୁତ କରିବେ କି ଦୟୀ ।୩୧।
ସୁନ୍ଦରୀ ଚକ୍ରବର୍ତ୍ତିନୀ ବାନା, ସଂସାରେ ସୁନ୍ଦର ତତେ ସିନା,
ସୁରସୀମନ୍ତିନୀ ଗୁଡ଼ାକ ତ ଅନିମିଷ ଦୋଷୁ ନେତ୍ରଲୀଳାହୀନା ।
ଅରେ ସୃଷ୍ଟିଶୋଭା, ସବେ ଉପମା ତୁ ହୋଇଥିଲେ ଉଭା ।
ସପ୍ତମଧମା ନିର୍ଲୋକୀ ନିରଗଭା, ସପ୍ତସ୍ୱରୀଙ୍କର ତୁ ସଙ୍ଗୀତସଭା । ୩୨ ।
ହସି ମାତ୍ର ହୋଇ ରସଲୋଲ, ହରିବା ପୁରୁବ ପରି କାଳ ।
ହରିତାଳଗୋରୀ ଶ୍ରୀଅଙ୍ଗରୁ ମୁହିଁ ହରିବି କି ସତେ ନୀଳଚେଳ ।
ଅରେ ହାଟୀଗତି, ହାଟକପାଳ ଦେବ କି ଏ ସମ୍ପତ୍ତି ।
ହାରସ୍ଥଳେ ବନ୍ଧୁଥିବି ତତେ ନିତ, ହଜିପିବ ମାନସରୁ ଏ ବିପତ୍ତି । ୩୩ ।
କ୍ଷୋଭ ଲେଶକୁ ନ ରଖି ମନେ, କ୍ଷଣେ ହେଲେ ଅତି ସାବଧାନେ,
କ୍ଷିତୀନ୍ଦ୍ର ବାଲୁକେଶ୍ୱର ଦେବ ଲୋକେ ବଞ୍ଚିବ କି ତୋ ଚରଣ ଧ୍ୟାନେ ।
ଅରେ କ୍ଷିତିଭୂଷା, କ୍ଷପାମୟୂଖବଦନା ବରଯୋଷା ।
କ୍ଷତ ହୋଇ ଯାଉଛନ୍ତି ମୋ ପ୍ରତି ଆଶା, କ୍ଷୁଣ୍ଣ ନୋହି ପୁରିଲା ଏ ଚଉତିଶା ॥

---

ସ୍ମରହେତ—କନ୍ଦର୍ପଅସ୍ତ୍ର, ଶିରୋଗର୍ଭକ—କେଶ, ଶୋଣକଞ୍ଜନିଭ—ରକ୍ତପଦ୍ମ ସଦୃଶ, ଶାତ—ସୁଖ, ଶିରୀମଘବାର—ଇନ୍ଦ୍ରସମ୍ପତ୍ତି, ଶର୍ମ—ସୁଖ, ଷଷ୍ଟିଦଣ୍ଡ—ସମଗ୍ର ଦିବା ଓ ରାତ୍ରି, ଷଟ୍ ଶ୍ରୁତ—ବ୍ରହ୍ମା, ସୁରସୀମନ୍ତିନୀ···ଲୀଳାହୀନା—ଦେବଲୋକରେ ସ୍ତ୍ରୀମାନଙ୍କର ଚକ୍ଷୁରେ ନିମେଷ ପାତ ହୁଏ ନାହିଁ; କ୍ଷପାମୟୂଖ—ଚନ୍ଦ୍ର ।

( ୯ )

## ସର୍ପ ଜଣାଣ

### ରାଗ—କାମୋଦୀ

ବାଧିଲା ଜାଣି କ୍ଷମା କର ନୋହିଲେ ରମାରମଣ ଦଣ୍ଡେ ଦିଅ ଠାଲ । ତୁମ୍ଭଙ୍କୁ ଜଗନ୍ନାଥ ଅଜ ମୋ ମନୋରଥ ଭରତି କର ଦେବା ଗାଲ ହେ କୃପାନିଧି । କରୁଣାସିନ୍ଧୁ ବୋଲି କର, କହନ୍ତି ବୁଧେ ଉର ମର । କାଳସର୍ପ ଅପଣ, କବଳ କର ପ୍ରାଣ-ପବନମାନଙ୍କୁ ସବୁର ହେ କୃପାନିଧି । ୧ । ଜଳଧି ଅନ୍ତେ ନିଜ, ଘର ଦେବାଧିରାଜ, ବୁଡ଼ାଇ ଦେଇଛ ଅପଣ । ତୁମ୍ଭର ସିନା ଘେନ, ଅଶ୍ଚର୍ଯ୍ୟ ନୁହେ ଆନ, ଜନର ଘରବୁଡ଼ାପଣ ହେ କୃପାନିଧି । ଭୁଜଙ୍ଗ ସାମ୍ୟ ଅମ୍ଭ ତୁଲେ, ବତାଅ ବୋଲି ଅଜ୍ଞା ହେଲେ, ମୁଁ ନୁହେଁ ଘରବୁଡ଼ା, ବତାଇବାକୁ ଛୁଡ଼ା ହୋଇଛୁ ବତାଇବ ଭଲେ ହେ କୃପାନିଧି । ୨ । ତାହାକୁ ବୋଲି ଚକ୍ରୀ, ଚକ୍ରଥିବାରୁ ଚକ୍ରୀ, ତୁମ୍ଭେ ତ ବୋଲାଅ ମଣ୍ଡଳେ । ବୋଲାଇ କୁଣ୍ଡଳୀ ସେ ଅପଣ ତ ବିଶେଷେ ଭୂଷିତ ମକର କୁଣ୍ଡଳେ ହେ କୃପାନିଧି । ଅଦୃଶ୍ୟ ହେବ ରୁ ତ ପାଦ, ତାହାକୁ ବୋଲି ଗୂଢ଼ପଦ । ଅପଣା ଚରଣ ତ ବିରଞ୍ଚିକୁ ଗୁପତ କାହିଁ ତାଠାରୁ ତୁମ୍ଭ ଭେଦ ହେ କୃପାନିଧି । ୩ । ହେବ ବା ଅବଧାନେ, ତାହାକୁ ତିଭୁବନେ, ବୋଲନ୍ତି କାକୋଦର ନରେ । ଏ ତ୍ରିପିଷ୍ଟପଯାକ ମଧ୍ୟେ ଗୋଟିଏ କାକ ନାହିଁ କି ତୁମ୍ଭର ଉଦରେ ହେ କୃପାନିଧି । ବିବରେ ସେ ଅତି ଲମ୍ପଟ, ବିବର ବିହଙ୍ଗମ ରାଟ, ବିଧିରେ ସେ ଲମ୍ପଟ, ଅପଣ ସେ ତ ପଟପଟଳେ ହୋଇଅଛ ସ୍ଫୁଟ ହେ ମହାପ୍ରଭୁ । ୪ । କାନ ନ ଥାଇ ଅକ୍ଷି, ଭୁଜଙ୍ଗଠାରେ ଦେଖି, ନୟନଶ୍ରବା ବୋଲି ତାକୁ । କହ କମଳାନନ କାହିଁରୁ ତୁମ୍ଭ କାନ, ସର୍ପ ବୋଇଲେ ଚଳିବାକୁ ହେ କୃପାନିଧି । ଫଣିକାୟାକୁ ବୋଲି ଭୋଗ, ଥିବାରୁ ସେ ଦୁଇ ସଂଯୋଗ. ତାହାକୁ ବୋଲି ଭୋଗୀ ତୁମ୍ଭେ କି ନୁହ ଭୋଗୀ କରୁଯା ଅଛ ମହାଭୋଗ, ହେ କୃପାନିଧି । ୫ । ଯେବେ ଭୁଜଙ୍ଗ ନୁହ, କାଳିୟଠାରେ ଦ୍ରୋହ କଲ କାହିଁକି ଏଡ଼େ କର । କେତେ ନ ଥିଲେ ଗୋପେ,

---

୯ । ଟୀକା—କବଳ କର ପ୍ରାଣପବନମାନଙ୍କୁ ସବୁରି—ସମସ୍ତଙ୍କର ପ୍ରାଣରୂପ ପବନକୁ ନେଇଯାଅ । ( ସର୍ପ ପକ୍ଷରେ—ସର୍ପ କେବଳ ପବନ ଖାଇ ବଞ୍ଚେ । ) କାକୋଦର—(କାକବକ୍ରଗାମୀ ଉଦର ଯାହାର) ସର୍ପ, ଶ୍ଳେଷାର୍ଥ ହେଲେ—କାକ—କୁଆ ଉଦରରେ ଯାହାର, ବିବର—ଗାତ, ଅନ୍ୟନ୍ତ ବି ଅର୍ଥାତ୍ ପକ୍ଷୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଗରୁଡ଼, ପଟ—ଚର୍ମ ଓ ସାପକାତି, ପଟଳ—ସମୂହ ।

ତୁମ୍ଭେ କାହିଁକି କୋପେ, ତାହାକୁ ଦେଲ ପ୍ରାଣେ ମାରି ହେ କୃପାନିଧି ॥ ତାହାର ନାମେ ତୁମ୍ଭ ନାମ, ଅଦ୍ୟାପି ହେଉଛି ଜନମ, ଯେବେ ସ୍ୱଗୋତ୍ର ଦ୍ରୋହ, ନ ଥାନ୍ତା ନାଥ କହ କିପାଇଁ ହୁଅନ୍ତା ଏ କ୍ରମ ହେ ମହାପ୍ରଭୁ ।୬। ଜାଣି ବାଳୁତକାଳୁ, ଲବଣୀ ହାଣ୍ଡିତଳୁ, ଧରି ପାଶରେ ଦୃଢ଼େ ଭିଡ଼ି । ଦୟା ନ କରି ତଳେ, ଯାମଳା ତରୁତଳେ ଜନନୀ ନେଇ ଦେଲେ ଛାଡ଼ି ହେ କୃପାନିଧି । ଯେତେକ ଥିଲା ଗର୍ବେ ପଣ୍ଡ, ଜୀର୍ଣ୍ଣ ହେବାକୁ ହେଲା ଭଣ୍ଡ, ତନି ଜଗତ ଯାକେ, ଜାଣି ତ ଥିବେ ଲୋକେ ସେ ତରୁ ପିବାର ଜପୁଣ୍ଡ ହେ କୃପାନିଧି । ୭ । ବ୍ରହ୍ମା ଶଙ୍କର ମୁଖ୍ୟ, ଦେବଙ୍କଠାରୁ ମୋକ୍ଷ-ପ୍ରଧାନ ଧନ ଗୁଡ଼ା କଲ । ପତିତଙ୍କୁ ନ ପୋଷି,-ବାରୁ କ୍ରମରେ ଅଶୀବିଷ ଫଣୀଏ ଅଭ୍ରସିଲ ହେ କୃପାନିଧି । ଅସାବଧାନେ ଗଲେ ମିଳି, ଗୋଟିକୁ ଗିଳଇ କୁଣ୍ଡଳୀ, ଅଗଣିତ ବ୍ରହ୍ମାଣ୍ଡ ହାଣ୍ଡିମଣ୍ଡଳୀ ଚୂର୍ଣ୍ଣ କରି ଅପଣେ ଅଛ ଗିଳି ହେ କୃପାନିଧି ।୮। ଅହିତ ବୋଲାଏ ସେ, ଏକ ଅକ୍ଷର କୋପେ, 'ଅ'ହିତ ବୋଲାଅ ନିପୁଣେ । କଂସ ପ୍ରମୁଖାସୁର ବିପକ୍ଷପ'ନଙ୍କର ଅହିତ ହୋଇଛ ଅପଣେ ହେ କୃପାନିଧି । ଜଗତେ ଧରି ଯେବେ ଅହି, ଘଟ ଗୋଟିକେ ନେଇ ଥୋଇ, ଅଛ ଯାବତ ଘଟେ, ବଞ୍ଚାଅ ଯେ କପଟେ, ମୋର ହାବୁଡ଼ୁ ଯିବ କାହିଁ, ହେ କୃପାନିଧି । ୯ । କେଉଁ ଶିଶୁ କାମିନୀ ସ୍ତନ୍ୟପାନରୁ ଯେନି ଜୀବନ ଯାଇଛି ଜଗତେ । ଶୋଷି ପୂତନା ପ୍ରାଣ, ଯେନିବାର ଜୀବନ, ନାହିଁକି ତୁମ୍ଭ ଦ୍ରବ୍ୟ ଶତେ ହେ କୃପାନିଧି । ସକଳ କଥା ମୋର ଦେଖି, ଅଛନ୍ତି ଲକ୍ଷ ଲକ୍ଷ ସାକ୍ଷୀ, ବ୍ରଜେ ଭୁଜଙ୍ଗ ଗୃହ୍ଣ, କରି ମୁଁ ନାହିଁ ବୋଲି, ଲୁଅଁ ତ ଥରେ ଚକାଆଖି ହେ କୃପାନିଧି । ୧୦ । ନୁହେ ଅବାସ ଘର, ମାନସ ସରୋବର ଶୁଭିଲା ନାଗେଶ୍ୱର ରବ । କ୍ଷଣେ ନ ରହି ଧାଇଁଗଲଟି କାହିଁପାଇଁ, ଅଜ ନ ଥିଲେ କେତେ ଦେବ ହେ କୃପାନିଧି । ମନ୍ତ୍ର ଜାଣିବା ଲୋକେ ବଶ, ହୁଅନ୍ତି ସବୁ ଅଶୀବିଷ, ମନ୍ତ୍ରାଧୀନ ତ ତୁମ୍ଭେ, ବଞ୍ଚାଉଅଛ ଦମ୍ଭେ, ଭୁଜଙ୍ଗ ନୁହ ଅଜ କିସ ହେ କୃପାନିଧି । ୧୧ । କହଇ କବିସୂର୍ଯ୍ୟ ନାଥ ନୁହ ଅଧୈର୍ଯ୍ୟ ଏଣିକି ମହତ ନ ଯାଉ । ମୁଁ ତୁମ୍ଭ ପରଗୃହ, ଜାଣିଲେ କି ବଗୃହ ଇତରେ ନ ଜାଣନ୍ତୁ ଅଜ ହେ କୃପାନିଧି । ଯେତେବେଳେ ମୋ ଅନ୍ତ ହେବ, ଏତିକି ମାତ୍ର ମୋତେ ଦେବ, ପରେତରାଟଦ୍ୱାରସୀମାରୁ ପରିହାର କରାଇ ଯହିଁ ତହିଁ ନେବ ହେ କୃପାନିଧି । ୧୨ ।

---

ଗୁଡ଼ାକଲ—ଏକଗୃଟିଆ କଲ । ଅ—ବିଷ୍ଣୁ, ଅହିତ—ଶତ୍ରୁ, ଭୁଜଙ୍ଗ—ସର୍ପ ଓ ବିଟପୁରୁଷ, ନାଗେଶ୍ୱର—ହସ୍ତିଶ୍ରେଷ୍ଠ ଓ ସାପୁଆକେଳାର ବାଦ୍ୟଯନ୍ତ୍ର, ପରେତରାଟ—ଯମ ।

## ( ୧୦ )

## ଜଗନ୍ନାଥ ଜଣାଣ

### ରାଗ—ତୋଡ଼ିପରକ

କ୍ଷୀରମସ୍ତୁ ସିନ୍ଧୁ-କେମାଜୀବବନ୍ଧୁ, ତୁମ୍ଭେ ତ ଜଗତପତି । ଦେଖି ସମ-ଦୃଷ୍ଟିପତାକାକୁ ପୁଣି ଏ କି ପକ୍ଷପାତ ରୀତି ହେ ମହାପ୍ରଭୁ । କେ କି କଲା-ମୁଁ ନ କଲି । କେ କି ଦେଲା ଅବା ମୁଁ ଅବା ନ ଦେବା ଘେନି ଏତେ ସତ ହେଲି ହେ ମହାପ୍ରଭୁ ।୧। ମୃଗ ଯୁବତୀକି ରଖିଲ ଯେ ନାଶି ମୃଗୟୁ ବିଦ୍ବେଷ-ଦାଉ । ଚରଣପଙ୍କଜ ସ୍ମରଣ ବିନା ସେ କିସ କରିଥିଲା ଆଉ ହେ ମହାପ୍ରଭୁ । କୁମ୍ଭୀର ଗ୍ରାସନ୍ତେ ଗାନ୍ଧ । ଜନେ କହିବାରେ ଅନେକପ-ରଜା ମନେ କଲା-ସିନା ମାନ୍ଧ ହେ ମହାପ୍ରଭୁ । ୨ । ନୃପସଭା ମଧ୍ୟେ ଅସ୍ଥିର ହୁଅନ୍ତେ ଦ୍ରୁପଦ-ସୁତା ଆବର । ଧ୍ୟାନରୁ ତ ଆନ କିଛି କରିବାର କାନ ଶୁଣି ନାହିଁ ମୋର ହେ ମହାପ୍ରଭୁ । ହିତେ ଯେ ଥାଅ ନିରତେ । ଲକ୍ଷ ଦେଇଥିଲେ କାଞ୍ଚନ-କେତେ କି ପାଞ୍ଚ ପଣ୍ଡୁରାଜ ସୁତେ ହେ ମହାପ୍ରଭୁ । ୩ । ରୂପରେ କେଳଡି-ଉପରେ ପତାକା ଦିଅଇଲ ଯେ କୁଜୀକି । ଯାହା ହୋଇଥିଲା ଯହିଁ ହେଲା ତୁମ୍ଭ ପ୍ରସାଦବଶୁଁ ରଙ୍ଗିକୀ ହେ ମହାପ୍ରଭୁ । ଜଗତେ ତ ତାହା ଜଣା । ଅନ୍ଧକୁ ନେତ୍ର ମିଳିବାରୁ ହୋଇଛି ଯଶ ଡିଣ୍ଡିମ ବାଜଣା ହେ ମହାପ୍ରଭୁ ।୪। ନଳକୁବରଙ୍କ ଚରିତକୁ ବୁଧେ ବଳକୁ ଅଛନ୍ତି ଏବେ । ପ୍ରହ୍ଲାଦକୁ ମହା-ଆହ୍ଲାଦ ଅର୍ପଣ କରିଛ ପରା ପୂରୁବେ ହେ ମହାପ୍ରଭୁ । ମୁନିଙ୍କ ଆଶ୍ରମ-ଶିଳା । ତୁମ୍ଭଙ୍କୁ କି ଉପକାର କରି ରୂପବତୀ ହୋଇ ଚଳିଲା ହେ ମହାପ୍ରଭୁ । ୫ । କେବଳ ସୁଦାମା ଦ୍ୱିଜ ନିଜ ଶକ୍ତି ଅନୁରୂପ ଆଚରିଲେ । ଗଳିତାଏ ଖୁଦ ନଜର ଦେବାରୁ ଫଳ ତାଦୃଶ ଲଭିଲେ ହେ ମହାପ୍ରଭୁ । ଆଉ କେ କି କଲା କହ । କାହା କାମକୁମ୍ଭ ପୂରି ନାହିଁ ତୁମ୍ଭ ଅହେତୁକ ଅନୁଗ୍ରହ ହେ ମହାପ୍ରଭୁ । ୬ । ଅନନୁଗତ ତୋ ମନ ନୋହେ ବୋଲି ଅଙ୍କା ହେବ ଅବା ମୋତେ । ନାମ ସ୍ୱସୁତର ଡାକିବାରୁ

---

୧୦ । ଟୀକା—ମୃଗୟୁ—ଶିକାରୀ, ବାଣୁଆ; ଅନେକପ-ରଜା—ଗଜରାଜ, ଦେବର୍ଷି ନାରଦଙ୍କ ଶାପରେ ନଳକୁବର ଯମଳାର୍ଜ୍ଜୁନରୂପରେ ଜନ୍ମିଥିଲେ, କୃଷ୍ଣାବତାରରେ ଭଗବାନ୍ ତାହାଙ୍କୁ ଉଦ୍ଧାର କରିଥିଲେ—ଭାଗବତ କଥା; ଗଳିତାଏ—ପୋଷେ, ନଜର—ଭେଟି ।

ଦିବ୍ୟଧାମ ଲଭିଲେ କେମନ୍ତେ ହେ ମହାପ୍ରଭୁ । ଅଜାମିଳ ମହାସୁର । କେଉଁ ସାବଧାନ ହୋଇ ନାମଗାନ କରିଥିଲେ ସେ ତୁମ୍ଭର ହେ, ମହାପ୍ରଭୁ ।୭। କବିବର ବାସୁଦେବ ଯୋଡ଼ି କରଯୁଗକୁ ଛାମୁରେ କହେ, ଭଲ ଅବା ମନ୍ଦ କରିବାକୁ ତ ମୁଁ ମୋହର ଅସ୍ୱତନ୍ତ୍ର ନୁହେ ହେ ମହାପ୍ରଭୁ । ସବୁ ତୁମ୍ଭ ଇଚ୍ଛା ବିନା, ରଖ ବା ନ ରଖ ମୋହର ଗତି ତ ପତିତପାବନବାନା ହେ ମହାପ୍ରଭୁ । ୮ ।

( ୧୧ )

## ମହାବାହୁ ଜଣାଣ

### ରାଗ—କାମୋଦୀ

କମଳବାସିନୀପ୍ରାଣବାନ୍ଧବ ହେ ଅତିବାଣ କମନୀୟ କଳାମୁଖଚନ୍ଦ୍ର । କମ୍ବୁମଧ୍ୟପୁରୀ ନୀଳବସୁନ୍ଧରାଧରଚୂଳ ଗୁହାଗୃହ ବିହାରୀ ପାରୀନ୍ଦ୍ର ହେ । ମହାବାହୁ । କଉଣପକୁଳକ୍ଷୟଦକ୍ଷ, କୃପଣକାମିତ କଳ୍ପବୃକ୍ଷ, କହୁ ନୋହିବା କଦନ, ସିନ୍ଧୁ ନିମଜ୍ଜଜନ କର୍ଣ୍ଣଧାରବର ରକ୍ଷ ରକ୍ଷ ହେ । ୧ । ଖଣ୍ଡପରଶୁ ବନ୍ଦନ, ମୁରଲୀସୁସାବଧାନ, ଖମଣିମଣ୍ଡଳମଧ୍ୟବାସୀ । ଖଗାଧିପଧ୍ୱଜ ବ୍ରଜ-ଖଞ୍ଜନନେତ୍ରାସମାଜ, ଚଞ୍ଚଳା କୌତୁକ ଅଭିଳାଷୀ ହେ ମହାବାହୁ । କ୍ଷୀଣଜନଙ୍କର ଅନ୍ତଃସାର, ଖଣ୍ଡିତ ମେଦନୀ ଭୟଭାର, ଖରମୟୂଖର ପୁତ୍ର ଚରକର କରପତ୍ର ଦରନିବାରଣ ଦୟାକର ହେ । ୨ । ଗହନେ ଗର୍ଭିଣୀ ଏଣୀ, ଗରଷ୍ଟ ଶ୍ୱାପଦ ପୁଣି, ଗୁହାର ଗର୍ଭକୁ ସ୍ତୁତି କଲା । ଗୋତ୍ର ଅମିତଙ୍କୁ ଫରମାସିବା ମାତ୍ରକେ ତାର କେଡ଼େ ବଡ଼ ଦର ଦୂର ହେଲା ହେ । ମହାବାହୁ । ଗୋପେ ଗୋବତ୍ସା ଗୋପିକା ଗୋପ, ଗ୍ରାସି ଦେଉଥିଲା ଶକ୍ର

---

୧୧ । ଟୀକା—କମଳବାସିନୀ—ଲକ୍ଷ୍ମୀ, କମ୍ବୁମଧ୍ୟପୁରୀ—ଶଙ୍ଖକ୍ଷେତ୍ର, ପାରୀନ୍ଦ୍ର—ସିଂହ, କୌଣପକୁଳ—ଅସୁରବଂଶ, କୃପଣକାମିତ କଳ୍ପବୃକ୍ଷ—ଦରିଦ୍ରଲୋକଙ୍କର ପ୍ରାର୍ଥନାପୂର୍ଣ୍ଣ କରିବାରେ କଳ୍ପବୃକ୍ଷ ସଦୃଶ, ଖଣ୍ଡପରଶୁବନ୍ଦନ—ଶିବଙ୍କ ପୂଜ୍ୟ, ଖମଣିମଣ୍ଡଳ—ସୂର୍ଯ୍ୟମଣ୍ଡଳ, ଖଗାଧିପଧ୍ୱଜ—ହେ ଗରୁଡ଼ଧ୍ୱଜ, କ୍ଷୀଣଜନ—ତପସ୍ୱୀ, ଖରମୟୂଖପୁତ୍ର—ସୂର୍ଯ୍ୟପୁତ୍ର ଯମ, ଚରକର—ଦୂତ ହାତରେ ଧରିଥିବା, କରପତ୍ର—କରତ, ଦର—ଭୟ, ଗୋତ୍ରଅମିତ—ଇନ୍ଦ୍ର; ଉପଦ୍ରାପ—ଅମଙ୍ଗଳ; କରଜ—ନଖ, ନାଗନାଥ—ଗଜରାଜ, ନକ୍ର—କୁମ୍ଭୀର, ଅକ୍ଷଖେଳ—ପଶାଖେଳ,

କୋପ, ଗୋବର୍ଦ୍ଧନ ଗିରିଛନ୍ଦ, ଟେକି ଟେକି ପଦ୍ମନେତ୍ର ବହିଲ ସେ ଉତ୍ପାତ ଲୋପ ହେ । ୩ । ଘନାଘନଘଟା ଘୋର, ନୃଶଂସ ହିରଣ୍ୟାସୁର ବାଞ୍ଛି ନିଜ ତନୁଜର ବଧ । ଘର୍ମାକ୍ତ ତୀବ୍ରକୋପରେ, ଘଟାଇଲା ତା ଉପରେ, ବଜ୍ରାଧିକ ଅନେକ ଆୟୁଧ ହେ । ମହାବାହୁ । ଘେନି ଯୁବାସିଂହ ଅବତାର, ଘାତ-ମାନ୍ଦକରେ କରଜର, ଘଟୀ ଅଙ୍କରେ ଭକ୍ତ ପ୍ରହ୍ଲାଦର ଭୟମୁକ୍ତି, କଲ ପରି ତୁମ୍ଭେ ଚକ୍ରାୟୁଧ ହେ । ୪ । ନାଗନାଥକୁ ସଲିଲେ, ନନ୍ଦ ଆକର୍ଷିଲ କାଳେ, ଲକ୍ଷ୍ମୀ ଅଙ୍କ ଖେଳେ ଥିଲ ମାତ । ନିରେଖି ସାରକୁ ଭଲେ, ନିମେଷ ମଧ୍ୟେ ଦେଖିଲେ, ନାଗାରି ହେବାର ଖର ଶ୍ୱାସୀ ହେ । ମହାବାହୁ । ନନ୍ଦ କଣ୍ଠିନରୁ ଚନ୍ଦ୍ରଧର, ନିନ୍ଦୁଥିଲ ବନ୍ଧୁକ ପ୍ରକର, ନିଖିଳ ଲୋକେ ଏ ଯଶ ନାଚୁଛି ହେ ଜଗଦୀଶ, ନୋହିଲଟି କେଉଁ ଖ୍ୟାତ କର ହେ । ୫ । ଚତୁର୍ଦ୍ଦଶ ଲୋକେ ଯେଉଁ, ଚନ୍ଦ୍ରପରାକ୍ରମ ଗାଉଅଛନ୍ତି ଅଭୟ ପାଇ ନିତ । ଚକାନୟନ ହେ ସେହି, ଚନ୍ଦ୍ରକୁ ଶ୍ରୀକରେ ବହି, ଗୃହୁଁଛ ତ ମୋହର ବିପତ୍ତି ହେ, ମହାବାହୁ । ଚରାଚରେ ଶନ୍ଦ ଅନ୍ତ ହେଲା, ଚକୋର କି ଚନ୍ଦ୍ର ନ ପାଇଲା, ଶୁଣୁଛି ମୁଁ ଶରନ୍ତନ ହେବାରୁ ତାର୍କ୍ଷ୍ୟକେତନ, ଶରାଳ କି ଶରା ହୋଇଗଲା ହେ । ୬ । ଛଳପତି ବେଶ ଧରି, ଛଦନ ଶାଳାରୁ ହରି ନେଲା ଯେ ଦେବୀକୁ ସୁରାମିନ୍ଦ । ଛେଦ ତାହାକୁ ମାର୍ଗଣେ, ଛୁଦ୍ର କୁହା ବାଳୀପଣେ, ଟେକାଇଲ ଆପଣେ ତ ଛନ୍ଦ ହେ, ମହାବାହୁ । ଛୁର ଦୁଃଖ କେତେ ଅବା ମୋର, ଛାୟାନାଥ ତୁମ୍ଭେ ସେ ଅନ୍ଧାର, ଛନ୍ଦେ ବଳଦ୍ୱାର ଖଗ ଦ୍ୱିଜେନ୍ଦ୍ର ବେଶେ ତା ଯଜ୍ଞ ଛଡାଇଲ ପରମଈଶ୍ୱର ହେ । ୭ । ଜଗତେ ଜାଣନ୍ତି ଜନ, ଯାହା କଲା ଦୁଃଶାସନ, ଦ୍ରୁପଦ ଜେମାକୁ ସଭାତଳେ । ଜଳଜ ଚରଣେ ସ୍ତୁତି କଲେବାରୁ ମହାସତୀ, ପ୍ରତିଷ୍ଠା ତୁଟିଲା ନାହିଁ ତଳେ ହେ, ମହାବାହୁ । ଜମା ହୋଇଥିଲେ ଯେତେ ଜନ, ଜଣେ

---

ନାଗାରି — ଗରୁଡ଼, ବନ୍ଧୁକ ପ୍ରକାର — ବଧୁଲି ଫୁଲ, ରକ୍ତବର୍ଣ୍ଣ ସ୍ତବକ, ତାର୍କ୍ଷ୍ୟକେତନ — ଗରୁଡ଼ଧ୍ୱଜ, ଶରନ୍ତନ — ପୁରୁଣା, ଶରାଳ — ପତାକା, ଛଦନଶାଳା — ପତ୍ର କୁଡ଼ିଆ, ସୁରାମିନ୍ଦ — ଦେବଶତ୍ରୁ ରାବଣ; ମାର୍ଗଣ — ବାଣ, ଛାୟାନାଥ — ସୂର୍ଯ୍ୟ, ଜଳଜଚରଣେ — ପଦ୍ମପାଦରେ, ଅପଘନ — ଶରୀର, ଜଠର — ଉଦର, ଗର୍ଭ; ଉମ୍ବାଳ — ପଙ୍କ, ଝଷ — ମାଛ, ନିରୟ — ନରକ, କୁକ — କୁକଳାସ (?) ଏଣ୍ଡୁଅ; ନାକନିତମ୍ବିନୀ — ସ୍ୱର୍ଗନାରୀ, ପ୍ରସୂନ — ଫୁଲ, ପୀନ — ସ୍ଥୂଳ, ମୋଟା, ବାହୁବୃନ୍ଦାରକମହୀରୁହ — ବାହୁରୂପ ସୁବୃହତ୍‌ବୃକ୍ଷ, ଅନାତପ — ଛାୟା, ଠାଣି —

ଦେଖି ନାହିଁ ଅପଘନ, ଜୟିବବେ ଜଗତ୍ରୟ ଜଠର ପୂରିଲା ଭୟ ନିବାରଣି-ଜଳଧିଶୟନ ହେ । ୮ । ଝଞ୍ଜାନିଳେ ଝାଡ଼ଦଳ ଝଡ଼ିଗଲା ପର ଜଳ, ଝରିଗଲା ପର ଫଳ ଘଟୁ । ଝାଙ୍କି ମନସ୍ତାପ ଭୟ ଅମଳେ ମୋ ଆୟୁଷୟ, ହେଇଲାଣି ଧ୍ୟାନଦୟାପଟୁ ହେ, ମହାବାହୁ । ଝଟତ ମୋ ଅଭିଳାଷପୂର, ଝିମିଟ ହେଲାଣି ମନ୍ୱନ୍ତର, ଝାଞ୍ଜିତପ୍ର ଅଳ୍ପ ଜଳ ଜମ୍ବାଳ ବର୍ଣ୍ଣ ବ୍ୟାକୁଳ ଝସଦଶା ହୋଇଲା ମୋହର ହେ । ୯ । ନୃଗ ନାମେ ନୃପବର ନିରସ୍ତେ ନିମଜ୍ଜି ଶରକାଳୁ ହୋଇଥିଲେ କୃକଳସ । ନବୀନ ନୀରଦ ନିନ୍ଦା, ନବ ରତନବସନ୍ଧା, ଶ୍ରୀହସ୍ତେ ତାହାଙ୍କ କର ଧରି ହେ, ମହାବାହୁ । ନେଇ ଯିବାକାଳେ ତୁଲେ ତୁଲେ, ନିରେଖି ତାହାଙ୍କ ଟେକ ଭଲେ, ନାକ ନିତମ୍ବିନୀମାନେ, ନନ୍ଦନବନ ପ୍ରସୂନେ, ନିତ ନିତ ଉପହାର ଦେଲେ ହେ । ୧୦ । ଟେକଛୁ ଅଦ୍ୟାପି ପୀନ, ବାହୁଯୁଗଳକୁ ଧୀନ, ଜନରେ ଥୟ ଦେବାକୁ ଚିନ୍ତା । ଟାକ ରହିଛୁ ମୁଁ ସେହି ବାହୁବୃନ୍ଦାରକ ମହୀରୁହ ଅନାତପକୁଟି ନିତ ହେ ମହାବାହୁ । ଟିକିଏ କରୁଣା ଜାତ ହେଉ, ଟୋପାଏ ତହୁଁ ଏ ଟେକା ପାଉ, ଟାଳି ଦେଲେ ଭବଗାହ୍ମୀ, ଦୁର୍ଗତି ଦୁଃଖକୁ ମୁହିଁ, ଟମକ ପିଷ୍ଟପେ ବାଜଯାଉ ହେ । ୧୧ । ଠଣାଦାରପରି କାଳ, କରରେ ଧରି କରାଳ, ଦଣ୍ଡ ଜଗି ରହିଅଛୁ ଠଣା । ଠିକମାର୍ଗ ପରିହରି, ଠକ ଅଚରଣ କରି ବଞ୍ଚିବା ଜନ୍ତୁର କି ଠିକଣା ହେ, ମହାବାହୁ । ଠଉରଥିବାର ଏ ଜଗତେ, ଠଉରାଇ ଗତ ହିତାହିତେ, ଠାକୁରମାନଙ୍କ ମଥାମଣି ହେ ମୁଁ କେଉଁକଥା କରିବି ବଗ୍ର ଦବ୍ୟ-ଶତ୍ରେ ହେ । ୧୨ । ଡାକ୍ତ ଗଜରବେ ଅଣି ବନ୍ଦନୀୟ ଜନ ପାଣି, ପଦ୍ମେ ଦେଉ ନାହିଁ ବରାଟକୀ; ଡୁବାଇ ନାହିଁ ମସ୍ତକ, ମନ୍ଦାକିନୀ ହ୍ରଦୋଦକ-ପୁରେ ପଶି ହରି ହରି ଡାକି ହେ, ମହାବାହୁ । ଡରୁଛୁ ଯେ ଯମୁରେ

---

ଦେଲେ—ଦୂରକରି ଦେଲେ, ଏଡ଼ି ଦେଲେ; ଟମକ—ନାଗରାବାଦ୍ୟ, ପିଷ୍ଟପେ—ଜଗତରେ, ଠଣାଦାର—ପ୍ରହରୀ, ପହରାବାଲା; ଠଣା—ସ୍ଥାନ, ବରାଟକୀ—କଉଡ଼ି, ମନ୍ଦାକିନୀହ୍ରଦୋଦକପୁରେ—ଗଙ୍ଗା ନଦୀର ଜଳପ୍ରବାହରେ, ଡମ୍ଭ—ଶିଶୁ, ଅଜ୍ଞ; ମାପ୍—କ୍ଷମା, ଡାଲେ—ଅରେ, ଅଘବିଧ୍ୱଂସନ—ପାପନାଶକ, ଅଘ—ପାପ, କାଙ୍କର—ଚୂର୍ଣ୍ଣକର, ତାପାର୍ତ୍ତି—ଦୁଃଖକର, ତପନୀୟ ଗିରିତଳେ—ସୁମେରୁ ପର୍ବତତଳରେ ଅର୍ଥାତ୍ ପୃଥିବୀ-ମଧ୍ୟରେ; ବଭୂତି—ଐଶ୍ୱର୍ଯ୍ୟ, ତସ୍କର

ତୁମ୍ଭର, ଡାକୁଅଛୁ ଅହେ ବିଶ୍ୱମ୍ଭର, ଊମ୍ଭର ଦୋଷକଳାପ, ତୁମ୍ଭେ ପରି ବାପ ମାଫ, ନ କଲେ କି କରିବ ଇତର ହେ । ୧୩ । ତାଳ କରୁଣା ପୀୟୂଷ, ଅଶେଷ ଦୋଷୀଙ୍କ ଦୋଷ, ନାଶିବାରୁ ସିନା ବାରଂବାର । ତକ୍ସା ବାଜୁଛି ସଂସାର, ମଧ୍ୟେ ଏହି ଅନ୍ତଃସାର, ସକାଶୁଁ ମୁଁ କରୁଛି ବ୍ୟାପାର ହେ, ମହାବାହୁ । ତାଳେ କ୍ଷିତ ଅନାଇ ନ ଗୃଲି, ତମ କହୁଅଛି ଘ୍ଲତ ଠେଲି, ତାଙ୍କି ରହିଥିବା ଘୋର, ଦାବାଗ୍ନିକି ନାଥ ମୋର ତୋଷ୍କ ଦେବେ ଅନାୟାସେ ବୋଲି ହେ । ୧୪ । ଅପରିମିତ ମହିମ ଅଘବିଧ୍ୱଂସନ ନାମ, ଅତ୍ୟନ୍ତ ପ୍ରବଳ ହେଲେ ହେଲେ । ଅପରାଧ ହେବା ଡରେ, ଅଘରେ ଅତଙ୍କନରେ, ଅସକ୍ତ ନୋହିବା ଜାଣେ ଭଲେ ହେ, ମହାବାହୁ । ଅଣୁଏ ଅଯୁକ୍ତ ନାହିଁ ମୋର, ଅଚରୁଛି ପାତକୀ ପ୍ରକାର, ଅପଣ ହୃଦେ ନିବାସ କରି ଯେଉଁ ଫରମାସ, କରୁଛ ତା କରୁଛି କିଙ୍କର ହେ । ୧୫ । ତାରିବାକୁ ମାରିବାକୁ ତାପାଣି ନିବାରିବାକୁ ତୁମ୍ଭ ତୁଲ୍ୟ ପ୍ରଭୁ ଆଉ ନାହିଁ । ତପନୀୟ ଗିରିତଳେ ତପୋଧନମାନେ ତଳେ ତବତତ୍ତ୍ୱ ଜାଣନ୍ତି ବା ନାହିଁ ହେ, ମହାବାହୁ । ତର୍କି ନ ପାରିବାରୁ ବିଭୂତି, ତଷ୍ଟର ବନିଲେ ପ୍ରଜାପତି, ତନୁରୁ ତର୍ଣ୍ଣକ ଶିଶୁ, ତତ୍ପରେ ହେବା ସକାଶୁଁ, ତଳେ ଲୁଠି ଲଜେ କଲେ ସ୍ତୁତି ହେ । ୧୬ । ଥିବାରୁ ମଞ୍ଜୁଷେ ଗଣ୍ଠି, ପରି ହେ ବୈକୁଣ୍ଠକଣ୍ଠୀ,-ରବ ତବ ପ୍ରଭାବ ମୋ ମନେ । ଥୁଆଧନ ସିନା ଭୋଗ, କରି ହରିବ ଉଦ୍‌ବେଗ, ବୋଲି ଭାବୁ ଭାବୁ ଅନୁଦିନ ହେ, ମହାବାହୁ । ଥାଏ ମୋ ଭରସା ମେରୁପରି, ଥାପିରେ ଧଇର୍ଯ୍ୟ ଥାଏ ପୂରି ଥିଲୁଅଛି ଏବେ ଭୟଭରେ ଅନୁକମ୍ପାମୟ, ନୟନାନ୍ତ ଛଟା ଦିଅ ଠାରି ହେ । ୧୭ । ଦିନେ ଦୟାଳୁତା ବାନା ଦୃଶ୍ୟ କରାଇଲେ ସିନା, ଦୀନବନ୍ଧୁ

---

ବନିଲେ — ଚୋର ହୋଇଗଲେ, ପ୍ରଜାପତି — ବ୍ରହ୍ମା, ତର୍ଣ୍ଣକ ଶିଶୁ — ବାଛୁରି, ମଞ୍ଜୁଷ — ପେଡ଼ି, ଗଣ୍ଠି — ଧନ, ବୈକୁଣ୍ଠକଣ୍ଠୀରବ — ବୈକୁଣ୍ଠର ସିଂହ ସ୍ୱରୂପ, ବୈକୁଣ୍ଠର ଅଧିପତି; ଥାପି — ଶାନ୍ତ, ଦନ୍ଦଶୂକ — ସର୍ପ, ଦନ୍ଦଶୂକଦଷ୍ଟହୃଦନ୍ତର ଲୋକ — ଯେଉଁ ଲୋକ ହୃଦୟରେ ସର୍ପଦଂଶନ କରିଅଛି । ଦ୍ଧାଙ୍ଗଳକପୁରନ୍ଦର — ଶ୍ରେଷ୍ଠଗୁଣିଆ, ଅଶ୍ଳେଷ — ଆଲିଙ୍ଗନ, ଦ୍ରବିଣବନ୍ତ — ଧନବନ୍ତ, ବିତ୍ତ — ଧନ, ଧାତାପୁତ୍ରମୁନି — ଦେବର୍ଷିନାରଦ, ଧନାଧିନାଥଙ୍କସୁତେ — ନଳକୁବେର ଓ ମଣିଗ୍ରୀବ ଦୁଇ ଭାଇ, ଧଡ଼ଶେଷୁଁ — କାକପଣନ୍ତରୁ, ନଜର — ଭେଟି, ଭୂସୁର — ବ୍ରାହ୍ମଣ, ନଳିନ — ପଦ୍ମ, ଉଲ୍ଲାସଣୀ — ଆନନ୍ଦସୂର୍ଣ୍ଣଶୋଭା, ମିହିରମୟୂଖ —

ନାମକୁ ତୁମ୍ଭର । ଦୁଷ୍ଟ ଦୁଃଖ ଦନ୍ଦଶୂକ,-ଦଷ୍ଟ ହୃଦନ୍ତର ଲୋକ, ରକ୍ଷା ଜାଙ୍ଗଳିକ ପୁରନ୍ଦର ହେ, ମହାବାହୁ । ଦରିଦ୍ରଙ୍କୁ ଦାନଦେବା ଯଶ, ଦିଗନ୍ତକୁ କରଇ ଅଶ୍ଳେଷ, ଦଇବେ ଦ୍ରବିଣବନ୍ତ ଜନେ କଲେ ବିତ୍ତ ଦତ୍ତ ଦାତାରି କି ହେବ ପରିତୁଷ ହେ । ୧୮ । ଧରିଥିଲେ ତରୁ ରୂପ, ଧାତାପୁତ୍ର ମୁନିଶାପ, ବଶୁଁ ଧନାଧିନାଥଙ୍କ ସୁତେ । ଧରାଇଲେ ଦିବ୍ୟତନୁ, ଧ୍ରୁବକୁ ବାଳକ ଦିନୁଁ, ଦିବ୍ୟ ଧାମ ଦେଲ ଏ ଜଗତେ ହେ, ମହାବାହୁ । ଧଡ଼ି ଶେଷୁ ସମର୍ପି ନଜର, ଧନୀ ହେଲେ ସୁଦାମା ଭୂସୁର, ଧବଳ କରିଛୁ ଏହୁ, ଯଶବ୍ୟୋମ ତୁଲେ ମହୀ ଧର୍ମ ଧାରିବନ୍ତ ଧୁରନ୍ଧର ହେ । ୧୯ । ନିରର୍ଗଳ ଅଧିକାର, ନିତ୍ୟ ନିଳୟ ଯାହାର, ନାଥଙ୍କର ନାମ ଶୁଭୁଅଛୁ । ନିସ୍ତାରଣ ହୋଇ ତାର, ନରଦେହ ବହିବାର, ନାଶଗଲା ବୋଲିଭଣି ତୁଚ୍ଛ ତୁଚ୍ଛ ହେ, ମହାବାହୁ । ନ ନଚୁଇ ଏହା ଜନମୁଖ, ନିୟୋଜନା କର ମୋର ସୁଖ, ନଳିନେ ଉଲ୍ଲାସଶିରୀ, ନିଧାନ ରଚିଲ ପର ନବୋଦିତ ମିହିରମୟୂଖ ହେ । ୨୦ । ପ୍ରସନ୍ନ ହୋଇ ମୁଁ ବାରେ ପଦପଙ୍କେରୁହ ତଳେ ପଡ଼ୁ ପଡ଼ୁ ପେଲିଦେବା ନୋହୁ । ପଡ଼ିବି ସିନା ତୁମ୍ଭର ଗର୍ଭେ ଦେଇ କରଭର ପଦାରେ ତ ସ୍ଥଳ ନାହିଁ ଆଉ ହେ, ମହାବାହୁ । ପରମ ସୌଭାଗ୍ୟ ମୋର ଏକା, ପର ପରମାଣୁ ନାହିଁ ଦକା, ପ୍ରଭୁ ପଣକୁ ମାନକ ପ୍ରପଞ୍ଚ ମଣ୍ଡଳଯାକ, ନିନ୍ଦା ହେବ ବୋଲି କରେ ଡକା ହେ । ୨୧ । ଫନ୍ଦା କର ଆପଣଙ୍କୁ, ଫଳଲାଭ ବିନା ରଙ୍କୁ, ବଳିଲଣି ଆଚରଣେ ସିନା, ଫେଡ଼ି ଏ ମାନସ କଥା, କା ଆଗେ କହିବି ବ୍ୟଥା, ଫେଡ଼ି ନେବ ଆଉ ତୁମ୍ଭ ବିନା ହେ, ମହାବାହୁ । ଫାଟିଅଛୁ ଯେବେ ମୋ କରମ, ଫନ୍ଦାଇବାକୁ ଆପଣ କ୍ଷମ, ଫୁଟିଥିଲା ପହଣ୍ଡରେ, ଯେଉଁ କୁବୁଜା ଏହି ଲୋକେ, ନ କଲ କି ତାକୁ ରମ୍ଭା ସମ ହେ । ୨୨ । ବିଳମ୍ବ ସହିବା ପୀଡ଼ା, ହେଲେହେଁ ବରହିଚୂଡ଼ା,-ବତଂସ ମୁଁ ବଳଅଇଁ ଏତେ । ବିରକତ କର ଅତି,

---

ସୂର୍ଯ୍ୟକିରଣ, ପ୍ରପନ୍ନ—ଶରଣାଗତ, ପଦପଙ୍କେରୁହ—ପାଦପଦ୍ମ, ପ୍ରପଞ୍ଚମଣ୍ଡଳ—ଧରାମଣ୍ଡଳ, ରଙ୍କୁ—ଦରିଦ୍ର ଅପେକ୍ଷା, ଫନ୍ଦାଇବା—ଯୋଡ଼ିଦେବା, ଯୁକ୍ତ କରିବା; ଫୁଟିଥିଲା—କ୍ଳାନ୍ତ ହୋଇପଡ଼ିଥିଲା, ବର୍ହିଚୂଡ଼ାବତଂସ—ମୟୂରଚନ୍ଦ୍ରିକ ମସ୍ତକଭୂଷଣ ଯାହାଙ୍କର, ବଳଦେବ ବଳାହିତାବରଜ—ବଳରାମ ଓ ଇନ୍ଦ୍ରଙ୍କ ସାନଭାଇ (ସଂ) ସିନ୍ଧୁସୁତାବର—ଲକ୍ଷ୍ମୀଧବ, ଅମନ୍ଦବିକଳେ—ଅତିଦୁଃଖରେ, ଭବଅହି—ସଂସାରରୂପସର୍ପ, ଭବ୍ୟକଥା—ସୌଭାଗ୍ୟକଥା, ମଣି

ବିଜ୍ଞାପନ ନ କରନ୍ତ୍ର, ବାଧାବଳି ପଡ଼ିଲଣି ମୋତେ ହେ, ମହାବାହୁ ।
ବଳିଷ୍ଠ ବାହୁଯୁଗଳ ତଳେ, ବେଗେ ମୋତେ ଘୁଞ୍ଚାଇଦିଅ ବେଲେ,
ବଳଦେବ ବଳାହୃତାବରଜ ହେ ସିନ୍ଧୁସୁତା,-ବର ବନ୍ଦେ ଅମନ୍ଦ ବିଳକଳେ
ହେ । ୨୩ । ଭୟାନକ ଭବ ଅହି ମୁଖେ ପଡ଼ିଛି ତ ମୁହିଁ, ଭବ୍ୟ କଥା
ଲୋଡ଼ିଲେ କେ ଦେବ । ଭରଜାଲେ ଭଲେ ଏହା ଭ୍ରମରୁ ହେ ରମାନାହା,
ଭଲ ଲୋଡ଼ େନ ଲୋଡ଼ି ଲାଘବ ହେ, ମହାବାହୁ । ଭରସା ଏତିକି ଥାଏ
ମୋର, ଭର୍ତ୍ତା ଯେଣୁ ତୁମ୍ଭେ ବଳିଆର, ଭୂରୁଭଙ୍ଗ ମାତ୍ରକରେ, ଭସାଇଲ
ରତ୍ନାକରେ, ମହୋନ୍ନତ ବହୁତ ଭୂଧର ହେ । ୨୪ । ମହାମହିମ ହେ ମଣି,
ମଣ୍ଡଳି ଗର୍ଭକମଣି, ମହୋନ୍ନତ ମହୀଧର ସିନା । ମନାସି ତୁମ୍ଭର ଯଶ,
ଯଙ୍ଗୁ ଲଙ୍ଘିଛି ନିମିଷ, ମାନବଙ୍କେ ତାହାକୁ ଶ୍ରମ ବିନା ହେ, ମହାବାହୁ ।
ମଜ୍ଜିଥିବା ନିଗମକୁ ଘେନି, ମତ୍ସ୍ୟ ଗୁରୁତନୟଙ୍କୁ ଅଣି, ମହସ୍ତଦ ଲୋକେ
ଦର, ମଲ୍ଲୀମାଳା ମନୋହର, କୀର୍ତ୍ତିରେ ମଣ୍ଡିଲ ଯଦୁମଣି ହେ । ୨୫ ।
ଯମଙ୍କ କଙ୍କରେ ମନ୍ତୁ,-ମନ୍ତ ହେବା ଯେଉଁ ଜନ୍ତୁ-ମାନଙ୍କୁ ଯାତନା
ଦେଉଥାନ୍ତି । ଯାଗ ଭାଗ ଭୁଞ୍ଜିବାକୁ, ଯୋଗ୍ୟ କରାଅ ତାହାଙ୍କୁ, ଯଶୋଦାଙ୍କ
ଯବିଷ୍ଠ ସନ୍ତତ ହେ, ମହାବାହୁ । ଯଦୃଚ୍ଛା ବିଳାସବିଚକ୍ଷଣ,
ଯତ୍ନ କଲେ ନ ମିଳ ଆପଣ, ଯାବତ ଘଟରେ ବହି-ରନ୍ତରେ ସନ୍ତତ ରହି,
କରୁଛ କି ଇଚ୍ଛା ତୁମ୍ଭେ ଜାଣ ହେ । ୨୬ । ରତ୍ନାକର ଯା ମନ୍ଦିର, ରମା
ରମଣୀ ଯାହାର, ଯାହାର କୌସ୍ତୁଭ ମଣିବର । ରଥ ସୁତବିନତାର, ରଥଚରଣ
ହତ୍ୟାର, ରୁଦ୍ରଦେବ ପରା ପରିବାର ହେ, ମହାବାହୁ । ରସାତରମରେ
ପଡ଼ି ପଡ଼ି, ରହିଛି ସନ୍ତତ କରଯୋଡ଼ି, ରଙ୍କ ଗୁହାରି—ଭାରତୀ, ରତ୍ନକୁଣ୍ଡଳଅ
ଶ୍ରୁତି, ରନ୍ଧ୍ରପାଶେ ଥରେ ଯାଉ ପଡ଼ି ହେ । ୨୭ । ଲାଗି ଥାଲେ ଏ ମକର-
କୁଣ୍ଡଳ ଯୁଗଳ ମୋର ଦୁଃଖ ଜଣାଇବେ ବୋଲି ଚିନ୍ତି । ଲଗାଇ ରସାରେ
ଶିର, ଲକ୍ଷ ଲକ୍ଷ ନମସ୍କାର, ଲାଜ ଦେଇ କରୁଥାଏ ସ୍ତୁତି ହେ, ମହାବାହୁ ।
ଲବ୍ଧହୋଇ ଏତେ ରତ୍ନଗଣ, ଲାଗିଲେ କାହିଁକି ମୋର ଋଣ, ଲଭି ଶ୍ରୁତି
ପାଶେ ଘର, ଲଗଢ଼ି କି ଲାଠସାର ଲୋକରେ ଲଳିତ ଲବ୍ଧଗୁଣ ହେ । ୨୮ ।

---

ମଣ୍ଡଳିଗର୍ଭକ—ଯାହା ଗର୍ଭ ଓ ମସ୍ତକରେ ମଣିପୂର୍ଣ୍ଣ, ମଣି—ମନୋହର, ମହୀଧର
—ପର୍ବତ, ନିଗମ—ବେଦ, ମହସ୍ତଦ ଲୋକେ—ଭୂଃ, ଭୁବଃ, ସ୍ୱଃ, ମହଃ ପ୍ରଭୃତି
ଲୋକରେ । ମନ୍ତୁମନ୍ତ—ପାପୀ, ଯବିଷ୍ଠ—ସନ୍ତାନ, ରତ୍ନାକର—ସମୁଦ୍ର, ରମା—

ବଢ଼ ମୃଦୁଳ ଏ ବନମାଳା ବୋଲି ପ୍ରତିଦନ, ବନ୍ଦୀ କରୁଥାଏ ବିଜ୍ଞାପନ । ବିଶେଷେ ତାହାଙ୍କ ସଙ୍ଗ, କରି ଆସୁଥିବା ଭଙ୍ଗ, ପଛେ ଗୋଡ଼ାଇବାକୁ ମୋ ମନ ହେ, ମହାବାହୁ । ବରଜ ବନିକା ଯାକ ବୁଲି, ବୁଝୁଥାଏଁ ଦେଖି ପ୍ରତି ବଲ୍ଲୀ, ବଇଜୟନ୍ତୀ ବଲ୍ଲରୀ, ବକ୍ଷରେ ଯେ ଥିଲେ ଶିରୀ, ଘୂମୁରେ କି ପଡ଼ିଥିଲା ବୋଲି ହେ । ୨୯ । ଶରାବ୍ଧି ବେଳାକୁ ବଳି, ଅଦ୍ୟାପି ନାହାନ୍ତି କଳି, କାଳେହେଁ ନିତ୍ୟ ମୁଁ ଲଭି ରତି । ଶଶି କୁରଙ୍ଗକୁ ଶେଷ, ଧରାକୁ ଶଙ୍କର ବିଷ କଳଙ୍କ ପରାୟେ ବହିଛନ୍ତି ହେ, ମହାବାହୁ । ଶରଣ ବୋଲିବା ଡାକପଣେ, ଶରଣାର୍ଥୀ ଜନ ଉତେ କେଣେ, ଶତ୍ରୁ ହେଲେ ସେ ମୋହର, ବୋଲି ତ ହୁକୁମ କର, ପ୍ରତିପାଳୁ ନାହିଁ ଏବେ କେଣେ ହେ ।୩୦। ଷୋଡ଼ଶ ସହସ୍ର ବ୍ରଜସରୋରୁହାକ୍ଷୀ-ସମାଜ ଘେନି ସୁରସୁତା ତୀର କୁଞ୍ଜେ । ଷଡ଼ାସ୍ୟ-ଜନକାହୃତ ସଙ୍ଗର ପ୍ରସଙ୍ଗେ ମତ୍ତ, ହୋଇ ପ୍ରଫୁଲ୍ଲିତ ପୁଷ୍ପକୁଞ୍ଜେ ହେ, ମହାବାହୁ । ଷଡ଼ଙ୍ଘ୍ରି ରଚିଲାପରି କେଳି, ଷଡ଼ାହୃତ ନିରସନଶାଳୀ, ଷଡ଼ଅଙ୍ଗୀ ଶ୍ରୁତିମାନେ, ସ୍ତୁତି କଲେ ଅବସାନେ, ନ ଲାଗିଲା ଅପବାଦ ଧୂଳି ହେ ।୩୧। ସବୁ ସଂସାର-ସଦନ୍ତୁ, ସମସ୍ତ ଜନ ବଦନୁ, ଶୁଣିଅଛୁ ସତ ଅବା ମିଛ । ସହସ୍ର ସଂଖ୍ୟକ ଅପ,-ରାଧ କଲେ ହେଲେ ମାଫ, କର ପ୍ରସନ୍ନକୁ ରଖୁ ଅଛ ହେ, ମହାବାହୁ । ସେ ସକାଶୁଁ ମୋର ଏ ସାହସ, ସଙ୍କୋଚକୁ ମନେ ନାହିଁ ବାସ, ସରସ ସକଳ ସୁର, ସାମନ୍ତମାନଙ୍କ ସାର ସଂରଜ ସେବକ ସମୁଲ୍ଲାସ ହେ ।୩୨। ହରିହୟ ବିଭୂତିକ, ହଂସରଥାଧି-କୃତିକ, ହଟି ରହୁ ନାହିଁ ମୁଁ ସମ୍ମୁଖେ । ହର୍ମ୍ୟତଳେ ଥିବାଯାକେ, ହାସ୍ୟାସ୍ପଦ ନୋହୁ ଲୋକେ, ହରିନେବ କାଳ କିଛି ସୁଖେ ହେ, ମହାବାହୁ । ହଇରାଣ ନୋହୁ କ୍ଳେଶକାଳେ, ହରେ ହରେ ବୋଲି ଅନ୍ତଃକାଳେ, ହସି ହସି ଯିବ ହରିଦଶ୍ୱ ସୁତଙ୍କ ନଗରୀ, ସୀମା ମାତ୍ର ନ ଦେଖିବ

---

ଲକ୍ଷ୍ମୀ, ବିନତାର ସୁତ ରଥ—ଗରୁଡ଼ ଯାହାଙ୍କ ବାହନ, ରଥଚରଣ—ଚକ୍ର, ହତ୍ୟାର—ହତିଆର, ଆୟୁଧ; ରସା ଚରମରେ—ପୃଥିବୀ ଉପରେ, ଲଗଡ଼—ସୁନ୍ଦର, ଲଷ୍ଠସାର—ଉତ୍କୃଷ୍ଟ, ପିନ୍ଧାଲୁଗା; ବରଜ ବନିକା—ବ୍ରଜପୁରର ବନଦେଶ, ପ୍ରତିବଲ୍ଲୀ—ପ୍ରତ୍ୟେକ ଲତା, ଶରାବ୍ଧି—ଜଳଧି, ସମୁଦ୍ର; ବେଳା—ସମୁଦ୍ର କୂଳ, ସରୋରୁହାକ୍ଷୀସମାଜ—ପଦ୍ମନେତ୍ରା ସ୍ତ୍ରୀ ସମୂହ, ସୁରସୁତା—ଯମୁନା, ଷଡ଼ାସ୍ୟଜନକାହୃତ—ଶିବଶତ୍ରୁ କନ୍ଦର୍ପ, ସଙ୍ଗର ପ୍ରସଙ୍ଗେ—ଯୁଦ୍ଧବ୍ୟାପାରରେ,

ତୋଳେ ହେ । ୩୩ । କ୍ଷିତିକି ବହିବା ଅହି, କ୍ଷମ ନୋହିବାରୁ କହି, ନ ପାରନ୍ତି ଯାହାଙ୍କ ପୁରତେ । କ୍ଷମା ପୀୟୂଷ ସମୁଦ୍ର, ହେବାରୁ ମୁଁ ଅତି କ୍ଷୁଦ୍ର, ଶ୍ରୀଗୁମୁରେ ଜଣାଇଲ୍ ଏତେ ହେ, ମହାବାହୁ । କ୍ଷମ ଅପରାଧ ଏ ତ ନୁହେ, କ୍ଷମାଧିପବାନାଧିବାସ ହେ, କ୍ଷମାକର ଆଜ୍ଞା ହେବ, କ୍ଷିତିପୁର ବଳଦେବ କବିବର ରାୟଗୁରୁ କହେ ହେ । ୩୪ ।

---

ଷଡ଼ଙ୍ଘ୍ରୀ—ଭ୍ରମର, ଷଡ଼ାହୃତନିରସନଶାଳୀ—କାମ କ୍ରୋଧାଦି ଷଡ଼୍‌ରିପୁଙ୍କୁ ଯେ ନିରାକରଣ କରିପାରନ୍ତି, ଷଡ଼ଙ୍ଗୀଶ୍ରୁତି—ଶିକ୍ଷା କଳ୍ପ ବ୍ୟାକରଣ ପ୍ରଭୃତି ଷଡ଼ଙ୍ଗ ଯୁକ୍ତ ବେଦମାନେ, ହରିହୟ ବିଭୁତି—ଇନ୍ଦ୍ରସମ୍ପତ୍ତି, ହଂସରଥାଧିକୃତି—ବ୍ରହ୍ମାଙ୍କ ଅଧିକାର, ହରିଦଶ୍ୱସୁତଙ୍କ ନଗରୀ—ଯମପୁରୀ, କ୍ଷିତିବହିବା ଅହି—ଶେଷଦେବ, ଅନନ୍ତ ।

# କବିସୂର୍ଯ୍ୟ ଗ୍ରନ୍ଥାବଳୀ

ପଞ୍ଚମ ଭାଗ

## ଚନ୍ଦ୍ରକଳା

( କାବ୍ୟ )

# ଚନ୍ଦ୍ରକଳା

## ପ୍ରଥମ ଛାନ୍ଦ

### ରାଗ—ମଙ୍ଗଳଗୁଜ୍ଜରୀ

( ପୁରୀ ଜଗନ୍ନାଥ ମନ୍ଦିର ବେଢ଼ାର ଦେବଦେବୀଙ୍କ ସ୍ତୁତି )

ଜୟ ଲବଣଜଳଧି ତୀରଅଳଙ୍କାର । ଜୟ ଜମ୍ବୁଦ୍ୱୀପ କମ୍ବୁ ମଧ୍ୟ କ୍ଷେତ୍ର-ବର ହେ । ୧ । କଷ୍ଟଧ୍ୱଂସୀ ଅଷ୍ଟ ଅଷ୍ଟମୂର୍ତ୍ତି ଜୟ ଜୟ । ବସୁସଂଖ୍ୟ ଭବାନୀ କର ମୋ ଭୟ କ୍ଷୟ ହେ । ୨ । ମାର୍କଣ୍ଡେୟ ସିତଗଙ୍ଗା ଶ୍ରୀ ରୋହିଣୀକୁଣ୍ଡ । ତୀର୍ଥରାଜ ଇନ୍ଦ୍ରଦ୍ୟୁମ୍ନ କଳାତାପ ଖଣ୍ଡ ହେ । ୩ । ଯହିଁ ମହେନ୍ଦ୍ର-ଚରମେ ବେଦବଲ୍ଲୀ ଶୋଭେ । ଦୀନ ପ୍ରପନ୍ନ ପ୍ରବେଶ ହୋଏ ନିରର୍ଗଳେ ହେ । ୪ । ସେ ସିଂହଦ୍ୱାରକୁ ଶତ ଲକ୍ଷେ ନମସ୍କାର । ଆଶା କରଅଛି ତରିବାକୁ ଏ ସଂସାର ଯେ । ୫ । ପତିତ ଜୀବର ତ ଅମ୍ଭର ଅବଶ୍ୟକ । ଅବଲମ୍ବ କରିଛନ୍ତି ମୁମୁକ୍ଷୁ ଅନେକ ଯେ । ୬ । ଆଗ ପଛ ହେଲେ ହେବ ପ୍ରଭୁପଣ କ୍ଷତ । ଏହି ଚିନ୍ତାରେ ଯେ ଚକ୍ର ପରି ଅଭ୍ୟସ୍ତ ଯେ । ୭ । ସେ ପତିତପାବନଙ୍କ ଚରଣକମଳେ । ବନ୍ଦେ ନନ୍ଦାବର୍ତ୍ତି-ତଳ ବନ୍ଦାପନା ବେଳେ ଯେ । ୮ । ଭବଭୟରାଶିକି ଯେ ନାଶିବାରେ

---

ପ୍ରଥମ ଛାନ୍ଦ

୧ । କମ୍ବୁମଧ୍ୟକ୍ଷେତ୍ରବର—ପୁରୀ ଶଙ୍ଖକ୍ଷେତ୍ର ନାମରେ ପ୍ରସିଦ୍ଧ । ୨ । ଅଷ୍ଟ ଅଷ୍ଟମୂର୍ତ୍ତି—ଜଳ, ଅଗ୍ନି, ବାୟୁ, ଆକାଶ, ପୃଥିବୀ, ଯଜମାନ, ଚନ୍ଦ୍ର ଓ ସୂର୍ଯ୍ୟ—ଏହି ଅଷ୍ଟରୂପବିଶିଷ୍ଟ ଅଷ୍ଟଶମ୍ଭୁ । ବସୁସଂଖ୍ୟ ଭବାନୀ—ଅଷ୍ଟଦୁର୍ଗା । ୩ । ସିତଗଙ୍ଗା—ଶ୍ୱେତଗଙ୍ଗା ନାମକ ତୀର୍ଥ, ତୀର୍ଥରାଜ—ସମୁଦ୍ର । ୪ । ମହେନ୍ଦ୍ର ଚରମେ—ଇନ୍ଦ୍ରଙ୍କ ପିଠିରେ, ଦୀନପ୍ରପନ୍ନ—ଦରିଦ୍ର ଆଶ୍ରିତ ଲୋକ, ନିରର୍ଗଳେ—ବିନା ବାଧାରେ । ୮ । ନନ୍ଦାବର୍ତ୍ତିତଳ—ନନ୍ଦାବର୍ତ୍ତି ନାମକ ଦ୍ୱାରର ନିମ୍ନସ୍ଥଳ ।

କ୍ଷମ । କାଶୀଶ୍ୱର ସେହି ପରିକାଶିବେ ମୋ କ୍ଷେମ ଯେ । ୯ । କାକଚଞ୍ଚୁପୁଟଭ୍ରଷ୍ଟ ଯାହାଙ୍କର ଲବ । ବିତରନ୍ତି ତ୍ରିଲୋକ ନିର୍ବାଣ ମହୋତ୍ସବ ଯେ । ୧୦ । ସେ ଶ୍ରୀମହାପ୍ରସାଦ ସୌରଭ ନିକେତନ । ମୋ ଶରଣ ଦ୍ୱାବିଂଶତି ସଂଖ୍ୟକ ସୋପାନ ଯେ । ୧୧ । ବିରଚିତ ସୂଚି-କର୍ମରୁଚି ମନୋହର । ହରଷ ବରଷ ଭୋଗମଣ୍ଡପ ମୋହର ହେ । ୧୨ । ଅଜାଣ ନଗଜାପତି ଜଗତ ଜୀବାତୁ । ଅତୁରତା ନାଶ ଅନନ୍ଦେ ମୋ ଚିତ୍ତ ମାତୁ ହେ । ୧୩ । ସ୍ୱଦିଗକୁ ପତିତବ୍ରଜକୁ ଧରି ବଳେ । ଶମନଙ୍କର କିଙ୍କରେ ଘେନିଯିବା ବେଳେ ଯେ । ୧୪ । କରଜଳଜର ଚିହ୍ନେ ତରଜନ କରି । ଉଦୀଚୀକି ଗନ୍ତ ବୋଲି ଦେଲିପରି ଠାରି ଯେ । ୧୫ । ସେହି ଦିଗେ କରି ମୁଖଚନ୍ଦ୍ରକୁ ଆପଣ । ପୃଷ୍ଠେ ପକାଇଛି ରୋଷ କ୍ଷୟ ନାରାୟଣ ହେ । ୧୬ । ନିମୀଳନା କେଳିକାଳେ ଯା କୁମ୍ଭ ଶଙ୍କାରେ । ଉମା କୁଚ୍ଚଚଳନୀଳଦୁକୂଳ ଝିଙ୍କାରେ ଯେ । ୧୭ । କୁମାର ହଠ ପ୍ରକଟ କରନ୍ତି ତାହା ଦେଖି । ହରି ହସୁ ହେଠମୁଖ ହେଲେ ଚନ୍ଦ୍ରମୁଖୀ ଯେ । ୧୮ । ସେ ଭକ୍ତଜନସମୂହ ମହାବିଘ୍ନବାର । ଅଟକିବା ବଟଗଣେଶଙ୍କୁ ନମସ୍କାର ହେ । ୧୯ । ନମୋ ନମୋ ନମୋଽସ୍ତୁତେ ଇନ୍ଦ୍ରାଦିରେ କରି । କବିମୃଗଜନନୀ ମଙ୍ଗଳା ବିଶ୍ୱେଶ୍ୱରୀ ଗୋ । ୨୦ । ଯାହା ନିଟନପାଟବ-ପ୍ରକଟନ ଘେନି । ଜଟାଟବୀ ଅଗ୍ରବିନିର୍ଗତ ମନ୍ଦାକିନୀ ଗୋ । ୨୧ । ଦିଗଙ୍ଗନାକୁଚକୁମ୍ଭ ପବିଭଙ୍ଗ ତୁଲେ । ଦଶଗଜଥାନ ସ୍ଥୂଳୀ ଦାନ ଧୋଇ-

---

କ୍ଷେମ—ମଙ୍ଗଳ । ୧୦ । କାକଚଞ୍ଚୁପୁଟଭ୍ରଷ୍ଟଲବ—କୁଅଥଣ୍ଟରୁ ଖସିପଡ଼ିଥିବା ମହାପ୍ରସାଦ କଣିକା । ନିର୍ବାଣ ମହୋତ୍ସବ—ମୁକ୍ତିରୂପ ଆନନ୍ଦ । ୧୨ । ସୂଚିକର୍ମ-ରୁଚି—ସୂକ୍ଷ୍ମ କାରିଗରି ଯୋଗୁଁ ସୁନ୍ଦର । ୧୩ । ଅଜାଣ ନଗଜାପତି—ଭୋଗ-ମଣ୍ଡପ ପୂର୍ବରେ ଗାତ ଭିତରେ ଥିବା ପାର୍ବତୀ ପତି ବା ମହାଦେବ । ଜୀବାତୁ—ଜୀବନ । ୧୪ । ସ୍ୱଦିଗକୁ—ଯମଙ୍କ ଅଧିଷ୍ଠିତ ଦକ୍ଷିଣ ଦିଗକୁ । ପତିତବ୍ରଜ—ପାପିସମୂହ । ଶମନଙ୍କର କିଙ୍କର—ଯମଦୂତ । ୧୫ । କରଜଳଜର—ହସ୍ତପଦ୍ମରେ ଥିବା, ଉଦୀଚୀ—ଉତ୍ତର ଦିଗ, ସ୍ୱର୍ଗମାର୍ଗ । ୧୬ । ବେଢ଼ାର ଅଗ୍ନିକୋଣରେ ଥିବା ନାରାୟଣମୂର୍ତ୍ତି ଉତ୍ତରମୁଖୀ । ୧୭ । ନିମୀଳନାକେଳି—ଆଖି ବୁଜାବୁଜି ଖେଳ, ଯା କୁମ୍ଭଶଙ୍କାରେ—ଯେଉଁ ଗଣେଶଙ୍କ କୁମ୍ଭଦ୍ୱୟ ବୋଲି ଭ୍ରମ କରି । ୧୮ । କୁମାର—କାର୍ତ୍ତିକେୟ, ହେଠମୁଖ—ନମ୍ରମୁଖ, ଚନ୍ଦ୍ରମୁଖୀ—(ଏଠାରେ) ଚନ୍ଦ୍ରାନନା ପାର୍ବତୀ; ୧୯ । ମହାବିଘ୍ନବାର—ବଡ଼ ବଡ଼ ବାଧାସବୁ, ଅଟକିବା—ଅଟକାଇବା, ବନ୍ଦ କରି ରଖିବା । ୨୧ । ଯାହା ନିଟନପାଟବ ପ୍ରକଟନ ଘେନି—ଯେଉଁ ଦୁର୍ଗାଙ୍କ

ଦେଲେ ଯେ । ୨୨ । ସେ ବଟ ବଟପୀଶ୍ୱର ଚରଣପଙ୍କଜେ । ଶରଣ ପ୍ରପନ୍ନ ହୋଇ ଅହର୍ନିଶ ଭଜେ ଯେ । ୨୩ । ଧରାସ୍ତନ ଭ୍ରମାବହ ନୀଲ ଶିଳୋଚ୍ଚୟ । ପତାକାବଳି ଶିତାକୃତ ମହାମହୋଚ୍ଛ୍ରୟ ଯେ । ୨୪ । କଳ୍ପବଟଙ୍କର ସେ ଅନଳ୍ପ ଅନାତପ । କରନ୍ତୁ ମୋ ଭବଭ୍ରମ ଭବଶ୍ରମ ଲୋପ ଯେ । ୨୫ । କବଳିତ କଳା କାଦମ୍ବିନୀ କାନ୍ତ କେଳି । କରନ୍ତୁ କଲ୍ୟାଣ କୃଷ୍ଣ ମୋ ମାନସେ ଖେଳି ଯେ ।୨୬। ରାଧାମୁଖାମ୍ବୁଜ ଭ୍ରମେ ସ୍ୱପାଦ ସାରସ । ଚୁମ୍ବନେ ଯେ ନିରନ୍ତରେ ବଳାଇ ମାନସ ଯେ । ୨୭ । ପ୍ରଳୟଜଳରେ ଖଟ କରି ବଟ ଦଳ । ପହୁଡ଼ିଲେ ମୋଦେ ନୀଳନବୀନକୁନ୍ତଳ ଯେ । ୨୮ । ଭବଭୟ ପୟୋଧିଙ୍କି ତାରିବା ଅନନ୍ଦେ । ବନ୍ଦେ ସେ ବାଳମୁକୁନ୍ଦ-ଚରଣାରବିନ୍ଦେ ଯେ । ୨୯ । ଭୁଜଙ୍ଗପୁଙ୍ଗବତଳ୍ପ ଅର୍ଥିକଳ୍ପତରୁ । ଦନୁଜମଣ୍ଡଳୀମୁଣ୍ଡ-ଧରାଧର-ସ୍ୱରୁ ଯେ । ୩୦ । ରମା ସରସ୍ୱତୀଙ୍କର କର-ସେବ୍ୟପଦ । ଶ୍ରୀପୁରୁଷୋତ୍ତମ ହର ମୋହର ବିପଦ ହେ । ୩୧ । ଖଡ଼ଗ ଧରି ଯେ ହର ଗର୍ଭ ଗଡଭୟ । ନିରତେ ନିବାର କ୍ଷେତ୍ରପାଳ ଜୟ ଜୟ ହେ । ୩୨ । ଉତୁଙ୍ଗ ମହୀଧ୍ରବୁଦ୍ଧି ହୋଇଲେ ପ୍ରାସାଦେ । ଜମ୍ଭାରି ଦମ୍ଭୋଳିକେଳି ହୋଇବ ପ୍ରମାଦେ ଯେ । ୩୩ । ତାହା ନିବାରଣ ପରାକ୍ରମ ଶତ୍ରେ ଶାନ୍ତ । ଦେଉଳମଉଳି ସ୍ଥଳେ ଯେ ବିରାଜେ ନିତ ହେ । ୩୪ । କ୍ଷମା କରି ନିଖିଳ ପାତକୀ ଜନ୍ତୁମନ୍ତୁ । ସେ ନୀଳଚକ୍ର ମୋ ଦୁଃଖ-ଚକ୍ର ନିବାରନ୍ତୁ ଯେ । ୩୫ । ପ୍ରବଳନ୍ତେ ହିରଣ୍ୟଦନୁଜଗଜ ବଳେ । ସମଗ୍ର କେଶରିବେଶ ପରିଗ୍ରହବେଳେ ଯେ । ୩୬ । ବିପତ୍ତି ଅଶକ୍ତ ଭକ୍ତ କରନ୍ତେ ସ୍ମରଣ । ହୃଦକଞ୍ଜ ଦ୍ରବମୟ କରନ୍ତେ କରୁଣା ଯେ । ୩୭ ।

---

ନୃତ୍ୟନିପୁଣତା ପ୍ରକାଶ ପାଇବାରୁ । ଜଟାଟବୀ—ଶିବଙ୍କ ଜଟାରୂପ ଅରଣ୍ୟ । ୨୨। ଦିଗଙ୍ଗନା କୁଚକୁମ୍ଭପତ୍ରଭଙ୍ଗ ତୁଲେ—ଦିଶଦିଗରୂପ ସ୍ତ୍ରୀମାନଙ୍କ କୁଚରୂପକୁମ୍ଭରେ ଚିତ୍ର ହୋଇଥିବା କସ୍ତୁରୀ ପ୍ରଭୃତିରେ ଅଙ୍କିତ ପତ୍ରର ଚିତ୍ର ଧୋଇଦେବା ସାଙ୍ଗେ ସାଙ୍ଗେ; ଦିଶଦିଗ୍‌ଗଜଙ୍କର ଗଣ୍ଡସ୍ଥଳର ମଦଜଳଧାରାକୁ ଯେ ପ୍ରଳୟରେ ଧୋଇଥିଲେ । ୨୩ । ବଟ ବଟପୀଶ୍ୱର—କଳ୍ପବଟ ମୂଳରେ ଥିବା ବଟକୃଷ୍ଣ । ୨୪ । ମହାମହୋଚ୍ଛ୍ରୟ—ଅତି ଉଚ୍ଚ । ୨୫ । ଅନଳ୍ପ ଅନାତପ—ପ୍ରଚୁର ଛାୟା । ୨୬ । କବଳିତ କଳା କାଦମ୍ବିନୀକାନ୍ତ କେଳି—କୃଷ୍ଣବର୍ଣ୍ଣ ମେଘ ଭଳି ମନୋହର । ୨୭ । ସ୍ୱପାଦସାରସ—ନିଜ ପାଦରୂପ ପଦ୍ମ । ୩୦ । ଭୁଜଙ୍ଗପୁଙ୍ଗବତଳ୍ପ—ଅନନ୍ତ ନାଗ ଉପରେ ଶୋଇଥିବା । ଧରାଧରସ୍ୱରୁ—ପର୍ବତର ବଜ୍ର ।୩୩। ଉତୁଙ୍ଗମହୀଧ୍ରବୁଦ୍ଧି—ଉଚ୍ଚପର୍ବତଜ୍ଞାନ । ପ୍ରାସାଦ—ବଡ଼ ଦେଉଳ । ଜମ୍ଭାରିଦମ୍ଭୋଳି—ବଜ୍ର । ୩୫ । ପାତକୀ ଜନ୍ତୁମନ୍ତୁ—ପାପୀ ଜୀବଙ୍କର ଅପରାଧ । ୩୬ । ହିରଣ୍ୟ-କଶିପୁ ରାକ୍ଷସ ମତ୍ତ ହାତୀ ପରି ପ୍ରବଳ ହେଉଥିବା ବେଳେ । ୩୭ । ବିପତ୍ତି ଅଶକ୍ତ-

କଣ୍ଠୁଯାଏ କର୍ଣ୍ଣୀରବ ବେଶ ହୋଇଥିଲେ । ସ୍ତମ୍ଭରୁ ସମ୍ଭବି ଦନୁଜଙ୍କୁ ଯେ ମାଇଲେ ଯେ । ୩୮ । ପାପବଶୁଁ ଯିବାବେଳେ ମୁଁ ନରକେ ସର । ଅବଲମ୍ବ ହୋଇବେ କି ସେ ନରକେଶରୀ ଯେ । ୩୯ । ବିଭ୍ରାଜିତ ସୁବର୍ଣ୍ଣ ଧରାସୁରଙ୍କର । ବିଦ୍ୟାକେଳିସ୍ଥଳୀ ଶମ୍ଭୁ ଦୁରିତପଙ୍କର ଯେ । ୪୦ । ଯହିଁ ସୁନାସୀର ଶିରେ କରନ୍ତି ବନ୍ଦନ । ସେ ମୁକ୍ତିମଣ୍ଡପ ହେବେ ମୋର ଅନନ୍ଦନ ଯେ । ୪୦ । ତୁରୀୟ ସମୟେ ଦୂର ପ୍ରତ୍ୟୂହ ମୋହର । ପୂରିବେ କି ମନୋରଥ ଖୁରିଚଣ୍ଡେଶ୍ୱର ଯେ । ୪୨ । ଯହିଁ ଅବଗାହିବାରୁ ଘୁଞ୍ଚର କାକପାଳ । ବନ୍ଦିଲେ ତାହାକୁ ଇନ୍ଦ୍ର ଆଦି ଦେବଜାଳ ଯେ । ୪୩ । କଳୁଷମଣ୍ଡଳଧ୍ୱଂସୀ ସେ ରୋହିଣୀକୁଣ୍ଡ । ଖଣ୍ଡନ କରନ୍ତୁ ଚଣ୍ଡଭାନୁସୁତଦଣ୍ଡ ହେ । ୪୪ । ଯାହା ପ୍ରସାଦବଶରୁ ମହାପ୍ରସାଦରେ । ପବିତ୍ର ହୁଅଇ ଜଗତ୍ରୟ ପ୍ରମୋଦରେ ଯେ । ୪୫ । ମୃଗେନ୍ଦ୍ରବାହିନୀ କ୍ଷେତ୍ରବର ଅଧୀଶ୍ୱରୀ । ନାଗସୁତା ସୁଧାକୁମ୍ଭଧାରିଣୀ ସୁନ୍ଦରୀ ଯେ । ୪୬ । ବିମଳା ବିମଳ-ଅମ୍ଭୋରୁହବିଲୋଚନା । ହୋଇବେ କି ମୋର ପାପକଳାପମୋଚନା ହେ । ୪୭ । ରଜ ତମ ସତ୍ତ୍ୱ ତିନି ଗୁଣ ମଧ୍ୟ ମୟ । ରଜତମହୀଧ୍ରନିକେତନା ଜୟ ଜୟ ହେ । ୪୮ । ଶିଖଣ୍ଡିମଣ୍ଡନ ଭଣ୍ଡପୂର୍ବ ଗଜାନନ । ନରହରି ରାଧାଧବ ମଦନମୋହନ ଯେ । ୪୯ । ବିବିଧ ହରନ୍ତେ କୃପାପୀୟୂଷନିର୍ଝର । ଏ ପଞ୍ଚ ମୋ ପ୍ରପଞ୍ଚ ବାସନା ଦୂର କର ହେ । ୫୦ । ସରସ୍ୱତୀ ବୋଲି ଖ୍ୟାତ ଏବେ ଯାହାଙ୍କର । ସ୍ତୁତି ଉଚ୍ଚାରନ୍ତି ଶ୍ରୁତି ମୁଖାଦି ଶଙ୍କର ଯେ । ୫୧ । ତ୍ରିଭୁବନ ଜନପୂଜିତା ଶ୍ରୀ ଭୁବନେଶ୍ୱରୀ । ପରି ପାଳନ୍ତୁ ମୋ ଶିରୀ-କଳ୍ପବଲ୍ଲରୀ ଯେ । ୫୨ । ଇନ୍ଦ୍ରଦ୍ୟୁମ୍ନମୋଦମହୋଦଧିରାକାଧବ । ପ୍ରସନ୍ନ ହୁଅନ୍ତୁ ମୋରେ ଶ୍ରୀ ନୀଳମାଧବ ଯେ । ୫୩ । ସ୍ଫୁଟ ଅଟ୍ଟହସନ-

---

ଭକ୍ତ—ବିପତ୍ତି ସମୟରେ ଅକ୍ଷମ ହୋଇଥିବା ଭକ୍ତ ପ୍ରହ୍ଲାଦ । ୩୩। କର୍ଣ୍ଣୀରବ—ସିଂହ । ୪୦ । ବିଭ୍ରାଜିତ—ଶୋଭିତ, ସୁବର୍ଣ୍ଣଧରାସୁରଙ୍କ—ବୃହସ୍ପତି ସଦୃଶ ବ୍ରାହ୍ମଣମାନଙ୍କର । ୪୧ । ସୁନାସୀର—ଇନ୍ଦ୍ର । ୪୨ । ତୁରୀୟ ସମୟେ—ଚତୁର୍ଥାବସ୍ଥାରେ, ପ୍ରତ୍ୟୂହ—ବାଧା, ଦୁଃଖ । ୪୪ । ଚଣ୍ଡଭାନୁସୁତଦଣ୍ଡ—ଯମଦଣ୍ଡ । ୪୫ । ଜଗନ୍ନାଥଙ୍କ ଭୋଗ ବିମଳାଙ୍କୁ ସମର୍ପିତ ହେବାପରେ 'ମହାପ୍ରସାଦ'ରେ ପରିଣତ ହୁଏ । ୪୮ । ବଳରାମ ରଜୋଗୁଣରୂପୀ; ସୁଭଦ୍ରା ତମୋରୂପିଣୀ ଓ ଜଗନ୍ନାଥ ସତ୍ତ୍ୱରୂପୀ । ରଜତମହୀଧ୍ରନିକେତନ—ରୂପାପର୍ବତତୁଲ୍ୟ ପ୍ରାସାଦ, ବଡ଼ ଦେଉଳ । ୪୯ । ଭଣ୍ଡପୂର୍ବଗଜାନନ—ଭଣ୍ଡ ଗଣେଶ । ୫୦ । ପ୍ରପଞ୍ଚବାସନା—ସଂସାରକାମନା । ୫୧ । ଶ୍ରୁତିମୁଖ—ବ୍ରହ୍ମା । ୫୨ । ଶିରୀକଳ୍ପବଲ୍ଲରୀ—ସୌଭାଗ୍ୟ ରୂପ କଳ୍ପଲତା । ୫୩ । ଇନ୍ଦ୍ରଦ୍ୟୁମ୍ନ···ଧବ—ଇନ୍ଦ୍ରଦ୍ୟୁମ୍ନଙ୍କ ଆନନ୍ଦସାଗର

ମାଳିକା ବିକାଳିକ । କରନ୍ତୁ ଶଂ-ବରବୃଷ୍ଟି ମୋଠାରେ କାଳିକା ଗୋ ।
୫୪ । ଶ୍ରୀବତ୍ସଲାଞ୍ଛନ ବକ୍ଷଗୁଚ୍ଛସହଚରୀ । ଚରାଚରେଶ୍ୱରୀ ନେତ୍ର
ଅନ୍ତେ ରଚ ଶିରୀ ଗୋ । ୫୫ । ସମୃଦ୍ଧ ରାକ୍ଷସପୁଞ୍ଜ ବୁଦ୍ଧିର ପ୍ରଭାବ ।
ସମୀରନନ୍ଦନ ବଢ଼ାଅ ମୋ ନେଜୋତ୍ସବ ହେ । ୫୬ । ବିଘ୍ନ-
ଘନବିନ୍ୟସ୍ତ ଗଣେଶ ନୃହର । ହରନ୍ତୁ ମୋହର ଚିତ୍ତସନ୍ତାପ ଲହରୀ ହେ ।
୫୭ । ସୁରଧୁନୀ ଆଦି ନଦୀମାନଙ୍କର ତୀର୍ଥ । ଶ୍ରୀଚରଣାମୃତ କୁଣ୍ଡ କରନ୍ତୁ
କୃତାର୍ଥ ହେ । ୫୮ । ଅମ୍ବରସ୍ଥଳୀମହିଳା ରତନଭୂଷଣ । କରନ୍ତୁ ପୂଷଣ
କଳିଜମ୍ବାଳ ଶୋଷଣ ଯେ । ୫୯ । ପାତାଳେଶ ନାମ ବ୍ୟୋମକେଶ
ଉତ୍ତରଣୀ । ଦୁହେଁ ମୋର ହୁଅନ୍ତୁ ରକ୍ଷକ ଉଦ୍ଧାରିଣୀ ଯେ । ୬୦ ।
ଅମରୀଗୀତ ଲାବଣ୍ୟବିଭୂତ ସେ ମୋତେ । ରଖନ୍ତୁ ଶୀତଳା କୃପା ଅପାଙ୍ଗେ
ନିରତେ । ୬୧ । ଧରାଧର ଅଧିରାଜ କନ୍ୟାତୁଲେ ମିଶି । କର ଲୋକେଶ୍ୱର
ମୋତେ ସ୍ୱପଦନିବାସୀ ହେ । ୬୨ । କାଶୀ ତେଜି ଆସି ଯେଉଁ କଲେ
କ୍ଷେତ୍ରସ୍ଥିତ । ବିଶ୍ୱନାଥ ନିଃସ୍ୱ ଚିନ୍ତାମଣି ସେ ମୋ ଗତି ହେ । ୬୩ ।
ଶ୍ମଶାନନିଳୟ ଦିଗମ୍ବର ହେଲେ ହେଲେ । ବୃଷା ନ ଦେଖିବା ଶିରୀ ଦିଅନ୍ତି
ଯେ ଭଲେ ହେ । ୬୪ । ଇଶାନ ସ୍ୱଭାବ ପ୍ରଭୁ ଇଶାନନାଥର । ସମଗ୍ରତା
ସେ କରିବେ ମୋ ମନୋରଥର ଯେ । ୬୫ । ସୁନ୍ଦର ମନ୍ଦର ଜଗନ୍ମୋହନ
ଯା ନାମ । ଲକ୍ଷବାର ଘେନନ୍ତୁ ସେ ମୋହର ପ୍ରଣାମ ଯେ । ୬୬ ।
ସଦାଶିବ ଶିବ ସେ ବାରିଜସୁତ ଦୁହେଁ । ପ୍ରତିକୂଳକୁଳକୁ ନାଶନ୍ତୁ
ଅନୁଗ୍ରହେ ଯେ । ୬୭ । ଭୟଙ୍କର ଦୁଷ୍ଟଜନରକ୍ଷକ ଯା ନାମ । ପକ୍ଷପାତ

---

ବଢ଼ାଇବାରେ ପୂର୍ଣ୍ଣିମା ଚନ୍ଦ୍ରସ୍ୱରୂପ । ୫୦ । ସ୍ଫୁଟଅଟ୍ଟହସନ—ଯାହାଙ୍କର
ଅଟ୍ଟହାସ ବକପଙ୍କ୍ତି ପରି ଓ ଯାହାଙ୍କର ବର୍ଣ୍ଣ କଳାମେଘ ପରି । ଶଂ-ବରବୃଷ୍ଟି—
ମଙ୍ଗଳରୂପ ବରଦାନ ଏବଂ ଜଳବୃଷ୍ଟି । ୫୫ । ଶ୍ରୀବତ୍ସ···ସହଚରୀ—ଶ୍ରୀକୃଷ୍ଣଙ୍କ
ବକ୍ଷସ୍ଥଳନିବାସିନୀ । ନେତ୍ର...ଶିରୀ—ନେତ୍ରକୋଣରେ ମୋ ସୌଭାଗ୍ୟର
ସଙ୍କେତ କର । ୫୬ । ସମୃଦ୍ଧ...ପ୍ରଭାବ—ପରାକ୍ରାନ୍ତ ରାକ୍ଷସମାନଙ୍କର ଯୁଦ୍ଧ
ବୁଦ୍ଧିର ଶାସକ । ସମୀରନନ୍ଦନ—ହନୁମାନ । ୫୯ । ପୂଷଣ—ସୂର୍ଯ୍ୟ;
କଳିଜମ୍ବାଳ—କଳିକାଳଜନିତ ପାପରୂପ ପଙ୍କ । ୬୦ । ପାତାଳେଶ୍ୱର ଶିବ
ଓ ଉଦ୍ଧରଣୀ ଠାକୁରାଣୀ—ଯଥାକ୍ରମେ ମୋ ରକ୍ଷକ ଓ ଉଦ୍ଧାରିଣୀ ହୁଅନ୍ତୁ ।
୬୨ । ଲୋକେଶ୍ୱର—ଲୋକନାଥ ମହାଦେବ; ସ୍ୱପଦନିବାସୀ—ଶିବଲୋକବାସୀ ।
୬୪ । ହେଲେ—ଅକ୍ଳେଶରେ, ଦିଗମ୍ବର—ଲଙ୍ଗଳା, ବୃଷା—ଇନ୍ଦ୍ର ।୬୫। ଇଶାନ
—ସୂର୍ଯ୍ୟଙ୍କପରି ପ୍ରଭାବଶାଳୀ ଇଶାନେଶ୍ୱର । ୬୭ । ସଦାଶିବ ଶିବ—ମଙ୍ଗଳମୟ
ମହାଦେବ; ବାରିଜସୁତ—ବ୍ରହ୍ମା । ୬୮ । ପକ୍ଷିସାର୍ବଭୌମ—ପକ୍ଷିରାଜ, ଗରୁଡ଼ ।

କରନ୍ତୁ ସେ ପକ୍ଷିସାର୍ବଭୌମ ଯେ । ୬୮ । ଜୟ ବିଜୟଙ୍କୁ ମୋ ଅନେକ
ନମସ୍କାର । କଳାହାଟକୁ ଯିବାବେଳେ ନ ନିବାର ହେ । ୬୯ । ନମସ୍ତେ
ଶ୍ରୀ ପରଂବ୍ରହ୍ମ ଚତୁର୍ଦ୍ଧା ବିଗ୍ରହ । ଅବଦାତ କୃଷ୍ଣ ହରିଦ୍ରାଭ ମହାମହ ହେ ।
୭୦ । ଅବକାଶଠାରୁ ପୁଷ୍ପାଞ୍ଜଳି ଯାଏ ରହି । କରୁଥିବି ଦଣ୍ଡବତ ମୋ
ବାଞ୍ଛିତ ଏହି ହେ । ୭୧ । ବନ୍ଦଇ ହେ ବିଶାରଦ ରସାତଳଦେବେ ।
ଦୟାଳୁ ମୋଠାରେ ହୃଦୟାଳୁମାନେ ହେବେ ଯେ । ୭୨ । ସରସ
ଶ୍ରୀହରିପାଦ ମହାକବିମାନେ । ବିହରିଲେ ମହୋନ୍ନତ କବିନବିମାନେ
ଯେ । ୭୩ । ସେବି ମାନ ତେଜି ସେ ବିମାନ ଅନାତପ । କଲି ଚନ୍ଦ୍ରକଳା
ଗ୍ରନ୍ଥାରମ୍ଭ ସଙ୍କଳପ ହେ । ୭୪ । ବିଷଦୋଷ କଣ୍ଠେ ରଖି ଗଉରୀରମଣ ।
ଚନ୍ଦ୍ରକଳାକୁ ଯେମନ୍ତ ଘେନିଲେ ତ ଜାଣ ହେ । ୭୫ । ନିରକ୍ଷର ଖଳ
ନୋହେ କଣ୍ଠାକ୍ଷର ଲକ୍ଷ୍ୟ । ତାହାକୁ ମାଗୁଣୀ ଏତେ ନୋହୁ ସେ ମୋ ପକ୍ଷ
ହେ । ୭୬ । ଚିରନ୍ତନ ଭିତ୍ତିଚ୍ୟୁତ ଶ୍ଳେଷ୍ମଜ ଧ୍ୱନିଙ୍କି । ସୂତ ନିନ୍ଦା
କେଉଁମତେ ପଣ୍ଡିତେ ଘେନି କି ହେ । ୭୭ । ତଥାପି ସେ କର୍ଣ୍ଣବିଳେ
ବ୍ୟଥା ନ ଦେବାକୁ । ବିରତି ଲଭନ୍ତୁ ବୋଲି କହୁଛି ତାହାଙ୍କୁ ଯେ ।
୭୮ । ପଦଲଗ୍ନ ଜମ୍ବାଳକୁ ଜଳେ ଧୁଅଇଲେ । ତା ମାର୍ଜନା କଲି ବୋଲି
କେହି ତ ନ ବୋଲେ ହେ । ୭୯ । ଦ୍ୱିତୀୟ ଛାନ୍ଦରେ ହେବ ଚରିତ
ଅରମ୍ଭ । ନିର୍ବାହରୁ ଅନ୍ତରାୟ ହରିବେ ହେରମ୍ବ ହେ । ୮୦ । ଚିନ୍ତା ରଖି
ସୀତାକାନ୍ତ ପଦସରୋରୁହେ । କଳନ୍ତିବଧବ୍ରାମରାବତୀପତି କହେ
ହେ । ୮୧ ।

---

୬୯ । କଳାହାଟ—ଜଗମୋହନ ଓ ରତ୍ନସିଂହାସନ ମଧ୍ୟରେ ଥିବା ପ୍ରଥମ ଦ୍ୱାରକୁ ଜୟ ବିଜୟ ଦ୍ୱାର ଓ ରତ୍ନସିଂହାସନର ନିକଟବର୍ତ୍ତୀ ଦ୍ୱାରକୁ କଳାହାଟ ଦ୍ୱାର କୁହାଯାଏ । ୭୦ । ଅବଦାତ—ଶୁକ୍ଳ, ମହାମହଃ—ମହତ୍ ତେଜଃସ୍ୱରୂପ । ୭୨ । ରସାତଳଦେବେ—ବ୍ରାହ୍ମଣମାନେ । ୭୩, ୭୪ । ଶ୍ରୀହର୍ଷ—ନୈଷଧ-ଚରିତ ନାମକ ସଂସ୍କୃତ ମହାକାବ୍ୟପ୍ରଣେତା । କବିନବିମାନ—କବିତ୍ୱରୂପ ବିମାନ । ମାନ ତେଜି—ଅହଙ୍କାର ଛାଡ଼ି, ସେ ବିମାନଅନାତପ ସେବି—ସେ ବିମାନର ଛାଇକୁ ଆଶ୍ରୟ କରି । ୭୬ । ଚିରନ୍ତନ ଭିତ୍ତିଚ୍ୟୁତ—ପୁରୁଣା କାନ୍ଥରୁ ଖସୁଥିବା । ଶ୍ଳେଷ୍ମଜ—ଠେକାରୁ ଜାତ ହେଉଥିବା । ୮୦ । ହେରମ୍ବ— ବିଘ୍ନରାଜ ଗଣେଶ ।

# ଦ୍ୱିତୀୟ ଛାନ୍ଦ

## ରାଗ—କେଦାର କାମୋଦୀ

## ( ପୂର୍ବଜନ୍ମ ବୃତ୍ତାନ୍ତ )

ଶୁଣିମା ହେଉ ବିଶାରଦେ ସାଦରେ । ବଳଦଳନ ଶେଷ ମହା
ମୋଦରେ ଯେ । ମହେନ୍ଦ୍ର ବସିଥିଲେ ଅରମ୍ଭି ସଭା । କେ ଭାରତୀରେ କହୁ
ସଭାର ଶୋଭା ଯେ । ୧ । ନବ ଦଗୀଶ ଏକାଦଶ ଗିରୀଶ । ଦ୍ୱାଦଶ
ବାସରେଶ ନବ ଲୋକେଶ ଯେ । ସପ୍ତବିଂଶତି ଋକ୍ଷ ଚନ୍ଦ୍ରାଦି ଗ୍ରହ । ବିରାଜି
ଥିଲେ ଧରି ନିଜ ବିଗ୍ରହ ହେ । ୨ । ଦ୍ୱିଶତବିଂଶତି ଯେ ମହାରାଜିକ ।
ହୋଇ ନ ଥିଲେ ନିକ ସେ ସାମାଜିକ ହେ । ପ୍ରସିଦ୍ଧ ସିଦ୍ଧ ସାଧ୍ୟ ଧାତ୍ରୀରେ
ମିଶି । ହରଷେ ଥିଲେ ଅଷ୍ଟବସୁଏ ବସି ଯେ । ୩ । ତ୍ରିଶତ ଷଡ଼ଧିକ
ତୁଷିତ ସୁରେ । ପ୍ରବନ୍ଧସଂଖ୍ୟା ଆଭାସ୍ୱର ନିକରେ, ହେ । ବ୍ରାହ୍ମୀ ପ୍ରମୁଖ
ମାତା ଥିଲେ ବିରାଜି । ଶ୍ରୁତିମଣ୍ଡଳୀ ଥିଲେ ମୂର୍ତ୍ତିକି ଭଜି ଯେ । ୪ । ଭଣି
ମାନବ ଗିରେ କେ କହୁ ଶେଷ । ଅଣିମା ଆଦି ବିଭୂତିଙ୍କ ବିଳାସ ଯେ ।
ରାଶି ବାସର ତିଥି ଯୋଗ କରଣ । କାଶୀବାସିଭୂଷଣ ଭୂପତିଗଣ
ହେ । ୫ । ନିମିଷୁଁ ମନ୍ୱନ୍ତର ଯାଏ ଶରୀର । ମାନଙ୍କୁ ଘେନି କାଳ ଥିଲା
ହାଜର ହେ । ଦୁଇ ଯୁଗଳ ଯୁଗ ଯାଗଙ୍କ ରାଜି । ଷଡ଼ଋତୁଙ୍କ ପାଶେ
ଥିଲେ ବିରାଜି ଯେ । ୬ । ଗୁରୁସଂବର୍ତ୍ତି ବର୍ତ୍ତିଥିଲେ ହରଷେ । ସପତ
ଦ୍ୱୀପ ଗୁରୁ ସମୁଦ୍ର ପାଶେ ଯେ । ଅଷ୍ଟସଂଖ୍ୟକ କୁଳ ଧରନୀ ଧରେ । ଅଭ୍ରମୁ-
ରମଣାଦି ଆଶାକୁଞ୍ଜରେ ଯେ । ୭ । ଅତଳ ଆଦି ବିଶ୍ୱଲୋକ ନିକର ।
କରକୁ ଯୋଡ଼ି ହୋଇଥିଲେ କିଙ୍କର ଯେ । ପ୍ରଭବ ଆଦି ସମ୍ବତ୍ସରଙ୍କ ତୁଲେ ।
ଇନ୍ଦ୍ରପ୍ରମୁଖ ଖଣ୍ଡ ମଣ୍ଡଳେ ଥିଲେ ଯେ । ୮ । ଊନପଞ୍ଚାଶ ସଂଖ୍ୟା ଜଗତ-

---

ଦ୍ୱିତୀୟ ଛାନ୍ଦ

୧ । ବଳଦଳନ ଶେଷ—ବଳାସୁର ବିନାଶ ପରେ । ୨ । ନବଦଗୀଶ—ଇନ୍ଦ୍ରଙ୍କ ଭିନ୍ନ ଅନ୍ୟ ନବଦିକ୍‌ପାଳ, ଦ୍ୱାଦଶବାସରେଶ—ବାରସୂର୍ଯ୍ୟ, ଲୋକେଶ—ପ୍ରଜାପତି, ଋକ୍ଷ—ନକ୍ଷତ୍ର, ବିଗ୍ରହ—ଶରୀର ।୩। ଧାତ୍ରୀ—ଧାଡ଼ି ।୪। ତୁଷିତସୁର—ଗଣଦେବତାବିଶେଷ, ପ୍ରବନ୍ଧସଂଖ୍ୟ ଆଭାସ୍ୱରନିକରେ—୬୪ ସଂଖ୍ୟକ କାନ୍ତଦେବତା, ଶ୍ରୁତିମଣ୍ଡଳୀ—ବେଦସମୂହ । ୬ । ଦୁଇଯୁଗଳଯୁଗ—ଗୁରୁଯୁଗ । ୭ । ଗୁରୁସଂବର୍ତ୍ତି—ସଂବର୍ତ୍ତି ଆଦି ଗୁରୁ ମେଘ, କୁଳଧରନୀଧରେ—କୁଳପର୍ବତମାନେ, ଅଭ୍ରମୁରମଣ—ଐରାବତହସ୍ତୀ, ଆଶାକୁଞ୍ଜରେ—ଦିଗ୍‌ହସ୍ତୀମାନେ ।୮। ଇନ୍ଦ୍ରପ୍ରମୁଖ ଖଣ୍ଡମଣ୍ଡଳ—

ପ୍ରାଣ । ଅଗମ୍ୟାଦି ଅରଣ୍ୟ ଶବରଗଣ ହେ । ଅଯୋଧ୍ୟା ଆଦି ସପ୍ତପୁରୀ ମୂରତି । ଏକ ପ୍ରଦେଶେ ହୋଇଥିଲେ ଭରତି ହେ । ୯ । ଅଙ୍ଗ ବଙ୍ଗାଦି ଷଠ ପଞ୍ଚାଶ ଦେଶ । ହାଜର ଥିଲେ ଧରି ନିର୍ଜର ବେଶ ହେ । ଯକ୍ଷ ଗନ୍ଧର୍ବ-କୁଳ ଗନ୍ଧର୍ବାନନେ । ହାହାଦି ମହାଗୁଣଶାଳୀ ଗାୟନେ ହେ । ୧୦ । ମରୀଚି ଆଦି ଅତି ଚିରନ୍ତ ଋଷି । ଧରି ଚିନ୍ମୟସ୍ୱରୂପ ଥିଲେ ସେ ବସି ହେ । ବେଦସଂଖ୍ୟକ ସମ୍ପ୍ରଦାୟ ଆଶ୍ରମ । ଷଠ ପ୍ରମାଣ ବ୍ରତ ସନ୍ତତି ଶମ ହେ । ୧୧ । ହ୍ରୀଭ୍ରାନ୍ତି କାନ୍ତି କୀର୍ତ୍ତି କରୁଣା କ୍ଷମା । ସମୃଦ୍ଧି ଲଜ୍ଜା ଯେଣି ନିଧି ଉପମା ହେ । ରମ୍ଭାଦି ଜମ୍ଭାରାତି ପ୍ରିୟ ସୁକେଶୀ । ଜୃମ୍ଭାଦି ନିଦ୍ରା ଯାଏ ଥିଲେ ବିଳସି ଯେ । ୧୨ । ସଂକଳ୍ପ ମଣି ମହୌଷଧିଏ ସୁଖେ । ଥିଲେ ଅଶ୍ୱିନୀତନୁଭବଙ୍କ ପାଖେ ଯେ । ନନ୍ଦନବନୀ ହରିଚନ୍ଦନଲତା । ଏ ସମସ୍ତଙ୍କ ପରିଣାମ ଦେବତା ଯେ । ୧୩ । ଯହିଁ ସାକ୍ଷାତ ସୁର ଈଶ୍ୱର ବିଜେ । କେତେ କହିବା ଯେତେ ଥିଲେ ସମାଜେ ଯେ । ଏକାଳେ ମେରୁପାଦ କୃତମନ୍ଦର । ଲବଣ୍ୟଧ୍ୱଜ ନାମ ଗନ୍ଧର୍ବ ବର ହେ ।୧୪। କେଳି-ମଞ୍ଜୁଳା ନାମ ମହିଳାସାଥେ । ଯେଣି ମୋହନା ନାମ ବିପଞ୍ଚୀ ହାତେ ଯେ । ପ୍ରବେଶ ହୋଇ ଦିବ୍ୟ ସଂସଦତଳେ । ଜମ୍ପତି ଶିରେ କର ଯୋଡ଼ିବା ବେଳେ ଯେ । ୧୫ । ଏକାବେଳକେ ସଭ୍ୟ ନେତ୍ରମଣ୍ଡଳୀ । କଲା ସେ ଯୁଗଳର ଉପରେ କେଳି ଯେ । ଶଙ୍କମାନସେ ଏହି ଚିନ୍ତା ରହିଲା । ଏ ଶତକୋଟି ଆହା ନେତ୍ର ନୋହିଲା ଯେ ।୧୬। ସଂଯତ ତେଢ଼େ ବଡ଼ ବିବୁଧ-ସଭା । ମଦନେ କମ୍ପିଗଲା ଚାହିଁ ତା ଶୋଭା ଯେ । ଗନ୍ଧର୍ବ କଲା ଗୁଣାଙ୍ଗୁଳି ସଂଯୋଗ । ତା ରାମା କଲା ମନୋରଞ୍ଜନା ରାଗ ଯେ । ୧୭ । ନୟନେ ଚାହିଁ

---

ଇନ୍ଦ୍ରାଦି ନବଖଣ୍ଡ ମହୀମଣ୍ଡଳ । ୧୦ । ଗନ୍ଧର୍ବାନନେ—ଘୋଡ଼ାଙ୍କ ମୁହଁ ପରି ଯେଉଁ କିନ୍ନରମାନଙ୍କ ମୁହଁ, ଗାୟନେ—ଗାୟକମାନେ । ୧୧ । ଅତି ଚିରନ୍ତ—ଖୁବ୍ ପୁରାତନ, ଚିନ୍ମୟ—ଜ୍ଞାନମୟ, ବେଦସଂଖ୍ୟକ—ଚାରିସଂଖ୍ୟକ, ଷଠ ପ୍ରମାଣବ୍ରତ—ଜନ୍ମାଷ୍ଟମୀ ପ୍ରଭୃତି ଷଡ଼ଜୟନ୍ତୀ, ସନ୍ତତି—ଗୋଣଦେବତା, ଶମ—ଶାନ୍ତଦେବତା । ମହାପଦ୍ମାଦିନିଧିମାନେ ହ୍ରୀଭ୍ରାନ୍ତି ପ୍ରଭୃତିଙ୍କ ସଙ୍ଗେ ଶୋଭା ପାଉଥିଲେ, ଜମ୍ଭାରାତିପ୍ରିୟ—ଇନ୍ଦ୍ରଙ୍କ ପ୍ରଣୟିନୀ, ଜୃମ୍ଭା—ହାଇମାରିବା (ଏକଗୋଟି ଦେବତା) ।୧୩। ସଂକଳ୍ପ-ମଣି—ଚିନ୍ତାମଣି, ଅଶ୍ୱିନୀତନୁଭବ—ଅଶ୍ୱିନୀକୁମାର, ପରିଣାମ ଦେବତା—ଇଷ୍ଟ-ଦେବତା ।୧୪। ମେରୁପାଦକୃତ ମନ୍ଦର—ମେରୁପର୍ବତ ପାଦଦେଶରେ ଯେ ଘରକରି ରହିଥିଲା ।୧୫। ବିପଞ୍ଚୀ—ବୀଣା, ଦିବ୍ୟସଂସଦ—ସ୍ୱର୍ଗୀୟ ସଭା, ଜମ୍ପତି—ଦମ୍ପତି, ପତି ଓ ପତ୍ନୀ ।୧୭। ଗୁଣାଙ୍ଗୁଳିସଂଯୋଗ—ବୀଣାର ତାରରେ ଅଙ୍ଗୁଠି ଲଗାଇବା ।

ଛବି ଅପରମିତ । ଶ୍ରବଣେ ଶୁଣି ସର୍ବୋତ୍ତର ସଙ୍ଗୀତ ହେ । ସଭା ଦିଶିଲା ହେଲା ପର ଯା ଲେଖା । ସେ ଦନ୍ତୁ ବୋଲାଇଲେ ଗୀର୍ବାଣେ ଲେଖା ଯେ । ୧୮ । ରାକାରସିକ ବିଶ୍ୱମୟୂଖ ରଢ଼ି । ତାରାଡ଼ମ୍ବର ଯଥା ଛପଇ ସଢ଼ି ଯେ । ଯହୁଁ ଦୁହିଙ୍କ କରକାନ୍ତି ବାଜିଲା । ନିର୍ଜରଙ୍କର ତେଜଃପୁଞ୍ଜ ଭାଜିଲା ଯେ । ୧୯ । ନିର୍ବାଣାଲାତ ପର ହେବାରୁ ଶିରୀ । ଗୀର୍ବାଣାବଳି ଚିତ୍ତେ ହେଲା ଏପରି ଯେ । ଭ୍ରମରେ ହେଲେ ଏହା ସମରେ କେହି । ଅମରେ ଆମ୍ଭେ ଦିଶିଲୁଁ ତ ନାହିଁ ଯେ । ୨୦ । ଭ୍ରମରୀ ତୁଲ୍ୟ କେଶ ଠାରୁ ନିରେଖି । ଚମରୀନୟନାକୁ ତାହାର ଦେଖି ଯେ । ଅମରୀ ବରୁରିଲେ ନ ମରି ଆମ୍ଭେ । କାହିଁକି ଧରଥାଇଁ ଦେହକୁ ଦମ୍ଭେ ଯେ । ୨୧ । ତଦନନ୍ତରେ ସୁରେ ଭଲି ମାନସେ । ଗନ୍ଧର୍ବ ଦମ୍ପତିଙ୍କ ବସାଇ ପାଶେ ଯେ । କହିଲେ ତୁମ୍ଭ ରୂପ ଗୁଣ ବରୁରି । ପ୍ରସନ୍ନ ହେଲୁଁ ସର୍ବ ନିଦିବରୁରୀ ଯେ । ୨୨ । ଏ ଲୋକେ ଅମ୍ଭ ତୁଲେ ହେବ ଦେବତା । ଯାହା ମାଗିବ ଏବେ ଦେବେ ଦେବତା ଯେ । ଦୁହେଁ ଦୁହିଙ୍କ ଦେହ ଲାବଣ୍ୟେ ଲବ । ଦେବଙ୍କୁ କାନ୍ତ କାନ୍ତା ଦେବୀଙ୍କି ଦେବ ହେ । ୨୩ । ସୁରଙ୍କ ରୂପରଙ୍କ ଭାରତୀ ଶୁଣି । ସରୂପ ସ୍ୱରୁପାତ ହେଲା କି ମଣି ଯେ । ବିସ୍ମିତ ହୋଇ କର ଯୋଡ଼ି କହିଲେ । ଉଚିତ ପ୍ରକାରେ ତ ଅଙ୍କା ନୋହିଲେ । ୨୪ । ନିର୍ଦ୍ଦୋଷ ରମ୍ୟରୂପ ଗୁଣପଟଳୀ । ବନ୍ଦର୍ବିମାନଙ୍କର ମୂଳ ସଙ୍ଗାଳି ଯେ । ହାକର ଅଛୁଁ ପ୍ରାଣ ସମର୍ପଣକୁ । କେ ଦେବ ସଜ୍ଜନର୍ଯ୍ୟ ଗୁଣ କଣିକୁ ହେ । ୨୫ । ପରସମ୍ପତ୍ତେ ରଖିବାର ଈକ୍ଷଣ । ନୁହଇ ତୁମ୍ଭପରି ପ୍ରଭୁ ଲକ୍ଷଣ ଯେ । ଦେବ ଯାହାକୁ ନିକ୍ଷ ନେଇ ତାହାର । ଏ ରୀତି ଚତୁର୍ଦ୍ଦଶ ଲୋକୁଁ ବାହାର ହେ । ୨୬ । କରି ଏ କରକଶ ଗିର ଶ୍ରବଣ । କୁପିତ ହୋଇ ନାକନିବାସିଗଣ ଯେ । ଗାୟନ ଯୁବା ଯୁବତୀଙ୍କ ଉପରେ । ପ୍ରହାର ଗଲେ ତୀବ୍ରଶାପ ରୋଷରେ ଯେ । ୨୭ । ନିଶା ରଥାଙ୍ଗ ଯୁବା ଯୁବତୀ ପରି । ବିଚ୍ଛିନ୍ନ ହୁଅ ନିତ୍ୟେ ଗଢ଼ି ଏ ଶିରୀ ଯେ । ତହୁଁ ଉଦିତ ହେଲା ପ୍ରଳୟ ଭୟ । ଝାମ୍ପିଲା କମ୍ପ ଜମ୍ପତିର ହୃଦୟ ଯେ । ୨୮ । ଶୋକବିବଶ

---

୧୮ । ସର୍ବୋତ୍ତର—ଉତ୍କୃଷ୍ଟ, ଲେଖା—ଚନ୍ଦ, ଦେବତା; ଗୀର୍ବାଣ—ଦେବତା ।
୧୯ । ରାକାରସିକ—ପୂର୍ଣ୍ଣିମାଚନ୍ଦ୍ର, ବିଶ୍ୱମୟୂଖ—ସମଗ୍ର କିରଣ, ତାରାଡ଼ମ୍ବର—ନକ୍ଷତ୍ରମାନଙ୍କର ଶୋଭା, ଛପଇ—ଲୁଚଯାଏ, କରକାନ୍ତି—(ଶରୀରର) ତେଜର ଶୋଭା । ୨୦ । ନିର୍ବାଣାଲାତ—ନିଆଁ ନିଭି ଯାଇଥିବା ଅଙ୍ଗାର ପରି ।
୨୪ । ସରୂପ ସ୍ୱରୁପାତ—ପ୍ରକୃତ ବଜ୍ରପାତ । ୨୫ । ଗୁଣପଟଳୀ—ଗୁଣସମୂହ ।

ହୋଇ କଲେ ଏ ସ୍ତୁତି । ନମୋ ନମସ୍ତେ ସୁଧାଶନସନ୍ତନ୍ତ ହେ । ନମସ୍ତେ ନାକଲୋକଜନବାସିବାର । ଉଚିତ ନୋହେ ଦୀନ ବିନାଶିବାର ହେ ।୨୯। ପୀୟୂଷ ଅମ୍ଭୋଦରୁ ଦମ୍ଭୋଳି ବୃଷ୍ଟି । ସମ୍ଭବିଲେ କି ଆଉ ସ୍ତମ୍ଭିବ ସୃଷ୍ଟି ହେ । ରକ୍ଷକଠାରେ ହେଲେ ଭକ୍ଷକରୀତି । ଶରଣଠାରୁ ହେଲେ ମରଣ ଭୀତି ହେ । ୩୦ । ଫନ୍ଦା ହୁଅଇ ନିନ୍ଦା ସର୍ବ ବଦନେ । ବନ୍ଦିରୁ ବିନାଶନ ନାହିଁ ଭୁବନେ ହେ । ହରଙ୍କି ଭଜି ଯମ୍ଭୁ ଡର କି ଲବେ । ତସ୍କର ପାଇ ବୁଡ଼ିମରି କି କେବେ ହେ । ୩୧ । ପ୍ରପନ୍ନତ୍ରାଣପରାୟଣ ଲକ୍ଷଣେ । ବକ୍ଷଣ କର ରକ୍ଷା ସୁବିଚକ୍ଷଣେ ହେ । ଯେବେ ଇତ୍ୟାଦି ସ୍ତବ ଶ୍ରବଣପୁଟେ । ଦେବେ ବିହିଲେ କୃପା ହୃଦସମ୍ପୁଟେ ଯେ । ୩୨ । ତପ୍ତ ଅଙ୍କୁରେ ଯଥା ସୁଧା ସେଚନ । ରଚିଲେ ତଥା ଏହି ମୃଦୁ ବଚନ ଯେ । ବୃଥା ନୁହଇ କଥା ତ୍ରିଦଶଙ୍କର । ତଥାପି ହେଉ ବ୍ୟାହାର ଏ ଗିର ଯେ ।୩୩। ଦେହାନ୍ତେ ଏହି ରୂପ ଗୁଣ ବହିବ । ଏ ଦେହେ ଅଭ ତୁମ୍ଭ ସଙ୍ଗ ନୋହିବ ଯେ । ଏହି ନିକଟେ ଲବ୍ଧ ହେବ ପଞ୍ଚତା । ତୁ ହେବୁ ଦ୍ରୁମ, ଲତା ହେବ ବନିତା ଯେ । ୩୪ । ଗୋମତୀତୀରେ ହେବୁ ତୁ ଚୂତତରୁ । କୈଳାସେ ଦ୍ରାକ୍ଷାଲତା ହେବ ରମ୍ଭୋରୁ ଯେ । ଫଳେ ତୃପିଙ୍କି ଶଶିଚୂଳ ଶିବାଙ୍କୁ । ତୋଷିବ ତରୁ-ଜନ୍ମ ତରିଯିବାକୁ ଯେ ।୩୫। ନୃଲୋକେ ରବିଭବ ବାହୁଜକୁଳେ । ଜନକଜନୟିତ୍ରୀ ତପସ୍ୟାବଳେ ଯେ । ବଦାନ୍ୟ ବିଶାରଦ ଶୂର ସୁନ୍ଦର । ହୋଇ ହୋଇବୁ ମହାରାଜକୁମାର ଯେ । ୩୬ । ସରୋଜସମ୍ଭବ କ୍ଷତ୍ର-ବଂଶରେ । ଗିରିସାମନ୍ତତନୁଭବା ଅଂଶରେ ଯେ । ଏଥୁଁ ଅଧିକ ଶୋଭା ଗୁଣକୁ ଧରି । ତୋ ରାମା ହେବ ଚକ୍ରବର୍ତ୍ତୀକୁମାରୀ ଯେ । ୩୭ । ସେହି ଦେହରେ ପୁଣି ଦାମ୍ପତସୁଖ । ପାଇବ ଯଥା ବିତଫୁଲ୍ଲବଶୀଖ ଯେ ।

---

୨୮ । ନିଶାରଥାଙ୍ଗ ଯୁବାଯୁବତୀ ପରି—ରାତ୍ରିରେ ପରସ୍ପର ବିଚ୍ଛିନ୍ନ ରହୁଥିବା ଚକ୍ର-ବାକ ଦମ୍ପତି ପରି, ପ୍ରଳୟ—ମରଣ ।୨୯। ସୁଧାଶନସନ୍ତତି—ଅମୃତଭୋଜନକାରୀ ଦେବବୃନ୍ଦ, ନାକଲୋକଜନବାସିବାର—ସ୍ୱର୍ଗଲୋକବାସିଗଣ । ୩୦ । ପୀୟୂଷ-ଅମ୍ଭୋଦରୁ—ଅମୃତପୂର୍ଣ୍ଣମେଘରୁ, ଦମ୍ଭୋଳି—ବଜ୍ର, ସ୍ତମ୍ଭିବ—ସ୍ଥିରହେବ,ରହିବ; ଭକ୍ଷକରୀତି—ସର୍ପପରି ବ୍ୟବହାର । ୩୧ । ଫନ୍ଦା—ବ୍ୟବସାୟ, ବନ୍ଦାରୁ—ବନ୍ଦୀ, ଭାଟ ( ଗନ୍ଧର୍ବମାନେ ଦେବତାଙ୍କର ଭାଟକାର୍ଯ୍ୟ କରନ୍ତି ) । ୩୨ । ହୃଦସମ୍ପୁଟେ—ହୃଦୟରୂପ ଫରୁଆରେ । ୩୪ । ପଞ୍ଚତା ଲବ୍ଧ ହେବ—ପଞ୍ଚତ୍ୱ ପ୍ରାପ୍ତ ହେବ ଅର୍ଥାତ୍ ମରିବ । ୩୬ । ରବିଭବ ବାହୁଜ—ସୂର୍ଯ୍ୟବଂଶୀୟ କ୍ଷତ୍ରିୟ, ବଦାନ୍ୟ—ଦାତା, ବିଶାରଦ—ପଣ୍ଡିତ ।୩୭। ସରୋଜସମ୍ଭବ କ୍ଷତ୍ରବଂଶରେ—ପଦ୍ମଜାତ କ୍ଷତ୍ରିୟକୁଳରେ,

ଏ ଅଙ୍କା ଅନ୍ତ୍ରେ ଊର୍ଦ୍ଧ୍ୱେ ଦଅନ୍ତ୍ରେ ଦୃଷ୍ଟି । ହୋଇଲା କଳ୍ପତରୁ କୁସୁମବୃଷ୍ଟି ଯେ । ୩୮ । ସପକ୍ଷ ଯାନଯୁଗ ହାଜର ହେଲା । ବହି ଦୁହିଁଙ୍କି ଦୁଇ ପ୍ରଦେଶେ ନେଲା ଯେ । ବାତାମ୍ବୁପର୍ଣ୍ଣାଶନ ତପ ଆଚରି । ମୁନିମଣ୍ଡଳପାଦେ ସେବନ କରି ଯେ । ୩୯ । ଲବଣ୍ୟଧ୍ୱଜ କଲା ବାସ ସେ ବନେ । ରହିଲା ରାମା ଉମାପାଶ ସେବନେ ଯେ । ତାହା ଲବଣ୍ୟଶିରୀ ଗୁଣ ହରିବ । ଅହ୍ଲାଦରେ ନିଜ ପୁତ୍ରୀଙ୍କ ପରି ଯେ । ୪୦ । ପରମ ସ୍ନେହେ କଲେ ପରିପାଳନ । ଦାଇବ ସଂକଳପ ହେବ କି ଆନ ଯେ । ଦିନେ ନାରଦ ବ୍ରହ୍ମାନନ୍ଦ ଅମଳେ । ମତ୍ତି ଅମ୍ବରୋଦରେ ବିହରୁଥିଲେ ଯେ । ୪୧ । ମହତୀ ଦଣ୍ଡେ ଭୂଷା କୁସୁମ-ମାଳ । ଜବନ ପବନରୁ ହୋଇ ଆନ୍ଦୋଳ ଯେ । ପୁନ୍ନାଗ ମଲ୍ଲୀ ଦୁଇ କୁସୁମ ଝଡ଼ି । ଚପଳେ ଗଲେ ଦୁଇ ଦିଗକୁ ଉଡ଼ି ଯେ । ୪୨ । ଗନ୍ଧର୍ବପଙ୍କ୍ତି ସେ ପୁନ୍ନାଗ କୁସୁମ । କଲା ତାହାକୁ ପିକବଲ୍ଲଭ ଦ୍ରୁମ ଯେ । କେଳିମଞ୍ଜୁଳା ଉରେ ବାଜିଲା ମଲ୍ଲୀ । ହେଲା ସେ କଇଳାସେ ମୃଦ୍ୱୀକା ବଲ୍ଲୀ ଯେ । ୪୩ । ସମ୍ପୂର୍ଣ୍ଣ ହେଲା ଭାବ ପ୍ରତ୍ୟୂହଦ୍ୱନ୍ଦ । ଶାପାନୁକମ୍ପ ନାମ ଦ୍ୱିତୀୟ ଛନ୍ଦ ହେ । ତୃତୀୟେ ସର୍ବଜନ ଶ୍ରବଣୋତ୍ସବ । କହିବି ମହାଗଜଘୋଷ ବିଭବ ହେ । ଯେ ବନବାସୀ ହୋଇ ଅବନୀପ୍ରିୟ । ଅସିତାମ୍ବୁଜଦ୍ୟୁତି ସୀତା-ପ୍ରଣୟ ଯେ । ସେ ରାମ ରମଣୀୟ ପଦସାରସ । ବନ୍ଦଇ ରାମଚନ୍ଦ୍ର ଦେବ ନରେଶ ଯେ । ୪୫ ।

---

ଗିରିସାମନ୍ତତନୁଭବା ଅଂଶରେ—ପାର୍ବତୀଙ୍କ ଅଂଶରେ । ୩୮ । ଫୁଲ୍ଲବିଶିଖ—କନ୍ଦର୍ପ । ୩୯ । ସପକ୍ଷ ଯାନଯୁଗ—ପକ୍ଷ ଲାଗିଥିବା ଦୁଇଟି ବ୍ୟୋମଯାନ, ବାତାମ୍ବୁ—ପର୍ଣ୍ଣାଶନତପ—ଯେଉଁ ତପସ୍ୟାରେ କେବଳ ବାୟୁ, ଜଳ, ପତ୍ର ମାତ୍ର ଭକ୍ଷଣ କରାଯାଏ । ୪୦ । ବ୍ରହ୍ମାନନ୍ଦ ଅମଳେ—ପରଂବ୍ରହ୍ମ ଚିନ୍ତାରୂପ ଆନନ୍ଦରେ ବାହ୍ୟଜ୍ଞାନଶୂନ୍ୟ ହୋଇ, ଅମ୍ବରୋଦରେ—ଆକାଶ ମଧ୍ୟରେ । ୪୨ । ମହତୀ—ନାରଦଙ୍କ ବୀଣା, ଜବନ—ବେଗବାନ୍ । ୪୩ । ପିକବଲ୍ଲଭଦ୍ରୁମ—ଆମ୍ବଗଛ, ମୃଦ୍ୱୀକାବଲ୍ଲୀ—ଦ୍ରାକ୍ଷାଲତା । ୪୪ । ପ୍ରତ୍ୟୂହଦ୍ୱନ୍ଦ—ବାଧା ଦୁଇଗୋଟି, ମହାଗଜ-ଘୋଷ—ରାଜଧାନୀର ନାମ । ୪୫ । ଅବନୀପ୍ରିୟ—ପୃଥିବୀପତି, ଅସିତାମ୍ବୁଜଦ୍ୟୁତି—ନୀଳପଦ୍ମପରି କାନ୍ତି ଯାହାଙ୍କର (ରାମଚନ୍ଦ୍ରଙ୍କ ବିଶେଷଣ), ସୀତାପ୍ରଣୟ—ସୀତାପତି ।

# ତୃତୀୟ ଛାନ୍ଦ

## ରାଗ—କୃଷ୍ଣକଳା

( ମହାଗଜଘୋଷ ରାଜଧାନୀର ବର୍ଣ୍ଣନା )

ଶୁଣ ଗୁଣନିକୁରମ୍ବ ନିପୁଣ ନାଗରେ । ମଳୟ ଉତ୍ତର ମେରୁ ଦକ୍ଷିଣ ଭାଗରେ । ଅଛି ଅଭିରାମ କାମରୂପ ନାମ ଦେଶ । ତହିଁ ରାଜେ ରାଜଧାନୀ ମହାଗଜଘୋଷ ହେ ।୧। ଯା ପରିଖା ପରି ଖାତ ନୋହେ ମହାର୍ଣ୍ଣବ । ତ୍ରିକୂଟକୂଟକୁ ବଳି କରେ ନେତ୍ରୋତ୍ସବ ଯେ । ସ୍ୱର୍ଗୀୟ ମାର୍ଗସଂସର୍ଗୀ ମହୋନ୍ନତ ଦୁର୍ଗ । ଗୁରୁଜଳଧରଚୁମ୍ବି ଗୁରୁ ଯେ ଉତ୍ସର୍ଗ ଯେ ।୨। ଭିତ୍ତି-ରନ୍ଧ୍ରେ ମଣ୍ଡା ହୋଇବାରୁ ଗୃଧ୍ରପାଶେ । ଭାର୍ଗବମାର୍ଗଣଭିନ୍ନ ଗିରି ପରି ଦିଶେ ଯେ । ଅଶେଷ ସୁବର୍ଣ୍ଣମାନେ ହେବାରୁ ବରଣ । ଯାଗଶାଳା ପରି ସେ ନଗରୀ ଆଚରଣ ଯେ ।୩। ଅନେକ ସହସ୍ରନେତ୍ର ମଣ୍ଡିତ ହେବାରୁ । ଅତିଶୟ ପ୍ରତିଷ୍ଠିତ ତ୍ରିପିଷ୍ଟପଠାରୁ । ଅସଂଖ୍ୟ ନର ବାହନେ ସଞ୍ଚରିବା ଘେନ । ଅଳକାକୁ ହସୁଛି ସେ ମହାରାଜଧାନୀ ଯେ ।୪। ଅମିତ ହିରଣ୍ୟ ଗର୍ଭଗୃହ ସମ୍ପର୍କରୁ । ସେ ନଗରୀ ଗରୀୟସୀ ବିରଞ୍ଚିଲୋକରୁ । ବହୁ କୁଣ୍ଡଳୀନ ସ୍ନେହପାତ୍ର ସେ କଟକ । ଏଣୁ ଜଣା ହୋଏ ତହୁଁ ଊଣା ନାଗ ଲୋକ ଯେ ।୫। ଶଶାବଳୀ ଅଛି ନିକି ସେ ମଧୁ ପୂର୍ଣ୍ଣିମା । ପଦ୍ମାବଳୀ

---

ତୃତୀୟ ଛାନ୍ଦ

୧ । ନିକୁରମ୍ବ—ସମୂହ । ୨ । ପରିଖା—ଗଡ଼ଖାଇ, ଖାତ—ଗଭୀର (ଖୋଳା ଯାଇଥିବା), ତ୍ରିକୂଟକୂଟ—ଲଙ୍କାସ୍ଥିତ ତ୍ରିକୂଟ ପର୍ବତର ଶିଖର, ସ୍ୱର୍ଗୀୟ ମାର୍ଗସଂସର୍ଗୀ—ଆକାଶସ୍ପର୍ଶୀ, ଗୁରୁଜଳଧରଚୁମ୍ବୀ—ଅତି ଉଚ୍ଚରେ ଥିବା ମେଘକୁ ସ୍ପର୍ଶ କରୁଥିବା, ଉତ୍ସର୍ଗ—ଉଚ୍ଚତା । ୩। ଭିତ୍ତିରନ୍ଧ୍ରେ—ପ୍ରାଚୀର ଗାତରେ ଖୋଳା ଯାଇଥିବା ଗର୍ତ୍ତରେ, ମଣ୍ଡା—ଭୂଷିତ, ଭାର୍ଗବମାର୍ଗଣଭିନ୍ନ ଗିରି—ପରଶୁରାମଙ୍କ ଶରରେ ବିଦୀର୍ଣ୍ଣ ହୋଇଥିବା କ୍ରୌଞ୍ଚ ନାମକ ପର୍ବତ । (ଶ୍ଳେଷାଳଙ୍କାର) ବରଣ—ପ୍ରାଚୀର, ଅନ୍ୟ ପକ୍ଷରେ ନିଯୁକ୍ତକରଣ, ସୁବର୍ଣ୍ଣ—ସୁନା, (ଅନ୍ୟପକ୍ଷରେ) ବ୍ରାହ୍ମଣ । ୪ । ଅନେକ ସହସ୍ର ନେତ୍ର—ବହୁସଂଖ୍ୟକ ପତାକା (ଅନ୍ୟପକ୍ଷରେ) ଅନେକ ଇନ୍ଦ୍ର, ତ୍ରିପିଷ୍ଟପ—ସ୍ୱର୍ଗ, ବାହାନେ—ଶୁଆସାପ୍ରଭୃତି ଯାନରେ, ନରବାହନ—କୁବେର, ଅଳକା—କୁବେରପୁରୀ । ୫ । ହିରଣ୍ୟଗର୍ଭଗୃହ—ସୁବର୍ଣ୍ଣପୂର୍ଣ୍ଣ ଘର, ହିରଣ୍ୟଗର୍ଭ—ବ୍ରହ୍ମା, ବିରଞ୍ଚିଲୋକ—ବ୍ରହ୍ମଲୋକ, ଗରୀୟସୀ—ଅତି ଉତ୍କୃଷ୍ଟ, କୁଣ୍ଡଳୀନ—

ଅଛୁ କି ସେ ବେଶବତୀ ବାମା । ଗୁଣବତୀ ହେବାରୁ ପ୍ରତୀତ ସେ କି ସ୍ରଜ । ମହା ସେନାଦରବତୀକି ଦେବ ଫଉଜ ଯେ । ୬ । ଅନୁସର ଅଛୁ ଯାହା ସୁମଧୁର ଧ୍ୱନି । କବୀନ୍ଦ୍ର ଭାରତୀ କି ସେ ନୋହେ ରାଜଧାନୀ । ହେବା ଯେଣୁ ସୁରୁଚି ରମଣୀଗଣଯୁକ୍ତ । ଭାଗ୍ୟବନ୍ତ ଗୃହପର ହୁଅଇ ପ୍ରତୀତ । ୭ । ଭାସ୍ୱଦଂଶୁ କ୍ଲାନ୍ତ ହୋଇଅଛୁ ଚୁଳଦେଶେ । ମହାପୁରୀ, କଇତବ ବିଷ୍ଣୁପଦୀ କି ସେ । ବହୁବିଧ ଅଗ୍ରହାରରାଜରେ ବିରାଜେ । ଜବାଧରା ପୟୋଧର ବିବାଦକୁ ସାଜେ ଯେ । ୮ । ବିବିଧ ସୁମନ୍ତ୍ରେ ଚଳିବାରୁ ଅଧିକାର । ଅଯୋଧ୍ୟା ନଗରୀକି ସେ କରୁଛି ଧିକ୍କାର । ସମସ୍ତ ଅର୍ଥଦାୟିନୀ ହରିଭକ୍ତ ପର । ବିମାନ ଉଦୟା କି ସେ ଅନୁକୂଳା ନାରୀ ଯେ । ୯ । ନୀତିମତୀ ସେ ଅନୀତିମତୀ କଲି ବିହି । ଅବାଦନା ହେଲେ ହେଲେ ସବାଦନା ସେହି । ଅଗଚୟୋଚିତା ପୁଣି ସେ ନାଗରୋଚିତା । ଗଜଘଣ୍ଟା ପୂର୍ଣ୍ଣ ହୋଇ ନଗଜା ରଚିତା । ୧୦ । ଭୂପରାଗ ନାହିଁ ନିତ ହେବାରୁ ମାର୍ଜିତ । ପୁଣି ଭୂପରାଗରୁ ସେ ହୋଇଛୁ ନିର୍ମିତ । ମଧ୍ୟେ ମଧ୍ୟେ ବିଭୂଷିତ ଚିହ୍ନ ପରଦାରେ । କାହାର ମାନସ ହେଉ ନାହିଁ ପରଦାରେ । ୧୧ ।

---

କୁଣ୍ଡଳପିନ୍ଧିଥିବା,(ଅନ୍ୟପକ୍ଷରେ)—କୁଣ୍ଡଳୀ ବା ସର୍ପ ।୬। ଚନ୍ଦ୍ରାବଳୀ—ଚନ୍ଦ୍ରସମୂହ ଓ ଚନ୍ଦ୍ରାନକ୍ଷତ୍ରସମୂହ, ମଧୁପୂର୍ଣ୍ଣିମା—ଚୈତ୍ରପୂର୍ଣ୍ଣିମା, ପତ୍ରାବଳୀ—ନାନାଜାତୀୟ ବୃକ୍ଷର ପତ୍ର ଓ ସ୍ତନକପୋଳ ପ୍ରଭୃତିରେ ପତ୍ରାକୃତି ଚିତ୍ରରଚନା, ଗୁଣବତୀ—ଗୁଣଯୁକ୍ତା ଓ ସୂତାରେ ଗୁନ୍ଥା ହୋଇଥିବା, ସ୍ରଜ—ଫୁଲମାଳ, ମହାସେନାଦରବତୀ— ବହୁ ସୈନ୍ୟଙ୍କୁ ଯେ ଆଦରରେ ରଖିଅଛି ଓ ମହାସେନ ଅର୍ଥାତ୍ କାର୍ତ୍ତିକେୟଙ୍କୁ ଆଦର କରୁଥିବା, ଦେବଫଉଜ—ଦେବସେନା ।୭। ସୁମଧୁର ଧ୍ୱନି—(ସେ ନଗରୀରେ) ସର୍ବଦା ହେଉଥିବା ସୁନ୍ଦର ଶବ୍ଦ, କବୀନ୍ଦ୍ର ଭାରତୀ—ବାଲ୍ମୀକିଙ୍କ କଥା ବା ରଚନା । ସୁରୁଚିରମଣୀଗଣ ଯୁକ୍ତ—ସୁନ୍ଦର ହୀରାପ୍ରଭୃତି ମଣିରେ ପରିପୂର୍ଣ୍ଣ, (ଅନ୍ୟପକ୍ଷରେ) ସୁରୁଚି (ସୁନ୍ଦର ରୁଚିଯୁକ୍ତା) ରମଣୀଗଣ (ସ୍ତ୍ରୀସମୂହଙ୍କ) ଦ୍ୱାରା ପୂର୍ଣ୍ଣ । ୮ । ଭାସ୍ୱଦଂଶୁକାନ୍ତ—ଶୁକ୍ଳକିରଣମୟ (ସ୍ୱର୍ଗ ଗଙ୍ଗା ପକ୍ଷରେ) ଧଳା କିରଣବୋଲା । ମହାପୁରୀକୈତବ ବିଷ୍ଣୁପଦୀ କି ସେ—ମହାରାଜଧାନୀ ଛଳନାରେ ପ୍ରକୃତରେ ସେ ବିଷ୍ଣୁପଦୀ ଅର୍ଥାତ୍ ଗଙ୍ଗା (ଅପହ୍ନୁତି ଅଳଙ୍କାର), ଅଗ୍ରହାର ରାଜ—ବ୍ରାହ୍ମଣଶାସନସମୂହ ଏବଂ ଆଗରେ ପଡ଼ିଥିବା ହାର, ପୟୋଧର—କୁଚ । ୯ । ସୁମନ୍ତ୍ରେ—ଉତ୍ତମ ମନ୍ତ୍ରଣାଦ୍ୱାରା, ସୁମନ୍ତ୍ର—ଦଶରଥଙ୍କ ସାରଥି ମନ୍ତ୍ରୀ, ଅର୍ଥଦାୟିନୀ—ଧନଦାତ୍ରୀ ଓ ଚତୁର୍ବର୍ଗଦାୟିନୀ, ବିମାନ ଉଦୟା—ନାନାବିଧ ରଥଦ୍ୱାରା ଶୋଭମାନା ଓ ବିଶେଷରୂପେ ମାନବତୀ ।୧୦। ନୀତିମତୀ—ନ୍ୟାୟପରାୟଣା, ଅନୀତିମତୀ—ଶସ୍ୟବିନାଶକ, ଈତିଭୟ ଶୂନ୍ୟ, ବିହି—ବିଧାତା, ଅବାଦନା—

ଅନବରତରେ ନବରତ ମହୋତ୍ସବ । ଉଚ୍ଛୁଳେ ମଙ୍ଗଳଗୀତ ହୁଳହୁଳି ରବ ଯେ । ଅନଙ୍ଗବିଳାସସ୍ଥଳୀ ପର ରସୋତ୍ତର । ପୁଣି ଶତ ଶତ ଶତାଙ୍ଗରେ ମନୋହର ଯେ । ୧୨ । ମରକତ ମାଣିକ୍ୟ ସ୍ଫଟିକ ବାହୁମୟ । ହୋଇ ପ୍ରତି ଗୃହାଙ୍ଗଣେ କେଳି ଜଳାଶୟ । ଯେଣୁ ସର୍ବଋତୁ ମଳୟଜ ପବନକୁ । ସେବିଛନ୍ତି ପ୍ରତିବାଟୀ ପୁଷ୍ପୋପବନକୁ । ୧୩ । ନ ଥିବାରେ କେଳିଗିର ମଣ୍ଡପ ଜଗତୀ । ନାହିଁ ତହିଁ ମହାଜନମାନଙ୍କ ବସତି । କୁରୁବିନ୍ଦ ଇନ୍ଦ୍ରନୀଳ ବଇଡ଼ୂର୍ଯ୍ୟମୟ । ହେବାରୁ ସେ ପୁରେ ଅଛି କୁଟ୍ଟିମ ନିଳୟ । ୧୪ । ଖମଣ୍ଡଳେ ଖେଳିଲା ଯା ତହୁଁ ନାନାଭ୍ରନ୍ତୁ । ଘନେ ବୋଲାଇଲେ କାମରୂପୀ ସେହି ଦନ୍ତୁ । ହଜାର ସ୍ଥଳରେ ଯହିଁ ବଜାର ବସୁଛୁ । ବାଜାର ନିର୍ଘୋଷ ତହିଁ ଉଦରେ ମିଳୁଛୁ । ୧୫ । ଗଜଘଟା ଘଣ୍ଟାନାଦ ବୃଂହିତରେ ମିଶା । ହରିହୟହୟାନ୍ୱୟ ହୟଚୟ ହ୍ରେଷା । ଚନ୍ଦ୍ରସୂର୍ଯ୍ୟ ଚିହ୍ନ ଗୁରୁ ଚସ୍ଳ ମର୍ମର । କର କର୍ଣ୍ଣତାଳ ଧ୍ୱନି ଘରଛଘର୍ଘର ଯେ । ୧୬ । ଉଷ୍ଟ୍ର ପଟଳୀର ପଟୁତର ଗରଜନ । ସଂଳାପ ଆରମ୍ଭିବାରେ ସେ ନଗରଜନ । ବୀଣା ରବା ବେହେଲା ସିତାରାଦି ସଙ୍ଗୀତ । କେତେ କେତେ ସ୍ଥାନେ ବାରବିଳାସିନୀ ନୃତ୍ୟ । ୧୭ । କେତେ ପ୍ରଦେଶରେ ରସୋତ୍ତର ବାକ୍ୟାଳାପ । ଛାନ୍ଦ ଚଉପଦୀ ତଗ ପହେଲୀ କଳାପ । ବେଦାନ୍ତ

—ଅବାଧା ଅର୍ଥାତ୍ ମିତ୍ରମାନଙ୍କୁ ରକ୍ଷା କରେ ଯେ, ସବାଦନା—ସର୍ବଦା ଯେଉଁଠାରେ ବାଦ୍ୟ ବାଜୁଥାଏ । ଅଗଚୟୋତତା—ନାନାବୃକ୍ଷପୂର୍ଣ୍ଣା, ନାଗରୋତତା—ରସିକପୂର୍ଣ୍ଣସ୍ଥାନ, ଗଜଘଟା—ହାତୀସବୁ, ନଗଜାରଚିତା—ପାର୍ବତୀମୂର୍ତ୍ତିଶୋଭିତ । ୧୧ । ଭୂପରାଗ—ଧୂଳି, ମାର୍ଜିତ—ପରିଷ୍କୃତ, ଭୂପରାଗ—ରାଜାଙ୍କ ସ୍ନେହ ବା ଅନୁରାଗ । ଚଳ ପରଦାରେ—ଚଳିତ ଯବନିକାରେ, ପରଦାରେ—ପରସ୍ତ୍ରୀଠାରେ । ୧୨ । ଅନବରତ—ସର୍ବଦା, ନବରତ ମହୋତ୍ସବ—ନୂତନ ରଥ ମହୋତ୍ସବ, ରସୋତ୍ତର—ଶୃଙ୍ଗାରାଦି ରସର ଯୋଗ୍ୟ, ଶତାଙ୍ଗ—ରଥ । ୧୩ । କେଳିଜଳାଶୟ—କ୍ରୀଡ଼ା ପୁଷ୍କରିଣୀ, ବାହୁମୟ—ପାର୍ଶ୍ୱଯୁକ୍ତ, ଗୃହବାହୁଥିବା ।୧୪। ଜଗତୀ—ବଡ଼କୋଠା, । ଅଟ୍ଟକୁଟ୍ଟିମନିଳୟ—ସମୁଚ୍ଚ ଅଟ୍ଟାଳିକା ।୧୫। ଖମଣ୍ଡଳ—ଆକାଶଦେଶ, ନାନାଭ୍ରନ୍ତୁ—ନାନାବିଧଆବରଣ, ଘନେ—ମେଘମାନେ, କାମରୂପୀ—ନିଜଇଚ୍ଛାରେ ବିଭିନ୍ନ ରୂପଧାରଣକାରୀ ।୧୬। ଗଜଘଟା—ହସ୍ତିସମୂହ, ବୃଂହିତ—ହାତୀର ରବ, ହରିହୟହୟାନ୍ୱୟ—ଇନ୍ଦ୍ରଙ୍କ ଉଚ୍ଚୈଃଶ୍ରବା ଅଶ୍ୱବଂଶୀୟ, ହୟଚୟ—ଅଶ୍ୱମାନେ, ହ୍ରେଷା—ଘୋଡ଼ାର ଧ୍ୱନି, ଚସ୍ଳ—ପତାକା, ଘରଛଘର୍ଘର—

ମୀମାଂସା ତର୍କ ବ୍ୟାକରଣ ନ୍ୟାୟ । ସିଦ୍ଧାନ୍ତ କରନ୍ତି ଶୁକସାରି ସମବାୟ ।୧୮। ନିଜ ମତ ପକ୍ଷପାତୀ ଦ୍ୱିଜାତ ଭାରତୀ । କେଉଁ କେଉଁ ସ୍ଥଳେ ଗୀତ ହେଉଛନ୍ତି ଶ୍ରୁତି । କବାଟ ଫେଟନା ରବେ ହୋଇଛନ୍ତି ସଂଯୁତ । ରମଣୀଗଣ ବାଜେଣୀ ଭୂଷଣଶିଞ୍ଜିତ । ୧୯ । ସମସ୍ତ ପ୍ରାସାଦ ଚିତ୍ରଶିଳ୍ପରୁ ଇତରେ । ନାହାନ୍ତି ବର୍ଣ୍ଣସଙ୍କର ସେ ପୁର ଭିତରେ । ରତ ବିନା ଆନେ ତହିଁ ନାହିଁ କେଶଗ୍ରହ । ଅକ୍ଷକ୍ରୀଡ଼ା ବିନା ଦେଖା ନାହିଁ ଶୂନ୍ୟଗୃହ । ୨୦ । ଦନ୍ତବାସ ଗୀତ ବିନା ରାଗ ନାହିଁ ଆନେ । କୁଞ୍ଜରେ ମଦବିକାର ଅଛି ନାହିଁ ଜନେ । ବିପକ୍ଷ ବୋଲାଏ ଏକା ବିହଙ୍ଗମ ପକ୍ଷ । କୁଟିଳ କେବଳ କଳାବତୀଙ୍କ କଟାକ୍ଷ । ୨୧ । କାବ୍ୟେ ଦୃଢ଼ବନ୍ଧ ଶାସ୍ତ୍ରେ ଚିନ୍ତା କମ୍ପ ଧ୍ୱଜେ । କଠିନତା ମଣି ମାତ୍ର ରମଣୀଉରଜେ । କନକ କଳିତ ଦଣ୍ଡ ସିତ ଆତପତ୍ରେ । ଚଞ୍ଚଳତା ବାରନିତମ୍ବିନୀଜନନେତ୍ରେ । ୨୨ । ଜ୍ଞାନ-ପ୍ରଦୀପରୁ ହୃଦନ୍ତରେ ତମ ନାହିଁ । ମଣିପୂରମୟୂଖରୁ ବାହାରେ ସେ କାହିଁ । ରଜୋଗୁଣ ମାତ୍ର ମନ୍ତ୍ର କେତକୀ କେଶରେ । ମହା ସତ୍ତ୍ୱବନ୍ତ ପ୍ରତି ଗୁଣ ପୁରୁଷରେ । ୨୩ । ରଳ ଦୁଇବର୍ଣ୍ଣ ଅଭିପ୍ରାୟ ଜାଣି ଏକ । ଖଳ ବୋଲି ରାସଭଙ୍କୁ ଜାଣନ୍ତି ରଜକ । ଡଳ ଦୁଇବର୍ଣ୍ଣେ ନ ଥିବାରୁ ଭେଦମତ ।

---

ପେଷଣୀମାନଙ୍କର ଘର୍ ଘର ଶବ୍ଦ, ରବା (ପାରସି ରବାବ୍)—ଏକପ୍ରକାର ବାଦ୍ୟ ଯନ୍ତ୍ର । ୧୮ । ରସୋତ୍ତର—ରସମୟ, ସମବାୟ—ସମୂହ । ୧୯ । ଦ୍ୱିଜାତ—ବ୍ରାହ୍ମଣ, ଭାରତୀ—ବିଦ୍ୟା, ଶ୍ରୁତି—ବେଦ, ଫେଟନାରବ—ଫିଟାଇବା ଶବ୍ଦ, ଶିଞ୍ଜିତ—ଅଳଙ୍କାରଧ୍ୱନି । ୨୦ । ସେ ନଗରୀର ପ୍ରାସାଦମାନଙ୍କରେ କେବଳ ବର୍ଣ୍ଣସଙ୍କର ( ବିଭିନ୍ନ ବର୍ଣ୍ଣର ମିଶ୍ରଣ ) ଦେଖାଯାଏ, କିନ୍ତୁ ବର୍ଣ୍ଣସଙ୍କର ଅର୍ଥାତ୍ ମିଶ୍ରଜାତି ସେଠାରେ ନାହାନ୍ତି । ରତବିନାଆନେ—ରତିକ୍ରିୟା ଛଡ଼ା ଅନ୍ୟତ୍ର, କେଶଗ୍ରହ—ମସ୍ତକର କେଶକୁ ଧରିବା, ଅକ୍ଷକ୍ରୀଡ଼ା—ପଶାଖେଳ, ଶୂନ୍ୟଗୃହ—ପଶାପାଲିରେ ଗୋଟି ଚାଲିବାରୁ ଖାଲି ହୋଇଥିବା ପାଲିର ଘର; ଶୂନ୍ୟଗୃହ—ମନୁଷ୍ୟାଦି ନ ଥିବା ଘର । ୨୧ । ଦନ୍ତବାସ—ଅଧର, ରାଗ—ରକ୍ତିମା ଅଥଚ କ୍ରୋଧ, କୁଞ୍ଜରେ—ହାତୀଠାରେ, ମଦବିକାର—ମଦଜଳଧାରର କ୍ଷରଣ, ଅଥଚ ଗର୍ବ । ବିପକ୍ଷ—ପକ୍ଷୀର ଡେଣା ଅଥଚ ଶତ୍ରୁ । କୁଟିଳ—ବକ୍ର ଅଥଚ ଠକ, ଧୂର୍ତ୍ତ । ୨୨ । କନକକଳିତଦଣ୍ଡ—ସୁନା ଦ୍ୱାରା ଶୋଭିତ ଯଷ୍ଟି, ଅଥଚ ଶାସନ ରକ୍ଷାପାଇଁ ଅର୍ଥ ଦଣ୍ଡ ହୁଏ ନାହିଁ । ସିତ ଆତପତ୍ର—ଶୁକ୍ଳବର୍ଣ୍ଣ ରାଜଛତ୍ର, ବାରନିତମ୍ବିନୀ—ବେଶ୍ୟା । ୨୩ । ମଣି···କାହିଁ—ମଣିରେ ନିର୍ମିତ ଗୃହମାନଙ୍କରୁ ତେଜ ବାହାରୁଥିବାରୁ ଅନ୍ଧକାର ନଗରୀର ବହିର୍ଦେଶରେ ବି ନ ଥାଏ । ରଜୋଗୁଣ—ରାଜସିକତା ଅଥଚ ପରାଗମୟତା; ମନ୍ତ୍ର—ମନ୍ତ୍ରଣା, କେତକୀ ଓ କେଶରେ—କେତକୀ

ଖଳଙ୍କୁ ସିଙ୍ଗଳେ ଜଡ଼ ବୋଲି ବଗୁରନ୍ତି । ୨୪ । ଅନୀକରେ ନଖରଞ୍ଚୁ ଯୋଧି ବିହଗରେ । ଖପତ୍ତି ବୁଦ୍ଧି କରନ୍ତି ନରେ ସେ ନଗରେ । ଦର ବୋଲି ତହିଁ ଜନ କମ୍ପୁକୁ ଭାଷଇ । ବିରୋଧ ମାତ୍ରକ ଅଳଙ୍କାରେ ଆଭାସଇ । ୨୫ । ନୃପ ବିଦ୍ୟା ଖୁରଳୀରେ ମାତ୍ର ଗୁଣଚ୍ଛେଦ । ଜନମନେ ନାହିଁ ଶରବ୍ୟରେ ଏକାଭେଦ । ବାମାକଣ୍ଠୀ ମାତ୍ର କୃଶ କୃଶ ନାହିଁ ଜନ । ଜାତିହୀନ ନାହିଁ ପୁଷ୍ପ ସମୟରୁ ଆନ । ୨୬ । ସାତପୁରୀ ମହଲଙ୍କ ମହୋନ୍ନତ ଶିର । ଧିଷଣ-ନେଦିଷ୍ଠ ନୋହେ ଧିଷଣାଗୋଚର । ଦେବଙ୍କର ସଲିଳମଜ୍ଜନକାଳେ ନିତି । ଦେବଦାସୀମାନେ ହୋଇ ସମ୍ଭ୍ରମ ଅତି । ୨୭ । ସ୍ୱସଞ୍ଚିତ ଜଳଘଟ ରାଶି ବୋଲି ଆସି । ଧରନ୍ତି ବଢ଼ଭୀଚୂଳ କନକ କଳସୀ । ନୀରନ୍ଧ୍ର ହେବାରୁ ବିରଜନ୍ତି ଯେଉଁମାନେ । ପତାକାକୁ ଦେଖି କେ ହସନ୍ତି ମନେ ମନେ । ଯହିଁ ପୁରେ ଶୋଇଥିଲା ସତିବ୍ରତ୍ୟବତୀ । ମାରବିକାରବିଧୁର ହୋଇ ବାଚସ୍ପତି । ନିଜ ଅନ୍ତଃପୁର ଭ୍ରମେ ପଶିଲେ ସେ ପୁରେ । ଦେଖିଲେ ଶୋଇଛି ବାଳା ପଲଙ୍କ ଉପରେ । ୨୯ । ନିଜ ସରସିଜନେତ୍ରା ଭ୍ରମେ ରତି କରୁ । ନିଦ୍ରାଭଙ୍ଗେ ପଗ୍ଡରିଲା ସେ ହେମରମ୍ଭୋରୁ । କାହିଁ କେ ତୁ ଆସିଲୁ ଏ କେମନ୍ତ ଅନୀତି । ଶୁଣି ସଙ୍କୋଚରରେ ବୁଝାଇଲେ ବୃହସ୍ପତି । ୩୦ । ପୂର୍ଣ୍ଣ ଶରଚ୍ଚନ୍ଦ୍ର ମୁଖି କୁପିତ ନୁହ ରେ । ନିଜପୁରୀ, ନାରୀଭ୍ରମେ ମଦନମୋହରେ । ସୁରଗୁରୁ ଅମ୍ଭେ ଏଥି ହୋଇଲୁ ପ୍ରବେଶ । ଏଥୁଁ ତତେ ନ ଲାଗିବ ବ୍ୟଭିଗ୍ଚର ଦୋଷ । ୩୧ । ଏହି ଗର୍ଭାଧାନେ ଜାତ ହେବ ଯେଉଁ ସୁତ ।

---

ଫୁଲରେ ଓ ନାଗେଶ୍ୱର ଫୁଲରେ । ପ୍ରତ୍ୟେକ ପୁରୁଷଠାରେ ମହାସତ୍ତ୍ୱ ଗୁଣ ଅଛି । ୨୪ । ଖଳ—ଦୁର୍ଜନ, ଖର—ଗଧ । ୨୫। ଅନୀକରେ—ଯୁଦ୍ଧରେ, ଖପତ୍ତି—ଖପତି ଅଥଚ ଖ ( ପକ୍ଷୀମାନଙ୍କର ) ପତି, ଶ୍ରେଷ୍ଠପକ୍ଷୀ, ଦର—ଭୟ ଓ ଶଙ୍ଖ, ବିରୋଧ-ମାତ୍ରକ ଅଳଙ୍କାରେ ଆଭାସଇ—ସେଠାରେ ବିରୋଧ ଅର୍ଥାତ୍ ଶତ୍ରୁତା ନାହିଁ କେବଳ ଅଳଙ୍କାର ଗ୍ରନ୍ଥରେ ବିରୋଧାଭାସ ନାମକ ଅଳଙ୍କାର ଅଛି । ୨୬ । ନୃପବିଦ୍ୟାଖୁରଳୀରେ—ଧନୁର୍ବିଦ୍ୟା ଅଭ୍ୟାସରେ, ଗୁଣଚ୍ଛେଦ—ଧନୁର ଜ୍ୟା ଛିଣ୍ଡିବା ଅଥଚ ଗୁଣହୀନତା, ଶରବ୍ୟରେ ଏକା ଭେଦ—ଲକ୍ଷ୍ୟକୁ କେବଳ ଭେଦ କରାଯାଏ, କିନ୍ତୁ କାହାର ମଧ୍ୟରେ ଭେଦଭାବ ନ ଥାଏ । ଜାତିହୀନ—ନୀଚଜାତି ଅଥଚ ମାଳତୀଫୁଲର ଅଭାବ । ୨୭ । ସାତମହଲା କୋଠାମାନଙ୍କର ଉପରିଭାଗଧିଷଣ ଅର୍ଥାତ୍ ବୃହସ୍ପତିଙ୍କର ମଧ୍ୟ ଧିଷଣାଗୋଚର ଅର୍ଥାତ୍ ଜ୍ଞାନଗୋଚରର ନେଦିଷ୍ଠ ( ନିକଟତମ ) ହୁଏ ନାହିଁ । ସମ୍ଭ୍ରମ—ଉଦ୍‌ବେଗ । ୨୮ । ବଢ଼ଭୀ—ଚନ୍ଦ୍ରଶାଳା, ନୀରନ୍ଧ୍ର—ଛିଦ୍ରଶୂନ୍ୟ । ୨୯ । ମାରବିକାରବିଧୁର—କାମପୀଡ଼ିତ, ବାଚସ୍ପତି—ବୃହସ୍ପତି । ୩୦ । ନିଜ ସରସିଜନେତ୍ରା ଭ୍ରମେ—

ଏ ରାଜ୍ୟ ରାଜ୍ୟପୁତ୍ରର ହେବ ପ୍ରିୟମିତ । ଅମ୍ଭ ତୁଲ୍ୟ ରୂପବନ୍ତ ବିଦ୍ୟାବନ୍ତ ହେବ । ଏତେ କହି ସ୍ୱପୁତ୍ରକୁ ବିଜେ କଲେ ଜୀବ ।୩୨। ସୁରତାର୍ଥୀ ସୁରେ ବଲେ କରନ୍ତେ ବିବାସ । ଅମରୀଏ ହୋଇ ଅପତ୍ରପାରେ ବିବଶ । ସେ ପୁରୀ ସଉଧଚୂଳ ପତାକା ଅମ୍ବର । ଓଟାର କରନ୍ତି ଆବରଣ ନିତମ୍ବର । ୩୩ । ବାଜି ସେ ପୁର ଅଟ୍ଟାଳୀ ଚେଳବଲ୍ଲୀବାତ । ହୋଏ ଦେବତରୁଣୀଙ୍କ ରତିଶ୍ରମ ହତ । ଯାହା ମହାରଜତ କୁଟ୍ଟିମ ଉନ୍ନତରୁ । ଋଜୁପଥେ ରବିରଥ ନ ଚଳେ ଭୀତରୁ । ୩୪ । ଦକ୍ଷିଣ ଉତ୍ତରେ ଫେରିବାରୁ ଛ ଛ ମାସ । ଅୟନ ବୋଲାଇ ଯୁଗେ ହୋଇଛି ବରଷ । ଯାହା ପତାକିକଦଣ୍ଡ ଚୁମ୍ବନ୍ତେ ଚନ୍ଦ୍ରମା । ରୁଣ୍ଡ ହୁଏ ସେ ଦଣ୍ଡକୁ ଶ୍ୱେତଛତ୍ରରମା । ୩୫ । ବ୍ୟୋମଭୃଙ୍ଗ କଲରବ ଗୁଞ୍ଜି କୁତୂହଳେ । ଅଦୃଶ୍ୟ ହେବାରୁ ଗୃହୁଁ ଗୃହୁଁ ନିଶାଜଳେ । ଜନେ ସେ ନଗରଚୂଳ ଚେଳବଲ୍ଲୀ ଦେଖି । ପାରିବତ ମଣି ମନେ ହେଉଛନ୍ତି ସୁଖୀ । ୩୬ । ଯହିଁ ପୁରପତାକିକା ନୀଳମଣି ଦଣ୍ଡ । ବାଜି ଭାଜି ରହିବାରୁ ଯବ ତୁଲ୍ୟ ଖଣ୍ଡ । ସୁଧାଙ୍କରେ କଳଙ୍କ ବୋଲନ୍ତି ଅଜ୍ଞ ଜନେ । ସେ ପୁରୀ ଉନ୍ନତ କାହିଁ ଇତର ଭୁବନେ । ୩୭ । ଯହିଁ ନିଳୟ ଧାରଣା ପାଞ୍ଚାଳିକାଗଣେ । ଅନିମିଷାଦ୍ଧ ଅନେକ ଲାବଣ୍ୟ ଲକ୍ଷଣେ । ପ୍ରତନିଶା ଅଭିସାର ରସବଶ ସୁରେ । ଭିଜି ବାମାଭ୍ରମରେ ଚୁମ୍ବନ୍ତି ଚିବୁକରେ । ୩୮ । ସୁରମଣୀକଦମ୍ବ କାମିତ ପୂର୍ତ୍ତିକାରୀ । କୃଷ୍ଣଚନ୍ଦ୍ରଙ୍କ ଇନ୍ଦ୍ରଙ୍କ ନମସ୍କାର କରି । ରାମଚନ୍ଦ୍ର ଶ୍ଳୋକେରାୟ ଦେବ କ୍ଷମାପତି । କଲେ ମହା ଗଜଘୋଷ ସ୍ତବ ସଦାପତି । ୩୯ । ଉତ୍ତର

---

ସ୍ୱକୀୟ ପଦ୍ମନେତ୍ରା ସ୍ତ୍ରୀ ଭ୍ରମରେ । ୩୨ । ଜୀବ—ବୃହସ୍ପତି । ୩୩ । ବିବାସ—ନଗ୍ନ, ଅମରୀଏ—ଦେବୀମାନେ, ଅପତ୍ରପା—ଲଜ୍ଜା, ବିବଶ—ବ୍ୟାକୁଳ, ଅମ୍ବର—ଲୁଗା । ୩୪ । ମହାରଜତ କୁଟ୍ଟିମଉନ୍ନତରୁ—ସୁବର୍ଣ୍ଣନିର୍ମିତ ଅଟ୍ଟାଳିକାମାନଙ୍କର ଅତି ଉଚ୍ଚତା ହେତୁରୁ । ଋଜୁପଥ—ସରଳମାର୍ଗ । ୩୫ । ପତାକିକଦଣ୍ଡ—ପତାକାଯୁକ୍ତଦଣ୍ଡ, ଶ୍ୱେତଛତ୍ରରମା—ଶୁକ୍ଳବର୍ଣ୍ଣଛତ୍ରର ସୌନ୍ଦର୍ଯ୍ୟ । ୩୬ । ବ୍ୟୋମ ଭୃଙ୍ଗ—ଆକାଶରେ ଯେ ଲେଉଟି ଲେଉଟି ଗତିକରେ, କଲରବ—ପାରି, ନିଶାଜଳ—ହଳଦୀପାଣି । ୩୭ । ନିଳୟଧାରଣା ପାଞ୍ଚାଳିକାଗଣେ—କୋଠାଘରରେ ଧାରଣା ହୋଇଥିବା ପୁତ୍ତଳିକାସମୂହ, ଅଭିସାରରସବଶ ସୁରେ—ସଙ୍କେତ ସ୍ଥାନକୁ ରସବଶ ହୋଇ ଯାଉଥିବା ଦେବତାମାନେ । ୩୮ । ସୁରମଣୀ-କଦମ୍ବ—ସୁନ୍ଦରୀ ଗୋପିକାସମୂହ, ସୁନ୍ଦରୀ ଦେବାଙ୍ଗନା; କାମିତ—କାମନା,

ଛାନ୍ଦରେ ନୃପପୁତ୍ର ଜନ୍ମୋତ୍ସବ । ରସିକ ଶ୍ରବଣାନନ୍ଦ ଆରମ୍ଭ ହୋଇବ ।
ଏ ଛାନ୍ଦ ବୃତ୍ତି ଚରଣ ପଦ ଚତ୍ୱାରିଂଶ । ସଂଖ୍ୟା ବୋଲି ଜାଣ ସଂଖ୍ୟାବାନ
ଅବତଂସ । ୪୦ ।

---

## ଚତୁର୍ଥ ଛାନ୍ଦ

ରାଗ ବଙ୍ଗଳାଶ୍ରୀ

( ଅନଙ୍ଗସୁନ୍ଦରର ଜନ୍ମ )

ପ୍ରମୁଦିତ ହୃଦେ ଶୁଣ ବିଶାରଦେ ସେ ମହାମଣ୍ଡଳୀ ଧବ । ପରତାପନର
କରତା ସେ ବୀର ପରତାପକଣ୍ଠୀରବ । ୧ । ସୁନ୍ଦରପଣରେ କନ୍ଦରପ
ତୁଲ୍ୟ ଚନ୍ଦରଠାରୁ ଶୀତଳ । ଶରଣାପନ୍ନ ରକ୍ଷଣ ବିଚକ୍ଷଣ ଲକ୍ଷଣ ଖେଳନ-
ସ୍ଥଳ । ୨ । ବିତରଣଗୁଣେ ଇତରଭୂନାଥମଣ୍ଡଳେ ନାହିଁ ତା ତୁଲ । 
ସିତରଶ୍ମି ତୁଲ୍ୟ ଯଶେ ଯେ ଜଗତୀ ଭିତର କରେ ଧବଳ । ୩ । ହୃତରକ୍ଷକ
ସଙ୍ଗୀତ ରସିକତା ଜିତରମ୍ଭା ଗୁରୁଜନ । ଚତୁର ଗମ୍ଭୀରଗୁଣେ ପାରାବାର
ଅମିତ ରସ ବଚନ । ୪ । ଦଣ୍ଡିତ ନୁହଇ ଭଣ୍ଡିତ ନ ଜାଣେ ମଣ୍ଡିତ ଗୁଣ
ମଣ୍ଡଳେ । ଖଣ୍ଡିତ ନୋହିବା ପଣ୍ଡିତପଣେ ସେ ଚଣ୍ଡୀତନୟଙ୍କୁ ବଳେ । ୫ ।
ଅମରଙ୍କ ତୁଲେ ସମର କରିବା ସମରଅପଣ ତାର । ନ ମରନ୍ତି ଶିଶୁତରୁଣ
ସେ ଦେଶେ ଯମର ଏପରି ଦର । ୬ । ଦ୍ୱିଜାତି ପୂଜାତଶସ୍ୟପରାୟଣ

---

କ୍ଷମାପତି—ପୃଥ୍ୱୀପତି, ରଜା । ୪୦ । ସଂଖ୍ୟାବାନ ଅବତଂସ—ଗଣନାକାରୀଙ୍କ
ମଧ୍ୟରେ ଶ୍ରେଷ୍ଠ ।

---

ଚତୁର୍ଥ ଛନ୍ଦ

୧ । ପରତାପନ—ଶତ୍ରୁକୁ ଦଣ୍ଡ ଦେବା, ପରତାପକଣ୍ଠୀରବ—କଣ୍ଠୀରବ
ବା ସିଂହପରି ପ୍ରତାପୀ । ୨ । ଲକ୍ଷଣ ଖେଳନସ୍ଥଳ—ସୁଲକ୍ଷଣମାନଙ୍କ କ୍ରୀଡ଼ାଭୂମି ବା
ଆଧାର ।୩। ସିତରଶ୍ମି—ସିତାଂଶୁ, ଚନ୍ଦ୍ର ।୪। ହୃତରକ୍ଷକ—ଉପକାରୀମାନଙ୍କର
ରକ୍ଷାକର୍ତ୍ତା, ସଙ୍ଗୀତ···ଗୁରୁଜନ—ସଙ୍ଗୀତ ରସିକତା ବିଷୟରେ ସଙ୍ଗୀତନିପୁଣା
ରମ୍ଭା ବେଶ୍ୟାର ଗୁରୁଙ୍କୁ ଯେ ଜୟ କରିଅଛନ୍ତି, ଅମିତରସବଚନ—ଯାହାଙ୍କର
କଥା ନାନାବିଧ ରସରେ ପୂର୍ଣ୍ଣ । ୫ । ଦଣ୍ଡିତ ନୁହଇ—ଦଣ୍ଡ ଦେବାରେ ଅଭ୍ୟସ୍ତ

ଗୁରୁଦେବ ପାଦସେବୀ । ପଞ୍ଚବିଂଶ ବୟ ଚଞ୍ଚଳ ଆଶୟ ପରତ୍ୟାଗୀ ମହା-କବି । ୭ । ରସାମୃତଘଟପୟୋଧରା ପଟ୍ଟମହିଷୀ ହେମମଞ୍ଜରୀ । ସେ ଭୂପତି ଅକ୍ଷି ମନବ୍ୟାଜପକ୍ଷିନିମିତ୍ତ ବନ୍ଧ ପଞ୍ଜରୀ । ୮ । ମାରମହଲାରୁ ଅଧିକ ଲାବଣ୍ୟ ସାରମୟୀ ହେବା ଯେଣୁ । ହାରମଧ୍ୟମଣି ତାର ଚିତ୍ତେ ମଣି ତା ରମଣ ଥାଏ ଯେଣୁ । ୯ । ଶରୀର ଭାଗ୍ୟ ଭୁଞ୍ଜଇ କାନ୍ତ ସଙ୍ଗେ ରତି ରଙ୍ଗରସ କେଳି । ଅଚିରବୟସୀ ପତିସ୍ନେହୁଁ କେବେ ନ ଟଳଇ ମହୀସ୍ଥଳୀ । ୧୦ । ଏଡ଼େ ଭାଗ୍ୟବତୀ ହେଲେହେଁ ସେ ସତୀଶିଖା ମଣି ପ୍ରତିଦିନେ । ସନ୍ତାନ ଅଭାବ ଚିନ୍ତାରୁ ଲାଘବ ଲଭି ବିଚାରଇ ମନେ । ୧୧ । ଅଖଣ୍ଡମଣ୍ଡଳ ଅଚଳା-ଖଣ୍ଡଳ କରପଲ୍ଲବ ଧରିଲି । ଲକ୍ଷ ସାମନ୍ତାଣୀ ଶିରଭୂଷାମଣି କିରଣେ ପଦ ଧୋଇଲି । ୧୨ । ରତିରଙ୍ଗରେ ବିଶାରଦା ହୋଇଲି ସତର ହେଲା ବୟସ । ମୁଁ ତ ରଖି ନ ପାରିଲି ଆଖିପାଖେ ସୁତର ମୁଖ-ରାକେଶ । ୧୩ । ମୋର ସଙ୍ଗେ ଧୂଳିଗୃହ ରଚି କେଳି କରୁଥିଲେ ଯେତେ ସହୀ । ସୁତ ରଖି ତଳେ ଜୁହାରିବା ବେଳେ ଲାଜେ ନ ପାରିଲି ଚାହିଁ । ୧୪ । ଏମନ୍ତ ସନ୍ତତ ଅଭାବ ଚିନ୍ତନେ ସେ ମନ୍ଥରଗତି । ଉଭା ହେଲା ଦିନେ ବିଷଣ୍ଣବଦନେ ହେଲାପରି ମାନବତୀ । ୧୫ । ଚାହିଁ ତା ନରେଶ ନାହିଁ ତ ମୋ ଦୋଷ କାହିଁକି ରେ ରୋଷ ବୋଲି । ହେବାରୁ କାତର ଜଣାଇଲା ତାର ପ୍ରିୟସଖୀ ରସବଲ୍ଲୀ । ୧୬ । ଦେବ ମୋ ସଜନୀ ପୂର୍ଣ୍ଣିମା ରଜନୀ ତୁମ୍ଭେ ବିଭାବରୀଧବ । ଯେଣୁ ମାନବେଶ ସେ କି ମାନବେଶ ନ କହି ଲାଜେ ବହିବ । ୧୭ । ନ ଛୁଇଁଲା ଶିଶୁ ଅଞ୍ଜନ ଅଞ୍ଚଳ ବଦନ ବଦନାଂଶୁକ । କେବଳ ଏ ବଳ-

---

ହୀନେ । ଭଣ୍ଡିତ ନ ଜାଣେ—ଠକିବା କଥା ଜାଣେ ନାହିଁ । ଖଣ୍ଡିତ ନୋହିବା ପଣ୍ଡିତ ପଣରେ—ଅଖଣ୍ଡ ପାଣ୍ଡିତ୍ୟରେ, ଚଣ୍ଡୀତନୟ—ଗଣେଶ । ୮ । ରସାମୃତ···ପୟୋଧରା—ରସମୟ ଅମୃତ ମାଠିଆପରି କୁଚ ଯାହାର, ଅକ୍ଷି—ଦୁଇ ଆଖିକୁ ଓ ମନକୁ ବନ୍ଦୀ କରିବା ବିଷୟରେ ପଞ୍ଜରୀପରି । ୯ । ମାରମହଲା—ରତି, ହାର···ତା ରମଣ (ରାଜା) ତାକୁ ତାର (ପ୍ରୀତିମୟ) ହାର ମଧ୍ୟ ମଣି ମଣି (ମନେ କରି) ଚିତ୍ତରେ ଯେଣୁଥାଏ । ୧୦ । ଅଚିରବୟସୀ—ଅଳ୍ପ ବୟସ୍କା, ନ ଟଳଇ ମହୀସ୍ଥଳୀ—ମାନବତୀ ବା ଦୁଃଖିତା ହୁଏ ନାହିଁ । ୧୨ । ଲକ୍ଷ···ଧୋଇଲି—ମୁଣ୍ଡରେ ମଣି ପିନ୍ଧିଥିବା ଅଗଣିତ ସାମନ୍ତ ରାଜାଙ୍କ ରାଣୀମାନେ ମୋ ଗୋଡ଼ତଳେ ମୁଣ୍ଡିଆ ମାରୁଅଛନ୍ତି, ଅଖଣ୍ଡ···ଆଖଣ୍ଡଳ—ସମଗ୍ର ପୃଥିବୀର ଇନ୍ଦ୍ର । ୧୩ । ମୁଖ-ରାକେଶ—ମୁଖରୂପ ପୂର୍ଣ୍ଣଚନ୍ଦ୍ର । ୧୭ । ମାନବେଶ—ମନୁଷ୍ୟଶ୍ରେଷ୍ଠ ବା ରାଜା ଓ ମାନବତୀର

ଦଳନ ସମ୍ପତ୍ତି ବୃଥା ଘେନି କରେ ଶୋକ ।୧୮। ଧରାଧିପ ଶୁଣି ସୁନବେଦ-ଶୃଣିପରାଧୀନ-ମନହାତୀ । ଅଙ୍କେ ବସାଇ ପଙ୍କେରୁହନେତ୍ରାକୁ ଜଣାଇଲେ ଏ ଭାରତୀ ।୧୯। ଧନରେ ମନରେ କଳପିବା କଥା ଦଇବ ନ କରେ ପୂରା । କେଶ ଜାତ ହୁଏ କେହି ସେ ନ ଜାଣେ ଯେ ସଜାଡ଼ିପାରେ ଝରା । ୨୦ । ତଥାପି ସୁଭଗା ମଥାଭୂଷା ତୁ ମୋ କଥା ମୁଁ କିସ କହିବ । ନ ଥାଇ ସୁକୃତ କରନ୍ତି କି ହେତେ ବ୍ୟଥାହାରିଣୀ ବାନ୍ଧବୀ । ୨୧ । ପ୍ରତି ମାସେ ପୂର୍ଣ୍ଣ ସିଦ୍ଧ-ସ୍ୱନାତ୍ମକ ପ୍ରତିମା ସେବା କରିବା । ଯତିମାନଙ୍କୁ ଗୋମତୀମାତାଙ୍କର ତଟରେ ଅନୁସରିବା । ୨୨ । ଜପନୀୟ ଭୂମିଦେବଙ୍କ ଚରଣରଜ ସେବ ପ୍ରତିଦିନ । ଗୋପନୀୟ କର ତପନୀୟମୟ ଗୋପାଳଙ୍କୁ ଦେବା ଦାନ ।୨୩। ଯିବା ଶିବାଶ୍ରମ ନିବାସୀଙ୍କି ନମସ୍କରଣଗଣେ ତୋଷିବା । ଶିବଶିବା ଦୁହେଁ ଥିବା ସୀମା ଖୋଜି ସୁବାସିତ ଫୁଲ ଦେବା । ୨୪ । ନିକଟେ ପ୍ରକଟ ହୋଇବ ପୁରଟଘଟିତ ଲତାରେ ଫଳ । ଏପରି ପ୍ରବୋଧ କରି ଅବରୋଧ ତ୍ୟଜନ୍ତେ ଧରାଖଣ୍ଡଳ । ୨୫ । ଅତି ବେଗେ ବେତ୍ରବଲ୍ଲୀଧାରିଣୀ କେ ପ୍ରତିହାରିଣୀ ଜଣେ । ଜଣାଇଲା ଏତେ ବିନୟ ସହିତେ ବନ୍ଦି ନରେନ୍ଦ୍ର ଚରଣେ ।୨୬। ଦେବ ସିଂହଦ୍ୱାରରକ୍ଷକ ଲକ୍ଷକ ସରଦାର ଶୁରବର । ପେଷିଛି ସନ୍ଦେଶ ଚରଣ ସାରସ ତଳେ ହେବାକୁ ଗୋଚର । ୨୭ । ନଇମିଷାରଣ୍ୟ ଜଟଜରୁ ପୁଣ୍ୟ-ପୁଞ୍ଜ ନାମା ଜଣେ ଯତି । ଗୁଣ୍ଡିଗୃମଣ୍ଡପବେଢ଼ା ଉପବନ ବକୁଳତଳେ ଅଛନ୍ତି । ୨୮ । କରମାଳିବ୍ରଜ ପରି ପୁଣି ତେଜ କରମାଳାରେ ମଣ୍ଡିତ । ପରମାନନ୍ଦର ବିଳାସମନ୍ଦର ଧରମାକାର ପଣ୍ଡିତ । ୨୯ । ସଞ୍ଜାରେ ଚରଣ ସଞ୍ଚା ରହୁ ନାହିଁ ପୁଣି ଧୂଳିମୟେ ପଥ । ଅଳପ ବୟସ ପର ଦିଶୁଛନ୍ତି କଳପଜୀବୀଙ୍କ ସାଥି । ୩୦ । ଅନଳକରପିଙ୍ଗଳ ଖର୍ବକେଶ

---

ବେଣ । ୧୮ । ନ ଚୁଇଁଲ—ପୁନର କଳଙ୍କଲିପ୍ତ ମୁଖ ଓ ଅଧର ସ୍ପର୍ଶ କଲା ନାହିଁ । ବଳଦଳନସମ୍ପତ୍ତି—ଇନ୍ଦ୍ର ସମ୍ପତ୍ତି । ୧୯ । ଶୃଣି—ଅଙ୍କୁଶ, ସୁନବେଦଶୃଣି—ଅତି ଦୁଃଖରୂପ ଅଙ୍କୁଶଦ୍ୱାରା ଯାହାଙ୍କର ମନରୂପ ହାତୀ ପରାଧୀନ ହେଲା । ୨୦ । ଝରା—କେଶଭୂଷଣ ଫୁଲତୋଡ଼ା, ଯେଉଁ ଲୋକ କେଶକୁ ଭୂଷିତ କରିବାକୁ ଝରା ତିଆରି କରିପାରେ ସେ ଲୋକ କେଶ କିପରି ଜାତ ହୁଏ ତାହା ଜାଣେ ନାହିଁ । ୨୨ । ଗୋମତୀମାତା—ଗଙ୍ଗା । ୨୩ । ଜପନୀୟ—ଧ୍ୟାନଯୋଗ୍ୟ, ଭୂମିଦେବ—ବ୍ରାହ୍ମଣ, ତପନୀୟ ଗୋପାଳ—ସୁବର୍ଣ୍ଣନିର୍ମିତ ଗୋପାଳ ପ୍ରତିମା, ପୁରଟଘଟିତ ଲତାରେ—ସୁବର୍ଣ୍ଣନିର୍ମିତ ଲତାରେ, ଅବରୋଧ—ଅନ୍ତଃପୁର, ଧରାଖଣ୍ଡଳ—ପୃଥିବୀର ରାଜା । ୨୮ । ଜଟଜ—କୁଡ଼ିଆ । ୨୯ । କରମାଳିବ୍ରଜ—ସୂର୍ଯ୍ୟସମୂହ, ସଞ୍ଜାରେ—ଯିବାବେଳେ, ଚରଣସଞ୍ଚା—ପଦଚିହ୍ନ, କଳପଜୀବୀ—

ତନୁରୁହଶ୍ରେଣୀ ଠାଣି । କଳିତ ନିଦଣ୍ଡ କରକ ଅଖଣ୍ଡ ବିଭୂତିଭୂଷିତ ପୁଣି । ୩୧ । କାହାର ନେତ୍ର ଗୋଚର ହେଉ ନାହିଁ ଆହାର ଅଙ୍ଗୀକରଣ । ତଳକଳିତକରର ସର୍ବସିଦ୍ଧି ବଳକଳଆଭରଣ । ୩୨ । ଏ ଭାରତୀ ଭୂପଶ୍ରୁତିରନ୍ଧ୍ରକୂପ ସୁଧାପୂରବରୁ ବଳିଲା । ଧରାଧୁରନ୍ଧର ସଚିବପ୍ରବର ଦ୍ୱିତୀୟ ହୋଇ ଭାଳିଲା । ୩୩ । ଏ ସମୟେ ରବି ବାରୁଣୀ ଙ୍କ ସେବି ଅମ୍ବରକୁ ଦେଲେ ଡେଙ୍ଗି । ଅମ୍ବୁଜନୀ ଚୁହିଁ ଅପତ୍ରପା ବହି ରହିଲା ନୟନ ବୁଜି । ୩୪ । ଲଜ୍ଜାଭର ଘେନି କୋକବିଳାସିନୀ କାନ୍ତପାଶୁଁ ହେଲା ଦୂର । କୁମୁଦନୀ ବାସ ମୁଖେ ରଖି ହାସ ପ୍ରକାଶିଲା ଦରଦର । ୩୫ । ପିତୃଜନପ୍ରିନୀ ବିଧି ସାରି ମନ୍ତ୍ରୀପୁଙ୍ଗବଙ୍କୁ ସଙ୍ଗେ ଘେନି । ଗୁପତେ ନୃପତି ଗଲେ ଅର୍ଦ୍ଧରାତ୍ରିକାଳେ ଯହିଁ ଥିଲେ ମୁନି । ୩୬ । ଦେଖିଲେ ନାସିକାଅଗ୍ର ଜାଗରୂକ ହୋଇଛି ନୟନତାରା । ବୀରାସନେ ବସି ଧ୍ୟାଉଛନ୍ତି ଋଷି ଏକମୁଖେ ବ୍ରହ୍ମ ପରା । ୩୭ । ପରାଗମୟୁ ଭୂତଳେ ଭୂମିନାଥ ପଡ଼ି ହେଲେ ଦଣ୍ଡବତ । ଦଣ୍ଡିକୁ ସେ ଦଣ୍ଡିବର ବରଷିଲେ ସୁକଲ୍ୟାଣ ଖଣ୍ଡବତ । ୩୮ । ଅହିତମଦମର୍ଦ୍ଦନ ହୋଇ ହୁଅ ମହୀତଳ-ପୁରନ୍ଦର । ଗୁଣମଣି ବ୍ରଜମୟ ତୋ ତନୁଜ ହେଉ ଅନଙ୍ଗସୁନ୍ଦର । ୩୯ । ତହୁଁ ମହାନନ୍ଦ ଜନମି ଅମନ୍ଦ ଉଲ୍ଲାସ ବିନୟେ ନୃପ । କହିଲେ ହେ ବିଶ୍ୱୋପକାରକାରଣ ପରମଧର୍ମ ସ୍ୱରୂପ । ୪୦ । ଦେଇଅଛ ସର୍ବ କେବଳ ଅପୂର୍ବ ତୃତୀୟ ଆଶୀର୍ବଚନ । ସିଦ୍ଧି ଅଭାବରୁ ଦୁଃଖୀ ହୋଇଛନ୍ତି ନିବାସ ମନ ଲୋଚନ । ୪୧ । ଏ ଜଣାଣ ଶଶୀ ଦ୍ରବାଇଲା ଋଷି ହୃଦନ୍ତର-

---

ଅଜ୍ଞବୃନ୍ଦ, ଅନୂରୁକରପିଙ୍ଗଳ—ଅରୁଣକିରଣ ପରି ନୀଳପୀତାଭବର୍ଣ୍ଣ, ତନୁରୁହଶ୍ରେଣୀ—ରୋମସମୂହ, କଳିତନିଦଣ୍ଡକରକ—ଦଣ୍ଡକମଣ୍ଡଳୁଧାରୀ । ୩୨ । ତଳକଳିତକରର ସର୍ବସିଦ୍ଧି—ସର୍ବପ୍ରକାର ସିଦ୍ଧି ଯାହାଙ୍କ କରତଳ ସ୍ଥିତ । ବଳକଳ—ବଲ୍କଳ । ୩୩ । ଶ୍ରୁତିରନ୍ଧ୍ରକୂପ—କାନରୂପ କୂଅ, ସୁଧାପୂର—ଅମୃତପ୍ରବାହ । ୩୪ । ବାରୁଣୀ—ପଶ୍ଚିମ ଦିଗ, ଅମ୍ବୁଜନୀ—ପଦ୍ମିନୀ, ଅପତ୍ରପା—ଲଜ୍ଜା । ୩୫ । କୋକବିଳାସିନୀ—ଚକବାକୀ । ୩୬ । ପିତୃଜନପ୍ରିନୀବିଧି—ସନ୍ଧ୍ୟାବିଧି । ୩୮ । ପରାଗମୟୁ—ଧୂଳିପୂର୍ଣ୍ଣ, ଦଣ୍ଡିକୁ—ଏକଦଣ୍ଡବ୍ୟାପି, ଦଣ୍ଡିବର—ଯତିଶ୍ରେଷ୍ଠ, ଖଣ୍ଡବତ—ସ୍ୱାକର ପରି । ୩୯ । ଅହିତମଦମର୍ଦ୍ଦନ—ଶତ୍ରୁଗର୍ବବିନାଶକ, ଗୁଣମଣି-ବ୍ରଜମୟ—ନାନାଗୁଣପରିପୂର୍ଣ୍ଣ, ତନୁଜ—ପୁତ୍ର, ଅନଙ୍ଗସୁନ୍ଦର-କନ୍ଦର୍ପପରିରୂପବାନ୍ । ୪୦ । ଅମନ୍ଦ—ପ୍ରଚୁର । ୪୧ । ତୃତୀୟ ଆଶୀର୍ବଚନ-(ପୁତ୍ରଲାଭରୂପ)ତୃତୀୟ ଆଶିଷ ।

ଶଶିମଣି । ନେତ୍ରମୁକୁଳିତ କରି କଲେ ଚିତ୍ତ ସମାଧିରେ ଧୀରେ ପୁଣି ।୪୨। ସ୍ୱକାୟ ଅଶ୍ରମସିଦ୍ଧ ଚୂତଦ୍ରୁମ ପଟୋଳିମ ଫଳ ଆସି । ହେଲା କରଗତ ଦେଇ ଉଗ୍ରେହିତ ହୋଇଲେ ସିଦ୍ଧ ସନ୍ନ୍ୟାସୀ । ୪୩ । ସାଣି ଦେଲା ପାଣିବତ ପୀତ ମଣି ପରି ପରିଣତ ଚୂତ । ଆଣି ରାଣୀ ମୃଦୁକଞ୍ଜପାଣିପୁଟେ କଲେ ତାହା ସମର୍ପିତ । ୪୪ । ଦେବୀ ସେବି ସେ ବିଶୁଦ୍ଧ ସିଦ୍ଧ ଫଳ ସତ୍ୱରଭ ମହାସୁଖେ । ପୁରି ସେ ନିଶୀଥ କୃତମନୋରଥ ପହୁଡ଼ିଲା ପ୍ରିୟପାଖେ । ୪୫ । ଅମ୍ବର ହୋଇଲା ତୋଳି ଘେନିଗଲା କୁସୁମବନିକା ପରି । ଝଡ଼ିଗଲା ବାସି ପ୍ରସୂନସଦୃଶୀ କେତେ ତାରକା ମାଧୁରୀ । ୪୬ । କୁମୁଦୁଁ ବଳେ କବାଟୀ ଫେଡ଼ି ଯତ୍ନୁଁ ପଳାଇଲେ ଅଳିଯାକ । କେ କେ ରେ କେ ବୋଲି ତାମ୍ରଚୂଡ଼ଚୟ ଡାକିଲେ ଯାମିକ ଡାକ । ୪୭ । ପୂର୍ବାଶା ଅରୁଣ କିରଣ କୁଙ୍କୁମପଙ୍କ ରାଗରେଶେ ରସି । ରବିଙ୍କି ଯା ବିଭାକର ବୋଲାଇଲା ପଦ୍ମିନୀଏ ଦେଲେ ହସି । ୪୮ । ସେହି ଦିନୁ କ୍ରମକ୍ରମରେ ସେ ହେମ-ମଞ୍ଜରୀ ଗଞ୍ଜନଦୃଶା । ବିଜାତୀୟ ଶୋଭା ବହି ହେଲା ଗର୍ଭାଧାନ ବିଧାନ-ସାଳସା । ୪୯ । ପାରିଜାତୁଁ ହରିହୟବନୀ ପରି ଜଳଭରୁଁ ଘନମାଳା । କଉସ୍ତୁଭସଙ୍ଗୀ ହେବାରୁ ରଥାଙ୍ଗୀ ଉରସ୍ଥଳୀକି ସେ ବାଳା । ୫୦ । ରସ-ଗର୍ଭବତୀ କି କବିଭାରତୀ କି ଧର୍ମବତୀ ମତି ସେ । ନୀଳପୟୋଧର-ମୁଖୀ ହୋଇବାରୁ ପ୍ରାବୃଟ ପରି ଅଭାସେ । ୫୧ । ଜୃମ୍ଭାବିଜୃମ୍ଭଣ ଗିରି

---

୪୨ । ଶଶିମଣି—ଚନ୍ଦ୍ରକାନ୍ତମଣି, ମୁକୁଳିତ—ମୁଦ୍ରିତ ।୪୩। ପଟୋଳିମ—ପାଚିଲା । ୪୪। ସାଣି······ସାଣ ଦେଇ—ଉଜ୍ଜ୍ୱଳ କରି ପାଣି ଦେଇଥିବା ହଳଦିଆ ବର୍ଣ୍ଣର ମଣିଭଳି, ପରିଣତଚୂତ—ପାଚିଲା ଆମ୍ବ ।୪୫। (ପ୍ରଭାତବର୍ଣ୍ଣନା) ଫୁଲ ତୋଳିନେଲେ ଫୁଲ ବଗିଚା ଯେପରି ହୁଏ, ସକାଳେ ତାରାମାନେ ମ୍ଳାନ ହେବାରୁ ଆକାଶ ସେପରି ଦେଖାଗଲା ।୪୬। ପ୍ରସୂନ—ଫୁଲ । ୪୭ । ତାମ୍ରଚୂଡ଼—କୁକୁଡ଼ା, ଯାମିକଡାକ—ପ୍ରହରୀଙ୍କ ଡାକ । ୪୮ । ପୂର୍ବଦିଗରୂପନାୟିକା ରକ୍ତବର୍ଣ୍ଣ ଅରୁଣକିରଣରେ ଭୂଷିତ ହୋଇ ସୂର୍ଯ୍ୟଙ୍କୁ ମୋତେ ବିଭାକର ବୋଲି ଯାହା କହିଲା ତା ଶୁଣି ପଦ୍ମିନୀମାନେ (ସୂର୍ଯ୍ୟଙ୍କ ପତ୍ନୀରୂପିଣୀ) ହସି ଦେଲେ, ଅର୍ଥାତ୍ ସୂର୍ଯ୍ୟ ଉଦୟ ହେବାରୁ ପଦ୍ମ ଫୁଟିଲେ । ବିଭାକର—ବିବାହକର ଓ ସୂର୍ଯ୍ୟ । ୪୯ । ସାଳସା—ଅଳସଯୁକ୍ତ । ୫୦ । ରଥାଙ୍ଗୀ—ଚକ୍ରଧର, ବିଷ୍ଣୁ; ପାରିଜାତ ଫୁଲ ହେତୁରୁ ନନ୍ଦନବନ ଯେପରି ଦିଶେ, ଜଳଭର ହେତୁରୁ ମେଘମାଳା ଯେପରି ଦିଶେ, କୌସ୍ତୁଭମଣି ଧରି ବିଷ୍ଣୁ ଯେପରି ଦିଶନ୍ତି, ଗର୍ଭଧାରଣ କରି ସେ ରାଣୀ ସେହିପରି ଦିଶିଲେ । ୫୧ । ପ୍ରାବୃଟ

ଶ୍ୱାସଗଣ ବେଶଭୂଷାରେ ଅରୁଚି । ବଟଦଳ ପର ଛଟକେ ଦେଖିଲ ଅଦୃଶ୍ୟ ଉଦରବଳି । ୫୨ । ବାରବାଣିସୁନାଦେହା ସେ ହୋଇଲା ବାରଣଦନ୍ତପ୍ରତିମା । ଦ୍ୱିରଦରଦନପଲଙ୍କ ବରଜି ତଳ୍ପ କଲା ଖାଲି କ୍ଷମା । ୫୩ । ବରଜି ଅମୃତସଦୃଶ ଅଶନ ରସିଲା ମୃଦ ଭକ୍ଷଣେ । ଶିଥିଳାଇ ବାସ ପିନ୍ଧିବା ଅଳସ ଖେଳାଇ ଲୋଳଈକ୍ଷଣେ । ୫୪ । ପ୍ରତିଦିନ ଗୋଷ୍ଠୀ ବ୍ରତଦିନ ପରି ହେଲା ସୁରତବିରତ । ତାମସ ସୁଷମାନିଧିର ଏପରି ଦଶ ମାସ ସମାପତ । ୫୫ । ରସବସମନା ସିନ୍ଧୁକୁ ମନ୍ଦର ପ୍ରସବ ସମୟ ହେଲା । ପାରିଜାତ ତରୁପରି ଜାତରୂପଦେହା ସୁତ ଜାତ କଲା । ୫୬ । ନାକ୍ଷତ୍ରିକଗୋଷ୍ଠୀ ସିଦ୍ଧ ହେଲା କୋଷ୍ଠୀ ଚକ୍ରବର୍ତ୍ତୀଯୋଗଯୁକ୍ତ । କରାଇଲେ ରାଜା ସହୋତ୍ସବ ବାଜାଧ୍ୱନି ତୁନ୍ଦିଳ ଜଗତ । ୫୭ । ସୁବର୍ଣ୍ଣ ବରଷାପୂର୍ଣ୍ଣ ହେଲା ରସା ଧନଦ ହେଲେ ଯାଚକ । କି ନିଶା କି ଦିନ ନ ଜାଣିଲେ ଜନ ତିନି ସାତ ଦିନଯାକ । ୫୮ । ଜାତ କଲେ ନାହିଁ ସୁବୀର ବୋଲିବା ଜାତକ ନାମ ପ୍ରଥମେ । ସିଦ୍ଧଗିର ସ୍ମର ସମସ୍ତେ ଡାକିଲେ ଅନଙ୍ଗସୁନ୍ଦର ନାମେ । ୫୯ । ଦିନୁ ଦିନୁ ଶଶୀପରି ଅଙ୍କମସୀ ବିନା ବଢ଼େ ଭୂପସୁତ । ବ୍ରଜେ ବନମାଳୀ ପରି ବାଲ୍ୟକେଳି ରଚଇ ଅପରିମିତ । ୬୦ । ଶ୍ରୁତିବେଧ ହେଲା ଯହୁଁ ବିଦ୍ୟାଶାଳା ପରବେଶ କରାଇଲେ । ଗୁରୁପ୍ରଭାବଜ ମନ୍ତ୍ରୀସୁତ ରାଜବଲ୍ଲଭାଖ୍ୟ ସଖା ତୁଲେ । ୬୧ । ଅମରକେଶରୀ ଫଣୀଶ୍ୱର ପରିପାଳିତ କାବ୍ୟପଟଳୀ । ନାଟକ ଅଳଙ୍କାର ତର୍କ ବେଦାନ୍ତ ସ୍ମୃତି ଇତିହାସ ପାଳୀ । ୬୨ । ଅଷ୍ଟାଦଶମିତ ପୁରାଣ ଚରିତ ଗଣକ ଶିକ୍ଷାମତ ।

---

—ବର୍ଷାକାଳ । ୫୨ । ଜୃମ୍ଭାବିଜୃମ୍ଭଣ—ହାଇ ମାରିବା । ୫୩ । ବାରବାଣିସୁନାଦେହା—ଉଜ୍ଜ୍ୱଳ ସ୍ୱର୍ଣ୍ଣବର୍ଣ୍ଣାଙ୍ଗୀ, ବାରଣଦନ୍ତପ୍ରତିମା—ହାତୀଦାନ୍ତ ପିତୁଳା ପରି ଧଳା, ଦ୍ୱିରଦରଦନପଲଙ୍କ—ହାତୀଦାନ୍ତ ପଲଙ୍କ, ତଳ୍ପ—ଶଯ୍ୟା, କ୍ଷମା—ପୃଥିବୀ, ମାଟି । ୫୪ । ଅଶନ—ଭୋଜନ, ମୃଦ—ମାଟି, ଲୋଳଈକ୍ଷଣେ—ଚଞ୍ଚଳ ନେତ୍ରରେ ।୫୬। ଜାତରୂପଦେହା—ସ୍ୱର୍ଣ୍ଣାଙ୍ଗୀ । ୫୭ । ନାକ୍ଷତ୍ରିକଗୋଷ୍ଠୀ—ଗଣକ ବା ଜ୍ୟୋତିଷଗଣ (ଦ୍ୱାରା) । ତୁନ୍ଦିଳ—ପରିପୂର୍ଣ୍ଣ । ୫୮ । ଧନଦ—କୁବେର, ଧନୀ; ଯାଚକ—ମାଗିବା ଲୋକ, ରସା—ପୃଥିବୀ, ତିନି ସାତ ଦିନ—୨୧ ଦିନ । ୬୦। ଅଙ୍କମସୀ—କଳଙ୍କକାଳିମା ।୬୧। ଶ୍ରୁତିବେଧ—କାନଫୋଡ଼ା, ଗୁରୁପ୍ରଭାବଜ—ବୃହସ୍ପତିଙ୍କ ଔରସଜାତ । ୬୨ । ଅମରକେଶରୀ—(କୋଷକାର) ଅମର ସିଂହ,

ରତ୍ନାଶ୍ୱବାରଣ ଶସ୍ତ୍ରପରୀକ୍ଷଣ ଅନଳ୍ପ ଶିଳ୍ପ ସଙ୍ଗୀତ । ୬୩ । ସ୍ତମ୍ଭନ ମୋହନ ବଶ ଉଚ୍ଚାଟନ ହଠ ଚମଠ ଶାବର । ସବୁଦେଶ ଗିର କାଳୀତାଳଦଳ ଲେଖା ବିବିଧ ଅକ୍ଷର । ୬୪ । ଶତଅବଧାନ ସରସ କବନ ମହାରାଜ ନୀତଯାକ । ଅସାଧିତର ତୁରଙ୍ଗମଦମନ ଧୃତବିନୟ-ବିବେକ । ୬୫ । ନୋହିଲା ସେ ଦୁହିଙ୍କର ସେହି ବିଦ୍ୟା ଯହିଁ ସେ ନ କଲେ ଇଚ୍ଛା । ଲୋଡ଼ିଲେ ମିଳିଲା ନାହିଁ କି ଭାରତୀଭଣ୍ଡାର ହେବାରୁ ତୁଷ୍ଟ । ୬୬ । ତନୁମାନ ଭିନ୍ନ ଜୀବନେ ଜୀବନ ମନରେ ମନ ମିଶିଲା । ଏପରି ସମୟୁ ହରୁଁ ସଖୀଦ୍ୱୟ କିଶୋରତା ପ୍ରକାଶିଲା । ୬୭ । ଅତି ସୁକୁମାର ଏ ଦୁଇ କୁମାର ବୋଲି ନ ଅଚରି ଦୟା । ଦିନୁ ଦିନୁ ମନ ବନରେ ମଦନ-ମୃଗୟୁ କଲା ମୃଗୟା । ୬୮ । ଲଜ୍ଜାଗଉରବ ଘେନି ଏକ ଭାବ ଅରକେ ନୁହଇ ଜଣା । କରୁଥାନ୍ତି ନିତି ସରସ ଭାରତୀ ସୁଧାରେ ମନ ମାଜଣା । ୬୯ । ଲେଖାରେ ତୁରୀୟ ସୁଚରିତମୟ ଏକସ୍ତ୍ରୀମୟ ପଦ । ଶେଷ ଶ୍ଳେଷଯୁକ୍ତ ହେଲା ସମାପତ କୁମାରୋତ୍ସବ ଏ ଛାନ୍ଦ । ୭୦ । ଗୋବରଧନ-ବିହାରୀ ହର ହର ଗୃହ ପାଦ ବାରିରୁହ । ରାମଚନ୍ଦ୍ର ଦେବ ମନମିଳିନ୍ଦକୁ ଦେବ ମରନ୍ଦପ୍ରବାହ । ୭୧ ।

---

ଫଣୀଶ୍ୱର—ପ୍ରସିଦ୍ଧ ଭାଷ୍ୟକାର, ପରିପାଳିତ—ସଙ୍କଳିତ. ପ୍ରଣୀତ କାବ୍ୟପଟଳୀ—କାବ୍ୟସମୂହ, ପାଳି—ଶ୍ରେଣୀ, ସମୂହ । ୬୩ । ଅଷ୍ଟାଦଶମିତ—୧୮ ସଂଖ୍ୟକ, ରତ୍ନ, ଅଶ୍ୱ, ବାରଣ (ହାତୀ), ଶସ୍ତ୍ର (ଖଡ୍ଗାଦି) ପରୀକ୍ଷା କରିବା ଶାସ୍ତ୍ର । ଅନଳ୍ପ—ପ୍ରଚୁର । ୬୪ । ଶାବର—ଗୁଣିବିଦ୍ୟା । କାଳୀତାଳଦଳଲେଖା—କାଗଜଲେଖା ଓ ତାଳପତ୍ରଲେଖା । ୬୫ । ଶତଅବଧାନ—ଏକ ସମୟରେ ଶହେ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବା ରୂପ ବିଦ୍ୟା, କବନ—କବିତା, ଧୀର, ବିନୟୀ, ବିବେକୀ ହେବା ଶିକ୍ଷା । ୬୮ । ମଦନମୃଗୟୁ—କାମରୂପ ଶିକାରୀ ।୬୯। ଲଜ୍ଜାର ଆଧିକ୍ୟରୁ ନିଜ ନିଜ ହୃଦୟର କାମବିକାର କେହି କାହାକୁ ଜଣାଉ ନ ଥାନ୍ତି, ମାତ୍ର ରସ-ଗର୍ଭିକ କଥାମୃତ ଦ୍ୱାରା ପରସ୍ପର ମନୋମୋହନ କରୁଥାଆନ୍ତି । ୭୦ । ତୁରୀୟ—ଚତୁର୍ଥ । ୭୧ । ଗୋବର୍ଦ୍ଧନ ପର୍ବତରେ ବିହାରକାରୀ ହରିଙ୍କର ଏବଂ ଗୋବର୍ଦ୍ଧନ ( ବୃଷଭ )-ବିହାରୀ ହରଙ୍କ ଗୃହ ପାଦ ବାରିରୁହ ( ପଦ୍ମ ) ରାମଚନ୍ଦ୍ର ଦେବ ମନରୂପ ମିଳିନ୍ଦକୁ (ଭ୍ରମରକୁ) ମରନ୍ଦ (ମକରନ୍ଦ) ପ୍ରବାହ ଦେବେ ।

## ପଞ୍ଚମ ଛାନ୍ଦ

### ରାଗ—କୌଶିକ

( ମଣିମଞ୍ଜୁଳା ରାଜଧାନୀ ବର୍ଣ୍ଣନା ଓ ଚନ୍ଦ୍ରକଳା ଜନ୍ମ )

ଅଥ ମନମଥରସକଥାପଥ ପଥିକେ ଶୁଣ ହୃଷ୍ଟଚିତ୍ତେ । ମହାଗଜ-ଘୋଷ ପୂରୁବକୁ କ୍ରୋଶ ଶତ ପଞ୍ଚକ ପରମିତେ । ଅଛି ଅଶେଷ । ବିଭବନାମେ ରାଜ୍ୟରାଜ । ମଣିମଞ୍ଜୁଳା ରାଜଧାନୀ ସେ ଦେଶ ତାରାଳି ମଧ୍ୟ ଦ୍ୱିଜରାଜ । ୧ । ଆହା ଜଗତୀରେ ତାହା ଯଶ ଲବ କାହା ଜନ୍ମକେ କୁହାଭଲ । ଯାହା ଜଳଜଳେ ରାହାଜଗୁଅଳେ ଜାହାଜ ଲକ୍ଷ ଲକ୍ଷ ଗୃଳ । ହେଉ ଅଛନ୍ତି । ସାହା ଜଗତଜନଙ୍କର । ବାହାଜନ୍ୟ ଯଶେ ମିଶିଛି ବିଶେଷେ ମହାଜନପଣ ତାଙ୍କର । ୨ । ଦୁର୍ଗଗୃହ ବାହି ଉତ୍ସର୍ଗରୁ ଯହିଁ ଅଶକ୍ତ ହୋଇ ଅନ୍ତୁମାନେ । ଉଦୟାସ୍ତ ଉମାଗୁରୁ ବିନ୍ଧ୍ୟନାମାଚଳ ଚହନ୍ତି ନାହିଁ ଜନେ । ସ୍ୱତ ପ୍ରଭୃତେ । ପ୍ରାଚୀର ପ୍ରାଚୀର ଶିଖରେ । ଚିରକାଳୁ ଥିବା ଅଭିନବ ଜବାସ୍ତବକ ଭ୍ରମ ହୋଏ ସୂରେ । ୩ । ପଙ୍କେରୁହବଂଶ-ଭବ ଅବତଂସ ହେବାରୁ ସେ ଧରାଧିନାଥ । ତପନୀୟମୟ ବୃତ୍ତିସମୁଦୟ ହେବାର ହୋଇଲା ଯଥାର୍ଥ । ବସୁନ୍ଧରାରୁ । ସ୍ୱର୍ଗକୁ ମାର୍ଗ ବୋଲି ଏତେ । ସହର ବାହାର ମଣ୍ଡା ମଣିହଂସ୍ରାଦଣ୍ଡରୁ ହେଉଛି ପରତେ । ୪ । ଜନ୍ମ ତହିଁ ରହି ଯଉବନ ବହି ଲଭି ତହିଁରେ ପରିଣତ । ସେହି ମହାରାଜଧାନୀ ସୀମା ଅଜଯାଏ ଜନେ କଳି ନାହାନ୍ତି । ଆନ ଦେଶରୁ । ଆସିବା

---

ପଞ୍ଚମ ଛାନ୍ଦ

୧ । ମନ୍ମଥରସ—ଶୃଙ୍ଗାରରସ, ସେ କଥାପଥରେ ଯେଉଁମାନେ ପଥିକ । ରାଜ୍ୟରାଜ—ରାଜ୍ୟଶ୍ରେଷ୍ଠ, ତାରାଳି—ନକ୍ଷତ୍ରସମୂହ, ଦ୍ୱିଜରାଜ—ଚନ୍ଦ୍ର । ୨ । ଯେଉଁ ନଗରୀର ଯଶର ଲବମାତ୍ର ସଂସାରରେ କୌଣସି ଲୋକ ଜୀବନରେ କହିପାରିବ ନାହିଁ । ଜଳଜଳେ—ପରିଖାର ପାଣିରେ, ରାହାଜଗୁଅଳେ—ବାଟ ଜଗିଥିବା ଲୋକମାନେ, ବାହାଜନ୍ୟ ଯଶେ—କ୍ଷତ୍ରିୟ ଯଶ ସଙ୍ଗରେ ସେହି ମହାଜନଙ୍କ ପରୋପକାର ଯଶ ମିଶିଛି । ୩ । ଉଦୟାସ୍ତ—ଉଦୟ ଓ ଅସ୍ତ ପର୍ବତ, ଉମାଗୁରୁ—ହିମାଳୟ ପର୍ବତ, ପ୍ରାଚୀର—ପୂର୍ବଦିଗର, ପ୍ରାଚୀର—ପାଚିରି, ଜବାସ୍ତବକ—ମନ୍ଦାରଫୁଲର ପେଣ୍ଡା, ସୂରେ—ସୂର୍ଯ୍ୟଙ୍କଠାରେ । ୪ । ପଙ୍କେରୁହବଂଶ······ ପଦ୍ମବଂଶଜାତ ରାଜାମାନଙ୍କ ଭୂଷଣସ୍ୱରୂପ, ତପନୀୟମୟବୃତ୍ତି—କେବଳ ସୁନାର କାରବାର ଯାହାଙ୍କର ( ରାଜ ପକ୍ଷରେ ); ସୂର୍ଯ୍ୟସମ୍ବନ୍ଧୀୟ

ଜନ କି କଳିବ । ଧରିବଜ ଗଣି ପାରିବ କେ ପୁଣି ମଣିସାନୁସୁନା ତୁଳିବ । ୫ । ସେ କି ଦାମୋଦର ଦେବଙ୍କ ଉଦର ତହିଁ ଯା ନାହିଁ କାହିଁ ନାହିଁ । ଦେବଙ୍କ ଅଭ୍ୟାସ ହେଲା ଅନିମିଷ ଯାହା ସମ୍ପତ୍ତି ଗୃହିଁ ଗୃହିଁ । ଯହିଁ ଆପଣେ । ବସେ ପଣ ପଣ କୁଞ୍ଜର । ଗଣନା କେ ପୁଣି କରିବ ସାଜେଣି ଜସ୍ତି ତୁରଙ୍ଗମପୁଞ୍ଜର । ୬ । ପରିବାର ହାଟ ବାଟକୁ ନିଅନ୍ତି ପରିବାରେ ଯହିଁ ହାଟକ । ଯହିଁ ଜନ ପଙ୍କେରୁହଚମ୍ପୂ ଅଙ୍କେ ଏକା ଜାଣନ୍ତି ବରାଟକ । ଯହିଁ ଦୁଆରେ । ଶାକ ଗୋ ବୋଲି ଡାକ ଶୁଣି । ସୁରୂପାଳୀ ନେଇ ସ୍ୱରୂପେ କୁଢ଼ାଇ ଦିଅନ୍ତି ଦିବ୍ୟ ମୋତି ମଣି । ୭ । ହେବା କ୍ଷଣେ ଜଣା ବଜାର ବିଛଣା ଉଠିଯିବା କାଳ ନିକଟ । ପୁଳିନ୍ଦସୁନ୍ଦରୀ ପଢ଼ିବା କସ୍ତୁରୀ ପଗଡ଼ କରି କୁଟ କୁଟ । ହେଲେ ରଖନ୍ତି । ମିଶାଇ ଅବକର ତୁଳେ । ତାହାର ବସତି ଦୁଆରେ ଦିଅନ୍ତି ଗୋମୟ ଅଣ ଗୋ ଯେ ବୋଲେ । ୮ । ସୁନାଗରୀଅରେ ଜୀବନ ଦେ ବୋଲି ଦାସୀକି ବୋଲୁଁ ଗୃହପତି । ଯହିଁ କୁଟୁମ୍ବିନୀ ଅନ ଭାବ ଘେନି ହୁଅନ୍ତେ ଦୃଢ଼ ମାନବତୀ । ଜାଣି ଉପୁରେ । ଅବରୋଧକୁ ଧବ ଯାଏ । ବସାଇ କୋଳରେ ସୁରୂପା ତାଳରେ ଦୃଷ୍ଟିକି ବୋଲି ସମଜାଏ । ୯ । ବରଣମଣ୍ଡଳ ବିଷ୍ଣୁପଦୁଁ ବଳି ବ୍ୟାପିଥିବାରୁ ଗୃହପାଖେ । ବହୁଳ ପକ୍ଷରେ ବହଳ ଋକ୍ଷଙ୍କ ପଟଳୀ ଚୁମ୍ବିବାରୁ ଶିଖେ । ଯେଉଁ ନଗରୀ । ଜନ ବିଗୃହରେ ତାହା ଦେଖି । ଏ କି ଚମତ୍କାର ଅକାଳେ ଚତୁର ଦିଗ ଅଟଳେ ଦିବଶିଖୀ । ୧୦ । କେଉଁ ପୁରେ କ୍ଷିତି ମାର୍ଜନା କରନ୍ତି ସୁନାଖଣ୍ଡିକା ଝାଡ଼ୁଧରି । କସ୍ତୁରୀ ରୋଚନା ଗନ୍ଧସାର ମିନା କୁଙ୍କୁମ ତୁଳେ ପଡ଼େ ଛରି । ଚନ୍ଦ କମ୍ବଳ । ବିଛଣା

---

(ପଦ୍ମ ପକ୍ଷରେ) ମଣିବିଭୂଷିତ ପତାକାଦଣ୍ଡ । ୫ । ମଣିସାନୁସୁନା—ମଣିମୟ ପର୍ବତ ଶୃଙ୍ଗରେ ଥିବା ସୁନା । ୬ । ଆପଣେ—ବଜାରରେ, କୁଞ୍ଜର—ହାତୀ, ସାଜେଣି—ସଜ୍ଜିତ, ତୁରଙ୍ଗମପୁଞ୍ଜ—ଅଶ୍ୱସମୂହ । ୭ । ହାଟକ—ସୁନା, ବରାଟକ—କଉଡ଼ି ଓ ପଦ୍ମବୀଜକୋଷ; ସୁରୂପାଳୀ—ସୁନ୍ଦରୀସ୍ତ୍ରୀମାନେ, ସ୍ୱରୂପେ—ପ୍ରତ୍ୟକ୍ଷରେ । ୮ । ପୁଳିନ୍ଦସୁନ୍ଦରୀ—ନୀଚଜାତୀୟା ସୁନ୍ଦରୀମାନେ, କସ୍ତୁରୀପଗଡ଼—କସ୍ତୁରୀର ଖଣ୍ଡ ବା କଣା, କୁଟ—ଗୁଡ଼, ଅବକରତୁଲ—ଅଳିଆ ସାଙ୍ଗରେ । ୯ । ସୁନାଗରୀଅରେ—ସୁନାରେ ତିଆରି ଗରରେ, (ଅନ୍ୟ ପକ୍ଷରେ)—ହେ ସୁରସିକା ଅ, ଜୀବନ—ପାଣି ଓ ପ୍ରାଣ, କୁଟୁମ୍ବିନୀ—ନିଜ ସ୍ତ୍ରୀ, ଅବରୋଧ—ଅନ୍ତଃପୁର, ଧବ—ସ୍ୱାମୀ । ୧୦ । ବରଣମଣ୍ଡଳ—ପ୍ରାଚୀରର ଅଗ୍ରଭାଗ, ବିଷ୍ଣୁପଦ—ଆକାଶ, ବହୁଳପକ୍ଷରେ—କୃଷ୍ଣପକ୍ଷରେ । ବହଳଋକ୍ଷକ ପଟଳୀ—

ଭ୍ରମେ ପରିବାରେ । କରନ୍ତିହ ତ୍ରୁଡ଼ା ପୀଡ଼ାକୁ ଲଭନ୍ତି ଖାଲି ଧରିବାକୁ ହିଙ୍କିବାରେ । ୧୧ । ସଲାବଣ୍ୟରସ ପୂରିଛି ବିଶେଷ ନାହିଁ ତା ବୀଚିଜାତଦର । ରତନ ମକରକୁଣ୍ଡଳୀ ପ୍ରକର ସନ୍ତାନଜନ୍ମ ସୁଖାକର । ପ୍ରତି ପ୍ରାଙ୍ଗଣ । ମଣ୍ଡନେ କୀଲାଲ ଦିଶଇ । ଚନ୍ଦ୍ର ତୁରଙ୍ଗମ ଗଜ ଲକ୍ଷ୍ମୀଜନ୍ମସ୍ଥଳୀ ସେ ସିନ୍ଧୁକୁ ହସଇ । ୧୨ । ନିଜ ଦାନବାରି ଗଜଦାନବାରି ବହେ ଦାନବାରି ଗୃହକୁ । ଅର୍ଭକେ ତାହାର ଗର୍ଭକୁ ଚଳାଇ ତରିମଣ୍ଡପ ସମୂହକୁ । ଖେଳ ମଣନ୍ତି । ମାଧବ ପ୍ରତି ମାସଯାକ । ମାଧବପ୍ରତିମା ଗୃପକେଳିରମା ଭାବ ହେବାରୁ ସମୁତ୍ସୁକ । ୧୩ । ପ୍ରତିମାସେ ରାକାପ୍ରଦୋଷେ ରସିକାଜନଙ୍କ ଭ୍ରମ କି କହିବା । କେ ଥାଏ ତଳରେ କେ ଊର୍ଦ୍ଧ୍ବସ୍ଥଳରେ ଅଟ୍ଟାଳିକାରେ ଥାଏ ଅବା । ଯେଣ୍ଟି ଉପରେ । ଥାଏ ସେ ଚନ୍ଦ୍ରକୁ ବନ୍ଦାଏ । ତଳେ ଥିବା ବାମା ଊର୍ଦ୍ଧ୍ବଗତା ରାମାଲପନକୁ ଅର୍ଘ୍ୟ ବନ୍ଦାଏ । ୧୪ । ଯହିଁ ଗୃହଚୂଳ ହିରଣ୍ୟମଞ୍ଜୁଳ କଳଶୀ ଉପର ଦଣ୍ଡକୁ । ଚୁମ୍ବିବା ଦଣ୍ଡକ କାଳେ ଗୃହିଁ ଲୋକ କଳା ବଳାହକଖଣ୍ଡକୁ । ମନେ ବିଗୃରେ । ବଡ଼ଭି ନୀଳଚେଳ-ବଲ୍ଲୀ । ଯେଉଁ ବର୍ତ୍ତି ଘନ ଚୁମ୍ବେ ତାକୁ ଜନ ଘେନେ ସେ ବର୍ତ୍ତିବାନା ବୋଲି । ୧୫ । ଯେବେ ସଙ୍ଘୋଟ ପ୍ରକାରେ ପ୍ରାବୃଟକାଳୀନ ଘନ ବ୍ୟୋମେ ଘୋଟେ । ଦେଖି ବାତଲୋଳ ସୁପୀତ ଦୁକୂଳ ଲତା ବଡ଼ଭି ଗିରିକୂଟେ । କେଉଁ ପ୍ରାସାଦେ । ଗୃହିଁ ଅବଦାତପତାକା । ଜନ ଘେନେ ପୀତ କେତୁକୁ ଉଡ଼ିତ ଧବଳକେତୁକୁ ବଳାକା । ୧୬ । ନିସର୍ଗ ଚପଳା ବଲ୍ଲରୀକଖେଳା

---

ବହୁ ତାରକାସମୂହ । ଦବଶିଖୀ—ଦାବାନଳ, ବନାଗ୍ନି । ୧୧ । କସ୍ତୁରୀ, ଗୋରୋଚନା, ଚନ୍ଦନ, କୁଙ୍କୁମ ପ୍ରଭୃତି ବିଭିନ୍ନ ରଙ୍ଗର ଛିଟ (ଛିଟିକା) ପଡ଼ିବାରୁ ପରିବାର ଲୋକମାନେ ସେ ସବୁକୁ ଚିହ୍ନକମ୍ବଳ ମନେ କରି ବୃଥା ହିଙ୍କିବାକୁ ଚେଷ୍ଟା କରି ନଖ ଛିଡ଼ିବାରୁ କଷ୍ଟ ପାଆନ୍ତି । ୧୨ । ସଲାବଣ୍ୟରସ—ଲାବଣ୍ୟପୂର୍ଣ୍ଣ ଶୃଙ୍ଗାର ରସ ଓ ସୁନ୍ଦର ଜଳ, ବୀଚିଜାତଦର—ଲହରୀ ହେତୁରୁ ଭୟ, ସନ୍ତାନ—ପୁତ୍ରାଦି, କଳ୍ପବୃକ୍ଷ; କୀଲାଲ—ଜଳ ଓ କପର ରକ୍ତବର୍ଣ୍ଣ; ପ୍ରତି ଅଗଣାରେ ଥିବା ସୁନ୍ଦର ଜଳାଶୟମାନଙ୍କୁ ସମୁଦ୍ର ସଙ୍ଗେ ତୁଳନା କରାଯାଇଅଛି । ୧୩ । ନିଜ ଦାନବାରି—ନିଜେ ଦାନ କରିବା ବେଳେ ଦେଉଥିବା ଜଳ; ଗଜ-ଦାନଦାରି—ହସ୍ତୀମାନଙ୍କର ମଦଜଳ, ଦାନବାରିଗୃହକୁ—ସମୁଦ୍ରକୁ, ଅର୍ଭକେ—ପିଲାମାନେ, ତରିମଣ୍ଡପ—ଖେଳିବା ପାଇଁ କରିଥିବା ମଣ୍ଡପାକୃତି ନୌକା; ମାଧବ—ବୈଶାଖମାସ, ବୈଶାଖରେ ମାଧବ ପ୍ରତିମା (ବିଷ୍ଣୁ ପ୍ରତିମା)ଙ୍କର ଗୃପକ୍ରୀଡ଼ାର ରମା (ସୌନ୍ଦର୍ଯ୍ୟ) ଭାବ ସମୁତ୍ସୁକ (ଆନନ୍ଦିତ) ହୁଅନ୍ତି । ୧୪ । ରାକାପ୍ରଦୋଷ—ପୂର୍ଣ୍ଣିମାର ସନ୍ଧ୍ୟା, ରାମାଲପନ—ସ୍ତ୍ରୀର ମୁଖ (ଚନ୍ଦ୍ର) । ୧୫ । କଳାବଳାହକ—କଳାମେଘ, ବଡ଼ଭି—ଚନ୍ଦ୍ରଶାଳା, ନୀଳଚେଳବଲ୍ଲୀ—ନୀଳବର୍ଣ୍ଣର ବସ୍ତ୍ରଖଣ୍ଡ ।

ଆକାଶ ମଧ୍ୟରେ ଅନାଇଁ । କେ ବୋଲେ ହେ ମିତ ବଡ଼ଭାର ପୀତ ପତାକା ଦେଖିଲ କି ନାହିଁ । ରବି ମୟୂଖ । ଛନ୍ନ ହେବାରୁ ଘନେ ସିନା । ଜଣାଗଲା ଏତେ ଦିନକେ ନିକେତମଉଳିଶିଖେ ପୀତ ବାନା । ୧୭ । ଭୁଜଙ୍ଗମ ନର ଦୁଇ ପୁରସାର ବିଜୟେ ଆଦର ନ କର । କେଉଁ ମଣିମୟ ପ୍ରାସାଦ ନିଳୟୁ ଅସିତ ଅଂଶୁକ ମଞ୍ଜରୀ । ଜମିଯାଏ ଯା । ଆକାଶ ଊର୍ଦ୍ଧ୍ୱେ ଖେଳି ଖେଳି । ହୁଅଇ ପ୍ରତୀତ ଜାଣି ସ୍ୱର୍ଗଦ୍ୟୁତି ତା ମୁଖେ ଲଗାଏ କାଳୀ । ୧୮ । ଋକ୍ଷ ପ୍ରତିବିମ୍ବ ଉମ୍ବରାବଲମ୍ବ ନୀଳାଶ ଜଗତୀରେ ନିଶି । ଲଘୁଲୀ ବୟସୀ ଗୃହ ପାଞ୍ଚ ମିଶି କୁସୁମ ଗୁନ୍ଥୁ ଗୁନ୍ଥୁ ବସି । ଚୂତ କୁସୁମ । ବୋଲି କେ ପ୍ରତିବିମ୍ବ ଧରେ । ସମୀରଣ ଉଡ଼ା ଫୁଲ ଭ୍ରମେ ଛୁଡ଼ା ହୋଇ କେ ତାହାକୁ ଓଟାରେ । ୧୯ । ଯହିଁ କେଉଁ ରସଲମ୍ପଟ ପୁରୁଷ ଗବାକ୍ଷ ପାଶେ ବସିଥିଲା । ଅବିଦୂର ଶଶିବିମ୍ବକୁ ପ୍ରେୟସୀବଦନ ଭ୍ରମେ ଚୁମ୍ବି ଦେଲା । ଉଷ୍ଣା ହେବାରୁ । ମାଧୁର୍ଯ୍ୟ ବୋଇଲା ଯା ଛୁଟ ଛୁଟ । ସେହି ଦିନୁ ଲାଞ୍ଛ ଭଜି ଦ୍ୱିଜରାଜ କାଳିମା ଲଭିଅଛି କହୁ । ୨୦ । ରଞ୍ଜିବାକୁ ନେତ୍ର ଖଞ୍ଜି କାଂସ୍ୟପାତ୍ର ଦୀପଶିଖେ କେ ଗଲା ଭୁଲି । ତହିଁ ପୁଣି ଆସି ପୁରେ ଦେଖି ଶଶୀ ମସି ପଡ଼ିଲା ପାତ୍ରେ ବୋଲି । ଭ୍ରମେ ଅଙ୍ଗୁଳି । ଅଗ୍ର ତା କଳଙ୍କେ ଘଷିଲା । କହୁଁ କହୁଁ ଶଶୀଜାଲମାର୍ଗେ ଖସି ଗଲା ଜାଣି ମନେ ହସିଲା । ୨୧ । ଯହିଁ ପ୍ରାଭାତିକ ବାଜା ବନ୍ଦୀଡାକ ହୟହ୍ରେଷା ଗଜବୃଂହିତ । କରଟରଟନ ତାମ୍ରଚୂଡ଼ସ୍ୱନ ନୋହେ ପ୍ରାସାଦ ଊର୍ଦ୍ଧ୍ୱଗତ । ଶୋଣ ରତନ । କରେ ସୁରସୁତ ସୁଷମା । ହେବାରୁ ଅଚ୍ଛନ୍ନ ନ ଜାଣନ୍ତି ଜନ ସମାପ୍ତ ହେବାର

---

୧୬ । ସବ୍ୟୋଟ ପ୍ରକାରେ—ଗୃହଅଡ୍ଡୁ ଏକାଠିମିଳ, ପ୍ରାବୃଟକାଳୀନ—ବର୍ଷାକାଳରେ, ବାତଲୋଲ—ପବନରେ ଚଞ୍ଚଳ, ସୁପୀତଦୁକୂଳ-ହଳଦିଆ ପାଟବସ୍ତ୍ରଖଣ୍ଡ, ବଡ଼ଭିଗିରକୁଟେ—ଚନ୍ଦ୍ରଶାଳାରୂପ ପର୍ବତ ଶିଖରରେ, ପ୍ରାସାଦେ—କୋଠାରେ; ଅବଦାତ—ଧଳା, ପୀତକେତୁ—ହଳଦିଆ ପତାକା, ବଳାକା—ବକପଂକ୍ତି । ୧୭ । ନିସର୍ଗ—ପ୍ରାକୃତିକ ବିଦ୍ୟୁତ୍‌ଲତାର କ୍ରୀଡ଼ା, ଛନ୍ନ—ଅଚ୍ଛନ୍ନ, ଅବୃତ; ନିକେତ ମୌଳିଶିଖେ—ଗୃହର ଅଗ୍ରଭାଗରେ । ୧୮ । ଭୁଜଙ୍ଗମ…ପୁର—ପାତାଳ ଓ ମର୍ତ୍ତ୍ୟ ଦୁଇ ଲୋକର ସାର୍ବାଂଶକୁ ଜୟ କରିବାକୁ ଇଚ୍ଛା ନ କର; ଅସିତଅଂଶୁକ ମଞ୍ଜରୀ—କଳାରଙ୍ଗର ବସ୍ତ୍ରଖଣ୍ଡ, ସ୍ୱର୍ଗଦ୍ୟୁତି—ସ୍ୱର୍ଗଶୋଭା । ୧୯ । ଋକ୍ଷପ୍ରତିବିମ୍ବ… ନିଶି—ନକ୍ଷତ୍ରମାନଙ୍କର ପ୍ରତିବିମ୍ବ ଶୋଭାର ଛାୟା ଇନ୍ଦ୍ରନୀଳମଣି କୋଠା ଉପରେ ପଡ଼େ; ଲଘୁଲୀବୟସୀ—ଅଳ୍ପବୟସ୍କା । ୨୦ । ଗବାକ୍ଷ—ଝରକା, ଅବିଦୂର—ନିକଟବର୍ତ୍ତୀ, ଦ୍ୱିଜରାଜ—ଚନ୍ଦ୍ର । ୨୧ । କଂସା ଥାଳିଆକୁ ଦୀପଶିଖା ଉପରେ ରଖିଲେ ତହିଁରେ ଚକ୍ଷୁର କଜ୍ଜଳ ଜାତ ହୁଏ, ଜାଳମାର୍ଗେ—ଝରକାବାଟେ ।

ନିଯାମା । ୨୨ । ମରକତମୟ ସବୁଜ ନୀଳମୟ ପ୍ରାଙ୍ଗଣ ତଳ ଉଲ୍ଲସଇ । କଚ୍ଛ କଚ୍ଛ ମାଳୀ ମିଶିବାର କେଳିସରସୀ ପର ଆଭାସଇ । ଯେବେ ନ ଥାନ୍ତା । ହଂସ ପଙ୍କଜ ଦ୍ୱୀପଦର୍ଶୀ । ସ୍ନାନ ଅବସରେ ସେ ନଗରେ ନରେ ବୁଝିଙ୍କି ନ ପାରନ୍ତେ ଭଣ୍ଡି । ୨୩ । ଯେଉଁ ପୁର ଅଛକୁଛିମନିକଟ ବୃନ୍ଦାରକଙ୍କ ମନ୍ଦାକିନୀ । ତହୁଁ ଆସି ମନ୍ଦବାତ ଅରବିନ୍ଦ ମରନ୍ଦବିନ୍ଦୁବୃନ୍ଦ ଘେନି । ଜଗି ବସନ୍ତ । ନିଦାଘ ଏ ଦୁଇ କାଳକୁ । ଜଳାକବାଟୀଧାଟୀ ପାଖେ ରଚଇ ଜଳଯନ୍ତ୍ର କୁତୂହଳକୁ । ୨୪ । ଯହିଁ କଳାବତୀକୁଳ କଳଗୀତ ଶିଖିବାକୁ ଛପି ନ ଠଳି । ରହିବାରୁ ଅଛଗୃହାଟଳକୁଟ ଘେର ସୁରଙ୍ଗନା ପଟଳୀ । ଦେବେ ଜାଣନ୍ତି । ନାହିଁ କେ ସତ କେ କୃତ୍ରିମ । ଭେଦ ଜାଣିବାକୁ ମେରୁଠାରୁ ଯହିଁ ଚୂଟଳ କଳଶମୟ କମ । ୨୫ । ପ୍ରତି ଗୃହବାଟୀ ଉପବନବାଟିମାନଙ୍କୁ ବରନିବା କିସ । ଇନ୍ଦ୍ରଆନନ୍ଦନ ହେବାର ନନ୍ଦନବନେ ନାହିଁ ଯା ଶୋଭା ଲେଶ । ଶଶୀଉପଳ । ଅବାଲ ସବୁ ଲତାମୂଳେ । ସୁଧାଂଶୁ ସ୍ପର୍ଶରେ ବଳକ୍ଷ ପକ୍ଷରେ ପୂରଇ ନିଜ ଦ୍ରବ ଜଳେ । ୨୬ । ମହୀ ମାରକତ ପ୍ରଣାଳୀ ଅମିତ ମହିମା ରକ୍ଷକବରତନ । ଫଉଯିବା ଦଳ ଫଳ ଫୁଲ୍‌ଜାଲ ଯହିଁ ରକ୍ଷକବରତନ । ଏଳା ଲବଙ୍ଗ । ପ୍ରିୟଙ୍ଗୁ ଦ୍ରାକ୍ଷା ଜାତିଫଳ । କ୍ରମୁକ ଲଙ୍ଗଳୀ କର୍ପୂର କଦଳୀ ରୁଚକ ପନସ ରସାଳ । ୨୭ । ଡାଳିମ୍ବ ଜମ୍ବୀର ଲେମ୍ବୁ ଜମ୍ବୁ ବରକୋଳି କମଳା ନାଗରଙ୍ଗ । ଏବଂବିଧ ମହୀରୁହବ୍ୟୂହେ ଯହିଁ ନାନା କୁସୁମ ଲତାସଙ୍ଗ । ଚମ୍ପା କେଶର ।

---

୨୨ । କରଟରଟନ—କୁଆରଡ଼; ଶୋଣରତନ······ରକ୍ତବର୍ଣ୍ଣ ରତ୍ନମାନଙ୍କ କିରଣରେ ସୂରସୁତ (ଅରୁଣ)ର ସୁଷମା (ଶୋଭା); ନିଯାମା—ରାତି । ୨୪। ଅଛକୁଟ୍ଟିମ —ଉଲଚ କୋଠା; ବୃନ୍ଦାରକ—ଦେବତା; ଅରବିନ୍ଦ···ପଦ୍ମ ମକରନ୍ଦବିନ୍ଦୁ-ସମୂହ, ଧାଟୀ—ସମୂହ, ଧାଡ଼ି । ୨୫ । କଳାବତୀକୁଳ—ସ୍ତ୍ରୀସମୂହ, ଛପି—ଲୁଚି, ନ ଠଳି—ସ୍ଥିର ହୋଇ; ମେରୁର ଶୃଙ୍ଗାବଳୀ ସୁବର୍ଣ୍ଣମୟ ଏବଂ ଏ ନଗରର କୋଠା ଉପର ସୁବର୍ଣ୍ଣମୟ, ତେଣୁ ଭେଦ ଜାଣି ହୁଏ ନାହିଁ । କୋଠା-ମାନଙ୍କରେ ସୁନାର କଳସସବୁ ଥିବାରୁ ପ୍ରଭେଦ ଜଣାଯାଏ । ୨୬ । ଉପବନବାଟୀ—ବଗିଚା, ଆନନ୍ଦନ—ଆନନ୍ଦଜନକ, ପ୍ରୀତିପ୍ରଦ; ନନ୍ଦନବନ—ଇନ୍ଦ୍ରଙ୍କ ବଗିଚା; ଶଶୀଉପଳ—ଚନ୍ଦ୍ରକାନ୍ତମଣି (ଚନ୍ଦ୍ରକିରଣରେ ଯହିଁରୁ ପାଣି ବାହାରେ), ଅବାଳ—ଅଳବାଳ ବା ମନ୍ଦା; ବଳକ୍ଷପକ୍ଷ—ଶୁକ୍ଳପକ୍ଷ । ୨୭ । ମାରକତ ପ୍ରଣାଳୀ—ମରକତମଣିନିର୍ମିତ ପାଣିନାଳ, ରକ୍ଷକବରତନ—ରକ୍ଷକମାନଙ୍କର ବେତନ ବା ଦରମା । ଏଳା—ଅଳାଇଚ, ଜାତିଫଳ—ଜାଇଫଳ, କ୍ରମୁକ—ଗୁଆ, ଲଙ୍ଗଳୀ—

ପୁନ୍ନାଗ ମଲ୍ଲୀ ଚୁରଅନା । ପମାର ଅଶୋକ ଜାତି କୁରୁଣ୍ଟକ କଣ୍ଟକ
ସେବତୀ ସୁମନା । ୨୮ । ଯୂଥିକା ନିଆଳୀ ମାଧବୀ ପାଟଳୀ ଅସିତ ଇଟଳା
ପଳାସ । ସ୍ଥଳୋତ୍ପଳ ଦୁଲୁଦୁଲାଙ୍ଗ ରଙ୍ଗଣୀ କୁନ୍ଦ ଗୁଲାବ ଗୁଲୁବାସ ।
ବାସ ତଗର । ତଗ୍ରଟ ରଙ୍ଗ କନିଅର । କରବୀର ନିତ ମଲ୍ଲିକା ସେବତୀ
ବଧୁଲୀ ଅଲର ମନ୍ଦାର । ୨୯ । ଦୟଣା ମରୁଆ ପତ୍ରୁପନ୍ନୀ ଚୁଆ ଚୁନ୍ନା
ନାଗିଣୀ କୁରୁବେଲୀ । ତହିଁ ଅନୁଲକ୍ଷୀ ପୋଷା ପଶୁପକ୍ଷୀ କ୍ରୀଡ଼ନ୍ତି ମତଲ୍ଲୀ
ମତଲ୍ଲୀ । ପୁଣି ବିରୋଧ । ନାହିଁ କାହା ତୁଲେ କାହାର । କେ ପଲ୍ଲବ-
କଣ କେ ତମାଲ ତୃଣ କେ ଫୁଲ ମରନ୍ଦ ଆହାର । ୩୦ ।
ପଞ୍ଚଜାତି ମୃଗ ଗବୟ ଖଡ଼ଗ ଚମରୀ କସ୍ତୁରୀ କୁରଙ୍ଗ । ଶାଳିଆପତନୀ
ମହାଦାର ଘେନି କରୁଅଛନ୍ତି ନାନା ରଙ୍ଗ । ନାନା ନିଗମ । ପଢ଼ା ଶାରି ଶୁକ
ସହିତ । ମରାଳ ମୟୂର ରଥାଙ୍ଗ ଚକୋର ଦୁଇ କେନାଠୀ ପରଭୃତ । ୩୧ ।
ଶରାସ୍ୟଟଙ୍କାର ଶଙ୍କାର ନିଦାନ ଝଙ୍କାର ପଣ୍ଡିତ ରୋଲମ୍ବ । ପ୍ରସବ କଦମ୍ବ
ମକରନ୍ଦଚୁମ୍ବକେଳିକି କରି ଅବଲମ୍ବ । ତହିଁ ଖେଳନ୍ତି । ଚମ୍ପକ ବିନା
ମଦେ ରସି । ଅଖିଳ ବ୍ରତତୀ ଫୁଟନ୍ତି ଫଳନ୍ତି ଯେଉଁ ଆରାମେ ବାରମାସୀ ।
୩୨ । ସେ ପୁରାଧିରାଜ ବୀରଧର୍ମଧ୍ୱଜ ଗୁଣଗଣମଣିମଣ୍ଡିତ । ନିର୍ଜିତାରି-
ଜାତ ଅର୍ଥିପାରିଜାତ ଅତ୍ରିତଭରଣପଣ୍ଡିତ । କେଳି କଲ୍ଲୋଳା । ତାର
ପ୍ରିୟପାଟ ଅଙ୍ଗନା । ମାରତୁଲ୍ୟ ତନି କୁମାରଜନନୀ ନନ୍ଦନା ବିନା ମ୍ଳାନ-
ମନା । ୩୩ । ପ୍ରତଦନ ବାମା ଗଜସ୍ରୀପ୍ରତିମା ନିଷ୍କଶତ ସ୍ୱର୍ଣ୍ଣେ ଗଢ଼ାଇ ।
ତେଲ ଅଳଙ୍କାର ତୁଲେ ଦ୍ୱିଜଙ୍କର ମହିଳାକୁ ଦେଇ ବଢ଼ାଇ । ବନ୍ଦି
ଚରଣେ । ବୋଲେ ଏ ବିନୟ ବଚନେ । ଦ୍ୱିତୀୟ ସାବନୀ ସମ ଲଭ
ପୁତ୍ରୀ ବୋଲ ଗୋ ଗୁରୁପତ୍ନୀମାନେ । ୩୪ । ଅଷ୍ଟମୀ ନବମୀ ଅମା
ପଉର୍ଣ୍ଣମୀ ଚତୁର୍ଦ୍ଦଶୀ କୁଜବାସରେ । ଗଜସ୍ରୀଙ୍କ ଓଷା ପୂଜୁଥାଏ ଯୋଷା-
ରାଜ ଘେନି ଉପବାସରେ । ଗଙ୍ଗା ଯମୁନା । ଆଦ ପୁଣ୍ୟ ନଦୀ ସ୍ନାନକୁ ।

---

ନନ୍ଦିଅ; କୁଟଜ—ଟଗର; ରସାଳ—ଅମ୍ବ । ୨୯ । ସ୍ଥଳୋତ୍ପଳ—ସ୍ଥଳପଦ୍ମ; ଦୁଲୁ-
ଦୁଲାଙ୍ଗ—ଦୋହଲୁଥିବା; ଯୂଥିକା—ଯୂଈ; ଅସିତ—କଳା, ମତଲ୍ଲୀ ମତଲ୍ଲୀ—
ଉତ୍କୃଷ୍ଟ ବା ପ୍ରଶସ୍ତଜାତୀୟ ( ପୋଷା ପଶୁପକ୍ଷୀମାନେ ) । ୩୧ । ମହାଦାର—
ବସ୍ତ୍ର; ନାନା ନିଗମ—ନାନାଶାସ୍ତ୍ର । ପରଭୃତ—କୋଇଲି । ୩୨ । ଶରାସ୍ୟ
—ଧନୁ, ରୋଲମ୍ବ—ଭ୍ରମର, ବ୍ରତତୀ—ଲତା । ୩୩ । ନିର୍ଜିତାରିଜାତ—ପରାଜିତ
ହୋଇଅଛନ୍ତି ଶତ୍ରୁସମୂହ ଯାହାଦ୍ୱାରା, ଅର୍ଥିପାରିଜାତ—ଯାଚକଙ୍କ ପକ୍ଷରେ କଳ୍ପଦ୍ରୁମ
ପରି; ନନ୍ଦନା—କନ୍ୟା । ୩୪ । ନିଷ୍କଶତସ୍ୱର୍ଣ୍ଣେ—ଏକଶତ ମୋହର ସୁନାରେ ।

କରାଇ ବରଣ ପେଷୁଥାଏ ଗୁଣବନ୍ତ ଭୂଗୀର୍ବାଣମାନଙ୍କୁ । ୩୫ । ଏପରି
ବୟସ ହେଲା ଊନବିଂଶ ପହୁଞ୍ଚିଥିଲା ନାଥ କୋଳେ । ସେ ବାଳାରତନ
ଲଭିଲା ସ୍ୱପନ ତ୍ରିଯାମା ଅବସାନକାଳେ । ପୂର୍ଣ୍ଣ କନକ । କୁମ୍ଭ ଧରନ୍ତି
କନ୍ୟା କେହି । ବିଭୂଷିତା ବାଳୀ ଜଣେ କେ ମରାଳୀ ନିଜପୁରତେ ଅଛନ୍ତି
ବହି । ୩୬ । ଶୁଣୁଁଥିଲା ବୀଣାଯନ୍ତ୍ର କେ ପ୍ରବୀଣା ଆଳାପି ଆଳାପି
ରଙ୍ଗରେ । ପରବେଶ ହେଲା ପର ଜଣାଗଲା ପୁଣି ରଜତାଦ୍ରି ଶୃଙ୍ଗରେ ।
ମୋଦେ ବନ୍ଦିଲା । ଅଚଳେନ୍ଦ୍ରଜେମା ଚରଣ । ଜଣାଇଲା ସୁତା ଅଭାବ
ଦୁଃଖିତାଶୟ ହୋଇବା ଆଚରଣ । ୩୭ । ଶୁଣି ପୁଣି ଦେବୀ ନରେଶ-
ବାନ୍ଧବୀଠାରେ କରୁଣାଦୃଷ୍ଟି ଢାଳି । ସୁପୁଷ୍ଟଗୋସ୍ତନୀଲତିକାରୁ ଘେନି
ଗୋଟିଏ ପରିପକ୍ୱ କୋଳି । ରାଣିପାଣିରେ । ଦେଲାକ୍ଷଣେ ପୁଣି ଗିଳିଲା ।
ଦେବୀଙ୍କ ପୁରତେ ଥିବାର ପରତେ ହେଉଅଛି ନିଶା ଟଳିଲା । ୩୮ ।
ସେହିଦିନୁ ଗର୍ଭବତୀ ସେ ବିଦର୍ଭମହୀମହେନ୍ଦ୍ର ଜେମା ହେଲା । ଦିନୁ ଦିନ
ତାର ଅଳସ ମନ୍ଥରଗତି ମଣ୍ଡିତ ଷମା ହେଲା । ନିତ ହଟିଲା । ଧରଣୀତଳ
ଶୟନକୁ । କଞ୍ଚି ପରି କଲା ଖଞ୍ଜରୀଟଖେଳାମଞ୍ଜୁଳତର ନୟନକୁ । ୩୯ ।
ଅଣାଇ ବଲ୍ମୀକ ପକାଇ ଉଦକ ତା ବାସ ଆଘ୍ରାଣେ ରସଇ । ତୁମ୍ବିସୁନ
ପିତା ଜାଣି ମୋଦେ ସୁତା ହେବ ବୋଲି ମନେ ହସଇ । ଖଣ୍ଡ ଖେଳରେ ।
ରହିବା ଦେଖି ଦୁଇ ଅଙ୍କ । ବର୍ତ୍ତୁରଇ ରାମା ଜାତ ହୋଇ ଜେମା ଅବଶ୍ୟ
ମଣ୍ଡିବ ମୋ ଅଙ୍କ । ୪୦ । ଭଜିଲା ଗଭୀର ଅବର୍ତ୍ତି ନାଭିର ତଳସ୍ଥଳକୁ
ଲଗିବାସ । ବାସି ବନ୍ଧୁଜୀବ ସୁଷମା ବିଭବ ଅସି ବହିଲା ଦନ୍ତବାସ ।
ରାମା ପହଣ୍ଡ୍ରେ । ସଞ୍ଚରିଲେ ଦଣ୍ଡେ ଫୁଟିଲା । ଅହାର ନାହାର ଉତ୍ସଙ୍ଗ-
ବିହାର ରହାରୁ ଶରଧା ତୁଟିଲା । ୪୧ । ଗ୍ରହପଞ୍ଚକର ଉଚ୍ଚସ୍ଥାନ
ପରବେଶରେ ରହିଥିଲେ ଯେବେ । ଅସମ ଲାବଣ୍ୟନିଧିର ଗର୍ଭକୁ ଦଶମାସ
ପରବେଶେ । ଶୁଭ ଲଗ୍ନରେ । ପ୍ରକାଶି ରାମାଜନ୍ମୋତ୍ସବ । ଜରାୟୁ ବରଜ
ଧରାତଳ ଭଜି କଲା କୋକିଳ କଳରବ । ୪୨ । କୁମାର କୁମାର ବୋଲି
ପରିଚାରଜନେ ଭିତରେ କଲେ ଖ୍ୟାତି । ଜେମାର ଯେ ମା ରଙ୍କନିଧି
ଦେଖିଲା ପର ଦେଖିଲା ତାହା ପ୍ରୀତି । କିସ କହିବା । ସେ କି କୁହାଯାଏ
ବଚନେ । ବ୍ରହ୍ମ ଅବଲୋକ ଉତ୍ସବ କି ଲୋକ ଲଭେ ସପୁଲକ
ଲୋଚନେ । ୪୩ । ନାଭିଜଳ ତୁଟି ନାଡ଼ୀନାଳ କାଟି କରିଲ ଅଭିଷଧିସ୍ଥାନ ।

---

୩୫ । କୁଜବାସର—ମଙ୍ଗଳବାର, ଭୂଗୀର୍ବାଣ—ବ୍ରାହ୍ମଣ । ୩୭ । ଅଚଳେନ୍ଦ୍ରଯେମା —ପାର୍ବତୀ । ୩୮ । ଗୋସ୍ତନୀଲତିକା—ଦ୍ରାକ୍ଷାଲତା । ୪୦ । ବଲ୍ମୀକ—ଉଇହୁଙ୍କା ।

ଧାଇଁ ଗୀତ ଗାଇ ତଳପେ ଶୁଆଇ କଲେ ଅରିଷ୍ଟବଧିମାନ । ସମୁଚ୍ଛିଳନ୍ତି । ମଙ୍ଗଳ ହୁଳହୁଳି ବାଜା । ଯେଣି ରତ୍ନାଞ୍ଜଳି ନୟନପୁଗଳି ପବିଣ କଲେ ମହାରାଜା । ୪୪ । ତାହା ଜନ୍ମ ଶୁଣି ଯା ହାଟକଶ୍ରେଣୀ ବୃଷ୍ଟିରେ ପୂର୍ଣ୍ଣ କଲେ କ୍ଷମା । କବି ଭାବି କହେ ସେ କି ଶିଶୁ ନୋହେ କଳଙ୍କଦରିଦ୍ର ଚନ୍ଦ୍ରମା । ରାଣୀ ଉଦର । ଆକାଶୁଁ ହେବାରୁ ଉଦିତ । କଳଙ୍କୀ ଶଶୀଙ୍କ ବରଜ ଅସି କି ତାରିଳି ହେଲି ଭୂମିଗତ । ୪୫ । ଲୁଟିଲେ ପ୍ରଜାଏ ସାତଦିନ ଯାଏ ହଜାର ସଂଖ୍ୟକ ବଜାର । ସହସ୍ରାଂଶୁଁ ଅଂଶ ନ ଲଭିଲ ଶେଷ ଲୁଟିବାରେ ହେଲେ ବେଜାର । ଲକ୍ଷ ରଜକେ । ସଜ କରିବା ଚେଲକୁଟ । ବରଜ ବାଡୁରେ ଡାକିଲେ ମୋଦରେ ଅସ ହେ ଜନେ ଲୁଟ ଲୁଟ । ୪୬ । ଏକବିଂଶ ଧନ ସକଳ ଭୁବନ ସେ ପୁରେ ପରି ଅଭ୍ରସିଲେ । ଗର୍ଜରବ ମୂଳ ହୋଇ ନୃପକୁଳଗୁରୁ ମହାସୁରେ ଅସିଲେ । ଯେମାମଣିକି । ରଣେନ୍ଦ୍ର ମହାରାଜ ଖୋଲେ । ଅଷ୍ଟକଞ୍ଜମାଳାଭୂଷିତ ଚପଳା ଘନାଙ୍ଗେ ଖେଳିଲି କି ବୋଲେ । ସେ ନରେନ୍ଦ୍ରବାଳୀ ରାଶି ରକ୍ଷ ଭଲି ମୀନ ରେବତୀ ମୂଳ କଲେ । ଚମ୍ପା-ମାଳା କୋଷ୍ଠୀ ଲେଖିଲି ବ୍ୟୋମୋଷ୍ଠୀ ଚନ୍ଦ୍ରକଳା ବୋଲି ବୋଇଲେ । କୋଳ ତଳପ । ଖଟଦୋଳି ସୁରିବସୁବ । ଜନଙ୍କ ନୟନ ହୃଦୟ ବଚନ ସେ ଦିନୁ ହୋଇଗଲେ ଶିବ । ୪୮ । ନଗରି ଭୂପାଳରାଜବଧୂ ନୀଳ କମଳ-ନୟନା ଜନମ । ପଞ୍ଚାଶତପଦ ଘଟିତ ଏ ଛାନ୍ଦ ବାଲବତୀର ଏହା ନାମ । ଏହା ଉତ୍ତର । ଛାନ୍ଦେ ପ୍ରଥମୁଁ କେମା ଛବି । ବାଳଲୀଳା ଧରି ହେବାର କିଶୋରୀ ସଂକ୍ଷେପେ ବରଣିବ କବି । ୪୯ । କମଳାଙ୍କ ଶିଶୁ କର୍କଶପରଶୁକର-ବନ୍ଦ୍ୟ କଞ୍ଜନୟନ । କମଳାଙ୍କ ସ୍ତନ କର୍ପୂର ଚନ୍ଦନ କମଳଧିମଧ୍ୟଶୟନ । କମ୍ବୁକଟକ । କମଳ ସିଂହାସନେ ସ୍ଥିତ । କର ରାମଚନ୍ଦ୍ର ଦେବ ଧରାଇନ୍ଦ୍ର-ଠାରେ କରୁଣା ଦୃଷ୍ଟିପାତ ।

---

ମାଟ । ଭୂମ୍ବିସୁନ—ଲଜଫୁଲ; ଗର୍ଭିଣୀ ସ୍ତ୍ରୀକୁ ଲଜଫୁଲ ପିଡା ଲଗିଲେ ଝିଅ ଜାତ ହୁଏ । ନାଇ·· ନାହୁରୁ ପାଣି ଶୁଖିଯିବା ପରେ । ଅରିଷ୍ଟ—ଅନ୍ତୁଡ଼ିଶାଳ । ୪୫ । ଯା ହାଟକ···ସୁବର୍ଣ୍ଣ ବୃଷ୍ଟିରେ ଯାହା ପୃଥିବୀକୁ ପୂର୍ଣ୍ଣ କଲେ; କଳଙ୍କଦରିଦ୍ର-କଳଙ୍କହୀନ, ତାରିଳ—ନକ୍ଷତ୍ରଗଣ । ୪୬ । ସହସ୍ରାଂଶୁଁ ଅଂଶ—ହଜାର ଭାଗରୁ ଭାଗେ ମଧ୍ୟ ସରିଲା ନାହିଁ । ଚେଲକୁଟ—ଲୁଗାଗଦା । ୪୭ । ଗୁରୁମହାସୁରେ—ଗୁରୁସ୍ଥାନୀୟ ବ୍ରାହ୍ମଣମାନେ; ଅଷ୍ଟକଞ୍ଜମାଳା—ଆଠଗୋଟି ପଦ୍ମମାଳ; ଘନାଙ୍ଗେ—ମେଘକୋଳରେ । ୫୦ । କମଳାଙ୍କ ଶିଶୁ—ବ୍ରହ୍ମା; କର୍କଶପରଶୁକର—ଶିବ; କଞ୍ଜନୟନ—ପଦ୍ମନେତ୍ର ( ଜଗନ୍ନାଥ ), କମଳଧି—ସମୁଦ୍ର, କମ୍ବୁକଟକ—ଶଙ୍ଖକ୍ଷେତ୍ର, ପୁରୀ ।

# ଷଷ୍ଠ ଛାନ୍ଦ

## ରାଗ—ଘଣ୍ଟାରବ

### ( ଚନ୍ଦ୍ରକଳାର ବାଲ୍ୟାବସ୍ଥା ବର୍ଣ୍ଣନା )

ତଦନ୍ତେ ରସିକେ ଶୁଣ । ବୁଝି ବୁଝି ଭଲ ଷଣ । ଯେଉଁ ପରି ଜନେ ଦେଖନ୍ତି ନୟନେ ଯେମାର ଶୁଭ ଲକ୍ଷଣ । ୧ । ଭାବିବା ଲାବଣ୍ୟରମା । କେ କହେ ନୁହେ ଏ ଜେମା । ଧରି ଶିଶୁଲୀଳା କନକ ଚପଳାବଲ୍ଲରୀ ମଣ୍ଡିଳା କ୍ଷମା । ୨ । ସୁଧାମୟଧାମସାର । ତା ଶଶମିଷ ମସାର । କଲା ମୁଖ କେଶ ଅବଶ ଲୋକେଶ ଏ ବସୁନ୍ଧରାଭୂଷାର । ୩ । ଲଲାଟପଟ୍ଟ କପଟ । ଅଷ୍ଟମୀ ବିଧୂ ପ୍ରକଟ । ଝଳରେ ଝଟକି ରଖୁଛୁ ଅଟକି ଲୋକନେତ୍ରକୁ ନିପଟ । ୪ । ଦୂରୁ ଅନା ପ୍ରାଣସଙ୍ଗି । ଭୁରୁ ଅସିତ ଭୁଜଙ୍ଗୀ । ଆଜଠାରୁ କହେ ଗଣନାରେ ଗହେ ଅହେତୁକ ଖେଳାଭଙ୍ଗୀ । ୫ । ଲସିକା ଶୋଭା ମନ୍ଦର । ନାସିକାକୁ ବେଦବର । ସାର ତିଳଫୁଲେ ସଜାଡ଼ିଛନ୍ତି ମାର ଭାରତ ହେବା ଅଖର । ୬ । ଅଧରଶୋଭାକୁ ଭାବ । ମନ୍ଦାର କି ବନ୍ଧୁଜୀବ । ନ ଚଳଇ ଅବ ଚରଣ ଏ ଶିଶୁ ଦେଖି କେଉଁ ବନ୍ଧୁ ଯିବ । ୭ । ନେତ୍ର ବିଚାର ସାରଙ୍ଗ । ତାରା ଇନ୍ଦ୍ର ନୀଳ ଭୃଙ୍ଗ । କୋଟି ଶୁଭଲକ୍ଷ୍ମଜଳଧିର ପକ୍ଷ୍ମପାଳୀ ରଖିଅଛି ସଙ୍ଗ । ୮ । ଗଣ୍ଡ ଦରପଣ ବିମ୍ବେ । ଭିଉଚାକ

---

ଷଷ୍ଠ ଛାନ୍ଦ

୩ । ସୁଧାମୟ ଧାମସାର—ଚନ୍ଦ୍ରଲୋକର ସାରଭାଗ, ତା ଶଶମିଷ ମସାର—ଚନ୍ଦ୍ରର ଶଶରୂପୀ କଳଙ୍କ କପଟ ଇନ୍ଦ୍ରନୀଳମଣି ପରି; କଲାମୁଖ···ବ୍ରହ୍ମା ଚନ୍ଦ୍ରଲୋକର ସାରାଂଶ ଓ ତନ୍ମଧ୍ୟସ୍ଥ ଇନ୍ଦ୍ର ନୀଳମଣି ( କଳଙ୍କ ) ଆଣି ଅବଶ ହୋଇ ଯଥାକ୍ରମେ ଏ ସୁନ୍ଦରୀର ମୁଖ ଓ କେଶକୁ ନିର୍ମାଣ କରିଛି । ୪ । ଝଳ—କାନ୍ତି । ନିପଟ—ଏକାନ୍ତ ଭାବରେ । ୫ । ଭୁରୁ—ଭ୍ରୂ; ଅସିତଭୁଜଙ୍ଗୀ—କୃଷ୍ଣସର୍ପୀ । ୬ । ଲସିକା—ନତ୍ୟସ୍ଥଳ, ଅଖରକୁ ( ଶେଷରେ ) କନ୍ଦର୍ପର ଶରମୁଣା ହେବ ବୋଲି ବ୍ରହ୍ମା ନାସିକାକୁ ତିଳଫୁଲର ସାରବସ୍ତୁରେ ସଜାଡ଼ି ରଖିଛି । ୮ । ସାରଙ୍ଗ—ପଦ୍ମ । ତାରା—ଆଖିର ପୁଅ, କଣୀନିକା; କୋଟିଶୁଭଲକ୍ଷ୍ମଜଳଧିର—ଶୁଭଲକ୍ଷଣ ସମୁହ ଯାହାଠାରେ ଏକତ୍ର ମିଳିତ ହୋଇଅଛି । ପକ୍ଷ୍ମପାଳୀ—ଚକ୍ଷୁର ଲୋମ ପଙ୍କ୍ତି । ୯ । ଭିଉଚାକ—କାନ୍ତିର ଚକ

ପ୍ରତିବିମ୍ବେ । କେଡ଼େ ଭାଗ୍ୟବତୀ ନରେନ୍ଦ୍ରଯୁବତୀ ଗଣ୍ଡେ ଯା ଏହାକୁ ଚୁମ୍ବେ । ୯ । ଯୋଗବଶୁଁ ଆଦରଶେ । ପ୍ରତିଫଳ ଯେବେ ଦିଶେ । ଯଥା ରାଜେ ରଙ୍ଗ ପଦ୍ମନାଗରଙ୍ଗ ତଥା ଚିବୁକ ଉଲ୍ଲସେ । ୧୦ । ଅନାଇ ଏହାର ଶ୍ରୁତି । ଏପରି ହୁଏ ପ୍ରତୀତି । ନେତ୍ରମୃଗ ଖସି ନ ଯିବାକୁ ପାଶି ରଖିଛି କେଳିତପତି । ୧୧ । କନକ କପୋତ ପୋତ । ତୁଳା ନୁହେ କଣ୍ଠରୁତ । ଅକାରଣଭବ ସକରୁଣରବ ଜଣେ କଳକଣ୍ଠରୁତ । ୧୨ । ଆଜୁଁ ହେଲଣି ସମ୍ଭୃତ । ଜେମାର କିଲକିଞ୍ଚିତ । ତ୍ରାସହାସ କାନ୍ଦ ସମକ୍ରୋଧ ମଦସ୍ପୃହ ମିଶ୍ରିତ କିଞ୍ଚିତ । ୧୩ । ସ୍ୱର୍ଣ୍ଣମୟ ସୁକୁମାର । ସ୍ୱର୍ଣ୍ଣଦାମ ମୃଣାଳ ସାର । ବିରଚିଲା ଅଣି ଯତ୍ନେ କୁଶପାଣି ବାହୁଯୁଗ୍ମ ସୁଢଙ୍ଗାର । ୧୪ । କନକ କଳିତ ମହୀ । ବକ୍ଷକୁ ବିରଚିବ ବିହି । ମେରୁ ମଞ୍ଜି ପୋତିଥିଲା ପରି ଦ୍ୟୁତିଂ ସ୍ତନସ୍ଥାନ ଅଛି ବହି । ୧୫ । ଶୋଣମଣି ମଧ୍ୟ ସୁନା । କଞ୍ଜପାଣିପାଦ ସିନା । ନିଜଗତିଯୋଷା ମଣ୍ଡନକୁ ଭୂଷା ହେବ ଏ କୁନ୍ଦଦଶନା । ୧୬ । ନଜର ଦିଅ ଉଦରେ । ମଜ୍ଜା ଏ କି ପ୍ରମୋଦରେ । ସ୍ୱଲାବଣ୍ୟ ଜଳପୃଷ୍ଠର କମଳ ନବଦଳଶୋଭା ଧରେ । ୧୭ । ନାଭିବିଳ ଆବରତ । ଛବିକି ଅନବରତ । ଦେଖି ସୁଖୀ ହେଲା ଅମ୍ଭ ନେତ୍ର ଭଲା ଅଚରିଥିଲା ବରତ । ୧୮ । କି ସୁନ୍ଦର ଊରୁଦ୍ୱୟ । ହେଲେ ଯଉବନୋଦୟ । ବିପରୀତ ସୁନା କଦଳୀର ଦଳି ଦେବ ଏ ଶୋଭା ନିଶ୍ଚୟ । ୧୯ । ଅନା ଜାନୁତଳଶିରି । କରେ ମନ-ଧନ ଚୋରି । ଅଟେ ସରଗିଣୀ ପଦ୍ମଉଡ଼ୁବା ମଣିଗଣ୍ଠିସୁନାଗୁରିପରି । ୨୦ । ଛନ୍ଦୁଶ ସୁଷମାସୀମା । ସେ ମହୀମହେନ୍ଦ୍ର ଜେମା । କମେ ବିବର୍ଦ୍ଧିତ

---

ଜେମାଙ୍କ ଗଣ୍ଡଦେଶରୂପ ଦର୍ପଣଖଣ୍ଡରେ ପ୍ରତିବିମ୍ବିତ ହେଉଅଛି । ୧୦ । ଆଦରଶେ—ଦର୍ପଣରେ, ପ୍ରତିଫଳ—ପ୍ରତିବିମ୍ବ, ଯୋଗବଶୁଁ—ଦୈବାତ୍ । ୧୧ । କେଳିତପତି—କନ୍ଦର୍ପ, ପାଶି—ପାଶଯନ୍ତ୍ର, ଫାଶ (କାନକୁ ଫାସ ସଙ୍ଗେ ତୁଳନା କରାଯାଏ) । ୧୨ । କଳକଣ୍ଠରୁତ—କୋକିଳଧ୍ୱନି । ୧୩ । କିଲକିଞ୍ଚିତ—ନାୟକ ସମୀପରେ ହର୍ଷ ହେଉରୁ ନାୟିକା ହାସତ୍ରାସ ପ୍ରଭୃତି ଯେଉଁସବୁ ଭାବ ଏକ ସମୟରେ ପ୍ରକାଶ କରେ । ୧୫ । ବିଧାତା ବକ୍ଷସ୍ଥଳକୁ ସ୍ୱର୍ଣ୍ଣଘଟିତ ପୃଥିବୀ ମନେ କରି ତହିଁରେ ମେରୁପର୍ବତର ବୀଜର ନ୍ୟାୟପରି ସ୍ତନସ୍ଥାନକୁ ନିର୍ମାଣ କରିଅଛି । ୧୬ । ଶୋଣମଣି ମଧ୍ୟସୁନା—ସୁନାଭିତରେ ରକ୍ତବର୍ଣ୍ଣ ମଣିପରି । କଞ୍ଜପାଣିପାଦ—ପଦ୍ମହସ୍ତ ଓ ପଦ୍ମପାଦ ।୧୭। ନିଜ ଲାବଣ୍ୟରୂପ ଜଳରେ ପୁରଟକମଳ (ସ୍ୱର୍ଣ୍ଣପଦ୍ମ) ନୂତନପତ୍ରର ଶୋଭାକୁ ଧରିଅଛି ।୧୮। ନାଭିବିଳଆବରତ—ନାଭିଗର୍ତ୍ତରୂପ ଆବର୍ତ୍ତ

ହେଲ ଅବଦାତ ପକ୍ଷରେ ଯଥା ଚନ୍ଦ୍ରମା । ୨୧ । ଜଗତୀ ଲୋଚନ ବେଢ଼ି । ଉତ୍ତାନ ଶୟନ ଛାଡ଼ି । କେତେଦିନେ ପୁଣି ପ୍ରକାଶିଲ ଠାଣି ଉଦରମାଡ଼ି ପହୁଡ଼ି । ୨୨ । ଦନ୍ତୁଁ ଦିନ ସୁକୁମାରୀ । ବଢ଼ିଲ ଅଦ୍ଭୁତ ଶିରୀ । ଅଣି ହେବା ଶୋଭା ଭଣିବାକୁ ପ୍ରଭୁ ଫଣୀଶ୍ୱର ଗଲେ ହାରି । ୨୩ । ଅବରୋଧତମ ଦୁଃଖ । ହରିଲ ଛବି ମୟୂଖ । ବିଶ୍ୱମନବାଣୀଲକ୍ଷ ସେ ମଣ୍ଡିଲା ପାଖ ଦାସୀଙ୍କର କାଖ । ୨୪ । ଦେବଙ୍କ ପ୍ରସାଦ ଧରି । ମଇତ୍ରୀ ଯଥା ଅଚିରି । ଏକ କରତଳୁ ଅରକେ ଆଅନ୍ତ ଭିତରଭୂଷା ସୁନ୍ଦରୀ । ୨୫। ସମ୍ଭବତେ କୁତୂହଳ । ଗୋଳେ ବିରଜିଲ କୋଳ । ଦେଖି ପୁର ମରକତ ବସୁଧାର ପୃଷ୍ଠେ ନିଜ ପ୍ରତିଫଳ । ୨୬ । ଭିତିଧରି ତହୁଁ ପୁଣି । କେତେବେଳେ ଧାତ୍ରୀପାଣି । ଧରି ମନ୍ଦ ମନ୍ଦ ଚରଣାରବିନ୍ଦ ଯୁଗେ ମଣ୍ଡିଇ ଧରଣୀ । ୨୭ । ସମ୍ଭାଳି ନ ପାରି ଉଭା । ଖସିପଡ଼େ ହେମପ୍ରଭା । ଖସିଗଲା କି ଅଭ୍ରସିଆଏ ବିଶ୍ୱମଣ୍ଡଳ ଚମ୍ପକଗଭା । ୨୮ । ସେ ଧରାଧବ ଦୁଲାଳୀ । ସଂସର୍ଗ କୁତୁକଭଳି । କୁନ୍ଦଲତା ନାମ ସମବୟୁ ବାଳୀ ଜଣେ ହେଲ ପ୍ରିୟୁ ଆଳୀ । ୨୯ । ତାହା ବାହାରେ ବହୁତ । ଲଳିତା ବନିତା ମିତ । ବନିତାତୁଲେ ତାମସୀ ଦିନ ସୁଖେ ନେବାରେ କଲେ କାମିତ । ୩୪ । ସଖୀଙ୍କି ମୋଦେ ଫୁଲାଇ । ରଚିଲ କେଳି ଗେଲାଇ । ଘେନି ଚ୍ୟୁମୀକର ସିକତାନିକର ଭରିତ ସୁନା କୁଲାଇ । ୩୧ । ଖେଳେ ବଳିବାକୁ ମତି । କରଚି ତ ପ୍ରଜାପତି । ଜନମରୁ ପ୍ରତି ବାଳିକା ମୂରତି-ମାନଙ୍କୁ ସୁରୂପବତୀ । ୩୨ । ଘେନି ସହଚରୀରାଜ । ପରମ ହରଷ ଭଜ । ବାଳିକା ଦିଏ ପାଞ୍ଚାଳିକା ବିବାହ ମହୋତ୍ସବେ ମହାଭୋଜ । ୩୩ ।

---

ବା ଭଉଁରୀ, ବରତ—ବ୍ରତ ।୨୧। ଅବଦାତପକ୍ଷ—ଶୁକ୍ଳପକ୍ଷ ।୨୨। ଜଗତୀଲୋଚନ ବେଢ଼ି—ଲୋକଚକ୍ଷୁର ବନ୍ଧନସ୍ୱରୂପା, ଉତ୍ତାନ ଶୟନ—ଚିତ୍ ହୋଇ ଶୋଇବା ବା ଉପରକୁ ମୁହଁ କରି ଶୋଇବା ।୨୩। ଫଣୀଶ୍ୱର—ଅନନ୍ତନାଗ ।୨୪। ଅନ୍ତଃପୁରର ଅନ୍ଧକାରରୂପ ଦୁଃଖକୁ ତାହାର କାନ୍ତିର କିରଣ ଦୂର କଲା । ୨୫ । ମଇତ୍ରୀ—ମିତ୍ରତା, ବନ୍ଧୁତ୍ୱ । ୨୬ । ଦେଖି···ଅନ୍ତଃପୁରର ମରକତ-ମଣିରେ ନିର୍ମିତ ଭୂପୃଷ୍ଠରେ ନିଜ ପ୍ରତିବିମ୍ବ ଦେଖି । ୨୮ । ହେମପ୍ରଭା—ସ୍ୱର୍ଣ୍ଣାଙ୍ଗୀ ଚନ୍ଦ୍ରକଳା, ବିଶ୍ୱମଣ୍ଡଳଚମ୍ପକଗଭା—ସଂସାର ମସ୍ତକର ଚମ୍ପାଫୁଲର ଫଂଚାପର । ୩୦ । ତାମସୀଦିନ—ରାତ୍ରି ଓ ଦିନ । କାମିତ—କାମନା ।୩୧। ଚ୍ୟୁମୀକର ସିକତା-ନିକର—ସୁନାର ଧୂଳିସମୂହ ।୩୩। ପାଞ୍ଚାଳିକା—ପିତୁଳା, କଣ୍ଢେଇ ।

ବଢ଼ାଇ କାନନାଇଳୀ । ପିନ୍ଧାଇ ଦେଲେ ବାଉଳୀ । ଦୁରବୋଧ ଗଲା ବୋଧ ବହ୍ନିଶିଖା ହାଉଳ ବାଜ ଝାଉଁଲା । ୩୪ । ଶୁଦ୍ଧାନ୍ତ ଦୁଃଖ କାଉଳ । ହୋଇ ହୋଇଲା ବାଉଳ । ବଗୃହଲା ଏହା ଉଦୟରୁ ଅହା ଗଲ ଅଉଳ ପାଉଳ । ୩୫ । ଯଥା କଞ୍ଜକୋଷେ ବାସ । କରିଥାଏ ଅଗୁଁ ବାସ । ନିମିତ୍ତ କାରଣ ଅରୁଣକିରଣ ଛୁଇଁଲେ ଲଭେ ପ୍ରକାଶ । ୩୬ । ସେହି ରୂପେ ବିଦ୍ୟାଶାଳା । ବିଧିଙ୍କ ମାନ ଦେଖିଲା । ସଜାଡ଼ିକା ବେଳୁ ଅଜାଡ଼ି ବିଧାତା ସକଳ ଗୁଣ ରଖିଲା । ୩୭ । ଅତଶୟ ଲୋଲ ଛଟା । ଦୁର୍ଗପଦ୍ରବ୍ୟରୁ ହଟା । ଘୁଞ୍ଚିଲା ଜାଣିଲା ବାଣୀ ଲଳିତ୍ୟରେ କରିବାର ସଠାବଠା । ୩୮ । କଥା ସମଜିଲା ହେଲା । ମଥା ସକ୍ଷ ଭରଜିଲା । ଯଥା ବତାଇଲେ ଗୁରୁଜନେ ଭଲେ ତଥା ପଥକୁ ଭଜିଲା । ୩୯ । ଉଡିଅ ମଣୋହି ରସେ । ବୁଢ଼ି ଯାମିନୀ ଦିବସେ । ତାମ୍ବୂଳକରଙ୍କବାହିନୀଙ୍କି ରଙ୍କ ପସ୍ରାଏ ରଖିଲା ପାଶେ । ୪୦ । ତନୁନିର୍ଜିତ ରୋଚନା । ସେ ଶିଶୁ ମୃଗଲୋଚନା । ମଣ୍ଡିବା ଦଣ୍ଡିବା ଜାଣିବ ମଣିଲା ଗୁଣ ଦୋଷ ବିବେଚନା । ୪୧ । ସଖୀମୁଖେ ଭଣାଇଲା । ଜନକକୁ ଜଣାଇଲା । ଦ୍ୱୀପାନ୍ତରୁ କୋଟିମୂଲ୍ୟ ଭୂଷାପେଡ଼ୀ ସଞ୍ଚୟକୁ ଅଣାଇଲା । ୪୨ । କଥାକର୍ଣ୍ଣନେ ରସିଲା । ତା ମନ୍ଦା ବୁଝି ହସିଲା । ମୁଖେ ଚେଲାଞ୍ଚଳ ଦେଇ ଅଚଞ୍ଚଳ ହୋଇ ଉତ୍ସଙ୍ଗେ ବସିଲା । ୪୩ । ଧନୀ ଉତ୍ତ୍ରତା ବର୍ଜିଲା । ଅମାତ ଦେଖି ତର୍ଜିଲା । ସୁମାତ ନିମନ୍ତେ ସୁବାସିତ ସୁନବନୀ ତଥିର ସର୍ଜିଲା । ୪୪ । ଅଭିଷେକରେ ନରେଶ ।

---

୩୪ । କାନନାଇଳୀ—କର୍ଣ୍ଣବେଧବିଧି, ବାଉଳ—ଫାଶିଅ, ହାଉଳ—ହାଉଅ, ଝାସ; କର୍ଣ୍ଣବେଧ ଅଗ୍ନି ଶିଖା ବାଜିବାରୁ ବାଲ୍ୟକାଳର ଅଜ୍ଞତା ଝାଉଁଳି ପଡ଼ିଲା । ୩୫ । ଶୁଦ୍ଧାନ୍ତ—ଅନ୍ତଃପୁର, କାଉଳ—ଅସ୍ଥିର ଛୁବ୍‌ଧି; ବାଉଳ—ବାତୁଳ, ଏହା ଉଦୟରୁ—ଚନ୍ଦ୍ରକଳାର ଜନ୍ମ ହେବାରୁ; ଅଉଳପାଉଳ—ଅତି ବ୍ୟାକୁଳ । ୩୬ । କଞ୍ଜକୋଷେ—ପଦ୍ମକଢ଼ରେ, ବାସ—ସୁଗନ୍ଧ । ୩୮ । ଲୋଲଛଟା—ଚଞ୍ଚଳତା, ଦୁର୍ଗପଦ୍ରବ୍ୟରୁ ହଟା—ଦୁଷ୍ପ୍ରାପ୍ୟବସ୍ତୁ ପାଇବା ପାଇଁ ଅଳି କରିବା, ସଠାବଠା କରିବା—ଠକି ଦେବା । ୩୯ । ମଥାସକ୍ଷ—ମୁଣ୍ଡ ଧୋଡ଼ାଇବା । ୪୦ । ତାମ୍ବୂଳକରଙ୍କବାହିନୀ—ପାନବଠା ଧରିଥିବା ସ୍ତ୍ରୀ । ୪୧ । ରୋଚନା—ଗୋରୋଚନା । ୪୨ । କୋଟିମୂଲ୍ୟ ଭୂଷାପେଡ଼ୀ ସଞ୍ଚୟ—ବହୁମୂଲ୍ୟ ବେଶ ହେବା ପେଡ଼ୀ (toilet box) ସମୂହ । ୪୩ । କଥାକର୍ଣ୍ଣନେ—କଥା ଶୁଣିବାରେ । ୪୪ । ଧନୀ—ସୌଭାଗ୍ୟବତୀ (ଚନ୍ଦ୍ରକଳା); ସୁନବନୀ—ଫୁଲବଗିଚା । ୪୬ । ଭୂରୁ-

କଲେ ଶରଧା ବିଶେଷ । ବିରାଜିଲା ରାମା ଲାଗିହୋଇ ଜାମା ପଗଡ଼ି ସିପାହିବେଶ । ୪୫ । ଭୁରୁ ଯନ୍ତ୍ରଣା ଶିଖିଲା । ମୁରୁଜ ଶବ୍ଦ ଲେଖିଲା । କୁରୁଜାତଦେହା ଗୁରୁଜାତ ଗିରେ ଉରୁ ଜାଗରୂକ ହେଲା । ୪୬ । ନାନାଜାତି ଫୁଲ ଭୂଷା । ବନାଇଲା ନୀଳକେଶା । ଖେଳିଲା ସେ ବେଳ ଜାଣି ନ୍ୟାୟବଳ ଶକଟା ଗଞ୍ଜପା ପଶା । ୪୭ । ଜନନୀଙ୍କି ଜଣାଇଲା । ବୀଣାଯନ୍ତ୍ର ଅଣାଇଲା । ତହିଁ ବିଶ୍ୱକ୍ଷଣା ହେବାକୁ ପ୍ରବୀଣା ଚଣ୍ଡୀସ୍ତବ ଗୁଣାଇଲା । ୪୮ । ପଢ଼ି ବିନୟ ଅରଜ । ତାରତମ ନ ବରଜ । ପ୍ରତିଲେଖ ଲେଖି ଜାଣିଲା ସୁମୁଖୀ ଶ୍ରିତମରଜ ଭରଜ । ୪୯ । ସମାନ-ବୟସୀ ଆଳୀ । ସମ୍ମୁଖରେ କଲେହେଁ ଆଳି । ଭାବ ନ ଥିବାର ଜାଣି ବରଜିଲା ଧାବ ନ ଥିବାର କେଳି । ୫୦ । ଅନ୍ତରସୁବାସୀ ଭଲା । ଅତର୍କିତେ ବିଜେ କଲା । ତାଜି ମନ ଦେଲେ ସଜନୀ ଇଙ୍ଗିତେ ଲାଜମ ତା ଜମା କଲା । ୫୧ । କାଳିକାକାନ୍ତ ଶ୍ରୀଧର । ପରଶୁମୁରଲୀଧର । ରାମଚନ୍ଦ୍ର ଶ୍ରେଷ୍ଠରାୟ ଭୂନାଥର ଅମନ୍ଦ ହରଷ କର । ୫୨ । ନେତ୍ରାଧିକ ପଞ୍ଚାଶତ । ପଦପୁଞ୍ଜରେ ନିର୍ମିତ । କୁମାରୀ ବିନୋଦବଞ୍ଜନ ଏ ଛାନ୍ଦ ଶୁଭେ ହେଲା ସମାପତ । ୫୩ ।

---

ଜାତଦେହା—ସ୍ୱର୍ଣ୍ଣମୁଦ୍ରା (ଅଳଙ୍କାର) ପୂର୍ଣ୍ଣ ଦେହ ଯାହାର । ଗୁରୁଜାତଗିରେ—ଗୁରୁଜନଙ୍କ ବଚନରେ । ଉରୁଜାଗରୂକ—ଅତ୍ୟନ୍ତ ଜାଗ୍ରତ୍ । ୪୯ । ବିନୟ ଅରଜ—ବିନୟପୂର୍ଣ୍ଣ ପ୍ରାର୍ଥନାପତ୍ର । ପ୍ରତିଲେଖ ଲେଖି—ପ୍ରତ୍ୟୁତ୍ତର ଲେଖି ଦେଇ । ଶ୍ରିତମରଜ—ଆଶ୍ରିତମାନଙ୍କର ହୃଦୟ । ୫୦ । ଭାବ ନ ଥିବାର ଜାଣି...... ପ୍ରକୃତ ଭାବ ନାହିଁ; ଅଥଚ ପ୍ରୟୋଜନସିଦ୍ଧି ନିମିତ୍ତ ଯେଉଁମାନେ ଦୌଡ଼ାଦୌଡ଼ି କରନ୍ତି ସେମାନଙ୍କୁ ତ୍ୟାଗ କଲା । ୫୧ । ତାଜି ମନ ଦେଲେ—ମନକୁ ଉତ୍ତେଜିତ କରିଦେଲେ । ଲାଜମ ତା ଜମା କଲା—ତାକୁ ଲଜ୍ଜା ଦେଲା ।

## ସପ୍ତମ ଛାନ୍ଦ

ରାଗ—କଲ୍ୟାଣଅହାରୀ

( ଚନ୍ଦ୍ରକଳାର କୈଶୋରଲୀଳା )

ଅଥ ବାଲ୍ୟକ୍ଷଣେ ଯେବେ ତ ଇକ୍ଷଣେ ପିଇବା ପରି କେମାଣିରି । ସେ ମୃଦୁକଳପମୋହନା ଅଲପ ହୋଇ ଅସିବାରୁ କିଶୋରୀ । ପ୍ରଥମା । ପ୍ରଥମମୁହୂର୍ତ୍ତେ ଅନ ଅନ । ଯେଉଁ ରୂପେ ତପନୀୟ ଭଜେ ରୂପ ଦାହ-ଦାହକେ ବାନ ବାନ । ୧ । ବିରଞ୍ଚି ବିନାଣି ଦେଲ କି ରସାଣି ହାଟକ ହଟପିତୁଳାକୁ । ନ ଦେଖିଲେ ଜନେ ଜଗତେ ନୟନେ ତା ନଖାଗ୍ର କାନ୍ତି ତୁଳାକୁ । ମ୍ରଦମା । ଯେବେ ସେ ଉରୁବର୍ତ୍ତୁଳାକୁ । ଯୋଗ୍ୟ ନୋହେ ଯେବେ ନ କଲେ ସଜନୀ ପାହାଡ଼ା ହଂସତୂଳୀତୂଳାକୁ । ୨ । ଅମାନୀ ଗହନ ଗଜ ଅଭିମାନ ଛୁଇଁ ଅସିଲା ଗମନକୁ । ଶିଶୁ ସଖୀମାଳା ଅଚରିବା ଖେଳା ଯୋଗାଇଲା ନାହିଁ ମନକୁ । ଅନକୁ । କପଟ ନୋହିଲା ନଜର । ଅନାରତ ରସପ୍ରସଙ୍ଗେ ମାନସ ହୋଇ ଅସିଲା ଜରଜର । ୩ । ଦରସ୍ଫୁଟ ମଲ୍ଲୀହାସୀ ଭ୍ରୁରୁବଲ୍ଲୀ ଖେଳିବା ଖୁରଲୀ ଶିଖିଲା । ଅସିତ ଭୁଜଙ୍ଗୀ ସୃଷ୍ଟି ଖେଳାଭଙ୍ଗୀ ଅହଙ୍କାର ସାର ଶୁଖିଲା । ଅଳାପ । ମଧ୍ୟ ମଧ୍ୟରେ ନାସାପୁଟ । ଫୁଲିଉଠିବାରୁ ବତାଇଲା ଗୁରୁ ହୋଇ ସ୍ମରମନ୍ତ୍ରକୁ ନାଟ । ୪ । କେମାକାନ୍ତ ଝଳ ଗୁହିଁ ନ ସମ୍ଭାଳି ମନ୍ଥ କାତ ପ୍ରେମପ୍ରବାହ ।

---

ସପ୍ତମ ଛନ୍ଦ

୧ । ମୃଦୁଳକଳପମୋହନା—କୋମଳ ଭୂଷଣ ଯୋଗୁଁ ମନୋହରୀ । ଯେଉଁରୂପେ···ସୁନା ଯେପରି ପ୍ରଥ ପୋଡ଼ରେ ଭିନ୍ନ ଭିନ୍ନ ତେଜ ଧରେ । ୨ । ହାଟକହଟପିତୁଳାକୁ—କୌତୁକିଆ ସୁନାର ପ୍ରତିମୂର୍ତ୍ତିକୁ ( ଚନ୍ଦ୍ରକଳାକୁ ), ନ ଦେଖିଲେ······ଲୋକେ ତା ନଖ ଅଗର କାନ୍ତିର ଶୋଭାକୁ ତୁଳନା କରିବାପାଇଁ ସଂସାରର କୌଣସି ପଦାର୍ଥ ଦେଖିଲେ ନାହିଁ । ମ୍ରଦମା—ମୃଦୁତା, କୋମଳତା; ଉରୁବର୍ତ୍ତୁଳା—ସୁଗୋଲଜଘନବିଶିଷ୍ଟା, ପାହାଡ଼ା-ହଂସତୂଳୀତୂଳାକୁ···ଯିବାପାଇଁ ବାଟରେ ପଡ଼ିବା ହଂସପରର ତୂଳାନିର୍ମିତ ଗଦିକୁ । ୩ । ଅମାନୀ ଗହନଗଜ—ଅମାନିଆ ବଣହାତୀ, ନଜର—ଦୃଷ୍ଟି, ଅମାନୀ ଗମନକୁ···ଚନ୍ଦ୍ରକଳାର ଗତି ବଣୁଆ ମତ୍ତଗଜ ଗତିପରି ହେଲା । ଅନାରତ—ଅବିରତ, ସର୍ବଦା; ଜରଜର—ଜର୍ଜର, ମଜ୍ଜିତ; ୪ । ଖୁରଲୀ—ଅଭ୍ୟାସ,ଅସିତଭୁଜଙ୍ଗୀ···କଳାସର୍ପର ଖେଳିବା ଭଙ୍ଗୀର ସୌନ୍ଦର୍ଯ୍ୟ

ସଜନୀ କେବଳ ସଜ ନୀଳୋତ୍ପଳ ମଣ୍ଡିବାରେ କର ଉତ୍ସାହ । କପୋଳ ।
ଚୁମ୍ବୀ ନୀଳୋତ୍ପଳ ଖୋସିଲା । ମୁକୁରେ କଦମ୍ବ କଳି ପ୍ରତିବିମ୍ବପର ଦନ୍ତୁରିତ
ଦିଶିଲା । ୫ । କହିବା ମାଧୁରୀ ବିଶେଷରୁ ଗୋରୀ ମୁଖସୁଧାକର କର୍ମିଲା ।
ଝଲକା ମୁକୁତା ଝୁଲ୍ଲକମକୁ ତା ନୟନଖଞ୍ଜନ ଝାମିଲା । ନିରେଖି ।
ପ୍ରବନ୍ଧ ପଟପଟଳୀକି । ଅନାଇଲା ହସି ସମାନବୟସୀ ମନ ଅନୁରୂପ
ଅଳିକି । ୬ । ସେ କାଳେ କେ ଗୁରୁଜନ ଯେବେ ଦୂରୁ ଲୋଚନ-
ଗୋଚର ହୋଇଲା । ଉଦାସୀନ ଲୀଳା ପ୍ରବାହରେ ବାଳା ତା ଶଙ୍କାପଙ୍କକୁ
ଧୋଇଲା । ନିକଟେ । ହେବ କି କୁସୁମଉତ୍ସବ । ଅଗୁଁ ରତିବର ଦେଲା
ଅତି ବର୍ତ୍ତୁଳ କରି ହୃଦେ ଉଦ୍‌ବେଗ । ୭ । ଚୁମ୍ବିଲା ଡମରୁ ଡମ୍ବରକୁ
ସରୁଶିରୀ ଧରି ମଧ୍ୟପ୍ରଦେଶ । ହେଲା ନିତମ୍ବରୁ ନିଧୁବନେ ଗୁରୁ ବିଜୟ
ଉଣ୍ଡିମ ଅଭ୍ୟାସ । ତାଦୃଶ । ସ୍ପଷ୍ଟ ନୋହିଲେହେଁ ଜିବଳି । ଭାବଗର୍ଭ
ଦରହାସୀର ଉଦର ଶୋଭା ସଂସାରୁ ଗଲା ବଳି । ୮ । ଦ୍ରବ୍ୟ ବିନା ଛାୟା
ବିଲସିବା ମାୟା ଜେମା ଉଦରେ ଉଲ୍ଲସିଲା । ରୋମରାଜି ବ୍ୟାଜ କଳାନାଗ-
ରାଜ ଶିଶୁପରି ଦିଶୁ ଦିଶିଲା । ଗୁଳିବା-ବେଳ ଛାଇକି ଅନାଇଲା । ବେଶେ
ହେବା ମନ ନ ପ୍ରକାଶି ଧନ କୁସୁମଭୂଷା ବନାଇଲା । ୯ । ବାଳାବର ଉରସ୍ଥଳ
ପଞ୍ଚଶର ସାଧନ ଅଖେଟ ମହୀକି । ଦ୍ରୋଣତୁଲ୍ୟ ଗୁରୁ କରିବା ବିଗୃରୁ
ଅତି ନମ୍ରେ ଅଣି ତହିଁକି । ଥାପିଲା । ଦ୍ରୋଣ ଭଳିରବ ଦୁହିଙ୍କି । ଅଗୁଁ
ପଡ଼ିଥିବା ମେରୁବୀଜ ଅବା ଅଙ୍କୁରିତ ହେଲା ନାହିଁ କି । ୧୦ । ଫିଟିଲେ

---

ଗର୍ବ ନଷ୍ଟହୋଇଗଲା । ୬ । ଝଲକା—ଏକପ୍ରକାର କାନଫୁଲ, ଝୁଲ୍ଲକମ—ଝୁଲିବା
ଭଙ୍ଗୀ, ପ୍ରବନ୍ଧପଟପଟଳୀକି—ପରସ୍ପର ସନ୍ନିବିଷ୍ଟ ରତି ଚିତ୍ରସମୂହକୁ, ଅଳି—ସଖୀ ।
୭ । ସେକାଳରେ—ଚିତ୍ରଦର୍ଶନସମୟରେ, ଉଦାସୀନଲୀଳାପ୍ରବାହରେ—ନ
ଜାଣିବାପରି ହୋଇ, ନିକଟେ—ନିକଟରେ, କୁସୁମଉତ୍ସବ—ପ୍ରଥମ ରଜୋଦର୍ଶନ,
ହୃଦୟରେ—ଛାତିରେ, ଅତି ବର୍ତ୍ତୁଳ ଉଦ୍‌ବେଗ—ଗୋଲାକାର କୁଚରୂପ
ଉତ୍କଣ୍ଠା । ୮ । ମଧ୍ୟପ୍ରଦେଶ—କଟିଦେଶ, ଡମରୁ ଡମ୍ବର—ଡମରୁର ଆଡ଼ମ୍ବର
ବା ଶୋଭା, ସରୁଶିରୀ—କ୍ଷୀଣଶୋଭା, ନିତମ୍ବ—ପିଚ୍ଛ, ନିଧୁବନେ ଗୁରୁ—ରତି
ବିଦ୍ୟାରେ ଶିକ୍ଷକ । ୯ । ଦ୍ରବ୍ୟବିନା···ପଦାର୍ଥ ନ ଥିଲେ ଛାଇ ଯେପରି ଦେଖା-
ଯାଏ ନାହିଁ, ସେହିପରି ଜେମାର ଉଦର ନ ଥିଲା ପରି ଜଣାଗଲା, ଅର୍ଥାତ୍
ଜେମା କ୍ଷୀଣୋଦରୀ (ସ୍ତ୍ରୀ ଉଦର କ୍ଷୀଣ ହେବା ସୌନ୍ଦର୍ଯ୍ୟର ପରିଚାୟକ) ।
ରୋମରାଜି ବ୍ୟାଜକଳା ନାଗରାଜଶିଶୁ ପରି ଦିଶୁ ଦିଶିଲା···ଜେମାର ନାଭିତଳକୁ
ଯାଇଥିବା ରୋମରେଖା ନକଲି କଳାନାଗଛୁଆ ପରି ଅଳ୍ପକେ ଦିଶିଲା ।୧୦। ଉରସ୍ଥଳ

ପ୍ରଲମ୍ବ କୁନ୍ତଳ ନିତମ୍ବ ଲଙ୍ଘି ଦଶିଲ୍ଲ କି ବହଳ । ତା ଅଙ୍ଗ ଅମରଲତାର କି ମରକତମଣିମୟ ଓହଳ । ଲବଣୀ । ରମାର କେତକୀ ପ୍ରଭାସେ । ଧୂଳି ବିନା ଦେଖି ସୁଖୀ ହୋଇ ଲାଗିଅଛୁ ଭୃଙ୍ଗାଳି ଏ ଅଭାସେ ।୧୧। ନିଧାଟୀ କଙ୍କିଣୀ ବଦାବଦ ମଣି କଠାଉ ଲଗି ଗୃଳି ଗୃକ, ମାନିଲା ଜାଣିଲି ସ୍ନେହରେ ଦେହରେ ଜମାଇ ବୟସ୍ୟାଙ୍କୁ ଯାକ । ସୁନ୍ଦର । ଶିଶୁଙ୍କ ଗଣ୍ଡରେ ଚୁମ୍ବିଲ । ଗୃହିଁଲ ସବୁରେ ଯେଉଁ ଅଙ୍ଗ ଲଗେ ନିଜ ମୁଖ ପ୍ରତିବିମ୍ବିଲି ।୧୨। ସୀତା ସୀତାଧବ ମାଲତୀମାଧବ ଭୀମଜା ତା ଧବ ଚରିତ। ରତି ପଞ୍ଚବାଣ ଘଟଣା ପୁରାଣ ଶ୍ରବଣେ ବଳାଇଲ ଚିତ୍ତ । ପୁଲକ । ଉଠିଲି ଶୁଣି ପରିରମ୍ଭ । ବିପ୍ରଯୋଗ ଶୁଣି ନେତ୍ରଯୁଗେ ପୁଣି କଲ ବକଳେ ଅଶ୍ରୁ ଅମ୍ବୁ ।୧୩। ରହ ସଉଧର ମଧ୍ୟେ ପୟୋଧର ଅଙ୍କୁର ଗୃହେଁ ହୃଷ୍ଟମନେ । ଶାଢ଼ୀ ପାଲଟିବା ଛଳେ ନବ ଜବାଧର ଦୃଷ୍ଟି ଦିଏ ଜଘନେ । ବିପୁଳ । ଉରୁଯୁଗଳ ନେତ୍ର ଚୁମ୍ବେ । ଫେରାଇ ବଦନ ପୁଣି ଦୁଃଖିମନ ନଜର ଦିଅଇ ନିତମ୍ବେ ।୧୪। ତରୁଣୀଙ୍କ କାନ୍ତକରଜାଗ୍ରକ୍ଷତ କି ମାନେ ଏହା ଭାବି ବାଳା । ଲେଖି କକ୍ଷାନ୍ତର ସ୍ଥଳରେ ସିନ୍ଦୂରଦ୍ରବରେ ଶିଶୁ ଶଶିକଳା । ପ୍ରମୋଦେ । ଗୃହେଁ କାଞ୍ଚୁଲି ତଟ ଠେକି । ତହୁଁ କି ଅଭାସି ଯାଏ ଇଷି ଭାସି ଉରୁଯୁଗଳ

—ଛତ, ପଞ୍ଚଶରସାଧନଅଖେଟମଞ୍ଚ—ମଦନର ବ୍ୟାୟାମ ସାଧନର ଅଖଡ଼ାଭୂଇଁ, ଦ୍ରୋଣ—କୌରବମାନଙ୍କ ଅସ୍ତ୍ରଗୁରୁ, ଦ୍ରୋଣ ଭଇରବ ଦୁହିଙ୍କି—ମାପଅଢ଼ା ଓ ଶିବମୂର୍ତ୍ତି ( ରୁଚଦ୍ବୟ ) । ମେରୁବୀଜ—ମେରୁପର୍ବତର ମଞ୍ଜି ।୧୧। ତା ଅଙ୍ଗ ଅମରଲତାର—ତାହାର ଶରୀରରୂପ କଳ୍ପଲତାର, ମରକତମଣି—ଶାଗୁଆ ବର୍ଣ୍ଣର ମଣିବିଶେଷ । ଲବଣୀ ଅଭାସେ—ଚନ୍ଦ୍ରକଳାର ଶରୀର ଲବଣୀ ଲକ୍ଷ୍ମୀଙ୍କର କେତକୀପୁଷ୍ପ ବର୍ଣ୍ଣର କାନ୍ତି କି ? କେତକୀ ଫୁଲରେ ଧୂଳି ଥିବାରୁ ଭ୍ରମର ତା ପାଖକୁ ଯାଏ ନାହିଁ, ମାତ୍ର ଏଥିରେ ଧୂଳି ନ ଥିବାରୁ କେଶଗୁଚ୍ଛ ଛଳରେ ଭ୍ରମରମାନେ ଅସି ତହିଁରେ ଲଗିଅଛନ୍ତି—ଏହିପରି ଅଭାସୁଛି । ୧୨। ନିଧାଟୀ...ଗୃକ—ବାରମ୍ବାର ବାଜୁଥିବା ଘନ ଧାଡ଼ି ମଣିଲଗା କଠାଉ ମାଡ଼ି ଗୃଲିବାର ଭଙ୍ଗୀ, ବୟସ୍ୟା...ସଙ୍ଗିନୀକୁ ଦେହରେ ସ୍ନେହରେ ଜମାଇ ଯାକି ଜାଣିଲି ଅର୍ଥାତ୍ ସଙ୍ଗୀମାନଙ୍କୁ ସ୍ନେହରେ ଗାଢ଼ ଅଲିଙ୍ଗନ କରି ଶିଖିଲି । ୧୩। ମାଲତୀମାଧବ—ମହାକବି ଭବଭୂତିଙ୍କ ପ୍ରଣୀତ ସଂସ୍କୃତ ନାଟକ । ଭୀମଜା—ଦମୟନ୍ତୀ, ପରିରମ୍ଭ—ଅଲିଙ୍ଗନ, ମିଳନ; ବିପ୍ରଯୋଗ—ବିରହ, ବିଚ୍ଛେଦ; ବକଳେ...ବକଳରେ କାନ୍ଦିପକାଇଲି ।୧୪। ରହସଉଧର ମଧ୍ୟେ—ନିର୍ଜନ ପଲଙ୍କାଘର ଭିତରେ । ପୟୋଧରଅଙ୍କୁର—ଗଜରୁଥିବା କୁଚ । ଜଘନ—କଟି-

ଦିଏ ଯାକ । ୧୫ । ପଛୁଁ କେ ସଜନୀ ଆସିଲା କି ଦେଖନ୍ତି ତମଙ୍କ ସଂଯତ
ହୋଇଲା । ଦକ୍ଷିଣ ଅଙ୍ଗ ଢୋଲା ହେଉଅଛୁ ରେ ଆଳି ବୋଲି ବେଳେ
ବୋଇଲା । ବାଲୁଶ । ତେଜ ଆଉଜିଲା ସହୀଙ୍କ । ଜୃମ୍ଭାରମ୍ୟମୁଖୀ ତାଳେ
ଲଘୁ ରଖି ଅଙ୍ଗୁଳି ଠୁଙ୍କିଲା ମହୀଙ୍କ । ୧୬ । ନିରକ୍ଷର ସଖୀ ଗିରେ ଚନ୍ଦ୍ରମୁଖୀ
ନ ରଖିଲା ଲଭେ ଖାତର । ସ୍ୱସମ ଅମଳତର ଗୁଣବୃନ୍ଦ କୁନ୍ଦଲତା
ମୁଖେ ମାତର । ଅକୁତ । ତୁନ୍ଦଳ ଦୃଷ୍ଟି ଖେଳାଇଲା । ଇତରଙ୍କ ତୁଲେ
ଇତରଙ୍କୁ ଗେଲେ ଲଗାଇ ରସେ ଚଳାଇଲା । ୧୭ । ଅରୁଣ ଉଦୟୁ ସମୟୁ
ସଦାସୁହୃଦୟା ପହୁଡ଼ ଛାଡ଼ିଲା । ଶାଠୀକି ପାଲଟି ଝଳି ଦନ୍ତପାଟି
ହୀରାଙ୍କୁରରାଜି ମାଜିଲା । ବାଜିଲା । କ୍ଷଣେ ପ୍ରଥମ ନାଡ଼ୀ ଖୁରୀ । ସାଜିଲା
ମାଜଣାକୁ ସେ ବିଚକ୍ଷଣା ମାଜିଲା ମୁକୁରାସ୍ୟ ଶିରୀ । ୧୮ । ବହଳ
ବିଚିତ୍ର ସୁପବିତ୍ର ଚିତ୍ର ଅସନେ ରାଜିଲା ଗେଲାଇ । ଗୃହିଁ ଅଦରଶେ
ଶ୍ରୁତିପାଶି ପାଶେ କଳମା , କୁନ୍ତଳ ଭୁଲାଇ । ଅଳିକେ । ମଣ୍ଡନ ତିଳକ
ଘେନିଲା । କଞ୍ଜମଞ୍ଜିମାଳା ଜପ ସେ କମଳାସନାକୁ ଅହାଂକ ମାନିଲା । ୧୯ ।
କ୍ଷିତିଭୂପାଟିକି କ୍ଷୀରୋଦ ଶାଠୀ କି ମାନିଲା ମାଜଣା ଶେଷରେ । କ୍ଷୀରୋଦ-
ସମ୍ଭବା ପ୍ରତିବିମ୍ବ ଅବା ବିରାଜିଲା ଜୀବନ୍ୟାସରେ । କିଶୋରୀ । ଦିଶିଗଲା
ସେ ବିପରୀତ । ରସି ସମ୍ମୋଦରେ କି ଜମ୍ବୁନଦରେ ମିଶିଗଲା ସୁରସରିତ ।
୨୦ । ଜୟଦେବ କୃତ ଗଜେନ୍ଦ୍ର ବିପତ୍ତି ମୋକ୍ଷଣ ଗୋପାଙ୍ଗନା ଗୀତା ।
ପାଠକଲା ଅରୁନ୍ଧାର ସେ ଗୁରୁଚମସ୍ତିନୟନା ବନିତା । ତୁଳସୀ । ଗୁରୁ

---

ଦେଶର ସମ୍ମୁଖଭାଗର ନିମ୍ନଦେଶ ।୧୫। କରଜାଗ୍ରକ୍ଷତ—ନଖକ୍ଷତ; କି ମାନେ—
କପରି ଶୋଭାପାଏ । କକ୍ଷାନ୍ତରସ୍ଥଳରେ—କାଖ ନିକଟରେ । ଶିଶୁଶଶିକଳା—
ଦ୍ୱିତୀୟାଚନ୍ଦ୍ରପରି ନଖକ୍ଷତସୂଚକ କ୍ଷୀଣରେଖା, କାଞ୍ଚୁଲିତଟ—ନିଜର ପିନ୍ଧିଥିବା
କାଞ୍ଚୁଲିର ଧଡ଼ି । ୧୬ । ବାଲୁଶ—ବାଲୁଶ ତକିଆ, ଜୃମ୍ଭାରମ୍ୟମୁଖୀ—ହାଇମାରିବା
ଯୋଗୁଁ ସୁନ୍ଦର ଦେଖାଯିବା ମୁଖଯୁକ୍ତା । ୧୭ । ନିରକ୍ଷର—ମୂର୍ଖା ସଖୀମାନଙ୍କ
କଥାରେ, ସ୍ୱସମଅମଳତର—ନିଜଭଳି ଅତି ଉତ୍କୃଷ୍ଟ ଗୁଣସମୂହ ଲାଭ କରିଥିବା
କୁନ୍ଦଲତା ନାମକ ସଖୀ ଆଡ଼କୁ ଅକୁତତୁନ୍ଦଳଦୃଷ୍ଟି ଅର୍ଥାତ୍ ଅଭିପ୍ରାୟଯୁକ୍ତ
ସ୍ଥୂଳଚକ୍ଷୁରେ ଚାହିଁଲା । ୧୮ । ହୀରାଙ୍କୁରରାଜି—କ୍ଷୁଦ୍ର ହୀରାଖଣ୍ଡ ପରି ଉଜ୍ଜ୍ୱଳ
ଦାନ୍ତମାନଙ୍କୁ, ନାଡ଼ିଖୁରୀ—ଦଣ୍ଡଜ୍ଞାପକ ଘଣ୍ଟା, ମାଜଣା—ସ୍ନାନ, ମୁକୁରାସ୍ୟ-
ଶିରୀ—ଦର୍ପଣତୁଲ୍ୟ ମୁଖର ଶୋଭା । ୧୯ । କଳମାକୁନ୍ତଳ—କାନପାଖରେ
ବାନ୍ଧିହୋଇଥିବା କ୍ଷୁଦ୍ର କ୍ଷୁଦ୍ର କେଶ, ଅଳିକେ—ଲଲାଟରେ, କଞ୍ଜମଞ୍ଜିମାଳା—
ପଦ୍ମବୀଜର ମାଳି । ୨୦ । କ୍ଷୀରୋଦଶାଠୀ—କ୍ଷୀରୋଦ, ପାଟଶାଢ଼ୀ; କ୍ଷୀରୋଦ-

କପିଳାଧେନୁ ପୂଜା । ପ୍ଲକ୍ଷ ପ୍ରଦକ୍ଷିଣ ସାରି ସଦକ୍ଷିଣ ଦାନ ଦଅଇ ନାରୀରାଜା ।
୨୧ । ବଢ଼ିଲେ ଆଶିଷଗ୍ରହଣ କାଶୀଶସମାଧିଖଣ୍ଡନା ନିକଟେ । ଅଡ଼ଣୀ
ଗୁମର ଯୁଗଳୀ ମୟୂର ଚୂଳି ନିଯୋଗୀ ଜନ ଖଟେ । ଶ୍ରୀଭୁଜ ।
ପରିଠ ଧରି ପ୍ରିୟସହୀ । ଇଷ୍ଟଦେବ ଦରସନକୁ ସୁନ୍ଦର ଚରଣକଞ୍ଜେ
ମଣ୍ଡେ ମହୀ । ୨୨ । ସାରି ଦରଶନବାଧିକ ସେ ଜନ ନୟନମୃଗ-
ବନ୍ଦପାଶୀ । ଲାବଣ୍ୟଖନି କି ରଙ୍ଗେ ଜନନୀଙ୍କି ଜୁହାରେ ପ୍ରତିଦିନ ଆସି ।
ଆଶିଷ । ତୁଲେ ଦେଲେ ଚୁମ୍ବଯୁଗଳୀ । ମଣୋହି କୋଠାକୁ ଅବଧାନ
ତାକୁ ଦଅନ୍ତି ଆସି ସ୍ୱପ୍ରଆଳୀ । ୨୩ । ମାଏ ବେଳେ ବେଳେ କବଳେ
କବଳେ ସବଟେ ସବଟେ ରେପଣେ । ପୀୟୂଷକଳପ କବଳ ଅଳପ ଅଶନ
କରନ୍ତେ ଆପଣେ । ରୁଚକ । ପ୍ରକଟ ନ କରି ଅତଶେ । ସୁରଭିତ ବନେ
ଚରି ଅଚମନେ ରସେ ମଦଗଜଗତି ସେ । ୨୪ । ଜନୟିତ୍ରୀ ଲାଗି
ଚେଲାଞ୍ଚଳେ ଯୋଗିମୋହନମୁଖୀ ମୁଖ ପୋଛେ । କର୍ପୂର ବାଢ଼ଅ
ବାଢ଼ଆଳୀ ଅଳୀ ଘେନି ହାଜର ହୋଏ ପଛେ । ତାମ୍ବୂଲ । ଯୋଗଣ
ଫରମାସୀ ମାଏ । ଅନ୍ତର ହୁଅନ୍ତେ ଘେରନ୍ତି ସନ୍ତତେ ଖଟିବା ଖଟଣୀ
ବାମାଏ । ୨୫ । ଦରସ୍ଫୁଟରସ ପ୍ରସଙ୍ଗ ସରସ ସମ୍ଭାଷଣେ କ୍ଷଣେ ବସଇ ।
କ୍ଷଣେ ପ୍ରାତରିନ୍ଦୀବରଶୋଭି ବନ୍ଦବାସପରି ନେତ୍ର ଦଖଇ ।
ଯହୁଁ ସେ । ଅପହୁଡ଼ ହୁଏ କଶୋଷି । ଦ୍ୱିତୀୟ ମାଜଣା ଅବକାଶ
ଜଣା ହୋଏ ଘେରନ୍ତି ପରିଗୃହୀ । ୨୬ । ବ୍ୟୋମଲତାଫଳ ମାର୍ତ୍ତଣ୍ଡ ମଣ୍ଡଳ

---

ସମ୍ଭବା—ଲକ୍ଷ୍ମୀ, ସମ୍ଭେଦରେ—ନଦୀସଙ୍ଗମ ସ୍ଥଳରେ, ଜମ୍ବୁନଦ—ଯେଉଁ ନଦୀର
ତୀରରୁ ସୁନା ଉତ୍ପନ୍ନ ହୁଏ ( ହରଦ୍ରାଭ ) । ସୁରସରିତ—ସ୍ୱର୍ଗଙ୍ଗା ( ଶୁକ୍ଳାଭ ) ।
୨୧ । ଜୟଦେବକୃତ—ଗୀତଗୋବିନ୍ଦ, ଗଜେନ୍ଦ୍ର ବିପତ୍ତିମୋକ୍ଷଣ—ଗଜୋଦ୍ଧାରଣ
ସ୍ତବ, ଗୋପାଙ୍ଗନାଗୀତା—ଭାଗବତ ରାସପଞ୍ଚାଧ୍ୟାୟୀର ପ୍ରସିଦ୍ଧ ଗୋପୀଗୀତା,
ଅଳ୍ପମନ୍ଦାର—ଅରୁଆ ( ତାମିଲ ଭାଷା )ରେ ଲେଖା ହୋଇଥିବା ସ୍ତୋତ୍ର ?
କପିଳା ଧେନୁ—ହଳଦିଆ କଳାମିଶା ବର୍ଣ୍ଣର ଗାଈ, କୋଇଲା ଗାଈ; ପ୍ଲକ୍ଷ—
ଅଶ୍ୱତ୍ଥ ବା ଓସ୍ତଗଛ । ବଢ଼ିଲେ—ସମାପ୍ତ ହେଲେ । ୨୨ । ଆଶିଷଗ୍ରହଣ—
ବ୍ରାହ୍ମଣମାନଙ୍କଠାରୁ ଆଶୀର୍ବାଦ ଗ୍ରହଣବିଧି । କାଶୀଶସମାଧିଖଣ୍ଡନା—ଶିବଙ୍କ
ଯୋଗ ଭାଙ୍ଗିବାରେ କ୍ଷମା । ଶ୍ରୀଭୁଜପରିଠ—ଚନ୍ଦ୍ରକଳାର କରତଳର ଭରା,
ଭାର । ୨୩ । ଜନନୟନମୃଗବନ୍ଦୀପାଶୀ—ମନୁଷ୍ୟମାନଙ୍କର ନୟନରୂପ ମୃଗକୁ
ବାନ୍ଧିବା ଫାସସ୍ୱରୂପା ( ଚନ୍ଦ୍ରକଳା ) । ୨୪ । କବଳେ କବଳେ—ଗୁଣ୍ଡାଏ
ଗୁଣ୍ଡାଏ । ସବଟେ ସବଟେ—ରାଣ ପକାଇ, ରେପଣ—ଅର୍ପଣ, ପୀୟୂଷକଳ୍ପ—

ବାସରବସାନ କମରେ । ପାଚ ପ୍ରତୀଚୀସମୁଦ୍ରେ ଝଡ଼ପଡ଼ୁଁ କୁମୁଦେ ମାତନ୍ତେ ଭ୍ରମରେ । କଣୋଗ୍ରା । ବଢ଼ାଇ ସନ୍ଧ୍ୟା ଦରଶନ । ସଂଗୀତ-ସଭାକୁ ପୁଅଏ ଶୋଭାକୁ ଏହି ତା ନୀତି ନିତି ଦିନ । ୨୭ । ଯାହା ପାପଲ୍ଲବ ମହାପାପ ଲବ ନ ରଖେ ସ୍ମରଣକ୍ଷଣରେ । ଯାହା ଦର-ଚକ୍ର ଜନଦରଚକ୍ର ଚୂର୍ଣ୍ଣ କରନ୍ତି ବୀକ୍ଷଣରେ । ସେ ପ୍ରଭୁ । ଚରଣ-ପଙ୍କଜ ଯୁଗଳେ । ଜଳନ୍ତରଭୂପ ମାନସମଧୁପ ମରନ୍ଦପାନଲୋଭେ ମିଳେ । ୨୮ । ଊନବିଂଶ ପଦ କଳିତ ଏ ଛାନ୍ଦ ନାମ କୁମାରୀ କଉତୁକ । କୁମାର ବଳୟ ହୃଦକୁବଳୟ ଅଖଣ୍ଡମଣ୍ଡଳ ମୃଗାଙ୍କ । ନୃପତି । ଯୁବତି ନିତି ଆଦରଶ । ମୂରୁଖ ତରୁଣୀଗଣ ହେବେ ଗୁଣୀ ମନେ କଲେ ଏହା ସ୍ମରଣ । ୨୯ ।

---

## ଅଷ୍ଟମ ଛାନ୍ଦ

ରାଗ—କେଦାର ଚକ୍ରକେଳି ବାଣୀ

( ଚନ୍ଦ୍ରକଳାର ଯୌବନୋଦ୍‌ଗମ )

ଏଥୁ ଅନନ୍ତରେ ଶୁଣ ସରସେ । ବଇଶାଖ ମାସ ବିଧୁଦିବସେ । ଶୁକ୍ଳପଞ୍ଚମୀ ଧନିଷ୍ଠାଖ୍ୟ ଋକ୍ଷ । ଶୁଭଚନ୍ଦ୍ର କରଣ ଗଣ ମୁଖ୍ୟ । ୧ । ଯୋଗ ସମୂହ ରାଜ ଶୁଭଯୋଗ । କରିଥିଲି ସେ ଦିନପାକ ଭୋଗ । ସାର ମନୋହର ତାମ୍ବୁଲ ଭୋଜନ । ଘେନି ସଙ୍ଗତେ ପ୍ରିୟସଖୀଗଣ । ୨ । ଫୁଲ

---

ଅମୃତତୁଲ୍ୟ । ଅତିଶେ—ଅତିଶୟରେ । ସୁରଭିତବନେ—ସୁବାସିତ ଜଳରେ । ୨୬ । ପ୍ରାତରନ୍ଦୀବରଶୋଭିବନ୍ଦୀବାସ ପରି—ସକାଳ ଅର୍ଦ୍ଧମୁଦ୍ରିତ ନୀଳକଇଁ ପରି ଆଖି ଦିଶେ, ଅପହ୍ନୁତ—ନିଦରୁ ଉଠିବା । ୨୭ । ବ୍ୟୋମଲତା···ଝଡ଼ପଡ଼ୁ—ସୂର୍ଯ୍ୟମଣ୍ଡଳ ଆକାଶରୂପ ଲତାର ଫଳସ୍ୱରୂପ, ସେ ଫଳ ଶେଷବେଳକୁ ପାଚ ଅର୍ଥାତ୍ ଲାଲବର୍ଣ୍ଣ ଧରି ପରିପକ୍ୱ ହୋଇ ପ୍ରତୀଚୀ ସମୁଦ୍ରରେ ( ପଶ୍ଚିମ ଦିଗର ସମୁଦ୍ରରେ ) ଝଡ଼ି ପଡ଼ନ୍ତେ ଅର୍ଥାତ୍ ସନ୍ଧ୍ୟା ହୁଅନ୍ତେ । ସଙ୍ଗୀତ·· ସଙ୍ଗୀତସଭାକୁ ଶୋଭିତ କରେ । ୨୮ । ପାପଲ୍ଲବ—ପାଦକିଶଳୟ, ଲବ—କ୍ଷୁଦ୍ରାଂଶ, ଦରଚକ୍ର—ଶଙ୍ଖ ଓ ଚକ୍ର ଏବଂ ଭୟସମୂହ । ୨୯ । କୁମାରବଳୟ ····ଯୁବକମଣ୍ଡଳଙ୍କ ହୃଦୟ କୁମୁଦ ପକ୍ଷରେ ପରିପୂର୍ଣ୍ଣମଣ୍ଡଳ ମୃଗାଙ୍କ (ଚନ୍ଦ୍ରମା) ପରି; ନିତି ଆଦରଶ—ଦୈନିକ ଆଦର୍ଶ ।

---

ଅଷ୍ଟମ ଛନ୍ଦ

୧ । ବିଧୁଦିବସ—ସୋମବାର । ୪ । ଜୃମ୍ଭାଜୃମ୍ଭିତ—ହାଇଦ୍ୱାରାପ୍ରକାଶିତ,

ମଣ୍ଡପେ ଜେମା ଚନ୍ଦ୍ରକଳା । ନ୍ୟାୟ୍ୟ ବଳ କେଳିରେ ବିଜେ କଲା । ଖେଳୁ ଖେଳୁ ତା ମୃଦୁ ଅଙ୍ଗଦେଶେ । ଲୀଳସିଲା ଅଳସଭାବ ଲେଶେ । ୩ । ଜୃମ୍ଭାଜୃମ୍ଭିତ ମୃଗକଳାନିଧି । ଢେର ଦେଲା ବାହୁପାଶ ପରିଧି । ସାୟନ୍ତନ ଶ୍ୟାମଳ କଞ୍ଜଶିରୀ । ଛୁଇଁ ଅସିଲା ନୟନଶଫରୀ । ୪ । ଜାଣି ସଖୀ ହୃଦେ ଭାବ ପାଇଲେ । ଦନ୍ତଚ୍ଛଦ ପଲ୍ୟଙ୍କ ବିଛାଇଲେ । ତହିଁ କେଶରତୂଳିକ ସଜାଇ । ଚନ୍ଦ୍ରଚୂର୍ଣ୍ଣେ ମିଶାଇ ଦଳଜାଇ । ୫ । ସଜ ବକୁଳ ଗର୍ଭଗତ କଅ । ଫୁଲ ବାଲିଶ ଅଦ ସବୁ ନୂଆ । ମୁଖ୍ୟ ମଖମଲ ସନ୍ଧି ମୁଚୁଳୀ । ସ୍ଥାନ ଜାଣି ରଖିଲେ ପ୍ରିୟ ଅଳୀ । ୬ । ଗାଢ଼ା ଗୁଲାବ ଦ୍ରବ୍ୟ ସିଞ୍ଚା ଝୁନା । କଲେ ଅସ୍ତରଣ କେହୁ ନବୀନା । ଛୁରଅନା ଫୁଲ ଜାଲି ପରଦା । ଟେକି ଧଇଲ କେଉଁ ବିଶାରଦା । ୭ । କୁନ୍ଦଲତା ଉପରେ ଭୃଙ୍ଗବର । ଦେଇ ଭଳି ହୁଅନ୍ତେ ବାଳାବର । ଦାସୀମାନେ ରଖି ସେବାଳେ ଠାବ । ଦେଲେ ପହଣ୍ଡ ସାବଧାନ ଡାକ । ୮ । ନୀଳପାହାଡ଼ାରେ ପାଦଯୁଗଳୀ । ନ୍ୟାସ କରନ୍ତେ ସେ ବିଶ୍ୱସଙ୍ଗୋଲି । ସୁରନନ୍ଦନା ସଲିଳପ୍ରବାହ । ମଣ୍ଡି ଦେଲା କି ଶୋଣ-ଜଳରୁହ । ୯ । ହରଜସ୍ରଙ୍ଗେ ଚିରଜେମା ପରି । ଦନ୍ତପର୍ଯ୍ୟଙ୍କେ ପହୁଡ଼ିଲା ଗୋରୀ । ସିତ ଅସିତ ଚାମରଯୁଗଳୀ । ଧରି ଗଟିଲେ ନୀଳା ମୋତିମାଳୀ । ୧୦ । ଚମ୍ପା ମାଳୀ ଢେନ ଫୁଲ ଅଢ଼େଣୀ । ମନ୍ଦ ମନ୍ଦ ଗୃଳିଲ ମନ ଜାଣି । ବସି ଅଶ୍ୱାସି କୁନ୍ଦନ ରତନ । କଲେ ପାଦ ସମ୍ବାହନ ଯତନ । ୧୧ । କେହୁ ଠାକ ଅପହ୍ନୁତ ସମୟ । ଜାଗରୁକ ଅଛନ୍ତି ସଖୀଚୟ । ବାସପାଣି ଭରି ହେମମଞ୍ଜରୀ । ଜଗି ରହିଛୁ ଧରି ହେମଝରି । ୧୨ । କରେ ଧରି

---

ବାହୁପାଶ ପରିଧି—ବାହୁପାଶ ବେଷ୍ଟନ । ସାୟନ୍ତନ—ସନ୍ଧ୍ୟାକାଳୀନ, କଞ୍ଜଶିରୀ—ପଦ୍ମଶୋଭା ( ଆଖି ବୁଜି ହୋଇ ଆସିଲା ) । ନୟନଶଫରୀ—ନେତ୍ରରୂପ ମୀନ । ୫ । ଦନ୍ତଚ୍ଛଦ—ହାତୀଦାନ୍ତଦ୍ୱାରା ଆଚ୍ଛାଦିତ । କେଶରତୂଳି—ନାଗେଶ୍ୱର ଧୂଳିପୁଣ୍ଡ ତୂଳାଶେଯ । ଚନ୍ଦ୍ରଚୂର୍ଣ୍ଣେ—କର୍ପୂର ଚୂନାରେ, ଦଳଜାଇ—ଜାଇଫୁଲ ଦଳ ବା ପାଖୁଡ଼ା । ୭ । ଗୁଲାବଦ୍ରବ—ଗୋଲାପ ଅତର, ଝୁନା—ଏକପ୍ରକାର ସରୁ ଗୁଦର । ଅସ୍ତରଣ—ଶଯ୍ୟା । ୮ । ଠାବ—ଅପେକ୍ଷା । ୯ । ସୁରନନ୍ଦନା—ସୂର୍ଯ୍ୟକନ୍ୟା ଯମୁନା, ଶୋଣଜଳରୁହ—ରକ୍ତପଦ୍ମ । ୧୦ । ନୀଳା ମୋତିମାଳୀ—ଦୁଇଜଣ ସଖୀଙ୍କ ନାମ । ୧୧ । ଚମ୍ପାମାଳୀ କୁନ୍ଦନରତନ—ସଖୀଙ୍କ ନାମ । ଫୁଲଅଢ଼େଣୀ—ଫୁଲରେ ତିଆରି ବାସ, ପାଦସମ୍ବାହନ—ଗୋଡ଼ ମୋଡ଼ିବା । ୧୨ । ହେମମଞ୍ଜରୀ—ସଖୀ, ହେମଝରି—ସୁନାର ସୁରେଇ । ୧୩ । ଝୁନାକଷ ଗୁଦର—ପାତଳ

ଝୁନାକଷ ଶୃଦର । ହେଲ ଲବଙ୍ଗକଳିକା ହାଜର । ହେମ ହଂସେ ବାଡ଼ିଅ ବାଡ଼ା ଭାର । ଗୁଣ ଜଳଧି ଅଛି ଅନୁସର । ୧୩ । ଶଶିଲେଖା କନକ ପିକଦାନୀ । ଅତି ପ୍ରମୋଦେ ଅଛି କରେ ଘେନି । ଧର କଙ୍କିଣୀ ଝୁମୁକୀ କଠାଉ । ରସକଳା ଝଟକେ ଦାଉ ଦାଉ । ୧୪ । ଶୋଭିଲହସ୍ତ ଘେନି ଗନ୍ଧସାର । ଚୂର ମିଶାଇଅଛି ଘନସାର । ମୃଗମଦୁଁ ଭିନ୍ନ କର ରୋଚନା । ଅତି ଯତ୍ନେ ଦଳୁଛି ସୁଲୋଚନା । ୧୫ । ନବ କୁଙ୍କୁମ କୁଙ୍କୁମ ଦଳୁଛି । ନବନୀତେ କି ସିନ୍ଦୂର ଗୋଳୁଛି । କାଅ କରଜେ କସୁଛି ପାନିଅ । ଝରାମଣି ବନାଉଛି ମାନିଅଁ । ୧୬ । ଜାଇଗଭା ନିବାଡ଼ୁଛି ସେବତୀ । ଝରା ସଜାଡ଼ୁଅଛି ଲୀଳାବତୀ । ପ୍ରେମମଞ୍ଜୁଳା ମଣ୍ଡନ ଶୃଙ୍ଗଡ଼ା । ରଙ୍ଗି ଧର ବରାହକେଶ ବାଡ଼ା । ୧୭ । କରୁଅଛି ମାଜିବାକୁ ଆରମ୍ଭ । କେହୁ ହାଟକ ବାସବାରକୁମ୍ଭ । ପୁଞ୍ଜି ପୁଞ୍ଜି କର ରଖୁଅଛନ୍ତି । କେହୁ ଖାଡ଼ିକୁଅଁା ଶାଢ଼ୀ ବାଛନ୍ତି । ୧୮ । ମଲ୍ଲୀ ନିଆଳୀ କେତକୀ ସୁମନା । ଶୃର ପରଶୃସିଏ ଏକମନା । ଭସୁ ପ୍ରମୋଦେ ଜଳେ ଅବଗାହି । ମରକତ ଚଉକି ନେଇ ବହି । ୧୯ । ମଣିମକର ଶୃନ୍ଦନୀ ମଣ୍ଡପେ । ଧୀରେ ଥୋଇ ଜଗିଲେ ତା ସମୀପେ । ହେଲା ତୁରୀୟ ଯାମ ସମାଗମ । ଶୁଭ କୁଳୀରଲଗ୍ନ ଭୋଗ କ୍ଷମ । ୨୦ । ବାଳା ପୁଲକେ ଦଶିଲା ସୁନ୍ଦର । ଚମକିଲା ଫୁଲଧନୁମନ୍ଦର । ମଧ୍ୟ ହୋଇଲା ବୁକୁ ଦମ ଦମ । ହୃଦେ ଭୁଇଁଲା କାନ୍ତି କମକମ । ୨୧ । ଅପହୁଡ଼ ସମୟୁ ହେଲା ଅସି । ରତୁ ଲଭିଲା ଲଭିଲା ବୟସୀ । ଶୃରଶର ରଙ୍ଗି ରଂଭନାୟକ । ଏକା ବାନ୍ଧିଲା କଙ୍କେଳୀ ସାୟକ । ୨୨ । ଜେମା ମନ ଲକ୍ଷ୍ୟ ଫୁଟି ଫିଟିଲା ।

---

ରଞ୍ଜିତ ଶୃଦର । ହେମହଂସେ—ସୁନାରେ ତିଆରି ହଂସ ଅକୃତିବିଶିଷ୍ଟ ଡବା । ୧୫ । ଗନ୍ଧସାର—ଚନ୍ଦନ, ଘନସାର—କର୍ପୂର, ମୃଗମଦୁ—କସ୍ତୁରୀରୁ, ରୋଚନା—ଗୋରୋଚନା । ୧୬ । କୁଙ୍କୁମ—ସଖୀର ନାମ, ନବନୀତ—ଲହୁଣୀ, କାଅ—ସଖୀର ନାମ, କରଜ—ନଖ, କସୁଛି—ପରୀକ୍ଷା କରୁଛି, ଝରାମଣି—ସଖୀ, ମାନିଅଁ—ଫୁଲଗଭା । ୧୭ । ଝରା—ଫୁଲତୋଡ଼ା, ବାରହାବାଳବାଡ଼ାରେ ଅଳଙ୍କାର ପ୍ରଭୃତି ସଫା ହୁଏ । ୧୮ । ଖାଡ଼ିକୁଅଁା ଶାଢ଼ୀ—ସୂକ୍ଷ୍ମଭାବରେ କୁଅଁା ହୋଇଥିବା ଶାଢ଼ୀ । ୨୦ । ତୁରୀୟଯାମ—ଚତୁର୍ଥ ପ୍ରହର । କୁଳୀରଲଗ୍ନ—କଙ୍କଡ଼ାଲଗ୍ନ । ଭୋଗକ୍ଷମ ହେଲା—ଭୋଗ କରିବାକୁ ପ୍ରବେଶ କଲା । ୨୧ । ପୁଲକେ—ରୋମାଞ୍ଚିତ ହୋଇ । ୨୨ । କଙ୍କେଳୀସାୟକ—ଅଶୋକ ଫୁଲର ବାଣ ।

ନିଜ ସିଂହଦୁଆରେ କି ଛୁଟିଲା । ଜାଣିପାରି ସେ କିଶୋରୀ ଈଶ୍ୱରୀ । ଅବଲମ୍ବେ ମନ୍ତ୍ରୀଙ୍କ ଅବତାର । ୨୩ । ସଖୀ ସମୂହେ ନ ଦେଇ ଦୃଷ୍ଟିକି । କଲା ସ୍ଥଳଜଳରୁହବୃଷ୍ଟିକି । ମଣିପାଦୁକାରେ ନାହିଁ ନଜର । ଅତି ବିଜନେ ହୋଇଲା ହାଜର । ୨୪ । ବାସବତୀ କି ସଂକେତ ପାଇଲା । ଏକା ଗହଣେ ସେହି ଗୋଡ଼ାଇଲା । ବାତବକ୍ରନାଳ ନୂଆ କମଳ । ପରି ନୂଆଇଁ ଶ୍ରୀମୁଖମଣ୍ଡଳ । ୨୫ । ଉରୁସନ୍ଧିବାସେ ନୂଆ ଛଇଲା । ଯହିଁ ନେହଗଞ୍ଜନ ଖେଳାଇଲା । ନବ ଗବୟ ଶୃଙ୍ଗଜାତ ଅନ୍ତେ । ହେଲା ପଦ୍ମରାଗ ପରି ପରତେ । ୨୬ । କାଚଭିତ୍ତିରେ କିବା ଅଡ଼ମ୍ବର । ଦଶେ ବନ୍ଧୁଜୀବ ପ୍ରତିବିମ୍ବର । ନିଜ ଗୋପୁର ଚନ୍ଦ ଅର୍ଥେ ଅବା । ରୂପାଥାଳୀରେ ପ୍ରସୂନଧନବା । ୨୭ । ଗୈରିକ ଗୋଳାଇ ଅଛି ରଙ୍ଗି । ଦେଖି ମଣିଲା ପୂର୍ଣ୍ଣଚନ୍ଦ୍ରମୁଖୀ । ରତି ଭାଲକରି ବିନ୍ଦୁ ସୁନ୍ଦର । ସେହି ବାସେ ପୋଛିଲା କି ସିନ୍ଦୁର । ୨୮ । ତହୁଁ ତଳକୁ ପୁଣି ଦେଇ ଦୃଷ୍ଟି । ତହିଁ ଦେଖିଲା ସେହି ଶୋଭା ବୃଷ୍ଟି । ହେମ ପ୍ରାସାଦରେ ବସି ଦର୍ପକ । ଦ୍ୱାରେ ଫିଙ୍ଗିଦେଲା କି ପାନପିକ । ୨୯ । ତାକୁ କୁସୁମପ୍ରିୟ ବୋଲି ଜାଣି । ଦ୍ରବମୟ କୁସୁମେ କୁଶପାଣି । ସନ୍ତର୍ପଣ ବିଧିରେ ମନକରି । ସ୍ୱର୍ଣ୍ଣପାତ୍ରରେ ତହୁଁ କରୁଛି ଭରି । ୩୦ । ରଖିଅଛି କି ସବୁ କରି ତୁଲେ । ସିଞ୍ଚି ପୁଲକ ଇନ୍ଦ୍ରନୀଳ ଡଳ । ଜାଣି ଯଉବନ ରାଜା ବିଜୟ । ମନେ ହେବାରୁ ସଂଭ୍ରମ ଉଦୟ । ୩୧ । ସେ

---

୨୩ । ହେମାମନଲକ୍ଷ୍ୟପୁଂଟି ଫିଟିଲା...ସେ ଶର ଚନ୍ଦ୍ରକଳା ମନରୂପ ଲକ୍ଷ୍ୟକୁ ଫୁଟାଇ ବା ଭେଦକରି ନିଜ ସିଂହଦ୍ୱାରକୁ ଗୃଲିଗଲା କି ? ୨୪। କଲାସ୍ଥଳ...ସ୍ଥଳପଦ୍ମକୁ ବର୍ଷିଲା ଅର୍ଥାତ୍ ତଳଆଡ଼କୁ ଆଖି ପକାଇଲା । ୨୫ । ବାତବକ୍ରନାଳ—ପବନରେ ଯାହାର ନାଡ଼ି ବଙ୍କା ହୋଇଅଛି ।୨୬। ନବଗବୟ ..ଗବୟ (ଗୋଜାତୀୟ ଜୀବ)ର ନୂଆ ଶିଙ୍ଗରେ ନିର୍ମିତ ପେଡ଼ାଭିତରେ ପଦ୍ମରାଗମଣି ଥିଲା ପରି ଜଣାଗଲା । ୨୭ । କାଚ-ଭିତ୍ତିରେ—କାଚକାନ୍ଥରେ । ବନ୍ଧୁଜୀବ ପ୍ରତିବିମ୍ବ—ବଧୂଲିଫୁଲର ଛାୟା । ଗୋପୁର—ବହିର୍ଦ୍ୱାର । ପ୍ରସୂନଧନବା—ପୁଷ୍ପଧନ୍ୱା କନ୍ଦର୍ପ । ୨୮ । ଗୈରିକ—ଗେରୁ । ରତି...ରତିଦେବୀ ନିଜ ଲଲାଟରେ ସୁନ୍ଦର ବିନ୍ଦୁଟିଏ ରଚନା କରିସାରି ଚନ୍ଦ୍ରକଳାର ସେହି ଲୁଗାରେ ସିନ୍ଦୁରକୁ ପୋଛି ଦେଲା କି ? ୨୯ । ହେମପ୍ରାସାଦ—ସୁନାର କୋଠା (ଚନ୍ଦ୍ରକଳାର ଶରୀର) । ଦର୍ପକ—କନ୍ଦର୍ପ । ୩୦ । ତାକୁ—ଚନ୍ଦ୍ରକଳାକୁ । ଦ୍ରବମୟକୁସୁମେ—ତରଳ ରକ୍ତବର୍ଣ୍ଣ ଫୁଲରସରେ । କୁଶପାଣି—ବ୍ରହ୍ମା, ସ୍ରଷ୍ଟା ।

ସମୟେ ସୁଷମା କଳାବତୀ । ହେଉଁ ଅତି ତରଳତରମତି । ଅଳକ୍ତ ସଂଭବଦ୍ରବଛଟା । ହେମପ୍ରାଙ୍ଗଣେ ପକାଇଲା ପଟା । ୩୨ । ଜଗଜ୍ଜୟ ସଂକଳ୍ପେ କାମର୍ବୀଜା । କଲା ତ୍ରିକୋଣ ହେମଯନ୍ତ୍ର ପୂଜା । ଉପହାର ନିମନ୍ତେ କରି ଅବା । ସମରପିଛି ଅଭିନବ ଜବା । ୩୩ । ନିଜ ମନ୍ଦିର ଦେହଳୀର ପାଶେ । ରତି ବସିଛି ପ୍ରିୟ ଅଙ୍କଦେଶେ । ତାହା ଲାଗି କୁସୁମ୍ଭ ଚେଲାଞ୍ଚଳ । ପଡ଼ି ଦେହଳୀ କରଛି ମଞ୍ଜୁଳ । ୩୪ । କିବା ନବୀନ ଯଉବନରମା । ମଣ୍ଡିବାକୁ ଚନ୍ଦରେ ଭାଲସୀମା । ରଙ୍ଗି ପରଣତତର ତାମ୍ବୂଳ । ତହିଁ ଦଳଅଛି କଛି ହିଙ୍ଗୁଳ । ୩୫ । ଚଳଦଳଲଛିବ ପରପନ୍ତୀଙ୍କ । ଦେଇ ମନ୍ମଥମନ୍ଦର ମନ୍ତିଙ୍କ । ତାହା ଲୋହିତରେ ଚଡା ଦେଲାଲା । ସେହିପରି ସେ ସମୟ ମାନିଲା । ୩୬ । ରସ ବରଷା ସମୟ ପ୍ରବେଶେ । ସ୍ୱର୍ଣ୍ଣ ଭୂମିରେ ଇନ୍ଦ୍ରଗୋପ କି ସେ । ଭାଜି ସନ୍ଦେହ ହୁଅନ୍ତେ ନିଷ୍ଟୟ । କରି ହୃଦୟ ରସାନନ୍ଦମୟ । ୩୭ । ଉଭା ହୁଅନ୍ତେ ହସି ମଥା ପୋତି । ପାଦ ବଢ଼ାଇ ଦେଲା ବାସବତୀ । ଲାଜ ମୋହମିଶ୍ରିତ କରି ମନ । କରି ମଣିଭଉ ଦାଗେ ଗମନ । ୩୮ । ପ୍ରତିବମ୍ବିତ ବାଳାଶୋଭା ଚୁହିଁ । ଲଭି ଦ୍ୱିଗୁଣ ସୁଖ ଚୁନ୍ଦମୁହୀଁ । କୁସୁମିତ ଦୁକୂଳକୁ ପାଲଟି । ଲାଗି ହୁଅନ୍ତେ ଲାଲ ପାଟ- ଶାଢୀ । ୩୯ । ହେମଲତା ବଲ୍ଲବମୟ ହେଲା । ପରି ଦଶିଲା ସେ ବର- ମହିଳା । ତେତେଣେ ଆଳୀଏ ମଣି ଚମତ୍କାର । କଲେ ପରସ୍ପରେ ଏହି ବିଚାର । ୪୦ । କାଲ ବେଳ କେ ନ ଥିବାର ନିତି । ଦେଖାଗଲା ଏ କି ବିଚିତ୍ର ରୀତି । କଛି ଊଣା ଏକାଦଶ ବରଷ । ଜେମାମଣିଙ୍କ ହୋଇଲା ବୟସ । ୪୧ । ଅମ୍ଭେମାନେ ତା ଲାଗି ଲୁଗାପରି । ଶିଶୁକାଳରୁ ଥାଇ ଅନୁସରି । ନ ଥିବାରେ ଅମ୍ଭେ ତାହା ସାଥିରେ । ସ୍ୱପ୍ନେ ଏକାନ୍ତ କରି ନାହିଁ

---

୩୨ । ସୁଷମାକଳାବତୀ—ଶୋଭା ଓ ସୂକ୍ଷ୍ମକଳାର ନିଧାନ ( ଚନ୍ଦ୍ରକଳା ) । ଅଳକ୍ତଦ୍ରବସମ୍ଭବଛଟା—ଅଲତାରସର ଛିଟା ବିନ୍ଦୁ । ହେମପ୍ରାଙ୍ଗଣ—ସୁନା ଅଗଣା । ୩୩ । ନବଜବା—ନୂଆ ମନ୍ଦାରଫୁଲ । ୩୪। ଦେହଳୀ—ଏରୁଣ୍ଡିବନ୍ଧ; ତାହା ଲାଗି କୁସୁମ୍ଭଚେଲାଞ୍ଚଳ—ରତିର ପିନ୍ଧା ରଙ୍ଗଶାଢ଼ୀର ପଣନ୍ତ । ୩୫ । ପରିଣତତରତାମ୍ବୂଳ—ଅତି ପାଚିଲା ପାନ । ୩୬ । ମନ୍ମଥମନ୍ଦିର (କଣ୍ଠି) ଚଳଦଳଲଛିବ (ଅଶ୍ୱତ୍ଥପତ୍ର) ରୂପ ପରପନ୍ତୀଙ୍କ ( ଶତ୍ରୁକୁ ) ମନ୍ତି ଦେଇ ତା ରକ୍ତରେ ଚଡା ଦେଲେ କି ? ୩୭ । ରସବରଷା ସମୟ—ଜଳବୃଷ୍ଟି କାଳ, ଇନ୍ଦ୍ରଗୋପ— ସାଧବ ବୋହୂ ପୋକ । ୪୦ । ହେମଲତା···ସୁବର୍ଣ୍ଣର ଲତାରେ ପତ୍ର ଧଇଲା କି ?

ଥରେ । ୪୨ । ଲଭେଁ ନ ବିଚାର ଅନୁରୋଧକୁ । ବିଜେ କଲବେଳେ ଅବରୋଧକୁ । ବାସବଜାଙ୍କ ନେଜେ ଠାରି ଦେଲା । ଆଜି ବିଜନରେ କି ବିଚାରିଲ । ୪୩ । ଅଜି ଅଛିତେ କି କାଳ ହରିବା । ବୁଝି ଯେ ଯାହା ଉପାୟ କରିବା । ଶୁଣି ଜଣେ କହିଲା ଏ ବାଣୀକି । ଏହିପରି ସିନା ହେବ ଏଣିକି । ୪୪ । କହୁଥିଲେ ବୋଲୁଥିବା ମଣିମା । ମନକଥା ଟି କେହି ନ ଜାଣିମା । ନିରନ୍ତରେ ଏଥର ଫୁଲବାଣ । ଜେମାଠାରେ କରିବ ମନ୍ତ୍ରୀପଣ । ୪୫ । ଜାଣି ଭାର ଏ ସମସ୍ତ ମରଜ । କେତେ ଗଲେଣି ସ୍ୱସ୍ଥାନ ବରଜ । ଗଡପଡ ଚରଣରୁ ନିରାଶ । ହୋଇ କଲଣି ନୟନେ ନିବାସ । ୪୬ । ଅବିବେକ ପୃଥୁଭାବ ପଳାଇ । ସ୍ଥାନ କଲା ନିତମ୍ବବିମ୍ବେ ଯାଇ । ରସ କୃଶତା ହୃଦୟରୁ ଖସି । ହୋଇଲଣି ମଧ୍ୟଦେଶ-ନିବାସୀ । ୪୭ । ତେଜି କର୍କଶ ମନ ନଗରୀକି । କଲା ଅବଲମ୍ବ ବକ୍ଷସରିକି । ଦେଖୁ ନାହଁ କି ଏବେ ସେ ଦ୍ୟୁତିକି । ଜଗତ୍ତ୍ରୟ ନୟନସମ୍ପତ୍ତିକି । ୪୮ । ଏହି ସମୟେ ଚେଟୀ ବନ୍ଦୁଚୁଡ଼ି । ଦୃଶ୍ୟ ହୋଇଲା ଘେନି ଲଟଶାଢ଼ି । ସେ କି ସଂଚରିବା ହେମମଞ୍ଜରୀ । ଅଛି ସିତ କୁସୁମଗୁଚ୍ଛ ଧରି । ୪୯ । ସଁଜରିଭ ଲୋଭରେ ଭୃଙ୍ଗରାଜ । ଗୁରିପାଶେ ଘେରୁଅଛି ଗରଜ । ଅବା ଅଳୀଙ୍କ ସନ୍ଦେହ ଛୁଟିଲା । ଅଳିଶ୍ରେଣୀ ଦମ୍ଭେ ବ୍ୟୋମ ଉଡ଼ିଲା । ୫୦ । ଖେଳା ଚପଳ କଳହଂସୀ ପରି । ଅତି ହରଷେ ଧାଇଁ ସହଚରୀ । ଲଜ୍ଜାନମ୍ରମୁଖୀକି ପରିହାସେ । ଘେରି ରହି ଜଣାଇଲେ ଏ ରସେ । ୫୧ । ସଖୀ ଏତେଡ଼େ ନିର୍ମଳ ହୃଦପଟ । ଅର୍ଦ୍ଧଅଙ୍ଗେ ବହିଲୁ ତ କପଟ । କରିଥାଉ ଯେ ତେତେଡ଼େ ଅନୁରାଗ । ଅଜି କେଉଁ ଭାଗ୍ୟରୁ ଦେବୁ ଭାଗ । ୫୨ । ଲୁଗୁଇଲେ କି

---

୪୬ । ଗଡପଡ...ସେ ବର୍ତ୍ତମାନ ଚଞ୍ଚଳଗତି ଛାଡ଼ି ଚଞ୍ଚଳନେତ୍ରୀ ହେଲଣି । ୪୭। ଅବିବେକ...ବିବେକଶୂନ୍ୟତାରୂପ ସ୍ଥୂଳତା ପଳାଇ ନିତମ୍ବରେ ରହିଲା, ଅର୍ଥାତ୍ ବିବେକ ବୃଦ୍ଧି ହେଲା ଓ ନିତମ୍ବ ସ୍ଥୂଳ ହେଲା । ରସକୃଶତା...କ୍ଷୀଣରସଭାବ ହୃଦୟରୁ ଯାଇ ମଧ୍ୟଦେଶନିବାସୀ ହେଲଣି ( କଟିଦେଶରେ ବାସ କଲଣି ) ଅର୍ଥାତ୍ ହୃଦୟ ରସପୂର୍ଣ୍ଣ ଓ କଟୀ କ୍ଷୀଣ ହେଲଣି । ୪୮ । କର୍କଶତା ମନରୂପ ନଗରକୁ ଛାଡ଼ି ଏବେ ଏହାର ବକ୍ଷ ଦେଶରେ ବାସ କରୁଛି ( ଏହାର କୁଚଦ୍ୱୟ ଏବେ କର୍କଶ ହେଲଣି ) । ୪୯ । ଚେଟୀ—ଦାସୀ, ଲଟଶାଢ଼ୀ—ପୁରୁଣା ପିନ୍ଧାଶାଢ଼ୀ, ସଞ୍ଚରିବା ହେମମଞ୍ଜରୀ—ଚାଲୁଥିବା ସ୍ୱର୍ଣ୍ଣବୃନ୍ତ କି ? ସିତ-କୁସୁମଗୁଚ୍ଛ—ଧଳା ଫୁଲପେଣ୍ଡା । ୫୦ । ଅଳିଶ୍ରେଣୀଦମ୍ଭରେ—ଭ୍ରମର ପଂକ୍ତି

ଲୁଚେ ଏହି ମାନ । ଫୁଲବାସନା ମାନଇଁ କି ଆନ । ଘନ ଅଚ୍ଛନ୍ନ କଲେ ଲୋକନେତ୍ର । ଘନେ ଅଚ୍ଛନ୍ନ ହୁଅଇ କି ମିତ୍ର । ୫୩ । ଦେଇ ଶିଖରେ କରକିଶଲୟ । କେମା ଲୁଚୁଅଛୁ କି ସୁରାଳୟ । କର କ୍ରୋଡ଼େ କି ସମୁଦ୍ର ଲୁଚିବ । ସତ୍ୟ ହେଲେ ଏ କାହାକୁ ରୁଚିବ । ୫୪ । ଗ୍ଲାଇପରି କର ତୋର ଭଜନ । ଏତେ ମାନକୁ ନୋହିଲୁଁ ଭାଜନ । ଯେତେବେଳେ କୁରଙ୍ଗଶିଶୁଦୃଶା । ନେବୁ ରମଣଅଙ୍କେ ବସି ନିଶା । ୫୫ । ମଞ୍ଜୁ ମଞ୍ଜୀର ବାଚୂଳ ରସନା । କିଛି କହିବେ ଏହି ଦୁହେଁ ସିନା । ତୁ ତ କହିବା ପରି ଦିଶୁ ନାହିଁ । ପଚାରିବାକୁ ଅମ୍ଭ ବଳ କାହିଁ । ୫୬ । ଶୁଣି ଲବଙ୍ଗକଳିକା ହସିଲା । ଛଳି ସଖୀଙ୍କି ଏ ବାଣୀ ଭାଷିଲା । ମନ ଧରି କହୁଅଛୁ ସହିକି । କାଳନ୍ଯାକ ସେବାଫଳ ଏହି କି । ୫୭ । ନେତ୍ରସମ୍ପତ୍ତି କିଛି ନ ଦେଖିବ । ଭିତ୍ତିତଟରେ କେ ପୁଣି ଲଖିବ । ଦନେ ହେଲେ କି ମରଦନ ବେଳେ । ସ୍ତନତଟକୁ ନ ଦେଖିବା ତୋଳେ । ୫୮ । ଶିଶୁଶଶୀ ତ ସବୁ ଦେବ କହି । ଅତି ବଡ଼ ବଡ଼ଙ୍କ ଯାଏ କାହିଁ । ବାଲା ବୋଲିବ ଅବା ତହିଁ ବାସ । ଥିବ ନିବଡ଼େ କାହିଁ ଅବକାଶ । ୫୯ । ବାସ ସିନା ସମସ୍ତ ପ୍ରକାଶିବ । ପୁଣି ରଦବାସ ତୁଲେ ମିଶିବ । ଦୁହେଁ ମିଶି କରିବେ ସବୁ ଜଣା । ଅହା କି କରିବଟି ସୁଲକ୍ଷଣା । ୬୦ । ଏବଂବିଧ ପରିହାସ ନ ସରୁ । ସରୁମଧ୍ୟା ଯାଇଁ କେମା ପାଶରୁ । ଜଣାଇଲା ଶ୍ରୀ ମହାଦେଈ ପାଶେ । ସେ ତ କେମା ଜନନୀ ଅତି ତୋଷେ । ୬୧ । ନିଜ କରରୋପିତ ସୁନାଲତା । ସତେ ହୋଇଲା ମଣି କୁସୁମିତା । ମୋଦ ଅଖେଟେ ଚିତ୍ତକୁ ସଧାଇ । ଦେଲେ ନିଜ ଅଙ୍ଗଭୂଷା ବଧାଇ । ୬୨ । ଏ ସମୟେ

---

ବ୍ୟାଜରେ । ୫୩ । ଘନ—ମେଘ, ମିତ୍ର—ସୂର୍ଯ୍ୟ । ୫୪ । ଦେଇ ଶିଖରେ... ଅଗ୍ରଭାଗରେ କରରୂପ ନୂଆ ପତ୍ରଟିଏ ଘୋଡ଼ାଇ କେମା (ଚନ୍ଦ୍ରକଳା) ସୁରାଳୟ (ମେରୁପର୍ବତ) କୁ ଲୁଚାଇଅଛ କି ? ୫୫ । କୁରଙ୍ଗଶିଶୁଦୃଶା—ବାଳମୃଗାକ୍ଷୀ । ୫୬ । ମଞ୍ଜୁ ମଞ୍ଜୀର—ମନୋହର ନୂପୁର (ଚରଣ ଅଳଙ୍କାର), ରସନା—ଚନ୍ଦ୍ରହାର (ଅଣ୍ଟାର ଅଳଙ୍କାର) । ୫୮ । ଭିତ୍ତିତଟରେ—କାନ୍ଥପାଖରେ । ୫୯ । ଶିଶୁଶଶୀ—ବାଳଚନ୍ଦ୍ର (ନଖକ୍ଷତ), ବାସ—ବସ୍ତ୍ର, ଅବକାଶ—ସ୍ଥାନ । ୬୦ । ରଦବାସ—ଅଧର । ୬୧ । ସରୁମଧ୍ୟା—ଜଣେ ସଖୀ, ମହାଦେଈ—ଚନ୍ଦ୍ରକଳାର ମା । ୬୨ । ମୋଦଅଖେଟେ...ଆନନ୍ଦରୂପ ମୃଗୟାରେ ମନକୁ ସାଧନ କରି ଅର୍ଥାତ୍ ମନରେ ପ୍ରକୃତ ଆନନ୍ଦ ଅନୁଭବ କରି । ବଧାଇ—ପାରିତୋଷିକ, ଉପହାର ।

ଭେଟି ଅନ୍ୟ ବନିତା । ପାଟକଠିଣୀକରରତ୍ନସୁତା । କେମା
କୁସୁମୋତ୍ସବ ଯୋଗ ଧାର୍ଟୀ । ଲେଖି ବଢ଼ାଇଦେଲା ପତ୍ରିକାଟି । ୬୩ ।
ମହାଦେବୀ ତ ପରମ ବିଦୁଷୀ । ତହିଁ ଶୁହିଁ ସୁଭାଗ୍ୟ ଯୋଗରାଶି । ଗଦ
ଗଦ ସ୍ୱରେ ହୋଇ ସହାସ । କଲେ ଶରମନ୍ଦିର ଫରମାସ । ୬୪ । ଅଙ୍କା
ପ୍ରମାଣେ ବାଳା ସହଚରୀ । ଘେନି ସଙ୍ଗତେ ସର୍ବପରିଚାରୀ । ରାମ ବିବାହ-
ଗୀତ ହୁଳହୁଳି । ନାଦେ ଭରିଲେ ମହୀସ୍ଥଳୀ । ୬୫ । ବୀଣା ରବା
ପଖାଉଜ ମର୍ଦ୍ଦଳ । ଭେରୀ ଅରବୀ ତେଲଙ୍ଗୀ କଂସାଳ । ଅଦ୍ୟ ବାଦ୍ୟ
ନାଦେ ସେ ଭୂମଣ୍ଡଳୀ । ସିନ୍ଧୁ ତୁଲେ କି ଅରମ୍ଭିଲା କଳି । ୬୬ । ଅତିପ୍ରବଳ
ହୋଇ ବାଜୁଁ ବାଜା । ଉଠିଆସି ସଭାରୁ ମହାରାଜା । ଦେବୀ ପ୍ରମୋଦ
ଭେଟରୁ ଜାଣିଲେ । ଯତ୍ନକର ବୋଲି ମୋଦେ ଭଣିଲେ । ୬୭ । ତହୁଁ
ବାଳା ସଖୀ ସର୍ବ ବିମ୍ବୋଷ୍ଠୀ । ମାଷ ତଣ୍ଡୁଳେ ବନାଇଲେ କୋଷ୍ଠୀ ।
ଚାରିକୋଣେ-ପଞ୍ଚବର୍ଣ୍ଣ କୋଠୀର । ସ୍ଥିରତର ପୋତିଲେ ଚାରି ତୀର ।୬୮।
ଚାରି ପ୍ରହରେ କରିବାକୁ ରକ୍ଷା । ଚାରି ପ୍ରହାର ପୋତିଲେ କି ଦକ୍ଷା ।
ରସକଳା ହସି ବୋଲେ ତହିଁ କି । ବାଳା ସମ୍ଭାଳି ପାରିବ ନାହିଁ କି ।୬୯।
ଏକ ଅତନୁ ମାରର ଏ ଗୁଣ । ଏବେ ସତନୁ ଚାରି ମାର୍ଗଣ ।
ଜଗିରହିଲେ ରଜନୀ ଦିବସ । ସୁକୁମାରୀ ନୋହିବ କି ବିବଶ । ୭୦ ।
ପୁଣି ଦେଲେ ଚାରୁ ଚେଳ ବେଢ଼ାଇ । ଦେଲା ଏହି ଊହକୁ ସେ
ବଢ଼ାଇ । ହରି ଅଣି ତ୍ରିଲୋକ ସମ୍ପତ୍ତିକି । ତହିଁ ଲୁଚାଇବ ପ୍ରଜାପତିକି । ୭୧ ।
ଚାରିପାରୁଶେ ଶିଶୁରମ୍ଭାସ୍ତମ୍ଭ । ପାଖେ ରଖିଲେ ସୁନା ପୂର୍ଣ୍ଣକୁମ୍ଭ । ପିକ-
ବଲ୍ଲଭପଲ୍ଲବ ମାଳିକା । କଲେ ତୋରଣୀ ତରୁଣ ବାଳିକା । ୭୨ ।

---

୬୩ । ପାଟକଠିଣୀକରରତ୍ନସୁତା—ପ୍ରଧାନ ଜ୍ୟୋତିଷୀ ଖଡ଼ୀରତ୍ନଙ୍କ ଝିଅ । କୁସୁମୋତ୍ସବଯୋଗଧାର୍ଟୀ—ଋତୁମତୀ ହେବା ଯୋଗନକ୍ଷତ୍ରାଦିର ଜ୍ୟୋତିଷ ଗଣନା । ୬୪ । ଶରମନ୍ଦିର—କ୍ଷତ୍ରିୟ କନ୍ୟାର ପ୍ରଥମ ଋତୁସ୍ନାନରେ କରାଯିବା ଉତ୍ସବ । (ପରେ ଏହି ଉତ୍ସବର ବର୍ଣ୍ଣନା ହେଉଛି) । ୬୮ । ମାଷ—ବିରି, ସ୍ଥିରତର—ଦୃଢ଼ଭାବରେ । ୭୦ । ଶରୀର ନ ଥିବା ଏକ ମାର (କନ୍ଦର୍ପ)ର ତ ଏତେ ଗୁଣ, ବର୍ତ୍ତମାନ ଶରୀର ଥିବା ଚାରିଗୋଟା ମାର୍ଗଣ (ଶର) ଦିନରାତି ଜଗି ରହିଲେ ଏ ବାଳିକା ବିବଶ ( ଅସ୍ଥିର ) ହୋଇ ପଡ଼ିବ ନାହିଁ କି ? ୭୧ । ପୁଣି ଦେଲେ··· ···ତା ପରେ ସଖୀମାନେ ସେହି ଶରମନ୍ଦିରକୁ ଚାରୁଚେଳ ( ସୁନ୍ଦର ବସ୍ତ୍ର ) ଦ୍ୱାରା ଆବୃତ କରିଦେଲେ । ସେ ଆବରଣ ଏହି ଊହ ( ଅନୁମାନ )କୁ ବଢ଼ାଇଦେଲା ଅର୍ଥାତ୍ ତହିଁରୁ ଏପରି ଅନୁମାନ ହେଲା—ବ୍ରହ୍ମା ତ୍ରିଭୁବନର ସମ୍ପତ୍ତିକି ଚୋରାଇ ଆଣି ଏହିଠାରେ ଲୁଚାଇବ କି ? ୭୨ । ପିକବଲ୍ଲଭ······ଆମ୍ବଗଛର ନୂଆପତ୍ର ।

ଟାଣିଦେଲେ ବିଚିତ୍ର ଚନ୍ଦ୍ରାତପ । କୋଣେ ଲମ୍ବାଇ ନୂଆ କୁଞ୍ଚ ଥୋପ । ଜେମାରୁଚି ଜିଣିଲା ସାତଦ୍ୱୀପ । ବୋଲି ସୂର୍ପେ ରଖିଲେ ସାତଦୀପ । ୭୩ । ତଦନନ୍ତର ତରୁଣୀବରଙ୍କୁ । ବିଜେ କରାଇ ଶରମନ୍ଦିରକୁ । ଝିଲି ଗିଜା ଖାଇରଚୁର ନାଡ଼ୀ । ଲଡ଼ୁ ବସନ୍ତ ଅରିଷା ପାପୁଡ଼ି । ୭୪ । ଜଗନ୍ନାଥବଲ୍ଲଭ ହଂସକେଳି । ମନୋହର ଡାଲିମ୍ବ ସରପୁଲି । ଖଜା ପେଡ଼ା ଦିବ୍ୟ ପୁରି ନିପୁରି । ଖଣ୍ଡମଣ୍ଡା କାନ୍ତି ପୁର ଇଣ୍ଡୁରି । ୭୫ । ପାରିଜାତ ସରଖାଇ ଖୁରୁମା । ସର ସରପାପୁଡ଼ି ଅନୁପମା । କ୍ଷୀରି କ୍ଷିରିସା ବାସ ଅଟକାଳି । ବଡ଼ା ସୁପୁରି କାକରା ଶୁଆଳୀ । ୭୬ । ଦେବା ନେବା ଖାଇବା ରଖାଇବା । ବାସି ଗିରି ସଦ୍ଗୁଣ ପକାଇବା । ଏହିପରି ସେ ରାଜଧାନୀ ଯାକ । ପ୍ରତି ମନ୍ଦିରେ ଉତ୍ସବ ଅସ୍ତୋକ । ୭୭ । ସେ ନଗରେ ତ ଦୁର୍ଲଭ ଅରାତି । ସେହି ସାତ ଦିନ ହେଲା ଅ-ରାତି । ସାରି ଶରପୁରବସା ବିଧିଙ୍କ । ତହୁଁ ଅବତାରି ଶୋଭାନିଧିଙ୍କ । ୭୮ । ଶତହ୍ରଦା ଗୋରୀଏ ଏକ-ମେଳେ । ସାତ ଶାତକୁମ୍ଭ କୁମ୍ଭମଙ୍ଗଳେ । କାହିଁ କୁଙ୍କୁମ କାହିଁ ଗନ୍ଧସାର । କାହିଁ ଭରି କୁରଙ୍ଗମଦସାର । ୭୯ । ଦଳି ଗୋଳି ସେ ସକଳ ଶୁଭାଙ୍ଗୀ । ପରସ୍ପରେ ହୋଇଲେ ଫିଙ୍ଗାଫିଙ୍ଗି । ଏକ ଉପରେ ପଡ଼ିଲେ ଆରକେ । ଦେଖା ନାହିଁ ସେ ଉତ୍ସବ ନିଲୋକେ । ୮୦ । ନୀରେ ପନୀରେ ତଡ଼ି ଉଚ୍ଛୁଳିଲେ । ସ୍ନାନ କରାଇ ନାନା ତୀର୍ଥଜଳେ । ଦିବ୍ୟ କଷାବାସରେ ଅଙ୍ଗ ପୋଛି । ଦେଲେ ପ୍ରଲମ୍ବ କେଶପାଶ ଉଞ୍ଛି । ୮୧ । ନୂଆବାସ ନବ ରତ୍ନାଭରଣ । କରି ଜଗତୀଭୂଷାଙ୍କୁ ଶରଣ । ଧନ୍ୟ ମଣିଲେ ନିଜ ଜନମକୁ । ଘେନି ବାଳା ଅଙ୍ଗୀକାରକ୍ରମକୁ । ୮୨ । ଦେଲେ ଅଣାଇ ମୁଖ୍ୟ

---

୭୩ । ଟାଣିଦେଲେ···"ସୁନ୍ଦର ଚାନ୍ଦୁଆ ଟାଣିଦେଇ ତା ଚାରିକୋଣରେ ନୂଆଲୁଗା କୁଞ୍ଚ ଥୋପ କରି ଓହଳାଇ ଦେଲେ । ସାତଦ୍ୱୀପ—ପ୍ରାଚୀନ ମତରେ ପୃଥିବୀ ସାତଗୋଟି ଦ୍ୱୀପର ସମଷ୍ଟି, ସୂର୍ପ—କୁଲା । ୭୭ । ଅସ୍ତୋକ ଉତ୍ସବ—ବଡ଼ ଉତ୍ସବ । ୭୮ । ଅରାତି—ଶତ୍ରୁ ଓ ରାତିର ଅଭାବ ( ଦିବସ ) । ଶରପୁରବସା ବିଧି—ଶରମନ୍ଦିରରେ ବସିବା ବିଧାନ । ୭୯ । ଶତହ୍ରଦା ଗୋରୀଏ—ବିଜୁଳିପରି ଗୌରାଙ୍ଗୀମାନେ; ସାତ ଶାତକୁମ୍ଭ କୁମ୍ଭମଣ୍ଡଳେ—ସାତଗୋଟି ସୁନା ମାଠିଆରେ । କୁରଙ୍ଗ ମଦସାର—ଉତ୍କୃଷ୍ଟ କସ୍ତୁରୀ । ୮୦ । ଶୁଭାଙ୍ଗୀ—ସୁନ୍ଦରୀ ସ୍ତ୍ରୀ । ୮୧ । ପନୀର—ସୁବାସିତ ଜଳ, ତଡ଼ି—ପ୍ରାନ୍ତ (ସେହି ମନ୍ଦିରର), ଉଚ୍ଛୁଳିଲେ—

ଦ୍ୱିଜକୁଳ । ଧେନୁ ଧରା ହିରଣ୍ୟ ଅନ୍ନ ଚେଳ । ଦାନାନନ୍ତରେ କୁଶେ
ତୀର୍ଥୋଦକ । ଯେନ ପୁରୋଧା କଲେ ଅଭିଷେକ । ୮୩ । ଇଷ୍ଟ ଦେବତା
ତ୍ରିପୁରସୁନ୍ଦରୀ । ଦରଶନବିଜୟ ବେଳ ଶିରୀ । ଛାନ୍ଦ ବିସ୍ତାର ହେବା
ଭୟେ ଦିବି । ଅଜ ବର୍ଣ୍ଣନା କଲି ନାହିଁ କବି । ୮୪ । ଠାକୁରାଣୀଙ୍କ
ଚଳନ୍ତି ପ୍ରତିମା । ପରି ବିରାଜିଲି ସେ ରାଜଜେମା । ଜୀବ ଅବା ପ୍ରତିବିମ୍ବେ
ଘଟିଲି । ସେ କି ଜଗଜ୍ଜନନୀଙ୍କି ଭେଟିଲି । ୮୫ । ଖଞ୍ଜି ପ୍ରସାଦ ଫୁଲମାଳା
ଗଲେ । ତହୁଁ ବିଜେ କରାଇଲେ ସଲ୍ଲିଳେ । ଭେଟାଇବାକୁ ନେଇଁ
ଜନନୀଙ୍କି । ବରବାରଣରାଜଗମନୀକି । ୮୬ । ଦ୍ୱାରେ ପ୍ରବେଶ ହେଲି
କ୍ଷଣେ ବାଳା । ଦେବୀ ନିଦେଶୁଁ ଆସି ବାଳାମାଳା । ହୁଳହୁଳିମିଶା ଗୀତ
ଗାଇଲେ । ଅଙ୍କ ଗୋମୟରେ ନିଉଁଛାଇଲେ । ୮୭ । ଚନ୍ଦ୍ରାନନାର ବନ୍ଦାପନା
ବିଧି । ସାରି ସକଳ କାମକଳାନିଧି । ମୃଦୁ ସୁନ୍ଦର ଶ୍ରୀହସ୍ତେ ଜେମାର ।
ଦିଆଇଲେ ଅର୍ଘ୍ୟକୁ ଅର୍ଯ୍ୟମାର । ୮୮ । ଉଭାକଲେ ମାତାଙ୍କ ଆଗେ ନେଇ ।
ଦେଲେ ଯୋଡ଼ା ପାଟଶାଢ଼ୀ ବଢ଼ାଇ । ଗୁରୁତରମନ୍ଦାକ୍ଷେ ମନ୍ଦେ ହସି ।
ନିଉଁଛାଳି କରି ଶୋଭାସରସୀ । ୮୯ । ମହୀ ମଥାରେ ଛୁଇଁ ଜୁହାରିଲି । ରମା
ଉପମା ମଣ୍ଡଳୀ ସାରିଲି । ତୋଳି ଜନନୀ ସ୍ନେହସ୍ରୋତେ ପଡ଼ି । ମୁଖଚନ୍ଦ୍ରରେ
ଚୁମ୍ବି ଗାଢ଼େ ଭିଡ଼ି । ୯୦ । ଶିଶୁ ସମୟୁଁ ବଳିଆଇ ଗେଲେ । ଧରି ଚିବୁକ
ଏ ଆଶିଷ ଦେଲେ । ଜେମା ହାତୀ ମୋ ନୟନସମ୍ପତ୍ତି । ବାବୁ ହୁଅ ପରମ
ଭାଗ୍ୟବତୀ । ୯୧ । ଅନୁରୂପ ଚକ୍ରବର୍ତ୍ତୀ କୁମାର । କର ଗ୍ରହଣ କର ଧନ
ମୋର । କାଳଯାଏ ତୋ ପଦ ଅଲକ୍ତ । ନାଥ ମୁକୁଟ କରୁ ଆରକ୍ତ । ୯୨ ।
ଜାଇ ଶରୀର ପରି ଚିରକାଳ । ଗୁଣମଣ୍ଡଳେ ମଣ୍ଡି ଦୁଇ କୁଳ । କର

---

ଉଚ୍ଛୁଳାଇଦେଲେ । କଷାବାସ—ରଞ୍ଜିତ ବସ୍ତ୍ର ।୮୩। ଧେନୁ—ଗାଈ, ଧରା—ଭୂମି,
ହିରଣ୍ୟ—ସୁନା, ଚେଳ—ବସ୍ତ୍ର, ପୁରୋଧା—ପୁରୋହିତ ।୮୫। ପ୍ରତିବିମ୍ବ—ଛାୟା,
ଜୀବ···ଛାୟା ସଜୀବ ହୋଇ ଜଗଜ୍ଜନନୀ(ଦୁର୍ଗାଙ୍କୁ) ଭେଟିଲା କି ? ୮୬ । ସଲ୍ଲିଳେ
—କୌତୁକରେ । ୮୭ । ବାଳାମାଳା—ବାଳିକାସମୂହ । ନିଉଁଛାଇଲେ—
ବନ୍ଦାଇଲେ । ୮୮ । ଅର୍ଯ୍ୟମା—ସୂର୍ଯ୍ୟ । ୮୯ । ଗୁରୁତର ମନ୍ଦାକ୍ଷେ—ଅତି
ଲଜ୍ଜାରେ । ନିଉଁଛାଳି—ବନ୍ଦନାକରି, ଶୋଭାସରସୀ—ସୌନ୍ଦର୍ଯ୍ୟନିଧାନ(ଚନ୍ଦ୍ରକଳା)
୯୨ । କାଳଯାଏ······ସବୁଦିନ ତୋ ପାଦ ଅଲକ୍ତ ( ଅଲତା ) ନାଥ ମୁକୁଟ
( ସ୍ୱାମୀର ମୁକୁଟ )କୁ ଆରକ୍ତ କରୁ ଅର୍ଥାତ୍ ସବୁଦିନେ ସ୍ୱାମୀ ତୋର ପଦାନତ

ଧର୍ମରେ ଧର୍ମଙ୍କୁ ଅମନ୍ଦ । ହେଲା କୁସୁମୋଦ୍‌ଗମ ନାମ ଛାନ୍ଦ । ୯୩ ।। ନାଗାନ୍ତକ ଯାହାଙ୍କର ବାହନ । ଅରଦରେ ଅରଦର ଦହନ । ଦୁର୍ଗା ମାଧବ ପଦଯୁଗଦ୍ୱୟ । ଭଜେ ଶ୍ରୀରାମଚନ୍ଦ୍ର ଶ୍ରେଷ୍ଠରାୟ । ୯୪ ।

---

## ନବମ ଛାନ୍ଦ

ରାଗ—ରସକୁଲ୍ୟା

( ବେଶ ବର୍ଣ୍ଣନା )

ତଦନନ୍ତରେ ଶୁଣ ସହୃଦୟେ । ଦିନେ ଜେମା ଯାମଦ୍ୱୟ ସମୟେ । ପ୍ରିୟ ବୟସ୍ୟାଙ୍କ ଘେନି ସମୀପେ । ବିରାଜ ମୁକୁରମୟ ମଣ୍ଡପେ ସେ । ଲେଖିଲା ବରଣ ପଟ ଯେ । ଶୋଭାମୃତକୂପ ଜନନୀଙ୍କ ରୂପ ସେ ପଟେ କଲା ପ୍ରକଟ ହେ । ୧ । ଊଣାମାନ ଗୃଳ ଗିର ପଲକ । ବନାଇଲା ବାଳୀ-ପ୍ରତିପ୍ରତୀକ । ସେହି ଶୋଭା ସେହି ମୃଦୁବୟସ । ଅକ୍ଷୀଣ ଦକ୍ଷିଣ ଦେଶର ବେଶ ସେ । ଲେଖିଲା ବାଳାରତନ ଯେ । ଦେଖି ଦେଖାଇବା ପ୍ରମୋଦ ଅମଙ୍କୁଁ ନୋହିଥିଲା ସାବଧାନ ଯେ । ୨ । ଏହି ସମୟ ସଉଭାଗ୍ୟବଶେ । ସେ ପୁର ମଣିପ୍ରାଙ୍ଗଣ ପ୍ରଦେଶେ । ରଚିଲା କଠାଳଯୁତ କଙ୍କିଣୀ । ଅତରକ୍ତେ ବିଜେ କଲେ ରାଣୀ ତା । ଜାଣି ସେ ଜଗତଶୋଭା ଯେ । ଭିତ୍ତି ପ୍ରତିଫଳ ସଖୀଙ୍କ ମଣ୍ଡଳ ତୁଲେ ହେଲା ବେଗେ ଭଗ୍ନ ଯେ ।୩। ଲଜ୍ଜା

---

ହୋଇ ରହୁ । ୯୩ । ଗୁଣମଣ୍ଡଳେ—ଗୁଣସମୂହଦ୍ୱାରା । ଅମନ୍ଦ—ଉନ୍ନତ, ବଡ଼ । ଅରଦରେ—ଚକ୍ର ଓ ଶଙ୍ଖଦ୍ୱାରା, ଅରଦର—ଶତ୍ରୁଭୟ ।

---

ନବମ ଛାନ୍ଦ

୧ । ପଟ—ଚିତ୍ରପଟ, ଶୋଭାମୃତକୂପ—ସୌନ୍ଦର୍ଯ୍ୟରୂପ ଅମୃତର ଆଧାର (ଜନନୀ) । ୨ । ଊଣାମାନ—କେବଳ, ନ ଥିବା; ଗୃଳ—ଗତି, ଗିର—କଥା, ପଲକ—ପକ୍ଷ୍ମପାତ, ପ୍ରତିପ୍ରତୀକ—ପ୍ରତ୍ୟେକ ଅଙ୍ଗ । ଅକ୍ଷୀଣ—ଯାହା କେବେହେଁ ମ୍ଳାନ ହୁଏ ନାହିଁ, ପ୍ରମୋଦ ଅମଙ୍କୁଁ—ଆନନ୍ଦଜନିତ ଉଦ୍‌ବେଗ ହେତୁରୁ । ୩ । ଭିତ୍ତି ପ୍ରତିଫଳ•••ମା'ଙ୍କ ଆଖିରେ ଯେପରି ନ ପଡ଼ିବ ସେଥିପାଇଁ

ଗଉରବ ମିଶ୍ରିତ ହାସ । ସୁଧାମୟ କରି ଦଶନବାସ । ବାସରେ କଲେ ହେଲେ ଅପ୍ରକଟ । ଝଟ ଝଟ ଦିଶିବାରୁ ସେ ପଟ ଯେ । ଛନ୍ନ କରି ନ ପାରିଲ ଯେ । ମେନାଙ୍କୁ ମୀନାଙ୍କପରନାରୀ ପରି ଜନନୀଙ୍କି ଜୁହାରିଲ ଯେ । ୪ । ଅଭିଷପୂର୍ବକ ଅଶେଷ ଚୁମ୍ବେ । ଉଲ୍ଲସି ଘଞ୍ଚ ରୋମାଞ୍ଚକଦମ୍ବେ । ତନୁଜାଙ୍କୁ ବକ୍ଷେ କରାଇ କୋଳେ । ତନୁ ଜାକୁ ଜାକୁ ପ୍ରଣୟୀବଳେ ସେ । ସେ ଶବ୍ଦେ ପଡ଼ିଲା ଦୃଷ୍ଟି ଯେ । ଶତ୍ରିଲେ ପ୍ରପଞ୍ଚ ଜୟକୁ ବିରଞ୍ଚି କଲ କି ଏ ଶବ୍ଦ ସୃଷ୍ଟି ଯେ । ୫ । ପଟେ ପଟୁତର ଶବରମାକୁ । ଉତ୍ସଙ୍ଗରେ ଚନ୍ଦ୍ରକଳା ଜେମାକୁ । ଭରି ପ୍ରତିଫଳ ସୁପ୍ରତିମାକୁ । ଗୃହି ନ କଲା ଲାବଣ୍ୟ ସୀମାକୁ ଯେ । ଗୁଣଗଣ ଅନବଦ୍ୟା ଯେ । ବାଳିକା ଅଳୀଙ୍କି ଗୃହି ପଗୃରିଲେ କାହାର ଏ ଶିଳ୍ପବିଦ୍ୟା ଯେ । ୬ । ଏ ଗିରେ କର କରି କୋରକିତ । ଜଣାଇଲେ ଜଣେ ଜେମା ସଙ୍ଗାତ । ଜନ୍ମୁତ ତୁମ୍ଭର ଉତ୍ସଙ୍ଗ ଖେଳ । ଅଭ୍ୟସ୍ତ କରି ହୋଇଅଛୁ କାଳ ଯେ । ଏବେ ତ ଏ ଚନ୍ଦ୍ରମୁହୀଁ ଯେ । ତାରୁଣ୍ୟ ଜାତ ଲାଜରୁ ଶ୍ରୀମୁଖରେ ଉଭା ହୋଇ ପାରୁ ନାହିଁ ଯେ । ୭ । ମୋ ସହି ନ ସହି ବିଶ୍ଳେଷ କ୍ଳେଶ । କରି ତୁମ୍ଭ ପ୍ରତିକୃତିବିନ୍ୟାସ । ପଦ୍ମୁଡ଼ିବାକାଳେ ଛବି ପଲ୍ୟଙ୍କେ । ଥିବା ପରି ଘେନି ତୁମ୍ଭର ଅଙ୍କେ ସେ । ସୁଖେ ନେବି କାଳ ପୁଣି ଯେ । ବାତ୍ସଲ୍ୟ ପ୍ରମୋଦ ରସଗଦଗଦ ଏହା ଶୁଣି ହେଲେ ରାଣୀ ଯେ । ୮ । ଚନ୍ଦ୍ରାନନ ଗୃନ୍ତୁ ଶବୁକେ ପାଣି । ଦେଇ କହିଲେ ଏ ସପ୍ରେମବାଣୀ । ଅହା ମୁଁ ମରଇ ତ ପ୍ରାଣବନ୍ଧୁ । ମୋ ଦୁଃଖସଙ୍ଗାଳ ଲାବଣ୍ୟସିନ୍ଧୁ ତୁ । କାଲି ଖେଳୁଥିଲୁ ଧୂଳିରେ । ଏବେ ଗୁଣବତୀପଣେ ତୋହତୁଲେ ନୋହେ ଭାରତୀକ ତୁଳ ରେ ।୯।

---

କାନ୍ତୁରେ ଥିବା ଚିତ୍ର ଅଗରେ ସଖୀମାନଙ୍କ ସହିତ ଠିଆ ହୋଇଗଲ ।୪। ଦଶନବାସ—ଅଧର, ବାସରେ—ବସ୍ତ୍ରଦ୍ୱାରା । ଛନ୍ନ—ଅବୃତ, ଗୋପନ; ମେନା—ପାର୍ବତୀଙ୍କ ଜନନୀ, ମୀନାଙ୍କପରନାରୀ—କାମଶତ୍ରୁ ଶିବଙ୍କ ସ୍ତ୍ରୀ, ପାର୍ବତୀ ।୫।ତନୁଜ—କନ୍ୟା, ତନୁ ଜାକୁ ଜାକୁ—ଦେହକୁ କୁଣ୍ଢାଇଁ କୁଣ୍ଢାଇଁ, ପ୍ରପଞ୍ଚ—ସଂସାର, ବିରଞ୍ଚି—ବିଧାତା । ୬ । ଶବରମା—ଶବର ସୌନ୍ଦର୍ଯ୍ୟ, ଗୁଣଗଣ ଅନବଦ୍ୟା—ଅନିନ୍ଦନୀୟ ଗୁଣଗଣଯୁକ୍ତା । ୭ । କର କୋରକିତ କରି—ହାତ ଯୋଡ଼ି । ୮ । ବିଶ୍ଳେଷ କ୍ଳେଶ—ବିଚ୍ଛେଦ ଦୁଃଖ, ପ୍ରତିକୃତି—ଚିତ୍ର । ଛବି ପଲଙ୍କେ—ହାତୀ ଦାନ୍ତରେ ଅଚ୍ଛାଦିତ ପଲଙ୍କରେ ବା ଉପରେ ଚନ୍ଦୁଆ ଥିବା ପଲଙ୍କରେ । ଭାରତୀ—

କାହୁଁ ଶିଖିଲୁ ରେ ଶିଖଣ୍ଡକେଶା । ମୋ କୁଳନିଳୟ ନୟନଭୂଷା । ଏତେ ମୃଦୁଳ ବୟସେ ଏମାନ । ଯହିଁ ରହୁ ନାହିଁ ମୋ ଅନୁମାନ ରୁ । ସ୍ନେହ କେତେ ଜାଣୁ ପୁଣି ରେ । ମୋ ଉତ୍ସଙ୍ଗସଙ୍ଗ ବିଚ୍ଛେଦ ଭୟୁଁ କି ଏ ରଚନ ଅଛୁ ନିର୍ମିଣି ରେ ।୧୦। ତହୁଁ ଗୁହିଁ ବାଳ ପ୍ରିୟ ଆଳୀଙ୍କ । ବୋଇଲେ ଆଜ ମୋ ଗଳାମାଳୀକି । ଏହି ଦାକ୍ଷିଣାତ୍ୟ ବେଶରେ ସାଣି । ବିଜେ କରାଇ ମୋ ସମ୍ମୁଖରେ ଆଣି ଯେ । ନେବ ଯେ ଯାହା ବଧାଇ ଲୋ । ଫରମାସି ଏହା ବିଜେକଲେ ମହାଦେଈ ଦୁଇ ଚୁମ୍ବ ଦେଇ ଯେ । ୧୧ । ତହୁଁ ପ୍ରମୋଦେ ବାଳା ସହଚରୀ । କେହି କାହାକୁ କିଛି ନ ପଚାରି । ଅଭିନବ ରଚନା-ସନରେ ମଣ୍ଡି । ହଂସୁଳୀ ତୁଳ ଗର୍ଭ ଚଉଖଣ୍ଡି ସେ । ଜଣାଇଲେ ସହଚରୀ ଯେ । ଚତୁର୍ଦ୍ଦଶ ଲୋକ ମୋହମନ୍ତ୍ରଧାତ୍ରୀ ବିଜେହେଉ ସୁକୁମାରୀ ରେ ।୧୨। ଜଣାଉ ଥାଉଁ ନିତି ଶତବାର । ନ କରୁ ଶିକ୍ଷାଙ୍ଗି ଅଙ୍ଗୀକାର । ଦଅଇବୁ ବୋଲି ଅଳୀଙ୍କି ଜାଳି । ବାଳିକାରତନ ଥିଲୁ କି ଭାଳି ତୁ । କ୍ଷମାକର ଆମ୍ଭ ଦୋଷ ଗୋ । ତଇଲଙ୍ଗ ବେଶଭଙ୍ଗି ଅଙ୍ଗୀକାରେ ମଣ୍ଡନାବଳୀକି ତୋଷ ଗୋ । ୧୩ । ଏତେ କହି ଧରୁଁ ଭୁଜ ପଇଠ । ହସିକରି ମୁଖଚନ୍ଦ୍ରକୁ ହେଠ । କରିବାକୁ ଚନ୍ଦ୍ର ଗର୍ବ କମ୍ପନ । ତା ଉଦୟୁ ଦଶେ କର ଲପନ ସେ । ସେ ଅସନେ ବିରାଜିଲା ଯେ । ବେଶମାନଙ୍କର ଅକୃତାର୍ଥ ଶଙ୍କା ସେ ଦିନଠାରୁ ଭାଜିଲା ଯେ । ୧୪ । ବାଳା ପ୍ରତିବିମ୍ବ ସୁନ୍ଦରପଣ । ସଙ୍ଗରୁ ହେବାକୁ ଅଦରପଣ । ସମ୍ମୁଖରେ ଧରି କେ ମୁଦରପଣ । ଜଣାଇଲା ଏଣେ ନଜରପଣ । ନର୍ମଲୋଳ ଉର୍ମିଲତା ରେ । କର୍ମବଳ ଦେଇ ବଢ଼ାଅ ଏହାର ଅତିଶୟ ନିର୍ମଳତା ରେ । ୧୫ । ଏ ଗିରେ ଅସ୍ଫୁଟ ମହାହରଷେ । ଉଲ୍ଲସାଇ ଗଣ୍ଡେ ସବ୍ରୀଡ଼ ହାସ୍ୟେ । ଅଧ ଗୃହାଣି କରି ଅବଲମ୍ବ । ଦେଖି ମୋହିନୀ ନିଜ ପ୍ରତିବିମ୍ବ ସେ । ମନେ କଲା ଏହି ଚିନ୍ତା ରେ । ଏହାଠାରେ ଜୀବ ନିବେଶି ପୁଂଭାବ ନଦେଲା ମୋତେ ବିଧାତା ଯେ ।୧୬।

---

ସରସ୍ୱତୀ, ତୁଳି ରେ—ମୁଁ ତୁଳନା କରେଁ । ୧୦ । ଶିଖଣ୍ଡକେଶା—ମୟୂରପୁଚ୍ଛ ପରି କେଶ ଯାହାର; ମୋ କୁଳ·····ମୋ ବଂଶ, ଗୃହ ଓ ଆଖିର ଭୂଷଣ-ସ୍ୱରୂପା । ୧୧ । ସାଣି—ମାର୍ଜିତ ଭାବରେ ସଜାଇ । ୧୨ । ଅଭିନବ...... ହଂସପର ତୁଳାଗଦି ପଡ଼ିଥିବା ଚୌକିରେ ନୂଆ ରଚିତ ଆସନ ପକାଇ, ଚତୁର୍ଦ୍ଦଶ ଲୋକ···ଚୌଦଭୁବନ ମୋହ କରିବାର ମନ୍ତ୍ର ଥାଉପରି । ୧୪ । ହେଠ—ନତ, ନମ୍ର; ତା ଉଦୟୁ ଦଶେ—ଚନ୍ଦ୍ରୋଦୟର ଦିଗ ପୂର୍ବରୁ । ୧୫ । ଅଦରପଣ—ନିର୍ଭୟତା । ବାଳା ପ୍ରତିବିମ୍ବ···ଚନ୍ଦ୍ରକଳାର ପ୍ରତିବିମ୍ବର ସୌନ୍ଦର୍ଯ୍ୟ ସଙ୍ଗରୁ ନିର୍ଭୟ ହେବାକୁ । ନଜରପଣ—ଦୃଷ୍ଟି ଦିଅ । ନର୍ମଲୋଳ ଉର୍ମିଲତା—ହେ କ୍ରୀଡ଼ାଚଞ୍ଚଳ

ଶିଥିଳାଇ ନିଜ କେଶବଲ୍ଲରୀ । ଅଣ୍ଟାଇ କଣ୍ଟା ସେବତୀ ଫୁଲରୀ । ନ ଜାଣିଲେ ପର ଅତି ଆଦରେ । ପୋଛୁ ଅମଳାନ ଝିନାଗୁଦରେ ସେ । କରେ କସି କଙ୍କତିକା ରେ । ଚିକ୍କଣ ଗୁମର ଚଳ ମରୁ ବୋଲି ଗୁଳିଲା କୁନ୍ଦଳତିକା ଯେ । ୧୭ । ସରଙ୍ଗ ପଟ୍ଟସୂତ୍ର କର ଡୋରେ । ଅଟ୍ଟକ ରଖି ଭଙ୍ଗି ନିବଡ଼ରେ । ଗୁମୀକର କଅଁଦଳ ତଳକୁ । ବଙ୍କି ରୁଚିର ଚନ୍ଦ୍ରୀ ଚୂଳକୁ ସେ । ପୁଞ୍ଜି ସୁନାଜର ଫୁଲ ଯେ । ଜଗତୀଧୃତଙ୍କ ଝୁଲା ଶିଖାଇଲା ଆପଣେ କି ଝୁଲି ଝୁଲି ଯେ । ୧୮ । ବାମ ଦକ୍ଷିଣେ ସେ ଚୂଳ ମୂଳରେ । ନ ରଖି ଭେଦ ସୁଷମା ତୁଳରେ । ଖଞ୍ଜି କୁନ୍ଦନସୁନା ଦୁବବାଡ଼ି । ଅବଶେଷେ ଡୋରେ ନିବିଡ଼େ ଭିଡ଼ି ସେ । ଆରମ୍ଭିଲେ ଯହୁଁ ବେଣୀ ଯେ । ତର୍ଜିତ ହେଲା ପଞ୍ଚବାଣ କମାଣ ଗୁଣୀଭୂତ ଅଳିଶ୍ରେଣୀ ଯେ । ୧୯ । ବେଣୀ ନୁହଇ ସେ କି ଶିଶୁଶେଷ । କରି ସୁବିଳସ୍ଥ ଧରା ପ୍ରବେଶ । ସେ ଧେନି ନ ଥିଲା ବିବେକ ଲେଶ । କଳା ପଡ଼ିଗଲା ନିଜ ଅପଶ ସେ । ହେଲା ଏପରି ପ୍ରତୀତି ଯେ । କେଳିଲୋଳ କଳା କୁଣ୍ଡଳୀ ଗ୍ଳର କି ଜମ୍ପେ ଯାହା ବଳେ ମତି ଯେ । ୨୦ । କମରେ ସତାରସୁଧାଂଶୁରେଖା । ଖଞ୍ଜିଲେ ଯା ନାହିଁ ନିଲେଖେ

---

ସ୍ୱର୍ଣ୍ଣଲତିକା । ୧୬ । ଏହିଠାରେ·····ଏହି ପ୍ରତିବିମ୍ବରେ ଜୀବନ ଦେଇ (ସ୍ତ୍ରୀଭାବରେ) ମୋତେ କାହିଁକି ବିଧାତା ପୁରୁଷତ୍ୱ ନ ଦେଲା ? ୧୭ । କେଶବଲ୍ଲରୀ—କେଶଗୁଚ୍ଛ । ଅଣ୍ଟାଇ କଣ୍ଟା·····କଣ୍ଟା ସେବତୀ ଫୁଲର ଫୁଲରିତେଲ ଯଥେଷ୍ଟ ଦେଇ । ଝିନାଗୁଦରେ—ସୂକ୍ଷ୍ମ ଗୁଦରରେ । ଅମଳାନ—ଅମ୍ଳାନ, ପରିଷ୍କୃତ; କଙ୍କତିକା—ପାନିଆ; ଗୁମର—ଚଅଁର (କେଶସଙ୍ଗେ ତୁଳିତ) । ଚଳ ମରୁ—(କେଶଗୁଚ୍ଛଠାରୁ ଊଣା ବୋଲି) ବିରକ୍ତ ହୋଇ ନଷ୍ଟ ହେଉ । ୧୮ । ସରଙ୍ଗ·····କର ଲାଗିଥିବା ଲାଲ ପାଟସୂତାରେ । ଗୁମୀକର କଅଁଦଳ—ସୁନାର କଅଁପତ୍ରୀ (ଅଳଙ୍କାର ବିଶେଷ); ଜଗତୀ...ଚହିଁ ଜୁଡ଼ାତଳେ ସୁନା ଜରିଲଗା ଫୁଲପୁଞ୍ଜିକୁ ଝୁଲାଇବାରୁ ଉତ୍ପ୍ରେକ୍ଷା କରାଯାଉଛି, ସେ ନିଜେ ଝୁଲି ଝୁଲି ଲୋକଙ୍କ ଧୈର୍ଯ୍ୟକୁ କମ୍ପନ ଶିଖାଇଲା କି ? ୧୯ । ଚୂଳ ମୂଳରେ—ଚଉଁରିବନ୍ଧା ଜୁଡ଼ା ମୂଳରେ । ସୁଷମା ତୁଳରେ—ସୌନ୍ଦର୍ଯ୍ୟ ତୁଳନାରେ । ପଞ୍ଚବାଣ କମାଣ·····କନ୍ଦର୍ପ ଧନୁରେ ଗୁଣ ହୋଇଥିବା ଭ୍ରମରମାନେ ତାକୁ ଦେଖି ଡରିଲେ ଅର୍ଥାତ୍ ତା ଅପେକ୍ଷା ସେ ବେଣୀ ଅଧିକ ସୁନ୍ଦର ହେଲା । ୨୦ । ଶିଶୁଶେଷ—ସର୍ପରାଜ ଶେଷଦେବଙ୍କ ସାନପିଲା । ସୁବିଳସ୍ଥ ଧାରା···ମଦଖଟିରେ ପ୍ରବେଶ କରିବାରୁ ନିଜ ଅକୀର୍ତ୍ତି ହେତୁରୁ କଳା ପଡ଼ିଗଲା କି ? କେଳିଲୋଳ·····କ୍ରୀଡ଼ାସକ୍ତ କଳା ସାପମାନେ ଯାହା ସେ ବେଣୀକୁ ଜମ୍ପୁ

ରେଖା । ଦରଶ କ୍ଷୟ ଭୟ ମୟ ଚାହେଁ । ବେଣୀ କୁହୁ ପ୍ରବାହକୁ ନିରତେ ସେ । ସେବିଲେ କି ଶିଶୁ ଦନ୍ତ ରେ । ପ୍ରାନ୍ତେ ବଡ଼ ଚୂନୀ ଗୁଣ୍ଡିଫୁଲ ଛନ୍ଦବଧ ସାଜିଲେ ସୁତନୁ ଯେ । ୨୧ । ଲଲାଟପଟ ନିକଟକୁ ବୋଲି । ରହିଲା ମୋତିପୁଞ୍ଜୀ ଛକ ଜାଲି । ମଣିସିଗିଡ଼ି ଚନ୍ଦ୍ରମା ଅର୍ଯମା । କେଶ ଅମାରେ ହେବା ପରି ଜମା ସେ । ଗୁହିଁ ଚମତ୍କାର ଖଞ୍ଜା ଯେ । ଭଲ ମନ୍ଦ କିବା ଅଛି ଏ ବିଚାରେ ତାରି ହେଲେ ପୁଞ୍ଜା ପୁଞ୍ଜା ଯେ । ୨୨ । ବାନ୍ଧୁଲି ଖାଲିରିଅ ଅଳକେ ଗୁନ୍ଥି । ଖଞ୍ଜି ଦିଅନ୍ତେ ମୁକୁତା ସୀମନ୍ତୀ । ନିଜଗତି ଧୃତ ଦେବାକୁ ମନ୍ତି । ଫିଟିଲା ହାତ ହରପରିପନ୍ଥୀ ସେ । ମଙ୍ଗଳମଣି ଉଣ୍ଣାରୁ ଯେ । ନବରତ୍ନ ଚିତା ସପତ ମୁକୁତା ଝୁମ୍ପି ଦେଇ କଲେ ଗୁରୁ ଯେ । ୨୩ । ସିତାଷ୍ଟମୀ ନିଶାନାଥକୁ ହଟି । ଜିଣିଲା ତା ଭାଲପଟ ଯାହାଟି । ସପ୍ତ ମୁକୁତା ଛଳେ ସପ୍ତ ଋଷି । ସମାଧାନ ପାଇ ଅବଶ୍ୟ ଆସି ବସେ । ଥରିଲେ କି ଭୟ ବହି ଯେ । ଯୋଡ଼ା ଗନ୍ଧସାର ପାଟୀ ଭରୁଅର ଝିଙ୍କା ହେବା ସ୍ଥଳ ଗୁହିଁ ଯେ । ୨୪ । ଶ୍ରିତ ବାଞ୍ଛିତ ଫଳ ନାନାଜାତି । ଦେବାରେ ତ ବାଲା ସୁରବ୍ରତତୀ । ମୋତି ସୀମନ୍ତୀ ତା କୁସୁମ କେଶ । ମୂଳେ ଅଳି ଭାଳି ଖଞ୍ଜିଲେ ପରି ସେ । ଜାମ୍ବୁନଦ ଅମ୍ବକସି ଯେ । ପେଣ୍ଡି ପେଣ୍ଡି ହୋଇ ମଣ୍ଡିବାରୁ ସେ କି ବିରାଜିଲା ମଦାଳସୀ ଯେ । ୨୫ । ଗାଙ୍ଗେୟ

---

କରିବାକୁ ଇଚ୍ଛା କଲେ ତାହା କି ସ୍ଥିର । କି ସାମାନ୍ୟ । ୨୧ । ସତାରସୁଧାଂଶୁ-ରେଖା—ତାରକା ସହିତ ଖଣ୍ଡଚନ୍ଦ୍ର; ଦରଶ—ଦର୍ଶ, ଅମାବାସ୍ୟା; କୁହୁ—ଅମାବାସ୍ୟା; ଅମାବାସ୍ୟା ତିଥି କ୍ଷୟ ହେଉଥିବାରୁ ଚନ୍ଦ୍ରତାରିମାନେ ଚନ୍ଦ୍ରକଳାର ବେଣୀରୂପ ଅମାବାସ୍ୟାର ବିସ୍ତାରକୁ ତା ପିଲାଦନ୍ତ ଆଶ୍ରୟ କଲେ କି ? ପ୍ରାନ୍ତେ—ବେଣୀଶେଷରେ; ଛନ୍ଦବଧ—ଛନ୍ଦପ୍ରକାର । ୨୨ । ମଣିସିଗିଡ଼ି—ରତ୍ନରେ ନିର୍ମିତ ମସ୍ତକର ଅଳଙ୍କାରବିଶେଷ [ ଚନ୍ଦ୍ର ଓ ଅର୍ଯମା ( ସୂର୍ଯ୍ୟ ) ରୂପ ] କେଶରୂପ ଅମାବାସ୍ୟାରେ ଏକତ୍ର ଅଛନ୍ତି ( ଅମାବାସ୍ୟାରେ ଚନ୍ଦ୍ର ସୂର୍ଯ୍ୟ ଏକ ରେଖାରେ ଅଛନ୍ତି ); ମୋତିପୁଞ୍ଜ ଏଠାରେ ନକ୍ଷତ୍ର ସ୍ଥାନୀୟ । ୨୩ । ହରପରିପନ୍ଥୀ—କନ୍ଦର୍ପ; କନ୍ଦର୍ପ ହାତକୁ ମେଲିଲା କି ? ମଙ୍ଗଳମଣିଉଣ୍ଣାରୁ—ମଥାମଣି ଆଗକୁ ରହିବାରୁ । ୨୪ । ସିତାଷ୍ଟମୀନିଶାନାଥ—ଶୁକ୍ଳପକ୍ଷର ଅଷ୍ଟମୀ ଚନ୍ଦ୍ର; ସମାଧାନ—ଅସ୍ଥାନ; ଯୋଡ଼ାଗନ୍ଧସାର……ଦୁଇ ଭ୍ରୂଲତା ଉପରେ ଦିଆଯାଇଥିବା ଚନ୍ଦନପାଟିକୁ ଖଣ୍ଡା ବୋଲି ମନେ କରି ଭୟରେ ଥରିଲେ କି ? ୨୫ । ଶ୍ରିତବାଞ୍ଛିତ—ଚନ୍ଦ୍ରକଳା

ସଙ୍ଗ ସକାଶରୁ ଗୁରୁ । ମଣିକର୍ଣ୍ଣିକା ସମ୍ପର୍କ ପ୍ରଗୁରୁ । କବିମଣ୍ଡଳ ଏମନ୍ତ ଅଭ୍ୟସେ । ବାଳାବଦନ ବାରାଣସୀ କି ସେ ଯେ । କାହିଁ ନାହିଁ ସେ ମାଧୁରୀ ଯେ । ଗଣ୍ଡଯୁଗ ଚୁମ୍ବି ଭଲ ମାନିଲ ସେ କଲମାଯୁଗଳୀ ଶିରୀ ଯେ । ୨୬ । ଗଣ୍ଡେ ଭ ମକରୀଲୀଳା ନିଳୟ । ଶ୍ରୀମୁଖ ଲାବଣ୍ୟ କମଳାଶୟ । ମାଜଦେବା ମୃଦୁ ସମୀର ବାଜ । ଏକ ପ୍ରଦେଶେ କି ଗଲେ ଅଜଜ ଯେ । ଚୂର୍ଣ୍ଣକେଶ-ଶଇବାଳ ଯେ । ମନ୍ଦାକ୍ଷ ପ୍ରମୋଦ ରୋଚନ ଲୋଚନଯୁଗ ଯହିଁ ନୀଳୋତ୍ପଳ ଯେ । ୨୭ । ସୁନା ଭୁଜଙ୍ଗ ମଲ୍ଲୀ ଅବତଂସ । ଅରମ୍ଭିଲ ଭଲ ବିବେକ ଧ୍ୱଂସ । ହେଲେ ଲୋଚନ ଦୁଃଖୀ ଶିଳାଟଙ୍କ । ବେଣୁଲମ୍ଫୁଲ ଫଳିକା ତାଟଙ୍କ ସେ । ଅଂସଲମ୍ବୀ ଗୁରୁ ଝୁମ୍ପା ଯେ । ଗହବ ସିନ୍ଧୁବାର ମୋତିମାଳିକା ଦୁହେଁ ହେଲେ ଦର କମ୍ପା ଯେ । ୨୮ । ହାଟକରୁଚ ଜିଣିବାକୁ ଯାହା । ହଠ କରୁଅଛି ସେ ଫିକ ଦେହା । ସୁବର୍ଣ୍ଣାବଳ କେଳିନିକେତନ । ସୁବର୍ଣ୍ଣ-ପ୍ରଭୁଜା ତା ଅପଘନ ଯେ । ଏଣୁ ବିଗ୍ରହ ଶରଣ ଯେ । ସୁବର୍ଣ୍ଣାବଳୀ ଭୂଷଣ-ଗଣ ଅସି ଚଳେ କି ଅନୁସରଣ ଯେ । ୨୯ । ଫୁଲ କପର ମାନିବ ଏ

---

ଅଶ୍ରିତମାନଙ୍କ ବାଞ୍ଛିତ ଫଳ ଦେବାରେ ସୁରବ୍ରତତୀ ( କଳ୍ପଲତା ) ତୁଲ୍ୟ; ମୋତିରେ ନିର୍ମିତ ସୀମନ୍ତ—ସିନ୍ଥି ( ଅଳଙ୍କାର ବିଶେଷ ) ସେ ଲତାର କୁସୁମଗୁଚ୍ଛ । ଜାମ୍ବୁନଦ ଅମ୍ବକସି—ସୁନା ଅମ୍ବକସି ( ଅଳଙ୍କାର ବିଶେଷ ) । ୨୬ । ଗାଙ୍ଗେୟ—ସୁନା ଓ ଗଙ୍ଗା ସମ୍ବନ୍ଧୀୟ; ମଣିକର୍ଣ୍ଣିକା—ମଣିରେ ନିର୍ମିତ କର୍ଣ୍ଣଭୂଷଣ ଓ କାଶୀର ପ୍ରଧାନ ତୀର୍ଥ; କଲମା ଯୁଗଳଶିରୀ—କର୍ଣ୍ଣ ନିକଟବର୍ତ୍ତୀ ବକ୍ରାକାର କ୍ଷୁଦ୍ର କେଶ ଭଙ୍ଗୀର ଶୋଭା । ୨୭ । ମକରୀ—ଗଣ୍ଡରେ ଚିତ୍ରିତ ମକରାକୃତି ଚିତ୍ର ଓ କୁମ୍ଭୀରୀ; ଲାବଣ୍ୟ କମଳାଶୟ—ଲାବଣ୍ୟ ଲକ୍ଷ୍ମୀଙ୍କର ସ୍ଥାନ ଏବଂ ଲାବଣ୍ୟ ରୂପ ଜଳାଶୟ; ମାଜଦେବା—ଘଷିଦେବା; ଚୂର୍ଣ୍ଣକେଶରୂପ ଶୈବାଳ (ଶିଉଳୀ); ମନ୍ଦାକ୍ଷ—ଲଜ୍ଜା; ପ୍ରମୋଦ—ଆନନ୍ଦ; ରୋଚନ—ପ୍ରୀତି-ପ୍ରଦାନ । ୨୮ । ସୁନାଭୁଜଙ୍ଗ (ସର୍ପ) ଲଗା ମଲ୍ଲୀକାବତଂସ (ମଲ୍ଲିକଢ଼ୀନାମକ) କର୍ଣ୍ଣଭୂଷଣ; ହେଲେ…ତାହାର ଚକ୍ଷୁ ଦୁଃଖୀ ଅର୍ଥାତ୍ ବିଚକ୍ଷୁ ପକ୍ଷରେ ଶିଳାଟଙ୍କ ( ପଥରକଟା ଟାଙ୍ଗିଆ ଅସ୍ତ୍ର ) ସ୍ୱରୂପ ହେଲେ । ତାଟଙ୍କ—କାପ; ଅଂସଲମ୍ବୀ—କାନ୍ଧଯାଏ ଲମ୍ବି ଥିବା; ଗହବ—ଗହଳିଆ; ସିନ୍ଧୁବାରମୋତି—ସମୁଦ୍ରଜାତ ମୋତି । ୨୯ । ହାଟକରୁଚି—ସୁନାର କାନ୍ତି; ସୁବର୍ଣ୍ଣାବଳ—ସୁନ୍ଦର ଅକ୍ଷର ସମୂହ ବା ବିଦ୍ୟାସମୂହ; ସୁବର୍ଣ୍ଣପ୍ରଭୁଜା…ଉତ୍କୃଷ୍ଟ ଜାତୀୟ ରାଜାଙ୍କଠାରୁ ଜନ୍ମ ଯାହାର; ସୁବର୍ଣ୍ଣାବଳୀ—

ଭାବେ । କୁଲକ ଖଞ୍ଜିଦେଲେ ଗଢ଼ରବେ । ବେଢ଼ ତ ପଦ୍ମକୁରୁବନ୍ଦ ଅନ୍ତେ । ଅନ୍ତ ମୁକୁତାରୁ ହୋଏ ପରତେ ସେ । ଚଞ୍ଚୁପୁଟେ ସୁନା କୀର ଯେ । ସ୍ଥୂଳ ଲବଳୀଫଳ ଦୋଳା କରୁଛୁ ବିମୋହକୁ ପିନାକୀର ଯେ । ୩୦ । ଅଥ ରଜନୀନାଥମୁଖୀ ନାସା । ନଥର ଯୋଗେ ମଣ୍ଡିଲ କେ ଯୋଷା । ନ ଥର ବୋଲି ଦେଲେହେଁ ଖାତର । ପଥର ହେଲେ ସେ ସଚରାଚର ଯେ । ନଥର ଥରିଲ ହେଲ ଯେ । ପଥରମ୍ୟକାରୀ ବାଳା ପଦକଞ୍ଜ ବଶ ମୁଁ ବୋଲି ଚିନ୍ତିଲ ଯେ । ୩୧ । ଉରୋଜସ୍ୱୟମ୍ଭୁ ଶମ୍ଭୁଯୁଗଳୀ । ସେବାରେ ହାଜର ହେବାକୁ ଭାଳି । ଖଞ୍ଜିଲେ ନାନାବିଧ ମାଳିମାନ । କ୍ରମରେ ଜଗିଲେ ଯେ ଯାହା ସ୍ଥାନ ସେ । ବାଳାକଣ୍ଠକମ୍ବୁ ଘେନି ଯେ । ଯୋଡ଼ି ଯୋଡ଼ି କରଯୁଗ ନିରନ୍ତର କି ଭାବେ ରହିଲେ ମାନି ଯେ । ୩୨ । ନାୟିକାମଣି ବାହୁମୂଳ ସ୍ତନ । ରାଇକା ପାଇ କାନ୍ତିରେ ଶୋଭନ । ଜରି ବୁଟା କଞ୍ଚୁ କସିଦା ପଡ଼ି । କୁସୁମ୍ଭଦ୍ରବେ ଯାଇ ଅଛି ଜଡ଼ି ସେ । ଦିଶିଲ ଏମନ୍ତ ତୋରା ଯେ । ପ୍ରଳୟ କାଳ କ୍ରୋଧାରୁଣ ଶମ୍ଭୁର ମସ୍ତକ ଉକୁଆ ପରା ଯେ । ୩୩ । ସୁଗ୍ରୀବାଡ଼ମ୍ବର ସମୀପେ ରହି । ଅଙ୍ଗଦ ଶରଣ ନ ଲଭି କାହିଁ । ବାଳୀର ବାହୁଛାୟାକୁ ଭଜଇ । ଭଜିଲ ନାହିଁ ତ ଭଲ ମଜିଲ ସେ । ମଣି ଥିବାରୁ ବହୁତ ଯେ । ତାରାସୁତର ସାନ୍ନିଧ୍ୟବଶୁଁ ତାର ଗୁଣ ତ ଅପରିମିତ ଯେ । ୩୪ । ଜେମାମଣି ମଣିବନ୍ଧରେ ଆଳୀ । ଖଞ୍ଜିଲେ ତଗା ଖଞ୍ଜି କଡ଼ିଆଳୀ । ସମୀପେ ସିଅଙ୍କାଠୁ ଦେଲେ ପାଞ୍ଚି । ନବରତନ ସେବତୀ ପହଞ୍ଚି ସେ ।

---

ସୁନ୍ଦର ରୂପସମୂହ ଥିବା । ୩୦ । କୁଲକ—ଏକପ୍ରକାର ଦଣ୍ଡି, ବେଢ଼—ଗୃହପାଖରେ ବେଷ୍ଟନ; ପଦ୍ମକୁରୁବନ୍ଦ—ଏକପ୍ରକାର ପଦ୍ମରାଗମଣି; ଚଞ୍ଚୁପୁଟ—ଥଣ୍ଟ; ସୁନାକୀର—ସୁନାଶୁଆ; ଲବଳୀଫଳ—ନରକୋଳି; ପିନାକୀ—ଶିବ । ୩୧ । ରଜନୀନାଥ-ମୁଖୀ—ଚନ୍ଦ୍ରମୁଖୀ, ନଥ—ନୋଥ (ନାକର ଅଳଙ୍କାରବିଶେଷ); ନ ଥର—କମ୍ପ ନାହିଁ ଓ ୯ ଥର, ଖାତର ଦେଲେ—ଦମ୍ଭ ଦେଲେହେଁ; ପଥରମ୍ୟକାରୀ··· ବାଠରୁ ସୁନ୍ଦର କରୁଥିବା ତାହାର ପାଦପଦ୍ମର ମୁଁ ଅଧୀନ ଅର୍ଥାତ୍ ସେ ଚାହିଁଲେ ମୁଁ ହଲିବି । ୩୨ । ଉରୋଜ—କୁଚ, ସ୍ୱୟମ୍ଭୁ ଶମ୍ଭୁ—ସ୍ୱଭାବଜାତ ଶିବ, ମାଳି—ହାର ଓ ମାଳୀଜାତୀୟ ସେବକ, କଣ୍ଠକମ୍ବୁ—କଣ୍ଠରୂପ ଶଙ୍ଖ । ୩୩ । ରାଇକା—କାଞ୍ଚୁଲି, କୁସୁମ୍ଭଦ୍ରବ—କୁସୁମ ଫୁଲ ବର୍ଣ୍ଣର ତରଳ ରଙ୍ଗ । ୩୪ । ସୁଗ୍ରୀବା-ଡ଼ମ୍ବର—ସୁନ୍ଦର ଗ୍ରୀବାଦେଶର ଶୋଭା, କପିରାଜ ସୁଗ୍ରୀବର ଐଶ୍ୱର୍ଯ୍ୟ; ଅଙ୍ଗଦ—ବଳୟ ଓ ତାରାପୁତ୍ର, ବାଳୀ—ଚନ୍ଦ୍ରକଳା ଓ କପିରାଜ ବାଳୀ,

ହେଲା ଶୋଭା ଅଙ୍ଗକୋଚ ଯେ । ପଞ୍ଚସଂଖ୍ୟକରେ ଖଞ୍ଜିଲେ ସୁସଞ୍ଚ-ଇନ୍ଦ୍ରନୀଳମଣି କାଚ ଯେ । ୩୫ । ଭାବିନୀଭୁଜ ଭାର ହେବା ଡରୁ । ଭୁଜଭୂଷଣ ନ ଖଞ୍ଜିଲେ ଭୀରୁ । କୁଞ୍ଜରଗମନା କେବଳ ବଳେ । କଞ୍ଜ ମଞ୍ଜୁଳ ଗୁଞ୍ଜର ଯୁଗଳେ ସେ । ମଣ୍ଡିଲା କାଚ ଅନ୍ତକ ଯେ । କାଦମ୍ବିନୀକ ମୋହି ବନ୍ଦୀ ହେଲା ତହିଁ ସଉଦର୍ଯ୍ୟସାରଯାକ ଯେ । ୩୬ । ଅଙ୍ଗୁଳି କଳିକା ନଖାଗ୍ର ଶିଖା । ସୁନ୍ଦର ଭାବ ଶୁଚିରସ ଝର । ଦଶଧାର ହୋଇ ପଡ଼ିବ ବହି । ଏହି ଶଙ୍କାରେ କେହି ପ୍ରିୟସଖୀ ଯେ । ମୁଦ୍ର ଦେଲା ଯନ୍ତ୍ର କରି ଯେ । ହେଲା କୁସୁମିତ ପଞ୍ଚଶାଖାଯୁତ ମନ୍ଦାରପଲ୍ଲବ ପରି ଯେ । ୩୭ । ଯା ନିକଟେ ହଂସ କରୁଛୁ ଲୀଳା । ସେ ଚରଣ ଶୋଣକଞ୍ଜେ କେ ବାଳା । ମଞ୍ଜୁରବ ଶୁଣି ହେବାକୁ ସୁଖୀ । ମଞ୍ଜୀରଯୋଗେ ପୂତ କରି ଅଖି ଯେ । ରଚିଲା ବଙ୍କିଆ ଲଗି ଯେ । ସୁରମହୀମଳୟଜ ଲତାମୂଳ ଭଜିଲା କି ବିଜଭୋଗୀ ଯେ । ୩୮ । ତ୍ରିଗୁଣ କଙ୍କିଣୀ ଖଞ୍ଜି ପଉଞ୍ଜୀ । ଦେଇ ସେ ଖଞ୍ଜରୀଟ-ନେତ୍ରା ଖଞ୍ଜି । ଝୁଣ୍ଟିଆ ପ୍ରମୁଖ ଅଙ୍ଗୁଳିଭୂଷା । ଖଞ୍ଜି ମନେ କଲେ ଏହି ପ୍ରଶଂସା ସେ । ଜଙ୍ଗମ ହେମ ନଳିନ ଯେ । ନିଜ ଜାତି ବ୍ରଜ ଜଣିମାରୁ ଅଜ ଲଭିଲା କନକସ୍ଥାନ ଯେ । ୩୯ । ପଙ୍କଜାକୃତି ହେମପାତ୍ରେ ଦଳି । ଯାବକ ରଖିଥିଲ ଯେଉଁ ବାଳୀ । ସ୍ୱକର ମଣ୍ଡି ବାମା ବାମ ପାଦେ । ଦକ୍ଷିଣ ଚରଣ ଗୃହେଁ ପ୍ରମୋଦେ ସେ । ଲଭି ସେ ଭାଜନ ଭ୍ରାନ୍ତି ଯେ । ଅଲେଖ୍ୟଶଳାକା ଗ୍ରହଣେ ବାଳିକା ହସିଦେଲା ମଥା ପୋତି ଯେ । ୪୦ । ଅଳୀ ହସି କରତାଳିକ ଦେଲେ । ଜଣାଇଲେ ଅରେ

---

ତାଡ଼ସୂତ—ଅଙ୍ଗଦ । ୩୫ । ମଣିବନ୍ଧ—କଟଣୀ, ଢିଗା, କଙ୍କଅଳୀ, ସିଅକାଠୁ ନିବିଡ଼ ନିର୍ମିତ ସେବତୀ ଫୁଲ ପରି ପଦାର୍ଥ ( ପଇଁଆଖଡ଼ୁ )—ଏଗୁଡ଼ିକ ହସ୍ତାଳଙ୍କାର; ସୁସଞ୍ଚ—ସୁନ୍ଦର । ୩୬ । ଭାବିନୀ—ଯୁବତୀ ( ଚନ୍ଦ୍ରକଳା ), ଭୁଜ-ଭୂଷଣ—ବାହୁ ଅଳଙ୍କାର, ବଳେ—ନିଜ ଇଚ୍ଛାରେ, କଞ୍ଜମଞ୍ଜୁଳ—ପଦ୍ମପରି ସୁନ୍ଦର, ଗୁଞ୍ଜର ଯୁଗଳ—ଗୁଞ୍ଜର ଖଡ଼ୁ ଦିଓଟି, କାଦମ୍ବିନୀ—ଭୟରେ ପଳାୟିତ । ୩୮ । ହଂସ—ହଂସକ, ମଲ; ଚରଣଶୋଣକଞ୍ଜେ—ପାଦରୂପ ରକ୍ତପଦ୍ମରେ; ମଞ୍ଜୀର—ନୂପୁର, ବଙ୍କିଆ—ପାଦାଳଙ୍କାରବିଶେଷ, ସୁରମହୀ—ସ୍ୱର୍ଗ, ମଳୟଜ-ଲତା—ଚନ୍ଦନଲତା, ବିଜଭୋଗୀ—ସର୍ପରାଜ ବାସୁକି । ୩୯ । ତ୍ରିଗୁଣକଙ୍କିଣୀ—ତିନିଗୁଣିଆଁ ଘାଗୁଡ଼ିଲଗା ଅଣ୍ଟାର ଅଳଙ୍କାର, ପଉଞ୍ଜୀ—ପଇଞ୍ଚ ନାମକ ଅଳଙ୍କାର, ଜଙ୍ଗମହେମନଳିନ—ଚଳନ୍ତା ସ୍ୱର୍ଣ୍ଣପଦ୍ମ ( ଚନ୍ଦ୍ରକଳାର ପାଦ ) । ୪୦ । ଯେଉଁ ସଖୀ ପଦ୍ମାକୃତି ସୁନା ପାତ୍ରରେ ଅଳତା ରସ ରଖିଥିଲା,

ବିବର୍ଣ୍ଣିନ । ସମ୍ପାଦରୁ ଭଲି ଲାବଣ୍ୟଭୂତ । ଭରମି ନ ଯିବ କାହାର ମତ ଯେ । ଏହାର କି ଦୋଷ ହେଲା ଯେ । କାହାର କରିବ କଞ୍ଜସୁତ ଉତେ ଯାହାର ସୁକୃତ ଭଲା ରେ । ୪୧ । ଏ କଉତୁକ ରସ ବରଷାରେ । ପଡ଼ି କେ କାହା ଉପରେ ରସାରେ । ପଡ଼ି ସତ୍ୟ ଲାକ୍ଷା ପାଣି ରସରେ । ଚିତ୍ର ଚାତୁର୍ଯ୍ୟଭର ପ୍ରକାଶରେ । ସାଜିଲେ ପାଦଯୁଗଳୀ ଯେ । ସୁନାବଲ୍ଲରୀ ପଲ୍ଲବ ରଚିଲା କି ସୁରଭି ଶିରୀମଣ୍ଡଳୀ ଯେ । ୪୨ । ଶାଢ଼ୀଲାଗିକି ସଜାଡ଼ି ସମ୍ଭାର । ଉଭା କଲେ ଧରି ଶୁଭାଙ୍ଗୀ କର । ବ୍ରୀଡ଼ା ଲୋଲନେତ୍ର ନୀଡ଼ାରୁ ଜାଣି । ଦୂର ହେଲେ କେତେ କୁରଙ୍ଗେକ୍ଷଣୀ ସେ । ଲାଗି ହେଲା ମେଘାମ୍ବର ଯେ । ସୁମ ଲତିକାରେ ମିନା ଫୁଙ୍କିଲା କି କଉତୁକୀ ବେଦବର ଯେ । ୪୩ । ନୀରନ୍ଧ୍ର ଆନ୍ତ୍ର ଉଜ୍ଜ୍ୱଳରେ ପିନ୍ଧ । ପୁରୁଷାୟିତ ବେଶ ନୀବୀ ବାନ୍ଧ । ପଦାଞ୍ଚଳଚୁମ୍ବୀ ଅଞ୍ଚଳ କୁଞ୍ଚ । ଚଞ୍ଚଳାକ୍ଷୀ କରେ ଭଙ୍ଗୀ ସୁସଞ୍ଚ ସେ । ଖଞ୍ଜିଲେ କମରପଟ୍ଟା ଯେ । କମର ସୁଷମା ଅମରପୁଙ୍ଗବ ସ୍ତୋମର ଧଇର୍ଯ୍ୟପଟ୍ଟା ଯେ । ୪୪ । ବାର ଷୋଳସୋର୍ ଜାଲି ମଞ୍ଜୁଳ । ତ୍ରିଗୁଣ ହେମକଙ୍କଣୀ ବାଗୂଳ । ରସନାଦାମ ତହୁଁ ଦେଲେ ବାନ୍ଧ । ଏହି ଉପମାନ ରହିଲା ରୁନ୍ଧ ସେ । ନୁହଇ ନିତମ୍ବବିମ୍ବ ଯେ । ମଦନ-ବିଜୟୀଡିଣ୍ଡିମଯୁଗଳୀ ହେଲା ମଣ୍ଡନାବଲମ୍ବ ଯେ । ୪୫ । ଯାହା ଲାବଣ୍ୟ ସ୍ୱାଦସୁଧା ଅଶେ । ଦଇବ ଖଞ୍ଜିଛନ୍ତି ରସନାପାଶେ । ସୂକ୍ଷ୍ମ ନେନେ ତହିଁ ଜଗି

---

ସେ ବାମ ପାଦରେ ଅଳତା ଦେଇସାରି ଦକ୍ଷିଣ ପାଦକୁ ଭ୍ରମରେ ସୁନା ଅଳତାପାତ୍ର ଭାବି ତହିଁରେ ଆଲେଖ୍ୟଶଳାକା (ଚିତ୍ର କରୁଥିବା ବା ଅଳତା ଦେଉଥିବା କାଠି ବା ତୂଳୀ) କୁ ବୁଡ଼ାଇବାକୁ ଚେଷ୍ଟା କରିବାରୁ ଚନ୍ଦ୍ରକଳା ମୁଣ୍ଡପୋତି ହସିଦେଲା । ୪୧। ଲାବଣ୍ୟଭୂତ—ସୌନ୍ଦର୍ଯ୍ୟସମ୍ପତ୍ତି, କଞ୍ଜସୁତ—ବ୍ରହ୍ମା, ପ୍ରଜାପତି । ୪୨ । ଏ କୌତୁକରୂପ ରସ (ଜଳ) ବର୍ଷାରେ, ରସା—ପୃଥିବୀ, ସୁନାବଲ୍ଲରୀ—ସ୍ୱର୍ଣ୍ଣଲତା (ଚନ୍ଦ୍ରକଳାର ଦେହ), ପଲ୍ଲବ—(ରକ୍ତବର୍ଣ୍ଣ) ନୂଆପତ୍ର, ସୁରଭିଶିରୀ-ମଣ୍ଡଳୀ—ବସନ୍ତ ଶୋଭାରାଶି । ୪୩ । ସମ୍ଭାର—ଆୟୋଜନ, ଶୁଭାଙ୍ଗୀ—ସୁନ୍ଦରୀ, ବ୍ରୀଡ଼ା—ଲଜ୍ଜା, ମେଘାମ୍ବର—ଏକପ୍ରକାର ଶାଢ଼ୀ, ସୁମଲତିକା···କୌତୁକୀ ବିଧାତା ସୁନାଲତାର ମିନା ଫୁଙ୍କିଲା ଅର୍ଥାତ୍ ରତ୍ନ ବସାଇବା ରୂପ ଶିଳ୍ପଚାତୁରୀ ଦେଖାଇଲା କି ? ୪୪ । ନୀରନ୍ଧ୍ରଆନ୍ତ୍ରଉଜ୍ଜ୍ୱଳରେ—ଠିକ୍ ତେଲିଙ୍ଗା ଢଙ୍ଗରେ । ପୁରୁଷାୟିତ—ବିପରୀତରତି, ନୀବୀ—କଟିବସ୍ତ୍ରର ଗଣ୍ଠି, ସୁସଞ୍ଚ—ଯତ୍ନରେ, କମର—କଟି, ଅମର-ପୁଙ୍ଗବସ୍ତୋମର—ବଡ଼ ବଡ଼ ଦେବତାସମୂହର । ୪୫ । ବାଗୂଳ—ଶବ୍ଦାୟମାନ,

ଥିବାର । ଘେନିଲେ ହେଲା କେଉଁ ଚମତ୍କାର ସେ । ତହୁଁ ସେ ଆସନେ ନେଇ ଯେ । ବିଜେ କରାଇଲେ ସେ ମୃଗଲୋଚନା ତିଳକ ରଚନା ପାଇଁ ଯେ । ୪୬ । ମଞ୍ଜୁଳନୟନ ଖଞ୍ଜନ ଯୁଗେ । ଲାଞ୍ଛୀ ମନୋହର ଅଞ୍ଜନ ଯୋଗେ । ତା ତୋଳାମସୀର ମୟୂଖରେଖା । କର୍ଣ୍ଣାକାଶ ତୁଲେ ହେଲା କି ସଖା ସେ । କି ତା ନେତ୍ର ଦୀର୍ଘ ଭାବ ଯେ । ଲାଞ୍ଛୀବ୍ୟାଜନୀଳ ଦଣ୍ଡରେ ମାପିଲା ସରସୀରୁହସମ୍ଭବ ଯେ । ୪୭ । ବଶିଷ୍ଠାଦ୍ୱୈତ ମତାନୁସାରୀ । ଚଳନ୍ତେ ସୁନ୍ଦର ସିନ୍ଦୂରଶିରୀ । ସୁର୍ଭାନୁରଦ ବ୍ରଣରେଖା ପାଇ । ଦରେ ପୂର୍ଣ୍ଣ ସୁଧାକର ପଳାଇ ସେ । କେଶ ଜଳଦ ଗହନେ ଯେ । ହେବାରୁ ପ୍ରବେଶ ଅର୍ଦ୍ଧଅଙ୍ଗ ଦେଶ ଦଶେ କି ପ୍ରତୀତ ମନେ ଯେ । ୪୮ । ନିମିଣିଲେ ବିନ୍ଦୁ କସ୍ତୁରୀ ବୋଳେ । ଚନ୍ଦନ ନିତ ମଲ୍ଲୀ ତାହା ତୁଲେ । ଲେଖିଲେ କୁରଙ୍ଗମଦ ଅଖିଆ । ଦେଖିବା ଜନ ବିବେଚନାଖିଆ ସେ । ରଦବାସେ ମସୀମାଛ୍ଛ ଯେ । ଶବ୍ଦୁଙ୍କେ ମକରୀ ରୂପକ ମକରୀ ଯୋଗାଉଲେ ହାର ବାଛୁ ଯେ । ୪୯ । ସ୍ଥୁଳ ମୁକୁତା ଘନସାରମାଳୀ । ଗହବ ଗୁନ୍ଥା ଛୁଟ ପୁଷ୍ପପାଳୀ । ଚନ୍ଦ୍ରହାର ତୁଲେ ରାଜନ୍ତେ ମିଶି । ହିଗୁଣମୟୀ ଅବିଦ୍ୟା ସଦୃଶୀ ଯେ । ବିଦ୍ୟାନିଧି ଅଭ୍ରସିଲା ଯେ । ଅଂସ ଚୁମ୍ବିବାର ଇଚ୍ଛା ଗର୍ଭର ମଧ୍ୟେ କେ ହରି ଗୋପିଲା ଯେ । ୫୦ । ଗର୍ଭ ନୋହେ କି ସେ ବାଳା

---

ରସନାଦାମ—ଚନ୍ଦ୍ରହାର, ବିଙ୍କସୂକ୍ଷ୍ମଶ୍ରିମ—କସ୍ତି ତକ୍‌କା ।୪୬। ଯାହା ଲାବଣ୍ୟ... ଯେଉଁ ଗୁପ୍ତଅଙ୍ଗର ସ୍ୱାଦରୂପ ଅମୃତ ଆଶାରେ ବିଧାତା ରସନା ( ଚନ୍ଦ୍ରହାର ଓ ଜିହ୍ୱା)କୁ ତା ନିକଟରେ ଖଞ୍ଜିଛି, ସୂକ୍ଷ୍ମନେତ୍ର—ତୀକ୍ଷ୍ଣ ଚକ୍ଷୁ ଅଥଚ ସରୁ ବସ୍ତ୍ରଖଣ୍ଡ । ୪୭ । ତୋଳାସମୀର ମୟୂରରେଖା—ଆଖିତୋଳାର କାଳିମାର ଜ୍ୟୋତିରେଖା; ଲାଞ୍ଛୀବ୍ୟାଜନୀଳଦଣ୍ଡ—ଲାଞ୍ଛୀରୂପ କପଟ ନୀଳଯଷ୍ଟି, ସରସୀରୁହସମ୍ଭବ—ବ୍ରହ୍ମା । ୪୮ । ବଶିଷ୍ଠାଦ୍ୱୈତମତାନୁସାରୀ—ବେଦାନ୍ତବାଦୀ ଶ୍ରୀ ବୈଷ୍ଣବଙ୍କପରି (ଶ୍ରୀବୈଷ୍ଣବ-ମାନେ ଭାଲଦେଶରେ ସିନ୍ଦୁର ତିଳକ କରନ୍ତି ) । ସ୍ୱର୍ଭାନୁରଦ...ସକ୍ଷଦନ୍ତର ଅଘାତଜନିତ ରକ୍ତବର୍ଣ୍ଣ ଗାର ଦେଖି ପୂର୍ଣ୍ଣଚନ୍ଦ୍ର ପଳାଇ ଯାଇ କେଶରୂପ ମେଘ-ଗହନରେ ପଶିଗଲା କି ? ମସ୍ତକରେ ଘେନିଥିବା ଅର୍ଦ୍ଧଚନ୍ଦ୍ରାକୃତି ସ୍ୱର୍ଣ୍ଣାଲଙ୍କାର ସେହି ଲୁଚିଥିବା ଚନ୍ଦ୍ରର ଅର୍ଦ୍ଧଅଙ୍ଗ ପରି ।୪୯। କସ୍ତୁରୀବୋଳେ—କସ୍ତୁରୀରସରେ, ଚନ୍ଦନ...ତା ସଙ୍ଗରେ ଚନ୍ଦନବିନ୍ଦୁ ଓ ନିତ ମଲ୍ଲୀବିନ୍ଦୁ ଦେଲେ । କୁରଙ୍ଗମଦ—ମୃଗମଦ ବା କସ୍ତୁରୀ, ଅଖିଆ—ଅର୍ଦ୍ଧଚନ୍ଦ୍ରାକୃତିରେଖା, ରଦବାସ—ଅଧର, ମସୀମାଛ—କସ୍ତୁରୀରେ ମତ୍ସ୍ୟମାଛ । ମକରୀ ରୂପକ ମକରୀ—ମାଇ ମଗର ପରି ମକରିକା ରଚନା । ୫୦ । ଘନସାରମାଳୀ—କର୍ପୂରମାଳା, ଛୁଟପୁଷ୍ପପାଳୀ—ଗହିତ

କଟାକ୍ଷ । ସ୍ଥୂଳ ମୃଦୁଳ ପ୍ରଥମ ଲକ୍ଷ । ତହିଁ ଖୁରଳୀ ଯେବେ ହେଉଥିବ । ସୂକ୍ଷ୍ମ କର୍କଶ ଲକ୍ଷ୍ୟ ନ ଭେଦିବ । ବିଧି ବିଚାର କି ଏହା ଟେ । ତୁଳିତ ଶଙ୍କର ଯତୀଶ୍ୱରଙ୍କର ବିତାଇଲା ରକ୍ଷା ଚାହା ଯେ । ୫୧ । ମୋହନବେଶ ନିବଡ଼ିବା ଚାହିଁ । ତାମ୍ବୁଳକରଙ୍କବାହିନୀ କେହି । କର୍ପୂର ବଡ଼ିଆ ବଡ଼ି ଖଟିଲା । ଅନ୍ତର କାନ୍ତି ବାହ୍ୟକୁ ଫୁଟିଲା ଯେ । ଲଗିଲା ମସାଲ ଯୋଡ଼ି ଯେ । ଚାମର ମୟୂର ଟୁଲ ଆଦି ଜମା ହେଲା ନାନାରାଜଛଡ଼ି ଯେ । ୫୨ । ସାୟନ୍ତନ ଦୀପ କଳିକା ଯାକ । ହୋଇଥିଲେ ଯେ ଭୂଲୋକେ ଅନେକ । ଅଦ୍ୱିତୀୟ ମୂର୍ତ୍ତି ହୋଇ କି ମିଶି । ଚଳିଷ୍ଣୁ ହେଲା ସଖୀରୂପେ ଦିଶି ସେ । ଜନନୀ ପୁରକୁ ଗଲା ଯେ । ଘନ ନୀଳକେଶୀଠାରେ କା ନୟନ ମନ ନିମଗ୍ନ ନୋହିଲା ଯେ । ୫୩ । ନରକଚ୍ଛେଦୀ ଶ୍ରୀସ୍ୱ କଣ୍ଠଭୂଷ । ବିଭୂତ୍ୟବଲେପ ବିଭୋ ଧରେଶ । ପନ୍ନଗାଶନଲାଞ୍ଛନ ଶୋଭନ । ପନ୍ନଗ-ଶୟ୍ୟ ପନ୍ନଗମଣ୍ଡନ ହେ । ଦୁହିଙ୍କ ପଦାରବିନ୍ଦ ଯେ । ଭଞ୍ଜ ରାମଚନ୍ଦ୍ର ଦେବ ଗଣେ ଏହା ନେପଥ୍ୟପଥ୍ୟ ଏ ଛନ୍ଦ ଯେ । ୫୪ । କାଞ୍ଚନ-ଦେହାଙ୍କ ମନୋରଞ୍ଜନ । ବଞ୍ଚାଇବ ଯୁବ ନିବହ ଦିନ । ସଞ୍ଚାର କରିବ ଏ ଯାହା ହୃଦେ । ପଞ୍ଚାଶପଞ୍ଚ ପରିମିତ ପଦ୍ୟେ ଯେ । ଘୁଞ୍ଚାଇବ ତା କଦନ ଯେ । ମଞ୍ଚରେ ଭାରତୀ ଦେବୀ ଲଗିବାସ ଅଞ୍ଚଳ ବୋଲି ଏ ଘେନ ହେ । ୫୫ ।

---

ଫୁଲମାଳ, ତ୍ରିଗୁଣମୟୀ..........ସତ୍ତ୍ୱ, ରଜ ଓ ତମୋଗୁଣମୟୀ ଅବିଦ୍ୟା ( ମାୟା ) ପରି । ଅଂସ—କାନ୍ଧ, ଇଠଲାଗଭି—ଅଁଳାଫୁଲ ସଦୃଶ ଜୁଡ଼ା ଯାହାର, ଝରି—ଫୁଲତୋଡ଼ା । ୫୧ । ଖୁରଳୀ—ଅସ୍ତ୍ରକ୍ଷେପଣଶିକ୍ଷାର ଅଭ୍ୟାସ । ୫୩ । ସାୟନ୍ତନଦୀପ.....ସନ୍ଧ୍ୟାବେଳେ ପୃଥିବୀରେ ଜାତ ହୋଇଥିବା କଳିକାକୃତ ଦୀପଶିଖାମାନେ ଏକରୂପରେ ମିଳିତ ହୋଇ ଚନ୍ଦ୍ରକଳାର ସଖୀରୂପ ଧରି ଚଳିଷ୍ଣୁ ( ଗତିଶୀଳ ) ହେଲେ କି ? ୫୪ । ନରକଚ୍ଛେଦୀ—ନରକାସୁରବିନାଶନ, ଶ୍ରୀସ୍ୱକଣ୍ଠଭୂଷ—ଲକ୍ଷ୍ମୀଦେବୀ ଯାହାଙ୍କର କଣ୍ଠର ଭୂଷଣସ୍ୱରୂପ ( ବିଷ୍ଣୁ ), ବିଭୂତ୍ୟବଲେପ—ବିଭୂତିଭୂଷଣ, ଧରେଶ—ଗିରୀଶ ( ଶିବ ), ପନ୍ନଗାଶନଲାଞ୍ଛନ—ଗରୁଡ଼ଧ୍ୱଜ, ପନ୍ନଗଶୟ୍ୟ—ଶେଷଶଯ୍ୟାଶାୟୀ ( ବିଷ୍ଣୁ ), ପନ୍ନଗମଣ୍ଡନ—ସର୍ପଭୂଷଣ ( ଶିବ ), ନେପଥ୍ୟପଥ୍ୟ—ବେଶର ହିତକର ।

## ଦଶମ ଛାନ୍ଦ

### ରାଗ—ବସନ୍ତ

( ବସନ୍ତ ବନବିହାର )

ଅଥ ବିଚକ୍ଷଣେ କ୍ଷଣେ ସାବଧାନେ ଘେନ । କୁସୁମ ସମୟମୟ ହୋଇଲା ଭୁବନ । ହେଲା କ୍ଷଣପ୍ରଭାପ୍ରଭାପରି କ୍ଷଣେ କ୍ଷଣେ । ଶ୍ରୀଅଙ୍ଗ ଜେମାର ମାରମାରଗଣ ଗଣେ ଯେ । ୧ । ଉକ୍ତି ସେ ପରମରମଣୀୟାଙ୍ଗୀ ରାମାଳି । ଏଥିକି ଯତନ ତ ନ କଲେ ନୋହେ ଭାଳି । କହିଲେ ରେ କର କର ବାଜଦନ୍ତି କର । ଧ୍ୱନି ଶୁଣୁଛୁ ତ ଚୂତଶିଖେ ପିକଙ୍କର । ୨ । ଚନ୍ଦନ ପବନ ବନ କଲା ସକମ୍ପନ । ପରାଗଧୂସର ସରଣୀରେ ଚଳେ ଜନ । ଅଶେଷ ରୋଲମ୍ବ ଲମ୍ବ କରି ନିଜ ଶ୍ରେଣୀ । କଲେନି ଗର୍ଜନ ଜନଧୃତିହୃତି ଜାଣି । ୩ । ବିକଚ ବକୁଳକୁଳ ସଙ୍ଗେ ମନ ହାଳି । ବାସ ପ୍ରସାରୁଚ ରୁଚଦାୟିନୀ ନିଅଳି । ଏକାଳ ଭ୍ରମଣ ମଣ ଶ୍ରୀଅଙ୍ଗକୁ ପଥ୍ୟ । ଶୁଣି ବାଳାମଣି ମଣି ମନେ ମହାତଥ୍ୟ । ୪ । ରଖି ପ୍ରମୋଦରେ ଦରେ ରଦବାସେ ହାସ । ଲୋଚନ ଅଞ୍ଚଳ ଚଳେ କଲା ଫରମାସ । ଜାଣି ପରିବାରି ବାରିଜାକ୍ଷୀ ମନୋରଥ । କଲେ ପରିଷ୍କୃତ କୃତକୃତ୍ୟ ହୋଇ ପଥ । ୫ । ବିଜେ ବଡ଼ଭାରୁ ଭାରୁ କେଳିବନ ସରି । ସିଞ୍ଚିଲେ ପନୀର ନିରନ୍ତରେ ବିନ୍ଦୁ କରି । ବିଞ୍ଚିଗଲେ ଘନ ଘନସାର ସାରରଜ । ବିଛାଇଲେ ନବନବମାଳୀ ଦଳବ୍ରଜ । ୬ । ଅଦ୍ୟ ପ୍ରାନ୍ତ କରି କରିଦନ୍ତସ୍ତମ୍ଭ

---

ଦଶମ ଛାନ୍ଦ

୧ । କ୍ଷଣପ୍ରଭା—ବିଜୁଳିତେଜ, ମାରମାର୍ଗଣଗଣେ—କନ୍ଦର୍ପର ଶରସମୂହ ଦ୍ୱାରା । ୨ । ରାମାଳି—ସ୍ତ୍ରୀମାନେ, ଏଥିକି ଭାଳି...ଏହା ଚିନ୍ତା କରି ଯତ୍ନ ଯେ ନ କଲେ ତା ନୁହେ ଅର୍ଥାତ୍ ଯତ୍ନ କଲେ । କରକ—ଜାଳମ୍ବ, କର—(କଳ, ରଳୟୋରଭେଦଃ ) ମଧୁରଧ୍ୱନି । ୩ । ରୋଲମ୍ବ—ଭ୍ରମର, ଜନଧୃତିହୃତି ଜାଣି —ମନୁଷ୍ୟଙ୍କର ଧୈର୍ଯ୍ୟ ଚୋର ହୋଇଥିବା ଜାଣି । ୪ । ବିକଚ—ପ୍ରସ୍ଫୁଟିତ, ରୁଚିଦାୟିନୀ—ପ୍ରୀତିଦାୟିନୀ, ପଥ—ହିତକର । ୫ । ଲୋଚନଅଞ୍ଚଳ— କଟାକ୍ଷ, ଚଳେ—ଛଳନାରେ, କୃତକୃତ୍ୟ—କୃତାର୍ଥ । ୬ । ବିଜେବଡ଼ଭାରୁ —ଚନ୍ଦ୍ରକଳା ଥିବା କୋଠାରୁ, ସରି—ପର୍ଯ୍ୟନ୍ତ, ଘନ ଘନସାର ସାରରଜ— ବହଳ କର୍ପୂରସାରର ଧୂଳି, ନବ......ନୂଆ କଅଳି ଫୁଲର ପାଖୁଡ଼ାସବୁ ।

ପୋତ । ହାଣି ଚନ୍ଦ୍ରାତପ ତପନକୁ ଗାଢ଼ ଭୀତ । ଅଡ଼ଣୀ ଚୁମର ମରକତ
ପିକଦାନୀ । ମୁଠାରେ ଭରମରମଣୀୟ ମୁଠା ଘେନ । ୭ । ଅମୂଲ୍ୟ
ଶୁକସଙ୍କାଶ ମୁଖବାସ ହସ୍ତ । ପ୍ରମୋଦବଶରୁ ସବୁ ମର୍ଦ୍ଦଳ ଖଞ୍ଜଣୀ । ତାହାର
ଶ୍ରୀକର କରବାଳ ଗଣ୍ଡାଢାଲ । ବିଭାବରୀକର କରମାଳଅ ଚପଳ । ୮ ।
ରତ୍ନଅବକଳ କଳଧୌତ ଛଡ଼ି ଧର । ବେଷ୍ଟିଲେ କଙ୍କଣୀ କରଗମନାକୁ
ଘେର । ଚୁହିଁ ସଖୀ ଲେଖା ଲେଖା କନ୍ୟା ସ୍ୱରୂପାର । ସାଜିଲେ ଗୁଲ୍ଲାଲ
ଲାଲ ରଜର ସମ୍ଭାର । ୯ । ଭଡ଼ି ଅବଲଗ୍ନ ଲଗ୍ନ ଚୂଳୁ ଚେଲାଞ୍ଚଳେ ।
ବାନ୍ଧିଲେ ଅଙ୍ଗର ବୀରବେଶ କୁତୂହଳେ । ଗାଢ଼ ଭୁଜଭର ଭରମାଙ୍ଗୀ
ବୟୋମଦେ । ହସି ଉଭା ହେଲ ହେଲ ପ୍ରକାଶି ପ୍ରମୋଦେ । ୧୦ । ମହୀ-
ଦୁଃଖାପହ ପହଣ୍ଡରେ ରଙ୍ଗି ଠାକ । ଗଲ ଆହା ବଜେ ବଜେ ମଣିମା ଏ
ଡାକ । ଶ୍ରୀହସ୍ତ ସିତାର ତାର ଧଇଲ କେ ସହି । ବବାଦକୁ ଡାକ ଡାକ
ବଜାଇଲେ କେହି । ୧୧ । ଧଇଲ ଖଞ୍ଜଣୀ ଜସି ତକଅମଣ୍ଡିତା । ନରେନ୍ଦ୍ର-
ତନୟା ନୟାଗମସୁପଣ୍ଡିତା । ଅନନ୍ଦଅମଳ ମଲ୍ଲବେଶାକୁ ଧାଇଲ ।
ମଦଦ୍ୱିରଦର ଦର ରଙ୍ଗି ବାହାରିଲ । ୧୨ । ଅଳଙ୍କୃତ ହୁଣ ହୁଣ ନାଦେ
ପଥ ଭର । ବଜେ କଲ ରଣରଣ ସମରକୁ ପର । ସରସ ସାହସ ହସ
ପ୍ରକାଶି ଜଗତ । କଲ ବିଶାରଦା ରଦାଂଶୁରେ ଧବଳିତ । ୧୩ । କର
ପରବେଶ ବେଶବତୀ ହୃଷ୍ଟ ମନେ । ଚୁହିଁ ମଧୁରମାର ମାଧୁର୍ଯ୍ୟ କେଳି

---

୭ । କରୀଦନ୍ତସ୍ତମ୍ଭ—ହାତୀଦାନ୍ତର ଖୁମ୍ବ, ଭର୍ମ ରମଣୀୟ—ସୁନାଦ୍ୱାରା ସୁନ୍ଦର, ମୁଠା
—ଏକପ୍ରକାର ଚାମର । ୮ । ଶୁକସଙ୍କାଶ—ଶୁଆ ଆକୃତିବଶିଷ୍ଟ, ଖଞ୍ଜସୀ—ଖଞ୍ଜଣୀ,
ତାହାର ଶ୍ରୀକର...ତାହାର ନିଜ ବ୍ୟବହୃତ କରବାଳ (ଖଣ୍ଡା), ଗଣ୍ଡାଚମରେ
ତିଆର ଢାଲ, ବିଭାବରୀକରମାଳଅ—ଚନ୍ଦ୍ରକିରଣ ପରି ଶୁକ୍ଳ, ଚପଳ—
ପତାକା । ୯ । ରତ୍ନବରଳ—ଅଳଙ୍କୃତ ରତ୍ନରେ ଗଢ଼ା, କଳଧୌତଛଡ଼—ସୁନା
ବାଡ଼, ଲେଖାକନ୍ୟାସ୍ୱରୂପାର ଲେଖା ଚୁହିଁ—ଦେବକନ୍ୟାରୂପିଣୀଙ୍କ ପଂକ୍ତିକୁ
ଦେଖି, ଗୁଲ୍ଲାଲ—ଫଗୁ । ୧୦ । ଅବଲଗ୍ନ—କଟିଦେଶ, ଅଣ୍ଟା; ଭଡ଼—
ଦୃଢ଼ଭାବରେ, ଚେଲାଞ୍ଚଳେ—ଲୁଗାପଣନ୍ତକାନିରେ, ଭରମାଙ୍ଗୀ—ସ୍ୱର୍ଣ୍ଣବର୍ଣ୍ଣା,
ବୟୋମଦେ—ଯୌବନଗର୍ବରେ । ୧୧ । ମହୀଦୁଃଖାପହ—ପୃଥିବୀର ଦୁଃଖ-
ଦୂରକାରୀ ( ପହଣ୍ଡ ), ତାର ( ଚନ୍ଦ୍ରକଳାର ) ଶ୍ରୀହସ୍ତ ସିତାରକୁ କେ ଧଇଲା ।
୧୨ । ଜସିତକଅ...କସିଲଗା ଗଦ ଥିବା ଖଞ୍ଜଣୀ, ନୟାଗମସୁପଣ୍ଡିତା—ନୀତି-
ଶାସ୍ତ୍ରପଣ୍ଡିତା; ଅନନ୍ଦଅମଳ—ଆନନ୍ଦରୂପ ନିଶା, ମଦଦ୍ୱିରଦର ଦର ରଙ୍ଗି—
ମତ୍ତହସ୍ତୀର ଭୟ ଜାତ କରାଇ । ୧୩ । ଅଳଙ୍କୃତ—ଅଳଙ୍କାର, ରଣରଣସମର
—କନ୍ଦର୍ପସହ ଯୁଦ୍ଧ, ରଦାଂଶୁ—ଦନ୍ତର କିରଣ । ୧୪ । ମଧୁ ରମାର—ବସନ୍ତ

ବନେ । କୁସୁମଲବନେ ବନେ ବିହରିବା ଶକ୍ତି । ବିହିଲଇଁ ସାର ସାର ମଣ୍ଡଳ ବିଭୂତି । ୧୪ । ହୃଦୟ ଆକୁତକୁ ତରଳାକ୍ଷୀର ଜାଣି । ତୋଳିଲେ କୁସୁମ ସୁମଧୁରାଧରା ଶ୍ରେଣୀ । କେମାସଖୀବ୍ରଜ ବ୍ରଜଦେବୀଙ୍କ ତତ୍ପରେ । ପରିହାସ ରସର ସଞ୍ଚାର କରାଇଲେ । ୧୫ । ପୁନ୍ନାଗଭୂରୁହରୁ ହରିଣ-ନେତ୍ରା ଜଣେ । ତୋଳନ୍ତେ ପ୍ରସୁନ ସୁନୟନା କେହି ଭଣେ । ପୁରୁଷ ଏ ତରୁ ତରୁଣୀ ରେ ତତେ ଜଣା । ଫୁଟିଛି ଏ ଦେଖି ଦେଖିଲୁ କି ମନେ ଊଣା । ୧୬ । ଯେତେ ଲଟି ସାର ସାର ହେଲେହେଁ ତାହାର । ପୁନ୍ନାଗେ ଭରସି ରସିବାର ଅସୁନ୍ଦର । ସେ ବୋଲେ ରେ ସହି ସହି ପାରିବ ନାହିଁଟି । ପାଖେ ଛୁରିଅନା ଅନା କଣ୍ଠୀରବକଟୀ । ୧୭ । ତହୁଁ ସୁଧୀରା କେ ରାକେ-ଶ୍ୱରମୁଖୀ କହେ । ତୁ ଜଗତୀଭୂଷା ଭୂଷା ଚମତ୍କାର ନୋହେ । କେହି ପୁଣି କର କରବୀରକୁ ବଢ଼ାନ୍ତେ । କେ ବରାରୋହା ମହାସେ ରସି ବୋଲେ ଏତେ । ୧୮ । କଲ୍ପି ତ ନାକର କରବୀରେ ଖେଳିବାର । ମଧରେ ଅବୀର ବିରଚିବା କି ପ୍ରକାର । ·ତୋଳନ୍ତେ କଂକେଲି କେଳିରତା କେ ଛଇଳା । ତାର ସମୁକୁଳକୁଳଶାଖାକୁ ଧଇଲା । ୧୯ । ପଛରୁ କେ ଯାଇ ଜାଇମୃଦୁଦେହା ଗେଲେ । ଭଞ୍ଜିଲା ତା କୁଚକୁ ଚତୁରା ଛାଡ଼ ତୁଳେ । ସେ ଭାଷିଲା ଅଳି ଅଲିଙ୍ଗନ୍ତୁ ଦାଅ ଛାଡ଼ି । ମୁକୁଳବତୀ ରତିରସରେ ଅଛି ବୁଡ଼ି । ୨୦ । ମୃଦୁବାତେ ମଧୁ ମଧୁ

---

ଲକ୍ଷ୍ମୀର, କୁସୁମଲବନ—ଫୁଲ ତୋଳିବା, ସାରମଣ୍ଡଳବିଭୂତି—ସମଗ୍ର ପୃଥିବୀର ଐଶ୍ୱର୍ଯ୍ୟ, ସାର ବିହିଲେ—ଶ୍ରେଷ୍ଠ କର୍ମ ବିଧାନ କଲେ । ୧୫ । ହୃଦୟ ଆକୂତ—ମନର ଭାବ । ସୁମଧୁରାଧରା—ମନୋହର ଅଧରଧାରିଣୀ, ବ୍ରଜଦେବୀଙ୍କ ତତ୍ପରେ—ଗୋପୀମାନଙ୍କ ପରି ।୧୬। ପୁନ୍ନାଗଭୂରୁହ—ପୋଲଙ୍ଗଗଛ ଓ ପୁରୁଷଶ୍ରେଷ୍ଠ, ପୁରୁଷ ...ପୁରୁଷରୂପ ପୋଲଙ୍ଗଗଛ ଫୁଟିଛି ଅର୍ଥାତ୍ 'ପୁଷ୍ପବତୀ' ହୋଇଛି, ଏହା ଦେଖି ତୋ ମନ ଊଣା ହେଲା କି ? ୧୭ । ଯେତେ ଲଟି...ତାହାର ପୁଷ୍ପ ଯେତେ ଉତ୍କୃଷ୍ଟ ହେଲେହେଁ, ପୁନ୍ନାଗ—ପୋଲଙ୍ଗ ଓ ପୁରୁଷ ହାତୀ । ୧୮ । ରାକେଶ୍ୱରମୁଖୀ—ପୂର୍ଣ୍ଣଚନ୍ଦ୍ରବଦନା, କରବୀର—ଏକପ୍ରକାର ଫେଣ୍ଟାଫୁଲ ( କନିଅର ନୁହେଁ ) । ୧୯ । କଳ୍ପିତ—ବୀରସଙ୍ଗେ ଖେଳିବାକୁ ନାକର (ନଖଯୁକ୍ତ)କର କଳ୍ପି (ହାତଦେଇ), ଅବୀର—ଫଗୁ, ଯେ ବୀର ନୁହେ । କଂକେଲି—ଅଶୋକ, ସମୁକୁଳକୁଳଶାଖା—କଢ଼ ହୋଇଥିବା ନକ୍ଷବର୍ତ୍ତୀ ଡାଳ । ୨୦ । ଜାଇ ମୃଦୁଦେହା—ଜାଈଫୁଲ ପରି କୋମଳ ଦେହ ଯାହାର । ମୁକୁଳବତୀ—କ୍ଷୁଦ୍ର କୁଚଯୁକ୍ତା, ତେଣୁ ପୁଷ୍ପବତୀ ହୋଇ ନ ଥିଲେହେଁ ରତିନିପୁଣା ଅଟେ, ଅଥଚ ଫୁଲ ନ ଧରି ଅଶୋକ ମୁକୁଳ ଧରି

ଅଙ୍ଗେ ପକାଇଲ୍ଲ । ଚମକ୍କି କେ ବାଧୂ ବଧୂଲିକି ଭକାଇଲ୍ଲ । କେ ବାମା-
ବର ସେ ରସେ ବୋଇଲ୍ଲ ତହିଁକି । ମୋର ପ୍ରାଣବନ୍ଧୁ ବନ୍ଧୁକରେ
ପଡ଼ିଲୁ କି । ୨୧ । ସୁମନ୍ଦାରବ୍ରଜ ବ୍ରଜ କର କେ ନାଗରୀ । ଜଳପିଲ୍ଲ ମଦେ
ମଦେଭେନ୍ଦ୍ରଗଞ୍ଜ କର । ଦେଖ ଭୋଗ କରେଁ କରେ ସୁବରଜବାଳୀ ।
କୃଷ୍ଣଠି ମୁଁ ମାନ ମାନବୀଏ ଧର୍ମପାଳି । ୨୨ । ଧର ସିନ୍ଧୁବାରବାର କରେ-
ଦରେ ଗେଲେ । ଜିଣିଲି କୁମ୍ଭଜ ଭଜ ମୋତେ ଲୋକେ ବୋଲେ ।
ନାଗିଣୀ ପାଖରେ ଖରେ ଗୁହିଁ ବିଚକିଳ । ବିହ୍ୱଳ କେ ମଲ୍ଲୀ ମଲ୍ଲୀ ବୋଲି
କୋଳାହଳ । ୨୩ । ଢେନା ନାଗେଶ୍ୱର ସ୍ୱର ରଚି କେ ସେପର ।
କାଳୀଦଳନର ନରତନକୁ ଅଚର । ବୋଲେ ମତେ ବହୁ ବହୁମାନ କର
ରଖ । ମୁଁ ଜାଙ୍ଗଳିକଠି କେଠୀ ଭଙ୍ଗି ନାଚେଁ ଦେଖ । ୨୪ । ଜାଣେ
ଅଶୀବିଷ ବିଷହର ନାମ ଗଦ । ରବିସୁତାସର ସରସିଜ ତୋଳା ପଦ ।
ତୋଳୁଁ କଢ଼ୀକୁନ୍ଦ କୁନ୍ଦନାଙ୍ଗୀ କେହୁ ସ୍ନେହେ । କେଉଁ କଳାବତୀ
ବଡଶାର୍ଦ୍ଧବୟୀ କହେ । କରେ ସଙ୍ଗ ଅଜ ଅଜନମ ସ୍ନେହତଳେ । ମାନସେ
ନ କଳି କଳି ଲୋଡ଼ୁରୁ ତ ବଳେ । ଧରୁ କେ ଶୁଭାଙ୍ଗୀ ଭଙ୍ଗି ସେବତୀରୁ
ଡାଳେ । ହସି କେ ଅବଳା ବଳାହକକେଶା ଛଳେ । ୨୬ । ଏ ପାରିବା-

---

ଥିଲେହେଁ ଖେଳ ଜାଣେ । ୨୧ । ମଧୁ—ବସନ୍ତକାଳ, ମଧୁ—ପୁଷ୍ପରସ, ବଧୂଲି—
ବନ୍ଧୁକ ଫୁଲ, ସାତଘଡ଼ିଆ ଫୁଲ; ରସେ—କୌତୁକରେ, ପ୍ରାଣବନ୍ଧୁ—
( ସମ୍ବୋଧନ ), ବନ୍ଧୁକରେ—ମୋ ସ୍ୱାମୀ ହାତରେ ଅଥଚ ବନ୍ଧୁକ (ବଧୂଲି)
ଫୁଲରେ । ୨୨ । ସୁମନ୍ଦାରବ୍ରଜ—ସୁନ୍ଦର ମନ୍ଦାର ଫୁଲମାନଙ୍କୁ, ବ୍ରଜ କର
—ତୋଳ, ମଦେଭେନ୍ଦ୍ର—ମତ୍ତହସ୍ତୀ, ସୁବରଜବାଳୀ—ସତ୍ୟଭାମା, କରେ—
ସୁଖରେ ( ସତ୍ୟଭାମାଙ୍କ ପାଇଁ କୃଷ୍ଣ ସ୍ୱର୍ଗରୁ ମନ୍ଦାରଫୁଲ ଆଣିଥିଲେ ) ।
୨୩ । ସିନ୍ଧୁବାର—ବେଗୁନିଆ ଫୁଲ, ବାର—ସମୂହ, କରେଦରେ—ହାତମୁଠା
ଭିତରେ, କୁମ୍ଭଜ—ଅଗସ୍ତ୍ୟ ଋଷି (ଅଗସ୍ତ୍ୟ ଗୋଟିଏ ସମୁଦ୍ରକୁ ଚକ୍ଷୁ କରିଥିଲେ,
ମାତ୍ର ମୁଁ ବାର ବାର (ଦ୍ୱାଦଶସଂଖ୍ୟକ) ସିନ୍ଧୁକୁ ହାତମୁଠାରେ ଧରିଲି) । ନାଗିଣୀ
—ଏକଜାତୀୟ ମଲ୍ଲୀଫୁଲ, ବିଚକିଳ—ଅନ୍ୟ ଜାତୀୟ ମଲ୍ଲୀଫୁଲ, ମଲ୍ଲୀମଲ୍ଲୀ—
ମଲ୍ଲୀଫୁଲ, ମଲ୍ଲୀଫୁଲ ଅଥଚ ମରିଗଲି ମରିଗଲି । ୨୪ । ନାଗେଶ୍ୱର—ନାଗେଶ୍ୱର
ଫୁଲ ଓ ସାପୁଆଙ୍କ ବାଜା, ନରତନ—ନର୍ତ୍ତନ, ନୃତ୍ୟ; ଜାଙ୍ଗଳିକ—ସାପୁଆକେଳା ।
୨୫ । ଅଶୀବିଷ—ସର୍ପ, ବିଷହର ନାମକ ଗଦ । ରବିସୁତାସର—ଯମୁନା ନଦୀ,
ସରସିଜତୋଳାପଦ—ପଦ୍ମତୋଳା ପଦ, କଢ଼ୀକୁନ୍ଦ—କୁନ୍ଦଫୁଲର କଢ଼ିକୁ,
ବଡଶାର୍ଦ୍ଧବୟୀ—ଷୋଳବୟସୀ । ୨୬ । କଳି—କଳିକା ବା କଢ଼ି ଅଥଚ କଳହ ।

ପଣ ପଣସଂଖ୍ୟ ଜନେ ଥିବ । ଅଚ୍ଛୁ କି ସଦାନେ ଧାନେ ଲୟାୟୁ ସଭିବ । ତୋଳନ୍ତେ ପାଟଳୀ ଟଳ ଲାଭେ କେ କୁତୁକେ । ତତେ କର୍ଣ୍ଣସମ ସମଜନ୍ତ ପର ଲୋକେ । ୨୭ । ଅର୍ଥୀରେ ଉତ୍ତମତ ମହତ୍ତ୍ୱ ରଖାଇଲୁ । ସହଜ ନାମର ମରଜ ଯା ଦେଖାଇଲୁ । ବୋଇଲ ରଙ୍ଗଣୀ ଗଣି ଗଣି କେଉଁ ବାମା । ନାହିଁ ଧୀରଗଣ ଗଣନାରେ ମୋ ଉପମା । ୨୮ । କଣୋସ୍ତ ଏପର ପରହାସରସେ ହଟି । ଅଛହାସାଧସ୍ତ ଧରହୀରେ ଯାଏ ଲେଟି । ତଦନନ୍ତର ସେ ରସେଙ୍ଗିତଜ୍ଞାରଜାଙ୍କୁ । କାଞ୍ଚନଫରୁଅରୁଅ ପୀନ ଉରଜାଙ୍କୁ । ୨୯ । କୁଚଜତାଚଳା ଚଳାପାଙ୍ଗୀ ସୁଷମାଙ୍କୁ । ସକଳ ଭୁବନ ବନ ସୁରଭିରମାଙ୍କୁ । ସଖୀଏ ବର୍ତ୍ତୁର ଗୃହ ପାଖେ ଗଲେ ଗଲେ । ମନୋହର ବାସ ବାସନ୍ତିକ ବେଶ କଲେ । ୩୦ । କଲେ ଯେ ଯାହାର ହାର ଅଦ ଫୁଲ ଭୂଷା । ପ୍ରଫୁଲ୍ଲ ବ୍ରତତୀତତି ପର ହେଲେ ଯୋଷା । ନବୀନ ପ୍ରବାଳ ବାଳ ଅରୁଣୋଷ୍ଠୀଗଣ । କଲେ ଶ୍ରୁତିପାଶ ପାଶ ପର ବିଭୂଷଣ । ୩୧ । ହସି ବାଳାବର ବରଷିଲ ଫଗୁମୁଷ୍ଟି । ଅହା ରସାଳସା ଲସାଇଲ ଶୋଭିସୃଷ୍ଟି । ଯଥାଟି ମଧୁପୀ ଧୁପି ପିଅଇ ମରନ୍ଦ । ଫେରେ ଲଭି ତାପ ତା ପଂସ୍ତିଗେ ହୋଇ

---

ବଳାହକକେଶା—ଘନକେଶା । ୨୭ । ପାଟଳୀ—ପାଟଳିଫୁଲ, ଟଳ—ହଲ ହଲ, ହେ ପାଟଳ ! ତୋତେ ଲୋକେ କର୍ଣ୍ଣସମ (କାନପର, ପାଟଳୀ ଫୁଲ ସଙ୍ଗେ କାନର ତୁଳନା ହୁଏ ଅଥଚ ଦାତାକର୍ଣ୍ଣ ଭଳି ବୃଝନ୍ତି ପର । ୨୮ । ଅର୍ଥୀରେ ଉତ୍ତମ କର୍ଣ୍ଣ—ଯାଚକମାନଙ୍କ ପ୍ରତି ଉତ୍ତମ ଥିଲେ । ୨୯ । ରସେଙ୍ଗିତଜ୍ଞାରଜାଙ୍କୁ—ଯେଉଁମାନେ ରସର ଇଙ୍ଗିତ (ମନୋଗତ ଭାବ) ବୁଝି ପାରନ୍ତି, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠା । କାଞ୍ଚନଫରୁଅରୁଅ—ସୁନା ଫରୁଅ ପର ଉଠିଥିବା, ପୀନ—ସ୍ଥୂଳ । ୩୦ । କୁଚଜତାଚଳା—କୁଚଦ୍ୱାରା ପର୍ବତକୁ ଜୟକରନ୍ତି । ସକଳ...ସମଗ୍ର ବ୍ରହ୍ମାଣ୍ଡର ଅରଣ୍ୟର ବସନ୍ତଲକ୍ଷ୍ମୀଙ୍କୁ । ମନୋହର-ବାସ ବାସନ୍ତିକ—ମନୋହର ସୌରଭଯୁକ୍ତ ବାସନ୍ତିକ ପୁଷ୍ପରେ ବେଶ କଲେ । ୩୧ । ପ୍ରଫୁଲ୍ଲ-ବ୍ରତତୀତତି—ପ୍ରସ୍ଫୁଟିତ ଲତାସମୂହ । ପ୍ରବାଳ—ନୂଆପନ, ବାଳଅରୁଣୋଷ୍ଠ—ବାଳଅରୁଣ (ସକାଳଅରୁଣ) ପର (ରକ୍ତବର୍ଣ୍ଣ) ଓଷ୍ଠ ଯାହାଙ୍କର । ଶ୍ରୁତିପାଶ—ସୁନ୍ଦର କର୍ଣ୍ଣଦ୍ୱୟକୁ ପାଶପର (କର୍ଣ୍ଣକୁ ଫାଶ ସଙ୍ଗେ ତୁଳନା କରାଯାଏ) । ୩୨ । ବାଳାବର—ଏଠାରେ ଚନ୍ଦ୍ରକଳା, ଲସାଇଲ—ଦବାଇଲା, ପରାସ୍ତ କଲା; ମଧୁପୀ—ଭ୍ରମରୀ, ଧୁପି—ଧାଇଁ ଯାଇଁ, ମରନ୍ଦ—ମକରନ୍ଦ, ତାପ—ଦୁଃଖ ।

ଅଜ । ୩୨ । ମାଣିକ୍ୟଖଣିରୁ ନିରୁପମ ଶିଳ୍ପ କରି । କଲ୍ଲ କି ସେ ଜାତ
ଯାତ ଗୃହିମୁଖଧାତ୍ରୀ । ହିଙ୍ଗୁଳଦ୍ୱୀପର ପର ଦେବତାମଣ୍ଡଳୀ । ଅସି
ସେ ବନୀକି ନିକି ଆରମ୍ଭିଲେ କେଳି । ୩୩ । ଅନୁରାଗ ରସର ସଂକୋଚ
ନ ଥିବାରୁ । ଅଛନ୍ତି କି ବହି ବହିାରନ୍ତରେ ବମ୍ୱୋରୁ । ଗାଇବା ହେତୁରୁ
ଋତୁରାଜ ହୋରିଗୀତ । ତେଜିଲେ କୂଜିତ ଜିତ ହେଲେ ପରଭୃତ । ୩୪ ।
ଜେମା ହାତୀ ମାର ମାର ବୋଲି ଏହା ଡରେ । ବୋଲି କେ କାହାର
ହାର ଅଡ଼ଆ ଧଇଲେ । ଜଣଇ ଚପଳା ପଳାଇବା ବେଳେ କହି ।
ଅଣେ କେ ଅବଳା ବଳାତ୍କାରେ ଧରି ବହି । ୩୫ । ଦକ୍ଷିଣ ମରୁତରୁ ଉ
ଠେଲ ଉଡ଼େ ଦେଖି । ଫିଙ୍ଗେ ଲାଲରଙ୍ଗ ରଜନୀଶବିମ୍ୱମୁଖୀ । ଉଡ଼ନ୍ତେ
ଦୁକୂଳକୁ ଲଜ୍ଜାରେ ସେ ସୁନ୍ଦରୀ । ମାରଇ ମୁଖକୁ ଖକୁ ଉଡ଼ାଇଲା ପରି । ୩୬ ।
ହୋଇ ସବିନୟ ନୟନରେ ଦେଇ ପାଣି । ଫିଙ୍ଗିଲା ତଳକୁ ଲକୁଚକୁଚୀ
ତରୁଣୀ । ସଖୀ ନୀବୀପାଶ ପାଶ ଗଲା ତାର ଦଶି । ଅନଙ୍ଗନିକେତେ
କେତେ ରଙ୍ଗ ଗଲା ମିଶି । ୩୭ । ବରଙ୍ଗ ବରଙ୍ଗ ରଜବତୀଠାକୁ ବୋଲି ।
ଖେଳନ ସାହସୀ ହସି କରେ ଦଏ ପେଲି । ଫଗୁଖେଳ ସରୁ ସରୁମଧ୍ୟମା
ଛଇଲା । ଅତର ପନୀର ନୀର ଖେଳେ ମନ ଦେଲା । ୩୮ । ବିବିଧ
ଅତର ତ ରମଣୀମଣି ତୁଲେ । ସୁନାକଲଶିରେ ଶିରେ ଦାସୀ ବହି-

---

ତା ପରାଗରେ—ତା ରେଣୁରେ । ୩୩ । ନିରୁପମ—ଉପମାରହିତ । ମାଣିକ୍ୟଖଣି
—ରକ୍ତବର୍ଣ୍ଣର ଖଣି, ସେ ଯାହାକୁ ଜାତ କଲା କି ? ଗୃହିମୁଖଧାତ୍ରୀ—ବିଧାତା ।
ହିଙ୍ଗୁଳଦ୍ୱୀପ—ହଂସପାଦ ନାମକ ଗାଢ଼ ରକ୍ତବର୍ଣ୍ଣବିଶିଷ୍ଟ ଦ୍ୱୀପ । ପରଦେବତା
ମଣ୍ଡଳୀ—ଉତ୍କୃଷ୍ଟ ଦେବୀମାନେ, ବନୀ—ଉପବନ । ୩୪ । ଅନୁରାଗରସ—
ସ୍ନେହରସ ( ସ୍ନେହ ରକ୍ତବର୍ଣ୍ଣ ବୋଲି କବିମାନେ ବର୍ଣ୍ଣନା କରନ୍ତି ) । ଅଛନ୍ତି
କି···ରମ୍ଭୋରୁ ସଖୀମାନେ ଭିତରେ ଓ ବାହାରେ ରକ୍ତବର୍ଣ୍ଣ ହୋଇଅଛନ୍ତି କି ?
କୂଜିତ—ପକ୍ଷୀଙ୍କର ମଧୁର ଶବ୍ଦ । ପରଭୃତ—କୋକିଳ । ୩୫ । ଅଡ଼ଆ—ହାତୀ
ପ୍ରଭୃତି ବନ୍ୟଜନ୍ତୁଙ୍କ ନିବାରଣ ପାଇଁ କରାଯିବା ଯଷ୍ଟି ପ୍ରଭୃତିକୁ ଅଡ଼ଆ କହନ୍ତି ।
(ଏଠାରେ ଚନ୍ଦ୍ରକଳା ରୂପ ହାତୁଣୀ ଫଗୁ ମାରୁଥିବାରୁ ତାକୁ ନିବାରଣ କରିବାପାଇଁ
ହାରରୂପ ଅଡ଼ଆକୁ ଧରିଲେ ) । ଚପଳା—ବିଜୁଳି । ୩୬ । ମରୁତରୁ—ପବନ
ହେତୁରୁ । ଲାଲରଙ୍ଗ—ଫଗୁ, ରଜନୀଶବିମ୍ୱମୁଖୀ—ଚନ୍ଦ୍ରମୁଖୀ । ଖକୁ—ଆକାଶକୁ ।
୩୭ । ଲକୁଚ—ଜେଉଠ ଫଳ, ନୀବୀପାଶପାଶ—ପିନ୍ଧାଲୁଗାର ଅଣ୍ଟାପାଖ ଖୋସଣୀ
ପାଖ । ଅନଙ୍ଗନିକେତ—ଗୁପ୍ତଅଙ୍ଗ । ୩୮ । ରଜବତୀ—ପୁଷ୍ପବତୀ । ସରୁମଧ୍ୟମା—

ଥିଲେ । ମଣିମୟ କମ କମନୀୟ ବାଟ୍ଟ ଦେଖି । କରେ ଦେଲା ନଳି ନଳିନାକ୍ଷୀର କେ ସଖୀ । ୩୯ । ଖେଳିଲା ଅଖଞ୍ଜ ଖଞ୍ଜନାକ୍ଷୀ ନାରୀ-ରାଜା । ମଣ୍ଡନଶିଞ୍ଜିତଜାତ ହେଲା ଘନ ବାଜା । ବହିଲା ଅଧରତରଙ୍ଗିଣୀ ସ୍ରୋତ ପରି । ଘେରିଲେ ଭ୍ରମର ମରକତଗୋଳ ସରି । ୪୦ । ଉପବନ ତଳ ତ ଲସଇ ଚନ୍ଦ୍ରୋପଳ । କୁସୁମରଜରେ ଜରେ ଅଧରକଲ୍ଲୋଳ । କାର ଏକପାଖ ପା ଖସିଲେ କେ ହସିଲା । ଦୁଇପଦ ତାର ତାରତମ୍ୟରେ ଖସିଲା । ୪୧ । ପରୀଗଜମ୍ବାଳ ବାଳମୃଗାକ୍ଷୀ କେ ଧରି । ଅଲଗି କ୍ଷେପି ଲେପିଲେ ହସଇ କିଶୋରୀ । କେ କାହା ଉପରେ ପରେ ଭରି ଦେଇ ପଡ଼େ । ଧରି କରତାଳ ତାଳସ୍ତନା ହସି ପଡ଼େ । ୪୨ । ନିଜ ପ୍ରତିବିମ୍ବ ବିମ୍ବଅଧରୀ କେ ଲେଖି । କହେ ଭ୍ରମେ ଅନା ଅନାୟତ୍ତ ହେଲା ସଖୀ । ତୋଳ ଧରିବା କି ବାକି ରହିଯିବ ସିନା । ନୋହେ ଆମ୍ଭ ସମ ସମରଥା ଏ ନୂତନା । ୪୩ । କିରୂପେ ଗୋ ସହି ସହଚରୀ ଏ କି ପ୍ରୀତି । ଶୁଣି ଏ ଭାରତୀ ରତିତୁଲ୍ୟାଏ ହସନ୍ତି । ତନ୍ନଯାମୁଁ ବଳି ବଳଶୋଭିନୀ ଖେଳିଲା । ଅତି ମୃଦୁତନୁ ତ ନୂତନା ଶ୍ରାନ୍ତ ହେଲା । ୪୪ । କୃଶ ମଧ୍ୟମ ତ ମତ୍ତଗଜ ଗମନାର । ଗୃମୀକରଘଟ ଘଟନୀୟ ପୟୋଧର । ଅଙ୍ଗକୁ ଶିରୀଷର ସମତା ନାହିଁ ଯାର । ସେ ହେଲେ ଅଶ୍ରମୀ ଶ୍ରମରତ ଚମତ୍କାର । ୪୫ । କଲା ସୁଗନ୍ଧ ଯତନରେ ଲାଗି ବାସ । ହୋଇଲା ଜବନ ବନରୁହବାସ ଶ୍ୱାସ । ନୟନ ଅଞ୍ଜନ ଜନମୋହନାର ଭଲା । ସ୍ୱେଦରେ ଗାଧୋଇ ଧୋଇ ହୋଇ କି ଛଇଳା । ୪୬ । କଞ୍ଜଜୟୀ ଦୟିଦୟକରକି ବୁଲାଇ । ଜେମାଦେଈ ଦେଇ

---

କ୍ଷୀଣକଟି । ୩୯ । ନଳି—ପିଚକାରୀ ।୪୦। ଅଖଞ୍ଜଖଞ୍ଜନାକ୍ଷୀ—ନିର୍ଦ୍ଦୋଷଖଞ୍ଜନପକ୍ଷୀ ପରି ଚଞ୍ଚଳ ଆଖି ଯାହାର, ମଣ୍ଡନଶିଞ୍ଜିତ—ଅଳଙ୍କାରଧ୍ୱନି, ଘନବାଜା—ଉଚ୍ଚ ସ୍ୱରରେ ବାଜୁଥିବା ବାଦ୍ୟ, ଅଧରତରଙ୍ଗିଣୀ—ଅଧରର ନଈ, ମରକତଗୋଳ ସରି—ମରକତମଣିର ଗୋଲି ପରି । ୪୨ । ଉପବନ···ଚନ୍ଦ୍ରକାନ୍ତମଣିରେ ତିଆରି ହୋଇଥିବା ବଗିଚାର ତଳଦେଶ ଲସଇ (ତଳକୁ ଦବିଗଲା) । ୪୨ । ପରୀଗଜମ୍ବାଳ —ଫଗୁକାଦୁଅ, କ୍ଷେପି—ଫୋପାଡ଼ି, ପରେ—ଅନ୍ୟ ଉପରେ । ୪୩ । ନିଜ ପ୍ରତିବିମ୍ବ—ଚନ୍ଦ୍ରକଳାର ସ୍ୱପ୍ରତିକୃତି, ସଖି ( ଚନ୍ଦ୍ରକଳା ) ଅନାୟତ୍ତ (କ୍ଳାନ୍ତ) ହେଲା । ୪୫ । ମଧ୍ୟମ—କଟିଦେଶ, ଗୃମୀକରଘଟଘଟନୀୟ—ସୁନା ମାଠିଆ ପରି ସୁନ୍ଦର, ଶିରୀଷର ସମତା—କୋମଳ ଶିରୀଷ ଫୁଲର ସାମ୍ୟ, ଶ୍ରମ-ରତ—ପରିଶ୍ରମକ୍ଳାନ୍ତ, ଅଶ୍ରମୀ ହେଲେ—ଅଶ୍ରମ ମଣ୍ଡପରେ ବସିଲେ । ୪୬ । ହୋଇଲା·····ପଦ୍ମଗନ୍ଧବିଶିଷ୍ଟ ନିଶ୍ୱାସ ଶୀଘ୍ର ଶୀଘ୍ର ବହିଲା । କି ଛଇଳା—କି ସୁନ୍ଦର । ୪୭ । କଞ୍ଜଜୟୀ—ପଦ୍ମ ଅପେକ୍ଷା ସୁନ୍ଦର ।

ଅଳି ଅଂସରେ ଗେଲାଇ । ମଧ୍ୟେ ଦେଇ ବାମ ବାମକର ହେଲା ଉଭା । କେ କରିବ ଶେଷ ସେ ସମୟେ ତାର ଶୋଭା । ୪୭ । ମଣ୍ଡାଇ ଗୃଦର ଦରକଣ୍ଠୀ କେ ପଣୀରେ । ପୋଛୁଲା ସୁନ୍ଦର ଦରପଣମୁଖୀ ଧୀରେ । ଅତପ ସକଳ କଳକଣ୍ଠବାଣୀ ଦେହେ । ନ ବାଧିଲା ପର ପରପାଳିବାକୁ ସ୍ନେହେ । ୪୮ । ଧଇଲା କେ ବିଧୁ ବିଧୂନନହାସଦ୍ୟୁତି । ବିଶାଳ ପେଷଳ ସଲକ୍ଷଣ ଫୁଲ୍ଲଛବି । ମୃଦୁଳ ପବନେ ବନେ ଏପରି ବିହରୁ । କଲ୍ପ ସୁତରଙ୍ଗ ରଙ୍ଗରସେ ମନେ ଭୀରୁ । ୪୯ । ପଞ୍ଚାଶତ ଏକ ଏ କବୀଶ ପଦେ ଛନ୍ଦ । ବନବିହାର ସରସ ଜାଣିବେ କୋବିଦ । ହେଲେ ରସବଶ ବସନ୍ତରେ ପାଠ ହେବ । ଉତ୍ତରେ ସଲିଳ ଲୀଳାରସ ବରଷିବ । ୫୦ । ପ୍ରପନ୍ନ ଜନର ନରକାନ୍ଧ ମହାଦୁଃଖ । ଯେଉଁ ପ୍ରଭୁ ହରେ ହରେ ଉଚ୍ଚାରନ୍ତେ ମୁଖ । ତାଙ୍କ ସନ୍ନିଧିରେ ଧୀରେ ଜଳନ୍ତ୍ରରପତି । ସଗରମାଦର ଦରଶନ କଲେ ନୀତି । ୫୧ ।

## ଏକାଦଶ ଛାନ୍ଦ

### ରାଗ—ସିନ୍ଧୁଡ଼ା

### ( ଜଳକେଳି )

ଶୁଣ ହେ ସୁଜନ ମଧୁ କାଳ ବନ-ବିହାର କୁସୁମ ତୋଳା । କୁତୁକ ଶେଷରେ ଶ୍ରୀଅଙ୍ଗ ଦେଶରେ ଅଳସ ଲଭିଲା ବାଳା ସେ । ମହାରାଜ-କୁମାରୀ । ନବ ଶିରୀଷରୁ ସୁକୁମାରୀ ସେ । ଶତେ ଚନ୍ଦ୍ରିଲ ସୁଶୀତ ବାରି ସେ । ୧ । ମନ ଜାଣି ପ୍ରାଣ ସହଚରୀଗଣ କୁସୁମ ତଲ୍ପ ଟେକି ।

---

ଦନ୍ତୁଦକ୍ଷକର—ଦନ୍ତୁରପୂର୍ଣ୍ଣ ଦକ୍ଷିଣ ହସ୍ତ, ଅଂସ—କାନ୍ଧ, ମଧ୍ୟ ଦେଇ···ଅଣ୍ଟାରେ ବାମ (ସୁନ୍ଦର) ବାମକର ଦେଇ । ୪୮ । ଦରକଣ୍ଠି—କମ୍ବୁକଣ୍ଠୀ, ଅତପ—ଖରା, କଳକଣ୍ଠବାଣୀ—କୋକିଳଭାଷିଣୀ । ୪୯ । ବିଧୁବିଧୂନନହାସଦ୍ୟୁତି—ଯାହାର ହାସ୍ୟର ଶୋଭା ଚନ୍ଦ୍ରକୁ କମ୍ପାଇ ଦିଏ, ପେଷଳ—ସୁନ୍ଦର, ସଲକ୍ଷଣ—ଶୁଭଚିହ୍ନ-ଯୁକ୍ତ, ସୁତରଙ୍ଗରଙ୍ଗରସେ—ସୁନ୍ଦର ଲହରୀ ଥିବା ପୁଷ୍କରିଣୀ କ୍ରୀଡ଼ାରେ । ୫୦ । କବୀଶପଦେ—ବଡ଼ ବଡ଼ କବିଙ୍କଦ୍ୱାରା ପ୍ରଯୁକ୍ତ ପଦରେ । ୫୧ । ହରେ—ହେ ହରି ! ସଗରମାଦର—ଗୌରବ ଓ ଆଦର ସହିତ ।

ଧୀରେ ଧୀରେ ଗେଲେ ବିଜେ କରାଇଲେ ସତରଙ୍ଗ ସରସୀକି ଯେ । ଧରା-ଚମ୍ପକଗର୍ଭା । ତିନି ଭୁବନ ଇନ୍ଦିରା ଶୋଭା ସେ । ସରସୀରେ ଯାଇ ହେଲା ଲଭା ସେ । ୨ । ସଲୀଳ ଲହରୀ କଞ୍ଜ ମଧୁଝର ସଙ୍ଗ ଶୀତଳ ମରୁତ । ମୃଦୁ ମୃଦୁତର ସ୍ପର୍ଶରୁ ତାର ତନୁ କଲା ଅପ୍ୟାପ୍ରିତ ସେ । ସେହି ସମୟୁ ଠାକ । ରଙ୍ଗି ମର୍ଦ୍ଦନ ମଣିଚଉକି । ବିଜେ କରାଇ ନେଲେ ତହିଁକି ଯେ । ୩ । ସଂଯତ ରସନା ହୋଇ ସୁଦଶନାମଣ୍ଡଳୀ ବାଳାକୁ ଘେରି । ତା ଶୋଭାସଦନ ଅଙ୍ଗେ ମରଦନ କଲେ କେତକୀ ଫୁଲରୀ ଯେ । ଦିବ୍ୟ ଝୁନା ଗୁଦରେ । ଅତି ଯତ୍ନେ ପୋଛୁଲେ ଆଦରେ । ଅନୁରାଗରୁ ଅବିବାଦରେ ଯେ । ୪ । ପଟୀର ସୁବାସ ଘଟୀକି ସେ କୁଶକଟୀ ଅଙ୍ଗୁଷ୍ଟିରେ ବୋଳି । ଗ୍ରନ୍ଥିଲ ନିଯାମା ପଙ୍କ ତୁଲେ ବାମା କୁଙ୍କୁମକୁ ଥିଲେ ଦଳି ଯେ । ବୋଳିଦେଇ ବହଳେ । ନିଡାରିଲେ ହେମବଂଶଦଳେ ଯେ । ତନୁକାନ୍ତି କୁନ୍ଦନକୁ ଛଳେ ସେ । ୫ । ବର୍ଣ୍ଣରିଲା କବି ଜେମା ଅଙ୍ଗଛବି ସମାନ ନୋହିବା ଯେଣି । ରଜନୀ କାଶ୍ମୀର ଶ୍ରୀଅଙ୍ଗରେ ତାର ନ ରଙ୍ଗି ପ୍ରିୟସଜନୀ ସେ । ଡରେ ବୋଇଲେ ଛୁ ଛୁ । ଅଙ୍ଗତୁଲ୍ୟ ନୋହିବାରୁ କଛୁ ଯେ । ସେହିକ୍ଷଣେ ପକାଇଲେ ପୋଛୁ ଯେ । ୬ । କି ଅବା ଅବଳାମଣିଦ୍ୟୁତି ତୁଳା ଲଭିବା ବାଞ୍ଛାରେ ରସି । ତା ଶରୀର ସୁରତରଙ୍ଗୀଣୀପୁର ମଧ୍ୟରେ ମୃନ୍ନୁତ୍ତୀ ହାସି ସେ । ହେଲେ ଯହୁଁ ତା ସଙ୍ଗୀ । ପାପ ପଙ୍କଯାକ ଦେଲେ ଫିଙ୍ଗି ଯେ ।

---

## ଏକାଦଶ ଛାନ୍ଦ

୨ । ସତରଙ୍ଗ—ତରଙ୍ଗଯୁକ୍ତ । ତିନିଭୁବନରଇନ୍ଦିରା—( ଲକ୍ଷ୍ମୀ )ଙ୍କ ପରି ସୁନ୍ଦରୀ । ୩ । ସଲୀଳଲହରୀ···ଖେଳୁଥିବା ତରଙ୍ଗ ଉପରେ ଥିବା ପଦ୍ମମାନଙ୍କର ମଧୁ (ମକରନ୍ଦ) ଝର (ପ୍ରବାହ) ସଙ୍ଗ ହେତୁରୁ ଶୀତଳ; ଅପ୍ୟାପ୍ରିତ—ସନ୍ତୋଷିତ; ମର୍ଦ୍ଦନମଣିଚଉକି—ରତ୍ନନିର୍ମିତ ଯେଉଁ ଚୌକିରେ ବସି ତେଲ ମର୍ଦ୍ଦନ କରାଯାଏ । ୪ । ସଂଯତ ରସନା—ଅଠ ସ୍ୱରଅ କାଞ୍ଚୀଦାମକୁ ଢାଙ୍କ ଦେଇ, କେତକୀଫୁଲରୀ—କେତକୀଫୁଲର ଅତର, ଝୁନା—ପାତଳ । ୫ । ପଟୀର—ଚନ୍ଦନ, ପଟୀର···ବାସଚନ୍ଦନର ଅର୍କ ଥିବା ପାନକୁ । ଗ୍ରନ୍ଥିଲନିଯାମାପଙ୍କ ତୁଲେ—ଗଣ୍ଠିହଳଦୀ ବଟା ସାଙ୍ଗରେ, ହେମବଂଶଦଳେ—ସୁନା ବାଉଁଶ ପତ୍ରରେ, କୁନ୍ଦନ—ସୁନା । ୬ । ରଜନୀକାଶ୍ମୀର—ହଳଦୀ ଓ କୁଙ୍କୁମ । ୭ । ଦ୍ୟୁତିତୁଳ—କାନ୍ତିର ତୁଳନା; ତା ଶରୀର ସୁରତରଙ୍ଗିଣୀପୁରମଧ୍ୟରେ—ଚନ୍ଦ୍ରକଳାର ଶରୀର-

ଧନ୍ୟ କାମଦାୟିନୀ ଶୁଭାଙ୍ଗୀ ସେ । ୭ । କୁନ୍ଦନଖୋପୀ ନୀଳ ମୃଗ ଚଉଁରୀ ଯତନେ ରଖି ଖସାଇ । କମ୍ବୁକଣ୍ଠୀର କଣ୍ଠୀରବମଧ୍ୟାଏ କବରୀକି ଲହସାଇ ଯେ । ସେହି ସହୀ ତାହାର । କର ଜାଣନ୍ତୁ ଶୋଭା ବାହାର ସେ । ତୁଙ୍ଗ ଉରଜକୁ ଯଥା ହାର ଯେ । ୮ । ପୁଣି ଲଗି ଶାଢ଼ୀ ଅଞ୍ଚଳ ନିବାଡ଼ି ଭିଡ଼ି ଛାଡ଼ିଦେଲେ ଫେର । ବାନା କି ସେ ଡାକ ମୃଗେନ୍ଦ୍ରକଟୀକି ଜେମା ମଧ୍ୟ ଜଣିବାର ଯେ । କାଞ୍ଚୀ ତାହା ତଳରେ । କହେ କିଙ୍କିଣୀ ଧ୍ୱନି ଛଳରେ ସେ । ଧନ ସାବଧାନଟି ଜଳରେ । ୯ । ସ୍ତବକାବନତା ତପନୀୟଲତା ସଞ୍ଚାରଣୀ ହେଲା ପରି । ତମାଲ ତଳ କୁରୁବିନ୍ଦ ଗୃହନୀ ଉପରେ ଭ୍ରମୁକଶୋଭୀ ଯେ । ତାହା ଛାମୁରେ ରହି । କେଉଁ ପରିଣୀତ ଚନ୍ଦ୍ରମୁହୀଁ ନେ । ସବିଶୋଭା ଘେନାଇଲା କହି ସେ । ୧୦ । ଗୃହାଁରେ ଚନ୍ଦ୍ରଦରଶନ ଚକିତଚମରୀଗୁରୁନୟନା । ତୋ ଅଙ୍ଗ ଅଲଙ୍ଗନ ଲୋଭେ ତଡ଼ାଗ ବେଶେ ହୋଇଛି ଅଙ୍ଗନା ସେ । ଚଳାଚଳ ଶଫରୀ । ଲୀଳାଲୋଳ ବାଳାନେତ୍ର ପରି ସେ । ଅରବିନ୍ଦ ତ ବଦନ ସରି ସେ । ୧୧ । ଜଳଜସନ୍ତତିବୃନ୍ତ ଗ୍ରୀବାକାନ୍ତି ଗ୍ରୈବକଲ୍ପ ପରି ଦିଶେ । ଅଲିଙ୍ଗିତ ଅଙ୍ଗ ସ୍ଥୂଳ ରଥାଙ୍ଗମିଥୁନ ସ୍ତନ ସଦୃଶେ ଗୋ । ସତେ କେଡ଼େ ସୁଗମ । ଜଳନୀଳୀ ରୋମରାଜି ସମ ଗୋ । ଜଳଭ୍ରମି ନାଭିହ୍ରଦୋପମ ଗୋ । ୧୨ । ହେମସୋପାନଅବଳି ତ୍ରିବଳିରୁ ବଳିଛି କଳନା କର । ଏହା ଲହରୀକି ଭୂରୁବଲ୍ଲରୀକି ତୁଳି-

---

ରୂପ ସ୍ୱର୍ଗଙ୍ଗାପ୍ରବାହରେ, କାମଦାୟିନୀ—ଅଭିଳାଷ ପୂରଣକାରିଣୀ । ଶୁଭାଙ୍ଗୀ—ସୁନ୍ଦରୀ ( ଚନ୍ଦ୍ରକଳା ) । ୮ । କୁନ୍ଦନଖୋପୀ—ସୁନା ଚଉଁରୀଭୃଙ୍ଗରେ ଲଗିଥିବା, କବରୀ—ବେଣୀ ବା ଝୁଡ଼ା, ଲହସାଇଦେଲେ—ହୁଗୁଳା କରିଦେଲେ ବା ଫିଟାଇ ଦେଲେ । ୯। ବାନା କି ସେ—ସେ ଫେର ଜେମାର କଟିଦେଶ ଡାକ (ଡମରୁ) ଓ ମୃଗେନ୍ଦ୍ରକଟୀ (ସିଂହକଟି)କୁ ଯେ ଜଣିଅଛି ତାହାର ଜୟପତାକା କି ? କାଞ୍ଚୀ—କଟିମେଖଳା । ୧୦ । ସ୍ତବକାବନତା—ଫୁଲପେଣ୍ଡା ହେତୁରୁ ନଇଁ ପଡ଼ିଥିବା, ତପନୀୟଲତା—ସ୍ୱର୍ଣ୍ଣଲତା, କୁରୁବିନ୍ଦ—ପଦ୍ମରାଗମଣି ।୧୧। ଚନ୍ଦ୍ରଦର୍ଶନ—ବିଚନ୍ଦ୍ରଶୋଭା, ପୋଖରୀ ସ୍ତ୍ରୀ ବେଶ ଧାରଣ କରିଅଛି । ଚଳାଚଳ ଶଫରୀ—ଚଞ୍ଚଳ କେରାଣ୍ଡି ମାଛ, ଅରବିନ୍ଦ—ପଦ୍ମ । ୧୨ । ଜଳଜସନ୍ତତିବୃନ୍ତ—ପଦ୍ମସମୂହର ଡେମ୍ଫ; ଅଲିଙ୍ଗିତ······ପରସ୍ପର ଜକାଜକି ହୋଇ ରହିଥିବା ସ୍ଥୂଳ ଚକ୍ରବାକ ଚକ୍ରବାକୀ; ଜଳନୀଳୀ—ଶୈବାଳ, ଶିଉଳି; ଜଳଭ୍ରମି—ପାଣିଭଉଁରୀ, ନାଭିହ୍ରଦୋପମ—ଗଭୀର ନାଭିସଦୃଶ ।୧୩। ହେମସୋପାନଅବଳି—ସୁନାର ପାହାଚସବୁ । ଭୂରୁବଲ୍ଲରୀ—ଭ୍ରୂଲତା ( ଲହରୀସଙ୍ଗେ ତୁଳନୀୟ), ରସ ଜଳ ଓ ଶୃଙ୍ଗାରଭାବ, କୋକନଦ—ରକ୍ତପଦ୍ମ, କୂର୍ମଜଘନା—ବଙ୍କ କଇଁଛ ପରି

ଦେଲେ ବରାବର ଗୋ । ରସେ ରହିଛୁ ପୂର । କୋକନଦ ପାଣି ପାଦ ପର
ରେ । କୂର୍ମଜଘନା ଏ ବରନାରୀ ରେ । ୧୩ । କେ ବୋଲେ ରେ ଭୀରୁ
ବଇଜୟନ୍ତୀରୁ ମୁକୁରଭଉଶକଳ । ଖସି ପଡ଼ି କେହି ସରଦମ୍ଭେ ରହି
ମଣ୍ଡିଛି ମହୀମଣ୍ଡଳ ସେ । ଦିବ ଅମରୀକୁଳ । ଗୁହିଁବାରୁ ମୁଖ ପ୍ରତିଫଳ ସେ ।
ପଦ୍ମବ୍ୟାଜେ ହୋଇ ଦିଶେ ଠୁଳ ସେ । ୧୪ । ରମଣୀର ମଣିରମଣୀୟ
ମୁଖ ପୁରୁଷ ଚୁମ୍ବିଲ ପରି । ସାରସ ସାରସ ସାରଷଟପଦମାନେ ନେଉ-
ଛନ୍ତି ହରି ରେ । ବାତ ବାଜ ବାରିଜ । ଅନ୍ଦୋଳିତ ହୋଇବାର ବ୍ୟାଜ
ଗୋ । ନାହିଁ ନାହିଁ ବୋଲି କରେ ଲାଜ ଗୋ । ୧୫ । ହୀର ଇନ୍ଦ୍ରନୀଳ
ଗୋମେଦ ପ୍ରବାଳ କପୋତକ ପାରାବତ । ବରୁଣ ବିମାନସମ ଦ୍ୱୀପଦଣ୍ଡି
ମଣ୍ଡିଅଛନ୍ତି କେମନ୍ତ ଗୋ । ଦେଖ ଶିଖରଦନ୍ତି ! ଏ କି କୃତ୍ରିମ ପରି ଦିଶନ୍ତି
ଗୋ । ଜୀବ ଥିଲ ପରି ହେବ ଭ୍ରାନ୍ତି ଗୋ । ୧୬ । ସକୁଲଶକୁଳସଂକୁଳ
ଏ ସର ନ କର ନକର ଭୀତି । ରସରେ ରସରେ ରସରେ ଏହାର ବାରଣ-
ବାରଣଗତି ଗୋ । ପୁଷ୍ପାବଚୟ ଶ୍ରମ । ଜଳକେଳିରୁ ଲଭୁ ବିରାମ ଗୋ ।
ସୁଶୀଳା ଶୀତଳ ସରେ ରମ ଗୋ । ୧୭ । ଜଣାଣ ଶେଷର ସମୟେ ସେ

---

ଜଘନ ଯାହାର । ୧୪ । ବୈଜୟନ୍ତୀ—ଇନ୍ଦ୍ରପୁରୀ, ମୁକୁରଭଉଶକଳ—ଦର୍ପଣ
କାନ୍ତିଖଣ୍ଡ, ସରଦମ୍ଭେ—ପୋଖରୀ ବ୍ୟାଜରେ; ଦିବି—ସ୍ୱର୍ଗରେ । ୧୫ । ମଣି
ରମଣୀୟମୁଖ—ମଣି ପରି ସୁନ୍ଦର ମୁଖ, ସାରସ—ସରରେ ଜାତ, ସାରସ—
ପଦ୍ମ, ସାର—ମକରନ୍ଦାଦ ନିର୍ଯ୍ୟାସ; ଷଟ୍‌ପଦ—ଭ୍ରମର, ବାତବାଜ···ପବନ
ବାଜି ପଦ୍ମ କମ୍ପୁ ନାହିଁ ଯେ; ଭ୍ରମର ( ପୁରୁଷ ) ପୁଷ୍କରିଣୀ ( ରମଣୀ ) ର ପଦ୍ମ
( ମୁଖ ) ଚୁମ୍ବିବାରୁ ସେ ଲାଜରେ ନାହିଁ କରି ମୁହଁ ହଲାଉ ଅଛି । ୧୬ । ହୀର—
ଶୁକ୍ଳବର୍ଣ୍ଣ ରତ୍ନ; ଗୋମେଦ—ପୀତବର୍ଣ୍ଣର ରତ୍ନ; ଶୁକ୍ଳାଦ ଚତୁର୍ବିଧ ବର୍ଣ୍ଣ ରତ୍ନରେ
ନିର୍ମିତ କପୋତ ଓ ପାରାମାନେ ବରୁଣଙ୍କ ବିମାନ ପରି ଦିଶୁଥିବା ଦ୍ୱୀପଦଣ୍ଡିରେ
କି ସୁନ୍ଦର ଦିଶୁଅଛନ୍ତି । ହେ ଶିଖରଦନ୍ତି—ହେ ସୂକ୍ଷ୍ମାଗ୍ରଦନ୍ତଧାରିଣି; ଏମାନେ ଅଜ
ନିର୍ଜୀବ କୃତ୍ରିମ ପିତୁଳା ପରି ଦିଶୁନାହାନ୍ତି; ପ୍ରାଣ ଥିବାପରି ଭ୍ରମ ହେବ ।
୧୭ । ସକୁଲଶକୁଳସଂକୁଳ—ସ୍ୱଜାତୀୟ ଅନ୍ୟ ମାଛଙ୍କ ସହିତ ଶକୁଳ (ଶେଉଳ)
ମାଛମାନଙ୍କରେ ଏ ସର ସଂକୁଳ ( ପୂର୍ଣ୍ଣ ) ହୋଇଅଛି; ନକ୍ର (କୁମ୍ଭୀର) ଏଥିରେ
କୁମ୍ଭୀର ଅଛି ବୋଲି ଭୟ କର ନା; ରେ ବାରଣ-ବାରଣଗତି—ରେ ଗଜଗତି ପରା-
ଜୟକାରିଣି! ଏହାର ରସରେ (ଜଳରେ) ରସରେ(ଆନନ୍ଦରେ) ରସ (କ୍ରୀଡ଼ାକର);
ପୁଷ୍ପାବଚୟ—ଫୁଲ ତୋଳା, ସୁଶୀଳା—ହେ ସୁସ୍ୱଭାବ (ଚନ୍ଦ୍ରକଳା)।୧୮। ସେ ସର

ସର-ସରସିଜନେତ୍ରାଞ୍ଚଳେ । ଅଧର କାମୋଡ଼ ହେଲେ ଭଡ଼ାଭଡ଼ ଅପଣା ଦୁକୂଳାଞ୍ଚଳେ ଯେ । ଗୃହିଁ ହସୁଛନ୍ତି କେମା । କମା ହେବାର ସକଳ ବାମା ସେ । ରୂପେ ସମସ୍ତେ ଉର୍ବଶୀସମା ସେ । ୧୮ । ଚନ୍ଦ୍ରକଳାକର ଧେନା କୁମୁଦନୀ ହେଲା ପରି ପ୍ରମୁଦିତ । ବାଳାକର ଧରି କଲେ ସେ ସୁନ୍ଦରୀ ପ୍ରକାଶିଲେ ସେହି ମତ ସେ । କିବା ନିର୍ମଳ ଘନେ । ଲୋଳେ ଖେଳିଲେ ଚପଳାମାନେ ଯେ । ବାଳା ଖେଳିଲେ ଅତି ଶୋଭନେ ଯେ । ୧୯ । ସହରୀ ପରି ଲହରୀରେଖାର ପହଁରିଲେ ହରଣାକ୍ଷୀ । କଳହଂସକୁଳ ହୋଇଲେ ନିଷ୍ଫଳ ବାଳାବଳୀ ଖେଳ ଦେଖି ସେ । କେହି ନୟନ ବୁଜି । ସଖୀ ନ ଗୃହୁଁ ରହେ ନିମଜ୍ଜି ସେ । ଅର ସଖୀ ମଜ୍ଜିପାଏ ଖୋଜି ଯେ । ୨୦ । କେ କାହାର ଜଳନିମଗ୍ନ ବିପୁଳ ଊରୁଯୁଗ ତଳେ ବୁଡ଼େ । ଚମକି ସେ ଡରେ ଭୁଜେ ନିବିଡ଼ରେ ସମୀପ ସହୀକି ଭିଡ଼େ ଯେ । ଜାଣି ହସି ହରଷେ । ତାର ସୁନ୍ଦର ମୁଖସାରସେ ଯେ । କରାଞ୍ଜଳିରେ ଜଳ ବରଷେ ଯେ । ୨୧ । କେ ବାଳା କାହାର ଶିଥିଳାଇ ଫେଂର ନିତମ୍ବ ନିକଟ ହେଜ । ନଖ ଚଳାଇ ଚମକାଇ ପଳାଇ ସଲିଳେ ସଲିଳେ ମଜ୍ଜି ଯେ । ଦୂରେ ଯାଇ ବାହାର । ଅଟ୍ଟହାସ କଲା ମନୋହାରୀ ଯେ । କେହି କାହାକୁ ଖେଳେ ନ ହାରି ଯେ । ୨୨ । କେ ଗେଲେ ଗୁହାର କହଇ କୁହାରି କେମା ସନ୍ନିଧିରେ ହସି । ଦେଖୁଅଛୁ ପରି ପ୍ରଭୁ ତୁ ତ ଧରିମଣ୍ଡନା ତମାଳକେଶି ରେ । କାହିଁପାଇଁ ଏ ମୋର । ବକ୍ଷସ୍ଥଳ କଲା ଦିଗମ୍ବର ଗୋ । ଲଜ୍ଜା ରଖିଲା ସିନା ଶମ୍ବର ଗୋ । ୨୩ । ବାଳା ଶୁଣି କହେ ଅତଥ୍ୟ ଏ ନୋହେ ଏହାର ଏ ହାରି ହେବ । ପ୍ରତ୍ୟକ୍ଷେ ପାଣିରେ ରହିବାରୁ ସିନା ବଞ୍ଚାଇଲୁ ଅବସ୍ଥିବ ରେ ।

---

ସରସିଜନେତ୍ରାଞ୍ଚଳେ—ସେ ପୁଷ୍କରଣୀର ପଦ୍ମମାନଙ୍କ ପରି ନେତ୍ରପ୍ରଦେଶ ଯେଉଁମାନଙ୍କର ସେହି ସଖୀମାନେ । ୧୯ । ଚନ୍ଦ୍ରକଳାକର—ଚନ୍ଦ୍ରଲେଖାର କିରଣ, ଲୋଳେ—ଚଞ୍ଚଳ ହୋଇ, ଚପଳାମାନେ—ବିଜୁଳିସବୁ । ୨୦ । ଲହରୀରେଖାର ସହରୀପରି—ଲହରୀ ସମାନ ହୋଇ, ବାଳାବଳୀ—ଯୁବତୀସମୂହ । ୨୧ । ଜଳନିମଗ୍ନବିପୁଳ ଊରୁଯୁଗଳେ—ପାଣିରେ ବୁଡ଼ିଥିବା ବଡ଼ ଜଙ୍ଘଦ୍ୱୟ ତଳରେ, ମୁଖସାରସେ—ମୁଖପଦ୍ମରେ, କରାଞ୍ଜଳିରେ—ହାତ ଅଞ୍ଜୁଳାରେ । ୨୨ । ଫେଂର—କଟୀ ନିକଟରେ ଥିବା ଲୁଗା, ନିତମ୍ବନିକଟ ହେଜ—ପିଚ୍ଛପାଖ କାଣି ପାରି, ସଲିଳେ—କୌତୁକରେ, ସଲିଳେ—ପାଣିରେ । ୨୩ । ତମାଳକେଶୀ—ତମାଳ ଗଛର ପତ୍ର ପରି କେଶ ଯାହାର, ଦିଗମ୍ବର—ବସ୍ତ୍ରଶୂନ୍ୟ, ଶମ୍ବର—ଜଳ । ୨୪ । ବାଳା ଏଠାରେ ଚନ୍ଦ୍ରକଳା, ଅତଥ୍ୟ—ମିଥ୍ୟା, ଏହାର—

ଥିଲ ସହାୟ ବଳେ । ବର୍ଣ୍ଣି ପାରନ୍ତି କି ଜଳଖେଳେ ରେ । ବୁଝାଯିବ ବେହରଣ ବେଳେ ରେ । ୨୪ । ଜେମାର ବିପୁଳ ଜଘନକୁ ଜଳ ଯହୁଁ କଲା ଆଲିଙ୍ଗନ । ଯୁବରାଜ ପାଣି ଲଗି ପରି ମଣି ପୁଲକନ୍ତେ ଅପଘନ ଯେ । ହସି କେଉଁ ମହିଳା । ଛଳି ଥିଲକୁ ଚୁହିଁ କହିଲା ଯେ । କାଳ କଳି ହେଲେ କି ନୋହିଲା ଗୋ । ୨୫ । ପରକୁ ଯେ ଯାହା କରିଥାଇ ତାହା ଅନୁଭବ କରେ ଆପେ । ସବୁ ପ୍ରାଣୀଙ୍କର ଘରବୁଡ଼ା ମାରଘର ବୁଡ଼ିଗଲା ଆପେ ଗୋ । ଶୁଣି ଲଜେ କିଶୋରୀ । ନେତ୍ର ଅନ୍ତରେ ମିଶାଇ କରି ଯେ । ଢଙ୍କାଇଲା ନୀଳକଞ୍ଚୁ ଧରି ସେ । ୨୬ । ଦେଖି ଅତି ବେଳ ହେଲା ଜଳ-ଖେଳ ଜେମାର ସଇରନ୍ଧ୍ରୀକା । ଅଳୀନିକରଙ୍କୁ ଈଅରି ଗିରକୁ କହିଲା ଏ କି ଜୀବିକା ଗୋ । ଦେଖ ପ୍ରତୀଚୀ ଦିଗ । ବହିଲାଣି ଅଲକ୍ତରାଗ ଗୋ । ଶୁଣି ଲଭିଲେ ଦେବୀଉଦ୍‌ବେଗ ଗୋ । ୨୭ । ଶରମ ତାର ଶ୍ରୀଅଙ୍ଗୁକନ୍ମାଇବ ଅତିଶୟ 'ସରମତା' । ବିପରୀତ ଶେଷ ବିଧିମୁଖ କରେ ଦିଅ ଧରୁଁ ଭୂପସୁତା ଗୋ । ଶୁଣି ଜେମା ସହାସେ । ସଇରନ୍ଧ୍ରୀଙ୍କି କହେ ହରଷେ ସେ । ଅଛି ବିଶେଷ ଲୋଡ଼ା ନାହିଁ ସେ ଗୋ । ୨୮ । ଅଲୋମ ବିଲୋମ ଆଦ୍ୟ ପ୍ରାନ୍ତ କ୍ରମ ଅନ୍ତ ଆଦ୍ୟ କରି ରୁଣ୍ଡ । ଉଭୟ ବହିର୍ଲିପିକାରେ ହୋଇବ ନିଃଶଙ୍କ ନୃପତି ଦଣ୍ଡ ଗୋ । ପ୍ରଶ୍ନ ବର୍ଣ୍ଣଯୁଗଳୀ । ରଙ୍ଗେ ତହୁଁ ପଢ଼ୁଥିବ ଗଳି ଗୋ । ତହିଁ ଥିବ ସେ ଉଭୟ କେଳି ଗୋ । ୨୯ । ଅର୍ଦ୍ଧ ଅଲୋମ

---

ଏ ସଖୀର, ଏ ହାର ହେବ—ଏଥିରେ ପରାଜୟ ହେବ, ପୁରୁଷେ ପାଣିରେ—ଏକପୁରୁଷ ପରିମିତ ପାଣି ଭିତରେ ଅଥଚ ପୁରୁଷର ପାଣି ବା ହାତରେ । ବେହରଣବେଳେ—ସଭା ବୈଠକ ସମୟରେ । ୨୫ । ଜେମାର ବିପୁଳ···ଜେମା ଯେତେବେଳେ କଟିଏ ପାଣିରେ ପଶିଲା, ରାଜପୁତ୍ରର ହାତ ଲଗିଲା ପରି ଅନୁଭବ କରି ଶରୀରର ରୋମ ଟାଙ୍କୁର ଉଠିଲା, କଳିକାଳ ହେବାରୁ କଅଣ ନ ହେଲା ? ୨୬ । ମାର (କନ୍ଦର୍ପ) ସମସ୍ତଙ୍କର ଘର ବୁଡ଼ାଏ ଅର୍ଥାତ୍ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରେ, ଏବେ ମାରଘର ( ଜେମାର ଗୁପ୍ତଅଙ୍ଗ ) ନିଜେ ପାଣିରେ ବୁଡ଼ିଗଲା । ୨୭ । ସଇରନ୍ଧ୍ରୀକା—ବେଶକାରିଣୀ ସ୍ତ୍ରୀ, ପ୍ରତୀଚୀଦିଗ···ପଶ୍ଚିମ ଦିଗରେ ଅଳତା ରାଗ ହେଲାଣି ଅର୍ଥାତ୍ ସନ୍ଧ୍ୟା ନିକଟବର୍ତ୍ତୀ, ଈଅରି—ଶାସନ କରି, ଗିର—କଥା, ଦେବୀ—ଜେମାଙ୍କ ମା ପାଟରାଣୀ । ୨୮ । ଶରମ—ପରିଶ୍ରମ ବା କ୍ଳାନ୍ତି, ଅତିଶୟ ସରମତା—ଅତ୍ୟନ୍ତ ସୁଖଭାବ, ଅତ୍ୟନ୍ତ ସୁକୁମାରୀ ହେତୁରୁ ବେଶି ଖେଳିଲେ ସେ କ୍ଳାନ୍ତ ହୋଇ ପଡ଼ିବ, ବିଧିମୁଖ—ରୁଚି, 'ସରମତା' ଶବ୍ଦର...ବିପରୀତ, 'ତାମରସ' ହୁଏ, ଅତଏବ ତା ହାତରେ କ୍ଳାନ୍ତ ଦୂର କରିବା ପାଇଁ ତାମରସ

ବିଲୋମରେ ହୋଇବ ସସିରସିହ୍ନସିରୁସି । କଳପୁଥିଲେ ସେ ବର୍ଣ୍ଣ ଧାଡି
ହେବ କଳପଲ୍ଲୀ ସଦୃଶୀ ଗୋ । ମୋତେ ଦିଅ ସେ ଫୁଲ୍ । ପୁଣି ନୃପ
ଆଦେଶକୁ ବୋଲ ଗୋ । ତଦନନ୍ତର ପ୍ରଶ୍ନ ତ ଭଲ ଗୋ । ୩୦ । ନ ସହି
କଳି ଆରମ୍ଭିଲି ଲୋକକୁ କି ବୋଲନ୍ତି ବୁଧ ନରେ । ନିବାସ ମାଗିବା
ଲୋକକୁ ତା ଦେଇ କି ବୋଲନ୍ତି ବଚନରେ ସେ । ଅଦେୟ ବିନ୍ଦୁକୁ ପାଇ ।
କେଉଁ ଦ୍ୱିବର୍ଣ୍ଣ ଗଜ ଦଳଇ ସେ । କୃଷାଣକୁ ପ୍ରାବୃଷିକ କହି ସେ । ୩୧ ।
ଶୁଚିରସମିନ୍ କେ ସଖୀ ସଖୀଙ୍କ କି ଶିଖାଏ ପ୍ରିୟ ହୋଇ । ବିଦ୍ୟାର୍ଥୀଙ୍କ
ନିରକ୍ଷରେ ସେ କି ବୋଲ ସରସ ହୃଦେ କି ଥାଇ ସେ । ଶୁଣି ସେ ଭ
ଚତୁରୀ । ବାଳା ଚିବୁକକୁ ସ୍ନେହେ ଧରି ସେ । ଗଲା ପ୍ରମୋଦ ପୂଲକେ
ପୂରି ସେ । ୩୨ । ଜଣାଇଲା ଅରେ ପଣ୍ଡିତାମଣ୍ଡଳୀମଣ୍ଡଳୀରତନଭୂଷା ।
ପଚିପାଳଲ୍ଙ୍କ ତ ମୋହର ବଚନ ଆନ ହେଲା ସିନା ଭାଷା ଗୋ । ତୁ ତ
ଈଶ୍ୱରୀ ମୋର । ତେଣୁ ବଳିଲା ଏକ ଅକ୍ଷର ଗୋ । ସେବ୍ୟ ସେବକେ
କେତେ ଅନ୍ତର ଗୋ । ୩୩ । କ୍ଷିତିପତିକନ୍ୟା ଅବେ କେ ମଣ୍ଡିଲା ଚିତ୍ତ
ପହିଁରାରେ ଅମ୍ବୁ । ପାଶୀ ସ୍ୱର୍ଗକୁ ଯିବାକୁ ପଡ଼ିଲା କି କାଶୀଅରଜସ୍ରି
ତମ୍ବୁ ଯେ । ଅଭ୍ରସିଲା ସେପରି । ତାର ଜଳତ ଢ଼ରଜଶିରୀ ଯେ ।
ମାର ହୃଦୟକୁ ଦିଏ ଘାରି ଯେ । ୩୪ । ଏକାବେଳେ ଜଳେ ବୁଡ଼ିଲେ
ସକଳେ ଭାସିଲା ଉର୍ଦ୍ଧ୍ୱେ କେବଳ । ଇନ୍ଦ୍ରନୀଳ ଚ୍ଛାୟା ଗୁମର ନିଚୟ
ପ୍ରଲମ୍ବ କୁନ୍ତଳକୁଳ ଯେ । ସରୁଁ ଏକ ପ୍ରଦେଶ । ଧଇଲା କି ସୂର୍ଯ୍ୟସୁତା
ବେଶ ଗୋ । ଅବା ତମାଳଚ୍ଛାୟା ପ୍ରବେଶ ଯେ । ୩୫ । ସ୍ଫୁରିବାରୁ
କଚ ସୁବାସ ବିକଚ କୁସୁମ ବନ ଉପେକ୍ଷି । ଅଗଣିତ ଭୃଙ୍ଗରାଜି
ତହିଁ ଅଙ୍ଗ ଜମାଇ ରହିଲେ ଲାଗି ସେ । କେ ସେ ଭ୍ରମରାବଳୀ । କେ
ସେ କାଶୋରୀଙ୍କ କେଶପାଳୀ । ହେଲା କେବଳ ଧ୍ୱନିରୁ କଳି ଯେ । ୩୬ ।

---

(ପଦ୍ମ) ଦିଅ । ୨୯-୩୩ । ସରସିରୁହ ଶବ୍ଦର ପ୍ରତ୍ୟେକ ଅକ୍ଷରକୁ ଓଲଟ
ପାଲଟ କରିଦେଲେ ଏହି ପାଞ୍ଚପଦର ଅର୍ଥ ବାହାରିବ; କୃଷାଣ—କୃଷକ,
ପ୍ରାବୃଷି—ବର୍ଷାକାଳରେ, ଶୁଚିରସ—ଶୃଙ୍ଗାର ରସ । ୩୪ । ପାଶୀ—ବରୁଣ,
କାଶୀଅରଜସ୍ରିତମ୍ବୁ—ଜସ୍ରିଲଗା ଦୁଇତମ୍ବୁ ଥିବା ବନାରସୀ ତମ୍ବୁ । ୩୫ । ଇନ୍ଦ୍ର-
ନୀଳ...ଇନ୍ଦ୍ରନୀଳମଣିର କାନ୍ତିଯୁକ୍ତ ନୀଳଭଅଁର ପରି ଲମ୍ବ କେଶଗୁଚ୍ଛ;
ସରୁ...ସେ ପୋଖରୀରୁ ଏକ ଅଂଶ ସୂର୍ଯ୍ୟସୁତା ( ଯମୁନା ) ନଦୀ ବେଶ
( ଯମୁନାର ଜଳ ନୀଳବର୍ଣ୍ଣ ) ଧଇଲା କି ? ଅବା ପୋଖରୀର ସେ ଅଂଶରେ
ତମାଳ ବୃକ୍ଷର ଚ୍ଛାୟା ପ୍ରବେଶ କଲା କି ? ୩୬ । କଚ—କେଶ, କେଶର ସୁବାସ
ବାହାରିବାରୁ ଅସଂଖ୍ୟ ଭ୍ରମର ବିକଚ (ପ୍ରସ୍ଫୁଟିତ) ପୁଷ୍ପବନ ଛାଡ଼ି ସେ ସବୁ କେଶରେ
ଦେହକୁ ଲୀନ କରି ଲାଗିଗଲେ, କେଶପାଳୀ—କେଶସମୂହ । ୩୭ । ସେମାନଙ୍କ

ସେ କେଳିମନ୍ଦର ହୋଇବାରୁ କ୍ଷୀରସାଗର ଉଦରଗତ । ବାଳାବୃନ୍ଦ
ଭୁଲେ ସମ୍ଭବ ଲଭିଲେ ଦ୍ରବିଣ ଅପରିମିତ ଯେ । ଐରାବଣଗତି ।
ମଣିସନ୍ତତି ମଣି ସନ୍ତତି ଯେ । ଗିରେ ହୋଇଲା ସୁଧା ପ୍ରତୀତ ଯେ ।
୩୭ । ନିଜ ଅଙ୍ଗ ହରିଚନ୍ଦନବଲ୍ଲରୀ କଟାକ୍ଷ କାଳାଗରଳ । ବଦନ ନିକର
ପରିଣତତର ହରିଣଧରମଣ୍ଡଳ ଯେ । ପୁଣି ହେଲା ଉପମା । ପଦ୍ମସୁବାସିତ-
ଅଙ୍ଗୀ ବାମା ଯେ । ଲୀଳାପଦ୍ମ ଧରିବାରୁ ରମା ସେ । ୩୮ । ମନ୍ଦହାସୀଚୟ ଯେ
ଯାହା ସିଚୟ ଫେରାଇହୋଇ ହାଜର । କେତକୀଦଳ ହିମକୁ ପରି ଲୁଚିଦେଲେ
ତା ଶ୍ରୀଅଙ୍ଗ ନୀର ଯେ । ଉରୁ ନିତମ୍ବ ସ୍ତନ । ଭେଦିଥିଲା ସୁଚିକ୍କଣ ବସନ ଯେ ।
ତାର ଶୋଭାବୃଷ୍ଟି ନେଲା ଆନ ଯେ । ୩୯ । ଲୁରି ନୀଳମଣି ଭ୍ରମର
ନୀରଦ ସମ କରିବାର ଜାଣି । ଜଳବିନ୍ଦୁ ଛଳେ ଅଶ୍ରୁ ମୁଞ୍ଚୁଥିଲା କେମାର
କୁନ୍ତଳଶ୍ରେଣୀ ଯେ । ତାକୁ ବୋଧିଲା ପରି । ମୃଦୁ ଆଶ୍ୱାସନେ ଯତ୍ନେ
ଧରି ସେ । ଲୁଚିଦେଲେ ପ୍ରିୟ ସହଚରୀ ଯେ । ୪୦ । ବୋଧିବା ବେଳେ
ମୃଦିବା ପରି ଦେଇ ବଦନରେ କରପୁଟୀ । କାନ୍ତାରଞ୍ଜନର କୁନ୍ତଳ
ପ୍ରାନ୍ତରେ ପକାଇଲେ କୁଶବେଣୀ ସେ । ଫେଣ୍ଟାଯାଏ ମଣ୍ଡିଲା । ନେଦ
କଦନ ଧନ ଦଣ୍ଡିଲା ସେ । ଶିଖିକଳାପମଦ ଖଣ୍ଡିଲା ସେ । ୪୧ । ଚଳଦଳ
ହେମରମ୍ଭାସ୍ତମ୍ଭ କାମରଥ ଚକ୍ରତୁଲେ ବାଦେ । ବାଳାର କେହି ଗୁପତ

---

କେଳି ମନ୍ଦର ପର୍ବତ ପରି, ପୋଖରୀ କ୍ଷୀରସାଗର ପରି, ଦ୍ରବିଣ—ଧନ,
ଐରାବଣ—ଐରାବତହାତୀ, ମଣିସନ୍ତତି—ମଣିସମୂହ ।୩୮। ସମୁଦ୍ରମନ୍ଥନରୁ ହରି-
ଚନ୍ଦନ ଲତା ପ୍ରଭୃତି ଜାତ ହୋଇଥିଲେ, ଏଠାରେ ଚନ୍ଦ୍ରକଳା ପ୍ରଭୃତିଙ୍କର ଅଙ୍ଗ
ହରିଚନ୍ଦନ ଲତା ପରି, କଟାକ୍ଷ କାଳାଗରଳ (କାଳକୂଟ) ପରି, ମୁଖସମୂହ
ପରିଣତତର (ପୂର୍ଣ୍ଣ) ହରିଣଧରମଣ୍ଡଳ (ଚନ୍ଦ୍ରମଣ୍ଡଳ) ପରି ପଦ୍ମପରି ସୁଗନ୍ଧ
ଶରୀରଧାରିଣୀ ଚନ୍ଦ୍ରକଳା ହସ୍ତରେ ଲୀଳାପଦ୍ମ ଧରିବାରୁ ରମା (ଲକ୍ଷ୍ମୀ)ଙ୍କ
ସଙ୍ଗେ ତୁଳିତ ହେଲେ । ୩୯ । ସିଚୟ—ବସ୍ତ୍ର, ଫେରାଇ ହୋଇ—ବଦଳାଇ
ହୋଇ, କେତକୀ ପାଖୁଡ଼ାରୁ କାକର ପୋଛି ଦେଲା ପରି । ୪୦ । ଲୁରି—ଭୃଙ୍ଗ,
ନୀଳମଣି, ଭ୍ରମର ଓ ନୀରଦ (ମେଘ) ଏମାନେ କେମାର କେଶଗୁଚ୍ଛ ସଙ୍ଗେ
ତୁଳିତ ହେବାରୁ ତାହା ଯେପରି ବିନ୍ଦୁ ବିନ୍ଦୁ ଜଳପାତ ଛଳରେ କାନ୍ଦୁଥିଲା ।
୪୧ । କେହି କାନ୍ଦୁଥିଲେ ଯେପରି ତାକୁ ବୁଝାଇ ତା ମୁହଁରେ କରପୁଟୀ
(ହାତପାପୁଲି) ଦଅନ୍ତି, ସେହିପରି ସେ କେଶଗୁଚ୍ଛକୁ ଧୀରେ ଧୀରେ ପୋଛି
ଦେଇ ତହିଁ ଅଗରେ କୁଶଗଣ୍ଠି ପକାଇ ଦେଲେ, ନେଦକଦନ···ସେ
କେଶଗୁଚ୍ଛ ନେଦ କଦନ ଅର୍ଥାତ୍ କ୍ଲେଶରୂପ ଧନକୁ ଦଣ୍ଡିଲା ଅର୍ଥାତ୍
କ୍ଲେଶ ଦୂର କଲା । ଶିଖିକଳାପ···ମୟୂର ପୁଚ୍ଛର ଗର୍ବ ଧ୍ୱଂସ କଲା ।
୪୨ । ଚଳଦଳ—ଅଶ୍ୱତ୍ଥପତ୍ର (ଗୁପ୍ତଅଙ୍ଗ ସଙ୍ଗେ ତୁଳିତ), ହେମରମ୍ଭାସ୍ତମ୍ଭ—

ଅଙ୍ଗମାନେ ଦିବ୍ୟବନ୍ଧି ଚିନ୍ତି ହୃଦେ ଯେ । ଜଳେ ନିମଜ୍ଜିଥିଲେ । ଜିଣି ବିଳମ୍ବେ ଯା ବାହାରିଲେ ଯେ । ପ୍ରଭୁପଣ ପ୍ରକାଶିଲା ଭଲେ ଯେ । ୪୨ । ହରଗଉରୀ ଜରୀ ଜାଲି କୁସୁମବୁଟା ଧଡ଼ି ପଡ଼ି ଶାଢ଼ୀ । ତିନିକି ମୁନିଙ୍କ ଧଇର୍ଯ୍ୟ ଧ୍ୱଂସିନୀ ବାନ୍ଧିଲା ଶାଢ଼ୀ ନିବାଡ଼ି ଯେ । ବହୁମାନର ଶେଷେ । ପ୍ରଶଂସିଲେ ସଜନୀ ବିଶେଷେ ଯେ । ତାର ସ୍ତବ ଘଟିବ ବା ଶେଷେ ଯେ । ୪୩ । ସ୍ତନଯୁଗ ପୁଣି ପୁଆଇଲା ଜିଣି ମଣିସାନୁ ମନେ ଦୟା । ,ସୁନା ଜରୀ ମଲ୍ଲୀକସିଦା ମତଲ୍ଲୀ କୁସୁମ୍ବା ରଙ୍ଗ ସାଇକା ଯେ । ଦେଲା ତାହାଙ୍କୁ ବାଳା । ତଦୁପରି ଦିବ୍ୟ ମୋତିମାଳା ଯେ । ମୃଦୁ ବୟସେ କେଡ଼େ ବିଶାଳା ଯେ । ୪୪ । ତଦନନ୍ତରେ ଅନ୍ତରଙ୍ଗ ତରଙ୍ଗଚଳନେତ୍ରା ଜଣେ ଲୋଳେ । ବିଜେବେଳ ଜାଣି ଖଞ୍ଜାଇଲା ମଣି କଟାଉ, ଚରଣତଳେ ଯେ । ଧନ୍ୟ ସେ ରାଜଜେମା । ଜଗନ୍ନୟନ ଭାଗ୍ୟପ୍ରତିମା ସେ । ଅହା କି ମଣ୍ଡିଲା ମହାସୀମା ଯେ । ୪୫ । ମୋ ନାଦ ଶୁଣିଲେ ମଦନ ଅମଳେ ଯୁବାଙ୍କ ହୃଦୟ ଝୁମ୍ପୁ । ଜଗତୀ ଧୃତି ହରଣରେ ମୁଁ ଠକ ବୋଲି କହେ ଧ୍ୱନି କମ୍ପୁ ଯେ । ଭଲ ତା ଜନ୍ମ ଲୋକେ । ନାହିଁ ତା ଭାଗ୍ୟ ଶକମସ୍ତକେ ଯେ । ଦୁଃଖେ ପାସୋରାଏ ଅବଲୋକେ ଯେ । ୪୬ । ହରପୁରପୁଞ୍ଜା ସରପଣୀ ସ୍ୱାଦୁତର ପଥ୍ୟ ଭାଷୀ ବାଳା । ନରପତିଜେମା ବର ପଙ୍କେରୁହ କର ପଇଠ

---

ସୁନା କଦଳୀଗଛ ( ଊରୁ ସଙ୍ଗେ ତୁଳିତ ); କାମରଥଚକ୍ର—କନ୍ଦର୍ପରଥର ଚକ (ନିତମ୍ବ ସଙ୍ଗେ ତୁଳିତ ) । ଦିବ୍ୟ ବନ୍ଧି—ଶପଥ ବନ୍ଧି; ଜେମାର ସେହି ତିନିଅଙ୍ଗ ଉପମିତ ଅଶ୍ୱତ୍ଥ ପତ୍ର, ସୁନା କଦଳୀଗଛ ଓ କାମରଥ ଚକକୁ ଜିଣିବା ଇଚ୍ଛାରେ ବହୁକ୍ଷଣ ପାଣିରେ ବୁଡ଼ିରହି ସେମାନଙ୍କୁ ଜିଣିଲେ ( ଆଗେ ଅନ୍ୟକୁ ଜିଣିବାପାଇଁ ଏହିପରି ଜଳଦିବ୍ୟବନ୍ଧି ଚଳୁଥିଲା, ଯେ ବହୁକ୍ଷଣ ଜଳରେ ବୁଡ଼ିରହି ପାରୁଥିଲା ସେ ଜୟୀ ବୋଲି ବିବେଚିତ ହେଉଥିଲା ) । ୪୩ । ହରଗଉରୀଜରୀ ( ଧଳା ଓ ହଳଦିଆ ରଙ୍ଗର ଜରୀ)ରେ ଜାଲି ପଡ଼ିଥିବା ଓ କୁସୁମବୁଟାଧଡ଼ି (ଫୁଲବୁଟା ପଡ଼ିଥିବା ଧଡ଼ି ) ଶାଢ଼ୀଦ୍ୱାରା ସେ ତିନିଙ୍କୁ ମୁନିଧୈର୍ଯ୍ୟନାଶିନୀ ଚନ୍ଦ୍ରକଳା ଦୃଢ଼ରୂପେ ବାନ୍ଧିଲା । ୪୪ । ସେହି ସ୍ତନଦ୍ୱୟ ମଣିସାନୁ ( ମେରୁ ପର୍ବତକୁ ଜିଣି ) ପୁଣି ତା ମନରେ ଦୟା ପୁଆଇଲା (ଭୟ ଦେଲା) ଅର୍ଥାତ୍ ଅତି ଉନ୍ନତ ଦିଶିଲା, ତେଣୁ ଚନ୍ଦ୍ରକଳା ସେ ଦୁହିଙ୍କ ପ୍ରତି ଅତି ଦୟାର୍ଦ୍ର ହୋଇ ସୁନାଜରୀ ଲାଗିଥିବା ମତଲ୍ଲୀ (ଅତ୍ୟୁତ୍କୃଷ୍ଟ) କୁସୁମ୍ବାରଙ୍ଗ (ଲାଲବର୍ଣ୍ଣର) ସାଇକା (କାଞ୍ଚୁଲା) ତାଙ୍କୁ ଦେଲା ଅର୍ଥାତ୍ ସୁନାଜରୀଲଗା ମଲ୍ଲୀଫୁଲ ପଡ଼ିଥିବା ଗୋଟାଏ ନାଲି କାଞ୍ଚୁଲା ସ୍ତନ ଦ୍ୱୟ ଉପରେ ପିନ୍ଧିଲା ଇତ୍ୟାଦି । ୪୫ । ଅନ୍ତରଙ୍ଗ—ଅଭୀପ୍ସିତା, ତରଙ୍ଗନେତ୍ରା—ଚଞ୍ଚଳନୟନା । ୪୬ । ମଣିକଟାଉ ନାଦ ଛଳରେ କହିଲା···ମଦନ ଅମଳେ (କାମବଶରେ) ଯୁବକମାନଙ୍କ ମନ ଝୁମ୍ପୁ

ଧରିଲ୍ଲ ଯେ । ବିଜେ ମଣିମା ଡାକ । ଶୁଣି ବିସ୍ମରିଲେ ସଖୀଯାକ ଯେ । ଧିକ ବାଙ୍କ ତ୍ରୟୋଦଶଲୋକ ଯେ । ୪୭ । ଅର୍ଦ୍ଧପଙ୍କତରେ ଦୁଇ ଦାସୀ ଆସି ମିଶିଲେ ମସାଲ ଜାଳି । ଗୁରୁଶୁକ୍ରପାଶେ ପୂର୍ଣ୍ଣ ବିଧୁ ପରି ବିଜେ କରିଗଲ୍ଲ ବାଳୀ ଯେ । ଇଷ୍ଟଦେବୀଙ୍କି ଦେଖି । ଘେନି ପ୍ରସାଦ ମାଲ୍ୟ ସୁମୁଖୀ ଯେ । ଭେଟି ଜନନୀଙ୍କି କଲ୍ଲ ସୁଖୀ ଯେ । ୪୮ । ସେଠାରୁ ନିଜ ମନ୍ଦିରକୁ ସୁନ୍ଦରୀବର କରିଗଲ୍ଲ ବିଜେ । କେଶକୁ ଅଙ୍ଗନା ଧୂପ ଦେଲେ ଜନାର୍ଦ୍ଦନ କୃଷ୍ଣାଗୁରୁ ରଜେ ଯେ । ହେଲ୍ଲ କବିମାନସେ । ଧୂମ ନୁହଇ ନବଘନ ସେ ଯେ । ହାର ଶୋଭାକୁ ଶରଣ ପଶେ ଯେ ।୪୯ । ଭାଲ ଗାଲଥିବା ଭଲ ନୁହେ ବୋଲି ଦଳି ଦ୍ରବ୍ୟ ଗୋରଚନା । ଭୂରୁ ମଧ୍ୟେ ଇନ୍ଦୁବରତୁଳ ବିନ୍ଦୁ ରଚିଲେ ମୃଗଲୋଚନା ଯେ । ହେଲ୍ଲ ଚିହ୍ନ ବିଚକ୍ଷଣା । ମାଳବର କାଳ ହେଲ୍ଲ ଜଣା ଯେ । ଫେରମାସିଲ୍ଲ ମର୍ଦ୍ଦଳ ବୀଣା ଯେ । ୫୦ । ଦୁଇ ପଞ୍ଚାଶତ ପଦ ପରିମିତ ଲେକେ ମୋଦ ମହୋଦୟ । ଅଳକସୁନ୍ଦର ଚନ୍ଦ୍ରବଦନାର ଜଳକେଳି ରସମୟ ଯେ । କର୍ଣ୍ଣମନ ମୋହନ । ଯୁବା ମାନସ ମୃଗ ଗହନ ଯେ । ଦୁଃଖ ଇନ୍ଧନ ଦାହ-ଦହନ ଯେ । ୫୧ । ହରି ବନ୍ଦନୀୟ ସଭୋଗି-ବଳୟ ବିରାଜିତ ରାଜବଳ । ସଦାଶିବ ରାମ ରଙ୍ଗ ଧାମ ରାମଚନ୍ଦ୍ର ଦେବ ହୃଦସ୍ଥଳ ଯେ । ଶେଷ ହେଲ୍ଲ ଏ ଛାନ୍ଦ । ଜଳକିହାର ରସିକାନନ୍ଦ ଯେ । ମହୀ ଶଶିକାନ୍ତକୁ ଏ ଗୃନ୍ଦ ଯେ । ୫୨ ।

---

ଘାରି ହେଉ । ୪୭ । ହରିପରି···କନ୍ଦର୍ପପୂଜାର ସରପଣା ଅପେକ୍ଷା ଅଧିକତର ସ୍ୱାଦୁ ଓ ହିତକର ବାଣୀ ଯାହାର ଏପରି ରାଜକନ୍ୟାର, ପଙ୍କେରୁହକରପଇଠ—ପଦ୍ମହସ୍ତର ସ୍ୱର । ବାଙ୍କ ତ୍ରୟୋଦଶଲୋକକୁ ଧିକ୍—ଚତୁର୍ଦ୍ଦଶ ଭୁବନ ମଧ୍ୟରୁ ଏ ମର୍ତ୍ତ୍ୟ ଲୋକକୁ ଛାଡ଼ି (କାରଣ ଏଠାରେ ଚନ୍ଦ୍ରକଳାର ଜନ୍ମ) ବାକି ୧୩ଟାକୁ ଧିକ୍ । ୪୮ । ଅର୍ଦ୍ଧପଙ୍କତ—ଅଧବାଟ । ୪୯ । ଜନାର୍ଦ୍ଦନକୃଷ୍ଣାଗୁରୁରଜ—ଏକପ୍ରକାର ସୁଗନ୍ଧ ଧୂପ ମସଲାଚୂର୍ଣ୍ଣ, ନବଘନ—ନୂଆ ମେଘ । ୫୦ । ଇନ୍ଦୁବର୍ତ୍ତୁଳଚିହ୍ନ—ଚନ୍ଦ୍ରପରି ଗୋଲ ଗୋରଚନା ଟୋପା, ମାଳବରକାଳ—ସଙ୍ଗୀତର ପ୍ରଥମ ରାଗର ସୁସମୟ । ୫୧ । ଏ ଛାନ୍ଦ ଯୁବକ ମନମୃଗପକ୍ଷରେ ଅରଣ୍ୟ ପରି, ଦୁଃଖରୂପଇନ୍ଧନ (ଜାଳେଣିକାଠ)କୁ ପୋଡ଼ିଦେବା ବିଷୟରେ ଦହନ (ଅଗ୍ନି)ପରି । ୫୨ । ହରି—ବିଷ୍ଣୁ ଓ କପିରାଜ ସୁଗ୍ରୀବ, ସଭୋଗିବଳୟ—ସର୍ପବଳୟଧାରୀ (ଶିବ), ରାଜମଣ୍ଡଳ ସହିତ (ରାମ) ବିରାଜିତରାଜବଳ—ଚନ୍ଦ୍ରଖଣ୍ଡଶୋଭିତ (ଶିବ) ଓ ଇନ୍ଦ୍ରଙ୍କସୈନ୍ୟ-ଦ୍ୱାରା ପରିବେଷ୍ଟିତ (ଲଙ୍କା ଯୁଦ୍ଧରେ); ରଙ୍ଗଧାମ—କ୍ରୀଡ଼ାସ୍ଥାନ, ମହୀଶଶିକାନ୍ତ—ପୃଥିବୀରୂପ ଚନ୍ଦ୍ରକାନ୍ତମଣି ପକ୍ଷରେ ।

# ଦ୍ୱାଦଶ ଛାନ୍ଦ

## ରାଗ—କନଡ଼ା

( ଚନ୍ଦ୍ରକଳା ନିକଟକୁ ଅନଙ୍ଗସୁନ୍ଦରର ଚଟାଉ )

କୁନ୍ଦଲତା ବିନା କେହ୍ନି ସେ ନବୀନା ପାଶେ ନ ଥିବାର ବେଳେ । ଖେଳି ହଂସାବତଂସ ମୋଦ ଜଳେ । ଚନ୍ଦନ ମୁଦ ଚଟାଉ ଦୃଶ କରୁଁ ଧରି ରକ୍ତରଙ୍ଗ ଦଳେ ସେ । ମଞ୍ଜୁଳା । ସ୍ତମ୍ଭ ସମ୍ଭରୁଁ ସାତ୍ତ୍ୱିକ ପ୍ରସରି । ଭ୍ରମେ ବିରଚିଲି ନବକିଶୋରୀ । ମୂର୍ତ୍ତିମନ୍ତ ନବପଲ୍ଲବ ଶବଦ ପ୍ରାନ୍ତର ବିସର୍ଗ ପଦ ସେ । ୧ । ରୁମୀକରପୃଷ୍ଠ ପଦ୍ମରାଗ ପୀଠ କରି ଉପରେ କରି ସ୍ଥିତ । କଲି ବଳୟନିନଦେ ସ୍ୱାଗତ । କରଜ ମୁଦ୍ରିକା ମଣିମୟୂଖରେ ପାଦ୍ୟ ଦେଲି ବିଧିମତ ସେ । ମଞ୍ଜୁଳା । ପ୍ରମୋଦରେ ଦରେ ଯାହା ହସିଲି । ତରେ ଅର୍ଘ୍ୟଦାନ କରି ତୋଷିଲି । ଅମନ୍ଦ ପ୍ରଣୟ ପ୍ରବାହ ଉଦୟ ଆଚମନ ପ୍ରକାଶିଲି ସେ । ମଞ୍ଜୁଳା । ୨ । ତାଳି ନୟନଇନ୍ଦୀବରଯୁଗଳୀ ଆନନ୍ଦ ଅଶ୍ରୁବିନ୍ଦୁଛଳେ । ଘନ କୁସୁମ ବରଷାର ବେଳେ । ତନ୍ତ୍ରିପିବା ମଳୟଜ ମୁଦ୍ରାଜାଲ ଶିଥିଳାଇ କୁତୁହଳେ ସେ । ମଞ୍ଜୁଳା । ସ୍ୱର ସାତ୍ତ୍ୱିକ ବିକାର ପାଇଲି । ଚମ୍ପାକଳୀ ଅଙ୍ଗୁଳି କମ୍ପାଇଲି । ତରୁଣ ସ୍ନେହ ସନ୍ଦେହ

---

ଦ୍ୱାଦଶ ଛାନ୍ଦ

୧ । ହଂସାବତଂସ—ଗୋଟିଏ ରାଜହଂସ, ମୋଦଜଳେ—ଆନନ୍ଦଜନକ ଜଳରେ, ଦୃଶ କରୁଁ—ଦେଖାଉଁ । ମୂର୍ତ୍ତିମନ୍ତ...ହଂସର ଚଞ୍ଚୁ ( ଥଣ୍ଟ ) ସାକ୍ଷାତ୍ ରକ୍ତବର୍ଣ୍ଣ ନୂଆପଲ୍ଲବ ପରି, ଚଟାଉ ( ପଦ ) ଖଣ୍ଡ ସେହି ପଲ୍ଲବ ଶବ୍ଦର ଶେଷରେ ଲାଗିଥିବା ବିସର୍ଗ(ଃ)ପରି ଅଳଙ୍କୃତବଶିଷ୍ଟ । ଏହା ଦେଖି ଚନ୍ଦ୍ରକଳା ପ୍ରଥମେ ସ୍ତବ୍ଧହୋଇଗଲି, ପରେ ତାହାର ଅନ୍ୟ ସାତ୍ତ୍ୱିକଭାବ(ସତ୍ତ୍ୱଗୁଣାଶ୍ରିତସାଧୁଭାବ ସ୍ନେହ ରୋମାଞ୍ଚ ପ୍ରଭୃତି) ପ୍ରସାରିତ ହେଲା । ୨ । ରୁମୀକର—ସୁବର୍ଣ୍ଣ, ପୃଷ୍ଠ—ପାପୁଲିର ପଛପଟ, ପାପୁଲି ପଦ୍ମରାଗମଣିର ପୀଠ ପରି, ବଳୟ (ହାତର ବଳା ) ନିନଦେ (ଶବ୍ଦରେ) (ସେ ଚଟାଉକୁ) ସ୍ୱାଗତ କଲି, କରଜ (ଅଙ୍ଗୁଠି) ମୁଦିମାନଙ୍କ କିରଣରେ ପାଦ୍ୟ (ପାଦ ଧୋଇବା ପାଣି ) ଦେଲି, ପ୍ରମୋଦରେ ଦରେ (ଅଳ୍ପ କରି) ଯାହା ହସିଲି, ତାହା ଦରେ (ଶଙ୍ଖରେ) ଅର୍ଘ୍ୟ( ପୂଜା ପାଣି ) ଦେଲି ପରି ହେଲା, ପ୍ରଣୟପ୍ରବାହ ଏଠାରେ ଆଚମନ ପରି । ୩ । ମଳୟଜମୁଦ୍ରାଜାଲ—ଚନ୍ଦନରେ ଦିଆଯାଇଥିବା ମୋହର ରୂପ ଆବରଣକୁ ଶିଥିଳାଇ (ହୁଗଳା

ଗଣ୍ଡିତୁଲେ ଚଣ୍ଠାଳଟି ଫିଟାଇଲା ସେ । ୩ । ଶିରେ ଲଗାଇବା ସମୟେ ଖସାଇ କରୁ ଅନାୟତ୍ତ ଦମ୍ଭରେ । ଭଙ୍ଗି ଲଗାଇ ଉରଜକୁମ୍ଭରେ । ଓଷ୍ଠପୁଟତଟେ ଧଇଲା କପଟେ ସ୍ନେହଚୁମ୍ବ ଆରମ୍ଭରେ ସେ । ମଞ୍ଜୁଳା । ମନେ ସ୍ୱପୁଣ୍ୟକୁ ଧନ୍ୟ ବୋଇଲା । ମଧ୍ୟଦୃଷ୍ଟି କରି ପୁଣି ଧଇଲା । ଅନାଇଲା ଯତ୍ନେ ବନାଇବା ନବଲେଖ ପତ୍ରିକା ଛଇଲା ସେ । ୪ । ଯୁବରାଜ ଅଙ୍ଗୁ ଅଙ୍ଗରାଗ ସଙ୍ଗୁ କନକ ପାଟ ପରି ଦଶେ । ମିନା ଲେଖା ଅବା ବର୍ଣ୍ଣଧାଡ଼ୀ ସେ । ମଣିଲା ରମଣୀୟକ ଜଳନିଧି ରମଣୀମଣି ସନ୍ତୋଷେ ସେ । ମଞ୍ଜୁଳା । ରେଖା ରେଖାକେ ଲେଖାଧିପଶିରୀ । ପଦତଳେ କରୁଛି ନିଜକର । ବର୍ଣ୍ଣ ବର୍ଣ୍ଣକରୁ ବଳି ଅର୍ଣ୍ଣବରୁ ପିଇଲା ସୁଧାନିର୍ଝରୀ ସେ । ୫ । ଗୁଣ ରୀତି ରସ ଶ୍ଳେଷ ଅନୁପ୍ରାସ ଯମକ ଉଦ୍ଭଳ ରଚନ । ଧୃତିଧ୍ୱଂସୀ ଏକ ଏକ ବଚନ । ଲୋଚନ ଆଦି ନିଖିଳ ଇନ୍ଦ୍ରିୟରେ ମଣିଲା ସୁଧାସେଚନ ସେ । ମଞ୍ଜୁଳା । ଅରେ ବାଳା ମହାରାଜକୁମାରୀ । ନବନୀତ ଶିରୀଷ ସୁକୁମାରୀ । ଧରାମଣ୍ଡଳ ଜଙ୍ଗମ ହେମଚମ୍ପାଟରୀ ବିଶ୍ୱମନୋହରୀ ରେ । ୬ । ବିପ୍ରଯୋଗୀଙ୍କର ସହାୟ ଶଙ୍କର ଏହା ଜାଣିଲେ ହେଲେ ଭଲେ । ତାଙ୍କ ନାମ ନ ଲେଖିଲ ପତ୍ରଲେ । ସରଯାନ୍ତ୍ର ଧ୍ୟାନ କରୁ କରୁ ଜ୍ଞାନ ଚନ୍ଦ୍ରଚୂଳ ଜାଳିଦେଲେ ରେ । ମଞ୍ଜୁଳା । ଧୃତି ନ ରଖେ ଯା ଏକ କରଣ । ପ୍ରାଣତୁଲେ ନ କରେ ସେ କ ରଣ । ଏ ଯେଣି ବିରହରେ ସମସ୍ତ

---

କରି ), ତରୁଣ (ଅନଙ୍ଗସୁନ୍ଦର) ର ସନ୍ଦେହଗ୍ରନ୍ଥୀ ତୁଲେ (ସାଙ୍ଗରେ) ଚଣ୍ଠାଳକୁ ଫିଟାଇଲା ଅର୍ଥାତ୍ ଚଣ୍ଠାଳଫିଟାଇବାରୁ ତରୁଣର ସନ୍ଦେହ ଦୂର ହେଲା । ୪ । କରୁ —କରରୁ, ଅନାୟତ୍ତଦମ୍ଭରେ—ଧୈର୍ଯ୍ୟ ସମ୍ଭାଳି ନ ପାରି । ୫ । ଯୁବରାଜ —ଅନଙ୍ଗସୁନ୍ଦର, ଅଙ୍ଗରାଗସଙ୍ଗୁ—ଜାଫ୍ରାନ୍ କେଶର ପ୍ରଭୃତି ଅଙ୍ଗରାଗ ଲାଗିଥିବାରୁ, କନକପାଟ—ହଳଦିଆ ପାଟ, ମିନାଲେଖା—ସୁନାରେ ମିନାକାମ ପରି ସେ ବର୍ଣ୍ଣଧାଡ଼ୀ (ଅକ୍ଷର ଧାଡ଼ି) ଦିଶୁଅଛି, ରମଣୀୟକ—ଶୋଭା, ଜଳନିଧି—ସାଗର, ରେଖା···ପ୍ରତିଗାର ଲେଖାଧିପ (ଇନ୍ଦ୍ର) ଐଶ୍ୱର୍ଯ୍ୟକୁ ତୁଚ୍ଛ କରୁଛି । ବର୍ଣ୍ଣବର୍ଣ୍ଣକରୁ— ଅକ୍ଷର ଚନ୍ଦରଙ୍ଗରୁ, ବଳି ଅର୍ଣ୍ଣବରୁ—ସମୁଦ୍ରଠାରୁ ଅଧିକ । ୬ । ଉଦ୍ଭଳ— ପରିପୂର୍ଣ୍ଣ, ରଚନ—ରଚନା, ଧରାମଣ୍ଡଳ ଇତ୍ୟାଦି—ପୃଥିବୀ ମସ୍ତକର ଗତିଶୀଳ ସୁନାଚମ୍ପା ପୁଷ୍ପଗୁଚ୍ଛସ୍ୱରୂପା । ୭ । ବିପ୍ରଯୋଗୀ—ବିରହୀ, (ଶିବ କାମକୁ ଭସ୍ମ କରିଥିବାରୁ ) ସେ କାମକ୍ଲିଷ୍ଟ ବିରହୀଙ୍କ ସହାୟ । ଚନ୍ଦ୍ରଚୂଳ—ମସ୍ତକରେ ଥିବା ଚନ୍ଦ୍ରରେଖା, ଧୃତି ନ ରଖେ···ଯେଉଁ ଚନ୍ଦ୍ରର ଷୋଳକଳାରୁ ଏକ କଳାର କରଣ ( ଶିବଙ୍କ ମୁଣ୍ଡରେ ଥିବା ) ଧୈର୍ଯ୍ୟ ନଷ୍ଟ କରି ଦିଏ, ତାହାର ସମଗ୍ର କରଣ

ପ୍ରକାରେ ତୁହି ଏକା ମୋ ଶରଣ ରେ । ୭ । ମୋହନ କଳା ମୂର୍ତ୍ତିମନ୍ତ-ମନ୍ତ୍ରର କାରିକା ତାରକେଶାନନା । ସୁଧାପୂର୍ଣ୍ଣ ସୁବର୍ଣ୍ଣଘଟସ୍ତନା । ପରିଜନ-ପରିପାଳନେ ଯାହାର ଜଡ଼େ ଦୟାକୁଳତାବାନା ରେ । ମଞ୍ଜୁଳା । ତୋର ନିସର୍ଗ ଚଞ୍ଚଳ ନୟନ । କର୍ଣ୍ଣେ ଜପ ହେବାରୁ ପ୍ରଭଦନ । ବନ ଭିତରେ ଭୀତରେ ଅନାରତେ ମୀନଶ୍ରେଣୀ ହେଲ ଲୀନ ରେ । ୮ । ନିର୍ମଳ ଗୁଣଗଣବତୀ ଯୁବତୀ ସୀମନ୍ତମଣି ସାମନ୍ତାଣୀ । କଳକଣ୍ଠ କୂଜନ-ଠାଣି ବାଣୀ । ତୋ ସଙ୍ଗୀତବିଦ୍ୟା ଟେଢ଼େ ବିଶାରଦା ଶାରଦା ନ ଥିବେ ଜାଣି ରେ । ମଞ୍ଜୁଳା । ତୁ ଯେ ବିବେକୀଙ୍କ ଶିରୋଭୂଷା । ଶେଷଦେବ ହୋଇବେ ଲେକହସା । ଏକ ସହସ୍ର ବଦନେ ଆରମ୍ଭିବେ ଯେବେ ତୋହର ପ୍ରଶଂସା ରେ । ୯ । ମଣୁଅଛୁ ବ୍ରହ୍ମପଦ ତୋର ପଦତଳେ ପଶିଅଛୁ ଶରଣ । ହଂସଭୂଷଣ ହଂସ ସଞ୍ଚରଣ । ରଜୋଗୁଣରାଗ ଜାଗରୁକ ହୋଇ ଦଶେ ଅତ୍ୟନ୍ତ ଅରୁଣ ରେ । ମଞ୍ଜୁଳା । ଜନ୍ମ ଅକର ଆକାର ଧରିଛୁ । ନଖକାନ୍ତି ମକରନ୍ଦ ଝରୁଛୁ । ଚୁମ୍ବନଲାଳସ ହୋଇ ମୋ ମାନସମିଳନ୍ଦ ଅନୁସରିଛୁ ରେ । ୧୦ । ଭଜିଛୁ ତୋ ଊରୁଯୁଗକୁ ଅଖଣ୍ଡ ଲକ୍ଷ୍ମୀ ଆଖଣ୍ଡଳ ପଦବୀ । ରମ୍ଭାରୁଚି ଯହିଁରେ ଅଛୁ ସେବି । ପୁଲକେ ରୋମଜାଳମୂଳେ ଯାହାର ଭଜେ ଶତକୋଟି ଛବି ରେ । ମଞ୍ଜୁଳା । ନେତ୍ର ସହସ୍ର ଅର୍ଥେ

---

ଜୀବନ ନେବାକୁ ଯତ୍ନ କରେ ନାହିଁ କି ? ( ଚନ୍ଦ୍ରକିରଣ ବିରହୀଙ୍କ ପକ୍ଷରେ ଅସହ୍ୟ ) । ୮ । ମୋହନ···କାରିକା—ତୁ ବିମୋହନ ମନ୍ତ୍ରଧାତ୍ରୀ ପରି, ତାର-କେଶାନନା—ଚନ୍ଦ୍ରବଦନା, ବନଭିତରେ—ପାଣି ମଧ୍ୟରେ, ଭୀତରେ—ଭୟରେ, ଅନାରତେ—ସର୍ବଦା । ୯ । ବିଶାରଦା—ପଣ୍ଡିତା, ଶାରଦା—ସରସ୍ୱତୀ, ଶେଷଦେବ—( ସହସ୍ରମୁଖ ) ଅନନ୍ତଦେବ । ୧୦ । ବ୍ରହ୍ମପଦ—ବ୍ରହ୍ମାଙ୍କ ଐଶ୍ୱର୍ଯ୍ୟ, ହଂସଭୂଷଣ—ହଂସ ( ପରମ ବ୍ରହ୍ମ ) ଭୂଷଣ ( ହୃଦୟାରାଧ୍ୟ ) ଯାହାଙ୍କର, ହଂସ ( ନୂପୁର ) ଭୂଷଣ ( ଅଳଙ୍କାର ) ଯାହାର । ହଂସସଞ୍ଚରଣ—ହଂସବାହନ ଓ ହଂସ ପରି ଧୀରଗମନ; ରଜୋଗୁଣ···ବ୍ରହ୍ମା ରଜୋଗୁଣ ବଶବର୍ତ୍ତୀ ହୋଇ ସୃଷ୍ଟିକରନ୍ତି; ତୋ ଚରଣ କୁଙ୍କୁମକେଶରାଦିର ଧୂଳିଦ୍ୱାରା ରକ୍ତବର୍ଣ୍ଣ, ଜନ୍ମ-ଅକର...ବ୍ରହ୍ମାଙ୍କ ଜନ୍ମସ୍ଥାନ ପଦ୍ମ, ତୋ ଅଙ୍ଗୁଳି ପଦ୍ମ ପରି ହେବାରୁ ତହିଁରୁ ନଖଶୋଭାରୂପ ମକରନ୍ଦ ଝରୁଛି, ମାନସ ମିଳନ୍ଦ—ମନରୂପ ଭ୍ରମର । ୧୧ । ତୋ ଜଙ୍ଘ ଦୁହିଙ୍କୁ ଅନନ୍ତ ଶୋଭାପୂର୍ଣ୍ଣ ଇନ୍ଦ୍ରପଦ ଆଶ୍ରୟ କରିଛି । ରମ୍ଭାରୁଚି—କଦଳୀ-ଗଛପରି ମନୋହର ଓ ରମ୍ଭା ନାମକ ସ୍ୱର୍ବେଶ୍ୟାଦ୍ୱାରା ମନୋହର, ପୁଲକେ—ରୋମାଞ୍ଚବେଳେ, ରୋମଜାଳମୂଳେ—ରୋମମାନଙ୍କ ମୂଳରେ, ଶତକୋଟି—ବଜ୍ର ଓ ବହୁସଂଖ୍ୟକ; ଛବି—ଶୋଭା, ନେତ୍ରସହସ୍ର ଅର୍ଥେ—ସହସ୍ରନେତ୍ର ଇନ୍ଦ୍ରଙ୍କ ପାଇଁ

କଣା ଯାଉ । ଲୀଳା ଐରାବତ କର ସଞ୍ଚାର । ଲେଖାମାନଙ୍କେ ପ୍ରଶଂସା-ଯୋଗ୍ୟ ରୂପ ଯାହା ସମୀପ ସଚୀର ରେ । ୧୧ । ପତିତ ନେତ୍ରକୁ ଅଦୃଶ୍ୟ ହେବାରୁ ଉଦର ତୋର ବିଷ୍ଣୁପଦ । ପାଶେ ନାଭି ବିରଜାନାମ ହ୍ରଦ । ତାହା ମଧ୍ୟ ବିକଶିତ ସରୋଜରୁ ପ୍ରସରିବାରୁ ଆମୋଦ ରେ । ମଞ୍ଜୁଳା । ଧାଇଁଅଛି ରୋମାଳି ଭୃଙ୍ଗରାଜି । କୃଷ୍ଣ ଶ୍ରୀଅଙ୍ଗ କଳାକାନ୍ତି ବାଜି । ଶେଷଦେବ ଅବା ଅଛନ୍ତି ମଘବା ମଣି ନୀଳିମାକୁ ଭଜିରେ । ୧୨ । ନବୋଦ୍ଭବସୁଧାମଧୁରାଧରା ତୋ କୁଚକୁମ୍ଭ ଶମ୍ଭୁଯୁଗଳ । ଶିବଲୋକ ଏଣୁ ତୋ ବକ୍ଷସ୍ଥଳ । ପଡ଼ିଛି ତହିଁକି ନିଃଶ୍ରେଣୀ ସୋପାନ ରୂପରେ ମାହେନ୍ଦ୍ରନୀଳ ରେ । ମଞ୍ଜୁଳା । ଚିରନ୍ତନ ପୁଣ୍ୟରୁ ନାହିଁ ଲେଶ । ତେବେ ଆରୋହି ତହିଁ ମୋ ମାନସ । ଶଙ୍କର ସାଯୁଜ୍ୟ ଲକ୍ଷ୍ମୀ ଲଭିପାଇଁ କରୁଛି ମହା ସାହସ ରେ । ୧୩ । ଯେବେ ମୋର ପୂର୍ବ ତପ ଅତି ଖର୍ବ ଘେନ ସୁକୁନ୍ଦ-ବରଦନ୍ତି । ଏ ଜଣାଣ ଯୋଗ୍ୟ ଯେବେ ନୁହନ୍ତି । କର୍ମବଳ ଥିଲେ ସିନା ପରବଳେ ଶୁଭାଶୁଭେ ଲୋକ ମତିରେ । ମଞ୍ଜୁଳା । ଯେବେ ମୋହର କର୍ମବଳ ନାହିଁ । କୃପାନିଧି ରେ ପୂର୍ଣ୍ଣ ଚନ୍ଦ୍ରମୁହିଁ । ସଞ୍ଚିବାକୁ ଧର୍ମ ମୋର ଶୁଭକର୍ମଦାୟିନୀ ହୋଇବୁ ତୁହି ରେ । ୧୪ । ଯେ ଧନୀ ତାକୁ ଧାତା ଧନୀ

---

ଏବଂ ଅସଂଖ୍ୟ ଚକ୍ଷୁରୂପ ଧନଦ୍ୱାରା, ଲୀଳା··· ଇନ୍ଦ୍ରତ୍ୱରେ ଐରାବତ ହସ୍ତୀର ଶୁଣ୍ଡ ସଞ୍ଚାଳନ ଶୋଭାପାଏ, ତୋର ଉରୁ ଐରାବତର ଶୁଣ୍ଡାଦଣ୍ଡ ଭଳି, ଲେଖା—ଦେବତା ଓ ଚନ୍ଦ୍ର; ଇନ୍ଦ୍ରତ୍ୱ ଶଚୀଙ୍କ ସମୀପରେ ଥାଏ ଓ ତୋ ଉରୁର ଚନ୍ଦ୍ର ଶଚୀଙ୍କ ପ୍ରଶଂସନୀୟ । ୧୨ । ପତିତ—ପାପୀ, ଅପୁଣ୍ୟବାନ୍, ବିଷ୍ଣୁପଦ—ବିଷ୍ଣୁଙ୍କ ପାଦ, ନାଭିବିରଜା— ତୀର୍ଥବିଶେଷ ଓ ବିରଜା ( ମଳିନତାଶୂନ୍ୟ ) ନାଭିଦେଶ, ରୋମାଳି ( ନାଭିନିମ୍ନସ୍ଥ ରୋମରେଖା ) ରୂପ ଭ୍ରମରସମୂହ ଧାଇଁଛି କି ? ଅଥବା ଶେଷଦେବ ( କୃଷ୍ଣଙ୍କ ଶଯ୍ୟା )କୃଷ୍ଣଙ୍କ ଶରୀର କାଳିମା ଲାଗିବାରୁ କଳା ହୋଇ ରୋମ ରେଖାରୂପରେ ମଘବାମଣି —ନୀଳିମା ( ଇନ୍ଦ୍ରନୀଳମଣିର କୃଷ୍ଣତ୍ୱ ) କୁ ପାଇଲେ କି ? ୧୩ । ନବୋଦ୍ଭବ···ନୂତନ ଜାତ ହୋଇଥିବା ଅମୃତଦ୍ୱାରା ମଧୁର ହୋଇଅଛି ଅଧର ଯାହାର, ଶିବଲୋକକୁ ଯିବା ପାଇଁ ସେହି ରୋମରେଖାରୂପରେ ଇନ୍ଦ୍ରନୀଳମଣିରେ ତିଆରି ନିଶ୍ରେଣି ( ପାହାଚ ) ପଡ଼ିଛି । ଶଙ୍କରସାଯୁଜ୍ୟଲକ୍ଷ୍ମୀ—ଶିବଙ୍କ ସଙ୍ଗେ ଏକ ହୋଇ ମିଳିଯିବା ସୌଭାଗ୍ୟ । ୧୪ । ଅତିଖର୍ବ—ଅତ୍ୟଳ୍ପ, ସୁକୁନ୍ଦବରଦନ୍ତି—ହେ ସୁନ୍ଦରକୁନ୍ଦପୁଷ୍ପଦଶନା, କର୍ମ-ବଳ ଥିଲେ ଲୋକର ଶୁଭ ବା ଅଶୁଭ କର୍ମରେ ମତି ପ୍ରବଳ ହୁଏ ସିନା ।

କରନ୍ତୁ ପ୍ରଭୁ କରବ ଅଜ କସ । ଯାର ପ୍ରତିଦିବସେ ଉପବାସ । ତାହାକୁ
ଧନୀ କଲେ ସିନା ପ୍ରସରେ ଭୁବନମଣ୍ଡଳେ ଯଶ ରେ । ମଞ୍ଜୁଳା । ଶସ୍ୟ-
କେଦାର ଉପକାର ସରେ । ବୃଷ୍ଟି କଲେ ଘନ କୀର୍ତ୍ତି ପ୍ରସରେ । ଜଳଧିରେ
ବରଷିଲେ କାହିଁ ଭାଗ୍ୟ ତାହାର ଯେ ଯଶ ଲେଶ ରେ । ୧୫ । ତୁ ବିଶ୍ୱମ୍ଭରା-
ଚକ୍ରବର୍ତ୍ତିକୁମାରୀ ନ ଜାଣୁ ରବିଦରଶନ । ଦରଶନକୁ ତହିଁ ମୋର ମନ ।
ସୁରଶାଖିଶିଖାଶାଖାରୁ କୁସୁମ ତୋଳି ଲୋଡ଼ୁଛି ବାମନ ରେ । ମଞ୍ଜୁଳା ।
ପ୍ରତି ଜନ୍ମାନ୍ତରେ ହୋଇ ବିମୁଖ । ହର ଉଛାର ନାହିଁ ଯାହା ମୁଖ ।
ସେ ପୁଣି କାମନା କରେ ଲଭିବାକୁ ଗୀର୍ବାଣଗଣନା ସୁଖ ରେ । ୧୬ ।
ଜଗତୀ ଭିତରେ ମୋ ବିନା ଇତରେ ଏପରି ନ ଥିବ ଦୁର୍ବୋଧ । ଏଥି
ହୁଅନ୍ତା ମହା ଅପରାଧ । ଜାଣୁ ଶିରୋମଣି ତୁ ତ ଜାଣି ଜାଣି ନ ଚିନ୍ତିବୁ
ଦାସ ବାଧ ରେ । ମଞ୍ଜୁଳା । ମୋର କରୁଣା ଥିବା ଘେନି ଏକା ।
ଚିତ୍ତେ ହେବାରୁ ମୋ ବିନାଶ ଦକା । ଠେକାଇଲୁ କ୍ଷମାଚକ୍ରବାଳେ
କ୍ଷମାଜଳଧି ନାମେ ପତାକା ରେ । ୧୭ । ଏଡ଼େ ପ୍ରଭୁପଣ ଦେଖାଇବା
ଗୁଣ ଶୁଝିବା ଯୋଗ୍ୟ ଯେ ନୋହିଲି । ମୁଁ ତୋ ଗୃକର ବୋଲି ନ
କହିଲି । ରାତିଏ ହେଲେ ମୋ ଗୁଡିକ ସୁପାତି କରି ତତେ ନ ବହିଲି
ରେ । ମଞ୍ଜୁଳା । ମାରି ବୋଲଉଛୁ ଯେ ବାହାଦୁର । ଦୂର କରି ସେ
ରତିନାହାଦର । ହେଲି ନାହିଁ ଯେ ତୋ ଜଳଜଜିତ୍ୱର ପାଦର ପୋଛା
ଗୁଦର ରେ । ୧୮ । ଜଗତୀ ବାହୁଡ଼ା ସମୟେ ପାହାଡ଼ା ହୁଅନ୍ତି ତୋ
ଚରଣତଳେ । ଅବା ଜମି ରହନ୍ତି ଲକ୍ଷାବୋଳେ । ହୁଅନ୍ତି ଅବା
ଅକପଟେ ମୁଁ ପଟେ ମଣିକଠାଉ ଯୁଗଳ ରେ । ମଞ୍ଜୁଳା । ଦାସୀସମୂହେ
ଜଣେ ହୋଇ ଅବା । କରୁଥାନ୍ତି ତୋ ଶ୍ରୀ ଛାମୁରେ ସେବା । ହେମ-

---

୧୫ । ପ୍ରଭୁ—ସ୍ୱାମୀ ବା ରାଜା, ଶସ୍ୟକେଦାରେ—ଧାନ କିଆରିରେ, ଉପକାର ସରେ—ଉପକାର କରୁଥିବା ପୋଖରୀରେ । ୧୬ । ବିଶ୍ୱମ୍ଭରା···ପୃଥିବୀର ଶ୍ରେଷ୍ଠ ରାଜାଙ୍କ କନ୍ୟା, ନ ଜାଣୁ ରବିଦରଶନ—ଅନ୍ତଃପୁରସ୍ଥା ରାଜଯୋଷାଙ୍କୁ ଅସୂର୍ଯ୍ୟମ୍ପଶ୍ୟା କୁହାଯାଏ, ଅର୍ଥାତ୍ ସେମାନେ ସୂର୍ଯ୍ୟଙ୍କୁ ସୁଦ୍ଧା ଦେଖନ୍ତି ନାହିଁ । ସୁରଶାଖିଶିଖାଶାଖାରୁ—କଳ୍ପ ବୃକ୍ଷର ଅଗରେ ଥିବା ଡାଳରୁ, ଗୀର୍ବାଣଗଣନା-ସୁଖ—ଦେବତାଙ୍କର ପ୍ରାପ୍ୟ ସୁଖ । ୧୭ । ଦାସବାଧ—ଭୃତ୍ୟର ଅମଙ୍ଗଳ, କ୍ଷମାଚକ୍ରବାଳ—ପୃଥିବୀମଣ୍ଡଳ, କ୍ଷମାଜଳଧି—କ୍ଷମାସାଗର, କ୍ଷମାବତୀ । ୧୮ । ସୁପାତି—ଶଯ୍ୟା, ବାହାଦୁର—ସାହସୀ ବୀର, ଜଳଜଜିତ୍ୱର ପାଦର—ଯେଉଁ ପାଦପଦ୍ମକୁ ଜିଣିଅଛି । ୧୯ । ଜଗତୀବାହୁଡ଼ା ସମୟେ ପାହାଡ଼ା—କୋଠାକୁ ଫେରିବାବେଳେ ବାଟରେ ପଡ଼ୁଥିବା ବସ୍ତ୍ର, ଲକ୍ଷାବୋଳେ—ଅଳତାରସରେ,

ପିକଦାନୀ ଦାନୀ ହୋଇ ମୋର କରେ କରନ୍ତୁ ମଘବା ରେ । ୧୯ । ହେବା କ୍ଷଣି ଜଣା ଶ୍ରୀଅଙ୍ଗ ମାଜଣା ସରିବା ସମସ୍ତ ପ୍ରବେଶ । ସିଞ୍ଚି ଅତର ଉଞ୍ଚା କୁଞ୍ଚା ବାସ । ହାଜର ହୋଇବା ଗୃହିଁ ପ୍ରକାଶନ୍ତେ ଓଷ୍ଠ ଭିଡ଼ା ମନ୍ଦହାସ ରେ । ମଞ୍ଜୁଳା । ଲୀଳାଦର କମ୍ପି ଗଣ୍ଡମଣ୍ଡଳ । ମଣ୍ଡି ଝଲକା ମୋତି ପ୍ରତିଫଳ । ଚଳାଚଳ ଲୋଳା ଇନ୍ଦୀବରମାଳା ଦୋଳାପରି ହେଉ ଲୋଳ ରେ । ୨୦ । ଚତୁର୍ଦ୍ଦଶ ଲୋକ ସଉନ୍ଦର୍ଯ୍ୟପାକ ସେକାଳେ ଶ୍ରୀମୁଖରେ ଦେଖି । କୃତକୃତ୍ୟ ହୁଅନ୍ତା ବେନି ଆଖି । ଆଉ ଅବା କେଉଁ ଭାଗ୍ୟ ନ ଦିଅନ୍ତା ତୋ ସେବା କଳପଶାଖୀ ରେ । ମଞ୍ଜୁଳା । ପୀଠ କରି କଞ୍ଜ ଦଳ ତଳପ । ନିତି କରନ୍ତି ବାଳାମନ୍ତ୍ର ଜପ । ରସିକରାଜ୍ୟେ ଅଭିଷିକ୍ତ ହୋଇବା ପାଇଁ କରି ସଂକଳପ ରେ । ୨୧ । ଲାବଣ୍ୟସରସୀମଧ୍ୟବିଳସିତ ସରସୀରୁହମୁଖ ତୋର । ତହିଁ ଖେଳିବାର ନେତ୍ର ମନ୍ଦର । ହୋଇବ ସୁଯୋଗେ ନୟନ ଅୟନ ଅତିଥି ପୁଣି ମୋହର ରେ । ମଞ୍ଜୁଳା । ବେଣୀଫଣୀ ଝୁମ୍ପା ଫଣା ଶ୍ରୀହରି । ଟେକାଇଲେ ମୋ ଶିରେ ଛନ୍ଦ କରି । ସେହିଦିନ ମୋର ଅଂସ ଅବତଂସ ହେବ ଯୁବରାଜଶିରୀ ରେ । ୨୨ । ତୋ ଅଙ୍ଗଦେଶ ସହଜେ ଅଙ୍ଗଦେଶ କାଶ୍ମୀର ତୋ କୁଚଯୁଗଳେ । ଅଛୁ କୁନ୍ତଳ କୁଟିଳ କୁନ୍ତଳେ । କାମରୂପ ପ୍ରତି

---

ହେମପିକଦାନୀ···ମୋତେ—ସୁନା ପିକଦାନୀ ମୋ ହାତରେ ଦେଇ ଅବା ମୋତେ ମଘବା ( ଇନ୍ଦ୍ର ) କରନ୍ତୁ । ୨୦ । ମାଜଣା—ସ୍ନାନ, ଉଞ୍ଚାକୁଞ୍ଚାବାସ—ସମାନ ଭାବରେ କୁଞ୍ଚା ହୋଇଥିବା ଲୁଗା, ଲୀଳାଦର...ସକୌତୁକ ସ୍ନେହରେ କମ୍ପୁଥିବା ଗଣ୍ଡଦେଶକୁ ଝଲକା ( କାନର ଏକପ୍ରକାର ଭୂଷଣ ) ର ମୋତିର ପ୍ରତିବିମ୍ବଦ୍ୱାରା ମଣ୍ଡିତ କରି, ତୋର ଚଳାଚଳ ଲୋଳା ଇନ୍ଦୀବର ( ନୀଳପଦ୍ମ ) ମାଳାର ଦୋଳା ( ଆନ୍ଦୋଳନ ) ପରି ହୁଅନ୍ତେ । ୨୧ । ତୋ ସେବାରୂପ କଳ୍ପବୃକ୍ଷ, ପୀଠ—ଉଚ୍ଚାସନ, କଞ୍ଜଦଳତଳ୍ପ—ପଦ୍ମପତ୍ର ଆସନ । ୨୨ । ଲାବଣ୍ୟ ...ତୋର ପଦ୍ମରୂପ ମୁଖ ଲାବଣ୍ୟରୂପ ପୋଖରୀ ମଧ୍ୟରେ କ୍ରୀଡ଼ା କରୁଛି । ଚକ୍ଷୁ ଦୁଇଟି ତହିଁରେ ମନ୍ଦର ପରି । ମୋ ନୟନ ସେ ମନ୍ଦରରେ ପୁଣି କେବେ ସୁଯୋଗରେ ଅୟନଅତିଥି ( ବାଟୋଇ କୁଣିଆଁ ) ହେବ, ଅର୍ଥାତ୍ ସେତେ ସୁଯୋଗରେ ତୋର ମୋର ଚକ୍ଷୁ ମିଳିତ ହେବ ? ବେଣୀଫଣୀ···ଭଗବାନ ତୋ ବେଣୀରୂପ ସର୍ପୀର ଝୁମ୍ପା ( ଫୁଲ ) ରୂପ ଫଣାକୁ ମୋ ମୁଣ୍ଡରେ ଛନ୍ଦପରି ଟେକାଇଲେ । ସେ ଦିନ ଯୁବରାଜଲକ୍ଷ୍ମୀ ମୋ ଅଂସ ଅବତଂସ ( କାନ୍ଧର ଅଳଙ୍କାର ) ହେବେ ଅର୍ଥାତ୍ ମୁଁ ସେ ଦିନ ଯୁବରାଜଶ୍ରୀ କାନ୍ଧରେ ବହିବି । ( ଭଗବାନ ମଧ୍ୟ ଫଣୀଫଣାକୁ ନିଜ ମୁଣ୍ଡ ଉପରେ ଛନ୍ଦ ପରି କରିଅଛନ୍ତି ) । ୨୩ । କାଶ୍ମୀର—ଦେଶବିଶେଷ ଓ ଜାଫ୍ରାନକେଶର, କୁନ୍ତଳ—ଦେଶବିଶେଷ ଓ

ଅଙ୍ଗରେ ବସତି କରିଅଛୁ ସବୁକାଳେ ରେ । ମଞ୍ଜୁଳା । ଭୂପାଳରୁ ତୁ ଲଭିଛୁ ଜନମ । କଣ୍ଠେ ଅଛୁ ମାଳବର ସଙ୍ଗମ । ନିଚୋଳ ପ୍ରତିଦାନ ଲାଗି ହୋଇଛୁ କାଞ୍ଚୀରେ ମଧ୍ୟ ସୁଷମ ରେ । ୨୩ । ତୋ ବିନା ଭୁବନ ବନ ଯେନି ମନ ଦେଶାଟନେ କଲେ ପ୍ରବେଶ । ଦୁଃଖପାସୋରି ଗୃହ ତ୍ରିସ୍ତ୍ରୀ ପ୍ରକାଶ । ହୋଏ ବୋଲି ବିଚାରିଲେ ତୋ ତନୁରେ ଅଛନ୍ତି ନିଖିଳ ଦେଶ ରେ । ମଞ୍ଜୁଳା । ତାହା ବିନା ଗଲେ ଆନ ଦେଶକୁ । ଅଜ୍ଞ ପାଇବ କି ସୁଖ ଲେଶକୁ । ସକଳ ଦେଶଚତୁର ଭାବ ହେବ ଭଜିଥିଲେ ତୋ ପାଶକୁ ରେ । ୨୪ । ଭାଗୀରଥୀଧାର ଉର ମୁକ୍ତାହାର ଯମୁନା ନୀଳ ରୋମରାଜି । କଣ୍ଠେ ସରସ୍ୱତୀ ଅଛୁ ବିରାଜି । ନର୍ମଦା ଲକ୍ଷଣଯାକ ପ୍ରତିପଦେ ତଟେ ସିନା ଅଛୁ ଭଜି ରେ । ମଞ୍ଜୁଳା । ଓଷ୍ଠ ମାଣିକ୍ୟ ତାରି ଇନ୍ଦ୍ରନୀଳ । ନଖ ହୀରକ ଦନ୍ତ ମୋତିଫଳ । ରତ୍ନାକର ତୁହି ଏ ଯେନି ନିଖିଳ ତୀର୍ଥ ତୋ ତନୁରେ ଠୁଳ ରେ । ୨୫ । ମକରଧ୍ୱଜତାପପାପନାଶିନୀ ଯୋଗ କେଉଁକାଳେ ଘଟିବ । ମୋର ମନ୍ତନେ କଳୁଷ ତୁଟିବ । ଏପରି କରୁଣା କରିବେ କେବେ ତୋ ପୟୋଧରେଶ୍ୱର ଶିବ ରେ । ମଞ୍ଜୁଳା । ତାଙ୍କ ସମୀପେ ଗୋଦାନ କରିବି । କରଯୋଡ଼ି କି ସନ୍ତୋଷେ ଭରିବି । ସଂସାର ଗୁରୁ ଯାତନାଯାକ ବିନା ଆୟାସରେ ପାସୋରିବି ରେ । ୨୬ । ଗମନେ ତୋହର ଅଛୁ ନାଗେଶ୍ୱର ଅବଲୋକନରେ ଅଶୋକ । ଶ୍ରୀଙ୍ଗମୂରେ ଦାସୀ ଛନ୍ତି ଅନେକ । ମୁଖପଙ୍କେରୁହ ଶ୍ରବଣ ପାଟଳୀ ଅଧର ଜୀବ ସ୍ତବକ ରେ । ମଞ୍ଜୁଳା । ନବ ପଲ୍ଲବ ଗୃହୁ ପାଣିପାଦ । କଳପଞ୍ଚମାଳାପ କଣ୍ଠନାଦ । ଭୃଙ୍ଗଧ୍ୱନି କରୁ ଅରଜି କରିବା ସମୟୁ ଉହୁଁ ଶବଦ ରେ ।୨୭। କନ୍ଦୁକ କେଳି ଅବସାନେ · ସୁମନ୍ଦ ନିଃଶ୍ୱାସ ଚନ୍ଦନ ପବନ । ଧନ ତୋ ତନୁ ବାସନ୍ତିକ ବନ । ତହିଁ ଯେ ବିହାର କରୁଅଛୁ ହରବିରୋଧୀ ତୁଳେ

---

କେଶ, କାମରୂପ—ଦେଶବିଶେଷ ଓ କନ୍ଦର୍ପର ସୌନ୍ଦର୍ଯ୍ୟ, ଭୂପାଳ—ଦେଶବିଶେଷ ଓ ରାଜା, ମାଳବର—ରାଜ୍ୟବିଶେଷର ଓ ଶ୍ରେଷ୍ଠମାଳା, ନିଚୋଳ—ଚୋଳରାଜ୍ୟ ଓ ଉତ୍ତରୀୟ ବସ୍ତ୍ର, କାଞ୍ଚୀ—ରାଜ୍ୟଖଣ୍ଡ ଓ କଟିଭୂଷଣ ମେଖଳା ।୨୫। ନର୍ମଦା—ନଦୀ ଓ ସୁଖପ୍ରଦ, ରତ୍ନାକର—ସମୁଦ୍ର ଓ ନାନାରତ୍ନର ଆଧାର, ମକରଧ୍ୱଜତାପପାପ-ନାଶିନୀ ଯୋଗ—କନ୍ଦର୍ପ ତାପରୂପ ପାପନାଶିନୀ ଯୋଗ ଓ ତାପପାପନାଶିନୀ ସମୁଦ୍ର-ସ୍ନାନ ଯୋଗ, ଗୋଦାନ—ଗୋରୁଦାନ ଓ ଚକ୍ଷୁଦାନ ଅର୍ଥାତ୍ ଆଖିରେ ଦେଖିବା । ୨୭ । ନାଗେଶ୍ୱର—ହସ୍ତିଶ୍ରେଷ୍ଠ ଓ ନାଗେଶ୍ୱର ଫୁଲ, ଅଶୋକ—ଦୁଃଖର ଅଭାବ ଓ ଅଶୋକ ଫୁଲ, ଦାସୀ—ଭୃତ୍ୟା ଓ ଦାସକେରଣ୍ଡା ଫୁଲ, ପଙ୍କେରୁହ—ପଦ୍ମ, ପାଟଳୀ—ପାଟଳୀ ଫୁଲ, ଜୀବସ୍ତବକ—ବଧୁଲିଫୁଲପେଣ୍ଡା, ଅରଜି କରିବା—ଅନିଚ୍ଛା ପ୍ରକାଶ କରିବା ।୨୮। କନ୍ଦୁକକେଳି—ପେଣ୍ଡୁଖେଳ, ବାସନ୍ତିକବନ—ନିଅଳୀଫୁଲ

ମୋ ମନ ରେ । ମଞ୍ଜୁଳା । ସେ ତ ପ୍ରଧାନ ପାଟଚର କର—ଅପହାରକ ବିରହୀ ରଙ୍କର । ଧରିଛନ୍ତି ମୋ ମନ ତୋ ରୁଚି ରତନ ତହିଁକି ଉପାୟ କର ରେ । ୨୮ । ଦିବସ ରଜନୀ କରି ଇନ୍ଦ୍ରଜାଲ ମାୟାବୀ ଭେଟାଇବା ଦିନ । ଦେଖିଁ ଶୋଭା ଦେଖିଅଛି ନୟନ । ଯେତେ ସୁଭାଗ୍ୟ ଦେଉଛି କେତେ ଜନ୍ମେ ପାସୋରି ପାରିବ ମନ ରେ । ମଞ୍ଜୁଳା । କଲୁ ମୋ ଠାରେ ଯେତେ ଅନୁଗ୍ରହ । ତହିଁ ପ୍ରମାଣ ଏକା ଅବିଗ୍ରହ । ସେ ପୁଣି ଅଦୃଶ୍ୟ ହୋଇଲା ରହିଲା କେଉଁ ନିଗୂଢ ମୋ ଦେହ ରେ । ୨୯ । ମୁନେ ଗଢିଲ ପୁଙ୍ଖରେ ସୁଧା ଦେଇ ବିନ୍ଧିଲୁ ନେତ୍ର କଳମ୍ବରେ । ମୋଡ଼ି ଦେଲୁ ଯା ଲକ୍ଷା ଆଡ଼ମ୍ବରେ । ଗର୍ଭରେ ବୁଡ଼ି ପତ୍ରୀ ଭାଙ୍ଗି ରହିଲା ମୋର ମରମ ଶମ୍ବରେ ରେ । ମଞ୍ଜୁଳା । ଲକ୍ଷା ଛାଡ଼ି ନ ଥିଲା ମୋ ମୁଣ୍ଡରୁ । ସ୍ନେହଚୁମ୍ବ ପାନବୋଳ ଗଣ୍ଡରୁ । ଅଧର ବନ୍ଧୁଲୀ ମଧୁର ମାଧୁର୍ଯ୍ୟ ଛାଡ଼ି ନ ଥିଲା ତୁଣ୍ଡରୁ ରେ । ୩୦ । କୁଚକଳଶୀ କୁଙ୍କୁମ ସଉରଭ ସମ୍ପଦ ଉରେ ଥିଲା ପୂରି । ଶ୍ରୁତିଯୁଗେ ବାଣୀ ସୁଧାନିର୍ଝରୀ । ହୃଦୟନଦରେ ପ୍ରସରି ଗଲା ତୋ ପରମ ରସ-ଲହରୀ ରେ । ମଞ୍ଜୁଳା । ଏ କି କହିବାର କଥା ଇତରେ । କେ ବା ସତ୍ୟ କରିବ ଜଗତରେ । ତ୍ରିଲୋକ ସମ୍ପଦଯାକ ଜମା ହୋଇଅଛି ନୟନ

---

ବିଗିଡ଼; ହରବିରୋଧୀ—କନ୍ଦର୍ପ, ପାଟଚର—ଚୋର, କରଅପହାରକ—ହାତରୁ ଯେ ଚୋରିକରି ନେଇଯାଏ, ରୁଚିରତନ—ସୌନ୍ଦର୍ଯ୍ୟରୂପ ରତ୍ନ । ହେ ଧନ, ତୋ ଶରୀର ରୂପ କଆଲୀବନରେ କନ୍ଦର୍ପସଙ୍ଗେ ମୋ ମନ ବୁଲୁଅଛି, ପେଣ୍ଡୁଖେଳ ଶେଷରେ ତୋର ଧୀର ନିଃଶ୍ୱାସରୂପଚନ୍ଦନ ପବନ, ହାତରୁ ନେଇ ପଳାଇଯିବା ଗୋଟାଏ ବଡ଼ ଚୋରପରି, ମୁଁ ରଙ୍କ (ଦରିଦ୍ର ବିରହୀ) ଅଟେ, ମନରେ ତୋର ଯେଉଁ ସୌନ୍ଦର୍ଯ୍ୟ ରୂପ ରତ୍ନକୁ ଧରିଛି ତାକୁ ସେ ନେଇ ପଳାଇ ଯିବଟି, ସେଥିପାଇଁ ଉପାୟ କର । ୨୯। ଇନ୍ଦ୍ରଜାଲମାୟାବୀ(ଐନ୍ଦ୍ରଜାଲିକ)ଦିନକୁ ରାତି କରି ଦେଇ ଯେଉଁଦିନ ତୋତେ ମୋତେ ଏକତ୍ର ମିଳାଇ ଦେଇଥିଲା ସେଦିନ ମୋ ଆଖି ଯେଉଁ ଶୋଭା ଦେଖିଛି, ସେ ଶୋଭା ମୋତେ ଯେତେ ସୌଭାଗ୍ୟ ଦେଉଛି, ଅଶେଷ ଜନ୍ମରେ ମୁଁ ତାହା ଭୁଲିଯିବି କି ? ଅବିଗ୍ରହ—ଅତନୁ, କନ୍ଦର୍ପ(ଏଠାରେ ମନ ?);ନିଗୂଢ—ନିଷ୍ଠୁର । ୩୦ । ନେତ୍ରକଳମ୍ବ—ଚକ୍ଷୁରୂପ ଶର, ତାହାର ମୁନରେ ବିଷ ଓ ପୁଙ୍ଖ ଅର୍ଥାତ୍ (ବାଣର ପକ୍ଷ ଲାଗିଥିବା)ମୂଳ ଅଂଶରେ ଅମୃତ ଦେଇ ମୋତେ ବିନ୍ଧିଲୁ । ଲକ୍ଷାର ଆଡ଼ମ୍ବରରେ (ଶୋଭାରେ) ନେତ୍ର ମୋଡ଼ି ଦେଲୁ, ଅର୍ଥାତ୍ ବୁଲାଇ ନେଲୁ । ସେ ପତ୍ରୀ (ଶର) ମୋ ମର୍ମରୂପ ଶମ୍ବର (ମୃଗର) ଗର୍ଭରେ ପଶିଯାଇ ଭାଙ୍ଗି ରହିଗଲା । ତୋ ପାଦରେ ମୋ ଶିର ଲଗାଇଥିବାରୁ ଲକ୍ଷା (ତୋ ପାଦର ଅଲତାରଙ୍ଗ) ମୋ ମୁଣ୍ଡରୁ ଛାଡ଼ି ନ ଥିଲା । ୩୧ । ଶ୍ରୁତିଯୁଗେ (ଦୁଇ କାନରେ) ବଚନରୂପ ଅମୃତର

ଭିତରେ ରେ ।୩୧। ଇନ୍ଦ୍ରନୀଳଚୂଡ଼ୀ ସଞ୍ଚାର ସୁଷମା ସଞ୍ଚାର କରାଇ ଚରମେ । ମଜ୍ଜାଇଲୁ ବ୍ରହ୍ମାନନ୍ଦ ଶରମେ । ମାୟା ଅବସାନ ଦଣ୍ଡେ ପୁଣି ଏତେ ଦଣ୍ଡ ଥିଲୁ ଏ କରମେ ରେ । ମଞ୍ଜୁଳା । ଏବେ ନ କଲେ ଏ ସୁଖ ସାକ୍ଷାତ । ହେବ ନାହିଁ ଏ ଜୀବନ ରକ୍ଷା ତ । ଦୀନାନୁକମ୍ପନହୀନା ବୋଲି ହେବ ଅଯଶ ତୋହର ଖ୍ୟାତ ରେ ।୩୨। ବିଚକ୍ଷଣ ଗୁଣନିଧି ସ୍ତମ୍ଭକୁ କି ଅଧିକ ମୁଁ ଲେଖି ପାରିବି । ଶଠା ଶଠାଙ୍ଗରେ ଯେବେ କରିବି । ଆୟାସ ଲେଶ ତୋ ଦିବ୍ୟ ଅବଧାନେ ହେଲେ ସଂସାରୁ ସରିବି ରେ । ମଞ୍ଜୁଳା । ଏଣୁ ହୃଦୟ ହେବାରୁ କାତର । କଲି ନାହିଁ ଜଣାଣକୁ ବିସ୍ତାର । ବଞ୍ଚାଇ ନେଲୁ ଉଚିତାନୁଚିତ ବିଧି ତୁ ସେ ସମସ୍ତର ରେ ।୩୩। ତାଦୃଶ ସୁକୁମାରତର ଶ୍ରୀହସ୍ତ ହୃଦୟ ନୟନ ଯୁଗଳୀ । ଧରି ନେଲ ଅନାଇଁ ହେଲେ ଢୋଳ । ଏ ଅପରାଧ ମୋର କ୍ଷମା କରିବୁ କ୍ଷମାନିଧି ମୋ ସଙ୍ଗାଳି ରେ । ମଞ୍ଜୁଳା । ମୁଁ ତୋ ଚରଣେ ଅଳତା ବୋଳୁଛି । ପ୍ରିୟସଖୀମାନଙ୍କୁ ସଂଖୋଳୁଛି । ତୋ ବେଶ ଅର୍ଥେ ତାହାଙ୍କ ତୁଲେ ଫୁଲବାଡ଼ିରୁ ଫୁଲ ତୋଳୁଛି ରେ ।୩୪। ଝରାମାଳିଆ ଶ୍ରବଣ ଅବତଂସ ସରୁ ପାଖୁଡ଼ା ଚନ୍ଦ୍ରହାର । ଫୁଲପହଞ୍ଚି ଫୁଲ ମୋତିଝର । ପଗୃପଦୀ ପରି ଚୂନିକି ବସାଇ ଅଙ୍ଗଦ କରୁଛି ତୋରି ରେ । ମଞ୍ଜୁଳା । ରାମ ସୁମିତ୍ରା-ନନ୍ଦବରଧନ । ତାଙ୍କ ଅନୁଜହିଁ ସେହି ସମାନ । ରାମଚନ୍ଦ୍ର ଜ୍ୟେଷ୍ଠରାୟ ଭୂନାଥର ସେ ତୁହେଁ ଜୀବନଧନ ହେ । ସୁଜନେ ।୩୫।

---

ଝର ପୁରି ରହିଥିଲୁ ।୩୨। ଇନ୍ଦ୍ରନୀଳମଣିରେ ନିର୍ମିତ ଚୂଡ଼ାର ସଞ୍ଚା (ଶଙ୍ଖା) ର ସୁଷମା (ଶୋଭା)କୁ ମୋ ଚରମେ(ପିଠିରେ) ସଞ୍ଚାର କରାଇ(ରଖାଇ) (ଅଳିଙ୍ଗନ-ଦ୍ୱାରା) ବ୍ରହ୍ମାନନ୍ଦ ଶର୍ମରେ (ବ୍ରହ୍ମପ୍ରାପ୍ତିଜନିତ ଆନନ୍ଦମୟ ସୁଖରେ) ମଜ୍ଜାଇ ଦେଲୁ (ବୁଡ଼ାଇ ଦେଲୁ); ମାୟା ଅବସାନଦଣ୍ଡେ—ଇନ୍ଦ୍ରଜାଲ ଶେଷରେ; ଦୀନାନୁକମ୍ପନ-ହୀନା—ଦରିଦ୍ରକୁ ଦୟା କରିବାରେ ଅକ୍ଷମା ।୩୩। ଶଠା—ବିରକ୍ତ; ଆୟାସଲେଶ—ସାମାନ୍ୟକଷ୍ଟ ।୩୪। ଝରାମାଳିଆ—ଏକପ୍ରକାର ଝରା ଲମ୍ବିଥିବା ଫୁଲତୋଡ଼ା, ଶ୍ରବଣଅବତଂସ—କାନଫୁଲ; ଫୁଲପହଞ୍ଚି—ଫୁଲରେ ତିଆରି ପଇଞ୍ଚିଗଡ଼ୁ; ଚୂନି—ପଦ୍ମରାଗମଣି; ଅଙ୍ଗଦ—ବାହୁଭୂଷଣ ।୩୫। ସୁମିତ୍ରାନନ୍ଦବରଧନ ତାଙ୍କ ଅନୁଜ—ସୁମିତ୍ରାଙ୍କର ଆନନ୍ଦବର୍ଦ୍ଧକ ତାଙ୍କ ସାନ ଭାଇ ଲକ୍ଷ୍ମଣ ।

## ତ୍ରୟୋଦଶ ଛାନ୍ଦ

ରାଗ—ଚନ୍ଦ୍ରାକେଦାର

(ସଖୀ କୁନ୍ଦଲତାର ଅନଙ୍ଗସୁନ୍ଦର ନିକଟକୁ ପ୍ରତ୍ୟୁତ୍ତର ପଠାଉ)

ରାଧାମୋହନ ତୁମ୍ଭ ଚରଣ । ଶୋଣ ପଙ୍କଜଯୁଗ ଶରଣ । ନାଗରୀ ସକଳ ସମ୍ପଦର ପଦ କୁନ୍ଦଲତା ଶିର ଆଭରଣ ହେ । ନାଗର ।୧। ଅଖଣ୍ଡିତ ଧରାଯୁବରାଜ । ସରସ୍ୱତୀସଙ୍ଗୀତସମାଜ—ରସିକନିକର-ଶିରୋମଣିକରଦୀପନୀରାଜିତପଦାମ୍ବୁଜ ହେ । ନାଗର ।୨। ଇଷ୍ଟଦେବ ଚନ୍ଦ୍ରକୁବଳୟ । ବାହୁବଳଜିତ ଭୂବଳୟ । ଅମନ୍ଦ ଗୁଣଗଣମଣି ମଞ୍ଜୁଷ ଶୋଭାଇନ୍ଦୀରାବନ୍ଦନାଳୟ ହେ । ନାଗର ।୩। ଦେଖି ତୁମ୍ଭର ଗଭୀର ଭାବ । ବାଦ କଲା ଯା କ୍ଷୀର ଅର୍ଣ୍ଣବ । ଯେଣି ମନ୍ଦରକୁ ତାହା ମନ୍ଦରକୁ ତହୁଁ ଲୁଟାଇ ନେଲା ଦଇବ ହେ । ନାଗର ।୪। ଯଶତୁଲ୍ୟ ହେବ ବୋଲି ଶଶୀ । ମନେ ମନେ ଯା ହେଲା ସାହସୀ । ବୁଲୁଛି ପ୍ରତି ରାତି ମୃଗକପଟେ ଦେଲା ଧାତା ଦେବା ଦାଗମସୀ ହେ । ନାଗର ।୫। ରବି କର ପ୍ରତାପକୁ ଲୋଡ଼ା । ପାଇ ରଶ୍ମିଚୟ ଭିଡ଼ା ପୀଡ଼ା । ହେବାକୁ ନିର୍ଦ୍ଦୋଷ କରୁଛି ପ୍ରଦୋଷ କାଳେ ପ୍ରତୀଚୀ ସମୁଦ୍ରେ ବୁଡ଼ା ହେ । ନାଗର ।୬। କରି ମନେ

---

ତ୍ରୟୋଦଶ ଛାନ୍ଦ

୧ । ନାଗରୀସକଳସମ୍ପଦର ପଦ—ନାଗରୀର ସମସ୍ତ ସୁଖର ସ୍ଥାନ; କୁନ୍ଦଲତା (ଚନ୍ଦ୍ରକଳାର ସଖୀ ଏ ପତ୍ରର ଲେଖିକା)ର ମସ୍ତକର ଅଳଙ୍କାରସ୍ୱରୂପ ।୨।ଅଖଣ୍ଡିତ ଧରା—ସମଗ୍ର ପୃଥିବୀ; ସରସ୍ୱତୀଙ୍କ ସଙ୍ଗୀତସଭାର ଯେଉଁମାନେ ରସିକସମୂହ ସେମାନଙ୍କ ମସ୍ତକସ୍ଥ ମଣିର କର(କିରଣ)ଦ୍ୱାରା ନୀରାଜିତ(ଆରାଧିତ;ବନ୍ଦିତ)ହୋଇ-ଅଛି ପାଦପଦ୍ମ ଯାହାଙ୍କର ।୩। କୁବଳୟ—ନୀଳକଇଁ । ପ୍ର.କୃଷ୍ଣଙ୍କ ପ୍ରେମରେ ଅବଦ୍ଧ ଚନ୍ଦ୍ରକୁବଳୟ ତୁମ୍ଭର ଇଷ୍ଟଦେବତା ଅଟନ୍ତି । ତୁମ୍ଭେ ବାହୁବଳରେ ଭୂବଳୟ (ଭୂମଣ୍ଡଳ) ଜୟ କରିଅଛ । ଅମନ୍ଦଗୁଣଗଣମଣି ମଞ୍ଜୁଷ—ସୁନ୍ଦରଗୁଣସମୂହର ମଞ୍ଜୁଷ (ପେଡ଼ି, ଆଧାର);ଶୋଭାଇନ୍ଦୀରାବନ୍ଦନାଳୟ—ସୌନ୍ଦର୍ଯ୍ୟଲକ୍ଷ୍ମୀଙ୍କର ବନ୍ଦନାଗାର । ୪ । ସମୁଦ୍ର ଅପେକ୍ଷା ତୁମ୍ଭର ହୃଦୟଭାବ ଅଧିକ ଗମ୍ଭୀର । ୫ । ଯଶ ଶୁକ୍ଳବର୍ଣ୍ଣ ବୋଲି ବର୍ଣ୍ଣିତ ହୁଏ । ଚନ୍ଦ୍ର(କଳଙ୍କରୂପୀ)ମୃଗ ବ୍ୟାଜରେ ବିଧାତା ଦେଇଥିବା ମସୀ (କଳା)ଦାଗ ଧରି ପ୍ରତି ରାତିରେ ବୁଲୁଛି ।୬। ସୂର୍ଯ୍ୟ ତୁମ୍ଭ ପରି ପ୍ରତାପୀ ହେବାକୁ ଇଚ୍ଛା କରି ରଶ୍ମି(କିରଣ ଓ ଦଉଡ଼ି) ସମୂହର ଭିଡ଼ାରୁ ପୀଡ଼ା······।୭। କାମ—

ଅନେକ ଉଦ୍ୟମ । ରୂପସମ ନୋହିବାରୁ କାମ । ଦେହ ଦେଖାଇବା ଲାଜେ ଦଗ୍ଧ ହୋଇ ଏକା ଶ୍ରୁତିଗତ କଲା ନାମ ହେ । ନାଗର । ୭ । ବାଦ ବାନ୍ଧି ତୁମ୍ଭ ସ୍ୱରତୁଲେ । ମଦେ କନ୍ଦରେ ଯେତେ ମାତିଲେ । କଉତୁକୀ ଦେବ କମଳସମ୍ଭବ ଅଶ୍ୱମୁହାଁ ବୋଲି ବୋଲି ହେଲେ ହେ । ନାଗର । ୮ । କଳ୍ପଜୀବୀ ଯେବେ ଜୀବ ହେବେ । ଅଳ୍ପ କରି ବା କୀର୍ତ୍ତି କହିବେ । କହୁଁ କହୁଁ ପୀତବର୍ଣ୍ଣ ଛାଡ଼ି ଶ୍ୱେତ ହୋଇଯିବାକୁ ଅବା ଶଙ୍କିବେ ହେ । ନାଗର । ୯ । ରିପୁ ଦ୍ୱିଜଯୂ କରିରାଜଙ୍କ । ରଣ ସେନାଗ୍ରେ କରି ରାଜଙ୍କ । ରୋଦସୀ ମିଶା ସାଗରଗଣ ରସା ହେଲେ ନଅଙ୍ଗେ ଯାହା ବାଜୀଙ୍କ ହେ । ନାଗର । ୧୦ । ଦେଖି କରି କରେ କରବାଳ । ହୋଇ ପରସ୍ପରେ କଳକଳ । ସକଳ ସୁରସୁନ୍ଦରୀ ସଜାଡ଼ନ୍ତି ହରିଚନ୍ଦନ କୁସୁମମାଳ ହେ । ନାଗର । ୧୧ । ତୂଣେ ମାର୍ଗଣଚୟ ଉଦୟେ । ହେଲେ କର ଯେବେ ଉଚ୍ଚ ହୋଏ । କୁଳପାଳୀ କାଳ ଘଟିତୁଲେ ମିଳି ହେମ ଅଚଳ କମ୍ପଇ ଭୟେ ହେ । ନାଗର । ୧୨ । ଦେବ ଇଡ଼ୃଶ ପ୍ରଭୁସରଙ୍କ ।

---

କନ୍ଦର୍ପ ( ମହାଦେବଙ୍କ ଚକ୍ଷୁର ଅଗ୍ନିରେ ପୋଡ଼ି ଯାଇଥିଲା ) । ଏକା···ତାହାର ନାମ ମାତ୍ର କାନରେ ଶୁଣାଯାଏ ।୮। କନ୍ଦର—ଦେବତାମାନଙ୍କ ଗାୟକ; କଉତୁକୀ ଦେବକମଳସମ୍ଭବ—କୌତୁକପ୍ରିୟ ବ୍ରହ୍ମା; ଅଶ୍ୱମୁହାଁ—ଘୋଡ଼ାପରି ମୁହଁ ଯେଉଁ-ମାନଙ୍କର (କନ୍ଦରମାନଙ୍କର ମୁହଁ ଘୋଡ଼ାପରି) ।୯। କଳ୍ପଜୀବୀ—ଦୀର୍ଘଜୀବୀ; କହୁଁକହୁଁ ...ଯେଉଁ ଲୋକର ବର୍ଣ୍ଣ ଗୌର ସେ ତୁମ୍ଭ ଯଶ ବର୍ଣ୍ଣନା କରୁ କରୁ ଧଳା ହୋଇ ଯିବାପାଇଁ ଭୟ କରିବେ (ଯଶ ଶୁକ୍ଳ ବୋଲି ବର୍ଣ୍ଣିତ ହୁଏ) । ୧୦ । କରିରାଜଙ୍କ—ହସ୍ତୀମାନଙ୍କୁ—ସେନାଗ୍ରେ; ସେନାଦଳଶେଷରେ, ରାଜଙ୍କ କରି—ଧାଡ଼ି ଧାଡ଼ିକରି, ରୋଦସୀ—ସ୍ୱର୍ଗ ଓ ପୃଥିବୀ, ସାଗରଗଣ—ସବୁ ସମୁଦ୍ର, ରସା—ପୃଥିବୀ; ବାଜୀ—ଘୋଡ଼ା ।୧୧। କରବାଳ—ଖଡ଼୍ଗ; ଯୁଦ୍ଧରେ ମରିବା ଲୋକ ସାଙ୍ଗେ ସାଙ୍ଗେ ସ୍ୱର୍ଗକୁ ଯାଏ, ତୁମ୍ଭେ ହାତରେ ଖଣ୍ଡା ଧରିବା ମାତ୍ରେ ସ୍ୱର୍ଗର ଦେବୀମାନେ ମନେ କରନ୍ତି ନିଶ୍ଚୟ ଅନେକ ବୀର ଯୁଦ୍ଧରେ ମରି ସ୍ୱର୍ଗକୁ ଆସିବେ; ତେଣୁ ସେମାନେ ସେହି ମୃତ ବୀରମାନଙ୍କୁ ଅଭ୍ୟର୍ଥନା କରିବାପାଇଁ ପରସ୍ପର କଳି କରି ଆଗରୁ ସ୍ୱର୍ଗର ହରିଚନ୍ଦନ ( ଦେବତରୁ ) ଗଛର ଫୁଲରେ ବରଣମାଳା ପ୍ରସ୍ତୁତ କରି ରଖନ୍ତି । ୧୨ । ତୂଣ—ତୂଣୀର, ଶର ରଖିବା ମୁଣ୍ଡା; ମାର୍ଗଣଚୟ—ଶରସମୂହ, ଉଦୟେ—ପ୍ରକାଶରେ, ବାହାର କରିବାରେ । ତୂଣୀରରୁ ବାଣ ବାହାର କରିବାପାଇଁ ତୁମ୍ଭ ହାତ ଯେତେବେଳେ ଉପରକୁ ଉଠେ, ସେତେବେଳେ ( ସ୍ୱାମୀମାନଙ୍କର ମୃତ୍ୟୁ ଭୟରେ ) କୁଳପାଳୀ ( ତୁମ ଶତ୍ରୁଙ୍କ କୁଳକାମିନୀ ) ମାନଙ୍କର କଳା ପଡ଼ିଯିବା ଛାତି ସାଙ୍ଗେ ବକ୍ଷସ୍ଥିତ ହେମଅଚଳ ( ସ୍ୱର୍ଣ୍ଣପର୍ବତ ତୁଲ୍ୟ କୁଚ ).

ଲେଖ ଲେଖି ପାରେ କିଶୋରୀ କି । ଲୂତାତନ୍ତୁ ପରି ବିତାନବାଗୁରି ଧରି
ଲୋଡ଼ୁଅଛୁ କେଶରୀ କି ହେ । ନାଗର ।୧୩। ଅହେ ଯୁବତୀ ଜୀବନ-
ଧନ । ଜନ୍ମବେଳରୁ ଯେଉଁ ବାମନ । କଳାକରକଳା କରେ ଧରି ଖେଳା
କରିବାକୁ ସେ ବଳାଏ ମନ ହେ । ନାଗର ।୧୪। ପୁଣି ଏ ଅଶା
ଅତି ବିଚିତ୍ର । ଦେଖି ଲୋଡ଼େ ଯା ଶ୍ରୀହସ୍ତ ପତ୍ର । କ୍ଷୁଦ୍ର ଖଦ୍ୟୋତ କୀଟ
କରେ ସାହସ ରବିତୁଲେ ହୋଇବାକୁ ମିତ୍ର ହେ । ନାଗର ।୧୫। କରି
ସଙ୍ଗୀଳ ସ୍ୱପ୍ନ ପ୍ରସାଦ । ଆମ୍ଭ ଭରସା ଅତି ପ୍ରମାଦ । ଚକ୍ଷୁବିହୀନ ଭିକ୍ଷୁକଜନ
ଲୋଡ଼ଇ ଲଭିବାକୁ ସହସ୍ରାକ୍ଷପଦ ହେ । ନାଗର ।୧୬। ଯତ୍ନ କଲେ
ଦୋଷ ନ ବୋଲଇ । ଲୋକ ଭାଗ୍ୟ ସିନା ଲୋଡ଼ୁଥାଇ । ବିଧିଅନୁକୂଳ
ହେବାରୁ ହୋଇଲା ପକ୍ଷୀ ଚକୋର ଚନ୍ଦ୍ରିକାପାୟୀ ହେ ।
ନାଗର ।୧୭। ଧାତାକୃପା ହେବାରୁ ଅମନ୍ଦ । ଭୋଗ ନ କଲା କି ମକରନ୍ଦ ।
ତିନ୍ଦୁକ ଇନ୍ଧନଅଙ୍ଗାରଶକଳକଳା ବିକଟ କୀଟ ମିଳିନ୍ଦ ହେ ।
ନାଗର ।୧୮। ଗୋପୀଜନ ମିହିରସୁତାକୂଳେ । ରଖିବାରୁ ବିଶ୍ୱାସ
ନିଷ୍ଠଲେ । ଶ୍ରୀକୃଷ୍ଣଚନ୍ଦ୍ର ଚରଣସରସିଜସେବାଯୋଗ୍ୟ ନୋହିଲେ କି
କାଳେ ହେ । ନାଗର ।୧୯। ଅହେତୁକ ସ୍ନେହୀ ପ୍ରଭୁମାନେ । ତାରତମ୍ୟ
ଥିଲେ ହେଲେ ମନେ । ରୁମାଧବଙ୍କୁ ଭୂ-ଜେମାଧବ ପରି ଅନୁକମ୍ପନ୍ତି
ସମବିଧାନେ ହେ । ନାଗର । ୨୦ । ତ୍ରିଭଜନେ ବହିଲେ କରୁଣା । ନ

---

ଭୟରେ ଥରେ ।୧୩। ହେ ଦେବ, ଏପରି ପ୍ରଭୁଙ୍କ ନିକଟକୁ କିଶୋରୀ ( ଅଳ୍ପ-
ବୟସ୍କା ଯୁବତୀ ) କୌଣସି ଲେଖ ( ପତ୍ର ) ଲେଖି ପାରେ କି ? । ଲୂତାତନ୍ତୁ—
ବୁଡ଼ିଆଣୀଜାଲ, ବିତାନ—ବିସ୍ତାର, ବାଗୁରି—ଜାଲ, କେଶରୀ—ସିଂହ ।
୧୪ । କଳାକରକଳା—ଚନ୍ଦ୍ରକଳା ।୧୫। ଖଦ୍ୟୋତକୀଟ—ଜୁଳୁଜୁଳିଆପୋକ,
ରବି ତୁଲେ—ସୂର୍ଯ୍ୟଙ୍କ ସାଙ୍ଗରେ ।୧୬। ସ୍ୱପ୍ନପ୍ରସାଦ—ସ୍ୱପ୍ନରେ ଦର୍ଶନଲଭିରୂପ
ଅନୁଗ୍ରହ; ଚକ୍ଷୁବିହୀନ ଭିକ୍ଷୁକଜନ—ଅନ୍ଧ ଭିଖାରୀ, ସହସ୍ରାକ୍ଷ—ସହସ୍ର ଚକ୍ଷୁଧାରୀ ଇନ୍ଦ୍ର ।
୧୭ । ଚନ୍ଦ୍ରିକାପାୟୀ—ଚନ୍ଦ୍ରକିରଣ ପାନକାରୀ ।୧୮। ଅମନ୍ଦ—ବହୁ; ପ୍ରଚୁର; ମକ-
ରନ୍ଦ—ପୁଷ୍ପମଧୁ, ତିନ୍ଦୁକ—କେନ୍ଦୁକାଠ, ଇନ୍ଧନ—ଜାଳେଣୀକାଠ, ଶକଳ—ଖଣ୍ଡ,
ପୋଡ଼ା କେନ୍ଦୁକାଠର ଅଙ୍ଗାରଖଣ୍ଡ ପରି କଳା; ବିକୃତ କୀଟ—ଅସୁନ୍ଦର ପୋକ,
ମିଳିନ୍ଦ—ଭ୍ରମର, ବିଧାତାଙ୍କ କୃପାବଳରେ କେନ୍ଦୁକାଠ ଅଙ୍ଗାର ପରି କଳା ଅସୁନ୍ଦର
ଭ୍ରମର ସିନା ମକରନ୍ଦ ପାନ କରେ ।୧୯। ମିହିରସୁତାକୂଳେ—ଯମୁନାତୀରରେ ।
୨୦ । ଅହେତୁକ ସ୍ନେହୀ—କାରଣ ନ ଥାଇ ଯେଉଁମାନେ ସ୍ନେହ କରନ୍ତି ।
ପ୍ରଭୁମାନେ—ଦେବତାମାନେ, ରୁମାଧବ—ସୁଗ୍ରୀବ, ଭୂ-ଜେମାଧବ—ପୃଥ୍ୱୀଶ୍ୱର

ଦେଶଇ ପ୍ରଭୁପଣ ଊଣା । ଶଶ ଶଶଧର ଗର ଗଙ୍ଗାଧର ଯୋଗ ଥିବନ୍ତି ପୁରାଣେ ଶୁଣା ହେ । ନାଗର । ୨୧ । ପୂର୍ବେ ମୋତେ ତୁମ୍ଭ କ୍ଷୀରଧାତ୍ରୀ । କରିଥିବା ଯେନ ଧର୍ମପୁତ୍ରୀ । ପୁତ୍ରୀନିର୍ବିଶେଷ କରି ସ୍ନେହେ ପରିପାଳିଥିଲେ ଜନୟିତ୍ରୀ ହେ । ନାଗର । ୨୨ । କନ୍ୟା ହୋଇଥିଲି ବା ରୋହିଣୀ । ମତେ କେଉଁ ଦେବୀ ଏଥି ଆଣି । ବାଳା ପ୍ରାଣପ୍ରିୟ ସଖୀ କରିଲ ବାଲ୍ୟ ସକାଶୁଁ ମୁଁ ନାହିଁ ଜାଣି ହେ । ନାଗର । ୨୩ । ଏଣୁ ଜଣାଣ ଲେଖଇ ରସି । କିଛି ନ ଜାଣେ ଅରାଳକେଶୀ । ହେଲେ ହେଲେ ଅନୁଚିତ ଅବଧାନ୍ତୁ ଯେନ କରୁଣାସୁଧା ବରଷି ହେ । ନାଗର । ୨୪ । କେମା ଲଜେ ସିନା କହୁ ନାହିଁ । ତାର ଶ୍ରୀଅଙ୍ଗବେଦନା ଗୁହିଁ । ହେଲାନି ପରତେ ମଦନ କରତେ ନିଶ୍ଚେ ସରିଯିବ ଗୃନ୍ଦମୁହାଁ ହେ । ନାଗର । ୨୫ । ଦୁଃଖେ ଯେବେ ରାମା ଜୀବ ଯିବ । ତୁମ୍ଭ ପରି ପ୍ରଭୁ ନିନ୍ଦ୍ୟ ହେବ । ଚାତକ କଣ୍ଠ ଶୋଷଣେ ନାଶଗଲେ ଘନ ବିନା କାହାର ଲାଘବ ହେ । ନାଗର । ୨୬ । ଜୀବ ଯିବା ଚିନ୍ତା ନାହିଁ ତାର । ତୁମ୍ଭ ଶ୍ରୀଅଙ୍ଗ ଯେ ସୁକୁମାର । ମାର ମାରୁଛି ଯେଉଁ ହୃଦେ ନିରତେ ତହିଁ କାହିଁକି କଲ ଅଗାର ହେ । ନାଗର । ୨୭ । ଯେଉଁ ଅଙ୍ଗ ମାର୍ଦ୍ଦବ ସୁମରି । ବାଳା ଶିରୀଷରୁ ସୁକୁମାରୀ । ହେଲେହେଁ ତୁମ୍ଭ ହୃଦକୁ ନ ଛୁଇଁଲା କଦାଚିତ ବାଧିବାକୁ ଡର ହେ । ନାଗର । ୨୮ ।

---

କନ୍ୟା ସୀତାଙ୍କ ସ୍ୱାମୀ ରାମଚନ୍ଦ୍ର । ୨୧ । ଶଶ······ଶଶଧର ( ଚନ୍ଦ୍ର ) ଶଶ ( ଠେକୁଆ ) କୁ, ଗଙ୍ଗାଧର ( ଶିବ ) ଗରକୁ ( ବିଷକୁ ) ଆଶ୍ରିତଜନଙ୍କଠାରେ କରୁଣା କରି ଧାରଣ କରିଅଛନ୍ତି । ୨୨ । କ୍ଷୀରଧାତ୍ରୀ—ସ୍ତନ୍ୟପାନ କରାଇଥିବା ଧାଈ ମା; ପୁତ୍ରୀନିର୍ବିଶେଷ କରି—ନିଜ କନ୍ୟା ପରି, ଜନୟିତ୍ରୀ—ମା, ଜନନୀ । ୨୩ । କନ୍ୟା—ଦଶବର୍ଷ ବୟସ୍କା ବାଳିକା, ରୋହିଣୀ—ନଅବର୍ଷ ବୟସ୍କା ବାଳିକା ( ଅଷ୍ଟବର୍ଷା ଭବେତ୍ ଗୌରୀ, ନବବର୍ଷା ଚ ରୋହିଣୀ, ଦଶବର୍ଷା ଭବେତ୍ କନ୍ୟା···) ବାଲ୍ୟ ସକାଶୁଁ—ମୁଁ ବାଳିକା ହୋଇଥିବାରୁ । ୨୪ । ଅରାଳକେଶୀ—କୁଟିଳକୁନ୍ତଳା; ଅନୁଚିତ ଅବଧାନ୍ତୁ—ଉଚିତ ସାବଧାନତା ଅଭ୍ରବନ୍ତୁ । ୨୫ । ମଦନ କରତେ—କନ୍ଦର୍ପର କରତନାମକ ଶସ୍ତ୍ରଦ୍ୱାରା । ୨୬ । କଣ୍ଠ ଶୋଷଣେ—କଣ୍ଠ ଶୁଖିଯିବାରୁ । ଲାଘବ—ନୀଚତା । ୨୭ । ଅଗାର—ଗୃହ, ବାସ । ତାର ମରିବାରେ ଚିନ୍ତା ନାହିଁ, ମାତ୍ର ତୁମ୍ଭେ ସର୍ବଦା ତା ହୃଦୟରେ ବାସ କରିବାରୁ କାଳେ ତା ଶରୀର ନାଶ ହେଲେ ତା ମଧ୍ୟରେ ରହିଥିବା ତୁମ୍ଭର ସୁକୁମାର ଶରୀର ଆଘାତ ପାଇବ, ଏଥିପାଇଁ ତାହାର ଭୟ । ୨୮ । ଶିରୀଷ ପୁଷ୍ପପରି କୋମଳାଙ୍ଗୀ ହେଲେହେଁ ତୁମ୍ଭ ଶରୀରର ମାର୍ଦ୍ଦବ (କୋମଳତା) ସ୍ମରଣ କରି କାଳେ ତୁମ୍ଭଙ୍କୁ ବାଧିବ ଏଥିପାଇଁ ତୁମ୍ଭ ହୃଦୟରେ ରହିବାକୁ ସାହସ କରୁ ନାହିଁ; ଅର୍ଥାତ୍ ତୁମ୍ଭେ ଚନ୍ଦ୍ରକଳାକୁ ସବୁବେଳେ ମନରେ

ଚଣ୍ଡ କୁସୁମ କୋଦଣ୍ଡଧାରୀ । ତୁମ୍ଭ ନେତ୍ରାନ୍ତ ନିଦେଶକାରୀ । ତୁମ୍ଭଙ୍କୁ ସିନା ନ ବାଧିବ ତା ରୋଷେ, କେହୁ ବଞ୍ଚିବ ନୃପକୁମାରୀ ହେ । ନାଗର । ୨୯ । ପ୍ରତିପଦାବିଭାବରୀଧବ । ଏବେ ଜେମାଠାରୁ ସ୍ଥୂଳ ହେବ । ତରୁଛୁଁ ଶ୍ୱାସ-ବାସଲୋଭୀ ରୋଲମ୍ବ ପକ୍ଷବାତେ ଅବା ଉଡ଼ିଯିବ ହେ । ନାଗର । ୩୦ । ପୂର୍ବ ପୁଣ୍ୟପୁଞ୍ଜ ହେଲେ ତୁଣ୍ଡ । ତୁମ୍ଭ ଚୁମ୍ବିଯୋଗ୍ୟ ଯେଉଁ ଗଣ୍ଡ । ତାହାକୁ ସ୍ଥିର ପାଣ୍ଡୁ ଭାବ ଚୁମ୍ବୁଛି ଏଥୁଁ ନେତ୍ରକୁ ଯେ ବଡ଼ ଦଣ୍ଡ ହେ । ନାଗର । ୩୧ । ବିଷ ହେଲାନି ଦ୍ରବ୍ୟ ଅଶନ । ବାଜି ତପ୍ତ ନିଃଶ୍ୱାସ ଶ୍ୱସନ । ଧରାରେ ଝଡ଼ି ମଉଳିଯିବା ଜବା ପରି ହେଲାଣି ଦନ୍ତବସନ ହେ । ନାଗର । ୩୨ । କେଳି କୁତୁକୀ କାମଦୁଘାଟି । ମଣେ ପଲ୍ଲବ ଶଯ୍ୟାକୁ ଘାଟୀ । ଛାଟିଲୁଁ ଉରରେ ପାଟୀର ପଙ୍କରେ ଦକ୍ଷିଣ ଜଳା କବାଟୀ ହେ । ନାଗର । ୩୩ । ସହଜେ ତ ମଧ୍ୟ ଅତି କୃଶ । ଏଣୁ କଲାଣି ଅତି ଅବଶ । ଝାଉଁଳି ଯିବ ହେମଲତାଅଙ୍ଗୀଙ୍କ ମହାଦୁର୍ବହ କୁଚକଲଶ ହେ । ନାଗର । ୩୪ । ବାଳା ହୋଇବାରୁ ଲୀଳା ତୁଟ । ଦିନେ ଦିନେ ହୋଇଛି ପ୍ରକଟ । ଅପାଙ୍ଗ ନିଜାଙ୍ଗଣେ ଭୂମି ହେଲାଣି ଖଞ୍ଜ

---

ସ୍ଥାନ ଦିଅ ବୋଲି କହିବାକୁ ସାହସ କରୁ ନାହିଁ । ୨୯ । ଚଣ୍ଡ କୁସୁମକୋଦଣ୍ଡ-ଧାରୀ—ପ୍ରଚଣ୍ଡ ଫୁଲଧନୁ ଧାରଣକାରୀ (କନ୍ଦର୍ପ); ତୁମ୍ଭ ନେତ୍ରାନ୍ତ ନିଦେଶକାରୀ—(ବୀରତ୍ୱାଦି ବିଷୟରେ) ତୁମ୍ଭଠାରୁ ଊଣା ହେବାରୁ ତୁମ୍ଭ ଚକ୍ଷୁକୋଣର ଆଦେଶ ଅର୍ଥାତ୍ ଇଙ୍ଗିତ ଅନୁସାରେ କାର୍ଯ୍ୟ କରେ । କେହୁ—କିପରି । ଦୁଷ୍ଟ ମଦନ ତୁମ୍ଭର କିଙ୍କର ଥିବାରୁ ତା ଆଘାତ ତୁମ୍ଭଙ୍କୁ ସିନା ବାଧିବ ନାହିଁ, କିନ୍ତୁ ସେ ଦୁଷ୍ଟର କୋପରୁ ଚନ୍ଦ୍ରକଳା ସମ୍ଭାଳି ନ ପାରି ମରିଯିବ । ୩୦ । ପ୍ରତିପଦାବିଭାବରୀ-ଧବ—ପ୍ରତିପଦ୍ ତିଥିର କ୍ଷୀଣ ଚନ୍ଦ୍ର, ଶ୍ୱାସବାସଲୋଭୀ—( ପଦ୍ମଗନ୍ଧିନୀ ଚନ୍ଦ୍ରକଳାର ନିଃଶ୍ୱାସ ପଦ୍ମଫୁଲ ଗନ୍ଧବିଶିଷ୍ଟ ହୋଇଥିବାରୁ ) ତା ନିଃଶ୍ୱାସ ପବନଦ୍ୱାରା ଆକୃଷ୍ଟ ହୋଇ ପାଖରେ ଉଡ଼ୁଥିବା, ରୋଲମ୍ବ ପକ୍ଷବାତେ—ଭ୍ରମରର ଡେଣା ପବନରେ । ୩୧ । ପାଣ୍ଡୁଭାବ—ପାଣ୍ଡୁତା, ରକ୍ତହୀନତା ଯୋଗୁଁ ଶେତା ପଡ଼ିଯିବା । ୩୨ । ଅଶନ—ଖାଦ୍ୟ, ଜବା—ମନ୍ଦାରଫୁଲ, ଦନ୍ତବସନ—ଅଧର, ଓଷ୍ଠ । ୩୩ । କାମଦୁଘା—କାମଧେନୁପରି ଅଭୀଷ୍ଟଦାୟିନୀ, ପଲ୍ଲବ-ଶଯ୍ୟା—କୋମଳ ନୂଆପତ୍ର ବିଛଣା, ଘାଟୀ—ଉଚ୍ଚ ସ୍ଥାନ, ପାଟୀର ପଙ୍କରେ—ଚନ୍ଦନରୂପ ପଙ୍କରେ, ଦକ୍ଷିଣର ମଳୟ ପବନ ବିରହିଣୀଙ୍କ ପକ୍ଷରେ ଯନ୍ତ୍ରଣାପ୍ରଦ ହୁଏ, ଏଥିପାଇଁ ତା ଦେହରେ ଦକ୍ଷିଣା ପବନ ନ ଲାଗିବ ବୋଲି ଝରକାରେ ବଟାଚନ୍ଦନ ଲଗି ବାୟୁନିର୍ଗମ ମାର୍ଗ ଅମେ ବନ୍ଦ କରୁଛୁଁ । ୩୪ । ମଧ୍ୟ—କଟିଦେଶ, ଅତିକୃଶ—ଅତିକ୍ଷୀଣ । ୩୫ । ଲୀଳାତୁଟ—ସୌନ୍ଦର୍ଯ୍ୟହାନି,

ତାହା ନେତ୍ରଖଞ୍ଜରୀଟ ହେ । ନାଗର । ୩୫ । ତୁମ୍ଭେ ଚମତ୍କାର ଚନ୍ଦ୍ରବତ । ବାଳାଶଶି-ଶଶି-ଚନ୍ଦ୍ରକାନ୍ତ । କର ସ୍ପର୍ଶ ବିନା ସିନା ଏ ଯେଉଁ ହୋଇଗଲା ଏତେ ଦ୍ରବୀଭୂତ ହେ । ନାଗର । ୩୬ । ଏଣୁ ମଣେ ହେ ସୁନ୍ଦରବର । କର ସମ୍ପର୍କ ହେଲେ ତୁମ୍ଭର । ଦ୍ରବରୁ ଯେବେ ଦ୍ରବ ଜାତ ହୋଇବ ହୃଦ କି ହୋଇବଟି କେମାର ହେ । ନାଗର । ୩୭ । ଦିନେ ଦିନେ ଉନମାଦବଶେ । ଯେଉଁ ତୁମ୍ଭେ ଥିଲ ପରି ପାଶେ । ବୁଝି ବସି ପୁଣି ତୁମ୍ଭ ଗୂଢ଼ବାଣୀ ଶୁଣି ବୋଧହେଲା ପରି ଦିଶେ ହେ । ନାଗର । ୩୮ । ଏକୁଁ ଅରକେ ହୋଇ ନିପୁଣ । କେତେ ନ ଥିଲେ ନରେଶଗଣ । ବୀରସେନରାଜସୁତରେ ଭୀମଜା ମଜ୍ଜା ମଜ୍ଜାଇବାର ତ ଜାଣ ହେ । ନାଗର । ୩୯ । ଅପେ ହରି ପେଷିଥିଲେ ଦୂତ । କେତେ ବୋଧିଲେ ଗିରି ସାମନ୍ତ । ଚନ୍ଦ୍ରଶେଖରମଣ୍ଡଳ ବିନା ନିକି ଅନେ ରସିଲ ଗଜରାଜତ୍ର ହେ । ନାଗର । ୪୦ । ମତ୍ତ ବଧିନଷ୍ଟିତ ମନକୁ । ନତସ୍ଥଳାଭିମୁଖ ବନକୁ । ଫେରାଇ ହୁଅଇ ନି କି ବୁଦ୍ଧିବଳେ କଲେ ହେଲେ ନାନା ଯତନକୁ ହେ । ନାଗର । ୪୧ । ପ୍ରତିବନ୍ଧକ ଏଥି ଯେ ହେବ । ତାକୁ ଏ ମହୀ କେହି ସହିବ । ଚପଳା ଘନକୁ ମଣି କୁନ୍ଦନକୁ ଯୋଗେ ଘଟାଇଅଛୁ ଦଇବ ହେ । ନାଗର । ୪୨ । ନିଷ୍ଟେ କଲ ବିଧାତା ଅଗ୍ରହ । ପୁଣି ତୁମ୍ଭ

---

ଦିନେ ଦିନେ···ଚନ୍ଦ୍ରକଳାର ଅକ୍ଷି ଖଞ୍ଜରୀଟ ବା ଖଞ୍ଜନ ପକ୍ଷୀ ପରି ତାହା ଅପାଙ୍ଗ (ନେତ୍ରପ୍ରାନ୍ତ) ରୂପ ନିଜ ଅଗଣାରେ ଭ୍ରମଣ କରୁଥିଲା, ଏବେ ସେ ସେଠାରେ ବୁଲିବାକୁ ସ୍ଥାନ ନ ପାଇ ଖଞ୍ଜ (ଛୋଟା) ହୋଇ ଗଲାଣି, ଅର୍ଥାତ୍ ଏବେ ଚନ୍ଦ୍ରକଳାର ନେତ୍ରବିଳାସ ଲୋପ ହେଲାଣି । ୩୬ । ତୁମ୍ଭେ ବିଚିତ୍ର ଚନ୍ଦ୍ର ପରି, ଚନ୍ଦ୍ରକଳାର ଚିତ୍ତ ମଧ୍ୟ ବିଚିତ୍ର ଚନ୍ଦ୍ରକାନ୍ତମଣି ପରି; କର—କିରଣ, ହାତ; ସାଧାରଣତଃ ଚନ୍ଦ୍ରର କିରଣରେ ଚନ୍ଦ୍ରକାନ୍ତମଣି ତରଳିଯାଏ, ମାତ୍ର ତୁମ୍ଭର କରସ୍ପର୍ଶ ବିନା ତାହାର ଚିତ୍ତ ଦ୍ରବ ଯାଇଅଛି, ତେଣୁ ତୁହେଁ ବିଚିତ୍ର । ୩୭ । ଯେତେବେଳେ ପ୍ରକୃତରେ ଚନ୍ଦ୍ରକାନ୍ତମଣି ରୂପ ତା ଦେହରେ ତୁମ୍ଭ କର (ହାତ) ବାଜିବ, ସେତେବେଳେ ସେହି ତରଳ ବସ୍ତୁରୁ ପୁଣି ଯେବେ ତରଳ ବସ୍ତୁ ବାହାରିବ, ତେବେ ବାଳାର ହୃଦୟ କଅଣ ହେବଟି ? ୩୯ । ବୀରସେନ-ରାଜସୁତ—ନଳ, ଭୀମଜା—ଦମୟନ୍ତୀ; ମଜ୍ଜା—ଅନ୍ତଃକରଣ, ମନ ।୪୦। ବୋଧିଲେ—ବୁଝାଇଲେ, ଗିରିସାମନ୍ତ—ହିମାଳୟ, ଚନ୍ଦ୍ରଶେଖରମଣ୍ଡଳ—ଚନ୍ଦ୍ରଶେଖରଧାରୀଶିବ । ୪୧ । ମତ୍ତ—ଭବରେ ଉନ୍ମତ୍ତ, ବଧିନଷ୍ଟିତ—ନିୟମାନୁସାରେ ସ୍ଥିରହେଲା, ନତ-ସ୍ଥଳାଭିମୁଖ—ନିମ୍ନଦେଶଗାମୀ, ବନ—ଜଳ (ତୁଳନାକର କୁମାର ସମ୍ଭବ—କଇପ୍ସିତାର୍ଥସ୍ଥିରନିଶ୍ଚୟଂ ମନଃ ପୟଶ୍ଚନିମ୍ନାଭିମୁଖଂ ପ୍ରତୀପୟେତ୍) ।୪୨। ଚପଳା—

ମଧୁର ବିଗ୍ରହ । ତେଜୋଭୁବନଭୂଷଣସରୋଜିନୀ ଆଜ ଏ ବିଧିରେ କି ସନ୍ଦେହ ହେ । ନାଗର । ୪୩ । ଦୂରେ ଥାଉ ଆନ ଭାଗ୍ୟମାନ । କ୍ରମେ ହୋଏ ସିନା ଏ ବିଧାନ । କିରୂପେ ହେଲେ ମୋ ସଖୀ ପ୍ରାଣ ରଖି ଦେଇ ଦରଶନରସାୟନ ହେ । ନାଗର ।୪୪ ।ଅଟେ ଆସୁଛି ମାସ ମାଧବ । ତହିଁ ବଳକ୍ଷ ପକ୍ଷରେ ହେବ । ବସନ୍ତ ମାଧବରୂପୀ ରମାଧବ ଦେବଙ୍କର ଯାତ୍ରା ମହୋତ୍ସବ ହେ । ନାଗର । ୪୫ । ବନ୍ଧୁ ନୃପେ ନ ଥିବେ ସାଥିରେ । ନେତ୍ରରଞ୍ଜନପୁରୀ ପଥରେ । ନୃପାଜ୍ଞାରେ କୃପାରେ ବିଜେ ହେବେ କାମକଳାନଗରୀକି ଥରେ ହେ । ନାଗର । ୪୬। ମନସିଜ ମୃଗୟୁ ପୁଙ୍ଗବ । ପ୍ରକାଶିବ' ତା ବିଦ୍ୟାପ୍ରଭାବ । କନକମଞ୍ଜରୀ ଖେଳାଖଞ୍ଜରୀଟ ପଞ୍ଜୁରୀରେ ସେଠାରେ ପଡ଼ିବ ହେ । ନାଗର । ୪୭ । ତଉ ନୋହିଲେ ଏଥକୁ ରାଜି । ଏଡ଼େ ଯଶଶୋଭା ଯିବ ଭାଜି । ରାଜୀବନେତ୍ରାନାଶଙ୍କ ବୋଲି ଲୋକେ ନିଶ୍ଚେ ଗଲାଟି ଉତ୍ତିମ ବାଜି ହେ । ନାଗର । ୪୮ । ତୁମ୍ଭ ପଣ୍ଡିତପଣ ଅଗାଧ । ତହିଁ ବିସ୍ତର ଲେଖା ନିଷେଧ । ବ୍ୟାସଙ୍କ ବର୍ଣ୍ଣବିନ୍ୟାସ ପରୁବବା ପର ହେବ ସିନା ଅପରାଧ ହେ । ନାଗର । ୪୯ । ପଲ୍ଲବାଏ ଏ ଶିଶିରେ ବନ । ବୃଦ୍ଧ ଦେହେ ରଖେ ଯଉବନ । ଯୁବ-ସନ୍ଦେଶାମୃତ ନାମ ଏ ଛାନ୍ଦ କବିଦୋଷକୁ ନ ଘେନି ଘେନ ହେ । ନାଗର । ୫୦ । ରାମକୃଷ୍ଣ ଚନ୍ଦ୍ରକାନ୍ତମୟ । ଯେଉଁ ସୁରେଶାଧିକ ପ୍ରଣୟ । ତାହାଙ୍କ ଚରଣସରୋଜ ଶରଣ ନୃପ ରାମଚନ୍ଦ୍ର ଶ୍ଳୋଟରାୟ ହେ । ନାଗର । ୫୧ ।

---

ବିଜୁଳି; ମଣି—ରତ୍ନ; କୁନ୍ଦନ—ସୁନା । ୪୩ । ମଧୁର ବିଗ୍ରହ—ସୁନ୍ଦର ଶରୀର-ଧାରୀ ଓ ମଧୁକାଳୀନ ବା ବସନ୍ତକାଳୀନ ସୂର୍ଯ୍ୟ, ସରୋଜିନୀ—ପଦ୍ମିନୀ । ୪୪ । ଦରଶନରସାୟନ—ଦର୍ଶନଦାନରୂପ ଜୀବନରକ୍ଷକ ରସୌଷଧ ।୪୫। ମାଧବ ମାସ—ବୈଶାଖମାସ; ବଳକ୍ଷପକ୍ଷ—ଶୁକ୍ଳପକ୍ଷ; ବସନ୍ତମାଧବରୂପୀ—ବସନ୍ତଲକ୍ଷ୍ମୀଙ୍କର ସ୍ୱାମୀରୂପୀ; ରମାଧବ—ବିଷ୍ଣୁ । ୪୬ । ନେତ୍ରରଞ୍ଜନପୁରୀପଥରେ—ଚକ୍ଷୁର ଆନନ୍ଦ-ପ୍ରଦ ଏ ନଗରୀର ପଥରେ । ୪୭ । ମନସିଜମୃଗୟୁପୁଙ୍ଗବ—କନ୍ଦର୍ପରୂପ ଶ୍ରେଷ୍ଠ ଶିକାରୀ । କନକ···ଚନ୍ଦ୍ରକଳାର ସୁବର୍ଣ୍ଣମଞ୍ଜରୀରୂପ ନେତ୍ରପ୍ରାନ୍ତରେ ଖେଳୁଥିବା ଖଞ୍ଜରୀଟ ପକ୍ଷୀ ସେହିଠାରେ ପଞ୍ଜୁରୀରେ ପଡ଼ିବ, ଅର୍ଥାତ୍ ଚନ୍ଦ୍ରକଳା ସେହିଠାରେ ତୁମ୍ଭକୁ ଦେଖିବ । ୪୯ । ବର୍ଣ୍ଣବିନ୍ୟାସ—ଅକ୍ଷରସ୍ଥାପନରୀତି । ୫୦ । ଏ ଛାନ୍ଦ ଶୀତକାଳରେ ମଧ୍ୟ ବନକୁ ନବପଲ୍ଲବଯୁକ୍ତ କରାଏ ।

## ଚତୁର୍ଦ୍ଦଶ ଛାନ୍ଦ

### ରାଗ—କାମୋଦୀ

### ( ନାୟକର ଅନୁଚିନ୍ତା )

ନୃପତନୟ ନୟ ନୟନ ସବିନୟ ପ୍ରିୟ ବୟସ୍ୟ ସଙ୍ଗେ ରସି ।
ଏକାନ୍ତେ ବସି ବଶିମନୋରଞ୍ଜନା ବଶୀକରଣ ଗୁଣ କହେ ହସି ହେ ।
ପ୍ରାଣପ୍ରିୟ । ବାରିଜସମ୍ଭବ ସେ ଭଲ । ନାରୀ ଜଗତେ ଯେ ରଚିଲ ।
ତରୁଣେକ୍ଷଣେ କ୍ଷଣ ଦେବାରେ ବିଚକ୍ଷଣ ଶୁଭଲକ୍ଷଣ ପୂର୍ଣ୍ଣ କଲ ସେ । ୧ ।
ଏକାକୀ ନୟନର ନରମ ସ୍ଥଳୀ ନ ରଖଇ କି ସମ୍ପତ୍ତି ସୁଖର । ମେରୁଶିଖର
ଖର ତଟିନୀ ଜଳେ ଖରଚଇ ଯେ ଶରୀର ଅଖର ହେ । ପ୍ରାଣପ୍ରିୟ ।
ଅନେକ ଜବାଳି କାଶୀରେ । ଚଢ଼ାଇ ଯେ କାଳିକା ଶିରେ । ତେମା
ତାହାଙ୍କ ବର ବରାଙ୍ଗେ ଦେଲେ ବର ବୋଲାଏ ରସିକରାଶିରେ ହେ ।
୨ । ଯେ ତପର୍ତ୍ତୁରେ ତପ ଚର ପଞ୍ଚାଗ୍ନି ତପନରେ ବା ହୋଇଥାଏ
ଭାଜ । ସେ ବିନା ତଳ୍ପେ ରାଜ ରାଜୀବାକ୍ଷୀକି ରାଜ କରାଇ କରେ ମଦନାଜ
ହେ । ପ୍ରାଣପ୍ରିୟ । ଅଜୀବ ଯାର ଚନ୍ଦ୍ରମୁଖୀ । ତା ଜୀବ ବିନା ଜୀବେ
ଲେଖି । ପାଜି ବେଭାର ତାର ଅଜୀବେଶ୍ୱର ଗିର ଯା କିଭେ ନାହିଁ ଧାତା
ରେଖି ହେ । ୩ । ସମଧୁ ମଧୁରସା ରସାଳରସମିସା ସରଣୀକରରସାକର ।
ଧରେନ୍ଦ୍ରଜା ଅଧରେ ଧରେ ଅନୁରୋଧରେ ଧୀରେ ଯେ ନିବେଦିତ

---

ଚତୁର୍ଦ୍ଦଶ ଛାନ୍ଦ

୧ । ନୟ ନୟନ—ଶାସ୍ତ୍ରଚକ୍ଷୁ, ନୀତିନିପୁଣ; ପ୍ରିୟବୟସ୍ୟ—ପ୍ରିୟସଖା, ବଶିମନୋରଞ୍ଜନା—ମୁନିମନୋମୋହିନୀ, ବାରିଜସମ୍ଭବ—ବ୍ରହ୍ମା, ତରୁଣେକ୍ଷଣେ-କ୍ଷଣ···ଯୁବକମାନଙ୍କ ଚକ୍ଷୁରେ କ୍ଷଣ ଆନନ୍ଦ ଦେବାରେ ନିପୁଣ ଶୁଭଲକ୍ଷଣଦ୍ୱାରା ପୂର୍ଣ୍ଣ କଲ । ୨ । ଏକାକୀ ନୟନର ନରମସ୍ଥଳୀ—( ସ୍ତ୍ରୀ ) ଚକ୍ଷୁର ଏକମାତ୍ର ନର୍ମ ( କ୍ରୀଡ଼ା ) ସ୍ଥାନ; ମେରୁଶିଖର—ମେରୁପର୍ବତର ଶୃଙ୍ଗ; ଖରତଟିନୀ—ପ୍ରବଳ ସ୍ରୋତସ୍ୱତୀ (ଏଠାରେ ସ୍ୱର୍ଗଗଙ୍ଗା); ଖରଚେ—ବ୍ୟୟ କରେ, ଅଖର—ଶେଷରେ, ଜବାଳି—ଜବା ବା ମନ୍ଦାର ଫୁଲସବୁ, ତାହାଙ୍କ ବର—କାଳିକାଙ୍କ ସ୍ୱାମୀ ବିଶ୍ୱେଶ୍ୱର ଶିବ; ବରାଙ୍ଗେ—ସୁନ୍ଦର ଶରୀରରେ, ବର—ଶ୍ରେଷ୍ଠ । ୩ । ତପର୍ତ୍ତୁ—ଗ୍ରୀଷ୍ମଋତୁ, ଚର—ଆଚରଣ କର; ପଞ୍ଚାଗ୍ନି ତପନରେ—ଚାରିପାଖର ଚାରିଅଗ୍ନି ଓ ମୁଣ୍ଡ ଉପରେ ସୂର୍ଯ୍ୟ, ଏହି ପଞ୍ଚାଗ୍ନି ଉତ୍ତାପରେ; ତଳ୍ପେ—ବିଛଣାରେ, ଶଯ୍ୟାରେ; ରାଜ—ଶୋଭା ପାଇ; ରାଜୀବାକ୍ଷୀ—ପଦ୍ମନେତ୍ରା; ରାଜ କରାଇ—ସଜ୍ଜିତ କରାଇ; ମଦନାଜ—କାମଯୁଦ୍ଧ; ଅଜୀବ—ଜୀବିକା ବା ଅଶ୍ରୟ, ପାଜିବେଭାର—ଦୁଷ୍ଟ

କରେ ହେ । ପ୍ରାଣପ୍ରିୟ । ବନ୍ଧୁଲି ମଧୁଲିଟ ପରି । ବଧୂ ଅଧରୁ ମଧୁଝରୀ । ପିଏ ସେହି ତରୁଣ ରଣରଣକ ରଣ ରସଲହରୀରେ ପହଁରି ହେ । ୪ । ଯେ ପୂରୁବରେ ବରେ ଲଭି ଥାଇ ଶ୍ରୀବରେ ଚଢ଼ାଇ ତୁଳସୀମଞ୍ଜରୀ । ସେ ସିନା ସୁନାଗରୀ ତପତ ସୁନାଗୋରୀ ନୟନ ଖଞ୍ଜନପଞ୍ଜରୀ ହେ । ପ୍ରାଣପ୍ରିୟ । ତରୁଣୀ ଚିତ୍ତର ଭିତର । ଇତରଙ୍କ ନ ପାରେ ଇତର । ତାର-ତରଳତର ତରଙ୍ଗ ନେତ୍ରାନ୍ତର ଇତରେ ନୁହଇ ଗୋଚର ହେ । ୫ । ପରାନନ୍ଦ କନ୍ଦଳୀ ଦଳ ମାନସସ୍ଥଳୀ ମଧ୍ୟାଙ୍କ ହେବାକୁ ବାହାର । ଅବଳା-ବଳାବଳାହକନିନଦୁଁ ବଳାତିଶୟ ନ ଲଭେ ଯାହାର ହେ । ପ୍ରାଣପ୍ରିୟ । ସେ ନିଜ ଜମା ପୁରୁଷରେ । ସରେ ସେ ପୂର୍ବ କଳୁଷରେ । ସରେ ଯେ ବିଶେଷରେ ମଧୁମାସ ଶେଷରେ ନ ଖେଳେ ବିବାସ ବେଶରେ ହେ । ୬ । ବରାରୋହାର ହାରଲତା କରି ବାହାର ବାହାରେ ଯେ ଭିଡ଼େ ନିବିଡ଼େ । ବରତୁଳ ଲକୁଚବରତୁଳତା କୁଚଯୁଗ ସନ୍ଧିରେ ଧୀରେ ଜଡ଼େ ହେ । ପ୍ରାଣପ୍ରିୟ । କି ଭାଗ୍ୟ ସତେ ସେ ଯୁବାର । ବାରଦ୍ୱିଲୋକେ ତା ସେବାର । ବାରତା ବହିବାରେ ନ ଥିବ କେହି ବାରେ କେ ହେବ ତାହା ପରିବାର ହେ । ୭ । ଧନଦାନୁଜ ଛଳ ମୋଢ଼ ମୁଣ୍ଡମଣ୍ଡଳୀ କୁଣ୍ଡପିଚଣ୍ଡେ

---

ବ୍ୟବହାର, ଅଙ୍ଗାବେଶ୍ୱର !—ହେ ପ୍ରାଣପ୍ରିୟେ ! ଅସ, ରେଙ୍ଗ—ଲେଙ୍ଗ । ୪ । ସମଧୁ—ମଦ୍ୟ ସହିତ, ମଧୁରସା—ଦ୍ରାକ୍ଷା, ରସାଳରସ—ଆମ୍ବରସ, ସର—ଦୁଧସର, ଶାକର—ନବୀତ, ରସାକର—ନାନା ରସପୂର୍ଣ୍ଣ ଅମୃତକୁଣ୍ଡ, ଧରେନ୍ଦ୍ରଜା—ପାର୍ବତୀ, ବନ୍ଧୁଲି···ବନ୍ଧୁଲିଫୁଲକୁ ମଧୁଲିଟ (ଭ୍ରମର) ପରି; ମଧୁଝରୀ—ମଧୁପୂର୍ଣ୍ଣ ପାନ, ରଣରଣକରଣ—କାମଯୁଦ୍ଧ, କାମକ୍ରୀଡ଼ା ।୪। ବରେ—ବରକୁ, ଶ୍ରୀବରେ—ବିଷ୍ଣୁଙ୍କଠାରେ, ସେ ସିନା···ସେ ସିନା ଅଙ୍ଗୁଠା ସୁନାପରି କାନ୍ତିବିଶିଷ୍ଟା ସୁନ୍ଦରୀସ୍ତ୍ରୀର ଚକ୍ଷୁରୂପ ଖଞ୍ଜନ ପକ୍ଷୀର ପଞ୍ଜରୀସ୍ୱରୂପ ହୁଏ, ଅର୍ଥାତ୍ ସୁନାଗରୀର ଦୃଷ୍ଟି ସେ ବ୍ୟକ୍ତିଠାରେ ଆବଦ୍ଧ ରହେ, ଇତର—ଦୁର୍ଗା ଓ ଶ୍ରୀକୃଷ୍ଣଙ୍କ ଭକ୍ତ ଭିନ୍ନ ଅନ୍ୟ ବ୍ୟକ୍ତି, ତାରତରଳତର—ଚଞ୍ଚଳ ନେତ୍ରର ତାରକାଯୁକ୍ତ; ତରଙ୍ଗ ନେତ୍ରାନ୍ତର—ଚଳଚଳ ନୟନଭଙ୍ଗୀ ।୫। ପରାନନ୍ଦକନ୍ଦଳୀ—ପରମାନନ୍ଦର ଅଙ୍କୁର; ଅବଳାବଳାବଳାହକନିନଦୁଁ—ସ୍ତ୍ରୀର ବଳା (ବଳୟ) ରୂପ ବଳାହକ (ମେଘ) ନିନଦୁଁ (ଧ୍ୱନିରୁ), ବଳାତିଶୟ—ଅତ୍ୟନ୍ତ ସାମର୍ଥ୍ୟ, କଳୁଷ—ପାପ, ସରେ ଯେ ବିଶେଷରେ···ପୋଖରୀରେ ବସନ୍ତକାଳ ଶେଷରେ ଯେ ବିବାସବେଶରେ (ବସ୍ତ୍ରହୀନ ବା ନଗ୍ନ ହୋଇ) ନ ଖେଳେ, ସେ କି ପୁରୁଷରେ ଜମା (ଗଣା) ? ୭ । ବରାରୋହା (ବର—ବଡ଼, ଆରୋହ—ନିତମ୍ବ ଯାହାର) ସୁନ୍ଦରୀ, ନିତମ୍ବବତୀ ସ୍ତ୍ରୀ; ବରତୁଳ—ଗୋଲ, ଲକୁଚବରତୁଳ—ସୁନ୍ଦର ଜେଉଁଫଳ ପରି, ବାରଦ୍ୱିଲୋକ—ଚଉଦ ଭୁବନ, ସେବାରବାର୍ତ୍ତା ବହିବାରେ—ଅଗ୍ରଧନାର

ପକାଇଲ । ଜଣି ଜଗତୀ ଗତ କର ନାରୀ ସନ୍ତତ ସୁଖେ ସମୟ ବଞ୍ଚାଇଲ
ହେ । ପ୍ରାଣପ୍ରିୟ । ଜଗଜ୍ଜନନୀଙ୍କି ନିରୋଧି । ହୋଇଲ ସିନା ଅପରାଧି । ହେଲେ
ରସଲମ୍ପଟପଟଳୀ ଶିରଃପଟ ପରତ ରଖିଗଲ ସିଝି ହେ । ୮ । ତରୁନିଚୟ
ବନେ ତରୁଣୀ ଲୟ ମନେ ଧରୁଁ ନିରତେ ତା ନ ସହି । ତାଙ୍କ ସଙ୍ଗକୁ
ବହି ବହିଲ କୃପା ବହି ପହିଲ ସୁନାରୀକି ତହିଁ ହେ । ପ୍ରାଣପ୍ରିୟ । ତେଡ଼େ
ବିବେକୀ ପୁରୁହୂତ । ମୁନିଦାରକେ ଦେଲେ ଚିତ୍ତ । ସଂଯମୀ ସମୂହର
ମୁକୁଟହୀର ହର ଅର୍ଦ୍ଧ ଦେହରେ ଶୋଭି ଚିନ୍ତ ହେ । ୯ । ଜଡ଼କୁ ଜଡ଼ୀ
ଜଡ଼ି ଗଡ଼କୁ ସିନା ଗଡ଼ୀ ଜଟାକୁ ଜଟୀ ଅଛି ଜଟି । ଲଟା ମଧରେ ଲଟୀ
ହୋଇଛି ଜଟା ଜଟି ଏହା ନ ମଣ ବଟାବଟି ହେ । ପ୍ରାଣପ୍ରିୟ । ଦ୍ରୁମରେ
ବୋଲଏ ଯେ ମୁନି । ତା ଅଙ୍ଗେ ତାମ୍ବୁଲୀ କାମିନୀ । ଗତ ବାରିବାହକୁ
ଚପଳା ଭୂରୁହକୁ ବଲ୍ଲରୀ ସିନ୍ଧୁକୁ ତଟିନୀ ହେ । ୧୦ । ଘଟକୁ ଘଟୀ ପଟୀ
ପଟକୁ ତଥା ନଦୀ ତଟକୁ ତଟୀ ଘଟିଅଛି । ଶକଟକୁ ଶକଟୀ ଯୁବାକୁ
କୃଶକଟୀ ବାହାରେ ସାହା ନାହିଁ କଛି ହେ । ପ୍ରାଣପ୍ରିୟ । ପୁରୁଷ ପ୍ରକୃତିର
କୃତି । ଏରୂପେ ଏ ବିଶ୍ୱ ପ୍ରକୃତି । ସୁକୃତିଜନ ବିନା ଅନ ଜନ ନବୀନା ନ
ଥାଇ ଲଭିଥାଏ ଖିତି ହେ । ୧୧ । ନାଗର ଯଜ୍ଞବନ ବନସ୍ଥଳୀମଣ୍ଡନ

---

ସମ୍ବାଦଂ ବହନ କାର୍ଯ୍ୟରେ; ପରିବାର—ପରିଜନ, ଆତ୍ମୀୟ । ୮ । ଧନଦାନୁଜ—
କୁବେରଙ୍କ ସାନଭାଇ, ରାବଣ; ଛଳ—ଅଭିସନ୍ଧିପୂର୍ବକ, କୁଣ୍ଡପିଣ୍ଡେ—ହୋମ-
କୁଣ୍ଡର ଗର୍ଭମଧ୍ୟରେ, ଜଗତୀ—ପୃଥିବୀରୁ, ଗତକରନାରୀସନ୍ତତ—ସ୍ତ୍ରୀମାନଙ୍କୁ
ଜଗତଜୀବନ ମନେକରି, ଜଗଜ୍ଜନନୀ—ଜଗତର ମାତୃସ୍ଥାନୀୟା, ସୀତାଦେବୀ;
ନିରୋଧି—ବନ୍ଦ କରି, ହେଲେ...ଏପରି କଲେ ସୁଦ୍ଧା ରସିକସମୂହର ଶିରୋ-
ଭୂଷଣ ବସ୍ତ୍ରର ସିଦ୍ଧି ରଖିଗଲ ଅର୍ଥାତ୍ ରସିକଶ୍ରେଷ୍ଠ ବୋଲି ଖ୍ୟାତି ବାନ୍ଧିଗଲ ।
୯ । ତରୁନିଚୟ...ବୃକ୍ଷମାନେ ଅରଣ୍ୟମଧ୍ୟରେ ସର୍ବଦା ଯୁବତୀ ଲୟ ( ପ୍ରଣୟ )
ହୃଦୟରେ ଧାରଣ କରିବାରୁ, ସୁନାରୀ—ଏକପ୍ରକାର ବୃକ୍ଷ ଓ ସୁନ୍ଦରୀ ନାରୀ;
ପୁରୁହୂତ—ଇନ୍ଦ୍ର; ମୁନିଦାରକେ—ମୁନିଦାରା ଅହଲ୍ୟାଙ୍କଠାରେ, ଅର୍ଦ୍ଧଦେହରେ
—ଅର୍ଦ୍ଧନାରୀଶ୍ୱରରୂପରେ । ୧୦ । ଜଡ଼, ଜଡ଼ୀ, ଗଡ଼, ଗଡ଼ୀ, ଜଟ, ଜଟୀ ପ୍ରଭୃତି
ପୁରୁଷ ଓ ସ୍ତ୍ରୀବାଚକ ଶବ୍ଦ ଏକତ୍ର ବ୍ୟବହୃତ ହୁଏ । ଜଟାଜଟି—ପରସ୍ପର
ସଂଶ୍ଳିଷ୍ଟ, ବଟାବଟି—ମିଥ୍ୟା, ଠକାଠକି; ଦ୍ରୁମରେ···ଅଗସ୍ତି ଦ୍ରୁମ ତାମ୍ବୁଲୀ
—ପାନଲତା, ବାରିବାହ—ମେଘ, ଚପଳା—ବିଜୁଳି, ଭୂରୁହ—ବୃକ୍ଷ, ବଲ୍ଲରୀ
—ଲତା । ୧୧ । ଘଟ—ମାଠିଆ, ଘଟୀ—କ୍ଷୁଦ୍ରଘଟ, ଘଡ଼ି; ପଟୀ—ଶାଢ଼ୀ, ପଟ
—ବସ୍ତ୍ର, ତଟ—କୂଳ, ତୀର; ତଟୀ—ତୀରଭୂମି, ଶକଟ—ଶଗଡ଼, ଶକଟୀ—
କ୍ଷୁଦ୍ର ଗାଡ଼ି; କୃଶକଟୀ—କ୍ଷୀଣମଧ୍ୟା ଯୁବତୀ, ପୁରୁଷ······ଏ ବିଶ୍ୱପ୍ରକୃତି ପ୍ରକୃତି-
ପୁରୁଷଙ୍କ ସଂଯୋଗରୁ ଉତ୍ପନ୍ନ; କୃତି—କାର୍ଯ୍ୟ, ସୁକୃତିଜନ...ପୁଣ୍ୟାତ୍ମାଲୋକ ଭିନ୍ନ

ମଧୁ ଶ୍ରୀବନଜନଯୂନା । ପୁରୁଷ ଜନ୍ତୁ ଲୋହା ଶିରୀଷ ସର ଦେହା ପରଶୁ ମଣି ପରି ସିନା ହେ । ପ୍ରାଣପ୍ରିୟ । ସ୍ମରଣ ହେବା କ୍ଷଣେ ତାର । ସୁବର୍ଣ୍ଣ ବଳି ଦିଶେ ତାର । ସଂଗତ ଅବଶେଷେ ପ୍ରସରଇ ବିଶେଷେ ସୁବର୍ଣ୍ଣ ପାଟଳୀ ପ୍ରଚୁର ହେ । ୧୨ । ଅକାରବକ୍ର ପଣେ ରମାଙ୍କୁ ଏହି ଗୁଣେ ଅଧିକା ବୋଲି ହେଲି ରାମା । ପୂର୍ବେ ଦୀର୍ଘ ଯତ୍ନରେ ଦ୍ୱିତୀୟା ମିଳେ ଗିରେ କହିଲେ ମିଳନ୍ତି ପ୍ରଥମା ହେ । ପ୍ରାଣପ୍ରିୟ । ଅଜନମୋହିନୀ କମଳା । ଜନମୋହିନୀ ପ୍ରେମଶୀଳା । ଶିଳାଲିଖିତାକ୍ଷର ମଧ୍ୟେ କର ବକ୍ଷର ସଂସାରସାରଶିରୀବାଳା ହେ । ୧୩ । ଅଙ୍କେ ଶଙ୍କରଙ୍କର ଧୃତଦଳନାବର ପଙ୍କେରୁହାକ୍ଷୀ ଥିଲେ ଜମି । ସ୍ୱର୍ଗେ ବିହର ହରହୟପଦବୀ ହର ହର-ଚନ୍ଦନ ବନେ ଭ୍ରମି ହେ । ପ୍ରାଣପ୍ରିୟ । କି ଭାଗ୍ୟ ଭୁଞ୍ଜିବ ମାନବ । ନବବୟସୀ ସେ ତ୍ରିଦିବ । ଦିବସବିବସନ ସୁଷମା ଶିବସନମତ ନ ଥିଲେ କେ ଦେଖିବ ହେ । ୧୪ । ରତିପତିର ତୀର ତରସ୍ମାରଭୀତର ନିବାରଣ ବାରଣଗତି । ଯା ହୃଦୟେ ଭରମ ରମଣୀୟ ବରମ ପରି ହୋଇବ ପ୍ରତିରୀତି ହେ । ପ୍ରାଣପ୍ରିୟ । ବିନା ନବୀନା ଅବଲୋକେ । ସେ ଲୋକ ବସି ବ୍ରହ୍ମଲୋକେ । ଲୋକେଶପଦ ପାଦନତ ହେଲେହେଁ ପଦ ବିଫଳ ହେବ ତ ଅସ୍ତୋକେ ହେ । ୧୫ । ଥାଉ ରମଣୀମଣିମୁଖଚନ୍ଦ୍ର କି ମଣି

---

ଅନ୍ୟ କେହି ସ୍ତ୍ରୀ ସହିତ ସୁଖଭୋଗ କରେ ନାହିଁ । ୧୨ । ରସିକଲୋକର ଯୌବନ ବନସ୍ଥଳୀସ୍ୱରୂପ, ବନସ୍ଥଳୀ ଯେପରି ମଧୁଶ୍ରୀ ( ବସନ୍ତଲକ୍ଷ୍ମୀ ) ଦ୍ୱାରା ଶୋଭିତ ହୁଏ ପଦ୍ମନେତ୍ରା ସ୍ତ୍ରୀଦ୍ୱାରା ସେହିପରି ରସିକର ଯୌବନ ମଣ୍ଡିତ ହୁଏ । ପୁରୁଷଙ୍କର ଲୁହା ପରି କଠିନ, ଶିରୀଷଫୁଲ ସଦୃଶ କୋମଳାଙ୍ଗୀ ସ୍ତ୍ରୀ ସ୍ପର୍ଶମଣି ପରି ସ୍ତ୍ରୀ ସଂସର୍ଗରେ ପୁରୁଷ ସୁନାଠାରୁ ବଳି ତାର (ଉଜ୍ଜ୍ୱଳ) ଦିଶେ. ସଙ୍ଗତ—ସଙ୍ଗମ, ସୁବର୍ଣ୍ଣପାଟଳୀ···ରୂପଶ୍ରୀ ସୁନ୍ଦର କରିଦିଏ । ୧୩ । ଅକାରବକ୍ରପଣେ—ଅକ୍ଷୃତ ସୌଷ୍ଠବରେ ଓ 'ଅ' ଅକ୍ଷର ଅଧିକ ଥିବାରୁ, ରମା—ଲକ୍ଷ୍ମୀ, ରାମା—ସ୍ତ୍ରୀ, ଦ୍ୱିତୀୟା—(ଏଠାରେ) ରାମା, ଗିରେ କହିଲେ—କଥାରେ କହିଲେ ବା ମାଗିଲେ, ପ୍ରଥମା—(ଏଠାରେ) ଲକ୍ଷ୍ମୀ, ଅଜନମୋହିନୀ—ଜନ୍ମରହିତ ବିଷ୍ଣୁଙ୍କ ସନ୍ତୋଷଦାୟିନୀ; ଶିଳାଲିଖିତାକ୍ଷର...ପଥରରେ ଲେଖା ଅକ୍ଷର ପରି ହୃଦୟ ମଧ୍ୟରେ ଲେଖି ରଖ ଯେ, ବାଳା (ସ୍ତ୍ରୀ) ସଂସାରର ସାରଶ୍ରୀ(ସର୍ବୋତ୍କୃଷ୍ଟ ଶୋଭା) । ୧୪ । ଯେବେ କୋଳରେ ଶିବମୋହିନୀ ଅର୍ଥାତ୍ ରୂପବତୀ ଯୁବତୀ ସ୍ତ୍ରୀ ଥାଏ. ତେବେ ସ୍ୱର୍ଗରେ ବିହାର କରି ହରିହୟପଦବୀ (ଇନ୍ଦ୍ରପଦ) ଲାଭ କରି ହରିଚନ୍ଦନବନ (ନନ୍ଦନକାନନ)ରେ ବୁଲିଲେ ମନୁଷ୍ୟ ତହିଁରୁ କଅଣ ଅଧିକ ସୁଖ ପାଇବ ? ତ୍ରିଦିବ—ସ୍ୱର୍ଗ, ଦିବସବିବସନସୁଷମା—ଦିନରେ ନଗ୍ନଶୋଭା, ଶିବ ସନମତ—ଶିବଙ୍କର ଅନୁଗ୍ରହ । ରତିପତି—କନ୍ଦର୍ପ, ତୀରତରସ୍ମାରଭୀତ—

ମଣିଶିଖରାଳୟମାନେ । କେଉଁ ରସଲଭକୁ ଭକୁଳବୃଷଭକୁ ମୋଦେ- ପିଅନ୍ତି ପ୍ରଭିଦନେ ହେ । ପ୍ରାଣପ୍ରିୟ । ବିବୁଧଙ୍କର ବୁଧପଣ । ଏହି- ବୋଧରୁ ଏକା ଜାଣ । ସୁରତଟିନୀତଟ ନିକଟେ ଥାଇ ଘଟ ଜଳୁଁ ଲଭନ୍ତି- ସନ୍ତର୍ପଣ ହେ । ୧୬ । ମୃଦୁଳାଙ୍ଗୀର ଗିର ବଙ୍କଭାବ ଭଙ୍ଗିର ସମୀପେ ଯାଉ- ଛୁଟି ଥିବ । ମହତୀ କଳାବତୀ କଚ୍ଛପୀ ରବେ ପ୍ରୀତି ଲଭେ ତ ତାହାର- ନୋହିବ ହେ । ପ୍ରାଣପ୍ରିୟ । ଶୁକ ପଠନ ଶବଦର । ପିକ ପଞ୍ଚମ ନିନଦର । ଶ୍ରବଣରେ ତରସ ରସସଙ୍ଗୀ ହରଷ ଜନ୍ମିକି ହୋଇବ ହୃଦର ହେ ।୧୭ । 'ପରମାଦର ଦରପଣବିମ୍ବସୋଦର ଗଣ୍ଡମଣ୍ଡଳଠାରେ ଥିଲେ । ଇଷ୍ଟ- ଦେବର ବର ଲଭି ଗଉରବର ଭାଜନ ସେହି ହୁଏ ଭଲେ ହେ । ପ୍ରାଣପ୍ରିୟ । ତାହା ସମାନ ନାହିଁ ଧନ । ତାହା ସମାନ ସମ୍ମୋହନ । ଯାହା- ସମାନ ମନ୍ଦ ଲଲ ଲପନ ବୃନ୍ଦ ପ୍ରମୋଦ ସନ୍ଦୋହ ଦହନ ହେ ।୧୮। ତୁଷାର- ବାସ ବାସରହିତ କୃତିବାସପରସଙ୍ଗବିନ୍ଦୁ ନିଃଶ୍ୱାସ । ଯେ ବେଗ କରି- କରଗତ ଗଣ୍ଡମକରୀ ସ୍ୱେଦର ରଚିବ ନିରାସ ହେ । ପ୍ରାଣପ୍ରିୟ । ମଳୟ- ବନୀ ମଧ୍ୟଚର । ମନ୍ଦ ଚନ୍ଦନଗନ୍ଧଚୋର । କେହି ସେ ପ୍ରଭଞ୍ଜନ ହେବ ତାର ରଞ୍ଜନ ଯାହାର ସ୍ୱଭାବ ଖରର ହେ । ୧୯ । ଚରଣତାମରସ

—ଶର ଆଘାତ ଭୟ, ଭରମରମଣୀୟ—ସ୍ୱର୍ଣ୍ଣ ପରି ସୁନ୍ଦର, ବର୍ମ—ସାଞ୍ଜୁ, ଲୋକେଶପଦ—ବ୍ରହ୍ମପଦ, ବିପୂର୍ବ ହେବ—"ପଦ" ଶବ୍ଦ "ବି" ପୂର୍ବ ହେବ ଅର୍ଥାତ୍ ବିପଦ ହେବ, ଅସ୍ତୋକେ—ବହୁ ପରିମାଣରେ । ୧୬ । କି ମଣି—କଅଣ ମନେ କରି, ମଣିଶିଖରାଳୟମାନେ—ଦେବତାମାନେ, ଭକୁଳବୃଷଭ—ନକ୍ଷତ୍ରପତି ଅର୍ଥାତ୍ ଚନ୍ଦ୍ର, ( ପୁରାଣରେ ଅଛି ଦେବତାମାନେ ପ୍ରତ୍ୟହ ଚନ୍ଦ୍ରଙ୍କ କଳା ପାନ କରନ୍ତି ) । ବିବୁଧ—ଦେବତା, ବୁଧପଣ—ପାଣ୍ଡିତ୍ୟ, ବୋଧ—ବୁଦ୍ଧି, ସୁରତଟିନୀ—ସ୍ୱର୍ଗଗଙ୍ଗା, ସନ୍ତର୍ପଣ—ସନ୍ତୋଷ, ତୃପ୍ତି । ୧୭ । ମହତୀ—ନାରଦଙ୍କ ବୀଣା, କଳାବତୀ—ତୁମ୍ବୁରୁ ଗନ୍ଧର୍ବଙ୍କ ବୀଣା, କଚ୍ଛପୀ—ସରସ୍ୱତୀଙ୍କ ବୀଣା, ତରସରସସଙ୍ଗୀ—ଶୀଘ୍ର ରସ ଉନ୍ମେଷକାରୀ । ୧୮ । ଦରପଣ ବିମ୍ବ......ଦର୍ପଣ ବିମ୍ବ ସୋଦର (ସଦୃଶ) ସ୍ୱଚ୍ଛ ଗଣ୍ଡଦେଶ ଯାହାର, ଗୌରବର ଭାଜନ—ଗୌରବ ବା ପ୍ରଶଂସା ଲାଭ କରିବାର ଅଧିକାରୀ, ଲପନ—ମୁଖ, ପ୍ରମୋଦସନ୍ଦୋହଦହନ—ଆନନ୍ଦସମୂହର ଧ୍ୱଂସକାରୀ । ୧୯ । ତୁଷାରବାସ—ଶୀତଳ ଗୃହରେ, ବାସରହିତ—ନଗ୍ନ ଅବସ୍ଥାରେ, କୃତିବାସପରସଙ୍ଗବିନ୍ଦୁ ନିଃଶ୍ୱାସ—କାମଯୁଦ୍ଧ ଶେଷ ନିଃଶ୍ୱାସ, କରଗତ...ଗଜଗମନା ସ୍ତ୍ରୀର ଗଣ୍ଡସ୍ଥଳରେ ଅଙ୍କିତ ମକରୀ ଚିହ୍ନର ସ୍ୱେଦ (ଝାଳ)କୁ ନିରାସ (ଦୂରୀକରଣ) କରିବ, ମଳୟ ବନୀମଧ୍ୟଚର—ମଳୟପର୍ବତସ୍ଥ ଅରଣ୍ୟ ମଧ୍ୟରେ ବିଚରଣ କରୁଥିବା, ମନ୍ଦ—ଧୀର ଓ ଅନ୍ୟ ଅର୍ଥ ନୀଚ, କେହି—କାହିଁ, ପ୍ରଭଞ୍ଜନ—ପବନ, ରଞ୍ଜନ—ପ୍ରୀତିଯୁକ୍ତ,

ରସନାଧର ରସବଶରେ ଧର ମୁହୁର୍ମୁହୁ । ରତି ଚୁମ୍ବନ ବନରୁହ ପ୍ରସୂନ
ବନ ରତାଲି ନିନ୍ଦା କରୁ କରୁ ହେ । ପ୍ରାଣପ୍ରିୟୁ । ଅଲକ୍ତ ରଞ୍ଜିତ
କରିବ । ସୁଖେ ଯେ ସମୟୁ ହରିବ । ଧ୍ରୁବ ଧାମରୁ ମରୁଦଧିପ ଆଶ୍ରମରୁ
ତହୁଁ ଅଧିକ କି ଲଭିବ ହେ । ୨୦ । ରସବତୀରଜାକୁ ନିବଢ଼େ
ଯାକୁ ଯାକୁ ଯାକୁ ମିଳିବ ଦେହାନ୍ତର । ତା ନାମ ଲେଖା ଲେଖା ଲେଖା
ପ୍ରଥମେ ଲେଖା ହୋଇଲା ଅବଶ୍ୟ ବାହୁର ହେ । ପ୍ରାଣପ୍ରିୟୁ । ନବ ବୟସ
ବିଭୂଷଣ । ଶଣଗଜଗିଦେହା ଜାଣ । ତାଠାରୁ ପୃରୁଷର ସବେ ଭାଗ୍ୟ-
ବିସର ତା ସମ ନାହିଁ ସେହି ପ୍ରାଣ ହେ । ୨୧ । ଚଟୁଳତର ଗୁଟୁ
ରସପ୍ରସରପଟୁ ମୃଦୁଳ ବଚନ ବିଭବ । ତୁଲେ କାବ୍ୟ ନାଟକ ଅଲଙ୍କୃତି
କଟକ ପରି ହୃଦୟୁ ହେଉଥିବ ହେ । ପ୍ରାଣପ୍ରିୟୁ । ଅନିଶ ଥିବ ଅନୁସରି ।
ଅଖଣ୍ଡ ଧରାଧିପଶିରୀ । ସ୍ୱରୂପେ ଶିରୀସଙ୍ଗୀ ଶିରୀପଅଙ୍ଗୀ ଅଙ୍ଗୀକାର ନ
ଥିଲେ ବୃଥା ପରି ହେ । ୨୨ । କନକଧରାଧରାଧିକାରି ପୟୋଧରୀ ଧରାଜ-
ଥିବ ପତଦ୍‌ଗ୍ରହ । ଧନଦ ସମ୍ପଦରେ ଦରେ ହେଲେ ଆଦରେ କାହିଁକି
ହୋଇବ ଆଗ୍ରହ ହେ । ପ୍ରାଣପ୍ରିୟୁ । ବନ୍ଧାଇଥିବ ଲଗି ବାସ । ବାସବ-
ପଦେ କାହିଁ ଆଶ । ଅସରପରପରସାଦ ପରତାପର ବଶୁଁ କେ ନୋହିବ
ତା ବଶ ହେ । ୨୩ । ଘ୍ରତରେ ଅଉଜାଇ ଜାଇଦଳ ଶେଯ ଇ ଥିବା
ଶେଯରେ ସମଜାଇ । ରସରଙ୍ଗେ ମଜାଇ ସ୍ୱରକୁ ତରଜାଇ ନଗାରାଜଘନେ
ବଜାଇ ହେ । ପ୍ରାଣପ୍ରିୟୁ । ତା ଈଷଦ୍ଧାସଯୁକ୍ତ ମୁଖ । ଗୁହିଁ ପାସୋରି ସବୁ
ଦୁଃଖ । ହରେ ଯେ ଏକ ପରୀ ପରାଣ ଏକପରୀ କରି ସେ ମର୍ତ୍ତ୍ୟ ଶତମୁଖ
ହେ । ୨୪ । ନରେନ୍ଦ୍ରନନ୍ଦନର ନରମ ବଚନର ଶେଷେ ସତବ ପୁନ୍ର

---

ଖଚର—ଆକାଶଗୃମୀ, ଅନ୍ୟ ଅର୍ଥ ଖେଚଡ଼ା ବା ବଜାତ୍ । ୨୦ । ଚରଣତାମରସ
—ପାଦପଦ୍ମ, ବନରୁହପ୍ରସୂନବନରତାଳି—ପ୍ରସ୍ଫୁଟିତ ପଦ୍ମବନରେ ଆସକ୍ତ ଭ୍ରମର,
ଅଲକ୍ତ—ଅଳତା, ଧ୍ରୁବଧାମ—ସର୍ବୋଚ୍ଚ ଧ୍ରୁବଲୋକ, ମରୁଦଧିପ ଆଶ୍ରମ—
ସ୍ୱର୍ଗପୁର ।୨୧। ରସବତୀ ରଜା—ରସବତୀଙ୍କ ମଧ୍ୟରେ ଶ୍ରେଷ୍ଠା, ଲେଖା—ଦେବତା,
ଲେଖା ଲେଖା ଲେଖା···ଦେବତାମାନଙ୍କ ମଧ୍ୟରେ ପ୍ରଥମେ ଲେଖନୀୟ ହୋଇ
ଲେଖା ହୁଏ । ଶଣଗଜରୀଦେହା—ଛଣପଟ ଫୁଲ ପରି ଗୌରବର୍ଣ୍ଣ ଦେହ
ଯାହାର, ଭାଗ୍ୟବିସର—ସୌଭାଗ୍ୟବତୀ । ୨୨ । କଟକ—ସ୍ଥାନ, ରାଜଧାନୀ;
ଅନିଶ—ସର୍ବଦା, ଅଖଣ୍ଡ ଧରାଧିପଶିରୀ—ସଂପୂର୍ଣ୍ଣ ରାଜଲକ୍ଷ୍ମୀ ସ୍ୱରୂପେ, ଶିରୀସଙ୍ଗୀ—
ପ୍ରତ୍ୟକ୍ଷଲକ୍ଷ୍ମୀଙ୍କର ସହଚର ।୨୩। କନକଧରାଧରାଧିକାରି ପୟୋଧରୀ—ମେରୁ ପର୍ବତ
ପରି ସ୍ଥାନର ଅଧିକାରୀ ଅର୍ଥାତ୍ ବିଶାଳ କୁଚଯୁକ୍ତା । ପତଦ୍‌ଗ୍ରହ—ପିକଦାନୀ, ଦରେ
—ଅଳ୍ପ, ଟିକିଏ; ଅସରପର—ରିପୁସଣଦ୍ଧ୍ୱ, ଶମ୍ବରାରି, କନ୍ଦର୍ପ; ପରସାଦ ପରତାପ
—ଅନୁଗ୍ରହରୁ ଜାତ ଦାରୁଣ ଯନ୍ତ୍ରଣା ।୨୪। ସମଜାଇ—ସଜ ହୋଇ, ଏକପରୀ—

ମୋଦେ । ତା ଭାବ ଅନୁମାନ ମାନସେ କରି ମାନନାରେ ବୋଧିଲ୍ଲ ପ୍ରତି-
ପଦେ ହେ । ପ୍ରାଣପ୍ରିୟ । କୁନ୍ଦନଅର୍ଥେ ସିନା ମଣି । ରଖିଛୁ ଦଇବ କାମିଣି ।
ଇଷ୍ଟଦେବର ବର ପ୍ରସାଦପ୍ରଭାବର ସ୍ୱରୂପ ଅଛ ଦେବ ପୁଣି ହେ ।୨୫।
ରସାମୃତ ନିର୍ଝରୀ ନିରତେ ଝରି ଝରି ମୃଦୁଳ ହେବା ହୃଦୟକୁ ।
କବିତା ଦେବୀ ପରିରମ୍ଭେ ତୋଷିଲ୍ଲ ପରି ହରିଣଲକ୍ଷ୍ମ ଉଦୟକୁ ହେ ।
ପ୍ରାଣପ୍ରିୟ । ଚନ୍ଦ୍ରିକା ଅନୁସରେ ଯଥା । ତୁମ୍ଭ କାମିତ ଶିରୀ ତଥା । ଲଭେ
ନାହିଁ ଅନ୍ୟଥା ରସେ ନୁଆଁଇ ମଥା ହରିବା ଯଥା ହୋଇ ବ୍ୟଥା ହେ।୨୬।
ପ୍ରଚୁର ଅନୁଚର ପ୍ରତ୍ୟକ୍ଷେ ନ ଅଚର କର ମାନସଚର ଚର ।
ତାହାଙ୍କୁ ଚଳାଚଳସ୍ଥିତ ହୋଇ ନୀଚର ଜଣା ହୁଅଇ ସୁବିସ୍ତର ହେ ।
ପ୍ରାଣପ୍ରିୟ । ସ୍ଥୂଳ ସ୍ଥିତର କୁଚର । ଯେ ଚୀର ଶରସହଚର । ତାହାଙ୍କୁ
ତା ଲୁଚର ସଂସର୍ଗଜଣା ସ୍ମେର ଉପପତିଙ୍କ କି ଗୋଚର ହେ ।୨୭। ଯେତେ
ତରୁଣଗଣ ଗଣନାରେ ନିପୁଣ ଲେଖନ୍ତି ଜଣ ଜଣ କରି । ତାଙ୍କ ସୁନ୍ଦର-
ପଣ ପଣନ୍ତେ ପଣ ପଣ କରି ବାନ୍ଧିଛୁ ତୁମ୍ଭ ଶିରୀ ହେ । ପ୍ରାଣପ୍ରିୟ ।
ତଦନ୍ତରୂପ ମନୋରଥ । ପୂର୍ଣ୍ଣ କରିବେ ଉମାନାଥ । ସେ ରସେ ଜରଜର
କରି ଅମ୍ଭ ନଜର ପଥ ମଣ୍ଡିବ ମନମଥ ହେ । ୨୮ । କିଶୋରବରଚକ୍ର
ଚକ୍ରବର୍ତ୍ତୀଙ୍କ ଶଙ୍କ ମଣ୍ଡିଅଛ ଏ ବସୁମତୀ । ବାଞ୍ଛାତୀତ ସମ୍ପଦ ପଦ କପର
ହୃଦସ୍ଥଳେ ହୋଇବ ମୂର୍ତ୍ତିମତୀ ହେ । ପ୍ରାଣପ୍ରିୟ । ତୁମ୍ଭ ସୁଭାଗ୍ୟ ପୂର୍ଣ୍ଣଚନ୍ଦ୍ର ।
କରିବ ଜଗତୀ ଅନନ୍ଦ । ସମ୍ପୂର୍ଣ୍ଣ ହେଲା ହେ ଲାବଣ୍ୟସିନ୍ଧୁ ମହିଳା
ସ୍ତବିରାଜ ନାମ ଏ ଛନ୍ଦ । ୨୯ । ସୁରଭାନସୂଦନ ସୁରଭିଚୟାବନ

---

ଏକ ପ୍ରହର, ପବାଣ ଏକପରୀ କରି—ପ୍ରାଣ ଏକାପରି କରି, ଶତମୁଖ—ଇନ୍ଦ୍ର ।
୨୫ । ନରମ ବଚନ—କୋମଳ କଥା, ମାନନାରେ—ସମ୍ମାନ ସହିତ, କୁନ୍ଦନ—
ସୁନା, ମଣି—ରତ୍ନ ।୨୬। ପରିରମ୍ଭ—ଆଲିଙ୍ଗନ, ହରିଣଲକ୍ଷ୍ମ—ଚନ୍ଦ୍ର, ଚନ୍ଦ୍ରିକା—
ଜ୍ୟୋତ୍ସ୍ନା, କାମିତ ଶିରୀ—ଅଭିଳଷିତ ସମ୍ପଦ । ୨୭ । ପ୍ରଚୁର ଅନୁଚର······
ପ୍ରତ୍ୟକ୍ଷରେ ବହୁଭୃତ୍ୟ ସେଠାକୁ ନ ପଠାଅ । ମାନସଚର—ହଂସ, ଚର—କାର୍ତ୍ତା-
ବହ, ସ୍ଥିତ—ପିଣ୍ଡ, ଚୀର—ବସ୍ତ୍ର, ସ୍ମେର ଉପପତି—ଜାରପୁରୁଷ ।୨୮। ତୁମ୍ଭର
ଶୋଭା ଅନ୍ୟସମସ୍ତ ରୂପବାନ୍ ଯୁବକଙ୍କର ଅସଂଖ୍ୟ ଶୋଭାକୁ ନିଜ ପଣରେ କାନରେ
ବାନ୍ଧିଛି, ଅର୍ଥାତ୍ ପୃଥିବୀର ସମସ୍ତ ଯୁବକଙ୍କ ମଧ୍ୟରେ ତୁମ୍ଭେ ସୁନ୍ଦରତମ, ନଜରପଥ
—ଦୃଷ୍ଟିପଥ ।୨୯। କିଶୋରବର···ଶ୍ରେଷ୍ଠ ଯୁବକମାନଙ୍କ ମଧ୍ୟରେ ଯେଉଁମାନେ

ସୁରଭିମାଲ୍ୟ ଆଭରଣ । ସୁରଭିତରସ୍ଥିତ ସୁରଭିମିତତାତ ଅପୂର୍ବ ସୁରଭୀ କାରଣ ହେ । ମହାପ୍ରଭୁ । ପୁରଭିଦ୍ରଚିତଚରଣ । ସୁରଭି କର ଆଚରଣ । କର ଭୀଷଣଭରହରଣ ଜଳନ୍ତରମହାମହେନ୍ଦ୍ରର ଶରଣ ହେ । ୩୦ ।

---

## ପଞ୍ଚଦଶ ଛାନ୍ଦ

### ରାଗ—ବରାଡ଼ୀ

( ମିଳନରେ ନାୟକର ଗୂଢ଼ୋକ୍ତି )

ଅନଙ୍ଗସଙ୍ଗର ଶେଷ ସୁଖ ବ୍ରହ୍ମାନନ୍ଦରସ ପ୍ରବାହରେ ପଡ଼ି ଯୁବରାଜ । କିଶୋରୀଙ୍କି ଧରି କୋଳେ ଚେଳାଞ୍ଚଳ ବିଞ୍ଚାବେଳେ କହେ ଚୁମ୍ବି ମୁଖ-ଦ୍ୱିଜରାଜ ହେ । ଜୀବବନ୍ଧୁ । ମୋ ରାଣୀଟି ପଚାରୁଛନ୍ତି କହ । କି ପଦାର୍ଥ ତୁ ମୋହର ପ୍ରାଣପଞ୍ଚକ କି ବରବରନା କି ତୁ ଜଗତୀମୋହ ରେ । ୧ । ମୋର ପୂର୍ବ ତପୋବଳ କଳପବଲ୍ଲରୀଫଳ ତୁହି କି ରେ ମହାସ୍ଥଳୀଭୂଷା । କି ମୋ ସାମ୍ରାଜ୍ୟବିଭୂତି ହୋଇଅଛୁ ମୂର୍ତ୍ତିମତୀ ତୋ ସ୍ନେହ ମୋ ହୃଦପଦ ପୂଷାରେ । ଜୀବବନ୍ଧୁ । ମୁଁ ବଷ ତୁହି କି ମୋତିମାଳା । ମୁଁ କୁସୁମ ତୁ ବାସନା କି ରେ ହୀରକଦଶନା ମୁଁ ଆକାଶ ତୁ କି ଚନ୍ଦ୍ରକଳା ରେ । ୨ । ପଟୁ ନଟ ଖଞ୍ଜରୀଟ ଘଟଣନେତ୍ରା ମୁଁ ଘଟ ତୁହି

---

ପ୍ରଧାନ ତୁମ୍ଭେ ତାଙ୍କର ଇନ୍ଦ୍ର ସଦୃଶ ।୩୦। ହେ ସୁରଭୀନସୂଦନ—ହେ ଦେବତାଙ୍କର ଭୟବିନାଶକ, ସୁରଭିଚୟାବନ—ଗାଭୀସମୂହର ରକ୍ଷକ, ଗୋପାଳ; ସୁରଭିମାଲ୍ୟ-ଆଭରଣ—ସୁବାସ ଫୁଲମାଳାଦ୍ୱାରା ଶୋଭମାନ, ସୁରଭିତର ସ୍ଥିତ—ଦେବତାଙ୍କ ମଧ୍ୟରେ ଅବସ୍ଥିତ, ସୁରଭିମିତତାତ—ବସନ୍ତର ମିତ୍ର କନ୍ଦର୍ପର ପିତା କୃଷ୍ଣ, ଅ-ପୂର୍ବ ସୁରଭୀକାରଣ—'ଅ-ପୂର୍ବ ସୁର' ଅର୍ଥାତ୍ ଅସୁର ସେମାନଙ୍କର ଭୟର କାରଣ, ପୁରଭିଦ୍‌ରଚିତ ଚରଣ—ଶିବଙ୍କଦ୍ୱାରା ପୂଜିତ ଚରଣ ଯାହାଙ୍କର । ସୁରଭି କର ଆଚରଣ—ମଙ୍ଗଳବିଧାନ କର, ଭୀଷଣଭରହରଣ—ପୃଥିବୀର ଭୀଷଣ ଭାର ହରଣକାରୀ ।

---

ପଞ୍ଚଦଶ ଛାନ୍ଦ

୧ । ଅନଙ୍ଗସଙ୍ଗର—କାମ ଯୁଦ୍ଧ, ଚେଳାଞ୍ଚଳ—କାନି ପଣନ୍ତ, ମୁଖଦ୍ୱିଜ-ରାଜ—ମୁଖଚନ୍ଦ୍ର, ପ୍ରାଣପଞ୍ଚକ—ପଞ୍ଚପ୍ରାଣସ୍ୱରୂପ । ୨ । କଳପବଲ୍ଲରୀ—କଳ୍ପଲତା,

ଜୀବନ କି କହ କହ । ତୁ ପରିଣତଚନ୍ଦ୍ରମା ଚକୋର ମୁଁ କିବେ ସିମା ମୁଁ ଚାତକ ତୁ କି ବାରିବାହ ରେ । ଜୀବବନ୍ଧୁ ! ମୁଁ କି ବନ ତୁ ବସନ୍ତଶିରି । ବିକଶିତ ଅରବିନ୍ଦ ତୁ କି ମୁଁ ଭୋଗୀ ମିଳିନ୍ଦ ମୁଁ ମୀନ ତୁ କି ଗଭୀର ବାରି ରେ । ୩ । ମୁଁ କାବ୍ୟ ବନ୍ଧ ତୁ ରସ, ରସ ମୁଁ ତାହା ବିଶେଷ ସ୍ୱାଦୁ ଗୁଣ କି ରେ ଗୁଣନିଧି । ତୁ ପ୍ରଭୁ ମୁଁ ପରିଜନ ଏଥି ନାହିଁ ଅନୁମାନ ମୁଁ ମନ୍ତ୍ର ଜପ କି ତୁ ତା ସିଦ୍ଧିରେ । ଜୀବବନ୍ଧୁ ! ମୁଁ ମନ୍ଦିର ତୁ କି ଦୀପଶିଖା । କି ବୋଲି ତୋ ସମ୍ବୋଧନ କରିବି ରେ ପ୍ରାଣଧନ ସକଳଗୁଣଗଣେ ମୋତେ ଶିଖା ରେ । ୪ । ମୁଁ ଦେହ ତୁ ଅଳଙ୍କୃତ କି ରେ କେଳିକଳାବତୀ ସହଜେ ମୁଁ ନୃପ ତୁ କି ନୀତି । ମୁଁ ଶାଖୀ ତୁ ବନଲତା ମୁଁ ଜଳ ତୁ ନିର୍ମଳତା ମୁଁ ରଜନୀ ତୁହି କି ମୋ ଗତି ରେ । ଜୀବବନ୍ଧୁ ! ଅଳକା ମୁଁ ତୁ କି ମୋ ସମ୍ପଦ । ମୁଁ କି ପ୍ରସିଦ୍ଧ ପ୍ରାସାଦ ସ୍ୱାଦୁମୃଦୁତରନାଦକଣ୍ଠି କି ତୁ ମହୋତ୍ସବ ଭେଦ ରେ । ୫ । ମୁଁ କି ବାଳକାଳ ଅନ୍ଧ ଅରେ ବିବିଧପ୍ରବନ୍ଧପଣ୍ଡିତା ତୁ ନେତ୍ରଲାଭ ମୋର । ମୋ ମାନସ ସେ ସରସୀ ତୁ କି କେଳିକଳହଂସୀ ମୁଁ ସୁରତ ତୁ କି ଅନ୍ତଃସାର ରେ । ଜୀବବନ୍ଧୁ ! ମୁଁ ମୁକୁର ତୁ କି ତାହା ଝଳି । ମୁଁ କନକ ତୁ ନୂତନ ରତନ ମୁଁ କି ରତନ ତୁ କି କିରଣକଳିକାଆବଳୀ ରେ । ୬ । ମୋ ଧନଟି କାହିଁ କହ ବୋଲି ଯେ ଏତେ ଆଗ୍ରହ କରୁଅଛୁ କହିଲୁ ତ ନାହିଁ । ବଞ୍ଚାଇ ଯେ ଲକ୍ଷେ ଥର ଭଲ କି ଗଲେ ମୋ ପ୍ରାଣ ସ୍ନେହ ଥିବା ଜଣାଗଲା କେହି ରେ । ଜୀବବନ୍ଧୁ ! ମତେ ପଚାରିଲେ କି ପଚାର । ନ କହିଲେ ମୁଁ ଛନ୍ଦରେ ଯେଣି ହୃଦୟ ପଦ୍ମରେ ତହିଁକି ବିଚାର ଉପଚାର ରେ । ୭ । ସ୍ଥିର ପରି ଅନୁସରିଥିବା ଲୋକେ

---

ସାମ୍ରାଜ୍ୟବିଭୂତି—ରାଜ୍ୟର ଐଶ୍ୱର୍ଯ୍ୟ, ପୂଷା—ସୂର୍ଯ୍ୟ । ୩ । ଚଞ୍ଚଳଖଞ୍ଜରୀଟ ପରି ସୁନ୍ଦର ନେତ୍ର ଯାହାର, ଘଟ—କୁମ୍ଭ ବା ଦେହ, ଜୀବନ—ଜଳ ବା ପ୍ରାଣ, ପରିଣତ ଚନ୍ଦ୍ରମା—ପୂର୍ଣ୍ଣଚନ୍ଦ୍ର, ବାରିବାହ—ମେଘ, ବସନ୍ତଶିରି—ବସନ୍ତଶୋଭା, ଅରବିନ୍ଦ—ପଦ୍ମ, ମିଳିନ୍ଦ—ଭ୍ରମର । ୪ । ତୁ ସେ ରସର ବିଶିଷ୍ଟ ସ୍ୱାଦୁତା, ପରିଜନ—ଭୃତ୍ୟ । ୫ । ଅଳଙ୍କୃତି—ଅଳଙ୍କାର, ନୀତି—ରାଜନୀତି, ଶାଖୀ—ବୃକ୍ଷ, ରଜନୀ—ରାତ୍ରି, ଗତି—ପ୍ରାପ୍ତି (ଏଠାରେ ଚନ୍ଦ୍ର), ପ୍ରାସାଦ—ଦେବାଳୟ, ହେ ମୃଦୁମଧୁରଭାଷିଣି ! ତୁ କି ଦେବମନ୍ଦିରର ଉତ୍ସବସ୍ୱରୂପା । ୬ । ବିବିଧପ୍ରବନ୍ଧପଣ୍ଡିତା—ନାନା ଶାସ୍ତ୍ରନିପୁଣା, ମୋ ମାନସ ସେ ସରସୀ—ମୋର ମନ ମାନସସରୋବର ପରି, ସୁରତ—ରତିକ୍ରୀଡ଼ା, ଅନ୍ତଃସାର—(ଏଠାରେ)ବୀର୍ଯ୍ୟ,

ଏତେ ସବୁ ଲଜେ ତୁ ଯେ ରଖିଅଛୁ ଠାଇ । ନଖ ଶିଖଠାରୁ କେଶଯାଏ ମନ ଜାଣି ବେଶ କେ କରିବ ପୁଣି କାଳଯାଏ ରେ । ଜୀବବନ୍ଧୁ । ମୋ ତୁଲ୍ୟ ତ ନୋହେ ଲଗି ଶାଢ଼ୀ । ତାହାକୁ ରଖିବା ଦୂରେ ରସଲମ୍ପଟୀ ମୋ ଉରେ ରହିବୁ ନିବିଡ଼େ ପରି ଜଡ଼ି ରେ । ୮ । ସବ୍ରୀଡ଼ ନେତ୍ରଯୁଗଳୀ ନୀଳଘନ ପକ୍ଷ୍ମପାଳୀ ଟେକି ମୋ ମୁଖକୁ ହସି ଗ୍ରୁହିଁ ! ଅନଙ୍ଗ କଳାନିଧିରେ କହ କହ "ମୃଦୁଗିରେ ମୋର ବନ୍ଧୁଅଛି କାହିଁ କାହିଁ ରେ ।" ଜୀବବନ୍ଧୁ । ମୁଁ ବୋଲିବା କଥା ଯେବେ ଲଜ । ଏ ରୁଚିରାଙ୍ଗୁଳୀ କଳୀ ଅଗ୍ରେ ଉରୋଜଯୁଗଳୀ ମଧ୍ୟ ଛୁଇଁ ବଢ଼ାଅ ମୋ ଓଜ ରେ । ୯ । ଏତେ ବିନତିରେ ଏହି କଥାରେ ନିର୍ବାହ ନାହିଁ କରି ତତେ ସକଳ ସମ୍ପତ୍ତି । କରିଛୁ ଯେ ଅନଳପ ସଉଭାଗ୍ୟ ସଂକଳପ କେମନ୍ତେ ସେ ହୋଇବ ଭରତି ରେ । ଜୀବବନ୍ଧୁ । ତୁହି କି ମୋ ସକଳ ସଙ୍ଗାଳି । ବଚନେ ପଛେ ନ କହ ନେତ୍ରନୀଳ ଜଳରୁହ ଥରେ ଉରୋଜରେ ଦିଅ ଢାଳି ରେ । ୧୦ । ତ୍ରିଲୋକଯାକ ଲାବଣ୍ୟ କରିଥିଲ କେତେ ପୁଣ୍ୟ ଏ ମୁଖଚନ୍ଦ୍ରରେ କଲ କେଳି । ତହୁଁ କେତେ ଗୁଣେ ବଳି ମୋର ଏ ନେତ୍ରଯୁଗଳୀ କରିଥିଲ ତପ ନୋହେ କଳି ରେ । ଜୀବବନ୍ଧୁ । ଏଡ଼େ ଲବେ ଭୋଗ କରେ ଗ୍ରୁହିଁ । ପୁଲୋମା-ପୁତ୍ରୀ କାମୁକ ନୟନ ସହସ୍ରଯାକ ଏ ଶିରୀ ତ ଦେଖି ପାରି ନାହିଁ ରେ ।୧୧। କି ଭାଗ୍ୟବନ୍ତ ମୋ କର ଦ୍ୱିଜେ ହିରଣ୍ୟଭୂଧର କେତେବାର ଦେଇଥିଲ ଦାନ । ଯିଁଠାଇ ସାଇକାହୁଣ୍ଡି ବୋଲି ସୁଧାକରଗୁଣ୍ଡି ଭୋଗ କଲ ଏ ସୁନ୍ଦର ସ୍ତନ ରେ । ଜୀବବନ୍ଧୁ । କି ମଧୁର ଏ ତୋ ଦନ୍ତଚେଲ । ସୁଧା ରସେ ମୁଧାମତି ଦ୍ରାକ୍ଷାଦିର ଷାର ପ୍ରତୀତ ହୁଏ ଅନ୍ୟ କେ ଏହାର ତୁଲ ରେ ।୧୨। ରସମୟ ଏ ସମୟ ସମ୍ଭୃତ ହୃଦାଶୟ ନିଜ ଅନୁଭବେ ଜାଣି

---

ଝଳ—କାନ୍ତି, କରକଳକା ଅବଳୀ—ରତ୍ନରୁ ବାହାରୁଥିବା କିରଣସବୁ ।୯। ସବ୍ରୀଡ଼—ସଲଜ୍ଜ; ଏ ରୁଚିର...ଓଜ—ସୁନ୍ଦର ପୁଷ୍ପକଢ଼ି ପରି ହୋଇଥିବା ଅଙ୍ଗୁଳି ଅଗରେ କୁଚଦ୍ୱୟର ମଧ୍ୟକୁ ସ୍ପର୍ଶ କରି ମୋର ମନବଳକୁ ବଢ଼ାଅ । ୧୦ । ନିର୍ବାହ—ସମ୍ପାଦନ, ନିଷ୍ପତ୍ତି; ଅନଳପ ସଉଭାଗ୍ୟ ସଂକଳପ—ପ୍ରଚୁର ସୁଖ ପାଇବାର ସଙ୍କଳ୍ପ, ଜଳରୁହ—ପଦ୍ମ । ୧୧ । ଏଡ଼େ ଲବେ—ଏତେ ଶୀଘ୍ର, ପୁଲୋମାପୁତ୍ରୀକାମୁକ... ଶଚୀଙ୍କ ପ୍ରତି ଅଭିଳାଷୀ ଇନ୍ଦ୍ରଙ୍କ ସହସ୍ର ସଂଖ୍ୟକ ଚକ୍ଷୁ ତୋର ଏ ଲାବଣ୍ୟ ଦେଖି ପାରି ନାହିଁ । ୧୨ । ହିରଣ୍ୟଭୂଧର—ସୁନାର ପର୍ବତ, ସାଇକାହୁଣ୍ଡି—କାଞ୍ଚୁଲିରେ ଲଗିଥିବା ଦଉଡ଼ିର ଗଣ୍ଠି, ସୁଧାକରଗୁଣ୍ଡି—କର୍ପୂରଚୂର୍ଣ୍ଣ, ଦନ୍ତଚେଲ—ଅଧର, ତୋ ଅଧରରୁ ଯେଉଁ ଅମୃତ ମୁଁ ଗ୍ରହଣ କରୁଛି ତା ତୁଳନାରେ ପ୍ରକୃତ ସୁଧାରସରେ ( ଅମୃତ ରସରେ ) ମୋର ସୁଧାମତି (ବୃଥା ବୁଦ୍ଧି) ଜାତ ହୁଏ; ଅର୍ଥାତ୍ ପ୍ରକୃତରେ ଏହା

ଜାଣି । କୁସୁମବଶିଖସଖା ଋତୁ କିଶଳୟ ଲେଖା ଜଣାଙ୍କରେ କାହିଁ ଦେଲୁ ପାଣି ରେ । ଜୀବବନ୍ଧୁ । ଏହିଟି ବୋଲିଏ ଭକ୍ଷଧୂଳି । ପଲ୍ଲବ ଅର୍ଦ୍ଧକେ ସାତ ଯେତେ ଧ୍ୱସ୍ତ ହୋଏ ସେତ ଶତଜନ୍ମେ ନ ପାରିବ ମିଳି ରେ । ୧୩ । ନ ପାରି ପାଳି ମୋ କଥା ହସି ଯେ କୁଆଡ଼େ ମଥା ହଜି ଯାଉଅଛି ମୋର ବୁଦ୍ଧି । ଭଲେ ଭରଜି ମରଜି ଯେବେ ପ୍ରଭୁ ପାଶେ ଭଜି ଥାଇ କାଳେ ନୋହି ଅପରାଧୀ ରେ । ଜୀବବନ୍ଧୁ । କପଟ ଜାଣିବ ତୋର ମନ । କେଉଁ ସେବା କେତେବେଳେ ଗୃହି ବୟସ୍ୟାମଣ୍ଡଳେ ସମ୍ପାଦିବି ଦିବ୍ୟ ଅବଧାନ ରେ । ୧୪ । ଚନ୍ଦ୍ରହାର ପ୍ରିୟସଙ୍ଗି କରି କରେ ଚନ୍ଦ୍ରମୁଖି ବହିବି ହୃଦୟ ସ୍ଥଳେ ତୋତେ । ମଉଳିମଣ୍ଡନଚମ୍ପା ଗନ୍ଧି କଲେ ଅନୁକମ୍ପା ପାତ୍ର କରି ଘେନିବୁ କି ଚିତ୍ତେ ରେ । ଜୀବବନ୍ଧୁ । ପ୍ରେମପଟତନ୍ତୁ ଗୁନ୍ଥା କରି । ହୋଇ ପ୍ରମୋଦେ ମଗନ କୁତୁକେ ଧରି ଲପନ କରିବି କି କଣ୍ଠଲଗ୍ନ ସରି ରେ । ୧୫ । ତୁ ମୋତେ କପଟ ପରିପାଳିବୁ ରେ କୃଶୋଦରି ଜଣାଙ୍କର ମୋ ଭରସା ପାଇ । ହେବି ପଦଶତପତ୍ରତଳେ କି ଅଳତା ଚିତ୍ର ଅବା ମଣିମଣ୍ଡିତକଟାଉ ରେ । ଜୀବବନ୍ଧୁ । ହେବି କି ପାହାଡ଼ା ବଜେ ବେଳେ । ପାହୁଡ଼ ବାଜଣି ବଳା ପଉଞ୍ଜି ମଞ୍ଜୁ ଶିକୁଳା ତୁଲେ ମିଶିବି କି କୁତୂହଳେ ରେ । ୧୬ । ଅଦୃଶ୍ୟ ସୁନ୍ଦର କଟୀତଟୀ କାଞ୍ଚୀକ୍ଷୁଦ୍ରଘଣ୍ଟୀ ପଟଳୀରେ କରିବୁ କି ଏକ । ତୋ ଲାଗି ଦୁକୂଳ ଭାଗ୍ୟ ପରମ୍ପରା ଭୋଗ ଯୋଗ୍ୟ ହେବି କି ରଜନୀଦିବାଯାକ ରେ । ଜୀବବନ୍ଧୁ । ହେବି କି କାଞ୍ଚୁଲି ପୟୋଧରେ । ଧାରାଧରମାଳାଲୀଳା ଧରିବି କି ରେ କୋମଳା ଧରାଧରା-ଧୃରାଜ ମୂର୍ଦ୍ଧରେ ରେ । ୧୭ । ମହିଳାମଣ୍ଡଳୀ ମଥାମଣି କି ଅଧର କଥା

---

ଛଡ଼ା ଅନ୍ୟ ଅମୃତ ନାହିଁ ବୋଲି ମନେ ହୁଏ । ଦ୍ରାକ୍ଷାଫଳ କ୍ଷାର (ଲୁଣିଆ ଖାର) ପରି ବୋଧହୁଏ । ୧୩ । କୁସୁମବଶିଖ···ଯେଉଁ ଅଧର କନ୍ଦର୍ପବନ୍ଧୁ ବସନ୍ତ ଋତୁର କିଶଳୟ (ନୂତନ ପଲ୍ଲବ)ର କଣାଙ୍କ ଅର୍ଥାତ୍ ଜୟକାରୀ, ତହିଁରେ କାହିଁକି ପାଣି (ହସ୍ତ) ଦେଲୁ, ଅର୍ଥାତ୍ ଅଧରକୁ କାହିଁକି ହାତରେ ଲୁଗୁଚିଲୁ । ଏହାକୁ ଭକ୍ଷ ଧୂଳି ଅର୍ଥାତ୍ ଖାଇବା ପାତ୍ରରେ ଧୂଳି ଦେବା କହନ୍ତି । ଏହାଦ୍ୱାରା ଅର୍ଦ୍ଧନିମେଷରେ ଯେତେ ସାତ (ସୁଖ) ଧ୍ୱସ୍ତହୁଏ (ନଷ୍ଟହୁଏ) ତାହା ଶତେ ଜନ୍ମରେ ମିଳିବ ନାହିଁ । ୧୪ । ବୟସ୍ୟାମଣ୍ଡଳେ—ସଖୀମାନଙ୍କ ମଧ୍ୟରେ । ୧୫ । ଚନ୍ଦ୍ରହାର—ଏକପ୍ରକାର ହାର, ମଉଳିମଣ୍ଡନ—ମସ୍ତକ ଭୂଷଣ, ଅନୁକମ୍ପାପାତ୍ର—କୃପାପାତ୍ର, ପ୍ରେମପଟ—ପ୍ରଣୟ ଚିତ୍ର, ତନ୍ତୁଗୁନ୍ଥାକରି—ସୂତାରେ ଗୁନ୍ଥି, କରିବ କି କଣ୍ଠଲଗ୍ନସରି—ଗଳାରେ ଲମ୍ବାଇ ଦେବ କି ।୧୬। ପଦଶତପତ୍ରତଳେ—ପାଦ ପଦ୍ମରେ ।୧୭। କାଞ୍ଚୀକ୍ଷୁଦ୍ରଘଣ୍ଟି ପଟଳୀରେ—ଅଣ୍ଟା ଚନ୍ଦ୍ରହାରରେ ଥିବା କ୍ଷୁଦ୍ର ଘଣ୍ଟିମାନଙ୍କ ମଧ୍ୟରେ । ଲାଗିଦୁକୂଳ—

ଗୋଟିଏ ପଣ୍ଡୁରୁଅଛୁ ଭ୍ରଷ । ନବନୀତ ପିତୁଳାକୁ ଅଣି ନୁହଇ ତୁଳାକୁ ଏପରି ତ ତୋ ଶ୍ରୀଅଙ୍ଗଦେଶ ରେ । ଜୀବବନ୍ଧୁ । ଛବି ଏଡ଼େ ଅବିବେକ ମାର । ତାହା ଅମଳ ଅଜ୍ଞାନ ବଶେ କଲେ ଅଲିଙ୍ଗନ ସରିଯିବ ସିନା ମୋ ସଂସାର ରେ । ୧୮ । କଣ୍ଠିତମଧ୍ୟା ଗଭୀର କୁଚର ଚବୁକେ ତୋର ମୃଗମଦ-ପଙ୍କଚନ୍ଦ ଭୃଙ୍ଗୀ । ହେଲେ ସେ ଅବା ମୋ ଗୁରୁ ଶିଖାଇବ ପ୍ରସୂନରୁ ନିର୍ବାଧ ମରନ୍ଦଭୋଗଭଙ୍ଗୀ ରେ । ଜୀବବନ୍ଧୁ । ତୋ ସହଜ ପଙ୍କଜବାସକୁ । ଗଣୁଥିଲେ ସଚେତନେ ତୋ ଅଙ୍ଗସଙ୍ଗ ଯତନେ କରନ୍ତି ତାଠାରୁ ଅଭ୍ୟାସକୁ ରେ । ୧୯ । ମୁଁ କାମକାଠର ଶିଖୀ ସକାଶୁଁ ହେବାରୁ ଭୋଗୀ ଦେଖି ଏ ଲାବଣ୍ୟ ନବାମୃତ । ଅଙ୍ଗିରେ ଅଲପ ଗୃହି ଦେଲେ ତୁ ମନ୍ଦାକ୍ଷେ ଲଙ୍ଘି ରହି କୋଳେ ମୁଖ କରୁ ନତ ରେ । ଜୀବବନ୍ଧୁ । ଜର ଜର ଗୋଟିଯାକ ରସେ । ସ୍ମରଜ୍ୱର କମ୍ପମାନ ଶମ୍ପାର ତ ତୁ ସମାନ କରଜର ମୃଦୁଳ ସ୍ପରଶେ ରେ । ୨୦ । କନକ ପାରଦ ରସମସ୍ତ କର କ ଲୋକେଶ ଶରୀର ନିର୍ବାହ କଲା ତୋର । ବରିଜଲେ ହେଲେ କୋଳେ ସମସ୍ତ ବାଞ୍ଛିତ ସ୍ଥଳେ ସ୍ଥିର ହେଉ ନାହିଁ ମୋର କର ରେ । ଜୀବବନ୍ଧୁ । କେଉଁ ଅଙ୍ଗେ ନ ଦେଲେ ଚୁମ୍ବନ । ଚୁମ୍ବ ବିନା କେତେବେଳେ ରହିବ ଜୀବ ନିଷ୍ଟଳେ କେତେ ଯୁଗେ ତୁଷ୍ଟ ହେବ ମନ ରେ । ୨୧ । ଘନ-ଜଘନା ରେ ଘେନ ତେଡ଼େ ଧୀର ଚିରନ୍ତନ ଶତପଦ ପୂଜ ଅଚରଣ । କୃତବୀର୍ଯ୍ୟ ସୁତ ଶେଷ ଶକ୍ର ଏ ତନଙ୍କ ବେଶ ଦେଇ ନୋହିଲା ଯା ମୋ ଶରଣ ରେ । ଜୀବବନ୍ଧୁ । ତୋ ଅଶ୍ଲେଷ ଚୁମ୍ବ ଦରଶନେ । ଦ୍ୱିବାହୁ ଏକ ବଦନ ଦ୍ୱିଲୋଚନବନ୍ତ ଜନ ପ୍ରସାଦ ଲଭିବ କେହି ମନେ ରେ । ୨୨ ।

---

ପିକା ପାଠଶାଳୀ, ଧାରାଧରମାଳାଲୀଳା—ବର୍ଷାକାଳ ମେଘମାଳାର କ୍ରୀଡ଼ା, ଧରାଧରାଧିପଙ୍କ ମୂର୍ଦ୍ଧରେ—ଉଚ୍ଚ ପର୍ବତ ମସ୍ତକରେ (କୂଟରେ) । ୧୮ । ନବନୀତ ପିତୁଳା—ଲହୁଣୀରେ ତିଆରି ପିତୁଳା, ତୁଳାକୁ—ତୁଳନାକୁ, ସାଦୃଶ୍ୟକୁ; ଛବି—ଶୋଭା, ତାହା ଅମଳ···କାମବିହ୍ୱଳ ହୋଇ ଅଲିଙ୍ଗନ କଲେ ।୧୯। କଣ୍ଠିତମଧ୍ୟା—କ୍ଷୀଣକଟି, ମୃଗମଦପଙ୍କଚନ୍ଦଭୃଙ୍ଗି—ଚବୁକରେ କସ୍ତୁରୀରେ ଚିହ୍ନିତ ହୋଇଥିବା ଭ୍ରମରୀ । ଭ୍ରମରୀ ଫୁଲରୁ ଯେଉଁ ରୀତିରେ ମରନ୍ଦ ( ମକରନ୍ଦ ମଧୁ ) ପାନ କରେ, ସହଜପଙ୍କଜବାସକୁ—ସ୍ୱାଭାବିକ ପଦ୍ମ ଗନ୍ଧକୁ ।୨୦। କାମକାଠରଶିଖୀ—ଅନ୍ତରରେ ଥିବା ପ୍ରବଳ କାମଅଗ୍ନିରେ । ମନ୍ଦାକ୍ଷେ—ଲଜ୍ଜାରେ, ଶମ୍ପାରତ ତୁ ସମାନ—ବିଦ୍ୟୁତ ପରି; କରଜରମୃଦୁଳସ୍ପରଶେ—ନଖରେ ଧୀରସ୍ପର୍ଶ କରିବା ଦ୍ୱାରା ।୨୧। କନକପାରଦ ରସମସ୍ତ କରି—ଅର୍ଥାତ୍ ସୁନା ଓ ପାରଦକୁ ଏକତ୍ର ତରଳାଇ, ଲୋକେଶ—ବ୍ରହ୍ମା । ୨୨। ଘନଜଘନା—ସ୍ଥୂଳଜଙ୍ଘ ଯାହାର, ଚିରନ୍ତନ—ଅତିପ୍ରାଚୀନ, ଶତପଦପୂଜ—

ଜଳଜଜିତ୍ୱର ପାଣି ଧରି ଜଣାଉଛୁ ପୃଣି ପ୍ରବଳୀତ ଅନଙ୍ଗ ଅହବେ । ମୋ ଶରୀରଭର ବୁହା ମର୍ଦ୍ଦନ ପୀଡ଼ନ ସୁହା ଭଳି ବଳ ନ ପାଇବ ଯେବେ ରେ । ଜୀବବନ୍ଧୁ । ଖେଳରୁ ମୋ ଉରସ୍ଥଳେ ରହ । ତୋ ନଖାଗ୍ର ଦନ୍ତପୀଡ଼ା ଶ୍ରୀଭୁଜ ନିବଡ଼ଭିଡ଼ା ବୁଝିବା ମୁଁ ସହିବ କି ନାହିଁ ରେ । ୨୩ । ନ କର ଲାଜେ ଖାତର କ୍ଷଣେ କ୍ଷଣେ ତୁ ମାତର ହରୁଥିବୁ ହୋଇ ରସଲୋଭୀ । ମଦମତ୍ତ ଭୃଙ୍ଗଜାତ ସ୍ୱପକ୍ଷ ସଂଘାତ ଜାତ ବାତପ୍ରକମ୍ପିତ ଗର୍ଭଶୋଭୀ ରେ । ଜୀବବନ୍ଧୁ । ପୂରିବ ଉଭୟ ମନୋରଥ । ନଥ ନରତନ ମନମଥ ନରମ ବିଧାନ ବଢ଼ାଇବ ସୁଖ ସ୍ୱର୍ଗପଥ ରେ । ୨୪ । ତଳୁ ମୁଁ କରେ ମୁକୁର ଦେଖାଇ ଦକ୍ଷିଣ କର ଅଗ୍ରେ ସ୍ତନଅଗ୍ରେ ଦଳୁଥିବ । ଦେଖିବୁ ସେକାଳେ ସାତ ପୁଲକାଳି କଣ୍ଟକିତ କପୋଳ ଦର୍ପଣଖଣ୍ଡ ଛବି ରେ । ଜୀବବନ୍ଧୁ । ଗୃହିବୁ ସଲଜ୍ଜ ମନ୍ଦହସା । ଅପରୂ ନୟନ ଖୋସା ଖୋସାର ଦରଲହସା ଶୋଭା ହୋଇଥିବ ତହିଁ ମିଶା ରେ । ୨୫ । ଏଥିରେ ତୁ ଯେବେ ଶାନ୍ତ ହେବୁ ରେ କୁମୁଦକାନ୍ତମଣ୍ଡଳମଦଖଣ୍ଡନମୁଖି । ମୋ ବକ୍ଷମୁକୁତାହାର ବଲ୍ଲକି କର ବାହାର ରହ ତୁ ଉରୋଜ ଉରେ ଯୋଖି ରେ । ଜୀବବନ୍ଧୁ । ନ ପହୁଡ଼ ପଛେ ମୋର ଅଙ୍କେ । ପର୍ଯ୍ୟଙ୍କବନ୍ଧରେ ବସି ଅନାୟାସେ ହସି ହସି ସ୍ମରବଳ ଦଳିବା ନିଃଶଙ୍କେ ରେ । ୨୬ । ଜାଣ ମୋ ପ୍ରାଣମିତରେ ତୋ ମରଜିରୁ ଇତରେ ସଂଚରିବା ସେବକ ମୁଁ ନୋହେ । ସୁଗୁଣ ଗ୍ରାହକଚିତ୍ତେ ବିଗୃର ସେବାରେ ମୋତେ ରଖିଛୁ କେମନ୍ତେ ଅନୁଗ୍ରହେ

---

ବ୍ରହ୍ମା, କୃତବୀର୍ଯ୍ୟସୁତ—କାର୍ତ୍ତିବୀର୍ଯ୍ୟ ( ସହସ୍ର ବାହୁବିଶିଷ୍ଟ ), ଶେଷ—ଅନନ୍ତ ଦେବ (ସହସ୍ରମୁଖବିଶିଷ୍ଟ), ଶକ୍ର—ଇନ୍ଦ୍ର (ସହସ୍ର ନେତ୍ରବିଶିଷ୍ଟ), ବ୍ରହ୍ମା ମୋତେ ଏମାନଙ୍କ ପରି ସହସ୍ର ବାହୁ, ସହସ୍ର ମୁଖ ଓ ସହସ୍ର ଚକ୍ଷୁ ଦେଇ ନ ଥିବାରୁ ମୁଁ ଦୁଇବାହୁ, ଏକମୁଖ ଓ ଦୁଇ ଚକ୍ଷୁରେ ତୋର ଆଲିଙ୍ଗନ, ଚୁମ୍ବନ ଓ ଦର୍ଶନ କରି ଆବେଗୀ ହୃଦୟରେ ପ୍ରସାଦ ( ତୃପ୍ତି, ସନ୍ତୋଷ ) ଲାଭ କରି ପାରୁ ନାହିଁ । ୨୩ । ଜଳଜଜିତ୍ୱରପାଣି—ପଦ୍ମକୁ ଜୟ କରିଥିବା ହାତ, ପ୍ରବୃଳିତ ଅନଙ୍ଗଅହବେ —ପ୍ରବଳକାମଯୁଦ୍ଧରେ । ୨୪ । ମଦମତ୍ତ···ଉନ୍ମତ୍ତ ଭୃଙ୍ଗଜାତ (ଭ୍ରମରସମୂହ)ର ନିଜ ପକ୍ଷ ସଞ୍ଚାଳନରୁ ବାୟୁର ଆଘାତରେ ଗର୍ଭଶୋଭା କମ୍ପିତ ହେବା ଭଳି ଜଣାଯାଉଥିବ, ଅର୍ଥାତ୍ ଧୀରେ ଧୀରେ ଜୁଡ଼ା କମ୍ପୁଥିବ । ମନମଥ ନରମବିଧାନ— —କାମକ୍ରୀଡ଼ାବିଧି (ଏଠାରେ ବିପରୀତ ବିଧି ବ୍ୟଙ୍ଗ୍ୟ) । ୨୫ । ମୁକୁର—ଦର୍ପଣ, ସାତ—ସୁଖ, ପୁଲକାଳିକଣ୍ଟକିତ—ରୋମାଞ୍ଚିତ, କପୋଳ—ଗଣ୍ଡଦେଶ, ଖୋସା —ଖୋସିବା ବା ନିବେଶିବା କାର୍ଯ୍ୟ, ଖୋସା—ଜୁଡ଼ା, ଦରଲହସା—ଅଳ୍ପ ଢିଲା ହୋଇଥିବା । ୨୬ । କୁମୁଦକାନ୍ତ···ଯାହାର ମୁଖ ଚନ୍ଦ୍ରମଣ୍ଡଳ ଗର୍ବ ଧ୍ୱଂସ

ରେ । ଜୀବବନ୍ଧୁ । ପ୍ରଭୁ ତୁହି ତତେ ଜଣା ତାହା । ସମୟମାନ ସେବାର ଜାଣି ସେବା କରିବାର ବିନା ମୁଁ ନ ଜାଣେ ଆନ ଗୀହା ରେ । ୨୭ । ମଣ୍ଡି ତୋ ନିତମ୍ବେ ଅଙ୍କ ଅଧର ପଙ୍କିଲ କଙ୍କପତ୍ରେ କୁରୁଳି କେଶପାଶ । ଷଟ ପଞ୍ଚାଶତ ଦେଶପ୍ରଥିତ ପେଶଲ ବେଶ ସମୁଚିତ ମଣ୍ଡନ ବିନ୍ୟାସ ରେ । ଜୀବବନ୍ଧୁ । ଜାଣିଛି ନ ହୁଡ଼ି ଅଣୁମାତ୍ର । କୁସୁମୀ ଥାନ ଅଙ୍ଗିଆ ମକ୍ଷିକା ମକରୀ ଛୁଆ ମୃଗମଦପତ୍ରଭଙ୍ଗ ଚିତ୍ର ରେ । ୨୮ । ବିବିଧ ଜାତି ପ୍ରସୂନ ରଚିତ ମଣ୍ଡନମାନ ସଜାଡ଼ି ଜାଣିଛି ଋତୁଭେଦେ । ବହଳ ଅଳତା- ଦ୍ରବବଲ୍ଲରୀ ଚିତ୍ରପାଟବ ଦେଖାଇବି ଏ ସୁନ୍ଦର ପଦେ ରେ । ଜୀବବନ୍ଧୁ । ଉଦ୍ରେକ ଉଲ୍ଲାସ କ୍ରମ ଜାଣି । ସୁନୁଲି କସିଦାପଢ଼ା ଗାଇକାସିଦ୍ଧା ସଜଡ଼ା ବିଧି ଜାଣିପାରେ ମୁଁ ବିଜ୍ଞାଣି ରେ । ୨୯ । କନକଦଳ ସୋଦର ବିଡ଼ିଆ ନାନା ପ୍ରକାର ଭାଙ୍ଗିବା ଭଙ୍ଗିରେ ମୋ ଗୁମାନ । ଦୁହେଁ କଳପିବା ଗୀତ ପ୍ରବନ୍ଧ ରସ ରଚିତ ଲେଖିବି ଯେ ନ ଥିବ ମାନସ ରେ । ଜୀବବନ୍ଧୁ । ସଙ୍ଗୀତ ସଙ୍ଗୀ ତ ହେବି ମୁହିଁ । ଅମରପାମର ଦୁଇ ଢେନ ଢେନାଇ ପାରଇ ପ୍ରଭୁ ତୁ ବଢ଼ାଇ କହୁ ନାହିଁ ରେ । ୩୦ । ପଛ ତଳା ସମ ସମ ମଉଳ ଘନ ସୁଷମ ବରତୁଳ ଠାଣି ପାଣିବନ୍ତ । ପୃଥୁରୋମବୀଜ ରୋପି ମୃଗେନ୍ଦ୍ର ଜାଲିଆ ଲିପି ପ୍ରବଳିବ ଯହିଁ ତୋର ସ୍ୱାନ୍ତ ରେ । ଜୀବବନ୍ଧୁ । କେତେକ କେତକୀ ଚମ୍ପା ଅଦ । ଯେଉଁ ପୁଷ୍ପ ଦଳେ ଫରମାସିବୁ ରମଣୀ- ବର ଲେଖିଥିବି ପ୍ରଶଂସିବ ବାଦୀ ରେ । ୩୧ । ଷଣେ ରହ ଅକମ୍ପନେ

---

କରେ, ପର୍ଯ୍ୟଙ୍କବନ୍ଧ—ଏକପ୍ରକାର ରତିବନ୍ଧ । ୨୮ । ତୋ ନିତମ୍ବରେ ମୋ ଅଙ୍କକୁ ମଣ୍ଡି ଅର୍ଥାତ୍ ତୋତେ କୋଳରେ ବସାଇ, ଅଧରପଙ୍କିଳ—ଅଧରଦ୍ୱାରା ବୋଳା, କଙ୍କପତ୍ର—କେଶଶୋଭିବର୍ଦ୍ଧକ କଙ୍କପକ୍ଷୀର ପକ୍ଷ, କୁରୁଳି—ଚୂର୍ଣ୍ଣକୁନ୍ତଳ, ପେଶଳ—ସୁନ୍ଦର, କୁସୁମୀଥାନ—ଫୁଲ ପଡ଼ିଥିବା, ଅଙ୍ଗିଆ—ଏକପ୍ରକାର କାଞ୍ଚୁଲି । ୨୯ । ଚିତ୍ରପାଟବ—ଚିତ୍ରନିପୁଣତା, ସୁନୁଲିକସିଦାପଢ଼ା—ସୁନେଲି ରଙ୍ଗର ଫୁଲ ବୁଣା ଜରି କାମ ହୋଇଥିବା, ଗାଇକାସିଦ୍ଧା—କାଞ୍ଚୁଲି ସିଲାଇ କରିବା, ବିଜ୍ଞାଣି —କାରିଗର । ୩୦ । କନକଦଳସୋଦର—ସୁନାପତ୍ର ପରି ହଳଦିଆ, ବିଡ଼ିଆ—ପାନ, କଳପିବା—କଳ୍ପନା କରିବା, ସଙ୍ଗୀତ ସଙ୍ଗୀ—ସଙ୍ଗୀତର ସାଥୀ, ଦୁଇ ଅମର ପାମର—ସଂସ୍କୃତ ଓ ଦେଶଭାଷା ।୩୧। ପଛ ତଳା—ପଛକୁ ଢଳିପଡ଼ିଥିବା, ସମ ମଉଳ—ମୁଣ୍ଡକୁ ସମାନ ହୋଇଥିବା, ପୃଥୁରୋମବୀଜ—ମାଛମଞ୍ଜିଆ ( ମୂଳ ସରୁଆ ), ମୃଗେନ୍ଦ୍ରଜାଳିଆ—ସିଂହଝୁଲିଆ ( ମଝି ସରୁଆ ) । ଲିପି—ଅକ୍ଷର, ତୋର ସ୍ୱାନ୍ତ—ତୋ ନିଜ ମନ, ଅର୍ଥାତ୍ ମୁଁ ନାନାପ୍ରକାର ଫୁଲହସ ଛଅର

ଏ ସୁନ୍ଦରେନ୍ଦୁ ଲପନେ ଚୁମ୍ବିବି ମୁଁ ଲକ୍ଷେ ଗଣି ଗଣି । ସୁଧାରୁ ଲାଗେ ମଧୁର ପୂରଇ ନାହିଁ ଉଦର ଏ କି ସୁନ୍ଦର ଖଞ୍ଜି ଅଛୁ ପୂର୍ଣ୍ଣ ରେ । ଜୀବବନ୍ଧୁ । ଯାହା ହେଉଅଛୁ ମନ ଏଣୁ । ମନସିଜୋଲ୍ଲାସ ନାମ ଏ ଛାନ୍ଦ ରସିକା ଶ୍ୟାମ ଇନ୍ଦୀବରନୟନା ତୁ ତ ଜାଣୁ ରେ । ୩୨ । ବନମାଳା ବିରାଜିତ ବୃଷଭାନୁଭବାୟତ୍ତ ଚନ୍ଦ୍ରକଳାବର୍ଣ୍ଣ୍ୟବେଶଶାଳୀ । ଭବଭୟ ନିବାରଣ ଧରଣୀ-ଧରଧାରଣ ପ୍ରଭୋ ସଦାଶିବ ବନମାଳୀ ହେ । ଜୀବବନ୍ଧୁ । ଦୁହିଙ୍କର ଗୁରୁ ଶ୍ରୀଚରଣ । ଜଳନ୍ଧର ହରିହୟ ରାମଚନ୍ଦ୍ର ଗୋଷ୍ଠରାୟ 'ଦେବର ହୋଇବେ କି ଶରଣ ହେ । ୩୩ ।

---

## ଷୋଡ଼ଶ ଛାନ୍ଦ

### ରାଗ—କୃଷ୍ଣକଳା

### ( ନାୟିକର ବିଦେଶରୁ ପତ୍ରଲେଖନ )

ଚିର ପ୍ରବାସରେ ରହିବାରୁ ନାଗରିକ । ତୀରପ୍ରହାରେ ମଦନ ହରିଲା ବିବେକ । ଦିନୁ ଦିନୁ ତନୁ ହୋଇବାରୁ ଅତି କ୍ଷୀଣ । ତନୂଦରୀ ଶ୍ରୀଛାମୁକୁ ଲେଖଇ ଜଣାଣ । ୧ । ଚିବୁକ ଚୁମ୍ବନ ଗାଢ଼ ଅଶ୍ଲେଷ ସଂଖୋଳା । ଦିବ୍ୟ ଅବଧାନକୁ ଅସିବ ପ୍ରେମଶୀଳା । ଅରଜିବା ପାଇଁ ନାନା ଦୁଃସହ ବେଦନା । ବରଜିଲି ତୋତେ ଯେଉଁ ଦିନୁ ଚନ୍ଦ୍ରାନନା । ୨ । ଲଭିବାର ଦୁଃଖରାଶି ଉର ନ ଲେଖିଲି । କିଶୋରୀ ତୁ ପଢ଼ି ଶୋକେ ସଢ଼ିଯିବୁ ବୋଲି । ତୁ ସାର ହୋଇ ନ ଥିବା ସକାଶୁଁ ମୋ ପାଖେ ।

---

କିବା ଓ ଅକ୍ଷର ଲେଖି ଜାଣେ ।୩୨। ସୁନ୍ଦରେନ୍ଦୁଲପନେ—ସୁନ୍ଦରଚନ୍ଦ୍ର ମୁଖରେ । ୩୩ । ବନମାଳାବିରାଜିତ—( କୃଷ୍ଣ ) ବନଫୁଲ ମାଳାରେ ଶୋଭିତ, ( ଶିବ ) କୈଳାସର ବନସମୂହରେ ଶୋଭିତ । ବୃଷଭାନୁଭବାୟତ୍ତ—( କୃଷ୍ଣ ) ରାଧିକାଙ୍କ ଅଧୀନ, (ଶିବ) ବୃଷଭର ସାମର୍ଥ୍ୟର ଅଧୀନ; ଚନ୍ଦ୍ରକଳାବର୍ଣ୍ଣ୍ୟ ବେଶଶାଳୀ—( କୃଷ୍ଣ ) ମୟୂରଚନ୍ଦ୍ରିକାର ଶୋଭାରେ ସୁନ୍ଦର, ( ଶିବ ) ଚନ୍ଦ୍ରଙ୍କର ସୌନ୍ଦର୍ଯ୍ୟ-ଦ୍ୱାରା ସୁନ୍ଦର; ଭବଭୟନିବାରଣ—(ଉଭୟ) ସଂସାରର ଜନ୍ମଦୁଃଖ ନିବାରକ ଅର୍ଥାତ୍ ମୁକ୍ତିଦାତା, ଧରଣୀଧରଧାରଣ—( କୃଷ୍ଣ ) ଗୋବର୍ଦ୍ଧନଧାରୀ, ( ଶିବ ) ସର୍ପଭୂଷଣ; ଜଳନ୍ଧରହରିହୟ—ଜଳନ୍ଧରର ଇନ୍ଦ୍ର ବା ରାଜା ।

---

ଷୋଡ଼ଶ ଛାନ୍ଦ

୧ । ତନୂଦରୀ—କ୍ଷୀଣୋଦରୀ । ୩ । ତୁ ସାର ହୋଇ ନ ଥିବା ସକାଶୁଁ—

ପୂଷାରଠାରୁ ମୋ ଖ୍ରୀତ ତୁଷାରମୟୂଖେ । ୩ । ମାରୁତ ନ ବୋଲି ତା
କରକୁ ବଡ଼ଲୋକେ । ମଗ୍ଣିତ ବୋଲନ୍ତି ସତେ କେତେ ଅବିବେକେ ।
ସ୍ୟନ୍ଦନଚରଣ ଗୃରୁ କାତମ୍ବବଣ ରେ । ଚନ୍ଦନର ବନ୍ଦନ ମୁଁ ନ କଲି
ଖ୍ରୀତରେ । ୪ । କାଳପାଶ ଘେନି ହୋଏ ମରୁତ ତ କାଳ । କେହି ନ
ବୋଲେ ଏ ମନ୍ଦ ମରୁ ତତକାଳ । ସ୍ତବକିତ ମଞ୍ଜୁଗ୍ରିରେ ନବ କିଶଳୟ ।
ନେବ କ ପଗ୍ରଣ ପବ ଜାତ କରେ ଭୟ । ୫ । ତୋ ଗିର ସ୍ମରଣୁଁ ସ୍ନେହ
ନାହିଁ କୀରବରେ । କର୍ଣ୍ଣେ ବଜ୍ରବୁଦ୍ଧି ହୋଏ ଶୁଣି ପିକବରେ । ମନୁ
ନାଶ ନୋହିବାରୁ ଅନାସ୍ଥାଶଙ୍କାର । ଭ୍ରମଗ୍ରାଢ ହେତୁ ହେଲି ଭ୍ରମଗ୍ରି-
ଙ୍କାର । ୬ । ଅହା ରେ ରୁଚିରଦେହା ତାକ ବିନା କେବେ । ଅହାରେ
ରୁଚି ଥିବାର ନ ଜାଣଇ ଲବେ । ମନ୍ଦାସାର ତ ଅସାର ହେଲାନି ବିକଳେ ।
ସରସ କଞ୍ଜହିଁ ବହି ନୋହେ ହୃଦସ୍ଥଳେ । ୭ । ଜୀବ ଯିବ ବୋଲି ଚିନ୍ତା
ନାହିଁ ଶତ୍ରେ ମୋର । ଜୀବଞ୍ଜୀବ ମୋ ନେବ ତୋ ମୁଖ କଳାକର ।
ତାହା ଦରଶନ ବିନା ମାରିବାକୁ ମୋତେ । ଯାହା ଦରପଣ ମାର
ଦେଖାଇ ନିରତେ । ୮ । ବିଷାଇ ତୋ ମାର୍ଦ୍ଦବ ଶ୍ରୀଅଙ୍ଗସ୍ମୃତ ଗରେ । ସାର
ଦେଲାନି କୋଟି ଶରପ୍ରୟୋଗରେ । ରଖିବନି କେହି ରେ ବିପଞ୍ଚୀକ୍ଵଣା-
ବାଣୀ । ସଞ୍ଚି ଗ୍ରେଷ ବିରଞ୍ଚି କ ଦଣ୍ଡ ଦେଲି ଅଣି । ୯ । ନିରତେ ମୋ
ହୃଦ ରଙ୍ଗସ୍ଥଳୀ ମଧ୍ୟେ ରହି । ନାଚିବାରୁ ପାଚିବା ରୁଚିକଳ୍ପନା ତୁହି ।

---

ତୁ ସ୍ଥିର ହୋଇ ମୋ ସାଙ୍ଗରେ ନ ଥିବାରୁ । ପୂଷା—ସୂର୍ଯ୍ୟ, ତୁଷାରମୟୂଖେ—
ଚନ୍ଦ୍ରଠାରେ । ୪ । ମାରୁତ—ମାରୁଅଛ ବା ମାରଣା, କର—କିରଣ, ମଗ୍ଣିତ—
କରଣ, ସ୍ୟନ୍ଦନଚରଣ ଗୃରୁ କାତମ୍ବବଣ ରେ—ହେ ରଥଚକ୍ରପରି ମନୋହର ନିତମ୍ବ
ଯୁକ୍ତା । ୫ । କାଳପାଶ—ପ୍ରାଣବିନାଶକ ପାଶ, ମରୁତ ତ କାଳ—ପବନ ପ୍ରତ୍ୟକ୍ଷ
ଯମ ପରି, କେହି · କେହି କହେ ନାହିଁ, "ଏ ମନ୍ଦ ତତ୍କାଳ (ସାଙ୍ଗେ ସାଙ୍ଗେ)
ମରୁ ।" ସ୍ତବକିତ ମଞ୍ଜରୀ—ପେନ୍ଥା ପେନ୍ଥା ହୋଇଥିବା ଫୁଲକଢ଼, କିଶଳୟ—
ନୂଅପତ୍ର । ୬ । କୀରବରେ—ଶ୍ରେଷ୍ଠ ଶୁକଠାରେ, ପିକବରେ—କୋକିଳଠାରେ ।
ଭ୍ରମଗ୍ରାଢ ହେତୁ—ଭ୍ରାନ୍ତିପୂର୍ଣ୍ଣ ଧାରଣାର କାରଣ । ୭ । ରୁଚିରଦେହା—ସୁନ୍ଦରୀ,
ଅହାରେ ରୁଚି—ଖାଦ୍ୟରେ ଅଭିଳାଷ, ମନ୍ଦାସାର—ଅନ୍ତଃକରଣଶକ୍ତି, ଅସାର
—ଦୁର୍ବଳ, କଞ୍ଜ—ପଦ୍ମ । ୮ । ଜୀବଞ୍ଜୀବ—ଚକୋର, କଳାକର—ଚନ୍ଦ୍ର; ଦରପଣ
—ଭୟ, ମାର—କନ୍ଦର୍ପ । ୯ । ବିଷାଇ—ବିଷଲିପ୍ତ କରାଇ; ମାର୍ଦ୍ଦବ ଶ୍ରୀଅଙ୍ଗସ୍ମୃତଗରେ
—କୋମଳତାପୂର୍ଣ୍ଣ ସୁନ୍ଦର ଅଙ୍ଗରୁ ଗଳିତ ବିଷରେ । ବିପଞ୍ଚୀକ୍ଵଣାବାଣୀ—ବୀଣା-
କ୍ଵଣାବଚନା, ବିରଞ୍ଚି—ବ୍ରହ୍ମା । ୧୦ । ପାଚିବା ରୁଚିକଳ୍ପନା—ପାଚିଲା ଚିତ୍ରଫଳ ପରି

ତୋ ଲାବଣ୍ୟ ବିନା ଆଉ ଇତର ନ ଦିଶେ । କି ମୋହନମନ୍ତ୍ରସିନ୍ଧୁ ଭିତରେ ନ ଦିଶେ । ୧୦ । ନୟନ ବୁଜିଲେ ଦିଶୁ ମୋ ଅନ୍ତଃକରଣେ । ଗୁହିଁଲେ ଚକିତ ଦିଶୁ ହରିତବରଣେ । ପ୍ରିୟ ଅଳୀ ଜଣେ ମାତ୍ର ସମୀପେ ଥୁଆଇ । ଯାଇ ଜାଲି ଯବନିକା ପାଶେ ଉଭା ହୋଇ । ୧୧ । କୁସୁମମଣ୍ଡପେ ମୁଁ ଏକାନ୍ତେ ଥିବା ଜାଣି । ନ ଜାଣିଲା ହୋଇ କହିବାର ରସ ବାଣୀ । ରସାଇ ସଖୀକି କରିବାର ପରିହାସ । ମିଶାଇ ତହିଁରେ ମୁଁ ଶୁଣିବାଭଳି ହାସ । ୧୨ । ମଞ୍ଜୁଅତି ବିନ୍ଦୁ ରାଗମଞ୍ଜୁଳ ଅଙ୍ଗୁଳି । ଗଳାଇ ପରଦା ରନ୍ଧ୍ରେ କରାଇବା କେଳି । କେଡ଼େ ଉଚ୍ଚସ୍ୱରେ କହୁଛ ମା କଥା ବୋଲି । କାଳିମାର୍ଗେ ଅନାଇଁ ନଚାଇ ଗୁରୁ ଚଲ୍ଲୀ । ୧୩ । ଫେଙ୍ଗି ମୋ ବଦନେ ନେତ୍ର ଇନ୍ଦୀବରବର । ଅମନ୍ଦ କନ୍ଦର୍ପ ମନ୍ଦସ୍ମିତ ବହିବାର । କହି କହ ସଙ୍ଗି କେହି ନାହାନ୍ତି ତ ବୋଲି । ସଖୀକି ଦେବାର ଶାଢ଼ୀ-ବାଡ଼ଦିଗେ ପେଲି । ୧୪ । ପୁଣି ସବୁ ସଖୀଙ୍କି ଡକାଇ କରି ସଭା । କର-କଞ୍ଜ ଖଞ୍ଜି ଜନମାଇ ବୀଣାଶୋଭା । ଫିଟାଇ ସୁବର୍ଣ୍ଣ କଣ୍ଠସୁଧା ଝରିବାର । କିନ୍ନରୀ ଗାରିମା ଶିରେ ରେଖା କରିବାର । ୧୫ । ମୁଁ ମିଳୁ ମନ୍ଦାକ୍ଷେ ହସି ରସନା କାମୋଡ଼ି । ରସନା ବଜାଇ ଚଳନ୍ତେ ବିପଞ୍ଚୀ କରୁଡ଼ି । ପଳାଇ ଯିବାର ମତ୍ତ କଳହଂସ ପରି । ଦେଲା ପରି ମୋ ନୟନେ ଘନସାର ଚୂରି । ୧୬ । ନେତ୍ରାଞ୍ଚଳେ ଗୁହିଁ ପରକାଶି ଦର ସ୍ମିତ । ଏ ଜୀବ ଥିବାରେ କି ପାସୋରି ପାରେ ଚିତ୍ତ । ଚରମାଦ୍ରି ଚୂଳକୁ ଚୁମ୍ବନ୍ତେ କରମାଳୀ । ପେଷି ବିଚକିଳକଳିକୁଳେ କରମାଳି । ୧୭ । ଭୁଙ୍ଗ ଝଙ୍ଗରେ ମିଶାଇ ପୁଷ୍ପଚୟ ତୋଷି । ହେଲି ବାରି ନ ଯୋଜନବେ ବୋଲି ଅଜ ଭାଷି । ସେ ଇଙ୍ଗିତ ଭଙ୍ଗି ଶୁଭାଙ୍ଗ ର ତରଙ୍କଇ । ଅଧ ଉର୍ଦ୍ଧ୍ୱେ ସାତଗୋଟି ପଙ୍କଜ

---

ସ୍ତନ ଯାହାର । ୧୧ । ଜାଲି ଯବନିକା—ଝାଲର ପରଦା । ୧୨ । ରସବାଣୀ—ରସପୂର୍ଣ୍ଣ କଥା । ୧୩ । ଗୁରୁଚଲ୍ଲୀ—ସୁନ୍ଦର ଭ୍ରୂଲତା । ୧୪ । ନେତ୍ର-ଇନ୍ଦୀବରବର—ସୁନ୍ଦର ନେତ୍ରରୂପ ନୀଳପଦ୍ମ । ଶାଢ଼ୀବାଡ଼ ଦିଗେ—ପରଦା ଆଡ଼କୁ । ୧୫ । କରକଞ୍ଜଖଞ୍ଜି ଜନମାଇ ବୀଣାଶୋଭା—ହସ୍ତପଦ୍ମରେ ବୀଣା ଧରି । ୧୬ । ମନ୍ଦାକ୍ଷେ—ଲଜ୍ଜାରେ, ରସନା—ଜିହ୍ୱା ଓ କଟିଭୂଷଣ କାଞ୍ଚୀଦାମ, ଚଳନ୍ତେ—ବିଚ୍ଛଣାରେ । ବିପଞ୍ଚୀ—ବୀଣା; ଘନସାର—କର୍ପୂର । ୧୭ । ଚରମାଦ୍ରି ଚୂଳକୁ—ଅସ୍ତପର୍ବତ ଶିଖରକୁ, କରମାଳି—ସୂର୍ଯ୍ୟ ଓ ହାତରେ ଧରିଥିବା ମାଳା, ବିଚକିଳକଳିକୁଳେ—ମଲ୍ଲୀଫୁଲ କଢ଼ିମାନଙ୍କରେ । ୧୮ । ଭୁଙ୍ଗ-ଝଙ୍ଗ—ବଡ଼ ବଡ଼ ଫୁଲତୋଡ଼ା, ହେଲି ବାରି ନ ଯୋଜନବେ—ମୁଁ (ଗୃହଦ୍ୱାର) ଘୁଅକ୍ ହେଲି, ସାତଗୋଟି ପଙ୍କଜ—ଏକ ମୁଖ, ଦୁଇ କର, ପାଦ ଓ ସ୍ତନ

ରଖିଲି । ୧୮ । ତଳକୁ ରହିଇ ତହିଁ ଯେଉଁ ଦୁଇ ଗୋଟି । ଗୋଟି ଗୋଟି କରେ ଚୁମ୍ବ ଦିଏ କୋଟି କୋଟି । ଦିନେ ଦିନେ ଦିନାନ୍ତରେ ଅଜନମ-ସୁଖୀ । ପରିଜନ ବିନା ମୁଁ ଏକାନ୍ତେ ଥିବା ଦେଖି । ୧୯ । ସ୍ନେହସ୍ରୋତେ ଭାସିବା ମାନସ ନ ସମ୍ଭାଳି । କରିଇ ଅଧରେ ଜ୍ଞାନହଜା ହାସ କେଳି । କମ୍ପାଇ ତାଟଙ୍କ ମୋତିହଂସୀମା ଅପ୍ରକଟେ । ହମ୍ପାଇ ଶ୍ରୁତିକି ଲୋଳ ନେତ୍ରଖଞ୍ଜରୀଟେ । ୨୦ । ଶ୍ରବଣେ କହୁଁ କହିବା କପଟରେ ଅସୁ । ସ୍ନେହରେ ମୋ ଗଣ୍ଡେ ଚୁମ୍ବକଦମ୍ବ ବରଷୁ । ଧନ ତୋ ଏ ଅବଧାନ ଭାବିଲି ଜତ୍ନରୁ । ନ ଫାଟେ ଯା ଛାତି ଏ ନିଷ୍ଠୁର ବଜ୍ରଠାରୁ ।୨୧। ଇନ୍ଦ୍ରହିଁ ହେଲେ ଏହାକୁ ନିଜାସ୍ତ୍ର ନ କରେ । ଶଚିର ଶରବିରହ ସହିବା ଭୟରେ । ପୂର୍ବ ଶୁଦ୍ଧାନ୍ତ ପ୍ରାସାଦେ କୁହୁନିଶାନନେ । ଉଭା ହୋଇଥିଲୁ ନୀଳ ରତ୍ନ ଚିହ୍ନ ଦିନେ । ୨୨ । ମସଲ ପ୍ରଦୀପ କହୁଁ ନ ଥିଲା ହାଜର । ମୁଁ ମଧ୍ୟ ମଣ୍ଡପେ ଥିଲି ପଡ଼ିଲା ନଜର । ତୋ ମୁଖମଣ୍ଡଳ ବୋଲି ନୋହିଲା ବିବେକ । ସେ ନିଶାରେ କଲି ରାକା ବ୍ୟବହାର ଯାକ । ୨୩ । ତମମୁଖୀ ଉଚ୍ଛିଷ୍ଟ ସମାନ କଲେ ଧେନି । ବିମ୍ବପ୍ରତି ବିମ୍ବାଧରୀ ହୋଇଲୁ ମାନିନୀ । ଗିରି ମାଡ଼ିପଡ଼ି ନାଡ଼ି ଛାଡ଼ି ଗଲା ପରି । ଗିରିଜେମାବର-ପର ଶରେ ଗଲି ସରି । ୨୪ । ଜଣାଇଲି ଚିବୁକରେ କରନ୍ୟାସ କରି । ତୁ ମୋ ଧନୀ ପରି ସୁନାଗୋରି ସୁକୁମାରି । ଦାସୀମାନଙ୍କରେ ଜଣେ ମୁଁ ପରି ତୋହର । ଭାସିଯିବି ସିନା ହେଲେ କରୁଣାନ୍ତ ହର । ୨୫ । ମୁଁ ତୋ ପଦକଞ୍ଜ ଅଳକ୍ତ ରଞ୍ଜନକରୀ । ତୁ ମୋ ମଉଳିଭୂଷଣ ରମ୍ଭୋରୁ ପରି । ତଳକୁ ଅନାଇ ନ ଗ୍ରହୁଁ ଛୁ ଯାହା ମୋତେ । ନୀଳକୁନ୍ତଳା ମୋ ଭାଗ୍ୟମୂଳ କେ ଜଗତେ । ୨୬ । ଶୁଣି ଗୁଣବତୀ ରେଗେଲେ ଗୁମାନ ଛାଡ଼ିଲୁ । ପୁଣି ହସି ସ୍ତନଯୁଗେ ଜଡ଼ାଇ ଭିଡ଼ିଲୁ । ପ୍ରସାଦ ମୋ ବିବଶ ମନକୁ ବଢ଼ାଇଲୁ । ପ୍ରାସାଦେ ମୁଁ ସିନା ଥିଲି ବୋଲି ବୁଝାଇଲୁ ।୨୭। ବଡ଼ ସାର

ସଦ୍ଗୁଣ । ୧୯ । ପରିଜନ—ଭୃତ୍ୟାଦି ଅନୁଚର । ୨୧ । ଚୁମ୍ବକଦମ୍ବ—ଚୁମ୍ବନ-ସମୂହ, ନିଷ୍ଠୁର — ନିଷ୍ଠୁର, କର୍କଶ । ଏହାକୁ—( ଏଠାରେ ହୃଦୟକୁ) । ପୂର୍ବଶୁଦ୍ଧାନ୍ତ ପ୍ରାସାଦେ—ପୁରୁଣା ଅନ୍ତଃପୁର କୋଠାରେ, କୁହୁନିଶାନନେ-ଅମାବାସ୍ୟାର ସଞ୍ଜବେଳେ, ନୀଳରତ୍ନ—ନେଳିଅ ଲୁଗା । ୨୩ । ରାକା—ପୂର୍ଣ୍ଣିମା ରାତି; ତୋ ମୁଖ ଚନ୍ଦ୍ରପରି ହୋଇ ଅମାବାସ୍ୟା ଅନ୍ଧକାର ଦୂର କରି ଦେବାରୁ । ୨୪ । ତମମୁଖୀ ଉଚ୍ଛିଷ୍ଟ—ରାହୁ ମୁହଁର ଅଇଁଠା = ଚନ୍ଦ୍ର, ଗିରିଜେମା-ବରପର—ଶିବଶତ୍ରୁ କନ୍ଦର୍ପ । ୨୫ । କରୁଣାନ୍ତ ହର—ନିର୍ଦ୍ଦୟତା ଦୂର କର । ୨୭ । ପ୍ରସାଦ—ଅନୁଗ୍ରହକରି, ବଢ଼ାଇଲୁ—ଭଙ୍ଗାଇଲୁ, ପ୍ରାସାଦେ—କୋଠାରେ ।

ବଡ଼ଭୀରେ ବରଷାର କାଳେ । ବସିଥିଲୁ ଗବାକ୍ଷ ସମୀପେ ମୋର
କେଳେ । ପରବୃଦ୍ଧ ସରତଳହସ୍ତୀ ଦୂରେ ଗୁହିଁ । ଏମନ୍ତ ଭାଷିଲୁ
ପରଣତ ଗୃନ୍ଦମୂହାଁ । ୨୮ । ଗୀରତରୁମାନଙ୍କର ସାର ନେବ ଧୂନୀ । ମୁଁ
ବୋଇଲି ଅନ୍ତରୁ ତୁ ଫେରାଅ ଭାବନା । ତରୁଣୀ ତହିଁକି ହସି କହିବା
ଭାରତୀ । କନ୍ତୁର ପକାଉଛୁ ମୋ ଅନାରତେ ଧୃତି । ୨୯ । ଦାନେ
ସ୍ମରବଶେ କଚକଞ୍ଚ ଯା ଧଇଲି । ଥରେ ମୋହପର ହେବୁ ଛଇଲା
ବୋଇଲି । ତହିଁକି ଭାଷିଲୁ ହସି ଉରେ କର ତଡ଼ି । ଦଶନାନ୍ତେ ରସନା
ପଲ୍ଲବାଅଁଲେ ଭିଡ଼ି । ୩୦ । ମେଧାରେ ଧିଷଣ ବଳେ ବାଲୀରୂପେ କାମ ।
ସଙ୍ଗୀତେ ଗନ୍ଧର୍ବ କ୍ଷମ ଗୁଣେ କ୍ଷମୋପମ । ମୋ ସ୍ମର କଣୋସି ତୁମ୍ଭପର
କେହି ହେବ । ଏତେ କହି ଖେଳିଲୁ ମୋ ସୁରତରେ ବାନ୍ଧବ । ୩୧ ।
ହୋଇଗଲା ବିରତ ମଞ୍ଜୀର ମଞ୍ଜୁରବ । ମେଖଳା କିଙ୍କିଣୀ କଳ ଶ୍ରବଣ
ଉତ୍ସବ । ମେରୁଯୁଗ କମ୍ପିଲା ତଳକୁ କର ଚୁଳ । ବସ୍ତୁପଦେ ଲମ୍ବି
ମନ୍ଦାକିନୀ ହେଲା ଲୋଳ । ୩୨ । ଶଙ୍ଖଶିଖେ ଶଶୀ ଶଶୀଦୁଇ ପାଶେ ରହି ।
କମ୍ପିଲେ ଭାର୍ଗବ କବି ତରଳତା ବହି । ଝଲକା ମୋଡରେ କର ଲବଳୀ
ବିଶ୍ୱାସ । ଝାମ୍ପି ଫେରିଲା ଖଞ୍ଜନ ଅଟେ ଗୁହିଁ ପାଶ । ୩୩ । ଗୃମୀକର
କର ଚଞ୍ଚୁପୃଷ୍ଠରେ ଲବଳୀ । ଧରି ପ୍ରମୋଦରେ ତଳୁ
ଖେଳାଇଲା ଦୋଳି । ଝାମ୍ପି ନ ପାରିଲା ପକ୍ୱବିମ୍ବ ତାହା ତଳୁ । ଯାଉଁ ନ
ପାରିଲା ଅଶା ଲବଳୀ କବଳୁ । ୩୪ । ବିପରୀତ କାଳ ହୋଇବାରୁ

୨୮ । ବଡ଼ସାର ବଳଭୀରେ—ଅତ୍ୟୁନ୍ନତ କୋଠାରେ, ଗବାକ୍ଷ—ଝରକା, ପରବୃଦ୍ଧସରତଳହସ୍ତୀ—ବଢ଼ିଥିବା ନଈର ତେଉ । ୨୯ । ଧୂନୀ—ନଦୀ, ଭାବନା—ହେ ରମଣି, ବୋଇଲି—ତୋ କହିବା ଧାଡ଼ିଟିକୁ ଶେଷଅଢ଼ୁ ପଢ଼ 'ନଧୁବନେରସା', ଥରେ ମୋହପର ହେବୁ—ପୁରୁଷାୟିତ ରତି ପ୍ରଦାନ କରିବୁ, ଦଶନାନ୍ତେ···
···ଦାନ୍ତରେ ଓଠ କାମୁଡ଼ି । ୩୧ । ମେଧାରେ—ବୁଦ୍ଧିରେ, ଧିଷଣ—ବୃହସ୍ପତି, ବାଲୀ—ମର୍କଟରାଜ, ରୂପେ କାମ—ସୌନ୍ଦର୍ଯ୍ୟରେ କନ୍ଦର୍ପପରି, କ୍ଷମୋପମ—ପୃଥିବୀ ପରି । ୩୨ । ମଞ୍ଜୀର—ନୂପୁର, ମଞ୍ଜୁରବ—ମନୋହର ଧ୍ୱନି, ମେଖଳା-କିଙ୍କିଣୀ—କଟୀ ଅଳଙ୍କାରର ଘୁଙ୍ଗୁର, ବସ୍ତୁପଦ—ଆକାଶ, ଶୂନ୍ୟ ମନ୍ଦାକିନୀ—ସ୍ୱର୍ଗଗଙ୍ଗା ଓ ହାର, ଲୋଳ—ଚଞ୍ଚଳ । ୩୩ । ଶଙ୍ଖଶିଖେ ଶଶୀ—ଗ୍ରୀବାରୂପ ଶଙ୍ଖ (କମ୍ବୁ) ଉପରେ ମୁଖରୂପ ଶଶୀ (ଚନ୍ଦ୍ର), ଶଶୀ ଦୁଇ ପାଖରେ (ମୁଖ ଦୁଇ ପାଖରେ ଭାର୍ଗବ-କବି—ଶୁକ୍ର ସୂର୍ଯ୍ୟ ରୂପୀ କର୍ଣ୍ଣଭୂଷଣ) ତରଳତା ବହି ଚଞ୍ଚଳ ହୋଇ କମ୍ପିଲେ । ଝଲକା ମୋଡରେ—କାନଫୁଲରେ ଲାଗିଥିବା ମୁକ୍ତାରେ, ଲବଳୀ—ନରକୋଳି, ଖଞ୍ଜନ—ନୟନରୂପ ଖଞ୍ଜନ ପକ୍ଷୀ, ପାଶ—(ଏଠାରେ) କର୍ଣ୍ଣରୂପ ।
୩୪ । ଗୃମୀକରକର ଚଞ୍ଚୁପୃଷ୍ଠରେ—ସୁବର୍ଣ୍ଣ ତେଜୋମୟ ଥଣ୍ଟରେ (ନାସିକା-

ପରବେଶ । ବିପରୀତ ରତିଯାକ ହୋଇଲା ପ୍ରକାଶ । ଅରମ୍ଭିଲା ନରତନ
ଙ୍କ ଯତନ କରି । କନକ କେତକୀଦଳେ କଳା ନାଗ ପରି । ୩୫ । ସେ
ସମୟ ମିଶି ରସ ବରଷା ସଙ୍ଗରେ । ସୁରଗନ୍ଧ ଚନ୍ଦନ ମାରୁତ ତରଙ୍ଗରେ ।
ନିଦାଘରେ ଲୁଳି କେଳି କନକମଞ୍ଜରୀ । ଜମିଗଲା ଗାଢ଼େ ଦ୍ରୁମେ ଅବଲମ୍ବ
କରି । ୩୬ । ସେ ସୁଭାଗ୍ୟ ସୁଖସ୍ୱର୍ଗ ସମ୍ପତ୍ତି ସ୍ମରଣ । ନ ଧରଇ ମୋତେ
ଅନ ଉପାୟ ମରଣ । କବିବା କି ବୁଦ୍ଧି ରେ ସୁବୁଦ୍ଧି ରାମାବର । ବରଷ
ଶତ ହେଲୁନି ତ୍ରୁଟିକ ମାତର । ୩୭ । ତରଳି ଗଲାନି ଭୟେ
ମନ୍ଥାନବନୀତ । ନିତମ୍ବିନୀମଣି ପରି ତୁହି ମୋ ଜୀବିତ । ବିତରଣ କର
ଦନ୍ତଚେଲୁଁ ସୁଧାରସ । ରସନାକୁ ଯେବେ ମୋର କରିବୁ ସନ୍ତୋଷ ।୩୮।
ତୋ ସକାଶୁଁ ସିନା ମୁଁ ତରୁଣ ପୁରନ୍ଦର । ଦରକଣ୍ଠି ନୋହୁ ତୁ ମୋ
ପରାଣୁ ବାହାର । ହାର ମଧ୍ୟ ତରଳ ମୁଁ କେହୁ ତୋତେ କରି । କରଗତ
ହେବ କେଳିବିପିନବିହାରୀ । ୩୯ । ହାରି ଜୁହାରିବ ଦୂରୁ ପ୍ରସୂନପ୍ରହର ।
ହର ପ୍ରସାଦୁଁ ଏ ଭାଗ୍ୟ କେବେ ହେବ ମୋରି । ତୋ ଶ୍ରୀହସ୍ତ ପ୍ରତିଲେଖ
ଦରଶନାବଧି । ରଖିଅଛୁ ଜାଣ ପ୍ରାଣ ଲାବଣ୍ୟବାରିଧି । ୪୦ । ତୁ ତ
ଗୁଣଗଣମଣି ମଞ୍ଜୁଷ ମୋ ବନ୍ଧୁ । ବିଶେଷ ଅରଜ କସ ଦେବ ରସସିନ୍ଧୁ ।
ଶୁଣ ହେ ରସିକବରେ ହୋଇ ପୂର୍ଣ୍ଣମୋଦ । ଜଳନ୍ତର ବସୁନ୍ଧରା
କପଟକ୍ଷୀରୋଦ । ୪୧ । ତହିଁ ରଜସୁଧାକର ରାମଚନ୍ଦ୍ର ଦେବ ।
କଳପନା କଲେ ଏ ଶ୍ରବଣ ମହୋତ୍ସବ । ହେବ ଏ ନିଖିଳ କ୍ଷୁଧାଭୟ-
ନିବାରଣୀ । ଦୁଃଖ ନିବେଦନ ରସାମୃତତରଙ୍ଗିଣୀ । ୪୨ ।

---

ଦଣ୍ଡରୂପ), ପକ୍ୱବିମ୍ବ—ପାଚିଲା ବିମ୍ବଫଳ ( ଅଧରରୂପ ), ଲବଳୀକବଳ—ନର-
କୋଳିଫଳ ଭକ୍ଷଣରୁ ।୩୫। କନକକେତକୀଦଳେ କଳାନାଗପରି—ସୁନାରଙ୍ଗର
କେତକୀପତ୍ରରେ କଳାନାଗ ପରି ପୃଷ୍ଠଦେଶରେ ବେଣୀ ନୃତ୍ୟ କଲା ।୩୬। ରସ-
ବରଷାସଙ୍ଗରେ—ଜଳବୃଷ୍ଟି ସହିତରେ ଅଥଚ ଶୃଙ୍ଗାରରସମୟ ଯୁଦ୍ଧରେ, ଲୁଳି—
କ୍ଳାନ୍ତ ହୋଇ, କନକ ମଞ୍ଜରୀ—ସ୍ୱର୍ଣ୍ଣବର୍ଣ୍ଣ କଳିକା ଅର୍ଥାତ୍ ତତ୍ସଦୃଶୀ କିଶୋରୀ,
ଦ୍ରୁମ—ବୃକ୍ଷ ଅଥଚ ଦ୍ରୁମରୂପୀ ପୁରୁଷ ।୩୭। ତ୍ରୁଟି—କ୍ଷଣକାଳ, ମନ୍ଥାନବନୀତ—
ଅନ୍ତଃକରଣରୂପ ଲହୁଣୀ, ନିତମ୍ବିନୀମଣି—ରମଣୀମଣି, ଦନ୍ତଚେଲୁଁ—ଅଧରରୁ ।
୩୯ । ତରୁଣପୁରନ୍ଦର—ଯୁବକଶ୍ରେଷ୍ଠ, ଦରକଣ୍ଠି । ହେ କମ୍ବୁକଣ୍ଠି ତରଳ—
ହାରମଧ୍ୟ ମଣି ।୪୦। ପ୍ରସୂନପ୍ରହର—କନ୍ଦର୍ପ ।୪୧। ଅରଜ—ଅର୍ଜି, ପ୍ରାର୍ଥନାପତ୍ର;
କପଟକ୍ଷୀରୋଦ—କପଟ କ୍ଷୀରସମୁଦ୍ର ।୪୨। ରଜସୁଧାକର—ରଜତ ଚନ୍ଦ୍ରମା,
ରସାମୃତତରଙ୍ଗିଣୀ—ଶୃଙ୍ଗାରରସରୂପ ଜଳପୂର୍ଣ୍ଣ ନଦୀ ।

## ସପ୍ତଦଶ ଛାନ୍ଦ

### ରାଗ—ସମ୍ଭୋଗ ଭୂପାଳ

### (ସଂଭୋଗ ଶୃଙ୍ଗାର)

କେଉଁ ରସିକ ବାଳାକୁ କୋଳେ ଧର । କହେ ଶବ୍ଦକେ ଭବ ବିନ୍ୟାସ କର । ୧ । ଶିରୀଷାଙ୍ଗୀ ପ୍ରାଣେଶ୍ୱରୀ ତୁହି ପରି । ପରାଣବନ୍ଧୁଅ ମୋ ହୃଦୟ ହାରୀ । ୨ । ଶୃଣୁ ମୋଭଜତଦନ୍ତୀ ବିମ୍ବାଧରୀ । ଧରଣୀମଣ୍ଡନା ମୋ ଲୋଚନଶିରୀ । ୩ । ଝଳଗୋରୀ ସୁନସୁନା ସୁକୁମାରୀ । ବାଳାମଣି ମୋ ଶିରଭୂଷଣଶିରୀ । ୪ । ମୁହିଁ ତୋ ଚରଣସେବା ନଉକର । ତୁ ମୋ ପ୍ରଭୁ ସିନା ନିତମ୍ବିନୀବର । ୫ । ବାଳାବଳୟମଣ୍ଡଳ ଅଲଙ୍କାର । ରମା ସମାନ ନୋହେ ଶୋଭାକୁ ତୋର । ୬ । ଯୋଗିଯୋଗଧ୍ୱଂସିନୀ ରେ ଜୀବବନ୍ଧୁ । ବନ୍ଧୁଜୀବଅଧରୀ କରୁଣାସିନ୍ଧୁ । ୭ । କେଶ ସମ ନୋହୁବାରୁ ନବଘନ । ନୀରଛଳେ ମୁଞ୍ଚେ ଅଶ୍ରୁ ଘନ ଘନ । ୮ । ମନମୋହନା ନବୀନା ମଦାଳସୀ । ତୋର ବଦନ ସଦୃଶ ନୋହେ ଶଶୀ । ୯ । ନାସା ଶୋଭାକୁ କାହାକୁ ଲକ୍ଷି ପାର । ତିଳଫୁଲକ ତିଳକେ ନୋହେ ସର । ୧୦ । ନେତ୍ର ତୁଲ୍ୟ ନୋହୁବାରୁ ଇନ୍ଦୀବର । ଭୟେ ପଳାଇ ବନରେ କଲା ଘର । ୧୧ । ଭ୍ରୂଲତାଧନୁ କଜ୍ଜଳ ଗୁଣରେ ରାଜେ । ଶୃଙ୍ଗି ଯତୀନ୍ଦ୍ର ତପଗରବ ଭାଜେ । ୧୨ । ଦର୍ପ ଝଳମଳ ତୋର ଗଣ୍ଡସ୍ଥଳୀ । ମାରମୁକୁର ସ୍ଥିର କଲା ଏହା ଭଳି । ୧୩ । ନବପଲ୍ଲବେ ତୁଲ୍ୟ କି ତୋ ଅଧର । ଏକା ମଧୁମାସେ

---

ସପ୍ତଦଶ ଛାନ୍ଦ

୪ । ଝଳଗୋରୀ—ସମୁଜ୍ଜ୍ୱଳ ଗୌରବର୍ଣ୍ଣା । ୫ । ନଉକର—ଭୃତ୍ୟ । ୬ । ବାଳାବଳୟମଣ୍ଡଳଅଲଙ୍କାର—ଯୁବତୀସମୂହର ମସ୍ତକଭୂଷଣରୂପା, ରମା—ଲକ୍ଷ୍ମୀ । ୭ । ବନ୍ଧୁଜୀବଅଧରୀ—ବନ୍ଧୁଲିଫୁଲ ପରି ରକ୍ତବର୍ଣ୍ଣ ଅଧର ଯାହାର । ୮ । ନବଘନ—ନୂତନ ମେଘ ।୧୦। ନାସାଶୋଭାକୁ···ନାସିକା ଶୋଭାକୁ କାହା ସଙ୍ଗେ ତୁଳନା କରିବ ? ତିଳଫୁଲକ—ଉତ୍କୃଷ୍ଟ ରାଶିଫୁଲ,ତିଳକେ—ଅଳ୍ପମାତ୍ରାରେ ସୁଦ୍ଧା । ୧୧ । ଇନ୍ଦୀବର—ନୀଳକଇଁ, ବନରେ—ଜଳରେ । ୧୨ । ଭ୍ରୂଲତା-ରୂପ ଧନୁ କଜ୍ଜଳରେଖାରୂପ ଗୁଣରେ ଶୋଭାପାଏ । ୧୩ । ଝଳମଳ—କାନ୍ତିଯୁକ୍ତ, ମାରମୁକୁର—କନ୍ଦର୍ପର ଦର୍ପଣ ।୧୪। ମଧୁମାସ—ବସନ୍ତ ଋତୁ । ୧୫ । ପାଟଳୀ—

ସିନା ସେ ମଧୁର । ୧୪ । ଶ୍ରୁତି ଘଟନା ପାଟଳୀ ନୋହେ ସରି । ସ୍ୱର୍ଣ୍ଣ ତୁଲେ ଗୁଞ୍ଜକୁ ତୁଳିଲା ପରି । ୧୫ । କମ୍ବୁକଣ୍ଠୁ ତୁଲେ ତୁଲ୍ୟ ହେବା ପାଇଁ । ଶମ୍ଭୁଠାବରେ ସେବାରେ ନିତ ଯାଇ । ୧୬ । ସେ କି ଶିବ ସେବି ସମ ହୋଇପାରେ । ଯାହା ଉପମା ନାହିଁ ତ୍ରିପିଷ୍ଟପରେ । ୧୭ । ମଧୁକ୍ୱଣା-ବାଣୀ ଅରେ ଧୀରବର । ସୁଧାଙ୍ଗରୁ ତ ସ୍ୱାଦୁ ଗିର ତୋର । ୧୮ । ଜଇତ୍ରନା ସୁବରନା ଦିବ୍ୟ ବେଣୀ । ଦାସ ସ୍ନେହବତ୍ସଳା ରେ ନୀଳବେଣି । ୧୯ । ପୂର୍ବକାଳ କାଶୀବାସୀ ସେବିବାର । ଫଳ ଫଳିଲା କି ଏତେକାଳେ ମୋର । ୨୦ । ଧରି ଚରଣକଞ୍ଜ ଅଳତା ଦେଲି । ଶକ୍ରପଦ ପଦତଳେ ରଖାଇଲି । ୨୧ । ଗଙ୍ଗାସାଗରେ ମୁଁ ଝାସିଥିବା ଯେନି । ମୋର ଅଙ୍କ ଅଳଙ୍କାର ହେଲୁ ଧନି । ୨୨ । କାମକଳାନିଧି ଅରେ କୃଶୋଦରି । ଦରିଦ୍ର ମୁଁ ବନ୍ଧୁ କଳ୍ପଲତା ପରି । ୨୩ । ପରିଣତ କରକ ସୁବୀଜଦନ୍ତି । ଦନ୍ତିରାଜଗମନା ତୁ ମୋ ସମ୍ପତ୍ତି । ୨୪ । କରିଅରିଜଣାମଧ୍ୟା ସୁଲକ୍ଷଣା । ଚମ୍ପାଦେହା ଚଞ୍ଚଳାକ୍ଷି ବିଚକ୍ଷଣା । ୨୫ । କଞ୍ଜଗର୍ବଚ୍ଛିଚରଣା ରେ ଚନ୍ଦ୍ରାନନା । ରମ୍ଭା ଉର୍ବଶୀରେ କି ତୋ ଗଣନା । ୨୬ । ରସନିଧି ତୁ ମୋ ଗଳା-ମାଳା ସିନା । ଗୁଣଜଳଧିରେ ତୁ ମୋ ଗଣ୍ଠି ସୁନା । ୨୭ । ପଣ୍ଡିତାମଣି ରମଣୀ ଏଣୀଦୃଶୀ । ଉମାପତିମୋହିନୀ ରେ କୁନ୍ଦହାସି । ୨୮ । ନବମାଳୀ-କରଜା ସୁନ୍ଦରୀରଜା । ତୋ ଲଗିବାସ ଭଳି ମୁଁ ସୁଜିରଜା । ୨୯ । ରସାଳସା ବରଯୋଷା ସୁନୟନା ! ମୋ ସମସ୍ତ ସଉଭାଗ୍ୟ ତୁହି ସିନା । ୩୦ । ମୋର ମାଗୁଣି ଗୁଣମଣିକି ଏତେ । ସ୍ନେହ କଣା ନ କରିବୁ କଦାଚିତେ । ୩୧ । ଏହି ସୁଖେ ମୁଁ ସମସ୍ତୁ ହରୁଥିବି । ଚନ୍ଦ୍ରହାର ପରି ହୃଦେ କରୁଥିବି । ୩୨ । କ୍ଷଣେ କ୍ଷଣେ କରି ଅନ ଅନ ବେଶ । ବ୍ରହ୍ମାନନ୍ଦରେ କରିବି ପରିହାସ । ୩୩ । ମଣି କଠାଉ ଅଳତା ପରି ଅବା ।

---

ପାଟଳୀଫୁଲ (କର୍ଣ୍ଣସଙ୍ଗେ ଉପମିତ ହୁଏ), ଗୁଞ୍ଜ—କାଇଁଚ । ୧୬ । କମ୍ବୁ—ଶଙ୍ଖ । ୧୭ । ତ୍ରିପିଷ୍ଟପରେ—ତ୍ରିଭୁବନରେ । ୨୦ । କାଶୀବାସୀ—ବିଶ୍ୱେଶ୍ୱର ଶିବ । ୨୧ । ଶକ୍ରପଦ—ଇନ୍ଦ୍ରପଦ । ୨୪ । ପାଚିଲା ଡାଳିମ୍ବ ବୀଜ ପରି ଦନ୍ତ ଯାହାର; ଦନ୍ତିରାଜଗମନା—ମତ୍ତହସ୍ତୀର ଗତିପରି ଗତି ଯାହାର । ୨୫ । କରିଅରିଜଣାମଧ୍ୟା—ସିଂହ କଟିରୁ ଯାହାର କଟି କ୍ଷୀଣ ଅଛି । ୨୮ । ଉମାପତିମୋହିନୀ—ଶିବମୋହିନୀ; କୁନ୍ଦହାସୀ—କୁନ୍ଦଫୁଲ ପରି ହାସ ଯାହାର । ୨୯ । ନବମାଳୀକରଜା—ମଲ୍ଲୀଫୁଲ ପରି କରଜ(ନଖ)ଯାହାର, ଲଗିବାସ—ପିକାଳିଗା । ୩୩ । ବ୍ରହ୍ମାନନ୍ଦରେ କରିବି

ଲାଗି ପଦତଳେ କରୁଥିବ ସେବା । ୩୪ । ମୋତେ ଦେଉଥିବୁ ଚୁମ୍ବ ବରତନ । ମୋର ସେହ୍ନି ସଙ୍ଗାଳି ସୁବତନ । ୩୫ । ଜଳଜନ୍ତ୍ରରଧରନାଥ ରସବାଣୀ । ବୀଣାବିଶାରଦା ମୋଦେ ଶୁଣି ଶୁଣି । ୩୬ । ଲଜମିଶ୍ରିତ ଧଇର୍ଯ୍ୟଧର ହାସେ । ମଣ୍ଡି ଦେଲ କଣ୍ଠକୁ ଶ୍ରୀଭୁଜ ପାଶେ । ୩୭ । ରାଧା-ଜନକନନ୍ଦନା ପ୍ରାଣନାଥ । ଦୁଇ ପ୍ରଭୁ ପୂରନ୍ତର ମନୋରଥ । ୩୮ ।

---

## ଅଷ୍ଟାଦଶ ଛାନ୍ଦ

### ରାଗ—ଅଷାଢ଼ଶୁକ୍ଳ

### ( ବସନ୍ତ ବର୍ଣ୍ଣନା )

ପରବେଶ ହେଲା ସୁରଭିକାଳ । ବରବେଶ ହେଲେ ଭୂରୁହକୁଳ । ଗରବେ ପ୍ରବଳ ହେଲା ମଦନ । ଭରବେ ଜାର ହେଲେ ଯୋଗୀଜନ । ପରବେଶ ଗୃହିଁ । ସରବେ ଭାଳିଲେ ବଞ୍ଚିବା କେହ୍ନ । ୧ । ପଲ୍ଲବ ପାଟଳ ଦିଶିଲା ବନୀ । କେଶରଧୂସର ହେଲା ଅବନୀ । ଫୁଟିଲେ ବିବିଧ କୁସୁମ-ବୃନ୍ଦ । ଛୁଟିଲା ବିନ୍ଦୁ ବିନ୍ଦୁ ମକରନ୍ଦ । ରସାଳ ମୁକୁଳ । ଗୃହିଁ ଶ୍ଲଥ ହେଲା ବାମା ଦୁକୂଳ । ୨ । ସୁରତଶ୍ରାନ୍ତ କାମିନୀକୁଚର । ସ୍ୱେଦବିନ୍ଦୁ ବୃନ୍ଦ ମୁକୁତା ଚୈର । ଲତା ବନିତା ନରତନଗୁରୁ । ପ୍ରସରିଲା ମିତ୍ରପୁତ୍ର ଦିଗରୁ । ଚନ୍ଦନ ପବନ । ପୁଷ୍ପବାସିତ କଲା ଉପବନ । ୩ । ମଳୟବନୀ

---

ପରିହାସ—ବ୍ରହ୍ମ ପ୍ରାପ୍ତିଜନିତ ଦିବ୍ୟ ଆନନ୍ଦକୁ ଉପହାସ କରିବ । ୩୫ । ବରତନ —ବେତନ ।

---

### ଅଷ୍ଟାଦଶ ଛାନ୍ଦ

୧ । ସୁରଭିକାଳ—ବସନ୍ତ ସମୟ, ଭୂରୁହକୁଳ—ବୃକ୍ଷମାନେ, ବରବେଶ ହେଲେ—ଶବାହୋଚିତ ସୁନ୍ଦର ବେଶରେ ମଣ୍ଡିତ ହେଲେ, ଭରବେ —ଭ୍ରମର ଧ୍ୱନି ଶୁଣି, ଜାର—କାମୁକ । ୨ । ପଲ୍ଲବପାଟଳ—ନବପତ୍ର-ଦ୍ୱାରା ପାଟଳବର୍ଣ୍ଣ; ବନୀ—ଅରଣ୍ୟଭୂମି; କେଶରଧୂସର—ପୁଷ୍ପପରାଗରେ ଧୂଳିମୟ; ରସାଳମୁକୁଳ—ଅମ୍ବ ବଉଳ; ଶ୍ଲଥ—ଢିଲା, ବାମାଦୁକୂଳ—ସ୍ତ୍ରୀମାନଙ୍କର ପିନ୍ଧା ପାଟଶାଢ଼ୀ । ୩ । ଲତା-ବନିତା-ନରତନଗୁରୁ—ଲତାରୂପ ସ୍ତ୍ରୀମାନଙ୍କୁ ନୃତ୍ୟଇବାରେ ଗୁରୁସ୍ଥାନୀୟ । ମିତ୍ରପୁତ୍ରଦିଗରୁ—ସୂର୍ଯ୍ୟଙ୍କ ପୁତ୍ର ଯମଙ୍କ ଦିଗରୁ ଅର୍ଥାତ୍ ଦକ୍ଷିଣ ଦିଗରୁ । ପୁଷ୍ପବାସିତ କଲା ଉପବନ—ବଗିଚାମାନଙ୍କୁ

ଭୁଜଙ୍ଗ ସଙ୍ଗରେ । ହରିବାର କାଳ ଗିରିଶୃଙ୍ଗରେ । କଳନା କଲେହେଁ ନାନା ଅଗମ । ମାନ୍ୟ ଲକ୍ଷଣ ତ୍ୟାଗେ ନୋହୁ କ୍ଷମ । ଡରେ ନ କମ୍ପିଲା । କେ ପୁଷ୍ପିତା ବନିତାକୁ ଝାମ୍ପିଲା । ୪ । ଦେଖି ଶାଖୀଙ୍କ ପରସ୍ପର କଳି । ଝଙ୍କାର ହୁଙ୍କାରେ ମଧ୍ୟରେ ମିଳି । ଭଲ ଭଙ୍ଗାଇ ଦେଲେ ଭୃଙ୍ଗମାନେ । ଫୁଟି ବାସିଲେ ସେ ଯେ ଯାହା ସ୍ଥାନେ । ଥିଲେ ଭଲ ଲୋକ । ନୁହଇ କି ସମ ବିଷମପାକ । ୫ । ହେଲା ପଲାଶମୁକୁଳ ପ୍ରକାଶ । ସଲୋହିତ ସିଂହ-ନଖ ସଦୃଶ । ତହୁଁ ପଛଘୁଞ୍ଚା ଦେଇ କୁଞ୍ଜରେ । ଲୁଚିବାର ଆନ କୁଞ୍ଜ-ପୁଞ୍ଜରେ । ତାହା ଗୃହିକର । ହସିଲା ନବମାଳିକା ବଲ୍ଲରୀ । ୬ । ଶାଖା-ମାନଙ୍କେ ରଖି ପଦକ୍ରମ । ବିୟୋଗି ବିଧ୍ୱଂସ ଅଥର୍ବୋପମ । ପଞ୍ଚମସ୍ୱରେ କଳକଣ୍ଠଦ୍ୱିଜ । ପକ୍ଷପାତ କଲେ ଅନଙ୍ଗ ଓଜ । ଏକାକୀ ଡରିଲେ । ଦମ୍ପତି ସୁଖେ ବନେ ବିହରିଲେ । ୭ । କାଳକଳନ୍ଦ ଦଗେ ଯାହା ପ୍ରୀତି । କଳି ଆରମ୍ଭରୁ ଯାହା ଉତ୍ପତ୍ତି । ଯେ ପ୍ରସବନ୍ତେ ଜାତକାହିଁ ନାହିଁ । ସୁନାସି ପୁଷ୍ପିତ ହୋଇଲା ତହିଁ । ବିଟପ ମଧୁପେ । ଉନ୍ମତ୍ତ ହେଲେ ତା ଦେଖି ସମୀପେ ।୮। ଇତର ତରୁଭାଗ୍ୟ ଦେଖି ପାଶେ । ଅଳିସଙ୍ଗ ଭୋଗ ଲଭିବା

---

ସ୍ଥାୟୀ ସୌରଭମୟ କଲା । ୪ । ମଳୟବଣୀ ଭୁଜଙ୍ଗ ସଙ୍ଗରେ—ମଳୟବନର ସାପ ସଙ୍ଗରେ, କଳନା କଲେହେଁ—ଜାଣିଥିଲେହେଁ, ଅଗମ—ଶାସ୍ତ୍ର, ପୁଷ୍ପିତା ବନିତା—ପବନ ଫୁଲ ଫୁଟିଥିବା ଲତାରୂପ ସ୍ତ୍ରୀକୁ ଆକ୍ରମଣ କଲା । ୫ । ଶାଖୀ—ବୃକ୍ଷ, ନୁହଇ କି ସମ ବିଷମପାକ—ପରସ୍ପର ବିରୁଦ୍ଧ ଭାବ ସମତାପ୍ରାପ୍ତ ହୁଏ ନାହିଁ କି ? ୬ । ସଲୋହିତ···ସିଂହର ଲାଲ ନଖ ପରି, କୁଞ୍ଜରେ—ହାତୀମାନେ, ଆନ କୁଞ୍ଜପୁଞ୍ଜରେ—ପଲାଶଭିନ୍ନ ଅନ୍ୟ ବୃକ୍ଷକୁଞ୍ଜମାନଙ୍କରେ, ନବମାଳିକାବଲ୍ଲରୀ—ନଆଳୀଫୁଲ ଲତା । ୭ । ଶାଖା—ଡାଳ ଓ ବେଦର ବିଭିନ୍ନ ଶାଖା, ପଦକ୍ରମ—ପଦବିକ୍ଷେପ ଓ ବିଭକ୍ତିଯୁକ୍ତ ଶବ୍ଦର କ୍ରମ, ବିୟୋଗିଧ୍ୱଂସଅଥର୍ବୋପମ—ବିରହୀ-ମାନଙ୍କୁ ମାରିବାରେ ଅଥର୍ବବେଦୋକ୍ତ ମାରଣ ମନ୍ତ୍ର ସଦୃଶ, କଳକଣ୍ଠ ଦ୍ୱିଜ—କୋକିଳରୂପ ବ୍ରାହ୍ମଣ, ଅନଙ୍ଗଓଜ—କାମଶକ୍ତି ( ସ୍ୱତ୍ତ ), ପଞ୍ଚମସ୍ୱରେ ପକ୍ଷପାତ କଲେ, ( ବ୍ରାହ୍ମଣ ପକ୍ଷରେ ) ସୁକଣ୍ଠରେ ବେଦମନ୍ତ୍ରପାଠ କରି କନ୍ଦର୍ପର ପକ୍ଷ ଗ୍ରହଣ କଲେ; ( କୋକିଳ ପକ୍ଷରେ ) ପଞ୍ଚମସ୍ୱରରେ ଗୀତ ଗାଇ ବୁଲିଲେ । ୮ । କାଳକଳନ୍ଦଦଗେ—ଦକ୍ଷିଣ ଦିଗରେ, କଳି ଆରମ୍ଭରୁ—ଫୁଲରେ କଢ଼ ହେବା ଦିନରୁ, ଯେ—ଯେଉଁ ମଳୟପବନ ଜାତକାହିଁ ନାହିଁ···ମାଲତୀଫୁଲ ମଧ ଫୁଟେ ନାହିଁ ( ମାଲତୀ ବସନ୍ତରେ ଫୁଟେ ନାହିଁ ), ସୁନାସି—

ଅଶେ । ସୁନ୍ଦର ଗନ୍ଧଫଳବୃନ୍ଦମିଷେ । ସ୍ୱଶାଖା ଅଙ୍ଗ ସକଳ ପ୍ରଦେଶେ । କାଳି ଦୀପଚୟ । ଚମ୍ପାଲତା କଲା ବ୍ରତୋପଚୟ । ୯ । ଅଳୀଙ୍କି ଯେଣୁ ଯୁବତୀନିଚୟ । ରସେ ରଚିଲେ କୁସୁମାବଚୟ । ନିମଗ୍ନ ହୋଇ ପଦ୍ମ ସରଷେ । ବହିଲେ ସଂଳାପ ବିବିଧ ରସେ । କେ ବୋଲେ ସଖୀଙ୍କ । ପୁରୁଷେ ଏତେ ବିଶ୍ୱାସ କାହିଁକି । ୧୦ । ଅନ୍ୟ କେ କହେ କାହିଁକି ନୋହିବ । ଅଶୋକ ତ ତତେ କଲା ଦୋହବ । ମୁଖେ ରଖିଅଛୁ ମଲ୍ଲିକା ହାସ । କାହିଁକି ନ କରିବୁ ପରହାସ । କେ ପୁଣି ବୋଇଲା । ମୋ କରେ ଛୁଇଁଅନା ରେ ଛଇଲା । ୧୧ । ପୁନ୍ନାଗମୟ ହେବାରୁ କେ ବାଳା । ବହି କେ ଅଂସରେ କେଶରମାଳା । ମାରି ତା ଉରୋଜକୁମ୍ଭେ କରଜ । ସିନ୍ଧୁବାର କଳି ମାଳିକାବ୍ରଜ । ମୁକୁତା ବିଞ୍ଚିଲା । ବାରଣଦାରଣଲୀଳା ବାଞ୍ଛିଲା । ୧୨ । ମିଳିନ୍ଦେ ଯୂଥିକଳି ମୁଖେ ଧରି । ରବବ୍ୟାଜେ ବଜାଇଲେ ମଧୁରୀ । ଭୃଙ୍ଗୀ ଆରମ୍ଭିଲେ ମଙ୍ଗଳ ଗୀତ । କଳକଣ୍ଠୀ ପାକ ହୋଇ ସଂଘାତ । ହୋଇ ମଦଭୋଳ । ଉଲୁଲୁ ପୂର୍ଣ୍ଣ କଲେ ଜଳସ୍ଥଳ । ୧୩ । ତରୁ କରୁଛନ୍ତି ସେବା ପ୍ରକଟ । କେ ହୋଏ ଫଳ ଫୁଲ ଧରି ଭେଟ । ନବ କିଶଳୟ ପଟ ଅଲଟ । ଯେଣୁ କେ ବଜନେ ହେଲା ଲମ୍ପଟ । କେଉଁ ଶାଖୀ ନଟ । ଉଡ଼ାଇଲା ବ୍ୟୋମ ପରାଗପାଟ । ୧୪ । କରକ ଯେଣିକି ସ୍ୱଫଳ ଘଟ । ପର୍ଣ୍ଣ ସରକ ହେବାରୁ ଦୁର୍ଘଟ । ମୋଠାରେ କେ କଲା ବୋଲି କପଟ । କାହିଁର ମନେ ହେଲା ଛଟପଟ । ଅଳି ଯୋଗକୁଟ । କେଉଁ ବଲ୍ଲରୀ ଗୃହେଁ ମଟ ମଟ । ୧୫ । ହୋଇ ଅନଳସ୍ୱନଧାରି ଗୃହଟ । ପୁଷ୍ପଭୂଷଣେ ହୋଇ

---

ଏକପ୍ରକାର ଅରଣ୍ୟ ବୃକ୍ଷ, ବିଟପ—ଜାର, ମଧୁପେ—ଭ୍ରମରମାନେ । ୯ । ଚମ୍ପା-ଲତା ଭ୍ରମରକୁ ଆକର୍ଷଣ କରିବାପାଇଁ ଗନ୍ଧଫଳବୃନ୍ଦମିଷେ ( ଚମ୍ପା କଢ଼ ସମୂହ ବ୍ୟାଜରେ ) ନିଜ ସର୍ବ ଶରୀରରେ ଦୀପ ଜାଳି ବ୍ରତଜନିତ ପୁଣ୍ୟର ଉପଚୟ (ବୃଦ୍ଧି) କଲା । ୧୦ । କୁସୁମାବଚୟ—ଫୁଲତୋଳା । ୧୧ । ମୋ କରେ ଛୁଇଁ-ଅନା—ମୋ ହାତରେ ଛୁଇଁ ଅଛୁ ଦେଖ, ମୋ ହାତରେ ଛୁଇଁଅନା ଫୁଲ । ୧୨ । ପୁନ୍ନାଗମୟ—ନାଗେଶ୍ୱର ପୁଷ୍ପମଣ୍ଡିତ; ପୁନ୍ନାଗ—ନାଗେଶ୍ୱର, ଶ୍ରେଷ୍ଠ ହାତୀ; ଅଂସରେ—କାନ୍ଧରେ, କେଶରମାଳା—ନାଗେଶ୍ୱରଫୁଲ ମାଳା ଓ ସିଂହର ସଟା-ସମୂହ, ଉରୋଜକୁମ୍ଭେ—ସ୍ତନରୂପ କୁମ୍ଭସ୍ଥଳରେ; କରଜ—ନଖ, ସିନ୍ଧୁବାରକଳି-ମାଳିକାବ୍ରଜ—ବେଗୁନିଆ କଢ଼ିର ମାଳସବୁ, ବାରଣଦାରଣଲୀଳା—ସିଂହର ହାତୀ ମାରିବା କ୍ରୀଡ଼ା । ୧୩ । ମିଳିନ୍ଦେ—ଭ୍ରମରମାନେ, ଯୂଥିକଳି—ଯୂଥିଫୁଲ କଢ଼, ମଧୁରୀ—ମହୁରୀ, କଳକଣ୍ଠୀ—କୋକିଳ, ସଂଘାତ—ମିଳିତ, ଉଲୁଲୁ—ହୁଳହୁଳି ଧ୍ୱନି । ୧୪। ଉଡ଼ାଇଲା କେଉଁ ବୃକ୍ଷ ନଟ ହୋଇ ଆକାଶରେ ପରାଗ (ପୁଷ୍ପଧୂଳି) ରୂପ ପାଟ ଉଡ଼ାଇଲା । ୧୫ । କରକ—ଡାଳିମ୍ବ, ପର୍ଣ୍ଣସରକ ହେବାରୁ ଦୁର୍ଘଟ—ବାହୁଙ୍ଗ

ଝଟି ଝଟି । ଉଗାଳି ମଦନଭୂପତି ବାଟି । କେଉଁ ଲତିକା ଆରମ୍ଭିଲ୍ଲ ନାଟି । କେଉଁ ତରୁଘାଟି । ପକ୍ଷିରବେ ସ୍ତୁତି କଲ୍ଲ ନିରାଟି । ୧୬ । ଫଳକରେ କଣ୍ଟ ହୋଇ ବିକଟି । କେତେ ବିଟପୀ ବେଶେ ହେଲେ ଭଟି । ବିରହୀନିନ୍ଦା ଶସ୍ତ୍ରକୁ ଅକାଟି । କୃଣିମାରେ କି ସେ ସମର୍ଥ ଥାଟି । କି ରସିକ ହାଟି । ସବୁରି ପ୍ରୀତି କଣିବାରେ ହଟି । ୧୭ । ନିକୁଞ୍ଜ ସଞ୍ଚାରେ ନାହିଁ ଅକଟି । ନାନାବିଧ ସୁଖ ଅତି ନିକଟି । ଉମ୍ମତଭିରେ ଚଟି କଟି କଟି । ପ୍ରତି ସଙ୍କେତ ଲତା ଗୃହେ ଖଟି । ସରଗଲ୍ଲ ଲଟି । ଚଳି ଯୋଗୀଏ ଛିଣ୍ଡାଇଲେ ଜଟି । ୧୮ । କେ ବାସ କରି କେଳିବାପୀ ତଟି । ପାଟସାରି ଦେଲେ ପିନ୍ଧିବାର ପଟି । ରଖିଲେ ମାନିକ ପ୍ରଚ୍ଛଦପଟି । ରସ ଅବଶ ହୋଇଲେ କପଟି । ଯାଠାରେ କପଟି । ଧାତା ଖେଳିଛି ତାହାର ଅପଟି । ୧୯ । ନ ମାନି ଭବ ଶାର୍ଦ୍ଦୁଳ ଝପଟି । ଯେ ଜନେ ବାନ୍ଧିଥିଲେ ଯୋଗପଟି । ବାଜିବାରୁ ମନମଥ ଚପେଟି । ନ କଲେ କେ କାହାକୁ ଉଛପେଟି । ତାଳ ପହପଟି । ହେଲ୍ଲ ସବୁରି ତଳପରେ ସ୍ଫୁଟି । ୨୦ । ହେବାରୁ ହୃଦ ଅନଙ୍ଗ ଅଖୋଟି । ଧୈର୍ଯ୍ୟଶିଳାଘଟିତ କବାଟି । ଅତରକତେ ହୁଅନ୍ତେ ବିପାଟି । ବିରହିଣୀ ଏକାନ୍ତ ଶନପଟି । କରି ସ୍ନେହଘୋଟି । ମଣ୍ଡିଲେ ନିଜ ବକ୍ଷୋଜସଂପୁଟି ୨୧ । କାହା ସ୍ଥିର ମଦ ହୋଇବ ମୋଟି । ହୋଇଲ୍ଲ ହରଧୃତି ଯହିଁ ଖୋଟି । କନମ୍ଭୁ ଅମ୍ଭେ ନୋହୁ ବୋଲି ବିଟି । ଯେଉଁମାନେ ବାନ୍ଧିଥିଲେ ମୁକୁଟି । ରଟନ୍ତେ କୁକ୍କୁଟି । ଜୀବ ହେଲ୍ଲ ତାକୁ ଶତ ଶକଟି ।୨୨। ବିଟହେ ବନ୍ଧା

---

କରଣ୍ଡରେ ପନ୍ଦ ପର୍ଯ୍ୟନ୍ତ ନ ଥିବାରୁ, କଣ୍ଡିରି—ଗଙ୍ଗାବାଉଁଶ ବା କରଣ୍ଡୀ, ଅଳିଯୋଗକୁଟି—ଭ୍ରମରମିଳନରୂପ କପଟି (ପ୍ରକୃତି ପୁରୁଷ ମିଳନ) । ୧୬ । ଅନିଳ-ସୂତ୍ରଧରେଗ୍ୟଟି—ପବନରୂପ ପ୍ରଧାନ ନଟର ଶିଷ୍ୟ । ୧୭ । ଫଳକରେ କଣ୍ଟ ହୋଇ ବିକଟି—ଡାଳରେ ପ୍ରଚୁର ଫଳ ଧରିବାରୁ ଫଳକଧାରୀ ହାତୀ ପରି ଭୟଙ୍କର ହୋଇ; ବିଟପୀ—ଗଛ, ଭଟି—ଯୋଦ୍ଧା, ଥାଟି—ସୈନ୍ୟଦଳ, ହଟି—ହାଟ୍ ବା କୌତୁକ । ୧୮ । ଲଟି—କୌତୁକ, ଚଳି—ବିରକ୍ତ ହୋଇ । ୧୯ । କେଳିବାପୀ—କ୍ରୀଡ଼ାପୁଷ୍କରିଣୀ, ପାଟସାରିଦେଲେ···ସବୁବେଳେ ନଗ୍ନ ହୋଇ ଜଳକ୍ରୀଡ଼ା କରିବାରୁ ପିନ୍ଧାଲୁଗାକୁ ମଧ୍ୟ ଭୁଲିଗଲେ; ପ୍ରଚ୍ଛଦପଟି—ଘୋଡ଼ି ହେବା ଲୁଗାର, ଯାଠାରେ କପଟି···ବିଧାତା ଯାହା ପ୍ରତି ବିମୁଖ (ଯେ ପରାଙ୍ମୁଖ୍ୟ) ତାହାର ଏକା ଦୁଃଖ । ୨୦ । ଭବଶାର୍ଦ୍ଦୁଳଝପଟି···ସଂସାରରୂପ ବ୍ୟାଘ୍ର ଆକ୍ରମଣ ନ ମାନି ଯେଉଁମାନେ ଯୋଗୀ ହୋଇଥିଲେ । ମନମଥଚପେଟି—କନ୍ଦର୍ପର ଗୁଷ୍ଠିଚା ବା ଆଘାତ, ଉଛପେଟି—ଗର୍ବବତୀ, ତଳପ—ତଳ୍ପ, ଶଯ୍ୟା । ୨୧ । ଅନଙ୍ଗଅଖୋଟି—କନ୍ଦର୍ପର କ୍ରୀଡ଼ାଭୂମି, ବିପାଟି—ଉନ୍ମୁକ୍ତ, ବକ୍ଷୋଜସଂପୁଟି—କୁଚରୂପ ପେଡ଼ି । ୨୨ । ଯେଉଁଠାରେ ଶିବଙ୍କର ଧୈର୍ଯ୍ୟ ଖୋଟି (କ୍ଷୁଦ୍ର) ହେଲ୍ଲ ଅର୍ଥାତ୍ ଶିବଙ୍କ ଧୈର୍ଯ୍ୟ ସୁଦ୍ଧା ନଷ୍ଟ ହେଲ୍ଲ ସେଠାରେ ଅନ୍ୟ କାହାର ଗର୍ବ ରହି ପାରିଲ୍ଲ କି ? ବିଟି—

ହେବାରୁ ଜକଟ । ସଂଖାଳି ହେବାରୁ ନୀରଜକଟ । କରି ନ ପାରି କ୍ରୋଧ ଅପ୍ରକଟ । କେ କାହାକୁ ବୋଲେ ରେ ଶରକଟ । ମନକୁ ଚକଟ । ଅମ୍ଭଙ୍କ ତ ତନୁ ନାହିଁ ବକଟ । ୨୩ । ଭଲ ହୋଇ ଅସ୍ତ ନୋହୁ ପତଙ୍ଗ । ଅଭିସାରିକା ହେଲେ ଚଙ୍ଗଚଙ୍ଗ । ପିକ ନୟନ ଦଶିଲା ତ ରଙ୍ଗ । ସପୁଷ୍ପରଜ ଅନିଳ ତରଙ୍ଗ । ବାଜି ଯୁବଅଙ୍ଗ । ରମଣ ଲେଉଡ଼ିଲେ ତରୁଣୀସଙ୍ଗ । ୨୪ । ଶୂନ୍ୟ ପୂର୍ଣ୍ଣ ହେଲା ସ୍ମରନିଷଙ୍ଗ । ସବୁଠାରେ ତାହାର ପରସଙ୍ଗ । ପିଙ୍ଗି ରକ୍ତଅଭିଳାଷୀ ଅପାଙ୍ଗ । ଠାରିଲେ ହେଲେ ଯା ନ ଯେନି ଖଙ୍ଗ । ମଣ୍ଡିଲେ ଜସ୍ରଙ୍ଗ । ଯହିଁ ଅପଚଶତାର ଏ ଢଙ୍ଗ । ୨୫ । ଲତାବଳୀ ଗୁଚ୍ଛେ ଖେଳନ୍ତେ ଭୃଙ୍ଗ । ମଣି ତାହାକୁ ଲୀଳା ଭ୍ରୂଭଙ୍ଗ । ସଂଯମୀଙ୍କ ପୀଡ଼ା ଦେଲା ଅନଙ୍ଗ । ଚଳି ନ ପାରି ହେଲେ ଥଙ୍ଗ ଥଙ୍ଗ । ଯେ ଜାତ ଭୁଜଙ୍ଗ । ସେ ନାରୀ ସଙ୍ଗେ ନ କଲେ କି ରଙ୍ଗ । ୨୬ । ସେ ଋତୁ ନବ ଋତୁମତୀ ହେଲା । ନେସକୁ ନବକୁସୁମେ ମଣ୍ଡିଲା । ପ୍ରତିଦିନ ଗନ୍ଧ ହୋଇଲା ମନ୍ଦ । ରସ ବରଷିଲା ନୋହେ ମରନ୍ଦ । କୁନ୍ଦବିକସନ । ମନ୍ଦାର ଅଧର ମନ୍ଦ ହସନ । ୨୭ । ନାନା କିଶଳୟ ଚନ୍ଦ ବସନ । ଯୁବା ବିହାର ସୁରତ ବ୍ୟସନ । ଦକ୍ଷିଣ ବାତ ସୁରଭି ଶ୍ୱସନ । ଗୃହାଣୀ ଚଞ୍ଚଳ ମରନ୍ଦାଶନ । ମଲ୍ଲିକା ଦଶନ । ବହଳ ପୁଷ୍ପଧୂଳି ତା ଆସନ । ୨୮ । ନିଜ ସଉରଭ ଅଧିବାସନ । ପଙ୍କଜପାନକ ପାନବାସନ । ଯୁବରଞ୍ଜନ ଯାହା ଦରଶନ । କେତକୀତନୁ କେଉଡ଼େ ପରସନ । ବିବେକନାଶନ । ଗିର ତ ହାର କଳକଣ୍ଠସ୍ୱନ । ୨୯ । ଏପରି ଦେଖି ସେ ଋତୁଲକ୍ଷଣ । କୋଟିସଂଖ୍ୟକ ଯୁଗ ହେଲା କ୍ଷଣ । ଅନଙ୍ଗସୁନ୍ଦର ସୁବିଚକ୍ଷଣ । ଭମାଇଲା ପ୍ରତି ଦିଗେ ଈକ୍ଷଣ । ନ କଲା ବୀକ୍ଷଣ । ହରିଣାକ୍ଷୀ ବିନା ଆନ ରକ୍ଷଣ । ୩୦ ।

---

ଜାର; ଜୀବ ହେଲା···ଜୀବନ ଭାରକାନ୍ତ ବୋଧ ହେଲା । ୨୩ । ଜକଟ—ଦୃଢ଼ ରୂପେ; ନୀରଜକଟ—ପଦ୍ମପତ୍ରର ଶଯ୍ୟା, ଶରକଟ—ଦୁର୍ବଳ । ୨୪ । ପତଙ୍ଗ—ସୂର୍ଯ୍ୟ; ସପୁଷ୍ପରଜ ଅନିଳ ତରଙ୍ଗ—ଫୁଲପରାଗଯୁକ୍ତ ପବନର ଲହରୀ । ୨୫ । କାମନିଷଙ୍ଗ—କନ୍ଦର୍ପର ଶରତୂଣୀ; ଶୂନ୍ୟ ପୂର୍ଣ୍ଣ ହେଲା—ଶୂନ୍ୟଦ୍ୱାରା ପୂର୍ଣ୍ଣ ହେଲା ଅର୍ଥାତ୍ ସମ୍ପୂର୍ଣ୍ଣରୂପେ ଶୂନ୍ୟ ହୋଇଗଲା ( ସବୁବେଳେ ଶର ମାରିବା ହେତୁରୁ )। ପରସଙ୍ଗ—ପ୍ରସଙ୍ଗ; ଖଙ୍ଗ—ଅସୁଖ । ୨୬ । କାଳଭୁଜଙ୍ଗ—ସ୍ୱଭାବତଃ ଶଠ । ୨୭ । ମରନ୍ଦ—ମକରନ୍ଦ । ୨୮ । ଦକ୍ଷିଣବାତ···ମଳୟ ପବନ ସୁଗନ୍ଧଯୁକ୍ତ ନିଶ୍ୱାସ ପରି ହେଲା । ଗୃହାଣୀ ଚଞ୍ଚଳ ମରନ୍ଦାଶନ—ମରନ୍ଦାଶନ (ଭ୍ରମର) ଚଞ୍ଚଳ ଗୃହାଣୀ ହେଲା । ୨୯ । ଅଧିବାସନ—ଗନ୍ଧମାଲ୍ୟାଦି-ଦ୍ୱାରା ସଂସ୍କାର; ପଙ୍କଜପାନକ·····ପଦ୍ମରୂପ ପାନପାତ୍ର, ପାନ ବାସନ ( ପାନ-

ଚିଠାର ସଙ୍କେତ ସମୟ ଆସି । ହେବାରୁ ହୃଦସ୍ଥଳବିଳାସୀ । ହେଲା ସେ ଧୃତିଧରାଧରଶମ୍ବ । ଦଶିଲା ନାହିଁ କାହିଁ ଅବଲମ୍ବ । ମୋହ ଅନ୍ଧକାର । କଲା ଚେତନା-ଚନ୍ଦ୍ରକୁ ଧିକ୍କାର । ୩୧ । ଗୃହିଁ ତା ତାହା ପ୍ରିୟ ସହଚର । ଶୂନ୍ୟ ମଣି ବିଶ୍ୱ ସଚରାଚର । କୁସ୍ତ୍ରପ୍ରତିପଦା ରଜନୀମୁଖ । ଅଙ୍କେ ଧଇଲା କି ସୁଧାମୟୂଖ । ସେହିପରି କୋଳେ । ଧଇଲା ଯୁବରାଜକୁ ବିକଳେ । ୩୨ । ନ ଲଭି ତା ମୃଦୁ ବଦନବାତ । ଶ୍ରବଣେ କେ ଦେଲା ବଦନବାତ । ଘନସାରମିଶା ପନ୍ନୀର ପାଣି । ନୟନ ଯୁଗରେ ଲଗାଇ ପୁଣି । ଲପନେ ସିଞ୍ଚିଲା । କରକମଲ ବ୍ୟଜନେ ବିଞ୍ଚିଲା । ୩୩ । ପୁଣି କେ କରି ଧମନୀ ପରୀକ୍ଷା । ବୋଇଲା ଜଗଦୀଶ କର ରକ୍ଷା । ଶ୍ରୁତି ସମୀପେ ଡାକିଲା ଏ ଗିର । ଅଖଣ୍ଡ ଧରାଖଣ୍ଡଳ କୁମାର— ବୀର ଅଧୀଶ୍ୱର । ନବ କୋଟି ବାହ୍ୱାରୋହପ୍ରବର । ୩୪ । ଚତୁରୀ ଚକ୍ଷୁ- ଚକୋର ଚନ୍ଦ୍ରମା । ଭାରତୀ ସାରକେଳି କଳାସୀମା । ଯାଚକ ମନୋରଥ କଳ୍ପଶାଖୀ । ଦେଉ ମହାଦେଈ ଦୁହିଙ୍କ ଆଖି । ନବ ଯୁବରାଜ । ଶ୍ରୀଅଙ୍ଗ କି ଲାଗୁଅଛୁ କି ଆଜ । ୩୫ । ସେ ପୁରେ ସେପରି ଚହଲ ଜାଣି । ପ୍ରତାପ କଣ୍ଠୀରବ ନୃପମଣି । ଅଗଦଙ୍କାରରାଜକୁ ଅଣାଇ । ପୁଚ୍ଛନ୍ତେ ସେ ଜଣାଇଲେ ମଣାଇ । ତାହାଙ୍କ ମନକୁ । ଦେବ ଅସୁ ଦ୍ରବ୍ୟ ଅବଧାନକୁ । ୩୬ । ଶ୍ରୀହସ୍ତ ଦେଖି ବିଗୃହିଲେଁ ଦେବ । ବିଷମ ପ୍ରହର ପର୍ଯ୍ୟନ୍ତେ ହେବ । ଚନ୍ଦ୍ରକଳା କର ପଡ଼ିଲେ ରତି । ଶାନ୍ତ ହେବ ସେ ଅତନୁତପତି । ମଣି ନରପତି । ଚିନ୍ତାରେ ନମସ୍କାର ଦେଲେ ମତି । ୩୭ । ଅରୁଣ

---

ରଖିବା ଡବା ) ହେଲା । ୩୦ । କ୍ଷଣକ କୋଟି ସଂଖ୍ୟକ ଯୁଗ ପରି ହେଲା । ଅନଙ୍ଗସୁନ୍ଦର—ଯୁବରାଜଙ୍କ ନାମ; ଈକ୍ଷଣ—ଆଖି; ବୀକ୍ଷଣ—ଦର୍ଶନ । ୩୧। ସେ ଧୃତିଧରାଧରଶମ୍ବ ହେଲା—ଚନ୍ଦ୍ରକଳାଠାରୁ ପାଇଥିବା ପତ୍ର ଧୈର୍ଯ୍ୟପର୍ବତ ନାଶ ପକ୍ଷରେ ଶମ୍ବ (ବଜ୍ର) ହେଲା । ୩୩। ଶ୍ରବଣେ କେ ଦେଲା ବଦନ ବାତ— କିଏ କାନ ଫୁଙ୍କିଲା । ଘନସାର—କର୍ପୂର; ଲପନ—ମୁଖ । ୩୪ । ଧମନୀ—ନାଡ଼ି, ବାହ୍ୱାରୋହପ୍ରବର—କ୍ଷତ୍ରିୟବଂଶଜାତ । ୩୫ । ଭାରତୀ ସାରକେଳିକଳାସୀମା— ହେ ସରସ୍ୱତୀଙ୍କ ସଙ୍ଗୀତ ବିଦ୍ୟାରେ ପରମପ୍ରବୀଣ; ଦେଉ—ରାଜା, ମହାଦେଈ— ରାଣୀ । ୩୬ । ପ୍ରତାପୀ କଣ୍ଠୀରବ ନୃମଣି—ପ୍ରତାପସିଂହ ରାଜା, ଅଗଦଙ୍କାର- ରାଜ—ବୈଦ୍ୟରାଜ । ୩୭ । ବିଷମ ପ୍ରହର ପର୍ଯ୍ୟନ୍ତେ ହେବ— କ୍ଲେଶକର ଅବସ୍ଥା ପ୍ରହରକାଳ ହେବ । ଚନ୍ଦ୍ରକଳା କର—ଚନ୍ଦ୍ରଙ୍କ କଳାର କିରଣ ଓ ଚନ୍ଦ୍ରକଳା ନାୟିକାର ହସ୍ତ । ଅତନୁତପତି—

ଉଦୟେ ସେ ଦିନ ନିଶି । ସ୍ୱପ୍ନେ ଧରଣୀସୁର ଜଣେ ଆସି । ଆଶିଷ ଦେଇ ସେ ନରପତିଙ୍କ । ପ୍ରବୋଧି କହିଲେ ଗିର ଏତିକ । ଶୁଣ କ୍ଷମାଧବ । ମହା-ମହିମବସନ୍ତମାଧବ । ୩୮ । କାମକଳାରେ ବିଜେ କରିଛନ୍ତି । କାମକଳାପ କଳାପ ମୂରତି । ତାହାଙ୍କ ରଙ୍ଗ ରାଜୀବ ଚରଣ । ବନ୍ଦିଲେ ତୋ ପୁଣ ଅପମରଣ । କେବଳ ବଞ୍ଚିବ । ଅନ୍ୟଥା ରହି ନ ପାରନ୍ତି ଶିବ । ୩୯ । ଏହା କହି ହେଲେ ଅନ୍ତରହିତ । ହୋଇଲା ପ୍ରଭାତକ ନଉବତ । ଶୁଭିଲା ବନ୍ଦିବୃନ୍ଦ ସ୍ତୁତିବାଦ । ଶୁଦ୍ଧାନ୍ତକାନ୍ତାଜନଭୂଷାନାଦ । ଧରି ହରିନାମ । ଅପହୁଡ଼ା ହେଲେ ନୃପସତ୍ତମ । ୪୦ । ହୋଇଲା କାଟିଲାଗି ଅବକାଶ । ମନ୍ତ୍ରିବରଙ୍କୁ କଲେ ଫରମାସ । ମାଧବମାସ ବଳକ୍ଷ ପକ୍ଷରେ । କାମକଳାଖ୍ୟ ନଗରୀ ମୁଖ୍ୟରେ । ଶ୍ରୀମାଧବଙ୍କର । ହେବ ବାସନ୍ତିକ ଯାତ୍ରା ପ୍ରବର । ୪୧ । ମୋ କୁଳକମଳସୂ ନୈଜସମ୍ପଦ । ନ ଲଭିବାକୁ ମହାମୋହପଦ । ଦରଶନକୁ ଯିବ ଯୁବରାଜ । ତହିଁ ସମୁଚିତ ସମ୍ଭାର ସଜ । ଏ ନିଦେଶ ଗିର । ଉଷ୍ଣୀଷ କଲା ସଚିବପ୍ରବର । ୪୨ । ଶେଷବିଳାସରୁ ଲଭି ବିରାମ । ଅଶେଷ-ବିଳାସୀ ଯେଉଁ ଶ୍ରୀରାମ । ଏକ ରଥାଙ୍ଗ ପରିତ୍ୟାଗ କଲେ । ଦଶରଥାଙ୍ଗରୁ ସମ୍ଭୂତ ହେଲେ । ରଚଇ ପ୍ରଣତି । ତାଙ୍କ ଚରଣେ ଜଳନ୍ତର-ପତି । ୪୩ ।

---

ଶୂନ୍ୟ, ତାଛ ଓ କନ୍ଦର୍ପ ଜ୍ୱାଳା । ୩୮ । ଧରଣୀସୁର—ବ୍ରାହ୍ମଣ, କ୍ଷମାଧବ—ରାଜା, ବସନ୍ତମାଧବ—ଦେବତା ବିଶେଷ । ୩୯ । କାମକଳା—ନଗରୀର ନାମ, କାମକଳାପ କଳାପ ମୂରତି—କମନୀୟ ମୟୂରପୁଚ୍ଛରେ ଚିତନ ବର୍ଣ୍ଣ ମୂର୍ତ୍ତି ଯାହାଙ୍କର । ଅପମରଣ—ଅପମୃତ୍ୟୁ । ୪୦ । ନଉବତ—ନହବତ ବାଜା, ବନ୍ଦିବୃନ୍ଦ—ଭାଟସମୂହ, ଶୁଦ୍ଧାନ୍ତକାନ୍ତାଜନ—ଅନ୍ତଃପୁରସ୍ଥା ସ୍ତ୍ରୀମାନଙ୍କର । ୪୧ । କାଟିଲାଗି ଅବକାଶ—ଦାନ୍ତ ଘଷିବା ବେଳ । ମାଧବ ମାସ—ବୈଶାଖ ମାସ, ବଳକ୍ଷ ପକ୍ଷରେ—ଶୁକ୍ଳପକ୍ଷରେ । ୪୨ । ମହାମୋହପଦ—ମୂର୍ଚ୍ଛାପ୍ରାପ୍ତି ଉଷ୍ଣୀଷ—ପଗଡ଼ି, ଶିରୋଧାର୍ଯ୍ୟ । ୪୩ । ଶେଷ ବିଳାସ—ସର୍ପରାଜ ଶେଷଦେବଙ୍କ ଉପରେ ଶୋଇବାରୂପ ବ୍ୟସନ । ଏକ ରଥାଙ୍ଗ ପରିତ୍ୟାଗ କଲେ—ଏକ ଚକ୍ର ମଧ୍ୟ ସଙ୍ଗରେ ରହି ନ ଥିଲେ । ଦଶରଥାଙ୍ଗ—ଦଶରଥଙ୍କ ଶରୀରରୁ ।

## ଊନବିଂଶ ଛାନ୍ଦ

ରାଗ—ରାମକେରୀ

(ଚନ୍ଦ୍ରକଳାର ପରିଣୟ ମନ୍ତ୍ରଣା)

ମସୀକେଶୀରସ ରସିକେ ଶୁଣ ଏ ରସ ସ୍ନେହେ । ମଣିମଞ୍ଜୁଳେଶ ମଲ୍ଲୀକି ଅଣି ଏକାନ୍ତେ କହେ । ୧ । ସୁତାପରିଣୟ ସୁତାପ ଶୀର୍ଣ୍ଣ କଲା ମୋ ଦେହ । କି ବୁଦ୍ଧି ଏଥିକି ସୁବୁଦ୍ଧି ବଳେ ବିଚାର କହ । ୨ । ସଚିବ ତହିଁକି ବିବିଧ ବହୁ ବିଚାର ଭାଷେ । କହିବାର ମୋର ମହୀବାସବ ଘେନ ମାନସେ । ୩ । ନାକରେ ଭୂଲୋକ ଯାକରେ ନାଗେ ଦେଖିଲି ମନ । ବରତମାନରେ ବର ତ ନାହିଁ ଜେମା ସମାନ । ୪ । ଶାରଙ୍ଗଧରଙ୍କୁ ତ ରଙ୍କୁନେତ୍ରା ବୋଲିବା ନାହିଁ । ବରିବ କରିବଦନଙ୍କ ଜନକଙ୍କୁ ସେ କେହ୍ନ । ୫ । ଚତୁରବଦନଙ୍କୁ ପାରିବ ନାହିଁ ଭୀତରୁ ବରି । ନତନୁ ତନୁ-ବିହୀନ ତ ସେ କି କଟଶୋଭୀ ସରି । ୬ । ବାସବ ତାହାର ଦାସବତହିଁ ହୋଇବେ ନିକି । ଅସିତପକ୍ଷରେ ଶଶୀ ତ କ୍ଷୟ ଲଭେ କଳଙ୍କୀ । ୭ । ପାଶୀକି ସୁକୁନ୍ଦହାସୀକି ମନେ ହସି ନ ଦେବ । ଧନଦଙ୍କୁ କାହୁଁ ବନଦକେଶା ମନ ବଳିବ । ୮ । କୁବେର ତ ନଳକୁବର ତହିଁ କ୍ଷମତା ନାହିଁ । ସୁରଭିତଦେହା ସୁରଭିଷଜେ ରସିବ ନାହିଁ । ୯ । ମାର୍ତ୍ତଣ୍ଡରେ ଜେମା ରତମନା କେବେ ନୋହିବ । ଜ୍ୱଳନେ ସୁଷମା କଳନେ ମତେ ନ ସ୍ପୃହେ ଲତ । ୧୦ । ଶିଖିବାହନେ ସୁମୁଖୀ ବା ଭଜି ଲଭନ୍ତା ସୁଖ ।

---

### ଊନବିଂଶ ଛାନ୍ଦ

୧ । ମସୀକେଶା—କୃଷ୍ଣକେଶଯୁକ୍ତା ରମଣୀ । ୨ । ସୁତା ପରିଣୟ ସୁତାପ—କନ୍ୟାବିବାହର କଷ୍ଟ । ୩ । ମହୀବାସବ—ପୃଥିବୀର ଇନ୍ଦ୍ର ବା ମହୀନ୍ଦ୍ର । ୪ । ନାକରେ—ସ୍ୱର୍ଗରେ, ନାଗେ—ନାଗଲୋକରେ, ପାତାଳରେ । ୫ । ଶାରଙ୍ଗ-ଧରଙ୍କୁ—ଶୃଙ୍ଗନିର୍ମିତ ଧନୁକୁ ଧରିଥିବା ବିଷ୍ଣୁଙ୍କୁ. ରଙ୍କୁନେତ୍ରା—ମୃଗନୟନା, ଚନ୍ଦ୍ର-କଳା; କରିବଦନଜନକ—ହାତୀମୁହାଁ ଗଣେଶଙ୍କ ପିତା ଶିବ । ୬ । ଚତୁରବଦନ—ବ୍ରହ୍ମା; ନତନୁ ତନୁବିହୀନ—କନ୍ଦର୍ପର ତ ଶରୀର ନାହିଁ । ୭ । ବାସବ—ଇନ୍ଦ୍ର; ଦାସବତ—ଭୃତ୍ୟପରି; ଅସିତପକ୍ଷର ଶଶୀ—କୃଷ୍ଣପକ୍ଷର ଚନ୍ଦ୍ର । ୮ । ପାଶୀ—ବରୁଣ; ଧନଦ—କୁବେର; ବନଦକେଶା—ଘନକେଶା । ୯ । ନଳକୂବର—କୁବେର ପୁତ୍ର; କୁବେର—କୁତ୍ସିତରୂପଧାରୀ; ସୁରଭିଷଜେ—ଦେବବୈଦ୍ୟ ଅଶ୍ୱିନୀକୁମାରଙ୍କ-ଠାରେ । ୧୦ । ମାର୍ତ୍ତଣ୍ଡ—ସୂର୍ଯ୍ୟ, ରତମନା—ଅନୁରକ୍ତଚିତ୍ତ; ଜ୍ୱଳନେ ସୁଷମା

ପଞ୍ଚମରୁ ବଳେ ପ୍ରପଞ୍ଚ ବଳେ ତାହାଙ୍କ ମୁଖ । ୧୧ । ସମରେ ଇତର ଅମରେ ପର କେହ୍ନ ନ ଦଶେ । ପକ୍ଷରେ ଶନ୍ତ୍ରବା ପକ୍ଷରେ ହାସ ସ୍ଫୁରେ ମାନସେ । ୧୨ । ଅନ୍ଧର ପ୍ରକାରେ ଗନ୍ଧରବରେ ତାକୁ କେ ଦେବ । ଭୂନରେ ଭାବିଲେ କ୍ୱନରେ ବର କାହୁଁ ଆସିବ । ୧୩ । ଗ୍ରହରେ ଯେବେ ଅଗ୍ରହରେ ଖୋଜ ବସିବା ବର । ଧିଷଣ କହ୍ତୁ ଅଭିଷଣ ଅଜ ନାହିଁ ସୁନ୍ଦର । ୧୪ । ନାଗରେ କେ ଅବା ନାଗରେ ଥିବେ ନ ଥାଇ ଜାଣି । ଭୋଗରେ ସେ ଅଧୋଭୋଗରେ ବଡ଼ ଦାରୁଣ ପୁଣି । ୧୫ । ରସାରେ ତ ମୋତେ ସୁହାରେ ନୃପତନୟ କେହ୍ନ । ରାଜନନ୍ଦନାର ଭାଜନ ହୋଇ ଦଶଇ ନାହିଁ । ୧୬ । ଆନରେ ତ ଅନୁମାନରେ ତାହାର ଅନୁରୂପେ । ନ ଦଶେ ସୁଷମା ନ ଦଶେ ଭୂଷା ସପତଦ୍ୱୀପେ । ୧୭ । କବନବଦ୍ୟାରେ ଭବନନ୍ଦନଠାରୁ ବଳିବ । ସରସଗୁଣେ ଶ୍ରୀହରଷ ଲଭୁଥିବ ଲଘବ । ୧୮ । ଖଣ୍ଡିତ ନୋହିବା ପଣ୍ଡିତପଣେ ଶେଷକୁ ଜିଣି । ନାରଦଠାରୁ ବଶାରଦ ହେବ ସଙ୍ଗୀତ ପୁଣି । ୧୯ । ବଗ୍ରହ ଥାଇ ରବଗ୍ରହ ପର ପ୍ରତାପୀ ହେବ । ଜେମାର ସଦୃଶ ଯେ ମାର କରଗ୍ରହ କରବ । ୨୦ । ଶିବକୁ ପ୍ରତ୍ୟହ ଶିବଙ୍କୁ ମନାଇଛୁ କେ ଯୁବା । କାଶୀରେ ଗିରିଜେମା ଶିରେ ଦେଇ ଅସଂଖ୍ୟ ଜବା । ୨୧ । ଗଙ୍ଗାନୀରଙ୍କର ସଂଗାତଶସ୍ତୁ ପାବନବନେ । କରଚି କେ ତପ ଧରି ଶନ୍ନପୂ ଦେହ ଭୂବନେ । ୨୨ । କଲପ ନ୍ତ ଯାଏ ଜଳପାନହିଁ ଦେଇ ବରଜ । ଶ୍ୱସନମାନକ ଅଶନ କର ହରଙ୍କି ଭଜ । ୨୩ । ଜଳପ ତେଜ ସଂକଳପ କର ଗରଷ୍ଟ ଫଳ । ତଳପ କର ଅନଳପ କାଳ ଧରଣୀତଳ । ୨୪ । ଘରକୁ

---

କଳନେ—ଅଗ୍ନିଙ୍କଠାରେ ସୌନ୍ଦର୍ଯ୍ୟ ଥିବା ବଷୟରେ । ୧୧ । ଶିଖିବାହନ—କାର୍ତ୍ତିକେୟ, ପଞ୍ଚମରୁ······ତାଙ୍କର ମୁହଁ ପାଞ୍ଚରୁ ଅଧିକ ଅର୍ଥାତ୍ ଛଅଟି, ଏ କଥା ସଂସାରରୁ ବାହାର । ୧୨ । ସମରେ—ସମାନତାରେ, ପର—ଉତ୍କୃଷ୍ଟ । ୧୩ । ଅନ୍ଧର ପ୍ରକାରେ—ଅନ୍ଧକାରରେ । ୧୪ । ଧିଷଣ କହ୍ତୁ ଅଭିଷଣ—ବୃହସ୍ପତି କେତେକ ପରିମାଣରେ ଅଭ୍ୟସ୍ତ କର । ୧୫ । ନାଗରେ—ନାଗଲୋକରେ ଏବଂ ନାଗରମାନେ; ଭୋଗରେ—ଫଣାରେ, ଅଧୋଭୋଗରେ—ନମ୍ନଦେଶ ପାତାଳରେ । ୧୮ । କବନ ବଦ୍ୟାରେ—କବତ୍ୱ ସ୍ଫୁରଣରେ, ଭବନନ୍ଦନ—ଗଣେଶ, ଶ୍ରୀହର୍ଷ—ନୈଷଧ କାବ୍ୟ ପ୍ରଣେତା କବ । ୧୯ । ଶେଷ—ଶେଷଦେବ ଫଣୀଶ୍ୱର । ୨୦ । ବଗ୍ରହ—ଶରୀର, ମାର—କନ୍ଦର୍ପ । ୨୧ । ଶିବ—ମହାଦେବ, ଶିବଙ୍କୁ—ନବନ୍ତର ମଙ୍ଗଳ ନମନ୍ତ । ଗିରିଜେମା—ପାର୍ବତୀ, ଅନ୍ନପୂର୍ଣ୍ଣା; ଜବା—ମନ୍ଦାରଫୁଲ । ୨୩ । ଜଳପାନହିଁ—ପାଣି ପିଇବା ମଧ୍ୟ, ଶ୍ୱସନ—ପବନ, ଅଶନ—ଭୋଜନ । ୨୪ । କଲପ—

ଭଡ଼ଇ ଭୃଙ୍ଗେ । ରଦବିହୀନବଦନା କରି ରସ ଅସ୍ୱାଦନା ଇଷି ଇଷି ଭାଷି ଶୋଷି ନୟନ ଭୃଙ୍ଗେ । ତା ବିକୃତ ଅନ୍ତରହିତ । ହସାଇ ହସାଇ ହେଲ ଅନ୍ତରହିତ । ୧୧ । ପୁଣି ମାୟା ନାଗ ନାକ ନଗରୀ ନାଗରୀଯାକ ଜମା ହୋଇ ଜନ୍ମାଇଲେ ଦିବ୍ୟ ସଙ୍ଗୀତ । ମିଶାଇ ଶଙ୍କରତପଭଞ୍ଜନ-ଭଙ୍ଗୀ କଳାପ ମନ୍ଦ ମନ୍ଦହାସ ପରିହାସ ଇଙ୍ଗିତ । ମେରୁଧୀର ନୃପକୁମାର । ତେବେ ହେଲେ ନ ଛାଡ଼ିଲ ଧୈର୍ଯ୍ୟ ସାର । ୧୨ । ଏ ସମୟେ ଘନସାର-କସ୍ତୁରୀ-କୁଙ୍କୁମସାର-ଚନ୍ଦନସୁବାସୀ ମନ୍ଦବାତ ବହିଲା । କେବଳ ମାତ୍ର ସେ ଜନାଧିନାଥନନ୍ଦନ ବିନା ଇତର ନରଙ୍କୁ କିଛି ଦୃଶ୍ୟ ନୋହିଲା । ହେଲା ଦିବ୍ୟ ପୁଷ୍ପବରଷା । ହେଲା ସୁରଧରାପରି ସେ ରଙ୍ଗରସା । ୧୩ । ଶୁଭିଲା ମଣିମା ତାଙ୍କ ଅଧିପଲ୍ଲଙ୍କିନୀୟାଙ୍କ ମଧ୍ୟେ ଦିଶିଲା କନକମୟ ପାଲିଙ୍କି । ଜାମ୍ବୁନଦ ଚନ୍ଦ୍ର ପ୍ରଭାକର ପରଦାର ପ୍ରଭାବବଶରୁ ପଡ଼ୁଥିଲା ପ୍ରଭା ଝଲକି । ମଣ୍ଡପ ନିକଟ ଚତ୍ୱରେ । ଅବତରନ୍ତେ ସେ ଯାନବର ସତ୍ୱରେ । ୧୪ । ଉପବନକୁ ପବନ କେହି କମ୍ପାଉଛି ବନରୁହ ସୁଲୋଚନା ଅନା ବୋଲି କେ ବାଳା । ପରଦା ଧରନ୍ତେ ଟେକି ମଣ୍ଡିଲା ସେ ଧରଣୀଙ୍କ ସଖୀ ଅଂସେ ଦେଇ ଭୁଜ ଚମ୍ପକମାଳା । ଝଟ କରି ପଡ଼ନ୍ତେ ଦୃଷ୍ଟି । ସରିଗଲା କୁମାରର ବିବେକ ସୃଷ୍ଟି । ୧୫ । ନବସ୍ନେହ ବିଶାରଦ ନୃପାତ୍ମଜ ସେ ଶାରଦ-ସୁଧାମୟୂଖମୁଖୀର ଶୋଭା ବୀକ୍ଷଣେ । ମକରଧ୍ୱଜ ମୋହନ ସୁନଶିଳୀମୁଖ ମୂନ ବାଜି ବିଗତଚେତନ ହୋଇଲା କ୍ଷଣେ । ମୋହନାବସାନେ ଅନାଇ । ଭାବିଲା ଏ ସୁଷମା ତ ଦେଖିଲି ନାହିଁ । ୧୬ । ନୂତନ ତମାଲମାଳ ନୀଳ ଶଇବଳ ବଳ ଦଳିତକଜ୍ଜ୍ୱଳ ଜଳଧର ସଙ୍ଘାତ । ଏ ସବୁ ଛବି ପାତଳ ଏହାର କୁନ୍ତଳତଳ ଗ୍ଧମର ମରକତରୁ ନୋହେ ତ ଜାତ । ଭ୍ରମରେ କେ ହେଲେ ଭ୍ରମରେ । ବଗୁରିବି ଅଛି କିଛି ଏହା ସମରେ । ୧୭ । ଲମ୍ବ କୁଞ୍ଚିତ

---

ଅନ୍ୟଥା ଭାବ, ବିକୃତ; ଅନ୍ତରହିତ—ଅନନ୍ତ, ପ୍ରଚୁର; ଅନ୍ତରହିତ—ଅନ୍ତର୍ହିତ, ଅଦୃଶ୍ୟ । ୧୨ । ନାଗନାକନଗରୀନାଗରୀଯାକ—ପାତାଳ ଓ ସ୍ୱର୍ଗର ନଗରମାନଙ୍କର ଯୁବତୀମାନେ; ମେରୁଧୀର—ଦୃଢ଼ଚିତ୍ତ । ୧୩ । ଘନସାର—କର୍ପୂର; ସୁରଧରା—ସ୍ୱର୍ଗ; ରଙ୍ଗରସା—କ୍ରୀଡ଼ାମଞ୍ଚ । ୧୪ । ଅଧିପଲ୍ଲଙ୍କିନୀ—ସ୍ୱଜଟଙ୍କ; ଜାମ୍ବୁନଦ—ସୁବର୍ଣ୍ଣ; ପ୍ରଭାକର—ସୂର୍ଯ୍ୟ; ପରଦାର ପ୍ରଭାବବଶରୁ—କନାଟିବାଡ଼ ଆଗରେ ଥିବାରୁ; ଚତ୍ୱର—ଅଗଣା; ଯାନବର—ଶ୍ରେଷ୍ଠଯାନ, ପାଲିଙ୍କି । ୧୫ । ବନରୁହସୁଲୋଚନା—ପଦ୍ମନେତ୍ରା, ଅଂସେ—କାନ୍ଧରେ । ୧୬ । ମକରଧ୍ୱଜ...କନ୍ଦର୍ପର ମୋହଜନକ ଫୁଲଶରର ମୂନ ବାଜି କ୍ଷଣକ ମଧ୍ୟରେ ଅଜ୍ଞାନ ହୋଇଗଲା, ସୁଷମା—ପରମଶୋଭା । ୧୭ । ଶଇବଳ—ଶିଉଳି, ବଳ—

କୋମଳ ସଜଳଜ ପରିମଳ ନୋହେ ତ ମହେନ୍ଦ୍ରନୀଳ ତହିଁକି ତୁଲା । ତମ ତମୋନୁଦଙ୍କର କରଣର ଭପୁଙ୍କର ଏ ତ ମଣ୍ଡିଅଛି ଛାଡୁ ହେମ-ପିତୁଳା । ଏହା ଦ୍ୟୁତି ଆନରେ ନାହିଁ । କଳାପୀର କଳାପେ ତ କଳା ଏ ନାହିଁ । ୧୮ । ଏକା ଏ କାମିନୀ ଧନ୍ୟ ଭଲ ଲଲାଟ ଲାବଣ୍ୟ ସୁନାମୟୁ କେତକେ ତ ନାହିଁ ଏ ଶିରୀ । ବଳକ୍ଷପକ୍ଷ ଅଷ୍ଟମୀ ସୁଧାଂଶୁ ଖେ ଭ୍ରମି ଭ୍ରମି ଶ୍ରମୁଁ ରହିଛି କି ଜମି ଦଶେ ଏପରି । କି ଚିକ୍କଣ କି ଝଲମନ୍ତ । ଦେଖା ନାହିଁ ଲେଖା ଲେଖାପୁରେ ଏମନ୍ତ । ୧୯ । ବିମଳ ସୁନ୍ଦର ଦରପଣ ସହୋଦର ଦରହାସୀର ଭାସୁର ସୁରଞ୍ଜନ କପୋଳ । କେଡ଼େ ମନୋହର ହରମୋହନ ରୁଚି ରୁଚିର କେଳି କଳନ ମନ୍ଦର ଏ ଗଣ୍ଡସ୍ଥଳ । ଥରେ ଏଥି ଚୁମ୍ବିଲେ ରସେ । ବୋଲାଇବ ନିଖିଳ ତରୁଣେଶ୍ୱର ସେ । ୨୦ । ଆହା ଏ ହେମନିଭାଙ୍ଗୀ ଭ୍ରୂଯୁଗ ଭଙ୍ଗି ଭାଙ୍ଗି ଦେଉଛି ନୀଳଭୁଜଙ୍ଗୀ ଗର୍ବକୁ ଖେଳେ । କମ୍ପାଇବ ମନ ମନସିଜ ଶରାସନ ସନକଙ୍କର ଚେତନ ତ ନ ରହିବ ତଳେ । ଯୁବ ମର୍ମକଟା କତୁରୀ । ସମ୍ପାଦ କି କମ୍ପାଉଛି ଗୋରୀ ଚତୁରୀ । ୨୧ । ସୁଧାରସ ହଳାହଳ ମିଶାମିଶି ଚଳାଚଳ ଯତଧୃତବଳାବଳ ବଗୁରଣଶୀଳ । ଚିତ୍ରାଲୋକସସମ୍ଭ୍ରମ ଚମୂରୁ ଚକ୍ଷୁର୍ବିଭ୍ରମ ମଦବିମର୍ଦ୍ଦନକ୍ଷମ ନେତ୍ରଯୁଗଳ । ଲାଞ୍ଛି ମଞ୍ଜୁତର ଅଞ୍ଜନ । ଯୋଗୁଁ ଖଞ୍ଜରୀଟପୁଞ୍ଜ ଗର୍ବଗଞ୍ଜନ । ୨୨ । ନୀଳ ଇନ୍ଦୀବରବର ସୁରଭିବାସର ସରସିଜ ବିଲୋଳ ଶଫର ଏ ଆଦି ଯେତେ । ଶିଖିଲେ ହେଁ ବାରବାର ଏ ନେତ୍ର ଶୋଭାର ଭାର ବହି ମହୀ ମୋହିପାରିବ କି କାହିଁତେ ।

---

ଶବ୍ଦ; ଜଳଧରସଙ୍ଘାତ—ମେଘସମୂହ, ଭ୍ରମରେ—ଭଅଁରଠାରେ, ଭ୍ରମରେ—ଭୁଲରେ । ୧୮ । ସଜଳଜପରିମଳ—ପଦ୍ମଗନ୍ଧଯୁକ୍ତ, ମହେନ୍ଦ୍ରନୀଳ—ଇନ୍ଦ୍ରନୀଳମଣି, ତମ—ସର୍ପ ବା ଅନ୍ଧକାର; ତମୋନୁଦ—ସୂର୍ଯ୍ୟ ବା ଚନ୍ଦ୍ର; କରଣ—ଶରୀର, କଳାପୀ—ମୟୂର, କଳାପ—ମୟୂରପୁଚ୍ଛ । ୧୯ । ସୁନାମୟୁକେତକେ—ସ୍ୱର୍ଣ୍ଣନିର୍ମିତ କେତକୀଫୁଲ, ପାଖୁଡ଼ା; ବଳକ୍ଷପକ୍ଷ—ଶୁକ୍ଳପକ୍ଷ, ସୁଧାଂଶୁ—ଚନ୍ଦ୍ର, ଖେ—ଆକାଶରେ, ଝଲମନ୍ତ—କାନ୍ତିଯୁକ୍ତ, ଲେଖା—ଚିତ୍ର, ଲେଖାପୁରେ—ସ୍ୱର୍ଗରେ । ୨୦ । ଦରପଣ-ସହୋଦର—ଦର୍ପଣତୁଲ୍ୟ, ଭାସୁର—ଉଜ୍ଜ୍ୱଳ । ୨୧ । ହେମନିଭାଙ୍ଗୀ—ସୁବର୍ଣ୍ଣତୁଲ୍ୟ ଅଙ୍ଗ ଯାହାର, ମନସିଜଶରାସନ—କାମଧନୁ, ସନକ—ପ୍ରସିଦ୍ଧ ସଂଯମୀ ଋଷି । ୨୨ । ସୁଧାରସ—ଅମୃତ, ହଳାହଳ—ବିଷ, ଚିତ୍ରାଲୋକ ସସମ୍ଭ୍ରମ—ଅଦ୍ଭୁତ ଦର୍ଶନରେ ଉଦ୍‌ବିଗ୍ନ, ଚମୂରୁଚକ୍ଷୁ·····ତାହାର ନେତ୍ରଦ୍ୱୟ ଚଞ୍ଚଳ ଉଦ୍‌ବିଗ୍ନ ଚମୂରୁମୃଗର ଚକ୍ଷୁ ଗର୍ବ ଧ୍ୱଂସ କରିବାରେ ପାରଗ । ୨୩ । ସୁରଭିବାସରସରସିଜ—ବସନ୍ତକାଳରେ ଫୁଟିଥିବା ପଦ୍ମ, ବିଲୋଳଶଫର—

କି ଅମୋଲ ତରଳତାର । ମସାରନିର୍ମିତ ଖେଳା ମିଳନ୍ଦ ପରି । ୨୩ । ମାର ମାରଗଣ ଗଣି ରଖିବାକୁ ତିଳତୂଣୀ ବନିଅଛି ରଚିଛି ଯୋଷା ନାସା କପଟେ । କୀର କି ବହିଛି ଲଲି କରକର ବୀଜାବଳିରଦର ଦମ୍ଭେ ଥିବାରୁ ବିମ୍ବ ନିକଟେ । ନୂଆ ଯଉବନ ଗୁମାନ । ପୁଟଉଲ୍ଲାସରୁ ସ୍ଫୁଟ କରିଛି ଧନ । ୨୪ । ଏ ଶ୍ରୁତି ଦ୍ୟୁତିପଟଳ ଗୁହିଁ କେ ନ ଯିବ ଟଳି କେ ବୋଲେ ହିରଣ୍ୟ ଦଳ ଗଢ଼ିବା ପାଶି । କଞ୍ଜାସନ ରୂପମାନଙ୍କରେ ଏହା ଉପମାନ ରଖି ପାର ନାହିଁ ହୋଇ ମହାଅଭ୍ୟାସୀ । ମଙ୍କାଲବିବିହୀନ ମନେ । ଶଷ୍କୁଲୀ ବୋଲନ୍ତି ଅତି ଦୁଷ୍କୁଲୀ ଜନେ । ୨୫ । ବାଳାର ଦଶନାମ୍ବର ଜିଣିଛି ପକ୍ୱ ବିମ୍ବର ସଉଭାଗ୍ୟ ଆଡ଼ମ୍ବରକୁ ଶୋଣଗୁଣେ । ସିନ୍ଦୂର ମନ୍ଦାର ନବ କିଶଳୟ ବନ୍ଧୁଜୀବ କୁରୁବିନ୍ଦବୃନ୍ଦକୁ ତ ହେଳାରେ ଜିଣେ । ଲେଖିଛି କା ଭାଲେ ଦଇବ । ଏଥୁ ସୁଧାକୁ ବସୁଧା ଲୋକେ ପିଇବ । ୨୬ । ସ୍ୱରୂପ ସରୁଚୁମ୍ବନେ ଥିଲେ ହେଁ ବିଲକ୍ଷ ମନେ ରୁଚିର ଚିବୁକର ହୁଅନ୍ତା ସଦୃଶ । ତାହାର ନାହିଁ ମୂରତି ଏହାର ନାହିଁ ଜଗତୀତଳେ ତିଳେ ଉପମିତି ଏଣୁ ଲୋକେଶ । ଅତୁଲ୍ୟ ଏ ବୋଲି ଜଗତେ । ଅଙ୍ଗୁଳିଅଗ୍ରରେ ଚିହ୍ନ ଦେଇଛି ଅନ୍ତେ । ୨୭ । ବିଭାବରୀବର ତୁଲ ଶ୍ରୀମୁଖ କି ବର୍ତ୍ତୁଳ ମୋ ନେତ୍ର କି ବରତୁ ଲଭିଲ ଲୋଚନ । ଏହାର ସୁ-ଆଦରଶ ଲଭୁଥିଲେ ଆଦରଶମଣ୍ଡଳରେ ଆଦର ସମ୍ଭବ କେ ଜନ । କଳାକୁ କି ତୁଲ୍ୟ ଏହାର । ମଳିନ ପଙ୍କସଙ୍କର ନଳିନ ଘୃର । ୨୮ । ବାଣୀ ବାଣୀଙ୍କର କର-

---

ଚଞ୍ଚଳ ଦଣ୍ଡିକିର ବା କେରାଣ୍ଡି ମାଛ, ଅମୋଲ—ଛଷ୍ଟ୍ ମୋଲ, ତରଳ ତାର—ଚକ୍ଷୁର ଗୋଲକ, ମସାର—ଇନ୍ଦ୍ରନୀଳମଣି, ମିଳନ୍ଦ—ଭ୍ରମର । ୨୪ । ତିଳତୂଣୀ—ରାଶିଫୁଲରେ ନିର୍ମିତ ଶରମୁଣା, କୀର—ଶୁଆ (ନାସାସହିତ ଉପମିତ), କରକ—ଡାଳିମ୍ବ, ରଦର ଦମ୍ଭେ—ଦନ୍ତବ୍ୟାଜରେ (ଡାଳିମ୍ବବୀଜ ଦନ୍ତ ସଙ୍ଗେ ଉପମିତ), ବିମ୍ବ—ବିମ୍ବଫଳ (ଅଧର ସଙ୍ଗେ ଉପମିତ), ପୁଟଉଲ୍ଲାସ—ନାକପୁଡ଼ାର ଫୁଲିବା । ୨୫ । ଶ୍ରୁତି—କର୍ଣ୍ଣ, ଦ୍ୟୁତି—ଶୋଭା, ହିରଣ୍ୟ—ସୁବର୍ଣ୍ଣ, ଫାଶି—ଫାଶ, କଞ୍ଜାସନ—ବିଧାତା, ବ୍ରହ୍ମା; ମହାଅଭ୍ୟାସୀ—ଅତ୍ୟନ୍ତ ଯତ୍ନଶୀଳ । ଶଷ୍କୁଲୀ—ଚକୁଳିପିଠା ( କର୍ଣ୍ଣ ସଙ୍ଗେ ଉପମିତ ), ଦୁଷ୍କୁଲୀଜନେ—ନୀଚଜାତୀୟ ଲୋକମାନେ । ୨୬ । ଦଶନାମ୍ବର—ଅଧର, ଶୋଣଗୁଣେ—ରକ୍ତିମାରେ, ବସୁଧାଲୋକେ—ମର୍ତ୍ତ୍ୟରେ । ୨୭ । ସରୁଚୁମ୍ବନ—କ୍ଷୀଣଚୁମ୍ବନ (ଅକୁଣ୍ଠବିହୀନ), ଉପମିତି—ଉପମାନ, ଲୋକେଶ—ବ୍ରହ୍ମା । ୨୮ । ବିଭାବରୀବର—ଚନ୍ଦ୍ର, ବର୍ତ୍ତୁଳ—ବର୍ତ୍ତୁଳ, ଗୋଲ; ବରତୁ—ବ୍ରତରୁ, ସୁଆଦରଶ—ସୁଖମୟ ଦର୍ଶନ; ଆଦରଶମଣ୍ଡଳ—ଦର୍ପଣମଣ୍ଡଳ, ମଳିନପଙ୍କସଙ୍କର—ଅବିଶୁଦ୍ଧ ପଙ୍କ ମିଶ୍ରଣରୁ

ବିପଞ୍ଚୀ ପଞ୍ଚମ ତାରସ୍ୱର ସ୍ୱର ଜୁର କରିଅଛି କି ସତେ । ମଧୁମଧୁ ଝରି ଝରି ନ ଧରିବ ଏ ମାଧୁରୀଧୁରୀଣତାକୁ ଏପରି ହୋଏ ପରତେ । ମୁଖ-ପେୟ ପୀୟୂଷରସ । ଏ ତ ଶ୍ରୁତିପଥେ ପିଉ ପୀୟୂଷରସ । ୨୯ । ଭୃଙ୍ଗୀ ଶୁକ ପିକରବ ସୁଭଗରବ ଗରବ ରବାର ବଢ଼ାଇ କରି ଦେଇଛି ଦୂର । ବର୍ଣ୍ଣ ବର୍ଣ୍ଣକରେ କରେ କରେ ମହେନ୍ଦ୍ରଲୋକରେ ନ ମିଳିବାଶିରୀ ଶିରୀଷାଙ୍ଗୀର ଗିର । ଏହି ଗିରେ ସ୍ନେହ ଆଳାପ । ବାଜିବ ଯା କର୍ଣ୍ଣେ ତାର ପୁଣ୍ୟ ଅମାପ । ୩୦ । ଅପୋଢ ଶୁଦ୍ଧ କାଞ୍ଚନ କପୋତ କାନ୍ତି ବଞ୍ଚନ ଗଳାର ଲାବଣ୍ୟ ଧନ୍ୟ ଧନ୍ୟ ଏହାର । କମ୍ବୁ ଶମ୍ବୁକ କଳପ ଦର ବୋଇଲେ ଅଳପ ଅର୍ଥାନ୍ତରୁ ଭୟ ରୂପ ହୋଏ ଏହାର । କିଶୋରୀକଣ୍ଠର ଶିରୀକି । କନକ କଳଶ ଗ୍ରୀବା ହେଲେ ସରି କି । ୩୧ । ଅଂସ ଦରନତ ବରସମ୍ପଦ ରମା ରୂପର ପରମ ମୃଦୁଳ ମୂଳ ଗଜଶୁଣ୍ଡାର । ନିର୍ଲୋମ କୋମଳ କକ୍ଷ ହେବ କେଉଁ ଧନ୍ୟ ତିକ୍ଷକରଜମୂଳର ମୁଖ୍ୟସୁଖ ଭଣ୍ଡାର । କେଉଁ ପୁଣ୍ୟେ ଏ ମୃଦୁବାହା । କାହାର ହାରସଙ୍ଗିନୀ ହେବଟି ଅହା । ୩୨ । ଏ ବାହୁଯୁଗଳ-ଗଳ ପ୍ରଦେଶରେ ସମୁଜ୍ଜ୍ୱଳ ମୃଦୁଅଳଙ୍କୃତଫଳ ଦେବ ଯାହାର । ମୃଣାଳ-ଲହରୀବଲ୍ଲୀ ପାଶ ଚମ୍ପାମାଳା ବୋଲି ତାହାର ବଦନ୍ତୁ ହୋଇବ କି ବାହାର । ଦେବଲତା ନବ ପଲ୍ଲବେ । ଦେବ କେ ଏ ପଞ୍ଚଶାଖେ ସ୍ୱରୂପ ଲବେ । ୩୩ । ଅଙ୍ଗୁଳି କଳିକାବଳି ଦେଇଅଛି କି କବଳି ନବ କିଶଳୟାବଳି

---

ଉତ୍ଫୁଲ୍ଲ, ନଳିନ—ପଦ୍ମ । ୨୯ । ବାଣୀ—କଥା ଓ ସରସ୍ୱତୀ; କରବିପଞ୍ଚୀ—ହାତରେ ଥିବା ବୀଣା, ଜୁର କରିବା—ନଷ୍ଟ କରିବା, ପୀୟୂଷରସ—ଅମୃତ ରସ, ମଧୁମଧୁ—ବସନ୍ତର ପୁଷ୍ପରସ, ମାଧୁରୀଧୁରୀଣତା—ମାଧୁର୍ଯ୍ୟର ଶ୍ରେଷ୍ଠତା, ମୁଖପେୟ—ମୁହଁରେ ପାନର ଯୋଗ୍ୟ, ଶ୍ରୁତିପଥେ—କାନବାଟେ । ୩୦ । ସୁଭଗ-ରବଗରବ—ଧ୍ୱନି ଗର୍ବଜନିତ ସୌଭାଗ୍ୟ, ରବା—ଏକପ୍ରକାର ବୀଣା, ବଢ଼ାଇ—ବଢ଼ିମା, ବର୍ଣ୍ଣବର୍ଣ୍ଣକରେ—ପ୍ରତି ଅକ୍ଷରରେ, କରେ—ବ୍ରହ୍ମଲୋକରେ, ମହେନ୍ଦ୍ର ଲୋକରେ—ସ୍ୱର୍ଗରେ, ଗିର—କଥା, ଅମାପ—ପ୍ରଚୁର । ୩୧ । ଅପୋଢ—ପ୍ରୌଢ଼, କମ୍ବୁ—ଶଙ୍ଖ, ଶମ୍ବୁକ କଳପ—ଶିବସଦୃଶ, ଦର—ଶଙ୍ଖ ଓ ଭୟ; ଶିରୀ—ସୌନ୍ଦର୍ଯ୍ୟ, କନକ କଳଶଗ୍ରୀବା—ସୁନାମାଠିଆର ବେକ । ୩୨ । ଅଂସ—କାନ୍ଧ, ଦରନତ—ଅଳ୍ପ ଅବନତ, ଗଜଶୁଣ୍ଡା—ହାତୀଶୁଣ୍ଢ, କକ୍ଷ—କାଖ, ତୀକ୍ଷ—ତୀକ୍ଷ୍ଣ, କରଜମୂଳ—ନଖମୂଳ, ମୁଖ୍ୟସୁଖ—ପ୍ରଧାନ ସୁଖ । ୩୩ । ଅଲଂକୃତ—ଅଳଙ୍କାର, ମୃଣାଳ—ପଦ୍ମନାଡ଼, ବଲ୍ଲରୀ—ଲତା ( ଏଗୁଡ଼ିକ ବାହୁର ଉପମା ହୁଏ ), ଦେବଲତାନବପଲ୍ଲବେ—କଳ୍ପଲତାର ନୂତନ ପତ୍ରରେ, ପଞ୍ଚଶାଖେ—(ପଞ୍ଚମାଙ୍ଗୁଳିରୂପ ଶାଖା ଥିବାରୁ) କରରେ । ୩୪ । ଅଙ୍ଗୁଳିକଳିକା-

ମୃଦୁଳତାକୁ । ଅନ୍ୟ ନୋହୁ କେହୁ ହେଲେ ଗନ୍ଧଫଳରେ ତୁଳିଲେ ବନ୍ଧନରେ ରୁନ୍ଧିବାର ଜଗତ ତାକୁ । ଧନ୍ୟ ହୀରାଙ୍କୁରକରଜା । ନିଜଗତି ଯୁବତିକଦମ୍ବଙ୍କ ରଜା । ୩୪ । ଚରମ ଗୁରୁ ନିର୍ମଳ ପରମ ରମ୍ୟ କୋମଳ ଭ୍ରମକଦଳୀଦଳଠାରୁ ବଳିବ । ଧରମରେ ଧୁରନ୍ଧର କରମବନ୍ତଜନର ନରମ ସମୟେ କରତଳେ ଖେଳିବ । ଏ କି ଦିବ୍ୟ କାଞ୍ଚନ ମହୀ । ବେଣୀ କଳାଫଣୀ ଗୁଳ୍ଚ ଲାଞ୍ଛନ ଯହିଁ ।୩୫। କୁଚକୁ ଚକ୍ରଯୁଗଳ କନକନଗ ଶ୍ରୀଫଳ ତୁମ୍ବୀ କୁମ୍ଭିକୁମ୍ଭସ୍ଥଳ ଏତେ ଉପମା । ବାଳାର ଏ ପୟୋଧର ସୁଧାସମ୍ପୁଟ-ସୋଦର କଳନୋହେ ମହତ୍ତ୍ୱର ଲାବଣ୍ୟ ସୀମା । ଏ ଯୋଗ କି ମୋତେ ହୋଇବ । ଛଇଳା ଏ ସ୍ତନେ ମୋ ସ୍ୱତକ ଛୁଇଁବ । ୩୬ । ପେଟ ଥିଲେ ପଟ୍ଟପୁଟପାକ ପ୍ରସିଦ୍ଧ ପୁରଟ ବଟଦଳ ପ୍ରତିଭଟ ଅବା ବୋଲନ୍ତି । ସ୍ତନ ମନସିଜ କେଳି-ବଡ଼ଭୀସୋପାନ ବଳି ନିୟୁରୁ ସିନା ପ୍ରଜ୍ୱଳ ରହୁଛି କାନ୍ତି । ନବ ରୋମରାଜି କପଟ । ଏ କି ବଡ଼ଭୀକି ନୀଳ ରତନ ବାଟ । ୩୭ । ବାଳା ଉରୋଜଯୁଗଳ ବ୍ୟାଜ ରଜନୀ-କମଳ ଚୁମ୍ବ ଲୋଭେ ନାଭିବିଲ ଗର୍ଭରୁ ଧାଇଁ । ଅଛି କି ମିଳିନ୍ଦଶ୍ରେଣୀ କି ମରକତନିଃଶ୍ରେଣୀ ବକ୍ଷୋଜ ସୁଷମା ରମା ସଞ୍ଚାର ପାଇଁ । କିବା ମାର କରୁଛି ମାୟା । ନିଜ ଝଣ୍ଡା ନ ଦିଶି ଦିଶୁଛି ତା ଛାୟା । ୩୮ । ନବୀନ ବିଳାସବତୀ ତନୁ ତ ନୂତନଦ୍ୟୁତି ତରଙ୍ଗିଣୀ ଏ ତ୍ରିବଳୀ ତାର ଲହରୀ । ନବ ରୋମରାଜି ନୀଳ ଦୀର୍ଘ ସୂକ୍ଷ୍ମ ଶୈବଳ ଗଭୀର ନାଭି ବିମଳତର ଭଉଁରି । ଏଥି ଯେବେ ତରୁଣୀଚିତ୍ତ ।

---

ବଳି—ଅଙ୍ଗୁଳିରୂପ ପୁଷ୍ପକଢ଼ସବୁ । କବଳି ଦେଇଛି—ଗ୍ରାସ କରି ଦେଇଛି, ପରାସ୍ତ କରି ଦେଇଛି; ମୃଦୁଳତା—କୋମଳତା, ଗନ୍ଧଫଳ—ଚମ୍ପାକଢ଼ି, ହୀରାଙ୍କୁର କରଜା—ହୀରାର ଅଙ୍କୁର ପରି ନଖ ଯାହାର; ଯୁବତୀକଦମ୍ବ—ଯୁବତୀସମୂହ । ୩୫ । ଚରମ—ପୃଷ୍ଠଦେଶ; ଭ୍ରମକଦଳୀଦଳ—ସୁନା କଦଳୀପତ୍ର; ନରମ ସମୟେ—କ୍ରୀଡ଼ାବେଳେ, ବେଣୀକଳାଫଣୀ—ବେଣୀରୂପ କଳା ସାପ, ଲାଞ୍ଛନ—କଳଙ୍କ ବା ଚିହ୍ନ । ୩୬ । ଚକ୍ରଯୁଗଳ—ଚକୁଆଚକୋଇ ପକ୍ଷୀ ଦୁହେଁ, କନକନଗ—ମେରୁ ପର୍ବତ, ଶ୍ରୀଫଳ—ନଡ଼ିଆ, ତୁମ୍ବୀ—ଲାଉ, କୁମ୍ଭିକୁମ୍ଭ—ହାତୀର ଗଣ୍ଡସ୍ଥଳ, ସୁଧା-ସମ୍ପୁଟସୋଦର—ଅମୃତପୂର୍ଣ୍ଣ ଫରୁଆ ପରି । ୩୭ । ପୁରଟବଟଦଳ—ସୁନା ଓଅର ବରପତ୍ର, ପ୍ରତିଭଟ—ସମକକ୍ଷ, କେଳିବଡ଼ଭୀ—କ୍ରୀଡ଼ା ଅଟ୍ଟାଳିକା, ନୀଳରତନବାଟ—ଇନ୍ଦ୍ରନୀଳମଣିରେ ନିର୍ମିତ ପାହାଚ । ୩୮ । ରଜନୀ-କମଳ—ମୁଦ୍ରିତ ପଦ୍ମ (ରାତିରେ ପଦ୍ମ ମୁଦ୍ରିତ ଥାଏ) । ମିଳିନ୍ଦଶ୍ରେଣୀ—ଭ୍ରମରଦଳ (ରୋମାବଳିରୂପ), ମରକତ-ନିଃଶ୍ରେଣୀ—ମରକତମଣିନିର୍ମିତ ନିଶୁଣୀ, ଝଣ୍ଡା—ପତାକା । ୩୯ । ତନୁ—ଶରୀର,

ପଡ଼ିଯିବ ବଞ୍ଚିବାକୁ ନାହିଁ ଅଯୁତ୍ତ । ୩୯ । ପାଟୀର ଚହଟୀକଟୀ ହଠିଛୁ ଯୁବକରଟି ରପୁ ମଧ୍ୟ ପରିପାଟୀ ଲୁଟି ନେବାରେ । ସମସ୍ତେ ପଦାନ୍ତେ ନିତ ବିସର୍ଗ କରୁଛୁ ସ୍ଥିତ ଡାକ ଡାକ ଡାକ ମରେ ନାଶି ହବାରେ । ଏହା ଶୋଭା ଭୁବନେ ନାହିଁ । ଅଧର ନିର୍ମିତ ବେଦୀ ମଧ୍ୟରେ କାହିଁ । ୪୦ । ବରବର୍ଣ୍ଣିନୀର ନିରନ୍ତରେ ମନ୍ମଥରଥର ଚକ୍ରଗୃହ ନିତମ୍ବକୁ ଧେନଲେ ଶତେ । ଜାମ୍ବୁନଦ ତୁମ୍ବୀ ଶିଖ ଅବଲମ୍ବୀ ଫର ପର ହେଉଛୁ ପରତେ ରତେ କି ହେବ ସତେ । ବିପରୀତେ ରହିଛୁ ପରା । ମନସିଜରାଜାର ବିଜୟ ନାଗରା । ୪୧ । ନେକ ହେଉଛୁ ଅଚ୍ଛିନ୍ନ ନୈଟକ ନୋହେ ବିଲେକନ କନକମୟ ପୂଳନ ଘନ ଜଘନ । କି ଅବା ମୀନକେତନ ଅଭିଷେକ ସିଂହାସନ କରନ୍ତା ମୋତେ ବସନ ପଙ୍କଜାସନ । ଅସ୍ତରଣ ହୁଅନ୍ତ ସୁଖେ । ନ କରି ନଜର ମନୋଜର ବିଶିଖେ । ୪୨ । ପ୍ରତୀତ ହୁଅଇ ପ୍ରଭ ପ୍ରତୀକ କାନ୍ତିସନ୍ତତ ଅନୁରୂପବନ୍ତ ଅନ୍ତ ମନୋଜବାସ । ନବ ନବନୀତ ନିତ ସାରସ୍ୱର୍ଣ୍ଣ ପରିଣତ ବହଲ ତାମ୍ବୂଳେ ଥିବ ସରୋଜବାସ । ନବ ଲୋମସ୍ତୋମ ହରଷ । ଇନ୍ଦ୍ରଗୋପପୃଷ୍ଠ ସମ ସୁଖସ୍ପରଶ । ୪୩ । ଏ ଉରୁ ଶୋଭା ସମ୍ଭାର ନାହିଁ ତ ହେମ ରମ୍ଭାର ଏହା ତୁଳାକୁ କି ଇରଭିର ଭରସା । କଲଭିଲଭିବ ନାସା ଦଣ୍ଡେ କି ଏହା ପ୍ରଶଂସା

---

ନୂତନ ଯୁଂଶତରଙ୍ଗିଣୀ—ନୂତନ ଶୋଭାର ନଦୀ । ୪୦ । ପାଟୀର ଚହଟୀକଟି—ଚନ୍ଦନସୁବାସିନୀର କଟିଦେଶ, ହଠିଛୁ—ବଳାତ୍କାର କରଛୁ, ଯୁବ—ଯୁବକ, କରଟୀ—ହାତୀ, ଯୁବକରଟିରପୁ ମଧ୍ୟ ପରିପାଟୀ—ଯୁବକସିଂହର କଟିର ସୌଷ୍ଠବକୁ । ପଦାନ୍ତେ—ବିଭକ୍ତିଯୁକ୍ତ ଶବ୍ଦ ଶେଷରେ ଓ ପାଦତଳେ, ବିସର୍ଗ—'ଃ' ଏହି ବିସର୍ଗ ଚିହ୍ନ (କଟୀ ସଙ୍ଗେ ଏହା ଉପମିତ ହୁଏ), ଡାକ—ଡମରୁ, ଡାକ ଡାକ—ଶବ୍ଦ କରି କରି । ଅଧର ନିର୍ମିତ......ଯଜ୍ଞ ବେଦୀର ମଧ୍ୟଭାଗରେ ଖୁଣ୍ଟା ନାହିଁ (ସ୍ତ୍ରୀମାନଙ୍କ ବେଦୀବିଲଗ୍ନମଧ୍ୟା କୁହାଯାଏ) । ୪୧ । ନିରନ୍ତର—ସାନ୍ଦ୍ର, ନିବିଡ଼ । ଜାମ୍ବୁନଦ...ସୁନା ଲଉ ପରି ସୁନ୍ଦର; ଫର ପର—ଢାଲ ପରି । ୪୨। କନକମୟପୁଳନ—ସ୍ୱର୍ଣ୍ଣମୟ ତୀରଭୂମି, ଘନଜଘନ—ନିବିଡ଼ ଜଙ୍ଘ, ବସନ—ଅଚ୍ଛାଦନ ବସ୍ତ୍ର, ପଙ୍କଜାସନ—ବ୍ରହ୍ମା, ଅସ୍ତରଣ—ଅଚ୍ଛାଦନ ବସ୍ତ୍ର, ନଜର—ଦୃଷ୍ଟି, ମନୋଜର ବିଶିଖ—କନ୍ଦର୍ପବାଣ । ୪୩ । ପ୍ରତପ୍ରତୀକ......ପ୍ରଭ ଇନ୍ଦ୍ରିୟର ଲାବଣ୍ୟସମୁଦ୍ରର ଅନୁରୂପ, ମନୋଜବାସ—କାମଗୃହ, ସ୍ତ୍ରୀଚିହ୍ନ । ସାରସ୍ୱର୍ଣ୍ଣ ପରିଣତ—ଉତ୍କୃଷ୍ଟ ସୁବର୍ଣ୍ଣର ଅବସ୍ଥାନ୍ତର ପ୍ରାପ୍ତି, ସ୍ତୋମ—ସମୂହ । ଇନ୍ଦ୍ରଗୋପପୃଷ୍ଠ—ସାଧବାଣୀପୋକର ପିଠିପରି । ୪୪। ଶୋଭାସମ୍ଭାର—ସୌନ୍ଦର୍ଯ୍ୟସଂଗ୍ରହ, ହେମରମ୍ଭା—ସୁବର୍ଣ୍ଣ କଦଳୀ, କରଭ—ମଣିବନ୍ଧଠାରୁ କାଣୀ ଅଙ୍ଗୁଠି ଶେଷ ପର୍ଯ୍ୟନ୍ତ କରତଳର

ରସାଳସା ରସାଶୟ ସଦୃଶଦୃଶା । କି ଭାଗ୍ୟ ଏ ନୟନ ପଥ । ମଣ୍ଡିଲା ପୂର୍ଣ୍ଣ କରିବି କି ମନୋରଥ । ୪୪ । କି ଘାଟ ହାଟକସ୍ତମ୍ଭ ସଙ୍ଘାତ ଗରବାରମ୍ଭ ସଙ୍ଘାତ ଘାତବିଧିରେ ଅଧ୍ୱରଯୂପ । ଚରଣଯୁଗଳ ଛବି ବରନି ନ ପାରି ଦବି ରହିଛି ପୂର୍ବରୁ ଭାବି ଶ୍ରୀହସ୍ତରୂପ । ଶଶୀଙ୍କ ନ ଜିଣିଲା ମୁଖ । ଦାରା ତାରାଭୟେ ଭଜି ହେଲେ କି ନଖ । ୪୫ । ଗମନ ମତମାତଙ୍ଗରାଜ ରଥ-ଚରଣାଙ୍ଗ ଗରବ ଗରମ ଭଙ୍ଗ ପଟୁତ୍ୱସୀମା । ଶିରୀଷମାଳ ମାଳତୀ ନବୀନ ଲବଣୀ ପ୍ରଭୃତି ସିନା ଘଟସ୍ତନା ତନୁମ୍ରଦିମା । କି ହେବଟି ସେବଲେ ପାଶେ । ବିକଚ କମଳବନୀ ପରିଏ ବାସେ । ୪୬ । ଏପରି ନାଗରମଣୀ ସେବିତ ନାଗରୀମଣି ପ୍ରୀତି ବିନା ଗର ମଣି ତେଜେ ବିଭବ । ମଦନଦର-ଦନ୍ତୀର ଦଶାରେ ଦିବସାନ୍ତର ହୁଅନ୍ତେ ନଟ ପ୍ରକଟ କଲା ପ୍ରଭାବ । ଦିନ ଥାଉ ହେଲା ତ୍ରିଯାମା । ପିନ୍ଧିଲା ବ୍ୟୋମ ଅନ୍ଧାର ସୁନୀଳଜାମା । ୪୭ । ନ ଦିଶିଲେ ସଖା ଅଳୀ ଜିଣିଲା ପ୍ରଦୀପାବଳୀ ଜଳି ଲଳିତଉଦରୀ ତନୁ କମ୍ପିଲା । ମିଶିଗଲା ଗୃହବନେ ହ ଦିଶିଗଲା ଦୂଇଗାର ସପୁଲକ ହୋଇ ସ୍ମରଶରେ କମ୍ପିଲା । ଊରୁଊରୁ କରଚରୁକେ । ଜନ୍ମିଲା ବେପଥୁ ଦୂଇ ଶ୍ରୀଅଙ୍ଗ ଯାକେ । ୪୮ । ଧନରେ ମୁଁ ମହାଗଜଘୋଷ ମହେନ୍ଦ୍ର ତନୁଙ୍କ

---

କହର୍ଭାଗ ( ଊରୁ ସଙ୍ଗେ ଉପମିତ ), କଲଭ—ହାତୀଛୁଆ, ନାସାଦଣ୍ଡ—ଶୁଣ୍ଢ, ରସାଳସା—ରସମୁଗ୍ଧା, ରସାଶୟ ସଦୃଶଦୃଶା—ରସର ଆଧାରସ୍ୱରୂପ ଚକ୍ଷୁ ଯାହାର । ୪୫ । ହାଟକସ୍ତମ୍ଭ—ସୁନା ଖମ୍ବ, ଗରବାରମ୍ଭସଙ୍ଘାତ—ଅହଙ୍କାର ସମୂହର, ଘାତବିଧିରେ—ହତ୍ୟା ବ୍ୟାପାରରେ, ଅଧ୍ୱରଯୂପ—ଯଜ୍ଞସ୍ତମ୍ଭ (ଯଜ୍ଞରେ ପଶୁକୁ ଯୂପରେ ବାନ୍ଧି ହତ୍ୟା କରାଯାଏ) । ଶ୍ରୀହସ୍ତରୂପ—ସରସ୍ୱତୀଙ୍କର ହସ୍ତର ରୂପ, ଦାରତାରା—ତାରକାରୂପ ସ୍ତ୍ରୀମାନେ ( ତାରାମାନେ ଚନ୍ଦ୍ରଙ୍କ ସ୍ତ୍ରୀରୂପେ କଳ୍ପିତ ) । ୪୬ । ଏ ସ୍ତ୍ରୀର ଗତି ମତ୍ତମାତଙ୍ଗରାଜ ( ମତ୍ତହସ୍ତି ଶ୍ରେଷ୍ଠ )ର, ରଥଚରଣାଙ୍ଗ—( ରଥଚକ୍ର )ର ଗର୍ବ ଧ୍ୱଂସ କରିବାରେ ନିପୁଣ, ପ୍ରଭୃତି—ପ୍ରଭୃତିଯୋଗ୍ୟ, ସମସ୍ତଙ୍କ; ତନୁମ୍ରଦିମା—ଶରୀରର ମୃଦୁତା; ବିକଚକମଳବନୀ—ପ୍ରସ୍ଫୁଟିତ ପଦ୍ମବନ । ୪୭ । ନାଗରମଣୀସେବିତ···ନାଗକନ୍ୟାମାନେ ଯାହାକୁ ସେବା କରୁଥିଲେ । ନାଗରୀମଣି ପ୍ରୀତିକି···ସେହି ନାଗରୀଶ୍ରେଷ୍ଠାର ପ୍ରୀତିତୁଳନାରେ ପ୍ରଚୁର ବିଭବକୁ ଗର ମଣି ( ବିଷଜ୍ଞାନ କରି ), ମଦନଦର ଦନ୍ତୀ—କାମଭୟରୂପ ହସ୍ତୀ; ଦିବସାନ୍ତର—ଦିବାବସାନ, ନଟ—ଐନ୍ଦ୍ରଜାଲିକ, ତ୍ରିଯାମା—ରାତ୍ରି । ୪୮ । ଉପସ୍ଥିତ ସଖା ଓ ସଖୀମାନଙ୍କୁ ଦେଖାଗଲା ନାହିଁ । ଜଳି—ଚକ୍ ଚକ୍ ହୋଇ, ଲଳିତାଉଦରୀ—ଲଳିତ ଉଦରଯୁକ୍ତା (ମାୟା ଯୁବତୀ), ସପୁଲକ—ରୋମାଞ୍ଚିତ, ବେପଥୁ—କମ୍ପ ।

ଧନ ହେ ମୁଁ ସରସିଜକୁଳଦୁଲ୍ଲଣୀ । ଏତେ ମାତ୍ର ସାଲାପରେ ପ୍ରସୂନଶୃପ
ରେପରେ ଗଲା ଗୁନ୍ଥାପର ହୁଇ ଶରୀର ଝାଲ । ପରସ୍ପର ରଦନବାସ ।
ନିବଡ଼େ ପୀଡ଼ି ପିଇଲେ ତହୁଁ ପୀୟୂଷ । ୪୯ । ଗର୍ଭକେତକୀ ପାଖୁଡ଼ୀ ଗୋରୀ
ସ୍ତନେ ହେଲା ଭିଡ଼ି ଚରମରେ ବୁଡ଼ି ବୁଡ଼ି ସଞ୍ଚା ରହିଲା । ଦୁହିଙ୍କ
ତାମ୍ବୂଳବୋଳ ମଣ୍ଡି ଦୁଇ ଓଷ୍ଠଦଳ ତହିଁ ଦନ୍ତକ୍ଷତଲକ୍ଷ୍ମୀ ସଞ୍ଚାର ହେଲା ।
ସୁଖୀ ବ୍ରହ୍ମାନନ୍ଦ ଅମଳେ । କିଶୋର କିଶୋରୀ ଦୁହେଁ ଅଚେଷ୍ଟ ହେଲେ ।
୫୦ । ଏକାଳେ ମୋହନ ଡାକ୍ଷ ବଜାଇ ସେ ନଟନେଟ୍ଟା ଶାବରମନ୍ତ୍ରରେ
କି କି ଗାଇଲା ଗୀତ । ମାୟା ଜେମା ଆଦ ନଟ ବିଧି ହେଲା ଅପ୍ରକଟ
କ୍ରମେ ଅପେ ହେଲା ପୁଣି ଅନ୍ତର୍ହିତ । ଦିବସ ବିବଶ ହୋଇଲା ।
ରବିକର ମାୟା ନିଶାମସୀ ଧୋଇଲା । ୫୧ । ସେ ଦିନ ସେହି ସମୟେ
ଚନ୍ଦ୍ରକଳା ସ୍ୱନିଳୟେ ପ୍ରମୋଦମୋଦହୃଦୟେ ପହୁଡ଼ିଥିଲା । ତ୍ରିପୁର-
ସୁନ୍ଦରୀ ପରସାଦୁ ଅନଙ୍ଗସୁନ୍ଦର ସମ୍ଭୋଗ ସୁମନୋହର ସ୍ୱପନ ହେଲା ।
ମାୟା ସ୍ୱପ୍ନଭଙ୍ଗେ ସେ ଦୁହେଁ । ଭିନ୍ନହୋଇଲେ ବିରହ ଅନଳଦାହେ ।
୫୨ । ତଥାପି ଭୂପୁରନ୍ଦର ସୁତ ଅନଙ୍ଗସୁନ୍ଦର ମରନ୍ତ ଧୈର୍ଯ୍ୟମନ୍ଦର ପରି
ଉଭାରି । ମଦନାଗ୍ନି ନିରନ୍ତର ଦହିଲେହେଁ ହୃଦନ୍ତର ପ୍ରକାଶ ନ କରି
ରଖିଥାଏ ଉଭାରି । କ୍ରମେ କ୍ରମେ ମାତ୍ର ଇଙ୍ଗିତେ । ରାଜବଲ୍ଲଭଙ୍କୁ ଜଣା
କରାଏ କେତେ । ୫୩ । ଜୀମୂତ ତମାଳକାନ୍ତ ଚନ୍ଦ୍ରମୁକୁଟ ଭୂଷିତ ଅଚଳାଙ୍ଗ-
ଭବାନାଥ ଶିବ ଶ୍ରୀରାମ । ରାମଚନ୍ଦ୍ରଦେବ କ୍ଷିତିପୁରନ୍ଦର ହୃଦେ ନିତି
କରିବେ କି ନିଜ ତେଜ ପ୍ରକାଶଧାମ । କୁମାରମୋହନ ଏ ଗ୍ରନ୍ଥ ।
ବେଦାଧିକ ପଞ୍ଚାଶତସଂଖ୍ୟକ ପଦ । ୫୪ ।

---

୪୯ । ପ୍ରସୂନଶୃପରେପରେ—କନ୍ଦର୍ପବାଣରେ, ଗୁନ୍ଥା ପରି—ଗୁନ୍ଥା ହେଲା ପରି, ଝାଳଗଲା—ପରସ୍ପର ମିଶିଗଲା, ରଦନବାସ—ଅଧର । ୫୦ । ଚରମରେ—ପିଠିରେ, ସଞ୍ଚା—ଚିହ୍ନ, ଦନ୍ତକ୍ଷତଲକ୍ଷ୍ମୀ—ଦନ୍ତାଘାତଜନିତ ଶୋଭା, ଅଚେଷ୍ଟ—ଅଜ୍ଞାନ । ୫୧ । ମୋହନଡାକ୍ଷ—ବିମୋହନ ଡମ୍ବରୁ, ରବିକର···ସୂର୍ଯ୍ୟରଶ୍ମି ଦ୍ୱାରା ମାୟାରଜନୀର କାଳିମା ଧୋଇଗଲା, ଅର୍ଥାତ୍ ମାୟାରାତ୍ରି ଉଭେଇଗଲା; ସୂର୍ଯ୍ୟ-କିରଣ ଦିଶିଲା ।୫୨। ତ୍ରିପୁରସୁନ୍ଦରୀ—ଚନ୍ଦ୍ରକଳାର ଇଷ୍ଟଦେବୀ । ୫୩ । ମରନ୍ତ—ହୃଦୟରେ, ଉଭାରି—ଦଣ୍ଡାୟମାନ ହୋଇ, ଉଭାରି—ଘୋଡ଼ାଇ । ୫୪ । ଜୀମୂତ-ତମାଳକାନ୍ତ—ମେଘ ଓ ତମାଳବୃକ୍ଷ ପରି କମନୀୟ (ଶ୍ରୀରାମ), ଅଚଳାଙ୍ଗଭବାନାଥ—ପାର୍ବତୀପତି (ଶିବ), ସୀତାପତି (ଶ୍ରୀରାମ) ।

# ଏକବିଂଶ ଛାନ୍ଦ

ରାଗ—ଶଙ୍କରାଭରଣ

(ସ୍ୱପ୍ନାନ୍ତ ବିଳାପ)

ଦିବସ ତୃତୀୟଯାମ ସମୟରେ ଦିନେ । ପହୁଡ଼ିଥିଲି କିଶୋରୀରତନ ଭବନେ । ଦେବୀ କଲେ କି କରୁଣା । ସ୍ୱପନେ କି ଭେଟ ହେଲି ତାହାଙ୍କୁ ସେ ଜଣା । ୧ । କାତରେ ତରଳତରନେତ୍ରା ନିଦ୍ରା ତେଜି । ଘନାଙ୍କେ ଚଞ୍ଚଳାପରି ଶେଯରେ ବିରାଜି । ଦୃଷ୍ଟି ନ୍ୟାସ କରି ଅଙ୍କେ । ଖେଳାଇଲି ଦୁଇ ଭୁଜବଲ୍ଲରୀ ପଲଙ୍କେ । ୨ । ଅପାତଳ ତଳପତ କରେ ଦେଇ ଟାଣି । ତୋଳି ତୂଳି ତକିଆତଳକୁ ଗୁହିଁ ପୁଣି । କୁଚ କାଞ୍ଚୁଲି ଫେଡ଼ିଲି । ଉଭିରି ଉରଉପରି ଅମ୍ବର ଝାଡ଼ିଲି । ୩ । ପୁଣି ଅଂସ ଅବତଂସ ଖୋସା ଶିଥିଳାଇ । ବକୁଳ ଚଉଁରୀଗର୍ଭେ ଅଙ୍ଗୁଳି ଗଳାଇ । ଫେରାଇଲି କର୍ଣ୍ଣଭୂଷା । ହୋଇଲି ବିଗତା ଶ୍ୱାସ ଗ୍ଲାନ ମୃଗଦୃଶା । ୪ । କମ୍ପାଇ ବନ୍ଧୁକବନ୍ଧୁ ରଦନଚ୍ଛଦନ । ବିକଳେ ଏପରି ଧୀରେ ରଚିଲି ରୋଦନ । ହା ମୋ ପ୍ରାଣ ସହଚରି । କି ଦୋଷୁଁ ନୋହୁଛ ମୋରେ ଲୋଚନଗୋଚର । ୫ । କିଶୋରକିଶୋରୀ ଅହେତୁକ ଦୟାଳୁ ହେ । ମୁଁ ଯେବେ ତୁମ୍ଭର ଦରଶନ ଯୋଗ୍ୟ ନୁହେଁ । କାହିଁପାଇଁ ଦେଲ ଦେଖା । ରଖାଇ ମୋ କରରେ ଶରୀର ଭାଗ୍ୟ ରେଖା । ୬ । ଦରଶନ ହେବାଭଳି ନୋହେ ଯେଉଁ ଥର । କରି କି ତାହାରେ ଅଲିଙ୍ଗନ ଅଙ୍ଗୀକାର । ଅହେ ବିବେକଜଳଧି । ଛଡ଼ାଇ ନେଇ କି ରଙ୍କଅଙ୍କେ ଦେବା ନିଧି । ୭ । ଧରି ଅଙ୍ଗରାଗ ପରି ଜମାଇ ଦେହରେ । ପିଅଇ ଦଶନବାସୁଁ ପୀୟୂଷ ସ୍ନେହରେ । କେଉଁ ଅପରାଧୁ ପୁଣି । ଅପ୍ରକଟ ହେଲ ହେ ସୁନ୍ଦରଶିରୋମଣି । ୮ । ଅକିଞ୍ଚନ ଆଗେ ମଣିମଞ୍ଜୁଷ ଫିଟାଇ । ଅନାଇବା କାଳେ ଦେଲ ନୟନ ଫୁଟାଇ । ଏ କି

---

ଏକବିଂଶ ଛାନ୍ଦ

୨ । ଘନାଙ୍କେ ଚଞ୍ଚଳାପରି—ମେଘ କୋଳରେ ବିଜୁଳି ପରି । ୩ । ଅପାତଳ ତଳ୍ପ—ଗଦି ପ୍ରଭୃତି ମୋଟା ଶେଯ, ତୂଳି—ତୂଳା ରେଜେଇ, ଉଭିରି—ଠିଆ ହୋଇ, ଅମ୍ବର—ଲୁଗା । ୪ । ଅଂସ—କାନ୍ଧ, ଅବତଂସ—ଭୂଷଣ, ବିଗତା—କଷ୍ଟଭୁ । ୫ । ବନ୍ଧୁକବନ୍ଧୁ—ବନ୍ଧୁକପୁଷ୍ପସଦୃଶ, ରଦନଚ୍ଛଦନ—ଅଧର ।୮। ଦଶନ-

ହୋଇଲା ଜଗତ । ଏବେ ଯାନଦଯ୍ୱାରେ ଉଦ୍ୟତ ହେଉ ଶତ୍ରୁ । ୯ । ବନ୍ଧୁ ହେ ଅଧରକୁ ଦେଲ ଚଷୁଲଭ ସୁଖ । ଲବମାନେ ନବନେନେ ମାରଦେଲ ନଖ । ନୋହେ ଏ ତ ପ୍ରଭୁଗୀତ । ଅଜ ଙ୍କ ମସ୍ତକେ ଶେଷ ବହୁବେ ଜଗତୀ । ୧୦ । ନ କଲେ ପହିଲୁ ନ କର ସେ ଅଙ୍ଗୀକାର । ଅଙ୍ଗୀକାର କର ପରତ୍ୟାଗ କରବାର । ନ୍ୟାଯ୍ୟପଥରୁ ଫିଟିଲା । ଶରଣପ୍ରପନ୍ନ ଜନ ଭରସା ତୁଟିଲା । ୧୧ । କ୍ଷଣେ ଶଟି ନାହିଁ ରଙ୍ଗରାଜୀବ ପା ତଳ । ବନା ଅପରାଧେ ହେଲ ସେ ସ୍ନେହ ପାତଳ । ମନ୍ଦଭାଗିନୀ ତ ମୁହିଁ । ଅପରାଧ ହେବା ସେବା ଭଲ କାଲ କାହିଁ । ୧୨ । ଅକାଳ ଜଳଦମୁକ୍ତ ସଲିଲ-ଶୀକର । ପଡ଼ିବା ସମୟେ ଚଞ୍ଚୁପୁଟେ ଗୃହକର । କାହିଁ ବହୁ ପବମାନ । ଭାଙ୍ଗିଲା ଗୃହକ ଅଶାତରୁ ପବମାନ । ୧୩ । ଧନ ରେ ମୁଁ ମହାଗଜଘୋଷ ନୃପସୁତ । ଏହି ମନ୍ତ୍ରେ ମନ୍ତ୍ରି ହାଲାହଲ ଙ୍କ ଅମୃତ । ଦନ୍ତଚେଲୁ ପିଅଇଲ । ଯେମ୍ଭାଇ ଚେତନା ନାଶି ବୋଲ ଜୀଅଇଲ । ୧୪ । ସେ ଅମଲ ସମୟେ କ ଦେଲ ଗାଢ଼େ ଭିଡ଼ି । ଲଗାଇ ମାଣିକ୍ୟମଣିକରକଣ ଚୁଡ଼ି । ମୃଦୁ ତନୁକୁ ବାନ୍ଧିଲ । ତହୁଁ ଦବ୍ୟଚଉ କ କୋଧକୁ ଅରାଧିଲ । ୧୫ । ଆହେ ପଣ୍ଡିତ ମଉଳୀମଣ୍ଡଳୀମଣ୍ଡନ । ଅଜ୍ଞାତ ଦୋଷକୁ ରୋଷ ଅତୁର କ ଘେନ । ଅହେ କ୍ଷମାଗୁଣସୀମା । ଦୋଷ କରଥିଲେ ଜନବାର କର କ୍ଷମା । ୧୬ । ଜଗତୀଭୂଷଣ ହେ କୁସୁମାୟୁଧରୁଚ । ଅଞ୍ଚଲ ପ୍ରସାରି ଦନ୍ତେ ମୁଁ ତୃଣ ଧରୁଚ । କରୁଅଛୁ ଦଣ୍ଡବତ । ଶୁଣାଅ ସୁମଧୁର ଭାରତୀ ଖଣ୍ଡବତ । ୧୭ । ବହିବ ଲାଗି କଠାଉ ସରବଦା ଶିରେ । ରହିବି ମୁଁ କଣେ ହୋଇ ସରବ ଦାସୀରେ । ଅହେ ଶରଦନ୍ଦୁମୁଖ । ତାହାଙ୍କ ଚରମାଚରୀ କର ହେଲେ ରଖ । ୧୮ । ଭଜଥିବ ନିଦ୍ରାହାର ବିହାର ବରଜ । ହେଉଥିବ ଯେଉଁ ସେବା ଘେନବା ମରଜ । ମୁଁ କ ନ କରବ ରାଜ । ଏକା ମୋ ନୟନପଥେ ଥିବ କ ବରାଜ । ୧୯ । ଦରଶନସୁଖ-

---

ବାସୁଁ—ଅଧରକୁ । ୯ । ମଣିମଞ୍ଜୁଷ—ରତ୍ନପୂର୍ଣ୍ଣ ପେଡ଼ି । ୧୦ । ଶେଷ—ସର୍ପରାଜ, ଶେଷଦେବ । ୧୨ । ରଙ୍ଗରାଜୀବପାତଳ—ରକ୍ତପଦ୍ମରୂପ ପାଦର ତଳ; ପାତଳ—କ୍ଷୀଣ । ୧୩ । ସଲିଲଶୀକର—ଜଳବିନ୍ଦୁ, ପବମାନ—ପବନ, ଅଶାତରୁ ପବମାନ—ଅଶାରୂପ ବୃକ୍ଷର ସବୁ ଗଣ୍ଠି ।୧୪। ଦନ୍ତଚେଲୁ—ଅଧରକୁ ।୧୬। କୁସୁମାୟଧରୁଚ—କନ୍ଦର୍ପସୁନ୍ଦର; ଅଞ୍ଚଲ—କାନି ପ୍ରଣତ । ୧୮ । ତାହାଙ୍କ ଚରମାଚରୀ—ଦାସୀଙ୍କ

ଶତମଖଭୁତଦାନେ । ନ ରଖିବ ଯେବେ ପଦକଞ୍ଜ ସନ୍ନିଧାନେ । ନାସ୍ତି
ନାଶ ଦୋଷ ପାଇ । ଭୁବନଭୂଷଣଦୋଷ ଦେଲଟି ବୁଡ଼ାଇ । ୨୦ ।
ତୁମ୍ଭ ନାମେ ପିଇବ ଅବଶ୍ୟ କାଳକୂଟ । ଗଳେ ଭିଡ଼ହେବ ଅବା ଲଗି
ଶେଷ ପଟ । ଲୀଳାବାପୀଗର୍ଭେ ଅବା । ପଡ଼ି ପ୍ରାଣ ଛାଡ଼ିବ ହେ ତରୁଣୀ-
ମଘବା । ୨୧ । ଆହା କି ସୁନ୍ଦର ସୁକୁମାର ପ୍ରତିଅଙ୍ଗ । କି ନବୀନ
ଯଉବନ କି ଲୋଳ ଅପାଙ୍ଗ । କି ମୃଦୁଲ ମନ୍ଦହାସ । ସୁଧାରୁ ଧାରଙ୍କେ
ତୁଲ୍ୟ ସ୍ୱାଦୁ ରଦବାସ । ୨୨ । କି ସରସଗଭୀର ସମ୍ଭାର ଭାଷାଭଙ୍ଗୀ । କି
ପଟୁନାଟଲମ୍ପଟ ଭ୍ରୂବଲ୍ଲୀ ଭୁଜଙ୍ଗୀ । କେଡ଼େ ସୁବାସିତ ତନୁ । ବଳିଥିବ
ବାସନ୍ତିକ ଅରବିନ୍ଦ ବନୁଁ । ୨୩ । ପିଇ ନ ପାଇଲ ଯାହା ବର୍ଣ୍ଣିବଟି କେହି ।
ଜୀବନ୍ତକୁ ଛାଡ଼ି ଦେହି ପାରିବ କି ରହି । ଉପାୟ ତ ଦିଶୁନାହିଁ । କି
କରିବି କାହିଁ ଯିବି ରହିବଟି କାହିଁ । ୨୪ । ଦଣ୍ଡିକର ବିରହ ତ ହେଲ
କଳ୍ପ ପର । ଚିର ହେଲେ କି ରହି ପାରିବ ଦେହ ଧରି । ମନେ
ପଡ଼ିଲେ ତ ଶଶୀ । ମାର୍ତ୍ତଣ୍ଡମଣ୍ଡଳ ପରି ଗଲାନି ଆଭାସି । ୨୫ । ପ୍ରଳୟ
କାଳ ଅନଳ ଜ୍ୱାଳାରୁ ତ ମୋତେ । ମଳୟବନ ପବନ ହେଲାନି
ପରତେ । ମଳୟଜ ଘନସାର । ଗୋଳା ହାଲାହଲଠାରୁ ହେଲାନି
ଅସାର । ୨୬ । ଲଗିବାସ ଆସି ଆଶୀବିଷରୁ ବଳିଲା । କରପ୍ରାପ୍ୟ
ସୁରତରୁ ଉପଳ ଫଳିଲା । ଭଲ ଭଲ ରେ ଲଲାଟ । ଛୁଇଁବା ବିଶୁଦ୍ଧ
ହେମ ହେଲା ଆରକୂଟ । ୨୭ । ଧିକ ଧିକ ଅବିବେକ ହେ କମଳାସନ ।
ଭୋକି କରେ ଦେଇ ସୁଧା ସଦୃଶ ଅଶନ । ପୁଣି ନେବାର ଛଡ଼ାଇ ।
ଘେନ ତ ଏ କେଉଁ ବଡ଼ଲୋକର ବଡ଼ାଇ । ୨୮ । ପିତାମହ
ହେବାରୁ କି ପରିହାସ କରି । ଛପାଇ ରଖିଛ ମୋର ସଉଭାଗ୍ୟ-
ଶିରୀ । ଏବେ ଅଣ୍ଟିଲା ନାହିଁ କି । ନାସ୍ତି ମରିଯିବାଯାଏ
କୁଗ୍ରହ କାହିଁକି । ୨୯ । ତୁମ୍ଭେ ସତ୍ୟ ଲୋକନାଥ ପରା ଚତୁର୍ମୁଖ ।

---

ପଛରେ ରହିବା ରୁକ୍ମିଣୀ ବା ସ୍ୱାନା ଦାସୀ । ୨୦ । ଦରଶନସୁଖ - ଦର୍ଶନସୁଖରୂପ
ଇନ୍ଦ୍ର ସମର୍ପି ଦେବାରେ । ୨୧ । କାଳକୂଟ — ବିଷ, ଲୀଳାବାପୀ — କ୍ରୀଡ଼ା ପୁଷ୍କରିଣୀ ।
୨୩ । ସମ୍ଭାର — ପରିପୂର୍ଣ୍ଣତା (ଯୁକ୍ତ) । ୨୫ । ଚିର — ଦୀର୍ଘକାଳସ୍ଥାୟୀ । ୨୬ । ମଳୟଜ
— ଚନ୍ଦନ, ଘନସାର — କର୍ପୂର, ହାଳାହଳ — ବିଷ । ୨୭ । ଆଶୀବିଷ — ସାପ,
ସୁରତରୁ — କଳ୍ପଲତା, ଉପଳ — ପଥର, ହେମ — ସୁନା, ଆରକୂଟ — ପିତ୍ତଳ ।
୨୮ । କମଳାସନ — ବିଧାତା, ବ୍ରହ୍ମା ; ଅଶନ — ଭୋଜନ । ୨୯ । ପିତାମହ — ବ୍ରହ୍ମା ଓ

ମିଥ୍ୟା କର ମୁଁ ସାକ୍ଷାତ ଭୋଗ କଲି ସୁଖ । ଜନନୀନିନ୍ଦାରୁ ନ ଡର । ପ୍ରଭୁ ହେଲେ ହେଲେ ନାକ ଏତେ ଅବଗୁର । ୩୦ । ଅଧୀରହିଁ ହେଲେ କରେ ପର ଉପକାର । ବଧିରହିଁ ହେଲେ ଶୁଣେ ଅତ ଉଚ୍ଚସ୍ୱର । ଶ୍ରୁତିମୟୂ ଗୋଟିଯାକ । ହୋଇ ତ ନ ଶୁଣ ପରମାର୍ତ୍ତି ଜନ ଡାକ । ୩୧ । ଏପରି ସେ ପରିଣତ ଶରଦିନ୍ଦୁମୁଖୀ । ବିକଳ ହୁଅନ୍ତେ ଚେତ କୁନ୍ଦଲତା ସଖୀ । ମୁଖ ପୋଛି କୋଳେ ଧରି । ପଗ୍ଭରିଲା କିସ ରେ. ଅଶ୍ରିତ ଜୀବେଶ୍ୱରୀ । ୩୨ । ପୁନଃ ପୁଚ୍ଛି ସ୍ୱପ୍ନରେ କି ଦେଖିଲୁ କି କହ । କପଟ ନ କର ମୋରେ ଅଛି ଯେବେ ସ୍ନେହ । ମୋ ଶିରର ସବତଟି । କହ କହ ରେ ତରୁଣକଣ୍ଠୀରବ-କଟି । ୩୩ । ପ୍ରାଣସଖୀ ବାଣ ଶୁଣି ବିଳମ୍ବ ନ ସହ । ଦେଖାଇ ସମ୍ଭୋଗ ଚିହ୍ନ ସ୍ୱପ୍ନଗତ କହ । କହିଲା ରେ ସ୍ନେହଶୀଳା । ରଖ ମୋତେ ହୋଇ ଦୁଃଖତରଙ୍ଗିଣୀଭେଳା । ୩୪ । ଶୁଣି ତା ଚିବୁକ ଧରି ଜଣାଇଲା ସଖୀ । ଚିତ୍ତରୁ ଚିନ୍ତାକୁ ତେଜ ଅଜନମସୁଖି । ଧାତା ଅଛି ଅନୁକୂଳ । ବିକାଶକୁ ଅଛି ମାସ ତୋ ଭାଗ୍ୟମୁକୁଳ । ୩୫ । ରଜକୀ ନାପିତ୍ନୀ ଗୋପୀ ମାଳାକାରନାରୀ । ଏମାନଙ୍କଠାରୁ ମୁଁ ଶୁଣିଲି ତଥ୍ୟ କରି । ତାତ ମହାରାଜ ପୁଣି । ତୋର ପରିଣୟ ମଙ୍ଗଳକୁ ହୃଦେ ଗୁଣି । ୩୬ । ଅଙ୍ଗୁ ବରଫଳ ତଳୁ ଭଲ ମନ୍ତ୍ରୀ ତୁଲେ । ନଟରାଜ ନାମ ମାୟାବୀକି ଡକାଇଲେ । କଲେ ଏହି ଫରମାସ । ବୁଲିବୁ ତୁ ନିଜବିଦ୍ୟା ଘେନି ସବୁ ଦେଶ । ୩୭ । ନୃପକୁଳେନ୍ଦ୍ରର ଯେଉଁଟି ପ୍ରଥମ ତନୁଜ । ରୂପରୁ ଯାହାର ଊଣା ହେବ ମନସିଜ । ବାହୁଯୁଗଳୀର ବଳେ । ଜୟୀକର ଯିବ ଧନଞ୍ଜୟକୁ ଯେ ହେଲେ । ୩୮ । ବୀରସେନସୁତ ହାରି ଯା ସାଦୀପଣରୁ । ବରସେ ନ ବାହାରିବେ କୁଟ୍ଟିମକୋଣରୁ । ଜାଣି ପଉଗଣ୍ଡ ଶେଷ । ହୋଇଥିବ ଯାର କିଶୋରତା ପରିବେଶ । ୩୯ । ସର୍ପରାଜଦର୍ପ ଯହିଁ ବିଦ୍ୟା ହରିଥିବ । ବିତରଣଶୀଳଗୁଣେ ଇତର ନ ଥିବ । ଊଣା ହେବେ କର୍ଣ୍ଣ ବଳି । କ୍ଷମାଗୁଣେ କ୍ଷମାରୁ ଯେ ପଡ଼ିଥିବ ବଳି । ୪୦ । ରବିଙ୍କୁ ବି

(ପିରହାସ ପ୍ରିୟ) ପିତାଙ୍କ ପିତା, କୁଗ୍ରହ—କୋପ । ୩୧। ଅଧୀର—ମୂର୍ଖ, ବଧିର—କାଲ, ଶ୍ରୁତିମୟୂ—ବେଦଙ୍କ ଅଥବା ବହୁକର୍ଣ୍ଣଯୁକ୍ତ, ପରମାର୍ତ୍ତି—ଅତିଦୁଃଖିତ । ୩୩ । ମୋ ଶିରର ସବତଟି—ମୋ ମୁଣ୍ଡ ରାଣ । ୩୫ । ବିନା—ଅଭାବ । ୩୮ । ଧନଞ୍ଜୟ—ଅର୍ଜୁନ ବା ଅଗ୍ନି । ୩୯ । ବୀରସେନସୁତ—ନଳରାଜା, ସାଦୀପଣ—ଅଶ୍ୱାରୋହଣ, ବରସେ—ଦୁଃଖରେ, କୁଟ୍ଟିମକୋଣ—କୁଡ଼ିଆ ଘରର କୋଣ, ପଉଗଣ୍ଡ—ଦଶମବର୍ଷପର୍ଯ୍ୟନ୍ତ ଅବସ୍ଥାକୁ ପୌଗଣ୍ଡ କହନ୍ତି । ୪୦। ବିତରଣଶୀଳଗୁଣ—

କରୁଥିବ ପ୍ରତାପ ଯାହାର । ସମାନ ଶୀତଳଗୁଣେ ଯାହାର ନୀହାର । ମନ୍ତ୍ରେ ଜୀବପ୍ରତିଭଟ । ଯେହୁଟି ଧାର୍ମିକ ସାଧୁ ସଂସର୍ଗଲମ୍ପଟ । ୪୧ । ଅନୀତ ଲୋଲୁପ ପରଦାରାଧନ ରତ । ଦୁଷ୍ଟ ଲମ୍ପଟ ମିଥ୍ୟାବାଦୀ ଅପଣ୍ଡିତ । ଯାହା ସଭାରେ ନ ଥିବେ । ଯା ହାସ ଅଧରୁ ବକ୍ର ନ ଥିବଟି ଲବେ । ୪୨ । ଦେବ କ୍ଷିତିଦେବ ଗୁରୁ ବଇଷ୍ଣବ ଜନ । ସେବନରେ ଶକ୍ତ ହୋଇଥିବ ଯାର ମନ । କର୍ଣ୍ଣପ୍ରିୟ ମୃଦୁଭାଷା । ଯାହା ମୁଖ ଝରୁଥିବ ପୀୟୂଷବରଷା ।୪୩। ସଙ୍ଗୀତେ ଗନ୍ଧର୍ବ ଗର୍ବ ଦେଉଥିବ ଚୁର । ଯାହା ଧୃତି ହୋଇଥିବ ମଣିସାନୁ ସର । ହୋଇଥିବ ମହୋଦ୍ୟମ । ଅମ୍ଭୋଧିରୁ ବଳିଥିବ ଗମ୍ଭୀରତା ପୁଣ । ୪୪ । ଅସଂଖ୍ୟକ ହୟ ଗଜ ସଂଜ୍ଞ ଯାହାର । ରମାରତିବନ୍ଧୁ ନାମ କଦମ୍ବ ଯାହାର । ଷଠ ପଞ୍ଚାଶତ ଦେଶ । ଲିପିଭାଷା ଜାଣିବାରେ ଯେହୁଟି ଅସଦୃଶ । ୪୫ । କେଉଁ ଦେଶେ ଥିବ ଏହି ବରାବର ବର । ତାହା ଅଗେ ପ୍ରକାଶ ତୋ ସମସ୍ୟା ଶାବର । ମାୟା କେମା ତୁଲେ ତାକୁ । ଭେଟ କରାଇବୁ ଦୃଶ୍ୟ ନୋହିବ କାହାକୁ । ୪୬ । ତହୁଁ ଅମ୍ଭ ଅଗେ ତାହା କରବୁ ପ୍ରକଟ । ନବ ଯୁବରାଜବ୍ୟାଜରୂପ ରମ୍ୟନାଟ । ଫେରମାସି ଏହିପର । ପେଷିଥିଲେ ପୁଣି ତୋ ଜନକ ଦଣ୍ଡଧାରୀ । ୪୭ । ସେ ସେହିପ୍ରକାରେ ଯାଇ ମହାଗଜଘୋଷ । କରଥିବ ନିଜ ବ୍ୟାଜ ବିଦ୍ୟାର ପ୍ରକାଶ । ସ୍ୱପ୍ନଭୋଗପର ତୋର । ଲଭିଥିବ ତୋ ସଙ୍ଗତ ସେ ରାଜକୁମାର । ୪୮ । ମାୟାଶେଷେ ତୋ ବିରହାନଳ ଶ୍ୱାସ ବାଜ । ରାଜସୁତ ତନୁ ହୋଇ ଯାଇଥିବ ଭାଜ । ତାହା ଜାଣି କୃପା କର । ଦୁଇକୁଳ ଇଷ୍ଟଦେବୀ ତ୍ରିପୁରସୁନ୍ଦରୀ । ୪୯ । ସ୍ୱପନ ସଙ୍ଗମ ମହୋତ୍ସବବୀଜନାଶ । କଳ୍ପିଥିବେ ସେ ତ କଳ୍ପବଲ୍ଲରୀ ସଦୃଶ । ଧନ ମନ୍ତ୍ର ତାପ ତେଜ । ଅବଶ୍ୟ ହୋଇବେ ଅନୁକୂଳ ହଂସଧ୍ୱଜ । ୫୦ । କେମାମଣି ଶୁଣି ସଖୀ ଦେବାର ଦିଲାସା । ଧୃତବୀଜ ନିଜ ଜୀବିତରୁ ଛାଡ଼ ଅଶା । କମ୍ପି ଲାଲ ରଦାମ୍ବର । ଅଶ୍ରୁ ବିନ୍ଦୁ ତନ୍ଦ୍ରାଇଲ କୁରଙ୍ଗ-ଅମ୍ବର । ୫୧ । ବାଳା ଦୁଃଖୀ ଦେଖି ସଖୀ ଦୁଃଖିତା ହୋଇଲା । ଶୀତବାସ

---

ଦାତୃତ୍ୱ, ନୀହାର—ତୁଷାର, ମନ୍ତ୍ରେ ଜୀବପ୍ରତିଭଟ—ମନ୍ତ୍ରବିଦ୍ୟାରେ ବୃହସ୍ପତିଙ୍କ ସମାନସ୍କନ୍ଧ । ୪୩ । କ୍ଷିତିଦେବ—ବ୍ରାହ୍ମଣ, ସେବନରେ—ସେବା କାର୍ଯ୍ୟରେ । ୪୪ । ଧୃତି—ଧୈର୍ଯ୍ୟ, ମଣିସାନୁ—ସୁମେରୁ ପର୍ବତ, ଅମ୍ଭୋଧି—ସମୁଦ୍ର ।୪୫। ରମା-ରତି···ବିଷ୍ଣୁ ଓ କନ୍ଦର୍ପଙ୍କ ନାମସମୂହ ମଧ୍ୟରୁ ଯାହାର ଗୋଟିଏ ନାମ ହୋଇଥିବ । ୪୬ । ସମସ୍ୟା ଶାବର—କର୍ତ୍ତବ୍ୟ, ଇନ୍ଦ୍ରଜାଲ ବିଦ୍ୟା । ୪୮ । ବ୍ୟାଜବିଦ୍ୟା—କପଟବିଦ୍ୟା, ଇନ୍ଦ୍ରଜାଲ ।୫୦। ହଂସଧ୍ୱଜ—ବ୍ରହ୍ମା ।୫୧। ଦିଲାସା—ସାନ୍ତ୍ୱନା, ଅଶା;

ଜଳେ ତାର ଶ୍ରୀମୁଖ ଧୋଇଲା । ପଣ୍ଟୁଭଲା ରେ ତରୁଣୀ । ସୁଖକାଳେ ଦୁଃଖ କାହିଁ ଶୁଣା ଅଛୁ ପୁଣି । ୫୨ । ମୋ ଅନଟି ସୁଧାଘଟୀତୁଲ୍ୟସ୍ତନା କହ । ଜଣାଣରେ ମୋର କିଛୁ ହେଲା କି ସନ୍ଦେହ । କାହିଁପାଇଁ ନେଡ଼କଞ୍ଜ । ବରଷେ ଅଞ୍ଜନମାଳ ଅଶ୍ରୁବିନ୍ଦୁପୁଞ୍ଜ । ୫୩ । ନ ସହ ସଖି ଶପଥ ଭୂଷିଲା କିଶୋରୀ । ନିବାହ ସରକ ନିକ ନ ଯିବ ମୁଁ ସର । ଜଳେ ଭାସିଲାନି ପ୍ରାଣୀ । ତରି କରବାକୁ ବାଞ୍ଛା କରୁଛୁ ବିଜ୍ଞାଣି । ୫୪ । ଅଙ୍ଗୀକୃତ ଭଙ୍ଗୀ ସନ୍ଦେଶରେ ପୂରିଥିବ । ଦୂରେ ଥାଉ ହର ଦରଶନ ମହୋତ୍ସବ । ନ ଦେଖିଲେ ପ୍ରିୟ ଲେଖ । ସ୍ୱପନକୁ ସତ ମଣି ଲଭିବ କେ ସୁଖ । ୫୫ । ଶୁଣି କୁନ୍ଦଲତା ଜଣାଇଲା କର ଯୋଡ଼ି । ମାନସରୁ ସରୁମଧ୍ୟା ଦିଅ ଚିନ୍ତା ଛାଡ଼ି । ଗୁପ୍ତେ ଜଣାଣ ଲେଖିବା । ଅଭୀଷ୍ଟ ଶ୍ରୀହସ୍ତ ଲେଖା ଚିଠାଉ ଦେଖିବା । ୫୬ । ଶିରୀପାଙ୍ଗୀ ଅଙ୍ଗୀକାର କଲା ଏ ବିଚାର । ବିଚାର ଚତୁରତର ସବିଶ୍ୱାସ ଚାର । ଚାହିଁ ସ୍ୱର୍ଣ୍ଣ ପୂର୍ଣ୍ଣକୁମ୍ଭ । କଲେ ସବନୟ ଶୁଭ ଚିଠାଉ ଆରମ୍ଭ । ୫୭ । ଏ ଛାନ୍ଦରେ ଅଷ୍ଟୋତ୍ତର ପଞ୍ଚାଶତ ପଦ । ସ୍ୱପନ ସମ୍ଭୋଗ ନାମ ଘେନିବ କୋବିଦ । ଜଳନ୍ଧର ସଂକ୍ରନ୍ଦନ । ଶ୍ରୀରାମଚନ୍ଦ୍ର ଚରଣେ ରଚିଲେ ବନ୍ଦନ । ୫୮ ।

---

---

ଲାଲ୍ ରଦାମ୍ବର—ରକ୍ତବର୍ଣ୍ଣ ଅଧର । ୫୩ । ଅନ—ପ୍ରାଣ । ୫୪ । ନିବାହ ସରକ—ସମ୍ପାଦନ ଯାଏ ( ବିବାହ ଯାଏ ), ତରି କରବାକୁ—ନୌକା ନିର୍ମାଣ କରିବାକୁ, ବିଜ୍ଞାଣି—କାରିଗର । ୫୭ । ସବିଶ୍ୱାସ—ବିଶ୍ୱସ୍ତ, ଚାର—ଦୂତ । ୫୮ । କୋବିଦ—ପଣ୍ଡିତ, ସଂକ୍ରନ୍ଦନ—ଇନ୍ଦ୍ର ।

---

---

ମୁଦ୍ରାକର—ଶ୍ରୀ ରବୀନ୍ଦ୍ରନାଥ ମହାନ୍ତି, କଟକ ପବ୍ଲିଶିଂ ପ୍ରେସ୍, କଟକ—୧୯୬୦